ମାନସିଂହ ମାନସ ମୁକୁର

ସାରଳା ସାହିତ୍ୟ ସଂସଦ

Digitized by srujanika@gmail.com

ମାନସିଂହ ମାନସ ମୁକୁର

ସଂପାଦନା ଓ ସଂକଳନ

ସାରଳା ସାହିତ୍ୟ ସଂସଦ

ଓଡ଼ିଶା ବୁକ୍ ଷ୍ଟୋର

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ମାନସିଂହ ମାନସ ମୁକୁର

ସଂପାଦନା ଓ ସଂକଳନ
ସାରଳା ସାହିତ୍ୟ ସଂସଦ
© ସାରଳା ସାହିତ୍ୟ ସଂସଦ

ପ୍ରକାଶକ
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର୍
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଚ୍ଛଦ : ଶିବ ପାଣିଗ୍ରାହୀ

ପ୍ରଥମ ପ୍ରକାଶ : ମାଘ ଅଷ୍ଟମୀ, ୧୯୯୮

ଟାଇପ୍ ସେଟ୍ : ଆନନ୍ଦ ଗ୍ରାଫିକ୍ସ୍, କଟକ

ମୁଦ୍ରଣ : ଇନ୍ଦ୍ରାଣୀ ଅଫ୍‌ସେଟ୍, କଟକ

MANSINGH MANASA MUKURA

Published on behalf of

SARALA SAHITYA SANSAD

by
Sri Govinda Charan Patra
Orissa Book Store
Binod Behari, Cuttack-753 002

1st Edition : **Magha Astami, 1998**

Price : Rs. 108/-
ISBN-81-7400-216-2

Digitized by srujanika@gmail.com

ମୁଖବନ୍ଧ

ଓଡ଼ିଆ ଭାଷା ସାହିତ୍ୟର ଆଦିକବି ହେଉଛନ୍ତି ସାରଳା ଦାସ । ସେ ସମୃଦ୍ଧ ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଏବଂ ସମଗ୍ର ଭାରତୀୟ ପ୍ରାନ୍ତୀୟ ସାହିତ୍ୟର ଅତୁଳନୀୟ ପ୍ରତିଭା । ସେ ହେଉଛନ୍ତି ତତ୍କାଳୀନ ଉତ୍କଳର ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ସମସାମୟିକ । ଯେତେବେଳେ ସାଧାରଣ ଓଡ଼ିଆ ଲୋକଙ୍କ ପକ୍ଷେ ସଂସ୍କୃତ ପୁରାଣ ପାଠକରି ତାହାକୁ ହୃଦୟଙ୍ଗମ କରିବା ଦୁଃସାଧ ହୋଇ ଆସୁଥିଲା, ସାରଳା ଦାସ ସେତିକିବେଳେ ଓଡ଼ିଆରେ ରଚନା କଲେ ସମଗ୍ର ଭାରତ ଭୂମିର ମହାକାବ୍ୟ 'ମହାଭାରତ' । ମହାଭାରତ ବ୍ୟତୀତ 'ରାମାୟଣ', 'ଚଣ୍ଡୀପୁରାଣ' ଓ 'ଲକ୍ଷ୍ମୀ ନାରାୟଣ ବଚନିକା' ରଚନା କରି ଓଡ଼ିଆ ପୁରାଣ ସାହିତ୍ୟର ଭିତ୍ତିକୁ ସେ ସମୃଦ୍ଧ କରିଥିଲେ ।

ଏହି ମହାନ୍ କବିଙ୍କ ସ୍ମୃତିରକ୍ଷା ନିମିତ୍ତ ୧୯୮୧ ମସିହାରେ କଟକଠାରେ 'ସାରଳା ସାହିତ୍ୟ ସଂସଦ'ର ପ୍ରତିଷ୍ଠା ହୋଇଛି । ଓଡ଼ିଶାର ବହୁ ସାହିତ୍ୟିକ ଓ ସାହିତ୍ୟାନୁରାଗୀ ଏଥିରେ ଓତପ୍ରୋତ ଜଡ଼ିତ ହୋଇ ସାରଳା ସାହିତ୍ୟର ପ୍ରସାର ସହିତ ଓଡ଼ିଆ ସାହିତ୍ୟକୁ ନାନା ଦିଗରୁ ସମୃଦ୍ଧ ଓ ସଂପ୍ରସାରିତ କରିଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସାରଳା ସାହିତ୍ୟ ସଂସଦକୁ ସ୍ୱୀକୃତି ପ୍ରଦାନ କରିଛି ।

ଏହି ଷୋଳ ବର୍ଷ ମଧ୍ୟରେ ସାରଳା ସାହିତ୍ୟ ସଂସଦ ସାରଳା ଦାସଙ୍କ କୃତି ଓ କୀର୍ତ୍ତିକୁ ନେଇ ବହୁ ଆଲୋଚନାତ୍ମକ ଗବେଷଣାମୂଳକ ପୁସ୍ତକ ସମେତ ସାରଳା ଦାସଙ୍କ ପୁରାଣର ମୂଳ କଥା କାହାଣୀକୁ ନେଇ ଏକାଧିକ ଜନପ୍ରିୟ ଆଧୁନିକୀ ଗଳ୍ପ ସଂକଳନ ଓଡ଼ିଆ ସମେତ ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରକାଶ କରିଛି । ସାରଳା ସାହିତ୍ୟ ବାହାରେ ରାମାୟଣ, ଭାଗବତ, ହରିବଂଶ, ନୃସିଂହ ପୁରାଣ, ସୂର୍ଯ୍ୟ ପୁରାଣ, ଶିବ ପୁରାଣ ପ୍ରଭୃତି ପୁରାଣର ଗଳ୍ପକୁ ଓଡ଼ିଶାର ଅଗଣିତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ସଂକଳ୍ପ ନେଇ ସଂସଦ ଅନେକ ଆଧୁନିକ ପୁରାଣ ଗଳ୍ପ ସଂକଳନ ପ୍ରକାଶ କରିସାରିଛି । ପୁରାଣସାହିତ୍ୟ ଭିନ୍ନ ସଂସଦ ପକ୍ଷରୁ କବି ଜୟଦେବ, ବ୍ୟାସକବି ଫକୀରମୋହନ, ଭକ୍ତକବି ମଧୁସୂଦନ, ସ୍ୱଭାବକବି ଗଙ୍ଗାଧର, ପଲ୍ଲୀକବି ନନ୍ଦକିଶୋର, ସନ୍ଥକବି ଭୀମଭୋଇଙ୍କ କୃତି ଉପରେ ଗବେଷଣାମୂଳକ ପୁସ୍ତକ ପ୍ରକାଶିତ ହୋଇଛି । ସୁଖର କଥା ଚଳିତ ବର୍ଷ ଆମ ଅନୁଷ୍ଠାନ ପକ୍ଷରୁ ବ୍ରହ୍ମବୈବର୍ତ୍ତ ପୁରାଣର ଗଳ୍ପକୁ ନେଇ ଏକ ଆଧୁନିକୀ ଗଳ୍ପ ସଂକଳନ 'ବ୍ରହ୍ମବୈବର୍ତ୍ତ ଭାସ୍ୱର' ଓ ଡଃ ମାୟାଧର ମାନସିଂହଙ୍କ ସାହିତ୍ୟକୃତିକୁ ନେଇ ଏକ

Digitized by srujanika@gmail.com

ଗବେଷଣାତ୍ମକ ପୁସ୍ତକ 'ମାନସିଂହ ମାନସ ମୁକୁର' ପ୍ରକାଶ ପାଉଛି । ପୁସ୍ତକ ଦ୍ୱୟ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଗାଳ୍ପିକ ଓ ଗବେଷକଙ୍କ ଲେଖନୀରେ ସମୃଦ୍ଧ ହୋଇଛି ।

ବିଗତ ବର୍ଷମାନଙ୍କରେ ସଂସଦ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଓ ରାଜ୍ୟ ବାହାରେ କଲିକତା, ଶାନ୍ତିନିକେତନ, ସିମ୍ଲା ପ୍ରଭୃତି ସ୍ଥାନରେ ସାରଳା ଦାସଙ୍କ କୃତି ଉପରେ ଆଲୋଚନାଚକ୍ରମାନ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକବର୍ଷ ଅନୁଷ୍ଠାନର ସାମ୍ବତ୍ସରିକ ଉତ୍ସବମାନଙ୍କରେ ଦେଶର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ଯୋଗଦାନ କରି ଆମକୁ ଉତ୍ସାହିତ କରିଛନ୍ତି ।

ଆମ ରାଜ୍ୟର ବିଶିଷ୍ଟ ଗବେଷକ ଓ ଲେଖକମାନଙ୍କୁ ସମ୍ବର୍ଦ୍ଧନା ଦେବା ଆମ ସଂସଦର ଅନ୍ୟତମ କାର୍ଯ୍ୟକ୍ରମ । ଏହି ଉଦ୍ଦେଶ୍ୟରେ ୧୯୮୬ ମସିହାରୁ ଆମ ଅନୁଷ୍ଠାନ ଜଣେ ଲବ୍ଧ-ପ୍ରତିଷ୍ଠ ଗବେଷକ ଓ ସାହିତ୍ୟିକଙ୍କୁ 'ସାରଳା ସମ୍ମାନ' ପ୍ରଦାନ କରି ଆସୁଛି । ଏହି ସାହିତ୍ୟିକ ଓ ଗବେଷକମାନେ ଉଦାରତାର ସହିତ ସଂସଦର ଏହି ସମ୍ମାନ ଗ୍ରହଣକରି ଏହାର ପ୍ରତିଷ୍ଠା ବୃଦ୍ଧିରେ ସହାୟକ ହୋଇଛନ୍ତି ।

ସାରଳା ସାହିତ୍ୟ ସଂସଦର ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ସଦସ୍ୟମାନଙ୍କର ଆନ୍ତରିକ ସହଯୋଗ ଯୋଗୁ ସମ୍ଭବପର ହୋଇଛି । ବିଶେଷତଃ ସଂସଦର ଉପଦେଷ୍ଟା ଶ୍ରୀ ସହଦେବ ସାହୁ, ଗ୍ରନ୍ଥ ସଂପାଦକ ଶ୍ରୀ ପଠାଣି ପଟ୍ଟନାୟକ, ଡଃ ବିଚିତ୍ରାନନ୍ଦ ମହାନ୍ତି, ଡଃ ହେମନ୍ତ କୁମାର ଦାସଙ୍କ ସହଯୋଗ ଏବଂ ସଂସଦର ସମ୍ପାଦକ ଇଂଜିନିୟର ପ୍ରଭାକର ସ୍ୱାଇଁଙ୍କର ତଥା କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କର ନିଷ୍ଠାପର ଉଦ୍ୟମ ଏହି ଅବକାଶରେ ସ୍ମରଣ କରୁଛି । ଶେଷରେ ଆଶା କରୁଛି, ସମସ୍ତଙ୍କର ସକ୍ରିୟ ସହଯୋଗରେ ସଂସଦ ତା'ର ଲକ୍ଷ୍ୟ ପୂରଣ କରିବ ।

ବସନ୍ତ କୁମାର ବିଶ୍ୱାଳ
ସଭାପତି
ସାରଳା ସାହିତ୍ୟ ସଂସଦ

କଟକ,
ମାଘ ଅଷ୍ଟମୀ, ୧୯୯୮ ।

Digitized by srujanika@gmail.com

ସୂଚୀ

ସାରସ୍ୱତ ଶିଳ୍ପୀ ମାନସିଂହ	୧	ଡକ୍ଟର ଗଙ୍ଗାଧର ବଳ
ନାଟ୍ୟକାର ମାନସିଂହ	୨୧	ଡକ୍ଟର ହେମନ୍ତ କୁମାର ଦାସ
ମାନସିଂହଙ୍କ କବିତାରେ ଆଧ୍ୟାତ୍ମିକ ଚେତନା	୩୯	ଡକ୍ଟର ସୌଦାମିନୀ ନନ୍ଦ
ମାନସିଂହଙ୍କ କାବ୍ୟ କବିତାରେ ରୋମାଣ୍ଟିକ୍ ଚେତନା	୬୦	ଡକ୍ଟର ବନମାଳୀ ବେହେରା
ବୁଦ୍ଧ ବିଚାର	୭୯	ଡକ୍ଟର ନଟବର ଶତପଥୀ
'ଅନ୍ୱେଷଣ' ଉପନ୍ୟାସ ଓ ଔପନ୍ୟାସିକ ମାନସିଂହ	୮୩	ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ
କବି ମାୟାଧର ମାନସିଂହଙ୍କ କବିତାରେ ପ୍ରକୃତି	୯୮	ଡକ୍ଟର ସଂଘମିତ୍ରା ମିଶ୍ର
ଗାଥାକବି ମାନସିଂହ	୧୦୭	ଡକ୍ଟର ସବିତା ପ୍ରଧାନ
କବିତୀର୍ଥ : କବି ଓ କବିତା	୧୧୭	ଡକ୍ଟର ପ୍ରଭାତୀ ରଥ
କବି ଡକ୍ଟର ମାନସିଂହଙ୍କ ଜୀବନଦର୍ଶନ	୧୨୭	ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି
ଅମୃତ ଅନୁସନ୍ଧାନୀ ମାନସିଂହ	୧୩୫	ଡକ୍ଟର ତୀର୍ଥାନନ୍ଦ ମିଶ୍ର
ପ୍ରେମ ଓ ପ୍ରଣୟର କବି ମାୟାଧର ମାନସିଂହ	୧୫୫	ଅଧ୍ୟାପକ ନାରାୟଣ ପଣ୍ଡା
ଜାତୀୟତାର ମନୋଭୂମିରେ ରୂପାନ୍ୱେଷୀ ମାନସିଂହ	୧୬୭	ଡକ୍ଟର ସୁଲୋଚନା ଦାସ

Digitized by srujanika@gmail.com

ଡଃ ମାନସିଂହ : ଏକ ଅମଳିନ ବ୍ୟକ୍ତିତ୍ୱ	୧୮୦	ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି
ମାନସିଂହଙ୍କ କବିତାରେ ପ୍ରଗତିଧର୍ମିତା	୧୮୮	ଡକ୍ଟର ହରିହର କାନୁନ୍‌ଗୋ
ମାନସିଂହଙ୍କ ସୌନ୍ଦର୍ଯ୍ୟ ଚେତନାରେ ନାରୀ	୨୦୧	ଡକ୍ଟର ଖଗେଶ୍ୱର ମହାପାତ୍ର
ଗବେଷକ ଡଃ ମାନସିଂହ	୨୦୭	ଡକ୍ଟର ଦାଶରଥି ଦାସ
ଓଡ଼ିଆ ସାହିତ୍ୟର ଇତିହାସ ଓ ମାନସିଂହ	୨୧୪	ଡକ୍ଟର ଚିନ୍ମୟୀ ମହାପାତ୍ର
ମାନବବାଦର ନିକଷରେ କବି ମାନସିଂହଙ୍କ କାବ୍ୟ - ଚେତନା	୨୨୩	ଡକ୍ଟର ଇନ୍ଦୁ ମିଶ୍ର
ପ୍ରେମ ଓ ପ୍ରଣୟର କବି ମାନସିଂହ	୨୩୫	ଡକ୍ଟର ରମାକାନ୍ତ ନାୟକ
କ୍ଷୁଦ୍ରଗଳ୍ପରେ ମାନସିଂହ ପ୍ରତିଭା	୨୪୪	ଶ୍ରୀ ପଠାଣି ପଟ୍ଟନାୟକ
ମାନସିଂହଙ୍କ ସୃଷ୍ଟିମାନସରେ ସମାଜ ଜୀବନ	୨୪୯	ଡକ୍ଟର ରଞ୍ଜିତା ନାୟକ
ପ୍ରାବନ୍ଧିକ ଡଃ ମାୟାଧର ମାନସିଂହ	୨୫୯	ଡକ୍ଟର ବାଉରୀବନ୍ଧୁ କର
'ଧୂପ'ର କବି	୨୬୭	ଡକ୍ଟର ସୀତାକାନ୍ତ ମହାପାତ୍ର
ପ୍ରିୟ ପରମ	୨୭୧	ହେମଲତା ମାନସିଂହ

●

Digitized by srujanika@gmail.com

ସାରସ୍ୱତ ଶିଳ୍ପୀ ମାନସିଂହ

ଡକ୍ଟର ଗଙ୍ଗାଧର ବଳ

ମାନସିଂହଙ୍କ ପରି ଜଣେ ସ୍ୱାଧୀନଚେତା ସ୍ପଷ୍ଟବାଦୀ ନିର୍ଭୀକ କବି ଓ ସାହିତ୍ୟିକ କେବଳ ମଧ୍ୟଯୁଗର ଦୀନକୃଷ୍ଣଙ୍କୁ ଛାଡ଼ିଦେଲେ ଓଡ଼ିଆ ସାହିତ୍ୟରେ ଦୁର୍ଲଭ । ତାରୁଣ୍ୟରେ ତାଙ୍କର ପ୍ରେମୋଚ୍ଛ୍ୱାସପୂର୍ଣ୍ଣ କବିତା, ମଧ୍ୟବୟସରେ କର୍ତ୍ତୃପକ୍ଷଙ୍କର ତାଙ୍କ ପ୍ରତି ଅନ୍ୟାୟର ଦୃଢ଼ ପ୍ରତିରୋଧ, ଓଡିଆ ସାହିତ୍ୟର ଇତିହାସ ରଚନା ଓ ସମାଲୋଚନା କ୍ଷେତ୍ରରେ ତାଙ୍କର ସ୍ପଷ୍ଟ ଅଥଚ କଟୁମନ୍ତବ୍ୟ ଓଡ଼ିଶାରେ ତାଙ୍କର ବହୁ ଶତ୍ରୁ ସୃଷ୍ଟି କରିଥିଲା । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କର ମୂଲ୍ୟାୟନ ତଥା ମନ୍ତବ୍ୟ ଯେ ସ୍ଥଳବିଶେଷରେ ଏକଦେଶଦର୍ଶୀ, ଏଥିରେ ସନ୍ଦେହ ନାହିଁ; କିନ୍ତୁ ସମାଲୋଚନାରେ ଯେ ମୂଲ୍ୟାୟନ କୁଶଳତା, ସତ୍ୟନିଷ୍ଠା ଓ ନିରପେକ୍ଷତା ନଥିଲା, ଏପରି ନୁହେଁ । ସାହିତ୍ୟରେ ଗଭୀର ଅଧ୍ୟୟନ ଓ ମନନ ନଥାଇ ଗତାନୁଗତିକ ରୀତିରେ କୌଣସି କବି ବା ଲେଖକର ଉଚ୍ଛ୍ୱସିତ ପ୍ରଶଂସା ବା ନିନ୍ଦାର ସେ କଟୁ ସମାଲୋଚନା କରିବାକୁ ଭୁଲି ନାହାନ୍ତି ।

ମାନସିଂହଙ୍କର ନିନ୍ଦୁକମାନଙ୍କୁ ଛାଡ଼ିଦେଲେ ତାଙ୍କ ସୃଷ୍ଟିର ଗୁଣଗ୍ରାହୀ ସହୃଦୟଙ୍କର ଯେ ଅଭାବ ଥିଲା, ତା' ନୁହେଁ । ବହୁ କବି, ସମାଲୋଚକ ଓ ସାଧାରଣ ପାଠକ ତାଙ୍କ ସୃଷ୍ଟିର ମୁଗ୍ଧ ପାଠକ । ଆଜିର ପୁରସ୍କାର-ବହୁଳ ଓ ପୁରସ୍କାର-ଯୋଗାଡ଼ କାଳରେ ଏଥିରେ ଅଭ୍ୟସ୍ତ ତଥାକଥିତ କବି ଓ ଲେଖକମାନଙ୍କର ନିନ୍ଦନୀୟ ପ୍ରଚେଷ୍ଟା ଆଜୀବନ ନିରଳସ କବି, ସାରସ୍ୱତ ସାଧକ ମାନସିଂହଙ୍କ ସୃଷ୍ଟି ନିକଟରେ କିପରି ତୁଚ୍ଛ ଓ ତାତ୍କାଳିକ, ଏ ଚେତନା ସେମାନଙ୍କର ହେବା ଉଚିତ । ମାନସିଂହ ବହୁ କବିତା, କାବ୍ୟ, ନାଟକ, ନାଟିକା, ଗାଥାକବିତା, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା, ଜୀବନୀ, ଭ୍ରମଣବୃତ୍ତାନ୍ତ ଓ ସଂସ୍କୃତିମୂଳକ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରି ଯାଇଛନ୍ତି; କିନ୍ତୁ ପୁରସ୍କାର ପାଇଁ ସାହିତ୍ୟ ଏକାଡ଼େମୀ ବା ଅନ୍ୟ ପୁରସ୍କାର ସଂସ୍ଥାଠାରେ ମସ୍ତକ ନତ କରି ନାହାନ୍ତି । ବହୁ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ରଚନା ଅପେକ୍ଷା ମାନସିଂହଙ୍କର ରଚନାର ପାଠକ ବହୁତ । ଏ ଶତାବ୍ଦୀର ଶେଷଭାଗରେ ମଧ ତାଙ୍କ ଗ୍ରନ୍ଥାବଳୀର ସଂସ୍କରଣ ପରେ ସଂସ୍କରଣର ପ୍ରକାଶ ଚାଲିଛି ।

ଯୁବକ ଓ ପ୍ରୌଢ଼ାବସ୍ଥାରେ ସାହିତ୍ୟର ସମାଲୋଚନା, ଆତ୍ମଜୀବନୀ, ସାହିତ୍ୟର ଇତିହାସ, କଳା ଓ ସଂସ୍କୃତିଭିତ୍ତିକ ପ୍ରବନ୍ଧ ରଚନାରେ ନିଜର ଉଚ୍ଚଚିନ୍ତା, ମୂଲ୍ୟାୟନ ଦକ୍ଷତା, ଉଚ୍ଚାଙ୍ଗକଳା ଓ ସଂସ୍କୃତି ତଥା ମାନବତାବୋଧର ପରିଚୟ ଦେଇଥିଲେ ମଧ କୈଶୋର ଓ ଆଦ୍ୟଯୌବନରେ ପ୍ରଣୟ-ମୁଗ୍ଧ-ରୂପକାର ଭାବରେ ଓଡ଼ିଆ ସାହିତ୍ୟରେ ସେ ସୁପରିଚିତ ହେବା ସଙ୍ଗେ ସଙ୍ଗେ କ୍ରମଶଃ ଖ୍ୟାତି ଅର୍ଜନ କରିଥିଲେ । ଓଡ଼ିଆ ସାହିତ୍ୟରେ ସବୁଜଦଳ,

Digitized by srujanika@gmail.com

ବାମପନ୍ଥୀ ପ୍ରଗତିବାଦୀ ଓ ଅତ୍ୟାଧୁନିକ ଗୋଷ୍ଠୀଙ୍କର ଧରାବନ୍ଧା ଆଭିମୁଖ୍ୟ ଓ କାବ୍ୟରଚନା ରୀତିର ବନ୍ଧନଠାରୁ ସେ ନିଜକୁ ଦୂରେଇ ରଖିଛନ୍ତି । ସାରସ୍ୱତ ସାଧନା କ୍ଷେତ୍ରରେ ଦଳ, ଗୋଷ୍ଠୀର ସଂକୀର୍ଣ୍ଣ ସୀମା ମଧ୍ୟରେ ନିଜକୁ ଆବଦ୍ଧ ରଖିବାକୁ ସେ ପସନ୍ଦ କରିନାହାନ୍ତି । ବିଶ୍ୱକବି ରବୀନ୍ଦ୍ରଙ୍କ ପରି ତାଙ୍କ ଦୃଷ୍ଟିରେ ସାହିତ୍ୟ ସାଧନା ହେଉଛି ଏକକ ଅନ୍ତର୍ମୁଖୀ ସାଧନା, ଯାହା ଧ୍ୟାନ ଓ ତପସ୍ୟାର ଅପେକ୍ଷା ରଖେ; ଦଳ ବା ଗୋଷ୍ଠୀର ସ୍ଲୋଗାନ୍‌ରେ ସାହିତ୍ୟ ହୁଏ ନାହିଁ । ଜଣେ କବି ଭାବରେ, ଜଣେ ଲେଖକ ଭାବରେ ସ୍ୱକୀୟ ଚିନ୍ତା ଓ ଆଦର୍ଶରେ ନିଜକୁ ପ୍ରତିଷ୍ଠିତ କରି ସେ ନିଜର ପଥରେ ଅଗ୍ରସର ହୋଇଛନ୍ତି ।

ପ୍ରେମ ଓ ସୌନ୍ଦର୍ଯ୍ୟର ରୂପକାର ଭାବରେ ମାନସିଂହଙ୍କର ବ୍ୟକ୍ତିତ୍ୱ ସ୍ପଷ୍ଟ । ଏ ଦୃଷ୍ଟିରୁ ସେ ଜଣେ ରୋମାଣ୍ଟିକ୍ କବି ଭାବରେ ଯୁବପାଠକ ଓ ସମାଲୋଚକ ମହଲରେ ବିଶେଷ ଆଦୃତ । ୟୁରୋପ ଓ ଇଂଲଣ୍ଡରେ ନବଜାଗରଣର (Renaissance) ଅଭ୍ୟୁଦୟର ସୁଫଳ ଭାବରେ କାବ୍ୟ କବିତା ରଚନା କ୍ଷେତ୍ରରେ ଗ୍ରେ. କଲିନ୍‌ସ୍, ବ୍ଲେକ୍, ବର୍ଣ୍ଣସ୍ ଆଦିଙ୍କ ଲେଖନୀରେ ଯେଉଁ ବିଦ୍ରୋହର ସଙ୍କେତ ମିଳିଥିଲା, ତାହା ଓ୍ୱର୍ଡ଼ସ୍‌ଓ୍ୱର୍ଥ ଓ କଲେରିଜ୍‌ଙ୍କର Lyrical Balladsରେ (୧୭୯୮) ରୋମାଣ୍ଟିକ୍ ଆନ୍ଦୋଳନକୁ ପ୍ରଚୋଦିତ କରିଥିଲା । ସେମାନେ ଦେଖାଇଥିଲେ ଯେ ପ୍ରକୃତ କବିକଳ୍ପନା ମସ୍ତିଷ୍କ ପ୍ରସୂତ ନୁହେଁ, ତାହା ହୃଦୟ ପ୍ରସୂତ । ଅଷ୍ଟାଦଶ ଶତକର ବୁଦ୍ଧିନିଷ୍ଠ କବିତା ବିରୁଦ୍ଧରେ ବିଦ୍ରୋହ ଘଟି ଯେଉଁ ଯୁଗର ଆବିର୍ଭାବ ହେଲା, ଇଂରାଜୀ ସାହିତ୍ୟରେ ତାକୁ Romantic Revival ବା ରୋମାଣ୍ଟିକ୍ ଯୁଗର ପୁନରୁତ୍‌ଥାନ କୁହାଯାଏ । ରୋମାଣ୍ଟିକ୍ ଯୁଗ ପ୍ରବର୍ତ୍ତିତ ହେବାର କାରଣ ରୂପେ ରୁଷୋଙ୍କ ବିଦ୍ରୋହମୂଳକ ଜୀବନଦର୍ଶନ (social contract), ଜର୍ମାନ୍ ଦାର୍ଶନିକ କ୍ୟାଣ୍ଟ୍ ଓ ହେଗେଲ୍‌ଙ୍କର ତୁରୀୟବାଦ(transcendentalism), ମଣିଷ ହିସାବରେ ସାଧାରଣ ମଣିଷର ମର୍ଯ୍ୟାଦାବୋଧ, ପ୍ରକୃତିସହ ମାନବ ଚିତ୍ତର ନିଗୂଢ଼ ସମ୍ବନ୍ଧ, କବିର ଆତ୍ମିକରସରେ ରସାୟିତ ବସ୍ତୁଜଗତରେ ଅଖଣ୍ଡ ସୌନ୍ଦର୍ଯ୍ୟ ରୂପେ ଉପଲବ୍‌ଧି, ଚିତ୍ ଓ ଜଡ଼ର ଅଦ୍ୱୈତଚେତନା, ଫରାସୀ ବିପ୍ଳବର ପ୍ରେରଣା (୧) ଗ୍ରହଣ କରାଯାଇପାରେ ।

ପୃଥିବୀର ଉଚ୍ଚାଙ୍ଗ କାବ୍ୟିକ ରଚନା ପରି କଳ୍ପନାପ୍ରବଣତାର (Imaginative sensibility) ଅସାଧାରଣ ବିକାଶକୁ ରୋମାଣ୍ଟିକ୍ କବିତାର ଲକ୍ଷଣ ବୋଲି ଗ୍ରହଣ କରାଯାଇଛି(୨) । କଳ୍ପନାବଳରେ କବି ସାଧାରଣ ବସ୍ତୁଠାରେ ଅସାଧାରଣତ୍ୱ ଅନୁଭବ କରେ, ଏହାରି ଫଳରେ ମଣିଷ ଆତ୍ମମୁକ୍ତିର ପ୍ରୟୋଜନ ଅନୁଭବ କରି ବସ୍ତୁସତ୍ୟକୁ ଉଦାର ଅନୁଭୂତି ଦ୍ୱାରା ଗ୍ରହଣକରେ, ପୁଣି ଏଇ କଳ୍ପନାବଳରେ ବର୍ତ୍ତମାନର ବଂଧନ-ବିମୁକ୍ତ ହୋଇ କେତେବେଳେ ଅତୀତର ସ୍ମୃତି ଉଜ୍ଜୀବନରେ, କେତେବେଳେ ଅନାଗତର ମୋହରେ ମୁଗ୍ଧ

୧- ଶ୍ରୀଶ ଚନ୍ଦ୍ର ଦାସ, ସାହିତ୍ୟ ସନ୍ଦର୍ଶନ, ୩ୟ ସଂ, ଦାଶଗୁପ୍ତ ଏଣ୍ଡ୍ କୋ. ଲି., କଲିକତା, ୧୯୫୭ ପୃ - ୧୯୫/୧୯୬

୨- ତତ୍ରୈବ ପୃ - ୧୯୭

Digitized by srujanika@gmail.com

ହୋଇପାରେ ଅଥବା ପ୍ରକୃତିର ରୂପରସ ଆସ୍ୱାଦନ କରିପାରେ । ଇଂରାଜୀ ସାହିତ୍ୟରେ କଳ୍ପନାବଳରେ ୱର୍ଡ଼ସୱର୍ଥ୍ ସାଧାରଣ ବସ୍ତୁକୁ ଅସାଧାରଣ ରୂପ ଦାନ କରି ପ୍ରକୃତି ପୂଜାରେ ନିଜକୁ ନିୟୋଜିତ କରିଛନ୍ତି, କଲେରିଜ୍‌ଙ୍କ ଲେଖନୀରେ ଅତିପ୍ରାକୃତ ପରିବେଶ ସ୍ୱାଭାବିକ ରୂପ ଲାଭ କରିଛି; ଶେଲି ଅନାଗତ କଳ୍ପନାରେ ମୁଗ୍ଧ, ରୂପପ୍ରାଣ କୀଟ୍‌ସ୍ ଏବଂ ସ୍କଟ୍ ଅତୀତର ମଧୁ ଆହରଣରେ ଅଧୀର (୩) ।

ଇଂରାଜୀ ସାହିତ୍ୟର ଜଣେ ଛାତ୍ର, ମୁଗ୍ଧ ପାଠକ ଓ ଆଲୋଚକଭାବରେ ମାନସିଂହ ଇଂରାଜୀ ସାହିତ୍ୟରେ ରୋମାଣ୍ଟିକ ଯୁଗର କବିମାନଙ୍କ ଦ୍ୱାରା ଅନୁପ୍ରେରିତ ହେବା ସ୍ୱାଭାବିକ । ପ୍ରଣୟ କ୍ଷେତ୍ରରେ ଦୁଃସାହସିକତା ଯେଉଁ ରୋମାଣ୍ଟିସିଜିମ୍‌ର ଅନ୍ୟତମ ଆନୁଷଙ୍ଗିକ ବିଭାବ, ତା'ର ବ୍ୟଞ୍ଜନା ମିଳେ କବିଙ୍କର କୈଶୋରର ଆଦ୍ୟ ସୃଷ୍ଟି 'ଧୂପ'ର କବିତାଗୁଡ଼ିକରେ । କୈଶୋରକାଳରେ ନିଜର ପ୍ରଣୟିନୀ ପ୍ରତି ତାଙ୍କ ହୃଦୟର ସ୍ୱତଃସ୍ଫୂର୍ତ୍ତ ଅନୁରାଗ ଏବଂ ଶତ ବାଧାବିଘ୍ନସତ୍ତ୍ୱେ ପ୍ରଣୟିନୀର ସ୍ୱତଃସ୍ଫୂର୍ତ୍ତ ପ୍ରେମ ତାଙ୍କ ପ୍ରାଣର ପ୍ରତ୍ୟେକ ତନ୍ତ୍ରୀକୁ ସ୍ପନ୍ଦିତ କରିଛି । ନାନା ବିପଦ, ଏପରିକି ଜୀବନର ଶଙ୍କା ଥିଲେ ମଧ୍ୟ ସେ ସମସ୍ତକୁ ଭ୍ରୂକ୍ଷେପ ନକରି ପ୍ରାଣର ଦୁର୍ବାର ଆବେଗରେ ସେ ବନ୍ଧୁର, କଣ୍ଟକମୟପଥରେ ଆଗେଇବାରେ ନିଜର ନିର୍ଭୀକତାର ପରିଚୟ ଦେଇଛନ୍ତି । ଅଜସ୍ର କବିତାରେ ତାଙ୍କର ହୃଦୟର ସ୍ପନ୍ଦନ, ଭାବତନ୍ମୟତା ମଧୁମୟ ରୂପ ଗ୍ରହଣ କରିଛି ଭାବ, ଭାଷାର ସରଳ ସାବଲୀଳ ଭଙ୍ଗୀରେ, ସଂଗୀତ ମୟୀ ଛନ୍ଦରେ ।

'ଧୂପ'ର କବିତା ଗୁଡ଼ିକ ମଧ୍ୟରେ 'ତରୁଣ କବିର ଆଶା,' ପ୍ରଣୟ ସାଧନା', 'ପାପ ଓ ପ୍ରେମ', 'ଆଷାଢ଼ ଅଭିସାର', 'ମୌନ ବିଦାୟ' ଆଦି କବିତା ଗୁଡ଼ିକ ଉଲ୍ଲେଖଯୋଗ୍ୟ । ଅନୁଭୂତିରେ ଉଚ୍ଛଳ, ଶକ୍ତିରେ ଚଞ୍ଚଳ ନିଜର ଆବେଗ ଓ ପ୍ରଣୟାନୁଭୂତିକୁ ରୂପଦେବାକୁ ଯାଇ ଏକ କବିତାରେ କବି ଗାଇଛନ୍ତି-

ଏଡ଼େ ବିରାଟ ସେ ପାଏକି ଭାଷା,
ହାୟରେ ତରୁଣ କବିର ଆଶା !
ଭାବିଥିଲି ଯିବି ଅସୀମପଥେ,
ସୁରଭି ଶୀତଳ ମଳୟରଥେ
କୁସୁମ ଫଗୁଳ ଫଗୁଣ ପୁରେ,
ବାହିଗୋ ଦୂରେ !
ଅଶୋକ କଳିକା ଶ୍ରବଣେ ଗୁଞ୍ଜି,

(୩) ତତ୍ରୈବ, ପୃ.୧୯୭/୧୯୮

Digitized by srujanika@gmail.com

ଚରମେ ଝୁଲାଇ ବଉଳ ପୁଞ୍ଜି,
ପରିମଳ ପରି ଯାଆନ୍ତି ମିଶି,
ମୁଁ ଦଶଦିଶି ।

x x x x x x

ଭାବିଥିଲି ଅବା ବକୁଳତଳେ,
ସୁରଭି କୁସୁମ ଶୟନ ପରେ,
ଯାପିବି ଜୀବନ ପ୍ରେୟସୀ ଧରି,
ସ୍ୱପନ ପରି !
ବାଛି ନେଇଥିଲି ମୋର ପ୍ରେୟସୀ,
ଲାବଣ୍ୟ ପ୍ରତିମା ସମବୟସୀ
ଭାବିଥିଲି ତାରେ କରିବି ସାଥୀ,
ପରାଣ ପାତି ।

x x x x x x

ଅସର ଚାନ୍ଦିନୀ ଯାମିନୀ ତଳେ,
ସେ ରାଧା କୋମଳ ଜଘନ ପରେ
ଜୀବନ ମରଣ ଯାଆନ୍ତି ଭୁଲି,
ସପନ ପରି ।
ବିଜନ ତଟିନୀ ବେତସ ଗେହେ,
ଢାଳି ଦେଇଥାନ୍ତି ଅଳସ ଦେହେ,
ଚମକନ୍ତି ଶୁଣି ନୂପୁର ଧ୍ୱନି,
ପ୍ରେୟସୀ ମଣି ।
ମାନସୀ ଆସନ୍ତା ହଲାଇ ବେଣୀ,
ଚନ୍ଦ୍ରୁରେ ଚଳାଇ ନୟନ ବେନି
ଲଗାଇ ଦିଅନ୍ତା ପ୍ରିୟରେ ତାର ,
କୁସୁମ ହାର ।

(ତରୁଣ କବିର ଆଶା, ଧୂପ)

ସଂସ୍କୃତ ଓ ପ୍ରାକୃତ ସାହିତ୍ୟ, ବୈଷ୍ଣବ ପଦାବଳୀ (ବ୍ରଜବୁଲି ଓ ବଙ୍ଗୀୟ), ରବୀନ୍ଦ୍ର ସାହିତ୍ୟ ଏବଂ ଆମର ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଓ ସଙ୍ଗୀତ ପ୍ରେମର ଅସଂଖ୍ୟ ବୈଚିତ୍ର୍ୟମୟୀ ଚିତ୍ରରେ ଭରା । ଏ ସମ୍ପର୍କରେ କାଳିଦାସଙ୍କର କୁମାର ସମ୍ଭବ, ମେଘଦୂତ, ହାଳଙ୍କର ଗାହା ସତ୍ତସଈ, ଗୋବର୍ଦ୍ଧନାଚାର୍ଯ୍ୟଙ୍କ ଆର୍ଯ୍ୟାସପ୍ତଶତୀ, ଜୟଦେବଙ୍କର ଗୀତଗୋବିନ୍ଦ, ବିଦ୍ୟାପତି ଓ ଚଣ୍ଡୀଦାସ ପଦାବଳୀ, ଉତ୍କଳର ଭଞ୍ଜ, ବନମାଳୀ, ଅଭିମନ୍ୟୁ,

Digitized by srujanika@gmail.com

କବିସୂର୍ଯ୍ୟ ବଳଦେବ ଓ ଗୋପାଳକୃଷ୍ଣଙ୍କର ପଦାବଳୀ ଉଲ୍ଲେଖଯୋଗ୍ୟ । ପ୍ରଣୟୀ ଓ ପ୍ରଣୟିନୀଙ୍କର ପୂର୍ବରାଗ, ବିଭିନ୍ନ ମାନସିକ ଅବସ୍ଥାର ବୈଚିତ୍ର୍ୟମୟୀ ଚିତ୍ର ସମ୍ଭୋଗ ଓ ବିପ୍ରଲମ୍ଭର କରୁଣ ମଧୁର ଗୀତିରେ ପ୍ରେମ କାବ୍ୟ କବିତା ପରିପୂର୍ଣ୍ଣ । ମାନସିଂହଙ୍କ ପ୍ରେମକବିତା ଗୁଡ଼ିକ ସ୍ୱକୀୟ ଭାବ ଓ ଅନୁଭୂତି ସମ୍ବଳିତ ହୋଇଥିଲେ ମଧ୍ୟ ପାରମ୍ପରିକ ବୈଷ୍ଣବୀୟ ପ୍ରେମକବିତାର ପ୍ରଭାବରୁ ଯେ ସମ୍ପୂର୍ଣ୍ଣ ମୁକ୍ତ, ତାହା ନୁହେଁ ।

କବିଙ୍କର ପ୍ରେମିକା ଏକ ଗୃହବଧୂ, ରାଧାଙ୍କ ପରି ସମାଜର ଶତବାଧା ବନ୍ଧନ ମଧ୍ୟରେ ଗୃହରେ ଏକ ପ୍ରକାର ବନ୍ଦିନୀ, ଯାହାଙ୍କୁ ଲାଭ କରିବା ବା ଯାହାଙ୍କ ସଙ୍ଗରେ ସ୍ୱାଧୀନଭାବରେ ପୂର୍ଣ୍ଣପ୍ରାଣରେ ମିଳିତ ହେବା ଅସମ୍ଭବ । ପ୍ରାଚୀନ ଓ ମଧ୍ୟଯୁଗର ସଂସ୍କୃତ ଓ ଓଡ଼ିଆ କବି ହଂସ, କୋକିଳ, ମଳୟ ମେଘ ଆଦିଙ୍କୁ ପ୍ରିୟା ନିକଟରେ ସମ୍ବାଦ ପହଞ୍ଚାଇବା ପାଇଁ ଦୂତ ଭାବରେ ସମ୍ବୋଧନ କଲାପରି ମାନସିଂହ କୋକିଳ ଓ ମଳୟକୁ ପ୍ରିୟାର ସମ୍ବାଦ ପହଞ୍ଚାଇବା ପାଇଁ ପ୍ରାଣର ଆବେଗରେ ଗାଇଛନ୍ତି-

ଧନ୍ୟ ସେ ଗୃହକାରା,
ସୁଦୂରେ ଯହିଁଗୋ, ବନ୍ଦିନୀ ମୋର ଜୀବନର ଧ୍ରୁବତାରା
କାରାକକ୍ଷେ କ୍ଷୟ ହୁଏ ପ୍ରିୟା-କଙ୍କଣ କଣ କଣ
ବହୁଦୂରବାସୀ ଶୁଣିବି କେସନେ କହ ମୁଁ ତା ପ୍ରିୟଜନ ?
X X X X X X
ଦେବତା କେ ଅଛି ଦେବନିକି ଦେହ ମୋହର ମଳୟ କରି
ପ୍ରିୟତମା ପାଶେ ଉଡ଼ି ମୁଁ ଯାଆନ୍ତି କାରା-ବାତାୟନ ଧରି ।

ପ୍ରଣୟିନୀର କୋମଳ ପଦସ୍ପର୍ଶ ପାଇବା ପାଇଁ କବି ଯାହା କଳ୍ପନା ତାହା ଗୀତଗୋବିନ୍ଦ ଓ ବୈଷ୍ଣବ ପଦାବଳୀର ଅନୁରୂପ (୪) । କବି ଲେଖିଛନ୍ତି-

ଧନ୍ୟ ମୁଁ ହେବି ପ୍ରିୟା ଯହିଁ ଅଛି ହେଲେ ତହିଁ ଶିଳାତଳ ।
ତା ପଦ ପରଶେ ପାଷାଣେ ମୋ ହିୟା ଚମକିବ ଥରଥର ।
X X X X X X
ଅଶ୍ରୁ ମୁଁ ଡେଜେ ନିତି ନିଶା ଶେଯେ ଜାଣିବ କେସନ ପ୍ରିୟା ?
ଯିବହେ କୋକିଳ, ଯିବହେ ମଳୟ, ଜଣାଇବ ମୋର ହିୟା ।

(ବନ୍ଦିନୀ ପ୍ରିୟା)

କେତକୀ କଳିକା ଜୂଡ଼ାରେ ଖୋସି ଠିଆ ହୋଇ ଥିବା ପ୍ରିୟା ସମ୍ପର୍କରେ କବି ଯାହା ବର୍ଣ୍ଣନା କରିଛନ୍ତି, ତାହା ମଧ୍ୟଯୁଗୀୟ ସଂସ୍କୃତ ଓ ଓଡ଼ିଆ କାବ୍ୟପରଂପରାର ଅନୁସରଣ । କିଆ/କେତକୀ ସମ୍ପର୍କରେ କବି ପ୍ରସିଦ୍ଧି ରହିଛି ଯେ ଭ୍ରମର କେତକୀ ଫୁଲ ପାଖକୁ

୪- ସ୍ମରଗରଳ ଖଣ୍ଡନଂ, ମମଶିରସି ମଣ୍ଡନଂ ଦେହିପଦ ପଲ୍ଲବମୁଦାରମ୍ । ଗୀତଗୋବିନ୍ଦ.

Digitized by srujanika@gmail.com

ଯାଏନା(୫) ତା'ର ପାଖୁଡ଼ା କଣ୍ଟକିତ ବୋଲି । କେତକୀର ସୁବାସ ରହିଥିଲେ ମଧ ତାହା ପ୍ରାଚୀର ସ୍ୱରୂପ କଣ୍ଟକ ଦୁର୍ଗନିବାସିନୀ(୬), ତେଣୁ କିଆ/କେତକୀ ଫୁଲ ଯା'ର ପ୍ରିୟ, ତା ପକ୍ଷେ ଅଶ୍ରୁମୁଖୀ(ବିରହରେ) ହେବା ସ୍ୱାଭାବିକ । କବି ଲେଖିଛନ୍ତି-

ପ୍ରିୟାମୋର ଠିଆ ହୋଇଥିବ କିଆ-କଳିକା ଜୁଡ଼ାରେ ମାରି,
କହିବ ତାହାରେ ଡ଼ାକି,
କିଆଫୁଲ ଯା'ର ପ୍ରିୟ ଗୋ ତାହାର ନିତ୍ୟ ସଜଳ ଆଖି ।
X X X X X X
କିଆଫୁଲ କଢ଼ି କବରୀରୁ କାଢ଼ି ଚୁମିବ ପ୍ରିୟତମା,
ଚାରୁ ଆଖି ଧରି ତିଳତିଳ କରି ସଲିଳ ହୋଇବ ଜମା ।
ବଦନ ନଇଁବ ନାସିକା ଫୁଲିବ ଅଧର ଥରିବ ହେଳେ,
ନୀର ପୋଛୁଁ ଧୀରେ ବଳୟ ବାଜିବ ପ୍ରିୟାର ପ୍ରଳୟବେଳେ ।
ମୋ ପାଇଁ ମଳୟ ପ୍ରିୟାର କପୋଳେ ବୁଲାଇ ଦେବୁ ଯେ ହାତ,
ପୋଛି ଦେବୁ ଧୀରେ (ଭାଗ୍ୟ ତୋହର)ଗଣ୍ଡ ଅଶ୍ରୁସ୍ନାତ । (ବନ୍ଦନୀପ୍ରିୟା)

ବିଭିନ୍ନ ପ୍ରକାର ଅଭିସାର (୭) ବର୍ଣ୍ଣନାରେ ବୈଷ୍ଣବ ପଦାବଳୀ ଅନନ୍ତଗର୍ଭା, ଯଥା-ଜ୍ୟୋତ୍ସ୍ନାଭିସାର , ତିମିରାଭିସାର, ବର୍ଷାଭିସାର । କବି ବୈଷ୍ଣବ ପଦାବଳୀ ଛାୟାରେ(୮) ତାଙ୍କ ପ୍ରଣୟିନୀର ଆଷାଢ଼ ଅଭିସାରର (ବର୍ଷାଭିସାର) ଗୋଟିଏ ମନୋଜ୍ଞ କବିତା ରଚନା କରିଛନ୍ତି, ଯଥା- କୃଷ୍ଣାରଜନୀ ଘନ ମେଘମାଳା ଆକାଶେ,

ବିରଳ ତାରକା ମେଘ ବିଦ୍ୟୁତ ପ୍ରକାଶେ ।
X X X X X X
ଆର୍ଦ୍ରଧରଣୀ ଶୀକର ଶୀତଳ ପବନ,
ଭେକ ଡ଼ାକିଉଠେ ଜୀବନ ଆଉ ଗୋ ଜୀବନ ।

୫- ବର୍ଣ୍ଣାଢ଼୍ୟା ସୌଭୁବନ ବିଦିତା କେତକୀ ସ୍ୱର୍ଣ୍ଣବର୍ଣ୍ଣ । ପଦ୍ମଭ୍ରାନ୍ତ୍ୟା କ୍ଷୁଧିତ ମଧୁପଃପୁଷ୍ପମଧ୍ୟେ ପପାତ ।

୬- ଝଳି କାନ୍ତିରେ ଜଭିଣ ଭୀତିକି, ଜଲା କଣ୍ଟକ ଦୁର୍ଗକୁ କେତକୀ, ଲାବଣ୍ୟବତୀ, ୩/୨

୭- ଅଭିସାରୟତେ କାନ୍ତଂ ଯା ମନ୍ମଥ ବଶମ୍ବଦା । ସ୍ୱୟଂ ବାଭିଶରତ୍ୟେଷା ଧୀରୈରୁକ୍ତାଭିସରିକା (ସାହିତ୍ୟ ଦର୍ପଣ ୩ । ୭୬)

୮- ଗଗନେ ଅବଘନ ମେହ ଦାରୁଣ ସଘନେ ଦାମିନୀ ଝଲକଇ,
କୁଲିଶ ପାତନ ଶବଦ ଝନ ଝନ ପବନ ଖରତର ଜଲଗଇ ମ
ଆଜୁ ଦୁଇଦିନ ଭେଲ ।
କାନ୍ତ ହମାରୀ ନିତାନ୍ତ ଆଗୁସାରି ସଂକେତ କୁଞ୍ଜ ହିଗେଲ
ତରଲ ଜଲଧର ବରିଖେ ଝରଝର ଗରଜେ ଘନ ଘନ ଘୋର
ଶ୍ୟାମ ମୋହନେ ଏକଲି କୈଛନେପନ୍ଥ ହେରଇ ମୋର । (ରାୟ ଶେଖର)

Digitized by srujanika@gmail.com

ପ୍ରିୟା କାଳେ ପଦ ପ୍ରାସ ପାଇବ ଏଥିପାଇଁ ରାମଚନ୍ଦ୍ର ନିଜର ପ୍ରିୟତମା ସୀତାଙ୍କର ଜନନୀ ଧରିତ୍ରୀଙ୍କୁ ସମ୍ବୋଧନ କରି କହିଲା ପରି (୯) ବର୍ଷାର ପଥ-ଘାସରେ କାଳେ ନିଜର ପ୍ରିୟା ପଦ-ପରାସ ପାଇବ, ସେହିପରି ସମ୍ବୋଧନ କରି (ଘାସକୁ) କହିଛନ୍ତି-

ଆରେ ପଥ ଘାସ ପ୍ରିୟା ପଦପ୍ରାସ ପାଇବ,
ନୋଇଁ ଦେବୁ ମଥା ପ୍ରିୟାଯେବେ ପାଦ ଥୋଇବ ।
ଶରୀର ତୋହର କୋମଳକରରେ ସରଣୀ,
ପ୍ରଥମେ ତା ପଦ ଛୁଇଁଛି କଠିନ ଧରଣୀ ।
ଘର ଛାଡ଼ି ଏଇ ପରପାଶେ ଠିଆ ତରୁଣୀ,
ପ୍ରେମଲାଗି ସେତ ଆଷାଢ଼ ଆକାଶ ମାନୁନି ।
ଉପରେ ଭୀଷଣ ବାରିଦରମାଳା ଗରଜେ,
ଉଉରା ବାୟୁ ଉତାଳ ହୋଇ ଗରଜେ । (ଆଷାଢ଼ ଅଭିସାର)

ବୈଷ୍ଣବ ଓ ରୀତିକବିଙ୍କ ପରି କବି ବିଚ୍ଛେଦାବସ୍ଥାରେ ପ୍ରିୟତମା ସମ୍ପର୍କରେ ପ୍ରାଣର ଆବେଗ ବର୍ଣ୍ଣନା କରିଲେଖିଛନ୍ତି-

ପ୍ରିୟା ପାଶେ ଥିଲେ ଚଟୁଳ ତା ମୁଖ ଧରି,
ଫୁଲବକୁଳେ କବରୀ ଦିଅନ୍ତି ଭରି ।
ବକୁଳର ମହୁ ଚାଟୁକରି ବହୁ ଚଖାନ୍ତି ଆଦର କରି
କୁଙ୍କୁମ ଆଉ ପଡ଼ିକି ରହନ୍ତା ଡ଼ାଳେ
ବିନ୍ଦୁରଚନା କରି ମୁଁ ଦିଅନ୍ତି ଭାଲେ ।
ବକ୍ଷରେ ତାର ଚିତ୍ର ତିଆରି କରନ୍ତି ମୁଁ ସେହି ଗାରେ ।
ମଧୁମାସ ଦେଇ ବଧୂ ପାଶେ ନାହିଁ ଦେଲା,
ସ୍ରଷ୍ଟାର ଏକି ନିଷ୍ଠୁର ଅବହେଳା
କାରେ ସାଥେ ଧରି ମନଇଚ୍ଛା କରି
ଅବିର କରିବି ଖେଳା (ବସନ୍ତ ବିରହୀ)

ବିରହିଣୀକୁ ଚାଟୁକରି ମୁଗ୍ଧ କରିବା, ପୁଣି ପ୍ରେମିକାର ବକ୍ଷରେ ପତ୍ରାବଳୀ(କସ୍ତୁରୀଚିତ୍ର) ଅଙ୍କନ କରିବାର ଚିତ୍ର ବୈଷ୍ଣବ ଓ ରୀତି କାବ୍ୟ ସୁଲଭ (୧୦) ।

୯- ଅରୁଣ ଦଳ ନଳିନ୍ୟା ସ୍ନିଗଧ ପାଦାରବିନ୍ଦା
କଠିନ ତନୁ ଧାରଣ୍ୟାଂ ଯାତ୍ୟ କସ୍ମାଦ୍ ସ୍ଖଳନ୍ତୀ ।
ଅବନି ତବ ସୁତେୟଂ ପାଦବିନ୍ୟାସ ଦେଶେ
ତ୍ୟଜ ନିଜ କଠିନତ୍ୱଂ ଜାନକୀ ଜାତ୍ୟରଣ୍ୟମ୍ । (ହନୁମନ୍ନାଟକଂ, ୩।୧୪)

୧୦- (କ) ରଚୟ କୁଚୟୋଃ ପତ୍ରଂ ଚିତ୍ରଂ କୁରୁଷ୍ୱ କପୋଲୟୋ, ଘଂଟୟ ଜଘନେ କାଞ୍ଚି ମଞ୍ଜସ୍ରଜାଂ କବରୀଭରମ୍ । ଗୀତ ଗୋବିନ୍ଦ ୧୨ । ୧୪
(ଖ) କିଂ ଚନ୍ଦନେନ କୁଚୟୋ ରଚୟାମି ଚିତ୍ରଂ । ବିଦଗ୍ଧ ମାଧବ ନାଟକ ୩ । ୪୪, ରୂପ ଗୋସ୍ୱାମୀ
(ଗ) କସ୍ତୁରୀ ପତ୍ରକ କରିବା ଚିତ୍ରକ ବୋଲି ସଖୀ ରହେ ମୁଖ ପୋତି । ବିଦଗ୍ଧ ଚିନ୍ତାମଣି ୫୨ । ୬
(ଘ) ସୁଗନ୍ଧବତୀ ସ୍ୱଇଚ୍ଛା ଚଳିତ ପତ୍ରାବଳୀରେ କି ମାଧୁରୀ ?, ସୁଭଦ୍ରା ପରିଣୟ, ଉପେନ୍ଦ୍ର ଭଞ୍ଜ

Digitized by srujanika@gmail.com

ଧୂପର କବିତାଗୁଡ଼ିକରେ ମୁଖ୍ୟତଃ ଦେହଜପ୍ରେମର ଆଲେଖ୍ୟ ମିଳେ । ରୂପ ଓ ଇନ୍ଦ୍ରିୟଧର୍ମୀ ପ୍ରଣୟାନୁଭୂତି ବାସ୍ତବଜୀବନରେ ଉପେକ୍ଷଣୀୟ ବା ନିନ୍ଦନୀୟ ନୁହେଁ, ସଂଯମର ସୀମା ମଧ୍ୟରେ ପ୍ରକାଶ ପାଇଲେ । ସବୁଜ ଓ ପ୍ରଗତିବାଦୀଙ୍କ ପରି ନୂତନତ୍ୱ ନାମରେ କବି ପରଧର୍ମକୁ ନିଜସ୍ୱଧର୍ମ କରିବାକୁ ଯାଇ ନାହାନ୍ତି । କବି ନିଜର ସାରସ୍ୱତ ସାଧନାରେ ସ୍ୱକୀୟ ମାର୍ଗରେ ଏକକ ଭାବରେ ଅଗ୍ରସର ହୋଇ ରଚନାରେ ପରଂପରାକୁ ଅସ୍ୱୀକାର କରିନାହାନ୍ତି । ମାନବିକ ସୌନ୍ଦର୍ଯ୍ୟ ଓ ଦେହଜ ପ୍ରେମର ଯେଉଁ ବର୍ଣ୍ଣାଢ଼୍ୟ ଚିତ୍ର ଅଙ୍କନ କରିଛନ୍ତି, କବିଙ୍କର ଛନ୍ଦ, ଭାଷା ଓ ପ୍ରକାଶ ଭଙ୍ଗୀ ଆଧୁନିକ ହେଲେ ମଧ କବିଗୁରୁ କାଳିଦାସ, ଜୟଦେବ, ଉପେନ୍ଦ୍ର, ଅଭିମନ୍ୟୁ ଓ ଗୋପାଳକୃଷ୍ଣଙ୍କର ରଚନାର ପ୍ରେରଣା ଅନସ୍ୱୀକାର୍ଯ୍ୟ ।

ବିରହୀ ପ୍ରେମିକର ଭାବନାରେ ନାୟିକା ବିରହ ଅବସରରେ ତା'ର ଦେହମୟ ଏପରିକି ବିଶ୍ୱମୟ ହୋଇଥାଏ । ଏ ଭାବନାର ଚିତ୍ର ବୈଷ୍ଣବ କାବ୍ୟ, ନାଟକ ଓ ଗୀତିରେ ଉପେନ୍ଦ୍ରଙ୍କ ରଚନାରେ, (ପ୍ରେମସୁଧାନିଧି, ଲାବଣ୍ୟବତୀ) ଅନେକତ୍ର ଲକ୍ଷିତ ହୁଏ(୧୧) ।

ବିରହାବସ୍ଥାରେ ଦେହର ଶୋଣିତ ପ୍ରବାହରେ ପ୍ରଣୟିନୀର ସ୍ପର୍ଶ ଉପଲବ୍ଧି କରି କବି ଲେଖିଛନ୍ତି-

ଶୋଣିତର ସ୍ରୋତେ ସାରା ଦେହେ ଆଜି ତୁମର ପରଶ ପ୍ରିୟା
ଦେହମୟ ଆଜି ହୋଇ ଅଛ ତୁମେ ଆବରି ରହିଛି ହିୟା,
ବାହାରେ ଭିତରେ ସବୁଆଡ଼େ ତୁମେ ଅଭିନବ ଅନୁଭବ
ନିଜ ଦେହେ ଯାକି ପାଉଛି ବିରହୀ ମଧୁର ପରଶ ତବ । (ବିରହ, ଧୂପ)

ଜଣେ ସମୀକ୍ଷକଙ୍କ ଭାଷାରେ 'ଧୂପ'ରେ ଦେହଜ ପ୍ରେମସହ ଦେହାତୀତ ପ୍ରେମର ସମ୍ମିଳିତ ରାକ୍ଷୀବନ୍ଧନର ଚଟୁଳ ଓ ଛବିଳ ଅଭିଜ୍ଞତା ପରିସ୍ଫୁଟ (୧୨) । ପ୍ରିୟା ତାଙ୍କର ଯେଉଁ ପଥରେ ତାଙ୍କ ନିକଟକୁ ଆସୁଥିଲେ, ସେଇ ପଥର ଘାସରେ ତାଙ୍କ ଦେହ ମିଶିଯିବାର କବି ଯାହା କଳ୍ପନା କରିଛନ୍ତି ତା'ର ଅନୁରୂପଭାବ ସଂସ୍କୃତ ଓ ଓଡ଼ିଆ କାବ୍ୟରେ ଲକ୍ଷିତ ହୁଏ (୧୩) । କବିଙ୍କ ଭାଷାରେ-

ଯେ ପଥେ ପ୍ରିୟେ ଆସୁଥିଲେ ମୋ ପାଶେ,
ଏ ଦେହ ମିଶିଯାଉ ସେ ପଥ ଘାସେ ।

୧୧- (କ) ବିଦଗ୍ଧ ଚିନ୍ତାମଣି ୪୨।୨୮
(ଖ) ବିଧୂନୟତି ରାଧିକେ ତ୍ରିଜଗଦେଶ ରୂପୋତ୍ସବଃ (ଉଜ୍ଜ୍ୱଳ ନୀଳମଣି, ରାଧା ପ୍ରକରଣ)
୧୨- ଚିନ୍ତାମଣି ବେହେରା, ଓଡ଼ିଆ ସାହିତ୍ୟରେ ମାୟାଧର ମାନସିଂହ, ଓଡ଼ିଆ ସାହିତ୍ୟର ଇତିହାସ, ଗ୍ରନ୍ଥମନ୍ଦିର ୧୯୬୭)
୧୩- (କ) ମୃତ୍ୟୁ ସ୍ୱୀକାରାତ୍ ସ୍ୱଭୂତୈରପି ସଙ୍ଗତୃଷ୍ଣା, ଭକ୍ତିରସାମୃତସିନ୍ଧୁ (ରୂପ ଗୋସ୍ୱାମୀ)
(ଖ) ଜୀବନ ଗଲେ ଏତିକି କରିବ, ଶ୍ୟାମ ନାମ ମୋର ହୃଦେ ଲିହିବ ।
ଶ୍ୟାମରୂପ ମୂର୍ତ୍ତି ହୃଦେ ଲଦାଇ, ଶ୍ୟାମବସନ ଅଙ୍ଗରେ ଘୋଡାଇ ।
ଶ୍ୟାମଗତି ପଥେ ଗୋ, ମୋ'ଶବ ପୋତିବ ଆପଣା ହାଥେ । (ବିଦଗ୍ଧ ଚିନ୍ତାମଣି, ୩୯ । ୩୬)

Digitized by srujanika@gmail.com

X X X X X X

ପ୍ରିୟାକୁ ଲଭିବାର ନାହିଁତ ଆଶ,
ପ୍ରିୟା ପାବନ ପଥେ ହୁଏ ମୁଁ ଘାସ ।
(ମିଳନ ପଥ)

ଜୀବନରେ ନହେଲେ ମଧ ମୃତ୍ୟୁରେ ପ୍ରିୟାର ସ୍ପର୍ଶଲାଭ କରିବାର କଳ୍ପନା ଓମରଗୀତିକା ଓ ବୈଷ୍ଣବ ଗୀତିକାର ଭାବ ସୁଲଭ (୧୪)ଯଥା-

ଶୁଣିବ ଯେବେ ପ୍ରିୟା ଗୋ ମୋର ପ୍ରଣୟୀ ତବ ଜଗତେ ନାହିଁ
ଆସିବମୋର ଭସ୍ମପାଶେ ଦେବହେ ତାରେ ଦେହର ଛାଇ ।
ପାରିବ ଯଦି ଭସ୍ମପରେ ପଦ୍ମପାଦ ଚାଲିବ ଧୀରେ ।
ଜୀବନ ପୁଣି ଲଭିବି ସଖି, ନିଶ୍ଚୟ ମୁଁ ମରଣ ତୀରେ । (ପ୍ରେମ ଓ ମୃତ୍ୟୁ)

କବିଙ୍କର ହେମପୁଷ୍ପ କବିତାଗୁଚ୍ଛର ରୂପଦେବତା, ହେ ମୋର ପରମ, ରୂପସୀର ପୂଜା କବିତାଗୁଡ଼ିକ ତାଙ୍କର ରୂପତୃଷ୍ଣାର ସାର୍ଥକ ପ୍ରତିଚ୍ଛବି ବହନ କରିଛନ୍ତି । 'ରୂପଦେବତା'ରେ କବି ଲେଖିଛନ୍ତି -

ରୂପର ଦେବତା ସେ ସୃଜନ ସୁଖ ଆଶେ
ଅବନୀ ବନିତାରେ ସାଜଇ,
ଦେହରେ ରୂପରଚି ମଧୁ ସୁଷମା ଖଚି
ତହିଁ-ଅ-ଦେହ ଦେବ ରାଜଇ ।

'ଧୂପ' କବିତାଗୁଚ୍ଛର କବିତାଗୁଡ଼ିକରେ ପ୍ରେମ ମୁଖ୍ୟତଃ ରୂପଜ ଓ ଇନ୍ଦ୍ରିୟଧର୍ମୀ ହୋଇଥିବାବେଳେ 'ହେମଶସ୍ୟ' କବିତାଗୁଚ୍ଛରେ ତାହା ରୂପାତୀତ କଥା ଆତ୍ମାଭିମୁଖୀ ହୋଇଛି । ବେଦନା ଓ ଅଶ୍ରୁ, ହୃଦୟର ଅବ୍ୟକ୍ତ ଯନ୍ତ୍ରଣା ଯେ ପ୍ରକୃତ ପ୍ରେମର କଷ-ପାଷାଣ ତା'ର ଅନୁଭବ ଘଟିଛି ତାଙ୍କର ବିବାହିତ ଜୀବନରେ । ଧୂପର ପ୍ରେମ କବିତାଗୁଡ଼ିକରେ ଲକ୍ଷିତ ଉଦ୍ଦାମତା ଓ କ୍ଷୁବ୍ଧତା ହେମଶସ୍ୟର ବହୁ କବିତାରେ ଶାନ୍ତ ଶୁଭଶ୍ରୀ ଧାରଣ କରିଛି । ରୂପ ଓ ଅରୂପର ମିଳନ ଚିତ୍ରରେ କବି ନିଜର ସିଦ୍ଧହସ୍ତତାର ସ୍ୱାକ୍ଷର ଦେଇଛନ୍ତି । ଯେଉଁ ପ୍ରେମ ତାଙ୍କ ପକ୍ଷରେ ଥିଲା ରୂପାପେକ୍ଷୀ ଆଜି ତାହା ରୂପୋତ୍ତର ଦିବ୍ୟ ସୁଷମା ଲାଭ କରିଛି । ରୂପାତୀତ ପ୍ରେମରେ ପରିସ୍ଫୁଟ ହୋଇଛି ନିପୀଡ଼ିତ ବିଶ୍ୱମାନବର ବେଦନା ଓ ଅଶ୍ରୁ । ଭଞ୍ଜଙ୍କ ଭାଷାରେ ତାଙ୍କ କାବ୍ୟଗୁଡ଼ିକ ଯୁବାଜନ କର୍ଣ୍ଣଉତ୍ସବ ହୋଇଥିଲା ପରି ମାନସିଂହଙ୍କର ଧୂପ,

---

୧୪- ଦୀପ୍ତ ଚରଣ ଚଳାଇ ସଧୀରେ ତୁମେ ଯେବେ ଯିବ ଏଇ ପଥଧାରେ ସହୀରେ ।
ତାରା-ବିଚ୍ଛୁରିତ ଅତିଥିଗହଣେ ସ୍ନିଗ୍ଧ-ସବୁଜ-ଦୂର୍ବା-ଶୋଭିତ ମହୀରେ ।
ଅନ୍ତରେ ଭରି ପ୍ରୀତି-ସମାଚାର ଉପନୀତ ହେବ ସେଇ ମୋର ପୀଠ ପରେ ଗୋ ।
ଯିବିନି ପାଶୋରି ଦେବାକୁ ଅଜାଡ଼ି, ରିକ୍ତ ପିଆଲା ସହାସ ଲପନେ ବାରେ ଗୋ ।
ଡଃ ଶାନ୍ତି ମହାପାତ୍ର (ବଳ), ଓମର ଚଉପଦୀ (ଅନୁବାଦ), କଟକ, ୧୯୮୯

Digitized by srujanika@gmail.com

ହେମପୁଷ୍ପ ଓ ହେମଶସ୍ୟକୁ ଯୌବନର ଗୀତି କହିଲେ ଅସମୀଚୀନ ହେବ ନାହିଁ । ଏଥିରେ ଯେଉଁ ପ୍ରଣୟ ଓ ଯେଉଁ ଜୀବନ ଥିଲା ଉଦାତ୍ତ, କ୍ଷିପ୍ର ଓ ଉତ୍ସବ ମୁଖର, ତାଙ୍କର ଜୀବନଚିତା, କ୍ରୁଶରେ ତା'ର ସ୍ୱର ବଦଳିଯାଇଛି । ହେମପୁଷ୍ପର ବିଶ୍ୱଦେବାଳୟ, ଜୀବନଚିତାର ବିଶ୍ୱରୂପ, ଦେବପୂଜା, ନିଦ୍ରିତ ଭଗବାନ ଏବଂ କ୍ରୁଶର ନୂତନ ପ୍ରଣୟ, ଏକାନ୍ତ ଏକାକୀ କବିତାଗୁଡ଼ିକରେ ପରିବର୍ତ୍ତିତ ଜୀବନବୋଧ, ଆତ୍ମାନ୍ୱେଷଣ ଓ ଦିବ୍ୟ-ଚେତନାର ସ୍ୱାକ୍ଷର ରହିଛି (୧୫)। ଭଗବତ୍ ଲୀଳାର ନୈସର୍ଗିକ, ସ୍ୱତଃ ପ୍ରକାଶ ନିକଟରେ ନିଜ ଜୀବନର ଦୁଃଖକୁ ସେ ତୁଚ୍ଛ ମନେ କରିଛନ୍ତି-

ନବିଡ଼ ଦୁଃଖାନଳେ ଜଳିମୁଁ ମରେ ପଛେ
ତୁମରି ଲୀଳା ପରକାଶୁ ହେ

ଉତ୍କଳର ଅତୀତରେ ଗୌରବୋଜ୍ଜ୍ୱଳ ଐତିହ୍ୟ, କୀର୍ତ୍ତିକଳାପ ର (ସ୍ମୃତି) ଆଲେଖ୍ୟ ଅଙ୍କନରେ ଏବଂ ତାଙ୍କର ରୋମାଣ୍ଟିକ୍ ମାନସ-ଭଙ୍ଗୀରେ କଳ୍ପନା କିପରି ମୁଖର ହୋଇଉଠିଛି, ତାଙ୍କର ସ୍ୱଦେଶପ୍ରୀତି ମୂଳକ ବିଭିନ୍ନ କାବ୍ୟ, କବିତା, ଯଥା କୋଣାର୍କ(କାବ୍ୟ) ବାରବାଟୀ(ନାଟକ), ମହାନଦୀରେ ଜ୍ୟୋସ୍ନା ବିହାର, ସାଧବଝିଅ, ଜେମା, ମାଟିବାଣୀ(ତଅପୋଇ ବିଳାପ, ବୋଇତବନ୍ଦାଣ) ତା'ର ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

ପୃଥିବୀର ଅନ୍ୟତମ ବିସ୍ମୟ, ସୌନ୍ଦର୍ଯ୍ୟର ମୂର୍ତ୍ତିମନ୍ତ ବିଗ୍ରହ କୋଣାର୍କ କବିଙ୍କ ଭାବଦୃଷ୍ଟିରେ କେବଳ ବାରଶତ ଶିଳ୍ପୀହସ୍ତର ଏକ କାରୁକଳାମଣ୍ଡିତ ପ୍ରସ୍ତର-ଦେବାଳୟ ନୁହେଁ, ଏକ ମନୋଜ୍ଞ ପ୍ରସ୍ତର - କାବ୍ୟ । କବିଙ୍କର ସୌନ୍ଦର୍ଯ୍ୟ ଦୃଷ୍ଟିରେ ମନ୍ଦିରର ସୂକ୍ଷ୍ମ କାରୁକଳାର ଗୌରବଗାନରେ ତାଙ୍କର ଲେଖନୀ ଶତଜିହ୍ୱ ହୋଇଉଠିଛି । ମନ୍ଦିରର ଶିଳ୍ପକଳା, ତା'ର ପ୍ରତ୍ୟେକ ବିଗ୍ରହ କବିଙ୍କ କଳ୍ପନା-ଦୃଷ୍ଟିରେ ଜୀବନ୍ତ ହୋଇଉଠି ସତେ ଯେପରି ନୃତ୍ୟ-ପରାୟଣ ହୋଇ ଉଠିଛନ୍ତି । ଉତ୍କଳର ସର୍ବଶ୍ରେଷ୍ଠ ସ୍ଥାପତ୍ୟର ଜୀର୍ଣ୍ଣ ଅବସ୍ଥାରେ ବିଶ୍ୱବାସୀଙ୍କର ଅନ୍ତର ଅଶ୍ରୁସଜଳ ହୋଇଉଠିଛି, ତଥାପି ତା'ର ସେଇ ଜୀର୍ଣ୍ଣ ଦେହକୁ ସେମାନେ ବିଦଗ୍ଧ ଦୃଷ୍ଟିରେ ଚାହିଁରହିଛନ୍ତି, ତାକୁ ଆଶ୍ଳେଷ କରିବାକୁ ଜଗତର ଶିଳ୍ପୀ, କବି ଉଦ୍‌ବୁଦ୍ଧ ହୋଇ ଉଠିଛନ୍ତି । ସୌନ୍ଦର୍ଯ୍ୟ-ପିପାସୁ କବିଙ୍କର ଅନ୍ତର ଗାଇଉଠିଛି-

ହେ କୋଣାର୍କ ବିଗତ-ଯୌବନା,
ମୌନଦୁଃଖେ ସୈକତ ଶୟନା
ତୋର ଏଇ ଜୀର୍ଣ୍ଣଦେହେ ଅଦ୍ୟାପି ଗୋ ବିମୁଗ୍ଧ ନୟନେ
ଚାହେଁ ବିଶ୍ୱ, କରୁଣାରେ ତେଜି ଅଶ୍ରୁ ତୋ ଦୁଃଖ ଶୟନ,
ଜଗତର ଶିଳ୍ପୀ-କବି ରୂପରାଗ ଦେଖି ତୋହଠାରେ,
ଆଶ୍ଳେଷ ଇଚ୍ଛଇ ତୋର ବୃଦ୍ଧ ଦେହେ, ଶୋଭା-ପିପାସାରେ

୧୫- ଚିନ୍ତାମଣି ବେହେରା, ଓଡ଼ିଆ ସାହିତ୍ୟରେ ମାୟାଧର ମାନସିଂହ, ଓଡ଼ିଆ ସାହିତ୍ୟର ଇତିହାସ, ଗ୍ରନ୍ଥମନ୍ଦିର ।

Digitized by srujanika@gmail.com

ଅଙ୍ଗେ ଅଙ୍ଗେ ଚୁମ୍ବିବାକୁ ନିରବଧି କରଇ ଭାବନା
ତୋହରେ ଗୋ ଗତ ଯଉବନା ।

ପୌରାଣିକ ଗୌରବ ସୁଲଭ ସ୍ୱର୍ଣସିକତାରେ କୋଣାର୍କର ଆବିର୍ଭାବ କବିଙ୍କ ଦୃଷ୍ଟିରେ ପ୍ରଶାନ୍ତ କ୍ଷୀର ସାଗର ଗର୍ଭରୁ ଲକ୍ଷ୍ମୀଙ୍କର ଆବିର୍ଭାବ ସଦୃଶ ପ୍ରତୀତ ହୋଇଛି । ଉପମା କଳ୍ପନା ମଧ୍ୟଯୁଗୀୟ ହେଲେ ମଧ ପୌରାଣିକ ମହିମା ପ୍ରଖ୍ୟାତ କୋଣାର୍କ ସମ୍ପର୍କରେ ତା'ର ପ୍ରୟୋଗର ଯଥାର୍ଥତା ଅନୁଭୂତ ହୋଇଥାଏ । ପୁଣି କବିଙ୍କର ଅପୂର୍ବ ବର୍ଣ୍ଣନାଭଂଗୀରେ ପଦଟିର ଭାବ ଓ ଅର୍ଥର କିପରି ପ୍ରସାର ଘଟିଛି (ଯାହା କୁହାଯାଏ ସମନ୍ୱିତାଭିଧାନ(୧୬)) ଲକ୍ଷ୍ୟ କରାଯାଇପାରେ-

ଅନିନ୍ଦିତ ହେ ବେଳା ଶୋଭନେ
ଯେବେ ତୁମ୍ଭେ ଉଠିଲ ଗଗନେ,
ଭେଦିଣ ସହସା ନଦୀ ନୀଳ ବେଣୀ ସ୍ୱର୍ଣ୍ଣ ସଇକତ,
କ୍ଷୀରୋଦ ପ୍ରଶାନ୍ତ ଗର୍ଭୁ ବିଶ୍ୱରମା ବିଷ୍ଣୁ ପତ୍ନୀବତ
ଅତର୍କିତେ ଫିଟିଥିବ ଏ ଦେଶର ଅୟୁତଲୋଚନ
କୋଟି ହସ୍ତ ବଦ୍ଧ ହୋଇ କରୁଥିବ ତୁମରି ବନ୍ଦନ
''ଜୟ ସ୍ୱର୍ଗବାସିନୀ ଅବତୀର୍ଣ୍ଣା ମର୍ତ୍ତ୍ୟ ବିଭୂଷଣେ
ରୁକ୍ଷ ବିଶ୍ୱେ ଶୋଭା ବିତରଣେ ।'' (କୋଣାର୍କ)

କବି କଳ୍ପନାରେ ପ୍ରକୃତି, ଅତିପ୍ରାକୃତ ଉପାଦାନ (ସ୍ୱର୍ଗର ଅପ୍‌ସରୀ), କୋଣାର୍କ ସବୁ ଓତପ୍ରୋତ ଭାବରେ ଅନ୍ୱିତ ହୋଇ ଯାଇଛନ୍ତି । ବ୍ୟତିରେକର ବ୍ୟଞ୍ଜନା ସୃଷ୍ଟିକରି କବି ମନ୍ଦିର ଚୂଡ଼ା ନିକଟରେ ରଜତ ଶୁଭ୍ରଜ୍ୟୋତି ତାରକା ଓ ଚନ୍ଦ୍ରକୁ ନିଷ୍ପ୍ରଭ ମଣିଛନ୍ତି-

ନଭେ ନଭେ ହୋଇଲା ବିଲୀନ
ଅଗଣିତ ତାରକାର ଦିବ୍ୟଜ୍ୟୋତି ରଜତଧବଳ
ଲାଜେ ଲାଜେ ବ୍ୟୋମପଟେ ଲୁଚିଗଲେ ଶୀତାଂଶୁ ଶୀତଳ ।

ସାଗରଠାରେ ଚରିତ୍ରତ୍ୱ ଆରୋପ କରି କବି ସାଗରର ସ୍ତବ ବ୍ୟାଜରେ ଲେଖିଛନ୍ତି-

ପଦଚୁମ୍ବି ମହାସିନ୍ଧୁ ଗାଏ ସ୍ତବ, ଲହରୀ-ଅଳକ-

୧୬- ପ୍ରଦମଧ୍ୟରେ ପଦଗୁଡ଼ିକ ପରସ୍ପର ଅନ୍ୱିତ ହୋଇ ଅନ୍ୱୟ ମଧ୍ୟରେ ସେମାନେ ଈପ୍‌ସୀତ ଅର୍ଥ ପ୍ରକାଶ କରିଥା'ନ୍ତି । ୟୁରୋପୀୟ ସମାଲୋଚକମାନେ ଶବ୍ଦର ଅର୍ଥ ସମ୍ପର୍କରେ ଗବେଷଣାକରି ଏଇ ଅନ୍ୱିତାଭିଧାନ ସମ୍ପର୍କରେ ଅନୁକୂଳ ମତ ପ୍ରକାଶ କରିଥାନ୍ତି । ଏ ସମ୍ପର୍କରେ ଜଣେ ସମାଲୋଚକ କହନ୍ତି : ଏହି ଅନ୍ୱୟ କେବଳ କାବ୍ୟଗତ ଶବ୍ଦଗୁଡ଼ିକ ମଧ୍ୟରେ ଗୋଟାଏ ପାରସ୍ପରିକ ସମ୍ବନ୍ଧ ନୁହେଁ । ପ୍ରତ୍ୟେକ ଶବ୍ଦ ତା'ର ଧ୍ୱନି ମଧ୍ୟରେ ବହନ କରି ଆଣେ ଅନେକ ଇତିହାସ, ତାହା ସହ ନିବିଡ଼ଭାବେ ଜଡ଼ିତ ଥାଏ ବିଶେଷ ପ୍ରାକୃତିକ ଆବେଷ୍ଟନୀ ମଧ୍ୟରେ ଏକ ବିଶେଷ ଯୁଗର ଏକ ବିଶେଷ ସମାଜ - ଜୀବନର ବିବର୍ତ୍ତନ । ଗୋଟିଏ ଶବ୍ଦ ଅନ୍ୟ ଏକ ଶବ୍ଦସହ ଯେତେବେଳେ ଅନ୍ୱିତ ହୁଏ, ସେତେବେଳେ ସେ ତା'ର ସମଗ୍ର ଇତିହାସ ନେଇ ଜଡ଼ିତ ହୁଏ । ଅନ୍ୱୟ ମଧ୍ୟଦେଇ ଶବ୍ଦାର୍ଥ ଏକ ସୁକୁମାର ଅଭିଧାନ ଲାଭ କରେ । ଡଃ ଶଶିଭୂଷଣ ଦାସଗୁପ୍ତ, ଶିଳ୍ପଲିପି, ଏ. ମୁଖାର୍ଜୀ କୋ. ଲି. କଲିକତା, ୧୯୫୮ ।

Digitized by srujanika@gmail.com

ହେ ଚାରୁ ଭୈରବ କୀର୍ତ୍ତି ମନୁଷ୍ୟର, ମଣ୍ଡ ମୋ ପୁଲିନ
ଧନ୍ୟହୁଏ ତୋହରେ ସେବିଣ

ପୌର୍ଣ୍ଣମାସୀ ଜ୍ୟୋସ୍ନାମୟୀ ରଜନୀର ସ୍ୱପ୍ନିଳ ପରିବେଶରେ ମୁଗ୍ଧ କବି ଅନ୍ତର ମନ୍ଦିର ଶୋଭାର ମଧୁମୟୀ ଆଲେଖ୍ୟ ଆଙ୍କିବାକୁ ଯାଇ କହିଛନ୍ତି -

ପୌର୍ଣ୍ଣମାସୀ ଶୁଭ୍ର ହାସ୍ୟତଳେ
ଧବଳିତ ସମୁଦ୍ର ଲହରେ
ତାଳେ ତାଳେ ଲାସ୍ୟେମାତି ଜଳଦେବୀ ଗାଇଲେ ତୋ କଥା,
ଔଷଧୀଶ ଜ୍ୟୋସ୍ନାପୂରେ ସିକ୍ତ କଲେ ତୋ ତରୁଣ ମଥା,
x x x x x
ଅପ୍‌ସରୀ ବନ୍ଦିଲେ ତୋତେ ସ୍ୱର୍ଗୁ ଆସି କୌମୁଦୀ କଲ୍ଲୋଳେ
ପାରିଜାତ ପୁଷ୍ପଉପହାରେ

ଏକ ମୁଗ୍ଧମୁହୂର୍ତ୍ତରେ ପାଷାଣଗାତ୍ର-ମନ୍ଦିର , ଲହରୀମାଳା-ଶୋଭିତ-ସାଗର ଓ ଚନ୍ଦ୍ର ଚରିତ୍ରୀଭୂତ ହୋଇଯାଇଛନ୍ତି, ପୁଣି ଏ ପରିବେଶରେ ଜଳଦେବୀ ଓ ସ୍ୱର୍ଗର ଅପ୍‌ସରୀ କଳ୍ପନା କିଛି ଅସ୍ୱାଭାବିକ ବୋଧହୁଏ ନାହିଁ । ରୂପପାୟୀ ସୌନ୍ଦର୍ଯ୍ୟପିପାସୁ କବି ମନ୍ଦିରର ଅଫୁରନ୍ତ ରୂପବିଳାସ ସୁଷମାର ଗୌରବ ଗାଇବାକୁ ଯାଇ ପାଷାଣ-କୀର୍ତ୍ତିର-କବିମାନେ ପାଷାଣ ଗାତ୍ରରେ ଯେଉଁ କବିତାର ଧାରା ସୃଷ୍ଟି କରିଛନ୍ତି ମୁଗ୍ଧକବି ତାର ଉଚ୍ଛ୍ୱସିତ ପ୍ରଶଂସା କରି ଗାଇ ଉଠିଛି-

ବିଶ୍ୱେ ଯେତେ ବିକାଶ ରୂପର
ଯେତେ ରୂପ ବିଳାସ ଚିତ୍ତର,
ପ୍ରକୃତିର ଅଙ୍ଗେ ଅଙ୍ଗେ ସୁଷମାର ଯେତେକ ପ୍ରକଟ
ମାନବର ମନେମନେ ସୁଷମାର ଯେତେକ ସଂଘଟ,
ତୋ ତହିଁ ପାଷାଣ-କବି, ଅତି ସ୍ନେହେ ନିବେଦିଲେ ବସି,
ଅନନ୍ତ କବିତାଧାରା ନିହିଲେ ସେ ତୋ ଦେହ ପରଶି
ପ୍ରସ୍ତରେ ପ୍ରସ୍ତରେ ତୋର ସୁନିହିତ କବିତା-ସଂହାର
ହେ ପାଷାଣ କବିତା-ଝଙ୍କାର !

ରୂପପାୟୀ କବିଙ୍କର ଦୃଷ୍ଟିରେ ମନ୍ଦିର ଗାତ୍ରର ଅନିନ୍ଦ୍ୟରୂପ ବିଶିଷ୍ଟ ଶାଳଭଞ୍ଜିକା (ଅଳସୀ) ଗୁଡ଼ିକ ସତେଯେପରି ଜୀବନ୍ତ ବିଗ୍ରହ । କବି ତାଙ୍କର ଭାବ-ତନ୍ମୟତାର ଚରମ ମୁହୂର୍ତ୍ତରେ ସେମାନଙ୍କଠାରେ ଜୀବନ ଆରୋପକରି ଜ୍ୟୋସ୍ନାମୟୀ ନିଶୀଥର ସ୍ୱପ୍ନିଳ ପରିବେଶରେ ନାଟମନ୍ଦିରରେ ଗାନ ଓ ବାଦ୍ୟର ତାଳେ ତାଳେ ସେମାନଙ୍କର ନୂପୁରର ରୁଣୁଝୁଣୁ ମଧ୍ୟରେ ସେମାନଙ୍କର ଅପୂର୍ବ ନୃତ୍ୟର ନାଟକୀୟ କଳ୍ପନା କରିଛନ୍ତି । ନିଶୀଥର

Digitized by srujanika@gmail.com

ନିର୍ଜନ ମୁହୂର୍ତ୍ତରେ ମାନବ, ପଶୁପକ୍ଷୀ ଓ ବୃକ୍ଷଲତା ଯେତେବେଳେ ସୁପ୍ତ, ସେଇ ଅବସରରେ ସେମାନଙ୍କର କାଳ୍ପନିକ ନୃତ୍ୟର ବିଧାନ କରିଛନ୍ତି କୋଣାର୍କର ଲାସ୍ୟଲୀଳା ଶିରୋନାମାରେ । ରୂପସାଗରରୁ ଜନ୍ମ ଲାଭ କରିଥିବା ଅଳସୀ (ଶାଳଭଞ୍ଜିକା) ଓ ଜ୍ୟୋସ୍ନା ଏବଂ ବିଭିନ୍ନ ଅଳସୀ ମଧ୍ୟରେ ମଞ୍ଜୁସଂଳାପର ଯୋଜନା କରି କବି ଲେଖିଛନ୍ତି -

ଜ୍ୟୋସ୍ନା -

ହେ ପାଷାଣି, କିବା ଜାଣିଅଛ ଲାଜବସନା,
ଆସିଲି ଯେ ତବ ସଖୀ ଜ୍ୟୋସ୍ନା ମୁଁ ଜ୍ୟୋସ୍ନା
X X X X X
ଦୁହିଁଙ୍କର ଜନମର ଥାନ ରୂପସାଗର
ତେଣୁ ଚିର ସୋଦରୀର ବନ୍ଧନ ଆମର ।

ପ୍ରଥମ ବିଗ୍ରହ -

କେ ଅଛଲୋ ଖୋଲ ଖୋଲ ଓଢ଼ଣା ସରମର,
ଜ୍ୟୋଛନା ଯେ ଡ଼ାକେ ଆସି ଦୁଆରେ ମରମର,
X X X X X
ଅପଘନ ଛନ୍ଦରେ ବନ୍ଦନା ରଚନା,
କରି-ଦେବେ ବନ୍ଦିବା ଆଶେ ଚାରୁ ଲୋଚନା

ଚତୁର୍ଥ ବିଗ୍ରହ -

ଚାଲ ସଖି ଆଖି ଆଖି ମିଳାଇବା ସକଳେ,
ଦିନଯାକ ରହି ମୂକ ଦେହ ଜଡ଼ ବିକଳେ ।
X X X X X
ଏବେଚାଲ ଜ୍ୟୋସ୍ନାର ସାଥେ ରାସ ରଚିବା,
ନିଶୀଥରେ ନଭତଳେ ପ୍ରାଣଭରି ନାଚିବା
X X X X X
ନାଚି ନାଚି ଯୁଗ ଯୁଗ କ୍ଳାନ୍ତିତ ନାହିଁରେ,
ଏ ଜୀବନ ନିବେଦିତ ଦେବତାର ପାଇଁରେ ।

କବି ନିଜର ମଞ୍ଜୁଳ କଳ୍ପନାରେ ଶାଳଭଞ୍ଜିକାମାନଙ୍କର ନୃତ୍ୟ ଉଦ୍‌ଯୋଗର ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି -

କ୍ଷଣକରେ ପାଷାଣୀଏ ପାଷାଣର ପୀଠରେ ବଜାଇଲେ ନୂପୁର,
ମୃଦୁ ମୃଦୁ ହସ ମୁଖେ, ଅଳସତ ଛାଡ଼ିନି, ରସାଣିତ ବପୁର ।

Digitized by srujanika@gmail.com

ଅପର ଅପର ଦେହେ ଦେହଢ଼ାଳି ଅଳସେ ଚଳାଇଲେ ଚରଣ,
ସହସା ସେ ନିରଞ୍ଜନ ମନ୍ଦିରେ ଧ୍ୱନିଲା ଚଳ-ପଦ-ଭୂଷଣ ।
x x x x x x
କୁଞ୍ଜର ଗତି ଶତ କ୍ରମେ ହେଲେ କୁଞ୍ଜୁ ଧୀରେ ଧୀରେ ବାହାର,
ଅଞ୍ଜଳିରେ କା'ଧୂପ, ବୀଣା କାର ଉରଜେ ମୂରଜ ବା କାହାର ।

ରସିକ ଶିଳ୍ପୀଙ୍କର ରସିକତାର ସଙ୍କେତ ଅଳସୀଙ୍କର ସଂଳାପରେ ଫୁଟାଇ କବି ବର୍ଣ୍ଣନା କରିଛନ୍ତି-ଅଳସୀଟିଏ ତା'ର ଉନ୍ନତ ବକ୍ଷୋପରି ଶୁକଟିଏ ଧରିଛି, ସତେଯେପରି ଶୁକଟି ବକ୍ଷର ମଧୁପାନ କରୁଛି । ଭଞ୍ଜୀୟ ବର୍ଣ୍ଣନାଶୈଳୀର ଅନୁକୃତି ନହେଲେ ମଧ ଭଞ୍ଜୀୟ ନାୟିକାର ରୂପକଳ୍ପନା ଓ ଭଞ୍ଜୀୟ ପଦଚ୍ଛଟାର ସଂକେତ କିପରି ଉପଭୋଗ୍ୟ ଲକ୍ଷ୍ୟ କରାଯାଇ ପାରେ, ଯଥା-

ଆନ କହେ, 'ଶିଳ୍ପୀ ସେ କରିଅଛି ପୃଥୁଳ କେଡ଼େ ସଖି ଜୁଡ଼ାରେ,
ପୀନପୁନ ବକ୍ଷଲୋ, କ୍ଷୀଣ କଟି କହିବ କେସନେ ଏ ଭାରାରେ ?'

ପୃଥୁଳ ଜୁଡ଼ା, ପୀନବକ୍ଷ, କ୍ଷୀଣକଟି (ପୂର୍ବଉଦ୍ଧୃତିର କୁଞ୍ଜରଗତି, ଉରଜ), ଏସବୁ ମଧ୍ୟଯୁଗୀୟ ନାୟିକା ଅଙ୍ଗବର୍ଣ୍ଣନାର ଗତାନୁଗତିକ ବୈଶିଷ୍ଟ୍ୟ ।

କବି ନିଜର କଳ୍ପନାରେ ଶାଳଭଞ୍ଜିକା(ଅଳସୀ) ମାନଙ୍କର ଚାନ୍ଦିନୀ ନିଶୀଥରେ ନାଟ ମନ୍ଦିରରେ ନୃତ୍ୟ, ଗୀତ ଓ ବାଦ୍ୟର ଯେଉଁ ବର୍ଣ୍ଣନା ଦେଇଛନ୍ତି ସେଥିରେ ମଧ୍ୟଯୁଗୀୟ ବର୍ଣ୍ଣନାର ଛାୟା ଓ ପଦଚ୍ଛଟା ରହିଥିଲେ ମଧ ରୀତିକାବ୍ୟସୁଲଭ କ୍ଲିଷ୍ଟତା ଓ କ୍ଲୃପ୍ତତା ଲକ୍ଷିତ ହୁଏନା । ଅଳସୀମାନଙ୍କର ନୃତ୍ୟର ଛନ୍ଦ ସହ ତାଳ ଦେଇ ସେ ଏପରି ଗୋଟିଏ ଛନ୍ଦର ପ୍ରୟୋଗ କରିଛନ୍ତି, ଯାହାକି ସ୍ୱଭାବତଃ ନର୍ତ୍ତନଶୀଳ । 'ନୃତ୍ୟ' ଶିରୋନାମାରେ କବି ଲେଖିଛନ୍ତି-

ନାଟମନ୍ଦିରେ ମନ୍ଦ୍ରମୂରଜ ଧ୍ୱନଇ,
ଶତଶତ ଶିଳା-ପଦ ଥରେ, ନାଟ-ପ୍ରଣୟୀ,
ବଂଶୀ ମୂରଜ ବୀଣା କରତାଳ କାହାଳୀ,
ଖଞ୍ଜଣି ମନ-ରଞ୍ଜନୀ ଅବା କାହାରି
ବଜାଇଲେ ଚିତ୍ତ ହଜାଇ ଯେତେ ସେ କାମିନୀ,
ପୂର୍ଣ୍ଣହୋଇଲା ଶୂନ୍ୟ ଜ୍ୟୋଛନା ଯାମିନୀ,
ଶୂନ୍ୟବିଜନ ମନ୍ଦିର ଧୀରେ ଜାଗିଲା,
ତପ୍ତ ରୁଧିର ପାଷାଣେ ଯେସନ ବହିଲା ।
ପୀବର ବକ୍ଷା କ୍ଷୀଣ ମଧ୍ୟମା କାମିନୀ,
ସୁଢ଼ଳ ଜଘନ ଚାଲିଲେ ଯେହ୍ନେ ଦାମିନୀ ।

Digitized by srujanika@gmail.com

ପୃଥୁଳ ଜୁଡ଼ାର କୁସୁମ ଭାର ଖସିଲା, ଧରା-
ଉରଜରୁ ମାଳା, କାଞ୍ଚଲା ଲସିଲା ।
ବର୍ତ୍ତୁଳ ମୁଖ ସ୍ନିଗ୍ଧ ଅଂଶ ଯୁବତୀ, ରଖି
ଧୀରେ ଧୀରେ ନୃତ୍ୟେ ରଚିଲେ ଆରତି ।
ଦୋଳଇ କର୍ଣ୍ଣ-ଦୋଳକ ଖେଳଇ ଚିକୁର,
ଅତୁଳ-ଚରଣ-ରୁଣିତ-ନୂପୁର ଆକୁଳ ।

ରୂପ ତଥା ସୌନ୍ଦର୍ଯ୍ୟ-ପ୍ରାଣ କବି ମଗ୍ନ ଓ ମୁଗ୍ଧ ଚିତ୍ତରେ ଅଳସୀମାନଙ୍କର ଧମନୀରେ ଉଷ୍ଣରକ୍ତର ପ୍ରବାହ ଛୁଟାଇ ସେମାନଙ୍କୁ ଯେପରି କୁଶଳୀ ନର୍ତ୍ତକୀ ଭାବରେ ଚିତ୍ରିତ କରିଛନ୍ତି, ତାହା ଅନନ୍ୟ । ପାଷାଣ-କବିଙ୍କର କଳ୍ପଲୋକର ସୃଷ୍ଟି ଏଇ ଅଳସୀମାନଙ୍କର ଶୋଭା କଠିନ ଶିଳାସ୍ତୂପରେ କାଳକୁ ଅତିକ୍ରମ କରିଯାଇଛି । ସ୍ଥାପତ୍ୟ-ସୁଷମାର କାଳଜୟୀ ଗୌରବ ମୁଗ୍ଧଚିତ୍ତରେ କବି ସେମାନଙ୍କ ମୁଖରେ ପ୍ରକାଶ କରିଛନ୍ତି-

କଳ୍ପଲୋକରୁ ଆମେ ରମ୍ଭୋରୁ ଧରାରେ,
ବିଗ୍ରହ ନେଲୁ ଅବତରି ଟାଣ ଶିଳାରେ ।
x x x x
ଅମର ଯେ ଆମେ ମାନସ-ଲୋକର ସୃଜନା,
ସ୍ଥୂଳଧରଣୀର ମୃତ୍ୟୁ ଆମର ଅଜଣା ।
ଯୁଗଯୁଗ ଧରି ବିଗ୍ରହେ ତେଣୁ ରୂପରେ,
ଆମର ଏ ଲୀଳା କଠିନ ଏ ଶିଳା ସ୍ତୂପରେ ।

ଅପରୂପ ସୌନ୍ଦର୍ଯ୍ୟମୟୀ ରୂପଲକ୍ଷ୍ମୀ ପାଷାଣ ରୂପରେ ସୂର୍ଯ୍ୟ ତାରକା ଭୂଷଣରେ ଭୂଷିତା ହୋଇ ଅନନ୍ତ ଦିଗ ରୂପ ନୀଳବସ୍ତ୍ର ପରିଧାନ କରି ଦୁର୍ବାଚରଣରେ ଶୂନ୍ୟ ବେଳାଭୂମିରେ ଦଣ୍ଡାୟମାନ । କବି ନିଜ କଳ୍ପନାର ଚମତ୍କାରିତା ପ୍ରକାଶ କରି ଲେଖିଛନ୍ତି-

ସେହି ରୂପମୟୀ
ସୂର୍ଯ୍ୟତାରକା ଭୂଷଣା, ଅଭ୍ର ଚିକୁରା, ଦୁର୍ବାଚରଣା, ଅନନ୍ତ ଦିଗ-ଦୂକୁଳା ।
ସେ ରୂପ-ଲକ୍ଷ୍ମୀ ପାଷାଣରେ ଘେନି ଶରୀର
ଶୂନ୍ୟ ସେ ପୀଠ ଚଳରୂପ କଲେ ଅଧୀର । (କୋଣାର୍କ)

ତାଙ୍କର ମହାନଦୀରେ ଜ୍ୟୋତ୍ସ୍ନାବିହାର, ବାରବାଟୀ, ସାଧବଝିଅ, ପୂଜାରିଣୀ ପ୍ରଭୃତି କବିତା, ନାଟକ ଓ କାବ୍ୟନାଟିକା ଉତ୍କଳର ଅତୀତର ଗୌରବୋଜ୍ଜ୍ୱଳ ସ୍ମୃତି ବାହକ ।

ଉପେନ୍ଦ୍ର ଭଞ୍ଜ ପୂର୍ଣ୍ଣମା ଜ୍ୟୋତ୍ସ୍ନାର ଏକ ସ୍ୱପ୍ନିଳ ଯାଦୁକରୀ ପରିବେଶରେ ନାୟକନାୟିକାଙ୍କର ସ୍ୱପ୍ନ-ମିଳନ ସଂଘଟିତ କଲାପରି ମନେ ହୁଏ, କବି ଜ୍ୟୋତ୍ସ୍ନାମୟୀ ରଜନୀରେ ମହାନଦୀର ପ୍ରଶସ୍ତ ବକ୍ଷରେ ଅନ୍ୟବନ୍ଧୁଙ୍କ ସହ ନିଜର ଜ୍ୟୋତ୍ସ୍ନାବିହାରର କଳ୍ପନା

Digitized by srujanika@gmail.com

କରିଛନ୍ତି । ଅତୀତର କେତେ ଐତିହାସିକ ସ୍ମୃତିର ବାହକ ଦୁର୍ଗ ବାରବାଟୀପାର୍ଶ୍ୱରେ ପ୍ରବାହିତ ବିସ୍ତୀର୍ଣ୍ଣ-କଳେବରା ମହାନଦୀରେ ନୌକାବିହାର ରୂପପାୟୀ କବିଙ୍କର କଳ୍ପନା କୋରକିତ କରିଛି । ସହକାର ତଳେ ଜ୍ୟୋତ୍ସ୍ନା ଓ ଛାୟା ମାୟା ରଚନା କଲାପରି ଦିଗ୍‌ବଳୟ ବ୍ୟାପୀ ଜ୍ୟୋତ୍ସ୍ନା ତାଙ୍କ ପ୍ରାଣରେ ରୂପ ଓ ସୌନ୍ଦର୍ଯ୍ୟର ମାୟା ସୃଷ୍ଟି କରିଛି । ରୂପକ ଓ ଉତ୍‌ପ୍ରେକ୍ଷାର ଚମତ୍କାର ପ୍ରୟୋଗ କରି କବି ଜ୍ୟୋତ୍ସ୍ନା ବିହାର କାଳୀନ ପ୍ରାକୃତିକ ପରିବେଶର ରୋମାନ୍ସଧର୍ମୀ ଆଲେଖ୍ୟ ଆଙ୍କିବାକୁ ଯାଇ ଲେଖିଛନ୍ତି-

ଧବଳ ଉତ୍ତରୀ ସମ ରଜତ ବଧୂର ଜ୍ୟୋଛନା
ବ୍ୟାପିଛି ଦୂର ଦିଗ୍‌ବଳୟ ଲାଗି,
ଆକାଶର ଖଣ୍ଡ ସମ ମହାନଦୀ ବାଲି,
ଚନ୍ଦ୍ରିକା ଚୁମ୍ବନ ପାଇ ଧବଳ, ଚପଳ,
ତରଳ ମୁକୁର ଅବା ଦେଇଛିକେ ପାରି,
ଦେଖିବେ ବଦନ ନଭ-ସୀମନ୍ତିନୀ ଦଳ
ଦୁଇକୂଳେ ବୃକ୍ଷ ରେଖା-ଜ୍ୟୋଛନା ଧଉତ,
ପାଣ୍ଡୁର ଆଲୋକେ ଧରି ତନ୍ଦ୍ରାଳସ ଶିରୀ,
ସ୍ୱପ୍ନପୁରୀ କରେ ସୃଷ୍ଟି ଅଳସ ମରୁତ,
ଜ୍ୟୋଛନା ମଦିରାମତ୍ତ ବହେ ଥିରି ଥିରି,
ଚନ୍ଦ୍ରିକା ଚନ୍ଦନ ଚର୍ଚ୍ଚା ନୀଳ କଳେବର ।

ବାରବାଟୀ ଦୁର୍ଗ ପାର୍ଶ୍ୱସ୍ଥ ମହାନଦୀର ପ୍ରସ୍ତର-ସୋପାନକୁ ଲକ୍ଷ୍ୟ କଲାମାତ୍ରେ ରାଜ ଅନ୍ତଃପୁରର ସୁକୁମାରୀ ରାଜବାଳା, ସଖୀମେଳରେ ରୂପସୀମହିଷୀ, ଅତୀତ ଉତ୍କଳର ବୀର ସନ୍ତାନମାନଙ୍କର ସମର-ଯାତ୍ରା, ଦିଗ୍‌ବିଜୟ ଏବଂ ନୌବାଣିଜ୍ୟର ସ୍ମୃତି କବିଙ୍କ ଚିତ୍ତ ପଟରେ ଜାଗରୂକ ହୋଇ ଉଠିଛି । କବି ଲେଖିଛନ୍ତି-

ସେ ଦିନ ଏ ଶିଳାପରେ ଅବଗାହେ ଆସି,
ସୁକୁମାରୀ ରାଜବାଳା ଆଙ୍କିଥିବ ତାର
ଲାକ୍ଷାରକ୍ତ ପଦଛବି, କରି ମର୍ତ୍ତ୍ୟକାଶୀ-
କଠିନ ପାଷାଣ ଦେହେ ଆନନ୍ଦ ସଞ୍ଚାର ।
ସେ ଦିନ ସଜନୀ ମେଳେ ରୂପସୀ ମହିଷୀ,
ଏକ କରେ ଦୂର୍ବାକ୍ଷତ, ଶଙ୍ଖ ଆରକରେ,
ବିଜୟୀ ପୁତ୍ରର ଶିରେ ମଙ୍ଗଳ ଆଶିଷ,
ବନ୍ଦି ନେଇଥିବେ ଗୃହେ ଏହି ଶିଳାପରେ ।
ସେ ଦିନ ଏ ଶିଳାପରେ ନଗର ଜନନୀ,

Digitized by srujanika@gmail.com

ଏକତ୍ରେ ପଠାଇ ପୋତେ ସନ୍ତାନେ ସମରେ,
ଚାହିଁଥିବେ ଦୂର ଦିଗେ, ସେ ବୀର ରମଣୀ,
ଲୁଚାଇ ଆଖିର ଲୁହ ଅପମାନଭରେ ।

ଉତ୍କଳର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟର ସ୍ମୃତି ଚାରଣ କରି କବି ପୁଣି ଲେଖିଛନ୍ତି-

ସେ ଦିନ ଏ ଶିଳାପରେ ନାଗରିକ ଶତ
ହରିଦ୍ରା ପ୍ରଲେପେରଞ୍ଜି କନକ ବଦନ,
ବନ୍ଦିଥିବେ ଶଙ୍ଖବାଇ ରାଜାର ବୋଇତ,
କରିଛି ଯେ ସିଂହଳରୁ ମୁକ୍ତା ଆନୟନ

ଅତୀତର ସେ ଗୌରବ ରବି ଅସ୍ତମିତ ହୋଇ ଯାଇଛି, ଦେଶପ୍ରାଣ କବିଙ୍କ ଅନ୍ତର ବାଷ୍ପରୁଦ୍ଧ ହୋଇ ଉଠିଛି । କବି ପ୍ରାଣର ଆବେଗରେ ପ୍ରଶ୍ନ କରିଛନ୍ତି-

ସେଦିନ କାହିଁ ଗୋ ଶିଳା ! ଏ ଦୁର୍ଗର ଛାୟା,
ମାଡ଼ି ଏତଟିନୀ ଜଳେ ଦୀକ୍ଷା ଚକୋରରେ,
ଆଣେ ଯେବେ ନିଶା-ଭୀତି, ଜୀବନର ମାୟା
ଏ ଜାତି ନଥିଲା ଜାଣି ସମର ମାଟିରେ ।
ଚିରଦିନ ପାଇଁ ସେ କି ଯାଇଛନ୍ତି ଚାଲି,
ନଫେରିବେ ରାଜାରାଣୀ, ନ ଫେରିବେ ବୀରେ ?
ବୋଇତ ବନ୍ଦାଣ ଲାଗି ଏ ତଟିନୀ ବାଲି,
ନାଗରିକା ପଦପ୍ରାନ୍ତ ନ ଚୁମ୍ବିବ ଧୀରେ ?
ଦୁର୍ଗ ଆଉ ଉଠିବନି ? ରାଜାର ବୋଇତ
ନ ଫେରିବ ମୁକ୍ତାଧରି ଏ ତଟିନୀ ବାହି ?
ନଗରର ବଧୂ ଯେତେ ମଙ୍ଗଳ ସଙ୍ଗୀତ ନ ବନ୍ଦିବେ
ତାରେ କେବେ ମଧୁକଣ୍ଠେ ଗାଇ ?

ଉତ୍କଳର ଗୌରବାବହ ନୌବାଣିଜ୍ୟର ସ୍ମୃତି, ବୀର ସନ୍ତାନ ମାନଙ୍କର ଯୁଦ୍ଧ ଯାତ୍ରା ଓ ଦିଗ୍‌ବିଜୟ ଚିତ୍ର ପାଇଁ ମନେହୁଏ କବି ଭଂଜସାହିତ୍ୟରୁ (କୋ.ବ୍ର.ସୁ., ଲା.ବ.) ପ୍ରେରଣା ପାଇ ଥିବେ । ଭଞ୍ଜ ସିଂହଳ ସହ ଓଡ଼ିଶାର ସମ୍ପର୍କ ତାଙ୍କର ଲାବଣ୍ୟବତୀ କାବ୍ୟରେ ପ୍ରତିପାଦନ କରିଛନ୍ତି, ରାଜଜେମା ସିଂହଳରାଜକନ୍ୟା । ରତ୍ନାକର ସାଧୁତ ଓ ବ୍ରହ୍ମଚାରୀ ଲାବଣ୍ୟବତୀର ବାର୍ତ୍ତାଘେନି ବୋଇତରେ ସିଂହଳଦ୍ୱୀପରେ ପହଞ୍ଚିଛନ୍ତି । ସାଧବ ଯୁବତୀମାନେ ହସ୍ତରେ ଅର୍ଘ୍ୟସ୍ଥାଳୀ ଓ ପ୍ରଦୀପ ଧରି ହୁଳହୁଳି ଦେଇ ବୋଇତ ବନ୍ଦାଇ ଆସନ୍ତି ।

ଅତୀତରେ ରାଜକୀୟ ଐଶ୍ୱର୍ଯ୍ୟ ଓ ବିଳାସ ଏବଂ ରାଜକୁମାର ଓ ରାଜବଧୂଙ୍କର ସାକ୍ଷାତର ଚିତ୍ର ଆଙ୍କିବାକୁ ଯାଇ କବିଯାହା ବର୍ଣ୍ଣନା କରିଛନ୍ତି, ତା'ର ମୂଳରେ ରହିଛି

Digitized by srujanika@gmail.com

ଭଙ୍ଗୀୟ ରଚନାର ପ୍ରେରଣା । ଐଶ୍ୱର୍ଯ୍ୟଶାଳୀ ରାଜାଙ୍କର ଗଜଦନ୍ତତରୀ, ତନ୍ମଧରେ ଗାୟିକାମାନଙ୍କର ଲଳିତ କଣ୍ଠଧ୍ୱନି, ରାଜତରୀ ପାର୍ଶ୍ୱରେ ବିଳାସ କୁଶଳ ନାଗରିକମାନଙ୍କର ଶତଶତ ତରୀଯାତ୍ରା, ଚନ୍ଦ୍ରଶାଳାପୁରରେ ବାତାୟନ ପାର୍ଶ୍ୱରେ ସ୍ୱର୍ଣ୍ଣବୀଣା ଧାରିଣୀ ରାଜରାଣୀ, ଅନ୍ୟକକ୍ଷରେ ରାଜବଧୂଙ୍କ ସହ ରାଜକୁମାରଙ୍କର ଭେଟର ବର୍ଣ୍ଣନା ଉପେନ୍ଦ୍ରଙ୍କ ଐଶ୍ୱର୍ଯ୍ୟଶାଳୀ ରାଜକୁମାର ଓ ରାଜଜେମାଙ୍କର ଭେଟର ସ୍ମୃତି ଚିତ୍ତପଟରେ ଜାଗରୂକ କରେ, ଯଥା-

ନୃପତିର ଗଜଦନ୍ତତରୀ ଥିବ ଆଗେ,
ମୁଖରା ନାୟିକା କଣ୍ଠେ ସୁଗନ୍ଧେ ଉତଳା,
ନୃପତି-କୁଣ୍ଡଳ-ମଣି ଚନ୍ଦ୍ରିକାର ରାଗେ,
ଝଲସେ, କମ୍ପଇ କର୍ଣ୍ଣେ କୁସୁମର ଝରା ।
ରାଜତରୀ ପାଶେ, ପଛେ ଶତତରୀ ବାହି,
ଚଳନ୍ତି ନଗରଜନେ ବିଳାସ କୁଶଳ,
ମୁଖରାକରି ଏ ନଦୀ ଉଛେ ଗୀତ ଗାଇ,
ଉଦ୍ଦାମ କ୍ଷେପଣେ କରି ଆକୁଳ ଏଜଳ ।
ଊର୍ଦ୍ଧ୍ୱେ ତେଣେ ଚନ୍ଦ୍ରଶାଳା ପୁରେ ରାଜରାଣୀ,
ସ୍ୱର୍ଣ୍ଣଦୀପପଛେ ରଖି ବାତାୟନମୁଖୀ ।
ଦେଖନ୍ତି ଏ ମହାଲୀଳା, ଫୁଟେ ନାହିଁ ବାଣୀ,
ବଦନେ ଆସେକି ଭାଷା ପ୍ରାଣହେଲେ ସୁଖୀ ।
ଆରକକ୍ଷେ ରାଜବଧୂ କୋମଳା କିଶୋରୀ,
ସୁନ୍ଦରୀ ସଜନୀ କୋଳେ ଧରି ଫୁଲହାର,
ଦେଖନ୍ତି ଚନ୍ଦ୍ରମାଶୋଭା ଚନ୍ଦ୍ରମୁଖେ ତୋଳି,
ଏକାଳେ ମିଳିଲେପାଶେ ନୃପତିକୁମାର ।

ଜାତୀୟଭାବରେ ଅନୁପ୍ରାଣିତ ହୋଇ କବି ଉତ୍କଳର ରାଜାଙ୍କର ଗୌରବଗାନ କରିବାକୁ ମଧ୍ୟଯୁଗୀୟ ରୀତିରେ ଚାରଣଭାଟର ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ।

ସେ ଦିନ ମୁଁ ଥାଆନ୍ତିକି ରାଜନ୍ୟ ଗହଣେ
ବିଧାତା ହୃଦୟଭରି ଗାଇଥାନ୍ତି ଗୀତ,
ଗୁଣଗ୍ରାହୀ ରାଜାମୋର ରତ୍ନ ବିତରଣେ
ତୋଷିକି ନଥାନ୍ତି ଏଇ ଦରିଦ୍ରର ଚିତ୍ତ ? (ମହାନଦୀରେ ଜ୍ୟୋତ୍ସ୍ନା ବିହାର)

ମଣିଷ ହିସାବରେ ମଣିଷ ପ୍ରତି ମର୍ଯ୍ୟାଦାବୋଧ ରୋମାଣ୍ଟିକ୍ ଚେତନାର ଅନ୍ୟ ବୈଶିଷ୍ଟ୍ୟ ବୋଲି ପୂର୍ବରୁ କୁହାଯାଇଛି । ସାଧାରଣ ଜୀବନ ଓ ଜଗତ୍ ପ୍ରତି ଶିଳ୍ପୀପ୍ରାଣର

Digitized by srujanika@gmail.com

ସହାନୁଭୂତି, ମଣିଷର ଦୁଃଖ, ନିପୀଡ଼ନରେ ତା' ପ୍ରତି ସମବେଦନା କବିଙ୍କର ମାଟି ବାଣୀ, ଜୀବନଚିତା, ଅକ୍ଷଭ ବା କ୍ରୁଶ ପ୍ରଭୃତି କବିତା ସଞ୍ଚୟନର ଅଧିକାଂଶ କବିତା ପ୍ରତିଫଳିତ । ଜାତୀୟଚେତନା ଓ ମାନବାତ୍ମାର ବେଦନାବୋଧର ସ୍ୱାକ୍ଷର ବହନ କରିଛି ତାଙ୍କର 'କମଳାୟନ' ଯାହାକୁ ଆଧୁନିକ କାଳର ମହାକାବ୍ୟ କୁହାଯାଇପାରେ ।

କବିଙ୍କର ବହୁମୁଖୀ ପ୍ରତିଭାର ବିସ୍ତୃତ ଆଲୋଚନା ପ୍ରବନ୍ଧଟିରେ ସମ୍ଭବନୁହେଁ । ସାଧାରଣ ଗୀତି ଓ ଚଉତିଶା ପଦ୍ୟକବିତାକୁ ଛାଡ଼ିଦେଲେ କବି ଗାଥାକବିତା, ନାଟକ, ଗୀତିନାଟ୍ୟ, ଉପନ୍ୟାସ ରଚନା କରିଛନ୍ତି ଏବଂ ଓଡ଼ିଆ ସାହିତ୍ୟର ଇତିହାସ ସହ ଇଂରଜୀ ଓ ଓଡ଼ିଆ ସାହିତ୍ୟ ସମାଜ ଓ ସସ୍କୃତି ମୂଳକ ଉଚ୍ଚାଙ୍ଗ ପ୍ରବନ୍ଧ ଓ ଆଲୋଚନା (କବି ଓ କବିତା, ଓଡ଼ିଆ ସମାଜ ଓ ସାହିତ୍ୟ) ମାନ ପ୍ରକାଶ କରିଛନ୍ତି । ସ୍ୱାଭିମାନୀ, ଜାତି ପ୍ରାଣ ମାନସିଂହ ଓଡ଼ିଶା ଜାତି, ତା'ର ସଂସ୍କୃତି ଓ ଐତିହ୍ୟର ସାର୍ଥକ ପରିଚୟ ପ୍ରଦାନ ପାଇଁ ତାଙ୍କ 'Saga of the Land of Jagannath' ଏବଂ ଭାରତୀୟ ମହାକବିର ପ୍ରତିପାଦକ Kalidasa and Shakespeare ଶୀର୍ଷକ ଗବେଷଣା ଗ୍ରନ୍ଥ ପ୍ରକାଶ କରିଛନ୍ତି । ଜଣେ ଆଦର୍ଶ ଶିକ୍ଷାବିତ୍ ଭାବରେ ଶିକ୍ଷାର ଏବଂ ଶିକ୍ଷକ ଓ ଛାତ୍ରଙ୍କର ଗୁରୁଶିଷ୍ୟ ଭୂମିକାଉପରେ ସଂସ୍କାର ମୁଖୀ ଉଚ୍ଚ ପରାମର୍ଶ ମାନ ଦେଇଛନ୍ତି ତାଙ୍କର 'ଶିକ୍ଷାବିଦ୍ ର ଗାଥା'ରେ, ପୁଣି ବୁଦ୍ଧ ନାଟକ ଓ ଶ୍ରୀମଦ୍ଭଗବଦ୍ଗୀତାର ଭାଷ୍ୟ ରଚନା କରି ନିଜ ଜୀବନରେ ଆଧାତ୍ମିକ ଉତ୍ତରଣର ସଙ୍କେତ ଦେଇଛନ୍ତି ।

ଆଜିର ବହୁ କବି, ଲେଖକ ଓ ଗବେଷକ ନିଜନିଜର ନୈସର୍ଗିକ ପ୍ରେରଣାରେ ଲେଖନୀ ଧାରଣ କରିଛନ୍ତି । ଲେଖକମାନଙ୍କର ଅଭିମୁଖ୍ୟ ଓ ଆତ୍ମପ୍ରକାଶ ସମ୍ପର୍କରେ ତାଙ୍କର୍ କେତୋଟି ସାଧୁ ପରାମର୍ଶ ସେମାନଙ୍କ ପକ୍ଷରେ ଗଭୀର ପ୍ରଣିଧାନର ବିଷୟ, ଯଥା-

(କ) ''ପ୍ରତିଭାର ଅଶ୍ରୁ ହେଇ ଜାତିର ଆନନ୍ଦ ଓ ଗୌରବର ଜନ୍ମ ''।

(ଖ) ଲେଖକଙ୍କୁ ଲକ୍ଷ୍ୟକରି ଲେଖିଛନ୍ତି-''ତୁମେଇ ପ୍ରକୃତିର ପ୍ରତିନିଧି, ତୁମେ ଅଗ୍ନିପରି ଦୀପ୍ତ ଓ ପବିତ୍ର, ବାୟୁପରି ବନ୍ଧନ ଦୀନ୍, ରବିକିରଣ ପରି ଉଜ୍ଜ୍ୱଳ, ଅଥଚ ତୁମେଇ ପୁଣି ଆକାଶ ପରି ପ୍ରଶାନ୍ତ ଓ ଜ୍ୟୋତ୍ସ୍ନାପରି ମୃଦୁ ଓ ମଧୁର । ତୁମେ ଚିରକାଳ ସ୍ୱାଧୀନ, ସ୍ୱତନ୍ତ୍ର, ସ୍ୱୈର ରହିବାକୁ ଚେଷ୍ଟାକର-ଅନ୍ତତଃ ତୁମର ମାନସ ଲୋକରେ '' ।

(ଗ) ''ଅନ୍ତର୍ଲୋକ, ଯେଉଁଠି ପ୍ରତିଭାର ହୋମାଗ୍ନି ଜଳୁଛି, ସେଇ ପବିତ୍ର ହବନ ଭୂମିରେ ତୁମେ, ତୁମର ସ୍ୱପ୍ନ, ଚିନ୍ତା ଓ ଅଭିଜ୍ଞତା ଛଡ଼ା ଆଉକାହାର ଆଦେଶ ବା ଅନୁରୋଧକୁ ପଶିବାକୁ ଦିଅନି । ତୁମ ମନର ଯେ ଗମ୍ଭୀରୀ ଦେଉଳ, ସେଠି କୌଣସି ଅପବିତ୍ର ସ୍ଥୂଳ ବୁଦ୍ଧି, ସ୍ଥୂଳ ଦୃଷ୍ଟି, ପଦଗର୍ବିତ, ଧନ ଗର୍ବିତ ଅନାକାଂକ୍ଷିତ ଲୋକକୁ ଯିବାକୁ ଦିଅ ନାହିଁ । ସେଇଠାରେ ତୁମେ ରହ ତପୋମଗ୍ନ ଧ୍ୟାନସ୍ଥ ଓ ଆତ୍ମସ୍ଥ । ସେଇ ଧ୍ୟାନ, ସେଇ ତପସ୍ୟାରୁ

Digitized by srujanika@gmail.com

ଜାତ ହେବ ତୁମର କମନୀୟ ସୃଷ୍ଟି, ଯାହା ତୁମକୁ ଦେବ ଅମରତ୍ୱ ।"

(ଘ) "କବି ଓ ଲେଖକ ସମାଜର ଦଶଜଣରୁ ଜଣେ ନୁହନ୍ତି, ସେ ଦଶଜଣର ମୁଖପାତ୍ର । ବରେଣ୍ୟକବି ଓ ସାହିତ୍ୟିକ-ସ୍ରଷ୍ଟାମାନଙ୍କର ନିର୍ଯ୍ୟାତନାର କରୁଣ ଇତିହାସ ସମାଜର ଏଇ ଗୋଷ୍ଠୀର ମର୍ଯ୍ୟାଦା ବଢ଼ାଇଛି "।

(ଙ) "କବି ଦ୍ରଷ୍ଟା ହୋଇଥିବାରୁ ତାର ଦୃଷ୍ଟି ପ୍ରସାରିତ ହେବା ଉଚିତ । ପ୍ରକୃତି ତାକୁ ପ୍ରତିଭାର ତୃତୀୟନେତ୍ର ଯୋଗାଇଛି । "

(ଚ) "କବି ଓ ଲେଖକ କୌଣସି ଶକ୍ତିଶାଳୀ ବା ବିତ୍ତଶାଳୀ ବ୍ୟକ୍ତିର ଅନୁଗତ ନୁହନ୍ତିକି କୌଣସି ଗୋଷ୍ଠୀ ବା ଦଳର ନୁହନ୍ତି । ସେ ପ୍ରକୃତିର ପ୍ରତିନିଧି । ସେ ଦେଶକାଳାତୀତ, ସେ ସର୍ବଦେଶର, ସର୍ବମାନବର, ସର୍ବକାଳର ।" "ଦେଶଭିତର ଦେଇ ସେ ସର୍ବଦେଶ, ଯୁଗଭିତର ଦେଇ ସେ ସର୍ବକାଳ ଏବଂ ଜାତି ବା ଗୋଷ୍ଠୀ ଭିତର ଦେଇ ସର୍ବମାନବର ବାଣୀ ସର୍ବମାନବ ପାଇଁ କହିବାକୁ ହେବ ।"

(ଛ) "କବି ଓ ଲେଖକ ଆନନ୍ଦ ଓ ସୌନ୍ଦର୍ଯ୍ୟ, ଏଇ ଯୁଗ୍ମ ଦେବତାର ମାନସ ପୁତ୍ର ।"

(କବି ଓ ଲେଖକର ଲକ୍ଷ୍ୟ, କବି ଓ କବିତା, ମାନସିଂହ ଗ୍ରନ୍ଥାବଳୀ, ୩ୟ ଖଣ୍ଡ, 'ପୃ ୫୫୫-୫୬୦)

●

Digitized by srujanika@gmail.com

ନାଟ୍ୟକାର ମାନସିଂହ

ଡକ୍ଟର ହେମନ୍ତ କୁମାର ଦାସ

(୧)

ଡ଼ଃ ମାୟାଧର ମାନସିଂହଙ୍କୁ ଜଣେ ରୋମାଣ୍ଟିକ୍ କବିରୂପରେ ଓଡ଼ିଶାରେ ସମସ୍ତେ ଜାଣନ୍ତି । ରୋମାଣ୍ଟିସିଜମ୍‌ର ପରିସର ବେଶ୍ ବ୍ୟାପକ ଏବଂ ଏହା ଭିତରେ ଜାତୀୟତା, ଭକ୍ତି ଇତ୍ୟାଦି ବିଷୟ ମଧ୍ୟ ଆସିଥାଏ । ମାନସିଂହଙ୍କ ରଚନାରେ ଏ ସବୁର ଅଭାବ ନ ଥିଲେ ମଧ୍ୟ ସେ ଏଠାରେ ମୁଖ୍ୟତଃ ଜଣେ ପ୍ରେମ ଓ ପ୍ରଣୟର କବି ରୂପରେ ହିଁ ଅଧିକ ପରିଚିତ । କାବ୍ୟ କବିତା ଛଡ଼ା ମାନସିଂହ ଉପନ୍ୟାସ, ପ୍ରବନ୍ଧ ଓ ନାଟକ ମଧ୍ୟ ଲେଖିଛନ୍ତି । ଏ ସବୁ ଦିଗପ୍ରତି ପାଠକମାନଙ୍କର ଦୃଷ୍ଟି ବିଶେଷ ଆକୃଷ୍ଟ ହୁଏ ନାହିଁ । ପ୍ରସ୍ତୁତ ପ୍ରବନ୍ଧରେ ତାଙ୍କର ନାଟ୍ୟରଚନା ସମ୍ପର୍କରେ ସାମାନ୍ୟ ଆଲୋଚନା କରାଯାଉଛି ।

ଡ଼ଃ ମାନସିଂହ ସର୍ବମୋଟ ଦଶଖଣ୍ଡି ନାଟକ ଓ କାବ୍ୟ ନାଟିକା ଲେଖିଛନ୍ତି । ସେଥିରୁ କିଛି ମଞ୍ଚସ୍ଥ ମଧ୍ୟ ହୋଇଛି । ନାଟ୍ୟକାର ରୂପରେ ମାନସିଂହଙ୍କର କୌଣସି ସ୍ୱତନ୍ତ୍ର ପରିଚୟ ତଥାପି ଏଠାରେ ପ୍ରସ୍ତୁତ ହୋଇପାରିନାହିଁ । ଏହାର ପ୍ରଧାନ କାରଣ ହେଉଛି, ମାନସିଂହଙ୍କର କବି-ସତ୍ତା, ତାଙ୍କର ନାଟ୍ୟକାର-ସତ୍ତାକୁ ଆବୃତ କରି ରଖିଛି । ଫଳରେ ଏଗୁଡ଼ିକ ଯଥାର୍ଥ ମଞ୍ଚୋପଯୋଗୀ ନ ହୋଇ, ହୋଇଛି ନାଟକାକାରରେ କାବ୍ୟ । ଏମିତିରେ ଦେଖିବାକୁ ଗଲେ, ପ୍ରତ୍ୟେକ ନାଟ୍ୟକାର ହେଉଛନ୍ତି ଜଣେ ଜଣେ କବି । ନାଟକ ଲେଖିବା ପାଇଁ କବିତ୍ୱ ଏକାନ୍ତ ଆବଶ୍ୟକ । ସେଇଥିପାଇଁ କୁହାଯାଇଛି " A dramatist who is not a poet, is only half a dramatist" । ସଫଳ ନାଟ୍ୟକାରଙ୍କୁ ତେଣୁ କବି ହେବାକୁ ହେବ । ତେବେ ନାଟ୍ୟଧର୍ମିତା ଏବଂ କବିତ୍ୱ-ଏହାର ଅନୁପାତ ଜଣେ ନାଟ୍ୟକାର ହିଁ କେବଳ ହୃଦୟଙ୍ଗମ କରିପାରିବେ । ମାନସିଂହ ନଷ୍ଟନୀଡ଼(୧୯୩୭), ବାରବାଟୀ(୧୯୫୧) ନାମକ ଦୁଇଖଣ୍ଡି ନାଟକ ତଥା 'ରାଜକବି ଉପେନ୍ଦ୍ର (୧୯୨୮), ପୁଷିତା (୧୯୩୦), ପୂଜାରିଣୀ (୧୯୩୨), ବୁଦ୍ଧ (୧୯୫୧), ଶାସନଚକ୍ର (୧୯୫୧), ଦୁର୍ଭିକ୍ଷ (୧୯୫୫), ବୁଦ୍ଧଦୂତୀ(୧୯୫୫), ପୁଷ୍ପାଭିନୟ (୧୯୫୫) ପ୍ରଭୃତି ଆଠଖଣ୍ଡି କାବ୍ୟନାଟିକା ଲେଖିଛନ୍ତି । ବିଷୟବସ୍ତୁ ଦୃଷ୍ଟିରୁ ଏଇସବୁ ନାଟକକୁ ଚାରୋଟି ଭାଗରେ ବିଭକ୍ତ କରାଯାଇପାରେ । ଯଥା:- (୧) ସାମାଜିକ - ନଷ୍ଟନୀଡ଼, ଶାସନ ଚକ୍ର (୨) ଐତିହାସିକ - ବାରବାଟୀ, ବୁଦ୍ଧ (୩) କିମ୍ବଦନ୍ତୀ ମୂଳକ - ପୂଜାରିଣୀ, ରାଜକବି ଉପେନ୍ଦ୍ର, ଦୁର୍ଭିକ୍ଷ, ବୁଦ୍ଧଦୂତୀ (୪) କାଳ୍ପନିକ - ପୁଷିତା, ପୁଷ୍ପାଭିନୟ ।

Digitized by srujanika@gmail.com

'ରାଜକବି ଉପେନ୍ଦ୍ର' ହେଉଛି ମାନସିଂହଙ୍କ ପ୍ରଥମ କାବ୍ୟ-ନାଟିକା । ଏହା ୧୯୨୮ ମସିହାରେ 'ପ୍ରଗତିସଙ୍ଘ' କଟକ ଦ୍ୱାରା ପ୍ରକାଶିତ ପାଞ୍ଚଟି ଦୃଶ୍ୟର ନାଟିକା । ଏହାର ରଚନା ୧୯୨୫ ମସିହାରେ ଏବଂ ଏହା ଶେଷଗୀତ 'କାନନେ ଆଜି ମୋର ଚିତ୍ତଚୋର'' ପ୍ରଥମେ 'ଉତ୍କଳସାହିତ୍ୟ'(ଜାନୁୟାରୀ ୧୯୨୭)ରେ ଜୀବନସ୍ୱପ୍ନ ନାମରେ ପ୍ରକାଶିତ ହୋଇଥିଲା । ଏ ପୁସ୍ତକ ସମ୍ପର୍କରେ ମନ୍ତବ୍ୟ ଦେଇ କବି ପଦ୍ମଚରଣ ପଟ୍ଟନାୟକ ଲେଖିଛନ୍ତି, ''ତମ ବହିର କଳ୍ପନା ଓଡ଼ିଶାରେ ଗୋଟିଏ ନୂଆ କଥା । ଏ ଧରଣର ସୃଷ୍ଟି କେବଳ ଦୃଶ୍ୟକାବ୍ୟରେ କାହିଁକି, ଆମ ଦେଶର ଆଧୁନିକ ସାହିତ୍ୟର କୌଣସି ବିଭାଗରେ ଏତେ ସୁସ୍ପଷ୍ଟ ଓ କବିତ୍ୱ ପୂର୍ଣ୍ଣଭାବରେ ପଢ଼ିଥିବାର ମୁଁ ଦେଖିନାହିଁ । (ଉ: ସା; ଡ଼ିସେମ୍ବର-୧୯୨୮) ଆମ ଦେଶ କହିଲେ ଯେବେ ପଦ୍ମ ଚରଣ ଓଡ଼ିଶାକୁ ବୁଝାଉଥାନ୍ତି, ତେବେ ଆମର କିଛି କହିବାର ନାହିଁ । କାରଣ ଯାହା ଦେଖାଯାଉଛି ଓଡ଼ିଆରେ ଡ଼ଃ ମାନସିଂହ ହିଁ ପ୍ରଥମେ କାବ୍ୟ ନାଟିକା ଲେଖିବାକୁ ଆରମ୍ଭ କରିଛନ୍ତି । ଏହାପରେ ହରିଶ୍ଚନ୍ଦ୍ର ବଡ଼ାଳ, ବୈକୁଣ୍ଠ ନାଥ ପଟ୍ଟନାୟକ, କାଳିନ୍ଦୀଚରଣ ପାଣିଗ୍ରାହୀ ଏବଂ କାଳୀପ୍ରସନ୍ନ କବି ପ୍ରଭୃତି ତାଙ୍କର ସମସାମୟିକ ଅନ୍ୟ କବିମାନେ ଏଇ ଧରଣର ନାଟିକା ସୃଷ୍ଟି କରନ୍ତି । ଯେତେ ଦୂର ସମ୍ଭବ ଭାରତୀୟ ସାହିତ୍ୟରେ କବି ରବୀନ୍ଦ୍ର ନାଥ ପ୍ରଥମେ ଏଇ ଧରଣର ନାଟକ ଲେଖା ଆରମ୍ଭ କରନ୍ତି ଏବଂ ସେଗୁଡ଼ିକ ମଞ୍ଚସ୍ଥ ମଧ ହୋଇଛି । ଓଡ଼ିଆ ପାଇଁ ଡ଼ଃ ମାନସିଂହ ଏଥିରୁ ଏବଂ ଇଂରେଜୀ କବିମାନଙ୍କର ପୋଏଟିକ୍ ଡ୍ରାମା(Poetic-Drama) ଗୁଡ଼ିକରୁ ପ୍ରେରଣା ସଂଗ୍ରହ କରିଥିବା ଅନୁମାନ କରାଯାଇପାରେ । 'ରାଜକବି ଉପେନ୍ଦ୍ର'ର କଥାବସ୍ତୁ ଅତ୍ୟନ୍ତ ସଂକ୍ଷିପ୍ତ । ଐତିହାସିକ ଚରିତ୍ର ଭିତରେ ଏଥିରେ କେବଳ ଉପେନ୍ଦ୍ର ହିଁ ଅଛନ୍ତି । ଅନ୍ୟସବୁ ଚରିତ୍ର କାଳ୍ପନିକ । ରାଜା(ଏଥିରେ ତାଙ୍କର କୌଣସି ନାମ ନାହିଁ)ଙ୍କ ମୃତ୍ୟୁପରେ ରାଜ୍ୟରେ ବିଦ୍ରୋହ ଉପସ୍ଥିତ ହେଉଛି । ଉପେନ୍ଦ୍ରଙ୍କର ଅନୁଜ ଗଜେନ୍ଦ୍ର ଓ ଭୂପେନ୍ଦ୍ର ସିଂହାସନପାଇଁ ଅରାଜକତା ସୃଷ୍ଟି କରୁଛନ୍ତି । ପୁରୋହିତ, ବିଷୋୟୀ ପ୍ରଭୃତି ଉପେନ୍ଦ୍ରଙ୍କୁ ସିଂହାସନରେ ବସାଇବାକୁ ଯାଇ, ତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଉଛନ୍ତି । ସ୍ୱୟଂ ରାଜଲକ୍ଷ୍ମୀ ମଧ ଏଥିପାଇଁ ଉପେନ୍ଦ୍ରଙ୍କୁ ଅନୁରୋଧ କରି ନିରାଶରେ ଅଭିଶାପ ଦେଉଛନ୍ତି । ''ତୁମେ ତୁମର ଦୁର୍ଭାଗ୍ୟକୁ ସଖାକରି ଜୀବନ ହାହାକାରମୟ କର'' । ନିର୍ଭୀକ ଏବଂ ପ୍ରଶାନ୍ତ ଉପେନ୍ଦ୍ର ଚିନ୍ତା କରୁଛନ୍ତି, ଆହା ପ୍ରାଣରେ ଆଜିକୁ ସୁଖ, ଯେତେବେଳେ ମୁଁ ଭାବେ, ମୁଁ ଆଜି ତାଙ୍କର କେତେ ନିକଟତର । ଯାଅ ଦେବି , ତୁମକୁ ମୋର ଭୟନାହିଁ । ଆଜି ମୁଁ ନିର୍ଭୀକ । ଏହାପରେ କବିର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ ଉପେନ୍ଦ୍ରଙ୍କୁ ଏକ ଦିବ୍ୟଲୋକର ସନ୍ଧାନ ଦେଇ କହିଛନ୍ତି -

ମରଣର ଛାୟା ନାହିଁ ତହିଁ ପଶେ,
ଉଚ୍ଛଳିତ ମହାଜୀବନର ରସେ;
ସେସୃଜନ ଏଇବୀଣା ବାଇଧନ

Digitized by srujanika@gmail.com

ହୁଏ, ଦେଲି ତୋ'ରେ ମୋ'ର ସ୍ନେହ ଦାନ'- ଏତିକି କହି ନିଜର ବୀଣା- ସେ ଉପେନ୍ଦ୍ରଙ୍କୁ ଦାନ କରୁଛନ୍ତି, ଏବଂ ଚିରକାଳ ତାଙ୍କ ପାଖରେ ରହିବାର ଆଶ୍ୱାସନା ଦେଇ ବିଦାୟ ନେଉଛନ୍ତି । ନାଟକ ଏତିକିରେ ଶେଷ ହେଉଛି । ନାଟକ ହିସାବରେ ଏହାର ସାର୍ଥକତା ବିଚାରକରିବା ଉଚିତ ହେବ ନାହିଁ । ତେବେ କବି ଲେଖିଛନ୍ତି, "ଉପେନ୍ଦ୍ରଙ୍କ ରହସ୍ୟମୟ ଜୀବନ ମତେ ଯେପରି ଆନନ୍ଦ ଦେଇଛି, ଆହୁରି ଅନେକ ସ୍ୱପ୍ନବିଳାସୀ କବିତ୍ୱମୟପ୍ରାଣକୁ ମଧ୍ୟ ଦେଇଥିବ ।" ଉପେନ୍ଦ୍ର ଚରିତ୍ରରେ ଭୋଗ ଓ ବୈରାଗ୍ୟର ଏକ ବିପରୀତ ମୁଖୀ ପ୍ରବୃତ୍ତିର ଦ୍ୱନ୍ଦ୍ୱର ସୂଚନା ଦେଇ କବି ଏହାଙ୍କର ବୈଶିଷ୍ଟ୍ୟ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି । ତେଇଶ ବର୍ଷ ବୟସ୍କ କବିଙ୍କ ରଚନାରେ କବିତ୍ୱର ଉଚ୍ଛ୍ୱାସ ଅଛି, ସ୍ୱପ୍ନାଚ୍ଛନ୍ନତା ଅଛି । କଳ୍ପନା ବିଳାସର ଚାତୁର୍ଯ୍ୟ ଅଛି । ତେବେ ଯାହା କବିତାକୁ କାଳଜୟୀର ରୂପ ଦିଏ ସେଇ ଶାଣିତ ଅନୁଭୂତି ଦାର୍ଶନିକତାର ଘୋର ଅଭାବ ଏଥିରେ ଦେଖିବାକୁ ମିଳେ ।

ପୁଷ୍ପିତା(୧୯୩୦) ତାଙ୍କର ଦ୍ୱିତୀୟ କାବ୍ୟ ନାଟିକା, ଏହା ୧୯୩୦ ମସିହା ଜୁଲାଇମାସର 'ସହକାର'ରେ ପ୍ରଥମେ ପ୍ରକାଶ ପାଏ । ତା'ପର ମାସରେ ହରିଶ୍ଚନ୍ଦ୍ର ବଡ଼ାଳ ଏହାର ସମାଲୋଚନା କରନ୍ତି । ବିଷୟ ବସ୍ତୁର ତରଳତା ପ୍ରତି ଏଥିରେ କଟାକ୍ଷ କରାଯାଏ । ଡ଼ଃ ମାନସିଂହ ତା'ର ଗୋଟିଏ 'କୈଫିୟତ୍ ' ମଧ୍ୟ ଦିଅନ୍ତି । ଏହାର ସର୍ବମୋଟ ଚାରୋଟି ଦୃଶ୍ୟ । 'କୋରକ' 'ପୁଷ୍ପ' 'ସୌରଭ' ପ୍ରଭୃତି କାବ୍ୟିକ ନାମରେ ଦୃଶ୍ୟ ଗୁଡ଼ିକୁ ନାମିତ କରାଯାଇଛି । ପ୍ରଥମ ଦୃଶ୍ୟରେ କେତେ ଜଣ କିଶୋରୀ ପରସ୍ପର ମଧ୍ୟରେ ଉସାଳାପ କରୁଛନ୍ତି ।ସେମାନଙ୍କର ଏଇ ଏକାନ୍ତ ମୁହୂର୍ତ୍ତକୁ ଉଙ୍କିମାରି ଚାହିଁ କବି, ପ୍ରକୃତିର ରହସ୍ୟାଚ୍ଛନ୍ନ ମନ ବିଶ୍ଳେଷଣ କରିବା ପାଇଁ ଉଦ୍ୟମ କରିଛନ୍ତି । କିଶୋର ବୟସର ଚିରାଚରିତ ସ୍ୱପ୍ନ ଏଥିରେ ରୂପାୟିତ ହୋଇଛି । ଏଥିରେ ପକ୍ଷୀରାଜଘୋଡ଼ା, ଦୁର୍ଦ୍ଧର୍ଷ ରାଜପୁତ୍ର, ବୀର ଯୁବକ ସବୁ ଅଛି । ଦ୍ୱିତୀୟ ଦୃଶ୍ୟରେ କୋରକ ମୁକୁଳିତ ହୋଇ ପୁଷ୍ପରେ ପରିଣତ ହେଉଛି । ଶାୟିତା କିଶୋରୀକୁ ଘେରି ବସନ୍ତ, ମଳୟ, ପରିମଳ, କାମଦେବ ଇତ୍ୟାଦି ଯୌବନର ଆବାହନ କରୁଛନ୍ତି । କାମଦେବ ଘୋଷଣା କରୁଛନ୍ତି;

ଜୀବନ ନୁହେଁ ଯେ ସୁଖ
ସୁଖ, ସ୍ୱପନ ।
ସେହି ସେ ସ୍ୱପନ-କଣା
ଯାଏଁ ବିତରି ।
ନାମ ତା'ର ଯଉବନ
ସ୍ୱପନ ଝରୀ

ବସନ୍ତ ଆହ୍ୱାନ କରୁଛି,

ଆସ ରାଜା କାମନାର
ବର୍ଣ୍ଣିଳ ବାସନାର

Digitized by srujanika@gmail.com

ଉଡ଼ିଯିବା ଚାନ୍ଦ୍ର ଏ ଗଗନେ,
କୋଟି କୋଟି ଜୀବନରେ
ଛୁଇଁ କଲ୍ୟାଣ ଭରେ
ଦେଇ ଯିବା ଅମୃତ-ସ୍ମରଣେ ।

ତୃତୀୟ ଦୃଶ୍ୟରେ ମୁକୁଳିତ ପୁଷ୍ପର ସୌରଭ ପ୍ରସାରିତ ହୋଇଛି । ନବ-କିଶୋରୀ କାହାର ଚିନ୍ତାରେ ନିଜ ଜୀବନଟା ଓଲଟପାଲଟ ହୋଇଗଲା ପରି ମଣୁଛି, ତା' ନିଜେ ମଧ୍ୟ ବୁଝିପାରୁନାହିଁ । ସଖୀ ସରଳା ତାକୁ ବୁଝାଇ ଦେଇ କହିଛି-

ଚଇତ ଆସିଲେ କୋକିଳ କୋକିଳା ଗାଆନ୍ତି ମାତି,
ବୟସ ଆସିଲେ କିଶୋର ଖୋଜଇ ପରାଣ ସାଥୀ-

ନାରୀ-ପୁରୁଷ ସମ୍ପର୍କର ଜଟିଳ ରହସ୍ୟ ଧୀରେ ଧୀରେ ଉନ୍ମୋଚିତ ହୋଇଛି । ସିଦ୍ଧାନ୍ତ ଆସୁଛି ଦେହଟାକୁ ଛାଡ଼ିଦେଲେ ପ୍ରେମ ଅନ୍ତତଃ ଏଇମାଟିର ମର୍ତ୍ତ୍ୟରେ ସମ୍ଭବ ନୁହେଁ । କାରଣ ଦେହଟାକୁ ଛାଡ଼ିଦେଲେ ପ୍ରିୟର ଉପସ୍ଥିତି ଅନୁଭବ ହେବ କିପରି ? ଏହାପରର ଦୃଶ୍ୟ ହେଉଛି ବର୍ଷଣ ମୁଖର ଶ୍ରାବଣ ସନ୍ଧ୍ୟା । ରତି ଓ ମଦନ ଯୌବନର ଉପଭୋଗର ଆବାହନ କରିଛନ୍ତି । ମଦନ ଭାଷାରେ -

ଆଷାଢ଼ ନିଶାରେ ଯଉବନ ଗୋ,
ଏକାକୀ କଟଇ ଯଦି ରଜନୀ,
ଥିଲେ ହେଁ ଅଗଣା ମଣିରତନ
କି ସୁଖ ତହିଁରେ କହ ସଜନୀ ?

ଉପସଂହାରରେ ପୁଣି କୁହାଯାଇଛି-

ନରସାଥେ ନାରୀ ରଚେ ଜୀବନର ପନ୍ଥା
ମିଳନର ଉତ୍ସବ ମନ୍ତ୍ରେ ।
ଜଗତର କୋଣେ କୋଣେ ସେଇ ଆମ କର୍ମ
ଆସି ଯିବା, ରଖ, ଜର କଣ୍ଠେ ।

୧୯୩୦ ମସିହାରେ ଦେହବାଦର ଏଇ ସୁସ୍ପଷ୍ଟ ଉଚ୍ଚାରଣ ନିଶ୍ଚିତ ଭାବରେ ଦୁଃସାହସ । ତେବେ ଏହା ଆମ ପରମ୍ପରାର ବହିର୍ଭୂତ ବୋଲି କୁହାଯାଇ ପାରିବ ନାହିଁ । ଏ ଦେଶର କବି ହିଁ କାମନା କରେ । 'ଏଣ ମାଂସମବଳା ସୁକୋମଳା, ସମ୍ଭବନ୍ତୁ ମମଜନ୍ମ ଜନ୍ମତା' ଏହା ପୂର୍ବରୁ କବି ତରୁଣ କବିର ଆଶା' (ଉ:ସା: ଏପ୍ରିଲ-୧୯୨୮) ରେ ଲେଖିଥିଲେ ।

ପାଖରେ ଥାଆନ୍ତା ରସକବିତା,
ଚିରଯଉବନ ପ୍ରଣୟଗୀତା,

Digitized by srujanika@gmail.com

ପ୍ରେୟସୀ ଗାଆନ୍ତା ଚୁମନ୍ତିମୁଖ,
ପୂରାନ୍ତା ବୁକ
ବୁଲନ୍ତି ପୁଣି ମୁଁ ରସିକପରି
ସବୁ କିଶୋରୀଙ୍କ ଚିବୁକ ଧରି
ବୋଲନ୍ତି ସବୁରି ବାନ୍ଧବ ମୁହିଁ,
ଜାଣ ସୁମୁହୀଁ ।

'ପୁଷ୍ପିତା' ଏକ ଉଚ୍ଛଳ ଯୌବନର ଆବେଗପ୍ରବଣ ଉଚ୍ଚାରଣ । ଏଥିରେ ଅନୁଭବ ରୂପ ଅତ୍ୟନ୍ତ ସ୍ପଷ୍ଟ । ଏହାକୁ ଏକ ଅପୂର୍ବ ପଦ୍ୟାଳାପର ଆଖ୍ୟା ଦିଆଯାଇପାରେ ।

ପୂଜାରିଣୀ(୧୯୩୨) ଡ଼ଃ ମାନସିଂହଙ୍କର ତୃତୀୟ କାବ୍ୟ ନାଟିକା । ଏହା ପ୍ରଥମେ ସବୁଜ ସାହିତ୍ୟ ସମିତି ଦ୍ୱାରା ପ୍ରକାଶିତ ହୋଇଥିଲା । ଏହାର ଆଧାର ହେଉଛି ଓଡ଼ିଶାର ଏକ ଲୋକପ୍ରିୟ କିମ୍ବଦନ୍ତୀ । ଦ୍ୱିଜକନ୍ୟା ଲକ୍ଷ୍ମୀଙ୍କ ସହିତ ସାକ୍ଷୀଗୋପାଳଙ୍କର ପ୍ରଣୟ ଓ ଗୋପାଳଙ୍କ ନିକଟରେ ରାଧା ପ୍ରତିମା ପ୍ରତିଷ୍ଠା ଦିବସରେ ଲକ୍ଷ୍ମୀଙ୍କର ମୃତ୍ୟୁ-ବିଷୟକୁ ନେଇ ଓଡ଼ିଆରେ କାବ୍ୟ ନାଟିକାଦି ରଚିତ ହୋଇଛି । 'ମାନବାତ୍ମାର ପ୍ରଣୟକ୍ଷୁଧା ନିବୃତ୍ତି କରିବାପାଇଁ ଭଗବାନ୍ ଯେ ଇନ୍ଦ୍ରିୟଗ୍ରାହ୍ୟ ରୂପ ପରିଗ୍ରହ କରିଥାଆନ୍ତି-ଏହି ଭାବର ରୂପାୟନ ଘଟିଛି, ପୂଜାରିଣୀରେ । କବି ୟିଟସ୍ ମଧ ଡ଼ଃ ମାନସିଂହଙ୍କୁ ପ୍ରଭାବିତ କରିଛନ୍ତି । ଏହାର ଛଅଟି ଦୃଶ୍ୟ । ପ୍ରଥମ ଦୃଶ୍ୟରେ ଦେବତା ଓ ଲକ୍ଷ୍ମୀର ପ୍ରଣୟଲୀଳା, ଦ୍ୱିତୀୟ ଦୃଶ୍ୟରେ ଏହାର ଅବଶ୍ୟମ୍ଭାବୀ ପରିଣାମ ସ୍ୱରୂପ ଲକ୍ଷ୍ମୀର ପିତାମାତାଙ୍କର ଦୁଷ୍ଚିନ୍ତା । ତୃତୀୟ ଦୃଶ୍ୟରେ ଦେବତା ଓ ମାନବୀର ମାନଅଭିମାନ, ଚତୁର୍ଥ ଦୃଶ୍ୟରେ ରାଧାପ୍ରତିମା ଗଠନ ନିମନ୍ତେ ସିଦ୍ଧାନ୍ତ, ପଞ୍ଚମ ଦୃଶ୍ୟରେ ଲକ୍ଷ୍ମୀର ମୃତ୍ୟୁ ଏବଂ ଶେଷ ଦୃଶ୍ୟରେ ସାକ୍ଷୀଗୋପାଳ ଲକ୍ଷ୍ମୀଙ୍କର ମିଳନ ଦୃଶ୍ୟ ବର୍ଣ୍ଣିତ ହୋଇଛି । ଦେବତା ଘୋଷଣା କରୁଛନ୍ତି -

ଏକ ଆମେ ଏକ ଆମେ
ଭୋଗ ପାଇଁ ହୋଇ ଅଛୁ ଯୁଗ୍ମ !
ଲୀଳାର ସୃଜନ-ସରେ

ସୂର୍ଯ୍ୟ ଓ ପଦ୍ମ । ପୂଜାରିଣୀ ହେଉଛି ଯଥାର୍ଥରେ ଏକ ପ୍ରଣୟ-କାବ୍ୟ । କିଛି ଚରିତ୍ର ସାହାଯ୍ୟରେ ପ୍ରଣୟୀ ଓ ପ୍ରଣୟିନୀ ହୃଦୟର ପାରସ୍ପରିକ ଆକର୍ଷଣ ଏବଂ ତାହାର ପରିଣାମ ବର୍ଣ୍ଣନ ହେଉଛି ଏହାର ଲକ୍ଷ୍ୟ । ଜୀବନର ଏ ଏକ ରୂପ-ସ୍ୱତନ୍ତ୍ର, ଅଭିନବ, ଆନନ୍ଦୋଚ୍ଛଳ, ଯନ୍ତ୍ରଣା ଜର୍ଜରିତ-ଯାହା ପାଇଁ ସୃଷ୍ଟିର ପ୍ରତ୍ୟେକ ଯୌବନ ଉନ୍ମୁଖ ହୋଇ ଥାଏ । ସାଧାରଣ ସୃଷ୍ଟିର ସୁଖ ଦୁଃଖ, ଆନନ୍ଦ ଯନ୍ତ୍ରଣା, ଅଭାବ, ପ୍ରାଚୁର୍ଯ୍ୟ ଏଥିରେ ପ୍ରତିଫଳିତ ହୁଏନାହିଁ । ମିଳନ ହିଁ ହେଉଛି ଏ ସୃଷ୍ଟିର ଏକମାତ୍ର ଆନନ୍ଦ, ବିଚ୍ଛେଦ ଏକମାତ୍ର ଦୁଃଖ । ଅନୁଭବରେ ତେଣୁ ଜୀବନର ଅନ୍ୟ କୌଣସି ରୂପ ଏଥିରେ ପ୍ରକାଶିତ ହୁଏ ନାହିଁ । ମାନସିଂହ ଏଥିରେ

Digitized by srujanika@gmail.com

ସେହି ଅନୁଭବର ବର୍ଣ୍ଣନା ହିଁ କରିଛନ୍ତି । ଏ ଅନୁଭବ ତାଙ୍କର ପୂର୍ବନାଟିକାରେ ମଧ୍ୟ ପ୍ରକାଶିତ ହୋଇଛି । ଶବ୍ଦଗୁମ୍ଫନ ବୈଶିଷ୍ଟ୍ୟ ଏହାକୁ ଏକ ସୁଖପାଠ୍ୟ କାବ୍ୟର ମର୍ଯ୍ୟାଦା ଦେଇଛି । କଳ୍ପନାରେ ଏହା 'ଗୀତଗୋବିନ୍ଦ'ର ଏକ ସମାନ୍ତରାଳ ସୃଷ୍ଟି ବୋଲି ମଧ୍ୟ କୁହାଯାଇପାରେ । ସୌଖୀନ୍ ମଂଚରେ ଏହାର ଉପସ୍ଥାପନ ମଧ୍ୟ କରାଯାଇପାରେ ।

ନଷ୍ଟନୀଡ଼'(୧୯୩୭) ହେଉଛି ତାଙ୍କର ଚତୁର୍ଥ ନାଟକ । ଏକ ବିୟୋଗାନ୍ତ କାହାଣୀକୁ ଅବଲମ୍ବନ କରି ଏହି ସାମାଜିକ ନାଟକଟି ରଚିତ । ଏହାର ପ୍ରଥମ ଅଙ୍କର କେତେକାଂଶ ବିଚ୍ଛିନ୍ନ (ଅକ୍ଟୋବର ୧୯୩୭) ରେ ପ୍ରକାଶିତ ହୋଇଥିଲା । ଉତ୍କଳ ସାହିତ୍ୟ ସମାଜର ନାଟକ ପ୍ରତିଯୋଗିତା ନିମନ୍ତେ ଏହା ରଚିତ ହୋଇଥିଲା । ମନେରଖିବାକୁ ହେବ ଯେ, ସେତେବେଳେ ଓଡ଼ିଆ ଭାଷାରେ ସାମାଜିକ ନାଟକ ରଚନାର କୌଣସି ସ୍ୱଷ୍ଟ ଧାରା ଫିଟିନାହିଁ । ଯଦିଓ ସେ ସମୟର ନାଟ୍ୟକାର ଅଶ୍ୱିନୀ କୁମାର ଘୋଷ କେତୋଟି ସାମାଜିକ ନାଟକ ଲେଖିଛନ୍ତି । କାଳୀଚରଣଙ୍କର 'ଓଡ଼ିଶା ଥିଏଟର୍ସ'ର ଆରମ୍ଭ ହୋଇନାହିଁ, ତେଣୁ ତାଙ୍କର ସାମାଜିକ ନାଟକ ଲୋକଲୋଚନକୁ ଆସିନାହିଁ କହିଲେ ଚଳେ । ଏହି ସମୟରେ ଡ଼ଃ ମାନସିଂହ 'ନଷ୍ଟନୀଡ଼' ଲେଖିଛନ୍ତି । ଗଢ଼ଣ(form) ପାଇଁ ଆଦର୍ଶରୂପେ ଗ୍ରହଣ କରିଛନ୍ତି ଆମର ପାରମ୍ପରିକ ନାଟକକୁ । ସେକ୍ସପିୟର୍‌ଙ୍କ ନାଟକର ଆଦ୍‌ର୍ଶରେ ଏଥିରେ ପାଞ୍ଚଟି ଅଙ୍କ, ପ୍ରତ୍ୟେକ ଅଙ୍କପାଇଁ କେତୋଟି ଦୃଶ୍ୟର ବ୍ୟବସ୍ଥା କରାଯାଇଛି । ଗୋଟିଏ ବ୍ୟର୍ଥ ପ୍ରଣୟ କାହାଣୀକୁ ନେଇ ଗଢ଼ିଉଠିଛି ଏହାର କଥାଭାଗ । କଲେଜ ଛାତ୍ର ପୂର୍ଣ୍ଣବିବାହ ପାଇଁ ନିର୍ବାଚନ କରୁଛି । ମାଧବୀକୁ ଏବଂ ନିଜର ବନ୍ଧୁ କିଶୋରକୁ ମାଧବୀକୁ ଦେଖାଇ ଦେଉଛି । ଗାଁ'ରେ ଥାଇ ପୂର୍ଣ୍ଣ ନିଜର ଫେଲ୍ ହେବାର ସମ୍ବାଦ ପାଉଛି ଏବଂ ଏଇ ଘଟଣା ତା'ର ଜୀବନକୁ ଓଲଟ ପାଲଟ କରିଦେଉଛି । ପ୍ରଥମତଃ ପରିବାର ତା' ଆଡୁ ମୁହଁ ଫେରାଇ ନେଉଛି । ଦ୍ୱିତୀୟତଃ, କିଶୋରର ଜିଦ୍‌ରେ ମାଧବୀ ସହିତ ତା'ର ବିବାହ ହୋଇଯାଉଛି । ନିଜ ଉପରୁ ପୂର୍ଣ୍ଣର ଭରସା ତୁଟିଯାଉଛି । ମାଧବୀ କିଶୋରକୁ ସନ୍ତୁଷ୍ଟ କରିବାପାଇଁ ଉଦ୍ୟମ କରି ମଧ୍ୟ ସଫଳ ହେଉନାହିଁ । କିଶୋରର ସନ୍ଦେହୀମନ ମାଧବୀକୁ ଅପମାନ ଦେଇଚାଲିଛି । ଇତିମଧ୍ୟରେ ମାଧବୀ ସହିତ ପୂର୍ଣ୍ଣର ଦେଖାହୋଇଯିବାରୁ କିଶୋର ମାଧବୀକୁ ଭର୍ତ୍ସନା କରୁଛି ଏବଂ ଅପମାନ ସହ୍ୟ କରି ନପାରି ମାଧବୀ ଆତ୍ମହତ୍ୟା କରୁଛି । ପୂର୍ଣ୍ଣ ଅନିର୍ଦ୍ଦିଷ୍ଟ ପଥରେ ଯାତ୍ରା କରୁଛି । ସେକ୍ସପିୟରଙ୍କ ରୋମିଓ ଜୁଲିଏଟ୍ ନାଟକର ଆଙ୍ଗିକରେ ରଚିତ ଏଇ ନାଟକଟିକୁ ରୋମାଣ୍ଟିକ୍ ଟ୍ରାଜେଡ଼ି ପର୍ଯ୍ୟାୟ ଭୁକ୍ତ କରାଯାଇପାରେ । ତେବେ ଡ଼ଃ ମାନସିଂହ ଦାବୀ କରିଥିବାମତେ ଏହା କିନ୍ତୁ ଓଡ଼ିଆର ପ୍ରଥମ ଟ୍ରାଜେଡ଼ି ନାଟକ ନୁହେଁ । ଓଡ଼ିଆର ପ୍ରଥମ ଟ୍ରାଜେଡ଼ି ନାଟକ ରୂପେ ଜଗନ୍ମୋହନଙ୍କ 'ସତୀ' (୧୮୮୬) ନାଟକକୁ ଗ୍ରହଣ କରାଯାଇପାରେ । ଏମିତିରେ ସେ କାଳରେ ରାମଶଙ୍କର, ଭିକାରୀ ଚରଣ, ଗୋଦାବରୀଶ, ବୀର ବିକ୍ରମ ପ୍ରଭୃତି ଅଧିକାଂଶ ନାଟ୍ୟକାର କିଛି କିଛି ଟ୍ରାଜେଡ଼ିନାଟକ ଲେଖିଛନ୍ତି, ଯଦିଓ ଆରିଷ୍ଟଟଲଙ୍କର ଟ୍ରାଜେଡ଼ିର ସଂଜ୍ଞା ଅନୁସାରେ ଏହିସବୁ ନାଟକକୁ ଶୁଦ୍ଧ

Digitized by srujanika@gmail.com

ଟ୍ରାଜେଡ଼ି ବୋଲି କୁହାଯାଇ ପାରିବ ନାହିଁ । 'ନଷ୍ଟନୀଡ଼' କଟକ ବେତାର କେନ୍ଦ୍ରର ଉଦ୍‌ଘାଟନୀ ସମାରୋହରେ ୧୯୪୮ ମସିହା ଫେବୃୟାରୀ ମାସରେ ପ୍ରସାରିତ ହୋଇଥିଲା । _

ମଞ୍ଚନାଟକ ରୂପରେ ଏହାର ସାର୍ଥକତା ସମ୍ପର୍କରେ ଅନେକ କଥା କୁହାଯାଇ ପାରିବ । ପ୍ରଥମ କଥା ହେଉଛି ଯେ, ରସବାଦୀ ଓଡ଼ିଆ ଦର୍ଶକମାନଙ୍କ ପାଇଁ ଏଥିରେ ବିଶେଷ କୌଣସି ବ୍ୟବସ୍ଥା କରାଯାଇ ପାରିନାହିଁ । ନାଟକର ତିନୋଟି ପ୍ରଧାନ ରସ, ଶୃଙ୍ଗାର, ହାସ୍ୟ ଏବଂ କରୁଣ । ଏହାର ଆଭାସ ମାତ୍ର ନାଟକରେ ଅଛି । ଏଥିପାଇଁ ନାଟକରେ ଚମତ୍କାର ସୁଯୋଗ ଥିଲା । ମାତ୍ର ତାହାର ସୁବିନିଯୋଗ କରାଯାଇ ପାରିନାହିଁ । ଦ୍ୱିତୀୟତଃ ନାଟକର ସଫଳତା ପାଇଁ ଦ୍ୱନ୍ଦ୍ୱର ଏକ ବିଶେଷ ଭୂମିକା ଥାଏ । ଏଥିରେ ନାଟ୍ୟକାର ତ୍ରିକୋଣ ପ୍ରେମର ଏକ ଚର୍ଚ୍ଚିତ ଆବହାଓ୍ୱା ସୃଷ୍ଟି କରି, ତିନୋଟି ଚରିତ୍ରର ଆଶାନୈରାଶ୍ୟକୁ ଦ୍ୱନ୍ଦ୍ୱ ମାଧ୍ୟମରେ ବ୍ୟକ୍ତ କରିବା ନିମନ୍ତେ ଚେଷ୍ଟା କରିଛନ୍ତି । ଅନ୍ତର୍ଦ୍ୱନ୍ଦ୍ୱର ଅଭାବ ଯେ ନାହିଁ ଏ କଥା କୁହାଯାଉ ନାହିଁ । ମାତ୍ର ତା'ର ରୂପ ସେଭଳି ସ୍ପଷ୍ଟ ହୋଇପାରିନାହିଁ । ସଂଶୟ ନାଟକୀୟ ଉତ୍କଣ୍ଠା ବୃଦ୍ଧିରେ ସହାୟକ ହୋଇଥାଏ ଏଥିରେ ତାହା ଆଦୌନାହିଁ । ନାଟ୍ୟ କାହାଣୀର ସରଳରୈଖିକ ରୂପ ଦର୍ଶକ ନିକଟରେ ପ୍ରଥମରୁ ହିଁ ସ୍ପଷ୍ଟ ହୋଇଯାଉଛି । ନାଟ୍ୟ ସଂଳାପ ହୁଏତ ଚରିତ୍ର ଉପଯୋଗୀ ହୋଇଛି । ତେବେ ଏଥିରେ ଦର୍ଶକମାନଙ୍କ ମନକୁ ଛୁଇଁଲା ଭଳି ବିଶେଷ କିଛି ନାହିଁ । ଆଠଗଡ଼ ପ୍ରଭୃତି କେତେକ ସ୍ଥାନରେ ସୌଖୀନ୍ ମଞ୍ଚରେ ଏହାର ଅଭିନୟ ହୋଇଥିବା କଥା ନାଟ୍ୟକାର ସୂଚାଇଛନ୍ତି । ଏହାର ମଂଚାୟନ ନିମନ୍ତେ କୌଣସି ଅସୁବିଧା ନାହିଁ । ସମ୍ପୂର୍ଣ୍ଣ ପାରମ୍ପରିକ ରୀତିରେ ଲିଖିତ ଏବଂ ଓଡ଼ିଆ ନାଟକର ଯଥାର୍ଥ ସାମାଜିକ -ପର୍ଯ୍ୟାୟ (ଯାହାକି 'ଗାର୍ଲସ୍କୁଲ'ର ଅଭିନୟରୁ ଆରମ୍ଭ ହୋଇଥିଲା) ଆରମ୍ଭ ହେବା ପୂର୍ବରୁ ରଚିତ ଏଇ ନାଟକରେ ଯାହା ଯାହା ଦୋଷତ୍ରୁଟି ରହିଲା, ସେସବୁ ମୁଖ୍ୟତଃ ନାଟ୍ୟକାରଙ୍କର ମଞ୍ଚ ସହିତ ସମ୍ପର୍କ ନଥିବାରୁ ହିଁ ହୋଇଛି । ତେବେ ପାଠ୍ୟ ନାଟକ ଏବଂ ବେତାରନାଟକ ରୂପରେ ଏହାର ସଫଳତା ଏକ ପ୍ରଶ୍ନାତୀତ ବ୍ୟାପାର ।

ଏହାପରର ନାଟକ ହେଉଛି 'ବାରବାଟୀ (୧୯୫୧) । ଏହି ସମୟଟି ହେଉଛି ଦ୍ୱିତୀୟ ସଂସ୍କରଣ ପ୍ରକାଶନର ସମୟ । ପ୍ରଥମ ସଂସ୍କରଣ ନିଶ୍ଚୟ ଏହାର ଅନ୍ତତଃ ଦଶବର୍ଷ ପୂର୍ବରୁ ପ୍ରକାଶିତ ହୋଇଥିବ । ସେହି ହିସାବରେ ଏହା ଚତୁର୍ଥ ଦଶକର ଲେଖା । ସେତେବେଳେ ଏହା ଆଠଗଡ଼ ଏବଂ ଆଠମଲ୍ଲିକରେ ଅଭିନୀତ ହୋଇଥିଲା । ଉତ୍କଳୀୟ ରାଜନୈତିକ ଇତିହାସର ତ୍ରିସ୍ତରୀୟ ସ୍ଥିତିକୁ ଅବଲମ୍ବନ କରି 'ବାରବାଟୀ' ନାଟକର ତିନୋଟି ଭାଗ ରଚିତ ହେବ ବୋଲି ନାଟ୍ୟକାର କଳ୍ପନା କରିଥିଲେ । ମାତ୍ର ଗୋଟିଏ ଭାଗ ରଚିତ ହେବାପରେ ଆଉ ଅନ୍ୟ ଭାଗଗୁଡ଼ିକ ସମ୍ପର୍କରେ ଚିନ୍ତା କରାଯାଇନାହିଁ । ଏ ଗ୍ରନ୍ଥଟି ଆଠମଲ୍ଲିକ ଅଧୀଶ୍ୱର କିଶୋର ଚନ୍ଦ୍ର ଦେଓଙ୍କ ନାମରେ ଉତ୍ସର୍ଗୀକୃତ । ନାଟକଟି ଚାରିଅଙ୍କର ଏବଂ ଏଥିପାଇଁ ଉପାଦାନ ସଂଗୃହୀତ ହୋଇଛି । କୃପାସିନ୍ଧୁ ମିଶ୍ରଙ୍କ ରଚିତ 'ଉତ୍କଳ ଇତିହାସ' ନାଟ୍ୟକାର

Digitized by srujanika@gmail.com

'ଏ ନାଟକର ଗଳ୍ପାଂଶକୁ ଅଧିକାଂଶ ଭାବରେ କାଳ୍ପନିକ କରିବାକୁ ବାଧ ହୋଇଛନ୍ତି ବୋଲି 'ଭୂମିକା'ରେ କହିଛନ୍ତି । ଐତିହାସିକ ନାଟକ ପାଇଁ ଏହା ଏକ ସ୍ୱତଃସିଦ୍ଧ ବ୍ୟାପାର । ନାଟ୍ୟକାର ଐତିହାସିକ ହୋଇ ନଥିବାରୁ ଏବଂ ଇତିହାସର ଶୁଷ୍କନୀରସ ଘଟଣାରେ ପ୍ରାଣସଞ୍ଚାର କରିବା ତାଙ୍କର ପ୍ରଧାନ ଦାୟିତ୍ୱ ହୋଇଥିବାରୁ ଏହା ସେ କରିପାରନ୍ତି । ଅବଶ୍ୟ ନିର୍ଦ୍ଦିଷ୍ଟ ସୀମାମଧ୍ୟରେ ରହି । ଡ଼ଃ ମାନସିଂହ ଆଲୋଚ୍ୟ ନାଟକରେ ସେଇ ସୀମା ଲଂଘନ କରିଛନ୍ତି ବୋଲି କୁହାଯାଇ ପାରିବନାହିଁ । ଡ଼ଃ ମାନସିଂହ ଯେ ଜଣେ ଏକନିଷ୍ଠ ଜାତୀୟବାଦୀ ଥିଲେ, ଏହା ତାଙ୍କର ବହୁ ରଚନାରୁ ପ୍ରକାଶ ପାଇଛି । ବିଶେଷ କରି 'ବାରବାଟୀ ଦୁର୍ଗ' ଓଡ଼ିଆ ଜାତୀୟତାର ପ୍ରତିଷ୍ଠାରେ ଏକ ବିଶେଷ ଭୂମିକା ଗ୍ରହଣ କରିଥିବାରୁ , ଏହା ପ୍ରତି ମାନସିଂହଙ୍କର ସ୍ୱତନ୍ତ୍ର ଦୁର୍ବଳତା ରହିଥିଲା । 'ବାରବାଟୀ' ନାମରେ ଏକ କବିତା ଲେଖି ସେ ଉତ୍କଳସାହିତ୍ୟ (୧୯୨୬, ନଭେମ୍ବର) ରେ ପ୍ରକାଶ କରିଥିଲେ ।

ଗଙ୍ଗ ଅନଙ୍ଗଭୀମ ଦେବଙ୍କ ଦ୍ୱାରା ବାରବାଟୀ ଦୁର୍ଗର ପ୍ରତିଷ୍ଠା, ଗୌଡ଼ନରେଶ ଲକ୍ଷ୍ମଣ ସେନଙ୍କୁ ନିଜରାଜ୍ୟରେ ଆଶ୍ରୟ ପ୍ରଦାନ ଓ ମୁସଲମାନମାନଙ୍କୁ ବହିଷ୍କାର କରିବା ତଥା ଯୁବରାଜ ନରସିଂହ ଦେବଙ୍କ ଦ୍ୱାରା ଦକ୍ଷିଣର ଅଜେୟ ୱାରଙ୍ଗଲ ଦୁର୍ଗର ବିଜୟ ପ୍ରଭୃତି ହେଉଛି ଇତିହାସର ଉପାଦାନ । ଯେଉଁଥିରେ ନାଟ୍ୟକାର କିଛି କଳ୍ପନା ସଂଯୋଗ କରି ନାଟକଟିକୁ ରଚନା କରିଛନ୍ତି । ମାଳବ ରାଜକନ୍ୟା କାଞ୍ଚନପ୍ରଭାଙ୍କ ସହିତ ଯୁବରାଜ ନରସିଂହଙ୍କର ପରିଣୟ ହେଉଛି ଏହିଭଳି ଏକ ଘଟଣା । ଏହି ନାଟକ ରଚିତ ହେଲା ବେଳକୁ ଓଡ଼ିଆରେ ଐତିହାସିକ ନାଟକ ରଚନାର ଏକ ସ୍ୱଚ୍ଛ ପରମ୍ପରା ସୃଷ୍ଟି ହୋଇସାରିଥିଲା । ନାଟ୍ୟକାର ଅଶ୍ୱିନୀକୁମାର ବହୁ ଐତିହାସିକ ନାଟକ ରଚନା କରି ଏବଂ ସେ ଗୁଡ଼ିକୁ ମଂଚସ୍ଥ କରାଇ, ଏଦିଗରେ ଓଡ଼ିଆ ନାଟକକୁ ଯଥେଷ୍ଟ ସମୃଦ୍ଧ କରି ପାରିଥିଲେ । ଡ଼ଃ ମାନସିଂହ 'ବାରବାଟୀ' ନାଟକ ରଚନା କରି ଏଥିରେ ସହାୟତା କରିଛନ୍ତି । 'ବାରବାଟୀ' ଏକ ସାର୍ଥକ ନାଟକ ।

ନାଟ୍ୟ ତତ୍ତ୍ୱବିତ୍‌ମାନଙ୍କ ମତରେ ନାଟକର ପ୍ରାରମ୍ଭ ହେଉଛି ନାଟକ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏଇଠୁ ଯଦି ଦର୍ଶକମାନଙ୍କୁ କୌଣସିମତେ ନାଟକ ପ୍ରତି ଆଗ୍ରହୀ କରାଇ ଦିଆଯାଇ ପାରିଲା ତାହାହେଲେ, ନାଟକର ସଫଳତା ପ୍ରାୟ ନିଶ୍ଚିତ ହୋଇଯାଏ । ଏଥିପାଇଁ ସେମାନେ ନାନା ବିଧାନ ମଧ୍ୟ ଦେଇଛନ୍ତି ଏବଂ ସର୍ବସମ୍ମତି କ୍ରମେ ଏଥିରେ ରାଜି ହୋଇଛନ୍ତି ଯେ, ନାଟକକୁ ଏଭଳି ବିନ୍ଦୁରୁ ଆରମ୍ଭ କରାଯିବା ଉଚିତ, ଯେଉଁଠି 'same thing vital is at stake' ଯେଉଁଠି କିଛି ଗୁରୁତ୍ୱ ପୂର୍ଣ୍ଣ ଘଟଣା ଘଟିବାକୁ ଯାଉଛି କିମ୍ବା ଗୁରୁତର କିଛି ନିଷ୍ପତ୍ତି ନିଆଯାଉଛି, ସେଇଠାରୁ ନାଟକର ଆରମ୍ଭ ଦର୍ଶକୀୟ ଉତ୍କଣ୍ଠା ବୃଦ୍ଧିରେ ସହାୟକ ହେବ । ତେଣୁ ସେଇଭଳି କିଛି ଘଟଣାର ସୂଚନାରୁ ନାଟକ ଆରମ୍ଭ କରାଯିବା ଆବଶ୍ୟକ । 'ବାରବାଟୀ' ନାଟକ ମଧ୍ୟ ଆରମ୍ଭ ହୋଇଛି, ସେଇଭଳି ଏକ ଘଟଣାରୁ । କଟକରେ

Digitized by srujanika@gmail.com

ନବନିର୍ମିତ ବାରବାଟୀ ଦୁର୍ଗର ପ୍ରତିଷ୍ଠା ନିମନ୍ତେ ଆୟୋଜନ ଚାଲିଛି । ଦୂରଦୂରାନ୍ତରୁ ସାମନ୍ତ ରାଜାମାନେ ଆସି ଉପସ୍ଥିତ ହୋଇ ଗଲେଣି । ଏତିକିବେଳେ ଆସି ପହଂଚୁଛନ୍ତି ଗୌଡ଼ରାଜ ଲକ୍ଷ୍ମଣ ସେନଙ୍କର ଦୂତ । ଗୌଡ଼ ଦେଶ ମୁସଲମାନମାନଙ୍କର କରଗତ ହୋଇଛି ଏବଂ ପଳାତକ ଗୌଡ଼ରାଜ ଓଡ଼ିଶାରେ ଆଶ୍ରୟ ପ୍ରାର୍ଥୀ ହୋଇଛନ୍ତି । ଅନଙ୍ଗଭୀମ ତାଙ୍କୁ ବନ୍ଧୁଭାବରେ ଗ୍ରହଣ କରି ଘୋଷଣା କରୁଛନ୍ତି -

ତେଣୁ ଗୌଡ଼ରାଜ,
ତୁମ୍ଭ ଶତ୍ରୁ ଆମ୍ଭ ଶତ୍ରୁ । ନିଶ୍ଚନ୍ତରେ ରହି
ଶ୍ରୀକ୍ଷେତ୍ରେ କରନ୍ତୁ ପୂଜା ନୀଳାଦ୍ରିନାଥର,
ଗୌଡ଼ଜୟ ପ୍ରତିହିଂସା ଦେବି ମୁଁ ଯବନେ ।

ଏଇଠାରୁ ହିଁ ନାଟ୍ୟ ଦ୍ୱନ୍ଦ୍ୱର ତୀବ୍ର ରୂପ ଦେଖିବାକୁ ମିଳିଛି । ପୂର୍ବରେ ଅନଙ୍ଗଭୀମ ଯବନ ପଛରେ ଏବଂ ଦକ୍ଷିଣରେ ନରସିଂହ ତୈଲଙ୍ଗମାନଙ୍କ ବିରୁଦ୍ଧରେ ଅସ୍ତ୍ରଚାଳନା କରି ଉତ୍କଳର ସୀମା ବିସ୍ତୃତ କରିବାରେ ଲାଗିଛନ୍ତି ଏବଂ ଶେଷରେ ଯବନ ବିତାଡ଼ିତ ହୋଇଛି । କୁଳବର୍ଗ, ଓ୍ୱାରଙ୍ଗଲ୍ ପ୍ରଭୃତିର ପତନ ହେଉଛି । ରାଢ଼ ଓ ବାରେନ୍ଦ୍ର ଅଞ୍ଚଳ ଉତ୍କଳ ସହିତ ମିଶି ଯାଉଛି ଏବଂ ଏହାର ସୀମା ଏବେ ଗଙ୍ଗାନଦୀ କୂଳୁ, ବିସ୍ତାରିତ କୃଷ୍ଣା ଯାଏ' ପୂରୁବୁ ପଶ୍ଚିମେ ସିନ୍ଧୁଠାରୁ ବିନ୍ଧ୍ୟଯାଏ ଗଣ୍ଡଓ୍ୱାନା ଭେଦି ''- ବିସ୍ତୃତ ହେଉଛି । ସମଗ୍ର ନାଟକଟିରେ କେବଳ ମୁଖ୍ୟ ଭାବରେ ବିଭିନ୍ନ ଅଞ୍ଚଳରେ ହେଉଥିବା ଯୁଦ୍ଧ ବିଷୟ ହିଁ ବର୍ଣ୍ଣନା କରାଯାଇଛି । ଏଥିରେ ଉତ୍କଳୀୟ ସେନା ନାୟକମାନଙ୍କର ବୀରତ୍ୱ, ଜନ୍ମ ଭୂମି ନିମନ୍ତେ ଜୀବନଦାନ ପ୍ରଭୃତି ବର୍ଣ୍ଣିତ ହୋଇ, ଏହାକୁ ଉତ୍ତେଜନା ପୂର୍ଣ୍ଣ କରି ରଖିଛି । ବିବାହ ପୂର୍ବରୁ ମାଳବ ରାଜକନ୍ୟାଙ୍କର ଉତ୍କଳରେ ଆଶ୍ରୟ ଗ୍ରହଣ ଏବଂ ଉତ୍କଳରାଜ ତାଙ୍କୁ ସମ୍ମାନର ସହିତ ଗ୍ରହଣ କରିନେବା ଦ୍ୱରା ତାଙ୍କର ମହାନତା ଯେଉଁଭଳି ପ୍ରକଟିତ ହୋଇଛି, ଠିକ୍ ସେଇଭଳି ଶବରରାଜଙ୍କର ଦାନରେ ଶ୍ରୀମନ୍ଦିରର ଗୁମୁଟରେ ପତିତପାବନ ମୂର୍ତ୍ତିର ସ୍ଥାପନ ମଧ୍ୟ ଉତ୍କଳ ରାଜାଙ୍କର ଉଦାରତାର ପ୍ରତୀକରୂପରେ ପ୍ରଶଂସନୀୟ ହୋଇଛି । ରାମଶଙ୍କରଙ୍କର ପ୍ରଥମ ନାଟକ 'କାଞ୍ଚି-କାବେରୀ'(୧୮୮୧) ଯେଉଁ କାରଣରୁ ଲୋକପ୍ରିୟ ହୋଇଥିଲା 'ବାରବାଟୀ' ମଧ୍ୟ ସେହି ସବୁ କାରଣରୁ ଏକ ସଫଳ ନାଟକ ବୋଲି କୁହାଯାଇପାରେ । ଡ଼ଃ ମାନସିଂହ ଜଣେ ପ୍ରଥିତଯଶା କବି । ସେ ଏହି ନାଟକ ପାଇଁ ଯେଉଁ ଅମିତ୍ରଛନ୍ଦର ସଂଳାପ ଯୋଜନା କରିଛନ୍ତି, ସେଗୁଡ଼ିକ ବେଶ୍ ପ୍ରଭାବ ଶାଳୀ ହୋଇଥିବାରୁ ଐତିହାସିକ ନାଟକର ଏକ ବିଶେଷ ସମ୍ପଦ ହୋଇଛି ବୋଲି କୁହାଯାଇପାରେ । ବାରବାଟୀ ତାଙ୍କର ଅନ୍ୟ ସମସ୍ତ ନାଟକଠାରୁ ଦୋଷଶୂନ୍ୟ ଏବଂ ଏହାର ମଞ୍ଚସଫଳତା ମଧ୍ୟ ସ୍ୱୀକାର୍ଯ୍ୟ । ତେବେ ନାଟକଟି ବହୁ ଚରିତ୍ର ଅଧ୍ୟୁଷିତ ହୋଇଥିବାରୁ କେତେକ ଅସୁବିଧା ସୃଷ୍ଟିହୋଇପାରେ । ଜାତୀୟତାର ପ୍ରାଣ ସ୍ପନ୍ଦନ ଏହି ନାଟକର ଅଙ୍ଗେ ଅଙ୍ଗେ ପ୍ରକଟିତ ହୋଇଥିବାରୁ , ଅମିତ୍ର ଛନ୍ଦର ଓଜଃପୂର୍ଣ୍ଣ ପ୍ରୟୋଗ ଏହାର ଆକର୍ଷଣୀୟତାକୁ ବଢ଼ାଇ ଦେଉଥିବାରୁ ଏବଂ ସଫଳ ନାଟକର ଅନ୍ୟାନ୍ୟ ଉପାଦାନ

Digitized by srujanika@gmail.com

ଉଣାଅଧିକେ ଏଥିରେ ସ୍ଥାନ ପାଇଥିବାରୁ ଏହାକୁ ଏକ ସଫଳ ନାଟକର ମାନ୍ୟତା ଦିଆଯାଇପାରେ ।

'ବୋଇତ ବନ୍ଦାଣ'(୧୯୪୦,ଜୁନ୍) କାବ୍ୟ ନାଟିକା 'ଆରତି'ରେ ପ୍ରକାଶିତ ହୋଇଥିଲା । ଏହାକୁ ଅପ୍ରକାଶିତ 'ତଅପୋଇ' କାବ୍ୟନାଟିକାର ଏକ ଅଂଶ ବୋଲି ମଧ୍ୟ ତହିଁରେ ସୂଚନା ଦିଆଯାଇଥିଲା । ମାତ୍ର ଏହି ନାମରେ ତାଙ୍କର କୌଣସି କାବ୍ୟନାଟିକା ପୁସ୍ତକାକାରରେ ପ୍ରକାଶିତ ହୋଇ ନାହିଁ । ମନେହେଉଛି ଏହା ତାଙ୍କର 'ସାଧବଝିଅ' କାବ୍ୟର ଅଂଶ ବିଶେଷ ହୋଇପାରେ । ମୂଳ କବିତାଟିକୁ ଦେଖିବାର ସୁଯୋଗ ପାଇ ନଥିବାରୁ ଏଇଭଳି ସମ୍ଭାବନା କରାଯାଉଛି ।

ବୁଦ୍ଧ (୧୯୫୧) ହେଉଛି ତାଙ୍କର ଅନ୍ୟ ଏକ ଐତିହାସିକ ନାଟକ । ଏହା ସେଇବର୍ଷ ଅକ୍ଟୋବର ନଅ ତାରିଖ ଦିନ ସମ୍ବଲପୁର, ଗଙ୍ଗାଧର ମେହେର କଲେଜର ଛାତ୍ର, କର୍ମଚାରୀ ଏବଂ ଲେଡ଼ି ଲୁଇସ୍ ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା । ମାନସିଂହ ଥିଲେ ସେହି ସମୟରେ ମେହେର କଲେଜର ଅଧ୍ୟକ୍ଷ । ଏହାର ପାଣ୍ଡୁଲିପି ପ୍ରଥମେ କବିଚନ୍ଦ୍ର କାଳୀଚରଣଙ୍କ ଦ୍ୱାରା ମାର୍ଜିତ ହୋଇଥିଲା । ପରେ ତାହା ତାଙ୍କରି ନିର୍ଦ୍ଦେଶନାରେ ମଂଚସ୍ଥ ହୋଇଥିଲା । ଏ ବିଷୟରେ କାଳୀଚରଣ ଲେଖିଛନ୍ତି, ''ଗୌତମ ବୁଦ୍ଧଙ୍କ ସମ୍ପର୍କରେ ତାଙ୍କ ନାଟକ ସେ ମୋତେ ପହିଲେ ଦେଖାଇ ପଠାଇଥିଲେ, ଟିକିଏ ଦେଖାଦେଖି କରିଦେବାକୁ । ମୁଁ ଯାଇଁ ତାଙ୍କର ସମ୍ବଲପୁର କଲେଜରେ ମଞ୍ଚସ୍ଥ କରାଇଥିଲି'' । (ମାନସିଂ ସ୍ମରଣିକା ପୃ,୩) ମାନସିଂହ ବୁଦ୍ଧଙ୍କର ଜୀବନ ଓ ଧର୍ମ ଦ୍ୱରା ପ୍ରଭାବିତ ହୋଇଥିବାରୁ ଏ ଭଳି ଏକ ନାଟକ ରଚନା କରିଛନ୍ତି ବୋଲି ଜଣାଇଛନ୍ତି । ଏଥିପାଇଁ ଉପାଦାନ ସଂଗୃହୀତ ହୋଇଛି ଆର୍ନଲ୍ଡ୍‌ଙ୍କ ବହୁଚର୍ଚ୍ଚିତ କାବ୍ୟ 'ଲାଇଟ୍ ଅଫ ଏସିଆ'ରୁ । ବୁଦ୍ଧଦେବଙ୍କର ଜୀବନ ଅବଲମ୍ବନରେ ବଙ୍ଗଳାରେ ନାଟ୍ୟକାର ଗିରୀଶ ଚନ୍ଦ୍ର ଘୋଷ 'ବୁଦ୍ଧଚରିତ'(୧୮୮୫) ନାଟକ ଲେଖି ମଞ୍ଚସ୍ଥ କରାଇଥିଲେ ଏବଂ ତାହା ସେ ସମୟରେ ବେଶ୍ ଲୋକପ୍ରିୟ ମଧ୍ୟ ହୋଇଥିଲା । ଏହି ନାଟକର ଚାରୋଟି ଅଙ୍କ ଏବଂ ଏହାର ଏକ ପ୍ରସ୍ତାବନା ଦୃଶ୍ୟ ରହିଛି । ଦୃଶ୍ୟଟି ପୌରାଣିକ ନାଟକର ଆଙ୍ଗିକରେ ପରିକଳ୍ପିତ ଏବଂ ଐତିହାସିକ ନାଟକ ପାଇଁ ଆଦୌ ଅପରିହାର୍ଯ୍ୟ ନୁହେଁ । ଦର୍ଶକମାନଙ୍କ ମନରେ ଚମକ ସୃଷ୍ଟି କରିବା ପାଇଁ ହୁଏତ ଏଇଭଳି ଏକ ଦୃଶ୍ୟର ପରିକଳ୍ପନା କରାଯାଇଛି । ମାତ୍ର ଐତିହାସିକ ନାଟକରେ ଅଲୌକିକତାର ସ୍ଥାନ ନଥିବାରୁ ଏବଂ ସମଗ୍ରନାଟକରେ ଏ ଧରଣର ଅନ୍ୟ କୌଣସି ଦୃଶ୍ୟ ଯୋଜନା କରାଯାଇ ନଥିବାରୁ ଏ ଦୃଶ୍ୟଟି ଅସ୍ଥାନ ନ୍ୟସ୍ତ ହୋଇଛି । ଗୌତମଙ୍କର ବୈରାଗ୍ୟର ସୂଚନାରୁ ନାଟକର ଆରମ୍ଭ ହୋଇଛି । କ୍ରମଶଃ ସେ ସେହି ଐତିହାସିକ ଚାରୋଟି ଦୃଶ୍ୟ ଦେଖୁଛନ୍ତି ଏବଂ ସଂସାର ଛାଡୁଛନ୍ତି । ସାଧାନାରେ ସିଦ୍ଧି ଲାଭ କରିବାପରେ ଗୌତମ ହେଉଛନ୍ତି ବୁଦ୍ଧ । ଧର୍ମ ପ୍ରଚାର ଆରମ୍ଭ ହେଉଛି ଏବଂ ଶେଷରେ କପିଳବାସ୍ତୁର ରାଜ ପରିବାର ତାଙ୍କର ଧର୍ମ ଗ୍ରହଣ କରୁଛନ୍ତି ତଥା ସ୍ୱୟଂ ବୁଦ୍ଧ, ପତ୍ନୀ ଗୋପାଙ୍କ ନିକଟକୁ ଆସି କହିଛନ୍ତି,

Digitized by srujanika@gmail.com

'ଗୋପା ତଥାଗତଙ୍କୁ ଶତ ଶତ ଜନ୍ମରେ ଧର୍ମମାର୍ଗରେ ସାହାଯ୍ୟ କରିଆସିଛନ୍ତି । ସେ ମୋର ଜନ୍ମ ଜନ୍ମାନ୍ତରର ସଙ୍ଗିନୀ ।' ଗୋପା ତଥାଗତଙ୍କ ଚରଣରେ ଆଶ୍ରୟ ନେଉଛନ୍ତି । କିମ୍ବଦନ୍ତୀରୁ ଜଣାଯାଏ ଯେ, କଳିଙ୍ଗ ଦେଶର ବଣିକ 'ତପୁସଂ ଓ ବହ୍ଲୀକ' ସିଦ୍ଧିଲାଭ ପରେ ଗୌତମଙ୍କୁ ପ୍ରଥମେ ପିଠା ଖୁଆଇ ତାଙ୍କର ଉପବାସ ଭଙ୍ଗ କରାଇଥିଲେ ଏବଂ ତାଙ୍କର ଶିଷ୍ୟତ୍ୱ ମଧ ଗ୍ରହଣ କରିଥିଲେ । ନାଟକରେ ତାହା ସ୍ଥାନ ପାଇଛି । ସବୁଠାରୁ ବଡ଼କଥା, ଛନ୍ଦକର କଳିହୁଡ଼ୀ ପତ୍ନୀ ଓ ଅସହାୟ ଛନ୍ଦକ ମଧରେ ପାରିବାରିକ କଳହର ଦୃଶ୍ୟ ଆୟୋଜନ କରାଯାଇ, ନାଟକରେ ହାସ୍ୟରସର ଯୋଜନା କରାଯାଇଛି । ମାନସିଂହଙ୍କର ଅନ୍ୟ କୌଣସି ନାଟକରେ ଏଭଳି ବ୍ୟବସ୍ଥାନାହିଁ । ଯେଉଁମାନେ ମାନସିଂହଙ୍କୁ ଜାଣନ୍ତି ସେମାନେ ନିଶ୍ଚୟ ସ୍ୱୀକାର କରିବେ ଯେ, ମାନସିଂହଙ୍କ କଳ୍ପନାରେ ଏସବୁ ବିଷୟ ଧରାଦେବନାହିଁ ମଧ । ଯାହା ହେଉ, ଯେମିତି ହେଉ, ଏଇ ଧରଣର ଦୃଶ୍ୟ କିନ୍ତୁ ଦର୍ଶକମାନଙ୍କ ପାଇଁ ବିଶେଷ ପ୍ରୟୋଜନ ।

ଏ ନାଟକରେ ବହିର୍ଦ୍ୱନ୍ଦ୍ୱର ସୂଚନା କିଛି ଅଛି ଏବଂ ମାର ଓ ବିବେକ ଚରିତ୍ର ସାହାଯ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ପ୍ରଦର୍ଶନର ବ୍ୟବସ୍ଥା ମଧ କରାଯାଇଛି । କାହାଣୀ ଇତିହାସ ଏବଂ କିମ୍ବଦନ୍ତୀର ଜଣାଶୁଣା ପଥ ଧରିଚାଲିଥିବାରୁ ଆଦୌ ଉତ୍କଣ୍ଠା ପୂର୍ଣ୍ଣ ହୋଇପାରିନାହିଁ । ଯଦିଓ ଚାରୋଟି ଐତିହାସିକ ଦୃଶ୍ୟ ପ୍ରଦର୍ଶନରେ କବି-ସୁଲଭ କଳ୍ପନା ବିଳାସର ଚମତ୍କାର ପ୍ରୟୋଗ କରାଯାଇଛି । ଦୈନନ୍ଦିନ ଜୀବନର କଥିତ ଭାଷାକୁ ହିଁ ଏଥିରେ ବ୍ୟବହାର କରାଯାଇଛି । ନାଟକଟି ଇତିହାସକୁ ଅବଲମ୍ବନ କରି ରଚିତ ହୋଇଥିବାରୁ ଏଥିପାଇଁ ସ୍ୱତନ୍ତ୍ର ଭାଷାଯୋଜନାର ଆବଶ୍ୟକତା ଥିଲା । କପିଳବାସ୍ତୁର ସନ୍ୟାସୀ ରାଜପୁତ୍ରଙ୍କ ପାଇଁ ଓଜଃପୂର୍ଣ୍ଣ କାବ୍ୟିକ ଭାଷାର ପ୍ରୟୋଗ, ତାଙ୍କର ଭାବମୂର୍ତ୍ତି ନିର୍ମାଣରେ ଯେଉଁଭଳି ସହାୟକ ହୋଇଥାନ୍ତା, ଏଭଳି ହାସ୍ୟର ପ୍ରୟୋଗ ତାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି । ପ୍ରତ୍ୟାଶିତ ରସ ସୃଷ୍ଟିର ସହାୟକ ମଧ ହୋଇ ପାରିନାହିଁ ।

ଦୁର୍ଭିକ୍ଷ (୧୯୫୫) ପ୍ରକାଶ ପାଇବାର ବହୁ ପୂର୍ବରୁ ଲିଖିତ ହୋଇଥିଲା । ଏଥିରେ ୧୮୬୬ ମସିହାରେ ଓଡ଼ିଶାରେ ଘଟିଯାଇଥିବା ପ୍ରଳୟଙ୍କରୀ ନ'ଅଙ୍କ ଦୁର୍ଭିକ୍ଷକୁ ପଟ୍ଟଭୂମି ରୂପରେ ଗ୍ରହଣ କରାଯାଇଛି । ଉଭାର ଦୁର୍ଭିକ୍ଷର ଚିତ୍ର ତାଙ୍କର 'କମଳାୟନ' କାବ୍ୟରେ ବର୍ଣ୍ଣିତ ହୋଇଛି । ଏଥିରେ ତାହାର ଅନ୍ୟଏକ ରୂପର ମର୍ମସ୍ପର୍ଶୀ ଚିତ୍ର ପ୍ରଦତ୍ତ ହୋଇଛି । କେନ୍ଦ୍ରାପଡ଼ା ଅଞ୍ଚଳର ଏକ କିଶୋର ସନାତନ ନିଜେ ଭିକ୍ଷାଅନ୍ନ ମୁଠାକ ନ ଖାଇ କି ଭଳି ନିଜର ପରିବାର ପାଇଁ ନେଇ ଆସୁ ଆସୁ ଅକାଳରେ ପ୍ରାଣତ୍ୟାଗ କରିଥିଲା, ଏଥିରେ ତାହା ବର୍ଣ୍ଣନା କରାଯାଇଛି । ପୃଷ୍ଠଭୂମି ସଂଗୃହୀତ ହୋଇଛି ଜଣେ ଦୁର୍ଭିକ୍ଷ ପ୍ରପୀଡ଼ିତ ଏବଂ ଧର୍ମାନ୍ତରିତ ଅସହାୟ ବ୍ୟକ୍ତି ଅନନ୍ତ ଦାସଙ୍କ ଲିଖିତ ଆତ୍ମଜୀବନୀରୁ (୧୯୩୭ରେ 'ପ୍ରଭାତୀ') ପତ୍ରିକାରେ ପ୍ରକାଶିତ କ୍ଷୁଧାର ଜ୍ୱାଳାରେ ମଣିଷ କିଭଳି ଖାଦ୍ୟାଖାଦ୍ୟ ବିଚାର ନକରି ମଣିଷମାଂସ ମଧ ଖାଇ ଯାଉ ଥିଲା, ତାହାର ବର୍ଣ୍ଣନା ଏଥିରେ ରହିଛି । ସମୁଦାୟ ସାତଟି ଦୃଶ୍ୟରେ ଏହି ନାଟ୍ୟ କାବ୍ୟ ଖଣ୍ଡିକ ରଚିତ ।

Digitized by srujanika@gmail.com

ମଣିଷର ଅସହାୟ ଅବସ୍ଥା ବର୍ଣ୍ଣନା ଯେହେତୁ ଏହି ରଚନାର ମୁଖ୍ୟ ଉଦ୍ଦେଶ୍ୟ, ତେଣୁ ଯଥା ସମ୍ଭବ କରୁଣରସର ଯୋଜନା ଏଥିପାଇଁ କରାଯାଇଛି । ମୃତକଳ୍ପ ସନାତନ ସହିତ ତାହାର 'କିଶୋରୀ ପତ୍ନୀର ମିଳନ' ଏବଂ ତୁମ ପଥ ମୋ'ରି ପଥ, ଜୀବନେ ନ ହେଲା ଯଦି, ହେବ ସେ ମରଣେ, ନିଅମତେ ସାଥେ' ପ୍ରଭୃତି ସଂଳାପ ମାଧ୍ୟମରେ ନିଜର ସିଦ୍ଧାନ୍ତ ଘୋଷଣା, ଏବଂ ଅନ୍ଧୁଣୀ ସନାତନ ମାତାର 'ପୋଡ଼ିଯାଉ ଆମ ଖିଆ' କହ ଆଗ ମତେ, କାହିଁ ମୋ ସଙ୍ଗାଳି, ଧନ କାହିଁ ସନାତନ-ପ୍ରଭୃତି ସଂଳାପରେ ନିଜର କାରୁଣ୍ୟ ପ୍ରକାଶ ବେଶ୍ ମନକୁ ଛୁଇଁଯାଏ । ପୁଣି ମଣିଷର ପଶୁପ୍ରବୃତ୍ତିର ବୀଭତ୍ସ ଜୁଗୁପ୍ସିତ ରୂପ ପ୍ରକାଶ ପାଇଛି ପୀତେଇ ନାନୀର 'ଯାଉଛି କମଳୀ ବୋଉ' ଫେଏର୍ ଆସିବି, ଚାଖିଲିଣି ଯେଉଁଦିନୁ ଛୋଟପିଲା ମାଂସ, ଭାତ, ଭୁଜା ଲାଗେ ମତେ ପାଣିଚା, ପାଣିଚା- ପ୍ରଭୃତି ସଂଳାପରେ । ଶାଣିତ ଅନୁଭୂତିର ଉଜ୍ଜ୍ୱଳ ରୂପ ଦେଖାଯାଇପାରେ ଜୀବାନନ୍ଦଙ୍କର -

ଜୀବନର ବୀଭତ୍ସତର ଦେଖିଲି, ଦେଖୁଛି,
ଯାହା ଏହି ଅଳ୍ପକାଳେ, ଭାବେ ମନେ ମନେ,
ଜୀବନ ମୃତ୍ୟୁର ଏହି କ୍ରୂର ଆବର୍ତ୍ତରୁ
ମାୟା ଛନ୍ନ ଅଭିନୟ ଏହି ସଂସାରର

ଊର୍ଦ୍ଧ୍ୱକୁ ଯିବାହିଁ, ଏକମାତ୍ର ସତ୍ୟ ଲକ୍ଷ୍ୟ- ନୈସର୍ଗିକ କବିତ୍ୱର ସ୍ୱଚ୍ଛନ୍ଦ ପ୍ରକାଶ ଏହି ବର୍ଣ୍ଣନାକୁ ଯେଉଁ ଶକ୍ତି ଦେଇଛି, ତାହା ପାଠକଲେ, ପ୍ରାଣ ଏକ ଅପୂର୍ବ ଅନୁଭବରେ ଶିହରି ଉଠେ । ଏହାହିଁ ହେଉଛି ମାନସିଂହ କବିତାର ବିଶେଷ ଦିଗ ।

ଶାସନ ଚକ୍ର(୧୯୫୧) ଆଠଟି ଦୃଶ୍ୟର ଏକାଙ୍କ ନାଟକ । ଗଣତନ୍ତ୍ର ଭାରତରେ ପ୍ରତିଭାଶାଳୀ କବି, କଳାକାର ମାନଙ୍କର ଦୁର୍ଦ୍ଦଶା ଏଥିରେ ବର୍ଣ୍ଣିତ ହୋଇଛି । ଜୀବନବନ୍ଧୁ ଜଣେ ପ୍ରତିଭାବନ୍ତ କବି । ତେବେ ସେ ଶାସନର ଅନୁଗତ ନୁହନ୍ତି । ପୋଲିସ୍-ଉତ୍ସବ ପାଇଁ ଆବାହନ ସଙ୍ଗୀତ ଲେଖିବାକୁ ମନା କରି ଦିଅନ୍ତି । ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି । ଅଭାବ, ଅନଟନ ଭିତରେ ତାଙ୍କର ପରିବାର ବିପର୍ଯ୍ୟସ୍ତ ହୋଇଉଠେ । ଅର୍ଦ୍ଧାହାର, ଅନାହାରରେ ତାଙ୍କର ଜୀବନ ଶେଷ ହୋଇଯାଏ । ତଥାପି ସେ ଶାସନ ପାଖରେ ମୁଣ୍ଡ ନୁଆନ୍ତି ନାହିଁ । ନାଲିଫିତାର କାରସାଦିରେ ତାଙ୍କ ପାଖରେ ସରକାରୀ ସାହାଯ୍ୟ ପହଞ୍ଚେ ତାଙ୍କ ମୃତ୍ୟୁପରେ । ତାଙ୍କ ସ୍ତ୍ରୀ ତାକୁ ପ୍ରତ୍ୟାଖ୍ୟାନ କରନ୍ତି । ରାଜ୍ୟରେ ଛାତ୍ର ଧର୍ମଘଟ ଆରମ୍ଭହୁଏ । କବିବନ୍ଧୁ ଛତ୍ରମାନଙ୍କୁ ବୁଝାନ୍ତି, ''ସ୍ଲୋଗାନ୍ ଚିତ୍କାର କରି ବା ଷ୍ଟ୍ରାଇକ୍ କରି କବିର ପୂଜା ହୁଏନା । ମନ୍ତ୍ରୀଙ୍କ ପୂଜା ହୁଏ ଭଡ଼ା ଲଗା ଜନତା ଦ୍ୱାରା । କିନ୍ତୁ କବିରପୂଜା ହୁଏ ଜାତିର ଅନ୍ତରରେ'' । ଛାତ୍ରମାନଙ୍କର ପ୍ରତିବାଦର ଭାଷା, ଯେଉଁ ସରକାର ଶାସନ ତଳେ ଦେଶର ପ୍ରତିଭା ଏପରି ଅପମାନିତ ହୁଏ ବା ଅବହେଳାରେ ମରେ, ସେପରି ସରକାର ମୁହୂର୍ତ୍ତକ ପାଇଁ ଶାସନାସନରେ ବସିବା ଉଚିତ୍ ନୁହେଁ - ଶିକ୍ଷକଙ୍କ ଉପଦେଶରେ ଦବିଯାଏ ।

Digitized by srujanika@gmail.com

ମନେ ହୁଏ ସ୍ୱାଧୀନ ଦେଶରେ ଲେଖକ ଏବଂ କଳାକାର ଲୋକପ୍ରତିନିଧି ଏବଂ ଶାସନକଳ ଦ୍ୱାରା ଯେଉଁ ଭଳି ଭାବରେ ଉପେକ୍ଷିତ ହେଉଥିଲେ, କବିଙ୍କ ସମ୍ବେଦନଶୀଳ ହୃଦୟରେ ତାହା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରୁଥିଲା । 'ଶାସନଚକ୍ର' ହେଉଛି ତାହାରି ପ୍ରକାଶିତ ରୂପ । ଏହାକୁ ଏଇ ଅନ୍ୟାୟ ଓ ଅବିଚାରର ଲିଖିତ ପ୍ରତିବାଦ ବୋଲି ମଧ ଗ୍ରହଣ କରି ନିଆଯାଇପରେ । ମାନବିକତାର ସଂକଟ, ମୂଲ୍ୟବୋଧର ଅବକ୍ଷୟ-ଯୁଗେ ଯୁଗେ କବି, ଲେଖକ ଓ ଦାର୍ଶନିକମାନଙ୍କୁ ବ୍ୟସ୍ତ ବିବ୍ରତ କରି ଆସିଛି । ସେମାନେ ତାହା ବିରୁଦ୍ଧରେ ଲେଖନୀ ମାଧ୍ୟମରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି । 'ଶାସନ ଚକ୍ର' ହେଉଛି ଏଇଭଳି ଅବସ୍ଥାର ଏକ ପ୍ରତିକ୍ରିୟା । ଜୀବନ ବନ୍ଧୁ ଏଠାରେ କୌଣସି ବ୍ୟକ୍ତି ବିଶେଷ ନୁହନ୍ତି । ତାଙ୍କର ଅନ୍ତିମ କରୁଣ ଏବଂ ଅସହାୟ କାମନା-"ସ୍ୱପ୍ନଥିଲା ଯେ, ଏଇ ପ୍ରାଣ ପ୍ରତିମାଟି ମୋରି କୋଳରେ ଶେଷ ଶୟନ ଶୋଇଥାଆନ୍ତା, ଆଉ ସେ ଚାଲିଗଲା ପରେ ବିରହ -ବିନୋଦନ ପାଇଁ ମୁଁ ରଖିଯାଇଥାନ୍ତି କବିତାର ଏକ ତାଜମହଲ X X X ଯାକୁ ଏଠି ଏକା ଛାଡ଼ିଯାଉଛି । ବଡ଼ଦୁଃଖ, ବଡ଼ଦୁଃଖ-"ମାନବିକତାର ତୋରଣ ଦ୍ୱାରରେ ନିଷ୍ପୀଡ଼ିତ ଗୋଷ୍ଠୀର ଚିରକାଳୀନ ପ୍ରଶ୍ନ, ଯାହାକୁ ଶାସନ ବା ପ୍ରତିନିଧି କେହି କେବେ ଶୁଣନ୍ତି ନାହିଁ । ପ୍ରତିଭା ଲୁଣ୍ଠିତ ହୁଏ । ତୋଷାମୋଦକାରୀମାନେ କ୍ଷମତାର ବନ୍ଦନା ଗାନ କରି ଶିରୋପା ଲାଭ କରି ଅମର ହୋଇଯାଆନ୍ତି । 'ଶାସନ ଚକ୍ର' ରେ ଡ଼ଃ ମାନସିଂହ ଯେଉଁ ସମସ୍ୟାଟିକୁ ଉପସ୍ଥାପନ କରିଥିଲେ, ବର୍ତ୍ତମାନ ତାହା ଆହୁରି ଜଟିଳ ହୋଇଛି । ଏ ଧରଣର ରଚନାର ଏକ ଚିରକାଳୀନ ଆବେଦନ ଥାଏ ।

ବୁଦ୍ଧଦୂତୀ(୧୯୫୫) ଛଅଟି ଦୃଶ୍ୟର କାବ୍ୟ ନାଟିକା ଏବଂ ଗ୍ରନ୍ଥାବଳୀ(୧୯୬୪) ରେ ହିଁ ପ୍ରଥମଥର ପାଇଁ ପ୍ରକାଶିତ ହୋଇଛି । ପ୍ରଥମ ଦୃଶ୍ୟରେ କଳିଙ୍ଗ ଜେମା ହେମମାଳାଙ୍କର ବୁଦ୍ଧଦେବଙ୍କ ପ୍ରତି ଭକ୍ତି, ଦ୍ୱିତୀୟ ଦୃଶ୍ୟରେ ବ୍ରାହ୍ମଣ୍ୟଧର୍ମର ସମର୍ଥକମାନଙ୍କର ବୌଦ୍ଧମାନଙ୍କପ୍ରତି ଅତ୍ୟାଚାର, ତୃତୀୟ ଦୃଶ୍ୟରେ ହେମମାଳାଙ୍କ ଦ୍ୱାରା ବୁଦ୍ଧଦନ୍ତର ଉଦ୍ଧାର, ଚତୁର୍ଥ ଦୃଶ୍ୟରେ ବ୍ରାହ୍ମଣ ଓ ବୌଦ୍ଧମାନଙ୍କର ସଙ୍ଘର୍ଷ, ପଞ୍ଚମ ଦୃଶ୍ୟରେ ପବିତ୍ର ବୁଦ୍ଧଦନ୍ତ ନେଇ ହେମମାଳାଙ୍କର ରାଜ୍ୟତ୍ୟାଗ, ଷଷ୍ଠଦୃଶ୍ୟରେ ହେମମାଳାଙ୍କର ସିଂହଳ ପ୍ରବେଶ, ରାଜପରିବାର ହସ୍ତରେ ପବିତ୍ର ଦନ୍ତ ଅର୍ପଣ କରି ପ୍ରାଣତ୍ୟାଗ ପ୍ରଭୃତି ବର୍ଣ୍ଣନା କରାଯାଇଛି । 'ଜୀବନ ମଣି ମୋର ଯାଉଛି ଦେଇ' ପ୍ରଭୃତି କେତୋଟି ଗୀତ ବାରମ୍ବାର ପଢ଼ିବାକୁ ମନ ହୁଏ ।

ପୁଷ୍ପାଭିନୟ(୧୯୫୫) କେତୋଟି ଗୀତର ସମଷ୍ଟି ମାତ୍ର, ଯାହା କଳିକା, ରବିକର, ସୂତ୍ରଧ ର, ବାୟୁ, ପ୍ରଜାପତି, ଭ୍ରମର, ଫୁଲ, କୁମାରୀ ପ୍ରଭୃତି କେତୋଟି ଚରିତ୍ର ମୁହଁରେ ଦିଆଯାଇଛି । ଏହା ପୂର୍ବରୁ କୌଣସିଠାରେ ପ୍ରକାଶିତ ହୋଇଥିବାର ଜଣାଯାଏ ନାହିଁ । ଏହାକୁ ଏକ ଦୀର୍ଘ ରୋମାଣ୍ଟିକ୍ କବିତା ବୋଲି ମଧ ଗ୍ରହଣ କରି ନିଆଯାଇପାରେ । ରଚନାଟି ମୁଖ୍ୟତଃ କଳ୍ପନା ପ୍ରଧାନ ଏବଂ ବେଳେବେଳେ ଏଥିରେ କବିଙ୍କର ଜୀବନାନୁଭୂତି ମଧ

Digitized by srujanika@gmail.com

ସ୍ଥାନ ପାଇଛି । 'ବିରୂପରୁ ଦେଖ ରୂପ ଚହଟଇ ମାଟିରୁ ମାଣିକ ଉଠଇ ଫୁଟି' ସାର୍ଥକ ମୋର ଜୀବନ ସିନା କରି ବିତରଣ ରୂପ ବାସ -ମଧୁରିତ କରି ଏ ମହୀ ପ୍ରଭୃତି ବର୍ଣ୍ଣନା ରେ ଫୁଟି ଉଠିଛି ଏକ ଅନ୍ତର୍ଭେଦୀ ପ୍ରକୃତି ପ୍ରେମୀ କବି ଦୃଷ୍ଟି । ତେବେ ଏହାକୁ କାବ୍ୟ-ନାଟିକା ବୋଲି ପରିଚିତ କରାଇବାର କୌଣସି କାରଣ ଆମେ ଦେଖୁନାହୁଁ ।

(୨)

ପ୍ରଥମରୁ ଆମେ ଲେଖିଥିଲୁ ଯେ ଡ଼ଃ ମାନସିଂହ ହେଉଛନ୍ତି ଜଣେ କବି ଏବଂ ରୋମାଣ୍ଟିକ୍ କବି ରୂପରେ ହିଁ ଓଡ଼ିଆ ପାଠକମାନେ ତାଙ୍କୁ ଜାଣନ୍ତି । କାବ୍ୟ କବିତା ଚରନା କ୍ଷେତ୍ରରେ ସେ ଏକ ବିତର୍କିତ ବ୍ୟକ୍ତିତ୍ୱ ରୂପରେ ସମ୍ମାନ ଏବଂ ଅପମାନ ସମାନ ଭାବରେ ସଂଗ୍ରହ କରିଥିଲେ ହେଁ, ତାଙ୍କର ସମସ୍ତ କୃତିତ୍ୱ ଏଇ କବିତାକୁ ନେଇ । 'ଶିକ୍ଷାବିତ୍‌ର ଗାଥା' ଏବଂ 'ଓଡ଼ିଆ ସାହିତ୍ୟର ଇତିହାସ' ତଥା ଏହାର ଇଂରାଜୀ ରୂପ ତାଙ୍କର ଦୁଇ ଗଦ୍ୟ ରଚନା ଯାହା ପ୍ରକାଶ କାଳରେ କମ୍ ବିତର୍କର ଝଡ଼ ସୃଷ୍ଟି କରିନାହିଁ । ଏଥିରେ ଡ଼ଃ ମାନସିଂହଙ୍କର ନିଜସ୍ୱ ଦାୟିତ୍ୱ କେତେଥିଲା, ସେ ପ୍ରସଙ୍ଗ ଏଠାରେ ଅବାନ୍ତର । ତେବେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ନିଜ ଅନୁଭବକୁ ଋଜୁ ଏବଂ ନିଷ୍କପଟ ଭାଷାରେ ପ୍ରକାଶ କରି ହିଁ ସେ ନିଜପାଇଁ ଏଇଭଳି ଗୋଟିଏ ପରିସ୍ଥିତି ସୃଷ୍ଟି କରିଥିଲେ । ମଧ୍ୟବିତ୍ତସୁଲଭ ଛଳନା ପରାୟଣତା ମାଧ୍ୟମରେ 'ରାମାନନ୍ଦୀ ମତ' ପ୍ରକାଶ କରି କିମ୍ବା 'ଭାଷା ସୁନ୍ଦର, ପ୍ରଚ୍ଛଦପଟ ଆକର୍ଷଣୀୟ ଲେଖି ସେ ନିଜର କର୍ତ୍ତବ୍ୟ ସାଙ୍ଗ କରୁନଥିଲେ । ଅଥଚ ସଂସାରର ଯେତେ ସଫଳ ମଣିଷ, ଯୁଗେ ଯୁଗେ ତାହାହିଁ ତ କରିଆସିଛନ୍ତି ଏବଂ ଚମତ୍କାର 'ଭଦ୍ରଲୋକ' ଭାବରେ ନିଜର ଜୀବନ କଟାଇ ଦେଇଛନ୍ତି । ପରିଣାମରେ ସାହିତ୍ୟ କ୍ଷେତ୍ରରେ ସୃଷ୍ଟି ହୋଇଛି ରାଶି ରାଶି ଚର୍ବିତ ଚର୍ବଣ ଆବର୍ଜନା ଏବଂ ସତ୍ୟର ଅନୁସନ୍ଧାନରେ ଆମକୁ ବାରମ୍ବାର ଡ଼ଃ ମାନସିଂହଙ୍କ ପାଖକୁ ଧାଇଁବାକୁ ପଡ଼ିଛି । ମାନସିଂହଙ୍କୁ ତେଣୁ 'ଶଗଡ଼ ଗୁଳାର ସାହିତ୍ୟିକ' ବୋଲି ନ କହି ସ୍ୱତନ୍ତ୍ର କିଛି କହିବାକୁ ପଡୁଛି ।

ସାହିତ୍ୟର ପ୍ରତ୍ୟେକ ବିଭାଗରେ ମାନସିଂହ ଲେଖନୀ ଚାଳନା କରିଛନ୍ତି । ଉପନ୍ୟାସ 'ଅନ୍ୱେଷଣ' କଥା ହୁଏତ ଅନେକଙ୍କର ମନେଥାଇପାରେ । ତେବେ ସେ ଯେ ଗଳ୍ପ ଲେଖୁଥିଲେ ଏହା ଅନେକେ ଜାଣିନଥିବେ । 'ସହକାର' (୧୯୨୮ ଅକ୍ଟୋବର)ରେ ତାଙ୍କର ଗଳ୍ପ 'ତ୍ୟକ୍ତପୁରୀ' ପ୍ରକାଶିତ ହୋଇଥିଲା । ଏହାଛଡ଼ା ସେ ଆଉ କେତୋଟି ଗଳ୍ପ ମଧ୍ୟ ଲେଖିଥିବାର ଶୁଣାଯାଏ । ମାନସିଂହ ସାହିତ୍ୟର ଗବେଷକମାନେ ନିଶ୍ଚୟ ଏହାର ସନ୍ଧାନ ପାଇଥିବେ । ଭ୍ରମଣ କାହାଣୀ 'ପଶ୍ଚିମ ପଥିକ' (୧୯୪୭) ଓଡ଼ିଆ ଭ୍ରମଣକାହାଣୀ ସାହିତ୍ୟରେ ଏକ ସ୍ମରଣୀୟ ସଂଯୋଗ । ଏହାଛଡ଼ା ରହିଛି ତାଙ୍କର ନାଟକ-ଏକାଙ୍କିକା ସୃଷ୍ଟି । ନାଟକ, ଏକାଙ୍କିକା ଓ କାବ୍ୟନାଟିକା ମିଶାଇ ଡ଼ଃ ମାନସିଂହ ସର୍ବମୋଟ ବାରଟି ଦୃଶ୍ୟ କାବ୍ୟ ସୃଷ୍ଟି କରିଛନ୍ତି । 'କୋଣାର୍କର ଲାସ୍ୟଲୀଳା' (ସହକାର ୧୯୩୫ ଅଗଷ୍ଟ-ସେପ୍ଟେମ୍ବର) ନାମକ ତାଙ୍କର ରଚନାକୁ ମଧ୍ୟ କାବ୍ୟ-ନାଟିକା କୁହାଯାଇପାରେ । ତିନିଖଣ୍ଡି ପୂର୍ଣ୍ଣାଙ୍ଗ ନାଟକ,

Digitized by srujanika@gmail.com

ଗୋଟିଏ ଏକାଙ୍କିକା ଓ ବାକି କାବ୍ୟନାଟିକା ନାଟ୍ୟକାର ରୂପେ ପ୍ରତିଷ୍ଠା ଦେବା ପାଇଁ ପର୍ଯ୍ୟାପ୍ତ ବୋଲି ଆମର ମନେ ହୁଏ । ମାତ୍ର ସେ ଜଣେ ନାଟ୍ୟକାର ରୂପେ ଓଡ଼ିଆ ନାଟ୍ୟ ସାହିତ୍ୟରେ ନିଜ ପାଇଁ କୌଣସି ସ୍ଥାନ କରିନେଇ ପାରିନାହାନ୍ତି । ଯଦିଓ ଗୋଦାବରୀଶ ମିଶ୍ର ଦୁଇଖଣ୍ଡି ନାଟକ ଲେଖିଥିଲେ, ତଥାପି ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସ ରେ ତାଙ୍କର ଏକ ସୁନିର୍ଦ୍ଦିଷ୍ଟ ସ୍ଥାନ ରକ୍ଷିତ ହୋଇଛି, ଡ଼ଃ ମାନସିଂହଙ୍କ କ୍ଷେତ୍ରରେ ତାହା ହୋଇନାହିଁ । ଗୋଦାବରୀଶ ନିଜର ନାଟକ ଦୁଇଟିକୁ ପ୍ରକୃତ ନାଟକ ନ କହି ନାଟକାକାରରେ କାବ୍ୟ ବୋଲି ପରିଚିତ କରାଇଥିଲେ ଏବଂ ଏହା ତାଙ୍କର କବିସୁଲଭ ବିନୟ ନୁହେଁ, ଯଥାର୍ଥ ସତ୍ୟ । ମୁକୁନ୍ଦଦେବ ଏବଂ ପୁରୁଷୋତ୍ତମ ଦେବ ନାଟକ ତୁଳନାରେ ନଷ୍ଟନୀଡ଼, ବାରବାଟୀ ଏବଂ ବୁଦ୍ଧ-ନାଟକତ୍ରୟ ଯେ କୌଣସି ଗୁଣରେ କମ୍, ତାହା କହିହେବ ନାହିଁ । ନାଟ୍ୟତତ୍ତ୍ୱ ଦୃଷ୍ଟିରୁ ଏ ପାଞ୍ଚଟିଯାକ ନାଟକ ନିର୍ଦ୍ଦୋଷ ନୁହନ୍ତି । ତେବେ ମାନସିଂହଙ୍କର ନାଟକ ତିନୋଟିରେ ଦୁର୍ବଳତାର ପରିମାଣ ଅନେକ କମ୍ ବୋଲି କୁହାଯାଇପାରେ । ତଥାପି ମାନସିଂହ ନାଟ୍ୟକାର ରୂପେ ନିଜର ଏକ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରି ପାରି ନାହାନ୍ତି । ଏହାର କାରଣ ଅନୁମାନ କରିବା କଷ୍ଟକର ନୁହେଁ । ଗୋଦାବରୀଶ ଯେତେବେଳେ ନାଟକ ଲେଖିଥିଲେ, ସେତେବେଳେ ଓଡ଼ିଆ ନାଟକ କ୍ଷେତ୍ର ପ୍ରାୟ ଖାଲି ପଡ଼ିଥିଲା ବୋଲି କୁହାଯାଇପାରେ । ରାମଶଙ୍କରଙ୍କର ନାଟକ ରଚନା ଶକ୍ତି ପ୍ରାୟ ନିଃଶେଷିତ ହୋଇଥିଲା । ଜଗନ୍ମୋହନ ଆଉ ନାଟକ ଲେଖୁନଥିଲେ । ନିୟମିତ ନାଟ୍ୟକାର କହିଲେ କେବଳ ଭିକାରି ଚରଣଙ୍କୁ ହିଁ ବୁଝାଉଥିଲା । ଦକ୍ଷିଣର ନାଟ୍ୟକାର ରାଧାମୋହନ ରାଜେନ୍ଦ୍ର ଏପଟେ ଆଦୌ ଚର୍ଚ୍ଚିତ ହେଉନଥିଲେ । ଏହିଭଳି ସ୍ଥିତିରେ ଗୋଦାବରୀଶଙ୍କର ଦୁଇଖଣ୍ଡି ନାଟକ ଆଦରର ସହିତ ଗୃହୀତ ହୋଇଯାଇଥିଲା । ଅନ୍ୟ ପକ୍ଷରେ ଡ଼ଃ ମାନସିଂହ ଯେତେବେଳେ ନାଟକ ଲେଖିବାକୁ ଆରମ୍ଭ କରନ୍ତି, ସେତେବେଳେ ଓଡ଼ିଆନାଟକ କ୍ଷେତ୍ରରେ ସେ ଯୁଗର ଦୁଇ ପ୍ରତିଭାଧର ନାଟ୍ୟକାରଙ୍କର ଉଦୟ ହୋଇ ସାରିଥିଲା । ଅଶ୍ୱିନୀ କୁମାର ବଳଙ୍ଗା ଥିଏଟର, ବନମାଳୀ ଥିଏଟର ବାଟଦେଇ ଅନ୍ନପୂର୍ଣ୍ଣା ପାଖରେ ପହଞ୍ଚିବା ବେଳକୁ ରୀତିମତ ପ୍ରତିଷ୍ଠା ପାଇସାରିଥିଲେ । 'ନଷ୍ଟନୀଡ଼' ପ୍ରକାଶିତ ହେବା ବେଳକୁ ଯଦିଓ କାଳୀଚରଣଙ୍କର ସାମାଜିକ ନାଟକ ଲୋକଲୋଚନକୁ ଆସି ନଥିଲା, ତଥାପି, ସାକ୍ଷୀଗୋପାଳନାଟ୍ୟ ସଂଘ ମାଧ୍ୟମରେ ସେ ନାଟ୍ୟକାର ରୂପରେ ପ୍ରତିଷ୍ଠା ପାଇସାରିଥିଲେ । ପୁଣି ଅଶ୍ୱିନୀ କୁମାର ଓ କାଳୀଚରଣଙ୍କୁ ପ୍ରତିଷ୍ଠା ଦେବାରେ ସେ କାଳର ବ୍ୟବସାୟୀ ମଞ୍ଚଗୁଡ଼ିକ ସହାୟତା କରିଥିଲେ । ଭିକାରି ଚରଣ କୌଣସି ବ୍ୟବସାୟୀ ମଞ୍ଚ ସହିତ ସମ୍ପୃକ୍ତ ନ ଥିଲେ । ତେବେ ସେକାଳର ସୌଖୀନ୍ ଗୋଷ୍ଠୀ ନିୟମିତ ଭାବରେ ତାଙ୍କର ନାଟକଗୁଡ଼ିକ ମଞ୍ଚସ୍ଥ କରୁଥିଲେ । ଗୋଦାବରୀଶଙ୍କ ନାଟକ ଦୁଇଟି ମଧ୍ୟ ସେ ସମୟରେ ଅଭିନୀତ ହୋଇଥିବାର ଜଣାଯାଏ । ଡ଼ଃ ମାନସିଂହଙ୍କ ନାଟକ କ୍ଷେତ୍ରରେ ଏଭଳି କିଛି ହୋଇ ନାହିଁ । 'ନଷ୍ଟନୀଡ଼', 'ବାରବାଟୀ' ଓ 'ବୁଦ୍ଧ' ଏ ତିନୋଟି ନାଟକ ଯେ ଆଦୌ ମଞ୍ଚର ମୁହଁ ଦେଖି ନାହାନ୍ତି, ତାହା ନୁହେଁ । ଆଠଗଡ଼, ଆଠମଲ୍ଲିକ ରେ ପ୍ରଥମ ଦିଓଟି ନାଟକ

Digitized by srujanika@gmail.com

ଓ ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ଶେଷ ନାଟକଟି ଥରେ ଥରେ ସୌଖୀନ୍ ଅଭିନେତା ଗୋଷ୍ଠୀଦ୍ୱାରା ମଞ୍ଚସ୍ଥ ହୋଇଥିଲା । 'ନଷ୍ଟନୀଡ଼' ପ୍ରସାରିତ ହୋଇଥିଲା, କଟକ ବେତାର କେନ୍ଦ୍ରରୁ । ତେବେ କହିବା ବାହୁଲ୍ୟ ଯେ, ଏସବୁ ଅଭିନୟ ଥିଲା । ସାମ୍ପ୍ରତିକ ଗ୍ରୁପ୍ ଥିଏଟରର ନାଟକଭଳି ଗୋଟିଏ ରାତିର ନାଟକ ଏବଂ ବିଶେଷକରି କଟକ ଠାରୁ ଦୂରରେ ଅଭିନୀତ ହୋଇଥିବାରୁ ଏଠାରେ ସେ ବିଷୟରେ କୌଣସି ଚର୍ଚ୍ଚା ହୋଇନଥିଲା । ନିଜ ନାଟକର ପ୍ରଚାର ଏବଂ ପ୍ରସାର ପାଇଁ ନାଟ୍ୟକାର ମାନସିଂହ ଯେ କୌଣସି ପ୍ରକାର ଉଦ୍ୟମ କରିନଥିବେ, ଏ ବିଷୟ ତାଙ୍କୁ ଯେଉଁମାନେ ଜାଣନ୍ତି, ସେମାନେ ନିଶ୍ଚୟ ସ୍ୱୀକାର କରିବେ । ଲେଖକୀୟ ସ୍ୱାଭିମାନ ନେଇ ମାନସିଂହ ଏ ଦିଗରେ ନିଷ୍କ୍ରିୟ ରହିଥିବା ହିଁ ସ୍ୱତଃସିଦ୍ଧ । ତେଣୁ ନାଟ୍ୟକାର ରୂପରେ ଡ଼ଃ ମାନସିଂହ ଓଡ଼ିଶାରେ କୌଣସି ସ୍ୱୀକୃତି ପାଇନାହାନ୍ତି ।

ବର୍ତ୍ତମାନ ମାନସିଂହଙ୍କ ନାଟ୍ୟ ପ୍ରତିଭା ସମ୍ପର୍କରେ କୌଣସି ମନ୍ତବ୍ୟ ଦେବା ପୂର୍ବରୁ ପ୍ରଥମରୁ ସ୍ପଷ୍ଟ କରିଦେବା ଭଲ ଯେ, ଏ ଦିଗରେ ତାଙ୍କର କୌଣସି ସହଜାତ କଳାତ୍ମକ ଶକ୍ତି ନଥିଲା । ଏହାଦ୍ୱାରା ମାନସିଂହ ପ୍ରତିଭାର ଅବମୂଲ୍ୟାୟନ କରାଯାଉଛି ବୋଲି ଯଦି କେହି ମନେ କରନ୍ତି, ତେବେ ଆମେ ନିରୁପାୟ । ତାଙ୍କ ପୂର୍ବରୁ ଯେଉଁମାନେ ଓଡ଼ିଆରେ ନାଟକ ଲେଖିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଏହି ଶକ୍ତି ନଥିଲା । ଲେଖିବାକୁ ହେବ ବୋଲି ନାଟକ ଲେଖୁଥିବା ନାଟ୍ୟକାର ହିଁ ସେ ଯୁଗରେ ଥିଲେ ଅଧିକ । ତେବେ ସେମାନେ ଅଭିନୟସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖୁଥିଲେ । ମଞ୍ଚକୁ ଭଲ ରୂପେ ନଜାଣି ସଫଳ ନାଟକ ଲେଖିବା ଏକ ଅସମ୍ଭବ ବ୍ୟାପାର । ଅନ୍ୟ କେଉଁଠି ତାହା ସମ୍ଭବ ହୋଇଛି କିମ୍ବା ନାହିଁ, ତାହା ଆମେ ଜାଣିନାହୁଁ । ତେବେ ଓଡ଼ିଶାରେ ଯେଉଁମାନେ ନାଟ୍ୟକାର ରୂପେ ସଫଳତା ପାଇଛନ୍ତି, ହୁଏତ ସେମାନେ ଅଭିନେତା ବା ମଞ୍ଚ ସହିତ ସମ୍ପର୍କ ରଖୁଥିବା ବ୍ୟକ୍ତି । ମାନସିଂହ ଅଭିନେତା ଥିବାର ଜଣା ନାହିଁ । ମଞ୍ଚ ସମ୍ପର୍କ ବିଷୟରେ ସେ ୧୯୬୪ ମସିହାରେ ନିଜେ ଲେଖିଛନ୍ତି ''ରଙ୍ଗମଞ୍ଚ ବା ଅଭିନୟକାରୀ ମାନଙ୍କସହିତ ମୋର ଘନିଷ୍ଠତା କେବେ ନଥିଲା ବା ନାହିଁ । ନାଟକର ଗଳ୍ପ ଓ ନାଟକର ପରିବେଷଣ ରୀତି ସମସ୍ତ ହିଁ ମନେମନେ ଭାବି ଭାବି ଯାହା ଠିକ୍ ବୋଧ କଲି ତାହା କରିଚାଲିଥିଲି ।'' ଏ ବାଟଟି କିନ୍ତୁ ଠିକ୍ ନୁହେଁ । ନାଟକର ଯଥାର୍ଥ ଗୁଣାଗୁଣର ପରୀକ୍ଷା ହୁଏ ମଞ୍ଚରେ । ସେଇଠି ଏହାର ଦୋଷତ୍ରୁଟି ସହଜରେ ଧରା ପଡ଼ିଯାଏ । ଜଣେ ଅଭିଜ୍ଞ ନିର୍ଦ୍ଦେଶକ କିମ୍ବା ଅଭିନେତା ଏହାକୁ ସହଜରେ ଧରିପାରନ୍ତି । କହିବା ବାହୁଲ୍ୟ ଯେ ମାନସିଂହଙ୍କର ନାଟକଗୁଡ଼ିକ ଏହି ସୁଯୋଗ ପାଇ ନାହାନ୍ତି । ଡ଼ଃ କାଳୀଚରଣ 'ବୁଦ୍ଧ' ନାଟକକୁ ପରିମାର୍ଜିତ କରିଥିବାର ସୂଚିତ ହୋଇଛି । ଆମର ଅନୁମାନ ସେ ତହିଁରେ ଯେତିକି ଯୋଗ ବିଯୋଗ କରିଛନ୍ତି (ତାହାର ସ୍ୱାକ୍ଷର ସୁଦ୍ଧା ନାଟକରୁ ସ୍ପଷ୍ଟ ବାରି ହୋଇ ଦିଶୁଛି), ତାହା ଏହାକୁ ଏକ ମଞ୍ଚସଫଳନାଟକର ଗୌରବ ଦେଇଛି । ତେବେ ଏଥିରେ ମଧ୍ୟ ନିଶ୍ଚୟ ସେ ନିଜର ସୀମା ସମ୍ପର୍କରେ ସଚେତନ ରହି ଏ କାର୍ଯ୍ୟଟିକୁ କରିଥିବେ ।

Digitized by srujanika@gmail.com

ଏଇଠି ସଫଳନାଟ୍ୟକାର ପାଇଁ କ'ଣ କ'ଣ ଅପରିହାର୍ଯ୍ୟ ସେ ସମ୍ପର୍କରେ ଦୁଇଚାରି କଥା କହିଲେ ବୋଧ ହୁଏ, ଅପ୍ରାସଙ୍ଗିକ ହେବ ନାହିଁ । ପ୍ରଥମ କଥା ହେଉଛି, ନାଟ୍ୟକାର ସବୁବେଳେ କାଳିଦାସଙ୍କର ସେଇ ପ୍ରସିଦ୍ଧ ଉକ୍ତି ସମ୍ପର୍କରେ ସଚେତନ ରହିବା ଆବଶ୍ୟକ । ନାଟକର ଦର୍ଶକ ଯେ ହେତୁ ଭିନ୍ନ ରୁଚିର, ତେଣୁ ସବୁ ଶ୍ରେଣୀର ଦର୍ଶକଙ୍କୁ ସନ୍ତୁଷ୍ଟ କଲାଭଳି ବିଭିନ୍ନ ଉପାଦାନ ନାଟକ ରେ ସଂଗ୍ରହ କରିବାକୁ ହୁଏ । ବିଶେଷତଃ, ନବରସ ମଧ୍ୟରୁ ଅନ୍ତତଃ ତିନି/ଚାରିଟି ରସର ପ୍ରୟୋଗ ସଫଳ ଭାବରେ କରିବାକୁ ପଡ଼େ । ଶୃଙ୍ଗାର, ହାସ୍ୟ, କରୁଣ ଏବଂ ବୀର ଏଇସବୁ ରସ ସହଜରେ ଦର୍ଶକମାନଙ୍କୁ ପ୍ରଭାବିତ କରିଥାଏ । ଏହାର ଆନୁପାତିକ ପ୍ରୟୋଗ ନାଟକକୁ ରସୋତ୍ତୀର୍ଣ୍ଣ କରିଥାଏ । କଳାକ୍ଷେତ୍ରରେ ଏଇ ଆନୁପାତିକ ଜ୍ଞାନ ହିଁ ହେଉଛି ପ୍ରତିଭାର ମାପକାଠି । ଏହାର ଅଭାବ ସୃଷ୍ଟିକୁ ଶୁଷ୍କ ତଥା ନୀରସ କରିଦିଏ । ମାନସିଂହଙ୍କ ନାଟକରେ ଶୃଙ୍ଗାର, ବୀର, କରୁଣ ରସର ବିନ୍ୟାସ ଦେଖିବାକୁ ମିଳେ । ତେବେ ଏ ସବୁର ପ୍ରଭାବଶାଳିତା ବିଷୟରେ ପ୍ରଶ୍ନ ଉଠାଯାଇପାରେ । ବିଶେଷ କରି ଶୃଙ୍ଗାର ରସର ପ୍ରୟୋଗ ସମ୍ପର୍କରେ ମାନସିଂହ କାବ୍ୟରେ ଯେତେ ସ୍ୱଚ୍ଛନ୍ଦ ନାଟକରେ ସେତେଟା ନୁହନ୍ତି । ପ୍ରେମ ପ୍ରଣୟର ବର୍ଣ୍ଣନାରେ ତରଳତା କଥା କୁହା ନଯାଇ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ଏଥିପାଇଁ ସବୁ ଦୃଶ୍ୟ ନାଟକରେ ଆୟୋଜନ କରାଯାଇଛି, ସେ ସବୁ ସେମିତି ଶିହରଣ ସୃଷ୍ଟି କରିପାରେ ନାହିଁ । କରୁଣ ରସର ସୃଷ୍ଟି ସମ୍ପର୍କରେ ମଧ୍ୟ ସେଇ କଥା କୁହାଯାଇପାରେ । ହାସ୍ୟରସକୁ ମାନସିଂହ ନାଟକପାଇଁ ସେତେ ପ୍ରୟୋଜନ ମନେକରି ନାହାନ୍ତି, ଯଦିଓ ନାଟକର ସଫଳତାରେ ଏହାର ବିଶେଷ ଭୂମିକା କଥା ସର୍ବଜନ ସ୍ୱୀକୃତ । ବିଶେଷ କରି ମାନସିଂହ ଯେଉଁ ଧରଣର ନାଟକ ଲେଖିଛନ୍ତି, ସେଥିପାଇଁ ତ ଏହାର ପ୍ରୟୋଗ ଅପରିହାର୍ଯ୍ୟ ଥିଲା । ମାନସିଂହ ସେ ବିଷୟରେ ଚିନ୍ତା କରିନାହାନ୍ତି । 'ବୁଦ୍ଧ' ନାଟକରେ ଏହାର ଯେଉଁ ସାମାନ୍ୟ ବ୍ୟବସ୍ଥା କରାଯାଇଛି, ଅନୁମାନ କରାଯାଇପାରେ ଯେ, ଏହା ପରବର୍ତ୍ତୀ ସଂଯୋଗ । ମୋଟ ଉପରେ ତେଣୁ କୁହାଯାଇ ପାରେ ଯେ, ମାନସିଂହ ନାଟକରେ ରସର ଆନୁପାତିକ ପ୍ରୟୋଗର ବ୍ୟବସ୍ଥା କରାଯାଇପାରି ନାହିଁ ।

ଦର୍ଶକ ଯେଉଁ ଶ୍ରେଣୀର ହୁଅନ୍ତୁ ନା କାହିଁକି ସମସ୍ତେ ନାଟକରୁ ଚାହାନ୍ତି ଏକ ବଳିଷ୍ଠ କାହାଣୀ । ମାନସିଂହଙ୍କ ନାଟକରେ କାହାଣୀର ବଳିଷ୍ଠତା ଦିଗରେ ବିଶେଷ ଦୃଷ୍ଟି ଦିଆଯାଇଥିବାର ଜଣଯାଏ ନାହିଁ । 'ନଷ୍ଟନୀଡ଼' ନାଟକରେ ଏକ ତ୍ରିକୋଣ-ପ୍ରେମର କାହାଣୀ ଗ୍ରହଣ କରି ନିଆଯାଇଛି । ତେବେ ଏହାକୁ ଦ୍ୱନ୍ଦ୍ୱ ମୁଖର ଏବଂ ଉତ୍କଣ୍ଠାପୂର୍ଣ୍ଣ କରିବା ନିମନ୍ତେ ଯେଉଁ କଳାତ୍ମକ କୌଶଳ ପ୍ରୟୋଗ କରାଯିବାର କଥା , ତାହା ହୋଇ ପାରି ନାହିଁ । ସିଧା ସଳଖ କାହାଣୀଟିକୁ ପରିବେଷଣ କରି ଦିଆଯାଇଛି ମାତ୍ର । ଏଥିରେ କୌଣସି ମୋଡ଼ ସୃଷ୍ଟି କରି, ଏହାକୁ ପ୍ରଭାବଶାଳୀ କରିବା ନିମନ୍ତେ କୌଣସି ଉଦ୍ୟମ କରାଯାଇନାହିଁ । ଅନ୍ୟ ଦୁଇଟି ନାଟକରେ କାହାଣୀର ରୂପ ମଧ୍ୟ ପାଖାପାଖି ସେଇଆ । ତେଣୁ କାହାଣୀର ପ୍ରଭାବଶାଳୀ ରୂପ ଫୁଟି ଉଠି ନାହିଁ । ଘଟଣାର ସମନ୍ୱୟରେ କାହାଣୀ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଘଟଣାରେ ନାଟକୀୟତା ଯେତେ ସ୍ଥାନ ପାଇବ, କାହାଣୀ ସେତେ ବଳିଷ୍ଠ ହେବ । ମାନସିଂହ

Digitized by srujanika@gmail.com

ନାଟକରେ ଘଟଣା ତ ଅଛି, ମାତ୍ର ସେ ସବୁ କେତେଦୂର ନାଟକୀୟ ତାହା କୁହାଯାଇ ପାରିବ ନାହିଁ । ସେହିଭଳି ମାନସିଂହ ନାଟକର ଭାଷା । ପାଟିର କଥାକୁ ଚରିତ୍ରର ମୁହଁରେ ଦେଇଦେଲେ, ତାହା ଉନ୍ନତ ସଂଳାପ ହୁଏ ନାହିଁ । ନାଟକର ଭାଷା ହେଉଛି ଶିଳ୍ପର ଭାଷା । ତେଣୁ ତାହାକୁ ଶିଳ୍ପୋଚିତ ମର୍ଯ୍ୟାଦାରେ ରସାଣିତ କରିବାକୁ ହୁଏ । ଅନୁଭୂତିର ଦୁର୍ଲଭ ମଣିମୁକ୍ତାକୁ ସୁନିର୍ବାଚିତ ଶବ୍ଦସୂତ୍ର ସାହାଯ୍ୟରେ ଗ୍ରଥିତ କରିବାକୁ ହୁଏ । ଚିନ୍ତାକୁ ଶୃଙ୍ଖଳିତ ଓ ସଂଯତ ଭାଷାରେ ବାହାରକୁ ଆଣିବାକୁ ହୁଏ । ଏଥିରୁ ଅନାବଶ୍ୟକ ଉଚ୍ଛ୍ୱାସକୁ ବାଦ ଦେବାକୁ ହୁଏ । ବିଶେଷ କରି ବର୍ଣ୍ଣନା ଧର୍ମିତାକୁ ଯତ୍ନର ସହିତ ଦୂରେଇ ରଖିବାକୁ ହୁଏ । ମାନସିଂହ ନିଜର ଚରିତ୍ର ପାଇଁ ପାତ୍ରୋପଯୋଗୀ ଭାଷାର ବ୍ୟବହାର କରିନାହାନ୍ତି, ଏହା କୁହାନଯାଇ କୁହାଯାଇପାରେ ଯେ, ପାଟିର ଭାଷା ଯେଉଁ ଉପାୟରେ ନାଟକର ସଂଳାପରେ ପରିଣତ ହୁଏ, ଯାହା ଥରେ ଶୁଣିଲେ ଦର୍ଶକର ଶରୀରରେ ରୋମାଞ୍ଚ ସୃଷ୍ଟି ହୁଏ ବା ଚିନ୍ତାର ଜଗତରେ ଆଲୋଡ଼ନ ସୃଷ୍ଟି ହୁଏ ଏବଂ ଯାହାକୁ ବାରମ୍ବାର ଶୁଣିବାକୁ ମନ ହୁଏ, ମାନସିଂହ ସେଭଳି ସଂଳାପର ବ୍ୟବସ୍ଥା କରିପାରିନାହାନ୍ତି । ମାନସିଂହ ନାଟକ ବହୁ ଚରିତ୍ରର ଚିତ୍ରଶାଳା ସତ୍ୟ, ମାତ୍ର ସେଗୁଡ଼ିକ ବିଚିତ୍ର ଏବଂ ବର୍ଣ୍ଣାଢ଼୍ୟ କିମ୍ବା ନୁହେଁ । ସେ ବିଷୟରେ ଆହୁରି ଚିନ୍ତା କରିବାକୁ ପଡ଼ିବ । ସେମାନେ ଆସନ୍ତି ଏବଂ ଯାଆନ୍ତି, ତେବେ ସେମାନଙ୍କ ଦ୍ୱାରା ଦର୍ଶକ ହୃଦୟରେ କୌଣସି ସ୍ଥାୟୀ ପ୍ରତିକ୍ରିୟା ସୃଷ୍ଟି ହେବା ବିଷୟରେ ସନ୍ଦେହ ରହୁଛି । ସବୁଠାରୁ ବଡ଼କଥା, ମାନସିଂହ ଙ୍କ ନାଟକାବଳୀ 'ଅତି-ଚରିତ୍ର' ସୃଷ୍ଟି ଦୋଷରେ ସଂକୁଚିତ । ନାଟକର ସୀମିତ ପରିବେଶରେ ଏତେ ଏତେ ଚରିତ୍ର ପ୍ରତି ସୁବିଚାର କରିବା, ଏକ ଅତି ଅସାଧ ବ୍ୟାପାର ତାଙ୍କର ନାଟକରେ ମଧ ତାହା ହିଁ ହୋଇଛି । ଅଧଘଣ୍ଟାର ଏକାଙ୍କ-ନାଟକ ପାଇଁ ତେଇଶ/ଚବିଶଟି ଚରିତ୍ର ବ୍ୟବହାର କରାଯାଇଛି ।

ମାନସିଂହଙ୍କ କାବ୍ୟ ନାଟିକାଗୁଡ଼ିକ ଯେହେତୁ ପାଠ୍ୟନାଟକ (Closet-Drama) ତେଣୁ ସେ ସମ୍ପର୍କରେ ଏଠାରେ ବିଶେଷ ଆଲୋଚନା କରାଯାଉ ନାହିଁ । ଏଥିଭିତରୁ କେତୋଟି ପଢ଼ିବାକୁ ବେଶ୍ ଭଲ ଲାଗେ । ଏସବୁଥିରେ କବି ପ୍ରାଣର ଉଚ୍ଛ୍ୱାସ ଅଛି, କଳ୍ପନା ବିଳାସର ଚମତ୍କାରିତା ଅଛି, ଶବ୍ଦଚୟନର ବୈଚିତ୍ର୍ୟ ଅଛି ଏବଂକେତେକ କ୍ଷେତ୍ରରେ ଅନୁଭୂତିର ଗଭୀରତା ମଧ ପ୍ରକାଶ ପାଇଛି । ମାନସିଂହ ଜଣେ ନାଟ୍ୟକାର ନଥିଲେ । ପ୍ରତିଯୋଗିତାରେ ଭାଗ ନେବା ପାଇଁ ସେ ନିଜର ପ୍ରଥମ ନାଟକ ଲେଖନ୍ତି ଏବଂ ସେଇଠି ରହି ନଯାଇ ପରପର ଆଉ କେତେଖଣ୍ଡି ନାଟକ ମଧ ତାଙ୍କ ଲେଖନୀରୁ ବାହାରି ଆସେ । ତେବେ ମଞ୍ଚ ସହିତ କୌଣସି ସୂତ୍ରରେ ସମ୍ପୃକ୍ତ ହୋଇ ନଥବାରୁ ସେ ସବୁ ନାଟକ ଯଥାର୍ଥରେ ନାଟକ ରୂପରେ ପ୍ରତିଷ୍ଠା ଲାଭ କରିପାରେ ନାହିଁ । ଅନ୍ତତଃ, ଏସବୁ ଏଠାରେ ମଞ୍ଚସ୍ଥ ଏବଂ ଆଲୋଚିତ ହୋଇଥିଲେ, ମାର୍ଜିତ ହୋଇ ପାରିଥାଆନ୍ତା । ସ୍ୱାଭିମାନୀ କବି ଏ ଦିଗଟି ପ୍ରତି ଆଦୌ ଦୃଷ୍ଟି ଦେଇ ନାହାନ୍ତି । ତେବେ ଯେତିକି ଯାହା ସେ ଲେଖିଛନ୍ତି, ତହିଁରେ ତାଙ୍କର ନାଟକର ଇତିହାସରେ ସ୍ଥାନ ନପାଇଲା ଭଳି କିଛି ନାହିଁ ।

Digitized by srujanika@gmail.com

ମାନସିଂହଙ୍କ କବିତାରେ ଆଧ୍ୟାତ୍ମିକ ଚେତନା

ଡକ୍ଟର ସୌଦାମିନୀ ନନ୍ଦ

କବିଟିଏ, ଆଖିରେ ତା'ର 'ପୂଜାର ସ୍ୱପ୍ନ' ପ୍ରାଣରେ ତା'ର 'ପ୍ରୀତିର ମାୟା'; ସେ ଆଉ କେଉଁ କଥା କୁହନ୍ତା ? ତାର ସ୍ୱପ୍ନ ସୁନ୍ଦରର, ପୂଜା ପ୍ରେମକୁ ଧ୍ୟାନ, ଧରଣା, ଯୋଗ, ତାର ଜୀବନ ଓ ଜଗତର ସଂପର୍କକୁ, ଲକ୍ଷ୍ୟ ସେମାନଙ୍କର ଅନ୍ତର୍ନିହିତ ସଂଯୋଗର ରସାସ୍ୱାଦକୁ । କବିର ଆଧ୍ୟାତ୍ମିକତା 'ସୁନ୍ଦର' ଓ 'ପ୍ରେମ'ର ଭାଗବତ ଐଶ୍ୱର୍ଯ୍ୟ ପ୍ରକାଶ ପ୍ରତି ଉନ୍ମୁଖ । କବି ସ୍ୱାଭାବିକ ଭାବେ ସୁନ୍ଦରର ପୂଜାରୀ, ରସର ମଧୁକର । ସେ ଜଗତ ଓ ଜୀବନକୁ ବିଯୁକ୍ତ ଦେଖୁଥିବା ଯୋଗୀ ନୁହେ, ବାସ୍ତବତାକୁ ଆନ୍ତରୀଣ କରିଦେଉଥିବା ତାତ୍ତ୍ୱିକ ନୁହେ । ଦର୍ଶନ, ତତ୍ତ୍ୱଜ୍ଞାନ, ଧାର୍ମିକ ଭାବବୃତ୍ତିପ୍ରବଣତା ତା' ବ୍ୟକ୍ତିତ୍ୱର ଅଂଗ ହୋଇପାରେ, ନ ପାରେ । ଚିତ୍ତ କିନ୍ତୁ ତାର ରୂପ ଓ ରସର ଭକ୍ତ । ସୃଷ୍ଟିର ରସ ସୌନ୍ଦର୍ଯ୍ୟ ଉପଭୋଗର ସାମର୍ଥ୍ୟ କେବଳ ନୁହେ, ତାର ସାଧନ ମଧ୍ୟ କବିକର୍ମର ଆୟତ୍ତ । କାବ୍ୟସାଧନାରେ 'ବ୍ରହ୍ମାନନ୍ଦ ସହୋଦର'ଙ୍କ ଠାରୁ 'ରସୋ ବୈ ସଃ'କୁ ଯିବାର ମାର୍ଗ ଖୋଜିବାହିଁ ତାର ଆଧ୍ୟାତ୍ମିକ-ସାଧନା । ନବରସର ବିଖଣ୍ଡିତ ଧାର ଭିତରେ ସିକ୍ତ ହେବା ପାଇଁ ଲୋଡୁଥିବା ଯାଏ କବି ଆତ୍ମତୁଷ୍ଟିର କବିତା ଲେଖୁଥାଏ । ନବରସର ଏକରସରୂପ ସଘନ ବିନ୍ଦୁଟିରେ ସମାହିତ ହୋଇଗଲେ ସେ କବି ଅଧ୍ୟାତ୍ମ-ଗାନ କରେ । ଏ ଅବକାଶରେ ଶୃଂଗାରହାସ୍ୟକରୁଣାଦି ଲୁପ୍ତ ହୁଅନ୍ତି ନାହିଁ, ଗୁପ୍ତ ହୁଅନ୍ତି ନାହିଁ; ବରଂ ଫେନାୟିତ ମଦ୍ୟଧାରାରୁ ଅମୃତ-ନିଷ୍ୟନ୍ଦୀରେ ରୂପାନ୍ତରିତ ହୋଇଯାନ୍ତି । ସହଜାତ ଚିତ୍ତବୃତ୍ତିର ଉଦ୍‌ଗମନ (sublimation) କାବ୍ୟ-ଆଧ୍ୟାତ୍ମିକତାର ଏକମାତ୍ର ଲକ୍ଷ୍ୟ ଓ ସାଧନା ରୂପେ ତାର ଅବଲଂବନ, ପ୍ରେମ ତାର ଆଧାର, ଜୀବନ ତାର ଉପାୟ, ଆସନ ହୃଦୟ ଏବଂ ଧ୍ୟାନ ଚରାଚର । ଏ ସାଧନାରେ ଶାସ୍ତ୍ର ଗ୍ରନ୍ଥ କି ପାଦ୍ରୀ ପୁରୋହିତ କି ମନ୍ଦିର ମସ୍‌ଜିଦ୍ ପାର୍ଶ୍ୱସ୍ଥ ହୋଇଯାନ୍ତି । ମୁହାଁ ମୁହିଁ କବିଆତ୍ମା ଓ ବିଶ୍ୱଆତ୍ମା, ବିନ୍ଦୁ ଓ ସିନ୍ଧୁ, ଶିଶିର କଣା ଓ ଆକାଶ ।

ପ୍ରୀତିର ମାୟାଞ୍ଜନ ବୋଳା ମୁଗ୍ଧ କବିଦୃଷ୍ଟିକୁ ପହଁରି ଆସିଛି ପୂଜାର ସ୍ୱପ୍ନ । ମାନସିଂହ କାବ୍ୟଦର୍ଶନର ମୂଳ ପ୍ରେରଣାରୁ ଏଇ ପୂଜାକୁ ବାଦଦେଇହେବ ନାହିଁ ଏବଂ ସବୁ ପୂଜାର ମର୍ମସ୍ପନ୍ଦନ ତ ଆତ୍ମନିବେଦନ, ନିଜଠାରୁ ପ୍ରିୟତର, ସୁନ୍ଦର ଓ ମହତ୍ତର କିଛିକୁ । ଆଧ୍ୟାତ୍ମିକତାର ମୂଳଭୂତ ପ୍ରାଣସ୍ପନ୍ଦନରୁ ଉଚ୍ଚାରିତ ସେ ପୂଜାର ସ୍ୱପ୍ନ, ହୁଏତ ପ୍ରୀତିର ଅସୁମାରୀ ମାୟାବରଣରେ ଅବଗୁଣ୍ଠିତ ତାର ରୂପ, କେତେବେଳେ ପ୍ରକୃତିକୁ, କେତେବେଳେ ମଣିଷକୁ, କେତେବେଳେ ବା ଅଦୃଶ୍ୟ ଈଶ୍ୱରଙ୍କୁ । ଦେହ-ପ୍ରାଣ-ମନର ସ୍ତରରେ ସେ ପ୍ରେମ କେବେ ଭୂମିସ୍ଥିତ, କେବେବା ଅପାର୍ଥିବ ଆକାଶକୁ ତାର ପହଁରିବାର ସ୍ୱପ୍ନ । ଏ ଆଦେଶ

Digitized by srujanika@gmail.com

ସଚରାଚର କବିସୁଲଭ ବିଶୁଦ୍ଧ ରୋମାଣ୍ଟିସିଜମ ବୋଲି ଧରିନିଆଯାଏ । ମାତ୍ର ଆଧ୍ୟାତ୍ମିକ ଓ ସୃଷ୍ଟିର ଚରମ ରୋମାନ୍ସ. ଜୀବ ଓ ପରମଙ୍କ ନିତ୍ୟ ରୋମାନ୍ସର ଲୀଳା ଖେଳା ଏ ସୃଷ୍ଟି ବୋଲି ଆଧ୍ୟାତ୍ମବାଦୀଙ୍କ ବିଚାର । ବାଉଲ କବିର ସେ ଗାନଟି ବିଶୁଦ୍ଧ ରୋମାଣ୍ଟିକ ଭାବଟିଏତ-

> ''ହୃଦୟ କମଲ ଚଲତେଛେ ଫୁଟିକଢ଼ ଯୁଗ ଧରି,
> ତାତେ ତୁମି ଓ ବାଁଧା, ଆମି ଓ ବାଁଧା, ଉପାୟ କୀ କରି ?''

କବି ମାନସିଂହଙ୍କ ସ୍ୱପ୍ନର ଆଖିକୁ ରଂଗାୟିତ କରିଥିବା ଆକର୍ଷଣଟି ଆଦ୍ୟନ୍ତ ରୂପର, ଏ ରୂପସୌନ୍ଦର୍ଯ୍ୟର ଆଧାର ପ୍ରକୃତି ଓ ନାରୀ । ରୂପରେ ଲୁବ୍ଧ ହେବା, ମୁଗ୍ଧ ହେବାର ସାଧାରଣ ମାନବୀୟ ହୃଦୟବୃତ୍ତିରୁ ବେଳେ ବେଳେ ପୁଣି ଏ ସବୁର ଊର୍ଦ୍ଧ୍ୱରେ ଅରୂପର ଐଶ୍ୱର୍ଯ୍ୟ ଭାବନାରେ ସ୍ତବ୍ଧ ହେବାର ଅବକାଶରେ ସେ କେତେବେଳେ ପୂଜାରୀ ତ, କେତେବେଳେ ପ୍ରେମିକ, କେତେବେଳେ ପୁଣି ଦାର୍ଶନିକ । ତାଙ୍କର ଏ ଦେଖାର ସ୍ତରମାନ କିନ୍ତୁ ପୂରା ବିଚ୍ଛିନ୍ନ କେତେବେଳେ ବି ନୁହନ୍ତି । କୈଶୋରର ଭାବ ଉଦ୍‌ବେଳ ଆଖିରେ ଜ୍ୟୋତ୍ସ୍ନା ଚର୍ଚ୍ଚିତା କୋଣାର୍କର ବିଧୁରା ଶାଳଭଂଜିକା, ସତ୍ୟବାଦୀର ନକ୍ଷତ୍ରାଭିସାରୀ ଛୁରିଅନାକୁଂଜ, ବିହ୍ୱଳ ତାରୁଣ୍ୟର ହୃଦୟରେ ଚନ୍ଦ୍ରିକା-ଚପଳ ମହାନଦୀ ବାରି ତାଂକୁ ରୂପର ଆକର୍ଷଣ ମାଦକତାକୁ ବୁଝାଇ ଦେଇଛି, ପୁଣି ନିଃସର୍ଗ ମାଧୁରୀ ଭିତରେ ଶାଶ୍ୱତ ସୁଷମାଲୋକର ମହା ଆବେଶକୁ ପ୍ରାଣରେ ଜାଗରିତ କରିଦେଇଛି । ଗୋଟିଏ କଥାରେ ମାନସିଂହଙ୍କ କାବ୍ୟଚେତନାରେ ଆଧ୍ୟାତ୍ମିକତାର ରୂପ ହେଉଛି 'ସୌନ୍ଦର୍ଯ୍ୟାଶ୍ରୟୀ ପ୍ରେମର କ୍ରମ ଉତ୍ତରଣତା । ''ଜୀବନରେ ଯାହା ସୁନ୍ଦର, ଯାହା ସତ୍ୟ, ମୁଁ କେବଳ ତାହାର ଉପାସକ ଓ ଭକ୍ତ ।''(ଡ଼ଗର ୧୪ ବର୍ଷ/୧ମ ସଂଖ୍ୟା) କବିଙ୍କର ଏହି ଜୀବନାଦର୍ଶ ତାଙ୍କର ସମଗ୍ର କାବ୍ୟାନୁଭୂତିର ଉଦ୍‌ବୋଧନ । ସତ୍ୟକୁ ସୌନ୍ଦର୍ଯ୍ୟ ସହ ଏକକରି ଉପଲବ୍‌ଧି କରିବା ତାଙ୍କର କାବ୍ୟସାଧନା ଏବଂ ସେ ସତ୍ୟ ସୌନ୍ଦର୍ଯ୍ୟ ର ମିଳିତ ରୂପକୁ ପ୍ରେମରେ ସିଦ୍ଧ ଦେଖିବା ତାଙ୍କ ସମଗ୍ର ଜୀବନସାଧନା । ମାନସିଂହ ଏକ ମୁଗ୍‌ଧ କବି ବିହ୍ୱଳ କବି; ରୂପ-ମୁଗ୍‌ଧ ଓ ପ୍ରଣୟ ବିହ୍ୱଳ । ଏ ଉଭୟମାର୍ଗରେ ତାଙ୍କର କେବଳ କଳାଗତ ରସୋତ୍ତୀର୍ଣ୍ଣତା ଯେ କେବଳ ଉପଲବ୍‌ଧ ହୋଇଛି ତାହା ନୁହେ, ତାଙ୍କ ବ୍ୟକ୍ତିସତ୍ତାର ଆଧ୍ୟାତ୍ମ-ଉତ୍ତରଣର ମାର୍ଗପଥ ମଧ୍ୟ ଉନ୍ମୋଚିତ ହୋଇଯାଇଛି । ରୂପ ଓ ପ୍ରେମପ୍ରତି ମାନସିଂହ କାବ୍ୟସ୍ୱରଟି ପ୍ରାରମ୍ଭରୁ ଆବେଗ ଉଚ୍ଛ୍ୱସିତ ଓ କ୍ରମଶଃ ଗଭୀର ଧ୍ୟାନମୟତାକୁ ଅନ୍ତଃସୃତ । ତାରୁଣ୍ୟର ଉନ୍ମତ୍ତ ରୂପାଶକ୍ତି ଓ ପ୍ରଗଲ୍‌ଭ ବ୍ୟକ୍ତିପ୍ରଣୟ କ୍ରମଶଃ ପ୍ରେମର ବିଦେହ ବ୍ୟାପ୍ତିକୁ ସନ୍ଧାନ କରିଛି । କବି ଚିତ୍ତ ଅନେକ ଭାବ ସଙ୍ଘାତ ଓ ଚିତ୍ତ ବିକ୍ଷେପ ଭୋଗ ପରେ ଶାଶ୍ୱତ ପ୍ରେମର ସ୍ଥିରଲୋକ ଉଦ୍ଦେଶ୍ୟରେ ଶାନ୍ତ-ସମାହିତ ହୋଇଯାଇଛି । ଯଥାର୍ଥରେ,''ଏକ ଅନ୍ୱେଷଣଶୀଳ, ପରମ୍ପରା ଅଭିଜ୍ଞତା ଦେଇ ସଦା ପରିବର୍ତ୍ତିତ ଓ କ୍ରମ ପ୍ରସାରିତ ବିବର୍ଦ୍ଧିତ ମାନବାତ୍ମାର ପ୍ରଲମ୍ବିତ ଆର୍ଟ ଗ୍ୟାଲେରୀ'' ମାନସିଂହ କାବ୍ୟ ସୃଷ୍ଟି । (ଦାଶରଥି ଦାସ : 'ନିସର୍ଗର ଉଦ୍‌ଗାତା ମାନସିଂହ')

Digitized by srujanika@gmail.com

ସ୍ଥୂଳତଃ ମାନସିଂହଙ୍କ କାବ୍ୟୋଚ୍ଚାରଣ ତାଙ୍କ ଅନ୍ତର୍ସତ୍ତାର ବିକାଶଧାରାର ଅଭିବ୍ୟକ୍ତି । ପ୍ରତ୍ୟେକଟି ସ୍ତରର ଉନ୍ମୁକ୍ତ ଚିତ୍ରପଟରେ ତାଙ୍କ ଚେତନାର କ୍ରମ ଉତ୍‌ଥାନ, ସଂଶୟ ଓ ବିଶ୍ୱାସର ଦ୍ୱନ୍ଦ୍ୱ, ଅନ୍ଧାର ଓ ଆଲୋକର ଛାୟାଖେଳ କବିଙ୍କ ସତ୍ୟନିଷ୍ଠ କାବ୍ୟୋକ୍ତିରେ ମୁଦ୍ରାଙ୍କିତ । ମାନସିଂହ କାବ୍ୟ ସ୍ୱଭାବଟି ଅନ୍ତତଃ କାବ୍ୟ ଛଳନାରୁ ମୁକ୍ତ ପୂର୍ଣ୍ଣ ଉନ୍ମୋଚନର - କବି କେଉଁଠାରେ ସଙ୍କୁଚିତ, ଆବୃତ ଥିବାର ମନେ ହୁଅନ୍ତି ନାହିଁ । ତାଙ୍କ ରୋମାଣ୍ଟିକ୍ ମନୋଭଙ୍ଗୀ ତାଙ୍କ ଭାବ-ସ୍ୱାଚ୍ଛନ୍ଦ୍ୟକୁ ଯେତିକି ନିରାବୃତ କରିଛି, ସତ୍ୟପ୍ରତି ଶ୍ରଦ୍ଧାଶୀଳତା ତାଙ୍କୁ ସେତିକି ନିଷ୍କପଟ ଆତ୍ମୋଚ୍ଚାରଣରେ ସାହସୀ କରିଛି; ପ୍ରତ୍ୟେକ ସ୍ତରରେ କବି ନିଜ ଭାବ ମାନସକୁ ତନ୍ନ ତନ୍ନ ଉଖାରିଛନ୍ତି । ତା' ଭିତରେ ଏକ କବିର ସତ୍ୟ-ସନ୍ଧାନର ପ୍ରୟାସଟି ବଳବତ୍ତର ହୋଇଉଠିଛି । ଦର୍ଶନର ସତ୍ୟ ଓ କାବ୍ୟ ସତ୍ୟର ପହଞ୍ଚ ଭୂମି ଏକ ହୋଇପାରେ, ମାତ୍ର ସନ୍ଧାନର ଆରମ୍ଭ ଭୂମି ପ୍ରାୟତଃ ଭିନ୍ନ । ଦାର୍ଶନିକ ପରି କବି ପକ୍ଷରେ ସୌନ୍ଦର୍ଯ୍ୟ ଓ ପ୍ରେମ କେବଳ ଏକ ଆଦର୍ଶ (Ideal) ଓ ରୂପତତ୍ତ୍ୱ(Form) ରୂପେ ନିଜପାଇଁ ପରିଣତିସାର୍ଥକ ନୁହନ୍ତି । ତାହା ପ୍ଲାଟୋନୀୟ ଭାବାଦର୍ଶ ବା ଧାର୍ମିକ ସିଦ୍ଧାନ୍ତ ମାତ୍ର । କିନ୍ତୁ କାବ୍ୟ ଦର୍ଶନରେ ତାହା ଏକ ମହତ୍ତର ରୂପ ଓ ପ୍ରଣୟର ଆଦର୍ଶ ସନ୍ଧାନ ମାର୍ଗ ହୋଇ ପାରିଲେ ହିଁ କାବ୍ୟ ଦର୍ଶନର ଅଧ୍ୟାତ୍ମ ଦର୍ଶନକୁ ମୁକ୍ତି ଘଟିଥାଏ ।

କବି ଧର୍ମଠାରୁ ଆଧ୍ୟାତ୍ମିକତାର କ୍ଷେତ୍ର ବ୍ୟାପକତର । ତଥାପି କବିଧର୍ମ ଓ ଅଧ୍ୟାତ୍ମଭାବନାର ଏକ ମିଳିତ କ୍ଷେତ୍ର ରହିଛି । ଉଭୟ ପ୍ରେମ ଓ ରମଣୀୟତା ମାର୍ଗରେ ଶାଶ୍ୱତ-ଉପଲବ୍‌ଧିର ସମ୍ଭାବନାକୁ ମାନି ନିଅନ୍ତି । ''ପ୍ରେମ ସୌନ୍ଦର୍ଯ୍ୟ ଶ୍ରଦ୍ଧାର ଏକ ଅସୀମ ପ୍ରସାରୀ ପଥ ଆଛେ, ହୃଦୟର ମଧ ଦିଏ ଯାର ରାଜପଥ । ସେଇ ପଥ ଦିଏ ଅଗ୍ରସର ହଏଗେଲେ ଏ ମନ ଏକ ଜାୟଗାୟ ପୌଛାନୋ ଯେତେ ପାରେ, ଯେଖାନ ଥେକେ ଚାହିଲେ ଜଗତର ସମସ୍ତ ଆପାତଃ ବିରୋଧ ନିରସ୍ତ ହୟେ ତା'ର ଅନ୍ତର୍ଲୀନ ରୂପଲୋକ ଫୁଟେ ଉଠତେ ପାରେ । '' (ସୁମିତ ସରକାର - ରବୀନ୍ଦ୍ରାୟଣ - ପୃ- ୧୯୮) ସତ୍ୟହିଁ ସୁନ୍ଦର ଏବଂ ସୁନ୍ଦର ପ୍ରାତିଯୋଗ୍ୟ-କବିମାତ୍ରେଇ ବିଶ୍ୱାସୀ । ସୌନ୍ଦର୍ଯ୍ୟ ଇନ୍ଦ୍ରିୟାବେଦନ ଦ୍ୱାରା ଚିତ୍ତକୁ ବହିଃସୃଷ୍ଟି ପ୍ରତି ଆକର୍ଷିତ କରେ । ପ୍ରେମ ବହିଃସ୍ଥ ସୁପାତ୍ରକୁ ହୃଦୟସ୍ଥ ଭାବ କରିଦିଏ । ଉଭୟମାର୍ଗରେ ବ୍ୟକ୍ତି ଆପଣା ସୀମା ଚେତନାରୁ ଅସୀମତାକୁ ନିର୍ବୋଧ ଅତିକ୍ରମର ପଥ ପାଏ । ସେଥିପାଇଁ ତ 'ଆମେ ଯାହାକୁ ଭଲ ପାଉ, ତା'ରି ମଧ୍ୟରେ ଆମେ ଅନନ୍ତର ପରିଚୟ ପାଉ' (ରବୀନ୍ଦ୍ରନାଥ) ଏ ଉକ୍ତି ଜଣେ କବିର ବି, ଜଣେ ଅଧ୍ୟାତ୍ମବାଦୀର ବି ।

କବି ମାତ୍ରେଇ ଶାଶ୍ୱତ ସନ୍ଧାନୀ । ଶାଶ୍ୱତର ବ୍ୟଞ୍ଜନାକୁ ଅବଧାରଣ କରିବାରେ ଯେଉଁ କବିଚିତ୍ତ ଯେତେ ସମର୍ଥ, ସେ ସେତେ ମହତ୍ତର କାବ୍ୟ ସିଦ୍ଧିର ଅଧିକାରୀ । ତା'ର ଅନୁଭବ ଯେତେ ଅନ୍ତଃ ପ୍ରସାରୀ ହୁଏ, ବହିର୍ବିଶ୍ୱର ସାକ୍ଷାତକାର ତା' ପାଇଁ ସେତେ ବ୍ୟାପ୍ତ ଓ ସୃଷ୍ଟି ରହସ୍ୟ ସେତେ ସ୍ପଷ୍ଟ ଉନ୍ମୋଚିତ ହୋଇଯାଏ । ଗଭୀର ଆତ୍ମମଗ୍ନ କବି ହିଁ ପ୍ରବଳ ବିଶ୍ୱ

Digitized by srujanika@gmail.com

ସଚେତନ । ମାନସିଂହଙ୍କ କବିତାଗୁଡ଼ିକ ବହୁ ଆଲୋକ-ଅନ୍ଧାର, ଆଶା-ନିରାଶା ଓ ଅନ୍ୱେଷଣର ସମ୍ବାଦ-ମୁଖର । ତାଙ୍କ ଚେତନାର ପରିପୂର୍ଣ୍ଣତା ପଥରେ ବହୁ ପଥକ୍ଲାନ୍ତିର ପୀଡ଼ା ତଥା ନବ ନବ ଉପଲବ୍ଧିର ଆନନ୍ଦ ଧ୍ୱନି ମର୍ମରିତ । କବିଙ୍କର କବିତ୍ୱରେ ବିରୋଧ ନୁହେଁ ବରଂ ସାମଞ୍ଜସ୍ୟର ସୂତ୍ର ଖୋଜୁଥିବା ବିରୋଧାଭାସଗୁଡ଼ିକର ସଂଗତିକରଣ ହିଁ ତାଙ୍କ କାବ୍ୟସାଧନାର ସାମଗାନ । ମାନସିଂହଙ୍କ ସାଧନା ତାଙ୍କ କବିସତ୍ତା ଓ ବ୍ୟକ୍ତିସତ୍ତାର ମିଳିତ ସାଧନା । ତା' ଭିତରେ ତାଙ୍କ ଦେହମନ-ପ୍ରାଣର ସକଳ ଧର୍ମ ସ୍ୱୀକୃତି ଓ ସାମଞ୍ଜସ୍ୟ ଲୋଡ଼ିଛି । ପୂର୍ଣ୍ଣତା ପଥରେ ସତ୍ତାର ଚେତନାଗତ ଉଦ୍‌ଗତି ବିବର୍ତ୍ତନ ସୂତ୍ରରେ ଦେହ-ପ୍ରାଣ-ମନ ସ୍ତରର ବହୁ ଅନ୍ଧାର ଓ ଆଲୋକ ରୂପର ବିରୋଧାଭାସ ଭିତରେ ଆପଣାର ଅଖଣ୍ଡ ଏକତ୍ୱକୁ ଉପଲବ୍ଧି କରିବାର ଛାୟାଲୋକ ଅନୁଭୂତି ଲାଭ କରିଥାଏ । ବୁଦ୍ଧି ବିଚାରର ସୂକ୍ଷ୍ମଜାଲରେ ନୀତି ଅନୀତି, ପାପପୁଣ୍ୟ ଦ୍ୱନ୍ଦ୍ୱ ରଚନା କରିବା ଧର୍ମ ଦର୍ଶନର ତାର୍କିକତା । ବିରୋଧାଭାସର ସମନ୍ୱୟରେ ସତ୍ୟଖୋଜା କିନ୍ତୁ ଅଧ୍ୟାତ୍ମ-ଉପଲବ୍ଧିର ସମ୍ବାଦ । ଅତିକ୍ରାନ୍ତ କବିଚେତନାରେ ମଧ୍ୟ ତାହାହିଁ ଉଦ୍‌ଘୋଷଣା । ପାର୍ଥିବରୁ ଅପାର୍ଥିବ, ଇନ୍ଦ୍ରିୟରୁ ଅତୀନ୍ଦ୍ରିୟ, ରୂପରୁ ରୂପୋତ୍ତରତାକୁ ମାନସିଂହଙ୍କ ପ୍ରେମ ଓ ସୌନ୍ଦର୍ଯ୍ୟାନୁଭବର କାବ୍ୟ-ଉତ୍ତରଣ । 'ଆମ ଆଖିଆଗରେ ଏକ ଧରାପଥ ଯାତ୍ରୀ ମାନବାତ୍ମାର ଜଡ଼ରୁ ଚେତନକୁ, ଜୀବରୁ ଶିବକୁ, ଆପାତ ସତ୍ୟରୁ ପ୍ରକୃତ ତଥ୍ୟତାକୁ କ୍ରମିକ ଊର୍ଦ୍ଧ୍ୱଗତି, ଶନୈଃ ସବଲିମେଶନ .... କବିଙ୍କର ଏଇ ଚାକ୍ଷୁଷ ଜୀବନ ଓ ପ୍ରକୃତି ନେଇ ଅନ୍ତରାଳରୁ ବିଶ୍ୱବ୍ୟାପ୍ତ ଦୈବତ ଚେତନାର ଅନ୍ୱେଷଣ'' (ଦାଶରଥି ଦାସ : ମାନସିଂହ ଓ ସୃଷ୍ଟି ସମୀକ୍ଷା-ପୃ ୪୮)

ମାନସିଂହଙ୍କ ଅଧ୍ୟାତ୍ମ କାବ୍ୟଚେତନାର ପ୍ରାରମ୍ଭିକ ଉଦ୍‌ବୋଧନ ପାଶ୍ଚାତ୍ୟ ରୋମାଣ୍ଟିସିଜମ୍‌ରୁ ଅଦୃଶ୍ୟ ଓ ଅଜ୍ଞେୟ ଶାଶ୍ୱତ ପ୍ରତି ଆକର୍ଷଣ ଏହାର ପ୍ରେରଣା ଏବଂ ଆଧାର । ରୂପୋତ୍ତର ସୌନ୍ଦର୍ଯ୍ୟ ଜିଜ୍ଞାସା ଓ ଲୋକୋତ୍ତର ପ୍ରେମାନୁଭୂତିର ଭାବବାଦୀ ରୋମାଣ୍ଟିକ କାବ୍ୟଦର୍ଶ ସହ ମେଟାଫିଜିକାଲ ଇନ୍ଦ୍ରିୟାତୀତ କାବ୍ୟତତ୍ତ୍ୱର ସମ୍ମିଶ୍ରଣରେ ଏହା ଶବଳିତ । ଏହାସହ ଓଡ଼ିଆ କାବ୍ୟଧାରାରେ ପ୍ରାକ୍-ମାନସିଂହ ଓ ତାଙ୍କ ସମସାମୟିକ କାବ୍ୟ-ସ୍ତରର ପ୍ରଭାବକୁ ମଧ୍ୟ ସ୍ୱୀକାର କରିବାକୁ ହୁଏ । ଭକ୍ତକବି ମଧୁସୂଦନଂକ ଅଧ୍ୟାତ୍ମ ଗାନ ଓ ପ୍ରକୃତିରେ ବ୍ରହ୍ମାଭିବ୍ୟକ୍ତ ଚେତନାଟି କୁନ୍ତଳା, ପଦ୍ମଚରଣ, ଲକ୍ଷ୍ମୀକାନ୍ତଙ୍କ ଦ୍ୱାରା ଅଳ୍ପବହୁତେ ଏବଂ କବିଙ୍କ ନିଜସ୍ୱ ସମୟର ସବୁଜ ରହସ୍ୟବାଦୀ ସ୍ୱରାଳାପରେ ଆବିର୍ଭୂତ । ସଚେତନ ଭାବେ କବିମାନସକୁ ଏଥିରେ ଅବଶ୍ୟ ପ୍ରରୋଚିତ୍ କରିଛି ରବୀନ୍ଦ୍ର କାବ୍ୟଭାବନା ଯାହାର ଆଧ୍ୟାତ୍ମିକ ମାନସର ପ୍ରତିଷ୍ଠା ଉପନିଷଦୀୟ ଭାବ-ଭୂମିରେ ଓ ପୁଷ୍ଟି ୟୁରୋପୀୟ ମାନବ ଧର୍ମ, ମଧ୍ୟପ୍ରାଚ୍ୟ ସୁଫୀଦର୍ଶନ, ଭାରତୀୟ ଭକ୍ତି ଓ ସନ୍ଥଗାନ, ପୁଣି ରାଗାନୁଗା ସହଜତତ୍ତ୍ୱ ଓ ରାମକୃଷ୍ଣ ବିବେକାନନ୍ଦଙ୍କ ସର୍ବଧର୍ମ ସମନ୍ୱୟ ଓ ସର୍ବଜୀବେ ପ୍ରେମ'ର ଭାବନାରେ । ମାନସିଂହଙ୍କ ଅଧ୍ୟାତ୍ମ-କାବ୍ୟରୂପ ମଧ୍ୟ ତଥାକଥିତ ଧର୍ମ ଓ ଶାସ୍ତ୍ର ନିରପେକ୍ଷ, ଯଥାର୍ଥ ଜୀବ-

Digitized by srujanika@gmail.com

ପରମାତ୍ମା ସଂପର୍କ ଉପରେ ପ୍ରତିଷ୍ଠିତ । ଜୀବନର ପୂର୍ଣ୍ଣତା ଲାଭ ପାଇଁ କବି ସେଇ ସତ୍ୟଶିବସୁନ୍ଦର ଶାଶ୍ୱତଂକ ଆବାହନ କରନ୍ତି ଯିଏ ବେଦଉପନିଷଦର ତତ୍ ସତ୍, ବୌଦ୍ଧଧର୍ମର କାରୁଣିକ ବୋଧିସତ୍ତ୍ୱ, ଖ୍ରୀଷ୍ଟୀୟ ଚେତନାରୁ ଦୟାଳୁ ଈଶ୍ୱର, ସୂଫୀ ସାଧନାର ପ୍ରେମ-ସୁନ୍ଦର , ବୈଷ୍ଣବୀୟ ପ୍ରେମ-ଆରାଧ ଶୀକୃଷ୍ଣଙ୍କ ମିଳିତ ଶବ୍ଦ-ବିଗ୍ରହ 'ହୃଦୟବଲ୍ଲଭ',- ରବୀନ୍ଦ୍ର କାବ୍ୟର 'ଜୀବନଦେବତା' ପର୍ଯ୍ୟାୟବାଚୀ ।

ରବୀନ୍ଦ୍ରନାଥ ଜୀବନଦେବତାଙ୍କୁ ''ଯେ ଆମାର ଜୀବନେର ସମସ୍ତ ସୁଖଦୁଃଖକେ, ସମସ୍ତ ଘଟଣାକେ, ଐକ୍ୟଦାନ, ତାତ୍ପର୍ଯଦାନ କରିତେଛେ, ଆମର ରୂପ ରୂପାନ୍ତର, ଜନ୍ମ ଜନ୍ମାନ୍ତର ଏକ ସୂତ୍ରେ ଗାଥିଁତେଛେ, ଯାହାର ମଧ ଦୟା ବିଶ୍ୱ ଚରାଚରେ ମଧେ ଐକ୍ୟ ଅନୁଭବ କରିତେଛି''(ରବିରଶ୍ମି) ବୋଲି କହିବା ଭିତରେ ସ୍ପଷ୍ଟ ଯେ ରବୀନ୍ଦ୍ରମାନସରେ ଜୀବନଦେବତା ବ୍ୟକ୍ତିଚେତନାଠାରୁ ଈଶ୍ୱରୀୟ ଚେତନା ପର୍ଯ୍ୟନ୍ତ ଏକ କ୍ରମ-ପରିଣାମୀ ସ୍ତର ସହ ସଂଯୁକ୍ତ । ବ୍ୟକ୍ତିଗତ ପ୍ରଣୟାନୁଭବଠାରୁ ବିଶ୍ୱବ୍ୟାପ୍ତ ପ୍ରେମଭାବନା ପର୍ଯ୍ୟନ୍ତ ତାର ବିସ୍ତାର । ସେ କେବଳ ଅନ୍ତର୍ଯ୍ୟାମୀ ବା ବିଶ୍ୱମୟ ଭଗବାନ ନୁହନ୍ତି, ଯୁଗେ ଯୁଗେ ବ୍ୟକ୍ତିସତ୍ତାର ଜନ୍ମାନ୍ତର ଓ ବିକାଶର ପଥଦ୍ରଷ୍ଟା ଅନ୍ତରଂଗ ସୁହୃତ୍ ସଖା ମଧ । ଜନ୍ମ ଜନ୍ମର ବିଚିତ୍ର ଜୀବନଧାରା ଓ ଭିନ୍ନ ପରିବେଶରେ ବ୍ୟକ୍ତି ମୁଁ ଓ ଜୀବନ ଦେବତା 'ତୁମେ'ଙ୍କର ନିତ୍ୟ ଭାବସଂଯୋଗ । ବ୍ୟକ୍ତିର ଅଧ୍ୟାତ୍ମସତ୍ତା ଓ ବାହ୍ୟଜୀବନକୁ ସଂଯୋଗ କରୁଥିବା ଜୀବନଦେବତା ତାର ଜନ୍ମର ଅଧ୍ୟାତ୍ମ-ଦୟିତା ସେ ସାକାର ବି, ନିରାକାର ବି । ରୂପଧାରୀ ପୁଣି ଅରୂପବିହାରୀ । ବ୍ୟକ୍ତିର ଭଲମନ୍ଦ, ସୁଖଦୁଃଖ, ପାପପୁଣ୍ୟର ଉର୍ଦ୍ଧ୍ୱରେ-ଥାଇ ମଧ ଏ ସବୁ ଭିତରେ ସବୁ ସଂବଂଧ ସୂତ୍ରରେ ସେଇ ହିଁ ଅନ୍ୱେଷିତ ।

ପ୍ରେମଧର୍ମ ଓ ମାନବଧର୍ମ ମାନସିଂହଙ୍କ ଅଧ୍ୟାତ୍ମ ଦର୍ଶନର ମୂଳଭିତ୍ତି । 'ପ୍ରାୟ ନାସ୍ତିକତାରୁ ପରମ ଆସ୍ତିକତାକୁ କବିଚେତନା ଯେଉଁ ଭାବ ମାର୍ଗରେ ଆରୋହଣଶୀଳ, ସେଥିରେ ପୃଥିବୀର ସବୁ ସତ୍ୟଦର୍ଶନର ସାରନିର୍ଯାସ ସହ ବ୍ୟକ୍ତିଗତ ଚୈତ୍ୟ-ଅଭୀପ୍ସାର ବଳବତ୍ତର ସଂଗମ ଘଟିଛି ତାହାକୁ ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶନ ଦେଇଛି 'ମାନବାତ୍ମାର ଦିବ୍ୟ-ଉଦ୍‌ବର୍ତ୍ତନ' ସିଦ୍ଧାନ୍ତ । ସୃଷ୍ଟିର ମୂଳ ଆଧ୍ୟାତ୍ମିକତା ଯେ ଅହଂରୁ ସର୍ବଯାଏ ଚେତନା ବିସ୍ତାରର ପ୍ରେରଣା ଓ କ୍ରିୟାଶକ୍ତି, ତାହାର ରୂପ ପ୍ରକାଶ ମାନସିଂହ କାବ୍ୟ-ସଂବାଦରେ ।

ଖ୍ରୀ: ୧୯୨୩ରେ ମାତ୍ର ଅଠରବର୍ଷ ବୟସରେ କବି ଲେଖିଥିଲେ, 'କବିର ନିମନ୍ତ୍ରଣ' ଅପରିପକ୍ୱ ତାରୁଣ୍ୟର ଆବେଗ-ତରଳ ଏଇ ଭାବକଳ୍ପନାଟିରେ ତାଙ୍କ ଭାବୀକାବ୍ୟଧାରାର ସମଗ୍ର ବିକାଶରୂପ ଯେପରି ତାଙ୍କ ଅଲକ୍ଷ୍ୟରେ ନିର୍ଦ୍ଧାରିତ ହୋଇଯାଇଥିଲା । ଜ୍ୟୋସ୍ନା, ସ୍ୱପ୍ନ, ସ୍ମୃତି ପ୍ରଭୃତି ରମଣୀୟ ମଧୁରାସକ୍ତିରେ ବିହ୍ୱଳ କିଶୋର ପ୍ରାଣର ହଠାତ୍ ଏକ ନିମନ୍ତ୍ରଣ

Digitized by srujanika@gmail.com

ପହଞ୍ଚିଛି । ତାପରେ ସମଗ୍ର ଜୀବନ ସେଇ ଅଜ୍ଞାତ ନିମନ୍ତ୍ରଣକାରୀର ସଂଧାନ (୧) ପ୍ରକୃତିର ଫୁଲ ଆଉ ଷୋଡ଼ଶୀର ପ୍ରେମରେ ଆଦ୍ୟଯୌବନର ଆତୁର ଅନ୍ୱେଷଣ । ଧରିତ୍ରୀ ଆକାଶ ଘେରା ନିଖିଳ ପ୍ରଦକ୍ଷିଣ କରି ଶେଷରେ କବି ଚେତନା ନିଜ ହୃଦୟରେ ତାର ଉତ୍ସକୁ ଆବିଷ୍କାର କରିଛି । ତାପରେ ଈଶଗୀତି, ଆଉ କ୍ରନ୍ଦନ ।

ଯେଉଁ ଡ଼ାକଟି କାହାରି ବି ହୋଇପାରିଥାଏ ବୋଲି ଲାଗିଥାଏ, ଶେଷକୁ ତା ନିଜ ହୃଦୟର ବୋଲି ବାରି ହୋଇଯାଏ । କବି ହୃଦୟର ଡାକ ସହ ଈଶ୍ୱରଙ୍କୁ ସଂଯୋଗ କରିବାର ହେତୁ ଜାଣନ୍ତି ନାହିଁ । ହୃଦୟର ସ୍ୱର, ଅନ୍ତଃସ୍ୱର ତେବେ କ'ଣ ଈଶ୍ୱରଙ୍କର ଛଦ୍ମସ୍ୱର ? ମାନସିଂହଙ୍କ ସମଗ୍ର ବାଣୀ-ସାଧନା ଏହି ରହସ୍ୟର ଉତ୍ତର ପ୍ରୟାସ । ଈଶ୍ୱରଙ୍କ ଡାକ ଯେ ଯଥାର୍ଥରେ ହୃଦୟର ଡ଼ାକ, ଚୈତ୍ୟ ସ୍ୱର, ଅଧ୍ୟାତ୍ମ ସତ୍ତା ସ୍ୱର, ଜୀବ ଈଶ୍ୱରଙ୍କୁ ଲୋଡ଼ିବାର ଆଦ୍ୟ ଉଦ୍‌ବୋଧନର ସ୍ୱର, କବି ଆଭାସ ଇଂଗିତରେ ସେତକ ନିଜକୁ ବୁଝାଇ ଦେଇଛନ୍ତି । ଗାନ କାଳରେ ଆରୋହ ଅବରୋହର ବହୁ ତାନ ଆଳାପରେ ମୂଳଲୟଟିକୁ ବାରବାର ଫେରି ଆସିବାଭଳି ବ୍ୟକ୍ତି ଆତ୍ମା ମଧ୍ୟ ତାର ମୂଳ ଉତ୍ସ ପରମାତ୍ମାଙ୍କ ଠାରୁ ଜନ୍ମ ସୂତ୍ରରେ ବିଚ୍ଛିନ୍ନ ହେବାର ଦୁଃଖ ଓ ତାକୁ ସାଧିବାର ବାଟ ଖୋଜି ଶେଷକୁ ନିଜ ଭିତରେ ହିଁ ତାଙ୍କ ପଥର ସଂଧାନ ପାଏ, ଏଇ ପୂର୍ଣ୍ଣଯାତ୍ରାର ଅଧ୍ୟାତ୍ମତତ୍ତ୍ୱଟି ସେଦିନ ଯେପରି ତରୁଣ କବିଙ୍କ ଉଚ୍ଚାଟିତ କଳ୍ପନା ବଳୟକୁ ଆଭାସ ଇଂଗିତରେ ଛୁଇଁ ଦେଇଚାଲିଯାଇଛି ।

କବିତାରେ ଫୁଲ ଓ ଷୋଡ଼ଶୀ ପ୍ରସଂଗ ସ୍ୱାଭାବିକ ଅଥଚ ଇଂଗିତପୂର୍ଣ୍ଣ । ପ୍ରକୃତିରେ ସୁରମ୍ୟ ଫୁଲ ଓ ପୃଥିବୀରେ ଷୋଡ଼ଶୀର ନବପ୍ରଣୟଭାବ ତୁଲ୍ୟ କବିପ୍ରାଣରେ ସୃଷ୍ଟି-ଆଦ୍ୟ ପ୍ରେମର ପ୍ରଥମ ସ୍ଫୁରଣ । ଅଥଚ ସକଳ ଜାଗତିକ ରୂପ ଓ ପ୍ରେମ କ୍ଷଣିକ, ମାତ୍ର କବିଙ୍କର ପ୍ରଣୟାଭିଳାଷ ଅନନ୍ତ । ଏଇ ଅତୃପ୍ତିବୋଧ ହିଁ ସମୟକ୍ରମେ କବିଚିତ୍ତକୁ ଅନନ୍ତ-ଅଭିଳାଷୀ କରିଛି । ନବ ତାରୁଣ୍ୟର ଆକୁଳତା ଦିନେ ଉତ୍ତୀର୍ଣ୍ଣ ବୟସର ଅନ୍ୱେଷଣରେ ମର୍ମରିତ ହୋଇଛି-

" ହେ ଅଜ୍ଞାତ ସଖା ମମ, ତମେ ଅଛ କାହିଁ
ଦିଅ ମତେ ତବ ସ୍ପର୍ଶ ପ୍ରଣୟ କୋମଳ
କ୍ଳାନ୍ତ ମୁଁ ସଂଧାନେ ମୋର ଆଉ ଶକ୍ତି ନାହିଁ
ତୁମକୁ ନ ପାଇ କିନ୍ତୁ ଜୀବନ ବିଫଳ ।" (କୃଶ/ଏକାନ୍ତ ଏକାକୀ)

ସମଗ୍ର ମାନସିଂହ କାବ୍ୟସ୍ୱର ପ୍ରକୃତି ଓ ନାରୀର ସୌନ୍ଦର୍ଯ୍ୟ ଏବଂ ପ୍ରୀତି ମୁଗ୍ଧତାର ଗାନ କରି କରି ଅନ୍ତିମରେ ଶାଶ୍ୱତ ପ୍ରେମ-ସୁନ୍ଦରଙ୍କ ନିକଟରେ ହୃଦୟର କାମନାର୍ପଣ

୧- ନିତି ନିତି ସେଥିପାଇଁ ପ୍ରାଣେ ଆସେ ନିମନ୍ତ୍ରଣ କାର
ସେଥିପାଇଁ କ୍ଷୁଦ୍ର ହିଆ ଉଡ଼ିବୁଲେ ସମଗ୍ର ସଂସାର
ହୃଦୟ ଆଲୋକ
ନପାଇଲେ ପୁଣି କାହିଁ ଖୋଜିବାକୁ ବିଶ୍ୱରେ ବାହାର । (ହୃଦୟର ଡାକ)

Digitized by srujanika@gmail.com

କରିଛି । କବି ଚିତ୍ତରେ କାବ୍ୟ-ଉଦ୍‌ବୋଧନ ତ ସଚରାଚର ସୌନ୍ଦର୍ଯ୍ୟର ଆବିର୍ଭାବ ବେଳାରେ । ମାନସିଂହ ସୌନ୍ଦର୍ଯ୍ୟବୋଧରେ ରସେଟି, କୀଟସ୍ ଓ ରାଧାନାଥଙ୍କ ଇନ୍ଦ୍ରିୟ-ସଂବେଦନା ପରି ଶେଲି, ଟେନିସନ, ରବୀନ୍ଦ୍ରନାଥଙ୍କ ଭାବବାଦୀ ରସୋପଲବ୍‌ଧି ମଧ ସମନ୍ୱିତ ଯେଉଁଠି ଇନ୍ଦ୍ରିୟଗ୍ରାହ୍ୟ ସୌନ୍ଦର୍ଯ୍ୟ ଶାଶ୍ୱତ ସୌନ୍ଦର୍ଯ୍ୟକୁ ଉନ୍ମୁକ୍ତିର ମାର୍ଗ ରୂପେ ମହିମାମଣ୍ଡିତ । କବିଙ୍କ ପାଇଁ ଇନ୍ଦ୍ରିୟ-ପ୍ରତ୍ୟକ୍ଷ ସୌନ୍ଦର୍ଯ୍ୟ ଶାଶ୍ୱତ ସୌନ୍ଦର୍ଯ୍ୟର କ୍ଷଣିକ ବିଚ୍ଛିନ୍ନ ପ୍ରକାଶ ମାତ୍ର । ଏ ସୌନ୍ଦର୍ଯ୍ୟ ଅଭିବ୍ୟକ୍ତି ଦ୍ୱିବିଧ : (କ) ରମଣୀରୂପାଶ୍ରିତ (ଖ) ନିଃସର୍ଗ ରୂପଲୋକ-ବ୍ୟଂଜିତ । ପ୍ରକୃତିରେ କ୍ଷଣିକ ରୂପଝଲକ କବିଚିତ୍ତକୁ ଚିର ସୁଷମାଲୋକ ପ୍ରତି ଆକର୍ଷିତ କରିଛି । ପ୍ରକୃତିର ରୂପଲୀଳାଭିତରେ ଦେଶକାଳବୋଧକୁ ଅତିକ୍ରମ କରିବାର ଉଚ୍ଚାଟନ କେତେବେଳେ ଇତିହାସର ସ୍ମୃତିସ୍ୱପ୍ନ ତ କେତେବେଳେ ସୃଷ୍ଟି-ଆଦ୍ୟ ଶାଶ୍ୱତଲଗ୍ନର ସ୍ୱର୍ଣରାଗରେ ତାଙ୍କୁ ବାରବାର ଅସ୍ମିତା-ନିମଗ୍ନ କରିଛି । କୋଣାର୍କ ଓ ମହାନଦୀରେ ଜ୍ୟୋତ୍ସ୍ନାବିହାର ଅବକାଶରେ ରୂପରୁ ଅରୂପକୁ ଅପସାରିତ ହେବାର ଆକୁଳତା ଉତ୍ତରଣ କାବ୍ୟ ଚେତନାରେ ଏକ ସ୍ଥିର ଭାବାବେଶ ରୂପେ ସଂଚାରିତ । କବି ବିଭିନ୍ନ ଅବକାଶରେ ନାନାଭାବେ 'ବୁଝାଇବାକୁ ଚେଷ୍ଟା କରିଛନ୍ତି ଯେ ସୌନ୍ଦର୍ଯ୍ୟର ଆଧାର ପ୍ରକୃତି ବା ନାରୀ ଯିଏ ବି ହୋଇଥାଉ, କେଉଁ ଦୁର୍ଲଭ ମୁହୂର୍ତ୍ତରେ ତାର କ୍ଷଣରୂପତା ଅରୂପର ଅପରୂପ ମହିମାରେ ଝଲିଉଠି ଦର୍ଶକର ଚିତ୍ତକୁ ସ୍ଥାନକାଳରୁ ଉଠାଇନେଇ ଅନନ୍ତ-ଆଚ୍ଛନ୍ନ କରିଦିଏ । କବିଙ୍କର ସୌନ୍ଦର୍ଯ୍ୟବୋଧର ଏଇ ସବଲିମେଶନ ରୂପଟି, ସୌନ୍ଦର୍ଯ୍ୟର ଅଧ୍ୟାତ୍ମ-ଉଦ୍‌ବୋଧୀ ଚରମ ଉଦ୍‌ଭାସନ 'ମହାନଦୀରେ ଜ୍ୟୋତ୍ସ୍ନାବିହାର' । ଏଥିରେ କେବଳ ପ୍ରକୃତିର ମୁଗ୍‌ଧ ରୂପବଂନ୍ଦନା ନୁହେ, ଶାଶ୍ୱତ ସୌନ୍ଦର୍ଯ୍ୟ ସହ କବିମାନସର ଭାବମୟ ସାକ୍ଷାତକାରର ଏକ ବିସ୍ମୟ ବିଚିତ୍ର ସଂବାଦ ମଧ ପରିବେଷିତ । ସୁନ୍ଦରୀ ପ୍ରକୃତି କବିଙ୍କ ତରୁଣ ଚିତ୍ତକୁ ଯେଉଁ ସୁନ୍ଦରର ପ୍ରେରଣା ଦେଇଛି, ସାରାଜୀବନ ସତ୍ୟ ଓ ଶିବର ଶୁଭ୍ରାଲୋକ ପଥରେ ତାର ଅନ୍ୱେଷଣ ଅତୁଟ ରହିଛି । ଜ୍ୟୋତ୍ସ୍ନା-ଧବଳ ମହାନଦୀରେ ନୌବିହାରକାଳରେ କବି ହୃଦୟ ନିସର୍ଗ ରୂପମାଧୁରୀ ଉପଭୋଗ କରୁକରୁ ଅନ୍ତଃଗହନରେ ସ୍ୱୟଂସୁଷମା ଲକ୍ଷ୍ମୀଙ୍କୁ ଉଦ୍‌ଭାସିତ ଦେଖିଛନ୍ତି । ଭାବମୁଗ୍ଧ ବାକ୍‌ହରା କବି "ଏଇ ଅପୂର୍ବ ଶୋଭାରେ /ଅନୁଭବି ଆହା କାର ସ୍ୱର୍ଶ ଏ ଅନ୍ତରେ / ବଚନୁ ଅତୀତ ମୁହିଁ ପ୍ରଣମେ ତାହାରେ ।"

ମାନସିଂହଙ୍କ ସୌନ୍ଦର୍ଯ୍ୟଲକ୍ଷ୍ମୀଟି ଆଦ୍ୟନ୍ତ ନାରୀରୂପାଶ୍ରିତା । ସୌନ୍ଦର୍ଯ୍ୟଧ୍ୟାନରେ ନାରୀ ଓ ପ୍ରକୃତି କବିଙ୍କ ପାଇଁ ଏକ ହୋଇ ଯାଇଛନ୍ତି । ଶାଶ୍ୱତସୁନ୍ଦରୀଙ୍କ ବିବିଧ ବ୍ୟକ୍ତ ରୂପ ରତି, ଉର୍ବଶୀ , ଭୋଗ୍ୟ ରୂପ ମାନସୀ, ପରକୀୟା ଓ ପରିଣୀତା "ନର ସୌନ୍ଦର୍ଯ୍ୟରେ /ଭକ୍ତ ସମ ଅଛି ଚାହିଁ ମୁଗ୍‌ଧ ନୟନରେ"- ଏଭଳି ଅକପଟ ରୂପାଳତି ଓଡ଼ିଆ କାବ୍ୟରେ ରାଧାନାଥଙ୍କ ପରେ ମାନସିଂହଙ୍କ କାବ୍ୟରେ ହିଁ ଫୁଟିଛି । ମାତ୍ର ରତିକୁ ଅତିକ୍ରମ କରି ଅରୂପକୁ ଆରତି ଦେବାରେ ମାନସିଂହ ସ୍ଥୂଳ ଦେହ ସୌନ୍ଦର୍ଯ୍ୟରୁ ଶାଶ୍ୱତ ସୌନ୍ଦର୍ଯ୍ୟର ଅଧ୍ୟାତ୍ମ-

Digitized by srujanika@gmail.com

ଉଦ୍‌ବୋଧନା ଶୁଣାଇଛନ୍ତି । ସ୍ଥୂଳତଃ 'ଇରାନୀ କିଶୋରୀ'ର ନିତାନ୍ତ ରୂପଲୁବ୍‌ଧ ଦୃଷ୍ଟି 'ଧୂପ'ରେ ଦେହାସକ୍ତି ଓ 'ହେମଶସ୍ୟ'ରେ ଦେହୋତ୍ତର ସୌନ୍ଦର୍ଯ୍ୟର ସଂଭାବନା ପ୍ରତ୍ୟକ୍ଷ କରିଛି ।

ସେହିପରି ମାନସିଂହ କାବ୍ୟସ୍ୱରର ପ୍ରଣୟଆବେଦନ ମଧ୍ୟ ରୂପରୁ ଅରୂପକୁ, ଇନ୍ଦ୍ରିୟରୁ ଅତୀନ୍ଦ୍ରିୟକୁ । ପାର୍ଥିବ ପ୍ରେମର ଅପାର୍ଥିବ ଉଦ୍‌ଗତି ମାନସିଂହଙ୍କ ପ୍ରେମଭାବନାକୁ କୋଷମୁକ୍ତ ନବଜାତ ପ୍ରଜାପତି ତୁଲ୍ୟ ସୁନ୍ଦର ନିର୍ମଳ କରିଛି । ''ଗଭୀର ସୁଖ ଦୁଃଖ ଦେଇ ନବ ନବ ଅନୁଭୂତି ମଧ୍ୟ ଦେଇ, ମାନବାତ୍ମାର ଯେଉଁ ଜନ୍ମଲାଭ ହୁଏ ତାହା ହିଁ ପ୍ରେମ'' (ମାନସିଂହ) । ପ୍ରେମର ଗୁଣଗାନ କରି ରବୀନ୍ଦ୍ରନାଥ ମଧ୍ୟ ଲେଖିଥିଲେ, ''ଯାକେ ଆମରା ଭାଲୋବାସି, ତାରି ମଧ୍ୟେ ସତ୍ୟକେ ଆମରା ନିବିଡ଼ କରେ ଉପଲବ୍‌ଧିକରି । ସେଇ ସତ୍ୟ ଉପଲବ୍‌ଧିର ଲକ୍ଷଣ ହଚ୍ଛେ ପାଓୟା ସଂଗେ ନା ପାଓୟାଟିକେ ଅନୁଭବ କରା'' (ପଶ୍ଚିମଯାତ୍ରୀର ଡ଼ାଏରୀ) ଏହା ହିଁ ମର୍ତ୍ତ୍ୟବିହାରୀ ପ୍ରେମର ଅମର୍ତ୍ତ୍ୟସଂଚାରୀ ଦୁର୍ଲଭମହିମା ।

ଏକମାତ୍ର ପ୍ରେମ ହିଁ ମର୍ତ୍ତ୍ୟସହ ଅମର୍ତ୍ତ୍ୟର ସଂଯୋଗ ରେଖା । ପାର୍ଥିବ ହୃଦୟରେ ଅପାର୍ଥିକ ଅନୁଭବର ପ୍ରଥମ ଉଚ୍ଚାରଣଟି ପ୍ରେମର । ''ରୂପ ଲଗି ଆଖି କାଁଦେ ଗୁଣେ ମନ ଭୋର /ପ୍ରତି ଅଂଗ ଲାଗି କାଁଦେ ପ୍ରତି ଅଂଗ ମୋର'' (ଜ୍ଞାନଦାସ-ପଦାବଳି) ଦେହଜ ପ୍ରେମ ନିର୍ମଳ ଆତ୍ମାନୁରକ୍ତିର ପ୍ରଥମ ସାଧନ ପୀଠ । କବିଙ୍କ ନିଜସ୍ୱ ପ୍ରତିପାଦନରେ ''ପ୍ରେମର ଭିତ୍ତି ହୋଇପାରେ ଦେହ, ମାତ୍ର ଏହାର ପରିସୀମା ଦେହାତୀତ । ଏହାର ପ୍ରକୃତି ସ୍ଥୂଳ, ମାତ୍ର ପ୍ରତିକ୍ରିୟା ସୂକ୍ଷ୍ମ, ''(ମୁଁ କାହିଁକି ଲେଖେ -ଡ଼ଗର ୧୪/୧) ନାରୀର ବ୍ୟକ୍ତିସତ୍ତାଠାରୁ ନୈର୍ବ୍ୟକ୍ତିକ ନାରୀତ୍ୱ ପଥରେ ଯେ କବିଙ୍କ ପ୍ରେମର ଯାତ୍ରାଭିସାର-ଧୂପଠାରୁ ହେମଶସ୍ୟ ଓ ଅକ୍ଷତଠାରୁ ସିନ୍ଧୁ ଓ ବିନ୍ଦୁ ତାର ରୂପପରିଚୟ । କବିଙ୍କ ବର୍ଣ୍ଣନୀୟ ପ୍ରେମାନୁଭବର ଶୁଦ୍ଧତାରେ

''କ୍ଷୁଦ୍ର ଜୀବନ ମହାଜୀବନରେ ଧୀରେ ଧୀରେ ଧୀରେ ମିଶେ
ଭାସିଯାଏ ଆମ ମିଳନ ମାଧୁରୀ ସୃଷ୍ଟିର ଦଶ ଦିଶେ
ସ୍ଥୂଳ ଧରଣୀର ଜଡ଼ ଅନୁଭବ ଦେହମନୁ ଧୀରେ ତୁଟେ
ହୃଦୟ ଜଳରୁ ସୌରଭ ସମ ମହିମ୍ନସ୍ତବ ଫୁଟେ '' (ହେମଶସ୍ୟ)

ପ୍ରେମ ଓ ସୌନ୍ଦର୍ଯ୍ୟର ଶାଶ୍ୱତ ରୂପବନ୍ଦନା ସହ କବି ଚେତନାର ପ୍ରତ୍ୟକ୍ଷ ଆଧ୍ୟାତ୍ମିକ ଭାବନାଟି କାବ୍ୟସ୍ୱରରେ କେତେବେଳେ ମେଟାଫିଜିକାଲ ଜିଜ୍ଞାସା ତ କେତେବେଳେ ଅନୁଭୂତିର ନିବିଡ଼ତାରୁ ଉଚ୍ଚାରିତ । 'ସୃଷ୍ଟି ଓ ସ୍ରଷ୍ଟା' ର ସଂବଂଧମୂଳକ ତର୍କଣା ପ୍ରାୟତଃ ସେହି ସଂବଂଧର ଅନୁଭୂତିଲବ୍‌ଧ ପ୍ରତ୍ୟୟ ଓ ପ୍ରେମରେ ସମାହିତ ହୋଇଯାଇଛି । 'ଉଦାସୀପାନ୍ଥ'ରେ ଜୀବ ଓ ପରମଙ୍କ ସମ୍ପର୍କ ଏବଂ ବିଶ୍ୱମୁକ୍ତି ଅଭିଳାଷର ପ୍ରଥମ ସ୍ପଷ୍ଟ ରୂପସଂକେତ ରହିଛି । 'ବିଶ୍ୱଦେବାଳୟ' କବିଂକ ଅଧ୍ୟାତ୍ମ ଭାବନାର ରୂପବିଚାର ନିମନ୍ତେ ଏକ ମୂଲ୍ୟବାନ ରଚନା । ଏହାର ଅନ୍ତର୍ଗତ ଅବଧାରଣାମାନ ପରବର୍ତ୍ତୀ କାବ୍ୟସ୍ୱରରେ

Digitized by srujanika@gmail.com

ଅଧିକ ଗଭୀର ଅର୍ଥବହ ହୋଇଛନ୍ତି । ଦେବତାଙ୍କୁ ଅବଲମ୍ବନ କରି କବିମନର ଆଦ୍ୟ ରୋମାଣ୍ଟିକ ସ୍ୱପ୍ନଟି ଏବେ, ବିଶାଳ ବ୍ୟାପ୍ତ ଐଶ୍ୱରିକ ମହିମାର ମୂର୍ତ୍ତରୂପ ଆଙ୍କି ଦେଇଛି ନିମ୍ନ ପଦଟିରେ -

''ଚରଣତଳୁ ଅନ୍ତରୀକ୍ଷ ଭେଦି/ମହାବ୍ୟୋମ ସ୍ପର୍ଶେ ଯେ ଦେଉଳ
ଏଇ ଯେ ଘାସେ ପୂଜାର ବେଦି ତାର/ନକ୍ଷତ୍ରରେ ଆଲୋକିତ ତା ଚୂଳ''

ଅରୂପ ଈଶ୍ୱରଙ୍କୁ କେନ୍ଦ୍ରକରି କବି ଚିତ୍ତରେ ବହୁଭାବାନୁସଂଗ ସଂଜାତ । 'ଦେହ ଓ ସ୍ନେହ' ଭକ୍ତି, ପ୍ରାର୍ଥନା, ଜିଜ୍ଞାସା, ବିରାଟ ସ୍ରଷ୍ଟା, ସୃଷ୍ଟି ଓ ଧ୍ୱଂସ, ବିଶୁଦ୍ଧ ସଂଦେହ, ମୁକ୍ତିନାହିଁ ମାଗେ ପ୍ରଭୃତି କବିତାମାନଙ୍କରେ ମାନବାତ୍ମାର ନିତ୍ୟସଂଦେହ ଓ ଅଧାତ୍ମ-ସଂଭାବନାର ରୂପ ସଂକେତ ନିହିତ ।

ଏହି ପର୍ଯ୍ୟାୟରେ ତାର୍କିକ ମନର ସଂଶୟଜାତ ସଜ୍ଞାନ ଘୋଷଣା, 'ପ୍ରାୟ ନାସ୍ତିକ ମୁଁ (ଭକ୍ତିପ୍ରେରଣା) ସତ୍ତ୍ୱେ ବିଶ୍ୱନିୟମ ଓ ସୃଷ୍ଟି ଗତି ସଂକେତରେ କବି ଆବିଷ୍କାର କରିଛନ୍ତି । ଶାଶ୍ୱତ ଋତ ସତ୍ୟକୁ - ''ସଂଧାନ ମିଳଇ ଏକ ବିରାଟ ସ୍ରଷ୍ଟାର / ସ୍ତବ୍ଧ ଚିତ୍ତ ବୃତ୍ତିକରେ ମହିମା ଯାହାର'' ।

ଅକ୍ଷତ ଓ କ୍ରୁଶ ରଚନା କାଳରେ କବି ବ୍ୟକ୍ତିଗତ ତଥା ସୃଷ୍ଟିଗତ ଦୁଃଖକୁ ପ୍ରତ୍ୟକ୍ଷ କରି ମୂହ୍ୟମାନ । ସେ ପ୍ରତିକ୍ରିୟାରେ ବୁଦ୍ଧ, ଯିଶୁ, ସନ୍ଥକବି ଭୀମଭୋଇଙ୍କ କାରୁଣିକ ବ୍ୟାକୁଳତା ତୀବ୍ର ଅନ୍ତର୍ଦାହ ହୋଇ ପ୍ରକାଶିତ । ଧର୍ମର ପୂଜିତ ଈଶ୍ୱରଙ୍କୁ କବି ଏଇଠାରେ ସଚେତନ ଭାବେ ବର୍ଜନ କରିଛନ୍ତି । ମାତ୍ର ବିଶ୍ୱାସର ପୂଜାବେଦୀରେ ଏକ ମଙ୍ଗଳମୟ ଐଶ୍ୱରିକ ବିଧାନ ତଥାପି ପ୍ରତିଷ୍ଠିତ ରହିଛି । କ୍ରମଶଃ କବି ସୁଖ ଦୁଃଖର ଦ୍ୱନ୍ଦ୍ୱକୁ ତାଂକରି ମଂଗଳକର ଅଭିପ୍ରାୟ ବୋଲି ଅନୁଭବରେ ପ୍ରସାରଣ ଲାଭ କରିଛନ୍ତି । ଉଭୟ ଯେ ମାନବାତ୍ମାର ଉତ୍ତରଣ ନିମନ୍ତେ ପ୍ରେମର ବିଧି-ଅଭିପ୍ରେତ ବିଧାନ, କବିଙ୍କ ପରବର୍ତ୍ତୀ ଅଧାତ୍ମ ଜିଜ୍ଞାସା ଓ ଉପଲବ୍ଧି ମାନ ସେଇ ପ୍ରତ୍ୟୟ-ସଂଜାତ ।

'ଅକ୍ଷତ'ର ଭୂମିକାରେ କବି କହିଛନ୍ତି, ''ମନୁଷ୍ୟର ଚିତ୍ତ ସବୁବେଳେ ଏକ ଅଦୃଶ୍ୟ ଶକ୍ତି ସଂଗେ ନିଜକୁ ସଂପର୍କିତ ରଖି ଏକପ୍ରକାର ମାନସିକ ସୁଖ ଆସ୍ୱାଦନ କରିବାକୁ ଚାହେ, X X X X ଲେଖକ X X X X ଈଶ୍ୱର ନାମକ ସେହି ରହସ୍ୟମୟ ଅଦୃଷ୍ଟ ପୁରୁଷ ନିକଟରେ ତାହା ହିଁ କରିବାକୁ ଯାଉଛି'' ନିଜକୁ ଉନ୍ମୁକ୍ତ କରିପାରିବା ଭଳି ଏକ ଆତ୍ମୀୟତା, ଅନ୍ତରଂଗତା ପାଖରେ ହିଁ ସୁଖଦୁଃଖର କଥା କୁହାଯାଇଥାଏ ଏବଂ ଆତ୍ମୀୟତାର ଦାବୀରେ ଥାଏ ଅଧିକାର ଓ ଅଭିମାନ । କବିଙ୍କର ଅଭିମାନ, ଈଶ୍ୱର ମଣିଷର ଏକମାତ୍ର ନିଜର ହୋଇ ମଧ୍ୟ ତାକୁ ଭୁଲିଯାଇ ଦୁଃଖ କଷ୍ଟର ନରକ ପଥରେ ଛାଡ଼ିଦିଅନ୍ତି । ତଥାପି ମନରମାନ ଅଭିମାନକୁ ଅପେକ୍ଷା ନ କରି ହୃଦୟ ତାଙ୍କୁ ନୀରବ ପ୍ରେମରେ ଗ୍ରହଣ କରିନିଏ । ପାର୍ଥିବ ଜୀବନ ତୁଚ୍ଛ ଶାମୁକା ପରି ବିବର୍ଣ୍ଣ ମାତ୍ର ଈଶ୍ୱର ପ୍ରେମ ରୂପକ ମୁକ୍ତା ଧାରଣ କଲେ ତାହା ମହାର୍ଘ ହୋଇଉଠେ ।

Digitized by srujanika@gmail.com

ଏଇ ଲୁକ୍‌କାୟିତ ଦେବତାଙ୍କ ସହ କବିଂକ ସଂପ୍ରୀତିର ସ୍ୱୀକାରୋକ୍ତି 'କ୍ରୁଶ ବହନ୍ତି' । 'ଅକ୍ଷତ'ର କବିତାବଳି ରଚନାକାଳରେ ମାନସିଂହଙ୍କ ଦରଦୀ କବିଚିତ୍ତ ବିଶ୍ୱବେଦନା ପାଇଁ ପ୍ରବଳ ଭାବେ ବ୍ୟାକୁଳ, ମାତ୍ର ସବୁ ଦୁଃଖ ଯାତନାକୁ ଈଶ୍ୱରଂକ ବିରାଟବେଦନା ବୋଧର ଅଂଶ ବୋଲି ଅନୁଭବ କରିଛି । ମନେହୁଏ କବିଙ୍କ ଅଭିଜ୍ଞତା ସମୃଦ୍ଧ ଓ ଅନୁଭୂତି ଶାଣିତ ବିଚାର ସବୁ କିଛିର ଅନ୍ତରାଳରେ ଏକ ମହାନ ଇଚ୍ଛାର ବିରାଟ ସଂକଳ୍ପକୁ ଆବିଷ୍କାର କରିଛି । ''ତୁମର ଚିହ୍ନିଲା ଯାକେ,'' ''ଜାଣିଲି ମାତ୍ରକ ତୁମେ ଏକ ଓ ଅନେକ'' ଏ ପ୍ରାଣର ଚିହ୍ନା ଆତ୍ମାର । ପରିଦୃଶ୍ୟ ପ୍ରକୃତି, ଜନଜୀବନ ଓ ଅନ୍ତଃଗହନରେ, ଜୀବନସଂଗ୍ରାମଲବ୍‌ଧ ସୁଖଦୁଃଖରେ ସେ ପରମ ଏକ ପ୍ରତି କବି ହୃଦୟର ଅନିବାର୍ଯ୍ୟ ପ୍ରବଣତା ତାଙ୍କୁ ବିଶ୍ୱବିସ୍ତୃତ ଓ ଅନ୍ତଃସଂଗୁପ୍ତ ବୋଲି ଉପଲବ୍‌ଧି କରିଛି ।

କବି ଟିକେ ସାନ୍ନିଧ ସୁଖର କାମନା ରଖିଛନ୍ତି । ପ୍ରେମ-ସମ୍ପର୍କରେ ସକଳ ମାଧୁର୍ଯ୍ୟ ଏ ସୁଖ ଇଚ୍ଛାଟିକୁ କେନ୍ଦ୍ରକରି ଗଢ଼ିଉଠେ । କବି ସୁଖର ଭୋଗ ବା ଦୁଃଖର ନିଷ୍କୃତିର କଥା କହିନାହାନ୍ତି । କେବଳ ଟିକେ ସାମୀପ୍ୟ-ସୁଖ, ଯାହା ନରକର ଅଂଧାର ଓ ଦୁର୍ଗମ ପଥରେ ବି ଦିବ୍ୟ ପ୍ରେମର ଅଭୟ ସ୍ପର୍ଶ ରୂପେ ପ୍ରାଣରେ ଆଶ୍ୱାସନା ଭରିଦେବ । କବି ସୁଖ ଦୁଃଖର ରୂପକୁ ମଧ ଚିହ୍ନିଛନ୍ତି । ଜଗତରେ ସୁଖନାମରେ ଯାହା ଖୋଜାଯାଏ, ସେ ସବୁତ ସୁଖର ଆଶ୍ୱାସନା ମାତ୍ର, ''ଏଥି ସୁଖୀ ହେବା ପାଇଁ କେତେ ଅଳ୍ପଦ୍ରବ୍ୟ ଲୋଡ଼ା''-ପ୍ରକୃତ ସୁଖ ତ କେବଳ ଈଶ୍ୱର ଯାହା ଆତ୍ମାର ଚିରନ୍ତନ ଅନ୍ୱେଷଣ ଏବଂ ପାର୍ଥିବ ପ୍ରୟୋଜନବୋଧର ସମାପ୍ତିରେ ବି ଉପଲଭ୍ୟ ।

'ପାନ୍ଥଗାଥା' କବିଙ୍କ ଅଧ୍ୟାତ୍ମଦର୍ଶନ ଓ ଜୀବନ-ଜିଜ୍ଞାସାର ପରିଚୟ ଲିପି । ଲୌକିକ ଶାସ୍ତ୍ର ପୁରାଣସିଦ୍ଧ ଧର୍ମ ଧାରଣା ପ୍ରତି ବିମୁଖତା, 'ମୁକ୍ତି ଓ ଈଶ୍ୱର'ଙ୍କ ସଂପର୍କରେ କବିଂକ ଆତ୍ମଦର୍ଶନ ଏବଂ ପୃଥିବୀ ଓ ମଣିଷ ସମେତ ସାରା ସୃଷ୍ଟି ସହ କବିଂକ ପ୍ରାଣର ଆତ୍ମୀୟତା ଏଇ ସୂତ୍ରରେ ଉନ୍‌ମୋଚିତ । ବହୁଦେବବାଦ ଓ ଅଦ୍ୱୈତବାଦର ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ସର୍ବତ୍ର ଈଶ୍ୱରପ୍ରକାଶ ବୋଲି ବିଶ୍ୱାସର ଭିତ୍ତିରେ ହିଁ କବି ଜୀବନ ଓ ଜଗତକୁ ତାଙ୍କର ଐଶ୍ୱର୍ଯ୍ୟର ବିଭୂତି ବୋଲି ଗ୍ରହଣ କରିଛନ୍ତି । ପୃଥିବୀ ପ୍ରତି ମମତାସିକ୍ତ କବି ଚିତ୍ତ : ତଥାପି ଜାଣନ୍ତି ଏ ପୃଥିବୀ ପାନ୍ଥଶାଳା । ଦୁଇଦିନ ପାଇଁ ତାର ମଧୁର ଆଶ୍ରୟ ଲଭି, ପୁଣି ତାକୁ 'ମାଟିମୟ' ବୋଲି ବିରାଗର ଅଶ୍ରଦ୍ଧା ଫିଙ୍ଗିବାକୁ ଅକୃତଜ୍ଞତା ମନେକରନ୍ତି । ପୃଥିବୀ ଈଶ୍ୱରଙ୍କର ସ୍ନେହର ଉପହାର, ସେଥିପାଇଁତ ଫୁଲରେ ମହକ, ବୁକୁରେପ୍ରୀତି । ତାଙ୍କର ପରମ ଅନୁକଂପାଟି ବୀଜ, ଶସ୍ୟ, ଅନ୍ନ, ସିଏ ପୁଣି ସ୍ୱୟଂ ପ୍ରାଣପବନ । ଏ ଅବବୋଧର ଚମତ୍‌କାରିତା ଭିତରେ ଦାର୍ଶନିକ ମାନସିଂହ ସହ କବି ମାନସିଂହ ଏକାଠି ହୋଇଯାଇଛନ୍ତି । କବିଙ୍କ କହିବା କଥା, ପ୍ରୀତିମୟୀ ପୃଥିବୀର ଶ୍ରଦ୍ଧାମୃତକୁ ଲୋଭ କଲେ ହିଁ ତାହା ବିଷର ଦୁଃଖ ଜ୍ୱାଳାରେ ପରିଣତ ହୁଏ । କବି ଶାଶ୍ୱତ ସୁଖରେ ବିଶ୍ୱାସୀ, ମାତ୍ର ତାହା ସଂସାରୀର ବିଷୟାସକ୍ତି ବି ବୈରାଗୀର ବିରକ୍ତି ନୁହେ, ଚେତନାର ଉତ୍‌କ୍ରାନ୍ତି ।

Digitized by srujanika@gmail.com

କବିଙ୍କ ଈଶ୍ୱର ରୁଦ୍ଧଦେବାଳୟର ପାଷାଣ ବିଗ୍ରହ ନୁହନ୍ତି, ଜୀବନ-ବାନ୍ଧବ । ହୃଦୟର ସତ୍ୟ ସରଳ ପ୍ରେମର ପଥ ହିଁ ତାଙ୍କୁ ପାଇବାର 'ସହଜ ପଥ' । କବି ବୈଦିକ ଋତର ଶାଶ୍ୱତ ବିଧାନକୁ ସ୍ୱୀକୃତି ଦେଇ ସୃଷ୍ଟିର ଭଂଗାଗଢ଼ାକୁ ଅର୍ଥାନ୍ୱିତ ଦେଖିଛନ୍ତି (୨) । ବିଶ୍ୱବେଦନାକୁ ହୃଦୟ ପାତ୍ରରୁ ପାନକରି ତା ଭିତରୁ ଜୀବନର ସ୍ୱାଦ ଚାଖି, ଜୀବନଦେବତାଙ୍କ ବିବିଧ ରହସ୍ୟମୟ ରୂପକୁ ଚିହ୍ନିରଖିବା ପ୍ରତିଟି କଳାସୃଷ୍ଟିର ଅଭିଳାଷ । ତେଣୁ ଶାସ୍ତ୍ରର ଦୁର୍ଲଭ ଦୁର୍ଗମ କବିଧର୍ମରେ ସୁଲଭ ସରଳ ଓ ନିକଟ । କବିର ଯୋଗ ନାହିଁ କି ଜାଗ ନାହିଁ । ତାର ପୂଜା ପ୍ରକୃତିର ଯଜ୍ଞବେଦୀରେ, ହୃଦୟର ଧୂପାଳିତରେ ଜଗତର ସକଳ ସଂପର୍କ, ଜୀବନର ସକଳ ଅନୁଭବ, ଏମାନେ ହିଁ ହୃଦୟାସୀନ ଈଶ୍ୱରଙ୍କର ସିଂହାସନ ଅଭିମୁଖୀ ଶତଶତପଥ । ସାରାସୃଷ୍ଟି ଓ ସଂପର୍କ ଭିତରେ ଯେଉଁ ଐଶ୍ୱରିକ ବିରାଟ ବିଶ୍ୱଯଜ୍ଞ ଅହରହ,କ୍ରିୟାଶୀଳ, ମାନବ ହୃଦୟରୁ ତାର ମୁଗ୍ଧ ସାମବନ୍ଦନାଟିକେ ଉଚ୍ଚାରିତ ହୋଇପାରିଲେ ସେ ମଧ ଯଜ୍ଞଜାତ ପୁଣ୍ୟର ସୋମାନନ୍ଦ ଲାଭ କରିଥାଏ ।

କବି ଅଧ୍ୟାତ୍ମ ବିବର୍ତନରେ ବିଶ୍ୱାସୀ । 'ଚେଷ୍ଟା ଓ ବିକାଶ ଦୁଇ ସୃଷ୍ଟିର ନୟମ ।' ଆସନ ବଂଧ ବା ରୀତିନିୟମର ପୂଜା ଆଚାରକୁ କବି ଆଧ୍ୟାତ୍ମିକତା ବିଚାରନ୍ତି ନାହିଁ । ବୌଦ୍ଧ ନିରୀଶ୍ୱରବାଦ ଓ ଉପନିଷଦୀୟ ସର୍ବଦେବବାଦ, ବିଶ୍ୱକୁଟୁଂବିତା ପୁଣି ବ୍ୟକ୍ତିଗତ ଅଧ୍ୟାତ୍ମ ବିକାଶ ସବୁ ଆପାତଃ ଦ୍ୱନ୍ଦ୍ୱର ଉର୍ଦ୍ଧ୍ୱରେ ମାନବୀୟ ଚେତନା କ୍ରମଶଃ ଦିବ୍ୟତାକୁ ବିକଶିତ - ସେଇ ବିଶ୍ୱାସ କବିଙ୍କୁ ଶାସ୍ତ୍ର ପ୍ରମାଣର ବାହାରେ ଜୀବନଦେବତାକୁ ନିଃସଂଶୟ ଗ୍ରହଣ କରି ନେଇଛି । ସେ ବିଶ୍ୱାସର ଏକ ଉଜ୍ଜ୍ୱଳ ମୁହୂର୍ତ ଝଲକିତ, ସ୍ୱୀୟ ଶିଶୁକନ୍ୟାର ମୃତ୍ୟୁକାଳୀନ ବିଷାଦ ଅଂଧାର ବେଳାରେ ଶୋକାକୁଳ ପିତୃତ୍ୱର ଅଭିନବ ଉପଲବ୍ଧି, ବୁଝୁଛି ମୁଁ ଏବେ ମୋର କ୍ଷୁଦ୍ର ହରାଧନ/ କରିଅଛି ବିଶ୍ୱରେ ଓ ମତେ ମୁଖାମୁଖୀ/ ନାହିଁ ପାରିଥିଲା ଯାହା ବହୁ ସାଧନାର'' । ପ୍ରତିଟି କ୍ଷୁଦ୍ର ଜୀବନ-ବିନ୍ଦୁରେ ଯେ 'ସୃଷ୍ଟି-ସ୍ଥିତି-ପ୍ରଳୟ ବିରାଟ ନାଟକ', ଏହା ହିଁ ଜୀବନକୁ କବିଙ୍କ ସ୍ୱୀକୃତି ଓ ସ୍ରଷ୍ଟାଙ୍କ ପ୍ରତି ସଶ୍ରଦ୍ଧ କୃତଜ୍ଞତା । ପୁଣି 'କ୍ଷୁଦ୍ର ହରାଧନ'ଟି, ହୃଦୟର ସ୍ନେହଧନ ରୂପେ ସେ ଅମୂଲ୍ୟ, ଯେପରି ଜଣାଇବାକୁ ଆସିଥିଲା , 'ବିଶ୍ୱେ ନାହିଁ ରୂପ ଆଉ ସ୍ନେହ ର ମରଣ । ଅମରତ୍ୱର ଏ ଅଦ୍ଭୁତ ମହିମାଗାନ ।

'ଜୀବନଚିତା'ର କବିତାଗୁଡ଼ିକ ପାର୍ଥିବ ଯନ୍ତ୍ରଣା ପୁଣି ଅଧ୍ୟାତ୍ମ ଆସ୍ପୃହାର ସଂଘର୍ଷ ସଂବାଦ ପୃଥିବୀର କ୍ଳେଦ, ଜୀବନର ଖେଦ, ଜଗତର ଅସାରତା, ବାସ୍ତବତାର ତିକ୍ତତାର ପରିପ୍ରେକ୍ଷୀରେ କବି ଜନ୍ମ ଓ ଜୀବନର ସାର୍ଥକତା ଖୋଜିଛନ୍ତି । ଜନ୍ମ ମୃତ୍ୟୁର ନିୟନ୍ତ୍ରଣାଧୀନ ଜୀବନକୁ ଜନ୍ମାନ୍ତର ଓ ଅଧ୍ୟାତ୍ମ ବିକାଶର ଦିବ୍ୟସଂକଳ୍ପ ସଂଚାଳିତ ବୋଲି ବିଶ୍ୱାସ କରିଛନ୍ତି । 'ନିଦ୍ରିତ ଭଗବାନ' ଧରଣୀଦାସ, ଶେଷକଥା , ଦେବପୂଜା ଆଲୋକମାଗେ ପ୍ରଭୃତି

୨- ଅଲଂଘ୍ୟ ନିୟମଜାଲେ ବନ୍ଧା ସେ ଈଶ୍ୱର ।
ବିଶ୍ୱରେଣୁ ମହାକାଳ ତାଙ୍କ ରାଜପଥ ।
ଗ୍ରନ୍ଥାବଳୀ ୧ମ ପୃଷ୍ଠା : ୨୯୭

Digitized by srujanika@gmail.com

କବିତାରେ ପାର୍ଥିବ ଯନ୍ତ୍ରଣା ଦଗ୍ଧ ଓ ଈଶ୍ୱରଂକ ପ୍ରତି ଅଭିଯୋଗ କ୍ଷୁବ୍ଧ ଓମର ଖୟାମୀ ସ୍ୱର/ ଦେବଶିଶୁ ଚଳେ ନରକର ଅଭିସାରେ ''/ଆଲୋକବାସୀ ମୁଁ ଅଂଧାରେ ଗଲେ ମିଶି/ ଧରଣୀରେ ମନ୍ତ୍ରଭୁଲିଲି ପରା / ବିରାଟ ସେ ଆଜି ଧାଉଁଛି ତୁଚ୍ଛ ଆଶେ'' ପ୍ରଭୃତିରେ କବି ଆତ୍ମାର ବିଦ୍ରୋହ -ବ୍ୟାକୁଳତାକୁ ପ୍ରକାଶ କରିଛି ଯେ ଧରାଶିଶୁ ଅମୃତଜାତ ହୋଇ ମଧ ଧରାରୂପ କଳୁଷ ନରକକୁ ଈଶ୍ୱରଙ୍କ ଦ୍ୱାରା ହିଁ ପ୍ରେରିତ୍‍ ।(୩) ମାତ୍ର ସବୁ ଉଛଳ ଉଚ୍ଛ୍ୱାସ ଭିତରେ କବି ପୂର୍ଣ୍ଣ ସଚେତନ ଯେ ଆତ୍ମା ନିରଂଜନ । ସୃଷ୍ଟି ମୂଳ ଅଜ୍ଞାନତାରୁ ହିଁ ମାନବଚେତନାରେ ଦିବ୍ୟତାର ରୂପବିକୃତି ଓ ଦୁଃଖଭୋଗ । କବିଙ୍କ ଅନୁଭବରେ ଧରାବତରଣ କାଳରେ ଆତ୍ମା ମୃତ୍ତିକା ସ୍ପର୍ଶରେ ଆପଣାର ଦୈବତକୁ ବିସ୍ମୃତ ହୋଇଯାଏ । ଦୁଃଖରୁ ପରିତ୍ରାଣ ପାଇଁ ଶେଷକୁ ଆପଣାର ଉତ୍ସ ପାଖେ ଦିବ୍ୟକୃପା ଲୋଡ଼େ -''ଅବଶେଷେ ଅନ୍ତରୀକ୍ଷେ ହସ୍ତଟେକି ମାଗେ ପରିତ୍ରାଣ '' କବି ଭୂମାର ସଂଧାନ କାଳରେ ଭୂମିର ଅବଦାନକୁ କେଉଁଠି ଉପେକ୍ଷା କରିନାହାନ୍ତି । ପୃଥିବୀର ମାୟାବାଦୀର ସାଧନା ଓ ଆକାଶୀ ମୁକ୍ତିର କଳ୍ପନାକୁ ତାଚ୍ଛଲ୍ୟ କରିଛନ୍ତି, ମାଟି-ମମତାର ଆସକ୍ତିକୁ ମଧ ଭ୍ରାଂତି ବିଚାରିଛନ୍ତି । 'ନିଃସଂଗ ଅତିଥି', 'ଶେଷକଥା', 'ବିଶୃଙ୍ଖଳ ସୃଷ୍ଟି' ପ୍ରଭୃତିରେ ଅସୀମର ଆହ୍ୱାନ, ଚୈତନ୍ୟଉଚ୍ଚାଟନ, ସତ୍ତାଗତ ଅସହାୟତାର ସଂଘର୍ଷ ଚିତ୍ର ରୂପାଂକିତ ।

ଜୀବନଚିତାରେ ଚିରାଚରିତ ଧର୍ମଧାରଣ ଉପେକ୍ଷିତ । ଅମୃତ, ଦିବ୍ୟ, ସ୍ୱର୍ଗ ଶବ୍ଦମାନ ଧର୍ମନୁହେ, ଅଧ୍ୟାତ୍ମ-ପ୍ରତୀକରେ ପ୍ରଯୁକ୍ତ । ସୌନ୍ଦର୍ଯ୍ୟ ଓ ପ୍ରେମ କବିଙ୍କ ବିଧାତା ପୁରୁଷ । ମନ୍ଦିରର ଈଶ୍ୱର ସତ୍ୟଶିବଙ୍କସ୍ଥାନ ପୂରଣ କରିନାହାନ୍ତି । ମାତ୍ର ଯେଉଁ ପୀତି-ରୂପଭିତରେ କବି ''ପାଏ ଥରେ ଥରେ /ଦେବତାର ଅନୁଭବ ମୋର ଏଇ ଜୀବନ ପଥରେ '' ବୋଲି କହିଥିଲେ (ବଂଧନ/ହେମଶସ୍ୟ), ସେହି ପ୍ରେମ ଏବେ ଈଶ୍ୱର । ସୌନ୍ଦର୍ଯ୍ୟ ରସିକତା କବିଙ୍କୁ 'ଊର୍ଦ୍ଧ୍ୱଚେତନାରେ', 'ଦେହହୀନ ସୌନ୍ଦର୍ଯ୍ୟରେ କ୍ରୀଡ଼ା', ଉପଭୋଗ ପାଇଁ ସୁଯୋଗ ଦେଇଛି ଏବଂ ପ୍ରେମ ରତିରୁ ଆରତିର ସାଧନ ମାର୍ଗକୁ ଉତ୍ତୀର୍ଣ୍ଣ ହୋଇଛି । କବି ସେହି ପ୍ରେମ-ସୁନ୍ଦର ଈଶ୍ୱରଂକୁ ଦୃଶ୍ୟମାନ ଧରଣୀର ସ୍ତରେ ସ୍ତରେ 'ତସ୍ୟ ଭାସା ସର୍ବମିଦଂ ବିଭାତି' ବୋଧରେ ଦେଖୁଛନ୍ତି (ବିଶ୍ୱରୂପ) । ''ଯହିଁ ମୁଁ ପକାଏ ଦୃଷ୍ଟି ମୋର/ତହିଁ ପାଏ ବିରାଟ ସ୍ରଷ୍ଟାର ସତ୍ୟସ୍ପର୍ଶ- ।'' କେବଳ ଭବ୍ୟ, ବିଶାଳ, ମହାନ୍‌ରେ ତାଙ୍କର ପ୍ରକାଶ ନୁହେ, ତୁଚ୍ଛାତିତୁଚ୍ଛରେ ମଧ ତାଙ୍କର ଉଦ୍‌ଭାସ- ''ଖିଳ ବିଶ୍ୱ ଯାର ପୂଜା ବେଦୀ / ଦେଉଳରେ ତାର ପୂଜା ପୁରୋହିତ କରେ ?''

୩- "Oh thou who man of baser Earth didst make ?
And even with paradise devise the snake
For all that sin where with the face of man
Is blackened,- man's forgiveness give and take !" (OMAR KHYAAM-Tra - W. Fitzerald)

Digitized by srujanika@gmail.com

ଏଭଳି ଦେବାଳୟରେ ରୁଦ୍ଧ ଅନ୍ଧକାରରେ ବନ୍ଦୀ ହୋଇ ଗୋପନ ରହିବେ କାହିଁକି ? ''ଅନ୍ତରରୁ ଅନ୍ତରୀକ୍ଷେ ବ୍ୟାପୀ ବିରାଜିତ ଯେ ଭୁବନେଶ୍ୱର''-ତାଙ୍କୁ ଶିଳାଗୃହର ନିର୍ଜୀବ ବିଗ୍ରହ ସଜାଇଦେବାକୁ କବି ଚେତନା ବିଦ୍ରୋହ କରିଛି । ସେ ପୁଣି କେବଳ ଅଦୃଶ୍ୟ ଅରୂପ ନୁହନ୍ତି, ବିବେକାନନ୍ଦ ଉଦ୍‌ବୋଧିତ, 'ବହୁ ରୂପେ ସମ୍ମୁଖେ ତୋମାର '-ଯେଉଁ ଜୀବ ଈଶ୍ୱରଙ୍କ ସଚଳ ପ୍ରତିମାରୂପେ ଆତଯାତ, ବୈଷ୍ଣବ-ବନ୍ଦିତ ନରନାରାୟଣ, ରବୀନ୍ଦ୍ରନାଥଙ୍କ ମାଟିର ମଣିଷ, ହୁଇଟ୍‌ମ୍ୟାନଙ୍କ 'Divine average' ର ସୁଖ-ଦୁଃଖ ବୋଧସହ ଅନ୍ତରଂଗ ହେବା ହିଁ ଐଶ୍ୱରିକ ସାନ୍ନିଧ । ଦିବ୍ୟ ଉତ୍ତର ଐକ୍ୟବୋଧୀ ଗଭୀର ମାନବିକତାରୁ ସଂଜାତ ପ୍ରେମ କରୁଣାରେ ଏ ଈଶ୍ୱରଙ୍କୁ ଅଧ୍ୟାତ୍ମ-ଉଦ୍‌ବୋଧନ ବୈଦିକ କବିଋଷିର ବାଣୀ, ବୁଦ୍ଧଙ୍କର କରୁଣା, ଯିଶୁ, ରାମକୃଷ୍ଣ, ଭୀମଭୋଇଙ୍କ ସ୍ନେହାସିକ୍ତ ବ୍ୟଥାକୁ ଯେପରି ପ୍ରତିଧ୍ୱନିତ କରିଛି ।

ଅଧ୍ୟାତ୍ମ ସାଧନ ଦୃଷ୍ଟିରୁ ଜୀବନଚିତା କବିମାନସର ଆତ୍ମ-ଚିନ୍ତନ ଓ ଶୁଦ୍ଧିର (purgation) ସ୍ତର । ଚେତନାର ଉତ୍ତରଣ ପଥରେ ବ୍ୟକ୍ତିର ସତ୍ତାଗତ ଅଜ୍ଞାନତା ଆବିଷ୍କାରର ଏହା ଆତ୍ମପୀଡ଼ନ ରୂପା ଆତ୍ମଗ୍ଲାନି, ଅସହାୟବୋଧ ଓ ଅନୁତାପ ଚିତ୍ତଶୁଦ୍ଧି ପାଇଁ ଦିବ୍ୟ କୃପା ପ୍ରାର୍ଥୀ ହୁଏ । ଦୁଃଖରୁ ମୁକ୍ତି ପାଇଁ ନୁହେ, ଅଜ୍ଞାନ-ଅକ୍ଷମତା କାଟିବା ପାଇଁ ଶକ୍ତିର ପ୍ରାର୍ଥନା । ଆହୁତି 'ତୁମର ପ୍ରୟୋଜନ' ଓ କୃତାର୍ଥ ପରି କବିତାମାନଙ୍କରେ ନବଉନ୍ମୀଳିତ କବିଙ୍କ ଅଧ୍ୟାତ୍ମ ସତ୍ତା ଜୀବନର ଦୁଃଖ ଦୁର୍ବିପାକ ଚେତନା-ବିକାଶର ଅପରିହାର୍ଯ୍ୟ ଆବଶ୍ୟକତା ବୋଲି ବୁଝିନେଇ ଅହଂ ବିନାଶ ପାଇଁ ପ୍ରସ୍ତୁତ; ଏ ବେଳେ ଅଭିମାନର ଅବୁଝାପଣ ଓ କ୍ଷୁଦ୍ରତା ମଧ ତୁଟିବାକୁ ଆରମ୍ଭ କରିଛି ।' ନବୀନ ଉପଲବ୍‌ଧିରେ ସୃଷ୍ଟିର ମଂଗଳ ଯଜ୍ଞରେ ଆଶାଭିଳାଷକୁ ଆହୁତି ଦେଲେ ହିଁ ଜୀବନ ଶୁଦ୍ଧ ଓ ସିଦ୍ଧ ହୁଏ । ଦୁଃଖ ସେ ହୋମାଗ୍ନିର ତପ୍ତଧାସ; ଆତ୍ମାର ପବିତ୍ରତା ସେ ଯଜ୍ଞ-ଧୂପର ମହକ ଉଲ୍ଲାସ ।

ଅନଳ-ସ୍ନାନରେ , କବି ଚେତନା କ୍ରମଶଃ ସ୍ୱର୍ଣ୍ଣପ୍ରଭ ହୋଇଉଠିଛି । ବିଶ୍ୱାସ ଓ ଅନୁରାଗରେ ଶାଣିତ ଉଜ୍ଜ୍ୱଳ ତାର ଊର୍ଦ୍ଧ୍ୱବିହାରୀ ପକ୍ଷ । ଦାହକାରୀ ଅଗ୍ନି ଆଲୋକିତ ବି କରେ । ଦୁଃଖଭୋଗ ସାର୍ଥକତା ଅହଂବୋଧର ବିଲୋପ ଭାବନାରେ । କବି ଚେତନାରେ ବ୍ୟକ୍ତିଗତ ସବୁ ଦୁଃଖକୁ ଆତ୍ମସାତ କରି ପରମକଲ୍ୟାଣର ଏକ ସ୍ନେହମୟ ଆଶ୍ୱାସନା ଯେପରି ଆକାଶରୁ ମାଟିଯାଏ ଉଚ୍ଛଳିତ ହୋଇଯାଇଛି । ତେଣିକି କ୍ଷୁଦ୍ର ପ୍ରାଣରେ କେବଳ କୃତଜ୍ଞତା, କୃତକୃତ୍ୟତା, ତା ଅର୍ପଣଯୋଗ୍ୟ ନ ହେଉ ବି, ମାତ୍ର ଅର୍ପଣୀୟ ପ୍ରେମତ !

'ଦୁର୍ବାର ଆରାଧନା' ଏହି ଭାବଚେତନାର ଏକ ଚମତ୍କାର ପ୍ରତୀକାତ୍ମକ ଅଭିବ୍ୟଂଜନା । ଏ କବିତାଟିକୁ କବି ଆତ୍ମାର ଗଭୀର ଆତ୍ମନିବେଦନର ମୁଗ୍ଧଗାନ ବୋଲି କୁହାଯାଇପାରେ ।

ଦୂର୍ବା ଉଦ୍ଭିଦ ସୃଷ୍ଟିର କ୍ଷୁଦ୍ରତମ ପ୍ରକାଶ । ତଥାପି ବିଶାଳ ଆଲୋକ ବଳୟ ସୂର୍ଯ୍ୟ ତାକୁ ମଧ ସ୍ନେହସ୍ପର୍ଶ ଦିଏ । ପ୍ରୀତି ସଂପର୍କରେ କ୍ଷୁଦ୍ର ବିରାଟର ବିଚାର ଅର୍ଥହୀନ । ଈଶ୍ୱରଙ୍କ

Digitized by srujanika@gmail.com

ଅସୀମ ପ୍ରେମରେ ସାନ୍ତ ମଣିଷର ମଧ୍ୟ ଅଧିକାର ରହିଛି । ଅଭିମାନ ବି ରହିଛି ଯେ ସେ ଯେତେ କ୍ଷୁଦ୍ର ହେଲେ ବିରାଟ 'ପ୍ରେମ-ରୂପ'ଙ୍କର ପ୍ରୀତିପାତ୍ର । ଆକାଶର ସୂର୍ଯ୍ୟାଲୋକ ଧରିତ୍ରୀର କୋଣ ଅନୁକୋଣ ଆଲୋକିତ କରିଦିଏ । ମଳୟର ସ୍ପର୍ଶ କେବଳ ଚନ୍ଦନତରୁରେ ନୁହେ, ଦୂର୍ବାଦଳରେ ବି ଲାଗେ । ପ୍ରେମର ସଂଚାରୀ ସ୍ପର୍ଶରେ କ୍ଷୁଦ୍ରାତିକ୍ଷୁଦ୍ରବି ଶାଶ୍ୱତର ଆଲିଂଗନ ଭିତରକୁ ପ୍ରସରି ଆସନ୍ତି । ପ୍ରେମରେ ବିସ୍ମରଣ ନାହିଁ । ପରମ ପ୍ରେମ ଜୀବ ପାଖକୁ ଆପେ ଆକର୍ଷିତ ହୋଇଆସନ୍ତି । ଏ ପ୍ରତ୍ୟୟ ପ୍ରୀତିସିକ୍ତ ହୃଦୟ ମାତ୍ରେ-ଯେତେ କ୍ଷୁଦ୍ର ଦୀନ ହୋଇଥାଉ ସେ । ସେଥିପାଇଁତ ପଥପ୍ରାନ୍ତର ଦୁର୍ବାର ଏ ମଧୁର ଅହଂକାର "ଭାବେ ମୁଁ ଯେପରି ମୋହଲାଗି ଖାଲି ନିତ୍ୟ ଆସେ" । କବି ନିଜର କ୍ଷୁଦ୍ରତା ସଂପର୍କରେ ସଚେତନ, ତଥାପି ଈଶ୍ୱରଂକ ପ୍ରେମରେ ପୂର୍ଣ୍ଣ ଆଶ୍ୱସ୍ତ । ନିଜକୁ ଦୂର୍ବା ଓ ବିଭୁପ୍ରେମକୁ ସୂର୍ଯ୍ୟରେ ପ୍ରତୀକିତ କରି କବି ଅନ୍ତଃଜାଗରଣ (psychic awakening)ର ତାତ୍ପର୍ଯ୍ୟପୂର୍ଣ୍ଣ ଅଧ୍ୟାତ୍ମ ସଂବାଦ ବାଢ଼ିଛନ୍ତି । ବିଭୁକରୁଣାର ସୂର୍ଯ୍ୟାଲୋକ ସକାଳ ସଂଙ୍ଗରେ ବିପୁଳା ଧରିତ୍ରୀକୁ ଭେଟିବା ବେଳେ ସାମାନ୍ୟ ତୃଣ ଦୁର୍ବାକୁ ମଧ୍ୟ ସଂଖୋଳିଯାଏ, ତାହା ହିଁ ସେ ପ୍ରେମର ମହିମା, ରବୀନ୍ଦ୍ର ରଚନାରେ "ଆମି ବିପୁଳ କିରଣେ ଭୁବନ କରି ଯେ ଆଲୋ, ତବୁ ଶିଶିର କଣାତେ ଆଲୋଦିତେ ପାରି, ବାସିତେ ପାରି ଯେ ଭାଲୋ"(ଉତ୍ସର୍ଗ) । ତଥାପି କ୍ଷୁଦ୍ର ଅନ୍ତକେ ଭରିଯାଏ । ନବଲବ୍‌ଧ ବିପୁଳାନୁଭୂତିର ଭାବୋଚ୍ଛ୍ୱାସ ପରେ କ୍ଷୁଦ୍ରତାର ଗ୍ଳାନିଯୁକ୍ତ କବି ମନର ସ୍ୱାଭାବିକ ଆଶଂକା, -ପ୍ରୀତିର ସେ ଦୁର୍ଭାବନା,ଶଂକା ଓ ସଂଶୟ ପ୍ରଣୟାନୁଭବ ସହ ଚିର ଜଡ଼ିତ "ନିବିଡ଼ ଏ ପୂଜା ଅବହେଳିତର ଅଛ କି ଜାଣି "? କ୍ଷୁଦ୍ର ଦୁର୍ବାର ଏ ହୃଦୟ ନିବେଦନରେ ବିରାଟର ଅପମାନ ହେଉନାହିଁ ତ !

କବି ବଡ଼ ସନ୍ତର୍ପଣରେ ହୃଦୟର ଗୁପ୍ତ ଭାବନାଟିକୁ ବାଢ଼ିଛନ୍ତି "ବୋଲନି ହେ ନାଥ ଜାଣେନି ମୁଁ ତୋତେ" ପ୍ରିୟର ସ୍ୱୀକୃତି ହିଁ ପ୍ରଣୟର ଏକମାତ୍ର ମାନ । ପ୍ରେମରେ ହତାଦର ସହିହୁଏ, ମାତ୍ର ଅସ୍ୱୀକୃତି ? ହୃଦୟ ସହ ବଂଧା ସେଇ ଗୋଟିଏ ସଂପର୍କର ଅସ୍ୱୀକୃତିରେ କବିଙ୍କ ପାଇଁ ଆଉ ସବୁ ସଂପର୍କ ଯେ ଅର୍ଥହୀନ ହୋଇଯିବ । କବି ତେଣୁ କାମନା କରନ୍ତି, ସେ ପ୍ରେମ ଅନ୍ତତଃ ଏକ ପ୍ରତିଶ୍ରୁତି ନିଜ ହୃଦୟର ଆକାଂକ୍ଷା ହୋଇ ରହିଥାଉ । ହୃଦୟର ପୂଜା ଥାଏ, ପୂଜିତ ପାଇଁ ସ୍ୱପ୍ନଥାଏ; ସେ ସ୍ୱପ୍ନରେ ପ୍ରୀତିସଂବଂଧର ମାୟାଭରି ରହିଥାଏ । କବିଙ୍କ ବ୍ୟାକୁଳ ନିବେଦନ; 'ଥାଉ ମୋର ଏହି ପୂଜାର ସ୍ୱପ୍ନ, ପ୍ରୀତିର ମାୟା' ।

ଆତ୍ମଗ୍ଳାନିରୁ ଅଧ୍ୟାତ୍ମ-ଯାତ୍ରାର ଆଲୋକପର୍ବ ସମାରବ୍‌ଧ ହୋଇଯାଏ । ଦିବ୍ୟ-ଅଦିବ୍ୟର ରୂପଭେଦ କରିବାର ସାମର୍ଥ୍ୟ "ଚନ୍ଦନ ପଙ୍କେ ମୁଁ ବୁଝିଲିଣି ଭେଦାଭେଦ"(ଅନୁତପ୍ତ) ରେ ସଂକେତିତ; ପୁଣି ଜୀବନର ପ୍ରାପ୍ତି-ଅପ୍ରାପ୍ତିର ଅର୍ଥ ବଦଳିଯବା ମଧ୍ୟ 'ରିକ୍ତତାର ଗୌରବ' ଲାଭରେ ସଂବଂଧିତ । ଶୂନ୍ୟପାତ୍ର ଏବେ ପୂର୍ଣ୍ଣତାର ଅପେକ୍ଷାରେ । ତୁଚ୍ଛ କବିତ୍ୱ ବା ଅଧ୍ୟାତ୍ମ

Digitized by srujanika@gmail.com

ଅହଂକାରର ଏ ସବୁ କଥା ବୋଲି ମନେହୁଏ ନାହିଁ । ଜୀବନର ଅଶ୍ରୁ-ଦଗ୍‌ଧ ଅନୁଭବଭିତରୁ ଏସବୁ ସତ୍ୟର କାବ୍ୟ-ରୂପାୟନ ପରବର୍ତ୍ତୀ କାବ୍ୟ ସଂକଳନ 'କ୍ରୁଶ'ରେ ଅଧିକ ଗଭୀର ମାର୍ମିକ ଓ ଅନୁଭୂତି ରସାଣିତ ହୋଇଛି ।

'କ୍ରୁଶ' ସଂବଳିତ ସନେଟ୍‌ଗୁଡ଼ିକୁ କବି ''ଏକ ଶୋକ ବିକ୍ଷୁବ୍‌ଧ, ଅଶ୍ରୁ-ଦଗ୍‌ଧ ପ୍ରାଣର କାତରବାଣୀ ଓ ତତ୍ତ୍ୱଜିଜ୍ଞାସା'' ବୋଲି ମତବ୍ୟକ୍ତ କରିଛନ୍ତି । ଶୋକାକୁଳ ଚିତ୍ତରେ ହିଁ ଅଶ୍ରୁଜିଜ୍ଞାସାର ଉଚ୍ଚାରଣ । ଚେତନାର ବିକାଶ ଯାତ୍ରାରେ ଦୁଃଖର ଭୂମିକା ଗୁରୁତ୍ୱପୂର୍ଣ୍ଣ । ''The world of the individual ' ଗ୍ରଂଥରେ Mr. Josiah Royce ଙ୍କର ଅନୁଶୀଳନରେ -"The experience of life , amidst all the chaos of our present form of consciousness, brings home to us this great truth that the perfection of the spirit is a perfection through the including and transcending of sorrow and brings at home in a form that leaves us no doubt that unless God knows sorrow, he knows not the highest good, which consists in the over-coming of the sorrow."

କ୍ରୁଶ ଦୁଃଖର ପ୍ରତୀକ । ଶାସ୍ତିର ପ୍ରତୀକ ବି । ଜୀବନର ସବୁଦୁଃଖ ଭାର ଏବଂ ଦୁର୍ଭାର ଶାସ୍ତି ମଧ । ଜନ୍ମ ମୃତ୍ୟୁର ଲମ୍ୱାରାସ୍ତାରେ ଜୀବନକୁ ସେ ଶାସ୍ତିଭାର ଏକାକୀ ବହିବାକୁ ହୁଏ । ଜୀବନକୁ କ୍ରୁଶ ସହ ଏକ କରି ଦେଖିବାର ଏହା ହିଁ ତାତ୍ପର୍ଯ୍ୟ । ଖ୍ରୀଷ୍ଟଧର୍ମରେ କ୍ରୁଶ ଅବଶ୍ୟ ବହନୀୟ ବ୍ୟକ୍ତିଆତ୍ମାର ଯନ୍ତ୍ରଣା ପୁଣି ଦିବ୍ୟପ୍ରେମର ସଂଭାବନା ରୂପେ ଉଦ୍‌ବୋଧିତ । କାବ୍ୟ-ପ୍ରତୀକରେ କ୍ରୁଶ ସାର୍ବଜନୀନ ସଂବେଦନଶୀଳତାରେ ଅର୍ଥବିସ୍ତୃତି ଲାଭ କରିଛି । କବି କ୍ରୁଶକୁ ଈଶ୍ୱରଙ୍କର ବିଶ୍ୱଯନ୍ତ୍ରଣାଭାର ବହନର ସ୍ମାରକୀ ରୂପେ ଏବଂ ବ୍ୟକ୍ତିଜୀବନର ବେଦନାକୁ ସେଇ ଯନ୍ତ୍ରଣାର ଅଂଶ ରୂପେ ବିଚାର କରିଛନ୍ତି । କଳାଗତ ରସସିଦ୍ଧି ଅପେକ୍ଷା 'କ୍ରୁଶ' କବିଙ୍କ ଅଧ୍ୟାତ୍ମ ମାନସ ଓ ଚେତନାବିକାଶର ଚିତ୍ରପ୍ରଦାନ କରିବାରେ ଅଧିକ ବିଶ୍ୱସ୍ତ । ତତ୍ତ୍ୱଦୃଷ୍ଟିରୁ ଏଥିରେ ଅଂଗୀଭୂତ ସନେଟ୍‌ଗୁଡ଼ିକ ଯେତିକି ବ୍ୟାପ୍ତିଭିତ୍ତିକ, ତତ୍ତ୍ୱ ଓ ଉପଲବ୍‌ଧି ଦୃଷ୍ଟିରୁ ସେତିକି ଭାବ-ଗଭୀର ।

ପ୍ରଥମରୁ ହିଁ କାବ୍ୟସ୍ୱରରେ ବହିଃବିକ୍ଷିପ୍ତ ଚେତନା ଅନ୍ତର୍ମଗ୍ନ ହେବାର ଅଭିଳାଷ ପ୍ରକଟିତ । ନିତ୍ୟକୋଳାହଳମୟ ଜଗତର ମହାସଂଗମ କ୍ଷେତ୍ରରେ ପ୍ରିୟଜନଙ୍କ ସ୍ନେହସୁଧା ଅବଗାହନ କରୁଥିବା ବେଳେ ମଧ କବି ଅତୃପ୍ତ, ତେଣୁ ଏକ ମୌନମୟ ନିଃସଂଗତା ଲୋଡ଼ନ୍ତି ଯାହା ପ୍ରକୃତରେ ପରମ ଉତ୍‌ସଂଗମୟ । ''ସେହି ନୀରବ ବିନ୍ଦୁରେ ତମ ସହ ମୁଖାମୁଖୀ ହେଲେ'' ଏକାକୀତ୍ୱ ସାର୍ଥକ ହୋଇଯାଏ । ବ୍ୟକ୍ତି ଜୀବନ ମଧ ବିଶ୍ୱର ବ୍ୟାପ୍ତିକୁ ପ୍ରସରିଯାଏ । କବିଚିତ୍ତ ନବୋଦ୍‌ଗତ କମଳ ପରି କରୁଣାଲୋକ ଉନ୍ମୁଖ । ଏଇ ଆଲୋକ ଅଭିଳାଷର ସଚେତ ଅଧ୍ୟାତ୍ମ-ଚିତ୍ର ''ବିରାଟର ଆକର୍ଷଣ'' ଗାଢ଼ ଅଂଧକାର ଭିତରେ ସମୁଦ୍ରମଧ୍ୟସ୍ଥ

Digitized by srujanika@gmail.com

କାଚଘେରା କ୍ଷଳମାନ ଶିଖର ଆକର୍ଷଣରେ ଅସ୍ଥିର ପତଂଗର କାଚରେ ପିଟି ହୋଇ ମୃତ୍ୟୁବରଣ କରିବାର ବର୍ଣ୍ଣନା ଭିତରେ ପତଂଗ ଆଲୋକପ୍ରାପ୍ତ ହେଲା କି ନାହିଁ ତାହା ଅବାନ୍ତର ହୋଇଯାଇଛି । ସତ୍ୟ କେବଳ ତାର ଆଲୋକ ତୃଷ୍ଣା ଓ ମୃତ୍ୟୁ ଯାହା ବିଲୁପ୍ତିର କି ବିମୁକ୍ତିର ବି । ମୃତ୍ୟୁକୁ ଅବଲଂବନ କରି ଅମରତ୍ୱରେ ରୂପାନ୍ତର ଘେନିବା ଏକ ଅନିବାର୍ଯ୍ୟ ଆଧାତ୍ମିକ ଦୃଷ୍ଟିଭଙ୍ଗୀ ଯେଉଁଥିପାଇଁ ପତଙ୍ଗ, ଆଲୋକ, ଝଡ଼, କାଚଘର ଇତ୍ୟାଦି ଗଭୀର କାବ୍ୟବ୍ୟଞ୍ଜନା ଲାଭ କରିଛନ୍ତି । ''ଅଶାନ୍ତ ଝଡ଼ରେ ଦେବି ଏକମୁଖୀ ଝାସ ''- ଅଧ୍ୟାତ୍ମ ଶିହରଣ ଏକ ବିପୁଳ ଝଡ଼ । ପତଂଗଭଳି ଯାହାଭିତରକୁ ଉଦ୍ଦାମ ଝାସ ଦେବାର ଆବେଗ ମରଣର ଭୟ କୁ ମଧ୍ୟ ଭୁଲିଯାଏ ।

'କ୍ରୁଶ' ଉପଲବ୍ଧ ତତ୍ତ୍ୱଜିଜ୍ଞାସାରେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମେଟାଫିଜିକାଲ ଦୃଷ୍ଟିଭଂଗୀ ପ୍ରତିଫଳିତ । ଆତ୍ମାର ଦିବ୍ୟତା, ଚିତ୍ ସତ୍ତାର ଅଭୀପ୍ସା, ସୃଷ୍ଟିର ଦିବ୍ୟତା ଅଭିମୁଖେ ବିବର୍ତ୍ତନର ପ୍ରକ୍ରିୟା , ସ୍ୱୟଂ ଦିବ୍ୟ ଚେତନାର ସାହଚର୍ଯ୍ୟ ଓ ଦିଗ୍‌ଦର୍ଶନ ଇତ୍ୟାଦି ତାର ରୂପ ସଂକେତ । ସ୍ଥୂଳତଃ ପରିପୂର୍ଣ୍ଣତା ଅଭିମୁଖେ ଯାତ୍ରାକାଳରେ ଜୀବନର ଅନିବାର୍ଯ୍ୟ ଅନୁଭବମାନ ହିଁ କବିଚେତନାରେ କ୍ରୁଶ । କବିଙ୍କ ମନ୍ତବ୍ୟ ''ତୁମ ହାସ୍ୟ ଅଶ୍ରୁ ସୁଖ ଦୁଃଖ ହିଁ ଈଶ୍ୱର'' ପୁଣି ''ଆମେଇ ପ୍ରତ୍ୟକ ଏକ ଗୋପନ ଈଶ୍ୱର/ପ୍ରତିଟି ସଂଗ୍ରାମେ ଆତ୍ମା ଉଠେ ଊର୍ଦ୍ଧ୍ୱ ତର X X ଈଶ୍ୱର ବିକାଶ ପାଇଁ ଜନ୍ମ ଜନ୍ମାନ୍ତର X X ବୋହିବାକୁ ହେବ ଅନୁଭବ କ୍ରୁଶ ରାଶି '' କବିବରଂ ବିଶ୍ୱଦୁଃଖରେ ଅଂଶ ମାଗନ୍ତି, ''ଦିଅ କିଛି ସ୍କନ୍ଧେ ଦୁଃଖ ବେଦନା ତୁମର'' ଯେହେତୁ ''ତୁମ ଦେଇ ବିଶ୍ୱସାଥେ ମିଳିତ ଜୀବନ ''। କାମନା କେବଳ ଟିକେ ସହଚାରିତ ''ଜନ୍ମେ ଜନ୍ମେ ତୁମ୍ଭ କ୍ରୁଶ ସାନନ୍ଦେ ବହିବି । ଯଦି ଖାଲି ଆଗୋ ତବ ପଦ ଦେଖୁଥିବି '' । କବି ଚେତନାରେ ରୁଦ୍ର ଓ ଶିବ, ବୀଭତ୍ସ ଓ ମନୋହର, ସଂଗ୍ରାମ ଓ ଶାନ୍ତିରଆପାତ ବିରୋଧ ନିରସନ ହୋଇଯାଇଛି, ଅନୁଭବର ପୂର୍ଣ୍ଣତା ପଥରେ ଦୁଃଖମାନେ ଯେ କେବଳ ଚେତନା - ଗୂଢ଼ ହେବାର ପାହାଚ ମାନ'-କବି 'ଦୁଃଖଜୟ'ର ରହସ୍ୟ ବୁଝିଛନ୍ତି - 'ଅଛି ଦୁଃଖ ଜୀବନରେ, ମୃତ୍ୟୁ ସୃଜନରେ ' ।

ଜୀବହଂସ, ସୁପର୍ଣ୍ଣପକ୍ଷୀ ପ୍ରଭୃତି ପ୍ରତୀକାତ୍ମକ ସନେଟଗୁଡ଼ିକରେ ନିର୍ମଳ ଆତ୍ମାର ରୂପ ଉପଲବ୍ଧି ପ୍ରସଂଗ ସଂକେତିତ । ସ୍ୱର୍ଣ୍ଣବର୍ଣ୍ଣ ପରମ ପ୍ରଜ୍ଞାର ରଂଗ ସ୍ୱର୍ଣ୍ଣ ଧାତୁସାର, ଐଶ୍ୱର୍ଯସାର । ହଂସ ମଧ୍ୟ ସାର ଗ୍ରହଣକାରୀ ମାନସରୋବର (ନିର୍ମଳ ମାନସ) ନିବାସୀ । ପକ୍ଷ ସ୍ୱାଚ୍ଛନ୍ଦ୍ୟ, ମୁକ୍ତି ଓ ଊର୍ଦ୍ଧ୍ୱ ବହାରର ସଂକେତ । ଜୀବହଂସର ''ଧରା ତେଜ ଅନ୍ତରୀକ୍ଷେ ସୁଧା ଆହରଣ''- କବିର କଳ୍ପନାଲବ୍‌ଧ ସୁଖ-ସୁଧା ନୁହେଁ । କବିଚେତନାର ଊର୍ଦ୍ଧ୍ୱ ଓ ଅନନ୍ତ ବ୍ୟାପ୍ତିକୁ ନିଷ୍କ୍ରମଣ, ସୀମାବିସ୍ଫୁରଣ ଓ ବିରାଟ ବ୍ରହ୍ମାଣ୍ଡର ଅବବୋଧ ରୂପ-ଚିତ୍ରଟି ମଧ୍ୟ ପ୍ରତୀୟମାନ । ଏକ ଅନିର୍ବଚନୀୟ ମହା ବିମୂଢ଼ତା ଭିତରେ କବି ସେହି ପରମ ବିସ୍ମୟ, ପରମାଶ୍ଚର୍ଯ୍ୟକୁ ଭେଟିଛନ୍ତି, ଯାହାପରେ ତାଙ୍କର ସ୍ୱତନ୍ତ୍ର ନିଜର ଗାନ ଆଉ କିଛି

Digitized by srujanika@gmail.com

ରହିନପାରେ । କେବଳ ଏକ ବିପୁଳ ସ୍ତବ୍‌ଧତା : ନିଖିଳଲୋକର ଅଶ୍ରୁତ ସଂଗୀତ ଧାରାରେ ପ୍ରଲୀନ ଏକ ମୁଗ୍‌ଧସ୍ୱର 'ନମସ୍କାର ନିଅ ମୋର, କିଛି ପ୍ରଶ୍ନ ନାହିଁ ''।

ଭୁବନ-ପ୍ରତ୍ୟକ୍ଷ ଭୁବନେଶ୍ୱରଙ୍କୁ କବି ଜୀବନ-ସଂଗୁପ୍ତ ଜୀବନେଶ୍ୱର ବୋଲି ଆବିଷ୍କାର କରିଛନ୍ତି । ପୁଣି ଅନ୍ତର୍ଯ୍ୟାମୀ, ପ୍ରାଣସଖା, ଦୁର୍ଲଭବଲ୍ଲଭ ଆଦି ଅନ୍ତରଂଗ ସଂଭାଷଣ ମଧ କରିଛନ୍ତି । ସର୍ବେଶ୍ୱରଙ୍କୁ ତ ଭୁବନରେ ଓ ଜୀବନରେ ଜଡ଼ ଓ ଚିନ୍ମୟରେ ସର୍ବତ୍ର ଦେଖିବାକୁ ହୁଏ । ''ଦୃଷ୍ଟିର ପୂଜାରୀ ମୁହିଁ ବିଚିତ୍ର ଭୂମାର/ପ୍ରତ୍ୟକ୍ଷରେ ପଢ଼ିପାରେ ତୁମରି ସ୍ୱାକ୍ଷର ''। କବିଙ୍କ ସ୍ୱରରେ ରାଜ-ସ୍ତୁତି ରାଜଦରବାରୀ ସହ ଅନ୍ତରପ୍ରିୟଙ୍କ ଉଦ୍ଦେଶ୍ୟରେ ଆଶାବରୀ ଗାନଟି ମଧ ସମତାନରେ ଚର୍ଚ୍ଚିତ । ସୃଷ୍ଟି, ପ୍ରକାଶ,ଧ୍ୱଂସ ପ୍ରଭୃତି ଅସଂଖ୍ୟଲୀଳାଛନ୍ଦର ଚିରନଟ ଯେ ତାଙ୍କ ହୃଦୟର ଏକକ ପ୍ରଣୟଘନିଷ୍ଠ, ଏ ରହସ୍ୟ ସମ୍ମୁଖରେ କବି ଭାବାଭିଭୂତ । କ୍ଷୁଦ୍ରପ୍ରୀତି, ଗୁପ୍ତପ୍ରଣୟ, ଅନ୍ତର ଆଲୋକ, ସର୍ବସମର୍ପଣ, ଚିର ଅନ୍ୱେଷଣ, ନବଜନ୍ମାନ୍ତର ପ୍ରଭୃତି ସନେଟମାନ ଏହି ପ୍ରୀତିମୁଗ୍‌ଧତାର ରସଘନ ଭାବ ବିଳାସ । ବିଶ୍ୱର ଅନ୍ୟାନ୍ୟ ସାର୍ଥକ ରହସ୍ୟବାଦୀ ପ୍ରଣୟସ୍ନିଗ୍ଧ କାବ୍ୟଚିତ୍ରମାନଙ୍କ ଭିତରେ ଏମାନଂକୁ ଅଂଗୀଭୂତ କରାଯାଇପାରେ । 'କ୍ଷୁଦ୍ରପ୍ରୀତି'ରେ ବଡ଼ ବ୍ୟାକୁଳତାରେ କବି ଅନୁଯୋଗକରନ୍ତି - ''କେବେହେଲେ କରି ପୃଷ୍ଠେ ଅଂଗୁଳି ସଂଚାର/ହେ ବିରାଟ,ମାନରଖ ମୋର କ୍ଷୁଦ୍ରତାର'' ।

ପ୍ରୀତିରେ ସଂଶୟ ତ ଅନିବାର୍ଯ୍ୟ, ସଂଶୟ ଓ ପ୍ରତ୍ୟୟର ଖଣ୍ଡିତ କ୍ଷୁରଧାରରେ ପ୍ରେମର ଶାଶ୍ୱତ ଯାତ୍ରା ବିରାଟ କ୍ଷୁଦ୍ରକୁ ଭୁଲିବା ତ ସ୍ୱାଭାବିକ୍ । ଈଶ୍ୱର ଅସୀମ ହୋଇ ମଧ ସୀମା ପ୍ରତି ପ୍ରୀତି-ବିଶ୍ୱସ୍ତ, ଏତିକ ଆଶ୍ୱାସନା କବି ଲୋଡ଼ନ୍ତି । କ୍ଷୁଦ୍ର ତ ସ୍ୱାଭାବିକ ସଂକୁଚିତ । ବିରାଟ ବରଂ କ୍ଷୁଦ୍ରର ପ୍ରେମର ମାନରଖି ପ୍ରଣୟଭାଗ୍ୟକୁ ସାର୍ଥକ କରିନିଏ । କବିଙ୍କ ପ୍ରୀତି-ବିଶ୍ୱସ୍ତତାର ସମ୍ୱାଦ ତାଙ୍କ ଜନ୍ମାନ୍ତର ଭାବଚେତନାମୂଳକ କବିତାମାନଙ୍କରେ ମଧ ରୂପାୟିତ । ଜନ୍ମଜନ୍ମର ଅନୁଭବକୁ କବି ଜୀବନ ଗୋଟିଏ ଗୋଟିଏ ସୁମନ ସୁରଭିରେ ଭରି ମାଳା ଗୁନ୍ଥି ଚାଲିଛି, ପ୍ରିୟ ଦର୍ଶନର ଦୁର୍ଲଭ ମୁହୂର୍ତ୍ତଟିକୁ ଭେଟିଦେବା ପାଇଁ । ନାନା ଫୁଲମାଳ ମୋର ଜନ୍ମଜନ୍ମାନ୍ତର ଭେଟିବାକୁ ଶେଷ ଦେଖା ବେଳେ ମୋ ପ୍ରିୟର । ଏ ବେଳେ କବିଚିତ୍ତରେ ପ୍ରଣୟ ଭାବନାର ବିଚିତ୍ର ଉଦ୍‌ବେଳନ । ନିବିଡ଼ ସାନ୍ନିଧ୍ୟରେ କାମନା କରୁଥିବା ପରମପ୍ରିୟାଙ୍କୁ ପୁଣି କବିଙ୍କର ଅନୁଯୋଗ, ତମେ ରହ ଚିରଦିନ ରହସ୍ୟ ଅଜ୍ଞାନ' । ଅସମାପ୍ତ ପ୍ରତୀକ୍ଷା ଓ ଅତୃପ୍ତ ଆଶାରେ ସେ ଅପ୍ରାପ୍ୟ ପ୍ରେମ ମହତ୍ତର ହୋଇରହୁ ବୋଲି ତାଙ୍କର ଅଭିଳାଷ । ପୂର୍ବରୁ ପାର୍ଥିବ ପ୍ରଣୟ ସଂପର୍କରେ କବି ପ୍ରେମର ସୂକ୍ଷ୍ମାତିସୂକ୍ଷ୍ମ ଭାବରୂପମାନଙ୍କୁ ଚିହ୍ନିସାରିଛନ୍ତି । ପ୍ରୀତିଚେତନାର ଦୁର୍ବଳ ପାର୍ଶ୍ୱଗୁଡ଼ିକୁ ବି ଅବହିତ ଅଛନ୍ତି । ଏବେ ଈଶ୍ୱର ଓ ତାଙ୍କର ପ୍ରେମ ଧୂଳିଧରାର ସାଧ କବି ଏ ଅସମ୍ମାନ ଦେବାକୁ ଚାହାନ୍ତି ନାହିଁ ।

ତଥାପି ମିଳନ-ସ୍ପର୍ଶ ଉନ୍‌ମୁଖ ପ୍ରାଣର ବ୍ୟାକୁଳତା ଆତ୍ମାର ନବପ୍ରଣୟିନୀ ପରିଚୟରେ ସମୃଦ୍ଧ ହୋଇ ଯାଇଛି । ନିକଟତମ, ଅନ୍ତରତମ ତଥାପି ସୁଦୂର; ତେଣୁ ତ ଖୋଜେ

Digitized by srujanika@gmail.com

ଆତ୍ମାତବ ସ୍ପର୍ଶ ଆଜି ଅହରହ, ନବପ୍ରଣୟିନୀର ପ୍ରତୀକ୍ଷାରେ ଉପମିତ ଆତ୍ମାର ଏ ଅପେକ୍ଷାରେ ଲୌକିକ ପ୍ରେମର ଏକ ଅଲୌକିକ ଚିତ୍ରବ୍ୟଂଜନା ଫୁଟି ଉଠିଛି । ଆତ୍ମା ନବବଧୂର ରୂପସାମ୍ୟ ଘେନିବାର ଅଧ୍ୟାତ୍ମ ରହସ୍ୟ ତାତ୍ପର୍ଯ୍ୟଟି ମଧ୍ୟ ସ୍ପଷ୍ଟ । ଆତ୍ମାର ଏ ନବାନୁରାଗ ନବବଧୂର ପ୍ରେମ ପରି ସଲ୍ଲଜ, ସଂହତ, ଗୋପନ ଓ ନୀରବ । ବାସନାସକ୍ତ କୋଳାହଳମୟ ଜୀବନ, ଜଗତର ଦାବୀଘେରା ଜଂଜାଳଭରା ମୁହୂର୍ତ୍ତମାନେହିଁ ତାର ମିଳନର ବାଧକ । ''ଯେତେ ଲୋକ କୋଳାହଳ, ସେତେ ତା ବିରହ ।

କବିଂକର ମନେପଡୁଛି, ଅତୀତରେ ବହୁବାର ନିଜକୁ ସେ ନାସ୍ତିକ ଓ ଧର୍ମବିରୋଧୀ ବୋଲି କହିଥିଲେ । ସେ ଦୁରପରାଧ ଅତୀତ ସଂପର୍କରେ ତାଂକର ଭୀରୁ ପ୍ରଶ୍ନ, ମନେରଖିଛକି ନାଥ-କେତେ ଯେ ଭର୍ତ୍ସନା ସେ ଅହଂକାର ଆଜି କଦାନତ । ସମଗ୍ର ଅସ୍ତିତ୍ୱ ଭରି କେବଳ ପ୍ରିୟ-ନିରାଜନାର ଉନ୍‌ମୁଖତା ନିରନ୍ତର ଭିନ୍ନ ନୋହୁ ତବ ମମ ଯୋଗ । ପରମ ପ୍ରେମକୁ କବି ଜୀବନର ଚରମ ବନ୍ଦନା ବାଢ଼ିଛନ୍ତି ସହସ୍ର ଦୁଆର ମୋର ଖୋଲା ତୋହ ଲାଗି'' ବୈରାଗର ପଥ ଗୋଟିଏ, ସାଧନା ଏକମୁଖୀ, ମାତ୍ର ଅନୁରାଗର ସହସ୍ର ପଥ । କବି ଈଶ୍ୱରଂକ ସହସ୍ର ପ୍ରେମ ରୂପକୁ ସହସ୍ର ହୃଦୟ ନେଇ ପାଇବାକୁ ଚାହାନ୍ତି । ମନେପଡ଼େ ଧୂପ ଆଉ ହେମଶସ୍ୟର ପ୍ରଣୟୀ କବି ଧରାର ପ୍ରୀତିଶୀଳାକୁ ସହସ୍ର ହସ୍ତର ପ୍ରେମାଲିଂଗନ ଦେବାକୁ ଚାହିଁଥିଲେ । ସେ ମର୍ତ୍ତ୍ୟାସକ୍ତି ଏବେ ଅମର୍ତ୍ତ୍ୟ ପ୍ରେମରେ ରୂପାନ୍ତର ଘେନିଛି । ପ୍ରମାଣ କରିଚି, ଜୀବନର କୌଣସି ଭାବ ଅନୁଭବ, ସେଇ ସମୟର ଶେଷକଥା ନୁହନ୍ତି । ରୂପାନ୍ତରିତ ଓ ଉଦ୍‌ଗତ ହେବାର ଅବକାଶ ଚେତନାର ପ୍ରତିସ୍ତର ପାଇଁ ଉନ୍ମୁକ୍ତ ପ୍ରୀତିର ସହସ୍ରାୟିତ ଐଶ୍ୱର୍ଯ୍ୟରୂପ ଲାଭ ପାଇଁ ସେଦିନର ବ୍ୟାକୁଳତା, ଅଖଣ୍ଡ ପ୍ରେମତୃଷ୍ଣା ଓ ଅତୃପ୍ତି, ଏବେ ଗଭୀରତର ଭାବାନୁଭୂତିରେ ପରମ ପ୍ରେମର ଅସୀମ ଆଲିଂଗନ ଅଭିଳାଷୀ ହୋଇ ଉଠିଛି ମର୍ତ୍ତ୍ୟପ୍ରେମର ସକଳ ଅନୁଭୂତି 'କ୍ରୁଶ'ରେ ଶାଶ୍ୱତ ପ୍ରେମର ଉପଲବ୍‌ଧି ହୋଇ ଆବିର୍ଭୂତ । ଏହାହିଁ ତାଂକ ପ୍ରୀତି ସାଧନାର ସଫଳତା ଓ କାବ୍ୟସାଧନାର ଭାବସିଦ୍ଧି ।

ରବୀନ୍ଦ୍ରନାଥ ''ସୁରଦାସେର ପ୍ରାର୍ଥନାରେ ଲେଖିଥିଲେ, ଇନ୍ଦ୍ରିୟ ଦିୟେ ତୋମାର ମୂର୍ତ୍ତି ପଶେଛେ ଜୀବନ ମୂଲେ'' । ମାନସିଂହଂକ କାବ୍ୟର ଆଧ୍ୟାତ୍ମିକତାରେ ରୂପାଶ୍ରିତ ଅରୂପ ସାଧନା, ଦେହାଶ୍ରିତ ବିଦେହ ପ୍ରେମ ଓ ବ୍ୟକ୍ତିରୁ ବିଶ୍ୱଭାବନାର ପ୍ରେରଣା ସୁସ୍ପଷ୍ଟ । 'ସିନ୍ଧୁ ଓ ବିନ୍ଦୁ' ସଂକଳନରେ କବି ଈଶ୍ୱରଂକୁ ଅନ୍ୱେଷଣର ଗୋଟିଏ ମାର୍ଗ ପାଇଛନ୍ତି, ପ୍ରେମ, ବ୍ୟକ୍ତିପ୍ରେମ ଓ ବିଶ୍ୱପ୍ରେମ । କବିଙ୍କ ପାଇଁ ଶ୍ରଦ୍ଧା/ପ୍ରେମ/କରୁଣା ଈଶ୍ୱରଂକର ସାର୍ଥକତମ ଅଭିବ୍ୟକ୍ତି ଓ ଶାଶ୍ୱତର ସମାର୍ଥବାଚକ । ଜଗତ ଓ ଜୀବନ ପ୍ରତି ପ୍ରେମ ଓ ମାଧୁର୍ଯ୍ୟକୁ ଅସ୍ୱୀକାର କରିନେଇ ମାନସିଂ କାବ୍ୟୋପଲବ୍‌ଧିର ସମଗ୍ର ଅଧ୍ୟାତ୍ମ ସଂବେଦନ ଅନ୍ତର୍ହିତ ହୋଇଯିବ । ଏ କବି ଐଶ୍ୱରିକ ପ୍ରେମର ପ୍ରତୀକ ରୂପେ ସଚେତନ ଭାବ ''ଶ୍ରୀକୃଷ୍ଣ'' ଶବ୍ଦ ପ୍ରୟୋଗ

Digitized by srujanika@gmail.com

କରିଛନ୍ତି, ଯଦିଓ ବୈଷ୍ଣବୀୟ ସାଧନା ତାଙ୍କର ଅଭିପ୍ରାୟ ନୁହେ । କବିଙ୍କ ଶ୍ରୀକୃଷ୍ଣ ମନ୍ଦିରର ପୂଜିତ ଦେବତା ନୁହନ୍ତି, ସେ ସେହି ନିତ୍ୟ ଆକର୍ଷଣକାରୀ ପ୍ରିୟ ପରମ ଯେ ଯୁଗେ ଯୁଗେ ଆତ୍ମା ବଧୂକୁ ତାଂକର ଶାଶ୍ୱତ ବଂଶୀ ମୂନରେ ଉଚ୍ଚାଟ କରନ୍ତି । ମାନବ ହିୟାର ପରମ ଚୁଂବକ ଏ ଶ୍ରୀକୃଷ୍ଣ ପୌରାଣିକ ହୋଇ ମଧ ନିତ୍ୟ, ଭାରତ-ବଂଶୀ ହୋଇ ମଧ ନିଖିଳ ପ୍ରେମିକ । ଶ୍ରୀକୃଷ୍ଣ ଭାରତୀୟ ଅଧ୍ୟାତ୍ମ ପ୍ରେମ ଅନ୍ୱେଷାର ବ୍ୟାକୁଳତମ ଅଭୀପ୍‌ସିତ ବୋଲି ଅତ୍ୟୁକ୍ତି ନ କରି କୁହାଯାଇ ପାରେ ।

ନିଖିଳ ହୃଦୟ ବିହ୍ୱଳ କରିରଖିଥିବା ଏଇ ବହୁ ମଧୁର ତିରସ୍କାର ସେବିତ ପରାଣ ସୋଦର କିନ୍ତୁ ସହଜରେ ଧରା ଦିଅନ୍ତି ନାହିଁ । ''ଖାଲି ଟାଣ, ନାହିଁ ମିଳ, ଏଇ ତବା କୂଟ କାରବାର'ରେ ଅଭିଯୁକ୍ତ ଏଇ ପ୍ରାଣବଂଧୁଟି ରବୀନ୍ଦ୍ରନାଥଙ୍କ ସେଇ ଜୀବନଦେବତା ପର୍ଯ୍ୟାୟବାଚୀ, ଚିରଦିନ ମୋରେ ହାସାଇ କାଁଦାଲ, ଚିରଦିନ ଦିଲ ଫାକି' ତଥାପି କବି ନିରସ୍ତ ନୁହନ୍ତି । ଦୁର୍ଲଭ ବଲ୍ଲଭଙ୍କ ପ୍ରେମ ମଧ ଦୁଷ୍କର; ଜନ୍ମ ଜନ୍ମାନ୍ତର ସାଧନା ଲଭ୍ୟ । ଏବେ ଏଇ ଈଶ୍ୱର ଆଉ ସମାଜର, ରାଷ୍ଟ୍ରର ଧର୍ମ ଦର୍ଶନର ହେବାନହେବାରେ କିଛି ନାହିଁ, ସେ ଏବେ ଏକାନ୍ତଭାବରେ କବିଆତ୍ମାର ପ୍ରଣୟୀ । ପ୍ରେମ ଓ ସୌନ୍ଦର୍ଯ୍ୟର, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟର ଘନୀଭୂତ ବିଗ୍ରହ ଶାଶ୍ୱତ ପୁରୁଷ ଶ୍ରୀକୃଷ୍ଣଙ୍କ ପାଇଁ ଭାରତୀୟ ପ୍ରଣୟୀ ସତ୍ତାର ଚିରନ୍ତନ ଆକୁଳତା କବି ସ୍ୱରରେ ମଧ ମର୍ମରିତ । କବି ଜୀବନରେ ସ୍ୱକୀୟା, ପରକୀୟା ରୂପାସକ୍ତି, ଅରୂପପ୍ରୀତି, ଆତ୍ମପ୍ରୀତି, ବିଶ୍ୱପ୍ରୀତି ପ୍ରଭୃତି ବହୁ ରୂପରେ ପ୍ରେମ ଚେତନାର ଆବିର୍ଭାବ ଘଟିଛି । ଏବେ କବି ଆଉ ପ୍ରଣୟିନୀ ଖୋଜୁନାହାନ୍ତି । ବରଂ ନିଜେ ପ୍ରେମିକା, ଅଭିସାରିକା ସାଜି ପରମ ପ୍ରେମିକଙ୍କ ପାଇଁ ଅପେକ୍ଷିତ ଅଛନ୍ତି । ମାନବୀୟ ପ୍ରୀତି ଦିନେ ତାଙ୍କୁ ହୃଦୟାର୍ପଣର ରୂପ ଦେଖାଇଥିଲା । ଆଜି ସେଇ ସମର୍ପଣ ବାଣୀ ଆତ୍ମାକୁ ପ୍ରେମ ଆରାଧନାର ମହାମନ୍ତ୍ର ରୂପେ ଲାଭ କରିଛି । ଧରା ରମଣୀର ପ୍ରୀତିରୁ ପ୍ରେମର ପରାକାଷ୍ଠା ବୁଝିଥିବା କବିସତ୍ତା ଏବେ ପ୍ରେମର ଗଭୀରତା, ମହନୀୟତା ଓ ଉତ୍ସର୍ଗ ବ୍ୟାକୁଳତାରେ ନବତନ ପ୍ରେମିକା ସତ୍ତାରେ ରୂପାନ୍ତରିତା ହେମଶସ୍ୟରେ କୁଳଟା ରାଧାର ''ଆତ୍ମା ମୋ ଖୋଜେ ଶ୍ୟାମ, ସେ ପ୍ରେମ ଅଭିରାମ'' ର ଉତ୍ତରଣ ବ୍ୟାକୁଳତା କବିଙ୍କ ପ୍ରିୟାଭାବରେ । ପ୍ରଣୟିନୀର ପ୍ରୀତି ନିଷ୍ଠା ଓ ପରିଣୀତାର ଅକୁଣ୍ଠ ଆତ୍ମଦାନରେ ପ୍ରେମାର୍ଚ୍ଚନାରେ କବି ନାରୀପ୍ରେମର ଯେଉଁ ମହିମାନ୍ୱିତ ପ୍ରକାଶ ଦେଖିଥିଲେ, ତାଙ୍କ ଚିତ୍ତ-ବଧୂ ଏବେ ଜୀବନପ୍ରଣୟୀଙ୍କ ଲାଗି ସେଇ ରୂପସଜ୍ଜାରେ ପ୍ରସାଧାନରତା ।

କବି ନବପ୍ରଣୟୀଙ୍କ ମୋହନବଂଶୀସ୍ୱର ନୂଆ କରି ଶୁଣୁଛନ୍ତି । ନୂଆ ଆକର୍ଷଣ ଉନ୍ମାଦନା ଅନୁଭବ କରିଛନ୍ତି । ଅଥଚ ତାଙ୍କ ପାଖକୁ ଅଭିସାର ପଥ ଜାଣିନାହାନ୍ତି । ଏ ପ୍ରେମ ଅନୁଭବ ନୂତନ ବୋଲି ହିଁ, ଅପାର୍ଥିବ ବୋଲି ହିଁ ଚିରାଚରିତ ପାର୍ଥିବ ପ୍ରେମମାର୍ଗରେ

Digitized by srujanika@gmail.com

ଏହି ନବୀନପ୍ରିୟାଙ୍କ ସହ ସଂପର୍କ ସ୍ଥାପନ କରାଯାଇପାରେ କି ନା, କବିଚିତ୍ତରେ ସେ ସଂଶୟ ଜାଗିଛି । ପ୍ରୀତିତ ଚିରଦିନ କୂଳବଧୂକୁ ଘରଛଡ଼ା କରିଛି, କୁଳଟା କରିଛି । ଆତ୍ମା-ବଧୂ ସଂସାର ଛାଡ଼ିବ ? ଦେହ ଛାଡ଼ିବ । ପୁଣି ଅଭିସାର କୁଞ୍ଜବିତ ସଂକେତିତ ହୋଇନାହିଁ । ସେ ଦିବ୍ୟପ୍ରେମ ଯଦି ସତରେ ଭୁବନମୟ ତେବେ ଯେଉଁଠି ଅଛି ମୁଁ ସେଇଠୁ ମୋ ପୂଜା ନିଅ, ହୃଦୟଠାରୁ ବଳି ପୂଜାବେଦୀ ଆଉ କେଉଁଠାରେ ?

ନିଖିଳ ପ୍ରାଣ ଯେ ଉନ୍ମନ ଶାଶ୍ୱତର ମୋହନ ବେଣୁତାନରେ କବି ଆତ୍ମା ନିତ୍ୟ ବିରହିଣୀ, ଯେ କୋଟି ଧରାର ପ୍ରିୟତମ- ଗୋଟିଏ ପ୍ରେମାକୁଳ ହୃଦୟକୁ ପ୍ରୀତିଦାନରେ କାର୍ପଣ୍ୟକରିବେ ? ଶଙ୍କାକୁଳ କବି, ଅପେକ୍ଷିତ ଆତ୍ମାର ପ୍ରେମ ଓ ପ୍ରୀତିମୟ ଦେବତାର ପ୍ରୀତିନିଦାନ, ସୃଷ୍ଟିବକ୍ଷରେ କେବେ ଏକତ୍ର ହେବେ ନାହିଁ ? ମିଳିବକି ନାହିଁ ସୃଜନ କୁଞ୍ଜବନେ (୪) ଅଭିବ୍ୟକ୍ତିଟି ଗଭୀର ଆଧାତ୍ମ ଅର୍ଥବ୍ୟଞ୍ଜନା ଶାଣିତ ପରମସତ୍ତାଠାରୁ ବିଚ୍ଛିନ୍ନ ବ୍ୟକ୍ତି ସତ୍ତା ଅସୀମସହ ମିଳନ ପାଇଁ ସଦା ଉଚ୍ଚକିତ । ଦେଶ ଓ କାଳରେ ଏ ବିଚ୍ଛେଦ ସଂଘଟିତ, ମିଳନ ମଧ ତେଣୁ ଏକ ନିର୍ଦ୍ଦିଷ୍ଟ ମୂହୂର୍ତ୍ତକୁ ଦେଶକାଳର ବିଭାଜନକୁ ଅବଲଂବନ କରିବ । ଚଳନମୟ କାଳପ୍ରବାହରେ ମୁହୂର୍ତ୍ତର ସ୍ଥିରବିନ୍ଦୁଟିଏ ରଚନାକରି ପରମଙ୍କ ସହ ନିର୍ବିଶେଷ ମିଳନ ସୁଖ ଲାଭ କରିବା ସତ୍ତାର ପ୍ରେମସିଦ୍ଧି । ସୀମାପରି ଅସୀମକୁ ମଧ ପ୍ରେମର ବିକାଶ ଓ ସିଦ୍ଧି ପାଇଁ ଦେଶକାଳକୁ ଆଶ୍ରୟ କରିବାକୁ ପଡ଼େ । ସୀମାର ଅକ୍ଷମତା ସହ ଅସୀମର ଅକ୍ଷମତା ଜଡ଼ିତ । ସୀମା ସମର୍ଥ ନହୋଇ ପରିବା ପର୍ଯ୍ୟନ୍ତ ସେ ଅସହାୟତା । ଏହି ଜଟିଳ ରହସ୍ୟାତ୍ମକ ସୃଷ୍ଟିତତ୍ତ୍ୱଟି କବିଂକ ମହାଭାବମୟ ଆବେଶରେ ଶବ୍ଦ-ଶକ୍ତିର ଅନିର୍ବଚନୀୟତାକୁ ଆଶ୍ରିତ ହୋଇଯାଇଛି । ମାନସିଂହଙ୍କ ବ୍ୟକ୍ତିଗତ ଅଧାତ୍ମ ସିଦ୍ଧିର ପ୍ରସଂଗ ଯାହା ହେଉନା କାହିଁକି, ଏଇ ପଦଟିରେ ତାଙ୍କର କାବ୍ୟସାଧନା ଅପୂର୍ବ ରସି-ସିଦ୍ଧି ଲାଭ କରିଛି । ତାଙ୍କ କାବ୍ୟଚେତନାର ସମଗ୍ର ରୂପମୁଗ୍‌ଧତା, ପ୍ରେମାଭିଳାଷ, ଜୀବନାନୁଭବ ଓ ଶାଶ୍ୱତସଂଧାନ ଏଇ ପଙ୍‌କ୍ତିରେ ନିର୍ଯ୍ୟାସିତ ।

'ସିନ୍ଧୁ ଓ ବିନ୍ଦୁ' ସଂକଳନ କବିଙ୍କ ଆତ୍ମସଂଧାନ ଓ ଜୀବନଦର୍ଶନର ପୂର୍ଣ୍ଣଗାଥା । 'ଲାଭାଲାଭ', ମହାପଥର ଯାତ୍ରୀ, ଅର୍ଦ୍ଧଶତାବ୍ଦୀ-ଏ କବିତା ତିନୋଟି ମାନସିଂହଙ୍କର କାବ୍ୟଦର୍ଶନ ଓ ଜୀବନାନୁଭବର ମହାଭାଷ୍ୟ ବୋଲି ବିବେଚନା କରାଯାଇପାରେ ।

'ଲାଭାଲାଭ' ଅଭ୍ୟସ୍ତ ଜାଗତିକ ହିସାବରୁ ମୁହଁଫେରାଇ କବି ଅଶ୍ରୁକୁ ପରମ ପ୍ରାପ୍ତି ରୂପେ ଚିହ୍ନୁଛନ୍ତି । ଭାବର ପରମ ଯାନ, ହୃଦୟର ଶକ୍ତି, ଜୀବନଘଟକୁ ବିନ୍ଦୁ ବିନ୍ଦୁ ପରିପୂର୍ଣ୍ଣ କରିଛି । ସେ ଗଂଗାଜଳରେ କବି ଜୀବନ ଶୁଚିସ୍ନାତ । ମହାପଥର ଯାତ୍ରୀରେ କବି ସ୍ୱମହିମା

୪- ହେ କୋଟି ଧରାର ଏକାନ୍ତ ପ୍ରିୟତମ, ଅଶାନ୍ତ ଏକ ପ୍ରାଣ ଚାହେଁ ଧରାକଣେ
ମିଳିବେ କି ନାହିଁ ଶାଶ୍ୱତ ଦୁଇମନ, ତୁମେ ଆଉ ମୁହିଁ ସୃଜନ କୁଂଜ ବନେ ।
ମିଳିବ କି ନାହିଁ ।

Digitized by srujanika@gmail.com

ଆବିଷ୍କାର-ବିଭୋଳ । ସ୍ରଷ୍ଟାର ମହାନ ଇଂଗିତ, ସୃଷ୍ଟିପ୍ରେରଣା ଓ ସୃଜନଶକ୍ତି ଜୀବନରୁ ଜୀବନାନ୍ତର ଅସ୍ତିତ୍ୱର ଉଦ୍‌ଭାସନରେ ଝଳିଉଠିଛି । ଜୀବନର ଗତି ଦୁର୍ବାର, ଛନ୍ଦ ଉଦ୍ଦାମ, ପକ୍ଷ ନିଃସୀମ । ସୁପର୍ଣ୍ଣପରି ସେ ଜ୍ଞାନ-ଦ୍ୟୁତିର ସ୍ୱର୍ଣ୍ଣପକ୍ଷ ମେଲାଇ ଅନନ୍ତପ୍ରେମର ଅମୃତକୁ ପୃଷ୍ଠରେ ବହନ କରି ସର୍ବତ୍ର ପ୍ରସରିଯିବ । ପ୍ରତିଟି ସୃଷ୍ଟି ସେଇ ମହାଜୀବନର ବାର୍ତ୍ତାପାଠ । 'ସୃଷ୍ଟିର ମହାପଥିକ ମୁଁ' ପ୍ରତିଟି ସୃଷ୍ଟିରେ ସୃଜନାନନ୍ଦର ସଂଚାର ଏଇ ଅନୁଭବ ହିଁ କବିଂକର 'ଏତେଦିନେ ପଥପାଇବା'ର ରହସ୍ୟ ।

କବିଂକର ବିଗତଜୀବନକୁ ଏକ ବିହଂଗମ ଦୃଷ୍ଟି ଅର୍ଦ୍ଧଶତାବ୍ଦୀ । ଶେଷ ଆୟୁକାଳରେ ଧରାପ୍ରିୟ କବିଂକ ମମତାରେ ଉଦ୍‌ବେଗ ପୃଥିବୀର ସ୍ନେହଦାନର ଅମର୍ଯ୍ୟାଦା ସେ କରିନାହାନ୍ତି ତ । ଲୋଭାତୁରଭାବେ ଲୁଣ୍ଠନ ଓ ସମ୍ଭୋଗ କରି ତାକୁ ଦରିଦ୍ରତର କରି ନାହାନ୍ତି ତ ! ସେ କ'ଣ ପ୍ରତିଦାନ ଅକ୍ଷମ ? ବିନିମୟରେ କିଛି ବି ହୃଦୟର ଧନ ଦେଇପାରିନାହାନ୍ତି ? କାହିଁକି ତେବେ ଏ ଜନ୍ମ ? ଅଥବା ଅର୍ଥହୀନ ଏ ସଂଭୂତି ? କବି ପ୍ରାଣରେ ଏଇ ଚିର ଅବୁଝା ଦ୍ୱନ୍ଦଟି ଏକ କୋହମୟ ଜିଜ୍ଞାସା ହୋଇ ଭାବାବତରଣ କରିଛି, ଏତେ ଦୁଃଖ ଏତେ ଅଶ୍ରୁ, ଅଭିନୟ ମାତ୍ର ସୃଜନ୍‌ର ? ଆଦିମାନବର ଜନ୍ମ ସହ ଏ ପ୍ରଶ୍ନ ସୃଷ୍ଟିବକ୍ଷକୁ ସମାଗତ । ଜୀବନର ପ୍ରଥମ ସଚେତନତାଟି ଅସ୍ତିତ୍ୱ -ମୁଁ ର, ଶେଷ ସଚେତନତାଟି ମଧ ସେ ହିଁ ମୁଁ ର । ସେଥିପାଇଁ ପ୍ରତିଟି ମୁହୂର୍ତ୍ତ, ପ୍ରତିଟି ଅନୁଭବ ମୁଁର ବାସ୍ତବତାରେ ସତ୍ୟର ଦାବୀ ଘେନି ଉଭାହୁଅନ୍ତି । କବି ନିଜର ସୃଷ୍ଟି ମୂଲ୍ୟ ସେହି ସତ୍ୟ ପାଖରୁ ଲୋଡ଼ିଛନ୍ତି । ମୋର ଅଶ୍ରୁ, ମୋ ଶୋଣିତ,ମୋର ଭସ୍ମ/ନୋହ ଅଭିନୟ, ହେଉ ଦୃଢ଼ ସତ୍ୟ । ଚିତାଭସ୍ମ ଧରିତ୍ରୀକୁ କେବଳ ଆବର୍ଜନା - କୁତ୍ସିତ କରେ ନାହିଁ, ତାକୁ ଉର୍ବର ଶ୍ୟାମଳ ବି କରିପାରେ । କବି ନିଜର ଶେଷ ଅବଦାନରେ ବି ସୃଷ୍ଟିର ଆନନ୍ଦକୁ ପୃଥିବୀର ରେଣୁ କଣାରେ ସଜୀବ କରି ଜୀବନ ସାର୍ଥକ କରିବାର ସ୍ୱପ୍ନ ଦେଖନ୍ତି । ସେ ସ୍ୱପ୍ନରେ ତାଂକ ଦେହର ରକ୍ତ ପ୍ରକୃତିର ଫୁଲକୁ ରଂଗୋଜ୍ୱଳ କରିଦିଏ, ନିଜପ୍ରାଣରପ୍ରେମ-ଉତ୍ତାପରେ ଅନ୍ୟ ଜୀବନରେ ଉଷ୍ଣତା ସଂଚାର କରିଦିଏ । ଯେତେ ସାମାନ୍ୟ ହେଲେ ବି ସେ ପ୍ରାଣସ୍ରଷ୍ଟାଂକ ସୃଷ୍ଟି -ଯଜ୍ଞରେ ଶ୍ରଦ୍ଧା ନୈବେଦ୍ୟ ରୂପ ହୃଦୟଟିଏ ବାଢ଼ି ଦେଇପାରିବେ, ଧରାବାସୀଙ୍କୁ ଶୁଭେଚ୍ଛାର ଉପହାର ବଢ଼ାଇଦେଇ ପାରିବେ । ''ପ୍ରାଣର ଆନନ୍ଦ ବାର୍ତ୍ତା ସର୍ବ ବିଶ୍ୱେ ପ୍ରେମର ପ୍ରବାହ, ତାହା ହିଁ କବି ମାନସିଂହଙ୍କର ଚରମ ଅଧ୍ୟାତ୍ମ ଅଂଗୀକାର ।

Digitized by srujanika@gmail.com

ମାନସିଂହଙ୍କ କାବ୍ୟ କବିତାରେ ରୋମାଣ୍ଟିକ୍ ଚେତନା

ଡକ୍ଟର ବନମାଳୀ ବେହେରା

ସାହିତ୍ୟରେ ରୋମାଣ୍ଟିକ୍ ଚେତନା ଏକ ବହୁ ଆଲୋଡିତ ବିଷୟ । ଏହା ମାନସିକ ଉପଲବ୍ଧି ସଂଜାତ । ଇନ୍ଦ୍ରିୟାନୁଭବ ଓ ଅତୀନ୍ଦ୍ରିୟ ଚେତନା ସହ ଏହାର ଯୋଗାଯୋଗ ବଡ଼ ନିବିଡ଼ । ଜୀବନ ଓ ଜଗତ ସଂପର୍କିତ-ଭାବାବେଗରେ ଏହା ଉଦ୍‌ବେଳିତ । ସ୍ରଷ୍ଟା ଭେଦରେ ଏହାର ରୁଚିଭେଦ ଲକ୍ଷଣୀୟ, ତେଣୁ ରୋମାଣ୍ଟିକ୍ ଚେତନାର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ଖୋଜି ପାଇବା ସମ୍ଭବ ନୁହେଁ । 'ନାନା ମୁନିଙ୍କର ନାନା ମତ'ମତେ କ୍ଲାସିକ୍ ପନ୍ଥୀ ଗେଟେ(Goithe) କହନ୍ତି 'Romanticism is desease, classicism is health' ଅର୍ଥାତ୍ ରୋମାଣ୍ଟିକ୍ ଚେତନା ରୋଗ ଓ କ୍ଲାସିକ୍ ଚେତନା ସ୍ୱାସ୍ଥ୍ୟ । ମାତ୍ର ସମୀକ୍ଷକ Heine ରୋମାଣ୍ଟିସିଜିମ୍‌ର ଜୟଗାନ କରି କହିପକାନ୍ତି -କ୍ଲାସିସିଜିମ୍ ସସୀମ ଓ ରୋମାଣ୍ଟିସିଜିମ୍ ଅସୀମର ବାର୍ତ୍ତାବହ । Classic art portrays the finite, romantic art also suggests the infinit. ପ୍ରଫେସର 'କାର' ରୋମାଣ୍ଟିସିଜିମ୍‌କୁ କଳ୍ପନା ପିଣ୍ଡିତ ରଚନାଧାରା ବୋଲି କହିଲାବେଳେ 'ମୋର'(More) ଏହି ଚେତନା ମଧ୍ୟରେ ଦେଖନ୍ତି - ପ୍ରକୃତିର ଅନନ୍ତ ସତ୍ତା ଭିତରେ ଅସୀମର ପୂର୍ଣ୍ଣାଙ୍ଗ ବିଗ୍ରହ । ସମାଲୋଚକ Fair child ରୋମାଣ୍ଟିସିଜିମ୍ ମଧ୍ୟ ଦେଇ ଭୂମି ଓ ଭୂମାର ଅନୁଭବ କରୁଥିବା ବେଳେ ପ୍ରଫେସର 'କାର' ଘୋଷଣା କରନ୍ତି ଯେ ରୋମାଣ୍ଟିକ କବି ମାତ୍ରେ ପୂର୍ବସ୍ମୃତିଚାରୀ । ଅତୀତ ହିଁ ତାର ପରମ ଧେୟ ଅର୍ଥାତ୍ "Romantic implies (reminiscence) the romantic school have always depended more or less on the past" ଏହି ରୂପେ ଦେଖିଲେ ସମଗ୍ର ବିଶ୍ୱ ସାହିତ୍ୟରେ 'ରୋମାଣ୍ଟିକ ଚେତନାଧର୍ମୀ କବିଗଣଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ପ୍ରେମ-ପ୍ରଣୟ ସୌନ୍ଦର୍ଯ୍ୟ, କଳ୍ପନା, ସ୍ୱଦେଶାନୁରାଗ, ଅତୀତ ସ୍ମୃତି ଓ ଅତୀନ୍ଦ୍ରିୟ ଭାବନାର ଆତ୍ମ ପ୍ରକାଶ ଘଟିଛି ।

ଓଡ଼ିଆ ସାହିତ୍ୟରେ ରୋମାଣ୍ଟିକ ଚେତନାର ସ୍ୱର ପ୍ରାଚୀନ ସାହିତ୍ୟରୁ ଶୁଣା ନ ଗଲେ ହେଁ ସଂପ୍ରତିକ ସାହିତ୍ୟ ପାଇଁ ନୂଆ ନୁହେଁ । ଏହି ଚେତନାର ସ୍ୱର ରାଧାନାଥୀ ସାହିତ୍ୟରେ ଶୁଣା ଯାଇଥିଲେ ହେଁ ସବୁଜ ଗୋଷ୍ଠୀର ସମସାମୟିକ କବି ଡ଼ଃ ମାୟାଧର ମାନସିଂହଙ୍କ କାବ୍ୟ କବିତାରେ ଏହା ଅଧିକ ସ୍ପଷ୍ଟ ହୋଇଛି । ସବୁଜ ଗୋଷ୍ଠୀ କଳ୍ପିତ ପରିରାଇଜରେ ବିଚରଣ କରୁଥିବାବେଳେ ସଂସାର ଠାରୁ ଦୂରେଇ ଯାଇଛନ୍ତି । ଜୀବନଠାରୁ ଦୂରେଇ ଯାଇ ଜୀବନକୁ ଖୋଜିବାର ଆଶା ନେଇ କଳ୍ପନାର ଇନ୍ଦ୍ରଜାଲ ତିଆରି କରିଛନ୍ତି, ମାତ୍ର କବି ମାନସିଂହଙ୍କ କାବ୍ୟ ଚେତନା ଏକ ସ୍ୱତନ୍ତ୍ର ପର୍ଯ୍ୟାୟର । ରାଧାନାଥ, ସତ୍ୟବାଦୀ ଓ ସବୁଜ

Digitized by srujanika@gmail.com

ଯୁଗର ଯୁଗାଦର୍ଶକୁ ସାଦରେ ଗ୍ରହଣ କରି ତା ଉପରେ ରୋମାଣ୍ଟିକ୍ ଚେତନାର ସମସ୍ତ ବିଭବକୁ ପୁଟ ଦେଇ ଅଧିକ ମହିମାନ୍ୱିତ କରିଛନ୍ତି । କବିଙ୍କ 'ଧୂପ' 'ହେମଶସ୍ୟ' 'ହେମପୁଷ୍ପ' 'ଅକ୍ଷତ', 'କୋଣାର୍କ' 'ମାଟିବାଣୀ' 'ବାପୁତର୍ପଣ' ଓ 'କୃଶ' ଇତ୍ୟାଦି କବିତା 'ଜେମା' 'ସାଧବଝିଅ' 'କମଳାୟନ' ପରି କାବ୍ୟରେ ଏହି ରୋମାଣ୍ଟିକ୍ ଚେତନାର ବିଭବ ଦେଖିବାକୁ ମିଳେ । ମୁଖ୍ୟତଃ ମାନସିଂହଙ୍କ କାବ୍ୟ ପରଂପରାରେ ପ୍ରେମ, ସୌନ୍ଦର୍ଯ୍ୟ, କଳ୍ପନା, ସ୍ୱପ୍ନ ପ୍ରବଣତା, ପ୍ରକୃତି, ପଲ୍ଲୀଚିତ୍ର, ସ୍ୱଦେଶାନୁଭାବ ଓ ବିଷାଦବାଦର ପ୍ରକାଶ ଘଟିଛି । ଆଲୋଚନାର ସୁବିଧା ଦୃଷ୍ଟିରୁ ସେ ଗୁଡ଼ିକର ପୃଥକ୍ ଆଲୋଚନା ଆବଶ୍ୟକ ।

ପ୍ରେମ ଓ ସୌନ୍ଦର୍ଯ୍ୟ ବୋଧ :

ପ୍ରେମ ପ୍ରଣୟର କବି ରୂପର ପୂଜାରୀ ସୌନ୍ଦର୍ଯ୍ୟର ଉପାସକ ଡ଼କ୍ଟର ମାନସିଂହଙ୍କ ରାଶି ରାଶି କବିତାରେ ପ୍ରେମ ଓ ପ୍ରଣୟଚେତନା ଅତ୍ୟନ୍ତ ସ୍ୱାଭାବିକ ଏବଂ ଲୌକିକ ଭିତ୍ତିରେ ପ୍ରକାଶ ପାଇଛି । ସମସାମୟିକ ସବୁଜ କବିର କଳ୍ପିତ ପରୀରାଇଜର କାଳ୍ପନିକ ନାୟିକା ତାଙ୍କ ପ୍ରେମିକା ନୁହେଁ, ସେ ରକ୍ତ ମାଂସର ଶରୀର ଧାରିଣୀ, ସୁନ୍ଦରୀ ପ୍ରେମପ୍ରବଣା ନାରୀ । ତାହା ନିକଟରେ ସେ ତାଙ୍କର ପ୍ରେମ ନିବେଦନ କରିଛନ୍ତି, ତେବେ ଏହି ଅଜସ୍ର ପ୍ରେମ କବିତାର ସୃଷ୍ଟି ଅନ୍ତରାଳରେ ପାଶ୍ଚାତ୍ୟ ରୋମାଣ୍ଟିକ କବିର ପ୍ରେରଣା ରହିଛି । ''କାବ୍ୟଯୋଗ'' ଅନୁଭୂତି ଲେଖକର ଜୀବନରେ ଘଟିଥିଲେ ହେଁ, ଇଂରେଜ କବି ମାନଙ୍କ ସଙ୍ଗେ ପରିଚୟ ଘଟି ନଥିଲେ, ସେ ଅନୁଭୂତି ଏ ପ୍ରକାର ଆତ୍ମପ୍ରକାଶ କରିନଥାନ୍ତା । ଆମ ସାହିତ୍ୟରେ ପ୍ରେମ କବିତାର ଅରଣ୍ୟ ରହିଛି, କିନ୍ତୁ ସେଥିରେ ବିଚିତ୍ରତା ନାହିଁ । ସେ ଜଙ୍ଗଲ, ଯେପରି ଗୋଟିଏ ଗଛର ଜଙ୍ଗଲ, କିନ୍ତୁ ଇଂରେଜ ସାହିତ୍ୟ ପ୍ରତ୍ୟେକ କବିର ବ୍ୟକ୍ତିଗତ ବିଭିନ୍ନ ଅଭିଜ୍ଞତାରେ ଶବଳିତ '' (ଭୂମିକା-ଧୂପ) ବସ୍ତୁତଃ ମାନସିଂହଙ୍କ ରଚିତ କାବ୍ୟ କବିତା ମଧ୍ୟରେ ରୋମାଣ୍ଟିକ ପ୍ରେମ ଚେତନା ମୁଖ୍ୟ ଏବଂ ଏଥି ସହିତ ସୌନ୍ଦର୍ଯ୍ୟ ଦୃଷ୍ଟି, ସ୍ୱପ୍ନ ପ୍ରବଣତା ଓ ଗଭୀର କଳ୍ପନା ଶକ୍ତି ଓତପ୍ରୋତ ରହିଛି ।

କବିଙ୍କ ପ୍ରେମ ଚେତନା ପରକୀୟାରୁ ସ୍ୱକୀୟା ବାଟ ଦେଇ କ୍ରମେ ଦେହାତୀତରେ ପହଞ୍ଚିଛି । କବି ଜୀବନର ପ୍ରଥମ ପର୍ଯ୍ୟାୟରେ ସତେ ଯେପରି ମନେହୁଏ ସବୁଜ କବିର ଅବାସ୍ତବ ପ୍ରେମଚିତ୍ରର ପ୍ରତିକ୍ରିୟାରେ ଏହି ଦୈହିକ ପ୍ରେମାନୁଚିନ୍ତା ଗଠିତ । କାରଣ ସବୁଜ କବି ମାଟିର ମୋହକୁ ତ୍ୟାଗ କରି ପ୍ରେମପାଇଁ ପରୀରାଇଜକୁ ହିଁ ପଳାୟନ କରିଥିଲା । ତା'ର ପ୍ରେମିକା ଏଇ ପରିଚିତ ମାଟିର ନଥିଲା । ଥିଲା କଳ୍ପନାଲୋକର । ମାତ୍ର ମାନସିଂହଙ୍କ କବିତାରେ ସେହି ରୂପ ପ୍ରତିଫଳିତ ହୋଇନାହିଁ, ସେଥିରେ କେବଳ ଫୁଟି ଉଠିଛି ଜୀବନରେ ପରିଚିତ ପ୍ରୀତି-ପ୍ରତିମାର ଆଭାସ ଚିତ୍ର । ତରୁଣୀ ଜୀବନରେ ଗୋପନ ପ୍ରେମ ଏବଂ ସେହି ପ୍ରେମର ଦହନ ଜ୍ୱଳନ ଏବଂ ଯନ୍ତ୍ରଣା ବୋଧରୁ ଜନ୍ମ ନେଇଥିବା 'ଧୂପ' ପରକୀୟା ପ୍ରୀତିର

Digitized by srujanika@gmail.com

ସ୍ପର୍ଶ ପ୍ରବଣତା ନିବିଡ଼ ଭାବେ ପ୍ରକାଶ ଲାଭ କରିଛି । ପ୍ରଣୟିନୀର ସ୍ପର୍ଶ ଓ ଆଲିଙ୍ଗନ ପାଇଁ ଅପରିସୀମ ଆକୁଳତା ଧୂପର 'ବନ୍ଦିନୀ ପ୍ରିୟା' କବିତାରେ ବେଶ୍ ଲକ୍ଷଣୀୟ-

ଦୂରବାସୀ ପ୍ରିୟ - ଭରେ ନିତି ବ୍ୟଥା ତୁମ ପାଇଁ ବନ୍ଦିନୀ ।
ଉପାୟ କି ଅଛି ନେଇଛି ତ ଆନ ଶରୀର ତୁମର କିଣି ।
ରୂପ ତା'ରେ ଦିଅ ସ୍ନେହ ମାଗେ ପ୍ରିୟ ଲକ୍ଷ ଯୋଜନ ଦୂରୁ
ଦିନେ ଦିନେ ଖାଲି ମଙ୍ଗଳ ଧୂପ ମୋ ନାମେ ଉଠୁ ସେ ପୁରୁ ।

(ବନ୍ଦିନୀ ପ୍ରିୟା ମା: ଗ୍ରନ୍ଥାବଳୀ-୧ମ ଖଣ୍ଡ, ପୃ-୯୧)

ସମ୍ଭବତଃ କବିଙ୍କର ଏହି ବନ୍ଦିନୀ ପ୍ରିୟା ଦିନେ ତରୁଣ କବିର ଆଶା ଥିଲା । କୁଂଜବନ, ଜହ୍ନରାତି ଓ ନିର୍ଜନତା ପ୍ରେମିକାର ସଂଗଲାଭ ପାଇଁ କବିପ୍ରାଣକୁ ଅଧୀର କରିଛି । ପ୍ରିୟାର ଆବେଗ ଆକୁଳ ବାହୁ, ଜବା କୁସୁମ ଓଷ୍ଠାଧାର, ଚିକ୍କଣ ଚିକୁର, ନିଃଶ୍ୱାସର ସୁଗନ୍ଧ କବିର ଦେହ ମନକୁ ଆଚ୍ଛନ୍ନ କରିପକାଇଛି । ଯୌବନକୁ ପ୍ରେମର ଅବଲମ୍ବନ ରୂପେ ସ୍ୱୀକାର କରିଛନ୍ତି ସେ । ଏପରିକି ଅଙ୍ଗ ଆଭରଣ ତେଜିବା ପାଇଁ କେଉଁଠି ସ୍ୱକୀୟାକୁ ମଧ୍ୟ ଅନୁରୋଧ କରିଛନ୍ତି ।

ପ୍ରଣୟକୁ ପାପବୋଲି ବିଚାର କରିନାହାନ୍ତି କବି ମାନସିଂହ । ଏଠି ଧର୍ମର ବାଧା ନଥାଏ, ନଥାଏ ମଧ୍ୟ ହୃଦୟ ମିଳନର ପ୍ରତିବନ୍ଧକ । ତାଙ୍କ ବିଚାରରେ ପ୍ରେମ କରିବା କ'ଣ ପାପ ? ପ୍ରେମର ପରିଣତି କ'ଣ ବିରହ ? ପ୍ରୀତିର ପରିଣତି କ'ଣ ବେଦନା ପୂର୍ଣ୍ଣ ? ପ୍ରେମର ସାମାଜିକ ସ୍ୱୀକୃତି ପ୍ରଶ୍ନଠାରୁ ଦୈହିକ ମିଳନର ସାମାନ୍ୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠି ନୈତିକ ପ୍ରେମର ଗୁରୁତ୍ୱ ସ୍ୱୀକାର କରିଛନ୍ତି-

"ପ୍ରଣୟ କି କଥା ଜାଣିଥିଲେ ଏହା କାହିଁକି ?
ପରାଣ ମିଳିଲେ ପାପ କିଆଁ ଆସେ ମହୀକି ?
ଚିର ଉପବାସୀ କି ଜାଣିବ ଏହି ଜନତା
କି ପୀୟୁଷ ଢ଼ାଳେ ପରାଣେ ପ୍ରଣୟ-ମମତା ?
ଦରିଦ୍ର ଯେ ଗୋ ମଣିବେ କେସନ ଜୀବନେ
କିବା ଅନୁଭବ ପୀରତି-ପୀୟୁଷ ସେବନେ"

(ପାପ ଓ ପ୍ରେମ, ମା.ଗ୍ର ପୃ-୭୫)

ମାନସିଂହଙ୍କ ପ୍ରେମ ଭାବନା ଥିଲା ରାଧାକୃଷ୍ଣଙ୍କର ପ୍ରେମ, ରାଜପୁତ୍ର ଓ ରାଜକନ୍ୟାଙ୍କର ପ୍ରେମ । ତାଙ୍କର ପ୍ରେମ କବିତା ଥିଲା ସଂପୂର୍ଣ୍ଣ ସାଧାରଣ ଜୀବନର ଅଭିଜ୍ଞତା ଏବଂ ଅନୁଭୂତିର ଅନୁରଣିତ । ଜଣେ ଦରଦୀ କବି ଏକାନ୍ତ ପ୍ରେମ ଓ ରସିକତା ପ୍ରତି କିପରି ଶ୍ରଦ୍ଧାଞ୍ଜଳି ଦେଇପାରେ, ତାହା ତାଙ୍କ କବିତାରୁ ସୁସ୍ପଷ୍ଟ-

"ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ

Digitized by srujanika@gmail.com

ଆସିବ ମୋର ଭସ୍ମ ପାଶେ
ଦେବ ହେ ତାର ଦେହର ଛାଇ''

(ପ୍ରେମ ଓ ମୃତ୍ୟୁ, (ଧୂପ) ମା.ଗ୍ର. ପୃ -୧୨୮)

ମାନସିଂହଙ୍କ ପ୍ରେମ କବିତା ତାଙ୍କ ବ୍ୟକ୍ତିଗତ ଜୀବନକୁ ସନ୍ଦେହାଚ୍ଛନ୍ନ କରିଛି । ମାତ୍ର ସେ ନିଜେ ସ୍ୱୀକାର କରିଛନ୍ତି-''କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ନାରୀ ବା ପୁରୁଷ ଯେ ମୋର ସାହିତ୍ୟିକ ଜୀବନର ମୂଳଉତ୍ସ-ଏକଥା ସ୍ୱୀକାର କରିବାର କୌଣସି କାରଣ ମୁଁ ଦେଖୁନାହିଁ । ଜୀବନ ପଥର ବହୁ ଅଭିଜ୍ଞତା ମଧ୍ୟରେ ସେମାନଙ୍କ ସହିତ ଦେଖାଦେଖି ଓ ଚିହ୍ନାଚିହ୍ନି, ସେହି ସ୍ଥାନ, ସେହି କାଳରେ ସେହି ଅବସ୍ଥାରେ ଅନ୍ୟ କେହି ଆସିଥିଲେ ମଧ୍ୟ ହୁଏତ ସେହି ଆତ୍ମିକ ଆଲୋଡ଼ନ ଘଟିଥାନ୍ତା ''(ମୁଁ କାହିଁକି ଲେଖେ-ଡ଼ଗର ୧୪/୧) ଏତିକି ମଧ୍ୟରେ ପ୍ରତିଫଳିତ ହୋଇଛି ତରୁଣ ଛାତ୍ର ଜୀବନର ଅକୁହା କଥା । କବି ନିଜର ଏକାନ୍ତ ନିଃସଙ୍ଗ ଜୀବନ ମଧ୍ୟରେ ଯେଉଁମାନଙ୍କର ପ୍ରେମ ଓ ପ୍ରଣୟ ଲାଭ କରିଥିଲେ, ତାହାରି ଚିର ମଧୁର ଏବଂ ଶୃଙ୍ଗାର ଉଦ୍‌ବୁଦ୍ଧ ସ୍ମୃତି ହିଁ କବିଙ୍କର ପ୍ରଗଳ୍‌ଭ ଚିନ୍ତାଧାରାର ହେଉଛି ପ୍ରଧାନ ସଂପଦ ଏବଂ ଏତାଦୃଶ ଯାବତୀୟ ପ୍ରଣୟ ମଧୁର ଅଭିଜ୍ଞତାରୁ ହିଁ 'ଧୂପ' କବିତା ଗ୍ରନ୍ଥର ସୃଷ୍ଟି । ଧୂପ ପୁସ୍ତକରେ ସ୍ଥାନିତ କବିତା 'ତରୁଣ କବିର ଆଶା', 'ପାପ ଓ ପ୍ରେମ', 'ଗୋପନକଥା', 'ମିଳନପଥ', 'ଅପ୍ରତ୍ୟୟ', 'ଦେଖାହେଲା କିଂପା', 'ଅଶ୍ରୁର ଆନନ୍ଦ', 'ପ୍ରଣୟବ୍ୟଥା', 'ପ୍ରଣୟ ସାଧନା', 'ପ୍ରିୟାର ସାଧନା', 'ବନ୍ଦିନୀ ପ୍ରିୟା', 'ଆଷାଢ଼ ଅଭିସାର', 'ଏହି ସହକାର ତଳେ', 'ବିରହୀ ବସନ୍ତ', 'ପ୍ରେମର ଭାଷା', ପ୍ରେମ ଓ ଜରା', 'ପ୍ରେମ ଓ ମୃତ୍ୟୁ' ଇତ୍ୟାଦି ତରୁଣ ପ୍ରେମିକର ଗୋପନ ପ୍ରେମ ଏବଂ ସେହି ପ୍ରେମର ଦହନ ଜ୍ୱଳନ ଏବଂ ଯନ୍ତ୍ରଣା ବୋଧରେ ଭାରାକ୍ରାନ୍ତ ।

କବି ମାନସିଂହଙ୍କ ପ୍ରେମ ଚେତନାର ଦୁଇଟି ପରିସର ସ୍ପଷ୍ଟ ଚିହ୍ନି ହୋଇଯାଏ । ଗୋଟିଏ ଶରୀର ସ୍ପୃହା ଓ ଅନ୍ୟଟି ହୃଦୟ ସ୍ପୃହା । 'ଧୂପ' କବିତା ସଂକଳନରେ ପ୍ରଥମଟିର ଯଥେଷ୍ଟ ପ୍ରକାଶ ଘଟିଛି । ଅପର ପକ୍ଷରେ କବି ଯେତେବେଳେ ବୁଝିଛନ୍ତି ଜରାଗ୍ରସ୍ତ ଦେହ ମନ ନେଇ ଶରୀର ତୃଷା ମେଣ୍ଟାଇ ହେବ ନାହିଁ, ସେତିକି ବେଳେ ସେ ପୃଥିବୀକୁ ବାରମ୍ବାର ଫେରି ଆସିବାକୁ ଚାହିଁଛନ୍ତି । ପୃଥିବୀର ଗୋଟିଏ ମାତ୍ର ଆକର୍ଷଣ ରହିଛି ତାଙ୍କ ପାଇଁ ମୁଗ୍ଧା କିଶୋରୀର ଲାଜ ଲାଜ ମଧୁର ଚାହାଣି-

''ସବୁଯାଇ ରହିଯାଏ କେବଳ ସେ କେମନ୍ତେ କେଜାଣି
ମୁଗ୍ଧା ଏକ କିଶୋରୀର ଲାଜ-ପ୍ରେମ-ମଧୁର ଚାହାଣି''

(ଧରାବତରଣ, ହେମଶସ୍ୟ)

ପରବର୍ତ୍ତୀ ସମୟରେ କବି ତାଙ୍କର ପ୍ରେମକୁ ପରକୀୟା ପ୍ରୀତିରୁ ସ୍ୱକୀୟା ପ୍ରୀତି ମଧ୍ୟଦେଇ ଦେହରୁ ବିଦେହସ୍ତରକୁ, ଇନ୍ଦ୍ରିୟରୁ ଅତୀନ୍ଦ୍ରିୟ ଜଗତକୁ ଅଗ୍ରସର କରାଇଛନ୍ତି । ଆସକ୍ତି ଓ ନିର୍ବହଣର ଦ୍ୱୈତସ୍ୱର ତାଙ୍କ କବିତାରେ ସୁସ୍ପଷ୍ଟ । ଦେହଭୋଗର ଅନ୍ୱେଷଣ

Digitized by srujanika@gmail.com

କରୁଥିବା କବି ଆତ୍ମାର ବନ୍ଧନକୁ ସ୍ୱୀକାର କରିଛନ୍ତି ଏବଂ ଦେହରୁ ବିଦେହ ପ୍ରତି କ୍ରମେ ସମ୍ମୋହିତ ହୋଇ ଅତୀନ୍ଦ୍ରିୟ ପ୍ରେମର ଜୟଗାନ କରିଛନ୍ତି -

''ପ୍ରେମ ନୁହେଁ ଦେହ-ଦେହୁଁ ଭୋଗ ଅନ୍ୱେଷଣ
ପ୍ରେମ, ଏକ ଆତ୍ମାପ୍ରତି ଅନ୍ୟର ବନ୍ଧନ ।
ପ୍ରେମ, ପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ
ପ୍ରେମ, ଆନ ପାଇଁ ଦେବା ନିଜକୁ ହଜାଇ''

(କମଳାୟନ , ମା.ଗ୍ର-୨ୟ ଖଣ୍ଡ, ପୃ-୨୨୧),

'ହେମଶସ୍ୟ'ରେ ଥିବା ଏକାଧିକ ସନେଟ୍ ମଧ୍ୟରୁ 'ହିସାବ ନିକାଶ', 'ବଧୂ ପ୍ରବେଶ', 'ଯୁଗଳ ଜୀବନ', 'ଦେହ ଓ ସ୍ନେହ', 'ପ୍ରେମସ୍ପର୍ଶ', ପରି କବିତାରେ କବିଙ୍କର ପରକୀୟା ପ୍ରେମରୁ ସ୍ୱକୀୟା ପ୍ରେମାନୁଭବକୁ ଲକ୍ଷ୍ୟ କରାଯାଏ । ପୁଣି ତାରୁଣ୍ୟର ତରଳ ଇନ୍ଦ୍ରିୟ ପର ପ୍ରେମ, ମିଳନ ଓ ବିରହର ଉତ୍ତାପରେ ପରିପକ୍ୱ ହୋଇ କ୍ରମେ ରୂପୋତ୍ତର ଓ ଇନ୍ଦ୍ରିୟାତୀତ ହୋଇ ଉଠିଛି-

''ପାଇଲି ମୁଁ ସ୍ନେହରତ୍ନ ଦେହେ ଅବଗାହି
ମୁକ୍ତାପାଇ ଫେରିଛି ମୁଁ ଗୁଞ୍ଜା ଖୋଜି ଯାଇ
ପ୍ରିୟାର ସରସ ସ୍ନେହ ଦେହ ଅବସାନ
କରିଅଛି ଶେଷେ ମୋର ।   x x x x
ପ୍ରଣୟ ଆମ୍ଭର ରୂପ-ପର ଥିଲା ଦିନେ ଆଜି ରୂପୋତ୍ତର ''।

(ଦେହ ଓ ସ୍ନେହ, ହେମଶସ୍ୟ)

ଇନ୍ଦ୍ରିୟାତୀତକୁ ରୂପ ଦେବାରେ କବି ମାନସିଂହଙ୍କର କାରିଗରୀ ଯେପରି ଅକ୍ଷୁଣ୍ଣ, ଇନ୍ଦ୍ରିୟଗ୍ରାହ୍ୟ ରୂପ ପ୍ରୀତିକୁ ଅଭିବ୍ୟକ୍ତି ଦେବାରେ ତାଙ୍କର ସୃଷ୍ଟି ସେହିପରି ରୁଚିପୂର୍ଣ୍ଣ ଓ ରମଣୀୟ । ବିରହ ଚିତ୍ର ଦେବାରେ ତାଙ୍କ ତୂଳୀ ଯେପରି ନିପୁଣ, ମିଳନାଲେଖ୍ୟ ଅଙ୍କନ କରିବାରେ ସେ ତୂଳୀ ସେପରି ଶକ୍ତିଶାଳୀ

'' କେଉଁ ଧନେ ସେ ଗୋ ବଣିକଯୁବା କରେ ବେପାର
କରେ ବେପାର ?
ନାରୀ ବୁକୁ ଘେନି କି ତା' ବେବସା,
ଭୁଆସୁଣୀ ଲୁହେ ତା କାରବାର ?

(ସାଧବଝିଅ - ମା.ଗ୍ର.ପୃ-୧୩୧)

ଏହି ପ୍ରୀତି ବେପାରରେ କବି ହୃଦୟର ଅସାଧୁତା ଓ ବିଶ୍ୱାସ ଘାତକତା କେଉଁଠି ପ୍ରକାଶ ପାଇ ନାହିଁ - ବରଂ ପ୍ରକାଶ ପାଇଛି ଶିଳ୍ପୀ ପ୍ରାଣର ନିଷ୍ଠା, ବିଶ୍ୱାସ ଓ ଆନ୍ତରିକତା । ଏହି ନିଷ୍ଠା ଓ ଆନ୍ତରିକତା ନେଇ କବି ଆଙ୍କିଛନ୍ତି ହୃଦୟର ମିଳନାଭୂତିର ଜୀବନ୍ତ ଓ ବିଶ୍ୱସ୍ତ

Digitized by srujanika@gmail.com

ଚିତ୍ର । ପ୍ରାଣର ରୂପତୃଷ୍ଣା ନେଇ ସେ ଖୋଜିଛନ୍ତି ପ୍ରଣୟିନୀ ହୃଦୟର ସରସ ପ୍ରୀତି ଫଲ୍‌ଗୁ ଏବଂ ସ୍ୱାଭାବିକ ଦୃଷ୍ଟିଭଙ୍ଗୀ ନେଇ ସେ ସନ୍ଧାନ କରିଛନ୍ତି ସୌନ୍ଦର୍ଯ୍ୟର ଆବରଣ ତଳେ ସତ୍ୟର ଆତ୍ମା-

"କିଶୋରୀ ଗୋ ତବ ବକ୍ଷକମଳ ମୋ ହୃଦକମଳପରେ
ରଖିଲ ଯା-ଟିକେ ରହ ଥିର ହୋଇ, ଅନୁଭବ ତାହା କରେ "
(ମିଳନ-ମାଧୁରୀ, ହେମଶସ୍ୟ)

'ଧୂପ'ର ଉଚ୍ଛଳ ପ୍ରଣୟ ଚେତନା ଯେପରି ଉଦ୍ଦାମ ଓ ଉଦ୍‌ବେଳ, 'ହେମଶସ୍ୟ'ରେ ସେହିପରି ଶାନ୍ତ ଓ ସମାହିତ । 'ଧୂପ'ର ପ୍ରେମ ସ୍ରୋତ ଯଦି ହୁଏ ଏକ ବର୍ଷାକାଳୀନ ନଦୀ ପ୍ରବାହ ପରି ଉଦ୍‌ବେଳ ଓ ଖରସ୍ରୋତା, 'ହେମଶସ୍ୟ'ର ପ୍ରଣୟାନୁଭୂତି ଶରତ୍ କାଳୀନ ନଦୀଧାର ପରି ନିର୍ମଳ ଓ ମୃଦୁ ପ୍ରବାହିନୀ (ସବୁଜରୁ ସାଂପ୍ରତିକ, ଡ଼କ୍ଟର ନିତ୍ୟାନନ୍ଦ ଶତପଥୀ ପୃ-୧୧୪) ସତେ ଅବା ଏକଇ କଣ୍ଠରୁ 'ଧୂପ' ଓ 'ହେମଶସ୍ୟ'ର ସଂଗୀତ ସମାନ ଆବେଗ, ତାଳ ଓ ଲୟରେ ନିଃସୃତ ହୋଇଛନ୍ତି । ପରକୀୟା ଓ ସ୍ୱକୀୟା ପ୍ରେମାନୁଭୂତିକୁ ସାର୍ଥକ ଓ ସମାନ ଭାବରେ ଧରି ରଖିଛନ୍ତି -

"ପ୍ରେମ କି ଥରେ ଆସି, ଥରକେ ହୁଏ ଶେଷ
ଜଣକୁ ଦେଲେ ସଁପି, ନରହେ ଅବଶେଷ ?
ପ୍ରଥମ ଭେଟ ସାଥେ ସରେ କି ସଂଚୟ
ଆଉକି ଥରେ ବୁକୁ ନ ହୁଏ ରସମୟ
(ପ୍ରେମର ପରିମାପ, ଧୂପ)

ଏହା ହିଁ ଥିଲା ପ୍ରଣୟୀ କବି ମାନସିଂହଙ୍କର ଚୂଡ଼ାନ୍ତ ଦୃଷ୍ଟିଭଙ୍ଗୀ । ପାର୍ଥିବ ପ୍ରେମରୁ ଜନ୍ମନେଇଥିବା ତାଙ୍କ ପ୍ରଣୟ ଚେତନା ବଳରେ ସେ 'ଭଲପାଇଛନ୍ତି ରୂପବତୀ ନାରୀର ସାକାର ରୂପ ଓ ନିରାକାର ରସ ମାଧୁର୍ଯ୍ୟକୁ, ସେଇ ନାରୀ ହିଁ ତାଙ୍କ ଦେହଜ ପ୍ରେମକୁ ମୁକ୍ତି ଦେଇଛି ଓ ମାନସିକ ଅବଚେତନକୁ ଦେଇଛି ଶକ୍ତି ଓ ଗତି (ମହାପାତ୍ର ନୀଳମଣି ସାହୁ, ମାନସିଂହ ପରିକ୍ରମା ପୃ-୧୩୭)

କବି ଚେତନାର ଯେଉଁ ନବରୂପାନ୍ତର ଘଟିଛି , ତାହା ଶରୀରତୃଷ୍ଣା ନ ହୋଇ ହୋଇଛି ହୃଦୟତୃଷ୍ଣା । କବି ପ୍ରାଣ ଅନ୍ତର୍ଲୀନ ହୋଇଛି ଓ ନିବିଡ଼ ଅନ୍ଧକାର ମଧ୍ୟରେ ପ୍ରେୟସୀର ଜ୍ୱଳନ୍ତ ରୂପ ଶିଖାକୁ ଦେଖିଛି -

"ପ୍ରଦୀପ ଜଳୁଛି କିପାଁ ? ଲିଭାଅ ତାହାରେ
ତବ ରୂପଶିଖା ଜଳୁ ଘନ ଅନ୍ଧକାରେ ।
ଠିଆ ହୁଅ କକ୍ଷ ମଧ୍ୟେ ଧୀରେ ଧୀରେ ଧୀରେ
ଅଙ୍ଗ ଆବରଣ, ଅଙ୍ଗତେଜ ଏ ମହୀରେ

Digitized by srujanika@gmail.com

ପଡୁ ଥାନ୍ତ ଊର୍ମିସମ ।

(ରୂପାଲୋକ, ହେମଶସ୍ୟ) ।

'ହେମଶସ୍ୟ'ର' ଧରାବତରଣ 'ହେମନ୍ତ ପ୍ରଭାତ', 'ସୋହାଗ', 'ମୁକ୍ତି ନାହିଁ ମାଗେ', 'ଆତ୍ମାର ସୌନ୍ଦର୍ଯ୍ୟ' ପ୍ରଭୃତି କବିତା ମଧ୍ୟରେ କବି ପାର୍ଥିବ ମୋହକୁ ଭୁଲି ଅତୀନ୍ଦ୍ରିୟ ରାଜ୍ୟରେ ବିଚରଣ କରିଛନ୍ତି । ପୁଣି ଏହା 'ଧୂପ' ରୁ 'ହେମଶସ୍ୟ' ପଥଦେଇ 'କ୍ରୁଶ' ନିକଟରେ ପହଞ୍ଚିଛି । ଦେହବାଦୀ ଭୋଗସର୍ବସ୍ୱ ପ୍ରଣୟ ଚେତନା ଆତ୍ମାର ସୌନ୍ଦର୍ଯ୍ୟ ପ୍ରତି ଧ୍ୟାନଶୀଳ ହୋଇ ଦେହାତୀତର ଚେତନାକୁ ଉଦ୍‌ବର୍ତ୍ତନ ଘଟିଛି । କବିଙ୍କର ଏହି ଯେଉଁ ବିରାଟ ପରିବର୍ତ୍ତନ ଏସଂପର୍କରେ ସମାଲୋଚକ ଚିନ୍ତାମଣି ବେହେରା କହନ୍ତି-''ଦେହର ଜଡ଼ ଅନୁଭୂତିରୁ ଆତ୍ମାର ଚେତନାଲୋକକୁ, ରୂପର ପୁଷ୍ପିତ ପ୍ରାଙ୍ଗଣରୁ ଅରୂପର ଅଳକାପୁରୀକୁ ଏବଂ ସୀମାର ସଂକୀର୍ଣ୍ଣ ନିଗଡ଼ରୁ ବୃହତ୍ତର ଭୂମା ପରିସରକୁ ଅନ୍ତରର କବି ମନୁଷ୍ୟଟି କ୍ରମଶଃ ଗତିଶୀଳ ହୋଇଛି ଓ ପ୍ରଣୟିନୀର ରୂପାଲୋକରେ ମଧ୍ୟ ଅରୂପର ସନ୍ଧାନ କରିଛି । କବିପ୍ରାଣର ପ୍ରଣୟାଭିସାର ଦେହ କାରାଗାରର ଇନ୍ଦ୍ରିୟ ବନ୍ଧନୀ ମଧ୍ୟରେ ଆରମ୍ଭ ହୋଇଥିଲେ ହେଁ ପରିଣତିରେ ଏକ ସିଦ୍ଧିଧାମରେ ଆସି ପହଞ୍ଚିଛନ୍ତି, ଯେଉଁ ଧାମିକି ମୁକ୍ତି ସୌନ୍ଦର୍ଯ୍ୟ ଓ ନିତ୍ୟ ଆନନ୍ଦର ଗୋଲକ ।'' (କାବ୍ୟ ଓ କଳାକାର, ପୃ . ୧୩୧)

ରୋମାଣ୍ଟିକ କବି ମାନସିଂହଙ୍କ ପ୍ରେମ ଓ ସୌନ୍ଦର୍ଯ୍ୟ ଚେତନା ପରସ୍ପର ଘନିଷ୍ଠ ଭାବେ ସଂଶ୍ଳିଷ୍ଟ । ପ୍ରେମରେ ଦେହ, ବିଦେହ ଓ ଦେହାତୀତର ସ୍ୱୀକାର କରିଥିବା ବେଳେ ସୌନ୍ଦର୍ଯ୍ୟ ଓ ରୂପ ତୃଷ୍ଣା ପ୍ରତି କବିଙ୍କର ବିସ୍ମୟ ଓ ଆକର୍ଷଣ କବିତାଗୁଡ଼ିକର ଛତ୍ରେ ଛତ୍ରେ ପ୍ରକଟିତ । ନାରୀର ରୂପ ବର୍ଣ୍ଣନା ଓ ପ୍ରକୃତିର ଶୋଭାର ସମ୍ଭାର ଉଭୟ ତାଙ୍କୁ ଆକୃଷ୍ଟ କରିଛି ଏବଂ ଲେଖନୀକୁ କରିଛି ଚଳ ଚଞ୍ଚଳ । ରୂପ ପ୍ରଣୟର କବି, ଯୌବନର ପୂଜାରୀ ସୌନ୍ଦର୍ଯ୍ୟର ଉପାସକ ମାନସିଂହ ତାଙ୍କ କଳ୍ପନାର ପକ୍ଷ ବିସ୍ତାର କରିଛନ୍ତି । ତାଙ୍କ ମତରେ ସୌନ୍ଦର୍ଯ୍ୟ ସତ୍ୟ, ତାର ମୃତ୍ୟୁ ନାହିଁ ।

''ସେ କିନ୍ତୁ ମରି ଯେ ନାହିଁ ମିଥ୍ୟା ସେ ବଚନ
ବିଶ୍ୱେ ନାହିଁ ରୂପ ଆଉ ସ୍ନେହର ମରଣ''

(ରୂପାନ୍ତର, ଅକ୍ଷତ)

ପାଶ୍ଚାତ୍ୟ କବି କୀଟ୍‌ସ ପରି କବିଙ୍କ ରୂପ ଦୃଷ୍ଟି ସର୍ବଦା ନାରୀର ସୂକ୍ଷ୍ମ ସୌନ୍ଦର୍ଯ୍ୟ ପ୍ରତି ଧ୍ୟାନଶୀଳ । ତରୁଣୀର ଲକ୍ଷାରଞ୍ଜିତ ପଦତଳ, ଯୁଗ୍ମ ବେଣୀର ଶୋଭା, ସୁକୋମଳ ଅଧର, ଚଳଚଞ୍ଚଳ ଦୃଷ୍ଟିଭଙ୍ଗୀ କବିଙ୍କୁ ବିମୁଗ୍ଧ କରିଛି । ରୂପର ଦେବତା ହିଁ ପ୍ରୀତିର ପ୍ରିୟ ସହଚର । ନାରୀର ରୂପଚର୍ଯ୍ୟା ଦେଖି ମୃତ୍ୟୁ ମଧ୍ୟ କ୍ଷଣଟିଏ ଚାହିଁରହିବ -

''ଯୁଗ୍ମ ବେଣୀ ଶୋଭା କନକ ଗଳା ବାହି
ମରଣ ନିଜେ ସହି ରହିବ କ୍ଷଣେ ଚାହିଁ

Digitized by srujanika@gmail.com

ଦ୍ରାକ୍ଷା-ସୁକୋମଳ-
ଅଧର, ଟଳମଳ-
ବୟସ ବିକ୍ଷେ, ଯାର ପାନ ଗୋ।
ପୀୟୂଷ ସ୍ୱାଦୁ ମଧୁ ଘ୍ରାଣ ଗୋ।''

(ଇରାନୀ କିଶୋରୀ,ହେମପୁଷ୍ପ)

ଏକଦା ଯୌବନୋଚ୍ଛଳ ରୂପରେ ମୁଗ୍ଧକବି ପରବର୍ତ୍ତୀ କାଳରେ ଜରାକୁ ଭୟ କରିଛନ୍ତି । ମୁଗ୍ଧା କିଶୋରୀର ଲାସ୍ୟ ହାସ୍ୟ ରେଖା, ତାର ଘନନୀଳ କେଶ ବଦଳରେ କବି ନିଜ ମାନସୀ ପ୍ରତିମାକୁ ଏକ ଜରାଗ୍ରସ୍ତ ରୂପହୀନା ଭାବରେ ଦେଖିବାକୁ ଅଭିଳାଷ ରଖିନାହାନ୍ତି । ସେ ଏକ ରୂପର ଭିକାରୀ ହୋଇ ବଂଚିବାକୁ ଚାହାନ୍ତି, ଯେଉଁ ରୂପ ସୌନ୍ଦର୍ଯ୍ୟ ଦୈହିକ ନ ହୋଇ ହୋଇଛି ଆତ୍ମିକ । ''ସେହି ସୌନ୍ଦର୍ଯ୍ୟ ବିନ୍ଦୁରେ ଅବଗାହନ କରି ଆତ୍ମାର ହୁଏ ମହାନିର୍ବାଣ, ପ୍ରକୃତିର ବିଲକ୍ଷଣ ଘଟେ ଓ ଇନ୍ଦ୍ରିୟ ମାନେ ନିଷ୍କ୍ରିୟ ହୋଇଯାନ୍ତି । ସୌନ୍ଦର୍ଯ୍ୟର ସେହି ଅନନ୍ତ ଭୂମା ସମକ୍ଷରେ କାମନା କୁଂଜର ଜଳାଂଜଳି ଦେଇ ଆତ୍ମା ଅନନ୍ତ ଯୁଗ ସକାଶେ ଆହରଣ କରେ ନିଷ୍ପାପ ଓ ସାତ୍ତ୍ୱିକ ଆନନ୍ଦର ଏକ ବିମଳ ନିର୍ଝର, ଯହିଁରେ ଅବଗାହନ କରି ସେ ଲଭେ ଅପୂର୍ବ ରୂପ ଲାବଣ୍ୟ ''(ଝଙ୍କାର, ୩୬/୧୨ ସଂଖ୍ୟା, ପୃ-୧୦୫୪)

ପ୍ରେମ ଓ ସୌନ୍ଦର୍ଯ୍ୟବୋଧର ଜୟଗାନ କରୁଥିବାବେଳେ କବି ତାହା ସହିତ ସ୍ୱପ୍ନ ପ୍ରବଣ ମନୋଭାବ ସଂପର୍କ ସ୍ଥାପନ କରେ । ପ୍ରିୟାସହ ମିଳନ ପାଇଁ ଏବଂ ତାର ସୌନ୍ଦର୍ଯ୍ୟର ଅବିରତ ଦର୍ଶନ ପାଇଁ କବି ପ୍ରାଣ ସ୍ୱପ୍ନକୁ ମାଧ୍ୟମ କରି ମନର ଅଭିଳାକ୍ଷ ଚରିତାର୍ଥ କରିବାକୁ ଇଚ୍ଛା କରେ ।

''ଭାବିଥିଲି ଅବା ବକୁଳ ତଳେ । ସୁରଭି କୁସୁମ ଶୟନ ପରେ ।
ଯାପିବି ଜୀବନ ପ୍ରେୟସୀ ଧରି
ସପନ ପରି ।

(ତରୁଣ କବିର ଆଶା,ଧୂପ)

ମାତ୍ର ସ୍ୱପ୍ନର ଏ ସରସତା ବାସ୍ତବତାର ନିଷ୍ଠୁର ସଂଘାତରେ ମଉଳି ଯାଏ । ଅଙ୍ଗରୁ ଖସିଯାଏ ଯୌବନ । ବାର୍ଦ୍ଧକ୍ୟର ଶୋଣିତ ପ୍ରବାହିତ ହୋଇଥିଲେ ହେଁ କବିପ୍ରାଣ ସ୍ୱପ୍ନଲୋକର ସେହି ସରସତାକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରିଛନ୍ତି -

''ଯେ ସ୍ୱପନ ଦେଇଥିଲା ଆଖେ ଯାଦୁକରୀ କଳ୍ପନା ଅଞ୍ଜନ ।
ଲାଗୁଥିଲା କଳ୍ପଲୋକ ସମ ମୃତ୍ତିକାର ରୂଢ଼ ଏ ଭୁବନ
କୃଷ୍ଣ କେଶ ଶୁକ୍ଳ ହେଉପଛେ ଅଙ୍ଗ ହେଉ ବିଗତ ଯୌବନ
ଖେଳୁଥାଉ ସ୍ୱପ୍ନିଳ ଅନ୍ତରେ ସେ ଦିନର ଗୀତିମୟ ମନ''

(ପଳାତକ ହେ ମୋର ଯୌବନ, ସିନ୍ଧୁ ଓ ବିନ୍ଦୁ)

Digitized by srujanika@gmail.com

କେତେବେଳେ ଅବା କବିଙ୍କର ସ୍ୱପ୍ନ ପ୍ରୟାସୀ କଳ୍ପନାପ୍ରବଣ, ପ୍ରେମମୟ ଅନ୍ତର ଏକ ଅପରିଚିତା ବାଳିକାର ରୂପ ମାଧୁରୀରେ ମୁଗ୍ଧ । କବି ତାକୁ ମାନସୀ ପ୍ରତିମା ରୂପେ ଗ୍ରହଣ କରି ହୃଦୟ ଦାନକୁ ଶ୍ରେୟ ମଣିଛନ୍ତି । ଏହି ହୃଦୟ ଦାନ ପାଇଁ ପରିଚୟର ଆବଶ୍ୟକତା ନଥାଏ -

''ଅଜଣା ଦୂରେ ତମେ, ମୁହିଁ ଅପରିଚିତ
ପୂଜାରୀ ସମ ବସି ରଚଇ ସ୍ତୁତି ଗୀତ
ଦେଖିଛି ଯେ ନୟନେ
ସେରୂପ, ସେ ବଦନେ
ପାଲଟି ଥିବ କବି ନିକର
ଗାଇ ସେ ଶୋଭା ମୁଖଟି କର ।''

(ଇରାନୀ-କିଶୋରୀ, ହେମପୁଷ୍ପ)

କଳ୍ପନା ପ୍ରବଣତା :

କଳ୍ପନା ପ୍ରବଣତା ରୋମାଣ୍ଟିକ୍ ସାହିତ୍ୟର ଅନ୍ୟତମ ମୁଖ୍ୟ ପ୍ରବୃତ୍ତି । ପ୍ରେମ ଓ ସୌନ୍ଦର୍ଯ୍ୟାନୁଭବ ପାଇଁ, ସ୍ୱଦେଶ ଗୌରବ ସନ୍ଦର୍ଶନ ପାଇଁ କବି ସର୍ବଦା କଳ୍ପନାକୁ ହିଁ ମୁଖ୍ୟ ସଂଯୋଜକ ରୂପେ ବ୍ୟବହାର କରିଥାଏ । କବି ମାନସିଂହଙ୍କ କଳ୍ପନା ପ୍ରବଣତା ସର୍ବତ୍ର ବାସ୍ତବ ପରିବେଶରୁ ଦୂରକୁ ପକ୍ଷ ସଂଚାଳନ କରି ଉଡ଼ିଯାଇଛି । କେତେବେଳେ ପ୍ରଣୟିନୀ ନିକଟକୁ ମଳୟ ହୋଇ ଉଡ଼ିଯିବାର ଆଶା ପୋଷଣ କରିଛି (ବନ୍ଦିନୀ ପ୍ରିୟା) ତ କେତେବେଳେ ଅବା କୋଣାର୍କର ପ୍ରସ୍ତରମୂର୍ତ୍ତିକୁ ଦେଖି କବି କଳ୍ପନାରେ ସେମାନଙ୍କୁ ଜୀବନ୍ୟାସ ଦେଇଛନ୍ତି । ମୃଦଙ୍ଗ ବାଦିକା, ବେଣୁବାଦିକା, ସୁନ୍ଦରୀ ନିର୍ତ୍ତକୀଗଣଙ୍କର ପ୍ରସ୍ତରୀଭୂତ ହେବାକୁ କବି ସହ୍ୟ କରି ପାରିନାହାନ୍ତି । କଳ୍ପନାରେ ସେମାନଙ୍କ ମୁଖରେ ଭାଷା ଫୁଟାଇଛନ୍ତି । ଥଟ୍ଟା ପରିହାସ ଓ ବେଦନା ମଧ୍ୟରେ ସେମାନଙ୍କର ମନର କଥା ପ୍ରକାଶ କରାଇଛନ୍ତି । ଏକ ପ୍ରସ୍ତରମୂର୍ତ୍ତି ଚିନ୍ତା କରିଛି ଏକଇ ଖଣିରୁ ଜନ୍ମନେଇ ଜଣେ ତାର ତରୁଣଠାରୁ ଚୁମ୍ବନ ପାଉଥିବା ବେଳେ ଆନ ଜଣେ ହାତରେ ଦୀପଟିଏ ଧରି ଛିଡ଼ା ହୋଇଛି । ମନରେ ବିଦ୍ରୋହର ସ୍ୱର ଶୁଣାଯାଇଛି -

''ଆନ କହେ କେତେକାଳ ଦୀପଖାଲି ଧରିବି
ରହି ଏକ ଥାନରେ   ନରକରେ ପଡ଼ି ସଡ଼ୁ
ଶିଳ୍ପୀ, ଯେ ନ ଦେଲା
ରସ ମୋର ପ୍ରାଣରେ ।

(କୋଣାର୍କର ଲାସ୍ୟଲୀଳା, କୋଣାର୍କ)

ଜ୍ୟୋତ୍ସ୍ନା ବିଧୌତ ରଜନୀରେ ମହାନଦୀରେ ନୌକା ବିହାର କରୁଁ କରୁ କବି କଳ୍ପନା ଚକ୍ଷୁରେ ଉତ୍କଳର ଅତୀତ ଇତିହାସ ଧରା ଦେଇଛି । ମହାନଦୀରେ ଅତୀତର ରାଜାମାନେ ନୌକା ବିହାର କରୁଥିବେ । ସୁକୁମାରୀ ରାଜବାଳାର ଲାକ୍ଷାରଂଜିତ ପଦସ୍ପର୍ଶରେ କଠିନ

Digitized by srujanika@gmail.com

ପାଷାଣ ପ୍ରାଣ ଉଲ୍ଲସିତ ହୋଇ ଉଠିଥିବ । ପୁଣି ଏହି କଳ୍ପନାକୁ ରଜନୀ ରୂପେ ସମ୍ବୋଧନ କରି ଅତୀତର ମଧୁର ଐଶ୍ୱର୍ଯ୍ୟମୟ ଛବି ଦର୍ଶନ କରିବାରେ ତାହାର ସାହଚର୍ଯ୍ୟ କବି କାମନା କରିଛନ୍ତି -

‘ଏମନ୍ତ ଜ୍ୟୋଛନା ରାତେ ସେ ଦିନ ଏ ସ୍ଥଳୀ
କି ଶୋଭା ଧରଇ, ଅୟି କଳ୍ପନା ସଜନୀ
କହ ମତେ । ଶତ ଶତ ନାଗରିକେ ତରୀ
ବାହି କେହ୍ନେ କରୁଥିବେ ମୁଖରା ରଜନୀ !’

(ମହାନଦୀରେ ଜ୍ୟୋସ୍ନା ବିହାର, ମାଟିବାଣୀ)

ଏପରିକି କଳ୍ପନାର କାଉଁରୀ ସ୍ପର୍ଶରେ ସେ ଅତୀତ ଇତିହାସର ବର୍ଣ୍ଣିଳ ଛବି ଓ ଗୌରବାବହ ଘଟଣାକୁ ନିଜ ମାନସପଟରେ ଧରି ରଖିବାକୁ ସମର୍ଥ ହୋଇଛନ୍ତି । ‘ବାରବାଟୀ ଓଡ଼ିଶାର ଗୌରବଦୀପ୍ତ ଅତୀତ ଅଧ୍ୟାୟର ମୂକ ଧ୍ୱଂସାବଶେଷ ମାତ୍ର । ତଥାପି ତାଙ୍କ କାବ୍ୟସ୍ୱରରେ ଏ ଜାତିର ଦୁର୍ଦ୍ଦଶା ପାଇଁ ପ୍ରଚ୍ଛନ୍ନ କାରୁଣ୍ୟ ଓ ଆହ୍ୱାନ ମିଶି ରହିଛି -

‘‘ମୋ ଜନନୀ ଉତ୍କଳର ଇତିହାସ-ଶିରେ
ରାଜଟୀକା ସମ, ହେ ଦୁର୍ଗ ପରମ
ତୁମେ ତୁଙ୍ଗ ବାରବାଟୀ ବୀର-ରକ୍ତ-ମାଂସରେ ଗଠିତ
ଅତୀତର ବକ୍ଷପରେ
ଜାତିର ଜୟସ୍ତମ୍ଭ-ପରି
ବୀର୍ଯ୍ୟଦୃପ୍ତ ସ୍କନ୍ଧ ଉଚ୍ଚେ ଧରି
ଆଣିଛ ବୁହାଇ ମୌନେ ନିଜ ଦେହେ ନିଜର ଅତୀତ ।’’

(ବାରବାଟୀ, ମାଟିବାଣୀ)

କଳ୍ପନାର ପକ୍ଷ ବିସ୍ତାର କରି କରି କବି ପ୍ରାଣ କେତେବେଳେ ପ୍ରଣୟୀ ତ କେତେବେଳେ ପ୍ରଣୟିନୀ ପାଲଟି ଯାଇଛି । ଦେହରୁ ଦେହାତୀତ ମଧ୍ୟରେ ବିଶ୍ୱର ସକଳ ସୃଷ୍ଟି ସହିତ ତାଙ୍କର ସମ୍ବନ୍ଧ ପ୍ରତିଷ୍ଠା ହୋଇଛି । ‘କ୍ରୁଶ’ର ଏକାଧିକ କବିତାରେ ଏକ ପବିତ୍ର ନିର୍ମଳ ହୃଦୟର ଅଭିବ୍ୟକ୍ତି ପ୍ରକାଶ ପାଇଛି । ଅନ୍ତରଠାରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ସବୁର ସ୍ପର୍ଶ ଅନୁଭବ ପାଇଁ ମାନସିଂହଙ୍କ ଆତ୍ମାବଧୂ ବ୍ୟାକୁଳ । କବି ଦୃଷ୍ଟିରେ ତାହା ଦୁର୍ଲଭ - ବଲ୍ଲଭ । ଏକ ନୂତନ ପ୍ରଣୟରେ ଅନୁସନ୍ଧାନୀ ନବ ପ୍ରଣୟୀ ଗାଆନ୍ତି -

‘‘ଜୀବନର ସ୍ୱାଦ ଯେତେ ବୁଦ୍ ବୁଦ୍ ପରିଗଲା
ନବସ୍ୱାଦେ ପ୍ରାଣ ମୋ ସତୃଷ୍ଣ
ବିଶ୍ୱର ରେଣୁ ବନେ, ତେଣୁ ଉନ୍ମନ ପୁଣି
ଖୋଜେ ଚଞ୍ଚଳ ପ୍ରଣୟୀ, ସେ କୃଷ୍ଣ ।’’

(ବନ ପ୍ରଣୟୀ, ସିନ୍ଧୁ ଓ ବିନ୍ଦୁ)

Digitized by srujanika@gmail.com

ନୟନ ଅଭିରାମ, ଶ୍ୟାମଘନ କୃଷ୍ଣଚନ୍ଦ୍ର ସନ୍ଧାନରେ କବି ନିଜକୁ ଦୁଃଖାନଳରେ ଜାଳି ଚରମ ପ୍ରତ୍ୟାଶା ମଧ୍ୟରେ ଜାଗ୍ରତ । ପ୍ରାଣର କୁଂଜରେ ବସନ୍ତ ଗୁଂଜରେ ମଂଜୁମଳୟର ଆଗତ ହେବ, ତାହାରି ସ୍ପର୍ଶରେ କବି ପ୍ରାଣର ଦୈନ୍ୟ ଐଶ୍ୱର୍ଯ୍ୟ ମଣ୍ଡିତ ହେବ ।

ପ୍ରକୃତି ପ୍ରୀତି :

କବି ମାନସିଂହଙ୍କ ପ୍ରକୃତି ବର୍ଣ୍ଣନା ପ୍ରେମ ତୃଷ୍ଣା ଓ ରୂପତୃଷ୍ଣାର ପ୍ରାବଲ୍ୟରୁ ଜନ୍ମ ଲାଭ କରିଛି । ବିଶ୍ୱ ସାହିତ୍ୟର କବିଗଣ ସ୍ୱ ସ୍ୱ ସୃଷ୍ଟିରେ ପ୍ରଣୟାନୁଭୂତିକୁ ସ୍ଥାନ ଦେଇଥିବା ବେଳେ ପ୍ରକୃତିକୁ ମାଧ୍ୟମ କରିଛନ୍ତି । କବି ମାନସିଂହଙ୍କ ପ୍ରକୃତି ଏଠାରେ ଦୁଇଟି ପିପାସାରୁ ଜାତ ହୋଇଛି - ପ୍ରଥମତଃ ସୌନ୍ଦର୍ଯ୍ୟ ପିପାସା, ଦ୍ୱିତୀୟତଃ ଜୀବନାନୁଭୂତି । ବିଭିନ୍ନ ପର୍ଯ୍ୟାୟରେ ଏହି ପ୍ରକୃତି ବର୍ଣ୍ଣନାର ବିକାଶ ଘଟିଥିଲେ ହେଁ, ଏହାର ସ୍ୱର ଏକ ଏବଂ ଅଭିନ୍ନ । ପ୍ରେମ ନିମିତ୍ତ ପ୍ରକୃତି ଶୋଭାକର ଦିଶିଛି । ପୁଣି ‘ସହକାର’ ତାଙ୍କ ପ୍ରକୃତି ବର୍ଣ୍ଣନାର ଏକ ଜୀବନ୍ତ ଆଲେଖ୍ୟ । ଜ୍ୟୋତ୍ସ୍ନା ମଧ୍ୟ କବି ମାନସର ଏକ ଦିଗନ୍ତ ବିସ୍ତାରୀ ଜ୍ୟୋତି, ଯାହାର ସାନ୍ନିଧ୍ୟ ସ୍ପର୍ଶ ଓ ଯାଦୁକରୀ ପ୍ରଭାବ ତାଙ୍କ ଲେଖନୀକୁ ଯୌବନ ଓ ବାର୍ଦ୍ଧକ୍ୟରେ ମୁଗ୍ଧ କରିପାରିଥିଲା । ପୁଣି ଏହି ସହକାର କୁଂଜରୁ ତାଙ୍କ ପ୍ରକୃତି ବର୍ଣ୍ଣନା ଆରମ୍ଭ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ଜଳ, ସ୍ଥଳ ଓ ଆକାଶକୁ ବ୍ୟାପୀ ଯାଇଛି । ପ୍ରକୃତିର ବୃକ୍ଷଲତା, ତରଙ୍ଗ ଫେନିଳ ନଦୀ, ନିର୍ଝର, ନୀଳ ସମୁଦ୍ରର ଉର୍ମିମାଳା ଏବଂ ଜନ୍ମଭୂମି ମାଲୁଦର ସୌନ୍ଦର୍ଯ୍ୟ ବିନ୍ଦୁ ଚିଲିକା ତାଙ୍କ ତରୁଣ କବିର ସଦ୍ୟ ପଲ୍ଲବିତ ପ୍ରେମର ପ୍ରକାଶକ ରୂପେ ଗୃହୀତ । ଏଇ ସହକାର ତଳେ, ‘ଆଷାଢ଼ ଅଭିସାର’, ‘ବସନ୍ତ ବିରହୀ’, ‘ଚିଲିକା’, ‘ପ୍ରିୟଭୂମି’, ‘ଶ୍ରାବଣର ଅଭିସାର’, ‘ହେମନ୍ତ ପ୍ରଭାତ’, ‘ବନ୍ଦିନୀ ପ୍ରିୟା’, ‘ନବଦୃଷ୍ଟି’, ‘ଦକ୍ଷିଣା ପ୍ରତି’, ‘ମହାନଦୀର ଜ୍ୟୋତ୍ସ୍ନା ବିହାର’ ଓ ‘ସାଧବ ଝିଅ’, ‘କମଳାୟନ’ ଆଦି କାବ୍ୟରେ ତାହାର ଯଥେଷ୍ଟ ଚିତ୍ର ସ୍ଥାନ ପାଇଛି । କବି କେତେବେଳେ ପ୍ରକୃତିକୁ ବନ୍ଧୁଭାବରେ ଗ୍ରହଣ କରିଛନ୍ତି ତ ଅନ୍ୟ କେଉଁଠି ପ୍ରକୃତି କୋଳରେ ପ୍ରେମର ମନ୍ଦିର ରଚନା କରିଛନ୍ତି -

‘‘ଏଇ ସହକାର ତଳେ
ସେଦିନ ପ୍ରିୟାର କର-କଂକଣ ଉଡିଥିଲା ମୋର ଗଳେ
ଚାନ୍ଦିନୀରାତି ଉଠିଥିଲା ମାତି
ମଳୟ ପରଶ ପାଇ
ବନପକ୍ଷୀ ଦୂରେ କରୁଣ ମଧୁରେ
ଯାଉଥିଲା କିବା ଗାଇ ।’

(ଏଇ ସହକାର ତଳେ, ଧୂପ)

ଯୁବକ କବି ତାର ପ୍ରାଣ ପ୍ରାଚୁର୍ଯ୍ୟ ଭୋଗ କରିବାରେ ପ୍ରକୃତିର ଇନ୍ଦ୍ରିୟଗ୍ରାହ୍ୟ ସୌନ୍ଦର୍ଯ୍ୟ ନିକଟରେ ଆତ୍ମହରା । ସମବୟସୀ ସହିତ ପ୍ରେମାଭିସାର ରଚିବାରେ ପ୍ରକୃତିର ସମର୍ଥନ କବିଙ୍କର ‘ଆଷାଢ଼ ଅଭିସାର’ରେ ଜୀବନ୍ତ ହୁଏ -

Digitized by srujanika@gmail.com

'କୃଷ୍ଣା ରଜନୀ, ଘନମେଘମାଳା ଆକାଶେ,
ବିରଳ ତାରକା, ମେଘ ବିଦ୍ୟୁତ୍ ପ୍ରକାଶେ
ଭବନ ପ୍ରଦୀପ ନିଭାଇ ଏକାଳେ ପ୍ରେୟସୀ,
ଏଇ ଆସେ ମୋର ଅଭିସାରେ ସମ ବୟସୀ' ।

(ଧୂପ. ମା.ଗ୍ର. ପୃ. ୯୨)

କୌଣସି ଏକ ଆଷାଢ଼ ନିଶୀଥର ସଜଳ ମୁହୂର୍ତ୍ତରେ ଅନ୍ଧକାର ରାତ୍ରି, ମେଘ, ପାଣି କବିଦୃଷ୍ଟିରେ ଯେପରି ପ୍ରତିଭାତ ହୋଇଛି ସତେ ଅବା ତାହାସବୁ କବିଙ୍କ ସମବୟସୀ ପ୍ରେମିକାର ଅଭିସାର ରଚନା ପାଇଁ । କବି ହୃଦୟରେ ପ୍ରେମ ଆଉ ପ୍ରଣୟର ଯେଉଁ ଅପୂର୍ବ ରସାସ୍ୱାଦନର ସମ୍ଭାବନା ଦେଖା ଦେଇଛି, ତାହା ଠିକ୍ ବର୍ଷା ମୁଖର ରାତ୍ରିର ପ୍ରଳୟ ସଦୃଶ -

"ସୃଷ୍ଟିରେ ଆଜି ପ୍ରଳୟ ହେଉଛି ରଚନା
ହୃଦୟେ ପ୍ରଳୟ ଭୋଗଇ ମଧୁର ରଚନା"

(ଆଷାଢ଼ ଅଭିସାର, ଧୂପ)

ବର୍ଷା କବିଙ୍କ ମିଳନର ସହାୟକ ହୋଇଥିବା ବେଳେ ବସନ୍ତ ବିଚ୍ଛେଦର ବଂଶୀ ବାଦନ କରିଛି । ପ୍ରିୟା ତାଙ୍କର ପାଖରେ ନାହାନ୍ତି । ମଳୟପବନ, ମନ୍ଦାର, ଚମ୍ପା, ବକୁଳ, କେତକୀ ଫୁଲ ତାଙ୍କ ପାଇଁ ନିରର୍ଥକ । ପ୍ରିୟା ବିଚ୍ଛେଦ ଜନିତ ବିରହ ହୃଦୟରେ ଖେଦଜାତ କରୁଛି । ସ୍ରଷ୍ଟାଙ୍କର ଏହି ନିଷ୍ଠୁର ଅବହେଳା ତାଙ୍କୁ ବସନ୍ତ ବିରହୀରେ ପରିଣତ କରିଛି -

"ମଧୁ ମାସ ଦେଇ ବଧୂ ପାଶେ ନାହିଁ ଦେଲା,
ସ୍ରଷ୍ଟାର ଏକି ନିଷ୍ଠୁର ଅବହେଳା
କାରେ ସାଥେ ଧରି ମନଭରା କରି
ଅବିର କରିବି ଖେଳା,
ମଧୁ ମାସେ ଦେଇ ବଧୂ ପାଶେ ନାହିଁ ଦେଲା । "

(ବସନ୍ତ ବିରହୀ, ଧୂପ)

ଦୂରଦେଶରେ ଥିବା ପ୍ରେମିକାର ଅଶ୍ରୁ ପୋଛି ନ ପାରି କବି ମଳୟକୁ ଦୂତରୂପେ ପ୍ରେରଣ କରିଛନ୍ତି । ପ୍ରକୃତିର ବିଭିନ୍ନ ସତ୍ୟ ମଧରେ କବି ପ୍ରେମ ଓ ପ୍ରଣୟଲୀଳା ସନ୍ଦର୍ଶନ କରିଛନ୍ତି ।

କବି ମାନସିଂହ ପ୍ରକୃତି ମନ୍ଦିରରେ ଏକ ଶୁଦ୍ଧପୂତ ତରୁଣ ପୁରୋହିତ । ପ୍ରକୃତିର ଗୀତରେ ସେ ଶୁଣିବାକୁ ପାଇଛନ୍ତି ଶାଶ୍ୱତ ପ୍ରେମର ସ୍ୱର । ପ୍ରକୃତିର ପ୍ରାଣ ସଂଚାରର ଅନୁଭୂତି ତାଙ୍କୁ ବିଭୋର କରିଛି । ଜ୍ୟୋସ୍ନାର କବି ମାନସିଂହ ମହାନଦୀରେ ଜ୍ୟୋସ୍ନା ବିହାର କରୁ କରୁ ଏକ ନିସର୍ଗ ପ୍ରୀତିର ସନ୍ଧାନ ପାଇଛନ୍ତି । ଜ୍ୟୋସ୍ନାର କୁହୁକ ସ୍ପର୍ଶରେ ପ୍ରସ୍ତରୀଭୂତା କୋଣାର୍କ ନଟୀ ଜୀବନ୍ୟାସ ପାଇଲାପରି କବି ମହାନଦୀ ବକ୍ଷରେ ଆତ୍ମହରା ହୋଇଛନ୍ତି ।

Digitized by srujanika@gmail.com

ପ୍ରକୃତିର ଏକ ପ୍ରେମିକ ଫଟୋଗ୍ରାଫର ଭାବରେ ସେ ତାଙ୍କର ମନର ଲେନ୍ସରେ ଅନେକ ଚିତ୍ର ଧରି ରଖିପାରିଛନ୍ତି-

'ଆହାକି ବିପୁଳ ଶୋଭା ଭାସେ ଆଖିଆଗେ
କେମନ୍ତେ ବର୍ଣ୍ଣିବି ମୋର ମୁଗ୍‌ଧ ଅନୁଭବ
ଚକ୍ଷୁମୋର ଅନ୍ଧ ହୁଏ ଜ୍ୟୋଛନାପରାଗେ
ବାଣୀ ମୋର ନାହିଁ ଫୁଟେ ମାନି ପରାଭବ । X X X X

(ମହାନଦୀରେ ଜ୍ୟୋସ୍ନାବିହାର, ମାଟିବାଣୀ)

ଏହି ବିରାଟ ଚିତ୍ରଗୃହରେ କବି ଜଣେ ଅତିଥି । ପ୍ରକୃତିର ରାଶି ରାଶି ଶୋଭା ସନ୍ଦର୍ଶନ ତାଙ୍କୁ ସତ୍ୟ, ଶୁଭର ମହିମ୍ନ ଅନୁଭବ ଆଣି ଦେଇଛି । ତେଣୁ କବି ମୃତ୍ୟୁ ପର୍ଯ୍ୟନ୍ତ ତାହାର ଉତ୍ସଙ୍ଗରେ ବିହାର କରିବାକୁ ଆଶା ପୋଷଣ କରିଛନ୍ତି ।

''ଇଚ୍ଛା ମୋ, ହୁଅନ୍ତା ଏହି ନିର୍ମଳ ରଜନୀ
ଅସରା, ମୁଁ ଖୋଜୁଥାନ୍ତି ସତ୍ୟ ଶୁଭ ତା'ରେ
ଏ ସୁନ୍ଦର ଜ୍ୟୋସ୍ନାତଳେ, ବାହି ଏ ତରଣୀ
ମୃତ୍ୟୁ ଯାଏଁ, ନ ଫେରି ସେ ମହା ଅନ୍ଧକାରେ ।''

(ମହାନଦୀରେ ଜ୍ୟୋସ୍ନାବିହାର)

ପ୍ରକୃତି ବର୍ଣ୍ଣନାର ଆଉ ଏକ ଇନ୍ଦ୍ରିୟାନୁଭୂତ ରୂପ ଓ ଅତୀନ୍ଦ୍ରିୟ ଜଗତର ଆଉ ଏକ ଲାସ୍ୟ କବିଙ୍କ 'ଇରାନୀ କିଶୋରୀ' ଓ 'କୋଣାର୍କର ଲାସ୍ୟଲୀଳା' ଯେଉଁଥିରେ କବି ଜ୍ୟୋତ୍ସ୍ନାର ସେହି ଲୁଚକାଳି ଖେଳ ପ୍ରକାଶିଛନ୍ତି-

''ତୁମରି ସ୍ମୃତି ପଥେ ଭାବନା ମୋର ଚଳେ
ଗୁଲ୍‌ର-ଉପବନେ ପ୍ରଳାପ ଯହିଁକରେ
ମୁଖରା ବୁଲବୁଲ୍
ଝରଣା କୁଲ୍ କୁଲ୍
ଦ୍ରାକ୍ଷାଛାୟା ଭେଦି ବହଇ
ଜ୍ୟୋସ୍ନା ପୁଣି ହୃଦ ଦହଇ'' ।

(ଇରାନୀ-କିଶୋରୀ, ହେମପୁଷ୍ପ)

ଏଥି ସହିତ ରୋମାଣ୍ଟିକ ଚେତନାର ଭାବାଦର୍ଶନ ପ୍ରକାଶିତ ହୋଇଛି କବିଙ୍କ 'ଚିଲିକା' ଓ 'ହେମନ୍ତ ପ୍ରଭାତ' କବିତାରେ । ସନ୍ଧ୍ୟା ଓ ପ୍ରଭାତ ବର୍ଣ୍ଣନାରୁ ପ୍ରକୃତି ପ୍ରତି କବିଙ୍କର ଆସକ୍ତି ପ୍ରକାଶ ପାଇଛି । ତାଙ୍କର ବିଭିନ୍ନ କବିତାରେ ଅବିର ରଂଜିତ ରକ୍ତ, ନୀଳ ନଭ,

Digitized by srujanika@gmail.com

ସୁବର୍ଣ୍ଣ ବିଭାସେ, କନକ ରଂଜିତ, ଶ୍ୟାମଳ ପ୍ରକୃତି ଅଙ୍ଗ, ସ୍ୱର୍ଣ୍ଣ ହେମନ୍ତର' ନୀଳ ଚକ୍ରବାଳ ଓ ନୀଳ ଜଳରାଶି ଆଦି ଶବ୍ଦପୁଞ୍ଜର ବ୍ୟବହାର କବିଙ୍କୁ ଜଣେ ରୋମାଣ୍ଟିକ୍ କବିର ପ୍ରତ୍ୟୟ ଆଣେ ।

ପଲ୍ଲୀଚିତ୍ର :

ରୋମାଣ୍ଟିକ୍ ଚେତନାର କବି ପଲ୍ଲୀର ନିସର୍ଗ ଶୋଭାକୁ ଦୃଷ୍ଟି ଫେରାଇ ଥାଏ । ତା' ସୃଷ୍ଟି ମଧ୍ୟରେ ଯେଉଁ ପଲ୍ଲୀ ଚିତ୍ର ପ୍ରକାଶ ପାଏ, ତାହା ହୁଏ ଜୀବନ୍ତ । ସେ ପ୍ରେମ ଓ ସୌନ୍ଦର୍ଯ୍ୟର ରୂପଚର୍ଯ୍ୟା ପାଇଁ ସ୍ୱପ୍ନ, କଳ୍ପନା ଏବଂ ପ୍ରକୃତିକୁ ମାଧ୍ୟମ କରେ । କବି ମାନସିଂହଙ୍କ ପଲ୍ଲୀଭାବ ସର୍ବସ୍ୱ କବିତା ମଧ୍ୟରେ ପଲ୍ଲୀର ଅଗଣିତ ସୁଖ ଦୁଃଖର ସ୍ମୃତି , ପଲ୍ଲୀର ସାଧାରଣ ଚରିତ୍ର ଆଦି ମହିମାନ୍ୱିତ ହୋଇଛି । ବିଶେଷ କରି, କବିଙ୍କ 'ମାଟିବାଣୀ'ର ଅଙ୍ଗୀଭୂତ କେତେକ କବିତା ଯଥା-'କୁଟୀର ଚିରନ୍ତନ', 'ପଲ୍ଲୀ ସନ୍ଧ୍ୟା,' 'ବର୍ଷା ସନ୍ଧ୍ୟା', ରେଙ୍ଗୁନଚିଠି', 'ଘରପଖା' 'ବିଲ ଲକ୍ଷ୍ମୀ, 'ବୋଇତବନ୍ଦାଣ', 'କଣ୍ଟକାଚ','ନଷ୍ଟପଲ୍ଲୀ', 'ମାଆଁ ତ ମାଆ', 'ପଲ୍ଲୀପ୍ରିୟା' ଏବଂ 'ଜେମା', 'କମଳାୟନ' ପ୍ରଭୃତି କାବ୍ୟକୁ ବିଶ୍ଳେଷଣ କଲେ ପଲ୍ଲୀ ପ୍ରକୃତି ପ୍ରତି ଦୃଷ୍ଟିକୋଣ ସହଜରେ ପ୍ରତିଭାତ ହୁଏ । ଗାଁର ଗାଧୁଆ ତୁଠ, ନୁଆଁଣିଆ ଚାଳଘର, ତୁଳସୀ ଚଉରା, ଜହ୍ନିଫୁଲ, ରଣ ଭଣ ସଂଜ, ଗଂଗଶିଉଳି, ଉଛୁଳା ପ୍ରଭାତ, ପଉଷ ସଂଜର ଗ୍ରାମ ଧାନ କିଆରୀ ଦୃଶ୍ୟ କବି ଲେଖନୀରେ ଚମତ୍କାର ଫୁଟି ଉଠିଛି । ପୁଣି ପଲ୍ଲୀ ପ୍ରକୃତିର ପରିପ୍ରେକ୍ଷୀରେ କବି ମାନସିଂହ ରାମି, ଦୀନା ପ୍ରଧାନ, ଗୋକୁଳି ନାଏକ, କାଂଚନ ଅପା, ତଅପୋଇ, ରାମବୋଉ ଓ ଓଡ଼ିଆ ଭୁଆସୁଣୀ ବୋହୂ, ଦଳେଇ, ଜେମା ପ୍ରଭୃତି ଜୀବନ୍ତ ଗ୍ରାମ୍ୟ ଚରିତ୍ରର ଆଲେଖ୍ୟ ପ୍ରଦାନ କରିଛନ୍ତି । ପ୍ରକୃତି ଏଠାରେ ପଲ୍ଲୀ ଜୀବନରେ ଜଡ଼ିତ ହୋଇଯାଇଛି । ପ୍ରକୃତିର ପଟ୍ଟଭୂମିରେ କବି ଗ୍ରାମବାସୀ ମାନଙ୍କର ଦୁଃଖସୁଖ, ବିରହ-ବେଦନା, ଅଭାବ ଯନ୍ତ୍ରଣା ଜୀବନଜ୍ୱାଳା ହିଁ ଆଙ୍କିବାକୁ ଚେଷ୍ଟା କରିଛନ୍ତି ।

(କ) ''ଛାତିଏ ହେଉଁ ଗଦା ସେନେହ ଭରେ
ନଇଁ ଢ଼େ ପଧାନ ସ୍ପର୍ଶ-ସୁଖରେ
ସ୍ୱକର ଜାତ ଲକ୍ଷ୍ମୀ ଦେଖି ମୁଗ୍ଧ ତା ଆଖି
ଥରକୁ ଥର ଧରେ ଧାନ ଗୁଚ୍ଛରେ ''

(ବିଲ ଲକ୍ଷ୍ମୀ, ମାଟିବାଣୀ)

(ଖ) ''ଗୋକୁଳି ନାଏକ ଆମରିଗାଆଁର ଜାତିରେ ଚଷା
ଚାଷ ଖଣ୍ଡି ବିନୁ ନ ଥିଲା ତାହାର ଆନ ବେବସା
ଭେଣ୍ଡିଆ ବୟସ ମୁହଁ ହସହସ, ମୁଣ୍ଡରେ ବାଳ

Digitized by srujanika@gmail.com

ପେଣ୍ଡା ହୋଇ ବନ୍ଧା, ବେକରେ ପିନ୍ଧିଛି ରସୁଣୀ ମାଳ x x x x
ବାଇଶି ବରଷ ଭେଣ୍ଡା ଆସି ହେଲା ଦେଖୁ ଗୋକୁଳି
ହାତକୁ ବିହାତ ହୋଇ ପାରିଲା ନି, ଭାବଇ ଖୁଡ଼ୀ''
(ଘରପଣା, ମାଟିମାଣୀ)

ଅତଏବ ଏହି ପଲ୍ଲୀଚିତ୍ର ମଧ୍ୟରେ କବି ମାନସିଂହ ଗ୍ରାମବାସୀଙ୍କର ସୁଖ ଦୁଃଖ ମିଶା କାହାଣୀକୁ ଅତି ଜୀବନ୍ତ ଭାବରେ ଅଭିବ୍ୟକ୍ତ କରିଛନ୍ତି । ସବୁଜ କବି ପଲ୍ଲୀର ବିପୁଳ ଜୀବନ ଗାଥା ଓ ରୂପ ବିଭବକୁ ଭୁଲି ସୁଦୂରର ଆକର୍ଷଣରେ ମୋହାଚ୍ଛନ୍ନ ହୋଇଥିବା ବେଳେ ମାନସିଂହ ଏହି ରୋମାଣ୍ଟିକ ପ୍ରଣୟ ମୁଖ୍ୟ କାବ୍ୟ ଚିନ୍ତାର ସମାନ୍ତରାଳ ଭାବନା ରୂପେ ପଲ୍ଲୀ ଜୀବନର ବହୁ କରୁଣ ମଧୁର ଚିତ୍ରକୁ ଜୀବନ୍ୟାସ ଦେଇଛନ୍ତି ।

ସ୍ୱଦେଶ ଭାବନା :

ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ କବି ବାଇରନ୍ ଓ ସ୍କଟଙ୍କ କବିତାରେ ରୂପାୟିତ ହୋଇଥିବା ଜାତୀୟ ଅତୀତର ବ୍ୟଥାୟିତ ଚିତ୍ର ପରି କବି ମାନସିଂହଙ୍କ କାବ୍ୟ ଚେତନାରେ ଧରାଦେଇଛି ଅତୀତ ଇତିହାସର ସମୁଜ୍ଜ୍ୱଳ ଘଟଣା । ଏହାର ବର୍ଣ୍ଣନାରେ ସ୍ୱଦେଶ ଭାବନାର ଚିତ୍ର ସୁସ୍ପଷ୍ଟ । ପୁଣି ଏହା ରାଧାନାଥୀ ଓ ସତ୍ୟବାଦୀ ସ୍ୱଦେଶବତ୍ସଳତାର ଅନୁରୂପ । କବିଙ୍କର 'କୋଣାର୍କ' ଠାରୁ 'ବାରବାଟୀ', 'ସାଧବଝିଅ', 'ଉତ୍କଳ ବନ୍ଦନା' ଓ 'କମଳାୟନ' ଇତ୍ୟାଦିରେ ରୋମାଣ୍ଟିକ୍ ଓ ଜାତୀୟବାଦୀ ଚେତନାର ଚମତ୍କାର ସହାବସ୍ଥାନ ଦେଖିବାକୁ ମିଳେ । କାରଣ ରୋମାଣ୍ଟିକ୍ କବିଗଣ ଅତୀତ ଆମୁଖ । ଏହାବ୍ୟତୀତ ତାଙ୍କର 'ମା ଓଡ଼ିଆ', 'ଉତିଷ୍ଠ ଉତ୍କଳ', 'ବନ୍ଦେ ଉତ୍କଳ ଜନନୀ', 'ବୋଇତବନ୍ଦାଣ', 'ତଅପୋଇ ବିଳାପ', 'ବିଜୟ ଲକ୍ଷ୍ମୀ', 'ଭାରତ ଗୀତି' ଆଦି ଗୀତି କବିତାରେ ସ୍ୱଦେଶ ବତ୍ସଳତା ପ୍ରକାଶ ଲାଭ କରିଛି ।

ରାଧାନାଥଙ୍କ ପରି ପ୍ରକୃତିର ରୂପ ଆସ୍ୱାଦନ କରୁକରୁ ମାନସିଂହ ନିଜ ଦେଶପ୍ରାଣତା ଓ ଜାତିପ୍ରାଣତାର ପରିଚୟ ଦେଇଛନ୍ତି । ଅତୀତ କୀର୍ତ୍ତି ଓ ବୀରତ୍ୱର ପ୍ରତୀକ ଓଡ଼ିଆଙ୍କ ଭୀରୁତା ଓ ଅଧୋଗତିକୁ ଲକ୍ଷ୍ୟକରି କବିଆତ୍ମା ବିଳପି ଉଠିଛି-

''ହାୟ ଲୋ ଉତ୍କଳ ଭୂମି ! ପ୍ରକୃତି-ସୁନ୍ଦର;
ମନ୍ଦାକିନୀ ସମ ନଦୀ, ଶିବସମ ଗିରି,
କାନନେ, କେଦାରେ ଲକ୍ଷ ଶୋଭାର ବହର
ଥାଉଁ ତୋର କହ କିଂପା ଏତେ ହତଶିରୀ''
(ମହାନଦୀରେ ଜ୍ୟୋତ୍ସ୍ନା ବିହାର, ମାଟିବାଣୀ)

Digitized by srujanika@gmail.com

ରାଧାନାଥଙ୍କ ବହୁ ସମ୍ବର୍ଦ୍ଧିତ ଚିଲିକାର ମରାଳ ମାଳିନୀ ପ୍ରକୃତି ମଧ୍ୟ କବିଙ୍କ ଦୃଷ୍ଟିରୁ ବାଦ ଯାଇ ନାହିଁ । ସହଜେ ତ କବି ଚିଲିକା ମଧ୍ୟରେ ଏକ କ୍ଷୁଦ୍ର ଜନପଦରେ ଜନ୍ମ ଗ୍ରହଣ କରିଥିଲେ । ଏହି ଚିଲିକାର ସୌନ୍ଦର୍ଯ୍ୟ ନିଜେ ଉପଲବ୍ଧି କରି ତାଙ୍କ ପ୍ରଣୟିନୀର ମଧ୍ୟ ଦୃଷ୍ଟି ଆକର୍ଷଣ କରାଇଛନ୍ତି -

''ରହରେ ଆଗ୍ନେୟ ରଥ ଦେଖିବ ସୁନ୍ଦରୀ
ତା'ନୀଳ ଲୋଚନେ, ନୀଳ ଚକ୍ରବାଳ ଧରି
ନୀଳ ଜଳରାଶି କେହ୍ନେ ଉନ୍ମୁକ୍ତ ଶୋଭାରେ
ଉତ୍ତାନେ ରହିଛି ଶୋଇ । X X X X

(ଚିଲିକା, ହେମଶସ୍ୟ)

ବାସ୍ତବିକ୍ 'ଚିଲିକା' କବିତାଟି କବିଙ୍କର ସ୍ୱଦେଶ ପ୍ରାଣତାର ବିନମ୍ର ଅର୍ଘ୍ୟ ।

ଅପର ପକ୍ଷରେ ଓଡ଼ିଶାର ବିଶିଷ୍ଟ ମନୀଷୀଙ୍କ ପ୍ରତି ଶ୍ରଦ୍ଧାନିବେଦନରେ ସେ ବୀତସ୍ପୃହ ହୋଇ ନାହାନ୍ତି; ବରଂ ଓଡ଼ିଶାର ସ୍ପର୍ଦ୍ଧାଶୀଳ ଅତୀତକୁ ଚିହ୍ନାଇବାକୁ ଚେଷ୍ଟା କରିଛନ୍ତି । କବିଙ୍କର 'ମାଟିବାଣୀ' କବିତାଗୁଚ୍ଛରେ ସ୍ଥାନିତ 'ଗୋପ ତର୍ପଣ', 'ଗୋପ ପ୍ରୟାଣ', 'ସ୍ୱଭାବକବି ଗୋପାଳ କୃଷ୍ଣ', 'ରାଧାନାଥ', 'ଭଗବତୀ ଚରଣ ପାଣିଗ୍ରାହୀ', ରାଜକୁମାର ଶୁଭେନ୍ଦ୍ର, ସଂପର୍କିତ କବିତା କବିଙ୍କର ଉତ୍କଳ ପ୍ରୀତିର ଜ୍ୱଳନ୍ତ ନିଦର୍ଶନ ଅଟେ । ଉତ୍କଳମଣି ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନପ୍ରତି କବିଙ୍କର ଯେଉଁ ଶ୍ରଦ୍ଧା ନିବେଦନ ତାହା 'ଗୋପତର୍ପଣ' ଓ 'ଗୋପ ପ୍ରୟାଣ'ରେ ଜୀବନ୍ତ ରୂପେ ଫୁଟି ଉଠିଛି । ବ୍ୟକ୍ତି ନିରାଜନରେ ବ୍ୟତିକ୍ରମ ପ୍ରକାଶ ପାଇନାହିଁ । ଏ ଦୃଷ୍ଟି ପ୍ରସାରିତ ହୋଇଛି ମହାଭାରତୀୟ ଚରିତ୍ରମାନଙ୍କ ନିକଟକୁ । 'ବାପୁ ତର୍ପଣ' କବିତା ଗୁଚ୍ଛରେ କବି ଆତ୍ମାର ବେଦନା ବିଳାପ ଓ ଶ୍ରଦ୍ଧା ନିବେଦିତ ହୋଇଛି । ଜାତିରପିତା ମହାତ୍ମାଗାନ୍ଧିଙ୍କର ମୃତ୍ୟୁପରେ କବି ପ୍ରାଣରେ ଯେଉଁ ଦରଦ, ତାହା ତାଙ୍କର 'ବାପୁଜୀ', 'ଗାନ୍ଧିଜୀ', 'ନାପିତୁଣୀର ଗାନ୍ଧିପୂଜା', 'ମହାଯାତ୍ରା' 'ନାହାନ୍ତି ଗାନ୍ଧିଜୀ', 'ପ୍ରାଣର ବାପୁଜୀ', 'ନିର୍ମମ ଭଗବାନ', 'ବିଳପୁଛ' କାହିଁ ପାଇଁ', କବିତା ସମୂହରେ ପ୍ରତିବିମ୍ବିତ ହୋଇଛି । ଅୟୁତପ୍ରାଣର ବ୍ୟଥା ବୁଝୁଥିବା ଏହି ବ୍ୟକ୍ତିତ୍ୱକୁ କବି ବ୍ରାହ୍ମଣର ସମ୍ମାନ ଅର୍ପଣ କରି ଗାଇଛନ୍ତି -

''ବ୍ରହ୍ମଣ ତମେ, ଉପବୀତ ତବ
ଅୟୁତ ପ୍ରାଣର ଗହନ ବ୍ୟଥା,
ପୁରୁଷୋତ୍ତମ, ଜୀବନ ତମର
ବିରାଟ ଜାତିର ମରମ କଥା''।

(ବାପୁଜୀ, ବାପୁତର୍ପଣ)

Digitized by srujanika@gmail.com

ବିଷାଦବାଦ :

ରୋମାଣ୍ଟିକ୍ କବି ପଳାୟନ ପନ୍ଥୀ । ରୋମାଣ୍ଟିକ କବିର ପଳାୟନବାଦ ବିଷାଦବୋଧ ସଂଜାତ । ତେଣୁ ନିଜର ଚାରି ପାଖରେ ଉଦ୍ଦିଷ୍ଟ ପରିବେଶ ପ୍ରତି ଅନୁସକତା ପ୍ରକାଶ କରି ସେମାନେ ପ୍ରକୃତିପ୍ରାଣ ହୋଇଉଠିଛନ୍ତି । କିନ୍ତୁ ରୋମାଣ୍ଟିକ୍ କବି ସାଧାରଣ ଜୀବନ ଘଟଣା ଓ ଭାଷା କବିତାରେ ବ୍ୟବହାର କରିଥାଏ । ଏହି ସାଧାରଣ ଜୀବନର କାହାଣୀ ଓ ଭାଷା ବ୍ୟବହାର ପଛରେ ହୁଏତ ମାନବସଂପ୍ରୀତି କିମ୍ବା ଧାର୍ମିକ ବିଶ୍ୱାସ ଥାଇପାରେ । ତେବେ ମାନସିଂହଙ୍କ କାବ୍ୟ ଚେତନାକୁ ରୋମାଣ୍ଟିକ୍ ବିଷାଦବାଦ ବହୁ ସ୍ଥଳରେ ଆକ୍ରାନ୍ତ କରିଛି । ତାଙ୍କର 'କୃଶ' ଓ 'ହେମଶସ୍ୟ' ସଂକଳନରେ ସନ୍ନିବିଷ୍ଟ ଅଧିକାଂଶ ସନେଟ୍‌ରେ ଦୁଃଖ, ବିଷାଦ ଜର୍ଜରିତ ଅନ୍ତରର ପ୍ରତିଚ୍ଛବି ଦେଖିବାକୁ ମିଳେ । ଏସଂପର୍କରେ ସ୍ୱୟଂ ମାନସିଂହ ସୂଚନା ଦେଇ କହନ୍ତି - ପ୍ରତ୍ୟେକ ସନେଟ ସ୍ୱୟଂସମ୍ପୂର୍ଣ୍ଣ ହେଲେ ହେଁ, ସବୁଗୁଡ଼ିକୁ ସଂପର୍କିତ କରି ଏକ ଶୋକ ବିକ୍ଷୁବ୍ଧ, ଅଶ୍ରୁ ଦଗ୍ଧ ପ୍ରାଣର କାତର ବାଣୀ ଓ ତତ୍ତ୍ୱ ଜିଜ୍ଞାସା ଓତପ୍ରୋତ ଭାବରେ ସୂତ୍ରରୂପେ କାର୍ଯ୍ୟ କରିଥିବାର ସହୃଦୟ ପାଠକ ଅନୁଭବ କରିପାରିବେ ବୋଲି ମୋର ବିଶ୍ୱାସ । ହୁଏତ କେହି କେହି କ୍ଲାନ୍ତ କ୍ଷନପଦ, ନିରାଶ ପଥିକ ଏଥିରୁ ସାମାନ୍ୟ ଆଶା ଓ ଆଶ୍ୱାସନା ବି ପାଇ ପାରନ୍ତି । (କାବ୍ୟସୂଚନା, କୃଶ) କବିଙ୍କର ବିଷାଦ ଭାବର ସଂଜାତ ଘଟିଛି ପ୍ରେମ ବିଚ୍ଛେଦରୁ, ଜୀବନ ସଂଗ୍ରାମର ସଙ୍କଟରୁ, ସନ୍ତାନ ମୃତ୍ୟୁଜନିତ ବେଦନାରୁ, ଈଶ୍ୱର ପ୍ରାପ୍ତି ନିମିତ୍ତ ଅଭିଳାଷର ଅପୂର୍ଣ୍ଣତାରୁ ଏବଂ ପ୍ରକୃତି ଉପଙ୍ଗରୁ ।

କବିଙ୍କ ପ୍ରେମର ଅନୁଭୂତି ଅଭିଜ୍ଞତା କେବଳ ମିଳନର ରସାସ୍ୱାଦନ ମଧ୍ୟରେ ଆବଦ୍ଧ ରହିନାହିଁ, ବ୍ୟର୍ଥତା, ଗ୍ଲାନି, ବିରହ, ବେଦନାବୋଧରେ ଜର୍ଜରିତ ହୋଇଛି । ପ୍ରିୟା ବିଚ୍ଛେଦ ଜନିତ ବେଦନାରେ ସେ ଅଶ୍ରୁମୋଚନ କରିଛନ୍ତି -

''କାହିଁ କଳ୍ପନା କାହିଁ ଜୀବନ
ତରୁଣ କବିର ଜଳଇ ମନ
ଚାରିଆଡୁ ବଢ଼େ ଦାରୁଣ ବାଧା
କାହିଁ ତା ରାଧା''

ଜୀବନ ସଂଗ୍ରାମର ବିଭିନ୍ନ ସଂକଟ ଏହି ରୋମାଣ୍ଟିକ୍ ପ୍ରେମପ୍ରବଣ କବିଙ୍କୁ ବାରବାର ଆଘାତ ଦେଇଛି । ବସ୍ତୁବାଦୀ ଜଗତରେ ଅଣନିଃଶ୍ୱାସୀ ପ୍ରତିଯୋଗିତା ନିମିତ୍ତ କବି ଅସମର୍ଥ । ପ୍ରାଣ ତାଙ୍କର ତିକ୍ତ ଅଶ୍ରୁଧାରାରେପୂର୍ଣ୍ଣ, ବ୍ୟର୍ଥତାମୟ । ସର୍ବାଙ୍ଗରେ କ୍ରୂର କଷାଘାତ । ତେଣୁ କବି ବ୍ୟଥିତ ହୃଦୟରେ ଗାଇଛନ୍ତି -

'' କୁତ୍ସିତ ଜୀବନ ଯୁଦ୍ଧେ ଜୟଟୀକା ପାଇଁ
ଶ୍ରଦ୍ଧା, ଶକ୍ତି କିଛି ହେଲେ ମୋର ଥିଲା ନାହିଁ

Digitized by srujanika@gmail.com

କେଦେଲା କିପାଇଁ ଠେଲି ଏ ମହା କନ୍ଦଳେ
ତେଣୁ ଚୂର୍ଣ୍ଣ, ବିକଳ ମୁଁ ବାହାରେ ଅନ୍ତରେ ''।
(ସମର ବିମୁଖ, ଜୀବନଚିତା)

କବି ସମାଜ ଓ ଜୀବନକୁ ସାମ୍ନା କରିବାକୁ ପରାଙ୍ମୁଖ ହୁଅନ୍ତି । ଆଶାହୀନ, ଆଶ୍ରାହୀନର ପଥରେ ଛିଡ଼ା ହୋଇ ଜନନେତ୍ରକୁ ଭୟ କରନ୍ତି । ତାଙ୍କ ପାଇଁ ଦରକାର ପଡ଼ିଛି ଏମିତି ଏକ ନିରୋଳା ସ୍ଥାନଟିଏ ଯେଉଁଠି ସେ କାଳ କାଟିବେ-

''ଯାଏଁ ଚାଲି ସେହି ସ୍ଥାନେ ପାଇବି ନିସ୍ତାର
ନଥିବ ଯେଉଁଠି ଜୀବନର ଅତ୍ୟାଚାର ''।
(ସମର ବିମୁଖ , ଜୀବନ ଚିତା)

କବିଙ୍କର 'ମୋ ଧନରେ ', 'ଯାଇଛି ସେ', ଶିଶୁର ଦାନ', ରୂପାନ୍ତର' ଆଦି କବିତା ଆହତ ଅନ୍ତରର ଅଶ୍ରୁ ବହନ କରେ । ବାଳୁତ ସ୍ଥାନର ମୃତ୍ୟୁ ଜନିତ ଯନ୍ତ୍ରଣାରେ ପିତୃମାନସ ହାହାକାର କରିଉଠିଛି -

କାହିଁକି ଆସିଲୁ, ସଂଚରିଲୁ ନାନା ଆଶା
ଗଲୁ ବା କାହିଁକି ନ ସରୁଣୁ କଥାଭାଷା
ଜନ୍ମାନ୍ତର ବଇର କି ସାଧିଲୁ ରେ ଧନ,
ଭାବୁନି ସମ୍ଭବ ତୋଠି ସେତେ ପ୍ରବଞ୍ଚନ, ମୋଧନରେ''
(ମୋ ଧନରେ , ଅକ୍ଷତ)

ଅପର ପକ୍ଷରେ କଠୋର ଜୀବନ ଯୁଦ୍ଧରେ ନିତ୍ୟ ପରାହତ କବି ଈଶ୍ୱର ପ୍ରାପ୍ତି ଦିଗକୁ ପ୍ରଧାବିତ । କବି ପ୍ରାଣର ଆଶା ଅଭିଳାଷର ଅପୂର୍ଣ୍ଣତାରୁ ବିଷାଦ ସଂଜାତ ହୋଇ ଆକାଂକ୍ଷିତ ଶୂନ୍ୟତା, ଉଦ୍‌ଗମନ ଓ ଏକାନ୍ତ ଏକାକୀ 'ଅତୃପ୍ତ ଭୋଗ ' ପରି କବିତାରେ ପ୍ରକାଶ ପାଇଛି -

''ଆଜି ମୁଁ ଚାହେଁ ତେଣୁ ମତେ ହେ ଦେବତା
ମିଳାଅ ପଞ୍ଚ ଏ ଭୂତରେ
ସୀମାକୁ ତେଜ ମୋର ଅସୀମ ମମତା
ବ୍ୟକ୍ତ ହେବ ବହୁ ରୂପରେ ''
(ଅତୃପ୍ତ ଭୋଗ, ହେମଶସ୍ୟ)

ପ୍ରକୃତି ଉତ୍ସଙ୍ଗରୁ ବିଚ୍ଛେଦ ଜନିତ ବିଷାଦ ମଧ କବିଙ୍କ ଏକାଧିକ କବିତାରେ ପ୍ରକାଶିତ । 'ମହାନଦୀରେ ଜ୍ୟୋସ୍ନାବିହାର' ଓ 'ସମର ବିମୁଖ' କବିତାରୁ କବିଙ୍କର ଦୁଃଖଦ ପ୍ରାଣର ମର୍ମବାଣୀ ପ୍ରତିଫଳିତ । ଜ୍ୟୋସ୍ନା ବିଧୌତ ରଜନୀରେ ମହାନଦୀରେ ବିହାର କରୁଥିବା କବି ଅନ୍ଧକାର ଗୃହାଙ୍ଗନକୁ ଫେରିବାକୁ ଚାହାନ୍ତି ନାହିଁ, ତଥାପି ଫେରିବାକୁ ପଡ଼ିବ । ତେଣୁ କବି ଗାଇଉଠିଛନ୍ତି

Digitized by srujanika@gmail.com

''ଫେରିବା କହୁଛ ବନ୍ଧୁ ! ପୁଣି ଅନ୍ଧକାରେ ?
ଫେରିବାକୁ ହେବ ସତେ ? ହାୟ ଏ ଜୀବନ !
ଅବସର ନାହିଁ ମିଳେ କ୍ଷଣେ ଭୁଲିବାରେ
ଜୀବନର ହାହାକାର, ପ୍ରାଣର ଦହନ ।''

(ମହାନଦୀରେ ଜ୍ୟୋତ୍ସ୍ନା ବିହାର, ମାଟିବାଣୀ)

ଦେହ ଯୌବନର ରୂପକାର କବି ମାନସିଂହଙ୍କ ଏତାଦୃଶ ବିଷାଦ ଜର୍ଜରିତ ପ୍ରାଣ ପଳାୟନ ନିମିତ୍ତ ବ୍ୟାକୁଳ ହେବା ଅସ୍ୱାଭାବିକ ନୁହେଁ । ପ୍ରେମ ଓ ରୋମାନସ୍ ଭିତରେ ନିଜ ଯୌବନ କାଳ ବିତାଇଥିବା କବି ଜୀବନ ସଂଗ୍ରାମରେ ତ୍ରସ୍ତ ହୋଇ ପଳାୟନର ପଥ ଖୋଜିଛନ୍ତି ।

''ତେଣୁ ଆଜି ମୋ ବାସନା, ଯାଇ ଦୂର ବନେ
ତୃଣ-ଶେଜେ ବସି ନିଜ ସହ ନିକାଞ୍ଚନେ,
ରଚିବି ଗାଇବି ଗୀତ ଇଚ୍ଛା ଅନୁସରି
ବଚନ ରଚିବି ତପ୍ତ ଲୋତକ ରେ ଭରି''

(ସମରବିମୁଖ, ଜୀବନଚିତା)

କୁହାଯାଇ ପାରେ କବିଙ୍କର 'ସମର ବିମୁଖ' ତାଙ୍କ ପଳାୟନ ମନୋଭାବର ଶ୍ରେଷ୍ଠ ନିଦର୍ଶନ । ଉପରୋକ୍ତ ଆଲୋଚନା ବ୍ୟତୀତ ମାନସିଂହଙ୍କ କାବ୍ୟ କବିତାରେ ରୋମାଣ୍ଟିକ୍ ଚେତନାର ସ୍ୱର ଖୋଜିବାକୁ ଗଲେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ଅହଂପ୍ରତି ଅନୁରକ୍ତି ଓ ବଂଧନ ଶୂନ୍ୟ ଅନୁଭବ, ସ୍ୱତଃ ସ୍ଫୁର୍ତ୍ତିତା ଓ ଧର୍ମଭାବନାର ଅନେକ ପଂକ୍ତିର ସମ୍ମୁଖୀନ ହୋଇଥାଉ ।

ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ-ରାଧାନାଥ ସାହିତ୍ୟଠୁ ଆରମ୍ଭ କରି ସତ୍ୟବାଦୀ ସାହିତ୍ୟରେ ରୋମାଣ୍ଟିକ୍ ଚେତନାର ଯେଉଁ ପ୍ରବାହ ପ୍ରବାହିତ ହୋଇଥିଲା, ତାହା ସବୁଜ ସାହିତ୍ୟରେ ତାର ଶାଖା-ପ୍ରଶାଖା ବିସ୍ତାର କରିଥିଲା । ସେ ସମସ୍ତ ଶାଖା-ପ୍ରଶାଖାଗୁଡ଼ିକର ସମ୍ମେଳନ ଓ ରୋମାଣ୍ଟିକ୍ ବିଭବଗୁଡ଼ିକର ସମନ୍ୱୟ କବି ମାନସିଂହଙ୍କ କାବ୍ୟ କବିତାରେ ସମ୍ଭବ ହୋଇଛି । ରାଧାନାଥ ଯୁଗର ପ୍ରକୃତି ପ୍ରୀତି, ରାଧାନାଥୀ ଓ ସତ୍ୟବାଦୀ ଯୁଗର ଜାତୀୟତା, ରୋମାଣ୍ଟିକ୍ ପ୍ରେମ ଓ ସୌନ୍ଦର୍ଯ୍ୟ ସର୍ବୋପରି ସବୁଜ ଯୁଗର ପଳାୟନ ମନୋଭାବ କବି ମାନସିଂହଙ୍କ ସୃଷ୍ଟି ସମ୍ଭାରରେ ଏକତ୍ର ହୋଇ ଜଣେ ରୋମାଣ୍ଟିକ୍ କବିର ମର୍ଯ୍ୟାଦା ପ୍ରଦାନ କରିଛି । ଯଥାର୍ଥରେ ମାନସିଂହଙ୍କ ସୃଷ୍ଟି ସମ୍ଭାର ହିଁ ଓଡ଼ିଆ ରୋମାଣ୍ଟିକ୍ କାବ୍ୟ କବିତାର ସିଦ୍ଧି ସାଫଲ୍ୟର ଶେଷ ସୁବର୍ଣ୍ଣ ଯୁଗ ।

Digitized by srujanika@gmail.com

ବୁଦ୍ଧ ବିଚାର

ଡକ୍ଟର ନଟବର ଶତପଥୀ

ଡ଼ଃ ମାନସିଂହ, ବଡ କୌତୁହଳ ଲାଗେ, କବିତ୍ୱର ମନ୍ଦାକିନୀ ଭିତରେ ଅନେକ ନାଟକ ଲେଖି ପ୍ରତିଭାର ଅନ୍ୟଏକ ବିଚ୍ଛୁରଣ ଦିଗନ୍ତର ପରିଚୟ ଦେଇଛନ୍ତି । ଓଡ଼ିଆ ପାଠକ ମାନେ ତାଙ୍କୁ ରସିକ ତଥା ପ୍ରେମିକ କବି ବୋଲି ଶ୍ରଦ୍ଧା କରନ୍ତି । ପାଠକୀୟ ଶ୍ରଦ୍ଧା ଏବେ ତାଙ୍କର ନାଟକୀୟ ବ୍ୟକ୍ତିତ୍ୱ ପ୍ରତି ଢ଼ଳି ପଡ଼ିଛି । ସେ ଦଶଟି ନାଟକର ରଚୟିତା । ରଜକବି ଉପେନ୍ଦ୍ର, ପୂଷିତା, ପୂଜାରିଣୀ, ନଷ୍ଟନୀଡ଼, ବାରବାଟୀ, ପୁଷ୍ପାଭିନୟ ପ୍ରଭୃତି ଅନ୍ୟ କେତୋଟି । ବୁଦ୍ଧ ନାଟକଟି ୧୯୫୧ରେ ରଚିତ ହୋଇ ସେହିବର୍ଷ ଅକ୍ଟୋବର ୯ତାରିଖରେ ଗଂଗାଧର ମେହେର କଲେଜରେ ଅଭିନୀତ ହୁଏ । କବିଙ୍କର ଏହି ସବୁ ନାଟକ ତାଙ୍କ ଗ୍ରନ୍ଥାବଳୀ ଦ୍ୱିତୀୟ ଖଣ୍ଡରେ ପ୍ରକାଶିତ । ନାଟକ ସହିତ ପ୍ରାୟ ୨୧ପୃଷ୍ଠାର ଦୀର୍ଘ ମୁଖବନ୍ଧ (ବୁଦ୍ଧ ଓ ବୌଦ୍ଧଧର୍ମ) ଭିତରେ ବୌଦ୍ଧଧର୍ମ ସହ ମାନବିକତା, ବିଜ୍ଞାନ ମନସ୍ତତ୍ତ୍ୱର ସମ୍ବନ୍ଧ କବି ସୂଚାଇଛନ୍ତି । ଜଣେ କବି ଧର୍ମ(ତତ୍ତ୍ୱ)ର ଦାର୍ଶନିକତା ଭିତରେ କେତେ ଅବଗାହନ କରିପାରେ ତାହା ତାଙ୍କ କୃତି ହୁଏତ ସ୍ଥୂଳତଃ ସୂଚାଇ ପାରେ, ମାତ୍ର କବିର ସୂକ୍ଷ୍ମ ଜିଜ୍ଞାସା ତାତ୍ତ୍ୱିକତା ଭିତରେ ଆବଦ୍ଧ ରହେ ନାହିଁ । ଚେତନାର କେଉଁ ସ୍ତରରେ ପହଞ୍ଚିଲେ ଜଣେ ସ୍ରଷ୍ଟା ଜଣେ ଦାର୍ଶନିକର ମହତ୍ତ୍ୱ କଳନା କରିପାରେ ତାହା ବୁଝିବା ଆଦୌ କଷ୍ଟକର ନୁହେଁ, ତାର କାରଣ କବିଟି ହେଉଛି ''ବିଶ୍ୱାରୂପାଣି ପ୍ରତି ମୁଞ୍ଚ୍ୟତେ କବିଃ ପ୍ରାସାବିତ୍ ଭଦ୍ରଂ ଦ୍ୱିପଦେ ଚତୁଷ୍ପଦେ'' (ଶତ୍‌ପଥ ବ୍ରାହ୍ମଣ) । କ୍ରାନ୍ତଦର୍ଶୀ ମେଧାବୀ କବି ସବିତା ପରି ସବୁ ରୂପରେ ବିରାଜିତ ଏବଂ ଦ୍ୱିପଦ ତଥା ଚତୁଷ୍ପଦଙ୍କ ପାଇଁ କଲ୍ୟାଣ ସୃଷ୍ଟି କରନ୍ତି । ଜଗତ ସ୍ରଷ୍ଟା ଭଗବାନଙ୍କ କଲ୍ୟାଣକାରୀ ଗୁଣ ସହ କବିର କ୍ରାନ୍ତଦୃଷ୍ଟି ସମାନ ବୋଲି କୁହାଯାଇ ଭଗବାନଙ୍କୁ କବିର ମର୍ଯ୍ୟାଦା ଦିଆଯାଇଛି । ତାହା ପ୍ରଜ୍ଞାକାନ୍ତ ଏଣୁ ସେ କାନ୍ତପ୍ରଜ୍ଞ, ସର୍ବଦ୍ରଷ୍ଟା, ସର୍ବକର୍ମ, ପରମେଶ୍ୱର ତଥା ସବିତା ''ତ୍ୱଂ ଦୂତଃ କବିରସି ପ୍ରଚେତା'' (ଋଗ୍‌ବେଦ ୧୦/୧୧/୧) ଅଗ୍ନି ଦେବତାଙ୍କ ଦୂତ ପରି କବି କ୍ରାନ୍ତ ପ୍ରକାଶକ, ପ୍ରକୃଷ୍ଟଜ୍ଞାନାଧିକାରୀ ଏବଂ ମଣିଷ ସମାଜର ଦୂତ । ଦୈନ୍ୟର ସଂସାରରେ ସାର ହେଉଛି ବିଶ୍ୱାସ ତଥା ଭରସା, କବିର ସୃଷ୍ଟିରେ ତାହା ପ୍ରାଣ ସଂଚାର କାରିଣୀ ଏକ ମାତ୍ର ସଂପଦ । ସ୍ରଷ୍ଟା କବିର ଚିନ୍ତା ଭିତରେ ମଣିଷକୁ ମଣିଷ ହେବାରେ ଏବଂ ଅପରକୁ ମଣିଷ ଭାବରେ ଦେଖିବାକୁ ପ୍ରେରଣା ନିରନ୍ତର ରହେ । ଜୀବନ ଅନୁକରଣର କ୍ଷେତ୍ର ନୁହେଁ, ଅନୁସରଣରେ ତାହା ଅଧିକ ସଂକୁଚିତ ହୁଏ, ସମ୍ଭବତଃ ପ୍ରେରଣା ହିଁ ଯଥାର୍ଥ ଜୀବନ ବିକାଶର ମୂଳ ଭିତ୍ତି । ମଣିଷର ଧର୍ମ ଓ ସାହିତ୍ୟ ଏହି ଅର୍ଥରେ ବ୍ୟକ୍ତି ସତ୍ତାରୁ ଉତ୍ତରିତ ଏକ ଆତ୍ମାଭିବ୍ୟକ୍ତି ହେଲେ ହେଁ ଆତ୍ମୋନ୍ନତିମୂଳକ । ତାହା ବ୍ୟକ୍ତିର ସଂକୁଚିତ

Digitized by srujanika@gmail.com

ପରିବେଶ ଅତିକ୍ରମ କରି ନିଖିଳରେ ଲୀନ ହୋଇଯାଏ । କବି ବୌଦ୍ଧଧର୍ମକୁ ଏହିପରି ଏକ ଆତ୍ମୋନ୍ନତିମୂଳକ ଚେତନାର ଉଦ୍ଭାସକ ବୋଲି ମନେ କରୁଛନ୍ତି ।

ପୃଥିବୀର ପ୍ରାୟ ଅନେକ ଧର୍ମ ନିଜର ଗ୍ରନ୍ଥଗତ ଜ୍ଞାନକୁ ଆଚରଣରେ ବିରୋଧ କରନ୍ତି । ନ୍ୟାୟତଃ ଧର୍ମ ଆତ୍ମୋନ୍ନତିମୂଳକ ହେଲେ ମଧ୍ୟ କାର୍ଯ୍ୟତଃ ଦ୍ୱେଷଗ୍ରସ୍ତ ହୋଇ ପଡ଼ିଛି । ହିଂସା ଓ କୁସଂସ୍କାର ଗ୍ରନ୍ଥର ପ୍ରଦର୍ଶିତ ମାର୍ଗକୁ ଏପରି ଆଚ୍ଛନ୍ନ କରିଛି ଯେ ମନେହୁଏ ଧର୍ମ ମଣିଷ ଜାତିର ସବୁଠାରୁ ଏକ ବର୍ବରୋଚିତ ବ୍ୟବସ୍ଥା । ଈଶ୍ୱରାନୁସନ୍ଧାନ ପଥରେ ଆଗଭର ପ୍ରାଣୀମାନଙ୍କ ମଧ୍ୟରେ ବିଭେଦ ଏବଂ ଅଦିବ୍ୟ ସତ୍ତାକୁ ଦିବ୍ୟତର ସତ୍ତାରେ ପ୍ରତିଫଳିତ କରାଇବାକୁ ଅଲୌକିକ ମାର୍ଗର ଇଙ୍ଗିତ ଯେତେ ବୈରତାରେ ବିଭାସି ଉଠେ, ସେଥିରେ ଧର୍ମ ବିଫଳ କେବଳ ହୁଏ ନାହିଁ, ଜୀବନର ସ୍ୱପ୍ନ ହିଁ ମରିଯାଏ । ଜୀବନର ସ୍ୱପ୍ନ ଥିବା ଯାଏ ଜୀବନର ରାହା ନୂଆ ପଥାଭିସାରୀ ହୁଏ । ମଣିଷ ଜାତିର ଯାବତୀୟ ଧର୍ମ କିନ୍ତୁ ସ୍ୱପ୍ନସଞ୍ଚାରରେ ମଣିଷକୁ ବଞ୍ଚିତ କରିଆସିଛି । ଡ଼ଃ ମାନସିଂହଙ୍କ କବି ଦୃଷ୍ଟି ଏଇଠି ଦଣ୍ଡେ ଅଟକି ଯାଏ ଏବଂ ଖେଦୋକ୍ତି କରେ । ହିନ୍ଦୁ, ଖ୍ରୀଷ୍ଟ, ଇସଲାମ ପ୍ରମୁଖ ତିନୋଟି ବିଶ୍ୱବ୍ୟାପୀ ଧର୍ମ ଘୃଣା, ଲାଞ୍ଛନା, ତର୍କ, ହିଂସାରୁ ମାନବଜାତିକୁ ମୁକ୍ତି ଦେଇପାରିନାହିଁ । ଧର୍ମର ବିକାଶ ଓ ପ୍ରସାର ବସ୍ତୁତଃ ରକ୍ତପାତର ସ୍ମାରକୀ ହୋଇଛି । କେବଳ ମାତ୍ର ବୌଦ୍ଧଧର୍ମ ତଥାକଥିତ ପାରମାର୍ଥିକ ଚେତନାଭିତ୍ତିକ ବହୁ ସଂକୀର୍ଣ୍ଣତାରୁ ନିଜକୁ କେବଳ ଦୂରେଇ ରଖିନାହିଁ, ବରଂ ଧର୍ମର ମାନବିକ ଗୁଣ ପ୍ରତି ଜାଗ୍ରତ ରହିଛି । ସେଥିପାଇଁ ଡ଼ଃ ମାନସିଂହ ଉଲ୍ଲେଖ କରିଛନ୍ତି ପୃଥିବୀର ଏକ ତୃତୀୟାଂଶ ଲୋକ ବୌଦ୍ଧାଧର୍ମାନୁଗତ ହେଲେ ହେଁ ତାର ପ୍ରଚାର ପାଇଁ ବିନ୍ଦୁଏ ରକ୍ତ କେଉଁଠି ଝରିପଡ଼ି ନାହିଁ ବା ସେ ଧର୍ମର ନେତାଙ୍କ ବିରୋଧରେ ସ୍ୱର ଉଠିନାହିଁ । ଏଥିରେ ନାହିଁ ଗୋଷ୍ଠୀଗତ ନୈଷ୍ଠିକତା । ଏହାର ନୈଷ୍ଠିକତା ଓ ଉତ୍ତମ ମନୁଷ୍ୟତ୍ୱ ମଧ୍ୟରେ ଭିନ୍ନତା ବିରଳ । ବୁଦ୍ଧତ୍ୱର ଅର୍ଥ ମନୁଷ୍ୟତ୍ୱ ଓ ମନୁଷ୍ୟତ୍ୱର ବିକାଶରେ ଯେଉଁ ବୁଦ୍ଧତା ପ୍ରାପ୍ତି ଘଟେ ତାହାର ବିକଳ୍ପ ନାହିଁ । ଧର୍ମ ସାଧାରଣତଃ ଦେବତ୍ୱବୋଧ ଉପରେ ପ୍ରତିଷ୍ଠିତ । ଏହି ଦେବତ୍ୱ ଐହିକ ଜୀବନଠାରୁ ଊର୍ଦ୍ଧ୍ୱରେ କଳ୍ପନା କରାଯାଏ । ମାତ୍ର ବୁଦ୍ଧ ସେପରି ପରତନ୍ତ୍ରଭିତ୍ତିକ ସୁଖ ବା ମୁକ୍ତିକୁ ଗ୍ରହଣ କରି ନ ଥିଲେ । କାରଣ ଦେହର ବାସ୍ତବ ଭିତ୍ତି ହେଉଛି ଐହିକ ଜୀବନ ଓ ଇହଜଗତର ସୁଖ ବା ଦୁଃଖ । ପାରତ୍ରିକତା ଦେହର ଅବଶେଷ ଭୂମି ଉପରେ ପ୍ରତିଷ୍ଠିତ ଏକ କାଳ୍ପନିକ ବ୍ୟବସ୍ଥା ମାତ୍ର । ଏଣୁ ଦେହର ନଶ୍ୱରତାକୁ ଅସ୍ୱୀକାର କରି ପାରତ୍ରିକ ସୁଖସମ୍ପଦ ପ୍ରତି ଆକୃଷ୍ଟ ହେବା ସମ୍ଭବ କି ? ଦେହର ଅବର୍ତ୍ତମାନତାରେ ଆତ୍ମାର ବାସ କେବଳ ପାରତ୍ରିକତାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନଙ୍କ ପକ୍ଷରେ ସମ୍ଭବ । ଜଗତ ଅନାତ୍ମମୟ ହୋଇଥିବା ବେଳେ ଆତ୍ମାର ଶାଶ୍ୱତତା କେବଳ ପରମାତ୍ମାନାମ ଅଦୃଶ୍ୟ ଓ ଅଲୌକିକ ସତ୍ତା ସହିତ ସଂପୃକ୍ତ ହୋଇପ୍ୱାରେ, ଅଧିକନ୍ତୁ ଏହାର ବାସ୍ତବତା କଣ ? ହିନ୍ଦୁଧର୍ମରେ ଅହେତୁକ ବିଶ୍ୱାସର ବାର୍ତ୍ତା ପ୍ରଚାର ଦ୍ୱାରା ଆତ୍ମାକୁ ପରମାତ୍ମାଙ୍କ ଅଧୀନ ବୋଲି ମନେ କରାଯାଇଛି । କିନ୍ତୁ ସେ ଆତ୍ମା ଦେହର ଅଭାବରେ ସତ୍ତା ବା ପରିକଳ୍ପନା

Digitized by srujanika@gmail.com

ମଧ୍ୟରେ ଆସେ କି ? ଦେହ ଓ ଆତ୍ମା ଯଦିଓ ଦର୍ଶନତଃ ଭିନ୍ନ କିନ୍ତୁ ବାସ୍ତବତଃ ନିରପେକ୍ଷ କି ? ଏ ପ୍ରଶ୍ନର ଉତ୍ତର ଅସ୍ତିବାଚକ ବା ନାସ୍ତିବାଚକ ହେଉ, ଦର୍ଶନର ତତ୍ତ୍ୱ ଅନୁସାରେ କେହି ଜୀବନ ବଞ୍ଚେନାହିଁ । ଆତ୍ମାକୁ ତାର ବାସ୍ତବ ଜଗତର ପରିସୀମା ମଧ୍ୟରେ ବୁଝିବାକୁ ହେବ । ହିନ୍ଦୁ ଧର୍ମ ଏଇ କଥାକୁ ସଂପୂର୍ଣ୍ଣ ଏଡ଼ାଇ ଥିବା ବେଳେ ବୌଦ୍ଧଧର୍ମ କିନ୍ତୁ ମଣିଷ ସମାଜ ପାଇଁ ଆପାତ ବିରୋଧୀ ଦର୍ଶନ ଦେଇ ନାହିଁ । ହିନ୍ଦୁ ବା ଇସଲାମ ଧର୍ମ ଗୋଷ୍ଠୀ ବା ବ୍ୟକ୍ତି ଭେଦରେ କଳି ତକରାଳର ସୃଷ୍ଟି କରିଛି । ପ୍ରାର୍ଥନା ଅନୁଗତ ପ୍ରାଣୀ ନିଜର ଈଶ୍ୱରଙ୍କୁ ପରସ୍ପର ବିରୋଧୀ ଗୋଷ୍ଠୀ ବା ବ୍ୟକ୍ତିର ବାହୁଚ୍ଛାୟା ତଳେ ରହିବାକୁ ଶ୍ରେୟସ୍କର ମଣେ ଅର୍ଥାତ୍ ତାକୁ ଏକ ଗୋଷ୍ଠୀର ସମର୍ଥନ କରାଇବାକୁ ହୁଏ । ଯଦି ଆତ୍ମା ଅବିନାଶୀ ଏବଂ ଗୋଟିଏ ଘଟ ପରିତ୍ୟାଗ କରି ଅନ୍ୟ ଏକ ଘଟାଶ୍ରୟ ଲୋଡ଼େ ତେବେ ଦୁଃଖୀ ଓ ପାପୀ କାହିଁକି ଦଣ୍ଡ ପାଆନ୍ତି ? ଦେହତ ଭସ୍ମୀଭୂତ ହୋଇଯାଏ । କେଉଁ ବସ୍ତୁର ଅବଶେଷ ଉପରେ ତେବେ ସ୍ୱର୍ଗ ରାଜ୍ୟର ଦଣ୍ଡବିଧି ଫଳବତୀ ହୁଏ ?

ଈଶ୍ୱରାରାଧନା ମୂଳତଃ ପ୍ରାଣକୁ ଆତ୍ମୋନ୍ନତିମୂଳକ ପଥରେ ସ୍ଥିର ଏବଂ ଏକାଗ୍ରଚିତ୍ତ କରିବାର ଏକ ସାଧନା । ମାତ୍ର ହିନ୍ଦୁ ଧର୍ମରେ ଏହି ଆରାଧନା ଈପ୍ସିତ ବସ୍ତୁ ପ୍ରାପ୍ତିର ମାଧ୍ୟମ ବା ଭୋଗଦାନ ଦ୍ୱାରା ଫଳପ୍ରାପ୍ତି ବୋଲି ଧର୍ମଜ୍ଞମାନେ ପରାମର୍ଶ ଦିଅନ୍ତି । ବାସ୍ତବରେ ଏହା ସନାତନ ଧର୍ମର ବିରୋଧୀ । ଅର୍ଥାତ୍ କାଳକ୍ରମେ ଧର୍ମରେ ବ୍ୟଭିଚାରର ବୃଦ୍ଧି ଘଟି ପରସ୍ପର ବିରୋଧାତ୍ମକ ବ୍ୟବସ୍ଥାର ଆତ୍ମପ୍ରକାଶ ଘଟିବାରୁ ତାର ପ୍ରତିବାଦ ସ୍ୱରୂପ ଜନ୍ମନେଲା ବୌଦ୍ଧଧର୍ମ । ବସ୍ତୁତଃ ଯାହା ଏକ ଦ୍ୱନ୍ଦ୍ୱ ଭିତରୁ ଉତ୍ପନ୍ନ, ବିରୋଧାଭାସଗୁଡ଼ିକୁ ଇଂଗିତ କରି ଯାହା ଆତ୍ମପ୍ରଜ୍ଞା ଓ ପ୍ରଜ୍ଞାକାନ୍ତ ଚିନ୍ତାରୁ ସମ୍ଭୂତ, ତାହା ସ୍ୱଚ୍ଛନ୍ଦ ଓ ଦ୍ୱନ୍ଦ୍ୱରହିତ ହୋଇଥାଏ । ଈଶ୍ୱର ଏକ ବାହ୍ୟଶକ୍ତି ନୁହେଁ । ସେ ରୁଗ୍ଣ, ବିକଳର ଆତ୍ମାକୁ ସଦଗତି ଦେବାପରି ଅଣମାନବୀୟ ଶକ୍ତି ନୁହେଁ । ଈଶ୍ୱର ନାମରେ ମଣିଷକୁ ଅନ୍ଧତା ଓ ଭଣ୍ଡତାର ଫାଶରେ ବାନ୍ଧି ରଖିବାର ଦୁଃସାହସ ପ୍ରତ୍ୟେକ ଧର୍ମରେ ଅଦ୍ୟାବଧି ସହସ୍ରକଣ୍ଠରେ ନିନାଦିତ ହେଉଛି । କିନ୍ତୁ ବୌଦ୍ଧଧର୍ମ ମାନବାତ୍ମାର ବୈଜ୍ଞାନିକ ଅନୁଶୀଳନ କରେ । ବୁଦ୍ଧ ଅଯୌକ୍ତିକ ଓ ଉପହାସକର ତଥ୍ୟପ୍ରଦାନରୁ ନିଜକୁ ମୁକ୍ତ ରଖିଛନ୍ତି । ଯାହା ପ୍ରତ୍ୟକ୍ଷ, ପ୍ରମାଣ୍ୟ ତା'ର ଉପସ୍ଥାପନ ସେ କରିଛନ୍ତି କ୍ଷୁରଧାର ନ୍ୟାୟଯୁକ୍ତି ଓ ବିଚାର ବଳରେ । ଅଜ୍ଞାତ ଓ ଅଜ୍ଞେୟ କଥାକୁ ପ୍ରାତିଜ୍ଞିକର କରି ଲୋକଙ୍କୁ ଭୁଲାଇବାକୁ ସେ କହିନାହାନ୍ତି । ସେ ବୈଜ୍ଞାନିକ ଓ ଚିକିତ୍ସକ ଯା'ର ଉଦ୍ଦେଶ୍ୟ ଦେହ ଓ ଆତ୍ମାକୁ ସୁସ୍ଥ, ରୋଗମୁକ୍ତ ଓ ଦୁଃଖମୁକ୍ତ କରିବା ।

ପ୍ରାଚୀନ ହିନ୍ଦୁ ଧର୍ମର ସିଦ୍ଧାନ୍ତ ଈଶ୍ୱର ନିରାକାର ବା ବ୍ରହ୍ମ । ସେ ବ୍ରହ୍ମ ସର୍ବତ୍ର ପରିପୂର୍ଣ୍ଣ । କିନ୍ତୁ ତାହା ହିନ୍ଦୁଧର୍ମର ପଣ୍ଡିତମାନେ ବୁଝନ୍ତି ନାହିଁ । ଫଳରେ ବହୁ ଭେଦକୁ ସେମାନେ ସ୍ୱୀକାର କରନ୍ତି । ବ୍ରହ୍ମ ଏକ; ସମଜାତୀୟ ଉପାଦନରେ ଗଠିତ ପ୍ରାଣୀ ଯଥା ମନୁଷ୍ୟ ମଧ୍ୟରେ ତାଙ୍କର ଅବସ୍ଥିତି ହେଲେ ଦୁଃଖ ବା ସୁଖ ପରି ଯାବତୀୟ ମାନବିକ ଅବସ୍ଥା ସର୍ବତ୍ର

Digitized by srujanika@gmail.com

ସମାନ ହେବା କଥା ଓ ସର୍ବତ୍ର ଏକଇ ଉପଲବ୍ଧି ହେବାକଥା । ମାତ୍ର ହିନ୍ଦୁ ଧର୍ମାଚାର ମଧ୍ୟରେ ତାହା ଅଲଭ୍ୟ । ବୌଦ୍ଧ ସାର୍ବଜନୀନ କରୁଣା ଓ ମୈତ୍ରୀ ପ୍ରମାଣ କରେ ଯେ ତାହା ବାହ୍ୟତଃ ନିରୀଶ୍ୱର କିନ୍ତୁ ଆତ୍ମସ୍ଥ ଈଶ୍ୱର ସହିତ ନିରନ୍ତର ଅର୍ଥାତ୍ କରୁଣା, ଅନୁକମ୍ପାରେ ବିବର୍ଦ୍ଧିତ । ତୃଷ୍ଣା ଯାହା ଅନଳ ପରି କାୟା ଓ ମନକୁ ଅବିରତ ଦହନ କରେ ସେଥିରୁ ମୁକ୍ତି ମିଳିଲେ ଜୀବନର ଆନନ୍ଦ ସୁଲଭ୍ୟ ହେବ, ଏଇ ସାଧାରଣ ସତ୍ୟ ଉପରେ ପ୍ରତିଷ୍ଠିତ ବୌଦ୍ଧ ମତବାଦ ତୃଷ୍ଣାମୁକ୍ତ ଜୀବନ ପାଇଁ ଆର୍ଯ୍ୟ ଅଷ୍ଟମାର୍ଗ ସମ୍ୟକ୍ (ଦୃଷ୍ଟି, ସଂକଳ୍ପ, ବାକ୍, କର୍ମ ଆଜୀବ (ଜୀବିକା), ବ୍ୟାୟାମ, ସ୍ମୃତି, ସମାଧି) ସ୍ଥିର କରିଛି । ପ୍ରବୃତ୍ତି ମନରେ ନିମ୍ନବୃତ୍ତି ପ୍ରତି ଉତ୍ସାହୀ କରେ । ନିବୃତ୍ତି ଦ୍ୱାରା ଏହାର ନିରୋଧ ସମ୍ଭବ ହୁଏ । ନିରୋଧ ବ୍ୟତୀତ ଉଚ୍ଚବୃତ୍ତିର ପ୍ରସାର ଅସମ୍ଭବ ।

ଡ଼ଃ ମାନସିଂହ ବୌଦ୍ଧଧର୍ମର ଏହି ତତ୍ତ୍ୱ ଉପରେ ପ୍ରତିଷ୍ଠିତ ବିଶ୍ୱକରୁଣା ଓ ଅନୁକମ୍ପା ପ୍ରତି ଆକୃଷ୍ଟ ହୋଇ ଏହାକୁ ଶ୍ରେଷ୍ଠ ମାନବ ଧର୍ମ ବୋଲି କହିଛନ୍ତି ଏବଂ ସାର୍ବଜନୀନ ମାନବାତ୍ମାର ବିକାଶର ମାର୍ଗପ୍ରତି ସତତଃ ଉଦ୍ୟମୀ ହେବାକୁ କହିଛନ୍ତି । ବସ୍ତୁତଃ ପ୍ରେରଣାର ମୂଳ ଏହି କରୁଣା ଓ ମୈତ୍ରୀ ।

ବୁଦ୍ଧଙ୍କର ଜୀବନକୁ ଭିତ୍ତିକରି ରଚିତ ବୁଦ୍ଧନାଟକ ଚାରିଅଙ୍କ ବିଶିଷ୍ଟ । ଏକ ସାଧାରଣ ନାଟକ । ଏହାର ନାଟକୀୟ କଳା ଉତ୍କୃଷ୍ଟ ଆଦୌ ନୁହେଁ, କିନ୍ତୁ ରାଜପୁତ୍ର ସିଦ୍ଧାର୍ଥ ଯେଉଁ ନାଟକୀୟ ଅବସ୍ଥାଚକ୍ରରେ ସନ୍ନ୍ୟାସ ଗ୍ରହଣ କଲେ ଓ ସନ୍ନ୍ୟାସ -ଉତ୍ତର ଜୀବନରେ ବୃଦ୍ଧ ପିତାମାତା, ପତ୍ନୀ, ପୁତ୍ରଙ୍କ ପ୍ରତି ନିଜ ସନ୍ନ୍ୟାସୀ ସୁଲଭ କରୁଣା ଜଳରେ ସିକ୍ତ କଲେ ତାହା ନାଟ୍ୟକାର ମାନସିଂହଙ୍କର ଦେଖାଇ ଦେବାର ଅଭିଳାଷ । ନାଟକଟି ପଢ଼ିଗଲା ବେଳେ ମନରେ ଉତ୍କଣ୍ଠା ଆସେ ନାହିଁ; ଘଟଣା, ଦ୍ୱନ୍ଦ୍ୱ, ଚରିତ୍ରାଙ୍କନ ଆଦୌ ଉତ୍କୃଷ୍ଟ ନୁହେଁ । ମୂଳତଃ ସଂଳାପ, ଦୀର୍ଘ ପାଠକର ଆବେଗକୁ ଧରିରଖିବା ସମ୍ଭବ ହୁଏ ନାହିଁ । ମନେହୁଏ କାହାଣୀଟି ଏତେ ପରିଚିତ ଯେ ସେଥିରେ ନୂତନତାର ଅଭାବ ରଚନାକୁ ବିରସ ଓ ବିକଳ କରିଦେଇଛି । ଚମତ୍କାରିତାର ଅଭାବ ନାଟକଟିକୁ ଗତାନୁଗତିକ କରିଛି, କଳାତ୍ମକ ଐଶ୍ୱର୍ଯ୍ୟ ଏଥିରେ ଫୁଟି ଉଠିନାହିଁ ।

●

Digitized by srujanika@gmail.com

‘ଅନ୍ୱେଷଣ’ ଉପନ୍ୟାସ ଓ ଔପନ୍ୟାସିକ ମାନସିଂହ

ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ

ଉପନ୍ୟାସ ଆଧୁନିକ ମାନବ ଓ ସମାଜର ଜୀବନ ବେଦ (Epic of Life)। କାବ୍ୟ-କବିତା, ନାଟକ, ଗଳ୍ପ, ପ୍ରବନ୍ଧ, ରମ୍ୟରଚନା ପ୍ରଭୃତି ସାହିତ୍ୟର ବିଭିନ୍ନ ବିଭାଗରେ ସ୍ରଷ୍ଟା ସମାଜ ଓ ମାନବ ସମ୍ପର୍କୀୟ ନିଜସ୍ୱ ଚିନ୍ତା ଚେତନାକୁ ଏକ ପରିପୂର୍ଣ୍ଣ ରୂପ ଦେବାର ସୁବିଧା ସୁଯୋଗ ପାଉନଥିବା ବେଳେ ଉପନ୍ୟାସ ମଧ୍ୟରେ ତାହା ପ୍ରକାଶ କରିବାକୁ ଏକ ସୁବିସ୍ତୃତ କ୍ଷେତ୍ର (canvas) ପାଇଥାଏ। ଏଥିପାଇଁ ବୋଧ ହୁଏ ପ୍ରେମ ପ୍ରଣୟ ତଥା ମାନବବାଦୀ କବି ଡ଼ଃ ମାୟାଧର ମାନସିଂହ ନିଜସ୍ୱ କାବ୍ୟ-କବିତା, କାବ୍ୟ-ନାଟିକା ତଥା ପ୍ରବନ୍ଧରୁ ସାମୟିକ ମୁକ୍ତି ନେଇ ସୃଷ୍ଟି କରିଛନ୍ତି ‘ଅନ୍ୱେଷଣ’ (୧୯୫୭) ଉପନ୍ୟାସ। ନିଜ ଜନ୍ମ ସମୟରୁ ଆରମ୍ଭ କରି ମୃତ୍ୟୁପର୍ଯ୍ୟନ୍ତ ସେ ଭଲ ପାଇଛନ୍ତି ନିଜର ପଲ୍ଲୀକୁ, ପଲ୍ଲୀର ପ୍ରକୃତିକୁ ଏବଂ ସମଗ୍ର ମଣିଷ ସମାଜକୁ। ମଣିଷ ମଣିଷ ମଧ୍ୟରେ ସୁସଂପର୍କ ସ୍ଥାପନ, ହଳାହଳମଧ୍ୟରେ ଅମୃତର ଅନ୍ୱେଷଣ ପୁଣି ଅଜ୍ଞାନ ରୂପକ ଅନ୍ଧକାରମଧ୍ୟରୁ ମାନବ ଜାତିକୁ ଜ୍ଞାନାଲୋକକୁ ପଥ ପ୍ରଦର୍ଶନ ହେଉଛି ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ। ଏସବୁ ମଧ୍ୟରେ ପ୍ରେମବୋଧ ହିଁ ମୁଖ୍ୟ। ତାଙ୍କ ସୃଷ୍ଟି ବର୍ଣ୍ଣିତ ଏହି ପ୍ରେମ ସଂସାରର ନାନା ଦୁଃଖ ଦୁର୍ଦ୍ଦଶାମଧ୍ୟରେ ମାନବର ବଂଚିରହିବା ପାଇଁ ଏକ ସହାନୁଭୂତି, ଜୀବନ ପ୍ରୀତି ମୋହ ଏବଂ ନିବିଡ଼ତାରେ ପରିପୂର୍ଣ୍ଣ। ସେଥିପାଇଁ ସେ ତାଙ୍କର ‘ଧରଣୀ ଦାସ’ କବିତାରେ ଉଲ୍ଲେଖ କରିଛନ୍ତି -

‘‘ସର୍ବ ଅକଲ୍ୟାଣ ମେଳେ
ହେ ଧରଣୀ, ତେଣୁ ତୋ ଆଶ୍ରୟ
ପ୍ରିୟ ଏତେ, ସର୍ବବ୍ୟାପୀ ପରାଜୟେ ଜୟ ସୁଖମୟ।

ଏଇ ସଂସାରରେ ଜନ୍ମ ଗ୍ରହଣ କରି ଡ଼ଃ ମାନସିଂହ ବହୁ ବନ୍ଧୁର ପଥ ଦେଇ ଗତି କରିଛନ୍ତି। ନିଜ ଜୀବନ ଯୌବନରେ ଉପନୀତ ହୋଇ ନାରୀ ପୁରୁଷ ମଧ୍ୟରେ ସେ ଯେଉଁ ସଂପର୍କ ଲକ୍ଷ୍ୟ କରିଛନ୍ତି ତାହା ତାଙ୍କ ଦୃଷ୍ଟିରେ ଇତର ପଶୁ ପ୍ରବୃତ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ। ସେ ଉଲ୍ଲେଖ କରିଛନ୍ତି -‘‘ଯାହା ଯୌନ କ୍ଷୁଧା, ମାନବ ସମାଜରେ ତାହା ପ୍ରେମ, ଯାହା ଇତର ପ୍ରାଣୀଙ୍କ ନିକଟରେ କେବଳ ପ୍ରଜନନର ଉପାୟ ମାତ୍ର, ମନୁଷ୍ୟ ନିକଟରେ ତାହା ହିଁ ହେଉଛି ସଂଗୀତ, ସାହିତ୍ୟ, କଳା, ଶିଳ୍ପ, ନୃତ୍ୟର ଜନନୀ। ଯୌବନରେ ପ୍ରାତଃ କାଳରେ ନାରୀ, ପୁରୁଷ ଭିତରେ ଯେଉଁ ହୃଦୟ ମନ୍ଥନ ସୃଷ୍ଟି କରେ, ସେଇଥିରୁ ଆବିର୍ଭୂତ ହୁଏ ପ୍ରାଣସ୍ପର୍ଶୀ କବିତା, ଅନୁପମ ଚିତ୍ର ସମ୍ପଦ, ଅମୂଲ୍ୟ ଶିଳ୍ପ। ଜୀବନର ପ୍ରଥମ ପାଦରେ,

Digitized by srujanika@gmail.com

ମୋ ଭିତରେ ଥିବା ଅନଭିଜ୍ଞ ସରଳ କବି ବିଚାରୀର ହୃଦୟଟି, ଏହିପରି ଭାବରେ ବାରମ୍ବାର ଅଭିଭୂତ ହୋଇଛି ଏବଂ ସେହି ତୀବ୍ର ଅନୁଭୂତିର ତାଡ଼ନାରେ ତା ଠାରୁ ଯେ କିଛି କାବ୍ୟ କବିତା ବାହାରିଛି, ଏହା ଏ ଦେଶର ପାଠକମାନଙ୍କ ନିକଟରେ ବୋଧହୁଏ ଜଣାଶୁଣା କଥା "(୧) ଜୀବନ ପଥର ବହୁ ଅଭିଜ୍ଞତା ଭିତରେ କବି ସେହି ପଶୁ ପ୍ରବୃତ୍ତି ଆଚରଣ କରୁଥିବା ମନୁଷ୍ୟ ସଂପର୍କରେ ଆସିଛନ୍ତି । ଗୋଲାପ ବା ପଦ୍ମ ଫୁଲକୁ ତୋଳିବାକୁ ଯାଇ ବହୁକାଳ ଅନ୍ଧକାର ମଧ୍ୟରେ ଘୂରି ବୁଲିଛନ୍ତି, ଏହାର କଣ୍ଟାରେ କ୍ଷତାକ୍ତ ବା ଯନ୍ତ୍ରଣାକ୍ତ ହୋଇ ଯେଉଁ ଅନୁଭୂତି ସଂଗ୍ରହ କରିଛନ୍ତି ତାହା ଆଉ କବିତାରେ ନୁହେଁ, ଗଦ୍ୟରେ 'ଅନ୍ୱେଷଣ' ଉପନ୍ୟାସ ମଧ୍ୟରେ ବ୍ୟକ୍ତ କରିଛନ୍ତି ।

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଡଃ ମାନସିଂହ ଏକ ସୁପରିଚିତ ନାମ ହେଲେ ମଧ୍ୟ ତାଙ୍କ ସ୍ରଷ୍ଟା ଜୀବନର ଆରମ୍ଭ ହୁଏ ଗଦ୍ୟରୁ । ବାଲ୍ୟକାଳ କଥା ସେତେବେଳକୁ ସେ ପାରିକୁଦ ଗଡ଼ରେ ଥିବା ମାଇନର ସ୍କୁଲରେ ଅଧ୍ୟୟନ କରୁଥାନ୍ତି । ସ୍କୁଲରେ ଭାରତେଶ୍ୱର ସପ୍ତମ ଏଡ୍‌ୱାର୍ଡ଼ଙ୍କର ସମ୍ମାନ ଉଦ୍ଦେଶ୍ୟରେ ଏକ ବିରାଟ ସମାବେଶର ଆୟୋଜନ କରାଯାଇଥିଲା । ତାଙ୍କ ଉଦ୍ଦେଶ୍ୟରେ ସେହି ସପ୍ତମ ଏଡ୍‌ୱାର୍ଡ଼ଙ୍କର ସମସ୍ତ କୁଶଳ କାମନା କରି ଏଣୁ ତେଣୁ ପ୍ରବନ୍ଧଟିଏ ଲେଖି ଡଃ ମାନସିଂହ ତାଙ୍କ ସାହିତ୍ୟିକ ଜୀବନର ଯେଉଁ ମୂଳଦୁଆ ସ୍ଥାପନ କରିଥିଲେ, ତାହାର ପରବର୍ତ୍ତୀ ପଲ୍ଲବିତ ରୂପ ହେଉଛି ତାଙ୍କ ରଚିତ ଏକାଧିକ ପ୍ରବନ୍ଧ, ସମାଲୋଚନା, ଭ୍ରମଣ କାହାଣୀ, କ୍ଷୁଦ୍ର ଗଳ୍ପ ଏବଂ ଉପନ୍ୟାସ । ଏହି ଅନୁଭୂତି ସମ୍ପର୍କରେ ସେ ନିଜସ୍ୱ ମତ ଉପସ୍ଥାପନ କରି କହନ୍ତି - "ପ୍ରବନ୍ଧ ରଚନା ପାଇଁ ମୋତେ କେହି ସେଦିନ ଅନୁରୋଧ ବା ଉତ୍ସାହିତ କରି ନଥିଲେ, ମୁଁ କାହିଁକି ଲେଖିଲି, କିପରି ବା ସାହସ କଲି, ବଡ଼ଙ୍କ ସଭାରେ ତାକୁ ପଢ଼ିଲି, ତା'ର ଉତ୍ତର କେବଳ ମନସ୍ତାତ୍ତ୍ୱିକ ଦେବେ । ହୁଏତ ଏହା ହିଁ ମୋର ଜୀବନର ପ୍ରଥମ ଲେଖା - ଗଦ୍ୟରେ ଆରମ୍ଭ, ଏକ ଦୈବୀ ସୂଚନା ଯେ ଜୀବନଟା ଏକ ନିରାଟ ଗଦ୍ୟମୟ ହେବ - ଯାହା ହିଁ ହୋଇଛି ।" (୨)

ଡଃ ମାନସିଂହଙ୍କର 'ଅନ୍ୱେଷଣ' ଉପନ୍ୟାସ ରଚନାର ସମୟ ହେଉଛି ୧୯୫୭ ମସିହା । ସେତେବେଳକୁ ଭାରତବର୍ଷ ସ୍ୱାଧୀନ । ପରାଧୀନ ଭାରତବର୍ଷରେ ଭାରତୀୟମାନେ ଏକଦା ଗାନ୍ଧୀ ଓ ଗୋପବନ୍ଧୁଙ୍କୁ ନେଇ ଆଗାମୀ କାଲି ପାଇଁ ଯେଉଁ ରୁପେଲି ସ୍ୱପ୍ନ ଦେଖିଥିଲେ, ମାନସିଂହଙ୍କ ଉପନ୍ୟାସ ରଚନା ବେଳକୁ ସେହି ସ୍ୱପ୍ନରେ ଆସିଛି ଭଟ୍ଟା । ସମଗ୍ର ଭାରତବର୍ଷରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ବାସ୍ତବ ରୂପ ନେବା ପୂର୍ବରୁ ଜନସାଧାରଣଙ୍କ ନିକଟରୁ ତାହା ଅପସରି ଯାଇଛି । ମହାତ୍ମା ଗାନ୍ଧୀ ସ୍ୱାଧୀନତା ପୂର୍ବରୁ ଭାରତକୁ ଯେପରି ରାମ ରାଜ୍ୟ କରି ଗଢ଼ିବାର ସ୍ୱପ୍ନ ଦେଖିଥିଲେ, ୧୯୪୮ ମସିହାରେ ତାଙ୍କର ମୃତ୍ୟୁ ଫଳରେ ଏ ଦେଶର ସାମାଜିକ ବ୍ୟବସ୍ଥାରେ ଆସିଛି ଅସମ୍ଭାବିତ ପରିବର୍ତ୍ତନ । ତାଙ୍କର ସ୍ୱପ୍ନ ବ୍ୟର୍ଥ

୧- ବିଜୟାନନ୍ଦ ସିଂହ, ମୁଁ କାହିଁକି ଲେଖେ, (୧୯୮୪), ପୃ - ୬୬
୨- ତତ୍ରୈବ, ପୃ - ୬୩

Digitized by srujanika@gmail.com

ହୋଇଛି । ଆମ ଦେଶର ମାନବ ସମାଜ ମଧ୍ୟରେ ଧନ ଓ ରାଜନୀତି ପାଇଁ ଲାଗିଛି ପ୍ରବଳ ସଂଗ୍ରାମ । ଫଳତଃ, ସ୍ୱାର୍ଥ ପାଇଁ ମଣିଷ ମଧ୍ୟରେ ଥିବା ସୁସମ୍ପର୍କର ସେତୁ ଭୁଷୁଡ଼ି ପଡ଼ିଛି । କ୍ଷମତା ପାଇଁ ଦେଶର ଚତୁର୍ଦ୍ଦିଗରେ ଲାଗିଯାଇଛି ପ୍ରବଳ ଯୁଦ୍ଧ । କ୍ଷମତାଦୃପ୍ତ ରାଜନୀତିରେ ପାଗଳ ହୋଇ ମଣିଷ ନିଜସ୍ୱ ହରାଇଛି, ସ୍ୱାର୍ଥାନ୍ଧ ହୋଇପଡ଼ିଛି ଓ ଦେଶର ସାଧାରଣ ନିରୀହ ଜନତାଂକୁ ଶୋଷଣ କରିଛି । ପୁଣି ସ୍ୱାଧୀନତା ପୂର୍ବ ଜମିଦାରମାନଙ୍କର ରୂପ ପରିବର୍ତ୍ତନ ହୋଇଛି ସିନା, ସେମାନେ କୌଣସି ଗୁଣରେ ବଦଳି ନାହାନ୍ତି । ନୂତନ ରୂପରେ ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ଆବିର୍ଭାବ ହୋଇ ଏହି ସମାଜରେ ସେମାନେ ତାଙ୍କର କାୟା ବିସ୍ତାର କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ମାନବ ଗ୍ରାମ୍ୟ ଜୀବନରୁ ବିଚ୍ଛିନ୍ନ ହୋଇ ସହରାଭିମୁଖୀ ହୋଇଛି । ପଲ୍ଲୀର କେଦାର କାନନ, କୋକିଳର ସୁମଧୁର କୁହୁତାନ, ବର୍ଷାଋତୁରେ ଗ୍ରାମବାଡ଼ରେ ପ୍ରସ୍ଫୁଟିତ ଜହ୍ନିଫୁଲର ବାସ୍ନା, ତଥା ଗ୍ରାମ୍ୟ ଚାଳ ମଥାନରେ ଉଠୁଥିବା ଧୂମକୁଣ୍ଡଳୀ ଆଉ ମାନବ ମଧ୍ୟରେ ଭାବାନ୍ତର ସୃଷ୍ଟି କରିପାରି ନାହିଁ । ବରଂ ସେ ସହରର ପାରାଖୋପ ପରି ଘର ଭିତରେ ସଂଗ୍ରାମଶୀଳ ହୋଇ ବଞ୍ଚିବାକୁ ଭଲ ପାଇଛି; ସହରର ନାଳୀ ନର୍ଦ୍ଦମା ସାଲୁବାଲୁ ହୋଇ ରହିବାକୁ ପସନ୍ଦ କରିଛି । ଭାଙ୍ଗି ପଡ଼ିଛି ଗାନ୍ଧୀ ଗୋପବନ୍ଧୁଙ୍କ ସ୍ୱାଧୀନତା ପରବର୍ତ୍ତୀ ନୂତନ ଭାରତ ପାଇଁ ଦେଖିଥିବା ସ୍ୱପ୍ନର ତାଜମହଲ ।

ମାତ୍ର ଯେଉଁଦିନ ଭାରତବର୍ଷର ଯୁବସମ୍ପ୍ରଦାୟ ଅନୁଭବ କରିଛି ଯେ ଭାରତବର୍ଷର ଆତ୍ମା ସହରରେ ନୁହେଁ, ଭାରତୀୟ ଗ୍ରାମମାନଙ୍କରେ ଅଛି, ଭାରତର ପ୍ରାଚୀନ ପରମ୍ପରା ଓ ଏହାର ସଂସ୍କୃତି ରହିଛି ସହରଠାରୁ ବହୁ ଦୂରରେ ଥିବା ପଲ୍ଲୀରେ, ସେଦିନ ସେ ଆଉ ଅଣନିଃଶ୍ୱାସୀ ହୋଇ ନାଳ ନର୍ଦ୍ଦମାର ସାଲୁବାଲୁ ପୋକଟିଏ ପରି ପୂତିଗନ୍ଧମୟ ନାକ ଫାଟି ପଡୁଥିବା ସହରରେ ରହିବାକୁ ପସନ୍ଦ କରିନାହିଁ । ଫେରି ଆସିଛି ତାର ପ୍ରିୟ ବାପୁଜୀଙ୍କ ସ୍ୱପ୍ନର ଭାରତବର୍ଷକୁ - ଗ୍ରାମ୍ୟ ଜୀବନକୁ । ଗ୍ରାମରୁ ଫେରିଆସି ସିଏ ଅନ୍ୱେଷଣ କରିଛି ଭାରତବର୍ଷର କେଉଁ ପ୍ରାଚୀନ ପରମ୍ପରାକୁ, ଏହାର ଭିତ୍ତିଭୂମିକୁ - ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ, ଏହାର ଭିଟାମାଟିକୁ ତଥା ଭାରତର ପ୍ରକୃତ ଆତ୍ମାକୁ । ଡଃ ମାନସିଂହ ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ଏହି ଘଟଣାକୁ ନେଇ ସୃଷ୍ଟି କରିଛନ୍ତି ତାଙ୍କର 'ଅନ୍ୱେଷଣ' ଉପନ୍ୟାସ ।

'ଅନ୍ୱେଷଣ' ଉପନ୍ୟାସ ମୁଖ୍ୟତଃ ଯେଉଁ କେତୋଟି ଚରିତ୍ରକୁ ନେଇ ଗତିଶୀଳ ସେମାନଙ୍କ ମଧ୍ୟରେ ପ୍ରଭୁପାଦ, ଶ୍ରୀକଣ୍ଠ, ମଲ୍ଲିକା, ସାବିତ୍ରୀ, ନଟିଆ, ମାଳତୀ, କଚ୍ଛତରୁ ସ୍ୱାଇଁ, ଉଦୟନ, କରୁଣାସିନ୍ଧୁ, ଜମିଦାର ବିଜୟ କାନୁନ୍‌ଗୋ ପ୍ରଭୃତି ପ୍ରଧାନ । ଉପନ୍ୟାସର ଆରମ୍ଭ ହୁଏ ଏକ ସହରୀ ପରିବେଶରୁ । ''ଯେଉଁଆଡ଼େ ଆଖି ବୁଲାଇବ କେବଳ ଇଟା ଓ ପଥର, ପଥର ଓ ଇଟା, ଯାହାକୁ ଲୋକେ କୋଠା କହନ୍ତି । ପ୍ରଦେଶର ପ୍ରଧାନ ସହର । ସମସ୍ତ ମଇଳା, ସକଳ ବୀଭତ୍ସତାକୁ ଘୋଡ଼ାଇବାର ବିରାମହୀନ, ଦୁର୍ଦ୍ଧର୍ଷ ଚେଷ୍ଟାରେ ଚତୁର୍ଦ୍ଦିଗରେ ଉଠିଛି କୋଠାର ମାଳା; ଆଗରେ ପଛରେ ଏପଟେ ସେପଟେ ଯେଉଁଆଡ଼େ

Digitized by srujanika@gmail.com

ଆଖି ପକାଇବ ।''(୩) ସ୍ୱାଧୀନତା ପରବର୍ତ୍ତୀ ମାନବ ସହରୀ ସଭ୍ୟତାର ହାଓ୍ୱାରେ ଭାରତୀୟ ପ୍ରାଚୀନ ଗ୍ରାମକୁ ଅସଭ୍ୟ ଅନାର୍ଯ୍ୟର ପ୍ରତୀକ ବୋଲି ଗ୍ରହଣ କରି ନେଇଛନ୍ତି । ଗାଁ ଦାଣ୍ଡର ଧୂଳି ସହରୀ ମଣିଷ ଦୃଷ୍ଟିରେ ଆଦିମତା ଓ ଅସଭ୍ୟତାର ପ୍ରତୀକ । ଉପନ୍ୟାସବର୍ଣ୍ଣିତ ସହର ହେଉଛି ସହସ୍ର ବର୍ଷର ନଗର କଟକ - ବହୁ ଆବର୍ଜନାରେ ପରିପୂର୍ଣ୍ଣ । ତଥାପି ଏହାର ଇତିହାସ ଅଛି । ପରାକ୍ରମଶାଳୀ ରାଜା ଓ ସମ୍ରାଟମାନେ ନିଜ ନାମକୁ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାଭ ଅକ୍ଷରରେ ଖୋଦନ କରିବାକୁ ଯାଇ ସୃଷ୍ଟି କରିଛନ୍ତି ସହର । ଏହାରି ଭିତରେ ସେ ନିଜର ଐଶ୍ୱର୍ଯ୍ୟକୁ ଦେଖାଇବା ପାଇଁ ଚେଷ୍ଟା କରିଛନ୍ତି । ଉଚ୍ଚଶିକ୍ଷା ଲାଭ କରିବା ମୋହରେ ଅନ୍ଧ ହୋଇପଡ଼ି ପ୍ରଭୁପାଦ ପରି ଯୁବକମାନେ ଆସିଛନ୍ତି ଏହି ସହରକୁ । ସହର ରହଣି ମଧ୍ୟରେ ତା'ର ପରିଚୟ ହୋଇଛି ଗୁରୁଦେବ, କରୁଣାସିନ୍ଧୁ, ଉଦୟନ, ଶ୍ରୀକଣ୍ଠ ପ୍ରଭୃତି ଯୁବବନ୍ଧୁମାନଙ୍କ ସହିତ ।

ସହରରେ ରହଣି କାଳରେ ଏକଦା ବନ୍ଧୁ ଉଦୟନଠାରୁ ପ୍ରଭୁପାଦ ଚିଠିଟିଏ ପାଇଛି - ତା'ର ଭଉଣୀ ମଲ୍ଲିକାର ଜନ୍ମଦିନ ଉପଲକ୍ଷେ ନିକଟସ୍ଥ ଧବଳେଶ୍ୱର ଠାରେ ଏକ ଭୋଜିର ଆୟୋଜନ । ପତ୍ରଟି ପାଇ ପ୍ରଭୁପାଦ ବ୍ୟସ୍ତ ହୋଇପଡ଼ିଛି । ସେ ଗ୍ରାମରୁ ଆସିଛି । ସହର ଜୀବନ ସହିତ ତା'ର ବେଶୀ ଦିନର ସମ୍ପର୍କ ନାହିଁ । ତଥାପି ରୂପର ଆକର୍ଷଣରେ ରୂପଶ୍ରୀ ମଲ୍ଲିକା ପ୍ରତି ତା'ର ସୃଷ୍ଟି ହୋଇଛି ଅହେତୁକ ମୋହ । ସେହି ମୋହରେ ଆକର୍ଷିତ ହୋଇ ସେ ଧବଳେଶ୍ୱରକୁ ଯାଇଛି । ସେଠାକୁ ଆସିଛି ଆଉ ଜଣେ ଯୁବ କଳାଶିଳ୍ପୀ ଶ୍ରୀକଣ୍ଠ । ସେ ଅବିବାହିତ । ତା'ର ପୂର୍ବପୁରୁଷ ଚମ୍ପତିରାୟ ବଂଶ ଏକଦା ଖୁବ୍ ବଡ଼ ଜମିଦାର ଥିଲେ ନିଜ ଗ୍ରାମ ରସିକ ହାଟରେ । ମାତ୍ର ତା ପିତାଙ୍କ ସମୟକୁ ତାଙ୍କର ସର୍ବସ୍ୱ ଚାଲିଗଲା । ତା'ର ପ୍ରପିତାମହଙ୍କ ସମୟର ପାଞ୍ଚଶେଣିଆ ଇଟା ଖଞ୍ଜା ଘର ନୂଆ ଶାସକର ନୂତନ ବନ୍ଦୋବସ୍ତ ଫଳରେ ଭାଙ୍ଗିପଡ଼ିଲା । ଜମିଦାରୀ ଚାଲିଗଲା, ଫଳତଃ ନିଜ ପିତାଙ୍କ ମୃତ୍ୟୁ ବେଳକୁ ଶ୍ରୀକଣ୍ଠକୁ ବହୁ ଟଙ୍କା କରଜ କରିବାକୁ ପଡ଼ିଲା । ସେ ଅନ୍ତ୍ୟେଷ୍ଟିକ୍ରିୟା ସରୁ ନସରୁଣୁ ଦେଣାଦାରମାନେ ଘରେ ଆସି ପହଞ୍ଚିଲେ । ପୂର୍ବପୁରୁଷଙ୍କର ଆଉ ଯାହା ଥିଲା ସେସବୁ ଗୌରବକୁ ବିକି ଭାଙ୍ଗି ଶ୍ରୀକଣ୍ଠ ଆଜି ପୁରୀ ତ କାଲି କଲିକତା ଆଉ କେଉଁଦିନ ଲକ୍ଷ୍ନୌ ବା ଶ୍ରୀନଗର ଗଲା । କିଛି ଦିନ ହେବ ସେ କଟକ ସହରରେ ଏକ ଭଡ଼ାଘରେ ରହୁଛି । ଶ୍ରୀକଣ୍ଠ ରୂପର ପୂଜାରୀ । ସେ ମଲ୍ଲିକାକୁ ଭଲ ପାଏ । ସେଥିପାଇଁ କେଉଁଠୁ ଖବର ପାଇ ମଲ୍ଲିକାର ଜନ୍ମ ଦିନରେ ତାକୁ ତା'ରି ପରି ଏକ ଜୀବନ୍ତ ଚିତ୍ର ଉପହାର ଦେବା ନିମିତ୍ତ ଧବଳେଶ୍ୱର ପଠାରେ ଆସି ପହଞ୍ଚିଛି । ସେଠାରେ ମଲ୍ଲିକାର ଏକ ମନଲୋଭା ଚିତ୍ରଟିଏ ଅଙ୍କନ କରି ତାକୁ ଉପହାର ଦେଇଛି । ସେ ଦେଖିଛି ସେଠାକୁ ନିମନ୍ତ୍ରିତ ହୋଇଆସିଥିବା ସହରର ବିଶିଷ୍ଟ ପୁଞ୍ଜିପତି ବିଜୟ କାନୁନ୍‌ଗୋଙ୍କୁ । ନିଜର ବିଶେଷ ଶିକ୍ଷାଗତ ଯୋଗ୍ୟତା ନଥିଲେ ମଧ୍ୟ ଧନର କୁବେର ପାଲଟି ଥିବା ପୁଞ୍ଜି-ଉଦ୍ଧତ ବିଜୟ କାନୁନ୍‌ଗୋ ମଲ୍ଲିକାକୁ ବିବାହ କରିବାର ସ୍ୱପ୍ନ

୩- ମାୟାଧର ମାନସିଂହ, ଅନ୍ୱେଷଣ (୧୯୫୭) ପୃ - ୧

Digitized by srujanika@gmail.com

ଦେଖି ତା ସହିତ ନିର୍ବିଘ୍ନରେ ମିଶିଛି । ତା'ର କାମନାର ଅଧିକାର ସାବ୍ୟସ୍ତ କରିଛି । ମଲ୍ଲିକା ସଙ୍ଗରେ ସଂଗୀତ, ସାହିତ୍ୟ, ଶିକ୍ଷା ନେଇ ଆଳାପ ଆଲୋଚନା କରିବାର ବାହାନା କରିଛି । ମଲ୍ଲିକା ବି ଠିକ୍ ସେହିପରି ନିଜ ମନରେ ହୃଦୟଙ୍ଗମ କରିଛି । ସେ ଅନୁଭବ କରିଛି ତା'ର ସଂପୂର୍ଣ୍ଣ ଦେହଟା ବିଜୟ କାନୁନ୍‌ଗୋଙ୍କର । ଡ଼ଃ ମାନସିଂହଙ୍କ ଉପନ୍ୟାସ ବର୍ଣ୍ଣିତ ପ୍ରସଙ୍ଗ ମଧ୍ୟରେ ଏକ ପ୍ରେମ-ତ୍ରିଭୁଜ ସୃଷ୍ଟି କରିଛନ୍ତି । ଏକ ପକ୍ଷରେ ବିଜୟ କାନୁନ୍‌ଗୋ ଓ ଅନ୍ୟ ପାର୍ଶ୍ୱରେ ପ୍ରଭୁପାଦ ଏବଂ ଶ୍ରୀକଣ୍ଠ ତିନିହେଁ ଭଲପାଇ ବସିଛନ୍ତ ମଲ୍ଲିକାକୁ । କେନ୍ଦ୍ରବିନ୍ଦୁ ଭାବେ ମଲ୍ଲିକା ହୋଇଛି ଏ ସମସ୍ତଙ୍କର ଦୈହିକ ଉପଭୋଗ ଲାଳସାର ସାମଗ୍ରୀ । ଧନ ଓ ଯୌବନ- ଉଭୟ ଯେଉଁଠି ଅଛି ନାରୀ ସେଠାରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଦେଇଛି । ଫଳତଃ ସ୍ୱାଭାବିକ ଭାବେ ସେଠାରୁ ଓହରି ଆସିଛନ୍ତି ପ୍ରଭୁପାଦ ଓ ଶ୍ରୀକଣ୍ଠ । ନିଜର କାବ୍ୟ କବିତା ମଧ୍ୟରେ ମାନବର ତାରୁଣ୍ୟ ଓ ଯୌବନକୁ ମାନସିଂହ ଯେପରି ପ୍ରତିଭାତ କରିଛନ୍ତି, ସେହି ଭାବନାକୁ ଉପନ୍ୟାସର କାବ୍ୟିକ ପରିବେଶରେ ଆହୁରି ଅଧିକ ଶାଣିତ ସ୍ପଷ୍ଟ ତଥା ନିର୍ଭୀକ ଭାବରେ ସେ ଉପସ୍ଥାପନା କରିବାର ସୁଯୋଗ ପାଇଛନ୍ତି ।

ମଲ୍ଲିକାର ରୂପରେ ମୁଗ୍ଧ ହୋଇ ଶ୍ରୀକଣ୍ଠ ତାଙ୍କୁ ତା'ର ଜନ୍ମଦିନରେ ନିଜ ହାତଗଢ଼ା ଛବିଟି ଉପହାର ଦେଇ ସେଠାରୁ ବିଦାୟ ନେବା ବାଟରେ ସତୀଚୌରା ଶ୍ମଶାନରେ ଚିତାଗ୍ନି ଦେଖିଛି । ସେହି ଚିତାଗ୍ନି ମଧ୍ୟରେ ସେ ଅନୁଭବ କଲା ଜୀବନର ଚରମ ସତ୍ୟ । ସକାଳେ ଧବଳେଶ୍ୱର ପଠାରେ ସେ ଦେଖିଥିବା ଦୃଶ୍ୟ ତା ଭିତରୁ କ୍ରମଶଃ ଅପସରି ଯାଇ ମୃତ୍ୟୁ ପରି ଆଉ ଏକ ଭବନା ତାକୁ ବ୍ୟତିବ୍ୟସ୍ତ ଓ କ୍ଷତାକ୍ତ କରିଦେଲା । ନିଜର ବନ୍ଧୁ ଓ ସ୍କୁଲ ଶିକ୍ଷକ କରୁଣାସିନ୍ଧୁର ଘରେ ପହଞ୍ଚି ତାଙ୍କ ଠାରୁ ଶୁଣିଲା ସେ ଶବ ହେଉଛି ତାଙ୍କ ସ୍କୁଲରେ ଅଳ୍ପଦିନ ପୂର୍ବରୁ ଯୋଗ ଦେଇଥିବା ନବ ବିବାହିତ ଶିକ୍ଷକ ବନ୍ଧୁଙ୍କର । ସେ ହଠାତ୍ ସେରିବ୍ରାଲ୍ ମେଲେରିଆରେ ଚାଲିଗଲେ । ତାଙ୍କର ତରୁଣୀ ସ୍ତ୍ରୀ ଅନ୍ତଃସତ୍ତ୍ୱା । ବନ୍ଧୁ କରୁଣାସିନ୍ଧୁଠାରୁ ଏସବୁ ଶୁଣିଲା ପରେ ଶ୍ରୀକଣ୍ଠ ବଡ଼ ବ୍ୟସ୍ତ ହୋଇପଡ଼ିଲା । ତା'ର ସୃଜନଶୀଳ ଶିଳ୍ପୀ ମନରେ ଆସିଲା ପ୍ରଚଣ୍ଡ ଧକ୍‌କା । ଗୋଟିଏ ଦିନରେ ସେ ଦେଖିଲା ମାନବର ଦୁଇଟି ଦିଗ; ସକାଳେ ଧବଳେଶ୍ୱର ପଠାରେ ମଲ୍ଲିକା ପାଇଁ ଜନ୍ମୋତ୍ସବର ଏକ ବିରାଟ ଆୟୋଜନ ଓ ସନ୍ଧ୍ୟାରେ ସତୀଚୌରାଠାରେ ମଣିଷକୁ ଗ୍ରାସ କରିବାକୁ ଅଗ୍ନିର ଲେଲିହାନ ଶିଖା । ଏହି ଦୁଇ ବିପରୀତ ବିନ୍ଦୁରେ ଉପସ୍ଥିତ ହୋଇ ରୋମାଣ୍ଟିକ୍ ଚେତନାଠାରୁ ଦୂରେଇ ଯାଇ ଶ୍ରୀକଣ୍ଠ ଅନ୍ୱେଷଣ କଲା ଜନ୍ମ ଓ ମୃତ୍ୟୁର ଏକ ମଧ୍ୟବର୍ତ୍ତୀ ଅବସ୍ଥା- ଯାହାକୁ କୁହାଯାଏ ଜୀବନ । ପୃଥିବୀ ପୃଷ୍ଠରେ ମନୁଷ୍ୟ ଏବଂ ତା'ର ଲୀଳାଖେଳା । ସେ ଅନ୍ୱେଷଣ କଲା ଚଳନ୍ତି ଧାରାର ନିୟମ ସତ୍ୟ ଓ ସୃଷ୍ଟିର ବିକଟ ବୀଭତ୍ସତା ।

ତଥାପି ସଂଘର୍ଷ ଭିତରେ ମନୁଷ୍ୟ ବଂଚେ । ଆଶା ହିଁ ମନୁଷ୍ୟକୁ ବଂଚିବାର ପ୍ରେରଣା ଆଣି ଦିଏ । ଶ୍ରୀକଣ୍ଠ ନିଜ ଜୀବନର ଘୋର ନୈରାଶ୍ୟ ମଧ୍ୟରେ ସେଥିପାଇଁ ବଂଚିଛି । ଏତେ

Digitized by srujanika@gmail.com

ବଡ଼ ଦୁନିଆରେ ସେ ଅନୁଭବ କରିଛି ତା'ର ନିଜର ବୋଲି କେହି ନାହିଁ । ଯିଏ ତାକୁ ତା'ର ଅନ୍ୱେଷଣ କରୁଥିବା ପ୍ରିୟ ବସ୍ତୁଟି ନିକଟରେ ପହଞ୍ଚାଇ ଦେଇ ପାରିବ । ସମୟ ଥିଲା ଯେତେବେଳେ ତା'ର ପୂର୍ବ ପୁରୁଷର ବଂଶ ପରମ୍ପରା ଥିଲା, ବୁନିଆଦି ଥିଲା ଏବଂ ତାଙ୍କ ପରିବାରର ଥିଲା ଆଭିଜାତ୍ୟ । ମାତ୍ର ସମୟ କ୍ରମେ ତାହା କେଉଁଠି ମରିହଜି ଯାଇଛି । ଶ୍ରୀକଣ୍ଠ ପାଇଁ ଅତୀତର ସେହି ଲୁପ୍ତ ପରମ୍ପରା ଆଗାମୀ ଦିନ ପାଇଁ କିଛି କରିବାର ପ୍ରତ୍ୟୟ ସୃଷ୍ଟି କରିଛି । ମାତ୍ର ସେହି ପ୍ରତ୍ୟୟ ଭିତରେ ଯେତେବେଳେ ସେ ଜୀବନର ପୂର୍ଣ୍ଣଚ୍ଛେଦ ଦେଖିଛି ତା ମନରେ ଲାଗିଛି ନିଆଁ; ତା ଜୀବନ ପଥରେ ସୃଷ୍ଟି ହୋଇଛି ଏକ ସଂଘର୍ଷମୟ ଧାରା । ତଥାପି ସେହି ନୈରାଶ୍ୟ, ସଂଘର୍ଷ ଓ ଦାରିଦ୍ର୍ୟ ମଧ୍ୟରେ ବଂଚିବାର ମୋହକୁ ସେ ଏଡ଼ାଇ ଦେଇ ପାରିନାହିଁ । ତା'ର ନିଜର ଏ ଦୁନିଆରେ କେହି ନଥିଲେ ମଧ୍ୟ ସେହି ନେତିବାଚକ ଚେତନା ମଧ୍ୟରେ ସମସ୍ତଙ୍କ ସହିତ ସେ ଆପଣାର ହେବାକୁ ଚେଷ୍ଟା କରିଛି ଓ ଜୀବନରେ ବହୁ ପରୀକ୍ଷା ନିରୀକ୍ଷା ମଧ୍ୟ ଦେଇ ଗତି କରିଛି । ଶ୍ରୀକଣ୍ଠର ଏହି ଅନ୍ୱେଷାବୋଧ ହିଁ 'ଅନ୍ୱେଷଣ' ଉପନ୍ୟାସର କାହାଣୀକୁ ଶେଷକାଳ ପର୍ଯ୍ୟନ୍ତ ଗତି କରାଇବାରେ ସାହାଯ୍ୟ କରିଛି ।

ସହରରେ ଆର୍ଟିଷ୍ଟ ଶ୍ରୀକଣ୍ଠର ରହଣି ଗୋଟିଏ ଛୋଟ ଭଡ଼ାଘରେ । ସାମନାରେ ''ମୁନିସିପାଲିଟିର ଖୋଲା ଡ୍ରେନ୍-କୁତ୍ସିତ, କୃଷ୍ଣ, ନାଳୁଆ, ପୋକ ଓ ପୂତିଗନ୍ଧମୟ ପଦାର୍ଥର ବୀଭତ୍ସ ବେଣୀ । ନଗର ସଭ୍ୟତାର ପ୍ରତୀକ, ଭାରତୀୟମାନଙ୍କର କୁତ୍ସିତ ଦୈନନ୍ଦିନ ଜୀବନର ପ୍ରତୀକ । ଆଗପଟେ ଡ୍ରେନ୍‌ର ବିଭୀଷିକାକୁ ପରାଭୂତ କରି ପଛରେ ସଗର୍ବରେ ଦଣ୍ଡାୟମାନ ପାଇଖାନାର ନାରକୀୟ ବୀଭତ୍ସତା । ଚାରିଆଡ଼େ ମାଛି, ଚାରିଆଡ଼େ ଅସନା, ଚାରିଆଡ଼େ ସୁନ୍ଦରତାକୁ ଜାଣି ଜାଣି ତାଡ଼ନା କରି କୁତ୍ସିତତାର ଯେପରି ସଦମ୍ଭ ସାମ୍ରାଜ୍ୟ ବିସ୍ତାର । ଏ ଅଞ୍ଚଳଟା ଅବଶ୍ୟ ଦରିଦ୍ର ବସତି । ଶ୍ରୀକଣ୍ଠ ଶସ୍ତା ଜୀବନଯାପନ ପାଇଁ ବାଧ୍ୟ ହୋଇ ଏ ଅଞ୍ଚଳରେ ଆଶ୍ରୟ ନେଇଛି । କିନ୍ତୁ ସୁଷମାର ଆରାଧନା କ'ଣ କେବଳ ଧନରେ ହୁଏ ? ଶ୍ରୀକଣ୍ଠ ଅନେକ ସମୟରେ ତା'ର ନିଜର ଛୋଟ ଗାଁଟିକୁ ମନେ ପକାଇ ଦୀର୍ଘନିଃଶ୍ୱାସ ଛାଡ଼େ । ଦି'ଧାଡ଼ି ଚାଳଘର, ପାଖକେ ଭାଗବତ ଘର, ପାଖକେ ଗ୍ରାମ ଦେଉଳ; ପ୍ରତି ଗୃହସ୍ଥର ଘର ଆଗରେ ଓ ପଛରେ ଛୋଟ ବଡ଼ ବଗିଚା । ବର୍ଷା ଦିନେ ଚାଳ ଉପରେ ଲାଉ, କଖାରୁର ବହୁପ୍ରସାରୀ ଲଟା ଦେଇ ସବୁଜ-ଲକ୍ଷ୍ମୀର ମନୋହର ବିସ୍ତାର; ଖରାଦିନେ ମଲ୍ଲୀ, ଶୀତଦିନେ ଗେଣ୍ଡୁ, ବସନ୍ତରେ ଚମ୍ପା ଓ ବଉଳ ପ୍ରଭୃତି ନାନା ଋତୁରେ ନାନା କୁସୁମ-ସୁନ୍ଦରୀଙ୍କର ଆଗମନ । ଗାଁ ପଛଆଡ଼ ତରଳ ନୀଳ କାଚର ଆଧାର ପରି ଛୋଟ ସେଇ କେନାଲ୍‌ଟି, ସକାଳେ ଓ ସଂଜରେ ଯା'ର ଦୁଇଟି ଘାଟରେ ଗାଁର ଝିଅ ବୋହୂଙ୍କର ସମାଗମ ହୁଏ ।'' (୪)

୪- ତତ୍ରୈବ, ପୃ - ୫୭

Digitized by srujanika@gmail.com

ସହରର ରୁକ୍ଷ କୁତ୍ସିତ ପରିବେଶ ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ପଡ଼ିଛି ଶ୍ରୀକଣ୍ଠ । ତା'ର ଶିଳ୍ପୀମନ ମରିଯିବା ପରି ସେ ଅନୁଭବ କରିଛି । ତଥାପି ତା ଭିତରେ ସେ ନିଜ ଚେଷ୍ଟାରେ ତିଳେ ମାତ୍ର ଅବହେଳା ନକରି ସେହି ଭଡ଼ାଘରକୁ କରିଛି ନିଜ ସହରର ଏକ ପ୍ରକାର ସାଂସ୍କୃତିକ କେନ୍ଦ୍ର । ସେ ସେଠାକୁ ନିମନ୍ତ୍ରଣ କରିଛି ଅଧ୍ୟାପକ, କବି, ଛାତ୍ର, ଇଂଜିନିୟର, ଶିଳ୍ପୀ ଏବଂ ସାମ୍ବାଦିକ ମାନଙ୍କୁ । ସେଠାରେ ସମାଜର ନାନା ବିଷୟରେ ଆଲୋଚନା ହୋଇଛି । ଯେତେବେଳେ ବନ୍ଧୁ କରୁଣାସିନ୍ଧୁ ଶ୍ରୀକଣ୍ଠକୁ ଅକାଳରେ ମୃତ୍ୟୁ ମୁଖକୁ ଟାଣି ହୋଇଯାଇଥିବା ସ୍କୁଲ ଶିକ୍ଷକଙ୍କ ବିଧବା ପତ୍ନୀଙ୍କର ଫଟୋ ଆଙ୍କିବାକୁ ପ୍ରସ୍ତାବ ଦେଇଛି, ଶ୍ରୀକଣ୍ଠ ସେହି ପ୍ରସ୍ତାବରେ ଆଦୌ ସମ୍ମତି ପ୍ରକାଶ କରିପାରି ନାହିଁ । କାରଣ ଶ୍ରୀକଣ୍ଠ ଅନୁଭବ କରିଛି ମାନବ ଜୀବନ ଓ ଜୀବିକା ନିକଟରେ ତା'ର ତୂଳୀ ଖୁବ୍ ନ୍ୟୂନ ଓ ଚିତ୍ର ମୂକ, ଅଥର୍ବ ଏବଂ ପଙ୍ଗୁ । ମନୁଷ୍ୟର ଦୁଃଖ ଅଛି, ସୁଖ ଅଛି । ତା'ର ହସ କାନ୍ଦ ଏବଂ ଲୁହଲହୁ ବି ଅଛି । ମନୁଷ୍ୟ ଜୀବନ ବିନିମୟରେ ଜଣେ କଳାକାର କଳାର ବା ମୂଲ୍ୟ କ'ଣ କଳନା କରାଯାଇପାରେ ! ସେ କରୁଣାସିନ୍ଧୁର ପ୍ରସ୍ତାବକୁ ତେଣୁ ଅତି ବିନମ୍ରତାର ସହିତ ପ୍ରତ୍ୟାଖ୍ୟାନ କରି କହିଛି -"ମୁଁ ମୋର ତୂଳୀକୁ ମନୁଷ୍ୟର ଦୁଃଖ ଠାରୁ ବଡ଼ ମନେ କରେନା ।"(୫)

ସମୟକ୍ରମେ ଦଶହରା ସମୟରେ ବନ୍ଧୁ ପ୍ରଭୁପାଦ ନିଜ ଗ୍ରାମ ନନ୍ଦିଗାଁକୁ ଯିବାର ସୁଯୋଗ ପାଇଛି ଶ୍ରୀକଣ୍ଠ । ଏହି ଗ୍ରାମର ଏକ ପାର୍ଶ୍ୱରେ ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଓ ଅନ୍ୟପାର୍ଶ୍ୱରେ ଦିଗନ୍ତ ବିସ୍ତାରି ପ୍ରଶାନ୍ତ ମହାସାଗରର ସୁନୀଳ ଜଳରାଶି, ପୁଣି ଅଦୂରରେ ବାଲିବନ୍ତ ଉପରେ ବିଭିନ୍ନ ବୃକ୍ଷରାଜିର ଶୋଭା ଜନ ମନକୁ ହରଣ କରୁଛି । ଶ୍ରୀକଣ୍ଠ ପରି ଜଣେ କଳାକାରର ହୃଦୟରେ ଏହି ଭାବନା ଆଣି ଦେଇଛି ଗଭୀର ଆନନ୍ଦ । ସେ ଏତେଦିନ ଧରି ଯାହାକୁ ଅନ୍ୱେଷଣ କରି ଚାଲିଥିଲା, ବହୁଦିନର ବ୍ୟବଧାନ ପରେ ସେହି ଦୁର୍ଲଭ ପଦାର୍ଥକୁ ପାଇଲା ପରି ଅନୁଭବ କଲା ଯେପରି । ଶ୍ରୀକଣ୍ଠ ଏହି ଅପରିଚିତ ପ୍ରକୃତିର ଶ୍ୟାମଳ ଗୌର ସୁଷମା ଓ ତା'ର ମୁକ୍ତ ଉଦାର ପ୍ରକାଶ ନେଇ ମୁଗ୍ଧ ହୋଇଗଲା । "ଗୋଟିଏ ଉଚ୍ଚ ବନ୍ତ ଉପରେ ଠିଆ ହେଲେ, ଏକ ପାଖେ ସ୍ୱର୍ଣ୍ଣ ବର୍ଣ୍ଣ ବେଳାର ଏକ ପଟେ ଗାଢ଼ ନୀଳ ଅନନ୍ତ ସମୁଦ୍ର ଉଜ୍ଜ୍ୱଳ ରବିକର ତଳେ ଦୋଳା ଖେଳୁଥିବାର ଓ ଅନ୍ୟ ପାଖେ ସହସ୍ର ଦ୍ୱୀପ ଖଚିତ ଲଘୁ ନୀଳ ଶାଢ଼ୀ ପରିହିତା ଚିଲିକା ମନ୍ଦ ସୈନ୍ଧବ ସମୀରଣ ତଳେ ତନ୍ଦ୍ରାନ୍ୱିତା ଥିବାର ଏବଂ ଏଇ ଦୁଇ ଜଳ ସୁନ୍ଦରୀର ବିସ୍ତୃତ ବେଶ-ବକ୍ଷର ମଝିରେ, ବନସ୍ପତି ଶ୍ୟାମ ସେହି ସ୍ୱର୍ଣ୍ଣାଭ-ବାଲିବନ୍ତ-ଶାୟିତ ଶାନ୍ତ, ସ୍ଥିର ଗ୍ରାମ ଗୁଡ଼ିକର ଶୋଭାରେ ଶ୍ରୀକଣ୍ଠ ଉତ୍ସାହିତ ହୋଇ ଉଠିଲା । ସେ ସ୍ଥିର କଲା ବେଳ ଗଡ଼ି ଆସିଲେ , ତା'ର ଚିତ୍ରେଲ୍ ଇତ୍ୟାଦି ଏଇଠିକି ବୋହି ଆଣିବ ଓ ଏଇ ମନୋହର ପ୍ରକୃତିକୁ ଏକ ଯୋଗ୍ୟ ଲାଣ୍ଡସ୍କେପ୍ ଚିତ୍ରରେ ସାଇତି ରଖିବାକୁ ଚେଷ୍ଟା କରିବ ।" (୬)

୫- ତତ୍ରୈବ, ପୃ - ୬୩
୬- ତତ୍ରୈବ, ପୃ - ୧୧୦

Digitized by srujanika@gmail.com

ଏତିକିବେଳେ ସେହି ଗ୍ରାମର ମହାଜନ କଳ୍ପତରୁ ସ୍ୱାଇଁଙ୍କର କନ୍ୟା ସାବିତ୍ରୀ ସଂସ୍ପର୍ଶରେ ଆସିଲା ଶ୍ରୀକଣ୍ଠ । ନିଜ ପିତାମାତା ପ୍ରଭୁପାଦ ନିମିତ୍ତ ସେହି ରୂପଶ୍ରୀ ତନ୍ୱୀକୁ ବିବାହ ବନ୍ଧନରେ ଆବଦ୍ଧ କରିବା ପାଇଁ ସ୍ୱପ୍ନ ଦେଖିଥିଲେ ହେଁ ପ୍ରଭୁପାଦ ସେହି ପ୍ରସ୍ତାବରେ ସମ୍ମତ ହେଲାନାହିଁ । ଯୌବନର ପାଦଦେଶରେ ଉପନୀତ ହେବାପରେ ଉଦୟନର ଭଉଣୀ ମଲ୍ଲିକାକୁ ନେଇ ଏକଦା ପ୍ରଭୁପାଦ ଯେଉଁ ସୁନେଲି ସ୍ୱପ୍ନ ଦେଖିଥିଲା ସେହି ସ୍ୱପ୍ନ ହିଁ ତା ମନରେ ଆଣିଥିଲା ବିବାହ ସପକ୍ଷରେ ବିପ୍ଳବ । ମାତ୍ର ତା ଅନ୍ତଃରାଜ୍ୟରେ ସୃଷ୍ଟ ଯୌବନର ବିପ୍ଳବକୁ ସେ ଜନ ମାନସରେ ପ୍ରକାଶ କରିପାରିନଥିଲା । ତା ମନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ବିବାହ ! ଦାମ୍ପତ୍ୟ ଜୀବନ ! ସତେ କ'ଣ ମନୁଷ୍ୟକୁ ଦିଏ ତାହା ସୁଖ ଓ ସ୍ୱାଚ୍ଛନ୍ଦ୍ୟ ? (୭) ବିବାହ ଯଦି ଜୀବନରେ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଆଣେ, ତେବେ ବିବାହରେ ବିଚ୍ଛେଦ ହୁଅନ୍ତା ନାହିଁ । ବିଶ୍ୱ ପ୍ରସିଦ୍ଧ ଚିତ୍ରତାରକାମାନେ ଛ' ମାସରେ ବିବାହ ବିଚ୍ଛେଦ ଘଟାନ୍ତେ ନାହିଁ । ପୁଣି ତା'ର ମନେପଡ଼ିଛି ବନ୍ଧୁ କରୁଣାସିନ୍ଧୁର କରୁଣ ଗାର୍ହସ୍ଥ୍ୟ ଜୀବନ । ତା'ର କଟୁଭାଷିଣୀ ସ୍ତ୍ରୀ, ରେଗିଣା ପିଲାଗୁଡ଼ିଏ ଏବଂ ଆର୍ଥିକ ଅନଟନ । ପ୍ରଭୁପାଦ ଅନୁଭବ କରିଛି ବଂଚି ମଧ କରୁଣାସିନ୍ଧୁର ସତେ ଯେପରି ଜୀବନ୍ମୃତ ଅବସ୍ଥା । ମୃତ୍ୟୁକୁ ଅପେକ୍ଷା କରି ସେ ଶୃଙ୍ଖଳା ଗଛ ହୋଇ ଦଣ୍ଡାୟମାନ ହୋଇଛି । ତେଣୁ ନିଜ ଯୌବନର ଆହ୍ୱାନକୁ ସେ ତା ମନ ଭିତରେ ଅବଦମିତ କରି ସାବିତ୍ରୀକୁ ଭୁଲିଯିବାକୁ ଚେଷ୍ଟା କରିଛି ।

ଅନ୍ୟ ପକ୍ଷରେ ରୂପଶ୍ରୀ ତରୁଣୀ ସାବିତ୍ରୀ ପ୍ରତି ଅଧିକ ଆକର୍ଷିତ ହୋଇ ପଡ଼ିଛି ଶ୍ରୀକଣ୍ଠ । ସହରରେ ରହିବା ସମୟରେ ତା ଭିତରେ ଥିବା ଅବଦମିତ ସ୍ରଷ୍ଟା ମାନସ ଗ୍ରାମକୁ ପ୍ରତ୍ୟାବର୍ତ୍ତନରେ ପୁଣି ଜୀବନ୍ତ ହୋଇ ଉଠିଛି । ସେ ପଲ୍ଲୀ ନନ୍ଦିଗାଁର ରହଣି ଭିତରେ ପ୍ରକୃତିର କେତୋଟି ଜୀବନ୍ତ ଛବି ଉଠାଇଲା ବେଳେ ଅନୁଭବ କଲା "ପ୍ରକୃତି ଓ ମନୁଷ୍ୟ ପରସ୍ପରର ପରିପୂରକ । ମନୁଷ୍ୟ, ବିଶେଷତଃ ମନୁଷ୍ୟା ବା ନାରୀ ତା କଳ୍ପନାରେ ପ୍ରକୃତିର ଶ୍ରେଷ୍ଠତମ ବିକାଶ । ଫୁଲର କୋମଳତା ଓ ସୌରଭ ଠାରୁ ଝଡ଼ ଓ ଭୂମିକମ୍ପର ଅକରୁଣ ରୁଦ୍ରତା ପର୍ଯ୍ୟନ୍ତ ପ୍ରକୃତିର ସକଳ ବିଭାବ ସେ ନାରୀଠାରେ ସୂକ୍ଷ୍ମ ଆକାରରେ ପୁଞ୍ଜୀଭୂତ ଥିବାର ମନେକରେ । ସେଇଥି ପାଇଁ ହିଁ ସେ ଭାବେ ନାରୀ ଏପରି ଲୀଳାମୟୀ । ନାରୀ ସୁନ୍ଦରୀ ହୁଏ ସୃଜନ ପାଇଁ, ପୁଣି ଝଡ଼ ତୋଫାନ ହୁଏ ତା'ର ନିଜ ସୃଷ୍ଟି ସଂସାରକୁ ନିୟନ୍ତ୍ରିତ କରି ରଖିବା ପାଇଁ । ଶ୍ରୀକଣ୍ଠ ମନେକରେ ଏଇ ଯେ ନାରୀ ଓ ତା'ର ଅନୁଚର ଓ ସାଥୀ, ପୁରୁଷ, ଏମାନଙ୍କର ଅନୁପସ୍ଥିତିରେ କୌଣସି ଚିତ୍ର ବା କଳା ସମ୍ଭବ ହୋଇନପାରେ । ସେଥିପାଇଁ ସେ ମୁସଲମାନୀ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପ୍ରତି ବିଗତସ୍ପୃହ । କଳା କେବଳ ଜ୍ୟାମିତି ଶାସ୍ତ୍ର ଉପରେ ପ୍ରତିଷ୍ଠିତ ବା ମହିମାନ୍ୱିତ ହୋଇନପାରେ । X X X X ଯଦି ଏ ଜଗତରେ ବିଧାତାର ପ୍ରକୃଷ୍ଟ ପ୍ରତୀକ କିଛି ଥାଏ ତେବେ ସେ ମନୁଷ୍ୟ ଓ ତା'ର ଲୀଳାମୟୀ ସଂଗିନୀ ନାରୀ ଏବଂ ଏ ଦୁହିଁଙ୍କର ପରସ୍ପର ପ୍ରତି ଓ ପରସ୍ପର ଭିତରେ ଯେଉଁ ମାନସିକ ଆକର୍ଷଣ ଓ ଦ୍ୱନ୍ଦ୍ୱ, ତାହା ହିଁ ।"(୮)

୭- ତତ୍ରୈବ, ପୃ - ୧୦୩
୮- ତତ୍ରୈବ, ପୃ - ୧୨୩-୧୨୪

Digitized by srujanika@gmail.com

ପୁଣି ଚିତ୍ର ଅଙ୍କନ ପରେ ଶ୍ରୀକଣ୍ଠ ତା ପାଇଁ ଜଣେ ନାରୀର ପ୍ରେରଣା ହିଁ ଆଶା କରିଛି ଓ ନିଜର ଇଚ୍ଛା ପୂରଣ କରିବାକୁ ଯାଇ ଏକାନ୍ତରେ ସାବିତ୍ରୀକୁ ସାକ୍ଷାତ କରିଛି । ଏହି ସାକ୍ଷାତ ମଧ୍ୟରେ ଉଭୟଙ୍କ ପ୍ରେମରେ ସୃଷ୍ଟି ହୋଇଛି ଅଙ୍କୁରୋଦ୍‌ଗମ । ଶ୍ରୀକଣ୍ଠକୁ ସାବିତ୍ରୀ ତା'ର ପ୍ରେମର ପ୍ରତିଦାନ ସ୍ୱରୂପ ଶ୍ରୀକଣ୍ଠ ଉପରକୁ ଏକାନ୍ତରେ କିଆଫୁଲଟିଏ ଫିଙ୍ଗି ''ତୁମରି ପାଇଁ ତୋଳା'' କହି ଅନ୍ତର୍ଦ୍ଧାନ ହୋଇଯାଇଛି । ଗ୍ରାମ୍ୟ ତରୁଣୀ ସାବିତ୍ରୀ ହସ୍ତରୁ କିଆଫୁଲଟିଏ ପାଇଲା ପରେ ଶ୍ରୀକଣ୍ଠର ଅନ୍ୱେଷଣରେ ଆସିଛି ଯେପରି ପରିସମାପ୍ତି । ସେ ସାବିତ୍ରୀର ଭାଇ ଶ୍ୟାମସୁନ୍ଦର ହାତରେ ନିଜ ଅନ୍ତରର ଭଲ ପାଇବାର ସ୍ମାରକୀ ସ୍ୱରୂପ ପେନ୍ଥାଏ ରଙ୍ଗଣୀ ଫୁଲ ପଠାଇ ତା'ର ସେହି ପ୍ରେମକୁ ଦୃଢ଼ୀଭୂତ କରିଦେଇଛି । ନନ୍ଦିଗାଁରୁ ଫେରିବା ଦିନ ଶ୍ରୀକଣ୍ଠର ଆଖିର ଲୁହ ଉଭୟଙ୍କ ପ୍ରେମର ରଜ୍ଜୁକୁ ଆହୁରି ଶକ୍ତ କରିଦେଇଛି । ସେଦିନ ଶ୍ରୀକଣ୍ଠ ଅନୁଭବ କରିଛି -''ଆତ୍ମା ଦ୍ୱାରା ଆତ୍ମାର ମନ୍ଥନ ହିଁ ପ୍ରେମ । ସମୁଦ୍ର ମନ୍ଥନରୁ ସୁଧା ଓ ଶ୍ରୀର ଆବିର୍ଭାବ ପରି ଏହି ଆତ୍ମମନ୍ଥନରୁ ଜାତ ହୁଏ ମାନବର ଶାନ୍ତି ଓ ସୁଖ । ଅଶ୍ରୁ ପ୍ରେମର ପ୍ରତୀକ । ସୁଖ ପ୍ରେମର ଲକ୍ଷ୍ୟ ନୁହେଁ । ପ୍ରେମର ଲକ୍ଷ୍ୟ ପରିତୋଷ ଓ ପରିପୂର୍ଣ୍ଣତା । ଦୁଇଟି ଅଧା ଜୀବନ ମିଶି ପୂର୍ଣ୍ଣ ହୁଅନ୍ତି ଓ ସେହି ପୂର୍ଣ୍ଣତା ଆଣେ ପ୍ରାଣରେ ପ୍ରଥମ ପରିତୋଷ । ପ୍ରେମ ହିଁ ପ୍ରେମର ଏକ ମାତ୍ର ଓ ସର୍ବଶ୍ରେଷ୍ଠ ପରିଣତି ଓ ଫଳ । ଜଣେ ନାରୀର ପରିପୂର୍ଣ୍ଣ ପ୍ରେମଠାରୁ ମାନବ ଜୀବନରେ ମହତ୍ତର ଭାଗ୍ୟ ନାହିଁ । ଏହା ନିକଟରେ ସାମ୍ରାଜ୍ୟ ହିଁ ତୁଚ୍ଛ । ନାରୀ ହୃଦୟର ସିଂହାସନ ନିକଟରେ ମଣି ମାଣିକ୍ୟର ସିଂହାସନ ପଙ୍କର ଶେଯପରି ।''(୯) ସେଦିନ ଶ୍ରୀକଣ୍ଠର ଅନ୍ତଃରାଜ୍ୟରେ ସୃଷ୍ଟ ଏହି ଆନ୍ଦୋଳନ ଥିଲା ବାସ୍ତବରେ ଔପନ୍ୟାସିକ ଡ଼ଃ ମାନସିଂହଙ୍କ ହୃଦୟର ଆବେଦନ । ସେ ତାଙ୍କ ସୃଷ୍ଟି ମଧ୍ୟରେ ପ୍ରେମର ସ୍ୱରୂପ ସଂପର୍କରେ ଯାହା ଉଲ୍ଲେଖ କରିଥିଲେ ତାହା ଦୈହିକ ନଥିଲା-ଥିଲା ଆଧିଭୌତିକ, ସ୍ୱର୍ଗୀୟ, ଅନାବିଳ ଏବଂ ଅତୀନ୍ଦ୍ରିୟ । ପୁଣି ଏହି ପ୍ରେମ ସଂପର୍କ ହିଁ ମାନସିଂହଙ୍କ ଦୃଷ୍ଟିରେ ସ୍ରଷ୍ଟା ପାଇଁ ପ୍ରେରଣାର ଉତ୍ସ ଥିଲା, ଯାହା ସେ ଶ୍ରୀକଣ୍ଠ ଚରିତ୍ର ମଧ୍ୟରେ ବ୍ୟକ୍ତ କରିଛନ୍ତି ।

ସମୟକ୍ରମେ ସାବିତ୍ରୀର ଭ୍ରାତା ଶ୍ୟାମସୁନ୍ଦର ଶ୍ରୀକଣ୍ଠର ଗ୍ରାମ ରସିକହାଟକୁ ଯିବାର ସୁଯୋଗ ପାଇଛି ଓ ଶ୍ରୀକଣ୍ଠର ପ୍ରାଚୀନ ବଂଶ ପରମ୍ପରା ସଂପର୍କରେ ନିଜ ପିତାମାତାଙ୍କୁ କହି ନିଜ ଭଉଣୀ ସାବିତ୍ରୀକୁ ଶ୍ରୀକଣ୍ଠ ସହିତ ବିବାହ ଦେବାକୁ ପ୍ରସ୍ତାବ ଦେଇଛି । ସାବିତ୍ରୀର ପିତା କଳ୍ପତରୁ ସ୍ୱାଇଁ ଶ୍ରୀକଣ୍ଠର ପ୍ରକୃତ ପରିଚୟ ପାଇ ଖୁବ୍ ଆଗ୍ରହରେ ସେହି ପ୍ରସ୍ତାବରେ ରାଜି ହୋଇଯାଇଛନ୍ତି । ଫଳତଃ ଶ୍ରୀକଣ୍ଠ ଓ ସାବିତ୍ରୀଙ୍କ ମଧ୍ୟରେ ତା'ର ସମସ୍ତ ବନ୍ଧୁଙ୍କ ଉପସ୍ଥିତିରେ ବିବାହ ହୋଇଯାଇଛି । - ଶ୍ରୀକଣ୍ଠର ବନ୍ଧୁମାନେ ତାଙ୍କ ଭିତରେ କଥାବାର୍ତ୍ତା ହୋଇଛନ୍ତି - ''ପଲ୍ଲୀ ପଲ୍ଲୀକୁ, ପଲ୍ଲୀ ଓ ନଗରକୁ ମିଳେଇବା ପାଇଁ ମନ୍ତ୍ରୀ ଓ ନେତା କେତେ କେତେ ଲମ୍ବା ଲମ୍ବା ବକ୍ତୃତା ଝାଡୁଛନ୍ତି, କେତେ ଯୋଜନା ହେଉଛି; କିନ୍ତୁ ସେଥିରେ ପ୍ରାଣର

୯- ତତ୍ରୈବ, ପୃ - ୧୪୬-୧୪୭

Digitized by srujanika@gmail.com

ସ୍ପର୍ଶ ନାହିଁ । ସବୁ ଫାଙ୍କା ଆବାଜ । କିନ୍ତୁ ଯାହା ନେତା ଓ ମନ୍ତ୍ରୀ, ବକ୍ତୃତା ଓ ଯୋଜନା କରିବାରେ ଅସମର୍ଥ, ଏକାନ୍ତ ଅଜ୍ଞାତସାରରେ ତାହା ଏଇ ପଲ୍ଲୀ ବାଳିକା କରାଇ ନେଲା । ଭ୍ରାମ୍ୟମାଣ, ଲକ୍ଷ୍ମୀଛଡ଼ା, ଗ୍ରାମତ୍ୟାଗୀ ଶ୍ରୀକଣ୍ଠକୁ ଏ ଗାଁକୁ କିଏ ପୁଣି ଆଣି ପୂରାଇଥା'ନ୍ତା ? ଆଗେ ମଧ ନନ୍ଦିଗାଁ ଓ ରସିକହାଟକୁ କଟକର ବାଲୁବଜାର ବା ମାରୁଆଡ଼ି ପଟିଠାରୁ ରେଭେନ୍‌ସା କଲେଜ ବା ଉତ୍କଳ ସାହିତ୍ୟ ସମାଜ ହଲ୍‌ଠାରୁ ଅଧିକ ପରିଚିତ, ଅଧିକ ନିକଟତର, ଅଧିକ ସୁଖକର କେବେହେଲେ ମନେ କରିଥା'ନ୍ତୁ କି ? ପୃଥିବୀରେ ମନୁଷ୍ୟର ହୃଦୟ ଯେଉଁଠି ଅବାଧ ସ୍ୱାଚ୍ଛନ୍ଦ୍ୟରେ, ପାରସ୍ପରିକ ସୌହାର୍ଦ୍ଦ୍ୟରେ ମିଳିତ ହୁଏ, ତାହାହିଁ ହୁଏ ପ୍ରକୃତ ଶ୍ରୀକ୍ଷେତ୍ର ।'' (୧୦) ବାସ୍ତବରେ ଔପନ୍ୟାସିକ ହୃଦୟଙ୍ଗମ କଲେ ଯେଉଁଠି ଦୁଇଟି ହୃଦୟ ପରସ୍ପରକୁ ଖୁବ୍ ନିଷ୍କପଟ ଓ ଅନ୍ତରଙ୍ଗ ଭାବେ ଭଲ ପାଉଛନ୍ତି ଏବଂ ବିବାହ ବନ୍ଧନରେ ଆବଦ୍ଧ ହୋଇ ଏକାକାର ହୋଇଯାଇଛନ୍ତି, ସେଠାରେ ସ୍ୱତଃ ପୃଥିବୀ ପୃଷ୍ଠକୁ ଝରି ଆସିଛି ସ୍ୱର୍ଗୀୟ ପ୍ରେମ ଓ ଆନନ୍ଦର ଧାରା । ଔପନ୍ୟାସିକ ପ୍ରାଚୀନ ଚମ୍ପତିରାୟ ବଂଶର ଯେଉଁ ଆଭିଜାତ୍ୟ ଥିଲା ତାହାକୁ ଶ୍ରୀକଣ୍ଠ ଚରିତ୍ର ମଧ୍ୟରେ ବ୍ୟକ୍ତ କରି ଧରି ରଖିବାର ପ୍ରଚେଷ୍ଟା କରିଛନ୍ତି । ଅବଲୀଳାକ୍ରମେ ବଂଶର ଆଭିଜାତ୍ୟ ନଷ୍ଟ ହୋଇଗଲେ ମଧ ସେହି ଅବଲୁପ୍ତ ପରମ୍ପରା ମଧ୍ୟରୁ ଚମ୍ପତିରାୟ ବଂଶର ଐତିହ୍ୟ ଶ୍ରୀକଣ୍ଠ ମଧ୍ୟରେ ପ୍ରତିଭାତ ହୋଇଛି ।

ଭାରତୀୟ ସଂସ୍କୃତି ଓ ଏହାର ପରମ୍ପରା ହେଉଛି ଗ୍ରାମ୍ୟଭିତ୍ତିକ । ମାତ୍ର ସ୍ୱାଧୀନତା ପରବର୍ତ୍ତୀ ଭାରତୀୟମାନେ କ୍ରମଶଃ ସହରର ବାହ୍ୟ ଚାକଚକ୍ୟରେ ଆକର୍ଷିତ ହୋଇ ନୂତନ ଭାବେ ଗଢ଼ି ଉଠୁଥିବା କଳ କାରଖାନାରେ କାମ କରିବା ପାଇଁ ପ୍ରୟାସୀ ହୋଇ ଗ୍ରାମରୁ ସହରକୁ ଆସିଛନ୍ତି । ଯେଉଁମାନେ ସହରକୁ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଆସିଲେ ସେମାନେ ଆଉ ଗ୍ରାମାଭିମୁଖୀ ହେଲେ ନାହିଁ । 'ଅନ୍ୱେଷଣ' ଉପନ୍ୟାସରେ ଠିକ୍ ତାହା ହିଁ ହୋଇଛି । ଉପନ୍ୟାସ ବର୍ଣ୍ଣିତ ପ୍ରଭୁପାଦ, ଉଦୟନ, ମଲ୍ଲିକା, ବିଜୟ କାନୁନ୍‌ଗୋ ପ୍ରକୃତି ଚରିତ୍ରମାନେ ସହରୀ ଆବହାଓ୍ୱାରେ ପରିବର୍ଦ୍ଧିତ । ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ କାର୍ଯ୍ୟାନୁରୋଧରେ ସହରକୁ ଆସିଛନ୍ତି । ମାତ୍ର ନାନା ବାଧାବନ୍ଧନ ମଧ୍ୟରେ ବି ଏମାନେ କେହି ସହର ତ୍ୟାଗ କରିପାରି ନାହାନ୍ତି । ତେଣୁ ସ୍ୱାଧୀନତା ପରବର୍ତ୍ତୀ ଗାନ୍ଧୀଙ୍କ ସ୍ୱପ୍ନର ଭାରତବର୍ଷ ଖାଲି ସ୍ୱପ୍ନରେ ରହିଯାଇଛି । ମାତ୍ର ଶ୍ରୀକଣ୍ଠ ସହରକୁ ଆସିଛି ବାଧ୍ୟବାଧକତାରେ । ସେ ସ୍ୱଭାବତଃ ଜଣେ ଶିଳ୍ପୀ, କଳାର ପୂଜାରୀ ମାତ୍ର । ଯେତେବେଳେ ସେ ନିଜ ପରିବାର ନିମିତ୍ତ କରଜ ଭିତରେ ବୁଡ଼ି ଯାଇଛି ଅନନ୍ୟୋପାୟ ହୋଇ ଆସିଛି ସହର । ମାତ୍ର ସହରରେ ସେ ଭାରତୀୟ ପଲ୍ଲୀ ପ୍ରକୃତି ଏବଂ ଏହାର ସୌନ୍ଦର୍ଯ୍ୟକୁ ଠିକ୍ ଭାବରେ ଉପଭୋଗ କରି ପାରି ନାହିଁ । ସୁଯୋଗ କ୍ରମେ ଧବଳେଶ୍ୱର ଓ ପରେପରେ ନିଜ ଗ୍ରାମ ନନ୍ଦିଗାଁ ତା' ପାଇଁ ଆଣି ଦେଇଛି ଅପୂର୍ବ ସୁଯୋଗ । ସୁତରାଂ ଦୀର୍ଘଦିନ ଧରି ଶ୍ରୀକଣ୍ଠ ଅନ୍ୱେଷଣ କରିଥିବା ଭାରତୀୟ ଆତ୍ମା ଓ ଏହାର

୧୦- ତତ୍ରୈବ, ପୃ - ୧୮୭

Digitized by srujanika@gmail.com

ସୌନ୍ଦର୍ଯ୍ୟକୁ ସେ ଗ୍ରାମର ପ୍ରଶାନ୍ତ ନିର୍ମଳ ପରିବେଶ ଭିତରେ ଲକ୍ଷ୍ୟ କରିଛି ଏବଂ ସେଥିରେ ସେ ଲାଭ କରିଛି ପରମ ତୃପ୍ତି ।

ପୁନଶ୍ଚ ଦଶହରା ଛୁଟି ଅବକାଶରେ ପ୍ରଭୁପାଦର ଗ୍ରାମ ନନ୍ଦିଗାଁକୁ ଯାଇଥିବା ବେଳେ ସେହି ଗ୍ରାମର ପ୍ରାଚୀନ ନୀତିବୋଧ, ଆଦର୍ଶ, ପରମ୍ପରା, ଗ୍ରାମସଭା, ପ୍ରାଚୀନ ଲୀଳା, ଯାତ୍ରା, ଗ୍ରାମରେ ପ୍ରଚଳିତ ପର୍ବପର୍ବାଣି ତଥା ଗ୍ରାମରେ ବସବାସ କରୁଥିବା ଜନସାଧାରଣଙ୍କ ସଂପର୍କ ତାକୁ ମୁଗ୍ଧ କରିଛି । ନନ୍ଦିଗାଁର ପଞ୍ଚାୟତ ସଭା ଗ୍ରାମର 'ମା ବରୁଣେଇ' ନିକଟରେ ବସି ବହୁ କନ୍ଦଳ ଓ ଦ୍ୱନ୍ଦ୍ୱର ନିଷ୍ପତ୍ତି ହୋଇଛି । ସେହି ଗ୍ରାମରେ ସେ ଲକ୍ଷ୍ୟ କରିଛି ଯଦୁ ସାହୁ ପରି ବ୍ୟକ୍ତିତ୍ୱମାନଙ୍କୁ - ଯିଏ ଗ୍ରାମର ଏକ ଏକ ଜୀବନ୍ତ ଇତିହାସ; ସାନ ମା ପରି ନାରୀମାନଙ୍କୁ -ଯେଉଁମାନେ ଅଜାଠାରୁ ଆରମ୍ଭ କରି ନାତି ପର୍ଯ୍ୟନ୍ତ ସମଗ୍ର ଗ୍ରାମର ମାଆ ରୂପରେ ସୁପରିଚିତା ।

ମାତ୍ର ଡ଼ଃ. ମାନସିଂହ ଲକ୍ଷ୍ୟ କରିଛନ୍ତି ଏହି ଗ୍ରାମ୍ୟଭିତ୍ତିକ ଭାରତବର୍ଷ କ୍ରମଶଃ ଭୁଷୁଡ଼ି ପଡୁଛି । ଗ୍ରାମରେ ସହରର ଆବହାୱା ପ୍ରବେଶ କରି ଗ୍ରାମକୁ କଳୁଷିତ, ପଙ୍କିଳ ଏବଂ ବିକାରଗ୍ରସ୍ତ କରିଦେଇଛି । ଏତଦ୍‌ବ୍ୟତୀତ ସ୍ୱାଧୀନତା ପୂର୍ବରୁ ଜମିଦାରମାନେ ଦରିଦ୍ର ନିରନ୍ନ ପ୍ରଜାମାନଙ୍କୁ ଯେଉଁଭାବରେ ଶୋଷଣ କରୁଥିଲେ ଔପନ୍ୟାସିକ ଲକ୍ଷ୍ୟକରିଛନ୍ତି, ସେହି ଜମିଦାର ଓ ପୁଞ୍ଜିପତିମାନଙ୍କର ସ୍ୱାଧୀନତା ପରେ ହୋଇଛି ନୂତନ ସଂସ୍କରଣ । ପଞ୍ଚବାର୍ଷିକ ଯୋଜନା ନାମରେ ଗ୍ରାମକୁ ଯେଉଁ ଅର୍ଥ ଆସିଛି ତାହାକୁ ନାନା ଉପାୟରେ ଏମାନେ ଗର୍ଭସାତ୍ କରିଛନ୍ତି । ଆଲୋଚ୍ୟ ଉପନ୍ୟାସରେ ଏହିପରି ଚରିତ୍ର ହେଉଛି ବିଜୟ କାନୁନ୍‌ଗୋ । ତା'ର ବଂଶ ପରମ୍ପରା ନଥିଲା । ବିଜୟ କାନୁନ୍‌ଗୋର ଗୋସେଇଁ ବାପ, ଶ୍ରୀକଣ୍ଠର ଗୋସେଇଁ ବାପର ଜମିଦାରୀ ଥିଲାବେଳେ ତାଙ୍କ ପିଣ୍ଡାରେ ବସି ଏକଦା ହିସାବ ରଖୁଥିଲା । ମାତ୍ର ପରେ ଇଂରେଜ ଶାସକ ଓ ସେହି ଶାସକ ଗୋଷ୍ଠୀର ଭାରତୀୟ ପ୍ରତିନିଧିମାନଙ୍କର ସେବାକାରୀ ହୋଇ ତାଙ୍କ ପଦଲେହନ ସହିତ ଖୋସାମତି କରି ସେ ଚାକିରି ପାଇଥିଲା । ସେହି ସୂତ୍ରରେ ଆଖପାଖର ସମ୍ପତ୍ତି ନିଜ ଅଧୀନକୁ ଆଣି ସେ ହୋଇଛି ଜମିଦାର । ଜମିଦାର ହୋଇ ଗ୍ରାମର ଦରିଦ୍ର ଜନସାଧାରଣଙ୍କୁ ସେ ଅର୍ଥ କରଜ ଦେଇ ବଦଳରେ ନଟିଆକୁ କିଣା ଚାକର ଭାବରେ ରଖିଥିଲା । ମାତ୍ର ଏହା ଭିତରେ ବହୁବର୍ଷ ବିତିଗଲା । କିନ୍ତୁ ନଟିଆର ପିତା ବିଜୟ କାନୁନ୍‌ଗୋ ହିସାବ ଅନୁଯାୟୀ କରଜ ସୁଝି ପାରିଲା ନାହିଁ । ନଟିଆର ବୟସ ବି ବୃଦ୍ଧି ପାଇଲା । ଯେତେବେଳେ ଜାଣିଲା ସେ ହେଉଛି ଜମିଦାର ବିଜୟ କାନୁନ୍‌ଗୋ ଘରେ ଜଣେ କିଣା ଚାକର , ଏହା ତାକୁ ଖୁବ୍ ଅସହ୍ୟ ହେଲା । ସେ ଦେଖିଲା ତା'ର ବାପା ମାଆ ଆସ୍ତେ ଆସ୍ତେ ବୁଢ଼ା ହୋଇ ଯାଉଛନ୍ତି । ଘରକଥା ବୁଝିବାକୁ ତାଙ୍କର ଆଉ ଦ୍ୱିତୀୟ ଲୋକ ନାହିଁ । ସେ ଜମିଦାର ଘରେ କଂସା ଲୋଟା କି ଥାଳି ପରି ବନ୍ଧା ପଡ଼ିଛି । ଆଉ କେତେକାଳ ସେ ସହିପାରିବ ଏ ଦାରୁଣ ଅବସ୍ଥା ! ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ନାଗରିକ ଭାବରେ ତାକୁ ଏହା ଖୁବ୍ ବାଧିଲା । ତାପରେ ସେ ବିଜୟ କାନୁନ୍‌ଗୋ ଘରୁ ଲୁଚି

Digitized by srujanika@gmail.com

ନାଲିଆସି ପ୍ରଭୁପାଦ ରହୁଥିବା ମେସ୍‌ରେ ନଅଟଙ୍କା ଦରମାରେ ବର୍ଷେକାଳ ରହିଲା ଏବଂ ପ୍ରଭୁପାଦକୁ ନିଜର ଦୁଃଖ ଜଣାଇଲା ।

ଏହା ଫଳରେ ବିଜୟ କାନୁନ୍‌ଗୋ ପ୍ରତିଶୋଧ ପରାୟଣ ହୋଇ ନଟିଆ ଓ ତା'ର ବାପା ନାମରେ ମୋକଦ୍ଦମା କଲା । ଚାକର ନଟିଆ ସପକ୍ଷରେ ନ୍ୟାୟ ପାଇଁ ପ୍ରଭୁପାଦ ଓ ଗୁରୁଦେବ ବିଜୟ କାନୁନ୍‌ଗୋ ନିକଟକୁ ଗଲେ ମଧ ଅର୍ଥଗୃଧ୍ନୁ ବିଜୟ କାନୁନ୍‌ଗୋର ଅହଂକାରୀ ମନୋଭାବ ନିକଟରେ ତାଙ୍କର ସବୁ ଉଦ୍ୟମ ବ୍ୟର୍ଥ ହେଲା । ଏମାନଙ୍କର ପ୍ରତିବାଦ ଯୋଗୁ ବିଜୟ କାନୁନ୍‌ଗୋ କ୍ରୋଧାନ୍ୱିତ ହୋଇ ତା ନିକଟରେ ଥୁଆ ଯାଇଥିବା ରୁଲ୍ ବାଡ଼ିରେ ପ୍ରଭୁପାଦର ନାକରେ ପ୍ରହାର କରି ତା'ର ନାକକୁ ଫଟେଇ ଦେଲା । ପୁଣି ତା ନିକଟକୁ ନ୍ୟାୟ ପାଇଁ ଆସିଥିବା ବହୁ ଦରିଦ୍ର ନିର୍ଦ୍ଧନ ବ୍ୟକ୍ତିଙ୍କୁ ସେ କହିଛି -''ବ୍ରିଟିଶ ଅମଳରେ ଆମେ ଯେମିତି ତମୁକୁ ଶାସନ କରୁଥିଲୁ, କଂଗ୍ରେସ ଆସିଲେ ବି ସେଇମିତି ଶାସନ କରିବୁ ।''(୧୧)

ଔପନ୍ୟାସିକଙ୍କ ଦୃଷ୍ଟିରେ ବିଜୟ କାନୁନ୍‌ଗୋ ହେଉଛି ଫକୀରମୋହନଙ୍କ 'ଛ' ମାଣ ଆଠଗୁଣ୍ଠ'ର ରାମଚନ୍ଦ୍ର ମଙ୍ଗରାଜ ବା ଗୋପୀନାଥ ମହାନ୍ତିଙ୍କ 'ପରଜା'ର ରାମଚନ୍ଦ୍ର ସାହୁକାରର ସ୍ୱାଧୀନୋତ୍ତର ସଂସ୍କରଣ । ତେଣୁ ତା'ର ଏହି ଜମିଦାରୀ ଔଦ୍ଧତ୍ୟକୁ ସହ୍ୟ କରିପାରିନାହାନ୍ତି ଉଦୟନ ବା ତା'ର ପିତାମାତା । ବିଜୟ କାନୁନ୍‌ଗୋର ସଂକୀର୍ଣ୍ଣ ମନୋଭାବ ତାକୁ ଅନ୍ୟ ନିକଟରେ ଘୃଣିତ କରି ଦେଇଛି । ସେ ଉଦୟନର ଘରକୁ ଆସି ଶ୍ରୀକଣ୍ଠର ହସ୍ତାଙ୍କିତ ମଲ୍ଲିକାର ଛବି ଦେଖି ତାକୁ ସନ୍ଦେହ କରିଛି । ଛବିଟି ଆଣି ତଳେ ପଦଦଳିତ କରି ଛିଣ୍ଡାଇ ଦେଇଚି ଓ ମଲ୍ଲିକାକୁ ଅପମାନିତ କରି ଏଣୁ ତେଣୁ କହିଛି । ଏହା କଳାପ୍ରେମୀ ଉଦୟନକୁ ଖୁବ୍ ବାଧିଛି । ସେ ବିଜୟ କାନୁନ୍‌ଗୋର ଏପରି ହୀନ କାର୍ଯ୍ୟରେ ବାଧାଦେଇ କହିଲା ''ସଂଯତ କରି କଥା କୁହ'' । ଆମେ ଦରିଦ୍ର ହେଲେ ହେଁ ଆମର ଇଜ୍ଜତ ତମ ଅପେକ୍ଷା କମ୍ ନୁହେଁ । ମୋ ଭଉଣୀକି ଅପମାନ କରି ଆଉ ପଦେ କହିଛ ତ ଏ ଘରୁ ତଣ୍ଟିଆ ଦେଇ ବାହାର କରିଦେବି ।''(୧୨) ଫଳତଃ ଏକଦା ଶୋଷକ ଜମିଦାର ବିଜୟ କାନୁନ୍‌ଗୋକୁ ବିବାହ କରିବାର ସ୍ୱପ୍ନ ଦେଖିଥିବା ମଲ୍ଲିକାର ହେଲା ସ୍ୱପ୍ନ ଭଙ୍ଗ । ସେ ବାସ୍ତବ ଦୁନିଆ ଦାଣ୍ଡକୁ ଓହ୍ଲାଇ ଆସି ପ୍ରକୃତ ମନୁଷ୍ୟକୁ ଓ ତା'ର ମାନବିକତାକୁ ଚିହ୍ନିଲା ଏବଂ ବିବାହ ନକରି ମାଟ୍ରିକ୍ ପାଶ୍ କରିବା ପରେ ଟିଚର୍‌ସ ଟ୍ରେନିଂ ନେବାପାଇଁ ସ୍ଥିର କଲା । ଏହାରି ଭିତରେ ହେଲା ଉପନ୍ୟାସର ପରିସମାପ୍ତି ।

ଆଲୋଚ୍ୟ ଉପନ୍ୟାସ ଡ଼ଃ. ମାନସିଂହଙ୍କର ରଚିତ ଏକମାତ୍ର ଉପନ୍ୟାସ । ଏହାର କଥାବସ୍ତୁରେ ନୂତନତା ନଥିଲେ ମଧ ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ସହର ଓ ଗ୍ରାମ ମଧ୍ୟରେ ମାନବର ବଂଚିବାର ମୋହକୁ ନେଇ ଯେଉଁ ଦ୍ୱନ୍ଦ୍ୱ ଓ ଚିତ୍ତ ସଂଘର୍ଷ ଦେଖାଦେଇଛି

୧୧- ତତ୍ରୈବ, ପୃ - ୧୫୬
୧୨- ତତ୍ରୈବ, ପୃ - ୧୬୩

Digitized by srujanika@gmail.com

ଏବଂ ସ୍ୱାଧୀନତା ପରବର୍ତ୍ତୀ ଯୁବ ସଂପ୍ରଦାୟ ନିଜ ଦେଶର ଐତିହ୍ୟ, ପରମ୍ପରା ତଥା ସଂସ୍କୃତିକୁ ଯେପରି ଅନ୍ଧ ଭାବରେ ଗ୍ରହଣ କରି ନେଇଛି, ତାହାର ସଫଳ ବାଣୀରୂପ ହେଉଛି 'ଅନ୍ୱେଷଣ'। ଏଥିରେ ରହିଛି ଗାନ୍ଧୀ ସ୍ୱପ୍ନ ଓ ଗାନ୍ଧୀ ଦର୍ଶନ। ୧୯୪୮ ମସିହାରେ ମହାତ୍ମାଗାନ୍ଧୀଙ୍କ ମୃତ୍ୟୁ ପରେ ପରେ ତାଙ୍କ ଚିନ୍ତା ଓ ଚେତନା ଆକସ୍ମିକ ଭାବେ ଆମ ଦେଶରୁ ଅପସରି ଯାଇଛି। ରାମରାଜ୍ୟ ପାଇଁ ସ୍ଲୋଗାନ୍ ଦେଉଥିବା ମହାତ୍ମାଗାନ୍ଧୀଙ୍କ କର୍ମୀମାନେ ରାତାରାତି କ୍ଷମତା ଲାଳସାରେ ସଂଗ୍ରାମ ଆରମ୍ଭ କରିଛନ୍ତି। ସରକାରୀ ଚାକିରି କରି ସର୍ବସାଧାରଣ ଧନକୁ ନିଜ ଅଧୀନକୁ ଆଣିଛନ୍ତି, କଂଗ୍ରେସ୍ କର୍ମୀ ହୋଇ ଦେଶ ଗୋଟାକ କିଣି ନେବାପାଇଁ ପ୍ରୟାସ କରିଛନ୍ତି। ଏହି ଗୋଷ୍ଠୀର ପ୍ରତିନିଧି ହେଉଛି ବିଜୟ କାନୁନ୍‌ଗୋ। ଅନ୍ୟ ପକ୍ଷରେ ଆମ ଦେଶର କ୍ରମବିଲୟ କଳା ଓ ସଂସ୍କୃତିକୁ ବଂଚାଇବା ପାଇଁ ଚେଷ୍ଟା କରିଛି ଶ୍ରୀକଣ୍ଠ। ଦାରିଦ୍ର୍ୟ ମଧ୍ୟରେ ବଚିଂଥିଲେ ମଧ୍ୟ ତା'ର ଭିତରେ ସେ ସ୍ୱାଭିମାନ ପାଇଁ ସଂଗ୍ରାମ କରିଛି, ସହରରୁ ଗ୍ରାମକୁ ଫେରି ଯାଇଛି, ଗ୍ରାମ୍ୟ ତରୁଣୀ ସାବିତ୍ରୀକୁ ବିବାହ କରି ସହରରୁ ଫେରିଯାଇ ଗ୍ରାମରେ ରହିଛି। ପୁଣି ଗାନ୍ଧୀଙ୍କର ସ୍ୱପ୍ନର ଭାରତବର୍ଷ ଗଠନର ସ୍ୱପ୍ନ ଦେଖିଛି। ସୁତରାଂ ତତ୍‌କାଳୀନ ଏକ ପାରମ୍ପରିକ କଥାବସ୍ତୁରେ ଔପନ୍ୟାସିକ ମାନସିଂହ ଶ୍ରୀକଣ୍ଠ ଚରିତ୍ର ମଧ୍ୟରେ ଗ୍ରାମକୁ ଫେରି ଯିବାର ଏକ ନୂଆ ଚେତନା ସୃଷ୍ଟି କରିଛନ୍ତି। ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଗୋପୀନାଥ ମହାନ୍ତିଙ୍କ 'ମାଟିମଟାଳ' ଉପନ୍ୟାସରେ ପରିପୂର୍ଣ୍ଣ ରୂପ ଲାଭ କରିଛି।

'ଅନ୍ୱେଷଣ' ଏକ ଉପନ୍ୟାସ ହେଲେ ହେଁ ଏଥିରେ ଡ଼ଃ. ମାନସିଂହ ତାଙ୍କର କାବ୍ୟିକ ଶୈଳୀ ପରିବେଷଣ କରି ଉପନ୍ୟାସକୁ ସୁଖପାଠ୍ୟ କରିଛନ୍ତି। ଉପନ୍ୟାସର କେତେକ ସ୍ଥଳରେ କବିତାର ମନ୍ଦାକିନୀ ଧାରା ପ୍ରବାହିତ ହୋଇଛି। ମଲ୍ଲିକା ଧବଳେଶ୍ୱରକୁ ନିଜର ଜନ୍ମୋତ୍ସବ ପାଳନ କରିବାକୁ ଯିବା ଅବସରରେ ତା'ର ସାଥୀ ଶ୍ୟାମା ଏକ ପତ୍ରିକାରେ ପ୍ରକାଶିତ କବିତା ଆବୃତ୍ତି କରିଛି। ପୁଣି ପ୍ରଭୁପାଦ ଗାନ କରିଥିବା ଗୀତଟି ସେଠାରେ ସମସ୍ତଙ୍କ ମନରେ ହର୍ଷୋତ୍‌ଫୁଲ୍ଲ ଭାବ ସୃଷ୍ଟି କରିଛି। ଏତଦ୍‌ବ୍ୟତୀତ ନନ୍ଦିଗାଁରେ ଜଗନ୍ନାଥ ଦାସଙ୍କ ଭାଗବତଠାରୁ ଆରମ୍ଭ କରି କବିସୂର୍ଯ୍ୟ ବଳଦେବ ରଥଙ୍କର ଚମ୍ପୂ, ଉପେନ୍ଦ୍ର ଭଂଜଙ୍କର ପ୍ରେମ ସୁଧାନିଧି ଜନସାଧାରଣଙ୍କମଧ୍ୟରେ ଆଲୋଚିତ ହୋଇଛି। ଏସବୁ ଆଲୋଚନା ମଧ୍ୟରେ ଔପନ୍ୟାସିକ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବାର ଚେଷ୍ଟା କରିଛନ୍ତି ତଥା ଉପନ୍ୟାସ ମଧ୍ୟରେ ବି ନିଜ କାବ୍ୟପ୍ରୀତିର ପରିଚୟ ଦେଇଛନ୍ତି।

ଡ଼ଃ. ମାନସିଂହ ଥିଲେ ପ୍ରେମ ଓ ପ୍ରଣୟର ଉପାସକ। ପୁଣି ପଲ୍ଲୀ ପ୍ରକୃତି ଥିଲା ତାଙ୍କର ସାହିତ୍ୟ ସୃଷ୍ଟିର ପ୍ରେରଣା ପ୍ରଦାୟକ। ତେଣୁ 'ଅନ୍ୱେଷଣ' ଉପନ୍ୟାସର ପ୍ରତ୍ୟେକ ସ୍ତରରେ ସେ ସହରଠାରୁ ଦୂରେଇ ଯାଇଛନ୍ତି। ତାଙ୍କ ଦୃଷ୍ଟିରେ -''ସହରର ଆବର୍ଜନାକୁ ଲୁଚେଇ ଘୋଡ଼େଇ ସହ୍ୟ କରେଇ ନେବାର ଯେଉଁ ଚିରାଚରିତ ବ୍ୟବସ୍ଥା ଏଠି ତ ତା' ନାହିଁ। ଏଠି

Digitized by srujanika@gmail.com

ଶୌଚାଦି କର୍ମ, ଗାଁର ଅନ୍ୟ ସମସ୍ତଙ୍କ ପରି, ସେ ମଧ୍ୟ ଗାଁର ଖୋଲା ପରିବେଶ ଭିତରେ କରିଥାଏ । ସେ ବୁଝୁଛି ଏହା ଅସ୍ୱାସ୍ଥ୍ୟକର, କିନ୍ତୁ ଗୋଟିଏ ସମଗ୍ର ମନୁଷ୍ୟ ଗୋଷ୍ଠୀକୁ ମନୁଷ୍ୟ ମଇଳା ପୋଛି ଓ ବୋହି ଜୀବିକାର୍ଜନ କରାଇବାରେ ନାରକୀୟ ଜଘନ୍ୟ ଅମାନୁଷିକତା ଅପେକ୍ଷା, ପଲ୍ଲୀରେ ମେଲାରେ ମଳତ୍ୟାଗ କଅଣ ଗୋଟାଏ ଅତିବଡ଼ ସାମାଜିକ ବା ମାନବିକ ଅପରାଧ ?'' (୧୩) ତେଣୁ ସହରର ଅଳିଆ ଅବର୍ଜନାକୁ ଘୃଣାକରି ନୈସର୍ଗିକ ପଲ୍ଲୀ ପ୍ରକୃତି ସହିତ ସୁସଂପର୍କ ସ୍ଥାପନ କରିବାକୁ ଏହି ଉପନ୍ୟାସ ମଧ୍ୟରେ ଔପନ୍ୟାସିକ ପ୍ରଚେଷ୍ଟା କରିଛନ୍ତି । ଔପନ୍ୟାସିକଙ୍କ ଦୃଷ୍ଟିରେ ଦୃଷ୍ଟି ମିଳାଇ ଶ୍ରୀକଣ୍ଠ ପ୍ରକୃତିର ଶ୍ୟାମଳ ଗୌର ସୁଷମା ଓ ତା'ର ମୁକ୍ତ ଉଦାର ପ୍ରକାଶ ଦେଖି ବିଶେଷ ମୁଗ୍ଧ ହୋଇଛି । ଗ୍ରାମରେ ଫୁଟୁଥିବା ରଙ୍ଗଣୀ, ପିତାକୋରୁଆଁ, ଦାସକେରେଣ୍ଡା ପ୍ରଭୃତି ଅପରିଚିତ ଫୁଲର ବାସ୍ନାରେ ସ୍ରଷ୍ଟା ବିମୋହିତ ହୋଇ ପଡ଼ିଛନ୍ତି । ପୁଣି ପଲ୍ଲୀ ପ୍ରକୃତି ସହିତ ପଲ୍ଲୀ ନାରୀର ସୌନ୍ଦର୍ଯ୍ୟ ତାଙ୍କୁ ମନ୍ତ୍ରମୁଗ୍ଧ କରିଛି । ଉପନ୍ୟାସର ସାବିତ୍ରୀ ତାଙ୍କ ଦୃଷ୍ଟିରେ ହେଉଛି ''ପଲ୍ଲୀର ପ୍ରସ୍ଫୁଟିତ ପୁଷ୍ପ ସାବିତ୍ରୀ ! ହେଳାୟିତ ତା'ର ବାସ । ସେହି ବସ୍ତ୍ରର ଆବରଣକୁ ହେଳାରେ ଠେଲି ଦେଇ ତା'ର ଭରା ଯୌବନ ସହସ୍ର ବିନ୍ଦୁରେ ନିଃସ୍ୟନ୍ଦିତ ହୋଇ ପଡୁଛି । ଅଯତ୍ନଶିଥିଳ ତା'ର ପ୍ରଚୁର କେଶଗୁଚ୍ଛ । ମୁଖରେ ଘର୍ମ ମୋତିର ସୁନ୍ଦର ଆସ୍ତରଣ । ହାତରେ ତା'ର ଗୋଟିଏ ସଦ୍ୟ-ଛିନ୍ନ ପ୍ରସ୍ଫୁଟିତ କିଆ ଫୁଲ । ''(୧୪)

ଉପନ୍ୟାସକୁ ପାଠକଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରାଇବା ପାଇଁ ଔପନ୍ୟାସିକ ଡ଼ଃ. ମାନସିଂହ ଉପନ୍ୟାସର ପ୍ରାୟ ପ୍ରତ୍ୟେକ ଅଧ୍ୟାୟରେ ଶୁଦ୍ଧ କଥିତ ଭାଷାର ପ୍ରୟୋଗ କରିଛନ୍ତି । ଅନେକ ସମୟରେ ସାଧାରଣ ଗ୍ରାମ୍ୟ ମାନବ ମୁଖର ଭାଷା ହୋଇଛି ତାଙ୍କ ଉପନ୍ୟାସର ଭାଷା । ତାଙ୍କର ଜନ୍ମ ପୁରୀଜିଲ୍ଲାର ଚିଲିକା ନିକଟରେ । ସେହି ଅଞ୍ଚଳର ଜନସାଧାରଣଙ୍କ ମୁଖର ଭାଷାକୁ ସେ ଆଦୌ ଅସ୍ୱୀକାର କରିପାରିନାହାନ୍ତି ବା ଏଡ଼ାଇ ଦେଇପାରିନାହାନ୍ତି । ତେଣୁ ଉପନ୍ୟାସର ବିଭିନ୍ନ ଚରିତ୍ର ମୁଖରେ ସଂଳାପ ଦେବା କାଳରେ ସେ ସ୍ୱାଭାବିକ ଭାବରେ ସେହି ଭାଷାକୁ ହିଁ ଗ୍ରହଣ କରିଛନ୍ତି । ଯଥା-''କିନ୍ତୁ ଇ'ଭିତରେ ଛୋଟୀ ତାର ମାଜୁଥିବା ବାସନରୁ ମୁଣ୍ଡଟେକି ତା'ର ବାକ୍ୟ ବର୍ଷଣ ଭିତରେ ହିଁ ପ୍ରଭୁପାଦକୁ ଦେଖି ସାରିଲାଣି । ସେ ହଠାତ୍ ରୂପ ପରିବର୍ତ୍ତନ କରିନେଲା । ଦୁର୍ମୁଖୀ ନାରୀ ହେଲା ଈଷଦ୍ଧାସ୍ୟମୟୀ, ଆଗ୍ରହିଣୀ, ମମତାମୟୀ । ସେ ଡ଼ାକଦେଲା '' ଏ ନାତି,ଏ ବାପା,ପରଭୁ, କେବେ ଆଇଚୁରେ ବାପା । କ'ଣ ଦବାକୁ ପଡ଼ିବ ବୋଲି ନୁଚି ନୁଚି ଚାଲି ଯାଉଛୁକିଆ !'' (୧୫)

୧୩- ତତ୍ରୈବ, ପୃ - ୯୦
୧୪- ତତ୍ରୈବ, ପୃ - ୧୧୨
୧୫- ତତ୍ରୈବ, ପୃ - ୯୩

Digitized by srujanika@gmail.com

ଓଡ଼ିଆ ଉପନ୍ୟାସ ସାହିତ୍ୟ କ୍ଷେତ୍ରରେ ନୂତନ ହେଲେ ମଧ୍ୟ ଡ଼ଃ. ମାନସିଂହଙ୍କ ଉପନ୍ୟାସ ବର୍ଣ୍ଣିତ ଚରିତ୍ରମାନଙ୍କ ମଧ୍ୟରେ ସେ ସ୍ୱାଭାବିକତା ଓ ବାସ୍ତବତା ରକ୍ଷା କରିଛନ୍ତି । କାରଣ ଶ୍ରୀକଣ୍ଠ ପରି ବାସ୍ତୁହରା ଗ୍ରାମ୍ୟଚରିତ୍ର ନିଜ ବଂଚିବା ନିମିତ୍ତ ଜୀବନ ଆରମ୍ଭରୁ ସଂଗ୍ରାମ କରିଛି । ନିଜ ସଂସ୍କୃତିକୁ ବଂଚାଇବାକୁ ଯାଇ ପ୍ରାଚୀନ ଭାରତୀୟ କଳା ଓ ଭାସ୍କର୍ଯ୍ୟକୁ ନିଜର ରଙ୍ଗ ଓ ତୂଳୀରେ ତରଙ୍ଗାୟିତ କରି ତା'ର ବଂଚିବାର ମାର୍ଗ ପ୍ରସ୍ତୁତ କରିଛି । ଅର୍ଥଗୃଧ୍ନୁ ଶୋଷକ ଜମିଦାର ବିଜୟ କାନୁନ୍‌ଗୋର ନିମ୍ନବର୍ଗଙ୍କୁ ଶୋଷଣ କରିବାର ମୁଖା ଡ଼ଃ. ମାନସିଂହ ଖୋଲିଦେଇ ତା'ର ବାସ୍ତବ ସ୍ୱରୂପକୁ ପଦାରେ ପକାଇ ଦେଇଛନ୍ତି । ପୁଣି ବହୁ ଧନ ସମ୍ପଦର ଅଧିକାରୀ ହୋଇଥିଲେ ମଧ୍ୟ ସାବିତ୍ରୀର ପିତା କଳ୍ପତରୁ ସ୍ୱାଇଁଙ୍କର ଧନଲୋଭୀ ମନୋଭାବ ସମାଜର ଯତ୍ର ତତ୍ର ପରିଲକ୍ଷିତ ହୁଏ । ଏତଦ୍‌ବ୍ୟତୀତ ଯୌବନର ପାଦଦେଶରେ ଉପନୀତ ହୋଇଥିବା ସାବିତ୍ରୀ, ମଲ୍ଲିକା ପ୍ରଭୃତି ଚରିତ୍ରମାନେ ଡ଼ଃ. ମାନସିଂହଙ୍କ ବର୍ଣ୍ଣନାରେ ସ୍ୱାଭାବିକତା ରକ୍ଷା କରିଛନ୍ତି । ବିଶେଷକରି ନନ୍ଦିଗାଁର ଶ୍ରୀପତି ସାହୁ, ଯଦୁ ସାହୁ, ଯୋଗୀ ତରାଇ, ଭଗବତ ନାୟକ, ପ୍ରଭୁପାଦର ପିତା ଜଗମୋହନ ପ୍ରଭୃତିଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ବିକାଶ ଦିଗରେ ଔପନ୍ୟାସିକ ସଚେତନ ହୋଇଛନ୍ତି । ଫଳତଃ ଉପନ୍ୟାସ ବର୍ଣ୍ଣିତ ଚରିତ୍ରମାନେ ସ୍ୱାଭାବିକ ଭାବେ ଗତିଶୀଳ ହୋଇ ଉପନ୍ୟାସକୁ ଏକ ପୂର୍ଣ୍ଣାଙ୍ଗ ସଫଳ ଉପନ୍ୟାସରେ ପରିଣତ କରିଛନ୍ତି ।

ସୁତରାଂ ଆଲୋଚ୍ୟ ଉପନ୍ୟାସ ହେଉଛି ତତ୍‌କାଳୀନ ସମୟ ଓ ସମାଜର ଏକ ଯଥାର୍ଥ ବାଣୀରୂପ । ଏଥିରେ ବର୍ଣ୍ଣିତ ଶ୍ରୀକଣ୍ଠ ଚରିତ୍ର ମଧ୍ୟରେ ଗାନ୍ଧୀ ଦର୍ଶନ ଗ୍ରାମକୁ ଫେରିଯିବାର ଆଶାନ୍ୱିତ ଆହ୍ୱାନ ରହିଛି, ଜମିଦାରମାନଙ୍କର ଅନ୍ଧ ଶାସନ ଓ ଶୋଷଣ ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଇଛି ; ପୁଣି ଅଛି ପ୍ରକୃତ ମାନବିକତା ପ୍ରତି ଗଭୀର ଶ୍ରଦ୍ଧା ଓ ଆନ୍ତରିକ ମନୋଭାବ । ଗାନ୍ଧୀଙ୍କ ବିୟୋଗ ପରେ ପରେ ସମଗ୍ର ଭାରତବର୍ଷରୁ ଯେତେବେଳେ ଗାନ୍ଧିନୀତି ଓ ଆଦର୍ଶବୋଧ ଲୋପ ପାଇଯିବାକୁ ବସିଛି, ମନୁଷ୍ୟ ଆତ୍ମକୈନ୍ଦ୍ରିକ ହୋଇ ନିଜ ସ୍ୱାର୍ଥ ଭିତରେ ବୁଡ଼ିରହି ଭାରତୀୟ ରାଜନୀତିରେ ଅନ୍ଧ ହୋଇପଡ଼ି ଜନସାଧାରଣଙ୍କର ସମ୍ପତ୍ତି ନିଜସ୍ୱ କରିଛି ସେତିକିବେଳେ ମାନସିଂହଙ୍କ 'ଅନ୍ୱେଷଣ' ଉପନ୍ୟାସର ସୃଷ୍ଟି । ଏହି ଉପନ୍ୟାସ ମଧ୍ୟରେ ରହିଛି ଆମ ଭାରତୀୟ ସଂସ୍କୃତି ଓ ସଭ୍ୟତା ପ୍ରତି ସ୍ୱତନ୍ତ୍ର ଶ୍ରଦ୍ଧା, ନିଃସ୍ୱାର୍ଥପର ମାନବମଧ୍ୟରେ ଅମୃତର ଅନ୍ୱେଷଣ ତଥା ବଂଚିବାର ଆଗ୍ରହ ଭାବ । ତେଣୁ ଏହି ଉପନ୍ୟାସଟି ହୋଇଛି ସମକାଳୀନ ମାନବ ଓ ସମାଜ ଜୀବନର ଯଥାର୍ଥ ପ୍ରତିଲିପି ।

●

Digitized by srujanika@gmail.com

କବି ମାୟାଧର ମାନସିଂହଙ୍କ କବିତାରେ ପ୍ରକୃତି

ଡକ୍ଟର ସଂଘମିତ୍ରା ମିଶ୍ର

କବି ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟ ଜଗତରେ ଏକ ଅନନ୍ୟ ପ୍ରତିଭା । କବିତ୍ୱର କୋମଳତା ସହିତ ସମାଲୋଚକର ସୂକ୍ଷ୍ମଧୀମତ୍ତା ସମଭାବରେ ତାଙ୍କର ସ୍ରଷ୍ଟାମାନସକୁ ପ୍ରଭାବିତ କରିଛି । ତାଙ୍କର ସାହିତ୍ୟସାଧନାର ସମୟ ୧୯୨୫ରୁ ୧୯୭୩ ପର୍ଯ୍ୟନ୍ତ ବିସ୍ତୃତ । ଧୂପ, ହେମଶସ୍ୟ, ହେମପୁଷ୍ପ, କୋଣାର୍କ, ମାଟିବାଣୀ, ଜୀବନଚିତା, ବାପୁତର୍ପଣ, କ୍ରୁଶ, ସିନ୍ଧୁ ଓ ବିନ୍ଦୁ, ସ୍ୱରାଜ୍ୟାଶ୍ରମ, ଅକ୍ଷତ, ଗୀତରେଣୁ, ସେଦିନର କବିତା ପ୍ରଭୃତି ତାଙ୍କର ସୃଷ୍ଟି । ଏତଦ୍‌ବ୍ୟତୀତ ଉପେକ୍ଷିତା, ନିକ୍ୱଣ, ସାଧବଝିଅ, ଶୁଭଦୃଷ୍ଟି, ଜେମା ଓ କମଳାୟନ ତାଙ୍କ ରଚିତ କାବ୍ୟସମୂହ । ନଷ୍ଟନୀଡ଼, ବାରବାଟୀ ଓ ବୁଦ୍ଧ ନାମକ ତିନୋଟି ନାଟକ ଓ ରାଜକବିଉପେନ୍ଦ୍ର, ପୁଷ୍ପିତା, ପୂଜାରିଣୀ, ବୁଦ୍ଧ, ଶାସନଚକ୍ର ଓ ଦୁର୍ଭିକ୍ଷ ହେଉଛି ତାଙ୍କ ରଚିତ କାବ୍ୟନାଟିକା । ତାଙ୍କର ଭ୍ରମଣକାହାଣୀ 'ପଶ୍ଚିମ ପଥିକ' ଓଡ଼ିଆ ଭ୍ରମଣ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଉଲ୍ଲେଖ ଦାବୀକରେ, ମାଟିର ମହାକବି ସାରଳାଦାସ, ସରସ୍ୱତୀ ଫକୀରମୋହନ, ଓଡ଼ିଆ ସମାଜ ଓ ସାହିତ୍ୟ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ, ଶିକ୍ଷାବିତ୍‌ର ଗାଥା, ଜୀବନପଥ ଭଳି ଗଦ୍ୟସୃଷ୍ଟିରେ ଆମେ ଜଣେ ସ୍ଥିତଧୀ ଚିନ୍ତାଶୀଳ ସ୍ରଷ୍ଟାଙ୍କୁ ଭେଟି ମୁଗ୍‌ଧ ହେଉ । ଓଡ଼ିଆ ସାହିତ୍ୟର ଇତିହାସକୁ ଇଂରାଜୀଭାଷାରେ ରଚନା କରି ସେ ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଅତୀତ ଗୌରବଗାଥା ଉପସ୍ଥାପନ କରିପାରିଛନ୍ତି । ସେକ୍‌ସପିୟର ଓ କାଳିଦାସଙ୍କ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ ତାଙ୍କର ସାହିତ୍ୟ ଅନ୍ୱେଷାର ପରିଚାୟକ ।

ପ୍ରକୃତି ସହିତ କବିର ସଂପର୍କ କେଉଁ ଅନାଦି କାଳରୁ ସୃଷ୍ଟିହୋଇଛି ତାର ଇତିହାସ ନାହିଁ ମାତ୍ର ସ୍ରଷ୍ଟାଙ୍କର କାବ୍ୟ ହେଉଛି ସମଗ୍ର ପ୍ରକୃତି ଓ କବିର ଜଗତ ହେଉଛି ଅନ୍ୟ ଏକ ଭିନ୍ନଜଗତ । ଯେଉଁଠି କବି ଦ୍ୱିତୀୟ ଈଶ୍ୱରର ମର୍ଯ୍ୟାଦାରେ ଜାଜ୍ୱଲ୍ୟମାନ ।

> "ଅପାରେ କାବ୍ୟ ସଂସାରେ କବିରେବ ପ୍ରଜାପତି
> ଯଥାଽସ୍ମୈ ରୋଚତେ ବିଶ୍ୱ ତଥୈବ ପରିବର୍ତ୍ତତେ"

ପ୍ରକୃତିର ଦୃଶ୍ୟମାନ ସୌନ୍ଦର୍ଯ୍ୟ ମଧ୍ୟରେ ସ୍ରଷ୍ଟାର ଚିତ୍ତ ସମନ୍ୱିତ ହୋଇ ତାହାକୁ ଏକ ଅନିର୍ବଚନୀୟ କଳାସୃଷ୍ଟିରେ ରୂପାନ୍ତରିତ କରେ । ମନୁଷ୍ୟର ଅଶ୍ରୁ, ବିଷାଦ, ନୈରାଶ୍ୟ, ପ୍ରେମ, ପ୍ରଣୟ, ଈର୍ଷା, ବିରହ, ଆଶା, ରୋମାଞ୍ଚ, ସହିଷ୍ଣୁତା, ପବିତ୍ରତା ଭଳି ସକଳ ମାନବୀୟ ଗୁଣ ପ୍ରକୃତି ଦ୍ୱାରା ହିଁ ପରିପୁଷ୍ଟ ହୁଏ ଓ ତାହା ମାଧ୍ୟମରେ ଉପଲବ୍ଧ ହୁଏ । ପ୍ରକୃତି ମଧ୍ୟରେ ଏହି ଗୁଣମାନଙ୍କର ଉପଲବ୍ଧି କରିବା ରୋମାଣ୍ଟିକ ଯୁଗର ଅନ୍ୟତମ ପ୍ରେରଣା ସ୍ରୋତ ବୋଲି କହିବା ହିଁ ଯୁକ୍ତି ସଂଗତ ମନେହୁଏ ।

Digitized by srujanika@gmail.com

ଏହି ରୋମାଣ୍ଟିକ ଯୁଗ ଇଂଲଣ୍ଡରେ ସେଲି, କୀଟସ୍, ବାଇରନ ଓ ୱାର୍ଡ଼ସ୍‌ୱାର୍ଥଙ୍କ ସମୟରେ ଆରମ୍ଭ ହୋଇଥିଲା । ବ୍ୟକ୍ତିଗତ ପ୍ରେମ କବିତାକୁ କଳାତ୍ମକ ଭାବରେ ସାର୍ବଜନୀନ କରି ପ୍ରକାଶ କରିବା ତଥା ଅତୀତ ଗୌରବ ସ୍ମରଣରେ ବିଷାଦବୋଧର ଉଜ୍ଜୀବନ କରିବା ରୋମାଣ୍ଟିକ୍ ସାହିତ୍ୟର ପୁଣ୍ୟପ୍ରବୃତ୍ତି । ଏଥି ସହିତ ପ୍ରକୃତିପ୍ରୀତି, ଅତୀତପ୍ରୀତି, ପଲ୍ଲୀପ୍ରୀତି, ବିଷାଦବୋଧ, ସାଧାରଣ ଜନତା ପ୍ରତି ସହାନୁଭୂତି, ଦେଶପ୍ରୀତି, ବିଭୁପ୍ରୀତି ପ୍ରଭୃତି ରୋମାଣ୍ଟିକ କବିତାର ମୁଖ୍ୟ ଉପାଦାନ । ଡ଼ଃ. ପ୍ରତିଭା ଶତପଥୀଙ୍କ ଭାଷାରେ ''ଆଧୁନିକ କଳାକୃତିରେ ଉପସ୍ଥିତ ସୌନ୍ଦର୍ଯ୍ୟ ଦର୍ଶନରେ ସ୍ପନ୍ଦନ, ଆନ୍ତରିକତା, ଅସୀମ ପ୍ରତି ଆକୁଳତା ଆଦି ଭାବଗୁଡ଼ିକୁ ରୋମାଣ୍ଟିକ ଭାବଚେତନା କୁହାଯାଇଛି । (କଳ୍ପନାରଅଭିଷେକ -ପୃ-୧୨-୧୩)

ତେଣୁ ରୋମାଣ୍ଟିକ୍ ଭାବଚେତନା ମଧ୍ୟରେ ପ୍ରକୃତିପ୍ରୀତି ଅନ୍ୟତମ ଉଲ୍ଲେଖ ଯୋଗ୍ୟ ବୈଶିଷ୍ଟ୍ୟ । ମାନସିଂହଙ୍କ କବିତାରେ ପ୍ରକୃତି ଯେଉଁ ଭଳି ପ୍ରତିବିମ୍ବିତ ତହିଁରେ ରବୀନ୍ଦ୍ରନାଥଙ୍କ ଇନ୍ଦ୍ରିୟୋତ୍ତର ଚେତନା ସହିତ ରାଧାନାଥୀ ପ୍ରକୃତିର ଅତୀତ ଉଦ୍‌ବୋଧନ, ମଧୁସୂଦନଙ୍କ ପ୍ରକୃତିର ବିଭୁବୋଧ ଓ ନନ୍ଦକିଶୋରଙ୍କ ପ୍ରକୃତିର ସାରଲ୍ୟ ଏକୀଭୂତ ହୋଇଯାଇଛି । କେବେ ପ୍ରକୃତିର ବିରାଟ କାନ୍‌ଭାସ ଉପରେ ସେ ଭାବପ୍ରବଣତା ଚିତ୍ର ଆଂକିଛନ୍ତି ତ କେବେ ପ୍ରକୃତିକୁ ଉପଲକ୍ଷ୍ୟ କରି ମାନବଜୀବନର ଦ୍ୱିଧା ସଂଶୟ ଓ ସଂକୋଚକୁ ରୂପାୟିତ କରିଛନ୍ତି ।

ରୋମାଣ୍ଟିକ କବିମାନଙ୍କ ମଧ୍ୟରେ କଳ୍ପନାର ଯାଦୁକରୀ ଶକ୍ତି ରହିଛି । କବି ୱାଡ଼ସୱାର୍ଥ ପ୍ରକୃତିର ଆତ୍ମା ଅଛି ବୋଲି ଉପଲବ୍ଧି କରନ୍ତି । ବାଇରନ୍‌ଙ୍କ ମତରେ ପ୍ରକୃତି ମଧ୍ୟରେ ଅତୀତ ପରଂପରା ଉଜ୍ଜୀବିତ ହୋଇଉଠେ । କୋଲରିଜ୍ ଦୂରଚିନ୍ତାକୁ ଗୁରୁତ୍ୱ ଦିଅନ୍ତି ଓ ଅତୀନ୍ଦ୍ରିୟ ଚେତନା ପ୍ରତି ଉତ୍ସୁକତା ପ୍ରକାଶ କରନ୍ତି । ଓଡ଼ିଆ ସାହିତ୍ୟରେ ଏତାଦୃଶ ରଚନା ଯଥେଷ୍ଟ, ରାଧାନାଥ ରାୟଙ୍କ 'ଚିଲିକା'ରେ ଅତୀତ ଓଡ଼ିଶାର ସ୍ମୃତି ଚାରଣ ପାଇଁ ପରିବେଶ ନିର୍ମାଣ କରାଯାଇଛି । ଚିଲିକା କବିଙ୍କ ପାଇଁ ସଖୀତୁଲ୍ୟ ଆତ୍ମୀୟ ଓ ଅନେକ ଇତିହାସ ମୂକସାକ୍ଷୀ । 'ମହାଯାତ୍ରା', ଓ 'ଦରବାର'ରେ ମଧ୍ୟ ଜାତୀୟ ଜୀବନର ଉଦ୍‌ବୋଧନ ଚମତ୍କାର । ମଧୁସୂଦନ ରାଓ ଙ୍କର ଋଷିପ୍ରାଣେ, ଦେବାବତରଣ, ହିମାଚଳେ ଉଦୟ ଉତ୍ସବ, ଆଶା ପ୍ରଭୃତି କବିତାରେ ଅତୀନ୍ଦ୍ରିୟ ଭାବସତ୍ତା ଏଭଳି ରୂପାୟିତ ହୋଇଛି ଯେ ଯାହା ଆଜି ପର୍ଯ୍ୟନ୍ତ ଅନତିକ୍ରମ୍ୟ ସୃଷ୍ଟି ସଂପଦ ହୋଇ ରହିପାରିଛି । କୁନ୍ତଳାକୁମାରୀଙ୍କର ଶେଫାଳିପ୍ରତି ଭଳି କବିତାରେ ପ୍ରକୃତିକୁ ଅନ୍ତରଂଗତାରେ ବାନ୍ଧି ମାନବୀୟ ପ୍ରେମଚେତନା ସହିତ ଏକାକାର କରି ଦିଆଯାଇଛି ।

ଉଚ୍ଚକୋଟୀର କଳ୍ପନା ଓ ବ୍ୟକ୍ତିଗତ ଆବେଗାନୁଭୂତିର ସାର୍ବଜନୀନ ପ୍ରକାଶ ରୋମାଣ୍ଟିସିଜମ୍‌ର ମୂଳକଥା । 'ପ୍ରକୃତି' ରୋମାଣ୍ଟିକ କାବ୍ୟ ଚେତନାର ଅନ୍ୟତମ ବିଭାବ । ଏହି ପ୍ରକୃତି ପରିଦୃଶ୍ୟମାନ ନୁହେଁ ବରଂ ଅନୁଭବର ଆଲୋକରେ ଆଲୋକିତ ଏକ ସ୍ୱତନ୍ତ୍ର

Digitized by srujanika@gmail.com

ସତ୍ତା ଯିଏ ମନୁଷ୍ୟର ବଂଚିବାକୁ ଅର୍ଥମୟ କରେ । ତେଣୁ ପ୍ରକୃତି ପାଲଟିଯାଏ ଜାଗ୍ରତ ସତ୍ତାଟିଏ । ସେ ମନୁଷ୍ୟ ଦୁଃଖରେ କାନ୍ଦେ । ସୁଖରେ ଆନନ୍ଦିତ ହୁଏ । ତାର ଦୁର୍ଦ୍ଦିନରେ ବଂଧୁ ଭଳି ପାଖରେ ଠିଆ ହୁଏ । ଶିଶୁଭଳି ସେ ଅଝଟହୁଏ । ମାଆ ଭଳି ଆକଟ ମଧ କରେ । ପ୍ରକୃତିର ଶକ୍ତି ମନ୍ତ୍ରଶକ୍ତିଠାରୁ ଅଧିକ । ତେଣୁ ସେ ମନୁଷ୍ୟକୁ ଦୈନନ୍ଦିନ ଜୀବନଯାତ୍ରାର ମାଳିନ୍ୟ ମଧ୍ୟରୁ ଊର୍ଦ୍ଧ୍ୱକୁ ନେବାର ଶକ୍ତି ମଧ ରଖେ ।

କେଉଁଠି ପ୍ରକୃତି ଲାସ୍ୟମୟୀ ପ୍ରଣୟିନୀ ତ କେଉଁଠି ମନ୍ତ୍ରଦାତା ଗୁରୁ । ପ୍ରକୃତିର ଔଦାର୍ଯ୍ୟ ଦର୍ଶନରେ ମୁଗ୍ଧ କବି ପ୍ରକୃତିର ଗୁରୁତ୍ୱ ସ୍ୱୀକାର କରିଛନ୍ତି । ପୁଣି ପଲ୍ଲୀପ୍ରକୃତିକୁ ରୂପ ଦେବା ସମୟରେ ମାନବୀୟ ସମ୍ବେଦନଶୀଳତା ନେଇ ପଲ୍ଲୀଜୀବନର ଦୁର୍ଦ୍ଦଶାକୁ ହିଁ ମୁଖ୍ୟ ସ୍ଥାନ ଦେଇଛନ୍ତି । ତେଣୁ ମାନସିଂହଙ୍କ କବିତାରେ ପ୍ରକୃତି ଶୀର୍ଷକ ଆଲୋଚନାସମୟରେ ଆମେ ଏହି ଦିଗମାନଙ୍କ ପ୍ରତି କିଞ୍ଚିତ ଆଲୋକପାତ କରିବା ।

କେମନ୍ତେ ବର୍ଣ୍ଣିବି ମୋର ମୁଗ୍ଧ ଅନୁଭବ :-

ନିଜକୁ 'ଶିଳାଗୃହ ଅଂଧକାରବାସୀ' କହି ବିବ୍ରତ ହୋଇ ପଡୁଥିବା କବି ମହାନଦୀରେ ଜ୍ୟୋସ୍ନାବିହାର କାଳରେ ଅତୀତକୁ ସ୍ମରଣ କରି ଆନନ୍ଦରେ ଆତ୍ମହରା ହେଉଛନ୍ତି । ତାଙ୍କ ମାନସ ଚକ୍ଷୁରେ ଭାସିଯାଉଛି ଅତୀତ ଉତ୍କଳର ଛିନ୍ନପୃଷ୍ଠା । କାଳର ପ୍ରତିଲୋମ ଗତିରେ ସେ ଦେଖୁଛନ୍ତି ବାରବାଟୀର ଉନ୍ନତ ଇତିହାସ । ରାଜମହିଷୀ ବିଜୟୀପୁତ୍ରକୁ ବନ୍ଦାପନା କରୁଥିବା ଦେଖି ସେ ମୁଗ୍ଧ ହୋଇଛନ୍ତି । ସୁକୁମାରୀ ରାଜକୁମାରୀର ଅଲକ୍ତ ରଂଜିତ ପଦ ମହାନଦୀର ଘାଟକୁ ପୁଲକିତ କରୁଥିବା କଳ୍ପନାର ଚକ୍ଷୁରେ ଦେଖି, ପାଠକବର୍ଗଙ୍କୁ ମଧ ସେହି ଅନୁଭବ ପ୍ରଦାନ କରିପାରିଛନ୍ତି । ସେହିପରି କୋଣାର୍କ, ବାରବାଟୀ, ସାଧବଝିଅ' ଉଭିଷଉତ୍କଳ,ବୋଇତ ବନ୍ଦାଣ, ମାଟିବାଣୀ ଭଳି କବିତାରେ ସେ ଅତୀତ ପ୍ରତି ଯେଉଁ ଦୃଷ୍ଟି ନିକ୍ଷେପ କରିଛନ୍ତି ତାହା ତାଙ୍କ କବିତାକୁ ଦେଶପ୍ରେମରେ ଉଜ୍ଜ୍ୱଳ କରିପାରିଛି ।

''ଯାଇଛି ବିଶାଳ ରାଜ୍ୟ, ମାନ ସ୍ୱାଧୀନତା, ରାଜନ୍ୟ ସମ୍ମାନ
ବୁଦ୍‌ବୁଦ ସମାନ
ସର୍ବଗ୍ରାସୀ ମହାକାଳ -ଲହରୀରେ ଭାସି, ତୁମରି ସ୍ମୃତିଟି ମାତ୍ର
ଏଜାତିର ଅନ୍ତରେ ଅନ୍ତରେ
ଏ ଦେଶର କୋଟିଏ କଣ୍ଠରେ
ରାହୁମୁକ୍ତ ଶଶିସମ କାଳଗର୍ଭୁ ଉଠଇ ପ୍ରକାଶି

(ବାରବାଟୀ-ମାନସିଂହଗ୍ରନ୍ଥାବଳୀ-୧ମ ଖଣ୍ଡ-ପୃ-୨୩୭)

କୋଣାର୍କ ସଂପର୍କୀୟ ଏକାଧିକ କବିତାରେ ସେ କୋଣାର୍କର ଅତୀତ ଓ ବର୍ତ୍ତମାନ ସହିତ କୋଣାର୍କର ପ୍ରକୃତି ସଂପର୍କରେ ନିଜର ଭାବପ୍ରବଣତା ପ୍ରକାଶ କରିଛନ୍ତି ।

Digitized by srujanika@gmail.com

''ଭେଦିଣ ସହସା ନଦୀ-ନୀଳ-ବେଣୀ ସ୍ୱର୍ଣ୍ଣ ସଇକତ
କ୍ଷୀରୋଦ ପ୍ରଶାନ୍ତ ଗର୍ଭୁ ବିଶ୍ୱରାମା ବିଷ୍ଣୁ-ପତ୍ନୀବତ
x x x x x
ଦୂର ନଗମାଳା ହେଲେଭକ୍ତି-ଭୟେ ଚକିତ ପୁଲକ
ପଦଚୁମ୍ବୀ ମହାସିନ୍ଧୁ ଗାଏ ସ୍ତବ ଲହରୀ-ଅଳକ
''ହେ ଗୁରୁ ଭୈରବକୀର୍ତ୍ତି ମନୁଷ୍ୟର, ମଣ୍ଡ ମୋ ପୁଳିନ
ଧନ୍ୟ ହୁଏ ତୋହରେ ସେବିଣ ''
(କୋଣାର୍କ-ମାନସିଂହ ଗ୍ରନ୍ଥାବଳୀ ୧ମ ଖଣ୍ଡ-ପୃ-୧୬୭-୧୬୮)

ମଧୁସୂଦନଙ୍କ 'ଆକାଶପ୍ରତି' କବିତାରେ ଆକାଶ ଯେମିତି ପୃଥିବୀର ଜନ୍ମଠାରୁ ସଭ୍ୟତାର ବିକାଶ ପର୍ଯ୍ୟନ୍ତ ସମସ୍ତ ଅବଲୋକନ କରିଛି ସେହିପରି ନାଟକୀୟ ରୀତିରେ କୋଣାର୍କକୁ ଦେଖି ପର୍ବତ, ସାଗର, ଲହରୀମାଳା, ଚନ୍ଦ୍ରକିରଣ, ଅପ୍ସରାଗଣ ସମସ୍ତେ ମୁଗ୍ଧ ଚକିତ ହୋଇଛନ୍ତି । କୋଣାର୍କକୁ କେନ୍ଦ୍ରକରି ଦେଶର କଳା ଓ ବାଣିଜ୍ୟ ବିଭବଶାଳୀ ହୋଇଛି, ପୁଣି 'କୋଣାର୍କର ଲାସ୍ୟଲୀଳା' କବିତାରେ ଜ୍ୟୋତ୍ସ୍ନା ଆସି କୋଣାର୍କ ନଟୀ ଦୁଆରେ ଡ଼ାକିବାର ପରିକଳ୍ପନା କରାଯାଇଛି । ଏତାଦୃଶ ମୁଗ୍ଧ ଅନୁଭବ ସତରେ ସାଧାରଣ କବି ପକ୍ଷରେ ସମ୍ଭବ ନୁହେଁ । 'ବାପୁ ତର୍ପଣ' କବିତା ସମୂହରେ ସେ ବାପୁଜୀଙ୍କୁ ଯେଉଁଭଳି ଚିତ୍ରଣ କରିଛନ୍ତି ତାହା ବାସ୍ତବିକ ଅନନ୍ୟ, 'ବିଳପୁଛ କାହିଁ ପାଇଁ ?' କବିତା ଗାନ୍ଧିଜୀଙ୍କ ମହାପ୍ରୟାଣ ଉଦ୍ଦେଶ୍ୟରେ ରଚିତ, ମାତ୍ର ତହିଁରେ ପ୍ରକୃତିର ସ୍ଥାନ ଏହିଭଳି -

ବଜ୍ର ବିଦ୍ଧ ମେଘୁଁ ଜଳପଡ଼େ ଦହନେ ଫୁଟାଇ ସୁନା
ତାଜ କୋଣାର୍କ ଉଠିବେ କିପରି ପାହାଡ଼ ନୋହିଲେ ଚୂନା ?
ବୈଶାଖ ତାପେ ଲୁଚି ଥାଏ ପରା ହେମନ୍ତ ସୁନାର୍ଣ୍ଣିଷା
ମରଣର ବିଷେ ରହିଥାଏ ପରା ଅମୃତ କଣା ମିଶା ?
(ବିଳପୁଛ କାହିଁ ପାଇଁ ? -ଗ୍ରନ୍ଥାବଳୀ ୧ମ ଖଣ୍ଡ ପୃ-୧୯୭)

ତେଣୁ ପ୍ରକୃତିକୁ ଆମୃଷ୍ଟ କରି ମାନବ ପ୍ରକୃତି ସଂଗରେ ସମନ୍ୱିତ କରିବାର, ଏହି ଯେଉଁ ପ୍ରୟାସ ତାହା ବାସ୍ତବରେ ଅନୁଭବ୍ୟ, ଯେତେ ଚେଷ୍ଟା କରି ମଧ କବିର ଅନୁଭବ ଠାରୁ ପାଠକର ଅନୁଭବ କିଞ୍ଚିତ ଭିନ୍ନ ହୋଇଯାଏ ।

ସଂଚିବାକୁ ଚାହେଁ ସେହି ସ୍ୱତନ୍ତ ଶୂନ୍ୟତା :-

ଯେଉଁ ଶୂନ୍ୟତା କବିଙ୍କର ଚିର ଆକାଙ୍‌କ୍ଷିତ ତାହା ଦୃଶ୍ୟମାନ ନୁହେଁ ବରଂ ଅନୁଭବ୍ୟ ଏକ ସ୍ୱତନ୍ତ୍ର ଶୂନ୍ୟତା, ସକଳ ପୂର୍ଣ୍ଣତା ମଧରେ ସେହି ଅନୁଭୂତିଟି ବିଦ୍ୟମାନ, ଯାହା ଭକ୍ତକବି ମଧୁସୂଦନଙ୍କର 'ଜୀବାତ୍ମାରେ ପରମାତ୍ମା ଭୂମା ଆବିର୍ଭାବ'ର ଭାବନାକୁ ପ୍ରକାଶ କରିବାରେ ସକ୍ଷମ । ତେବେ ପୂର୍ବଜନ୍ମର ସୌରଭକୁ ସ୍ମରଣ କରି ଅନ୍ୟମନସ୍କ ହେଉଥିବା କବି ଉପଲବ୍ଧି

Digitized by srujanika@gmail.com

କରନ୍ତି ଯେ ସୃଜନ ମଧ୍ୟରେ ଦୁଃଖର ଅନାହତ ଧ୍ୱନି ଅନୁରଣିତ ହୁଏ ଆଉ ଏ ସମଗ୍ର ପୃଥିବୀ ଏକ ବିରାଟ ପରୀକ୍ଷାଗାର, 'ବିକାଶର ଅଙ୍ଗ' କବିତାରେ -

''ଏ ବିରାଟ ସୃଷ୍ଟି ଏକ ପରୀକ୍ଷା-ଆଗାର
ବିରାଟ ସେ କେଉଁ କବି ଶିଳ୍ପୀ, ବିଜ୍ଞାନୀର
ଭାଂଗେ ଗଢ଼େ, କ୍ଷଣେକ୍ଷଣେ ସଂସାର, ସଂସାର,
ଶୂନ୍ୟ-ପୂର୍ଣ୍ଣ,ସୃଷ୍ଟି-ଲୟ ତତ୍ତ୍ୱ ସୁଗଭୀର''

(ବିକାଶର ଅଙ୍ଗ-ମାନସିଂହ ଗ୍ରନ୍ଥାବଳୀ-୨ୟଖଣ୍ଡ-କୃଶ-ପୃ-୧୦୦)

ତେଣୁ ଜୀବ ମଧ ଦେଇ ସୃଷ୍ଟି ବିକଶିତ ଓ ପୂର୍ଣ୍ଣାଙ୍ଗପ୍ରାପ୍ତ ହେଉଛି ବୋଲି ବୁଝିସାରିବା ପରେ କବି ସ୍ରଷ୍ଟାରୁ ଦ୍ରଷ୍ଟାରେ ରୂପାନ୍ତରିତ ହୋଇ ଯାଉଛନ୍ତି । ସକଳ ଭୂତରେ ସେ ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କରୁଛନ୍ତି ଓ ସୁଖ ଦୁଃଖକୁ ସମଜ୍ଞାନ କରି ଆଷାଢ଼ର ବାରିପାତକୁ ଗ୍ରହଣ କରିବାପାଇଁ ଗ୍ରୀଷ୍ମର ଫଟାଭୂଇଁ ନିତାନ୍ତ ଆବଶ୍ୟକ ବୋଲି ଏକ ସମାହିତ ଭାବନା ପ୍ରକାଶ କରିଛନ୍ତି । 'କୃଶ'ର ପ୍ରାୟ ପ୍ରତ୍ୟେକ କବିତାରେ ଏହି ସନ୍ନ୍ୟାସୀ-ଦୃଷ୍ଟି ପ୍ରତିଫଳିତ । ଅନ୍ଧାର ଆଲୋକ ଭଳି ସୁଖ ଦୁଃଖର ଏକତ୍ର ଉପସ୍ଥିତିରେ ହିଁ ଜୀବନ ଅର୍ଥମୟ ହୋଇଥାଏ । ସରିତ ସାଗର ପାଇଁ ବ୍ୟାକୁଳ ହୁଏ । ପୁଷ୍ପ ବାୟୁପାଇଁ ଅପେକ୍ଷା କରେ ଓ ସୂର୍ଯ୍ୟ କିରଣ ପାଇଁ ବୃକ୍ଷ ଉର୍ଦ୍ଧ୍ୱଗାମୀ ହୁଏ । ସେହିପରି ଭୋଗ ସହିତ ତ୍ୟାଗ ଏକୀଭୂତ ହୋଇ ପାରିଲେ ହିଁ ଜୀବନ ଅର୍ଥପୂର୍ଣ୍ଣ ହୁଏ । ବୀଜ ଯେମିତି ନିଜ ଭିତରେ ଥିବା ସମ୍ଭାବନାକୁ ଉପଲବ୍ଧି କରିପାରେ ନାହିଁ ସେମିତି ମଣିଷ ନିଜ ଭିତରେ ଥିବା ଐଶ୍ୱରୀୟ ସମ୍ଭାବନାର ଗୁରୁତ୍ୱ ଜାଣିପାରେ ନାହିଁ । ତେଣୁ ଦ୍ରଷ୍ଟା କବି ଏକ ସ୍ୱତନ୍ତ୍ର ଶୂନ୍ୟତା ସଂଚୟ କରିବାର କାମନା କରିଛନ୍ତି, ଯେଉଁ ଶୂନ୍ୟତା ଅଜସ୍ର ପୂର୍ଣ୍ଣତାରେ ତାଙ୍କର ଅନୁଭବକୁ ସିକ୍ତ କରିଦେଇପାରିବ ।

ମେଘ ସଦା ଧରିତ୍ରୀର ଆଶ୍ଲେଷ ଆଶାୟୀ:-

ଦୃଶ୍ୟମାନ ତଥା ଅନୁଭବ ସ୍ନିଗ୍ଧ ପ୍ରକୃତି କବିକୁ ଦ୍ରଷ୍ଟାପୁରୁଷରେ ରୂପାନ୍ତରିତ କରି ନୀରବ ହୋଇନାହିଁ । ରୋମାଣ୍ଟିକ କବିର ପ୍ରଣୟ ଚେତନା ପ୍ରକୃତି ମାଧ୍ୟମରେ ରୂପପାଇଛି । ଅନ୍ୟଭାବରେ କହିଲେ ପ୍ରଣୟସାଧକ କବି ମାନସିଂହଙ୍କ ରୂପାନ୍ୱେଷୀ ଦୃଷ୍ଟିକୋଣ ହିଁ ତାଙ୍କର ସାହିତ୍ୟସାଧନାର ମୁଖ୍ୟ ବିଭାବ । ତେଣୁ ସେ ଧରିତ୍ରୀକୁ ନାରୀ ଭାବରେ କଳ୍ପନା କରି କବି ମେଘକୁ ତାର ଆଶାୟୀ ପ୍ରେମିକ ସଜାଇଛନ୍ତି । ଏ ବିଶ୍ୱରେ 'ଆକର୍ଷଣ'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯେମିତି ବୃକ୍ଷଲତା, ସୂର୍ଯ୍ୟକିରଣ, ନଦନଦୀ ସିନ୍ଧୁ ଆଲିଂଗନ, ଶୁଷ୍କବୃକ୍ଷ ମଳୟର ସ୍ପର୍ଶ ଓ ଆଲୋକ ପାଇଁ ରାତ୍ରିର ଆକର୍ଷଣ ସର୍ବବାଦିସମ୍ମତ ସେହିପରି କବିଚିତ୍ତ ମଧ ଏକ ଅଜ୍ଞାତ ଶକ୍ତିର ଆକର୍ଷଣରେ ସର୍ବଦା ଉନ୍ମୁଖ ହୋଇରହିଛି । ଆଷାଢ଼ ଅଭିସାର, ଶ୍ରାବଣ ଅଭିସାର, ବସନ୍ତ ଅଭିସାର, ଜ୍ୟୋତ୍ସ୍ନାଭୋଗ ବିରହୀଘନ, ପ୍ରାବୃଟ ସମ୍ଭାଷଣ, ବସନ୍ତୋତ୍ସବ, ଜ୍ୟୋତ୍ସ୍ନାମୟୀ, ବଂଶୀ ଡାକ ସୋହାଗ ଭଳି କବିତାରେ ଏହି ଉନ୍ମୁଖତା ପ୍ରକଟିତ ହୋଇଛି ।

Digitized by srujanika@gmail.com

'ଜ୍ୟୋସ୍ନା-ଭୋଗ' କବିତାରେ ସେ ପ୍ରଣୟିନୀକୁ ପ୍ରାକୃତିକ ସୁଷମାର ସମନ୍ୱିତ ସତ୍ତାଭାବରେ ପରିକଳ୍ପନା କରିଛନ୍ତି । ଧରଣୀରେ ଜ୍ୟୋସ୍ନାର ଆବେଶ, ଚନ୍ଦ୍ରିକାର ଚାରୁଚିତ୍ର ଓ ସ୍ୱର୍ଣ୍ଣଶସ୍ୟର ଭାରରେ ଆନତା ଧାନ୍ୟଲତା ସଦୃଶ କବିଙ୍କର ପ୍ରିୟତମାକୁ କବି ଏକ ଅତୀନ୍ଦ୍ରିୟ ଜଗତ ଉପଭୋଗ ପାଇଁ ଆହ୍ୱାନ କରିଛନ୍ତି ।

''ଚନ୍ଦ୍ରିକା ଚିତ୍ରଣେ ଯେଉଁ ବର ତୂଳୀଧର
ସ୍ୱପ୍ନପରୀ କରେ ରୁକ୍ଷ ଧରା କଳେବର
ତବ, ମୁକ୍ତ ଦେହଶିରୀ
ନୁହେଁ କି ସେ ଚିତ୍ରକର ନୀରାଜନା ପରି?''
(ଜ୍ୟୋସ୍ନାଭୋଗ-ମାନସିଂହ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ-୧୩୯)

'ଚିଲିକା'ର ଅପୂର୍ବଶୋଭା ଦର୍ଶନରେ ଅଭିଭୂତ କବି ଚିଲିକାକୁ 'ପ୍ରକୃତି-କୁମାରୀ'' ବୋଲି ନାମ ଦେଇଛନ୍ତି । 'ପ୍ରିୟଭୂମି' କବିତାରେ ପ୍ରକୃତିର ବେଶବିନ୍ୟାସ ମଧ୍ୟରେ ମହୋଦଧିର ସିକତା ପ୍ରାନ୍ତର , କିଆକୁଞ୍ଜ, ପୁନ୍ନାଗ କୁସୁମର ସୁଗନ୍ଧକୁ ସ୍ମରଣ କରିଛନ୍ତି । 'ବସନ୍ତ ଅଭିସାର'କବିତାରେ ମଳୟ ଆମ୍ରକୁଞ୍ଜରେ ମର୍ମର ରଚନା କରିଛି ଓ କୋକିଳ କଣ୍ଠରେ ବୀଣାବାଦନ କରୁଛି । ଏ ସବୁ ଭିତରେ ଚିରନ୍ତନ ପ୍ରେମର ସଂପର୍କ ହିଁ ଉଜ୍ଜୀବିତ ହୋଇଛି ଓ ମିଳନ ମାଧୁରୀରେ ପ୍ରକୃତି ଓ ପ୍ରେମିକା ଏକୀଭୂତ ହୋଇଯାଇଛି ।

ପ୍ରିୟା ଅଛି ଯହିଁ ବସନ୍ତ ଆସିଥିବ:-

କବି ମାନସିଂହଙ୍କର ପ୍ରିୟା ଅପରୂପା, 'ଅସୀମଲାବଣ୍ୟମୟୀ', ତାର ପଦପାତରେ ବସନ୍ତ ଆସେ । ଗୋଲାପ, ବକୁଳ, କେତକୀ, କନକଚମ୍ପା, ଫାଲ୍‌ଗୁନ ଓ କୋକିଳ ମଧ୍ୟ ଆସନ୍ତି । ଜ୍ୟୋସ୍ନା ମତୁଆଲା ହୁଏ ଓ ପୃଥିବୀ ପାଲଟିଯାଏ ଅଳକାପୁରୀ, ଲକ୍ଷ ଲକ୍ଷ ଶତଦଳ ଫୁଟି ଉଠନ୍ତି, ତାର ଅବର୍ତ୍ତମାନରେ ବର୍ଷାଝରେ, ନିଃଶ୍ୱାସରେ ବ୍ୟଥାର ସ୍ୱର ଶୁଭେ । ଆଖିରୁ ଗଣ୍ଡ ଭିଜାଇ ବହେ ଅଶ୍ରୁଧାର । ବଧୂହୀନ ମଧୁମାସ ଗ୍ରୀଷ୍ମର ଉତ୍ତାପରେ ଝାଉଁଳିପଡ଼େ । 'ପାଶୋର ପ୍ରଣୟ' କବିତାରେ କବିଗାଆନ୍ତି -

''ପ୍ରଣୟ ହାଏ ସଖି ଚପଳ ଅତି
ବତାସି ପରି ଆସେ
ନିଖିଳ ପ୍ରାଣ ଗ୍ରାସେ''
(ପାଶୋର ପ୍ରଣୟ-'ଧୂପ'-ମାନସିଂହ ଗ୍ରନ୍ଥାବଳୀ-୧ମ ଖଣ୍ଡ-ପୃ-୪୯)

ତେଣୁ କବି ମାନସିଂହ କାଳିଦାସଙ୍କ 'ମେଘଦୂତ'କୁ ସ୍ମରଣ କରିଛନ୍ତି ଓ କେଉଁ ଦୂତ ହାତରେ ପ୍ରିୟା ପାଖକୁ ସନ୍ଦେଶ ପ୍ରେରଣ କରିବେ ବୋଲି ନିଜର ଉତ୍ସୁକତା ପ୍ରକାଶ କରିଛନ୍ତି ।

ବୃଷ୍ଟିଧାରା ପଡ଼ଇ ଅବିରତ
ଦୂର୍ବାଦଳ ପଡ଼ଇ ନଇଁ ଲାଜେ

Digitized by srujanika@gmail.com

ବର୍ଷା,ଘାସ ଆଲିଙ୍ଗନ ଦେଖି
ପରାଣେ ମମ ବ୍ୟଥାର ବୀଣା ବାଜେ
(ବର୍ଷାବିରହ-ମାନସିଂହ ଗ୍ରନ୍ଥାବଳୀ-ଧୂପ-ପୃ-୩୯)

ତାଙ୍କ ଚିନ୍ତାରେ ପ୍ରେମ ଓ ପ୍ରକୃତି ଏକ ଓ ଅଭିନ୍ନ, ଋତୁଚକ୍ରର ଆବର୍ତ୍ତନରେ ମନୁଷ୍ୟ ଖରା,ବର୍ଷା, ଶୀତ, ବସନ୍ତ ଭୋଗ କରେ । ସେମିତି ଜୀବନରେ ପ୍ରେମ ମଧ କେବେ ଆସି ଶେଷ ହୁଏନାହିଁ, ବରଂ ବାରମ୍ବାର କାୟା ପରିବର୍ତ୍ତନ କରିଚାଲେ । ତଥାପି ଜୀବନରେ ପ୍ରେମ ହିଁ ସବୁଠାରୁ ବଳିଷ୍ଠ ବିଭାବ ଯାହା ପୁରୁଷକୁ କରେ ପୁରୁଷୋତ୍ତମ । ତେଣୁ 'ବିରହୀଘନ' କବିତାରେ -

ବିଶ୍ୱେ ତୁମେ ବାରିବାହ ପ୍ରଣୟୀର ଚିର ଭାଲଟିକା
ତେଣୁ କୁଞ୍ଜେ ତବ ଆଶେ ଫୁଟିଉଠେ କିଶୋରୀଯୂଥିକା
ବନ୍ଧୁ ବୋଲି ନାଚିଉଠେ ତାଳେତାଳେ ବିରହୀ ବରହୀ
ଯୁବକ ଯୁବତୀ ଗଣେ ବିଚ୍ଛେଦର ଲୋତକ ଗଡ଼ାଇ
ବିଶ୍ୱର ସକଳ ହିୟା କାଟି ହୁଏ ପୁଷ୍ପଶର-ଧାରେ
ତବ ଅଭିସାରେ
(ବିରହୀଘନ, ହେମପୁଷ୍ପ-ମାନସିଂହ ଗ୍ରନ୍ଥାବଳୀ-୧ମ ଖଣ୍ଡ-ପୃ-୬୭-୬୮)

କାଟି ଶସ୍ୟ, ରହେ ଉପବାସ:-

କବି ମାନସିଂହ ପ୍ରଣୟିନୀର ବାହୁବନ୍ଧନରେ ମୁଗ୍ଧ ହୋଇ ନିଜକୁ ପାଶୋରି ଦେବା ସମୟରେ ଅଗଣିତ ନାମହୀନ ମଣିଷର ବୁକୁର ସ୍ପନ୍ଦନ ତାଙ୍କୁ ବିବ୍ରତ କରିଛି । ସମଗ୍ର ବିଶ୍ୱରେ ଅଶାନ୍ତି, ଅସନ୍ତୋଷ ଓ ଅଭାବର କରାଳ ଛାୟା । ତେଣୁ ଜ୍ୟୋତ୍ସ୍ନା ମଧୁପ ବା ବାସନ୍ତୀ ସନ୍ଧ୍ୟା ଉପଭୋଗ ପାଇଁ ସମୟ ବା ମନର ଅଭାବ ହେଉଛି । ଯେ ସୃଷ୍ଟିକୁ ବଂଚାଇବାର ଶପଥ ନେଇ ଖରାବର୍ଷା ଶୀତ ସହି ଫସଲ ଅମଳ କରେ, ସେ ଯଦି ନିଜେ ଉପବାସ ରହେ ତାହା ସ୍ରଷ୍ଟାର ନିୟମକୁ ଭଂଗ କରୁନାହିଁ କି ? ପୌଷର ବାୟୁରେ ଶରୀରଥରିବା ଭଳି ଜୀବନ ତାର ବ୍ୟଥା ଓ ବେଦନାରେ ଥରିଉଠେ । ଶ୍ରାବଣର ଘନ ଭଳି ଆଖିରୁ ଝରିପଡ଼େ ବାରିଧାରା, ତଥାପି ତାର ଦୁଃଖ ପ୍ରଶମିତ ହୁଏ ନାହିଁ । ଦାରିଦ୍ର୍ୟ ପଲ୍ଲୀ ଲଳନାକୁ ବିକଶିତ ହେବା ପୂର୍ବରୁ କବଳିତ କରେ । ତେଣୁ କବି କହନ୍ତି -

''ଦେଖିଛି ବିକଟ ଦୈନ୍ୟ, ମନୁଷ୍ୟର ବୀଭତ୍ସ ଦୁର୍ଦ୍ଦଶା
ପ୍ରକୃତିର ଦେବତାର ଦୀନଜନେ ଘୋର ଅତ୍ୟାଚାର
ଅବଜ୍ଞା ଲାଞ୍ଛନା ଖାଲି ଘଟିବାର ଭାଗ୍ୟେ ସାଧୁତାର''
(ଅର୍ଦ୍ଧଶତାବ୍ଦୀ ସିନ୍ଧୁ ଓ ବିନ୍ଦୁ-ମାନସିଂହ ଗ୍ରନ୍ଥାବଳୀ-୨ୟଖଣ୍ଡ-ପୃ-୧୮୭)

ତେଣୁ ଦୀନଦୁର୍ବଳର ପ୍ରତିନିଧିଭାବରେ କବି ଏହି ଅବସାଦ ନିକଟରେ ଅଟକି

Digitized by srujanika@gmail.com

ଯାଇନାହାନ୍ତି । ସଭ୍ୟତାର ଯୌବନକାଳରେ ପ୍ରତ୍ୟେକ ବ୍ୟକ୍ତି ନିଜର ଅଧିକାର ସଚେତନ । ତେଣୁ ସେ ନବମାନବକୁ ଆହ୍ୱାନ କରି ଦୃପ୍ତକଣ୍ଠରେ ଗାଆନ୍ତି -

"ପ୍ରକୃତି ଆଜି ପରିଜନ ତୋର,ବିଜ୍ଞାନ କ୍ରୀତଦାସୀ
ଆଜି ତୋ କୁଟିର ପ୍ରାନ୍ତେ ମିଳିତ ସ୍ୱପ୍ନର ସୁଖରାଶି"
(ନବମାନବ-ସିନ୍ଧୁ ଓ ବିନ୍ଦୁ-ମାନସିଂହ ଗ୍ରନ୍ଥାବଳୀ ୨ୟଖଣ୍ଡ-ପୃ-୧୮୯)

ସେହି ନୂଆ ଦୁନିଆର ମଣିଷ ଆଉ ଦୀର୍ଘଶ୍ୱାସ ପକାଇବ ନାହିଁ । ନିଜ ଭଳି ନିଜେ ବଂଚିବ । ଶସ୍ୟକାଟୁଥିବା ମେହେନତି ମଣିଷ ଉପବାସ ରହିଲେ ସଭ୍ୟତାର ବିକାଶ ପଥ ରୁଦ୍ଧ ହୋଇଯିବ, ମାନବିକତାର ଏହି ମ ହାନ୍ ଧାରଣା ରୋମାଣ୍ଟିକ ଭାବଉଚ୍ଛ୍ୱାସକୁ ଉଦ୍‌ବୋଧନଧର୍ମୀ କରି ପ୍ରଗତିଚିନ୍ତାର ସମକକ୍ଷ କରିପାରିଛି ।

ଫୁଲ ପରି ଦେବୁରେ ବାସ :-

କବି କିଶୋର ଉପଯୋଗୀ ଅନେକ କବିତା ଲେଖିଛନ୍ତି । କିଶୋର ମାନଙ୍କ ପାଇଁ ଲେଖାଯାଉଥିବା ସାହିତ୍ୟରେ ଉପଦେଶଧର୍ମିତା ସାଧାରଣତଃ ଦେଖିବାକୁ ମିଳିଥାଏ । କିନ୍ତୁ ଏହି କବିତାଗୁଡ଼ିକରେ କିଶୋର ମନର ଅଜସ୍ର ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ପ୍ରଦାନ କରାଯାଇଛି ଓ ତାର ଆଗ୍ରହ ଦୀପକୁ ତେଜିବାର ପ୍ରଚେଷ୍ଟା କରାଯାଇଛି । ମାଆ କହନ୍ତି -

"ଫୁଲ ପରି ଉଠିଲୁଫୁଟି ମୋ ଦେହେ ତୁ ପରାଣଧନ
ଜଗତରେ ବହୁତ ଫୁଲ, କିଏ ଧନ ତୋହରି ସମ ?"
(ଶିଶୁର ପ୍ରଥମ ପ୍ରଶ୍ନ-କିଶୋର କବିତା-ମାନସିଂହ ଗ୍ରନ୍ଥାବଳୀ-୨ୟଖଣ୍ଡ-ପୃ-୨୭୪)

କୈଶୋରରେ ଚିନ୍ତା ଚେତନା ବିକଶିତ ହୁଏ । ପରିସର ବ୍ୟତୀତ ପ୍ରତିବେଶୀ ଓ ବିଦ୍ୟାଳୟ ପ୍ରତି ଆଗ୍ରହ ବଢ଼େ । 'ବଣଭୋଜି' କବିତାର ସହଜ ଅଥଚ ଆବେଗଦୀପ୍ତ ଚିନ୍ତା ଏହିପରି ନରି ମା' ଧାନକୁଟିଲା ସାହୁଆଣୀ ଡ଼ାଲି ଦେଲା, ସାରୁ ବାଇଗଣ ହାଡୁସ୍ୱାଇଁ ଦେଲା । ତୋଟାମାନରୁ କାଠ ଗୋଟାଇ ଜାଳ ହେଲା ଗୁରୁ ଚୁଲି ଖୋଳିଦେଲେ । ସାଂଗମାନେ ନଈରୁ ମାଛ ଧରିଲେ, ଘାସରେ ଶୋଇଲେ, ପଦ୍ମପତ୍ର ତୋଳି, ଭାତ ଡ଼ାଲି ରାନ୍ଧି ଖାଇ, ଆନନ୍ଦରେ ଘରକୁ ଫେରିଲେ । ପ୍ରକୃତିର ଏହି ସହଜବର୍ଣ୍ଣନା ଭିତରେ ଗ୍ରାମ୍ୟଜୀବନର ସ୍ୱାଭାବିକ ଆନନ୍ଦ ପ୍ରତିଫଳିତ । ଧାନକଟା, ପଲ୍ଲୀସନ୍ଧ୍ୟା, ମେଘୁଆ ଦିନ ଭଳି କବିତାରେ ପ୍ରକୃତିର ଗତାନୁଗତିକ ଚିତ୍ର ନୂତନ ଭାବରେ ରୂପାୟିତ ହୋଇଛି । ପୋଖରୀତୁଠ, ଶଙ୍ଖଚିଲ, ଖରାଦିନର ସଂଜ, ଜହ୍ନ ଆଲୁଅ, ଲୁଚକାଳି ଖେଳ, କଇଁଫୁଲ ଓ ରଂଗକନିଅର ତୋଳା ପ୍ରଭୃତି କବିଙ୍କ ସ୍ମୃତିରେ ଜୀବନ୍ତ । ତେଣୁ ଶୈଶବର ସ୍ମୃତି ସଜଳ ମୁହୂର୍ତ୍ତମାନଙ୍କୁ ସେ ପରପିଢ଼ିର କିଶୋରମାନଙ୍କ ଉଦ୍ଦେଶ୍ୟରେ ଏହି କବିତା ଗୁଡ଼ିକରେ ସଜାଇ ରଖିଛନ୍ତି । ଶିଶୁର ପ୍ରଥମ ପ୍ରଶ୍ନ, ଗେଲ, ଶିଶୁର ପ୍ରଥମ ଦୁଃଖ, ଆମ ଗାଁ ବୁଢ଼ୀ, ଉଡ଼ିଗଲେ

Digitized by srujanika@gmail.com

ଗେଣ୍ଡାଳିଆ, ପଡ଼ିଗଲା ପର ଭଳି କବିତାରେ ମନସ୍ତତ୍ତ୍ୱର ଗୂଢ଼ରହସ୍ୟ ସରଳ ଭାବରେ ବର୍ଣ୍ଣିତ । 'ରାତିକସ୍ୱପ୍ନ' ଭଳି କବିତାରେ କବି କଳ୍ପନା ଶିଖର ସ୍ପର୍ଶ କରିଛି । ତେଣୁ ଜନନୀ କଣ୍ଠରେ କବି ଶୁଣାଇଛନ୍ତି ଯେ ଆଜିର ଶିଶୁ କାଲି ସକାଳେ ଫୁଲ ଭଳି ଫୁଟି ସୁବାସ ବିତରଣ କରିବ ଓ ସମଗ୍ରଜଗତକୁ ତାର ସୁବାସରେ ଆମୋଦିତ କରିବ ।

ପ୍ରକୃତିର ଅପୂର୍ବ ଶୋଭା ଗ୍ରାମ୍ୟ ଜୀବନର ଅଭାବ ଭୁଲାଇଦେବାର ସାମର୍ଥ୍ୟ ରଖେ । ବିଶିଷ୍ଟ ଆଲୋଚକ ଡ଼ଃ ନିତ୍ୟାନନ୍ଦ ଶତପଥୀଙ୍କ ଭାଷାରେ ''ସେଇ ଶୋଷଣପିଷ୍ଟ ଜୀବନରେ କେତେ ଶ୍ୟାମଳ ଧାନକ୍ଷେତ ଓ ପକ୍ୱଶସ୍ୟର ମୋହ ପଲ୍ଲୀ ମଣିଷର ସମସ୍ତ ଦୁଃଖ କଷ୍ଟକୁ ମୁହୂର୍ତ୍ତକ ପାଇଁ ଭୁଲାଇ ଦିଏ ମଧ ।'' (ସବୁଜରୁ ସାଂପ୍ରତିକ-ଡ଼ଃ ନିତ୍ୟାନନ୍ଦ ଶତପଥୀ -ପୃ ୧୨୭)

'କମଳାୟନ' କାବ୍ୟରେ ନାୟକ କମଳ ତାର ବାନ୍ଧବୀ କରୁଣାକୁ ଗ୍ରାମ୍ୟପ୍ରକୃତିର ଅପୂର୍ବ ସୁଷମା ସଂଦର୍ଶନ କରାଇଛି । ଉତ୍କଳର ପଲ୍ଲୀ ପ୍ରକୃତି ଚିତ୍ରଣ କରିବାପାଇଁ କବି ଏହି କାବ୍ୟରେ ସତେଯେପରି ସୁଯୋଗ ସୃଷ୍ଟି କରିଛନ୍ତି । 'ଜେମା' କାବ୍ୟରେ ଗ୍ରାମ୍ୟ ତରୁଣୀ ଜେମା ଜୀବନର କାରୁଣ୍ୟ ହିଁ ରୂପାୟିତ ହୋଇଛି ।

ସୃଷ୍ଟିଶୀଳତା ସହିତ ରୋମାଣ୍ଟିକ ଚିତ୍ତବୃତ୍ତିର ସଂପର୍କ ଚିରନ୍ତନ । କବି ମାନସିଂହଙ୍କ କବିତାରେ 'ପ୍ରକୃତି' ସେହି ରୋମାଣ୍ଟିକ ଚେତନାର ଉତ୍ସ । କେଉଁଠି ସେ ଚକିତ ମୁଗ୍ଧ କରେ ତ କେଉଁଠି ସ୍ତବ୍ଧ କରେ । କେଉଁଠି ସେ କ୍ଲାନ୍ତ ମଣିଷର ମଥା ଆଉଁଷି ଦିଏ ଏକାନ୍ତ ଆପଣାର ମଣିଷ ପରି । ପ୍ରକୃତିର ପିଠିକାରେ ମାନବର ମାନସିକତା ବ୍ୟବଚ୍ଛେଦ କରିବା ପାଇଁ କବି ବାରମ୍ବାର ପ୍ରୟାସ କରିଛନ୍ତି । ତେଣୁ ତାଙ୍କ ପ୍ରେମିକା ପାଲଟିଛି ନିଦାଘ ରଜନୀର ଜ୍ୟୋତ୍ସ୍ନା ସଦୃଶ । ଏ ସଂପର୍କରେ ଆଲୋଚକ ଡ଼ଃ ଦାଶରଥି ଦାସ କହନ୍ତି ''ପ୍ରାକୃତିକ ସୁଷମା ସହ ଦୁର୍ଲ୍ଲଭ ମିଳନ ଘଟିଛି ଏକ ତରୁଣ, ସରସ, ରୂପବୁଭୁକ୍ଷୁ ସୂକ୍ଷ୍ମଦୃଷ୍ଟିବନ୍ତ ପ୍ରତିଭାର - ଯେପରି କି ଶହେବର୍ଷ ତଳେ ଘଟିଥିଲା ଚିଲିକା ଓ ରାଧାନାଥଙ୍କ ଭିତରେ ।'' (ମାନସିଂହ ସୃଷ୍ଟି ସମୀକ୍ଷା-ଦାଶରଥି ଦାସ-ପୃ-୩୯)

ବ୍ୟକ୍ତିଗତ ନୈରାଶ୍ୟ ସତ୍ତ୍ୱେ ଗଭୀର ଆଶାବାଦ ତଥା ମାନବବାଦ ପ୍ରତି ଉନ୍ମୁଖତା ତାଙ୍କ କବିତାକୁ ନିତ୍ୟନୂତନ କରିରଖିଛି । ପ୍ରକୃତିର ଉତ୍ସଙ୍ଗରୁ ଦୂରେଇଯିବାର ବିଷାଦରେ 'ମହାନଦୀରେ ଜ୍ୟୋତ୍ସ୍ନା ବିହାର' କରୁଥିବା କବି ବିବ୍ରତ ହୋଇ କହନ୍ତି ''ଫେରିବା କହୁଛ ବଂଧୁ ପୁଣି ଅଂଧକାରେ''। ସେହିପରି କବିଙ୍କର ଅପରୂପ ରୂପମୟୀ ପ୍ରକୃତି ସଂପର୍କରେ ଯେତେ ଆଲୋଚନା କଲେ ମଧ ତାହା ପୂର୍ଣ୍ଣାଙ୍ଗ ହେବାର ନୁହେଁ । ତେବେ କବିଙ୍କର ପ୍ରକୃତି ପ୍ରତି ଦୃଷ୍ଟିଭଙ୍ଗୀ ଯେ କେତେ ବୈଚିତ୍ର୍ୟମୟ ତାହା ଆମେ ଏ କ୍ଷୁଦ୍ର ପ୍ରବଂଧରେ କିଞ୍ଚିତ ଆଲୋକପାତ କଲେ ମାତ୍ର ।

Digitized by srujanika@gmail.com

ଗାଥାକବି ମାନସିଂହ

ଡକ୍ଟର ସବିତା ପ୍ରଧାନ

ସାହିତ୍ୟ ଲିଖିତ ରୂପ ପାଇବା ପୂର୍ବରୁ ମୌଖିକ ରୂପେ ସମାଜରେ ସଂଚରିତ ହୋଇଥିଲା । ଆଖ୍ୟାନକୈନ୍ଦ୍ରିକ ହେଉଥିବା ହେତୁ ସହଜରେ ବିସ୍ମୃତିର ଗର୍ଭରେ ଲୀନ ନ ହୋଇ ଏହା ଲୋକମାନସରେ ରହୁଥିଲା ଦୀର୍ଘକାଳ । ସାଧାରଣତଃ ମାନବ ଜୀବନର ଆବେଗ, ଅନୁଭୂତି, ପ୍ରେମ, ପ୍ରଣୟ, ଜୟ, ପରାଜୟ, ସଫଳତା, ବିଫଳତା, ସମର ବିବରଣୀ, ଉଲ୍ଲେଖନୀୟ ବୀରତ୍ୱ ଓ ଘଟଣା ଆଦିକୁ ଉପଜୀବ୍ୟ କରି ଏହା ରଚିତ । ତେଣୁ ଲୋକସାହିତ୍ୟ ଗାଥା କବିତାର ଉତ୍ସଭାବେ ସ୍ୱୀକୃତ । ପ୍ରାଚୀନ କାଳରେ ଯେଉଁ କାହାଣୀ ସବୁ ଇତିହାସ,ପୁରାତତ୍ତ୍ୱ, ଯୁଦ୍ଧ ବର୍ଣ୍ଣନା ସହିତ ସମ୍ବନ୍ଧାନ୍ୱିତ ଥିଲା ତାହା ମୁଖ୍ୟତଃ ବର୍ଣ୍ଣନାତ୍ମକ । ଏହାର ଗଦ୍ୟଭାଗ କଥା ଓ ପଦ୍ୟଭାଗ ଗାଥା ଭାବେ ନାମିତ । ପ୍ରାଚୀନ ସାହିତ୍ୟରେ ପ୍ରେମ ପ୍ରଣୟ ମୂଳକ, ଦୁଃସାହସିକ ବୀରତ୍ୱ, ରାଜାମହାରାଜାଙ୍କ କୀର୍ତ୍ତି, ଐତିହାସିକ କାହାଣୀ ଆଦି ଗାଥା ଅନ୍ତର୍ଭୁକ୍ତ ଥିଲା ।

'ଗାଥା' ଶବ୍ଦର ଉଲ୍ଲେଖ ଋଗ୍‌ବେଦରେ ରହିଛି । ମହାଭାରତରେ ମଧ୍ୟ ବହୁସଂଖ୍ୟକ ଗାଥା ଦେଖିବାକୁ ମିଳେ । ଏହି ସବୁ ଗାଥାର କେନ୍ଦ୍ରଭାଗରେ ଏକ କାହାଣୀ ଓ ନୀତି ବ୍ୟାଖ୍ୟା ଲକ୍ଷ୍ୟ କରାଯାଏ । ନୀତି ଉପଦେଶ ବ୍ୟାଖ୍ୟାପୂର୍ବକ କାହାଣୀ ବା ଉପାଖ୍ୟାନ ବର୍ଣ୍ଣନାର ଧାରା ବୌଦ୍ଧଯୁଗରେ ମଧ୍ୟ ଅପରିବର୍ତ୍ତିତ ରହିଥିଲା । ଗାଥା ବହୁ ପ୍ରାଚୀନ କାଳରୁ ସାହିତ୍ୟିକ ମର୍ଯ୍ୟାଦାପ୍ରାପ୍ତ, ଗଳ୍ପ ବା କାହାଣୀ ଛଳରେ ଉପଦେଶାତ୍ମକ କାବ୍ୟିକ ଚରନା । ଲୋକ ସାହିତ୍ୟରେ ଥିବା ଅସଂଖ୍ୟ କାହାଣୀର ପଦ୍ୟରୂପରେ ହିଁ ଥିଲା ଗାଥାର ସ୍ୱରୂପ । ଗାଥା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଗୋଷ୍ଠୀ ଦ୍ୱାରା ରଚିତ ହୋଇଥିଲେ ହେଁ ଏହାର ରଚୟିତାକୁ ନିର୍ଦ୍ଦିଷ୍ଟ କରାଯାଇ ପାରେନା । ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶରେ ପ୍ରେମ ପ୍ରଣୟ ମୂଳକ. ବୀରତ୍ୱ ବ୍ୟଞ୍ଜକ ଗାଥା ପ୍ରଚଳିତ । ଲୋକ ଜୀବନର ସୁଖଦୁଃଖ, ଉତ୍‌ଥାନ ପତନ ଯେପରି ଲୋକସାହିତ୍ୟରେ, ଗାଥାରେ ସହଜ, ସରଳ ଓ ସାବଲୀଳ ରୂପରେ ପ୍ରକାଶ ପାଇଛି, ସେହିପରି ମଧ୍ୟ ପୁରାଣରେ ଚିତ୍ରିତ । ତେଣୁ ଗାଥାକୁ ପୁରାଣ ସର୍ଜନାର ଉତ୍ସବୋଲି ଅନେକ ବିଦ୍ୱାନ ବ୍ୟକ୍ତି ମତ ଦିଅନ୍ତି ।

ଆଂଚଳିକ ଗାଥା ଗୁଡ଼ିକରେ ସେ ଅଂଚଳର ଜନଜୀବନକୈନ୍ଦ୍ରିକ ଅଭିଜ୍ଞତା, ଅନୁଭୂତି, ବ୍ୟକ୍ତି, ଗୋଷ୍ଠୀ, ପ୍ରେମ ପରିଣୟ ଆଦି ରୂପାୟିତ । ମାତ୍ର ଗାଥାରେ ରହିଥାଏ ପରଂପରାର ସ୍ୱାକ୍ଷର, ରହିଥାଏ ବ୍ୟକ୍ତି ବା ସମାଜର କଳ୍ପନା, ଧର୍ମ ବିଶ୍ୱାସ ଓ ସଂସ୍କାରପ୍ରବଣତା । ଏହାର ସୃଷ୍ଟି ମୂଳରେ ଲେଖକ ମନର ଐତିହ୍ୟ, ସଂସ୍କୃତି ଓ ଜାତୀୟ ଚେତନା ବିଦ୍ୟମାନ । ଗାଥା

Digitized by srujanika@gmail.com

ଥିଲା ମୂଳତଃ ଗାନଧର୍ମୀ । ବୈଦିକ ଯୁଗରୁ ଆରମ୍ଭ କରି ବୌଦ୍ଧ ଯୁଗପର୍ଯ୍ୟନ୍ତ ଏହାର ଗାନଧର୍ମ ସଂପର୍କରେ ଉଲ୍ଲେଖ ରହିଛି । ଗାଥା ଗାନସହିତ ବୀଣା ବାଦନ ପ୍ରଚଳିତ ଥିଲା । ବିଭିନ୍ନ ବିଷୟକ ଗାଥା ଗାନ ମାଧ୍ୟମରେ ରାଜାମହାରାଜା ତଥା ସାଧାରଣ ଜନଜୀବନ ଯେମିତି ଅନୁପ୍ରେରିତ ହେଉଥିଲା ସେହିପରି ଏମାନଂକ ଜୀବନ କାହାଣୀ ଅମର ହୋଇରହୁଥିଲା ଗାଥାରେ । ପ୍ରତ୍ୟେକ ଦେଶରେ ଭାଟ, ଚାରଣ ଓ ରାଜକବିମାନେ ଉଲ୍ଲେଖନୀୟ ବ୍ୟକ୍ତି, ଜାତି, ଘଟଣାଗୁଡ଼ିକର ସଂଗୀତ ରୂପ ଗାନ ମାଧ୍ୟମରେ ରଖୁଥିଲେ ଚିରନ୍ତନ ।

ସମୟ କ୍ରମେ ଗାଥାର ବିଷୟ ପରିବର୍ତ୍ତିତ ହୋଇଛି । ସାମାଜିକ ଆଲେଖ୍ୟ ବହନ କରି ମନୁଷ୍ୟର ଆବେଗ ଆକାଂକ୍ଷା ରୂପାୟିତ ହୋଇ ଏହା ଅଧିକ ସମୁଜ୍ଜ୍ୱଳ । ଗାଥା କବିତାର ଭାଷା ସରଳ, ସ୍ୱଚ୍ଛନ୍ଦ ଓ ଲୋକବୋଧ । ଏକମୁଖୀ ବକ୍ତବ୍ୟ ଏହାର ଉପଜୀବ୍ୟ । ଆମ୍ଭରେ ପରଂପରା ସନ୍ଦିତ ହେଉଥିଲେ ହେଁ ପରବର୍ତ୍ତୀ ସମୟରେ ସାହିତ୍ୟିକ ଓ କଳାତ୍ମକ ଗାଥା କବିତା ସୃଷ୍ଟି ହୋଇଛି ଅନେକ । ଗାନଧର୍ମୀ ହୋଇଥିବାରୁ ଏହା ଆବୃତ୍ତିମୂଳକ ଓ ଛନ୍ଦୋବଦ୍ଧ । ଏକ ନିର୍ଦ୍ଦିଷ୍ଟ ଛନ୍ଦରେ ଗାଥା କବିତା ରଚିତ । ଗାଥା କବିତାର ନାନା ରୂପାନ୍ତରଣ ଘଟିଥିବା ସତ୍ତ୍ୱେ ଭାଷାର ସରଳତା, ଗତିରେ ସାବଲୀଳତା ଓ ସ୍ୱଚ୍ଛନ୍ଦତା, ସ୍ୱତଃସ୍ଫୁର୍ତ୍ତତା ତଥା ଆମ୍ଭରେ ଆଖ୍ୟାନଭାଗର ଗୁରୁତ୍ୱ ଏବେ ବି ଏହାକୁ ପାଠକ ପ୍ରିୟ କରିରଖିଛି । ଗାଥା କବିତା ଏକ ନିର୍ଦ୍ଦିଷ୍ଟ ରୀତି ବା ନିୟମର କବିତା ।

ବିଷୟବସ୍ତୁର ବିବିଧତା ଦୃଷ୍ଟିରୁ ଗାଥାଗୁଡ଼ିକୁ କେତେକ ନିର୍ଦ୍ଦିଷ୍ଟ ଭାଗରେ ବିଭକ୍ତ କରାଯାଇପାରେ । (କ) ଧର୍ମଭିତ୍ତିକ ଗାଥା (ଖ) ସମର ଭିତ୍ତିକ ଗାଥା (ଗ) ସମାଜ ଭିତ୍ତିକ ଗାଥା (ଘ) ଇତିହାସ ଭିତ୍ତିକ ଗାଥା (ଙ) ପୌରାଣିକ ଗାଥା (ଚ) ଶୈଳୀଗତ ଗାଥାକୃତି (୧) ଗାଥା କବିତା ପୂର୍ଣ୍ଣାଂଗ କାହାଣୀ ସମ୍ବଳିତ, ଛନ୍ଦୋବଦ୍ଧ ଓ ଚମତ୍କାରିତା ଏହାର ପ୍ରଧାନ ଗୁଣ । କାହାଣୀ ବ୍ୟାଖ୍ୟା ରୀତି କ୍ଷିପ୍ର ଓ ପ୍ରତ୍ୟକ୍ଷ । ଗାଥା କବିତାରେ ଚରିତ୍ର ଚିତ୍ରଣର ଓ କବି ବ୍ୟକ୍ତିତ୍ୱ ପ୍ରତିଫଳନର ଅବକାଶ ନଥାଏ । କାହାଣୀ ପୃଷ୍ଠଭୂମିରେ ଲେଖକର ନିର୍ଦ୍ଦେଶନା କାର୍ଯ୍ୟକରେ । ଗାଥା କବିତା ଗୁଡ଼ିକରେ ଲେଖକର ଜ୍ଞାନଗରିମା ଅପେକ୍ଷା ସହଜ ଭାବାବେଗ, ବାସ୍ତବତା ଓ ଅନୁଭୂତିର ରୂପାୟନ ଅଧିକ କାମ୍ୟ । ଏହା କାହାଣୀ ପ୍ରଧାନ ହୋଇଥିବାରୁ ଏଥିରେ କଳ୍ପନା ବିଳାସିତା ଓ ବ୍ୟଞ୍ଜନାପୂର୍ଣ୍ଣ ଅଭିବ୍ୟକ୍ତି ଲକ୍ଷ୍ୟ କରାଯାଏ ନାହିଁ । ରସର ପ୍ରକାଶ ଏଥିରେ ସ୍ୱତଃସ୍ଫୁର୍ତ୍ତ ଓ କାହାଣୀର ଗତି ଯଥା ଆରମ୍ଭ, ବିକାଶ ଓ ପରିଣତି ନିର୍ଭରଶୀଳ । ତେବେ ଗାଥା କବିତାରେ ରସ ବୈଶିଷ୍ଟ୍ୟ ଲକ୍ଷ୍ୟଣୀୟ । କରୁଣରସ ସିକ୍ତ ଗାଥା କବିତାର ସଂଖ୍ୟା ଅଧିକ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଏଥିରେ କରୁଣ ରସର ପ୍ରଖର ପ୍ରବାହ ଅନୁଭବ୍ୟ । ବୀର, ଶୃଙ୍ଗାର ରସ ସହିତ ଅନ୍ତରାଳରେ କରୁଣ ରସର , ଅସ୍ତିତ୍ୱ ଗାଥାକୁ ଅଧିକ ଜୀବନ୍ତ, ମର୍ମସ୍ପର୍ଶୀ ଓ ଆବେଦନଧର୍ମୀ କରିଛି ।

୧- ଓଡ଼ିଆ ଗାଥା କାବ୍ୟ - ରବୀନ୍ଦ୍ର କୁମାର ପ୍ରହରାଜ, ପୃ - ୧୨୫ (୧୯୮୩)

Digitized by srujanika@gmail.com

ଆଧୁନିକ ଓଡ଼ିଆ ଗାଥା କବିତାର ବିକାଶ ଧାରା ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ଫକୀର ମୋହନ ଅଗ୍ରଣୀ । ତାଙ୍କର ଗାଥା କବିତା ଗୁଡ଼ିକ ପୌରାଣିକ, ଐତିହାସିକ, ସାମାଜିକ, ସଂସ୍କାରମୂଳକ, ବ୍ୟଙ୍ଗାତ୍ମକ ଓ ନୀତିଉପଦେଶାତ୍ମକ । କଥା ବସ୍ତୁ ପ୍ରାଚ୍ୟରୁ ପାଶ୍ଚାତ୍ୟଯାଏଁ ବିସ୍ତୃତ । ରାଧାନାଥ ରାୟ ମଧ୍ୟ ପୌରାଣିକ, ଐତିହାସିକ ଓ ସାମାଜିକ ଗାଥା ରଚନା କରିଛନ୍ତି । ସେ ଓଡ଼ିଆ ଓ ବଂଗଳା ଉଭୟ ଭାଷାରେ ଗାଥା ରଚନା କରିଛନ୍ତି । ରାଧାନାଥଙ୍କ ପରେ ନନ୍ଦକିଶୋର ବଳଙ୍କ ଗାଥାକବିତା ଗୁଡ଼ିକ ପାଠକୀୟ ଦୃଷ୍ଟି ଆକର୍ଷଣ କରେ । 'ତଅପୋଇ', ଗୌତମ, କୃଶା ଗୌତମୀ, ପାରାଯୋଡ଼ିକ, ସୀତାରାମ ଆଦି ଗାଥାକବିତା ଗୁଡ଼ିକ ଧାର୍ମିକ, ପୌରାଣିକ, ସାମାଜିକ ବିଷୟ ମୂଳକ । କାହାଣୀରେ ପାରଂପରିକତା ଲକ୍ଷ୍ୟ କରାଗଲେ ମଧ୍ୟ ଭାଷା ଓ ଛନ୍ଦ ଲୋକସାହିତ୍ୟଧର୍ମୀ । ଗୋଦାବରୀଶ ମିଶ୍ରଂକ ଗାଥାକବିତା ସ୍ୱକୀୟ ମହିମାରେ ଉଜ୍ଜ୍ୱଳ । ବହୁ ସଫଳ ଗାଥାକାବ୍ୟ ଓ କବିତାର ସ୍ରଷ୍ଟା ସେ । ସତ୍ୟବାଦୀଯୁଗର ଆଦର୍ଶ ସ୍ୱରୂପ ଜାତି, ସମାଜ ପ୍ରତି ସେ ଥିଲେ ଉତ୍ସର୍ଗୀକୃତ । ପରଂପରା, ଐତିହ୍ୟର ଆହ୍ୱାନ ଥିଲା ତାଂକ ସାହିତ୍ୟର ଅନ୍ତଃସ୍ୱର । ତେଣୁ ଗାଥାକବିତା ମାଧ୍ୟମରେ ନିଜ ଚତୁଃପାର୍ଶ୍ୱର ଅନେକ ଅବହେଳିତ ଘଟଣା, ଚରିତ୍ର, ଜନଶ୍ରୁତି, କିମ୍ବଦନ୍ତୀ ପାଇଛି ଜୀବନ୍ୟାସ । ସତେ ଯେପରି କବି କାହାଣୀ ନୁହେଁ ଏକ ଜୀବନ୍ତ ଘଟଣାର ପ୍ରତ୍ୟକ୍ଷ ଦର୍ଶକ ଭାବେ ବର୍ଣ୍ଣିଯାଇଛନ୍ତି ଜାଇ ଓ ଦୁଃଖୀଧନର କରୁଣ ପରିଣତି । କରୁଣ ରସ ସିକ୍ତ ଏ କବିତା ଦୁଇଟିର ଆବେଦନ ମାର୍ମିକ । ଏଠାରେ କାହାଣୀ ନୁହେଁ ପରିବେଷଣ ଶୈଳୀ, ସ୍ୱଭାବ ସୁନ୍ଦର ଭାଷା ଏହାକୁ ପାଠକର ନିକଟତର କରିପାରିଛି । ସେହିପରି ଜାତିର ଗୌରବ ଓ ଐତିହ୍ୟ ପ୍ରଖ୍ୟାପନରେ ଅବ୍ୟର୍ଥ । ପଦ୍ମଚରଣ ପଟ୍ଟନାୟକଂକ ଗାଥାକବିତା ଶିଳ୍ପକଳା ଦୃଷ୍ଟିରୁ ଉଲ୍ଲେଖନୀୟ ନହେଲେ ମଧ୍ୟ ଜାତୀୟ ଭାବବ୍ୟଂଜକ । କୃଷ୍ଣମୋହନ ପଟ୍ଟନାୟକଂକ ଗାଥାକବିତାରେ ମୁଖ୍ୟତଃ ପୁରାଣ ବର୍ଣ୍ଣିତ ଚରିତ୍ର ସୀତା, ଦ୍ରୌପଦୀ, ଦମୟନ୍ତୀ ଆଦିଂକ ମହନୀୟତା ବର୍ଣ୍ଣିତ । ଗୋଦାବରୀଶ ମହାପାତ୍ରଂକ ଗାଥାକବିତାର ମୁଖ୍ୟସ୍ୱର ଥିଲା ଜାତୀୟତା । ଆତ୍ମବଳି, ବୀରବାମା, ମଧୁବନ ଦେବତୀ ଆଦି ଗାଥା କବିତା ଜାତିପ୍ରୀତି ଏବଂ ରେଡ଼ିଓ ବିଭା ଓ ବିଦାୟ ବେଳରେ ମୂଲ୍ୟ କବିତା ବାସ୍ତବ ଅନୁଭୂତି ରସାଣିତ । କୁନ୍ତଳା କୁମାରୀଂକ ଦରଦୀ ଦୃଦୟ ଓ ଭାବ ଉଚ୍ଛ୍ୱାସର ପରିଚୟ ଗୀତି କବିତାରୁ ମିଳିଥାଏ । 'ଗଡ଼ଜାତ କୃଷକ'ରେ ଦରିଦ୍ର ଗୋକୁଳିର ମର୍ମସ୍ପର୍ଶୀ ହୃଦୟ ବିଦାରକ ଦୃଶ୍ୟ ବର୍ଣ୍ଣିତ । ବୈକୁଣ୍ଠନାଥ ପଟ୍ଟନାୟକଂକ କିସା ଗୌତମୀ ଓ ଉମା ଉଭୟ କବିତାରେ କବି ସମ୍ବେଦନଶୀଳ ଓ ଜୀବନର ଚିରନ୍ତନ ସମସ୍ୟା ଆଧାରିତ ।

ଗାଥାକବିତାର ରଚନାର ଧାରାକୁ ବିଶ୍ଳେଷଣ କରି କୁହାଯାଇପାରେ ଫକୀରମୋହନ ଓ ରାଧାନାଥଂକ ନିପୁଣ ହସ୍ତରେ ଏହାର ଭିତ୍ତି ସ୍ଥାପିତ ହୋଇ ସତ୍ୟବାଦୀ ଲେଖକ ଗୋଷ୍ଠୀ ଲେଖନୀରେ ଏହା ସଂଖ୍ୟା ଓ ଗୁଣାତ୍ମକ ଦୃଷ୍ଟିରୁ ବିକାଶଶୀଳ । ମାୟାଧର ମାନସିଂହ ଓ ରାଧାମୋହନ ଗଡ଼ନାୟକ ଗାଥା କବିତାକୁ ସମୃଦ୍ଧିର ଶିଖର ଦେଶରେ ପହଞ୍ଚାଇ ପାରିଛନ୍ତି । ମାୟାଧର ମାନସିଂହ ରୂପର ପୂଜାରୀ, ଦେହଜ ପ୍ରେମର ଅନୁଭବୀ, ମର୍ମଜ୍ଞ କବି ଥିଲେ ।

Digitized by srujanika@gmail.com

ତାଂକର ପ୍ରତ୍ୟେକ କବିତାରେ ଅନୁରଣିତ ମାନବୀୟ ପ୍ରେମର ଉପାସନା । ତାଂକ କବିତାର ନାରୀର ରୂପଚର୍ଚ୍ଚା ଓ ଇନ୍ଦ୍ରିୟ ପ୍ରେମର ରସୋତ୍ତୀର୍ଣ୍ଣ ବର୍ଣ୍ଣନା ଯେ କେବଳ ପାଠକକୁ ମୁଗ୍ଧକରେ ତା'ନୁହେଁ ତାଂକର ରୂପ ଓ ପ୍ରେମ ବର୍ଣ୍ଣନାମଧରେ ପ୍ରେମ ଓ ପ୍ରେୟସୀ ପ୍ରତି ଏକ ଗଭୀର ଶ୍ରଦ୍ଧା ଓ ସମ୍ମାନ ବୋଧ ଲକ୍ଷ୍ୟ କରାଯାଇପାରେ । ତେଣୁ ରୂପ ମଧ୍ୟରେ ଅରୂପ, ଦେହ ମଧ୍ୟରେ ଦେହାତୀତ, ପ୍ରେୟସୀ ମଧ୍ୟରେ ଦେବୀର ସ୍ଥାପନା ପାଠକକୁ ଆତ୍ମବିସ୍ମୃତ କରିବା ସହିତ ପ୍ରେମକୁ ଲୌକିକ ସ୍ତରର ଉର୍ଦ୍ଧ୍ୱରେ ଦେଖିବାକୁ ବାଧ କରେ । ସାଧାରଣ ବର୍ଣ୍ଣନା, ଘଟଣା ବା ଚରିତ୍ରଟିଏ ହେଉ କବି ଯେଉଁ ଦୃଷ୍ଟି କୋଣରୁ ଏହାକୁ ଚିତ୍ରିଥାଆନ୍ତୁ ନା କାହିଁକି ତା'ମଧରେ ତାଂକର ସମ୍ବେଦନଶୀଳ ଦରଦୀ ହୃଦୟର ପରିଚୟ ମିଳିଥାଏ ।

ତାଂକର ଗାଥାଧର୍ମୀ କାବ୍ୟ ସାଧବ ଝିଅ ଓ ଛେମା ବ୍ୟତୀତ ୧୭ଟି ଗାଥାକବିତା ରହିଛି । 'ସେଦିନ କବିତା' ସଂକଳନର 'ମାଟିର ସତୀତ୍ୱ', 'ମାଟିବାଣୀ'ର 'ରେଙ୍ଗୁନ୍ ଚିଠି', 'ଘରପଶା', ଓ 'ତଅପୋଇ ବିଳାପ', 'ଜୀବନ ଚିତା'ର 'ତୀର୍ଥଯାତ୍ରା' , 'ସିନ୍ଧୁ ଓ ବିନ୍ଦୁ'ର 'ସୁମେଧାର ବିବାହ' ଓ 'ପତିତ-ପାବନ ବୁଦ୍ଧ', 'ସ୍ୱରାଜ୍ୟାଶ୍ରମ'ର 'ସ୍ୱରାଜ୍ୟାଶ୍ରମ', 'ଯଦୁସ୍ୱାଇଁର ଗାଥା', ତଥା 'କିଶୋର କବିତା' ସଂକଳନର 'ଶୁକଦେଈ', 'ଗୁଣ୍ଡୁଚିମୂଷା', 'କର୍ତ୍ତବ୍ୟ', 'ଭଲ ଓ ମନ୍ଦପିଲା', 'ଉଡ଼ିଯାଏ ଗେଣ୍ଡାଳିଆ', ପଡ଼ିଯାଏ ଛାଇ', 'ପରିଶ୍ରମ ଓ ଚେଷ୍ଟା', 'ଆଦି ଏକ ଏକ ଗାଥା କବିତାର ସଫଳ ସ୍ୱାକ୍ଷର । ଶିଶୁ ଉପଯୋଗୀ, ମନୋରଂଜନ ଧର୍ମୀ ଗାଥାଗୁଡ଼ିକର ସ୍ଥାନ ସ୍ୱତନ୍ତ୍ର । ମାନସିଂହ ବାସ୍ତବ ଜୀବନରେ ଜଣେ ଶିକ୍ଷାବିତ୍ ଥିବାରୁ ଶିଶୁ ଓ କିଶୋର ଚରିତ୍ର ଗଠନ ପ୍ରତି ଗୁରୁତ୍ୱ ଦେଇ ଏଇ ଗାଥାକବିତା ଗୁଡ଼ିକ ରଚିତ । 'ଉଡ଼ିଯାଏ ଗେଣ୍ଡାଳିଆ ପଡ଼ିଯାଏ ଛାଇ' ଗାଥାଟି ରୂପକଥା ମୂଳକ । ଶିଶୁମନରେ ରୂପକଥାର ପ୍ରଭାବ ରେଖାପାତ କରେ । ଏ କବିତାରେ ଏହା ଶିଶୁ ମନୋରଂଜନ କରିବା ସହିତ ମନକୁ କରୁଣ ରସରେ ପ୍ଲାବିତ କରେ । ପ୍ରଥମ ପର୍ଯ୍ୟାୟରେ ସାଧବ ସାତପୁଅ ବାଣିଜ୍ୟ କରିବାକୁ ଯାଇ ସାତବର୍ଷହେଲା ଫେରିନାହାନ୍ତି । ଘରେ ବାପା, ମା ଓ ବିରହିଣୀ ପତ୍ନୀ । କେଉଁ ଦେଶରେ, କେଉଁ ଅଚିହ୍ନା ବନ୍ଦରରେ ପୁଅମାନେ ତାଙ୍କର ଅଟକି ଯାଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ବହୁ ଉପାସ ବ୍ରତ କରି ବଡ଼ରାଣୀ ଗୋଟିଏ ଚାଉଳରେ ଗଢ଼ା ସନ୍ତାନ ଲାଭ କଲେ । କିଂତୁ ସଉତୁଣୀ ଈର୍ଷାରେ ସେଇ ରାଜକୁମାରକୁ ଦେଶାନ୍ତର କରିଛି । କେଉଁ ଦୂରଦେଶରେ କେତେ ଅସୁବିଧାରେ ଆଦରର ଧନ ତାଂକର କଷ୍ଟପାଉଥିବ ଭାବି ବଡ଼ରାଣୀ ପୁଅକୁ ଝୁରୁଛନ୍ତି । ଉଭୟ କ୍ଷେତ୍ରରେ ଅଫେରା ବାଟକୁ ଚାହିଁ ବସିଛନ୍ତି ମା'ମାନେ, ଗେଣ୍ଡାଳିଆ ଉଡ଼ିଯାଉଛି, ଛାଇପଡୁଛି । 'ଶୁକଦେଈ' ଏକ ଐତିହାସିକ ଗାଥା । ବାଂକି ରାଜାଂକର ଯୁଦ୍ଧରେ ମୃତ୍ୟୁହେବାପରେ ବିଧବା ରାଣୀ ଶୁକଦେଈ ପଳାୟନ କରିନାହାନ୍ତି, ଭୀତତ୍ରସ୍ତ ହୋଇ ପରାଜୟ ସ୍ୱୀକାର କରିନାହାନ୍ତି । ଆଜୀବନ ରାଜପ୍ରାସାଦରେ ଭୋଗବିଳାସମୟ ଜୀବନ ଅତିବାହିତ କରିଥିଲେ ହେଁ ରାଜାଂକ ମୃତ୍ୟୁରେ ପ୍ରତିହଂସାର ବହ୍ନି ପ୍ରଜ୍ୱଳିତ ହୋଇ ସେ ଯୁଦ୍ଧର ଡ଼ାକରା ଦେଇ ନିଜେ ନେଇଛନ୍ତି ନେତୃତ୍ୱ । ତାଂକ ମତରେ-

Digitized by srujanika@gmail.com

''ଲାଜେ ବଞ୍ଚିବାଠୁଁ ମରଣଟି ଭଲ
ହାରିବାଠୁଁ ଭଲ ଜିଣା ''।

ପରିଶେଷରେ ଖୋର୍ଦ୍ଧାରାଜା ରାମଚନ୍ଦ୍ର ଦେବ ହୋଇଛନ୍ତି ବନ୍ଦୀ । ରାମାୟଣର ସେତୁବଂଧରେ ଗୁଣ୍ଡିଚିମୂଷାର ଅବଦାନ ପ୍ରସଂଗଟିକୁ କବି ମାନସିଂହ ଶିଶୁ ଉପଯୋଗୀ କରି ଗଢ଼ିଛନ୍ତି । ସାମାନ୍ୟ ହେଲେ ହେଁ ପରିଶ୍ରମ, ସତ୍‌ମନୋଭାବ, ନିଷ୍ଠା ଓ ଆନ୍ତରିକତାର ମୂଲ୍ୟ ଦେବତା ହେଲେ ବି ଦିଅନ୍ତି -'ଏ ମର୍ମବାଣୀ 'ଗୁଣ୍ଡିଚିମୂଷା' କବିତାରେ ଝଙ୍କୃତ । କର୍ତ୍ତବ୍ୟ କବିତାରେ କବି ଶିଶୁଂକୁ ଉପଦେଶ ଦେବା ଛଳରେ କାହାଣୀଟିଏ ଶୁଣେଇଛନ୍ତି । ପ୍ରତ୍ୟେକ ମନୁଷ୍ୟ କର୍ତ୍ତବ୍ୟକୁ ଅଗ୍ରାଧିକାର ଦେବା ଉଚିତ୍ । 'ଭଲ ଓ ମନ୍ଦ ପିଲା'ରେ ମାଧବ ସ୍କୁଲ ଯିବା ବନ୍ଦକରି ଆହତ ବଂଧୁର ସେବାକରିଛି । ମଙ୍କୁ ଏମାନଂକୁ ଛାଡ଼ି ସ୍କୁଲ ଚାଲିଯାଇଛି । ପରେ ଶିକ୍ଷକ ମାଧବକୁ ଆଦରକରିବା ସହିତ ମଙ୍କୁକୁ ସ୍ୱାର୍ଥପର କହିଛନ୍ତି । 'ଚେଷ୍ଟା' କବିତାରେ ଜଣେ ରାଜା ବାରମ୍ବାର ପରାଜୟ ଲାଭକରି ହତୋତ୍ସାହ ହୋଇ ଗିରିଗୁହାରେ ଆଶ୍ରୟ ନେଇଥିବା ବେଳେ ଦେଖିଲେ ଗୋଟିଏ ବୁଢ଼ୀଆଣୀର ଜାଲ ବୁଣିବା ପ୍ରକ୍ରିୟାକୁ, ବାରମ୍ବାର ଗୋଟିଏ ସ୍ଥାନକୁ ଡ଼େଇଁ ପହଞ୍ଚିନପାରିବା ସତ୍ତ୍ୱେ ତାର ଚେଷ୍ଟା ଅପ୍ରତିହତ । ରାଜା ସେଠାରୁ ଫେରି ପୁନର୍ବାର ଯୁଦ୍ଧକରି ଶତ୍ରୁନାଶ କରିଛନ୍ତି । ପ୍ରତ୍ୟେକ ସଫଳତା ପଛରେ ମନୁଷ୍ୟର ଅବିରତ ପ୍ରୟାସ ନିହିତ । 'ପରିଶ୍ରମ' କବିତାଟି ବିଧାତା ଓ ପୃଥିବୀର ପ୍ରଥମ ମନୁଷ୍ୟର ବାର୍ତ୍ତାଳାପ । ଏହା ନାଟକୀୟ ରୀତିରେ ସଂଳାପ ମାଧ୍ୟମରେ ବର୍ଣ୍ଣିତ । ପୃଥିବୀ ଧନରତ୍ନ, ଗଛଲତା, ଫଳପୁଷ୍ପ ପୂର୍ଣ୍ଣ; ତେଣୁ ମନୁଷ୍ୟର ସମସ୍ତ ଅଭାବ, ଦୈନ୍ୟ ଓ ମନସ୍କାମନା ପୂର୍ଣ୍ଣ କରିପାରେ । ମାତ୍ର ପରିଶ୍ରମ ହିଁ ଏକମାତ୍ର ଚାବିକାଠି ଏହି ଭଣ୍ଡାରର । କୋମଳମତି ଶିଶୁ ଓ କିଶୋର ପ୍ରାଣରେ ପରିଶ୍ରମ, କର୍ତ୍ତବ୍ୟ ଆଦି ସଂପର୍କରେ ଧାରଣା ସୃଷ୍ଟିହେବା ସହିତ ସାହସ,ବୀରତ୍ୱ, ସାଧନା ମନରେ ରେଖାପାତ କରେ ।

କିଶୋର ଗାଥାକବିତାଗୁଡ଼ିକୁ ବାଦ୍‌ଦେଲେ ମାନସିଂହଂକ ପ୍ରାୟ ଅନ୍ୟ ସମସ୍ତ ଗାଥା କରୁଣରସସିକ୍ତ । ଓଡ଼ିଶାର କିମ୍ବଦନ୍ତୀ, ଐତିହ୍ୟ ଓ ସାଧବମାନଂକ ବାଣିଜ୍ୟକୈନ୍ଦ୍ରିକ ଜୀବନକୁ ନେଇ ବହୁ କାବ୍ୟ କବିତା ମାନସିଂହ ରଚନା କରିଛନ୍ତି । 'ତଅପୋଇ ବିଳାପ'ରେ ମଂଗଳା ଓଷା ଓ ତଅପୋଇ ଜୀବନର କରୁଣ ଚିତ୍ର ପ୍ରଦତ୍ତ । ତଅପୋଇର ସ୍ୱଗତୋକ୍ତି ମାଧ୍ୟମରେ ତା' ଜୀବନର ଅତୀତ ଘଟଣା ରୂପାୟିତ । ସୁନା କୁଲା ଓ ରୂପା ଚାଂଦର ଖେଳଣା ତା' ଜୀବନର ବିପର୍ଯ୍ୟୟକୁ ସତେ ଯେପରି ଡ଼ାକି ଆଣିଲା । ବାପା ମାଂକ ମୃତ୍ୟୁକୁ ଭାଇ ଭାଉଜଂକ ଆଦରରେ ଭୁଲିଯାଇଥିଲା ସେ । ଭାଇମାନେ ବାଣିଜ୍ୟ କରିବାକୁ ଯିବାପରେ ଭାଉଜଂକ ଅନ୍ୟାୟ ଅତ୍ୟାଚାର ତାପକ୍ଷେ ଅସହନୀୟ ହୋଇଉଠିଛି । ନଈକୂଳରେ ବସିରହି ତଅପୋଇ ଗଣିଚାଲିଛି ଶହ ଶହ ବୋଇତ ଆଉ ଅପେକ୍ଷା କରିଛି ଭାଇମାନଂକୁ ଭାଉଜମାନଂକ ଗଂଜଣା ନୁହେଁ ସତେଯେମିତି ଭାଇମାନଂକ ଫେରିବାରେ ବିଳମ୍ବ ହିଁ ତାକୁ ଅଧିକ ବ୍ୟଥାତୁର କରିଛି ।

Digitized by srujanika@gmail.com

''କେତେ ଶ' ବୋଇତ, ଭାସି ନ ଆସୁଛି, ଏ ନଇପରେ
ମୋ ଭାଇ-ବୋଇତ ଆସିଲା ନାହିଁତ ଭାସି ଏ ଜଳେ ।
କେଉଁ ଦରିଆରେ କେଉଁ ପାଟଣାରେ ରହିଲେ ଭାଇ
କି ହେଲା ତାଙ୍କର, କିଛି ହେଲେ ମୁଁତ ଜାଣିଲି ନାହିଁ ''।

ସାନବୋହୂ ଦେଇଥିବା ଖୁଦଟିକକ ମା' ମଂଗଳାଙ୍କୁ ଭୋଗଭାବେ ଅର୍ପଣ କରି ଭାଇମାନଂକ ଶୁଭମନାସିବା ସହିତ ଶୀଘ୍ର ଫେରି ଆସିବା ପାଇଁ ପ୍ରାର୍ଥନା କରିଛି । ନିଜର ସମସ୍ତ ଯାତନା, ଲାଞ୍ଛନାକୁ ଭୁଲିଯାଇ ଭାଇମାନେ ଆସିଲେ ସେ କି ପ୍ରକାର ଅଭ୍ୟର୍ଥନା କରନ୍ତା କଳ୍ପନା କରିଚାଲିଛି । କିନ୍ତୁ ମା ମଙ୍ଗଳା ତା' ଦୁଃଖପ୍ରତି ନିର୍ମମ, ପାଷାଣ । ତେଣୁ ସେ ଦୁଃଖରେ ଆତ୍ମହରା ହୋଇ କହିଛି - ''ତିନିଭାଇ ଯଦି ନ ହେଲା, ଜଣେ କି ଫେରନ୍ତା ନାହିଁ ?

ଲୋକକଥାରେ ସାତ ଭାଇଙ୍କର ଉଲ୍ଲେଖ ରହିଛି, ତତ୍ ସହିତ ଭାଇଙ୍କ ପ୍ରତ୍ୟାବର୍ତ୍ତନ ଓ ତଅପୋଇ ଦ୍ୱାରା ବୋହୂମାନଙ୍କ ନାକକାନ କଟା ହେବା ପ୍ରସଙ୍ଗ ରହିଛି । ସମ୍ଭବତଃ କବି ସ୍ୱାଭାବିକତା ଦୃଷ୍ଟିରୁ ତିନିଭାଇ ଓ ନାମକରଣ ଦୃଷ୍ଟିରୁ ବିୟୋଗାନ୍ତକ କରିଛନ୍ତି । ଲୋକଗଳ୍ପର ପରିଣତିରେ ଯେଉଁ ଅଲୌକିକତା ଓ ଅସ୍ୱାଭାବିକତା ଅଛି, ତା' ମଧ୍ୟ ପରିହାର କରିଛନ୍ତି ।

ରେଙ୍ଗୁନ୍ ଚିଠି ଓ ଘରପଣା କବିତା ୨ଟି ଓଡ଼ିଶାର ପୁରପଲ୍ଲୀରେ ଥିବା ଦରିଦ୍ର, ନିରନ୍ନ କୃଷକର ଅସହାୟ ଅବସ୍ଥାର ଚିତ୍ର । ପରିବାର ପୋଷଣର ଅନ୍ୟ ଉପାୟ ନ ପାଇ, ଜମିଦାରର କ୍ରୂର ଶୋଷଣର ଶିକାର ହୋଇ ହତୋତ୍ସାହ ନିଃସ୍ୱ କୃଷକଟି ହୋଇଯାଏ ରେଙ୍ଗୁନ୍ ଯାତ୍ରୀ । ସ୍ୱ ମାଟିର ମୋହ ଛାଡ଼ି ପରଦେଶରେ ଲହୁ, ଲୁହ ଏକାକାର କରିଦିଏ । ଅଫେରା ସେ ଯାତ୍ରା, ପରିବାରର ମା, ବାପା, ସ୍ତ୍ରୀ, ସନ୍ତାନ ଆଖିରେ ଆଶା ଓ ଆଶଙ୍କାର ବ୍ୟଥା ଓ ବେଦନାର ଛାୟା ପହଁରେଇ ଦେଇ ଚାଲିଯାଏ ସେ । 'ଘରପଣା' କବିତାର ମା ଛେଉଣ୍ଡ ଯୁବକ ଗୋକୁଳି ନାଏକ । ପାଳି ପୋଷି ମଣିଷ କଲେ ଖୁଡ଼ୀ, ଜମିବିକ୍ରି କରି ବାହାକରେଇଲେ, ଘରକୁ ସ୍ତ୍ରୀ ଆସିଲା, କୋଳକୁ ପିଲା । ଥରେ ଗାଁରେ ମରୁଡ଼ି ପଡ଼ିଲାରୁ ବାଧ୍ୟ ହୋଇ ଗୋକୁଳି ମହାଜନଠୁଁ ଧାରକଲା କୋଡ଼ିଏ ଟଙ୍କା । ସେଇ ଟଙ୍କା ସୁଧମୂଳ ହୋଇ ବଢ଼ିବାକୁ ଲାଗିଲା । ଗୋକୁଳି କୋଡ଼ିଏ ଟଙ୍କା ତାଡ଼ନାରେ ସବୁକିଛି ପଛକରି ବାହାରିଲା ରେଙ୍ଗୁନ୍ । ମାନସପଟରେ ସବୁବେଳେ ନାଚିଲା ଆପଣାର ଶସ୍ୟକ୍ଷେତ୍ର, ଗାଁ ଘର, ଖୁଡ଼ୀର ସ୍ନେହ, ସ୍ତ୍ରୀ ଓ ଶିଶୁର ଆଦର । ଚାରିଦିନ ନ ଯାଉଣୁ ଗୋକୁଳି ଫେରି ଆସିଲା । ସେହିପରି ରେଙ୍ଗୁନ୍ ଚିଠିରେ ରାମ ନିଜର ଏକମାତ୍ର ଆପଣାର ବୁଢ଼ୀମାକୁ ଛାଡ଼ି ଟଙ୍କା ରୋଜଗାର ଆଶାରେ ଯାଇଛି ରେଙ୍ଗୁନ୍ । ଆଖିରେ ଲୁହ ଶୁଖିଯାଇଛି, ଚିନ୍ତାରେ ଅଥୟ, ଚିଠି ନାହିଁ, ଖବର ନାହିଁ, ଟଙ୍କା ନାହିଁ କି ରାମ ବି ନାହିଁ । ନାନା ଆଶଙ୍କାରେ ବୁଢ଼ୀ ମନକୁ ପାପ ଛୁଏଁ ତ କେବେ ଆଶାରେ ଆଖି ଉଜ୍ଜଳି ଉଠେ । ରାମ ଟଙ୍କା ଆଣିଲେ ମହାଜନ ଦେଣା ଶୁଝିବ ।

Digitized by srujanika@gmail.com

ବିଭାହେବ । ଅନେକ ଦିନ ପରେ ଚିଠିଟିଏ ଆସିଛି । ରାମ ଅସୁସ୍ଥ, ତା' ସାଙ୍ଗ ନଟ ଚିଠି ଲେଖିଛି । ରାମ ସଂଚିତ ଅର୍ଥରୁ କିଛି ଗଲା ସର୍ଦ୍ଦାର ଋଣ ଶୁଝିବାରେ ଆଉ ବାକିତକ ଚିକିତ୍ସାରେ । ଫେରିବା ପାଇଁ ଦେହରେ ବଳ କି ସାହସ ନାହିଁ ଆଉ ହାତରେ ଟଙ୍କା ନାହିଁ । ବୁଢ଼ୀ ଏକମାତ୍ର ନାତିର ଦୁରବସ୍ଥା ଜାଣି ହତବାକ୍ । ଏକଦା ଓଡ଼ିଶାରୁ ସହସ୍ରାଧିକ ଦରିଦ୍ର କୃଷକ ଟଙ୍କା ରୋଜଗାର କରିବା ପାଇଁ ରେଙ୍ଗୁନ୍ ଯାତ୍ରା କରୁଥିଲେ । ତାଙ୍କର ସେଠାକାର ଏବଂ ଏଠି ଛାଡ଼ିଯାଇଥିବା ପରିବାରର ଅସହାୟ ଅବସ୍ଥା ଏହି କବିତା ମାଧ୍ୟମରେ ଅନୁଭବ୍ୟ ।

'ମାଟିର ସତୀତ୍ୱ' ଓ 'ଯଦୁ ସ୍ୱାଇଁର ଗାଥା' କବିତା ୨ଟିରେ ଦୁଇଟି ଦରିଦ୍ର ନିର୍ଯ୍ୟାତିତ ଓ ନିଷ୍ପେଷିତ କୃଷକର କାହାଣୀ ଲିପିବଦ୍ଧ । ଚାଷୀର ସ୍ୱଗତ-ସଂଳାପ ମାଧ୍ୟମରେ ରାଜାର ଚାଷୀ ଉପରେ ଅତ୍ୟାଚାର, ନିର୍ଯ୍ୟାତନା ବର୍ଣ୍ଣିତ । ମନ ଭିତରେ ରାଜା ବିରୁଦ୍ଧରେ ଶତ ବିଦ୍ରୋହର ସ୍ଫୁଲିଙ୍ଗ । ଶୋଷକ ପ୍ରତି ଶାସିତ ମନୋଭାବର ଏକ ଅସନ୍ତୋଷର ଚିତ୍ର -

କାହା ଜମି ଘର ବା କା'ର
ରାଜାର ବା କି ଅଧିକାର ?
ଧରଣୀ କେ ଚିରିଲା ଧରି
ଲଙ୍ଗଳ-ଲୁହାର ଧାର ?
ଯୁଗ ଯୁଗ ଆସିଲେ ଚଷି
ଲୋକେ ମୋର ନିଆଁରେ ପଶି
ଏ ରାଜା ଥିଲାରେ କାହିଁ
ଅଧିକାର ଦେଖାଏ ବସି ?

ତଥାପି ରାଜଦଣ୍ଡ ଓ କ୍ଷମତା ଭୟରେ ଘରଦ୍ୱାର, ଜମିବାଡ଼ି ଛାଡ଼ିଯିବାକୁ ବାଧ ହୋଇଛି । ଯେଉଁ ମାଟିକୁ ମା'ଠୁ ବଳି ଯତ୍ନ କରିଛି, ଯେଉଁ ମାଟି ମା ସମ ତା' ମୁହଁରେ ଅନ୍ନଦେଇଛି ତାକୁ ଛାଡ଼ିଯିବାରେ ଚାଷୀଟିର କୁଣ୍ଠା । ତେଣୁ ମାଟି ମା' ପାଖରେ ତା'ର ଅଳି ଯେଉଁ ରାଜା ତାକୁ ଦାଣ୍ଡର ଭିଖାରୀ କରିଛି, ପରିବାରକୁ ପଥରେ ବସେଇଛି, ସେ ଅନ୍ୟାୟୀ ରାଜାକୁ ଯେପରି ନିଜ ଅନ୍ନରେ ପ୍ରତିପାଳିତ ନ କରେ । ଗରିବ ଚାଷୀଟିର ସ୍ୱାଭିମାନ ବୃଥା ହୋଇଛି । ବର୍ଷକପରେ ଚାଷୀ ଫେରି ଆସି ଶସ୍ୟଶ୍ୟାମଳ ଭରା ଜମି ଦେଖି ବିମୂଢ଼ । ଯେଉଁ ବସୁଧାକୁ ଏତେଦିନ ମା'ରୂପରେ ଦେଖି ଆସିଥିଲା, ସେ ଆଜି ଗଣିକା ରୂପରେ ପ୍ରତୀୟମାନ । ଅନ୍ୟାୟ, ନ୍ୟାୟ, ପ୍ରିୟଜନ, ପରଜନ, ପାପପୁଣ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ ନ ରଖି ଗଣିକାପରି ସେ ଆନନ୍ଦ ଦାନରେ ରତ । ପ୍ରତିହିଂସା ଓ ପ୍ରତିଶୋଧର ଅଗ୍ନିରେ ଜଳି ସେ ଚାହିଁଥିଲା ଅନ୍ୟାୟର ଧ୍ୱଂସ, ଶୋଷକର ପତନ । କିନ୍ତୁ ମାଟି ମା' ତା'ର ପ୍ରାର୍ଥନା ରଖିନାହିଁ, ତେଣୁ ମା'କୁ ଗଣିକା ଆଖ୍ୟା ଦେଇ ନିଷ୍ଫଳ ଆକ୍ରୋଶରେ ଫେରିଯାଇଛି ଚାଷୀଟି । 'ଯଦୁ ସ୍ୱାଇଁର ଗାଥା' କବିତାଟି ସାତଟି ପର୍ଯ୍ୟାୟରେ ପରିକଳ୍ପିତ । ପ୍ରଥମ ପର୍ଯ୍ୟାୟରେ ହୀରାକୁଦ ବନ୍ଧ ଯୋଜନା, ତଜ୍ଜନିତ ପରିକଳ୍ପନା, ତ୍ରୁଟି

Digitized by srujanika@gmail.com

ବର୍ଣ୍ଣିତ । ଦ୍ୱିତୀୟ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ଦରିଦ୍ର କୃଷକ ଯଦୁସ୍ୱାଇଁର କରୁଣ ଚିତ୍ର ରହିଛି । ଗାଁରେ ଖଟି ଖଟି ପେଟ ତଥାପି ଅପୋଷା ରହିଲା । ତେଣୁ ହୀରାକୁଦ ବନ୍ଧ ଯୋଜନାର ସୁନେଲି ପ୍ରକଳ୍ପରେ କାମକରି ଆର୍ଥିକ ସ୍ୱଚ୍ଛଳତା ଫେରାଇବାର ସ୍ୱପ୍ନ ଦେଖିଲା ସେ । ତୃତୀୟ ପର୍ଯ୍ୟାୟରେ ଅଗଣିତ ଶ୍ରମିକଙ୍କର ଅବାଞ୍ଛିତ ଜୀବନଯାତ୍ରାର ଚିତ୍ର ପ୍ରଦତ୍ତ । ଛୋଟ ଛୋଟ ନୁଆଁଣିଆ ଟିଣ କୁଡ଼ିଆରେ ପ୍ରକୃତିର ସମସ୍ତ ବିପର୍ଯ୍ୟୟକୁ ସହିନେଇ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଲା ସୁସ୍ଥ, ସୁଦୀର୍ଘ ଯୁବକ ଯଦୁସ୍ୱାଇଁ । ବନ୍ଧର ଅଗ୍ରଗତି ହେବା ସଙ୍ଗେ ସଙ୍ଗେ ଅସଂଖ୍ୟ ଶ୍ରମିକ କ୍ରମଶଃ କ୍ଷୀଣକାୟ ହେବାରେ ଲାଗିଲେ । ଆଖିରେ ଅତୀତର ଛବି, ମନରେ ଅର୍ଥର ସ୍ୱପ୍ନ । ପଞ୍ଚମ ପର୍ଯ୍ୟାୟରେ ଯଦୁର କେହି ଜଣେ ବନ୍ଧୁ ଚିଠି ପଠେଇଛି ତା' ଘରକୁ । କାମ କରୁ କରୁ ଗୋଡ଼ ଖସିଯାଇ ଯଦୁ ସ୍ୱାଇଁ ଆହତ ହୋଇ ହସପିଟାଲ ଯିବା ରାସ୍ତାରେ ମୃତ୍ୟୁ ବରଣ କରିଛି । ଗୋଟେ ଦିଗରେ ଯଦୁସ୍ୱାଇଁର ମୃତ୍ୟୁରେ ମ୍ରିୟମାଣ, ଅସହାୟ, ଦୁଃଖ ଦୈନ୍ୟର କଷାଘାତରେ ନିର୍ଯ୍ୟାତିତ ତା' ପରିବାର ଓ ଅନ୍ୟ ଦିଗରେ ନେତା, ଇଂଜିନିୟର ମାନଙ୍କ ଅତିଥିଶାଳାରେ ବିଳାସମୟ ଜୀବନର ସମାନ୍ତରାଳ ଚିତ୍ର ପ୍ରଦତ୍ତ । ଗଢ଼ିଛି ଶ୍ରମିକ, ନାଁ ହେଉଛି ଇଂଜିନିୟରର । ଶେଷ ପର୍ଯ୍ୟାୟରେ କବିଙ୍କ ଦରଦୀହୃଦୟ ଆକ୍ରୋଶରେ ଭରି ଉଠିଛି । ସମକାଳରେ କେହି ସେଇ ଅଜଣା ଶ୍ରମିକକୁ ବନ୍ଧ ନିର୍ମାଣର ଶ୍ରେୟ ଦେଉ ବା ନ ଦେଉ ଭବିଷ୍ୟତ ବିଚାର କରିବ ।

'ସୁମେଧାର ବିବାହ' ଓ 'ପତିତପାବନ ବୁଦ୍ଧ' କବିତା ୨ଟି ବୌଦ୍ଧଧର୍ମ ସଂପର୍କିତ । ବୌଦ୍ଧ ଥେରୀ ଗାଥାଶ୍ରୟୀ ଉପରୋକ୍ତ ଗାଥାଟିରେ ରାଜାର କନ୍ୟା ସୁମେଧା ବୁଦ୍ଧଙ୍କର ନିର୍ବାଣପଥ ଅବଲମ୍ବନ କରି ରାଜପୁତ୍ରସହ ବିବାହ ପ୍ରତ୍ୟାଖ୍ୟାନ କରିଛି । ତା'ଦୃଷ୍ଟିରେ ଜ୍ଞାନର ମାର୍ଗ ଶ୍ରେଷ୍ଠ । ସାଂସାରିକ ଜୀବନକୁ ତୁଚ୍ଛ କରି ଦେଇ ସୁମେଧା ବିବାହ ଉତ୍ସବକୁ ନିସ୍ତବ୍ଧ କରି ବୁଦ୍ଧଂକ ମାର୍ଗ ଅନୁସରଣ କରିଛି । 'ପତିତ-ପାବନ ବୁଦ୍ଧ'ରେ ବହୁ ଚର୍ଚ୍ଚିତ ଆମ୍ରପାଲୀ ସହ ବୁଦ୍ଧଙ୍କର ସାକ୍ଷାତ ଘଟଣା ବର୍ଣ୍ଣିତ । ସାମନ୍ତ ଲିଚ୍ଛବୀଙ୍କର ନିମନ୍ତ୍ରଣକୁ ଉପେକ୍ଷାକରି ବୁଦ୍ଧ ସମାଜ ଚକ୍ଷୁରେ ନିନ୍ଦିତ, କଳଙ୍କିତ ଆମ୍ରପାଲୀର ନିମନ୍ତ୍ରଣକୁ ସ୍ୱୀକାର କରିଛନ୍ତି । ଏହି ଘଟଣାରେ ବୈଶାଳୀର ଗୃହେ ଗୃହେ ମୁଖେ ମୁଖେ ବୁଦ୍ଧ ନିନ୍ଦା, ବୁଦ୍ଧ ବିରୋଧୀ ଆଳାପ-ଆଲୋଚନା ମାତ୍ର ସେସବୁକୁ କର୍ଣ୍ଣପାତ ନକରି ଗଣିକା ଦ୍ୱାରରେ ଉପସ୍ଥିତ ହୋଇଥିଲେ ପତିତ-ଉଦ୍ଧାରଣ ବୁଦ୍ଧ ।

''ମହାପ୍ରାଣ ବୁଦ୍ଧ କହେ, ''ଧନଗର୍ବୀ ମୁକ୍ତାଜାଲଠାରୁ
ପତିତର ଅଶ୍ରୁବଡ଼ । ପାପିନୀର ପାଶେ ମୋର ସ୍ଥାନ,
ଯେଣୁ ସେ ଅଭାଗ୍ୟା ।''

'ସ୍ୱରାଜ୍ୟାଶ୍ରମ' କବିତାରେ ଗାନ୍ଧୀବାଦୀ ନିରଂଜନ ସ୍ୱାଇଁ କୈଶୋରରେ ସ୍କୁଲଜୀବନ, କ୍ରୀଡ଼ା କୌତୁକ, ବନ୍ଧୁବାନ୍ଧବ ଭୁଲି ଦେଶପ୍ରେମରେ ଦୀକ୍ଷିତ ହେଇ ଯାଇଥିଲା । ବାର୍ଦ୍ଧକ୍ୟରେ ଉପନୀତ ହୋଇ ସେ ଦେଖେ ନବକୃଷ୍ଣ ଚୌଧୁରୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ । ମାତ୍ର ତା'

Digitized by srujanika@gmail.com

କଳ୍ପିତ ଗାନ୍ଧୀରାଜ୍ୟ ଏବେ ବି ସ୍ୱପ୍ନ । ହତାଶ ନିରାଶା ଜର୍ଜରିତ, ସଂଜ୍ଞାହୀନ ନିରଞ୍ଜନ ସ୍ୱରାଜ୍ୟ ପ୍ରତିଷ୍ଠାର ସ୍ୱପ୍ନ ଦେଖୁ ଦେଖୁ ମୃତ୍ୟୁବରଣ କରିଛି । ଏହା ୩ଟି ପର୍ଯ୍ୟାୟରେ ରଚିତ । ତୀର୍ଥଯାତ୍ରା କବିତାଟି ସତ୍ୟଘଟଣା ଆଧାରିତ । ସଚ୍ଚି ରାଉତରାଂକ ପତ୍ର ବର୍ଣ୍ଣିତ ଘଟଣାର କାବ୍ୟିକ ରୂପ । ନିଃସନ୍ତାନ ମଣି ସନ୍ତାନ ଆଶାରେ ଗାଁ ମହିଳାଙ୍କ ମେଳରେ ଜଗନ୍ନାଥ ଧାମକୁ ଦେବତା ଦର୍ଶନରେ ଯାଇଛି । ଗାଁ ସ୍ତ୍ରୀ ଲୋକଂକ ବାରମ୍ବାର ମନ୍ତ୍ରଣା, ମା ହେବାର ଦୁର୍ବାର ଆଶା ଯୋଗୁ ପୁରୀ ପଣ୍ଡାର ଲୋଲୁପ ଦୃଷ୍ଟି ଓ ଲାଳସାର ଶିକାର ହୋଇଛି । କେବଳ ସନ୍ତାନ ଲୋଭରେ ପାପପୁଣ୍ୟର ବିଚାର ସେ ଛାଡ଼ିଦେଇଛି ଜଗନ୍ନାଥଂକ ଉପରେ । ମାତ୍ର ମଣିର ସ୍ୱାମୀ ଏ ସମସ୍ତ ବିଷୟ ଜାଣିବାପରେ ସେ ହୋଇଛି ନିର୍ଯ୍ୟାତିତା । ଅପବାଦର ସମସ୍ତ କାଳିମାକୁ ବହନକରି ସ୍ୱାମୀଚକ୍ଷୁରେ ପତିତା ହୋଇ ଆତ୍ମହତ୍ୟା କରିଛି ମଣି । ଧର୍ମନାମରେ ବ୍ୟଭିଚାର, ପାଠକମନକୁ ଯେତିକି ଗ୍ଳାନି ଓ କ୍ଷୋଭରେ ତିକ୍ତ କରେ ସେତିକି କରୁଣ ସିକ୍ତ କରେ ଗୋଟିଏ ଅସହାୟା ନାରୀର ମାତୃତ୍ୱ ପ୍ରାପ୍ତିର ଦୁର୍ବାର ଲାଳସା ଓ ତା'ର ଦୁଃଖଦ ପରିଣତି ।

ଆଧୁନିକ ଓଡ଼ିଆ ଗାଥାକବିତାରେ ମାନସିଂହ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । କିଶୋର କବିତାଗୁଡ଼ିକ ଏକାନ୍ତଭାବେ ଶିକ୍ଷଣୀୟ ଓ ନୀତିଶିକ୍ଷାମୂଳକ । ଶିଶୁମାନସିକତାକୁ ଲକ୍ଷ୍ୟକରି ସଚେତନଭାବେ ଏହା ରଚିତ । ଅତୀତର ଐତିହ୍ୟ ଓ ଗୌରବ ଗାଥା ସହ ଶିଶୁଂକୁ ପରିଚିତ କରାଇବା ସହିତ ନୀତିଉପଦେଶ ଗୁଂଫିତ କାହାଣୀ ମାଧମରେ ତାଂକ ଚରିତ୍ର ଗଠନର ଉଦ୍ୟମ ଶିକ୍ଷାକୋଚିତ । ସାହିତ୍ୟ ସାଧନା ତାଙ୍କର କେବଳ ବିଳାସ ବା ପ୍ରବଣତା ନ ଥିଲା, ଏହା ମଧ୍ୟ ତାଂକ ନିମନ୍ତେ ଥିଲା ଜୀବନ ଧର୍ମୀ ।

କବି ପାରିପାର୍ଶ୍ୱିକ ଅବସ୍ଥା, ସାମାଜିକ ଘଟଣା, ବ୍ୟକ୍ତିଗତ ପରିକଳ୍ପନାକୁ ରୂପଦେଇ ରଚନା କରିଛନ୍ତି କେତେକ ସାର୍ଥକ ଗାଥାକବିତା । ତାଂକର ଐତିହାସିକ, କିମ୍ବଦନ୍ତୀ ଓ ଜନଶ୍ରୁତି ଆଧାରିତ କବିତାରେ ପ୍ରାଚୀନ ଉତ୍କଳର ଆତ୍ମା ଯେପରି ସ୍ପନ୍ଦିତ ସେହିପରି ସାଂପ୍ରତିକ ଘଟଣା, ପରିବେଶ ଓ ଜୀବନକୁ ନେଇ ରଚିତ କବିତାରେ ଆଧୁନିକ ସମାଜ ପ୍ରତିଫଳିତ । ଗାଥାକବିତା ଗୁଡ଼ିକରେ ରୂପଜ୍ଞ କବି ମାନସିଂହଂକୁ ପାଇହୁଏନି । ବ୍ୟକ୍ତିଗତ ଓ ସାମାଜିକ ଜୀବନର ବହୁ ଉତ୍‌ଥାନ ପତନ, ଅନୁଭୂତି ଓ ଅଭିଜ୍ଞତାର ଚିତ୍ର ବହନ କରିଛି ଏହି କବିତାଗୁଡ଼ିକ । କେତେବେଳେ ହୀରାକୁଦ ବନ୍ଧରେ କାମକରୁଥିବା, ଯଦୁସ୍ୱାଇଁ ଅବା କେତେବେଳେ 'ଘରପଶା'ର ଗୋକୁଳି ନାଏକ ତାଂକ ଚିନ୍ତାରାଜ୍ୟକୁ ଆନ୍ଦୋଳିତ କରିଛି । ଚାଷଜମି ହରାଇଥିବା କୃଷକଟିଏ, ଅଥବା ଧାର ଶୁଝିନପାରି ନିପୀଡ଼ିତ ହେଉଥିବା ଦରିଦ୍ରଟିଏ ବାସ୍ତବଜଗତରୁ କାବ୍ୟଜଗତକୁ ପ୍ରବେଶ କରିଯାଏ । ସ୍ୱପ୍ନ ଓ କଳ୍ପନା ଜଗତରେ ବିଚରଣ କରୁଥିବା କବି ମାନସିଂହଂକ ପାଦ ସର୍ବଦା ବାସ୍ତବତାର ମାଟିଉପରେ ଦୃଢ଼ । ପୁନର୍ବାର ଏଇ ଦରିଦ୍ର, ନିରନ୍ନ ଜନତାର ଦୁଃଖ ଯାତନାରେ ବ୍ୟଥିତ ହୋଇ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି କବି, କେବେ ଶାସକ ବିରୁଦ୍ଧରେ, କେବେ ସମାଜ

Digitized by srujanika@gmail.com

ବିରୁଦ୍ଧରେ ତ କେବେ ଅଦୃଷ୍ଟ ବରୁଦ୍ଧରେ । 'ମାଟିର ସତୀତ୍ୱ' କବିତାରେ ରାଜାଂକ ଅନ୍ୟାୟ ଶୋଷଣ ଅପେକ୍ଷା ଭଗବାନଂକ ଅବିଚାର କବିଂକୁ ଅଧିକ ଅସହିଷ୍ଣୁ କରିଛି । ତାଂକର ଗାଥାକବିତାଗୁଡ଼ିକ ବିଭିନ୍ନ ସ୍ୱାଦ ଓ ଧାରା ବିଶିଷ୍ଟ । 'ତଅପୋଇ ବିଳାପ'ରୁ ଓଡ଼ିଶାର ଐତିହ୍ୟ, ସଂସ୍କୃତି , 'ସ୍ୱରାଜ୍ୟାଶ୍ରମ'ରେ ଜାତୀୟ ଚେତନା, 'ରେଙ୍ଗୁନ୍ ଚିଠି', 'ଘରପଣା', ଯଦୁସ୍ୱାଇଁର ଗାଥା' 'ମାଟିର ସତୀତ୍ୱ' ଆଦି କବିତାରେ ବାସ୍ତବବାଦୀ ଚିନ୍ତାଧାରା ସହିତ ବୈପ୍ଳବିକ ଚିନ୍ତାଧାରା ଝଲକିତ । ପ୍ରାୟ ସମସ୍ତ କବିତାରେ ରହିଛି ଅସହାୟ ,ଦୁଃଖୀ ମଣିଷର ଆର୍ତ୍ତନାଦ, ଜୀବନ ଚର୍ଯ୍ୟା । ପୀଡ଼ିତ ନିଷ୍ପେଷିତ ମଣିଷ ପ୍ରତି ତାଂକର ସହାନୁଭୂତି ଥିଲା ଚିରନ୍ତନ ।

କବିତା ଗୁଡ଼ିକର ଶୈଳ୍ପିକ ମୂଲ୍ୟ ବିଶେଷଭାବେ ଏହାର ଭାଷା ଓ ବିଷୟବସ୍ତୁ ଓ ଆବେଦନ ଉପରେ ନିର୍ଭରଶୀଳ । ତାଂକର ଭାଷା ବିଭିନ୍ନ କବିତାରେ ବିବିଧ ରୂପରେ ପ୍ରକାଶିତ । ବିଷୟବସ୍ତୁ ଅନୁସାରୀ ଏହା କେତେକ କ୍ଷେତ୍ରରେ ଲୌକିକ । 'ଉଡ଼ିଯାଏ ଗେଣ୍ଡାଳିଆ ପଡ଼ିଯାଏ ଛାଇ', 'ତଅପୋଇ ବିଳାପ'ର ଭାଷା ଲୋକଭାଷା ନିକଟବର୍ତ୍ତୀ ମନେହୁଏ । ଗୋ, ଲୋ ଆଦି ଶବ୍ଦ ବ୍ୟବହାର କରିବା ସହିତ 'ଉଡ଼ିଯାଏ ଗେଣ୍ଡାଳିଆ' ପଦଟି ଲୋକଗୀତ ସ୍ମରଣ କରାଇଥାଏ । ଅପରପକ୍ଷେ ଅନ୍ୟାନ୍ୟ କବିତା ଗୁଡ଼ିକ ମାର୍ଜିତ, ଶୁଦ୍ଧ, ସୁବୋଧ ତଥା ସରଳ ଭାଷାରେ ରଚିତ । ପରିବେଶର ଜୀବନ୍ତ ବର୍ଣ୍ଣନା, କଥାବସ୍ତୁର ନାଟକୀୟ ଉପସ୍ଥାପନା ତଥା ରସ ଅଭିବ୍ୟଞ୍ଜନାରେ କବି ସିଦ୍ଧହସ୍ତ । ଏଥିରେ ରହିଛି କାବ୍ୟିକ ଚାତୁର୍ଯ୍ୟ ଓ ସାହିତ୍ୟିକ ଗାମ୍ଭୀର୍ଯ୍ୟ ।

ଜୀବନର ଖଣ୍ଡିତ ମୁହୂର୍ତ୍ତର ଆବେଗ ବଳିଷ୍ଠଭାବେ ରୂପାୟିତ ତାଂକ କବିତାରେ । ସର୍ବଶେଷରେ କୁହାଯାଇପାରେ ଯେ ଦେହଜ ପ୍ରେମର କବି ରୂପ, ବ୍ୟକ୍ତିର ଊର୍ଦ୍ଧ୍ୱକୁ ଯାଇ ବିଶ୍ୱପ୍ରେମରେ ଓ ବିଭୁପ୍ରେମରେ ନିଜକୁ ବିଲୀନ କରିଦେଇଥିଲେ । ତାଂକର ବ୍ୟକ୍ତି ଓ କବି ଜୀବନ ବୁଦ୍ଧଂକ ଆଦର୍ଶଦ୍ୱାରା ଆଚ୍ଛନ୍ନ । ତେଣୁ ଗାଥା କବିତାରେ ମଧ୍ୟ ବୁଦ୍ଧବାଣୀ ଓ ଆଦର୍ଶ ଝଂକୃତ । ଗାଥା କବିତାଗୁଡ଼ିକର ସୃଷ୍ଟି ସମ୍ବେଦନଶୀଳତାରୁ ; ତେଣୁ କାରୁଣ୍ୟ ଏହାର ଆତ୍ମା ଓ ଆବେଦନ । ମିଳନାନ୍ତକ କବିତା ପାଠକକୁ ଯେତେ ଆନନ୍ଦଦାୟକ ମନେହେଉନା କାହିଁକି କରୁଣରସାତ୍ମକ କବିତାର ଆବେଦନ ଦୀର୍ଘସ୍ଥାୟୀ ଓ ମାର୍ମିକ । କରୁଣ ରସାତ୍ମକ କବିତାର ଆବେଦନ ହିଁ ତାଂକ ସୃଷ୍ଟିର ସଫଳତା । ଗାଥାରେ କାହାଣୀର ଗତି, ବିକାଶ ଓ ପରିଣତି ଅନ୍ତରାଳରେ ରସର ଆଡ଼ମ୍ବରପୂର୍ଣ୍ଣ ପରିପ୍ରକାଶ ସମ୍ଭବ ନୁହେଁ ବୋଲି ସମ୍ଭବତଃ କରୁଣ ରସରେ କବିତାଗୁଡ଼ିକ ଆଦ୍ୟାନ୍ତ ସିକ୍ତ ।

●

Digitized by srujanika@gmail.com

କବି ତୀର୍ଥ : କବି ଓ କବିତା

ଡକ୍ଟର ପ୍ରଭାତୀ ରଥ

''ଦେବତାଙ୍କୁ ପୂଜା ଦେବା ଆଗରୁ ଦେବତାର ମହିମା ଜାଣିବା ଦରକାର । ନଚେତ୍ ସେ ପୂଜା ଓ ସେ ସମ୍ମାନ କେବଳ ପ୍ରାଣହୀନ ଅନୁଷ୍ଠାନ ବା ଅନ୍ଧ ଆଚାରରେ ମାତ୍ର ପରିଣତ ହେବ'' ମାନସିଂହଙ୍କର ଏ ଉକ୍ତି ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । କାବ୍ୟର ମୂଲ୍ୟାୟନ କରିବାକୁ ହେଲେ କବିର ଅନ୍ତର୍ଲୋକ, ଅନ୍ତର୍ଦୃଷ୍ଟିକୁ ଜାଣିବା ଦରକାର । ଜଗତରେ କବିଙ୍କର ହୁଏତ ଭୌତିକ ମୃତ୍ୟୁ ହୁଏ କିନ୍ତୁ କବିତା ମରେନା । ତାହା କାଳଜୟୀ ।

''ମୁକୁଟ ମଣ୍ଡିତ ରାଜା, ଅଛି ତାଙ୍କ ଆଧିପତ୍ୟ ସୀମା ଏ ନିଖିଳ ବିଶ୍ୱ ସୃଷ୍ଟି
ସର୍ବତ୍ର ତୁମରି ରାଜ୍ୟ । ଧନ୍ୟ କବି ତୁମରି ମହିମା ।''

ପରି ପଙ୍କ୍ତିରେ କବିର ସାମ୍ରାଜ୍ୟ ଓ ଜଗତ କଥା କୁହାଯାଇଛି । ନୈରାଜ୍ୟ ହିଁ କବିର ରାଜ୍ୟ । ଅନାହାରରେ ସେ ହୁଏତ ମରିପାରେ । ସମାଜ ହୁଏତ କବିକୁ ମରିବାକୁ ଦିଏ କିନ୍ତୁ କବିତାକୁ ମରିବାକୁ ଦିଏନା । କବି ତାର କାବ୍ୟ ମାଧ୍ୟମରେ ଜନଚିତ୍ତରେ ମୃତ୍ୟୁହୀନ ଜୀବନ ଆରମ୍ଭ କରେ । ଏଣୁ କବି ମାନସିଂହ କହି ବସନ୍ତି ''କବିତା ସେହିପରି ଏକ ମିରାକ୍ଲ; ଅର୍ଥାତ୍ ଯାହା ସାଧାରଣ ପନ୍ଥାରେ ଆଦୌ ସମ୍ଭବ ନୁହେଁ । କଠୋରତମ ମାନବିକ ସାଧନା ଦ୍ୱାରା ଅନାୟାସ ଭାବରେ ହିଁ ଆସେ । କବି ଏକ ସାଧାରଣ ନାଗରିକ, କିନ୍ତୁ ତାର କବିତା ଯଦି ପ୍ରକୃତ କବିତା ହୁଏ, ତେବେ ତାହା ଅସାଧାରଣ ''। ସେଥିପାଇଁ ହିଁ ସମାଜରେ କବି ପ୍ରତି ସେତେ ଉନ୍ମାଦନା ନ ଥିଲେ ହେଁ କବିତା ପ୍ରତି ସମ୍ମାନ ଏତେ ବେଶୀ ।

ମାନସିଂହ କବିତାର ତିନୋଟି ଗୁଣକୁ ସ୍ୱୀକାର କରିଛନ୍ତି । ପ୍ରଥମତଃ ଏହା ଅଲୌକିକତା ବା ମିରାକ୍ଲ ପରି । ଏହା ସାଧାରଣକୁ ଅସାଧାରଣ କରିଦିଏ । ଦ୍ୱିତୀୟତଃ କବିତା ଆନନ୍ଦଦାୟିନୀ । ଏହା ଆମକୁ ମାୟାର ପୁଷ୍ପୋଦ୍ୟାନ ନିକଟକୁ ନେଇଯାଏ । ମନୁଷ୍ୟକୁ ଦୁଃଖରୁ ଦୂରେଇ ନେଇ ଯାଇପାରେ । ଅନ୍ୟ କଥାରେ କହିଲେ କବିତା ସତେକି ଉର୍ବଶୀ ପରି । କବିଙ୍କ ଭାଷାରେ -କବିତା ଆମକୁ ଅଧା ଜଗତ ଅଧା କଳ୍ପନାର ଏକ ସ୍ୱପ୍ନମୟପୁରୀକୁ ନେଇଯାଏ । ଯେଉଁଠି ସତ୍ୟଟା ଠିକ୍ ନିଷ୍ଠୁର ସତ୍ୟ ନୁହେଁ କି ମିଥ୍ୟାଟା ଠିକ୍ ନୁହେଁ । ଜୀବନର ନିଷ୍ଠୁରତାକୁ ପରାଜୟ ଦେବା ପାଇଁ ଆମେ ସ୍ୱପ୍ନ ଦେଖୁ ଏହିପରି ଏକ ଜଗତର, ଯେଉଁଠି ମିଥ୍ୟାର ସ୍ପର୍ଶରେ ସତ୍ୟ ହୁଏ ପ୍ରିୟ । ସତ୍ୟର ସ୍ପର୍ଶରେ ମିଥ୍ୟା ହୁଏ ମଧୁର । କବିତା ସେହି କଳ୍ପଲୋକ । ବସ୍ତୁତଃ କବିତାକୁ ସତ୍ୟ ମିଥ୍ୟାର ଏକ ମଧୁର ସମନ୍ୱୟ ବୋଲାଯାଇପାରେ । ''ମିଥ୍ୟା ପ୍ରତି ଏକ ପ୍ରଣତି'' ଶୀର୍ଷକ କବିତାରେ କୁହାଯାଇଛି -

Digitized by srujanika@gmail.com

''ମିଥ୍ୟା ବି ସତ୍ୟ
ଚକ୍ରବାଳର
ନୀଳ ପର୍ବତ
ସତ୍ୟ ବି ମିଥ୍ୟା
ଇତିହାସର କେଉଁ ନିରୀହ
ନିର୍ବୋଧ କଥା ମିଥ୍ୟା ସୁନ୍ଦର
ଗଢ଼ିଦିଏ ଛନ୍ନର ଘର
ସତ୍ୟ ନିଷ୍ଠୁର
ମାରୁଥାଏ
ଖରାର ତୀର'' ।

ବାସ୍ତବରେ ସତ୍ୟର ହାତୀ ଦେଖା ହିଁ କବିତା । ମିଥ୍ୟାର ଭିଟାମାଟିରେ ସତ୍ୟର ମୂର୍ତ୍ତି ଆଙ୍କିବା ହିଁ କବିତାର ଧର୍ମ ।

ମାୟାଧର ମାନସିଂହଙ୍କ ଦୃଷ୍ଟିରେ କବିତାଟିଏ ସୁଧାନ୍ୱେଷୀ ଗରୁଡ଼ର ପ୍ରତୀକ । ପୁରାଣ କହେ, ଗରୁଡ଼ ଅମୃତ ଆଣିବାକୁ ଗଲାବେଳେ ଇନ୍ଦ୍ର ବଜ୍ରପ୍ରହାର କରିଥିଲେ; କିନ୍ତୁ ସେଥିପାଇଁ ଗରୁଡ଼ର ଭ୍ରୂକ୍ଷେପ ନଥିଲା । ଅନନ୍ତ ଅନ୍ତରୀକ୍ଷକୁ ଧାବମାନ ହିଁ ଥିଲା ତାର ଅଭୀପ୍ସା । ଜଗତର ସୀମିତତା, କ୍ଷୁଦ୍ରତା, ସଂକୀର୍ଣ୍ଣତାକୁ ଭେଦ କରି ରହିଛି ଏକ ପ୍ରଶାନ୍ତମୟ ବିରାଟ ସତ୍ତା । ଏହାକୁ ପରମ ଦୈବତ ତୃଷ୍ଣା ବୋଲାଯାଇପାରେ । ଫଳରେ କବିତାର ତୃତୀୟ ଗୁଣ ହେଲା ଏହା ମଣିଷକୁ ଉନ୍ନୀତ କରାଏ, ଉର୍ଦ୍ଧ୍ୱତା କରାଏ । ଜୀବନ ଓ ଜଗତ ପ୍ରତି ତୃଷ୍ଣା ଓ ମମତା ସତ୍ତ୍ୱେ ମନୁଷ୍ୟ ବିଦ୍ରୋହୀ ହୋଇଉଠେ । ସେ ସ୍ୱାଧୀନ ହେବାର ମୁକ୍ତ ପକ୍ଷୀ ପରି ସଞ୍ଚରି ଯିବାର ସ୍ୱପ୍ନରେ ବିଭୋର ହୁଏ ।

କବିତାର ଏହି ତିନୋଟି କାରଣ ବୟାନ କଲା ପରେ ମାନସିଂହ ରାଜଶେଖରଙ୍କ କାବ୍ୟ ମୀମାଂସାକୁ ସ୍ମରଣ କରିଛନ୍ତି । ସେଠି କବିର ସଂସ୍କାର ଓ ଜୀବନଚର୍ଯ୍ୟା ସଂପର୍କରେ ଆଲୋକପାତ କରାଯାଇଛି । ତହିଁରେ କବିର ସ୍ୱାସ୍ଥ୍ୟ, ପ୍ରତିଭା, ଅଭ୍ୟାସ, ଭକ୍ତି, ବିଦ୍‌ବତ୍ତା, ବହୁଶ୍ରୁତତା, ସ୍ମୃତି-ଦୃଢ଼ତା ଓ ଉତ୍ସାହ ପରି ଆଠୋଟି ମାପର ପରିକଳ୍ପନା କରାଯାଇଛି । କବି ସର୍ବଦା ଶୁଚିବନ୍ତ ରହିବେ । ତାଙ୍କର ବାକ୍ୟଶୌଚ, ମନଶୌଚ ଓ କାୟାଶୌଚ ରହିବା ଦରକାର । ପ୍ରଥମତଃ ଦୁଇଟି ଶୌଚ ଶାସ୍ତ୍ର ଅଧ୍ୟୟନରୁ ଏବଂ ତୃତୀୟ ଶୌଚଟି ଶରୀରଚର୍ଯ୍ୟାରୁ ଆସେ । ବସ୍ତୁତଃ ସୁଠାମ, ସୁସମଞ୍ଜସ କବିସତ୍ତା ନିମନ୍ତେ ସଂସ୍କାର ବିଧାନର ନିର୍ଦ୍ଦେଶନାମା ପ୍ରାଚୀନ ଶାସ୍ତ୍ରରେ ରହିଛି । ଭାରତୀୟ ଚେତନାରେ ସ୍ୱୟଂ ଈଶ୍ୱର ହିଁ କବି । ମାନସିଂହ ଗୀତାର ଚତୁର୍ଥ ଓ ଅଷ୍ଟମ ଅଧ୍ୟାୟକୁ ଦୃଷ୍ଟାନ୍ତ ଦେଇ କହନ୍ତି -ଏଠାରେ କବି ଶବ୍ଦର ତତ୍ତ୍ୱ ହେଉଛି ସର୍ବଜ୍ଞାନର ଉତ୍ସ । ଜ୍ଞାତ ଶକ୍ତି ସମ୍ପନ୍ନ ବ୍ୟକ୍ତି ଅର୍ଥାତ୍ ଦ୍ରଷ୍ଟା । ଏହା ସହିତ

Digitized by srujanika@gmail.com

ପାଶ୍ଚାତ୍ୟ ଚେତନା ସମ୍ଭୂତ 'ପୋଏଟ୍' ଶବ୍ଦର ବ୍ୟାଖ୍ୟା କରି କହିଛନ୍ତି ପାଶ୍ଚାତ୍ୟ ''ପୋଏଟ୍'' ଶବ୍ଦ ଯାହା ଗ୍ରୀକ୍ ସାହିତ୍ୟରେ ବ୍ୟବହୃତ ତାହାର ଅର୍ଥ ହେଉଛି-''ଯେ ଗଠନ କରେ, ମେକର୍, ଇନ୍‌ଭେନ୍‌ଟର । କିଛି ନଥିବାରୁ ଯିଏ ଗୋଟାଏ କିଛି ଆଣି ଠିଆ କରେଇ ଦିଏ''। ଏ ଦୃଷ୍ଟିରୁ ବିଚାର କଲେ ପାଶ୍ଚାତ୍ୟ କବି ଶବ୍ଦ ଭାରତର କବି ଶବ୍ଦ ପରି ଗଭୀର ଅର୍ଥବାହୀ ନୁହେଁ । ତେବେ କବିର ଦ୍ୱିତୀୟ ଈଶ୍ୱରତ୍ୱକୁ ସେ ଗ୍ରହଣ କରିଛନ୍ତି ।

ଏହି ସମନ୍ୱିତ କାବ୍ୟତତ୍ତ୍ୱ ଉପରେ ମାନସିଂହଙ୍କ କବିତାର ବିଚାରଧାରା ନିୟନ୍ତ୍ରିତ । ମାନସିଂହଙ୍କ କବିତା ବ୍ୟାଖ୍ୟା ମୁଖ୍ୟତଃ ସୌନ୍ଦର୍ଯ୍ୟଗ୍ରାହୀ । ତାଙ୍କର କାବ୍ୟତତ୍ତ୍ୱଟି ଭୂମିରୁ ଭୂମାଯାତ୍ରାର ସଂବାହୀ । ସେ ଧୂଳି ଧୂସରିତ ପୃଥିବୀର ମହମହ ମହକରେ ବିଶ୍ୱାସୀ ଅଥଚ ଊର୍ଦ୍ଧ୍ୱତା ଦୈବତ ତୃଷ୍ଣା ପ୍ରତି ବିମୁଖ ନୁହନ୍ତି ।

ରାଧାନାଥଙ୍କ କାବ୍ୟ ସମୀକ୍ଷା କଲାବେଳେ ମାନସିଂହ କବିର ତିନୋଟି ମହତ୍ ସତ୍ତାର ସନ୍ଧାନ ଦେଇଛନ୍ତି । ସେଗୁଡ଼ିକ ହେଲା ଶୀଳ, ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟ । ଯାହା ଆପାତତଃ ଅନୈତିକ ମନେହୁଏ, ତା ଭିତରେ କିପରି ଶୀଳଧର୍ମ ନିହିତ ତାହା ପାର୍ବତୀ ଚରିତ୍ରର ଆଲୋଚନା ପ୍ରସଂଗରେ ଉତ୍‌ଥାପନ କରିଛନ୍ତି । କବିଙ୍କ ଦୃଷ୍ଟିରେ ଚୋଡ଼ଗଙ୍ଗ ଏକାଧାରରେ ଶୌର୍ଯ୍ୟବାନ୍ ଓ ଶୀଳବାନ୍‌ର ପ୍ରତୀକ । ଫଳରେ ରାଧାନାଥଙ୍କୁ ଉଭୟ ଶୀଳ ଓ ଶୌର୍ଯ୍ୟର ପରମ ପୂଜାରୀ ବୋଲି ଅଭିହିତ କରି ଯାଇଛନ୍ତି ।

ରାଧାନାଥଙ୍କ କାବ୍ୟର ମର୍ମ ଉଦ୍‌ଘାଟନରେ ମାନସିଂହ ଶତଜିହ୍ୱ । ରାଧାନାଥଙ୍କୁ ଲକ୍ଷ୍ୟ କରି କେହି କେହି ଟିପ୍‌ପଣୀ ଦେଇଥାନ୍ତି - ''କି ଅକ୍ଷମଣୀୟ ଅପରାଧ ! ଓଡ଼ିଶାର ଗୌରବମୟ ଇତିହାସରେ ରାଜପ୍ରାସାଦ ବା ଦୀନ କୁଟୀରରେ କେବେ ଏପରି କଥା ଘଟିଥିଲା ବା ଶୁଣାଥିଲା କି ?'' ତା'ର ଉତ୍ତର ଦେବାକୁ ଯାଇ ମାନସିଂହ କହନ୍ତି - ''ଅବଶ୍ୟ ବନ୍ଧ ଯଦି ନଦୀକୁ କହେ ଯେ ନଦୀ ବ୍ୟଭିଚାରିଣୀ କାରଣ ସେ ଗତିଶୀଳା ଆଉ ସେ ନିଜେ ସଂଯମୀ, କାରଣ ସେ ଅଚଳ । ତେବେ ସେଠି ଯୁକ୍ତି ଶେଷ, କେବଳ ତର୍କର ଆରମ୍ଭ ।'' ଏହିପରି ଗୋଟିଏ ଚିତ୍ରକଳ୍ପର ଉପସ୍ଥାପନା ଦ୍ୱାରା କବି ନନ୍ଦିକାର ଅଭିସାର ପରି ଘଟଣାକୁ ସୁନ୍ଦର ଭାବରେ ବ୍ୟଞ୍ଜିତ କରିଛନ୍ତି । ଜୀବବିଜ୍ଞାନର ମୌଳିକ ତତ୍ତ୍ୱ ଏହି ଯେ ପ୍ରଣୟ ବ୍ୟାପାରରେ ନାରୀର ପ୍ରଗଲ୍‌ଭତା ଏକ ପ୍ରାକୃତିକ ଘଟଣା ବୋଲି ପ୍ରତିପାଦନ କରନ୍ତି । ବସ୍ତୁତଃ ମାନସିଂହ ସମୀକ୍ଷାରେ କବିଦୃଷ୍ଟି ହିଁ ନିୟତ ପ୍ରତିଫଳିତ ।

କବିଧର୍ମ ସମ୍ପର୍କରେ ମାନସିଂହଙ୍କ ବାଣୀ ଅକୁତୋଭୟ । ପ୍ରକୃତ କବି ପ୍ରତିଭାରେ ଆମେ ଏକ ବିସ୍ମୟର ସମଗ୍ରତା ଦେଖିବାକୁ ପାଉଁ । ପ୍ରକୃତ ପ୍ରତିଭାର ସହସ୍ର ଚକ୍ଷୁ, ସହସ୍ର ଶ୍ରବଣ । ତାର କଳ୍ପଲୋକର ସହସ୍ର ବାତାୟନ ଦେଇ ସେ ବିଶ୍ୱକୁ ଦେଖେ, ଚିହ୍ନେ, ଭଲପାଏ ଓ ଯାହା ନିଜେ ସେ ଦେଖେ, ଚିହ୍ନେ ଓ ଭଲପାଏ ସେ ତାରି ଜୟଗାନ କରେ, ନିଜର ଆତ୍ମ ସନ୍ତୋଷରେ । ଏଥିରେ କବିର ମୁକ୍ତ ମନର କଥା ସୂଚିତ । କବିଚେତନାର ଭୂୟୋବିକାଶ

Digitized by srujanika@gmail.com

ସଂପର୍କରେ ମାନସିଂହ ଏକାନ୍ତ ବିଶ୍ୱାସୀ । ସେ ଶୀଳ, ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟର ଉପାସକ । ତାଙ୍କ ମତରେ ''ଏ ସୃଷ୍ଟିରେ ସୌନ୍ଦର୍ଯ୍ୟ ହିଁ ସମସ୍ତଙ୍କୁ ଆକର୍ଷଣ କରେ । ଏହି ସୌନ୍ଦର୍ଯ୍ୟର ଆକର୍ଷଣ ଦେଇ ନାରୀ ବିଶ୍ୱର ସୃଷ୍ଟି ପ୍ରକ୍ରିୟାକୁ ବଞ୍ଚାଇ ରଖେ ।'' ବସ୍ତୁତଃ କବିର ସୌନ୍ଦର୍ଯ୍ୟାଶ୍ରୟୀ ଦୃଷ୍ଟିରେ ସୃଷ୍ଟିର ଲାବଣ୍ୟ ପ୍ରତିମା ନାରୀ ।

ମାୟାଧରଙ୍କ ଦୃଷ୍ଟିରେ ନାରୀଭାବରୁ କବିତାର ଉତ୍ପତ୍ତି । ନାରୀ ଭାବାପନ୍ନ ସତ୍ତାରୁ କବି ମଣିଷ ଜନ୍ମ ନିଏ । ନାରୀ ଓ ପ୍ରକୃତି ଉଭୟେ ଏକାକାର । କବି ପ୍ରକୃତିର ଛବି ଆଙ୍କିଲା ବେଳେ ନାରୀକୁ ଦେଖେ ଓ ନାରୀ କଥା କହିଲା ବେଳେ ପ୍ରକୃତି ଆସେ । ରାଧାନାଥ କବିତାର ବିଚାର କଲାବେଳେ ମାନସିଂହ କହନ୍ତି -''ରୂପ ପିପାସୀ କବି ସୃଷ୍ଟିର ରୂପ ରସ ବର୍ଣ୍ଣ-ଗନ୍ଧରେ ମୁଗ୍ଧ ହୁଅନ୍ତି । ଏହିସବୁ ଗୁଣ ନାରୀ ଦେହରେ ଓ ପ୍ରକୃତିରେ ଉଭୟତ୍ର ବିଦ୍ୟମାନ । କେଉଁ କବି ନାରୀଠାରେ, କେଉଁ କବି ପ୍ରକୃତିରେ କେଉଁ କବି ଉଭୟରେ ତାଙ୍କର ସୌନ୍ଦର୍ଯ୍ୟ ପିପାସା ପ୍ରଶମିତ କରନ୍ତି । ରାଧାନାଥ ନାରୀ ଓ ପ୍ରକୃତି ଉଭୟଙ୍କ ଉପାସକ ।'' ଫଳରେ ମାନସିଂହ ଏକ ରୂପାନ୍ୱେଷୀ କବି । ତାଙ୍କର ରୂପତତ୍ତ୍ୱଟି ସୌନ୍ଦର୍ଯ୍ୟୋପାସକ ।

ରୂପ ପ୍ରକାଶର ଅପେକ୍ଷା ରଖେ । 'ରୂପ ଆକର୍ଷଣ ପ୍ରବଳ କିବା ନରେ ଅମରେ' କଥାକୁ ରାଧାନାଥ ବିଶ୍ୱାସ କରୁଥିଲେ । ମାନସିଂହ ମଧ୍ୟ କାବ୍ୟ ସାଧନାରେ 'ତବ ରୂପଶିଖା ଜଳୁ ଘନ ଅନ୍ଧକାରେ''ରେ ବିଶ୍ୱାସୀ । ତେବେ ମାନସିଂହ କବି ଓ ଲେଖକର ଲକ୍ଷ୍ୟ ଶୀର୍ଷକରେ କହନ୍ତି-''ସାହିତ୍ୟ ସୃଷ୍ଟି ଓ ସାହିତ୍ୟ ସଂଗଠନ ଏକା କଥା ନୁହେଁ । ଯାହା ସୃଷ୍ଟି ତାହା ଚିରକାଳ ରହସ୍ୟମୟ । ଯାହା ରହସ୍ୟହୀନ ତାହା ସୃଷ୍ଟି ନୁହେଁ । ଯାହା ସୃଷ୍ଟି ନୁହେଁ ତାହା ସାହିତ୍ୟ ନୁହେଁ, ତାହା କାବ୍ୟ କବିତା ତ ଦୂରର କଥା । ଯେଉଁ କବିତା ବା ସାହିତ୍ୟ ଏହି ନବଜାତ ଶିଶୁ ପରି, ନବ ପ୍ରସ୍ଫୁଟିତ ପୁଷ୍ପ ପରି, କୋଷଭିନ୍ନ ପ୍ରଜାପତି ପରି, ପ୍ରଥମ ପ୍ରାବୃଟର ଇନ୍ଦ୍ରଧନୁ ପରି ବିସ୍ମୟ ଓ ଚମତ୍କାରି ଭାବ ଜାଗ୍ରତ କରି ନପାରେ ସେ କ'ଣ ପ୍ରକୃତ ସୃଷ୍ଟି ବୋଲି ଧରାଯିବା ଉଚିତ ? ବସ୍ତୁତଃ କବିତା ସତତ ରହସ୍ୟର ଅପେକ୍ଷା ରଖେ ।

ସାହିତ୍ୟ ଶାସ୍ତ୍ରବିତ୍ ମାନେ ଯେପରି କବିତ୍ୱର ହେତୁ ପ୍ରତିଭା ବୋଲି ଉଲ୍ଲେଖ କରିଛନ୍ତି । ମାନସିଂହ ମଧ୍ୟ ଫ୍ରାନ୍‌ସିସ୍ ଟମ୍‌ସନଙ୍କ ପ୍ରତିଭାର ଆଲୋଚନା ପ୍ରସଙ୍ଗରେ କବିର ପ୍ରତିଭାକୁ ସ୍ୱୀକାର କରିଛନ୍ତି ; ତେବେ ପ୍ରକୃତ ଜୀବନ ସହିତ ସଂପର୍କହୀନ ବ୍ୟକ୍ତି ସତ୍ତା ସୁକବି ହୋଇପାରେନା । କବି ମଣିଷଟିର ଅନୁଭୂତି ସିଦ୍ଧ ଜ୍ଞାନ ଲଭିବା ଦରକାର । ସେ ପରାଙ୍ଗପୁଷ୍ଟ ଜୀବ ସାଜିଲେ ଚଳିବ ନାହିଁ । ପ୍ରତ୍ୟକ୍ଷ ଅଭିଜ୍ଞତା ନଥିଲେ ସେ ଜୀବନକୁ ଚିହ୍ନିବେ କିପରି ? ମଣିଷ ମନର କଥା ଜାଣିବାକୁ ହେଲେ ଏବଂ ମଣିଷ ବୁଝିବା ଭଳି ଭାଷାରେ ବ୍ୟକ୍ତ କରିବାକୁ ହେଲେ କବି ଓ ଲେଖକଙ୍କୁ ଜଣେ ସାଧାରଣ ମଣିଷ ପରି ବଞ୍ଚିବାକୁ ହେବ ନାହିଁ । ତା'ଠାରୁ ଅଧିକ ଗଭୀର, ନିବିଡ଼, ଅର୍ଥମୟ ଜୀବନ ଯାପନ କରିବାକୁ ପଡ଼ିବ । ପୁଣି ସହସ୍ର ମନର ସ୍ୱପ୍ନର ଧାରା ବୁଝିବାକୁ ହେଲେ କବି ଲେଖକକୁ ସହସ୍ର ସାଥିରେ ସମାନ ଭାବରେ ମିଶିବାକୁ

Digitized by srujanika@gmail.com

ହେବ ।'' ଏହି ବକ୍ତବ୍ୟ ଭିତରେ କବି ସମୀକ୍ଷକ ମାନସିଂହ ସୃଜନଶୀଳ କବି ବ୍ୟକ୍ତିଟି କିପରି ନିରୁତା ଅଭିଜ୍ଞତାରୁ ଜନ୍ମ ନେଇ ବିଶ୍ୱବ୍ୟାପୀ ହୁଏ ତାହା ସୂଚାଇ ଦେଇଛନ୍ତି । ତାଙ୍କର ପରିକଳ୍ପିତ ସ୍ରଷ୍ଟାଟି କୌଣସି ଦେଶର ବା କାଳର ନୁହନ୍ତି । ସେ ସର୍ବଦେଶର, ସର୍ବକାଳର । ଏଥିରୁ କାବ୍ୟ ସ୍ରଷ୍ଟା କିପରି ସର୍ବକାଳିକ ଆବେଦନ ଭିତରେ ନିଜ ସୃଷ୍ଟିକୁ ମହିମାମୟ କରିବ ତାହାର ଇଙ୍ଗିତ ସୁସ୍ପଷ୍ଟ ।

ମାନସିଂହଙ୍କ ଦୃଷ୍ଟିରେ -''କବି ବା ଲେଖକ ମନେ ରଖିବେ ଯେ ସେ ଆନନ୍ଦ ଓ ସୌନ୍ଦର୍ଯ୍ୟ ଏଇ ଯୁଗ୍ମ ଦେବତାର ମାନସପୁତ୍ର । ସୌନ୍ଦର୍ଯ୍ୟ ହିଁ ଆନନ୍ଦ ଦାନ କରେ । ଧନ, ପଦ, ସମ୍ମାନରୁ ଏକ ବିକୃତ ସୁଖ ମିଳିପାରେ କିନ୍ତୁ ଆନନ୍ଦ ମିଳେନା ନିଶ୍ଚୟ । ଆନନ୍ଦ ଆଧ୍ୟାତ୍ମିକ, ସୁଖବାହ୍ୟ । ସୌନ୍ଦର୍ଯ୍ୟ ଅର୍ଥାତ୍ ଭାଷାର, ଭାବର, ଚିନ୍ତାର, ଅନୁଭୂତିର, ଆଦର୍ଶର ସୌନ୍ଦର୍ଯ୍ୟ ଏହି ଆନନ୍ଦର ବାହକ । ଯାହା ସୁନ୍ଦର ତାହା ହିଁ ସତ୍ୟ, ଅର୍ଥାତ୍ ସ୍ଥାୟୀ । ଏଣୁ ସୌନ୍ଦର୍ଯ୍ୟ ହିଁ କବିର ନିୟତି ବୋଲି ସମାଲୋଚକ ମାନସିଂହ କହିଛନ୍ତି ।

ମାନସିଂହଙ୍କ ଦୃଷ୍ଟିରେ ସ୍ରଷ୍ଟା ମଣିଷ ଚିର ବିପ୍ଳବୀ । ସେମାନେ କି ଆମର ମନୁସଂହିତାକୁ ମାନି ଚଳିବେ ବୋଲି ଆମେ ଆଶା କରିବା ? ତାରି ପ୍ରଶ୍ନବାଚୀରେ ସେ କବି ଲେଖକଙ୍କୁ ଅକୁତୋଭୟ ସ୍ୱୟଂ କ୍ରିୟାଶୀଳ ଜୀବନ ସତ୍ତା ଭାବେ ସ୍ୱୀକୃତି ଦେଇଛନ୍ତି । ତାଙ୍କ ଭାଷାରେ- ''ସେମାନେ ଯେ ପ୍ରତ୍ୟେକ ଏକ ଏକ ସ୍ୱତନ୍ତ୍ର ନିୟମ । ହେ ସମାଜ, ହେ ସରକାର, ହେ ଜାତି, ତୁମର କବି ଓ ଲେଖକମାନଙ୍କୁ ସେଇୟା କରିବାକୁ କହ । ସେମାନେ ହୁଅନ୍ତୁ ବାୟୁ ପରି ବନ୍ଧନ ହୀନ, ବଜ୍ର ପରି ଭୀଷଣ, ପୁଣି କୋକିଳ ପରି ଯଥେଚ୍ଛାଚାରୀ ଓ ମଧୁରଭାଷୀ । ସେମାନଙ୍କର ସେହି ସ୍ୱାଧୀନତା, ସେହି ବନ୍ଧନହୀନତା, ସେହି ବିଦ୍ରୋହରୁ ହେ ଜାତି ତୁମେ ବିପୁଳ କଲ୍ୟାଣ ଲାଭ କରିବ । ଆଉ କବି, ଲେଖକବୃନ୍ଦ, ତମେମାନେ ସଂକୋଚ ତ୍ୟାଗ କର, ଭୀରୁତା ପରିତ୍ୟାଗ କର, କ୍ଷଣସ୍ଥାୟୀ ସୁଖ ସ୍ୱାଚ୍ଛନ୍ଦ୍ୟର ପ୍ରଲୋଭନକୁ ଦୂରରେ ରଖ, ସ୍ମରଣ କର ତୁମରି ଭିତରେ ହିଁ ପ୍ରକୃତି ତାର ଅମୃତତ୍ୱର ବୀଜ ଉପ୍ତ କରି ଛାଡ଼ି ଦେଇଛି । ତମେ ଅବିନାଶୀ, ତେଣୁ ତୁମେ ହୁଅ ଅକୁତୋଭୟ ।

ବସ୍ତୁତଃ କବି ସମୀକ୍ଷକ ମାନସିଂହ ଥିଲେ ଚିରବିପ୍ଳବୀ । ସେ ଥିଲେ ଏଷ୍ଟାବ୍ଲିଶମେଣ୍ଟର ବିରୋଧୀ । ପରମ୍ପରାର ଅର୍ଗଳି ଲଂଘନ କରିବା ପାଇଁ ସେ ଥିଲେ ସତତ ଉନ୍ମୁଖ । ତାଙ୍କର ପରମ୍ପରାପ୍ରମୁକ୍ତି ଅର୍ଥ ପରମ୍ପରାହୀନତା ନୁହେଁ । ସେ ଐତିହ୍ୟର ପରମ ପୂଜାରୀ । ତେବେ ଏକାନ୍ତ ସତ୍ୟବାନ ମଣିଷ । ସେ ବୈଷ୍ଣବ କବିଙ୍କ ଦେହଭିତ୍ତିକ ବୈଷ୍ଣବ କବିତା ବର୍ଣ୍ଣନା ପରିପ୍ରେକ୍ଷୀରେ କହିଛନ୍ତି -''ଅତୀନ୍ଦ୍ରିୟକୁ ଇନ୍ଦ୍ରିୟ ଘେରି ରହିଛି । ଆତ୍ମା ସଙ୍ଗେ ଦେହ ଲାଗି ରହିଛି ଦେବତା ଦର୍ଶନ କରିବାକୁ ଯାଇ ଦେବଦାସୀର ଦର୍ଶନ ମଧ ମିଳୁଛି । ଅନେକ ସ୍ଥଳରେ ଏପରି ଦେବଦେବୀ ଆଦୌନାହାନ୍ତି କେବଳ ଦେବଦାସୀ ଦେହଲୀଳା'' ଏହା ବୈଷ୍ଣବ କାବ୍ୟର ଏକ ଅକୁତୋଭୟ ସମାଲୋଚନା ନିଶ୍ଚୟ ।

Digitized by srujanika@gmail.com

ଅନେକଙ୍କର ଧାରଣା ମାନସିଂହ ହେଉଛନ୍ତି ମମତାସ୍ନିଗ୍‌ଧ ସମୀକ୍ଷକ । ସମାଲୋଚକଟିଏ ଆଲୋଚ୍ୟ କାବ୍ୟ କବିତାର ବିଚାର କଲାବେଳେ ଯଥାସମ୍ଭବ ସୌହାର୍ଦ୍ଦ୍ୟପୂର୍ଣ୍ଣ ଦୃଷ୍ଟିରେ ଚାହିଁବ; କିନ୍ତୁ ସତ୍ୟାସତ୍ୟ ପ୍ରକାଶ ପ୍ରତି ପରାଙ୍‌ମୁଖ ହେବ ନାହିଁ । ଏବିଷୟରେ ମାନସିଂହ ବେଶ୍ ସଚେତନ ଥିଲେ । ସେ ରବୀନ୍ଦ୍ରନାଥଙ୍କ ସମ୍ପର୍କରେ ଉଲ୍ଲେଖ କରନ୍ତି -''ରବୀନ୍ଦ୍ରନାଥଙ୍କ ପରି ମହାଶିଳ୍ପୀ ବହୁଯୁଗ ପରେ ଥରେ ଥରେ ଦେଖା ଦିଅନ୍ତି । ଅଥଚ ମହାକବି ହୋଇ ମଧ ସେ ନବଯୁଗର ମହାକାବ୍ୟ ଦେଇ ଗଲେନି । ଅନୁପମ କବିତା ଯଦିଓ ଦେଲେ, ଅନୁପମ ଜୀବନ ସୃଷ୍ଟି କରିବାକୁ ଭୁଲିଗଲେ । ଯେପରି କରିଗଲେ କାଳିଦାସ, ନିଖିଳ ଜନର ଆଶା ଓ ସ୍ୱପ୍ନରେ ତିଆରି ଶକୁନ୍ତଳାଙ୍କୁ, ଶାସକର ତୁଙ୍ଗ ଆଦର୍ଶ ପାଇଁ ରଘୁରାଜ କୁଳଙ୍କୁ, ଶୁଚି ଓ ସୌନ୍ଦର୍ଯ୍ୟର ଅତୁଳନୀୟ ସମାହାର ରୂପିଣୀ ପାର୍ବତୀଙ୍କୁ ''। ପୁଣି ଅନ୍ୟତ୍ର କାଳିଦାସଙ୍କ କବିଧର୍ମ ପ୍ରସଙ୍ଗରେ ଲେଖିଛନ୍ତି - ଦେଖି ବସିଲେ କାଳିଦାସ ଅଧିକ ଗ୍ରୀକ୍ ଓ ଭାରତୀୟ । ସେ ସୌନ୍ଦର୍ଯ୍ୟର ପୂଜାରୀ, ପ୍ରତ୍ୟକ୍ଷର ପୂଜାରୀ କିନ୍ତୁ ଭାରତର ଅନ୍ତରାତ୍ମା, ଅପ୍ରତ୍ୟକ୍ଷର ସନ୍ଧାନୀ । ଅସୀମର ଉପାସକ ଓ ଭୂମାର ଗାୟକ, ସେ ନ ଥିଲେ । ଠିକ୍ ସେହିପରି ରାଧାନାଥଙ୍କ କବିତା ଆଲୋଚନା କ୍ରମରେ କହିଛନ୍ତି - ''ରାଧାନାଥ ହିଁ ଓଡ଼ିଶାର ପ୍ରଥମ ଜାତୀୟ କବି । ରାଧାନାଥ ଯେ କେବଳ ଉତ୍କଳକୁ ଚିହ୍ନି ପାରିଥିଲେ ତାହା ନୁହେଁ ତାହାକୁ ଅତୀବ ସୁନ୍ଦର ଭାବରେ ଉତ୍କଳୀୟକୁ ଚିହ୍ନାଇଥିଲେ । ପୁଣି ତାଙ୍କର କାବ୍ୟଶୃଙ୍ଖଳାକୁ ଲକ୍ଷ୍ୟ କରି କହନ୍ତି -''ରାଧାନାଥଙ୍କ ଛନ୍ଦ ଯତ୍ନ-ରଚିତ-ଉଦ୍ୟାନ ପରି । ଯେଉଁଠାରେ ମନୁଷ୍ୟ ପ୍ରକୃତିକୁ ସଖୀ ରୂପେ ଗ୍ରହଣ କରିବାକୁ ସାହସ ପାଏ । ଏଠାରେ ଭୟଙ୍କର କିଛି ନାହିଁ, ଦୁର୍ଭେଦ୍ୟ ବା ଦୁଃସାଧ କିଛି ନାହିଁ । ସବୁ ସୁବୋଧ, ସବୁ ପ୍ରିୟ ।'' ଅଥଚ ପ୍ରାଚୀନ କବିମାନଙ୍କର ଛନ୍ଦ ରଚନା ଅତି ସମୃଦ୍ଧ ଅରଣ୍ୟ ପରି -ଯେଉଁଠାରେ ମନୁଷ୍ୟ ପ୍ରକୃତିକୁ ସଖୀ ପରି ଆଦର କରି ପାରେ ନାହିଁ, ଭୟ କରେ ।

ରାଧାନାଥଙ୍କ ଭାଷା ସଂଯମ ବିଷୟରେ ମାନସିଂହ ଥିଲେ ପ୍ରଶଂସାମୁଖର । କିନ୍ତୁ କେତେକ ସ୍ଥଳରେ ଜନଜୀବନର ଚିତ୍ରଣର ଅଭାବକୁ ସେ ଉଖାରିବା ପାଇଁ କୁଣ୍ଠାପ୍ରକାଶ କରିନାହାନ୍ତି । ''ତାଙ୍କ (ରାଧାନାଥଙ୍କ) ପ୍ରତିଭାରେ ମହାକବିମାନଙ୍କର ଅନେକ ଲକ୍ଷଣ ପ୍ରତ୍ୟକ୍ଷ ହୁଏ । କିନ୍ତ ଯାହା କବିତାର ଶ୍ରେଷ୍ଠାଂଶ ସେହି ଲୋକ ଚରିତ୍ର ଅଭାବରୁ ତାଙ୍କ କାବ୍ୟ ଶୂନ୍ୟଗର୍ଭ ସ୍ୱର୍ଣ୍ଣପାତ୍ର ପରି ହୋଇ ପଡ଼ିଛି । ସେ ପାତ୍ରକୁ ମନୋଜ୍ଞ ଶିକ୍ଷାଦାନ କରିଛନ୍ତି । କିନ୍ତୁ ଯାହା ଘେନି ପାତ୍ର ସାର୍ଥକତା ଲାଭ କରେ ସେହି ପାନୀୟ ରସ ସୃଷ୍ଟି କରି ପାରି ନାହାନ୍ତି ।'' ଜଣେ ପ୍ରିୟ କବି ସମ୍ପର୍କରେ ଏହିପରି ସତ୍ୟବାକ ମନ୍ତବ୍ୟ କ୍ୱଚିତ ସମୀକ୍ଷକ ଦେଇପାରନ୍ତି । ତାଙ୍କର ରାଧାନାଥ ସଂପର୍କିତ ମୂଲ୍ୟାୟନ ଅତ୍ୟନ୍ତ ଭାବଗର୍ଭକ-''ରାଧାନାଥ ସୂର୍ଯ୍ୟ ପରି ବିଶ୍ୱ କବି ହୋଇ ପୃଥିବୀ ବିଖ୍ୟାତ ହୋଇ ପାରି ନାହାନ୍ତି ସତ. କିନ୍ତୁ ଚନ୍ଦ୍ର ପରି ସେ ଆମର ଏଇ କ୍ଷୁଦ୍ର ଉତ୍କଳ ଦେଶକୁ ତାଙ୍କ ପ୍ରତିଭାର ମଧୁର ଜ୍ୟୋତ୍ସ୍ନାରେ ଆହ୍ଲାଦିତ କରି ଆସୁଛନ୍ତି ।''

Digitized by srujanika@gmail.com

ଏ ରୂପେ ସମୀକ୍ଷା କଲେ ମାନସିଂହଙ୍କ ବିଭିନ୍ନ କବି ସଂପର୍କିତ ମୂଲ୍ୟାୟନରେ ପ୍ରଜ୍ଞାଦୀପ୍ତ ମନୀଷାର ପ୍ରତିଫଳନକୁ ଲକ୍ଷ୍ୟ କରି ହୁଏ । ତାଙ୍କ ଦୃଷ୍ଟିରେ ସେକ୍‌ସପିୟର ହୁଅନ୍ତି ଅଯୂତମନା କବି । କବି ମଧୁସୂଦନଙ୍କ କବିତା ତରଳ ସୁଖଲିପ୍‌ସୁ ଯୌବନ ପାଇଁ ନୁହେଁ, ତାହା ତତ୍ତ୍ୱାନ୍ୱେଷୀ ପ୍ରୌଢ଼ ବୟସ ଲାଗି । ବସ୍ତୁତଃ ତାଙ୍କ ସାରସ୍ୱତ ନିକଟରେ କବି ଭାବରେ କ୍ଷୁଦ୍ର ହେଲେ ହେଁ ଗୁରୁ ଭାବରେ ଅତ୍ୟନ୍ତ ବରେଣ୍ୟ । ମଧୁସୂଦନଙ୍କ କବିତା ଏଦେଶରେ ସୁରୁଚି ପ୍ରଚାର କରିଛି । ସୁନୀତି ବିସ୍ତାର କରିଛି । ସବୁଠି ସେ ରୁଚି ଓ ନୀତିର ସଂସ୍ଥାପକ । ମଧୁସୂଦନ କିପରି ସବୁଠାରେ କବିତାକୁ ଈଶ୍ୱରଙ୍କ ଆଡ଼କୁ ଟାଣି ନେଇଛନ୍ତି ତାର ବିଚାର କରି ମାନସିଂହ କହନ୍ତି -''ପଦ୍ମକୁ ଦେଖିଲେ ତାଙ୍କର ଈଶ୍ୱର ମନେ ପଡ଼ିଲେ । ଧ୍ୱନିଟିଏ ଶୁଣିଲେ ଈଶ୍ୱର ମନେ ପଡ଼ିଲେ । ଆକାଶକୁ ଅନେଇଲେ ଈଶ୍ୱର ମନେ ପଡ଼ିଲେ । ନବଜାତ ଶିଶୁକୁ ଦେଖିଲେ ଈଶ୍ୱର ମନେ ପଡ଼ିଲେ । ଏହା ବଡ଼ ଅସ୍ୱାଭାବିକ ଜଣାପଡ଼େ । ଏସବୁ କଥା ଶୁଣି ଶୁଣି ମନ ଅରୁଚି ଅନୁଭବ କରେ । ଏଥିରେ ତାଙ୍କର ଶିକ୍ଷକ ଗୌରବ ବଢ଼ିଛି କିନ୍ତୁ କବି ଗୌରବ ବହୁତ କମିଛି ।'' ଠିକ୍ ସେହିପରି ଗଙ୍ଗାଧରଙ୍କ କାବ୍ୟପ୍ରତିଭା ଆଲୋଚନାରେ କହନ୍ତି - ''କିନ୍ତୁ ଗଙ୍ଗାଧରୀ ପ୍ରତିଭା କ୍ଷୀଣ କରାମତି ଜାଣେନା କାରଣ ସେ ପ୍ରତିଭା ପ୍ରକୃତରେ ଐଶ୍ୱରିକ, ତାହା ଦିବ୍ୟ ଦୃଷ୍ଟି ସମ୍ପନ୍ନ, ତାହା ପ୍ରଫେଟିକ୍ । ତାହା ଜାଣେନା ଯେ ଆଗାମୀ ଅନନ୍ତ ଭବିଷ୍ୟତ କାଳ ପ୍ରବାହରେ ସମସାମୟିକ ତଥାକଥିତ ବଡ଼ଲୋକ ଓ ଭି.ଆଇ.ପି. ମାନଙ୍କର ସ୍ଥାନ କେଉଁଠି ଓ ତାର ସ୍ଥାନ କେଉଁଠି ହେବ ? ଫଳରେ ମାନସିଂହ 'ତାକୁ ମଧ ବୋଲିଥାନ୍ତି 'ଧର୍ମ ଅବତାର' କିମ୍ୱା 'ପଞ୍ଚାୟତ' କବିତାରେ ଗଙ୍ଗାଧରଙ୍କ ମାନବିକତାର ସନ୍ଧାନ ନେଇଥାନ୍ତି । ସେ ସହାନୁଭୂତିଶୀଳ ହୋଇ କହିପକାନ୍ତି -''ଜୀବିକା ପାଇଁ ତାଙ୍କୁ ତନ୍ତ ଧରିବାକୁ, ଜମିଦାରୀର ହିସାବ ରଖିବାକୁ ବା ତମସୁକ ନକଲ କରିବାକୁ ହୋଇଥିଲା କିନ୍ତୁ ଅଦୃଶ୍ୟ ଭାବରେ ବିଧାତା ତାଙ୍କଠାରେ ନ୍ୟସ୍ତ କରି ପଠାଇଥିଲା -ଯାହାର ସ୍ପର୍ଶରେ ମାଟି ହୁଏ ସୁନା, ଅନ୍ଧକାର ହୁଏ ଆଲୋକ ଓ ଦରିଦ୍ର କୁଟୀର ହୁଏ ବର୍ଣ୍ଣ-ଗନ୍ଧମୟ ଚୈତ୍ରବନ''।

କୁନ୍ତଳା କୁମାରୀଙ୍କ କବିତାର ଅନୁଶୀଳନ ମଧ୍ୟରେ ମାନସିଂହ ଦେଖନ୍ତି ଏକ ଜୀବନ୍ତ ବ୍ୟକ୍ତିତ୍ୱ । ତାଙ୍କର ସାରସ୍ୱତ ସାଧନା ଓ ଜୀବନର ଯୋଗସୂତ୍ର ଏକତ୍ର ଗୁନ୍ଥା ନୁହେଁ ବୋଲି ସ୍ୱୀକାର କରି କହନ୍ତି -ଲେଖା ଠାରୁ ସେମାନଙ୍କର ସ୍ୱତନ୍ତ୍ର ସତ୍ତା ନଥିଲା । ଶେଲୀ, ଦାନ୍ତେ, କାଳିଦାସ ଏହି ଶ୍ରେଣୀର । ଏଠି କାବ୍ୟ ହିଁ କବି । କୁନ୍ତଳା କୁମାରୀ କିନ୍ତୁ ଏ ଦଳର ନଥିଲେ । ସେ ସେହି ଦଳର, ଯାହାଙ୍କର ସାରସ୍ୱତ ସାଧନା ଏକ ସୌଖୀନ ଆନନ୍ଦଦାୟକ, 'ହବ୍‌ବି' । ତାଙ୍କ ବ୍ୟକ୍ତିତ୍ୱର ବହୁମୁଖୀ ବିକାଶ ମଧ୍ୟରୁ ସାହିତ୍ୟ ଗୋଟିଏ ମୁଖ ମାତ୍ର ।

ମାନସିଂହଙ୍କ ଦୃଷ୍ଟିରେ ଗୋପବନ୍ଧୁ ମାନବତାବାଦର କବି । ତାଙ୍କ କବିତା ମାନବିକତାର ମେଦୁର ସ୍ପର୍ଶରେ କିପରି ପ୍ରାଣବନ୍ତ ତାହା ପ୍ରଣୟୀ ଗୋପବନ୍ଧୁ ଓ ମାନବ ଗୋପବନ୍ଧୁ ଆଲୋଚନା ଦ୍ୱୟରେ ପ୍ରତିପାଦିତ । ଏ ସମୟରେ କବି ନୀଳକଣ୍ଠଙ୍କ ''କୋଣାର୍କେ''ର

Digitized by srujanika@gmail.com

ସମୀକ୍ଷା କରି ଲେଖିଛନ୍ତି -"ଓଡ଼ିଶାରେ ସାଧାରଣତଃ ଯେପରି କାବ୍ୟ ଆମ୍ଭେମାନେ ପଢ଼ିବାକୁ ପାଉଁ ସେଗୁଡ଼ିକର ଗତାନୁଗତିକ ସ୍ଥାପତ୍ୟ ଠାରୁ କୋଣାର୍କ କାବ୍ୟର ସ୍ଥାପତ୍ୟ ଠାରୁ 'କୋଣାର୍କ' କାବ୍ୟର ସ୍ଥାପତ୍ୟ ତ ସଂପୂର୍ଣ୍ଣ ଭିନ୍ନ । ଏହାର କାରୁଶିଳ୍ପ ମଧ୍ୟ ଅନେକାଂଶରେ କବିଙ୍କର ନିଜସ୍ୱ ହୋଇଥିବାରୁ ଏ କାବ୍ୟ ସାଧାରଣଙ୍କ ପ୍ରିୟ ହୋଇ ନପାରେ କିନ୍ତୁ ଠିକ୍ ସେହି କାରଣରୁ ହିଁ ଚିହ୍ନରା ଗ୍ରାହକମାନଙ୍କଠାରେ ଏହାର ମୂଲ୍ୟ ବେଶୀ । ଗତାନୁଗତିକତାଠାରୁ ଭିନ୍ନ ହୋଇଥିବାରୁ ହିଁ ଏ କାବ୍ୟ ପ୍ରତି ମୋର ସ୍ୱତନ୍ତ୍ର ଶ୍ରଦ୍ଧା"। ଏଥିରେ ମାନସିଂହଙ୍କ କାବ୍ୟସମୀକ୍ଷାର ସ୍ୱରକୁ ଦେଖି ହୁଏ ।

ମାନସିଂହ କବି ସମୀକ୍ଷକର ତୃତୀୟ ନୟନଟି ବଡ଼ ତୀକ୍ଷ୍ଣ ଥିଲା; ଏଣୁ ଗୋଦାବରୀଶଙ୍କ ସାରସ୍ୱତ ମନୀଷାରେ ତାଙ୍କର ଚାରଣତ୍ୱକୁ ଆବିଷ୍କାର କରିଛନ୍ତି । ତାଙ୍କ କାବ୍ୟ କବିତାର ଆଲୋଚନା ଭିତ୍ତିରେ ସେ ଉତ୍କଳର ଚାରଣ କବି ରୂପେ ଅଭିହିତ ।

ଏହିପରି ବହୁବିଧ ଆଲୋଚନା ସତ୍ତ୍ୱେ ମାନସିଂହଙ୍କ ସମୀକ୍ଷକ ମନଟି ଐତିହ୍ୟ ସର୍ବସ୍ୱ । ସେ ଆପାତତଃ ପରମ୍ପରା ବିରୋଧୀ ମନେ ହେଲେ ହେଁ ତାଙ୍କର ପରମ୍ପରାନିଷ୍ଠତାକୁ ଅସ୍ୱୀକାର କରାଯାଇ ପାରେନା । ସେ ନୂତନ କବିତା ସମ୍ପର୍କରେ ଟିପ୍‌ପଣୀ ଦେଇ କହିଛନ୍ତି- "ଓଡ଼ିଶାର ତଥାକଥିତ ନୂତନ କବିମାନେ ଏ ଲେଖାର ତାତ୍ପର୍ଯ୍ୟ ଗ୍ରହଣ କରିବେ, ସେମାନେ ଦୟାକରି ମନେ ରଖନ୍ତୁ ରୁଷିଆର ସ୍ପୁଟ୍‌ନିକ୍ ଓଡ଼ିଶା ଆକାଶରେ ଉଡ଼ିଲେ ତାହା ଓଡ଼ିଶାର ହୋଇ ଯିବନି ବା ଆମେରିକାନ୍ ହାୱାଇ ସାର୍ଟ ପିନ୍ଧିଲେ ଆମେ ଆମେରିକାନ୍ ହୋଇ ଯିବାନି । X X X X ସାହିତ୍ୟର ରାଜ୍ୟ ହେଲା ବୋଧି ଓ ଅନୁଭବ ଜନିତ ଆନନ୍ଦର ରାଜ୍ୟ ।"

ଏ ସମସ୍ତ ଆଲୋଚନାରୁ ମନେହୁଏ ଯେ, ମାନସିଂହ ଚାହୁଁଥିଲେ କବିତା ହେଉ ନିରୁତା କବିତା । ସେ କହୁଥିଲେ, "କବିତା ଛନ୍ଦରେ ନାହିଁ, ଅଭିଧାନରେ ନାହିଁ, ପାଣ୍ଡିତ୍ୟରେ ନାହିଁ । ତାହା ଏକ ରହସ୍ୟ ବସ୍ତୁ ।" ଏଣୁ କବି ଓ କବିତା ପରି ସମୀକ୍ଷା ଗ୍ରନ୍ଥରେ ମାନସିଂହଙ୍କ କବି ସମୀକ୍ଷକ ରୂପକୁ ଦେଖି ହୁଏ । ତାଙ୍କର ତୃତୀୟ ନୟନରେ ସମାଲୋଚନା ସୂତ୍ରକୁ ସେ ପ୍ରସ୍ତୁତ କରି ଯାଇଛନ୍ତି । ଏଣୁ ଏଥିରେ କବିର ମନୀଷା ସହ ସମୀକ୍ଷକର କାବ୍ୟତୀର୍ଥକୁ ଲକ୍ଷ୍ୟ କରାଯାଇପାରେ । ସମାଲୋଚନାର ଶାଣିତ ଦୃଷ୍ଟିଭଙ୍ଗୀରେ କୌଣସି ଅନ୍ୟାୟ ଦୁର୍ନୀତି ବାଦ୍ ପଡ଼ିନାହିଁ । ଜାତି ସମ୍ମାନାସ୍ପଦ ହୁଏନା । ଶସ୍ତା ପୁରସ୍କାର ବାଣ୍ଟି ବା ପଦପଦବୀ ସୃଷ୍ଟି କରି କିମ୍ବା ଡ୍ୟାମ୍ ବନ୍ଧ ଗଢ଼ି । ଜାତି ଗୌରବମୟ ହୁଏ କେବଳ ସେହି ଜାତିରେ ଥିବା ଜ୍ଞାନ ସାଧକଙ୍କ ଅନୁପାତରେ ଯେଉଁମାନେ ଜ୍ଞାନ ସାଧକଙ୍କ ଅନୁପାତରେ ଯେଉଁମାନେ ଜ୍ଞାନର ତପସ୍ୟାରେ ତପସ୍ୱୀ । ନିଜର ଜ୍ଞାନଯଜ୍ଞର ପୁଣ୍ୟ ଜ୍ୟୋତିକୁ କୌଣସି ଇତର ଭାବନା ପ୍ରଭାବିତ କରି ପାରେ ନାହିଁ ବୋଲି ସ୍ୱୀୟ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି । ଏ ଦେଶର ପରମ୍ପରାପୁଷ୍ଟ କବିମାନଙ୍କର ସାହିତ୍ୟିକ ପ୍ରତିଭାର କଳନା ପରିପ୍ରେକ୍ଷୀରେ ପାଶ୍ଚାତ୍ୟ

Digitized by srujanika@gmail.com

ସମୀକ୍ଷାଶାସ୍ତ୍ରର ପଦ୍ଧତିକୁ ପ୍ରୟୋଗ କରିଛନ୍ତି । ମାନସିଂହଙ୍କ ଗବେଷଣାତ୍ମକ ଗ୍ରନ୍ଥ 'କାଳିଦାସ ଓ ସେକ୍ସ୍‌ପିୟର୍' ପୁସ୍ତକରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜୀବନାଦର୍ଶରେ ମାନବୀୟ ସ୍ନେହ ସହାନୁଭୂତି ଉଭୟ ଶିଳ୍ପୀ ଜୀବନର ମହନୀୟ ସାହିତ୍ୟାଦର୍ଶ ରୂପେ ଚିତ୍ରିତ । ବରଂ ଉଭୟ ଦେଶୀୟ ସଂସ୍କୃତି ସେଠାରେ ଗୌଣ ମନେହେବା ସ୍ଥଳେ ମାନବିକତା ହୋଇଛି ଶ୍ରେଷ୍ଠ । ଉଭୟ ଶିଳ୍ପୀଙ୍କ ଶିଳ୍ପରେ ବର୍ଣ୍ଣିତ ମୁଖ୍ୟ ଚରିତ୍ର ଯଥା - ଦୁଷ୍ମନ୍ତ ଓ ଶକୁନ୍ତଳା ଏବଂ ରୋଜାଲିଣ୍ଡ ଓ ଥରଲେଣ୍ଡୋଙ୍କ ନୈସର୍ଗିକ ପ୍ରେମ ସହ ସାର୍ବକାଳୀନ ମାନବୀୟ ଜୀବନ ଜିଜ୍ଞାସାର ପ୍ରତିଚ୍ଛବି ଉକ୍ତ ଗ୍ରନ୍ଥର ଅନ୍ୟତମ ବିଶେଷତ୍ୱ । ମାନସିଂହଙ୍କର ଏହି ମରମୀ ଦୃଷ୍ଟିକୋଣ କ୍ରମଶଃ ଅନାସକ୍ତ ନିରପେକ୍ଷ ହୋଇ ଉଠିଛି । ଏ କ୍ଷେତ୍ରରେ ତାଙ୍କର ଓଡ଼ିଆ ସାହିତ୍ୟର ଇତିହାସକୁ ଗ୍ରହଣ କରାଯାଇପାରେ । ତାଙ୍କ ରଚିତ History of Oriya Literature ଗ୍ରନ୍ଥରେ ସତ୍ୟବାକ୍ ସମୀକ୍ଷକ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ । ସେଥିରେ କେତେଜଣ ସାଧକ-କବିଙ୍କ କୃତିକୁ ଅକବିତା କହିବାଦ୍ୱାରା ପାଠକ ମହଲରେ କମ୍ ଝଡ଼ ଉଠି ନଥିଲା । ତାଙ୍କ ଦୃଷ୍ଟିରେ ପୁଣି ତଥାକଥିତ ବହୁ ସ୍ରଷ୍ଟା ବାଦ୍ ପଡ଼ିଥିଲେ । ଫଳରେ ତାଙ୍କ କୃତି ଓ ମାନସିକତାକୁ ନେଇ ସାହିତ୍ୟରେ ଧର୍ଷଣ କହିଥିବା ହେତୁ ତାଙ୍କୁ କମ୍ ମୂଲ୍ୟ ଦେବାକୁ ପଡ଼ି ନଥିଲା । ତଥାପି ସେ ଥିଲେ ଅଚଳ ମହାମେରୁ । କାହାରି ଅଭିଯୋଗରେ ସେ ପ୍ରଭାବିତ ନହୋଇ ସ୍ପଷ୍ଟବାଦିତାର ପ୍ରମାଣ ତାଙ୍କର ସମାଲୋଚନାର ଧାରାକୁ ଅଧିକ ପ୍ରଶସ୍ତ କରିଛି ।

ମାନସିଂହଙ୍କ ସମାଲୋଚନାର ଆଉ ଏକ ଦିଗ ହେଉଛି ତାଙ୍କ ସଂସ୍କୃତି ନିଷ୍ଠା । ସେ ଅଧିକାଂଶ କବି ଓ ସାହିତ୍ୟିକଙ୍କୁ ସଂସ୍କୃତିର ବାହକ ଓ ଧାରକ ରୂପେ ପ୍ରମାଣିତ କରିବାକୁ ଚାହୁଁଥିଲେ । କୌଣସି ଦେଶ ଓ ଜାତି ତାର ନିଜର ମାଟି, ଇତିହାସ ଓ ପରମ୍ପରାରୁ ବିଚ୍ଛିନ୍ନ ହୋଇ ନ ପାରେ । ଓଡ଼ିଆ ଜାତିର ପ୍ରାଚୀନ ଐତିହ୍ୟ ସୁଦୃଢ଼ ପରମ୍ପରାକୁ ବଜାୟ ରଖିବା ଥିଲା ମାନସିଂହଙ୍କ ପ୍ରବଳ ଆକାଂକ୍ଷା । ଯେତେବେଳେ ସେ ଓଡ଼ିଶୀ ଚେତନାକୁ ପରିହାର କରି ଅନ୍ୟ ପ୍ରାନ୍ତୀୟ ଚେତନା କିମ୍ବା ଭାଷାଗତ ସୌକାର୍ଯ୍ୟହୀନତା କୌଣସି ସାହିତ୍ୟରେ ଲକ୍ଷ୍ୟ କରୁଥିଲେ ସେତେବେଳେ ଖଡ୍‌ଗହସ୍ତ ହୋଇ ପଡୁଥିଲେ । ସବୁଜ ସାହିତ୍ୟ ପ୍ରତି ତାଙ୍କର ଅଭିମତ ଏଠାରେ ଲକ୍ଷଣୀୟ । ''ଏ ଦେଶରେ ଯେ କିଆ ପୋଲାଙ୍ଗ ଫୁଟି ଝଡ଼ି ପଡୁଛି, ସେ ଖବର ନ ରଖି ଏମାନେ ଚାମେଲୀ, ଗୋଲାପ ଫୁଲ ବାସ୍ନା ହେନାର ଗନ୍ଧ ଆଣି ଆମକୁ ଶୁଙ୍ଘାଇଲେ । ସାଧବ ଝିଅ ନଈରେ ଗାଧୋଇବା ବେଳେ ଛିଣ୍ଡି ପଡ଼ିଥିବା ବାରହାତ ଲମ୍ବ ବାଳକୁ ସୁନା ଫରୁଆରେ ପୂରାଇ ପାଣିରେ ଭସାଇ ଦେଇ ଅନାଇ ରହିଛି ସେ ଦୃଶ୍ୟ କବିମାନେ ଦେଖିପାରୁ ନାହାନ୍ତି । ସେମାନେ ସବୁଜ ପରୀ । ଆସ୍‌ମାନ ପରୀର ଦୃଶ୍ୟ ଆମକୁ ଦେଖାଇଛନ୍ତି । ପରାଙ୍ଗଭୋଜୀ ଉଦ୍ଭିଦ କେବେ ହେଲେ ମୃତ୍ତିକା ଭୋଜୀ ଉଦ୍ଭିଦ ଠାରୁ ସୁସ୍ଥତର ଓ ସୁନ୍ଦରତର ହେବ ନାହିଁ । ତାଙ୍କର ସୌନ୍ଦର୍ଯ୍ୟଗ୍ରାହୀ ଓ ସଂସ୍କୃତିନିଷ୍ଠତାର ପ୍ରତିଫଳନ ମାନସିଂହଙ୍କ ସମାଲୋଚନା କୃତିକୁ ଅତୁଳନୀୟ ଗୌରବ ପ୍ରଦାନ କରିଛି । ତାଙ୍କ ଦୃଷ୍ଟିରେ ସାରଳା ଦାସ ହୋଇ ଉଠନ୍ତି ମାଟିର ମହାକବି । ଫକୀର ମୋହନ ହୋଇ ଯାଆନ୍ତି ସରସ୍ୱତୀ ଫକୀର ମୋହନ ।

Digitized by srujanika@gmail.com

ମାନସିଂହ ଆପଣାର ଚେତନାରେ ଥିଲେ ମାନବତାବାଦୀ । କୌଣସି ଧର୍ମୀୟ ସମ୍ପ୍ରଦାୟରେ ନିଜକୁ ବାନ୍ଧୁ ନଥିଲେ । ଉଦାର ମାନବତବାଦର ପ୍ରଚାର ଓ ପ୍ରସାର ଥିଲା ତାଙ୍କର ମୂଳ ଲକ୍ଷ୍ୟ, ତାଙ୍କର ଜଗନ୍ନାଥ ସଂସ୍କୃତିକୁ ନେଇ ରଚିତ The saga of the Lord of Jagannath ଓଡ଼ିଆ ସାହିତ୍ୟର ଏକ ମହନୀୟ ସୃଷ୍ଟି । ଫଳତଃ ମାନସିଂହ ବୌଦ୍ଧର ପ୍ରଜ୍ଞା, ବୈଷ୍ଣବର ହୃଦୟ ଓ ହିନ୍ଦୁର ଉଦାର ମନ, ଖ୍ରୀଷ୍ଟିଆନ୍‌ର କରୁଣା ସବୁ ବିଷୟ ଆଲୋଚନା କରୁଥିଲେ ।

ଓଡ଼ିଆ ସମାଲୋଚନା କ୍ଷେତ୍ରରେ ମାନସିଂହ ଥିଲେ ଜଣେ ରସବାଦୀ ସମାଲୋଚକ । ସେହି ବିଚାରଧାରାରେ ପ୍ରଜ୍ଞାଦୀପ୍ତତା ଅପେକ୍ଷା ହୃଦୟବତ୍ତାହିଁ ଅଧିକ ଉର୍ଦ୍ଧ୍ୱସ୍ଥଳ । ଫଳରେ ତାଙ୍କର ଆଲୋଚନାଗୁଡ଼ିକ ବେଳେ ବେଳେ ସ୍ୱକୀୟ ମନ୍ତବ୍ୟ ଭାବେ ଗୃହୀତ ହୋଇଥାଏ । ମାନସିଂହଙ୍କ କାବ୍ୟଜଗତ ଯେପରି ଆବେଗପ୍ରବଣ ମାନସିକତାରେ ଅନୁସିକ୍ତ ତାଙ୍କର ସମାଲୋଚନା କୃତି ସେହିପରି ଅଦମନୀୟ ଗିରିଝର ପରି ଗତିଶୀଳ । ବସ୍ତୁତଃ ମାୟାଧର ମାନସିଂହ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ଏକ ବରେଣ୍ୟ ପ୍ରତିଭା । ତାଙ୍କୁ ଇଲିୟଟ୍‌ଙ୍କ ପରିଭାଷାରେ କବି ସମୀକ୍ଷକ କହିବା ଏକାନ୍ତ ଯୁକ୍ତିଯୁକ୍ତ ।

Digitized by srujanika@gmail.com

କବି ଡକ୍ଟର ମାନସିଂହଙ୍କ ଜୀବନଦର୍ଶନ

ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି

ଡକ୍ଟର ମାୟାଧର ମାନସିଂହ (୧୯୦୫-୧୯୭୩) ସାହିତ୍ୟ କ୍ଷେତ୍ରରେ ଥିଲେ ବହୁମୁଖୀ । ଧୂପ, ହେମଶସ୍ୟ, ହେମପୁଷ୍ପ, କୋଣାର୍କ, ପ୍ରେମପୁଷ୍ପ, ପ୍ରେମଶସ୍ୟ, ମାଟିବାଣୀ, ଜୀବନଚିତା, ବାପୁତର୍ପଣ, ଅକ୍ଷତ, କୃଶ, ସିନ୍ଧୁ ଓ ବିନ୍ଦୁ, ସ୍ୱରାଜ୍ୟ ଆଶ୍ରମ ଆଦି କବିତାପୁସ୍ତକର କବି; ଉପେକ୍ଷିତା, ଶୁଭଦୃଷ୍ଟି, ସାଧବ ଝିଅ, ଜେମା ଓ କମଳାୟନ କାବ୍ୟମାନଙ୍କର କାବ୍ୟକାର, ରାଜକବି, ପୁଷ୍ପିତା, ପୂଜାରିଣୀ, ନଷ୍ଟନୀଡ଼, ବାରବାଟୀ, ବୁଦ୍ଧ, ଶାସନଚକ୍ର ଓ ଦୁର୍ଭିକ୍ଷ ଆଦିର ନାଟ୍ୟକାର; କବି ଓ କବିତା, ଜୀବନପଥ, ଓଡ଼ିଆ ସମାଜ ଓ ସାହିତ୍ୟ , 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ', ମାଟିର ମାହା କବି ସାରଳାଦାସ, ସରସ୍ୱତୀ ଫକୀର ମୋହନ ଓ ଗୀତା ମାହାତ୍ମ୍ୟର ଆଲୋଚକ; ଆତ୍ମଜୀବନୀ -ଶିକ୍ଷାବିତ୍‌ର ଗାଥା; ଉପନ୍ୟାସ- ଅନ୍ୱେଷଣ; ଭ୍ରମଣ କାହାଣୀ-ପଶ୍ଚିମ ପଥିକ; ଅଥେଲୋ, ଗୁରୁ ନାନକ ବାଣୀ ଓ ଗ୍ରାମୋନ୍ନତିର ରୋମାଞ୍ଚକର କାହାଣୀ ଆଦିର ଅନୁବାଦକ ରୂପେ ଓଡ଼ିଆ ସାହିତ୍ୟକୁ ତାଙ୍କର ଦାନ ଅନନ୍ୟ । ଶଙ୍ଖ ଓ ମେହେର ପ୍ରଦୀପ ସାହିତ୍ୟପତ୍ରର ସମ୍ପାଦନା 'ଜ୍ଞାନକୋଷ'ର ସଙ୍କଳନ ଓ 'ସ୍ୱରାଜ' ଦୈନିକର ସମ୍ପାଦନା ଓ ବହୁ ପାଠ୍ୟପୁସ୍ତକ ରଚୟିତା ଭାବରେ ଓଡ଼ିଆ ସାହିତ୍ୟକୁ ତାଙ୍କର ଦାନ ସର୍ବାଧିକ ତଥା ସର୍ବମାନ୍ୟ ।

କବି ମାୟାଧରଙ୍କ ଜୀବନର ପ୍ରତିକୂଳ ପରିସ୍ଥିତି ମଧରେ ତାଙ୍କର ସୃଷ୍ଟି ସାହିତ୍ୟ ପାଠକର ହୃଦୟକୁ ଅନ୍ତରଙ୍ଗ ଭାବରେ ସ୍ପର୍ଶ କରିଛି । ତାହାଙ୍କ ଶିଳ୍ପୀ ହୃଦୟ ଭିନ୍ନ ଭିନ୍ନ ସମୟରେ କ୍ଷତବିକ୍ଷତ ହୋଇଥିବାରୁ ଅନ୍ତରର ଦହନ ପରିପ୍ରକାଶିତ ହୋଇଛି ସୃଷ୍ଟି ମାଧମରେ । ସେଥିପାଇଁ 'ବୁଦ୍ଧଂ ଶରଣଂ ଗଚ୍ଛାମି' କବିତାରେ ଆପଣାର ମାନସିକ ଖେଦର ପ୍ରତିଫଳନ-

''ତୁମରି ଚରଣେ ଶରଣ ପଶିଛି ପ୍ରପଞ୍ଚ ଜଞ୍ଜାଳୁ
ବିଦାୟ ନେଇଛି ଘର, ପରିବାର, ସମାଜ ବନ୍ଧୁଠାରୁ ।
ସୂକ୍ଷ୍ମତନ୍ତେ ଟାଣି ମାୟା ମୋତେ ତଥାପି ଦିଅଇ ଜର
ହେ କରୁଣାମୟ ! ଆଶ୍ରୟ ଦିଅ, କର ହେ ନିକଟତର ।''

(ସିନ୍ଧୁ ଓ ବିନ୍ଦୁ)

ତୃତୀୟାକ୍ଷି ଜନନୀଙ୍କ ପରମ କରୁଣା ବର୍ଷଣ ପାଇଁ ସେ କହିଛନ୍ତି -

''ଅସତ୍ୟରୁ ସତ୍ୟେ ଟାଣି ନିଅ, ଆଲୋକରେ ଘନ ଅନ୍ଧକାରୁ
ମରଣରୁ ନିଅ ଅମୃତରେ, କୁତ୍ସିତରୁ ଯା ମଧୁର, ଚାରୁ ।''

(ସିନ୍ଧୁ ଓ ବିନ୍ଦୁ)

Digitized by srujanika@gmail.com

ଉଲ୍ଲୋଳ କଲ୍ଲୋଳ ଜୀବନ-ଯମୁନା-ଜଳରେ ବାସନାର ତୀରବନ ଥରେ, ମୁଗ୍‌ଧ ଜୀବ-ଗୋପୀ ସୁଖ ସ୍ୱପ୍ନର ଆଶାରେ ଧୀରେ ଧୀରେ ଯମୁନା ଘାଟକୁ ଚଳି ଯାଉଛି । ଜୀବନର ଜଳ ସୁଖେ, ବାସନାର ଫୁଲ ଫୁଟେ, ଫଳ ଫଳେ, କାମନାର ବହ୍ନି ବେଳୁ ବେଳ ପ୍ରଜ୍ୱଳିତ ହୁଏ । କାହାର ସେ ମଧୁର ମୁରଲୀ ସ୍ୱନ - ସଂବିତ୍ ସତ୍ତାରେ ହଜିଯାଏ । ବାସନାର ଶୃଙ୍ଖଳ ଖସିପଡ଼େ । ପରମ ମିଳନ ପାଇଁ ପ୍ରାଣ ମାତି ଉଠେ । ତାରି ବର୍ଣ୍ଣନାରେ କବି ଲେଖନୀ ମୁଖର -

''ଜୀବନ-ଯମୁନା ଜଳ
ଡ଼ାକ ଦିଏ ଛଳ ଛଳ
ଜୀବ-ଗୋପୀ ଛାଡ଼ି ତାର ଗାଗରୀ

ଅହମିକା-ଭୋଗ-ଭୟ-
କଳି-କନ୍ଦଳମୟ-
ଜୀବନକୁ ଛାଡ଼ି, ହୁଏ ପାଗଳୀ ।
ଧାଏଁ ଡ଼ାକି-''ସତ୍ୟ ହେ ମଧୁର
ନିଅ ସବୁ ଏଇ ଜୀବ-ବଧୂର,
ନୀଳନଭ ସୁନ୍ଦର,
କୋଟି ଭୁବନର ବର
ତମ ଜଳେ ଭରୁ ପ୍ରାଣ ଗାଗରୀ
(ଜୀବ-ଗୋପୀ)

ଯାହାଙ୍କ ପ୍ରତି ଏ ଜୀବ ଗୋପୀ ଆକୃଷ୍ଟ, ସେହି ଶ୍ରୀକୃଷ୍ଣଙ୍କୁ କବି ସନ୍ଦର୍ଶନ କରିଛନ୍ତି ଧ୍ୟାନ ମାନସରେ । ସେ କେବଳ ଯମୁନା କୂଳିଆ ପୀତଦୁକୂଳିଆ ଯଶୋଦା ମା'ର କଅଁଳା କାହ୍ନୁ ନୁହନ୍ତି, ବରଂ ତାଙ୍କର ନିଳୀମା ମହା ଅନ୍ତରୀକ୍ଷରେ ପରିବ୍ୟାପ୍ତ, ତାଙ୍କର ପୀତଦୁକୂଳ ଉଷା ଓ ପ୍ରଦୋଷ ମଧ୍ୟରେ ଦୃଶ୍ୟମାନ, ତାଙ୍କର ଶିରର ମୟୂରଚୂଳ ମେଘ ଓ ବିଦ୍ୟୁତ୍ ମଧ୍ୟରେ ରୂପାୟିତ । ସେହି ଚିର ସୁନ୍ଦର ପ୍ରେମ ପ୍ରତିମା କବିଙ୍କ ଅନ୍ତଃଚକ୍ଷୁରେ ପ୍ରତିଭାତ ।

ପୂର୍ଣ୍ଣିମା ନିଶୀଥରେ ସେ ଦେଖିଛନ୍ତି ତାଙ୍କର ରାସକ୍ରୀଡ଼ା । ନଭାଙ୍ଗନରେ ସେ ଉଭା ହୁଅନ୍ତି ନିର୍ମଳ, କର୍ପୂର-କୀର୍ଣ୍ଣ ଭାବରେ ଜ୍ୟୋତ୍ସ୍ନାର ଉତ୍ତରୀ ଘେନି ନକ୍ଷତ୍ର-ଗୋପିନୀ ତାଙ୍କର ନୀଳ ଅପଘନ ଚାରିପଟେ ଘେରି ନୃତ୍ୟ କରୁଥାନ୍ତି ।

ସୃଷ୍ଟିର ଯମୁନା କୂଳରେ ପ୍ରେମ-ନୀପ ମୂଳେ ବାଜିଉଠେ ଅହରହ ତାଙ୍କର ଘରଛଡ଼ା ବଂଶୀ । ସେହି ଧ୍ୱନିରେ ଉନ୍ମତ୍ତା ହୋଇ କୋଟି ଧରା-ଶ୍ରେଣୀ ଧାଉଁଛନ୍ତି - କି ଅଲଭ୍ୟ ବସ୍ତୁର ସନ୍ଧାନରେ ।

Digitized by srujanika@gmail.com

ଅନ୍ତର ଯେବେ କୁରୁକ୍ଷେତ୍ରରେ ପରିଣତ ହୁଏ, କାମନା ଓ କର୍ତ୍ତବ୍ୟ ମଧ୍ୟରେ ସଂଗ୍ରାମ ଚାଲେ, ସେତେବେଳେ ସେ ଭାଗବତ ବାଣୀ ଶୁଣାନ୍ତି, 'ପଙ୍କଜ ହୁଅରେ ବସ ପଙ୍କମୟ ଭବେ ।'

ସେ କୃଷ୍ଣ ଦେବକୀନନ୍ଦନ ବାସୁଦେବ ନୁହନ୍ତି । ନୁହନ୍ତି ସେ ଯଶୋଦା-ତନୟ ଅବା ନନ୍ଦସୁତ । ସେ ପରଂବ୍ରହ୍ମ । ସମଗ୍ର ବିଶ୍ୱରେ ପରିପୂରିତ । ତେଣୁ ଅର୍ଜୁନ ଯେପରି ବିଶ୍ୱରୂପ ଦର୍ଶନରେ ଭୀତ ହୋଇ ବାରମ୍ବାର ପ୍ରଣାମ କରୁଥିଲା, ସେହି ଭୂମାମୂର୍ତ୍ତିକୁ ଦଶଦିଗରେ ସଂଦର୍ଶନ କରି ପ୍ରଣତି ଜଣାଉଛନ୍ତି ।

''ଆଗେ, ପଛେ, ଊର୍ଦ୍ଧ୍ୱେ, ଅଧେ, ବାମେ ଓ ଦକ୍ଷିଣେ
ପ୍ରଣମେ ମୁଁ ଓତପ୍ରୋତ ସେ ଶ୍ୟାମ ଚରଣେ
ଛାୟାପଥ ଯା' ବକ୍ଷର ଶୁଭ୍ର ବନମାଳ,
ନହେବ କେ ଗୋପୀ ସବୁ ସଁପି ତା' ଚରଣେ ।''

କବିଙ୍କ ମନରେ ବୈଷ୍ଣବୋଚିତ ନବଧାଭକ୍ତିର ମାର୍ଗ ପ୍ରସାରିତ ହୋଇଛି ।

''ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ
ସ୍ମରଣଂ ପାଦ ସେବନଂ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ
ସୌଖ୍ୟ ଆତ୍ମ ନିବେଦନଂ ।''

ନବଧାଭକ୍ତିର ଶେଷ ସୋପାନ ହେଉଛି ଆତ୍ମନିବେଦନ ବା ଆତ୍ମସମର୍ପଣ । ତେଣୁ ଜୀବ-ଗୋପୀର ମିଳନ ବ୍ୟାକୁଳତାର ପରିଣତି ସେହି ଭୂମା ପଦରେ ଆପଣାକୁ ସମର୍ପି ଦେବା । ସେଇଥିରେ ତା'ର ମୁକ୍ତି । ସେହି ତା'ର ଧ୍ୟେୟ, ପରମ ପଦପ୍ରାପ୍ତି ।

ବାର୍ଦ୍ଧକ୍ୟରେ ବିଭୁପଦରେ ଚିତ୍ତଦେବା ପାରମାର୍ଥିକ ଲକ୍ଷଣ । ତେବେ ଆଧୁନିକ ମଣିଷ ତା'ର ଚତୁର୍ଦ୍ଦିଗରେ ପ୍ରସାରିତ ପ୍ରଧାବିତ ଜନତାର ସ୍ରୋତରେ ନିଜକୁ ନିମଜ୍ଜିତ କରି ସେମାନଙ୍କର ସୁଖଦୁଃଖର ଅଙ୍ଗଲିଭା କଥା ନ କହିଲେ ଜୀବନଦର୍ଶନ ଅପୂର୍ଣ୍ଣ ରହିଯିବ । ଅନ୍ତତଃ ମାର୍କସ୍‌ବାଦ ଶିକ୍ଷା ଦେଇଛି ଜନଜୀବନର ଗାଥାକୁ ଗାନ କରିବ । ସାମନ୍ତବାଦୀ ପାରମାର୍ଥିକ ଚିନ୍ତାଠାରୁ ସୃଷ୍ଟିର ସ୍ଥିତି ଓ ଗତିପାଇଁ ଆଜିର ସାହିତ୍ୟରେ ଖୋଜିବାକୁ ହେବ ସମାଜର କଳା ଓ ସାହିତ୍ୟ ମଧ୍ୟରୁ ଆର୍ଥିକ, ରାଜନୈତିକ ଓ ସାମାଜିକ ପରିସ୍ଥିତିର ପ୍ରତିଛବି । ସାମାଜିକ ଦୋଷତ୍ରୁଟି ଆକଳନ କରାଯାଇ ତାହାର ସୁଧାର ଓ ସଂଶୋଧନ ମାନସରେ ଏହା କରଣୀୟ-କର୍ତ୍ତବ୍ୟ । କାରଣ ସାହିତ୍ୟ ହିଁ ସମାଜ ବିପ୍ଳବର ଛାମୁଆ ବାହିନୀ । ପୁରୁଣା ଚିନ୍ତାଧାରା ସହିତ ନୂଆ ଚିନ୍ତାଧାରାର ସଂଘର୍ଷରୁ ଯୁଗୋପଯୋଗୀ ପ୍ରଗତିଶୀଳ ସାହିତ୍ୟର ସୃଷ୍ଟି । ସାମନ୍ତବାଦୀ ସାହିତ୍ୟ ଓ ସାମ୍ରାଜ୍ୟବାଦୀ ସଂସ୍କୃତିର ଅନୁପ୍ରବେଶକୁ ପଛକୁ ଠେଲିଦେଇ ଦେଖାଦେଇଛି ଜାତୀୟବାଦୀ, ସମାଜବାଦୀ ସାହିତ୍ୟ ଓ ସଂସ୍କୃତି । ଶିଳ୍ପସଭ୍ୟତାର ଉନ୍ମେଷ

Digitized by srujanika@gmail.com

ଓ ବିକାଶ ଶ୍ରେଣୀ ସାହିତ୍ୟର ଧାରାକୁ ବେଗଶାଳୀ କରିଛି । ଆଲୋଚକ ପ୍ରାଣନାଥ ପଟ୍ଟନାୟକ ପ୍ରଗତି ସାହିତ୍ୟର ଗତି ଓ ପ୍ରବୃତ୍ତି ସମ୍ବନ୍ଧରେ ଦେଇଥିବା ଅଭିମତ ଅତ୍ୟନ୍ତ ଉପାଦେୟ । 'ବ୍ୟକ୍ତି ଗତ ସୌଭାଗ୍ୟ, ପ୍ରକୃତି, ଅନୁରାଗ, ଆଧ୍ୟାତ୍ମିକ ଆଗ୍ରହ ଏବଂ ହୃଦୟର ବନ୍ଧନ ବିଭିନ୍ନ କବିଙ୍କର ଭିନ୍ନ ଭିନ୍ନ । ଏହି ବିଭିନ୍ନ ଭିନ୍ନତା ହିଁ ସୋଭିଏତ୍ କାବ୍ୟ ଓ କବିତାକୁ କୌଣସି ଏକ ନିର୍ଦ୍ଦିଷ୍ଟ ସାମାଜିକ ଦଳର ସଂକୀର୍ଣ୍ଣ ଓ ସଙ୍କୁଚିତ ସାହିତ୍ୟରୂପେ ଆବଦ୍ଧ ନ ରଖି ବିରାଟ ଜନସାଧାରଣଙ୍କ ମହାନ ଆତ୍ମାର ପରିପ୍ରକାଶ କରିଛି । ସମସ୍ତ ଗଣତାନ୍ତ୍ରିକ ଶକ୍ତିର ସ୍ୱରରେ ପ୍ରତିଧ୍ୱନିତ ହୋଇଛି । ଐତିହାସିକ ବିକାଶ ଧାରାରେ ଏକ ଅନ୍ୟକୁ ଅଧ୍ୟୟନ କରିବାରେ ସାହାଯ୍ୟ କରିଛି । ସାହିତ୍ୟ ଓ କବିତା ସାଗରରେ ଗୋଟିକ ପରେ ଗୋଟିଏ ଉତ୍ତାଳ ତରଙ୍ଗ ଭାଙ୍ଗିଛି ଏବଂ ପ୍ରତ୍ୟେକ ତରଙ୍ଗ ଏହି ସାହିତ୍ୟକୁ ନୂତନ ଚିନ୍ତା ଓ ନୂତନ ଅନୁଭୂତି ଦେଇ ବିଶ୍ୱ ଦୃଷ୍ଟିଶକ୍ତି ଯୋଗାଇ ଓ କବିତ୍ୱର ସ୍ୱାତନ୍ତ୍ର୍ୟ ରକ୍ଷାକରି ସମୃଦ୍ଧ କରିଛି ।

(ଆସନ୍ତାକାଲିର ସାହିତ୍ୟ ପୃ - ୧୧୨)

କବି ମାନସିଂହ 'ପ୍ରାର୍ଥନା' କବିତାରେ ଉଲ୍ଲେଖ କରିଛନ୍ତି -

''କଠୋର ଜୀବନ-ରଣେ ନିତ୍ୟ ପରାହତ
ଦୁର୍ବଳ, ଦରିଦ୍ର, ଦୁଃଖୀ ଦୀନ ମୁଁ ସନ୍ତତ ।
ଜାଣିନି ଜୀବନେ ଅନୁଗ୍ରହ ବିଧାତାର
ତେଣୁ ପ୍ରାୟ ନାସ୍ତିକ ମୁଁ । ନିତ୍ୟ ହାହାକାର
ଚଉଦିଗେ ଉଠୁଛି ଯେଉଁ ଜୀବ-ଜଗତର
ସେଥିରେ ଅଥବା କେଉଁ ଶିବ-ଶୁଭଙ୍କର
ସ୍ରଷ୍ଟାର ବିଶ୍ୱାସ ମିଳେ ? ଥରେ ଥରେ ଖାଲି
ଭାବେ ଯେବେ କିଏ ଦେଲା ପ୍ରଣୟ-ସଞ୍ଜାଳି
ଅପଦାର୍ଥ ହସ୍ତେ ମୋର, ହୁଅଇ ବିଶ୍ୱାସ
ଅଛି କେହି ସୁଖ ସ୍ରଷ୍ଟା ବୁଝେ ଯେ ନିଃଶ୍ୱାସ
ଶୋକ-ତପ୍ତ ମନୁଷ୍ୟର ।''

(ହେମଶସ୍ୟ-ପ୍ରାର୍ଥନା)

ପୁଣି 'ଭକ୍ତି' କବିତାରେ ସ୍ରଷ୍ଟାଙ୍କର ସୃଷ୍ଟିର ମହତ୍ତ୍ୱ ସମ୍ପର୍କରେ -

''ଏ ଯେଉଁ ଜ୍ୟୋତିର ରେଣୁ-ପୁଞ୍ଜ ନଭଃଛାଇ
ଏହାର ପ୍ରତ୍ୟେକ, ଏକ ସୌର ପରିବାର
ଗ୍ରହ-ଉପଗ୍ରହ ଘେନି ! ଅଗଣ୍ୟ ସଂସାର;
ଭ୍ରମୁଛନ୍ତି ଅନ୍ତରୀକ୍ଷେ; ସେ ଜ୍ୟୋତିର୍ମଣ୍ଡଳେ
ଆମ୍ଭର ଏ ଧରା, କ୍ଷୁଦ୍ର ରେଣୁ ସମ ଚଳେ
ସୀମାହୀନ ବ୍ୟୋମପଥେ, ଏ ମହା ସୃଷ୍ଟିର

Digitized by srujanika@gmail.com

କିଏ ସ୍ରଷ୍ଟା ? ଅଛି କିଏ ?''

(ହେମଶସ୍ୟ - ଭକ୍ତି)

ବୋଲି ଯେଉଁ ପ୍ରଶ୍ନ କରିଛନ୍ତି ତାହା ଗୀତା ବର୍ଣ୍ଣିତ ବିଶ୍ୱରୂପର ଆଭାସ । ବ୍ୟକ୍ତିଗତ ଜୀବନର ଊର୍ଦ୍ଧ୍ୱରେ ସେ ଅନୁଭୂତି । ଏହି ସୌରଜଗତରେ ବିଶ୍ୱଧାରଣାରେ ଆମର ଧାରଣ କରିଥିବା ଧରିତ୍ରୀ ତ କେତେ କ୍ଷୁଦ୍ର ! ଆଉ ଆମେ ଗୋଟିଏ ଗୋଟିଏ କ୍ଷୁଦ୍ର ପରମାଣୁର ବି ସାମାନ୍ୟତମ ପ୍ରୋଟନମାତ୍ର ।

ଆପଣାର କ୍ଷୁଦ୍ରତା ସମ୍ପର୍କରେ କବି ଲେଖନୀ ସଚେତନ -

''କ୍ଷୁଦ୍ର କ୍ଷୁଦ୍ର ବାସନାର ଅହମିକା-ଘେରା
ଛୋଟ ମୋ କୋଷାରେ ମୁହିଁ ଥାଏ ଅନୁରକ୍ତ,
ସେହି ଜାଣି ଜୀବନର ଶ୍ରେଷ୍ଠ ସୁଖ-ଖେଳା
କୋଷାର ବାହାରେ କିଛି ଧାନେ ଅସକତ ।''
''ଜନନୀ, କ୍ଷୁଦ୍ର ମୋ ଘେରା ତୁମର ସ୍ମରଣେ
ଧୀରେ ଧୀରେ ଯାଏ ଭାଙ୍ଗି ମିଶଇ ବିଶାଳେ,
ତୃଣୁ ତାରା ଯାଏ ବ୍ୟାପେ ଦୈବର କମ୍ପନେ,
ନିଖିଳ ଲୋତକ, ସ୍ମିତ ଧ୍ୱନଇ ଶିରାରେ
ତୁମେ ରାଜ ଚିତ୍ତେ ମମ ତବ ସ୍ମୃତି ସ୍ପର୍ଶେ ।
କ୍ଷୁଦ୍ର ରୁଦ୍ଧ ପ୍ରାଣ ମିଶେ ବିଶ୍ୱ ପ୍ରାଣ-ରସେ ।''

(ସିନ୍ଧୁ ଓ ବିନ୍ଦୁ - ବିଶ୍ୱମିଳନ)

ଏଇ ମାଟିର ମଣିଷ, ହୀନ ହରିଜନ ତାଙ୍କ ଆଖିରେ ନର ନାରାୟଣ -

''ଦେଖ ଦେଖ ଆଗେ ପଛେ ତବ, ଶତ ଶତ ନର ନାରାୟଣ,
ଯାଙ୍କୁ ତୁମେ ପଛେ ଦେଇ ପେଲି, ଦେବତାରେ ଲଭିବ ବ୍ରାହ୍ମଣ ?
ଦେବତାକୁ ବାହାରେ ରଖିଲ, ଛୁଇଁବାକୁ ଡ଼ରିଲ ତାହାରେ,
କାରେ ତୁମେ ଗଲ ପୂଜିବାକୁ ଦେଉଳର କ୍ଷୁଦ୍ର ଅନ୍ଧକାରେ ?
ଏବେ କାଠ ପଥର ନ ପୂଜି, ଆସ ପୂଜ ଜୀବନ୍ତ ଦେବତା,
ଯା ଆଖିରୁ ଲୁହ ଯିବ ବହି, କହିଦେଲେ ପଦେ ମଧୁକଥା ।''

(ଜୀବନ ଚିତା-ଦେବପୂଜା)

'ପାପ' ର ସଂଜ୍ଞା କ'ଣ ? କେଉଁଟା ପାପ ? ଏ ହେଉଛି କବିମନର ପ୍ରଶ୍ନ । ଜ୍ଞାନ ବୁଝାଏ, ମନ ଇଚ୍ଛାନୁସାରେ କାର୍ଯ୍ୟକଲେ ଲୋକନିନ୍ଦା ହେବ । ସାଧୁଲୋକେ କହନ୍ତି 'ନର୍କଗତି' ମନ ଜ୍ଞାନର ଦ୍ୱନ୍ଦ୍ୱ ସମାଧାନ କରେ ଆଉଜଣେ (ବିବେକ) । ସେ କହେ ଶ୍ରେୟ ଓ ପ୍ରେୟର ହିସାବ କରୁ କରୁ ଏ କ୍ଷୁଦ୍ର ଜୀବନ ଶେଷ ହୋଇଯିବ । ବିଧାତା ! ମୋତେ

Digitized by srujanika@gmail.com

ଶୂନ୍ୟବଳ କରି ଗଢ଼ିଛ । ମୁଁ ଯେପରି ବନ୍ୟା ଜଳରେ ଭାସମାନ ଶୁଖିଲା ପତରଟିଏ । ବିଚାର ବେଳେ ସାକ୍ଷିହେବେ ମୋର ମନ ଓ ଜ୍ଞାନ । ସେ ଦୁହେଁ ତୁମ ସମ୍ମୁଖରେ ଉଭା ।

"ପାତକ ନାହିଁ, ପୁଣ୍ୟ ନାହିଁ ମମ,
ମୁଁ ଖାଲି ଏକ ଅନୁଭୂତିର ମାଳା,
ହସ ଓ ଲୁହର ପାପରେ ଦଣ୍ଡିବାକୁ
ରଖିଛ କିହେ ବେତ୍ର ଆଉ କାରା ?"
(ଜୀବନଚିତା - ଦ୍ୱନ୍ଦ୍ୱ)

ଯେଉଁ ଈଶ୍ୱରଙ୍କୁ କବି ପ୍ରାର୍ଥନା କରନ୍ତି, ନମସ୍କାର ଜଣାନ୍ତି, ତାଙ୍କର ସ୍ୱରୂପ ସମ୍ବନ୍ଧରେ କହନ୍ତି -

"ତୁମ୍ଭଙ୍କୁ କରୁନି ନମସ୍କାର,
ହେ ଈଶ୍ୱର ପାଦ୍ରୀ ଓ ପଣ୍ଡାର,
ହେ ଈଶ୍ୱର ଦେଉଳ, ଗୀର୍ଜାର,
ହେ ଈଶ୍ୱର ମୌଲବୀ, ମୁଲ୍ଲାର,
ତୁମ୍ଭଙ୍କୁ କରୁନି ନମସ୍କାର ।"
ନମସ୍କାର କରେ ମୁହିଁ ଅସହାୟ ସେହି ନରନାରୀ
ତୁମ୍ଭର ଦୈବତ ସତ୍ୟ ଏ ଧରାରେ ହେବାକୁ ସ୍ଥାପିତ
ଇତିହାସ - ପତ୍ର ସବୁ ଆର୍ଦ୍ରକଲା ଯାଙ୍କ ଅଶ୍ରୁବାରି
ନିରୀହ, ନିର୍ଦ୍ଦୋଷ ଯାଙ୍କ ଅୟୁତ ମସ୍ତକ
ଛିଣ୍ଡାଇଛ ତବ ଦୂତବୃନ୍ଦ - ନରନାରୀ ।"
(ସିନ୍ଧୁ ଓ ବିନ୍ଦୁ - ନମସ୍କାର)

ସହସ୍ର ବାଧା ବନ୍ଧନକୁ ଠେଲି, ମାନବ ସଭ୍ୟତାର ସ୍ତର ଭେଦି ଯେଉଁମାନଙ୍କର ଉତ୍ଥାନ, ସେହି ଅଜ୍ଞାତ ଯୋଦ୍ଧୃ ନରନାରୀଙ୍କୁ କବିଙ୍କର ନମସ୍କାର । କାରଣ ଅଶ୍ରୁ, ରକ୍ତ, ଅସ୍ଥି ଦେଇ ପୁରୁଷ ପୁରୁଷ ଧରି ସେମାନେ ଏ ପୃଥିବୀକୁ ସୁନ୍ଦର, ସୁସଭ୍ୟ, ସୁସ୍ଥ, ଅନାମୟ, ଭୋଗ୍ୟ କରିବାରୁ ଆଜି ଏ ସୃଷ୍ଟି ଏପରି ମଧୁର, ସୁନ୍ଦର । ସେହି ଦୀନ ମାନବକୁ ବିଧାତାର ପୁରସ୍କାର ରୋଗ, ବ୍ୟାଧି ଆଉ ଜଞ୍ଜାଳର ଅସଂଖ୍ୟ କଷଣ । ସେ ପୁଣି କୃପାମୟ !

ପୁରୋହିତ, କ୍ଷତ୍ରିୟ, ବୈଶ୍ୟର
ପ୍ରୟୋଜନ-ଜନିତ ଈଶ୍ୱର,
ହେ ଈଶ୍ୱର ଗୀର୍ଜା ଦେଉଳର,
ହେ ପ୍ରତୀକ ଅନ୍ଧ ଭଣ୍ଡତାର,
ଚିର ନିଷ୍ପେଷିତ, ଚିର ଦୁଃଖୀ, ଅଭିଶପ୍ତ

Digitized by srujanika@gmail.com

ମୁହିଁ ଜଣେ ଶୂଦ୍ର ଜନତାର
ନାହିଁ କରେ ଦୁଃଖେ ନମସ୍କାର ।

(ସିନ୍ଧୁ ଓ ବିନ୍ଦୁ - ନମସ୍କାର)

ଈଶ୍ୱରଙ୍କ ସଂପର୍କରେ ବିଦ୍ରୋହୀ କବିଙ୍କର ମନୋଭାବ ଏଥିରେ ସୁସ୍ପଷ୍ଟ ।

ଖୋଜିଛନ୍ତି ବ୍ରହ୍ମଙ୍କ ଠିକଣା । ବେଦାନ୍ତ ବୋଧହୁଏ ତାର ଉତ୍ତର ଦେବ । ବେଦାନ୍ତୀ ପଣ୍ଡିତଙ୍କ ପାଖକୁ ଗଲେ ସନ୍ଦେହ ମୋଚନ ହେବ ପରା । ଅନୁସନ୍ଧିତ୍ସୁ ମନ ନେଇ ଉପସ୍ଥିତ ହେଲେ ପଣ୍ଡିତଙ୍କ ଦ୍ୱାରେ ।

''ଚାଲ, ଚାଲ, ଉଠ ସେଇ ଏକଣା ପିଣ୍ଡାରେ
କୁକୁରର ତାଡ଼ନାରେ ଧାଏଁ-ଯେହ୍ନେତ୍ରସ୍ତ ମେଷପଲ,
ଯାହାର ହେଉନା କିଆଁ-କ୍ଷୁଧାତୁର ବୁଲା ଷଣ୍ଢକେବେ,
ପଚାରେ ତା'ର ଏ ଘାସ, ନଡ଼ା ଅବା ପରିବା ପସରା ?
ଚାଲ ଚାଲ ପିଣ୍ଡା ପରେ -ଭିନ୍ନ ଖାଲି ଥିବା, ନଥିବାର
ସର୍ବମୟ ବ୍ରହ୍ମବୋଲି କହନ୍ତି ନି ବେଦାନ୍ତୀ ପଣ୍ଡିତେ ?
ସେହି ପଣ୍ଡିତର ଘର ପିଣ୍ଡା ସେଇ, ଚାଲଯିବା ସେଠି
ନଈ ପାଣି ମାଡ଼ି ଯାଏ ବିଲେ ଯେହ୍ନେ ଆଷାଢ଼ ଜୁଆରେ ।
ଚାଲ ଚାଲ ପିଣ୍ଡାପରେ-ଥୁଅ ଆଗ ଗଣ୍ଡିଲିଟିମାନ,
ଧୁଅ ଆଗ ଧୂଳି ପାଦ, କାଢ଼ ତମ ବଟୁଆ କୋଥଳି,
ଏଇ ଦେଖ 'ସମାଜ'ରେ ବାହାରିଛି କେରଳ ରାଜ୍ୟରେ
ହାତ ଭର୍ତ୍ତି କଲେ କେହ୍ନେ କଉଶଳେ ନେହେରୁ-ପ୍ରସାଦ । ''

ଏଥିରେ କଣ ଆତ୍ମସନ୍ତୋଷ ଆସିଛି କବି ମନରେ ? ନା-ନା । ସଞ୍ଜ ସକାଳରେ, ସଂଘ ବିହାରରେ ଧ୍ୟାନସ୍ଥ ଥିଲେ ତଥାଗତ । ତାଙ୍କର ବାଣୀ କବି କର୍ଣ୍ଣରେ ପ୍ରତିଧ୍ୱନିତ ହେଲା । ସକଳ ତୃଷ୍ଣା ବନ୍ଧନ କାଟି ଚାଲିଲା କବିଙ୍କର ମନ । ବାରମ୍ୱାର ମନ ମନ୍ଥିତ କରି ନୟନ ଟାଣିଥିଲା ତାଙ୍କରି ଆଡ଼କୁ । ତେଣୁ -

''ପୂର୍ଣ୍ଣିମା ଶଶୀ ତରଳ ଜଳଧି-ଜଳରେ ଟାଣିଲା ପରି
ହେ ବୁଦ୍ଧ, ତେଣୁ ଶରଣ ମାଗୁଛି, ଆହୁରି ଗଭୀର କରି,
ତୁମରି ଚରଣେ ଶରଣ ପଶିଛି, ପ୍ରପଞ୍ଚ ଜଞ୍ଜାଳୁ ,
ବିଦାୟ ନେଇଛି ଘର, ପରିବାର, ସମାଜ, ବନ୍ଧୁଠାରୁ''

(ସିନ୍ଧୁ ଓ ବିନ୍ଦୁ-ବୁଦ୍ଧଂ ଶରଣଂ ଗଚ୍ଛାମି)

ସୂକ୍ଷ୍ମତନ୍ତ୍ରରେ ମାୟା ଟାଣି ଟାଣି ନେଉଛି । ହେ ମରୁଣାମୟ ବୁଦ୍ଧ, ଆଶ୍ରୟଦେଇ ନିକଟତର କର ।

Digitized by srujanika@gmail.com

ପୂନର୍ଜନ୍ମବାଦ କି ହିନ୍ଦୁଧର୍ମ କି ବୌଦ୍ଧଧର୍ମ, ସବୁଥିରେ ରହିଛି । ପ୍ରାରବ୍ଧ ଅଛି । ତେବେ ବି ତୃପ୍ତି ଖୋଜି ଏଣେ ତେଣେ ଧାଇଁଛନ୍ତି । ବାସନା ଚରିତାର୍ଥ କରିବାର ଯେତେ ସାଧନ, ସେ ସବୁ ତାହାଙ୍କୁ ଖୋଜିବାର ରାହା ମାତ୍ର । ରୁଦ୍ଧ ଜୀବ ନାନାପଥେ ବାଟ ଖୋଜିଛି । ମାତ୍ର ତୃପ୍ତି ତାର ଅପହୃତ । ଅଗଣିତ କବାଟରେ ଆଘାତ କରିଥିଲେ ବି କୌଣସି କବାଟ ଖୋଲି ନାହିଁ ।

ଆନନ୍ଦର ସନ୍ଧାନରେ ଭ୍ରମି ଭ୍ରମି କବି କ୍ଲାନ୍ତ । ମାତ୍ର ସେ ଦେଖିପାରୁଛି ଆନନ୍ଦର ଉତ୍ସ ରହିଛି ଆପଣାର ଅନ୍ତର ଭିତରେ । ଅଜ୍ଞାନତାର ଆବରଣ ଭିତରେ ଥାଇ ସେହି ସର୍ବାନୁଭୂତିମୂଳ ପରମ ସୁନ୍ଦରକୁ ଆଜି ଯାଏ ଜାଣି ପାରି ନାହାନ୍ତି କେମିତି ?

''ଗନ୍ଧ ଲୋଭେ ଧାଇଁ ଧାଇଁ ବାଟେ ଅବାଟରେ
ଆଜି ଅନୁଭବେଁ ଅଛି ମହାର୍ଘ କସ୍ତୁରୀ
ମୋର ନିଜ ଅନ୍ତସ୍ଥଳେ, ବୃତ ରହସ୍ୟରେ
ଜାଣି ମଧ ଭୁଲିଥିଲି ଯା' ଗନ୍ଧ-ମାଧୁରୀ ।

(କ୍ରୁଶ -କସ୍ତୁରୀମୃଗ)

ଏବେ ସେହି ସତ୍-ଚିତ୍-ଆନନ୍ଦ, ସଚ୍ଚିଦାନନ୍ଦଙ୍କ ସନ୍ଧାନ ପାଇ କବି ସନ୍ତୁଷ୍ଟ । ତାଙ୍କ ପାଖରେ ପ୍ରାର୍ଥନା କରିଛନ୍ତି ଦେହ ପ୍ରାଣରେ ତାଙ୍କରି ଆସ୍ୱାଦନ କରିବାକୁ ପୂର୍ଣ୍ଣ ଅନୁଭବ ପ୍ରଦାନ କରନ୍ତୁ । ସେହି ସର୍ବୋତ୍ତମ ଆନନ୍ଦ ଦାତା ଈଶ୍ୱର ତାଙ୍କରି କୃପାଜଳରେ ବୁଡ଼ାଇଦେଲେ କବି ମର୍ମେ ମର୍ମେ ସକଳ-ଆନନ୍ଦ-ସ୍ୱାଦ ଅନୁଭବ କରିପାରିବେ ।

Digitized by srujanika@gmail.com

ଅମୃତ ଅନୁସନ୍ଧାନୀ ମାନସିଂହ

ଡକ୍ଟର ତୀର୍ଥାନନ୍ଦ ମିଶ୍ର

।। ଏକ ।।

ଡ଼କ୍ଟର ମାୟାଧର ମାନସିଂହ ଶୁଦ୍ଧ ପ୍ରଣୟର ସମର୍ପିତ ରୂପକାର । ତାଙ୍କର ଅଧିକାଂଶ କାବ୍ୟକବିତାରେ ପ୍ରେମ ପ୍ରଣୟର ମହିମ୍ନ ଭାବାନୁଭୂତି ବ୍ୟଞ୍ଜିତ । ସେ ଦିନର କବିତା, ଧୂପ, ହେମପୁଷ୍ପ, ହେମଶସ୍ୟ, ବାପୁତର୍ପଣ, ଅକ୍ଷତ, ମାଟିବାଣୀ, ଜୀବନଚିତା, କୃଶ, ସିନ୍ଧୁ ଓ ବିନ୍ଦୁ, ସ୍ୱରାଜ୍ୟାଶ୍ରମ, କିଶୋର କବିତା ତଥା ଗୀତରେଣୁ ଆଦି ତାଙ୍କର କବିତା ଗ୍ରନ୍ଥ ଗୁଡ଼ିକ ନିଷ୍ଠାପରଭାବେ ଅଧ୍ୟୟନ କଲେ ଜଣାଯାଏ ଏକ ଅତୃପ୍ତ ଅନ୍ୱେଷଣର ଗଭୀର ଅନ୍ତର୍ଦାହ ଅଧିକାଂଶ କବିତାରେ ଧ୍ୱନିତ ହୋଇଅଛି । ଏ ଅନ୍ୱେଷଣ ଯଦିଓ ବେଳେବେଳେ ନିର୍ଦ୍ଦିଷ୍ଟ ଏକ ଏକ ସାନ୍ତ ସ୍ଥିତିରେ ପ୍ରଶମିତ ହେଲାପରି ବୋଧ ହୋଇଛି, ମାତ୍ର ତାହା ପରବର୍ତ୍ତୀ କାଳରେ ବିକ୍ଷୁବ୍ଧ ଅନୁଶୋଚନାରେ ଭାରି ହୋଇଉଠି ଅନୁତାପର ତୁଷାନଳରେ ହୃଦୟକୁ ଦଗ୍ଧ କରିଦେଇଛି ଏବଂ ସେହି ଦଗ୍ଧ ବେଦନାବୋଧର ଅଙ୍ଗାରରୁ ଜନ୍ମନେଇଛି ଶୁଦ୍ଧ ପ୍ରେମର ସମୁଜ୍ଜ୍ୱଳ ବାରବାନି ସ୍ୱର୍ଣ୍ଣଖଣ୍ଡ । ମୃତ୍ୟୁ ଭିତରେ ଅମୃତର, ସୀମାଭିତରେ ଅସୀମର, ସାନ୍ତଭିତରେ ଅନନ୍ତର ଏବଂ ଇନ୍ଦ୍ରିୟ ଭିତରେ ଇନ୍ଦ୍ରିୟୋତ୍ତର ଚେତନାର ଅନୁପମ ଉପଲବ୍ଧିରେ କବିସତ୍ତା ଶାନ୍ତ ତଥା ସମାହିତ ହୋଇଯାଇଛି । ସେହି ଅପୂର୍ବ ଉପଲବ୍ଧିର ସାକାର ସ୍ୱରୂପ ପ୍ରକାଶିତ ହୋଇଛି ବିଭିନ୍ନ ଭାବରେ, ଜୀବନର ବିଭିନ୍ନ ସ୍ତରରେ, ଭିନ୍ନ ଭିନ୍ନ ରୂପରେ କେତେବେଳେ ବୁଦ୍ଧ ଭାବରେ ତ କେତେବେଳେ ଯିଶୁ ଭାବରେ, କେତେବେଳେ ଶ୍ରୀକୃଷ୍ଣ ଭାବରେ ତ କେତେବେଳେ ମହାଜନନୀ ଭାବରେ, କେତେବେଳେ ଗାନ୍ଧୀ ଭାବରେ ତ କେତେବେଳେ ଗୋପବନ୍ଧୁ ଭାବରେ । ଏ ସକଳ ସ୍ୱରୂପର ଗୋଟିଏ ମାତ୍ର ଶ୍ରେୟକର୍ମ-ଲୋକ କଲ୍ୟାଣ, କିଏ ଆପଣାର ସୌନ୍ଦର୍ଯ୍ୟରେ ଜଗତର ବ୍ୟଥା ବେଦନାକୁ ଦୂରେଇଦେଉଛି ତ କିଏ ଆପଣାର ଅହିଂସ୍ର ସେବା ଭାବରେ ସମଗ୍ର ବିଶ୍ୱକୁ ସ୍ନେହୀ ପରିବାରଟିରେ ରୂପାନ୍ତରିତ କରି ଦେଉଛି, କିଏ ବା ଆପଣାର ଉଦାର ପଣତ ଛାଇ ତଳକୁ ତାପଦଗ୍ଧ ଜଗତକୁ ଘେନି ଆସିଛି । ସମସ୍ତଙ୍କର ଗୋଟିଏ ଚିନ୍ତା, ଗୋଟିଏ ଭାବନା, ଗୋଟିଏ କାର୍ଯ୍ୟ, ତାହାହେଲା ଜନକଲ୍ୟାଣ, ଜନସେବା ।

ମାତ୍ର ଏହି ଅମୃତ ଉପଲବ୍ଧିଟି ଲାଭ କରିବା ପାଇଁ ମାନସିଂହଙ୍କୁ କମ ସଂଗ୍ରାମ କରିବାକୁ ପଡ଼ିନାହିଁ । ଏ ସଂଗ୍ରାମ କୌଣସି ବାହାରର ଯୁଦ୍ଧଭୂମିରେ ସଂଘଟିତ ହୋଇନାହିଁ, ଘଟିଚାଲିଛି ଅହରହ ଆପଣାଭିତରେ । ଆପଣାର ଭିନ୍ନ ଭିନ୍ନ ଇନ୍ଦ୍ରିୟସ୍ଥିତିର ଅସଂଯତ ପରିପ୍ରକାଶ ଭିତରେ । ଜୀବନର ପ୍ରଥମ ପର୍ଯ୍ୟାୟରେ ରୂପପାୟୀ କବି ଯଦିଓ ବିଦେଶାଗତ ସୌନ୍ଦର୍ଯ୍ୟ

Digitized by srujanika@gmail.com

ଓ ଚାକଚକ୍ୟରେ ପ୍ରଭାବିତ ହୋଇଯାଇଛନ୍ତି (୧) ପରବର୍ତ୍ତୀ କାଳରେ ସେ ଆପଣାର ଏହି ଭ୍ରମକୁ ବୁଝିପାରି କେବଳ ସେଠାରୁ ଦୂରରେ ରହିନାହାନ୍ତି ବିଦେଶରୁ ଆମଦାନୀ ହୋଇଥିବା ଚାକଚକ୍ୟପୂର୍ଣ୍ଣ ବସ୍ତୁସମୂହ ତଥା ଭାବମାନଂକଠାରୁ ଆପଣାକୁ ଦୂରେଇ ରଖିଛନ୍ତି ଏବଂ ସମଧର୍ମୀ ଅନ୍ୟ ସକଳଙ୍କୁ ସେଥିରୁ ଦୂରେଇ ରହିବାକୁ ଆବେଦନ କରିଛନ୍ତି (୨) ଇନ୍ଦ୍ରିୟ ଗ୍ରାହ୍ୟସ୍ତରରେ ଯଦିଓ ସେ ସ୍ୱକୀୟା ପ୍ରେମର ପ୍ରଶସ୍ତିଗାନ କରିଛନ୍ତି, ଅତିନ୍ଦ୍ରିୟ ସ୍ତରରେ ସେ ପରକୀୟା ତତ୍ତ୍ୱକୁ ମର୍ଯ୍ୟାଦା ଦେଇଛନ୍ତି ଏବଂ ଏକ ବିରାଟ ନିଖିଳ ସତ୍ତାମଧ୍ୟରେ ଆପଣାକୁ ସମାହିତ କରି ଦେଇଛନ୍ତି । ଏହି ଅନୁପମ ଭାବସମ୍ପଦ ଲାଭ କରିବା ପାଇଁ ତାଙ୍କୁ କମ୍ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିନାହିଁ । ମାତ୍ର ଏ ତ୍ୟାଗରେ ଯେଉଁ ଆନନ୍ଦର ସେ ଉପଲବ୍ଧି କରିଛନ୍ତି ତାହା ଅତୁଳନୀୟ । ଲକ୍ଷ୍ୟ କରିବାର କଥା ଏହି ଅମୂର୍ତ୍ତ ତଥା ଅବ୍ୟକ୍ତ ଆନନ୍ଦକୁ ସେ 'ମୂକାସ୍ୱାଦନବତ ଭଳି' ଏକା ଏକା ଉପଭୋଗ କରିବାରେ ପ୍ରୟାସୀ ନୁହନ୍ତି ବରଂ ସମସ୍ତଙ୍କ ଭିତରେ ବାଣ୍ଟିଦେଇ ସମସ୍ତଙ୍କ ସହ ଏକତ୍ର ଆନନ୍ଦ ଅନୁଭବ କରିବାକୁ ଶ୍ରେୟ ମଣିଛନ୍ତି । ସେଇଥିପାଇଁ ଯଦି ପରଜନ୍ମ ଥାଏ ତେବେ ସେ ସମୟରେ ପରମପିତାଙ୍କ ନିକଟରେ ତାଙ୍କୁ କବି ହୋଇ ଜନ୍ମ ଦେବା ପାଇଁ ପ୍ରାର୍ଥନା କରିଛନ୍ତି (୩) ।

ମାନସିଂହଙ୍କର କାବ୍ୟ ପୁରୁଷ ଚିର ଗତିଶୀଳ । କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ 'ଏହାହିଁ ସବୁ' ଏ ଭାବରେ ଆଚ୍ଛନ୍ନ ହୋଇ ପଡ଼ିବାର ଦେଖାଯାଇନାହିଁ କେତେବେଳେ । ଏକଦା ଦେହଜ ପ୍ରଣୟପାଇଁ ଯେଉଁ କାବ୍ୟ ନାୟକ ମୋହାବିଷ୍ଟ ହୋଇପଡ଼ିଥିଲା, ସେ ପରବର୍ତ୍ତୀକାଳରେ ଏ ମୋହର ନିର୍ମୋକକୁ ଦୂରେଇ ଦେବାକୁ ମୁହୂର୍ତ୍ତେ ମାତ୍ର ବିଳମ୍ବ କଲାନାହିଁ । କୌଣସି ନିର୍ଦ୍ଦିଷ୍ଟ ସାକାର ରୂପ ସୌନ୍ଦର୍ଯ୍ୟ ମଧ୍ୟରେ ନୁହେଁ, ନିଖିଳ ବିଦେହ ସତ୍ତାଭିତରେ ମିଶିଯିବାର ବ୍ୟାକୁଳ ପ୍ରୟାସ ତା ପାଇଁ ମହାମୂଲ୍ୟବାନ ହୋଇ ଉଠିଲା । ରୂପ କ୍ଳାନ୍ତ ନେତ୍ରରେ ଅରୂପକୁ ଖୋଜୁଖୋଜୁ ''ଅନାସକ୍ତ ନୀର''ରେ ତାର ଗଣ୍ଡ ଆର୍ଦ୍ର ହୋଇଉଠିଲା (୪) । ବିଦୀର୍ଣ୍ଣ ଅତୀତ ଓ ଅତୀତର ସ୍ମୃତି ପ୍ରତି ଆଉ ତାର ଶ୍ରଦ୍ଧାସ୍ନେହ ରହିଲାନାହିଁ । ଗୋଟିଏ ଜୀବନର ଯେମିତି ଜନ୍ମାନ୍ତର ଗ୍ରହଣ କଲା ସେ, ନୂତନ ହୃଦୟରେ

---

୧ - ଭରାନୀ କିଶୋରୀ : ହେମପୁଷ୍ପ: ମାନସିଂହ ଗ୍ରନ୍ଥାବଳୀ : ପ୍ରଥମଖଣ୍ଡ : ଗ୍ରନ୍ଥମନ୍ଦିର (୧୯୬୨) ପୃ - ୧୩୩

୨ - ''ଏ ଦେଶରେ ଯେ କିଆ ପୋଲାଙ୍ଗ ଫୁଟି ଝଡ଼ିପଡୁଛି, ସେ ଖବର ନରଖି ଏମାନେ ଚାମେଲି, ଗୋଲାପ, ବେଲଫୁଲ, ହାସ୍ନା ହେନାର ଗନ୍ଧ ଆଣି ଆମକୁ ଶୁଙ୍ଘାଇଲେ । ସାଧବ ଝିଅ ନଈରେ ଗାଧୋଇବା ବେଳେ ଛିଣ୍ଡି ପଡ଼ିଥିବା ବାରହାତ ଲମ୍ବ ବାଳକୁ ସୁନା ଫରୁଆରେ ପୂରାଇ ପାଣିରେ ଭସାଇ ଦେଇ ଅନେଇ ରହିଛି । ସେ ଦୃଶ୍ୟ କବିମାନେ ଦେଖି ପାରୁ ନାହାନ୍ତି । ସେମାନେ ସବୁଜ ପରୀ, ଆସ୍‌ମାନ ପରୀର ନୃତ୍ୟ ଆମକୁ ଦେଖାଉଛନ୍ତି ।'' - ପରଧର୍ମ : ମାନସିଂହ ଗ୍ରନ୍ଥାବଳୀ : ପୃ. ୬୦୩

୩- ''ପୁଣି ଯଦି ଆସେ କେବେ ଏହି ଧରଣୀରେ, ହେ ପରମ, ଏ ମାଗୁଣି ତବ ପଦତଳେ
ବୀଣା ପୁଣି ନିଜ ହସ୍ତେ ଦେବ ମୋ ପାଣିରେ, ସ୍ଥାନ ଏକ ଦେବ ମୋତେ ବିଶ୍ୱ କବି ଦଳେ ।''
କବି ଗୌରବ : ଅକ୍ଷତ : ମାନସିଂହ ଗ୍ରନ୍ଥାବଳୀ, ପ୍ରଥମ ଖଣ୍ଡ, ପୃ - ୨୯୩

୪- ''ଆଜି ଦେହ ଖୋଜେ ଏକ ଦୁର୍ଲଭ ବିଦେହୀ, ଚିତ୍ତ ଖୋଜେ ଏକ ଠେଳି ବିରାଟ ନିଖିଳେ
ଖୋଜେ ମୁଁ ଅରୂପେ ରୂପକ୍ଳାନ୍ତ ନେତ୍ର ଦେଇ, ସ୍ନାତ ହୋଇଉଠେ ଗଣ୍ଡ ଅନାସକ୍ତ ନୀରେ ।''
ନୂତନ ପ୍ରଣୟ : କୃଶ : ମାନସିଂହ ଗ୍ରନ୍ଥାବଳୀ, ପ୍ରଥମ, ପୃ - ୪୩୮

Digitized by srujanika@gmail.com

ସ୍ପନ୍ଦିତ ହେଲା ତା ଅବୟବ, ଘଟିଗଲା ମଧ ଅଚାନକ ତାର ମହାଭାବମୟ ନବ କଳେବର । ଏଣୁ ଅନାକାଙ୍କ୍ଷିତ ଅତୀତକୁ ଦୂରେଇଯିବାକୁ ନିର୍ଦ୍ଦେଶ ଦେବା ବ୍ୟତୀତ ତାର ଆଉ କୌଣସି ଗତ୍ୟନ୍ତର ରହିଲା ନାହିଁ (୫) । କେଉଁ ଏକ ଅଦୃଶ୍ୟ ଅନ୍ୱେଷଣରେ ଅହରହ ପିପାସିତ ରହିଲା ତାର ପ୍ରାଣ । ସଂସାରର ମାୟାମମତା ତାକୁ ଆଉ ଆକର୍ଷିତ କରି ପାରିଲା ନାହିଁ । ଯାହା ଅତୀତରେ ବହୁ ବିଧ ଭୋଜ୍ୟ, ପେୟ, ଉତ୍ସାହ ଏବଂ ମାଦକ ଦ୍ୱାରା ତାକୁ ଭାବବିଭୋର କରି ରଖିଥିଲା, ପରବର୍ତ୍ତୀ କାଳରେ ତାକୁ ତାହା ମିଥ୍ୟା ଭଳି ପ୍ରତୀତ ହେଲା ଏବଂ ସେ ସମସ୍ତ ଆଡ଼ମ୍ବର ଭିତରେ ଏକ 'ବିକଳ ଶୂନ୍ୟତା' କୁ ଅନୁଭବକରି ବସିଲା (୬) ଜୀବନାବଧି ସଂଗ୍ରହ କରିଆସିଥିବା ଅସଫଳତା, ଯାବତୀୟ ଭ୍ରମ ପ୍ରମାଦ ତାକୁ ମାୟାମୟ ଘାଟରେ ଅନୁତାପର ବେପାର କରିବା ପାଇଁ ନୌକାଭିଡ଼ିବା ପରି ପ୍ରତୀତ ହେଲା, ପୌରୁଷର କୃତାର୍ଥତା ଏବଂ ଜୀବନର ଅର୍ଥଖୋଜୁ ଖୋଜୁ ସେ କେବଳ ଆପଣାର ବିଗତ କାଳରେ ଏକ 'ମଳୟ ମୌସୁମୀ ହୀନ ସମ୍ବତ୍ସର' କୁ ସାକ୍ଷାତକରି ବସିଲା । (୭) ତାର ଜୀବରୂପୀ ହଂସ ପଙ୍କମୟ ମୋହଜଳକୁ ସୁଧାର ସମୁଦ୍ର ଭାବି ଏତେ ଦିନ ଆପଣାକୁ କ୍ଲେଦମଳିନ କରି ରଖିଥିବାରୁ କେବଳ ଦୁଃଖିତ ହେଲା ନାହିଁ, ଏହି 'ମୂଢ଼ ବିସ୍ମରଣ' କୁ ଅସ୍ୱୀକାରକରି 'ବିରାଟ'ର ଆସ୍ୱାଦନ କରିବାକୁ ଅନୁରୋଧ ମଧ କଲା । (୮) ସଂସାରର ପ୍ରତିଟି ରଙ୍ଗ ତା ନିକଟରେ ହୋଇଗଲା ନୀରସ, ବର୍ଣ୍ଣହୀନ, ସଂସାରର କୌଣସି ସ୍ୱାଦ ଆଉ ତାକୁ ପ୍ରଲୁବ୍ଧ କରିପାରିଲା ନାହିଁ । ସଂସାରର ସକଳ ମାୟାଗ୍ରସ୍ତତାର ଊର୍ଦ୍ଧ୍ୱରେ ଯେ ଏକ ମାୟାତୀତ ଚିନ୍ମୟ ଅନୁଭବ ସଂଗୋପିତ ରହିଛି, ତାହା ତାର ପ୍ରତ୍ୟୟକୁ ଦୃଢ଼ କଲା ଏବଂ ସେହି ଅପୂର୍ବ ଆହ୍ଲାଦକୁ ଅବିଚ୍ଛିନ୍ନ ଭାବରେ ଅନୁଭବ କରିବା ପାଇଁ ସଂସାରର ମଧୁର ତିକ୍ତ କଷାୟ ସକଳ ସ୍ୱାଦକୁ ଦୃଢ଼ଭାବରେ ଅସ୍ୱୀକାର କରି ବସିଲା (୯) ବୈରାଗ୍ୟମୟ ବଡ଼ଦାଣ୍ଡର ଧୂଳିକୁ ଜନ୍ମଜନ୍ମାନ୍ତର ତା ମଥାରେ ଗ୍ରହଣ କରିବା ପାଇଁ ସେ ଅତୀତରେ ଯେଉଁ ଆଶାପୋଷଣ କରିଥିଲା (୧୦) ତାହାକୁ ଏହି ମୁହୂର୍ତ୍ତରେ ପୂରଣ କରିବା ପାଇଁ ସେ ଶପଥବଦ୍ଧ ହୋଇଗଲା । କସ୍ତୁରୀ ମୃଗ ଭଳି ନିଜ ନାଭି ପଦ୍ମରୁ ଉକୁଟି ଆସୁଥିବା ସୁଗନ୍ଧକୁ ଅନୁଭବ କରିନପାରି ବାହାରେ

୫- ''ଏକଇ ଜୀବନେ ଜନ୍ମାନ୍ତର ନୂତନ ଚିର ନବ କଳେବର
ନୂତନ ବନ୍ଧୁ ନବ ପରିସର ଅତୀତ ନିଅ ବିଦାୟ ।''
ହେ ଅତୀତ ଦୂରେ ଚାଲିଯାଅ: ସିନ୍ଧୁ ଓ ବିନ୍ଦୁ : ତତ୍ରୈବ : ପୃ - ୫୧୮

୬- ''ସହସା ବୋଧିଲି କିନ୍ତୁ ବିକଳଶୂନ୍ୟତା, ମିଥ୍ୟା ଦିଶେ ସଭା
ସ୍ୱାମୀ ଗରବିଣୀ ନାରୀ ହେଲା ବା ଦୁର୍ଭାଗ୍ୟେ, ସହସା ବିଧବା''
ଅନ୍ୱେଷୀ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ : ପୃ - ୫୨୩

୭- ଭ୍ରାନ୍ତିମୟ ଜୀବନ : କୃଶ : ତତ୍ରୈବ : ପୃ - ୪୫୩

୮- ''ଉଠ ହଂସ ଦିଅ ଝାଡ଼ି ମୂଢ଼ ବିସ୍ମରଣ ଊର୍ଦ୍ଧ୍ୱେ ଉଠି ବିରାଟର କର ଆସ୍ୱାଦନ''
ଜୀବହଂସ : କୃଶ : ତତ୍ରୈବ : ପୃ - ୪୪୮

୯- ବିଶ୍ୱର ମଧୁର ତିକ୍ତ କିଛି ଲୋଡ଼ା ନାହିଁ ମୁହିଁ ତବ ଅବିଚ୍ଛିନ୍ନ ସନ୍ନିଧି ଆଶାୟୀ ।
ଜନତା ବୈରାଗ୍ୟ : ତତ୍ରୈବ : ପୃ - ୪୬୪

୧୦- ତୀର୍ଥଧୂଳି : ସେଦିନର କବିତା : ତତ୍ରୈବ : ପୃ - ୪୨

Digitized by srujanika@gmail.com

ଖୋଜିବାରେ ଯେଉଁ ସମୟ ଅପଚୟ କରିଥିଲା ସେଥିପାଇଁ ତାର ଅନୁଶୋଚନା ଆସିଲା ।

ଏ ଅନୁଶୋଚନା ପରବର୍ତ୍ତୀ ମୁହୂର୍ତ୍ତରେ ଦୃଢ଼ କଲା କାବ୍ୟନାୟକର ବିଶ୍ୱାସକୁ , ସକଳ କାର୍ଯ୍ୟର କାରଣ ସ୍ୱରୂପ ଯେ ଏକ ଅଦୃଶ୍ୟ ଶକ୍ତି ବିଦ୍ୟମାନ ଏବଂ ସେହି ଅଦୃଶ୍ୟ ଶକ୍ତି ଯେ ସମଗ୍ର ଜଗତକୁ ନିୟନ୍ତ୍ରଣ କରୁଛନ୍ତି ଏହା ତା'ପାଖରେ ସ୍ପଷ୍ଟ ହୋଇ ଉଠିଲା । ଭରତୀୟ ଆଧ୍ୟାତ୍ମିକତାରେ ଉଦ୍‌ଭାସିତ ହୋଇ ଉଠିଲା ତା ହୃଦୟ । ସେ ଆପଣା ସହ ସକଳ ବିଶ୍ୱକୁ ଈଶ୍ୱରମୟ ବୋଲି ଉପଲବ୍ଧି କଲା (୧୧) । ସେହି ଅନାଥ ବନ୍ଧୁକୁ ପାଇବା ପାଇଁ ଆପଣାର ଅସାମର୍ଥ୍ୟପଣ ଯାହା ତାକୁ ସତତ ଉଦ୍‌ବେଳିତ କରୁଥିଲା, ସେ ସମସ୍ତ ଅଚିରେ ତିରୋହିତ ହେଲା, ଯୋଗ, ଯଜ୍ଞ, ଜପ, ତପ କିଛି ନକରି ମଧ୍ୟ 'ଦେବଦରଶନ' କରିବାର ସାମର୍ଥ୍ୟ ସେ ନିଜ ଭିତରେ ଅନୁଭବ କଲା (୧୨) । ସିନ୍ଧୁର ବିରାଟତ୍ୱ ପ୍ରତି ତାର ଯେଉଁ ଭୟ ଥିଲା, ତାହା ସିନ୍ଧୁର ଅନ୍ତରାନୁଭବ ହେତୁ ହିଁ ଅନ୍ତର୍ହିତ ହୋଇ ଯାଇଛି (୧୩) । ତାର ଉପଲବ୍ଧି ହୋଇଛି ଯେ ସେ ଚିର ମୁକ୍ତ, ଜାଗ୍ରତ, ଗତିଶୀଳ, ନିର୍ବିଶେଷ ଏବଂ ସୃଷ୍ଟି ପଥର ମହାପଥିକ । ସେ ଏକକର ନୁହେଁ ସମଗ୍ରର । ସେ କାଳାତୀତ । ସମଗ୍ରଲୋକରେ ପ୍ରେମ ବିତରଣ କରିବା ପାଇଁ ତା ଜୀବନ ଅଭିପ୍ରେତ । ସେ ଯଥାର୍ଥରେ ବିଶ୍ୱପ୍ରିୟ । ଦୀର୍ଘଦିନ ଧରି ପଥ ହରାଇ ଅବଶେଷରେ ଆପଣାର ପଥ ବରିନେଇ ଅନନ୍ତ ବ୍ୟୋମରେ ଅପାର ଆନନ୍ଦରେ ଉଡୁଥିବା ସେ 'ମହାବିହଙ୍ଗ' (୧୪) । ପଥକୁ ଖୋଜି ବସିବା ପାଇଁ ତାର ପ୍ରୟାସ ମଧ୍ୟ ଅସୀମ । ଅନନ୍ତ ଉଡ଼ାଣ ମଧ୍ୟରେ ମଧ୍ୟ ସେହି ଅନ୍ୱେଷଣର ପ୍ରକ୍ରିୟା ଅବ୍ୟାହତ । ସମଗ୍ର ବିଶ୍ୱରେ 'ଅରୂପ ଦେବତା'କୁ ଖୋଜିବା ପାଇଁ କେତେବେଳେ ପକ୍ଷୀପରି ଆକାଶରେ ତ କେତେବେଳେ ପାନ୍ଥପରି ସଂସାରପଥରେ ଅହରହ ଘୂରି ବୁଲିଛି ସେ । କୌଣସି ମୁହୂର୍ତ୍ତରେ ନିରୁତ୍ସାହିତ ହୋଇନି ସେ, ହୃଦୟରେ ଦୃଢ଼ବିଶ୍ୱାସ ପୋଷଣ କରିଛି, ଦିନେ ନା ଦିନେ ସେହି ଅଦୃଶ୍ୟ ଦୃଶ୍ୟକୁ ସେ ଦେଖିବ ଏବଂ ଅଶ୍ରୁତ ସ୍ୱରକୁ ସେ ଶୁଣିବ (୧୫) । ସେହି 'ମହାଏକକ'ଙ୍କର ଅନିର୍ବଚନୀୟ ପ୍ରକାଶକୁ ସାକ୍ଷାତକରିବା ପାଇଁ 'ତତ୍ତ୍ୱ' ନୁହେଁ 'ମୁଗ୍ଧ' ପଣ ଯେ ଏକାନ୍ତ ଆବଶ୍ୟକ ତାହା ସେ କ୍ରମେ ନିଜ ହୃଦୟରେ ଦୃଢ଼ କରିଛି । ସମଗ୍ର ସୃଷ୍ଟି ସତ୍ତାରେ ସେହି

୧୧- (କ) ଈଶ୍ୱରେ ଆତ୍ମର ବାସ ଖାଉଛୁ ଈଶ୍ୱରେ, ଭୋଗୁଛୁ ଏ ଧରା ତାଙ୍କ ପ୍ରଦତ୍ତ ଇନ୍ଦ୍ରିୟେ
ତାଠୁରୁ ତଳିପା ଯାଏ ସେହୁ ସର୍ବ ସ୍ଥଳେ, ସେହି ଧନ ସେହି ପ୍ରିୟା ସେ ବିଶେ ଅମୀୟେ''
ପାନ୍ଥଗାଥା : ଅକ୍ଷତ : ତତ୍ରୈବ : ପୃ -୨୯୯
(ଖ) ''ଈଶ୍ୱର ସର୍ବତ୍ର ବ୍ୟାପ୍ତ ବାହାରେ ଅନ୍ତରେ ନିଜେଇ ଈଶ୍ୱର ତୁମେ ପ୍ରତି ଧରାବାସୀ''
ନିଜେଇ ବୋହିବ : କୁଶ : ପୃ - ୪୮୨

୧୨- ସହଜ ପଥ : ଅକ୍ଷତ : ତତ୍ରୈବ : ପୃ : ୩୦୯-୩୧୦

୧୩- ''ବେଳେ ବେଳେ ବିନ୍ଦୁ କିନ୍ତୁ ଥରେ ଆନନ୍ଦରେ, ଜାଣି ସିନ୍ଧୁ ଓତପ୍ରୋତ ତା ନିଜ ଅନ୍ତରେ''
ସିନ୍ଧୁ ଓ ବିନ୍ଦୁ : ତତ୍ରୈବ : ପୃ : ୫୭୭

୧୪- ମହାପଥର ଯାତ୍ରୀ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ : ପୃ : ୫୭୦-୫୭୧

୧୫- ''ତଥାପି ନିତ୍ୟ ଖୋଜଇ ପାନ୍ଥ ମୁହିଁ ଅରୂପ ସେହି ଅରୂପ ସେହି ଦେବତା ପୁର ଦ୍ୱାର
ଅତୃପ୍ତ ମୋର ପିପାସା ଅଛି ପ୍ରାଣେ, ଦେଖିବି ଆଖେ, ଶୁଣିବି ବାକ୍ୟ ତା'ର ।''
ବିଶ୍ୱ ଦେବାଳୟ : ହେମପୁଷ୍ପ : ତତ୍ରୈବ: ପୃ : ୧୬୯

Digitized by srujanika@gmail.com

ମହାଏକକଙ୍କ ନିପୁଣ କାରିଗରୀକୁ ଲକ୍ଷ୍ୟ କରିବା ଭିତରେ ଯେ ପ୍ରକୃତ ଦର୍ଶନ ମିଳିଯିବ ଏବଂ ଅନ୍ୱେଷଣରେ ପରିସମାପ୍ତି ଘଟିବ ଏହା ତାର ବିଶ୍ୱାସ ହୋଇଯାଇଛି (୧୬) । ସମଗ୍ରତା ମଧ୍ୟରେ ଆତ୍ମଗୋପନ କରିଥିବା ସେଇ ଅଦୃଶ୍ୟ ଶୂନ୍ୟସତ୍ତା ଯେ କୌଣସି ସଂକୀର୍ଣ୍ଣ କୃତ୍ରିମ ସ୍ଥାନ ମଧ୍ୟରେ ନାହାନ୍ତି, ତାହା କ୍ରମଶଃ ତାର ଦୃଢ଼ ବିଶ୍ୱାସ ହୋଇଛି । ଭଗବତୀୟ ଭାବବୋଧରେ ଅନ୍ତରରୁ ଅନ୍ତରୀକ୍ଷ ସର୍ବତ୍ର ସେ ତାଙ୍କର ଦର୍ଶନ କରି ବସିଛି (୧୭) ।

କାବ୍ୟନାୟକ ଅନୁଭବ କରିଛି ଏ ଅନ୍ୱେଷଣର ଅନ୍ତ ନାହିଁ । କାରଣ ଯୁଗେ ଯୁଗେ ପରିପୂର୍ଣ୍ଣ ଏକକକୁ ଅନୁସନ୍ଧାନ କରି ଆସିଛି ଅପୂର୍ଣ୍ଣସତ୍ତା । ଏକ ତୀବ୍ର ମମତାବୋଧରେ ପ୍ରାଣକୁ ଭିଜାଇ ଦେଇ ଜାରି ରହିଛି ଏ ଅଦୃଶ୍ୟ ଅନ୍ୱେଷଣ । ଏହାହିଁ ଶ୍ରେୟ (୧୮) । ସେ ଜାଣେ ଖୋଜୁଥିବା ସେହି ଅନନ୍ତ ସତ୍ତା କାଳେ କାଳେ ଅଜ୍ଞାତ ଏବଂ ଅଜ୍ଞେୟ । ସେ ପରିଚିତ ହୋଇ ମଧ୍ୟ ଏକାନ୍ତ ଅପରିଚିତ ଏବଂ ଦୂରବର୍ତ୍ତୀ ଅନୁଭବଠାରୁ ଅନେକ ଦୂରର । ସ୍ଥୂଳବୁଦ୍ଧି ଧାରଣ କରି ସେହି ପରମ ସୂକ୍ଷ୍ମସତ୍ତାଙ୍କର ଅନୁସନ୍ଧାନ ପାଗଳପଣ ବ୍ୟତୀତ ଆଉକିଛି ନୁହେଁ । ତଥାପି ମଧ୍ୟ ଅନୁସନ୍ଧାନର ଏକ ମଧୁର ସମ୍ମୋହନରେ କାବ୍ୟନାୟକ ପୂର୍ଣ୍ଣ ସମ୍ମୋହିତ । ତା'ର ମନ ଭ୍ରମରସଦୃଶ ସତ୍ୟର ସେ ସୁବାସିତ କୁସୁମର ଅନୁସନ୍ଧାନରେ ସତତ ଆଗ୍ରହୀ (୧୯) । ମାତ୍ର ଗୋଟିଏ ନିର୍ଦ୍ଦିଷ୍ଟ ଜୀବନରେ ଯେ ଅନ୍ୱେଷଣର ପରିପୂର୍ଣ୍ଣତା ଘଟିବ ଏବଂ ଶ୍ରମର ସାର୍ଥକତା ପ୍ରକାଶ ପାଇବ ଏ ପ୍ରକାର ବିଶ୍ୱାସ ତାର ନାହିଁ । ଖୋଜୁଥିବା ବସ୍ତୁଟି ତାକୁ ନିଜେ ଅଜ୍ଞାତ । ସେ ତା ଦୃଷ୍ଟିରେ ଚକ୍ଷୁର ଚକ୍ଷୁଭଳି, ଶ୍ରବଣର ଶ୍ରବଣ ପରି । ସେ ରସନାର ସ୍ୱାଦ ଏବଂ ବଦନର ବାଣୀପରି ଅପ୍ରକାଶ୍ୟ ଅଥଚ ଅନୁଭବଗମ୍ୟ । 'ମୁଁ ଅଛି' ଭିତରେ କେବଳ ଉପଲବ୍ଧି କରିହୁଏ ସେ ଅଦୃଶ୍ୟ ସତ୍ୟକୁ । କାରଣ ସେହି ବିରାଟ ସ୍ରଷ୍ଟା ପୁରୁଷହିଁ ପ୍ରତିବିମ୍ବିତ ହୋଇଛି 'ମୁଁ ଅଛି' ର ସସୀମସ୍ଥିତି ଭିତରେ । 'ମୁହିଁ' ଏବଂ 'ମୋର' ଆଦି ସକଳ ସାକାର ଅନୁଭବ କେବଳ ମାତ୍ର ସେହି ଅଦୃଶ୍ୟ ସତ୍ୟସୂର୍ଯ୍ୟର ପ୍ରାତିଭାସିକ ପ୍ରତିବିମ୍ବନ ମାତ୍ର । ବ୍ୟକ୍ତିସତ୍ତାର କେନ୍ଦ୍ରରେ ଏକମାତ୍ର ସେ ବହୁରୂପରେ ଜାହିର୍ ରଖିଛି

୧୬- "ମୁଗ୍ଧ ହୋଇ ସୃଷ୍ଟି କାବ୍ୟ କରୁଁ ଅଧ୍ୟୟନ । ଫିଟିଲିଣି ବହୁଦିନୁ ତତ୍ତ୍ୱ ବ୍ୟାକରଣ"
- ଏକ ଓ ବହୁ : ଅକ୍ଷତ : ତତ୍ରୈବ ପୃଷ୍ଠ - ୨୯୦

୧୭ (କ)ଏ ଧରଣୀ ରନ୍ଧ୍ରେ ରନ୍ଧ୍ରେ ଅଣୁ ଅଣୁ ଭେଦି । ଅଛନ୍ତି ସେ ଖିଳ ବିଶ୍ୱ ତାଙ୍କ ପୂଜା ବେଦୀ"
- ବିଶ୍ୱରୂପ : ଜୀବନ ଚିତା : ତତ୍ରୈବ ପୃ - ୪୦୨

(ଖ) ଅନ୍ତରରୁ ଅନ୍ତରୀକ୍ଷେ ବ୍ୟାପି ବିରାଜିତ ଯେ ଭୁବନେଶ୍ୱର
କ୍ଷୁଦ୍ର ଭୁରଣ ଅନ୍ଧକାର ଗୃହେ ତାର କିମ୍ପା ଆରାଧନା କର ?
- ଦେବପୂଜା : ଜୀବନ ଚିତା : ତେତ୍ରୈବ ପୃ - ୪୦୨

୧୮- "ଅପୂର୍ଣ୍ଣ ମୁଁ ଖୋଜେ ମୋର ମଧୁର ପୂର୍ଣ୍ଣତା,
ତୁମପାଇଁ ତେଣୁ ପ୍ରାଣେ ତୀବ୍ର ଏ ମମତା" ।
- ପୂର୍ଣ୍ଣତା ପ୍ରାପ୍ତି : କୁଶ : ତତ୍ରୈବ ପୃ - ୪୪୩

୧୯- ତତ୍ତ୍ୱାନୁସନ୍ଧାନ : କୁଶ : ତତ୍ରୈବ ପୃ - ୪୪୩

Digitized by srujanika@gmail.com

ଆପଣାର ସମର୍ଥପଣ (୨୦) । କାବ୍ୟ ନାୟକର ଏ ଅନୁଭବ କମ୍ ପ୍ରଭାବଶାଳୀ ନୁହେଁ । ଜୀବନାବଧି ଏ ଅନ୍ୱେଷଣର ଯେ ଶେଷ ନାହିଁ, ଏହା ତା ନିକଟରେ ହୋଇ ଉଠିଛି ନିଶ୍ଚିତ । ଏଥିରେ ତାର ଦୁଃଖ ନାହିଁ । ବରଂ ଅଛି ଆନନ୍ଦ । କାରଣ ଥରେ ସତ୍ୟର ସନ୍ଧାନ ପାଇଲେ ଆଉ ନୂତନ ଅନ୍ୱେଷଣ ପ୍ରଚୋଦନା ନ ଥାଏ । ଗୋଟିଏ ଜନ୍ମ ମଧ୍ୟ ଯୁଗ ପରି ଲାଗେ, କ୍ରିୟାହୀନ ସନ୍ଧାନ ବିରହିତ ଜୀବନ ବିଷଭଳି ବର୍ଜନୀୟ ହୋଇଯାଏ । ମାତ୍ର ଅନୁସନ୍ଧାନର ପ୍ରକ୍ରିୟା ଯଦି ଜନ୍ମରୁ ଜନ୍ମକୁ ଜାରି ରହେ, ତେବେ ନିରବଧି ଖୋଜିବାର ସୁଖରେ ନିମଜ୍ଜିତ ହୋଇ ରହିହୁଏ (୨୧) । ଏ ଅନ୍ୱେଷଣ କେବଳ କାବ୍ୟ ନାୟକର ନୁହେଁ, ସକଳ ସୃଷ୍ଟିର । ସେହି ଅଜ୍ଞାତ ସ୍ରଷ୍ଟାପୁରୁଷକୁ ସକଳ ସୃଷ୍ଟି ଦେଖିବା ପାଇଁ ବ୍ୟାକୁଳ । ବିଜନ ବନ ପ୍ରାନ୍ତରେ ପ୍ରବାହିତ ହେଉଥିବା ବାୟୁ ତାକୁହିଁ ଖୋଜି ଖୋଜି ବୁଲୁଥାଏ । ଫୁଲ ତାଙ୍କ ସ୍ନେହ ପାଇବା ପାଇଁ ଫୁଟିଲା ପଣରେ ହସୁଥାଏ । ଆଲୋକ ଆପଣାର ବ୍ୟାପ୍ତି ଭିତରେ ଅହରହ ଖୋଜି ହେଉଥାଏ । ଶ୍ୟାମ ଦୂବ ରଙ୍ଗର ଶାଢ଼ୀ ପିନ୍ଧି ଧରଣୀ ଅବିରତ ଅପେକ୍ଷା କରିଥାଏ ତାଙ୍କୁ । ଚନ୍ଦ୍ର ତାରା ଏବଂ ସକଳ ପ୍ରାକୃତିକ ଉପାଦାନ ତାଙ୍କର ମହିମ୍ନ ଅନ୍ୱେଷଣରେ ଆପଣାର କାଳ ବିତାଇ ଦିଅନ୍ତି । ମାତ୍ର ସର୍ବତ୍ର ବିଦ୍ୟମାନ ସେ ସତ୍ତା ସହଜରେ କାହାକୁ ଧରାଦିଅନ୍ତି ନାହିଁ (୨୨) ।

ଏଇ ବିଚିତ୍ର ଅନ୍ୱେଷଣମୁଖର ସ୍ଥିତିରେ କାବ୍ୟନାୟକର ଏକମାତ୍ର ଅଭିଳାଷ ସେହି ଅଦୃଶ୍ୟ ପରମ ସତ୍ତାର ଅନୁଗ୍ରହ । ଏ ଅଭିଳାଷ ପୂର୍ବଭଳି ସାଂସାରିକ ମୋହାସକ୍ତତା ମଧ୍ୟରେ ଆବଦ୍ଧ ନୁହେଁ । ସକଳ ସଂସାର ବାସନାର ଊର୍ଦ୍ଧ୍ୱରେ ଏହାର ଅବସ୍ଥାନ । ସେହି କରୁଣାମୟ 'ହରି'ଙ୍କ ଚରଣ କମଳରେ ଆପଣାର ଜୀବନଫୁଲକୁ ଚିରକାଳ ଲୋଟାଇ ଦେବାରେ ହିଁ କାବ୍ୟନାୟକର ଏକମାତ୍ର ଆନନ୍ଦ (୨୩) । ସଂସାରାସକ୍ତି ଏସ୍ଥିତିରେ ନଥିଲେ ମଧ୍ୟ ସେହି ପରମ ସତ୍ତାର ବିରାଟ ପ୍ରକାଶମୟ ମାୟିକ ରୂପ ସଂସାର ହୋଇଥିବାରୁ ତାକୁ ସତ୍ତାମୟ ସ୍ୱରୂପରେ ଶ୍ରଦ୍ଧା କରିବାରେ କାବ୍ୟନାୟକର କୌଣସି କୁଣ୍ଠା ନାହିଁ । ପରମ ସତ୍ତାକୁ ଧରାରେ ପରଖି ନପାରି ତାପ୍ରତି ଯେଉଁ ଘୃଣା ଆସିଥିଲା, ତାହା ଜୀବନର ସ୍ୱାଭାବିକ ବିକାଶରେ ବାଧା ସୃଷ୍ଟିକରିବ ଭାବି କାବ୍ୟନାୟକ ପରମ ସତ୍ତାଙ୍କର ନିତ୍ୟ ମାୟିକ ଲୀଳାଭୂମି ଏହି ପୃଥିବୀକୁ ନୂତନ କରି ଦେଖିବା ପାଇଁ ତାଙ୍କୁ ଆପଣାର ନେତ୍ରରେ ମାୟାଞ୍ଜନ ଲେପି ଦେବାକୁ

୨୦- "ମୁଁ ଛାୟା ସେ ବସ୍ତୁ ମୁହିଁ ବାଦ୍ୟ ସେ ବାଦକ,
ଖୋଜେ ସେହି ମୋ ଜୀବନ ରଥର ବାହକ" ।
- ଜୀବନ ତାରକା : କ୍ରୁଶ : ତତ୍ରୈବ ପୃ - ୪୪୪

୨୧- ସତ୍ୟ ବୋଲି ଜାଣିଲେ ହେଁ ରହ ହେ ଅଜ୍ଞାତ, ସନ୍ଧାନର ସୁଖ ପାଏ ଜନ୍ମେ ଜନ୍ମେ ନାଥ ।
: ଚିର ଅନ୍ୱେଷଣ : ତତ୍ରୈବ. ପୃ - ୪୪୫

୨୨- ଖୋଜରେ ତାରେ : ଗୀତରେଣୁ : ତତ୍ରୈବ ପୃ - ୬୮୨-୬୮୩

୨୩- "ଜୀବନଫୁଲ ମୋର,
ଚରଣ ତଳ ଧୂଳିରେ ପଡ଼ି ହେଲ ହେ ମୁକ୍ତି ଭୋଳ ଶୁଣୁନା କିଆଁ ?
: ସେଦିନର କବିତା : ଗଛାବଳୀ ପୃ - ୪୩

Digitized by srujanika@gmail.com

ଅନୁରୋଧ କରିଛି (୨୪) । ମାତ୍ର ଏ ମାୟାଞ୍ଜନ ତା ଚିତ୍ତକୁ ଯେପରି ବିକ୍ଷୁବ୍ଧ ନକରିବ ସେଥିପାଇଁ ଜୀବନର ସକଳ ମୋହଗ୍ରସ୍ତ ଦ୍ୱାରକୁ ରୁଦ୍ଧକରି ଆପଣାକୁ 'ଏକ ମୁଖୀ ' ରୂପରେ କେବଳ ମାତ୍ର ପରମ ସତ୍ତାଙ୍କ ଆଲୋକରେ ଅନନ୍ତ କାଳ ପାଇଁ ଆଲୋକିତ ରହିବାକୁ ପ୍ରାର୍ଥନା କରି ବସିଛି ସେ (୨୫) । ତଥାପି ମଧ୍ୟ ଜୀବନ ନୌକାର ବହୁଘାଟରେ ଲାଗିବା ପ୍ରବୃତ୍ତିକୁ ବାରଣ କରି ପାରିନି କାବ୍ୟନାୟକ । ଇନ୍ଦ୍ରିୟଗ୍ରସ୍ତ ମାୟିକ ଦେହଧାରଣ କଲେ ତାହା ଏକାନ୍ତ ଆବଶ୍ୟକ । ମାତ୍ର 'ସମୁଦ୍ର ବିହାର' ଯେ ତାହାର ଚିରନ୍ତନ ଲକ୍ଷ୍ୟ, ଏହି ଶ୍ରେଷ୍ଠ ଲକ୍ଷ୍ୟକୁ ନାନା ଘାଟ ଆରୋହଣ ଅବରୋହଣର ନିର୍ମୋକରେ ଯେ ଭୁଲିବସିବା ଉଚିତ ନୁହେଁ, ଏହା ନେଇ ସଚେତନ ହୋଇଯାଇଛି ସେ (୨୬) । ମାତ୍ର ଏହି ଛାୟା ଚନ୍ଦ୍ରିକାର ଦ୍ୱନ୍ଦକୁ ବେଶୀକାଳ ଆପଣାଭିତରେ ଘଟିବାକୁ ଦେଇ ନାହିଁ କାବ୍ୟନାୟକ । ଏହି ଚିତ୍ତବିକ୍ଷୋଭର ଅନ୍ତିମ ପରିଣତି ହେଉଛି ଆତ୍ମସମର୍ପଣ । ପ୍ରପତ୍ତିର ଏହି ମହିମ୍ନ ଲଗ୍ନରେ କାବ୍ୟନାୟକ ଉନ୍ମୋଚନ କରି ରଖିବାକୁ ପଡ଼ିଛି ଦେହ ତଥା ଦେହାତୀତ ସ୍ଥିତିର ସକଳ ଅନ୍ୱେଷାମୁଖର ଦ୍ୱାର (୨୭) । ସମସ୍ତ ଅହଂକାର, ଦାବୀ ଏବଂ ଅଭିଯୋଗକୁ ପୂର୍ଣ୍ଣ ବିସର୍ଜନ କରି ପରମସତ୍ତାସହ ଏକତ୍ର ସଂଯୋଗ ସ୍ଥିତିକୁ କେବଳମାତ୍ର ଭିକ୍ଷାକରି ବସିଛି ସେ (୨୮) । ଏଥିପାଇଁ ଲାଞ୍ଛନା ଜଳରେ ଆପଣାକୁ ନିତ୍ୟ ନିୟମିତ ଭିଜାଇ ଜୀବନକୁ ଚନ୍ଦନପରି ଘୋରି, ଅଶ୍ରୁଜଳରେ ନିତ୍ୟ ନିୟମିତ ତାଙ୍କର ଆବାହନ କରିବାକୁ ଶ୍ରେୟ ମଣିଛି ସେ (୨୯) । ଆପଣାର ସୁଖ ନୁହେଁ ପରମ ସତ୍ତାଙ୍କର ନିତ୍ୟ ଲୀଳା ପ୍ରକାଶର ଅଭିଳାଷ ଜାରି ରହିଥାଏ ଏ ପୂର୍ଣ୍ଣ ସମର୍ପଣରେ (୩୦) । ଏତେବେଳେ ଆଉ ଦୁଃଖ ଅଥବା ଅଶ୍ରୁ ପାଇଁ ଶୋଚନା ନଥାଏ । ଦୁଃଖ ସେତେବେଳେ ପାଲଟି ଯାଏ ଡ଼ହ ଡ଼ହ ନିଆଁ ଯାହା ଜୀବନ ସୁନାକୁ ସମସ୍ତ ସାଂସାରିକ

୨୪- ମାୟାମୃନ୍ ଦିଅ ନେତ୍ରେ ଣିରୀ ପୁଣି ଦିଶୁ ଧରା,
ତଥ୍ୟ ମୋର ଲୋଡ଼ା ନାହିଁ ଯଦି ତାହା ତୁମ ଛଡ଼ା
- ସ୍ୱର୍ଗଚ୍ୟୁତି : ଅକ୍ଷତ : ତତ୍ରୈବ ପୃ - ୩୦୪

୨୫- ସର୍ବଦ୍ୱାର ରୁନ୍ଧି ମୋତେ ଏକମୁଖୀ କର, ଆଲୋକୁ ଏକଇ ତାରା ମୋ ସର୍ବ ଅମ୍ବର
- ଉଚ୍ଛୃଙ୍ଖଳ : କୃଶ : ତତ୍ରୈବ ପୃ -୪୫୪

୨୬- ନାନା ଘାଟେ ଲାଗିଲେ ହେଁ ନୌକା ସାଧବର
ସମୁଦ୍ର-ବିହାର ଲକ୍ଷ୍ୟ ଥାଏ ତା ପ୍ରାଣର
- ତଳେ ତଳେ : କୃଶ : ତତ୍ରୈବ ପୃ - ୪୫୧

୨୭- ଆସବନ୍ଧୁ ଆସପ୍ରିୟ ଆଜି ପିତାମାତା ପରମ ସ୍ୱଜନ,
ତମ ପାଇଁ ଖୋଲା ମୋ ଦୁଆର ଅହର୍ନିଶ ପୂଜା ଆୟୋଜନ ।
- ଅତି ଆପଣାର : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ - ୫୨୭

୨୮- ସର୍ବ ସମର୍ପଣ : କୃଶ : ତତ୍ରୈବ ପୃ - ୪୬୪-୪୬୫

୨୯- ଅଶ୍ରୁପୂଜା : ଜୀବନ ଚିତା : ତତ୍ରୈବ ପୃ - ୪୧୧

୩୦- ''ନିବିଡ଼ ଦୁଃଖାନଳେ ଜଳି ମୁଁ ମରେ ପଛେ ତୁମର ଲୀଳା ପରକାଶୁ ହେ
ନିବିଡ଼ ନିରାଶାର ଅନ୍ତଭେଦି ପ୍ରଭୁ ଗଭୀର ବିଶ୍ୱାସ ଆସୁ ହେ ।''
- ତୁମର ପ୍ରୟୋଜନ: ଜୀବନଚିତା : ତତ୍ରୈବ ପୃ -୪୦୫

Digitized by srujanika@gmail.com

ଖାଦରୁ ମୁକ୍ତି ଦେଇ ତାକୁ ଶୁଦ୍ଧ ଏବଂ ଉଜ୍ଜ୍ୱଳ କରିଦିଏ ଏବଂ ଅଶ୍ରୁନେତ୍ରର ସମସ୍ତ ସଂସାରାସକ୍ତି ଧୋଇଦେଇ ପ୍ରିୟପରମଙ୍କ ସ୍ୱରୂପ ଦେଖିବାର ଅଧିକାର ତଥା ସୌଭାଗ୍ୟ ତାକୁ ପ୍ରଦାନ କରେ (୩୧)। ସେତେବେଳେ ଆଉ କୌଣସି ଅହମିକା ନଥାଏ। ଆପଣାର ପରିଣତି ତଥା ସମ୍ଭାବନା ସମ୍ପର୍କରେ ଲେଶମାତ୍ର ଧାରଣାନଥାଏ। ବୀଜ ମଧରେ ସଂଗୋପିତ ଥିବା ସକଳ ସମ୍ଭାବନା ଯେପରି ସୂର୍ଯ୍ୟରଶ୍ମିର ନିକଟରେ ଆପଣାକୁ ପୂର୍ଣ୍ଣ ସମର୍ପଣ କରିଦେଇ ତା'ହାତରେ ଇଚ୍ଛାସୁଖେ ଆପଣାର ବିକାଶକୁ ଛାଡ଼ିଦିଏ ଏଠାରେ ସେହି ପରମ ସତ୍ତା ନିକଟରେ ଆପଣାକୁ କାବ୍ୟନାୟକ ପୂର୍ଣ୍ଣ ସମର୍ପଣ କରିଦେଇଛି (୩୨)। କୌଣସି ଅହମିକା ନରଖି ସରଳ ନିର୍ବୋଧ ଶିଶୁପରି ସେ ବିଶ୍ୱପାଳିନୀ ସେହି ପରମ ସତ୍ତା ପ୍ରତି ଆପଣାକୁ ନିଖିଳ-ସମର୍ପଣ କରିଦେଇଛି (୩୩)। ସର୍ବ ସମର୍ପଣର ଏହି ପୂତ ହୋମାନଳରେ କାବ୍ୟ ନାୟକର ସମସ୍ତ ସାଂସାରିକ ମଳ ପୋଡ଼ିଯାଇ ତାକୁ ଶୁଦ୍ଧ ସୁବର୍ଣ୍ଣରେ ପରିଣତ କରିଦେଇଛି। ମୋହମୁକ୍ତିର ଏ ବହୁ ଆକାଙ୍କ୍ଷିତ ପର୍ଯ୍ୟାୟରେ ଆଉ କୌଣସି ଆପଣାପର ଭେଦଭାବ ନାହିଁ, ଉଚ୍ଚନୀଚ ମନୋଭାବ ନାହିଁ, ବିଶ୍ୱୈକପ୍ରାଣତା ମଧରେ ଏହା ସତତ ବିଦ୍ୟମାନ। ଜୀବନର ଏ ମହିମ୍ନ ଉପଲବ୍ଧିରେ ଜୀବନ ଦେବତା ମଧ୍ୟ କୌଣସି ରୁଢ଼ୀବାଦୀ ଚିନ୍ତା ତଥା ବିଚାରରେ ବନ୍ଦୀ ନୁହନ୍ତି। ସେ ଚିରମୁକ୍ତ ଏବଂ ଜଗତ କଲ୍ୟାଣ ପାଇଁ ତାଙ୍କର ସକଳ କର୍ମ ସତତ ଅଭିପ୍ରେତ।

।। ଦୁଇ ।।

ସେହି ଅଦୃଶ୍ୟ ପରମ ଶୂନ୍ୟ ସତ୍ତାକୁ ସର୍ବତ୍ର ଉପଲବ୍ଧି କରୁଥିବା ମାନସିଂହଙ୍କ କାବ୍ୟ ନାୟକ କୌଣସି ସମୟରେ ଧର୍ମାନ୍ଧତା ତଥା ଅନ୍ଧ ବିଶ୍ୱାସର ବଳୟରେ ଆବଦ୍ଧ ନୁହେଁ। ବିଶ୍ୱର ମୁକ୍ତ ଦେବାଳୟରେ ସେହି ପରମସତ୍ତା ନିଜର ପ୍ରକାଶମୟ ରୂପକୁ ଅହରହ ଜଗତର କଲ୍ୟାଣ ପାଇଁ ପ୍ରଦର୍ଶନ କରୁଛନ୍ତି। କୌଣସି ନିର୍ଦ୍ଦିଷ୍ଟ ଧର୍ମ ଅଥବା ଜାତିର ସ୍ୱାର୍ଥପରତାର ପିଞ୍ଜରାରେ ଆବଦ୍ଧ ନୁହନ୍ତି ସେ ପରମସତ୍ତା। ଏଣୁ କାବ୍ୟନାୟକ କେତେବେଳେ ବି ପାଦ୍ରୀ ଓ ପଣ୍ଡା, ମୌଲବୀ ବା ମୁଲ୍ଲାର ଈଶ୍ୱରଙ୍କୁ ପୂଜା କରିନାହିଁ। ସେ ଜାଣିଛି ଆପଣାର ସ୍ୱାର୍ଥ ସାଧନ ପାଇଁ ଏମାନେ ଧର୍ମକୁ ଖେଳକଣ୍ଢେଇ କରି ସରଳ ନିରୀହ ଜନତାକୁ ଭୁଲାଇ ଚାଲିଛନ୍ତି କେବଳ। ଏଠାରେ ଈଶ୍ୱର ଏମାନଂକ ପାଇଁ କେବଳ 'ପ୍ରୟୋଜନ ଜନିତ' (୩୪)।

୩୧- ଦୁଃଖ ଦିଅ, ଦୁଃଖ ଦିଅ ପୋଡ଼ି ମୁଁ ହୁଏ ଶୁଦ୍ଧ ସ୍ୱର୍ଣ୍ଣ
ଅଶ୍ରୁ ଦିଅ, ଅଶ୍ରୁ ଦିଅ ଦେଖାଉ ଧୋଇ ତୁମରି ବର୍ଣ୍ଣ।
ହେନାଥ କରେ ଚରଣ ତଳେ ନିଖିଳ ଆତ୍ମା ସମର୍ପଣ।
- ଦୁଃଖ ଦିଅ : ଗୀତରେଣୁ: ତତ୍ରୈବ ପୃ - ୪୮୧

୩୨- ଅପେକ୍ଷମାଣ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ - ୫୨୮

୩୩- ନିର୍ବୋଧର ଅଧିକାର : କୃଷ୍ଣ : ତତ୍ରୈବ ପୃ - ୪୬୩

୩୪- ନମସ୍କାର (୧) : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ - ୫୦୯-୫୧୧

Digitized by srujanika@gmail.com

ମୌଲବୀ, ପଣ୍ଡା ଓ ପାଦ୍ରୀ ଏହି ଈଶ୍ୱରଙ୍କ ନାମରେ ଗୋଟିଏ ପରେ ଗୋଟିଏ ଅପକର୍ମ କରିଚାଲିଲେ ମଧ୍ୟ ଈଶ୍ୱର ବିଶ୍ୱାସୀ ସରଳ ଜନତା ଏହାକୁ ଧର୍ମର ଡ଼ରରେ ସହ୍ୟକରିଯାଏ । ଏହି ଅତ୍ୟାଚାର ବିରୁଦ୍ଧରେ କାବ୍ୟନାୟକର ସ୍ୱର ଏଣୁ ସ୍ପଷ୍ଟ । ଈଶ୍ୱରଙ୍କ ନିର୍ଦ୍ଦିଷ୍ଟ ସୀମାବଦ୍ଧତା ଯାହା ଏହି ସ୍ୱାର୍ଥପରମାନଙ୍କ ହେତୁ ହୋଇଅଛି । ତାକୁ ସମୂଳେ ଲୋପକରି କାବ୍ୟ ନାୟକ ଅନୁସନ୍ଧାନ କରିବସିଛି ସେଇ ଉଦାର ସ୍ରଷ୍ଟାପୁରୁଷକୁ ଶାସ୍ତ୍ର ଓ ସଂସାର ଭିତରେ, ନିଜ ଧୂଳି ଧୂସରିତ ଜୀବନର ସସୀମପରିଧିରେ (୩୫)। ଏଇ ଅନ୍ୱେଷଣ ଶେଷରେ ତାକୁ ନେଇ ପହଞ୍ଚାଇଛି ମାନବ ହୃଦୟରେ ଥିବା ସ୍ନେହ,ପ୍ରୀତି, ମାୟା ଏବଂ କରୁଣାପରି କେତୋଟି ଦୈବତ ଉପାଦାନ ମାନଂକ ନିକଟରେ, ଯାହା କୁତ୍ସିତ ପୃଥିବୀରେ ଅପରୂପ ରୂପରାଗ ସୃଷ୍ଟିକରେ ଏବଂ ଅଶାନ୍ତ ଚିତ୍ତବୃତ୍ତିକୁ ଶାନ୍ତ ଏବଂ ସମାହିତ କରିଦିଏ । ତାହାରି ଉଦ୍ଦେଶ୍ୟରେ କାବ୍ୟ ନାୟକ ବାଢ଼ି ବସିଛି ଆପଣାର ଭକ୍ତି ନୈବେଦ୍ୟ (୩୬) । ଏହି ଅନୁପମ ଦୈବ ଗୁଣାବଳୀ, ଯାହାକୁ କାବ୍ୟ ନାୟକ 'ଈଶ୍ୱର' ବୋଲି ଅଭିହିତ କରିବସିଛି । ତାର ସାକାର ସ୍ୱରୂପର ଆବାହନ କରି ବସିଛି ବିଭିନ୍ନ ସ୍ଥାନରେ । କେତେବେଳେ ପୁରାଣ ତଥା ପ୍ରାଚୀନ ଧର୍ମ ସାହିତ୍ୟମାନଙ୍କରେ ବର୍ଣ୍ଣିତ ଈଶ୍ୱରଙ୍କର ବିଭିନ୍ନ ସାକାର ସ୍ଥିତିର ମୂର୍ତ୍ତ ସ୍ୱରୂପ କଳ୍ପନା ସେ କରିବସିଛି ତ ଆଉକେତେବେଳେ ଇତିହାସ ଅଥବା ସମସାମୟିକ କାଳରେ ରୂପ ପରିଗ୍ରହଣ କରି ସେହି ସମସ୍ତ ଈଶ୍ୱରୀୟ ଦିବ୍ୟଗୁଣରେ ଆପଣାକୁ ପ୍ରକଟିତ କରିଥିବା ଯୁଗପୁରୁଷମାନଂକୁ ଈଶ୍ୱର ରୂପରେ ଗ୍ରହଣ କରିନେଇଛି । ପ୍ରଥମରୁ କୁହାଯାଇଛି ଏ ପର୍ଯ୍ୟାୟରେ ଈଶ୍ୱରଙ୍କର ଏକମାତ୍ର ଉଦ୍ଦେଶ୍ୟହେଲା ବିଶ୍ୱକଲ୍ୟାଣ । ଏଣୁ ଜଗତର କଲ୍ୟାଣପାଇଁ ଯେଉଁମାନେ ଆପଣାକୁ ବିନିଯୋଗ କରିଛନ୍ତି, ସେମାନେ ଏହି ଈଶ୍ୱରୀୟ ଭାବ ବିଭୂତିରେ କାବ୍ୟନାୟକ ଦୃଷ୍ଟିରେ ଉଦ୍‌ଭାସିତ ହୋଇଯାଇଛି । ଏଣୁ ଈଶ୍ୱର କେତେବେଳେ ମହାଜନନୀ ରୂପରେ ଆବିର୍ଭୂତ ହୋଇଛନ୍ତି ତ କେତେବେଳେ ଶ୍ରୀକୃଷ୍ଣ ରୂପରେ , କେତେବେଳେ ବା ଯୀଶୁ କି ବୁଦ୍ଧଙ୍କ ରୂପରେ , ଆଉ କେତେବେଳେ ଗାନ୍ଧୀ କି ଗୋପବନ୍ଧୁ ରୂପରେ ସେହି ଲୀଳାପୁରୁଷଙ୍କର ସଞ୍ଚାର ହୋଇଅଛି । ଏମାନେ କିନ୍ତୁ କେତେବେଳେ ବି ସ୍ୱତନ୍ତ୍ର ତଥା ଅପୃଥକ୍ ନୁହଂତି, ସେହି ପରମ ସତ୍ତାଙ୍କ ଅଂଶ ବିଶେଷର ସାକାର ପ୍ରତିବିମ୍ବନ ଭାବେ ଏମାନେ ଆତଜାତ ହୋଇଛନ୍ତି ।

୩୫- ''ବିକଳାଙ୍ଗ କ୍ଷୁଦ୍ର ନୀତ ସୀମାବଦ୍ଧ ଏଇ ଈଶ୍ୱରରେ / ଦେଉଳ ମସ୍‌ଜିଦ୍ ଆଉ ଗୀର୍ଜା ଅଭ୍ୟନ୍ତରେ / ସତ୍ୟ ନାହିଁ କରିପାରି ଖୋଜେ ମୁହିଁ ଉଦାର ସ୍ରଷ୍ଟାରେ / ଶାସ୍ତ୍ରେ ଓ ସଂସାରେ / ମୋ ଧୂଳି ଧୂସର ଏଇ ଜୀବନର କ୍ଷୁଦ୍ର ଚାରିଆଡ଼େ

- ନମସ୍କାର (୨) : ସିନ୍ଧୁ ଓ ବିନ୍ଦୁ : ଗ୍ରନ୍ଥାବଳୀ ପୃ - ୫୧୨

୩୬- ''ଏ ଜଗତେ ତୁମେ ଯଦି ସେଇ କ୍ଷୀଣ ଧାର / ସ୍ନେହ ପ୍ରୀତି ମାୟା କରୁଣାର / କୁତ୍ସିତ ଏ ଧରଣୀରେ ତୁମେ ଯଦି ସେଇ ସ୍ୱର୍ଣ୍ଣ ବେଣା ଦୈବ ସୁଷମାର / ସେହି ହିଁ ଈଶ୍ୱର ମୋର/ ସେହି ମୋର ଆଶ୍ୱାସ ଆତ୍ମାର / ଦିଏ ତାକୁ ମୋ ହୃଦର ନିତ୍ୟ ନମସ୍କାର - ତତ୍ରୈବ ପୃ - ୫୧୪

Digitized by srujanika@gmail.com

ପରମ ସତ୍ତାଙ୍କର ବାତ୍ସଲ୍ୟ ଲୀଳା ପ୍ରକାଶିତ ସ୍ୱରୂପ ଟି ହେଉଛି ଜନନୀ ବା ମହା ଜନନୀ ସ୍ୱରୂପ । ସନ୍ତାନ ପାଇଁ ଜନନୀର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱର ପ୍ରତ୍ୟେକ ସାହିତ୍ୟରେ ଏଥିପାଇଁ ଜନନୀର ଜୟଗାନ ଦେଖାଯାଏ । ଅନେକତ୍ର ପୁତ୍ରର ଦୋଷ ପ୍ରଦର୍ଶିତ ହେଲେ ମଧ୍ୟ କୌଣସି ସାହିତ୍ୟରେ ଜନନୀର ଦୋଷ ପ୍ରଦର୍ଶିତ ହୋଇନାହିଁ (୩୭) । ଯେଉଁଠାରେ ବା ଏହି ଜନନୀ ରାମାୟଣର କୈକେୟୀଭଳି ଆପାତ ଦୋଷଦୁଷ୍ଟା ହୋଇଛି ପରବର୍ତ୍ତୀ ମୁହୂର୍ତ୍ତରେ ଲୀଳାବିଧାନ ଦୃଷ୍ଟିକୋଣରୁ ତାହା ଅନ୍ତର୍ହିତ ହୋଇଯାଇଛି । ମାନସିଂହ ସୃଷ୍ଟିର ପାଳନକାରିଣୀ କଲ୍ୟାଣମୟୀ ଈଶ୍ୱରୀୟ ସତ୍ତାକୁ ମୁଖ୍ୟତଃ ମହାଜନନୀ ଅଥବା ଜନନୀ ଭାବରେ ରୂପାୟିତ କରିଛନ୍ତି । ମା' ସନ୍ତାନକୁ ସ୍ତନ୍ୟ ପାନ କରାଇ ଜୀବନ ଦେବା ଭଳି ମହାଜନନୀ ଜଗତକୁ ମୁକ୍ତିର ସଂଗୀତଗାଇ ନବ ଜୀବନ ପ୍ରଦାନ କରିବାର ଅନୁଭବ କରିପାରିଛି କାବ୍ୟନାୟକ (୩୮) । ମହାକାଶରେ ସୂର୍ଯ୍ୟ ତାରାଂକ କଣ୍ଠରେ ଧ୍ୱନିତ ହେଉଥିବା ସେହି ମହା ସଙ୍ଗୀତ ଯାହା ଦେହରେ ତ୍ରିଭୁବନକୁ ରୋମାଞ୍ଚିତ କରିବାର କ୍ଷମତାଥାଏ , ଯାହାଦେହରେ ଥାଏ ଆକାଶର ରାସମଞ୍ଚରେ ତାରାଗଣଙ୍କୁ ନୃତ୍ୟୋନ୍ମତ୍ତ କରାଇବାର ପ୍ରବଣତା, ପ୍ରଥମ ପ୍ରଣୟର ପୁଲକିତ ଅବସରରେ ପ୍ରଣୟୀଯୁଗଳ ଯେଉଁ ମହାଗାନ କରିଥାନ୍ତି ଏବଂ ବସନ୍ତାଗମରେ ଯେଉଁ ମଧୁର ଗାନକୁ ସଲ୍ଲଜ୍ଜ ସ୍ଥିତିରେ ଉଦ୍ଭିଦ ଶୁଣିବାର ସୁଯୋଗ ପାଏ, ସେହି ପରମଗାନକୁ 'ମହାଜନନୀ' ନିକଟରୁ ଶୁଣିବାକୁ ଏକାନ୍ତ ଆଗ୍ରହୀ ହୋଇଉଠିଛି କାବ୍ୟନାୟକ । ମାତ୍ର ଏହି ମହାଗାନକୁ ଶୁଣିବା ପାଇଁ ଯେଉଁ ସମର୍ଥ ପଣର ଆବଶ୍ୟକ, ତାହାର ଅଭାବ ଅନୁଭବ କରିବସିଛି ସେ । ସେ ଅଭାବଟି ହେଉଛି ତାହାର ଅହମିକା । ଏହି ଅହମିକା ଜାଲରୁ ମୁକ୍ତି ପାଇବା ପାଇଁ ସେ 'ଜଗଜ୍ଜନନୀ' ଙ୍କ ଚରଣରେ ଆପଣାକୁ ସମର୍ପିତ କରିଦେବାକୁ ଚାହେଁ । ସାଂସାରିକ ଦାବ ଦହନ ମଧ୍ୟରେ ନିଃଶେଷ ହୋଇ ଆସିଥିବା ସକଳ ଇନ୍ଦ୍ରିୟ ବିଳାସର ଊର୍ଦ୍ଧ୍ୱରେ କେବଳ ମାତ୍ର ଅବଶେଷଥିବା ସେହି 'ଦିବ୍ୟ ଜୀବନ କଣା' ଯାହା ପଥଚ୍ୟୁତ ହୋଇ ଅରମାବାଟରେ ମାଡ଼ିଯାଇ ଆପଣାକୁ ଅକାଳରେ ନିଃଶେଷ ପ୍ରାୟ କରି ଦେଇଥିଲା, ତାକୁ ପୁନର୍ବାର ମାର୍ଗ ପ୍ରଦର୍ଶନ କରାଇବା ପାଇଁ ସେ ଅନୁରୋଧ ବାଢ଼ି ବସିଛି (୩୯) । ଆପଣାର ସକଳ ସଂକୀର୍ଣ୍ଣତାର ନିର୍ମୋକ ସେ ମହାଜନନୀଙ୍କ କରୁଣାର

୩୭- ପୃଥୀବ୍ୟାଂ ପୁତ୍ରାସ୍ତେ ଜନନୀବହବଃ ସନ୍ତି ସରଳା / ପରଂ ତେଷାଂ ମଧ୍ୟେ ବିରଳ ତରଳୋଽହଂ ତବସୁତଃ / ମହିୟେଽୟଂ ତ୍ୟାଗଃ ସମୁଚିତମିଦଂ ନୋ ତବ ଶିବେ / କୁପୁତ୍ରୋ ଜାୟେତ୍ କ୍ୱଚିଦପି କୁମାତାଂ ନ ଭବତି ।'' - ଦେବ୍ୟାପରାଧ କ୍ଷମାପନ ସ୍ତୋତ୍ରଂ / ଶଙ୍କରାଚାର୍ଯ୍ୟ

''କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି ।'' ଦେବ୍ୟପରାଧ କ୍ଷମାପନ ସ୍ତୋତ୍ରଂ : ଶଙ୍କରାଚାର୍ଯ୍ୟ

୩୮- ତବସ୍ତନ୍ୟେ ଉଜ୍ଜୀବିତ ସାମାନ୍ୟ ଏ ପ୍ରାଣ । ହେ ମହା ଜନନି ଗାଉ ସେ ମହା ସଙ୍ଗୀତ
ମହାବ୍ୟୋମେ ସୂର୍ଯ୍ୟତାରା କଣ୍ଠେ ଯେଉଁଗାନ, ହୁଏ ଗୀତ କରି ତ୍ରିଭୁବନ ରୋମାଞ୍ଚିତ ।
- ଗାଏ ସେହି ମହାଗାନ : କୁଶ : ତତ୍ରୈବ ପୃ -୪୯୭

୩୯- ସବୁ ନିଃଶେଷ ଅଛି ଖାଲି ଶେଷ ଦିବ୍ୟ ଜୀବନ କଣା
ସେହି ଆଜି ଖୋଜେ ଜନନୀରେ ତାର ହୋଇ ବହୁ ବାଟବଣା ।
(ସମର୍ପଣ : ସିନ୍ଧୁ ଓ ବିନ୍ଦୁ : ପୃ - ୫୨୨)

Digitized by srujanika@gmail.com

ସ୍ୱର୍ଗରେ ଯେ ଭାଙ୍ଗିଯିବ ଏହା କାବ୍ୟ ନାୟକ ମନରେ ଦୃଢ଼ହୋଇଛି । ଅଜ୍ଞାନ-ପଥରେ ଏ ଯାବତ୍ ଚାଲିଆସିଥିବା ତାର ଜୀବସତ୍ତା ଶେଷରେ ଅନୁତାପର ଅଶ୍ରୁରେ ଆପଣାର ପାପକୁ କ୍ଷାଳିତ କରିବାପାଇଁ ଜଗତଜନନୀଙ୍କ ନିକଟରେ ଶପଥ ନେଇଛି । ଏହି ଅଶ୍ରୁ ଉପହାର ପ୍ରଦାନ ଦ୍ୱାରା ତା'ର ନୈରାଶ୍ୟପ୍ରପୀଡ଼ିତ ଜୀବନରେ ଯେ ଆଶାର ସଞ୍ଚାର ହେବ,ଏଦୃଢ଼ ବିଶ୍ୱାସ ମଧ୍ୟ ତାର ଅଛି (୪୦) ।

ମାନସିଂହଙ୍କର କାବ୍ୟ ନାୟକ ଉପଲବ୍ଧି କରିଛି ମହାଜନନୀଙ୍କର ଦୁଇଟି ସୁମହତ ଅବଦାନକୁ । ସେ କେବଳ ସଂସାରାସକ୍ତ ବଦ୍ଧଜୀବକୁ ମୁକ୍ତିର ମାର୍ଗ ପ୍ରଦର୍ଶନ କରାଇବାର ସହାୟିକା ହୁଅନ୍ତି ନାହିଁ । ପୃଥିବୀର ପ୍ରତିଟି ଅଣୁପରମାଣୁରେ ମଧ୍ୟ ସେହି ଶାଶ୍ୱତ ସତ୍ତାର ପରିଚୟ କରାଇଦିଅନ୍ତି । ଏଥିପାଇଁ ଦୁଇଟି ଚର୍ମଚକ୍ଷୁ, ଯାହା ସଂସାର ବାସନାରେ ବଦ୍ଧ, ତା ବ୍ୟତୀତ ଯେଉଁ ତୃତୀୟ ଚକ୍ଷୁଟିର ଆବଶ୍ୟକତା ହୁଏ, ତାହା କେବଳଥାଏ ସେହି ପରମ କଲ୍ୟାଣମୟୀ, 'ତୃତୀୟାକ୍ଷୀ' ଙ୍କ ନିକଟରେ , ପ୍ରଥମେ ବଦ୍ଧଜୀବ ବିଶ୍ୱଜନନୀଙ୍କର କରୁଣାରୁ ଆପଣାକୁ ସମସ୍ତ ରୁଦ୍ଧାବସ୍ଥା ଭିତରୁ ମୁକ୍ତ କରିଦିଏ । ତାଙ୍କର ସ୍ମରଣରେ ଜୀବର ଅହମିକାପୂର୍ଣ୍ଣ ମୃକାରଗ୍ରସ୍ତ କ୍ଷୁଦ୍ର ବିଭକ୍ତ ପୃଥିବୀ ଅସୀମ ସତ୍ତାସହ ଏକୀଭୂତ ହୋଇଯାଏ, ଏକ ଦୈବତ କମ୍ପନରେ ତାହା ତୃଣରୁ ତାରା ଯାଏ ପ୍ରସାରିତ ହୋଇଯାଏ ଏବଂ କ୍ଷୁଦ୍ର ତଥା ଅବରୁଦ୍ଧ ପ୍ରାଣ ଶେଷରେ ବିଶ୍ୱର ଅନୁପମ ପ୍ରାଣରସରେ ଏକୀଭୂତ ହୋଇଯାଏ (୪୧) ସେହି କରୁଣା ମୟୀ ପରମ ଜନନୀ ଏଣୁ ବଦ୍ଧ ଜୀବକୁ ଅସତ୍ୟରୁ ସତ୍ୟ ଆଡ଼କୁ , ଅନ୍ଧାରରୁ ଆଲୋକ ଆଡ଼କୁ , ମରଣରୁ ଅମୃତ ଆଡ଼କୁ ଏବଂ କୁତ୍ସିତରୁ ସୁନ୍ଦର ଆଡ଼କୁ ଅହରହ ଆକର୍ଷିତ କରିନିଅନ୍ତି । ଦ୍ୱିତୀୟତଃ ତାଙ୍କର କୃପା ଦୃଷ୍ଟିହେତୁ ସଂସାର ବି ପରମ କଲ୍ୟାଣକର ହୋଇଯାଏ । ଯେଉଁମାନେ ମାୟାମୁକ୍ତ ହେବାପାଇଁ ସଂସାରକୁ ଅସ୍ୱୀକାର କରନ୍ତି, ସେମାନଂକୁ ଏହି ମହା ଜନନୀ ଆଲୋକର ମାର୍ଗ ପ୍ରଦର୍ଶନ କରାଇଥାନ୍ତି । ସଂସାର ମହାଜନନୀଙ୍କ ଲୀଳା ଭୂମି ହୋଇଥିବାରୁ , ତାହାର ପ୍ରତିଟି ଅଣୁ ପରମାଣୁରେ ମହାଜନନୀଙ୍କ ପରମ ସତ୍ତା ବିଦ୍ୟମାନଥିବାରୁ ତାହା ଯେ ପରିତ୍ୟାଗର ବସ୍ତୁ ନୁହେଁ ଏହାକୁ ସ୍ପଷ୍ଟ ଉପଲବ୍ଧି କରିଛି କାବ୍ୟନୟକ (୪୨) । ପରମ ସତ୍ତାଙ୍କର ଏହି ମହାଜନନୀ ସ୍ୱରୂପ କାବ୍ୟନାୟକର ସକଳ ଅହମିକାକୁ କେବଳ ଦୂରେଇ ଦେଇ ତାର ସକଳ ଚିତ୍ତବୃତ୍ତିକୁ କେନ୍ଦ୍ରସ୍ଥ କରି ନାହିଁ, ବିଶ୍ୱର ମାୟିକ ସ୍ଥିତିମଧ୍ୟରେ ଅମୃତ ପରମସତ୍ତାଙ୍କର ସାକ୍ଷାତ୍କାର ମଧ୍ୟ କରାଇ ପାରିଛି ।

୪୦- କୃପାଶ୍ରୁ : ସିନ୍ଧୁ ଓ ବିନ୍ଦୁ: ତତ୍ରୈବ ପୃ - ୫୩୯

୪୧- ବିଶ୍ୱମିଳନ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ - ୫୪୦

୪୨- ଅଛ ତୁମେ ଅଣୁ ଅଣୁ ବ୍ୟାପି ଓତପ୍ରୋତ ଏହି ପୃଥିବୀର
ପରିତ୍ୟାଜ୍ୟ ହେୟ ହେବ କିମ୍ପା ଗୃହସ୍ଥଳୀ ମହାଜନନୀର
ତହିଁ ସ୍ୱର୍ଗଜ୍ୟୋତି ଓ ଅମୃତ ଜନନୀର ପଦଚିହ୍ନ ଯହିଁ
ଚକ୍ଷୁଷ୍ମାନ୍ ସେହି ସେ ପୁରୁଷ ତବପଦ ଦେଖି ଯେ ପାରଇ । -
ତୃତୀୟାକ୍ଷି : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ - ୫୬୧

Digitized by srujanika@gmail.com

ପରମ ସତ୍ତାଙ୍କର ସୌନ୍ଦର୍ଯ୍ୟମୟ ଆହ୍ଲାଦକ ସ୍ୱରୂପଟି ହେଉଛି ଶ୍ରୀକୃଷ୍ଣ ସ୍ୱରୂପ । ମାନସିଂହଙ୍କ ଶ୍ରୀକୃଷ୍ଣ କେବଳ ମାତ୍ର ନିଷ୍ଠୁର ଚରିତ୍ରଟିଏ ନୁହେଁ, ମହାଭାବମୟ ପ୍ରତୀକଟିଏ, ଜୀବ ଗୋପୀକୁ ଦେହ ଗେହ ମୋହରୁ ଟାଣିନେଇ ଅଦେହ ସ୍ଥିତିରେ ସମାହିତ କରାଇ ଦେଉଥିବା ଅତୁଳନୀୟ ଅନନୁଭବ ଅନୁଭବଟିଏ । ଅବର୍ଣ୍ଣନୀୟ ତାଙ୍କର ସୌନ୍ଦର୍ଯ୍ୟ ଏବଂ ଅନୁପମ ତାଙ୍କର ବଂଶୀଧ୍ୱନି । ଏହି ବଂଶୀ ହିଁ ସଂସାରଗ୍ରସ୍ତ ଚେତନାକୁ ସଂସାର ମୁକ୍ତ କରିଦିଏ । ମାନସିଂହ ଶ୍ରୀକୃଷ୍ଣ ଚରିତ୍ର ମଧ୍ୟରେ ରୂପ ଏବଂ ଧ୍ୱନି ଏହି ଦୁଇଟି ସ୍ଥିତିର କେବଳ ବର୍ଣ୍ଣନା କରିଛନ୍ତି । ମାନସିଂହଙ୍କ ଶ୍ରୀକୃଷ୍ଣ ରୂପରେ ଅନୁପମ । ତାଙ୍କର କୌଣସି ନିର୍ଦ୍ଦିଷ୍ଟ ସାକାର ସ୍ଥିତିକୁ ମାନସିଂହଙ୍କ କାବ୍ୟ ନାୟକ ସ୍ୱୀକାର କରି ନଥିଲେ ମଧ୍ୟ ସେହି ନିରାକାର ସତ୍ତାର ଅନନ୍ତ ସୌନ୍ଦର୍ଯ୍ୟମୟ ପରିପ୍ରକାଶ ଏକାନ୍ତ ଉପଭୋଗ୍ୟ । କାବ୍ୟନାୟକ ଅନ୍ତରମଧ୍ୟରେ ଆରାଧନା କରୁଥିବା ଶ୍ରୀକୃଷ୍ଣଙ୍କ ସ୍ୱରୂପ ହେଉଛି ଅନନ୍ତ ବିଶ୍ୱମୟ ସ୍ଥିତି । ସମଗ୍ର ନୀଳାକାଶରେ ତାଙ୍କ ନୀଳରଂଗର ସ୍ୱରୂପ ମହିମା ପ୍ରକାଶିତ । ପ୍ରଭାତ ଓ ସନ୍ଧ୍ୟାର ସ୍ୱର୍ଣ୍ଣକିରଣ ତାଙ୍କ ପୀତାମ୍ବର ପରି ପ୍ରତିଭାତ ହୁଏ । ମେଘକୋଳର ଇନ୍ଦ୍ରଧନୁ ଏବଂ ମେଘରେ ସୂର୍ଯ୍ୟକିରଣ ଦ୍ୱାରା ଅଙ୍କିତ ବହୁରଙ୍ଗୀ ବର୍ଣ୍ଣ ବିଭା ମିଶିଯାଏ ତାଙ୍କ ମସ୍ତକର ମୟୂର ଚନ୍ଦ୍ରିକା ପରି ଆକାଶର ସୁଦୀର୍ଘ ଛାୟାପଥ ଦେଖାଯାଏ ତାଙ୍କ ଗଳାର ଶୁଭ୍ର ବନମାଳାପରି (୪୩) । ବହୁଦୂରବାସୀ ଅଥଚ ଅନ୍ତରତମ ଏହି ପ୍ରିୟ ପୁରୁଷ କୁ ପ୍ରାଣରେ ଗ୍ରହଣ କରିବାର ଲାଳସା ଯେତେବେଳେ ଫଳବତୀହୋଇଯାଏ କାବ୍ୟନାୟକର, ସେତେବେଳେ ସକଳ ପୁରୁଷସୁଲଭ ଅଭିମାନକୁ ପରିହାର କରି ଆପଣାର କୋମଳ ନାରୀସତ୍ତା ମାଧ୍ୟମରେ ଆବାହନ କରେ ସେ ସୁନ୍ଦର ପୁରୁଷଙ୍କୁ, କଳ୍ପନାରେ ଆଙ୍କିଦିଏ ତାଙ୍କର ଆଗମନ କାଳୀନ ସୁନ୍ଦର ସ୍ୱରୂପ । ଏପର୍ଯ୍ୟାୟରେ ମାନସିଂହଙ୍କ ଲେଖନୀ ଅତ୍ୟନ୍ତ ମଧୁସଂବାହୀ ହୋଇ ଉଠିଛି । (୪୪)

ରୂପପରି ଚେତନାକୁ ଆଚ୍ଛନ୍ନ କରିବାର ଅନ୍ୟ ଏକ ବଳିଷ୍ଠ ଉପାଦାନ ହେଉଛି ତାଙ୍କର ସୁମଧୁର ବେଣୁଧ୍ୱନି । ଏହି ବେଣୁଧ୍ୱନି ଜୀବ-ଗୋପୀକୁ ଉନ୍ମନା କରିଦିଏ । ସୃଷ୍ଟିର ଯମୁନା କୂଳରେ ଥିବା ପ୍ରେମର କଦମ୍ବ ମୂଳରେ ବାଜୁଥିବା ଏହି ବେଣୁ କୋଟି ଧରାର ଅଧିବାସୀମାନଙ୍କୁ ବିଚଳିତ କରିଦିଏ, 'ଅଲଭ୍ୟ' କୁ ଖୋଜିବା ପାଇଁ ପ୍ରେରଣା ଦିଏ । ଏହି ବେଣୁଧ୍ୱନି ସକଳ ବିଶ୍ୱର ଅଧିବାସୀଙ୍କୁ ସଜାଇଦିଏ ବିରହିଣୀ ଗୋପିକା ରୂପରେ । ଏମାନଂକର ହୃଦୟରେ ଭରିଦିଏ କଦମ୍ବଛାଇକୁ ଯିବାରୁ ନୀଳତୃଷ୍ଣା (୪୫) । ସୃଜନର

୪୩- 'ଯା ନିଳିମା ପରିବ୍ୟାପ୍ତ ମହା ଅନ୍ତରୀକ୍ଷେ, ଯେ ପୀତ ଦୁକୂଳ ପିନ୍ଧେ ଉଷା ପ୍ରଦୋଷରେ ।
ଯା ଶିରେ ଚନ୍ଦ୍ରିକା ପୁଚ୍ଛ ମେଘ ବିଦ୍ୟୁତ୍‌ବନ୍ତ, ସେ ସୁନ୍ଦର କୃଷ୍ଣପଦେ ମୁହିଁ ପୂଜାକରେ ++
ଛାୟାପଥ ଯା ବକ୍ଷର ଶୁଭ୍ରବନମାଳ । ଶ୍ରୀକୃଷ୍ଣ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ - ୫୬୪

୪୪- 'ଯମୁନାର ବୁକେ ଭାସି ଆସିବେ ମୋ ବନ୍ଧୁ, ଝୁଲୁଥିବ ଫୁଲହାର ଉନ୍ନତସ୍କନ୍ଧୁ
ଅଧରରେ ଫୁଟୁଥିବ ପ୍ରାଣମୟ ହାସ୍ୟ, ସୁନ୍ଦର ହାସ୍ୟ, ଦୈବତ ଆଲୋକିତ ବିଶ୍ୱନମସ୍ୟ ।'
- ଆଗମନ : ସେଦିନର କବିତା : ତତ୍ରୈବ ପୃ ୩୯

୪୫- 'ଗଗନେ ପବନେ ବାହାରେବା ଅନ୍ତରେ ବେଣୁନାଦ ତବ ଥରାଏ ବିଶ୍ୱକାୟ
କୋଟି ବିରହିଣୀ ଗୋପିକା ନିତ୍ୟକାଳେ ଖୋଜୁଛ ଓ ତେଣୁ କଦମ୍ବବନ ଛାୟ ।
- ମିଳିବ କି ନାହିଁ : ସିନ୍ଧୁ ଓ ବିନ୍ଦୁ · ତତ୍ରୈବ ପୃ - ୫୫୯

Digitized by srujanika@gmail.com

କୁଞ୍ଜବନକୁ ମିଳନ ପାଇଁ ଧାଇଁ ଯିବାର ଅନନ୍ତ ପ୍ରଚୋଦନା ପ୍ରତ୍ୟେକ ଜୀବସତ୍ତା ମଧ୍ୟରେ ସଂଚରିଯାଏ । ସେତେବେଳେ ଜୀବସତ୍ତାର ରୂପାନ୍ତରୀକରଣ ହୁଏ ଏବଂ ତାର ସାଧାରଣ ଦେହ ସିଦ୍ଧ ଦେହ ବା ଗୋପୀଦେହରେ ରୂପାନ୍ତରିତ ହୋଇଯାଏ । ସେତେବେଳେ ନିଜ ସୁଖ ଦୁଃଖ । କାମନାକଳ୍ପନା ଆଉ ତାର ନଥାଏ । ସେହି ମଧୁର ବଂଶୀ ଧ୍ୱନିରେ ତାର ସଂବିତ୍ ସତ୍ତା ହଜିଯାଏ , ବାସନାର ସକଳ ବନ୍ଧନ ଖୋଲିଯାଏ ଏବଂ ପ୍ରାଣ ପରମମିଳନ ପାଇଁ ଉଚ୍ଚାଟିତ ହୋଇଯାଏ (୪୬) । ନାନା କାମରେ ହରବର ହେଉଥିବା ତାର ଅନ୍ତର ପ୍ରଥମେ ଏକ ମହା ସଂକଟରେ ପଡ଼ିଯାଏ (୪୭) । ମାତ୍ର ପରବର୍ତ୍ତୀ କାଳରେ ସେ ସେହି ସଂକଟରୁ ମୁକୁଳିଯାଏ । ସଂସାରର ବୋଝର ପ୍ରତୀକହୋଇ ପରିପୂର୍ଣ୍ଣ ହୋଇଥିବା ଜଳ ଝରିଟିକୁ ସଂସାର ଘାଟରେ ଥୋଇ ଦିଏ ସେ । ଏହାପରେ ଆରମ୍ଭ ହୁଏ ତାର ମାହାଯାତ୍ରା । ଅରୂପ ରାସ ଉଦ୍ଦେଶ୍ୟରେ ତାର ମହା ପ୍ରସ୍ଥାନ ପର୍ବ । କୁଟୀର ମାୟାକୁ ଦୂରେଇଦିଏ ସେ । ଗୃହର ଜ୍ଞାତି କୁଟୁମ୍ବଙ୍କ ମୋହ ତାକୁ ଆଉ ବିଚଳିତ କରି ପାରେ ନାହିଁ । କେବଳ ଏକଧ୍ୟାନରେ ସେହି ଅଜ୍ଞାତ ବେଣୁ ବାଦକ ଉଦ୍ଦେଶ୍ୟରେ ଆପଣାର ସର୍ବସମର୍ପଣର ଘୋଷଣା ବାଢ଼ିବାଢ଼ି ସେ ଚାଲିଥାଏ (୪୮) । ଏହି ପରମ ପୁରୁଷ ଜୀବକୁ କେବଳ ବଂଶୀ ଧ୍ୱନି ମାଧ୍ୟମରେ ରୂପ ତେଜି ଗୋପିକାସ୍ଥିତିରେ ରୂପାତୀତ ହୋଇଯିବା ପାଇଁ ପ୍ରଚୋଦିତ କରନ୍ତି ନାହିଁ । ସଂସାରରେ ଶୁଦ୍ଧପୂତ ଜୀବନଧାରଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଅନ୍ତି । ଏ ପର୍ଯ୍ୟାରେ ଶ୍ରୀକୃଷ୍ଣଙ୍କ ଦୁଇଟି ସ୍ୱରୂପ ମୁରଲୀଧାରୀ ଗୋପାଳ କୃଷ୍ଣ ରୂପ ଏବଂ ଗୀତା ଜ୍ଞାନଦାତା ଭାଗବତ କୃଷ୍ଣରୂପଟି ସ୍ପଷ୍ଟହୋଇଯାଏ । ସକଳ ଜୀବ ସଂସାରରେ କଦାପି ଗୋପୀଭାବ ଭାବିତ ହୋଇ ସର୍ବସମର୍ପଣ ମାଧ୍ୟମରେ ଆପଣାକୁ ସେହି ଅଦୃଶ୍ୟ ପରମସତ୍ତା ସହିତ ସମାହିତ କରି ପାରିବେ ନାହିଁ , କିନ୍ତୁ ନିଶ୍ଚିତ ସଂସାର ବନ୍ଧନ ମଧ୍ୟରେ ସଂସାର କର୍ମସଂପାଦନ କରି ରହିବେ । ସେମାନଂକ ପ୍ରତି ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ ହେଉଛି ଏ ପଙ୍କିଳ ସଂସାରରେ ପଙ୍କଜ ପରି ଶୁଦ୍ଧପୂତହୋଇ ବିକଶିତ ହେବା ପାଇଁ (୪୯) । ଏଣୁ ଗୀତାରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ସର୍ବତ୍ର ପ୍ରଣାମ କଲାପରି ବିଶ୍ୱରୂପ ଦର୍ଶନ କାଳରେ, କାବ୍ୟନାୟକ ଏହି ପରମ ସତ୍ତାମୟ ଶ୍ରୀକୃଷ୍ଣଙ୍କୁ ସର୍ବତ୍ର ପ୍ରଣାମ କରିଛନ୍ତି (୫୦) ।

୪୬- କିଏ ସେ ଏ ମଧୁ ବେଣୁ ବଜାଏ, ସଂବିତ ସତ୍ତାରେ ହଜାଏ/
ବାସନାର ଶୃଙ୍ଖଳ ଖସିପଡ଼େ ରେଣୁତଳେ
ପରମ ମିଳନେ ପ୍ରାଣ ମଜାଏ - ଜୀବ ଗୋପୀ: ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ ୫୬୫

୪୭- କାହା ବେଣୁ ଆସ ଆସ ରଟେ : ଗୀତରେଣୁ : ତତ୍ରୈବ : ପୃ ୬୮୬-୬୮୭

୪୮- କାହିଁ ଅଛ ଅଜ୍ଞାତ ବାଦକ । ଗ୍ରନ୍ଥି ଛେଦକ ଉନ୍ମାଦକ/ ସବୁମୋର ଦେବିପଦେ ଆନନ୍ଦ ଗଦ୍‌ଗଦେ/ ପରମ ମିଳନ ପ୍ରାଣ ଲୋଡ଼ଇ' - ଜୀବଗୋପୀ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ - ୫୬୬

୪୯- 'ସେ ପୁଣି ଅନ୍ତରେ ଯେବେ ହୁଏ କୁରୁକ୍ଷେତ୍ର, କାମନା ଓ କର୍ତ୍ତବ୍ୟର ଜଟିଳ ଆହବେ
ଶୁଣଶଏ ନିଃଶବ୍ଦେ ବକ୍ଷେ ବାଣୀ ଭାଗବତ, ପଙ୍କଜ ହୁଅରେ ବସ ପଙ୍କମୟ ଭବେ ।
-ଶ୍ରୀକୃଷ୍ଣ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ ୫୬୪

୫୦- ଆଗେ ପଛେ ଊର୍ଦ୍ଧ୍ୱେ ଅଧେ ବାମେ ଓ ଦକ୍ଷିଣେ, ପ୍ରଣମେ ମୁଁ ଓତପ୍ରୋତ ସେ ଶ୍ୟାମଚରଣେ,
ତତ୍ରୈବ : ପୃ ୫୬୪

Digitized by srujanika@gmail.com

।। ତିନି ।।

ପରମସତ୍ତାଙ୍କର କଲ୍ୟାଣମୟ ତଥା କ୍ଷମାଶୀଳ ସ୍ୱରୂପ ଦୁଇଟି ହେଉଛି ବୁଦ୍ଧ ଏବଂ ଯିଶୁଙ୍କର ସ୍ୱରୂପ । ଲକ୍ଷ୍ୟକରିବାର କଥା କୌଣସି ସଂକୀର୍ଣ୍ଣ ତଥା ନିର୍ଦ୍ଦିଷ୍ଟ ପୌତଳିକତା ମାନସିଂହଙ୍କୁ କେତେବେଳେ ବି ଆକର୍ଷଣ କରିନାହିଁ । ଯେତେବେଳେ ସେ ଶକ୍ତିଙ୍କ କଥା କରିଛନ୍ତି, ସେ ଶାକ୍ତଧର୍ମର ସକଳ ସଂକୀର୍ଣ୍ଣ ବିଧିନିଷେଧକୁ ଯଥାସମ୍ଭବ ଦୂରେଇଦେଇ ଏକ ବିଶାଳ ବ୍ୟାପ୍ତିରେ ମହାଜନନୀର ଆରାଧନା କରିଛନ୍ତି । ସେହିପରି ଶ୍ରୀକୃଷ୍ଣଙ୍କ ଆରାଧନା କାଳରେ ସେ ତାଙ୍କୁ କୌଣସି ନିର୍ଦ୍ଦିଷ୍ଟ ଧାମ ବା ମନ୍ଦିର ମଧ୍ୟରେ ସୀମିତ ନ କରି ତାଙ୍କ ବିଶ୍ୱ ପ୍ରକାଶମୟ ସ୍ୱରୂପର ଆରାଧନା କରିଛନ୍ତି । ଏହି ନ୍ୟାୟରେ ସେ ବୁଦ୍ଧ ଅଥବା ଯୀଶୁଙ୍କ ଉଦ୍ଦେଶ୍ୟରେ ଆପଣାର ଭକ୍ତି ପୁଷ୍ପାଞ୍ଜଳିଜ୍ଞାପନ କଲାବେଳେ ମଧ ଏ ଦୁଇଟି ଧର୍ମର ବିଧିନିଷେଧକୁ ଅସ୍ୱୀକାର କରି ଏହାର ମହତ୍ ଗୁଣଗୁଡ଼ିକୁ ଘୋଷଣା କରିଛନ୍ତି । ବୁଦ୍ଧ ପରମ କାରୁଣିକ, ପତିତପାବନ ସେ । ସମାଜର ସକଳ ରୁଢ଼ିଗ୍ରସ୍ତ ଧର୍ମାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି ସେ । ଧର୍ମ ଏବଂ ସମ୍ମାନ ଗର୍ବରେ ଗର୍ବିତ ରାଜା ଏବଂ ସଭାସଦଙ୍କ ଅତିଥି ନହୋଇ ସେ ହୋଇଛନ୍ତି ପତିତା ବୃଦ୍ଧା ଦେହଜୀବିନୀଙ୍କର ଅତିଥି, ବୈଶାଳୀର ଗଣିକାପଲ୍ଲୀରେ ଥାପି ଦେଇଛନ୍ତି ତାଙ୍କର କୃପାମୟପଦ । କୌଣସି ଛଳନା ଅବା ମିଥ୍ୟାଚାର ନାହିଁ ତାଙ୍କ ପାଖରେ । ରାତିର ଅନ୍ଧାରରେ ଲୁଚି ଲୁଚି ଆସୁଥିବା ଏବଂ ଦିନରେ ଘୃଣାକ୍ଷରେ ଚାହୁଁନଥିବା ଅନ୍ୟ ଇତର ନାଗରଙ୍କ ପରି ସେ ନୁହନ୍ତି । ସେ ଭିନ୍ନ, ଅନନ୍ୟ, ଅଭାଗିନୀମାନଙ୍କୁ 'ଭଗିନୀ' କରିବାର ପଣରେ ଏବଂ ଜୀବନର ସକଳ କଳୁଷକୁ ଅପହରଣ କରିବା ପ୍ରତିଜ୍ଞାରେ ଆସୁଛନ୍ତି ଆଜି ଏ 'ମନବଣିକ'(୫୧) । ଏହି ଜଗତ କଲ୍ୟାଣମୟ ପତିତପାବନ ସତ୍ତା 'ମାରଜୟୀ' । ନିଜର ସକଳ ବିଳାସ ବିଭବ ଏବଂ ଅନୁପମା ପତ୍ନୀକୁ ତ୍ୟାଗ କରି ଥିବା ଏହି ପରମ ଶ୍ରମଣଙ୍କୁ ଶିଷ୍ୟ ଏଣୁ ପ୍ରାର୍ଥନା କରେ ମାରଭୟ ନିବାରଣ ଲାଗି (୫୨) । ଯଦିଓ କବିତାଟିରେ କେବଳ ପ୍ରାର୍ଥନା ପରକ ଆକୁଳ ଅନ୍ୱେଷା ରହିଛି ମାତ୍ର ତାର ସମାଧାନର ସ୍ୱର କିଛି ରଖିନାହାନ୍ତି ମାନସିଂହ ମାତ୍ର 'ଧମ୍ମପଦ'ର ଏକ କବିତାର

୫୧- ପରମ ପ୍ରେମିକ ଆଜି ସମାଗତ ସେ ଘୃଣ୍ୟ ମାଟିରେ, ନାଗରେ ଆସନ୍ତି ସେଥିଲୁଚି ଛଟି ରାତ୍ରି ଅନ୍ଧକାରେ ।
ଅନାଚାରେ ଖୋଜି ଆବରଣ, ଆଜିର ନାଗର କିନ୍ତୁ ସମାଗତ ମୁକ୍ତ ଦିବାଲୋକେ
କରିବାକୁ ଅଭାଗିନୀ ସକଳ ସେ ଭଗିନୀଦଳର ଜୀବନ ସଞ୍ଚିତ ଯେତେ କଳୁଷ ହରଣ ।
- ପତିତପାବନ ବୁଦ୍ଧ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ ୫୫୪

୫୨- ନିର୍ବାଣ ଆଗେ ତରୁଣ ଭିକ୍ଷୁ ରିକ୍ତ ତିକ୍ତ ତ୍ୟାଗୀ,
କୁଟୁମ୍ବଜନ ଘର ସମ୍ପଦ ଛାଡ଼ି ମୁଁ ଆସିଛି ମାଗି
ତୁମରି କରୁଣା ତଥାଗତ ପାରିହେବାକୁ ଏ ସଂସାର,
ଦୁଇଟି କୃଷ୍ଣ ନୟନ ଅଛରି ଆଜି ତା ତପସ୍ୟାର
ତୁମେଇ ଶରଣତାର, ହେ ଜୀନ ବୁଦ୍ଧ ପରମ ଶୁଦ୍ଧ କରୁଣାର ଅକୂପାର ।
- ବୁଦ୍ଧଂ ଶରଣଂ ଗଚ୍ଛାମି : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ ୫୫୮

Digitized by srujanika@gmail.com

ଭାବାନୁବାଦ ଅବସରରେ ଏହାର ଉତ୍ତର ତଥାଗତଙ୍କ ମାଧ୍ୟମରେ ଦେଇଛନ୍ତି କବି । ରାଜଗୃହର ରୂପସୀ ଗଣିକା ଶ୍ରୀମତୀର ପ୍ରଣୟପାଗଳ ତାଙ୍କର ଏକ ତରୁଣଶିଷ୍ୟକୁ ଶିକ୍ଷା ଦେବାପାଇଁ ବୁଦ୍ଧ ଚିନ୍ତା କରିଛନ୍ତି ମନ ଭିତରେ । ଦୈବଯୋଗକୁ କିଛି ଦିନପରେ ଶ୍ରୀମତୀର ମୃତ୍ୟୁ ହୋଇଛି ଏବଂ ତଥାଗତ ବୁଦ୍ଧ ଶ୍ରୀମତୀର ମୃତ ଶରୀରକୁ ନଷ୍ଟ ନକରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତିନିଦିନ ପରେ ତଥାଗତ ସଶିଷ୍ୟ ନଗରର ରାଜା ତଥା ଅନ୍ୟମାନଂକ ଗହଣରେ ଶ୍ମଶାନଯାଇ ସମସ୍ତଙ୍କୁ ଶ୍ରୀମତୀର ଶରୀରକୁ ଦେଖିବାପାଇଁ ନିର୍ଦ୍ଦେଶ ଦିଅନ୍ତି । ମାତ୍ର ଶ୍ରୀମତୀର ପୂର୍ବର ଲାବଣ୍ୟମୟ ଶରୀର ଆଉ ନଥାଏ । ତାର ଗଳିତ ଶବ ମନ ମଧ୍ୟରେ ସୃଷ୍ଟି କରୁଥାଏ ଘୃଣା ଏବଂ ଜୀବନର ମୋହ ପ୍ରତି ବୈରାଗ୍ୟ । ସ୍ୱଳ୍ପଭାଷୀ ବୁଦ୍ଧ ଦେହର ଅଳିକତାର ପ୍ରମାଣଦେଇ ପଥଭ୍ରଷ୍ଟ ତରୁଣଶିଷ୍ୟର ହୃଦୟ ପରିବର୍ତ୍ତନ କରିଛନ୍ତି (୫୩) । ଏହି ଲୋକକଲ୍ୟାଣ କାରକ ତ୍ୟାଗପୂତ ଚରିତ୍ରଟି ପ୍ରତି କବିଙ୍କ ସମ୍ମାନର ଅନ୍ତ ନାହିଁ । ପାପଗ୍ରସ୍ତ ପୃଥିବୀକୁ ପୁଣ୍ୟ ଏବଂ ଆଲୋକର ମାର୍ଗ ପ୍ରଦର୍ଶନ କରିଥିବା.ଏହି ସର୍ବତ୍ୟାଗୀ ସାଧକଙ୍କୁ କବି ମାନବ କଲ୍ୟାଣ ପାଇଁ କୃପା ବିତରଣ କରିବାକୁ ପ୍ରାର୍ଥନା କରିଛନ୍ତି (୫୪) ।

ବିଶ୍ୱକଲ୍ୟାଣ ପାଇଁ ଦୁଃଖ ସହିଥିବା ପରମସତ୍ତାଙ୍କର ଅନ୍ୟ ଏକ ଆଂଶିକ ସାକାର ପ୍ରତିବିମ୍ବ ହେଉଛନ୍ତି ଯୀଶୁଖ୍ରୀଷ୍ଟ । ପୃଥିବୀରୁ ଅଜ୍ଞାନ ଏବଂ ସ୍ୱାର୍ଥପରତାକୁ ଦୂରେଇଦେବାକୁ ଏ ଯୁଗପୁରୁଷଙ୍କର ଜୀବନାବଧି କଲ୍ୟାଣକର ସାଧନା ଶେଷରେ ଅପବାଦ ଓ ଲାଞ୍ଛନାର କ୍ରୁଶ ବହନରେ ପରିସମାପ୍ତ ହୋଇଛି । ମାତ୍ର ଏ ସମସ୍ତ ଭିତରେ ମାନବ ଜାତି ଉଦ୍ଦେଶ୍ୟରେ ସେ ଯେଉଁ ଅମ୍ଳାନ ସନ୍ଦେଶ ରଖିଯାଇଛନ୍ତି ତାହା ତାଙ୍କ ମହାପ୍ରୟାଣ ପରେ ତାଙ୍କୁ ପରମ ସତ୍ତାସହ ସମାହିତକରି ଦେଇଛି । ମାନବ କଲ୍ୟାଣ ପାଇଁ ବିନା ଦୋଷରେ କଣ୍ଟାର ମୁକୁଟପିନ୍ଧି କ୍ରୁଶରେ ଝୁଲୁଥବା ଏହି ମହାମହିମଙ୍କ ପାଇଁ ମାନସିଂହ କାବ୍ୟନାୟକ କମ୍ ଅଶ୍ରୁପାତ କରିନାହିଁ । ମୈତ୍ରୀର ଦେବତା ଏହି ମହାମାନବଙ୍କ ଏଭଳି ଦୁଃଖର କାରଣ ଅନ୍ୱେଷଣ କରିବା ଅବସରରେ କାବ୍ୟନାୟକ ନିଜ ଅନ୍ତରୁ ଶୁଣିଛି ଏହାର ଉତ୍ତର । ତାହା ହେଉଛି କେବଳ ମଣିଷ ଲାଗି ତାଙ୍କର ଏ ଦୁର୍ବାର ଦୁଃଖ ବହନ (୫୫) । ବିଶ୍ୱର ମଙ୍ଗଳ କାମୀ ଏହି କ୍ରୁଶବିଦ୍ଧ ମହାପୁରୁଷଙ୍କ ଜୀବନ ଅଧ୍ୟାୟରୁ ଆପଣା କ୍ରୁଶକୁ ଆପଣାକୁ ଯେ ବହନ କରିବାକୁ ପଡ଼ିବ ଏ ଶିକ୍ଷା ଲାଭ କରିଛି କାବ୍ୟନାୟକ । ଏଣୁ ସେ ଅନୁସନ୍ଧାନ କରିଛି ଆପଣାର କ୍ରୁଶକୁ ଅତି ମନସ୍ଥ ଭାବରେ । ଜୀବନର ବ୍ୟାଧି, ବିଫଳତା, ରୋଗ, ଶୋକ ଓ ବ୍ୟର୍ଥତା ଆଦି ତାକୁ

୫୩- ରୂପତତ୍ତ୍ୱ : ସିନ୍ଧୁ ଓ ବିନ୍ଦୁ : ତତ୍ରୈବ ପୃ ୫୫୦-୫୫୧

୫୪- 'ବୁଦ୍ଧହେ ଶୁଦ୍ଧହେ, ହେ ମହାନ ସିଦ୍ଧ, ତୁମରେ ଖୋଜଇ ଧରା ଅକୁଶଳ ବିଦ୍ଧ ।
ଜୀବ ଦୁଃଖ ଲାଗି ତବ କୃପାପରିମାଣ, ତବ ବାଣୀ
ତବ କରୁଣା ଲୋକେ ପ୍ରଜ୍ଞାର ପଦ୍ମ, ଫୁଟି ସୁରଭିତ କରୁ ମାନବର ସଦ୍ମ ।
ମଙ୍ଗଳମୟ ପ୍ରଭୁ ମୁକ୍ତିର ଗାନୀ, ତବ ବାଣୀ ।'
-ବୁଦ୍ଧବାଣୀ : ଗୀତରେଣୁ; ତତ୍ରୈବ ପୃ ୬୯୫

୫୫- 'ପ୍ରଶ୍ନକର ଆତ୍ମାତକୁ କା'ର ବାଣୀ ସ୍ଫୁରେ ! ତୁମଲାଗି ! ଯୀଶୁ କ୍ରୁଶେ ଝୁଲେ ।''
- କାହାଲାଗି: କ୍ରୁଶ : ତତ୍ରୈବ ପୃ ୪୭୯

Digitized by srujanika@gmail.com

ଅନୁଭୂତ ହୋଇଛି କ୍ରୁଶ ପରି, ଶୂଳିକୁ ନେବା ପୂର୍ବରୁ ଯୀଶୁଙ୍କ ପିଠିରେ ପଡୁଥିବା କଣ୍ଟାର ଚାବୁକ୍ ଭଳି ଅନୁଭୂତ ହୋଇଛି ଲାଞ୍ଛନାର ଆଘାତ ଏବଂ ଯୀଶୁ ପିନ୍ଧିଥିବା କଣ୍ଟାର ମୁକୁଟ ଭଳି ବୋଧହୋଇଛି ତାର ଅଜ୍ଞତା (୫୬) । ଏହି କ୍ରୁଶ କେବଳ ଜଣକର ନୁହେଁ, ବିଶ୍ୱରେ ତନୁଧାରଣ କରିଥିବା ପ୍ରତ୍ୟେକ ପ୍ରାଣୀଙ୍କର । ପ୍ରତ୍ୟେକ ଜନ୍ମାବଧି ମୃତ୍ୟୁ ପର୍ଯ୍ୟନ୍ତ ଏହି କ୍ରୁଶ ଆପଣା ଆପଣା ପିଠିରେ ବହନ କରି ଜୀବନର ଦୀର୍ଘପଥ ଅତିକ୍ରମ କରିଛି । ଏଠାରେ ଏଣୁ କାହାର ଆଶ୍ୱାସନା ବା ଆହା ପଦର କୌଣସି ଅର୍ଥ ନଥାଏ (୫୭) । ଏହି ବିଧିନିର୍ଦ୍ଦିଷ୍ଟ ଭବିତବ୍ୟକୁ ଓଲଟପାଲଟ କରିବାର କ୍ଷମତା କାହାର ନଥାଏ । କେହି ଆସି ଏ ଦୁଃଖରୁ ଉଦ୍ଧାର କରିବା ବା ସାହାଯ୍ୟ କରିବାର ପ୍ରଶ୍ନ ମଧ ନଥାଏ (୫୮) । ଜୀବନରେ ଯାହା କିଛି ପାପ ଅଥବା ଦୋଷଯୁକ୍ତ କର୍ମ ମନୁଷ୍ୟ କରିଥାଏ, ଅନୁତାପର ତୁଷାନଳରେ ଦଗ୍ଧ ହେବାର କ୍ରୁଶ ବହନ କରି ତାକୁ ପରିଶୋଧ କରିଚାଲେ (୫୯) । ଆତ୍ମୋନ୍ନତି ପାଇଁ ହେଉ ଅଥବା ଲୋକକଲ୍ୟାଣ ପାଇଁ ଯେ କୌଣସି ପାଇଁ କର୍ମ କଲେ ମଧ ପ୍ରତ୍ୟେକ ସସମ୍ମାନେ ଆପଣା ଆପଣା କ୍ରୁଶକୁ ବହନ କରିବା ଉଚିତ୍ ବୋଲି କାବ୍ୟନାୟକ ପରାମର୍ଶ ଦେଇଛନ୍ତି । ପରମ ସତ୍ତା ଭୂମା, ଯେ ସକଳ ସୃଷ୍ଟିର ସ୍ରଷ୍ଟା ଓ ନିୟନ୍ତ୍ରକ ସେ ମଧ ସୃଷ୍ଟିର କ୍ରୁଶକୁ ବହନ କରି ଚାଲିଛନ୍ତି । ଏଣୁ ପ୍ରତ୍ୟେକ ଆନନ୍ଦର ସହ ଏହି କ୍ରୁଶକୁ ଯେ ବହନ କରିବା ଉଚିତ ଏହା କାବ୍ୟନାୟକ ବାରମ୍ବାର ଘୋଷଣା କରିଛି (୬୦) । ଏହି କ୍ରୁଶ ବହନର ପରିପୂର୍ଣ୍ଣତା ଘଟିଛି କାବ୍ୟନାୟକର ପୂର୍ଣ୍ଣ ଆତ୍ମସମର୍ପଣରେ । ସଂସାରର ଦୁଃଖରେ ଦଗ୍‌ଧୀଭୂତହୋଇ ସଂସାରର ଜଂଜାଳ ଏବଂ ଦୁଃଖ ରୂପକ କ୍ରୁଶକୁ ବହିଚାଲିଥିବା ସେହି ପରମସତ୍ତାଙ୍କ ଦର୍ଶନରେ କାବ୍ୟନାୟକ ଘୋଷଣା କରିଛି ସକଳ ସୁଖ ଦୁଃଖକୁ ସେହି ପରମସତ୍ତାଙ୍କୁ ସମର୍ପଣ କରିଦେଇ ତାଙ୍କ କନ୍ଧରୁ କିଛି ଦୁଃଖ ଆଣି ନିଜେ ବହନ କରିବାକୁ । କେବଳ ଗୋଟିଏ ଜନ୍ମରେ ନୁହେଁ, ଅନନ୍ତ ଜନ୍ମ ପର୍ଯ୍ୟନ୍ତ ଏହି କ୍ରୁଶ ବହନ କାର୍ଯ୍ୟ କରିବାକୁ ତାର କୌଣସି ଆପତ୍ତିନାହିଁ, ମାତ୍ର ଏହି କ୍ରୁଶ ବହନ କାଳରେ ତାର ମଧ ଏକ ସର୍ତ୍ତ ରହିଛି । ତାହା ସର୍ବଦା ପରମସତ୍ତାଙ୍କ ପଦଦର୍ଶନ (୬୧) ଏହି ସ୍ୱରୂପ ସ୍ଥିତି ସଚେତନତା କାବ୍ୟନାୟକର ଏକ ଉତ୍ତରିତ ଚିତ୍ତଭୂମିର

୫୬- ମୋ କ୍ରୁଶ : କ୍ରୁଶ : ତତ୍ରୈବ ପୃ - ୪୭୯

୫୭- କ୍ରୁଶ କୋଟି କୋଟି : କ୍ରୁଶ: ତତ୍ରୈବ ପୃ - ୪୮୦

୫୮- ଏ ଧରାର ସହଯାତ୍ରୀ ଶୁଣ ନରନାରୀ, ଶେଷ ସତ୍ୟ ନିଜକ୍ରୁଶ ନିଜେଇ ବୋହିବ
ତଳେ ବା ଉପରେ ନାହିଁ କେ ସାହାଯ୍ୟକାରୀ, କ୍ରୁଶ ବହନର କ୍ଳେଶୁ ଆସି ଉଦ୍ଧରିବ
- ନିଜେଇ ବୋହିବ : କ୍ରୁଶ : ତତ୍ରୈବ ପୃ - ୪୮୨

୫୯- ଅନୁତାପ କ୍ରୁଶ : କ୍ରୁଶ ତତ୍ରୈବ ପୃ - ୪୯୪

୬୦- ସୃଷ୍ଟିର ସମୂହ କ୍ରୁଶ ଭୂମା ପୃଷ୍ଠେ ବହେ । ଆମେ ଯେ ବୋହିବା ଆମ କ୍ରୁଶ ବୁଦ୍ଧି କହେ ।
-କ୍ରୁଶ ପ୍ରତ୍ୟେକର : କ୍ରୁଶ : ତତ୍ରୈବ ପୃ ୪୯୨

୬୧- ତୁମରେ ଚିହ୍ନିଲା ଯାକେ ବଦ୍ଧ ଚେତନାରେ । ନିଜ ଦୁଃଖ ଛୋଟ ଛୋଟ ଦିଶୁଥିଲା ବଡ଼
ଆଜିତ ସଂପିଛି ସୁଖ ଦୁଃଖ ତୁମପରେ, ଦିଅକିଛି ସ୍କନ୍ଧେ ଦୁଃଖ ବେଦନା ତୁମର ।
ଜନ୍ମେ ଜନ୍ମେ ତୁମ୍ଭ କ୍ରୁଶ ସାନନ୍ଦେ ବହିବି । ଯଦି ଖାଲି ଆଗେ ତବ ପଦ ଦେଖୁଥିବି।
- କ୍ରୁଶର ଆନନ୍ଦ : ତତ୍ରୈବ : ପୃ ୪୮୩

Digitized by srujanika@gmail.com

ମହିମ୍ନ ଅନୁଭବ । ଯୀଶୁଙ୍କ ଚରିତ୍ର ଭିତରେ କାବ୍ୟନାୟକ ପୃଥିବୀର ଭାର ବହନ କରି ନୀରବରେ ପଥଚାଲୁଥିବା ଏକ ତ୍ୟାଗପୂତ ସତ୍ତାକୁ ଉପଲବ୍ଧ କରିବସିଛି ।

ଲୋକକଲ୍ୟାଣ ପାଇଁ ଯୀଶୁ ଓ ବୁଦ୍ଧଙ୍କ ପରି ଆପଣାକୁ ସମର୍ପଣ କରିଥିବା ଅନ୍ୟଦୁଇଟି ବିଶେଷ ଚରିତ୍ର ହେଉଛନ୍ତି ଗାନ୍ଧୀ ଓ ଗୋପବନ୍ଧୁ । ମାନସିଂହଙ୍କ ଦୃଷ୍ଟିରେ ବାପୁଜୀ ହେଉଛନ୍ତି ଆଧୁନିକଯୁଗର ଯୀଶୁ ଓ ବୁଦ୍ଧଙ୍କର ଭାବଗ୍ରହଣ କରି ଅବତୀର୍ଣ୍ଣ ହୋଇଥିବା ସେହି ପରମ ସତ୍ତାଙ୍କର ଚିନ୍ମୟ ଅଂଶ ବିଶେଷ । ତାଙ୍କର 'ବାପୁତର୍ପଣ'ର କବିତାମାନଙ୍କରୁ ଏହା ସ୍ପଷ୍ଟ ପ୍ରତିଭାତ ହୁଏ, ବିଶ୍ୱ କବି ରବୀନ୍ଦ୍ରନାଥ ଯେପରି ପରମପିତାଙ୍କ ଚରଣଧୂଳି ତଳେ ଆପଣାର ମଥା ନତ କରି ଅଶ୍ରୁଜଳରେ ସକଳ ଅନାକାଙ୍‌କ୍ଷିତ ଅହଂକାରକୁ ଧୋଇ ଦେଇଛନ୍ତି, ମାନସିଂହଙ୍କ କାବ୍ୟନାୟକ ସେହିପରି ବାପୁଙ୍କର ପବିତ୍ର ଚରଣ ଧୂଳିକୁ କେବଳ 'ହୀନ ମୃତ୍ତିକା' ନ କହି ପ୍ରାଣରେ ପୁଣ୍ୟଭାବ ପୂର୍ଣ୍ଣକରିବାର ଉପାଦାନ ବୋଲି କହିଛନ୍ତି । ସେହି ପବିତ୍ର ରେଣୁ ସ୍ପର୍ଶରେ ହୃଦୟରେ ସତ୍ୟର ଫୁଲ ଫୁଟିଉଠେ ଏବଂ ଯୁଗ ଯୁଗର ସଞ୍ଚିତ ଭ୍ରାନ୍ତି ଗୋଟିଏ ପଲକରେ ଦୂରୀଭୂତ ହୋଇଯାଏ (୬୨) । ମାନସିଂହଙ୍କ ଦୃଷ୍ଟିରେ ବାପୁଜୀ ଅହିଂସ୍ର ସଂଗ୍ରାମୀ ବୁଦ୍ଧଙ୍କ ଅହିଂସାମନ୍ତ୍ରରେ ଦୀକ୍ଷିତ ଏହି ତ୍ୟାଗପୂତ ସଂଗ୍ରାମଶୀଳ ଚରିତ୍ର ମୈତ୍ରୀ ଏବଂ ମମତା ଦ୍ୱାରା ସବୁବେଳେ ଜୟକରିଛି ପରିପନ୍ଥୀର ହୃଦୟ । ଏ ସଂଗ୍ରାମ ଏହିହେତୁ ଅଭିନବ । କବିଙ୍କ ଦୃଷ୍ଟିରେ ବାପୁଜୀ 'ନିରୀହ କ୍ଷୁଦ୍ର ତପସ୍ୱୀ' । ତାଙ୍କର ପ୍ରତ୍ୟେକ ବାଣୀ 'ପୟଗମ୍ବର'ର ବାଣୀପରି ପବିତ୍ର ଓ ସନାତନ । ମନୁଷ୍ୟର ସକଳ ଜଡ଼ତାକୁ ଦୂରେଇ ଦେବା ପାଇଁ ତାଙ୍କର ସକଳ ବାଣୀ ଅଭିପ୍ରେତ ! ମନୁଷ୍ୟ ଦେହ କେବଳ ଯେ ପଞ୍ଚଭୂତର ବିକାର ମାତ୍ର ନୁହେଁ ତା ଦେହରେ 'ମହାଚେତନା'ର ଅଂଶ ସଂଗୁପ୍ତ ରୂପରେ ଅବସ୍ଥାନ କରିଅଛି ମାତ୍ର ମାୟାର କବାଟରେ ଆବୃତ ହୋଇଥିବା ଏହି 'ଦେବତା ଥରେ ଯଦି ଜାଗ୍ରତ ହେବେ, ତେବେ ମନୁଷ୍ୟ ଅକୁତୋଭୟ ହୋଇଯିବ ଏହି ବାର୍ତ୍ତା ଭାରତର ପ୍ରତିଟି ପ୍ରାନ୍ତରେ ପ୍ରଚାର କଲେ ଗାନ୍ଧୀ(୬୩) । ସେ ମୁକ୍ତ ପୁରୁଷ ଓ ନୂତନ ବୁଦ୍ଧ । ବୁଦ୍ଧ, ଖ୍ରୀଷ୍ଟ, ଶ୍ରୀକୃଷ୍ଣ ଏବଂ ଶ୍ରୀଚୈତନ୍ୟଙ୍କ ପରି ସେ ସେହି ମହତ ଦାନ ବିତରଣ କରିବାକୁ ପୃଥିବୀରେ ଅବତାର ଗ୍ରହଣ କରିଛନ୍ତି । ଯୀଶୁଙ୍କ ପରି ଲୋକକଲ୍ୟାଣ ପାଇଁ ସେ ଲୌହ କାରାଗାରରେ ବନ୍ଦୀ ହୋଇଛନ୍ତି ଏବଂ ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା କରିବା ପାଇଁ ଚୈତନ୍ୟ ଜଗାଇ ମାଧାଇଙ୍କ ଢେଲା

୬୨- ଦେହେଖାଳି ଯାର ସତ୍ୟ ପୁଣ୍ୟ କରୁଣାମୈତ୍ରୀ ସାଧନା ବହେ
ତାର ପଦରେଣୁ କେବଳ ପଥର ହୀନ ମୃତ୍ତିକା ନୁହେଁ ତ ନୁହେଁ ।
ସେ ରେଣୁ ପରଶେ ବକ୍ଷେ ମୋହର ସତ୍ୟକୁସୁମ ଉଠିବ ଫୁଟି
ଯୁଗ ଯୁଗାଚ ଭ୍ରାନ୍ତି ଚିହ୍ନ ମୋହାର ପଲକେ ଯିବ ହେ ତୁଟି ।
- ବାପୁଜୀ, ବାପୁ ତର୍ପଣ; ତତ୍ରୈବ : ପୃ ୨୫୯

୬୩- 'ନରଦେହ ।ନ ମୃତ୍ତିକା ନୁହେଁ ନାରାୟଣ ତାର ଜୀବନ ରସ/ ମହାଚେତନାର ଅଂଶ ସେ ଏକ ବିକାଶ ପାଇଁକି ଶରୀର ବଶ / ଖୋଲିଲେ କପାଟ ଉଠିବେ ଦେବତା ପୁଣ୍ୟେ ଉଠିବ ପରାଣପୂରି / ଅମୃତ ସେହୁ ଚିହ୍ନି ନିଜରେ ନ ଡରିବ କାର କମାଣ ଗୁଳି ।
- ବାପୁଜୀ ତର୍ପଣ : ତତ୍ରୈବ : ପୃ ୨୬୦

Digitized by srujanika@gmail.com

ମାଡ଼ ଖାଇଲାପରି ତାଙ୍କୁ ଗୁଳିର ଆଘାତ ସହିବାକୁ ପଡ଼ିଛି । ମାତ୍ର ଏଥିରେ ବିଚଳିତ ହୋଇନାହାନ୍ତି ସେ । ମାନସିଂହଙ୍କ ଦୃଷ୍ଟିରେ ଏଣୁ ଯେ ଅୟୁତ ଜୀବନର ବ୍ୟଥାକୁ ହୃଦୟରେ ଉପବୀତ କରି ଧାରଣ କରିଥିବା ବ୍ରାହ୍ମଣ ଏବଂ ବିରାଟ ଜାତିର ମର୍ମକଥାକୁ ଜୀବନରେ ଉପଲବ୍ଧ କରିଥିବା ପୁରୁଷୋତ୍ତମ (୬୪) । ସେ ପୁଣି କଠୋର ତପସ୍ୟାରତ ଭଗୀରଥ ଯେ ସ୍ୱାଧୀନତାର ଗଂଗାଧାରରେ ଜଗତକୁ ପୂତ ଏବଂ ଉର୍ବର କରିଛନ୍ତି । ଏ ଯୁଗର ସକ୍ରେଟିସ୍ ସେ । ସତ୍ୟପାଇଁ ସେ ବିଷପାନ କରିବାକୁ ପଛେଇ ଯାଇ ନାହାନ୍ତି । ଧରାର ଅଗଣନ ଦଳିତଙ୍କ ପାଇଁ ତାଙ୍କର ସାଧନା ଅବ୍ୟାହତ ରହିଛି (୬୫) । ସରଳା ନାତୁଣୀର ଦୃଷ୍ଟିରେ ସେ ପୁଣି ପତିତପାବନ (୬୬) । ଏହି କ୍ଷୀଣ ସନ୍ନ୍ୟାସୀ ଆପଣାର ତ୍ୟାଗ ପୂତ ଉନ୍ନତ ତପସ୍ୟା ଦ୍ୱାରା ପ୍ରବଳ ବ୍ରିଟିଶ କେଶରୀଙ୍କୁ ମଧ ପରାଜିତ କରି ଦେଇଥିଲେ (୬୭) । କବିଙ୍କ ଦୃଷ୍ଟିରେ ପୃଥିବୀର ମଙ୍ଗଳ କାମୀ ମେଘ ଏବଂ ସୂର୍ଯ୍ୟଙ୍କ ପରି ଗାନ୍ଧୀଜୀ ମଧ ଏକ ସନାତନସତ୍ତା । ଏଣୁ ତାଙ୍କ ଦେହାନ୍ତରେ ସେ ବିଚଳିତ ହୋଇ ପଡ଼ିଛନ୍ତି ଏବଂ ଏହାକୁ ଏକ ମିଥ୍ୟା ସମ୍ବାଦ ବୋଲି ଅବିଶ୍ୱାସ କରିଛନ୍ତି(୬୮) । ଏହି ମଙ୍ଗଳମୟ ବ୍ୟକ୍ତିତ୍ୱଟି ତେଣୁ ତାଙ୍କ ଦୃଷ୍ଟିରେ ରସୁଲ ଅଥବା ମେସାଇୟାଙ୍କ ଅବତାର । ସତ୍ୟ ତଥା ଶିବର ଏହି ମହାପୂଜାରୀଙ୍କ ମହାପ୍ରୟାଣରେ ଲାଜ ଏବଂ ଅନୁତାପ ବିଗଳିତ ଅଶ୍ରୁବ୍ୟତୀତ ଅନ୍ୟ କିଛି ଦେବା ପାଇଁ ନାହିଁ ବୋଲି ଅତି ବିନୟର ସହ କହିଛନ୍ତି କବି (୬୯) । ତାଙ୍କ ଦୃଷ୍ଟିରେ ଗାନ୍ଧୀ ସମଗ୍ରଭାରତର ଏକ ମୂର୍ତ୍ତପ୍ରତୀକ । ସେ ଏକାଧାରରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ । ସକଳ ଭାରତୀୟ ସଂହତିର ମୂଳ ବୀଜସେ (୭୦) । ତାଙ୍କର ଅବଦାନ ଅବିସ୍ମରଣୀୟ । ପରଜନ୍ମରେ ବାପୁଜୀଙ୍କର 'ସେବା-ସ୍କନ୍ଧାବାର'ରେ ଆପଣାକୁ ଏକ ସମର୍ପିତ ସୈନିକ କରିବା ପାଇଁ ଅନୁରୋଧ କରି ବସିଛନ୍ତି ସେ (୭୧) ।

ବାପୁଜୀଙ୍କ ଆଦର୍ଶରେ ଜୀବନ ଅତିବାହିତ କରି ଓଡ଼ିଶାରେ ଆପଣାର ତ୍ୟାଗ ଓ ତପସ୍ୟାଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଉତ୍କଳମଣି ଗୋପବନ୍ଧୁ ମାନସିଂହଙ୍କ ଦୃଷ୍ଟିରେ

୬୪- ବ୍ରାହ୍ମଣ ତମେ ଉପବୀତ ତବ ଅୟୁତ ପ୍ରାଚୀର ଗହନ ବ୍ୟଥା
ପୁରୁଷୋତ୍ତମ ଜୀବନ ତମର ବିରାଟ ଜାତିର ମରମ କଥା । - ବାପୁଜୀ ପୃ ୨୬୧

୬୫- ଗାନ୍ଧିଜୀ : ବାପୁତର୍ପଣ : ତତ୍ରୈବ ପୃ - ୨୬୨

୬୬- 'ପତିତପାବନ/ ହେ ଦେବତା ହେ ମହାତ୍ମା ହେ ଗାନ୍ଧୀରାଜନ' - ନାପିତୁଣୀର ଗାନ୍ଧି ପୂଜା : ତତ୍ରୈବ ପୃ ୨୬୪

୬୭- ମହାଯାତ୍ରା : ତତ୍ରୈବ : ପୃ ୨୬୬-୨୬୭

୬୮- ନାହାନ୍ତି ଗାନ୍ଧିଜୀ : ତତ୍ରୈବ: ପୃ- ୨୭୦

୬୯- 'ସତ୍ୟ ଶିବର ହେ ମହାପୂଜାରୀ ବୀର'/ ଅସତ୍ୟ ଆମେ, ଅପୂର୍ଣ୍ଣ ଆମେ / ଲାଜେ ଅନୁତାପେ ଦେଉ ଖାଲି ଆଖି ନୀର - ପ୍ରାଣର ବାପୁଜୀ : ତତ୍ରୈବ : ପୃ ୨୭୩

୭୦- 'ବାପୁଜୀ ସେ ଭାରତର ତୁମେ ଅଟ ଜୀବନ୍ତ ପ୍ରତୀକ
ବ୍ରହ୍ମଣ .କ୍ଷତ୍ରିୟ ବୈଶ୍ୟ ଏକାଧାରେ ଶୂଦ୍ର ଓ ଯାଜ୍ଞିକ ।
- ଭାରତପୁତ୍ର : ତତ୍ରୈବ: ପୃ ୨୭୬

୭୧- ଯେବେ ହେ ଆସିବ ଫେରି - ତତ୍ରୈବ : ପୃ ୨୭୭

Digitized by srujanika@gmail.com

ପରମସତ୍ତାଙ୍କର କଲ୍ୟାଣକାମୀ ସ୍ୱରୂପ ସ୍ଥିତିର ଅଂଶବିଶେଷ । କବିଙ୍କ ଦୃଷ୍ଟିରେ ସେ ଶାନ୍ତି ଓ ସତ୍ୟର ପୁରୋହିତ, ପରହିତ ପାଇଁ ଅବତାର ଗ୍ରହଣ କରିଥିବା ପରମ ସନ୍ନ୍ୟାସୀ ଏବଂ ଦଳିତ ଓଡ଼ିଆ ଜାତିର ପରମ ବନ୍ଧୁ (୭୨) । ପତିତମାନଙ୍କୁ ବରଣ କରିବାରୁ ସେ ପତିତପାବନ । ପବିତ୍ର ବ୍ରାହ୍ମଣ କୁଳରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଜଗତ କଲ୍ୟାଣ ପାଇଁ ଭିକ୍ଷାର ଝୁଲି ଧାରଣ କରି ଥିବା ଭିକ୍ଷୁନି ସେ । ତାଙ୍କର ଅବର୍ତ୍ତମାନରେ କବି ଚିତ୍ତ ହୋଇଉଠିଛି ବିଳାପମୁଖର । ଦେବାଳୟରେ ପୂଜା କରୁଥିବା ବ୍ରାହ୍ମଣଙ୍କୁ ଏଣୁ ସେ ଭର୍ତ୍ସନା କରି କହିଉଠିଛନ୍ତି ଦେବତା ଏଇ ପଥଦେଇ ଚାଲିଗଲା ଅଥଚ ସେ ତାଙ୍କୁ ଦେଖିନପାରି ଏ ନିର୍ଜୀବ କାଷ୍ଠପାଷାଣର ଦେବତାଙ୍କୁ ପୂଜା କରୁଛି ବୋଲି (୭୩) । ଏହି କାରୁଣ୍ୟ ଖୋଜିଲା ପଣ ଅଧିକ ସ୍ପଷ୍ଟ ହୋଇଛି କବିତାର ପରବର୍ତ୍ତୀ ପର୍ଯ୍ୟାୟରେ ଜଗନ୍ନାଥଙ୍କ ସିଂହଦ୍ୱାରରେ ଥିବା ପ୍ରତିହାରୀମାନଂକୁ କବି ଶ୍ରୀଠାକୁରଙ୍କ ଶ୍ରେଷ୍ଠ ପୂଜକ ତଥା ଭକ୍ତକୁ ଦର୍ଶନାର୍ଥେ ଛାଡ଼ି ଦେବାକୁ ନିବେଦନ କରିଛନ୍ତି । ନିଜ ପାଇଁ ନୁହେଁ, ଜାତିପାଇଁ ସୁଖ ପ୍ରାର୍ଥନା କରୁଥିବା ଏହି ପାବନ ପୁରୁଷ ଏଣୁ କବିଙ୍କ ଦୃଷ୍ଟିରେ 'ପୁରୁଷୋତ୍ତମ' । ମୃତ୍ୟୁଞ୍ଜୟୀ ସତ୍ତା ତାଙ୍କର । ମୃତ୍ୟୁପରେ ଗୋଟିଏରୁ କୋଟିଏ ସତ୍ତାରେ ରୂପାନ୍ତରିତ ହୋଇଯାଇଥିବାର ବିଶ୍ୱାସ କରିଛନ୍ତି କବି । ଗୋପବନ୍ଧୁ ତାଙ୍କ ଦୃଷ୍ଟିରେ ପୃଥିବୀଭାଗ୍ୟରୁ ଜନ୍ମନେଇ ଥିବା 'ଲକ୍ଷ୍ୟଭ୍ରଷ୍ଟ ଦେବତା' । ଏଇ ଅଶ୍ରୁତର୍ପଣ ର ପରିସମାପ୍ତି ଏତେ ବେଳେ ଘଟିନାହିଁ । ୧୯୫୫ର ପ୍ରଳୟଙ୍କରୀ ବନ୍ୟାରେ ବନ୍ୟାଗ୍ରସ୍ତ ଉତ୍କଳର ଦୁର୍ଦ୍ଦଶା ଦେଖି ଗୋପବନ୍ଧୁଙ୍କୁ ସ୍ମରଣକୁ ଆଣିଛନ୍ତି କବି (୭୪) । ତାଙ୍କ କ୍ଷମା, କରୁଣା ଏବଂ ତ୍ୟାଗର ପ୍ରଶଂସା କରି ସ୍ତୁତିଚାରଣ କଲାବେଳେ ଗୋପବନ୍ଧୁଙ୍କ ଭିତରେ କବି ଲକ୍ଷ୍ୟକରିଛନ୍ତି ପରମ ସତ୍ତାର ସେହି କଲ୍ୟାଣମୟ ସ୍ୱରୂପକୁ । ବୁଦ୍ଧ ଏବଂ ଯୀଶୁଙ୍କ କଲ୍ୟାଣକାମୀ ଚେତନା ପର୍ଯ୍ୟାୟକ୍ରମେ ଗାନ୍ଧୀ ଏବଂ ଗୋପବନ୍ଧୁଙ୍କ ଭିତରେ ପ୍ରତିଫଳିତ ହେବାର ଏହି ଆବେଗଦୀପ୍ତ ଉଚ୍ଚାରଣ ମଧ୍ୟରେ ମାନସିଂହ ମୁଖ୍ୟତଃ ପରମସତ୍ତାର ସେହି ମଙ୍ଗଳମୟ ସ୍ୱରୂପର ଆବାହନ କରିବସିଛନ୍ତି ।

ଯଥାର୍ଥରେ ମାୟାଧର ମାନସିଂହ ଅମରତ୍ୱର ଅନୁସନ୍ଧାନୀ । ସାନ୍ତମଧ୍ୟରେ ଅନନ୍ତଙ୍କ ଉପଲବ୍ଧି ତାଙ୍କ କବିତାର ମୁଖ୍ୟସ୍ୱର । ଜଗତର ଜଂଜାଳ ମଧ୍ୟରେ ଆନନ୍ଦ ଖୋଜି ବୁଲୁଥିବା କବିସତ୍ତା ସଂସାରର ଅଳିକତା ତଥା ମାୟାମୟତାରେ ବିଚଳିତ ଏବଂ ଦୁଃଖିତ ହୋଇ ସମସ୍ତ ଜାଗତିକ ମୋହକୁ ତୁଚ୍ଛ ବୋଲି ଅନୁଭବ କରିଛି । ଜଗତର କୌଣସି ରୂପ ସୌନ୍ଦର୍ଯ୍ୟ ତାଙ୍କୁ

୭୨- 'ଜୟ ହେ ଶାନ୍ତି, ସତ୍ୟର ପୁରୋହିତ । ସନ୍ନ୍ୟାସୀ ଋଷି ଅବତାର ପରହିତ
ଜୟହେ ଅଖିଳ ପତିତ ଜନର ବନ୍ଧୁ । ଓଡ଼ିଆର ଅତି ଆପଣାର ଗୋପବନ୍ଧୁ ।''
- ଗୋପ ତର୍ପଣ : ମାଟି ବାଣୀ : ତତ୍ରୈବ ପୃ ୩୩୭

୭୩- ବ୍ରାହ୍ମଣ ଆଜି ତେଜି ଆସ ତବ ଦେଉଳ ଅନ୍ଧକାର
ଦେବତା ଯେ ଏଇ ଚାଲିଗଲା ପଥେ ଅର୍ଚ୍ଚନା କର କା'ର !'
- ଗୋପପ୍ରୟାଣ : ମାଟିବାଣୀ : ତତ୍ରୈବ ପୃ ୩୪୧

୭୪- ବନ୍ୟା ଓ ଗୋପବନ୍ଧୁ : ସ୍ୱରାଜ୍ୟାଶ୍ରମ : ତତ୍ରୈବ ପୃ ୬୧୦

Digitized by srujanika@gmail.com

ଆଉ ବିଚଳିତ କରିପାରିନାହିଁ । ସୁଧା ସରିତ ବୋଲି ଅନୁଭୂତ ହେଉଥିବା ସଂସାର ତାଙ୍କୁ ଆବର୍ଜନାପୂର୍ଣ୍ଣ ଖାତ ପରି ପ୍ରତୀତ ହୋଇଛି । ଏହି ଭ୍ରମ ପ୍ରମାଦପୂର୍ଣ୍ଣ ଅନ୍ଧକୂପରେ ଅଜ୍ଞତା ହେତୁ ପଡ଼ିଯାଇଥିବା ଜୀବ ହଂସ ଉଦ୍ଧାରର ପଥ ଖୋଜିଛି,ମାତ୍ର ଏହି ପଥ କିନ୍ତୁ କୌଣସି ସାଂସାରିକ ବସ୍ତୁ ନିକଟକୁ ନୁହେଁ ସଂସାରର ଊର୍ଦ୍ଧ୍ୱରେ ଅନ୍ୟଏକ ଆଲୋକିତ ସାମ୍ରାଜ୍ୟ ପ୍ରତି ପଡ଼ିଥିବାର କବି ଅନୁଭବ କରିଛନ୍ତି । ଏହି ଆଲୋକିତ ସାମ୍ରାଜ୍ୟର ଅଧିବାସୀ ହେବାକୁ ସେତିକିବେଳୁ କବି ଚିର ପ୍ରୟାସ କରି ଆସିଛି । ସେହି ପ୍ରୟାସର କଳାତ୍ମକ ଅଭିବ୍ୟକ୍ତିହେଉଛି ଏହି ପର୍ଯ୍ୟାୟର କବିତା । ଏଣୁ, ଏ କବିତାମାନଂକରେ ସଂସାରରେ ବୁଡ଼ବୁଡ଼ହୋଇ ମୁକ୍ତି ଖୋଜୁଥିବା ଏକ ଆକୁଳ ଜୀବସତ୍ତାର ଖୋଜିଲାପଣ ସ୍ପଷ୍ଟ ରୂପେ ପ୍ରତିଫଳିତ ହୋଇଥିବାର ଲକ୍ଷ୍ୟକରାଯାଏ । ଅନ୍ଧାରରୁ ଆଲୋକକୁ, ମୃତରୁ ଅମୃତ ଆଡ଼କୁ ଆଗେଇଯାଇଥିବା ଏକ ଏକକ ବ୍ୟକ୍ତିସତ୍ତାର ଆଧାତ୍ମିକ ଉତ୍ତରଣ ପ୍ରକ୍ରିୟା ଏହି କବିତାମାନଙ୍କରୁ ସ୍ପଷ୍ଟ ଅନୁଭବ କରିହୁଏ ।

●

Digitized by srujanika@gmail.com

ପ୍ରେମ ଓ ପ୍ରଣୟର କବି ମାୟାଧର ମାନସିଂହ

ଅଧ୍ୟାପକ ନାରାୟଣ ପଣ୍ଡା

ସବୁଜଯୁଗର ସମସାମୟିକ କବି ଡ଼ଃ. ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟରେ ଏକ ସୁପରିଚିତ ପ୍ରତିଭା । ସେହି ଅମର ଶିଳ୍ପୀ ୧୯୦୫ ମସିହାରେ ପୁରୀ ଜିଲ୍ଲାର ଚିଲିକା ହ୍ରଦ ମଧ୍ୟବର୍ତ୍ତୀ ପାରିକୁଦ ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ । ସେ ତରୁଣ ବୟସରେ ବକୁଳ ଛୁରିଅନା କୁଞ୍ଜପରିବେଷ୍ଟିତ ଆଦର୍ଶ ସତ୍ୟବଦୀ ବନବିଦ୍ୟାଳୟର ଛାତ୍ରଥିଲେ । ତେଣୁ ଦେଶପ୍ରେମ ଓ ଜାତୀୟତା ମାନବପ୍ରେମ ଏବଂ ରୋମାଣ୍ଟିକ ଚିନ୍ତାଧାରା ତାଂକ କବିତାରେ ସଫଳ ଭାବରେ ଚିତ୍ରିତ ହୋଇଛି । ତାଙ୍କର କବିତା ଯେ ଦିନେ ଓଡ଼ିଶାର ତରୁଣପ୍ରାଣକୁ ଗଭୀର ଭାବରେ ଛୁଇଁଥିଲା, ଏଥିରେ ତିଳେହେଲେ ସଂଦେହର ଅବକାଶ ନାହିଁ । ତାଙ୍କର ବହୁ କବିତାରେ ସବୁଜ ଯୁଗୀୟ ରୋମାଣ୍ଟିକ ଚେତନା ପରିଲକ୍ଷିତ ହୁଏ, କିନ୍ତୁ ସେ ସବୁଜ କାବ୍ୟ ପ୍ରଭୃତିଠାରୁ ଦୂରବର୍ତ୍ତୀ ବୋଲି ମତବ୍ୟକ୍ତ କରିଥାନ୍ତି । କାରଣ ନିଜର ଘୋଷଣା ଅନୁଯାୟୀ, ସେ ଥିଲେ ସବୁଜ ଗୋଷ୍ଠୀବିରୁଦ୍ଧରେ ଏକ ବଳିଷ୍ଠ ପ୍ରତିବାଦ । ''ପର ଧର୍ମ'' ପ୍ରବଂଧରେ ସବୁଜ ଯୁଗ ବିରୁଦ୍ଧରେ ଦୃଢ଼ସ୍ୱର ଉତ୍ତୋଳନ କରି ସେ ଲେଖିଛନ୍ତି-''ବିଦେଶୀ ଭାବ ଲୋକଙ୍କୁ ବିଦେଶୀ କରାଏ ନାହିଁ । ବିଦେଶୀ ବେଶ ହିଁ ଲୋକକୁ ଇତର କରିପକାଏ । ଏ ଦେଶରେ ଯେ, କିଆ ପୋଲାଙ୍ଗ ଫୁଟି ଝରିପଡୁଛି ସେ ଖବର ନରଖି ଏମାନେ ଚମେଲି ଗୋଲାପ, ହାସ୍ନା ହେନାର ଗଂଧ ଆଣି ଆମକୁ ଶୁଙ୍ଘାଇଲେ । ସାଧବଝିଅ ନଈରେ ଗାଧୋଇବାବେଳେ, ଛିଣ୍ଡି ପଡ଼ିଥିବା ବାରହାତ ଲମ୍ବବାଳକୁ ସୁନା ଫରୁଆରେ ପୂରାଇ ପାଣିରେ ଭସାଇ ଦେଇ ଅନାଇ ରହିଛି । ସେ ଦୃଶ୍ୟ ସେମାନେ ଦେଖି ପାରୁନାହାନ୍ତି । ସେମାନେ ସବୁଜପରୀ, ଆସମାନ ପରୀର ନୃତ୍ୟ ଆମକୁ ଦେଖାଇ ଅଛନ୍ତି ।

ସବୁଜ ଯୁଗର କବିମାନେ ଏହିମାଟିର ମୋହ ଏଡ଼ାଇ ଯେଉଁ ଦୂର ସୁଦୂରକୁ ପଳାଇ ଯିବା ପାଇଁ କାମନା କରିଥିଲେ, ଯେଉଁ ସବୁଜପରୀ, ଆସମାନ ପରୀର ନିରାଜନା କରିବାପାଇଁ ବ୍ୟଗ୍ର ହୋଇଥିଲେ, ସେମାନଙ୍କୁ ଯଥାର୍ଥ ଆକ୍ଷେପ କରି ପରବର୍ତ୍ତୀ କବିମାନଙ୍କ ପାଇଁ ସେ ଆଦର୍ଶ ସ୍ଥାପନ କରିଯାଇଛନ୍ତି । ସତ୍ୟବାଦୀ ଗୋଷ୍ଠୀ ଯେପରି ରାଧାନାଥଙ୍କର ବିଜାତୀୟ ପ୍ରେମ ଦେଖି କ୍ଷୁବ୍ଧ ହୋଇଥିଲେ ସେହିପରି ସବୁଜଯୁଗପ୍ରତି କବି ଡ଼ଃ. ମାୟାଧର ମାନସିଂହଙ୍କର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । କବି ମାନସିଂହଙ୍କର କବି ପ୍ରତିଭାର ସ୍ଫୁରଣ ଘଟିଥିଲା ଛାତ୍ରାବସ୍ଥାରୁ । ଯେତେବେଳେ ସେ ଖୋର୍ଦ୍ଧା ଉଚ୍ଚ ଇଂରାଜୀ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଥିଲେ, ସେତେବେଳେ ତାଂକର ''ଜନ୍ମାଷ୍ଟମୀ'' ନାମକ କବିତା ତତ୍କାଳୀନ

Digitized by srujanika@gmail.com

"ମୁକୁର" ପତ୍ରିକାରେ ପ୍ରକାଶିତ ହୋଇଥିଲା । କିଶୋର ବୟସରୁ ହିଁ ଏହିପ୍ରଚଣ୍ଡ କବି ପ୍ରତିଭା ତାଂକଠାରେ ପ୍ରକଟିତ ହୋଇଥିଲା ।

ଏହି ସ୍କୁଲ ଜୀବନରେ ସେ ମଧ୍ୟ 'କୋଣାର୍କ' ଓ 'ମା' ପ୍ରଭୃତି କବିତା ସୃଷ୍ଟି କରିପାରିଥିଲେ । ପରେ ପରେ କଲେଜରେ ଅଧ୍ୟୟନ କରୁଥିବା ସମୟରେ "ବାରବାଟୀ", "ରାଜକବି", "ପୂଜାରିଣୀ", "ଉପେକ୍ଷିତା", "ପୁଷ୍ପିତା" ପ୍ରଭୃତି ସଂକଳନ ପ୍ରକାଶ କରିଥିଲେ । କବି ଡ଼ଃ.ମାୟାଧର ମାନସିଂହଙ୍କର ନବ ନବ ଉନ୍ମେଷଶାଳିନୀ ପ୍ରଜ୍ଞା ଏହି ପରି ବହୁ ଶ୍ରେଷ୍ଠ କବିତାଗ୍ରନ୍ଥ ରଚନାରେ ତାଂକର ସହାୟକ ହୋଇଥିଲା । କବି ଡ଼ଃ. ମାୟାଧର ମାନସିଂହ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଦାରିଦ୍ର୍ୟର କଷାଘାତରେ, ବହୁ ଘାତ ପ୍ରତିଘାତ ମଧ୍ୟରେ ତାଂକୁ ଗତିକରିବାକୁ ପଡ଼ିଥିଲେ ମଧ୍ୟ ସେ ଜୀବନ ସଂଗ୍ରାମରେ ହାରିଯାଇ ନାହାନ୍ତି । ବରଂ ତାରି ଭିତରେ ଥାଇ ସେ ବିଜୟ ହାସଲ କରିଛନ୍ତି । ରେଭେନ୍‌ସା କଲେଜରୁ ଇଂରାଜୀ ଅନର୍ସନେଇ ବି.ଏ. ପାସ କରିବାପରେ ସେ ୧୯୩୨ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ଦ୍ୱିତୀୟ ଶ୍ରେଣୀରେ ଏମ୍.ଏ. ପାଶ କରିଥିଲେ । କିଛି ଦିନ ରେଭେନ୍‌ସା କଲେଜରେ ଇଂରାଜୀ ଅଧାପକ ଏବଂ ଆଉ କିଛି ଦିନ ଭବାନୀପାଟଣା ହାଇସ୍କୁଲରେ ଶିକ୍ଷକତା କରି, ସେହି ଭବାନୀପାଟଣାରୁ ଗବେଷଣା କରିବା ପାଇଁ ଡ଼ରାହାମ ବିଶ୍ୱବିଦ୍ୟାଳୟ ଯାଇଛନ୍ତି । ସେଠାରେ କାଳିଦାସ ଓ ସେକ୍‌ସପିଅରଙ୍କ ଉପରେ ଏକ ତୁଳନାତ୍ମକ ସନ୍ଦର୍ଭ ରଚନା କରି ପିଏଚ. ଡ଼ି. ଉପାଧି ଲାଭ କରିଅଛନ୍ତି । ଅଧ୍ୟୟନ ସମୟରେ ସେ ପ୍ରତିପାଦନ କରିଦେଇଛନ୍ତି କିପରି ଦାରିଦ୍ର୍ୟ, ବାଧାବନ୍ଧନ ପ୍ରତିଭାର ପ୍ରତିରୋଧ କରିପାରେନା । ଏପରି କି ନିଜ ସ୍ତ୍ରୀର ସୁନାଗହଣା ବିକ୍ରିକରି ଗବେଷଣାରେ ସେ ମନୋନିବେଶ କରିଥିଲେ ।

ଜଣେ ସାର୍ଥକ କବିଭାବରେ ସେ ଓଡ଼ିଆ ସାହିତ୍ୟରେ ବେଶ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ତାଂକ ମହନୀୟ ଲେଖନୀସୃତ 'ଧୂପ' ଓଡ଼ିଆବାଣୀକାନନରେ ଏକ ମହାର୍ଘସୃଷ୍ଟି । "ହେମଶସ୍ୟ","ହେମପୁଷ୍ପ", "ଅକ୍ଷତ", "ମାଟିବାଣୀ", "ଜେମା"ପ୍ରଭୃତି କବିତା ସଂକଳନରେ ବହୁ ଉଚ୍ଚକୋଟୀର କବିତା ସଂଯୋଜିତ ହୋଇଛି । ଯୌବନାବସ୍ଥାରେ ତାଙ୍କର ବହୁ କବିତା ରଚିତ ହୋଇଥିବା ହେତୁ ସେ'ସବୁରେ ଉଷ୍ଣ ଇନ୍ଦ୍ରିୟାନୁଭୂତି ଓ ମାଂସଳତା ତରୁଣପ୍ରାଣକୁ ଛୁଇଁ ଯାଇଛି । ତାଙ୍କ କବିତାର ଏକ ଅଂଶ ମନେପଡ଼େ-

"କିଶୋରୀ ଗୋ ତବ ବକ୍ଷ କମଳ ମୋ'ହୃଦକମଳପରେ
ରଖିଲ ଯା-ଟିକେ ରହ ଥିର ହୋଇ ଅନୁଭବ ତାହା କରେ "

ଯୁବ ପ୍ରାଣର ଛଳଛଳ ଆବେଗ, ପ୍ରେମ, ପ୍ରଣୟ ସବୁକିଛି ଜୀବନ୍ତଭାବରେ ତାଂକ କବିତାଗୁଡ଼ିକରେ ରୂପ ପରିଗ୍ରହ କରିଛି । ପ୍ରକୃତିର ଅପରୂପ ସୁଷମା ମଧ୍ୟ ତାଂକ କବିତାର ଛତ୍ରେଛତ୍ରେ ଜୀବନ୍ତ ଭାବରେ ଅଙ୍କିତ ହୋଇଛି । ଗାନ୍ଧିଜୀଙ୍କର ବିୟୋଗରେ, ସେ ସେହି ମହାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରକାଶ କରିଛନ୍ତି "ବାପୁତର୍ପଣ" । "କମଳାୟନ"

Digitized by srujanika@gmail.com

ମାୟାଧର ମାନସିଂହଙ୍କର ଏକମାତ୍ର କାବ୍ୟ, ଯେଉଁ କାବ୍ୟରେ ସ୍ୱରାଜ ଆନ୍ଦୋଳନର ଚିତ୍ର ସରସ ସୁନ୍ଦର ଭାବରେ ଫୁଟିଉଠିଛି ।

"କୃଶ" ତାଙ୍କର ଆଧ୍ୟାତ୍ମିକ ଚେତନା ସମ୍ବଳିତ ଏକ ସାର୍ଥକ କବିତା ଗ୍ରନ୍ଥ । ଧୂପର ମାଂସଳତାଠାରୁ 'କୃଶ'ର ଆଧ୍ୟାତ୍ମିକ ଅଭୀପ୍‌ସାରେ ମାନସିଂହଙ୍କର କବିମାନସ ଓ ବ୍ୟକ୍ତିତ୍ୱର ଇନ୍ଦ୍ରଧନୁ ଫୁଟି ଉଠିଛି । କେବଳ ଜଣେ ବିଦଗ୍ଧ କବି ଭାବରେ ନୁହେଁ ଡ଼ଃ.ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟକୁ ବହୁଭାବରେ ସମୃଦ୍ଧ କରିଛନ୍ତି । ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ଭାବରେ କୋଣାନୁକୋଣେ ଓଡ଼ିଶାରେ ସୁପରିଚିତ । ମହନୀୟ କର୍ଣ୍ଣିକାସୃତ ଅନବଦ୍ୟ କୃତିଗୁଡ଼ିକ ମଧ୍ୟରେ "ଓଡ଼ିଆ ସମାଜ ଓ ସାହିତ୍ୟ", "ଓଡ଼ିଆ ସାହିତ୍ୟର ଇତିହାସ", "ଜୀବନୀ ଓ ପ୍ରବଂଧ", "ଶିକ୍ଷାବିତର ଗାଥା", "ଶିକ୍ଷା, ଶିକ୍ଷକ,ଶିକ୍ଷାୟତନ", "ମାଟିର ମହାକବି ସାରଳାଦାସ", "ସରସ୍ୱତୀ ଫକୀର ମୋହନ", "ଶିକ୍ଷା କିଏ କ'ଣ କାହିଁକି" ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ପରିପୁଷ୍ଟ କରିଛି ଏଥିରେ ତିଳେହେଲେ ସନ୍ଦେହର ଅବକାଶ ନାହିଁ । କବି ଡ଼ଃ ମାୟାଧର ମାନସିଂହ 'ପଶ୍ଚିମ ପଥିକ' ପୁସ୍ତକରେ ସେ ବିଲାତରେ ରହଣି ସମୟର ଚିତ୍ର ଓ ସ୍ମୃତି ପ୍ରଦାନ କରିଛନ୍ତି । ଜୀବନ ସାରା ଜଣେ ଅଧ୍ୟାପକ ଓ ଅଧ୍ୟକ୍ଷ ଭାବରେ ରହି ଓଡ଼ିଆ ସାହିତ୍ୟର ସେବା କରିଛନ୍ତି । କେବଳ ପ୍ରେମ, ପ୍ରଣୟ ପ୍ରକୃତି ନୁହେ ମାନବିକତାର ବିକାଶ ପାଇଁ ତାଂକ କବିତାରେ ଅଶେଷ ବ୍ୟାକୁଳତା ପ୍ରକାଶପାଇଛି । ସେ ଏହି ଧରାର ମାନବ ପାଇଁ ଅଧୀର ହୋଇଛନ୍ତି । ସେଇ ମାନବର ଅଧୋଗତି ଦେଖି ସେ ବ୍ୟଥିତ ହୋଇଛନ୍ତି । ଏଥିପାଇଁ ଭଗବାନଙ୍କୁ କବି ଡଃ ମାୟାଧର ମାନସିଂହ ଦାୟୀ କରିଛନ୍ତି । ତେଣୁ ସେ ଭଗବାନଙ୍କୁ ନିଦ୍ରିତ କରି ଗାଳି ଦେଇଛନ୍ତି । କବିତାରେ କବି ଦୃଢ଼ ସ୍ୱରରେ ପ୍ରକାଶ କରିଛନ୍ତି :-

"ଦେବ ଶିଶୁ ଚଳେ ନରକର ଅଭିସାରରେ
ଭଗବାନ ତମେ ନିଦ୍ରିତ କେଉଁଠାରେ"

ନିଦ୍ରିତ ଭଗବାନ, ଅନେକ କବିତାରେ ମାନବ ପ୍ରତି ସମ୍ବେଦନଶୀଳ ତାର ଶାଶ୍ୱତ ବାଣୀ ଝରି ପଡ଼ିଛି । କବି ଡ଼ଃ.ମାୟାଧର ମାନସିଂହ ତାଙ୍କ ରଚିତ "ଦେବପୂଜା" କବିତାରେ ଦେବତା ପରିବର୍ତ୍ତେ ମାନବକୁ ଉଚ୍ଚସ୍ଥାନ ପ୍ରଦାନ କରିଛନ୍ତି । ଯଥାର୍ଥରେ କବି ତନ୍ମୟରେ ପ୍ରକାଶ କରିଛନ୍ତି :-

ଏବେ କାଠ ପଥର ନପୂଜି ଆସପୂଜ ଜୀବନ୍ତଦେବତା
ଯା'ଆଖିରୁ ଲୁହ ଯିବ ବହି, କହିଦେଲେ ପଦେ ମଧୁକଥା
ବନ୍ଦକର ମନ୍ତ୍ରପାଠତବ, ବନ୍ଦକର କର୍ପୂର ଆଳତି
ଦେଉଳ ବାହାରେ ଦେବତା ହାତପାତି ଠିଆ ହୋଇଛନ୍ତି

(କବି ଡ଼ଃ. ମାୟାଧର ମାନସିଂହ -"ଦେବପୂଜା")

Digitized by srujanika@gmail.com

କବି ଡ଼ଃ.ମାୟାଧର ମାନସିଂହ ମାନବିକତାର କବି । ମାନବ ସମାଜ ପ୍ରତି ତାଙ୍କର ଅଶେଷ ସହାନୁଭୂତି ପ୍ରକଟିତ ହୋଇଛି କବିଭାବରେ ସେହିମାନଙ୍କ ପ୍ରତି ତାଂକ ହୃଦୟର ଦରଦ, ସ୍ନେହ, ସଦିଚ୍ଛା ସବୁକିଛି ପରିବେଷଣ କରିଅଛନ୍ତି । କେବଳ ମାନବିକତା ନୁହେଁ, ଜାତୀୟତା, ପ୍ରେମ ନୁହେଁ, ସୌନ୍ଦର୍ଯ୍ୟ, ରୂପନୁହେଁ ଅରୂପ, ଅଶ୍ରୁନୁହେଁ ହସର ସାର୍ଥକ ରୂପକାର ଭାବରେ ସେ ବଂଚି ରହିବେ ଯୁଗ ଯୁଗ ପାଇଁ ।

ଚଳିତ ଶତକର ଓଡ଼ିଆ କବିତାରେ ସବୁଜ ସମସାମୟିକ କବି ଡ଼ଃ ମାନସିଂହ ପ୍ରଣୟର ଉଚ୍ଛଳ ପ୍ରେମ କବିତାର ଶ୍ରେଷ୍ଠ ଗୀତିକାର ଭାବରେ ପରିଚିତ ହେଲେ ହେଁ ପ୍ରଣୟ ଚେତନା ତାଂକ କାବ୍ୟ କବିତାର ଏକମାତ୍ର ପରିଚୟ ନୁହେଁ । ଦେଶାନୁରକ୍ତିର ରୋମାଣ୍ଟିକ୍ ଦୃଷ୍ଟିବଳୟଠାରୁ ପଲ୍ଲୀଜୀବନର ଅସଂଖ୍ୟ ଭାବାନୁଭୂତି ଓ ରୂପ ଉତ୍ସ ବାଟଦେଇ ଆର୍ତ୍ତ ମାନବାତ୍ମାର ସ୍ୱର ପ୍ରକାଶ ଓ ଆଧିଭୌତିକ ଉତ୍ତରଣରେ ତାଂକ କବିତା ଦୀର୍ଘ ଚାଳିଶ ବର୍ଷ ଧରି ବହୁ ଭାବ ଓ ମାର୍ଗ ଅନୁସରଣ କରି ବିବିଧତାର ପରିଚୟ ପ୍ରଦାନ କରିଛି କହିଲେ ବାର୍ତ୍ତାର ଅପଳାପ ହେବ ନାହିଁ । ରୋମାଣ୍ଟିକ୍ ଦୃଷ୍ଟିଭଂଗୀରେ ରାଧାନାଥଙ୍କ କାବ୍ୟଚେତନା ସହିତ କବି ଡ଼ଃ ମାୟାଧର ମାନସିଂହଙ୍କ କବିତାରେ ଅନେକ ସାମ୍ୟ ପରିଲକ୍ଷିତ ହୁଏ । କଳା ଦୃଷ୍ଟିରୁ ଉଚ୍ଛ୍ୱସିତ ଆହ୍ୱାନରେ ରାଧାନାଥ ତାଂକ ରୋମାଣ୍ଟିକ୍ ଦୃଷ୍ଟି ବଳୟମଧ୍ୟରେ ଜାତିର ଗୌରବାବହ ଅତୀତକୁ ରୂପାନ୍ୱିତ କରିବା ପରିବର୍ତ୍ତେ ବହୁ ବିଡ଼ମ୍ବିତ କାହାଣୀକୁ ଅବଲମ୍ବନ କରିଛନ୍ତି । କିନ୍ତୁ କବି ମାନସରେ ରାଧାନାଥୀ କାବ୍ୟଚେତନାର ଦୃପ୍ତ ପ୍ରତିବାଦଭାବେ ଆତ୍ମପ୍ରକାଶ କରିଥିବା ସତ୍ୟବାଦୀଯୁଗର କାବ୍ୟ ଆଭିମୁଖ୍ୟ ପ୍ରତି ଅତ୍ୟନ୍ତ ସଚେତନଥିବା ମନେହୁଏ । ତେଣୁ ପ୍ରଥମରୁ ହିଁ ତାଂକ କାବ୍ୟଚେତନାରେ ରାଧାନାଥୀ ରୂପ-ପ୍ରାଣତା ଓ ସତ୍ୟ-ବାଦୀର ଉଗ୍ରଜାତୀୟ ଆଭିମୁଖ୍ୟ ସମନ୍ୱିତ ହୋଇ ଏକ ଚମତ୍କାର କଳାତ୍ମକ ରୂପଗ୍ରହଣ କରିଛି ।

ମାନସିଂହଙ୍କ କବିତାରେ ଅଗଣିତ ମର୍ତ୍ତ୍ୟାନୁଭୂତି କ୍ରମେ ଏକ ଆଧିଭୌତିକ ଚେତନା ପାଖରେ ଅନ୍ତର୍ଲୀନ ହୋଇ ଯାଇଥିବା ଆଗରୁ ସୂଚିତ ହୋଇଛି । କିନ୍ତୁ ତାରୁଣ୍ୟର ଉଚ୍ଛଳ ପ୍ରଣୟ ମଧ୍ୟରେ ଦିନେ କବି ଡ଼ଃ. ମାୟାଧର ମାନସିଂହ ପାରମାର୍ଥିକ ସ୍ଥିତି ସମ୍ପର୍କରେ ଯେ ସଂଶୟ ପ୍ରକାଶ କରିଥିଲେ, ଏହା ହେମଶସ୍ୟର ବହୁ ସନେଟ୍‌ରେ ସ୍ପଷ୍ଟ । କଠୋର ଜୀବନ ଯୁଦ୍ଧରେ ନିତ୍ୟପରାହତ, ଦୁର୍ବଳ, ଦରିଦ୍ର, ଦୀନକବି ବିଧାତାର କୌଣସି ଅନୁଗ୍ରହ ଲାଭରୁ ବଞ୍ଚିତହୋଇ ସେଦିନ ନିଜକୁ ନାସ୍ତିକ ବୋଲି ଘୋଷଣା କରିଥିଲେ । ପୁଣି ଚତୁର୍ଦ୍ଦିଗରେ ଉଠୁଥିବା ନିତ୍ୟ ହାହାକାର ମଧ୍ୟରେ ଶିବଶୁଭଙ୍କର ଦେବତାର କେଉଁ ବିଶ୍ୱାସ ବା ମଣିଷକୁ ଆଶ୍ୱସ୍ତ ଦେଇ ପରିଥାନ୍ତା ।

ଏ ଥିଲା ସେଦିନର କବିର ସଂଶୟୋକ୍ତି । ପୁଣି ଏଇ ତରୁଣ ସୁଲଭ ସଂଶୟ ମଧ୍ୟରେ ବି କବି ଭଗବାନଙ୍କ ପ୍ରତି ଆସ୍ଥାବାଦୀ ହୋଇଥିବା ଲକ୍ଷ୍ୟ କରାଯାଇଛି :-

Digitized by srujanika@gmail.com

''ସନ୍ଧାନ ମିଳଇ ଏକ ବିରାଟ ସ୍ରଷ୍ଟାର
ସ୍ତବ୍ଧ ଚିତ୍ତବୃତ୍ତି କରେ ମହିମା ଯାହାର''

ଏସବୁ ଚିନ୍ତାଧାରାରୁ ସ୍ପଷ୍ଟ ପ୍ରତୀତହେଉଛି ଯେ କବି ଡ଼ଃ. ମାୟାଧର ମାନସିଂହ ସମନ୍ୱୟବାଦୀ । ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ମତାମତ ନାହିଁ । ଯଦିଓ ବେଳେବେଳେ କାବ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି, କିନ୍ତୁ ଏହି ସମୟରେ ସବୁଜ କବିମାନେ ରବୀନ୍ଦ୍ରନାଥଙ୍କ କାବ୍ୟସଂପର୍କରେ ଆସି ନିଜ ଚିନ୍ତାରେ ପ୍ରତିଫଳିତ କରିଥିବା ଉପାଦାନ ଗୁଡ଼ିକପ୍ରତି କବି ଡ଼ଃ ମାନସିଂହ ଖୁବ୍ ସଚେତନ ଥିଲେ । ତେଣୁ ଦେହର ଜଡ଼ ଅନୁଭୂତିରୁ ଆତ୍ମାର ଚେତନାଲୋକକୁ, ରୂପର ପୁଷ୍ପିତ ପ୍ରାଂଗଣରୁ ଅରୂପର ଅଳକାପୁରୀକୁ ଏବଂ ସୀମାର ସଂକୀର୍ଣ୍ଣ ନିଗଡ଼ରୁ ବୃହତ୍ତର ଭୂମା ପରିସରକୁ ଅନନ୍ତର କବି ମନୁଷ୍ୟଟି କ୍ରମଶଃ ଗତିଶୀଳ ହୋଇଛି ଓ ପ୍ରଣୟିନୀର ରୂପାଲୋକରେ ମଧ୍ୟ ଅରୂପର ସଂଧାନ କରିଛି । କବିପ୍ରାଣର ପ୍ରଣୟାଭିସାର ଦେହ କାରଗାରର ଇନ୍ଦ୍ରିୟ ବନ୍ଧନୀ ମଧ୍ୟରେ ଆରମ୍ଭ ହୋଇଥିଲେ ହେଁ ପରିଣତିରେ ଏକ ସିଦ୍ଧି ଧର୍ମରେ ଆସି ପହଞ୍ଚିଛି । ଯେଉଁ ଧାର୍ମିକ ମୁକ୍ତି, ସୌନ୍ଦର୍ଯ୍ୟ ଓ ନିତ୍ୟ ଆନନ୍ଦର ଆଲୋକ । ଏହି ନୂତନ ପ୍ରଣୟର ଆସ୍ୱାଦର ଚିତ୍ର ତାଂକ ରଚିତ ''କୂଣ''ର ସନେଟ୍ ଗୁଡ଼ିକରେ ସ୍ପଷ୍ଟଭାବରେ ଉଚ୍ଚାରିତ ହୋଇଛି । ଏହି ପ୍ରଣୟର ଆଉ ରୂପର ମୋହ ବା ଜୈବିକ ଲାଳସାର ଚିହ୍ନନାହିଁ । ଅଛି ଏକ ଅବର୍ଣ୍ଣନୀୟ ଅନୁଭୂତି, ଆତ୍ମସ୍ଥୀତିର ସ୍ୱପ୍ନ, ଯେଉଁଥିରେ କି ସମଗ୍ରମାନବସତ୍ତା ଉଚ୍ଚ ଓ ମହାନ୍ ହୋଇଉଠେ । ବିରହୀ ପାର୍ଥିବ ଅପ୍ରାପ୍ତିରେ ନୁହେଁ ଅପାର୍ଥିବ କାମନାରେ ଅଶ୍ରୁବର୍ଷଣ କରେ । ଜୀବନର ବହୁ ସୁଖଦୁଃଖର ଅନୁଭୂତିକୁ ନେଇ ନିଜକୁ ଈଶ୍ୱରଂକ ନିକଟରେ ସଂପୂର୍ଣ୍ଣ ଭାବରେ ସମର୍ପଣ କରିଦେବାକୁ କବି ବ୍ୟାକୁଳ ହୋଇଉଠିଛନ୍ତି । କବି ଡ଼ଃ. ମାୟାଧର ମାନସିଂହଙ୍କ କବି ଜୀବନର ଉତ୍ତର କାଳରେ ମୁଖ୍ୟତଃ ଉତ୍ତର ପଚାଶରେ ରଚିତ ''କୂଣ'' ର ସନେଟ ଗୁଡ଼ିକର ଭକ୍ତଭାବଧାରା ସଂପ୍ରସାରିତ ହୋଇଛି ।

କବି ଡ଼ଃ ମାୟାଧର ମାନସିଂହ ନିଜ ଭାଷାରେ ନିଜେ ପ୍ରକାଶ କରିଛନ୍ତି ନିଜ ଜୀବନର ଓ ସହଯାତ୍ରୀ ଜୀବନର ଦୁଃଖ ଦୁର୍ଦ୍ଦଶାର କଥା ଭାବୁ ଭାବୁ ଲେଖକ ବେଳେବେଳେ ଗୌତମବୁଦ୍ଧଙ୍କ ସଂଗେ ନିରୀଶ୍ୱର ହେଲାବେଳକୁ ତେଣେ ରାମକୃଷ୍ଣପରମହଂସଙ୍କର ଈଶ୍ୱର କୁଟୁମ୍ବିତା ଦେଖି ସ୍ତବ୍ଧ ହୁଏ । ଏ ରହସ୍ୟର ଠିକ୍ ଉତ୍ତର କିଏ ଦେବ ? ବୁଦ୍ଧ ଏଥିପାଇଁ ସୃଷ୍ଟି ଓ ସ୍ରଷ୍ଟାର ତଥ୍ୟନେଇ ସମୟ ବୃଥା ନଷ୍ଟ ନକରି ଆତ୍ମଆକର୍ଷଣ ଦ୍ୱାରା ସଂସାର ଦୁଃଖରୁ ନିର୍ବାଣ ଲାଭ କରିବାକୁ ଉପଦେଶ ପ୍ରଦାନ କରିଥଲେ । କିନ୍ତୁ ମନୁଷ୍ୟର ଚିତ୍ତ ସବୁବେଳେ ଏକ ଅଦୃଶ୍ୟଶକ୍ତି ସଂଗେ ନିଜକୁ ସମର୍ପିତ ରଖି ଏକ ପ୍ରକାର ମାନସିକ ସୁଖ ଆସ୍ୱାଦନ କରିବାକୁ ଚାହେଁ । ଆଗେତ କହିଛି ଲେଖକ ଭକ୍ତ ବା ସାଧକ ନୁହେଁ, ସେ ଇହ ଜୀବନର ସୁଖଦୁଃଖର ଏକ ଭୋକ୍ତା ମାତ୍ର ।

Digitized by srujanika@gmail.com

ମନୁଷ୍ୟ ନିଜ ଅନ୍ତରର ଦୁଃଖ ଅନ୍ୟ ଆଗରେ କହି ସୁଖପାଏ । ଲେଖକ ଅନ୍ୟ ଗତି ନଦେଖି, ଈଶ୍ୱର ନାମକ ସେହି ଶାଶ୍ୱତ ରହସ୍ୟମୟ ଅଦୃଷ୍ଟପୁରୁଷ ନିକଟରେ ତାହା ହିଁ କରିବାକୁ ଯାଉଛି । ମୋଟ ଉପରେ କବି ଡ଼ଃ. ମାୟାଧର ମାନସିଂହଙ୍କ ପରିଣତି କାବ୍ୟସ୍ୱରରେ ଈଶ୍ୱରାନୁଭୂତି ଓ ଆଧିଭୌତିକ ଭାବ କଳାର ଅଧ୍ୟୟନ କଲେ ପାଠକ ମାତ୍ରେ ହିଁ ଅଭିଭୂତ ହେବ । ଉଦ୍ଦାମ ଦେହଜ ପ୍ରଣୟରୁ ଏହି ଅତୀନ୍ଦ୍ରିୟ ଅନୁଚିନ୍ତା ଆଡ଼କୁ ଦ୍ରୁତପଳାୟନ ବୋଧ ହୁଏ ଥିଲା ତାଂକ ପାଇଁ ଏକମାତ୍ର ସମାଧାନ । ତେଣୁ ପରବର୍ତ୍ତୀ କାବ୍ୟ ସ୍ୱରରେ ଏଇ ଯେ ଉଲ୍ଲଙ୍ଘନ ଓଡ଼ିଆ ସାହିତ୍ୟକୁ ଧୂପରଝୁଣା ଓ ଅଗୁର ଗନ୍ଧରେ ନୁହେଁ, ଯଜ୍ଞରେ ପରମ ପବିତ୍ର ହବିଃ ଗଂଧରେ ଆମୋଦିତ କରିପାରିଛି । କବି ଡ଼ଃ ମାୟାଧର ମାନସିଂହ ଏହି ପର୍ଯ୍ୟାୟର ଜଣେ ଯାଜ୍ଞିକ ଭାବରେ ଆତ୍ମପ୍ରକାଶ କରିଛନ୍ତି । ସାଧାରଣ ମଣିଷ ପ୍ରତି କବିଗୁରୁ ରବୀନ୍ଦ୍ର ନାଥଙ୍କ ପରି ତାଙ୍କ କବିତାରେ ସର୍ବତ୍ର ସହାନୁଭୂତିର ସ୍ୱର ପ୍ରକଟିତ ହୋଇ ଅଛି । ଆତ୍ମଶକ୍ତିରେ ଗରୀୟାନ ହେବାପାଇଁ କବି ସ୍ରଷ୍ଟାଙ୍କ ନିକଟରେ ନିବେଦନ ଜଣାଇଛନ୍ତି ।

କବି ଡ଼ଃ. ମାୟାଧର ମାନସିଂହଙ୍କ କାବ୍ୟ ସ୍ୱରରେ ଏ ଯେ ପରିବର୍ତ୍ତନ, ତାହା ବହୁମାତ୍ରାରେ ରବୀନ୍ଦ୍ରନାଥଙ୍କ ଚିନ୍ତାଧାରା ଦ୍ୱାରା ପରିପୁଷ୍ଟ ହୋଇଛି । ଏକଥା ସ୍ୱୀକାର ନକଲେ ସତ୍ୟର ଅପଳାପ ହେବ । ରବୀନ୍ଦ୍ରନାଥଙ୍କ ଅଧ୍ୟାତ୍ମ ଚିନ୍ତାରେ ଯେଉଁ ରହସ୍ୟବାଦୀ ଉପାଦାନ ପରିଲକ୍ଷିତ ହୁଏ ବାସ୍ତବ ଜୀବନର ପ୍ରାତ୍ୟହିକ ପ୍ରସଙ୍ଗରେ ତା'ର ଯାଥାର୍ଥ୍ୟ ସୁସ୍ପଷ୍ଟ । ତେଣୁ ତାଂକମତରେ ବ୍ୟକ୍ତି ବା ଜାତିର ମୁକ୍ତିମାର୍ଗ ସରଳ ସୁଖଦୁଃଖ ସମ୍ବଳିତ ଆମର ପ୍ରାତ୍ୟହିକ ଜୀବନ ମଧ୍ୟରେ ହିଁ ଉପଲବ୍ଧି କରାଯାଇପାରିବ । ତେଣୁ ଆମ ଦୈନନ୍ଦିନ ଜୀବନରେ ଅଭିବ୍ୟକ୍ତି ଲାଭ କରୁଥିବା ମମତା, ଆତ୍ମପ୍ରକାଶ, ପ୍ରତିବେଶୀ, ପ୍ରୀତି ଓ ଦରିଦ୍ର ଜନତାର ସେବା ହିଁ ତାଂକ ନିକଟରେ ଏକ ବଳିଷ୍ଠ ମୁକ୍ତିମାର୍ଗ । ମାନବ ଧର୍ମ ରୂପେ ଗୃହୀତ । ଏହି ଧାରଣା ତାଙ୍କ ପ୍ରାଣସତ୍ତାର ଏକ ଅପରିହାର୍ଯ୍ୟ ଅଂଶ ବିଶେଷ ଏବଂ ତାଂକ ଜୀବନର ଏହି ବିଭାବ ଧର୍ମଦ୍ୱାରା ଅନୁରଞ୍ଜିତ । ରବୀନ୍ଦ୍ରନାଥଙ୍କ "ମୁକ୍ତି" କବିତା ଭାବଧାରାକୁ ତେଣୁ ଶ୍ରୀ ମାନସିଂହ ତାଙ୍କର ବହୁ କବିତାରେ ଆତ୍ମସାତ କରିଛନ୍ତି । ଅବଶ୍ୟ ଏ ପର୍ଯ୍ୟାୟରେ କବି ମାୟାଧର ମାନସିଂହ ନିଜକୁ ନିରୀଶ୍ୱରବାଦୀ ବୋଲି ପ୍ରମାଣ କରିବାକୁ ଉଦ୍ୟମ କରିଛନ୍ତି; କିନ୍ତୁ ତାଙ୍କ କାବ୍ୟକଳାର ସେହି ସୁକୁମାର ଭାବ ତରଳ ତଥା ବେଦନଶୀଳତା ଅତିଦ୍ରୁତଗତିରେ ହୋଇ ପଡ଼ିଛି କେନ୍ଦ୍ରଚ୍ୟୁତ । ବୌଦ୍ଧିକତାର ବ୍ୟାପକ ବିଚ୍ଛୁରଣମଧ ତାଙ୍କୁ ତାଙ୍କର ପୂର୍ବଗୌରବ ଫେରାଇ ଦେଇ ପାରିନାହିଁ । ୧୯୪୭ ମସିହାଠାରୁ ୧୯୭୦ ମସିହା ମଧ୍ୟରେ ରଚିତ ଓ ସମସାମୟିକ ପତ୍ରପତ୍ରିକାରେ ପ୍ରକାଶିତ କେତେକ କବିତା ବିନ୍ଦୁ ଓ ସିନ୍ଧୁ (୧୯୬୭) ତାଙ୍କର ଗ୍ରନ୍ଥାବଳୀରେ ସଙ୍କଳିତ ହୋଇଛି । ଏସବୁ କବିତାରେ ଦାର୍ଶନିକ ମନନଶୀଳତା ଓ ପ୍ରଜ୍ଞାବାଦ ଅଧିକ ପରିଲକ୍ଷିତ ହେଲେ ବି ପୂର୍ବର ପ୍ରାଣ-ପ୍ରାଚୁର୍ଯ୍ୟ ନାହିଁ ।

ତଥାପି ତାଙ୍କର ପରିଣତ କାବ୍ୟମାନସର ଏଇ ବିଚ୍ଛିନ୍ନତା ଓ ଅବକ୍ଷୟ ସତ୍ତ୍ୱେ କାବ୍ୟରଚନା କ୍ଷେତ୍ରରେ ତାଙ୍କର ଲେଖନୀ ଏ ସାହିତ୍ୟର ଏକ ସ୍ୱତନ୍ତ୍ର ଅଭାବକୁ ପୂର୍ଣ୍ଣ କରିବା ଦିଗରେ ଯେ ନିୟତ ଚେଷ୍ଟାଶୀଳ ହୋଇ ପାରିଛି - ଏହା ଏକାନ୍ତ ପ୍ରଣିଧାନର ବିଷୟ ।

Digitized by srujanika@gmail.com

କବି ଡ଼ଃ ମାୟାଧର ମାନସିଂହଙ୍କର ଶୃଙ୍ଗାର ମୂଳକ ପ୍ରତୀକ ବହୁ ଶ୍ରେଣୀର କବିତାର ରଚୟିତା ହେଲେ ହେଁ ମାୟାଧର ମାନସିଂହ ଜଣେ ପ୍ରେମିକ କବି ଭାବରେ ଲୋକ ମୁଖରେ ସତତ ପରିଚିତ । ପ୍ରଣୟ ଧୂପରେ ତାଂକର କାବ୍ୟିକ ସିଦ୍ଧି ଆମୋଦିତ ଓ ସୁରଭିତ । ''ଧୂପ''ରେ କବି ନିଜ ହୃଦୟର ଆବେଗ ପ୍ରକାଶ କରିବା ନିମିତ୍ତ ପ୍ରତୀକ ବ୍ୟବହାର କରିଛନ୍ତି. ବ୍ୟକ୍ତିଗତ ଅନୁଭୂତିରେ ରସାଳ ଅଭିବ୍ୟକ୍ତି ସାଧନ କରିବା ନିମିତ୍ତ ପ୍ରତୀକଗୁଡ଼ିକ କବିତାରେ ପ୍ରଯୁକ୍ତ କବି ଡ଼ଃ ମାୟାଧର ମାନସିଂହଙ୍କ ଦୃଷ୍ଟିରେ ପ୍ରେମ ଅମୃତ ସ୍ୱରୂପା ତରୁଣର ଏକାନ୍ତ କାମ୍ୟ ଓ ଯୌବନର ଚିରସହଚର । ଅମୃତପରି ଏହା ତରୁଣର ପ୍ରାଣରେ ତା'ର ଦେଇଥାଏ ଶାନ୍ତି, ସୁଖ ଓ ଆନନ୍ଦ ଦିବ୍ୟାନୁଭୂତି । ଏଣୁ କବି ବହୁସ୍ଥାନରେ ପ୍ରେମପାଇଁ ପୀୟୂଷ ଆଦି ଶବ୍ଦ ପ୍ରତୀକ ରୂପେ ବ୍ୟବହାର କରିଥିବାର ଲକ୍ଷ୍ୟ କରାଯାଏ । ପୀୟୂଷ ଶବ୍ଦକୁ କବି କବିତାରେ ବ୍ୟବହାର କରି ପ୍ରକାଶ କରିଛନ୍ତି;-

''ଆଦରେ ଆର୍ଦ୍ର ହୋଇ ମୋ'ର ପାପ ରଚନୀ
ପାପଦେଇ ମତେ ପୀୟୂଷ ପିଆଅ ସଜନୀ''

ପରକୀୟା ପ୍ରୀତି ଲୋକରେ ପାପକର୍ମ ରୂପେ ଗୃହୀତ ଯଦିଓ ଏହି ପ୍ରୀତିରେ ନିମଗ୍ନ କୃଷ୍ଣ ଓ ରାଧା ଯଥାକ୍ରମେ ଭଗବାନ ଓ ଭାଗ୍ୟବତୀ ରୂପେ ପୂଜ୍ୟା । ଏଣୁ କବିଙ୍କ ମତରେ ହୃଦୟ ସହିତ ହୃଦୟ ମିଶିଯିବା ପାପନୁହେଁ, ବରଂ ତଦ୍ୱାରା ଅମୃତୋପମ ଦିବ୍ୟଭାବରେ ହୃଦୟ ସମ୍ଭବ ହୁଏ । ପୀୟୂଷ କବି ଲେଖନୀରେ ପ୍ରଣୟ ବ୍ୟତୀତ ଅସାଧାରଣ ସୌନ୍ଦର୍ଯ୍ୟ ଓ ଆବେଗର ପ୍ରତୀକ ରୂପେ ମଧ୍ୟ ବ୍ୟବହୃତ । ସୁନ୍ଦରୀ ତରୁଣୀର ସହଜ ଅଳସ ରାତି ପୀୟୂଷ ବର୍ଷା କରିଥାଏ;-

''ସିରାଜ ଧରି ଆସେ ପ୍ରେୟସୀ
ପୀୟୂଷ ରାତି ପଥେ ବରଷି ''

ଅମୃତୋପମ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ହେଉଛି ରାଧା । ଏଣୁ କବି ନିଜ ପରକୀୟା ପ୍ରୀତିର ନାୟିକା ନିମିତ୍ତ ''ରାଧା'' ଶବ୍ଦ ପ୍ରତୀକ ରୂପେ ପ୍ରୟୋଗ କରି ପ୍ରକାଶ କରିଛନ୍ତି;-

''ନାହିଁ ରାଧା ନାହିଁ ବେତସ ଲୀଳା
ନାହିଁ ପାଶେ ବେଣୀ ହଲା ଛଇଳା''

ପ୍ରେମିକା ନିକଟରେ ପ୍ରେମିକ ଭିକ୍ଷୁକ ପରି ପ୍ରେମ ଯାଚଞ୍ଚା କରିଥାଏ ଓ ପ୍ରୀତି ବିନା ତା'ର ଜୀବନ ହୁଏ ଦୁର୍ବିସହ । ପ୍ରେମର ତୀବ୍ର ଅଭାବବୋଧ, ପ୍ରେମିକର ଗଭୀର ଦୁଃଖର କାରଣ ହୁଏ । ଏଣୁ ଭିକାରୀ ଶବ୍ଦ ପ୍ରୟୋଗ କରି କବି ପ୍ରେମ ଭିକ୍ଷୁକୁ ପ୍ରତୀକିତ କରନ୍ତି । କବି ଡ଼ଃ ମାୟାଧର ମାନସିଂହ ଯଥାର୍ଥରେ ପ୍ରକାଶ କରିଛନ୍ତି;-

''କେତେ ତ ଭିଖାରୀ ଘେରିଥିଲେ ତବ ରଥେ
କଲ ଯା ସକଳେ ଦୂରେ ପରିହାର

Digitized by srujanika@gmail.com

ଡ଼ାକି ନେଇ ପାଶେ ଦେଇ ଅଧିକାର
ଗୁରୁ ଗୌରବେ ଗର୍ବିତ କଲ ମତେ
ଜଗତ ଯାଏ ନା ପ୍ରତେ ।

ପ୍ରେମ ଅମୃତୋପମ ସ୍ୱର୍ଗୀୟ । ଏଣୁ ପ୍ରେମ ରୂପକ ମନ୍ଦିରରେ ପ୍ରେମିକା ଦେବୀ ରୂପରେ ଅଧିଷ୍ଠିତା । ପ୍ରେମିକ ଏହି ଦେବୀଙ୍କର ପୂଜାହାରୀ ଓ କୃପାଭିକ୍ଷୁ । ଏଣ ପୂଜାହାରୀ ଶବ୍ଦକୁ ପ୍ରେମିକ ନିମିତ୍ତ ଅନ୍ୟୋକ୍ତି ମୂଳକ ପ୍ରତୀକ ରୂପେ କବିତାରେ ବ୍ୟବହାର କରିଛନ୍ତି-

''ବୁଝିପାରିଲାନି ବିଫଳ ପୂଜାରୀ ଫେରିଲା ଘରେ
ବାଳିକାପରି ସେ ତରୁଣୀ ଚଳିଲା ସରଣୀ ପରେ
ଫେରିଲାନି ଫେରି ଏ ପୂଜାରୀ ପରେ ନୟନ ଥରେ''

ପ୍ରୀତିର ଜ୍ୱଳନ ତୀବ୍ର । ଏହି ଜ୍ୱଳନ ଅବସ୍ଥାଭେଦରେ ଦ୍ୱିବିଧ, ଯଥା ତାରୁଣ୍ୟର ମିଳନ -ପୂର୍ବ ଜ୍ୱଳନ ଓ ବିରହର ଯନ୍ତ୍ରଣା । ମିଳନ ବା ପ୍ରଣୟାକାଂକ୍ଷା ଚିତ୍ତର ଜ୍ୱଳନ ଅଗ୍ନିର ଲେଲିହାନ ଶିଖାପରି ଊର୍ଦ୍ଧ୍ୱଗାମୀ । ଏହି ତୀବ୍ର ପ୍ରଣୟ ଚେତନା ନିମିତ୍ତ କବି ମାନସିଂହ କେତେକ କ୍ଷେତ୍ରରେ ନିଆଁକୁ ଅନ୍ୟୋକ୍ତି ମୂଳକ ପ୍ରତୀକ ରୂପେ ବ୍ୟବହାର କରି କବିତାରେ ପ୍ରକାଶ କରିଛନ୍ତି;-

''ବୈଶାଖ କାନନ ସମ ଦଗ୍ଧ ମୋତେ କରେ ନିଜ ନିଆଁ
ଏକଇ ତାରଣ ବୋଲି ହିୟା ମୋର ଡ଼ାକେ ପ୍ରିୟା ପ୍ରିୟା
ହେ ପାଷାଣୀ ତମେ ଦେଖିକି ପାରୁଛ ହିୟା
ଜାଣିକି ପାରୁଛ ପରାଣେ ଜଳେ କି ନିଆଁ ।''

ଉଦ୍‌ବେଳ ସାଗରପରି ପ୍ରଣୟବିଭୋର ପ୍ରେମିକର ହୃଦୟ ଆଜି ଚଞ୍ଚଳ । ଏଣୁ କବି ଯେତେବେଳେ ''ତବ ଅବଗାହେ ଧନ୍ୟ ହେଉ ଏ ସଂସାର । ତୁମରି ଶ୍ରବଣେ ଧନ୍ୟ ହେଉ ତା ବେହାଗ । ସେତେବେଳେ 'ସାଗର' ପ୍ରେମାକାଂକ୍ଷିତ ହୃଦୟକୁ ହିଁ ପ୍ରତୀକିତ କରିଥାଏ । ଅଧିକନ୍ତୁ ସାଗର ଅତୀବ ପବିତ୍ର ଓ ଅନନ୍ତତାର ପ୍ରତୀକ । ଏଣୁ ଏଠାରେ ପ୍ରେମ ହେତୁ ପୂତ ପବିତ୍ର ହୃଦୟର ପ୍ରତୀକ ରୂପେ ''ସାଗର''ଅଧିକ ମାର୍ମିକ । ପ୍ରେମ ଦେଉଳ ପରି ପବିତ୍ର ଓ ସ୍ୱର୍ଗୀୟ । କବି ଡ଼ଃ ମାୟାଧର ମାନସିଂହ ପ୍ରେମକୁ ପ୍ରତିକୀତ କରିବା ପାଇଁ ଦେଉଳ ପ୍ରୟୋଗ କରି ଲେଖିଛନ୍ତି ''ଥମକିଲା ଗୋରୀ କହିଲି ମୁଁ, କହ ଭଗିନୀ ମୋ'ର । କେହିକି କେବେ ଗୋ ତୋଳିଛି ଦେଉଳ ହୃଦୟେ ତୋର ? ହୃଦୟରେ ଦେଉଳ ତୋଳିବା ପ୍ରୀତି ନିବେଦନ କରି ପ୍ରଣୟଚେତନା ଜାଗରିତ କରାଇବା କଥାକୁ ହିଁ ବୁଝାଉଛି । ଠିକ୍ ସେହିପରି ଦେଉଳ ତୋଳିବାପରି '' ବେତସ ଲୀଳା ରଚନା କରିବା ବେଶ୍ ହୃଦୟସ୍ପର୍ଶୀ ।

ଆଜନ୍ମ କବି, ଆଜୀବନ ସାହିତ୍ୟ ସାଧକ, ଅଟଳ ଈଶ୍ୱର ବିଶ୍ୱାସୀ, ବଳିଷ୍ଠ ଆତ୍ମ ପ୍ରତ୍ୟୟ ସଂପନ୍ନ ଏହି ସ୍ୱାଧୀନଚେତା କବି ମାନସିଂହ କେବଳ ପ୍ରଣୟର କଳ୍ପଲୋକରେ ଭ୍ରମଣ କରିନାହାନ୍ତି । ଯୌବନର ଛଳଛଳ ରଂଗୀନ ଚଷମାରେ ଜଗତ ଚିରଦିନ କବିଚକ୍ଷୁରେ

Digitized by srujanika@gmail.com

ସ୍ୱପ୍ନପୁରୀ ପରି ପ୍ରତୀତ ହୋଇ ନାହିଁ । ହାହାକାରମୟ ଜୀବନର ରୂକ୍ଷତା ଓ ନିରସତା କବି ଲୋଚନରେ ଧରା ପଡ଼ିଛି । ନୀରସ ବିବର୍ଣ୍ଣ ଶୁଷ୍କମାଟିର ବାଣୀ, ହେମଶସ୍ୟର ବ୍ୟଥା ଓ ବେଦନାର କାହାଣୀ ଲେଖିବାକୁ ଗଲାବେଳେ କବି କେତେକ ପ୍ରତୀକ ବ୍ୟବହାର କରିଛନ୍ତି । ତାଙ୍କର ସେ ଦିନର କବିତାରେ ମଧ ଏହି ପ୍ରତୀକ ବ୍ୟବହାରର ପ୍ରମାଣ ମିଳିଥାଏ । ଏହି ବିଭାଗରେ ସଂଯୋଜିତ ପ୍ରଥମ କବିତାଟି ହେଉଛି ''ମାଟିର ସତୀତ୍ୱ'' ଯାହା ୧୯୩୦-୩୧ ମସିହା ମଧ୍ୟରେ ଲେଖାହୋଇଥିବା କଥା କବି ଦୃଢ଼ସ୍ୱରରେ ପ୍ରକାଶ କରିଛନ୍ତି । ଓଡ଼ିଆ ପ୍ରଗତିବାଦୀ ସାହିତ୍ୟର ପରମ୍ପରା ସୃଷ୍ଟିହେବାର ଅନେକ ଆଗରୁ ଏହି କବିତାଟି ରଚିତ ଯହିଁରେ କବି, କୃଷକ, ମାଟିର ଭୋକ୍ତା ଏବଂ ରାଜା ଓ ଜମିଦାର କୃଷକକୁ କର ଆଦାୟର ନାମରେ ଶୋଷଣ କରନ୍ତେ ମାଟିର ସତୀତ୍ୱ ନଷ୍ଟ ହୋଇଥିବା କଥା କବି କବିତାରେ ପ୍ରକାଶ କରିଛନ୍ତି । ଆଲୋଚ୍ୟ କବିତାରେ ଏକ ଅହେତୁକ ପ୍ରୟୋଜନ ବିହୀନ ଅଥଚ ବଳାତ୍କାର ପୀଡ଼ନ ଶୋଷଣକୁ ମାର୍ମିକ ଭାବରେ ପ୍ରକାଶ କରିବା ନିମିତ୍ତ କବି ରକ୍ତ ଚାଟେ, ପ୍ରତୀକ ପ୍ରୟୋଗ କରି ଲେଖିଛନ୍ତି ।

'ନିୟମ ତ ରାଜ୍ୟର ହାତେ । ଯାହା ଆମ ରକ୍ତ ଚାଟେ,
କହିଲେ ରେ ଶୁଣିବ କିଏ, କହିଲେ ଯେ ମୁଣ୍ଡ ଫାଟେ,'

ରକ୍ତଚାଟିବା ଶୋଷଣର ପ୍ରତୀକ ଓ ତାହା ଆର୍ଥିକ ହେତୁ ଆଭ୍ୟନ୍ତରୀଣ ଅତ୍ୟାଚାରକୁ ସୁନ୍ଦର ଭାବରେ ପ୍ରତୀକିତ କରିଥାଏ । କୃଷକ ପ୍ରତି ଶାସକର ଅତ୍ୟାଚାର ଚରମ ପାଶବିକତାର ପରିପ୍ରକାଶ ମାତ୍ର । ପଶୁର ହିତାହିତ ଜ୍ଞାନ ନାହିଁ । ପଶୁ ନିକଟରୁ ଦୟା, କ୍ଷମା ଆଦି ଆଶା କରିବା ବୃଥା । ଏଣୁ ରାଜାର ବଳ ପଶୁର ବଳ । 'ପଶୁବଳ' ଅତ୍ୟାଚାରୀ ଭୂସ୍ୱାମୀର ନୀତି ହୀନ ନିର୍ମମତାର ପ୍ରତୀକରୂପେ ପ୍ରଯୁକ୍ତ ହୋଇ କବି ଲେଖନୀରେ ରୂପ ନେଇଛି । ଯଥାର୍ଥରେ କବି ଡ଼ଃ ମାୟାଧର ମାନସିଂହ ପ୍ରକାଶ କରିଛନ୍ତି ;-

''ରାଜା ତାର ଦଣ୍ଡ ଧାରୀ । ନେଲା ତୋତେ ମୋ କୋଳୁ ହରି
ଯାଉ ଅଛି ଛାଡ଼ି ମୁଁ ତତେ । ପଶୁବଳେ ରାଜା ଡ଼ରି ।
ମାନସିଂହ ଗ୍ରନ୍ଥାବଳୀ ,ପୃଷ୍ଠା- ୧୦୮

ଶସ୍ୟଶ୍ୟାମଳା ମାଟିକୁ ଦେଖି କୃଷକର ମନ, ପ୍ରାଣ ଏବଂ ହୃଦୟରେ ଅପୂର୍ବ ଶାନ୍ତି, ନୈସର୍ଗିକ ଆନନ୍ଦର ଅନ୍ତଃସଲିଳା ଫଲ୍‌ଗୁଧାରା ପ୍ରବାହିତ ହୋଇଥାଏ । ଏହି ଶାନ୍ତି ଓ ଆନନ୍ଦ ନିମିତ୍ତ କବି ଡ଼ଃ ମାୟାଧର ମାନସିଂହ ଦୁଗ୍ଧ ଢ଼ାଳିବାକୁ ପ୍ରତୀକରୂପେ ବ୍ୟବହାର କରିଛନ୍ତି ।

ଶସ୍ୟେ ତୁ ଦିଶି ଲେ ଦିଶି ଲେ ଚାରୁ ପ୍ରାଣେ ମୋର ଦୁଗ୍ଧ ଢ଼ାଳୁ
ଫଗୁଣର ସ୍ୱର୍ଣ୍ଣ ଦେଇ । ଉଦରର ଜ୍ୱଳନ ତାରୁ ।''

ଶୋଷକ ଅତ୍ୟାଚାରୀ ଭୂସ୍ୱାମୀକୁ 'ତସ୍କର' ଶବ୍ଦଦ୍ୱାରା କବି ପ୍ରତୀକିତ କରି କବି ପ୍ରକାଶ କରିଛନ୍ତି:-

Digitized by srujanika@gmail.com

''ଦାସୀ ହେଲୁ ତସ୍କରର ନିଗାଡ଼ିବ ନିତ୍ୟ ଜଳ
ସେକି ଆଉ ଆଦର ଦେବ ନେବ ଖାଲି ଶସ୍ୟଫଳ''

କବି ଡ଼ଃ ମାୟାଧର ମାନସିଂହଙ୍କ ମହନୀୟ କର୍ଣ୍ଣିକା ପ୍ରସୂତ''ତିନୋଟି ସନେଟ'' କବିତା ସାରସ୍ୱତ କବିତା କାନନରେ ଅନ୍ୟତମ ଅନୁପମ ଅର୍ଘ୍ୟ । କବି ମାୟାଧର ମାନସିଂହ ପ୍ରଣୟର ଭାବୋଚ୍ଛ୍ୱାସକୁ ସରଳ ତରଳ ସାବଳୀଳ ଭାଷାରେ ପ୍ରକାଶ କରିଛନ୍ତି । ନୂତନ ପ୍ରଣୟ, ଗୁପ୍ତ ପ୍ରଣୟ ଏବଂ କସ୍ତୁରୀ ମୃଗ ଶୀର୍ଷକ ତିନୋଟି ଚତୁର୍ଦ୍ଦଶପଦୀ ବା ସନେଟର ସହାୟତାରେ ସୃଷ୍ଟି କରିଛନ୍ତି ସନେଟ୍‌ଗୁଚ୍ଛ । କବିତାର ଶିରୋନାମା ଯଥାର୍ଥରେ ପ୍ରଜ୍ଞାର ଦୃଷ୍ଟିଭଙ୍ଗୀରେ ତିନୋଟି ସନେଟ ରଖିଛନ୍ତି । ଏହି ସନେଟଗୁଡ଼ିକର ପ୍ରେମ ହିଁ ପରମ ଉପଜୀବ୍ୟ ବିଷୟ ହୋଇଥିଲେ ମଧ୍ୟ ତାହା ଭିନ୍ନ ଧରଣର, ଭିନ୍ନ ସ୍ୱାଦର । ଆଦ୍ୟ ଜୀବନର ଦୈହିକ ପ୍ରେମ କିପରି ପରିଣତ ବୟସର ବିଦେହ ଓ ଐଶୀପ୍ରେମରେ ପରିଣତ ହୋଇଛି ସେହି ସିଦ୍ଧାନ୍ତ ଉକ୍ତ କବିତାରେ ପୁଙ୍ଖାନୁପୁଙ୍ଖ ଭାବରେ ପରିବେଷିତ । ''ତିନୋଟି ସନେଟ'' କବିତାରେ ଦିବ୍ୟପ୍ରେମର ଚେତନାକୁ କବି ଡ଼କ୍ଟର ମାୟାଧର ମାନସିଂହ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । 'ଧୂପ'ର ପ୍ରଣୟ ଛଳଛଳ କବିପ୍ରାଣ'କ୍ରୁଶ' ରେ ଇନ୍ଦ୍ରିୟୋର୍ଦ୍ଧ୍ୱର ଚେତନାକୁ ଉର୍ଦ୍ଧ୍ୱାୟିତ ହୋଇଥିଲା । 'କ୍ରୁଶ'ରେ କବି ସେହି ସରଳ ତରଳ ପ୍ରେମର ଉଚ୍ଛଳ ବର୍ଣ୍ଣନା ନଦେଇ ବେଶ ଗୁରୁଗମ୍ଭୀର ଭାବରେ ପ୍ରେମକୁ ରୂପାୟିତ କରିଥିଲେ । ଏହି କବିତାରେ ମଧ୍ୟ କବି ସାର୍ଥକ ଆଧ୍ୟାତ୍ମିକ ଚେତନାଯୁକ୍ତ ପ୍ରେମର ପରିପ୍ରକାଶ ଘଟାଇଛନ୍ତି ।

''ନୂତନ ପ୍ରଣୟ'' ସନେଟ୍‌ରେ କବି ସତେଯେପରି ପ୍ରେମକୁ ନୂତନ ଦୃଷ୍ଟି କୋଣରୁ ହିଁ ଦେଖିଛନ୍ତି । ଉକ୍ତ କବିତାରେ ପ୍ରେମ ହେଉଛି ଦିବ୍ୟ ଓ ଦେହାତୀତ ।

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜରେ ବଂଧୁ, ପ୍ରିୟ ପରିଜନ ଏମାନଙ୍କୁ ସେ ନେଇ ବଂଚିରହେ । ଜଣକପାଇଁ ଅନ୍ୟଜଣକ ହୃଦୟରେ ସ୍ନେହ , ପ୍ରେମ ସୃଷ୍ଟିହେବା ସ୍ୱାଭାବିକ କଥା । ସେହି ଦୃଷ୍ଟିରୁ କବି ନିଜ ସାଂସାରିକ ଜୀବନର ଉପଲବଧି ସଂପର୍କରେ ଉଲ୍ଲେଖ କରି ପ୍ରକାଶ କରିଛନ୍ତି -ବଂଧୁ, ସଖା, ସଖୀ, ପରିଜନଙ୍କ ପାଇଁ ସେ ଅଶେଷ ଦୁଃଖ ଭୋଗ କରିଛନ୍ତି । ଦୁଃଖରେ, ଶୋକାକୁଳ ଚିତ୍ତରେ ନୟନରୁ ବାରି ବର୍ଷଣ କରିଛନ୍ତି । ସେମାନଙ୍କୁ ନିଜ ସୁଖ, ଦୁଃଖରେ ଅଂଶୀଦାର କରାଇଛନ୍ତି କିନ୍ତୁ ଏପରି ସମୟ ଆସିଛି ସେ ପ୍ରତିଦାନରେ ସେମାନଙ୍କଠାରୁ ପ୍ରଣୟ ପାଉ ନାହାନ୍ତି । ନିଜକୁ ଏକାନ୍ତ ଅରକ୍ଷ ବୋଲି ଭାବିଛନ୍ତି । ସମୟକ୍ରମେ ବଂଧୁବାଂଧବ ସମସ୍ତେ ଦୂରେଇ ଯାଇଛନ୍ତି । କବି ଡ଼ଃ.ମାୟାଧର ମାନସିଂହ ଅରକ୍ଷ, ନିଃସଂଗ ଜୀବନ ଯାପନ କରିଛନ୍ତି । ସମସ୍ତେ ସୁଖର ସାଥୀ । ଦୁଃଖ ବେଳେ ସେମାନଙ୍କ ଠାରୁ କବି ପଦେକଥା ପାଇନାହାନ୍ତି । ତେଣୁ କବି ଡ଼ଃ ମାୟାଧର ମାନସିଂହଙ୍କ ଦୃଷ୍ଟିରେ ପ୍ରଣୟର ମାନେ ଭିନ୍ନ ରୂପ ନେଇଛି । କବି ଅନ୍ତରର ଅଭିବ୍ୟକ୍ତି କୁ ''ତିନୋଟି ସନେଟ'' କବିତାର ''ନୂତନ ପ୍ରଣୟ'' କବିତା ରେ ପ୍ରକାଶ କରିଛନ୍ତି ।

Digitized by srujanika@gmail.com

''ପ୍ରଣୟର ଅର୍ଥ ଆଜି ଭିନ୍ନ ମୋ' ନୟନେ
ଭିନ୍ନ ଯଜ୍ଞେନିୟୋଜିତ ଆଜିଅଶ୍ରୁ-ହବି
ଜନ୍ମାନ୍ତର ଦେଲ ଯେହ୍ନେ ଏକଇ ଜୀବନ
ଆଜି ଦେହ ଖୋଜେ ଏକ ଦୁର୍ଲଭ ବିଦେହୀ
ଚିତ୍ତ ଖୋଜେ ଏକ ତେଜି , ବିରାଟ ନିଖିଳେ । ''

ଅର୍ଥାତ୍ ପ୍ରେମ, ଅତି ପ୍ରଣୟ ଆଜି ତାଙ୍କ ପାଇଁ ନୂତନ ରୂପରେ ଆସିଛି । ସ୍ୱାର୍ଥାନ୍ୱେଷୀ ବଂଧୁ ବାନ୍ଧବମାନଙ୍କର ତାଂକୁ ପରିହାର କରିବା ଘଟଣା ତାଂକ ଆଖିର ଅଂଧ ପୁଟୁଳିକୁ ଖୋଲି ଦେଇଛି । ସେ ଦୈହିକ ପ୍ରେମ ପରିବର୍ତ୍ତେ ଏକ ନିତ୍ୟ ନୂତନ ପ୍ରଣୟର ସନ୍ଧାନ ପାଇଛନ୍ତି । ସତେଯେପରି ତାଙ୍କର ସେଇ ଏକ ଜୀବନରେ ମଧ୍ୟ ନବଜନ୍ମ ଘଟିଛି । ଏହି ପ୍ରେମ ଯଜ୍ଞରେ ସେ ତାଂକର ଅଶ୍ରୁକୁ ଘୃତ ଭାବରେ ଆହୂତି ପ୍ରଦାନ କରିଛନ୍ତି । ଆଜି ତାଙ୍କର ଦେହ ଦେହକୁ ଖୋଜୁନାହିଁ । ବରଂ ସେ ଦେହାତୀତ ପ୍ରେମରେ ମଜଗୁଲ ହୋଇଛି । ଏକ ବିଦେହୀର ସାନ୍ନିଧ ପାଇବା ପାଇଁ ସେ ବ୍ୟାକୁଳିତ । ଚିତ୍ତ ଆଜି ଏକ ପରିବର୍ତ୍ତେ ବିରାଟକୁ ନିଖିଳକୁ ଖୋଜି ବୁଲୁଛି । ଏକ ସାତ୍ତ୍ୱିକ ଆନନ୍ଦ ଦିବ୍ୟଚେତନା କବିଙ୍କୁ ସଦାସର୍ବଦା ପୁଲକିତ କରିଛି । ଅନାସକ୍ତ ନୀରଧାର ଗଣ୍ଡ ଦେଶରେ ପ୍ଲାବିତ ହୋଇ ଗଣ୍ଡଦେଶକୁ ସିକ୍ତ କରିଦେଇଛି । ରୂପପରିବର୍ତ୍ତେ ଅରୂପ ପ୍ରତି ମୋହ ଜାଗିଛି କବିଙ୍କ ମନରେ । ମାଂସଳ ଦେହ ପରିବର୍ତ୍ତେ ଦେହାତୀତ ପ୍ରେମ, କବିଙ୍କୁ ସଦାସର୍ବଦା ପାଗଳ କରିଛି । ତାଂକ ଦେହ ଏକ ଦୁର୍ଲ୍ଲଭ ବିଦେହୀର ସନ୍ଧାନରେ ଆଗେଇ ଯାଇଛି । ତାଂକରି ପାଇଁ କବି ବିରହୀ ସାଜିଛନ୍ତି । ତାଂକର ସଂକୀର୍ଣ୍ଣ ପ୍ରେମ ଆଜି ବ୍ୟାପକ ହୋଇଛି । ସେହି ନିଖିଳର ବିରାଟ ପ୍ରେମ ପାଇଁ ତାଂକ ଚକ୍ଷୁ ବିରହାଶ୍ରୁ ବୁହାଇଛି । ଉକ୍ତ ଅଶ୍ରୁ ଆସକ୍ତିର ଦ୍ୟୋତକ ନୁହେଁ । ବରଂ ଏହି ଅଭିନବ ଅଶ୍ରୁ କବିଙ୍କର ଆଧାତ୍ମିକ ଆଲୋକଯୁକ୍ତ ହୃଦୟର ଯଥାର୍ଥ ପରିପ୍ରକାଶ ଘଟାଇଛି । ତାହାରି ମଧ୍ୟରେ କବିଙ୍କର ସାର୍ବଜନୀନ ପ୍ରେମ ସଫଳ ଭାବରେ ଫୁଟି ଉଠିଛି । ଏହି ନୂତନ ଚିରନ୍ତନ ଓ ଶାଶ୍ୱତ ପ୍ରେମକୁ କବି 'ନୂତନ ପ୍ରଣୟ' ଭାବରେ ବର୍ଣ୍ଣନା କରିଛନ୍ତି ।

'ତିନୋଟି ସନେଟ' କବିତାରେ ଦ୍ୱିତୀୟ ସ୍ତବକରେ କବି ଡ଼କ୍ଟର ମାୟାଧର ମାନସିଂହ 'ଗୁପ୍ତପ୍ରଣୟ' ବିଷୟରେ ଆଲୋକପାତ କରିଛନ୍ତି । ପୂର୍ବରୁ 'ନୂତନ ପ୍ରଣୟର'ର ଯଥାର୍ଥ ରୂପ ଅଂକନ କରିବା ପରେ କିପରି ସେହି ପ୍ରେମ ଖୁବ୍ ଗୁପ୍ତରେ ହିଁ କରିବା ଉଚିତ ବୋଲି କବିତାରେ ମତବ୍ୟକ୍ତ କରିଛନ୍ତି । ଏ ଗୁପ୍ତ ପ୍ରଣୟ ପୁଣି ପରମ କାରୁଣିକଙ୍କର ଅମୃତମୟ ସାନ୍ନଧ ଲାଭ ପାଇଁ । ସେହି କରୁଣାସାଗରଙ୍କ କୃପା ଲାଭ କରିବା ପାଇଁ ଦିବାଲୋକ ଯଥେଷ୍ଟ ନୁହେଁ ସଂସାରର ଗହଳ ଚହଳ ସ୍ଥାନକୁ କବି ଡ଼ଃ. ମାୟାଧର ମାନସିଂହ ଉପଯୁକ୍ତ ସ୍ଥାନ ଭାବରେ ଗ୍ରହଣ କରିନାହାନ୍ତି । 'ହାଟ ମଧ୍ୟରେ ବ୍ରହ୍ମଜ୍ଞାନ' ଲାଭ କରି ନହେବା ପରି କବି ଏପରି ପରିବେଶ ପରିବର୍ତ୍ତେ ଗୋପନୀୟ ଭାବରେ ପ୍ରଣୟ ଲାଭ କରିବାର ଆଶାପୋଷଣ କରି ଅଛନ୍ତି । ଗଭୀର ନିଶିଥରେ, ଗୋପନରେ ପ୍ରଣୟପସରାକୁ ସେ ଭେଟିବାକୁ ଚାହିଁଛନ୍ତି । ଯେତେବେଳେ ଦ୍ୱିତୀୟ ବା ଅନ୍ୟକେହି ନଥିବେ ତାହାହିଁ ଗୁପ୍ତ ପ୍ରେମ ପାଇଁ ଉପଯୁକ୍ତ ସମୟ ।

Digitized by srujanika@gmail.com

ସେତିକିବେଳେ ହିଁ ହୃଦୟକୁ ଯଥାର୍ଥ ପ୍ରେମ ପ୍ରକଟିତ ହୋଇପାରିବ । ସତେଯେପରି ସେହି ସମୟରେ ହୃଦୟରୂପକ ବଧୂ ଆଶଙ୍କିତ ଚିତ୍ତରେ, ଖୁବ୍ ଉତ୍କଣ୍ଠିତ ଭାବରେ ସେଇ ପରମପୁରୁଷ ରୂପୀ ପ୍ରେମିକର ଶୁଭ ଆଗମନକୁ ଚାହିଁ ରହିଥିବ । ମନରେ ଏକ ମାତ୍ର ଭାବନା କେତେବେଳେ ତାଙ୍କର ପ୍ରିୟ ଆସି ଦ୍ୱାର ଖଟ ଖଟ୍ କରିବେ । ସେହି ଗାଢ଼ ଅଂଧକାର ମଧ୍ୟରେ ପ୍ରିୟ ତାର ଆନନ୍ଦ ସଲିଳ ପରି ବହି ଆସିବେ । ହୁଏତ ତାଂକୁ ଦେଖିନହୋଇ ପାରେ । କିନ୍ତୁ ତାଂକର ମଧୁର ସ୍ପର୍ଶ ବେଶ୍‌ଭଲଭାବରେ ଅନୁଭବ କରିପାରିବେ, ସତେଯେପରି ସେହି ପ୍ରିୟ ଧୀରେ ଧୀରେ ମସ୍ତକରେ କରଚାଳନା କରି 'ଆସିବ' ବୋଲି ପୁଣି କାନରେ ଆଶାର ବାଣୀ ଶୁଣାଇ ଦେଇଯିବ । ଏଠାରେ କବିଙ୍କ ହୃଦୟ ରୂପକ ବଧୂ ସେହି ପରମ କାରୁଣିକ ପୁରୁଷଙ୍କର ସାନ୍ନିଧ ପାଇବା ପାଇଁ କେତେ ବ୍ୟାକୁଳ ତାହା ସହଜରେ ଅନୁମେୟ । ସେହି କଥା ସୁନ୍ଦରଭାବରେ କବିଙ୍କ ଲେଖନୀରେ ରୂପଲାଭ କରିଛି ମର୍ମିକ ଭାବରେ;-

''ହୃଦବଧୂ ଚାହିଁ ଆଶଙ୍କିତ ଚିତ୍ତେ
କେ ଜାଣେ ତା' ପ୍ରିୟ ଦ୍ୱାର ଆସି ଆଘାତିବେ ।
ଯଦି ଆସ ଅନ୍ଧୀଭୂତ ଆନନ୍ଦ ସଲିଳେ
ନାହିଁ ସେ ପାରିବ ଦେଖି, ପରଶ ତୁମର
ଦିଅତାକୁ କରଚାଳି ମସ୍ତକେ ସଧୀରେ
କହିବ ଆସିବ ପୁଣି ପ୍ରାନ୍ତେ ଶ୍ରାବଣରେ''

ପ୍ରେମିକକୁ ପ୍ରେମିକା ଏପରି ଗୋପନରେ ପାଇ ଆନନ୍ଦିତ ହେବା ସହ ପ୍ରେମିକ ପୁଣିଥରେ ଆସିବ ବୋଲି ପ୍ରତିଶ୍ରୁତିପାଇବା ପରି, କବି ନିରୋଳାରେ ନିଜର ପ୍ରେମିକ ପରମ ପୁରୁଷ ଭଗବାନଙ୍କ ସହିତ ମିଳିତ ହେବାର ଆକାଙ୍‌କ୍ଷା ପ୍ରକାଶ କରିଅଛନ୍ତି, ପ୍ରକାଶ୍ୟରେ କବି ଡ଼କ୍‌ଟର ମାୟାଧର ମାନସିଂହ ସେହି ପ୍ରେମକୁ ଆଶାକରି ନାହାନ୍ତି । ସେତେବେଳେ ତାହା ପ୍ରେମ ପରିବର୍ତ୍ତେ ବିଭୀଷିକାମୟ ହେବାର ପରିକଳ୍ପନା କରିଅଛନ୍ତି । ସେଥିପାଇଁ ସେ ଗୋପନ ପ୍ରଣୟ ଉପରେ ଗଭୀର ଆସ୍ଥା ସ୍ଥାପନ କରି ଅଛନ୍ତି । ଏଠାରେ ଉକ୍ତ ପ୍ରଣୟକୁ 'ଗୁପ୍ତ ପ୍ରଣୟ' ଆଖ୍ୟା ପ୍ରଦାନ କରିବା ଯଥାର୍ଥ ହୋଇଛି ।

''ଆଜି ଯେ ପାଇଛି ଶେଷ ତୁମ୍ଭର ସନ୍ଧାନ
ଅନ୍ତସ୍ଥିତ ମୁକ୍ତାକଣ ସଚ୍ଚିଦାନନ୍ଦର
ଦିଅପୂର୍ଣ୍ଣ ଅନୁଭବ, ନିଖିଳ ଆଘ୍ରାଣ
ଦେହେ-ପ୍ରାଣେ କରୁତବ-ଆସ୍ୱାଦେ ଜର୍ଜର ?''

'ଧୂପ'ର କବି ଡ଼କ୍‌ଟର ମାୟାଧର ମାନସିଂହଙ୍କର ଏହା ରୋମାଣ୍ଟିକ୍ ଚେତନାର ପରିଚୟ ଦିଏନା ବରଂ ଏଥିରେ ଆଧ୍ୟାତ୍ମିକ ଚେତନାର ସ୍ଫୁରଣ ଘଟିଛି । ତେଣୁ ଏହିପରି ମହାନ ପ୍ରେମ ଚେତନା କବିତାକୁ ସାର୍ଥକ କରିବା ସହ, କବି ମାୟାଧର ମାନସିଂହଙ୍କର ମହନୀୟତା ପ୍ରତିପାଦନ କରିଛି । ସାରସ୍ୱତ ବାଣୀ କାନନରେ ମାନସିଂହଙ୍କ ପ୍ରେମପ୍ରଣୟର କାବ୍ୟ ଜଗତ ପ୍ରତିକୀତ, ପାଠକ ପ୍ରାଣରେ ସୃଷ୍ଟି କରିଛି ପୁଲକ ।

Digitized by srujanika@gmail.com

ଜାତୀୟତାର ମନୋଭୂମିରେ ରୂପାନ୍ୱେଷୀ ମାନସିଂହ

ଡକ୍ଟର ସୁଲୋଚନା ଦାସ

ପ୍ରାଚୀନ ଓ ମଧ୍ୟଯୁଗର କାବ୍ୟ ପରଂପରା ଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର-ଆଧୁନିକ କାବ୍ୟ ପରଂପରା ଭାବଗତ ଓ ରୂପଗତ ଉଭୟଦିଗରୁ ନୂତନ ଚେତନାର ବାହକ । ଆଧୁନିକ କାବ୍ୟ ପରଂପରାର ବିକାଶ ଘଟିଛି ସମୟର ଏକ ଚରମ ଆହ୍ୱାନ ରୂପରେ । ଏହାର ପ୍ରଥମପାଦରେ ସ୍ରଷ୍ଟାମାନସର ବିପୁଳ ଜୀବନ ଜିଜ୍ଞାସା, ଜାତୀୟତା ବୋଧଜନିତ ସାମଗ୍ରିକ-ଅନ୍ୱେଷାଭିମୁଖୀ ହୋଇଉଠିଥିଲା । ଏଣୁ ଶିକ୍ଷାପ୍ରାଣର ଅଭିନବ ଅଭିବ୍ୟକ୍ତି ସହିତ ସମ୍ଭାବନାପୂର୍ଣ୍ଣ ପରିବର୍ତ୍ତନର ପ୍ରବାହ ମଧ୍ୟରେ ସମୟର ଅଖଣ୍ଡ ଭାବଚେତନାକୁ ନିବିଡ଼ ଭାବରେ ଆଚ୍ଛନ୍ନ କରିଛି ତାତ୍କାଳିକ ସମସ୍ତ ସୃଷ୍ଟି । ଆଧୁନିକ ଶିକ୍ଷାର ପ୍ରସାର ଫଳରେ ଜ୍ଞାନ ରାଜ୍ୟରେ ନବ ନବ ଚେତନାର ଅଭ୍ୟୁଦୟ ଓ ବିକାଶ କବିଙ୍କର ମନୋଭୂମିକୁ ସଂପ୍ରସାରିତ ଓ ବର୍ଣ୍ଣାଢ଼୍ୟ କରି ଗଢ଼ିତୋଳିଛି । ସାଂସ୍କୃତିକ ଓ ରାଜନୈତିକ ଇତିହାସ ପୃଷ୍ଠପଟରେ ଦଣ୍ଡାୟମାନ ହୋଇ କେତେବେଳେ ସ୍ରଷ୍ଟା ଅତୀତକୁ ଗଭୀର ଆନ୍ତରିକତାର ସହିତ ନିରେଖି ଚାହିଁଛନ୍ତି ତ, ଆଉ କେତେବେଳେ ଅସ୍ପଷ୍ଟ ଭବିଷ୍ୟତର ଭାଗ୍ୟାକାଶକୁ ଏକ ନୂତନ ସୂର୍ଯ୍ୟ ମହିମାମଣ୍ଡିତ କରିବାର ସ୍ୱପ୍ନରେ ବିଭୋର ହୋଇଉଠିଛନ୍ତି । ସମୟର ପ୍ରାଣସ୍ପନ୍ଦନରେ କବିର ଚିତ୍ତଭୂମି ଉଦ୍‌ବେଳିତ । ଏହାର ମନୋଜ୍ଞ ଆଲେଖ୍ୟ ହୋଇଛି ଆଧୁନିକ କାବ୍ୟ ସାହିତ୍ୟ ।

ସମସ୍ତ ବିରୋଧାଭାସ, ଚିନ୍ତାସଂଘର୍ଷ, ନୂତନତା ପ୍ରତି ଆସ୍ପୃହା ମଧ୍ୟରେ ଆଧୁନିକ କାବ୍ୟ ସାହିତ୍ୟ ଐଶ୍ୱର୍ଯ୍ୟମୟ । ଗୋଟିଏ ପ୍ରଚଳିତଧାରାର ଭୂଇଁ ଛାଡ଼ି ଆଉ ଗୋଟିଏ ଉତ୍ତରଣର ପାହାଚକୁ ପାଦ ବଢ଼େଇବା କାଳରେ ସଂଶୟ ସୃଷ୍ଟି ହେବା ସ୍ୱାଭାବିକ । ପରିଚିତ ମାଟିତଳର ପୃଥିବୀ ଯେଉଁ ପ୍ରତ୍ୟୟ ଭରି ଦେଇଥିଲା ତାହା ହୁଏତ ଅପର ପାହାଚଟିରେ ମିଳିବ କି ନାହିଁ - ଏହା ଏକ ବିରାଟ ପ୍ରଶ୍ନବାଚୀ ହୋଇ ଦଣ୍ଡାୟମାନ ହୋଇଥିବ । ତଥାପି ଆଗେଇ ଯିବାର ଦୁର୍ନିବାର ପ୍ରବଣତା କବି ଚେତନାକୁ କାଳେ କାଳେ ଆଗକୁ ବାଟ କଢ଼ାଇ ନେଇଛି । ସୁତରାଂ ପ୍ରାଚୀନ ମଧ୍ୟଯୁଗର ଭାବବିଳାସ ମଧ୍ୟରୁ ମୁକ୍ତ ହୋଇ ବିପୁଳ ଜୀବନର ସଂଧାନରେ ବ୍ରତୀ ହୋଇଛନ୍ତି ଆଧୁନିକକାଳର କାବ୍ୟ ପୁରୁଷମାନେ । ଆଧୁନିକ ସାହିତ୍ୟର ପ୍ରାଣସ୍ୱର ଏହି ପରିବର୍ତ୍ତନର ସନ୍ଦେଶ ବହନ କରି ଝଂକୃତ ହୋଇଉଠିଛି ।

ମାତୃଭୂମି ପ୍ରତି ଅକୁଣ୍ଠ ମମତା, ଗୋଷ୍ଠୀ ପ୍ରତି ଆନୁଗତ୍ୟ ଓ ଏକ ଭାଷାଭାଷୀମାନଙ୍କ ମଧ୍ୟରେ ପ୍ରଚଣ୍ଡ ଆକର୍ଷଣ ହିଁ ଜାତୀୟତାର ମୌଳିକ ପ୍ରବୃତ୍ତି । ସେଥିପାଇଁ କାଳେ କାଳେ

Digitized by srujanika@gmail.com

ଭୂମିକୁ ନେଇ ସଂଘର୍ଷର ସୂତ୍ରପାତ ହୋଇଛି । ଏଇ ସଂଘର୍ଷରୁ ସୃଷ୍ଟି ହୋଇଛି ସାମଗ୍ରିକ ଜୀବନବୋଧ, ତାର ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ବୃହତ୍ତର ଜୀବନ-ଅନ୍ୱେଷା । ନିଜ ଜାତୀୟ ଜୀବନ ପରିପ୍ରେକ୍ଷୀରେ ନିଜକୁ ଚିହ୍ନିତ କରିବାର ବାସନା, ତାର ସଫଳତା ଓ ବିଫଳତାର ସ୍ୱରୂପ ହୋଇ ବିଦ୍ୟମାନ ହୋଇଛି । ସେଇଥିରୁ ଜନ୍ମ ନେଇଛି କଳା, ସଂସ୍କୃତି, ସଭ୍ୟତା, ଭାସ୍କର୍ଯ୍ୟ, ଧର୍ମଦର୍ଶନ ଓ ଇତିହାସ । ସେଥିପାଇଁ କୁହାଯାଇଛି "ଗୋଟିଏ ଜାତିର ସାଂସ୍କୃତିକ ତଥା ରାଜନୈତିକ କ୍ରିୟାକଳାପ, ଆକାଂକ୍ଷା ଓ ଅଭିରୁଚିରେ ଚଳନ୍ତା ପ୍ରକାଶ ହିଁ ଜାତୀୟତା" (୧) । ଏହା ଜାତୀୟତାର ସ୍ୱରୂପ ଓ ଏକ ବୃହତ୍ତର ଜୀବନବୋଧର ଆତ୍ମଲିପି । ଆଧୁନିକ ଅର୍ଥରେ ଜାତୀୟ ଚେତନା (କ) ସ୍ୱଦେଶାନୁରାଗ (ଖ) ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ପ୍ରଚଣ୍ଡ ଅଭୀପ୍ସା (ଗ) ରାଜନୈତିକ ସଂହତି ବା ଭାବଗତ ସଂହତି- ଏହି ତିନୋଟି ଧାରାରେ ପ୍ରବାହିତ । ଏହି ଜାତୀୟତା ହିଁ ସାଂପ୍ରତିକ ରାଜନୈତିକ ଚେତନାର ମୁଖ୍ୟ ଭାବକେନ୍ଦ୍ର ରୂପେ ସମଗ୍ର ବିଶ୍ୱର ରାଜନୈତିକ ଚିନ୍ତନକୁ ନିୟନ୍ତ୍ରଣ କରୁଛି । ସେହିପରି ଆଧୁନିକ କାଳରେ ଭାରତୀୟ ରାଜନୈତିକ ଚେତନାର ଅନ୍ୟତମ ପରିବର୍ତ୍ତିତ ରୂପଟି ଜାତୀୟତା ବାଦ ।

ବୈଦିକଯୁଗ ଓ ପରବର୍ତ୍ତୀ ବିଭିନ୍ନ ଯୁଗରେ ସ୍ୱାଧୀନ ଭାରତରେ ଉଚ୍ଚ ରାଜନୈତକ ଭାବାଦର୍ଶ, ମୁସଲମାନ ମୋଗଲ କାଳରେ ସଂପୂର୍ଣ୍ଣ ବିଲୁପ୍ତ ପ୍ରାୟ । ଇଂରେଜମାନଙ୍କ ଶାସନକାଳରେ ଏହି ବିସ୍ମୃତ ଅତୀତଗର୍ଭରୁ ଜନ୍ମଗ୍ରହଣ କଲା – ନୂଆକରି ନିଜକୁ ଓ ନିଜ ଜାତିକୁ ଚିହ୍ନିବାର ଦୁର୍ବାର ଅଭିଳାଷ । ଏହି ନବଜାଗୃତିର ପୃଷ୍ଠଭାଗରେ ଇଂରେଜଶିକ୍ଷା, ସଂସ୍କୃତି ଓ ସାହିତ୍ୟର ଅଖଣ୍ଡପ୍ରଭାବକୁ ସ୍ୱୀକାର କରିବାକୁ ହେବ । ଫରାସୀବିପ୍ଳବ, ରୁଷ ବିପ୍ଳବ, ଜାପାନର ବିଜୟ, ଏପରି କି ଶିଳ୍ପସଭ୍ୟତାର ପ୍ରସାର, ବିଜ୍ଞାନର ଚରମ ଉନ୍ନତି ଭାରତୀୟ ଚିନ୍ତା ଓ ଚେତନାର ଦିଗନ୍ତକୁ ସଂପ୍ରସାରିତ କରିବାରେ ସହାୟକ ହେଲେ । ସୁପ୍ତ ଭାରତୀୟମାନେ ନିଜ ଗୌରବାବହ ଅତୀତ ଆଡ଼କୁ ମୁହଁ ଫେରାଇ ଚାହିଁଲେ । ଉଲ୍ଲେଖଯୋଗ୍ୟ ଯେ ଅତୀତର ଗୌରବମୟ ପରଂପରା ଆଧ୍ୟାତ୍ମିକ ଓ ସାଂସ୍କୃତିକ ବୈଭବ ଉପରେ ଦଣ୍ଡାୟମାନ ଥିଲା । ତେଣୁ ଆଧୁନିକ କାଳରେ ଭାରତର ସାମାଜିକ, ସାଂସ୍କୃତିକ ଜୀବନରେ ସର୍ବପ୍ରଥମେ ଯେଉଁ ନବଜାଗରଣର ପ୍ରଥମ ମନ୍ତ୍ରପାଠ ଉଚ୍ଚାରିତ ହେଲା, ତାହା ମୁଖ୍ୟତଃ ଥିଲା ହିନ୍ଦୁ ଧର୍ମାଶ୍ରିତ ସମାଜ ସଂସ୍କାରର ଦୁର୍ନିବାର ପ୍ରୟାସ । ଭାରତୀୟ ଐତିହ୍ୟ ଓ ପରଂପରାର ପୁନଃ ପ୍ରତିଷ୍ଠା ଥିଲା ଏହି ନବଜାଗରଣର ଲକ୍ଷ୍ୟ । ସମାଜରୁ ସମସ୍ତ କୁସଂସ୍କାର, ଅନ୍ଧବିଶ୍ୱାସକୁ ଦୂରକରି ନୂତନ ଜୀବନବୋଧରେ ଉଜ୍ଜୀବିତ କରିବା ପାଇଁ ରାଜା ରାମ ମୋହନ, ଦୟାନନ୍ଦ ସରସ୍ୱତୀ, ବିବେକାନନ୍ଦ ପ୍ରମୁଖ ମନୀଷୀ ଯତ୍ନଶୀଳ ହୋଇଥିଲେ । କେତେକ ଚିନ୍ତାଶୀଳ ବ୍ୟକ୍ତି ବିଚାର କରୁଥିଲେ, ଭାରତର ବିପର୍ଯ୍ୟୟପାଇଁ ବହିଃ ମୁସଲମାନ

୧- ମିଶ୍ର ନରେନ୍ଦ୍ର ନାଥ : ଆଧୁନିକ ଓଡ଼ିଆ କାବ୍ୟଧାରା (ଆଦିଯୁଗ) ବିଶ୍ୱଭାରତୀ ୧୯୬୪, ପୃ - ୮୫

Digitized by srujanika@gmail.com

ଶକ୍ତିର ଆକ୍ରମଣ ଓ ରାଜତ୍ୱ ହିଁ ଏକାନ୍ତ ଭାବରେ ଦାୟୀ । ତେଣୁ ପ୍ରାଥମିକ ଅବସ୍ଥାରେ ମୁସଲମାନ ବିଦ୍ୱେଷ ଭାବନା ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରାଚ୍ୟ-ପାଶ୍ଚାତ୍ୟ-ଶିକ୍ଷା ସଂସ୍କୃତିର ସମନ୍ୱୟ ଫଳରେ ଆଧୁନିକ ଶିକ୍ଷିତଗୋଷ୍ଠୀ ଜାତି ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ଜାତୀୟ ଏକତା ପାଇଁ ଓ ମହାଭାରତୀୟ ଜାତୀୟତାର ପ୍ରତିଷ୍ଠାପାଇଁ ପ୍ରେରଣା ଲାଭ କଲେ । (୨)

ଏହି କ୍ରମରେ ଓଡ଼ିଆ ଆଧୁନିକ କାବ୍ୟଯୁଗର ପ୍ରାଣ ପ୍ରତିଷ୍ଠାତା କବିବର ରାଧାନାଥ ରାୟଙ୍କ ସୃଷ୍ଟି ଚେତନାର ପ୍ରାଥମିକ ସ୍ତରରେ ହିନ୍ଦୁ-ଭାବ-ପ୍ରଭାବିତ ଜାତୀୟତା ପରିଲକ୍ଷିତ ହୁଏ । ରାଧାନାଥଙ୍କ 'ଶିବାଜୀ ଙ୍କ ଉତ୍ସାହବାଣୀ' ଓ 'ମହାଯାତ୍ରା' ଏ ଦୃଷ୍ଟିରୁ ବିଶେଷଭାବରେ ଉଲ୍ଲେଖଯୋଗ୍ୟ । ''ଭାରତର ଗୌରବ ରକ୍ଷା ପାଇଁ ସମଗ୍ର ହିନ୍ଦୁ ଜାତୀୟଶକ୍ତିର ପ୍ରତୀକରୂପେ ଶିବାଜୀ ମୋଗଲ ଶକ୍ତି ବିରୁଦ୍ଧରେ ଲଢ଼ିଥିଲେ ବୋଲି ବିଚାର କରାଯାଉଥିଲା । ଏହି ହିନ୍ଦୁଭାବ ପ୍ରେରିତ ଜାତୀୟ ବାଦୀଙ୍କ ମତରେ ଭାରତ ଥିଲା ହିନ୍ଦୁର ଦେଶ । ଶିଳ୍ପ, ଭାସ୍କର୍ଯ୍ୟ, ଦର୍ଶନ ଓ ଜ୍ଞାନବିଜ୍ଞାନର ଚରମ ଉନ୍ନତି ସ୍ୱାଧୀନ ହିନ୍ଦୁ ଭାରତରେ ସମ୍ଭବ ହୋଇଥିଲା । 'ଶିବାଜୀଙ୍କ ଉତ୍ସାହବାଣୀ' କବିତାରେ ରାଧାନାଥ ସ୍ପଷ୍ଟ ଭାବରେ ଏକଥା କହିଛନ୍ତି ।

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ପ୍ରଥମ ପାଦର ସୃଷ୍ଟି ପରଂପରାରେ ତିନୋଟି କଥା ବିଶେଷ ଭାବରେ ଲକ୍ଷ୍ୟ କରାଯାଇଥାଏ । (କ) ଅତୀତର ଗୌରବଗାନ କରି ସୁପ୍ତ ଜାତି ପ୍ରାଣରେ ନୂତନ ଉନ୍ମାଦନା ସୃଷ୍ଟି କରିବା (ଖ) ସମସାମୟିକ ଭାରତର ଭାଗ୍ୟ ବିପର୍ଯ୍ୟୟର ବା ଦୁର୍ଭାଗ୍ୟଜନକ ପରିସ୍ଥିତିର ନିଖୁଣ ଚିତ୍ର ପ୍ରଦାନ କରି ସେ ସଂପର୍କରେ ଜନସଚେତନତା ସୃଷ୍ଟି କରିବା, (ଗ) ଭବିଷ୍ୟତ କର୍ମଯୋଜନା ପାଇଁ ଆତ୍ମବିଶ୍ୱାସ ଓ ପ୍ରତ୍ୟୟ ଭରି ଦେବା ଉଦ୍ଦେଶ୍ୟରେ ପରୋକ୍ଷ ଇଂଗିତ ଦେବା(୩) । ଏଣୁ ରାଧାନାଥଙ୍କ ପରବର୍ତ୍ତୀକାଳରେ ଏହି ହିନ୍ଦୁ ଭାବାପନ୍ନ ଜାତୀୟତା ଏକ ବୃହତ୍ତର କାନଭାସର ସନ୍ଧାନ ଲାଭ କରିଛି । ଜାତୀୟବାଦୀ ଚେତନାର ଦୁଇଟି ଦିଗ ରହିଛି । ଗୋଟିଏ ହେଉଛି ତାର ଶାଶ୍ୱତରୂପ, ଯାହା ଭାବାତ୍ମକ । ଅନ୍ୟଟି ହେଉଛି ତାର ସାମଗ୍ରିକ ରୂପ । ଯାହା ସମୟ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥାଏ । ଶାଶ୍ୱତ ରୂପଟି ହେଉଛି ରାଷ୍ଟ୍ରର ଆତ୍ମବିଭବ ବା ତାର ଉଚ୍ଚଭାବାଦର୍ଶ । ଅପରଟି ହେଉଛି ରାଷ୍ଟ୍ରର ଭୌତିକ ପ୍ରଗତି ଜନିତ ଭାବନା । ଏହି ଉଭୟର ସମନ୍ୱିତ ରୂପହିଁ ପ୍ରକୃଷ୍ଟ ଜାତୀୟବାଦୀ ଚେତନା ।

୨- Nehru, Jawaharlal, - Discovery of India, Reform & Other Movements among Hindus and Muslims - Chapter to be seen.

୩- ଡଗର - ରାଧାନାଥ ବିଶେଷାଙ୍କ - ୧୯୬୧-୬୨ ଡ଼ିସେମ୍ବର-ଜାନୁୟାରୀ ସଂଖ୍ୟା ।

Digitized by srujanika@gmail.com

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ପ୍ରଥମପାଦରେ ଉଭୟ ଭାରତୀଭାବନା ଓ ଉତ୍କଳୀୟ ପ୍ରୀତିର ଚମତ୍କାର ଅଭିବ୍ୟକ୍ତି ଘଟିଛି (୪) । ଏ ସମୟର ଅର୍ଥାତ୍ ଊନବିଂଶ ଶତାବ୍ଦୀର ଶେଷପାଦରେ ଆବିର୍ଭୂତ ଅଧିକାଂଶ କବି ଯେଉଁ ମହାନ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ତାହା ସମସ୍ତ ଆଞ୍ଚଳିକ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ । ଏଥିରେ ସଂକୀର୍ଣ୍ଣ ପ୍ରାନ୍ତୀୟ ଭାବଧାରା ଫୁଟି ଉଠିନାହିଁ । ବରଂ ଓଡ଼ିଆ କବି ମହାନ୍ ଭାରତୀଭାବନାର ଅନ୍ତରାୟ ନହୋଇ ହୋଇଛି ମହାନ୍ ଭାବସଂହତିର ପରିପୋଷକ । ପ୍ରଥମପର୍ଯ୍ୟାୟ ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟର ବିପ୍ଳବୀ ଭୂମିକା ଅପେକ୍ଷା ଏକ ପୁନରୁତ୍ଥାନବାଦୀ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜାତୀୟ ଜୀବନରେ ନୂତନ ପ୍ରାଣଶକ୍ତି ସଂଚାର କରିବାରେ ଏମାନଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ଉତ୍କଳ ସମ୍ମିଳନୀ, ଜାତୀୟ କଂଗ୍ରେସ-ଏହି ଦୁଇ ଅନୁଷ୍ଠାନ ବିଂଶଶତାବ୍ଦୀର କାବ୍ୟ ସାହିତ୍ୟରେ ଭିନ୍ନ ଏକ ସୃଷ୍ଟି ପ୍ରେରଣା ଯୋଗାଇ ଦେଇଛନ୍ତି । ଏକ ପରାଧୀନ ରାଷ୍ଟ୍ରର ଆତ୍ମଦୈନ୍ୟ ପୀଡ଼ିତ ନାଗରିକଙ୍କୁ ବୀରତ୍ୱ ଓ ଆତ୍ମଦାନର ଦୀକ୍ଷା ଦେଇ ଜାଗ୍ରତ କରିବାର ନିରନ୍ତର ପ୍ରଚେଷ୍ଟା ଏ ସମୟର ସୃଷ୍ଟି ଆଦର୍ଶ ହୋଇଉଠିଛି ।

ଇତିହାସର ବହୁ ଘଟଣାପ୍ରବାହକୁ ଅନୁଧାନ କଲେ ଜାଣିହୁଏ ଯେ ଯେତେବେଳେ ଇତିହାସ ଗୋଟିଏ ସ୍ଥିତାବସ୍ଥାରୁ ଆଉଏକ କ୍ରିୟାଶୀଳ ଅବସ୍ଥାକୁ ଗତିକରେ ସେତେବେଳେ ଏକ ଗଣ ଆନ୍ଦୋଳନର ଆବଶ୍ୟକତା ଅନୁଭୂତ ହୋଇଥାଏ । ଏହି ପରିବର୍ତ୍ତନର ପଟ୍ଟଭୂମିରେ ବହୁ କାରଣ ବିଦ୍ୟମାନ ଥିଲେ ହେଁ ଏହା କିନ୍ତୁ ଏକ ଲକ୍ଷ୍ୟରେ ପରିଚାଳିତ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଦିଗରେ ଧାବିତ ହୋଇଥାଏ । ତାହା ହେଉଛି ଏକ ନୂତନ ଦିଗ୍‌ବଳୟର ଆବିଷ୍କାର କରିବା । ଏକ କଲ୍ୟାଣକର ସତ୍ୟର ଉଦ୍‌ଘାଟନ କରିବା । ଏହି ଗଣ ଆନ୍ଦୋଳନର ପ୍ରକ୍ରିୟାକୁ କ୍ରିୟାଶୀଳ କରାଇବାରେ ଯେଉଁମାନେ ପ୍ରତ୍ୟକ୍ଷ ନେତୃତ୍ୱ ନେଇଥାନ୍ତି, ସେମାନେ ସଂଘର୍ଷର ଅଗ୍ନିକୁଣ୍ଡରେ ହିଁ ବାସ କରୁଥାନ୍ତି । କେତେବେଳେ ଏହି ସଂଘର୍ଷ ସଶସ୍ତ୍ର ସଂଗ୍ରାମର ରୂପ ନିଏ ତ, କେତେବେଳେ ନୀତି ଆଦର୍ଶମୂଳକ ଏକ ନୈତିକ ସଂଘର୍ଷର ରୂପ ଧାରଣ କରେ । ପରାଭବରେ ଜର୍ଜରିତ ଗୋଟିଏ ଜାତି ଯେତେବେଳେ ଏପରି ଏକ ଗଣ ଆନ୍ଦୋଳନର ଆବଶ୍ୟକତା ଅନୁଭବ କରେ, ସେତେବେଳେ ତାର ସମସ୍ତ ସୁପ୍ତ ଶିରାପ୍ରଶିରାରେ ପ୍ରଚଣ୍ଡ ବୀରତ୍ୱ, ଆତ୍ମୋତ୍ସର୍ଗ ଓ ଆତ୍ମନିଷ୍ଠା ଶକ୍ତି ରୂପରେ ପ୍ରବାହିତ ହୋଇଥାଏ । ଜାତି ସଂଗ୍ରାମର ଯଜ୍ଞବେଦୀକୁ ଝାସଦିଏ । ଏହିପରି ଏକ ବିପ୍ଳବର କର୍ଣ୍ଣଧାରମାନଙ୍କର ସାଧାରଣ ବ୍ୟକ୍ତିଗତ

୪- (କ) ''ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୂତି
ସ୍ୱାର୍ଥମେଧ ଯଜ୍ଞ ଚାରିଆଡ଼େ ନାଚ ଛାତିକୁ ମିଶାଇ ଛାତି ।'' - ଜାତୀୟ ଗୀତି (୧୯୧୫), ଉତ୍କଳ ଗୌରବ ମଧୁବାବୁ ।

(ଖ) ''ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ
ଜନନୀ ବତ୍ସଳ ତନୟ ଗଣୈସ୍ତତ୍ ସମ୍ୟକ୍ - ମର୍ମ ବିଧେୟମ୍ ।'' - କବିବର ରାଧାନାଥ

(ଗ) ''ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ।''- ଗଙ୍ଗାଧର ମେହେର

Digitized by srujanika@gmail.com

ଜୀବନ ବିଫଳ, ଆପାତଦୃଷ୍ଟିରେ ମନେହେଲା ବେଳେ, ଗଣ-ନେତା ଭୂମିକାରେ ସେମାନଙ୍କୁ ସୂର୍ଯ୍ୟପରି ଦୀପ୍ତିମନ୍ତ, ଭୀଷ୍ମପରି ପ୍ରତିଜ୍ଞାନିଷ୍ଠ ଓ ଅର୍ଜ୍ଜୁନ ପରି ଶୌର୍ଯ୍ୟଶାଳୀ ରୂପରେ ହିଁ ଆବିଷ୍କାର କରାଯାଇଥାଏ । ଏହି ସତ୍ୟ ସତ୍ୟବାଦୀ ଗୋଷ୍ଠୀର କାବ୍ୟପରଂପରାରେ ଉଦ୍‌ଘାଟିତ ହୋଇଥାଏ (୫) । ଆତ୍ମୋତ୍ସର୍ଗର ଏହି ସର୍ବଶେଷ କାମନାଟି ସତ୍ୟବାଦୀ ଯୁଗର ଉଦାର ମନ୍ତ୍ରପାଠ ।

ବିଂଶ ଶତାବ୍ଦୀର ପ୍ରଥମ ଦୁଇଟି ଦଶକ ପରେ ଭାବସମନ୍ୱୟ କ୍ଷେତ୍ରରେ ଆଉ ଏକ ନବାଗତ ବିଦେଶୀୟ ରାଜନୈତିକ ଚେତନା ଓଡ଼ିଆ କାବ୍ୟ ସାହିତ୍ୟକୁ ଗଭୀର ଭାବରେ ଅନୁପ୍ରାଣିତ କଲା । ମାର୍କସୀୟ ଚେତନାର ସମ୍ଭାବ୍ୟ ଉଜ୍ଜ୍ୱଳମୟ ଭବିଷ୍ୟତ ପ୍ରତି ଆଶାବାଦୀ ହୋଇଉଠିଲା ସାହିତ୍ୟ । ଦାରିଦ୍ର୍ୟ, କ୍ଷୁଧା, ରାଜନୈତିକ ଶୋଷଣ, ଦୁଃଖ ଦୈନ୍ୟ ନିପୀଡ଼ିତ ମାନବାତ୍ମାରେ ମୁକ୍ତିର ଶାଶ୍ୱତବାଣୀ ଶୁଣାଇବା ଥିଲା ଏଇ ନୂଆ ଭାବାଦର୍ଶର ଆଭିମୁଖ୍ୟ । ପାରଂପରିକ ଈଶ୍ୱର ବିଶ୍ୱାସ, ଭାଗ୍ୟ ଭଗବାନ ଧାରଣା ପ୍ରତିହତ ହେଲା । ମଣିଷ ନିଜ କର୍ମ ନିକଟରେ ହିଁ ଉତ୍ତରଦାୟୀ ବିବେଚିତ ହେଲା ।

ବିଶ୍ୱଦଳିତ-ମାନବର ମୁକ୍ତି ଆକାଂକ୍ଷା ସମାଜ ରାଜନୈତିକ ଗତିଧାରାକୁ ପରିବର୍ତ୍ତିତ ରୂପଦେଲା । ରାଜନୈତିକ ସ୍ୱାଧୀନତା ମାନବିକ ଅଧିକାରର ମୂଳହେତୁ ରୂପେ ବିବେଚିତ ହେଲା । ଏହି ପ୍ରଗତିଶୀଳ, ବିପ୍ଳବାତ୍ମକ, କ୍ରାନ୍ତିକାରୀ ଭାବଚେତନା ମାର୍କସୀୟ ରାଜନୈତିକ ଭାବାଦର୍ଶ ରୂପେ ଆଧୁନିକ ସାହିତ୍ୟର ଅନ୍ତଃସ୍ୱରକୁ ମୂର୍ଚ୍ଛିତ କଲା ଅତି ଚମତ୍କାର ଭାବରେ । ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ ଏହି ପ୍ରଗତିବାଦୀ ଚେତନା ଅନୁରଣିତ । ଆକୁତ ମଣିଷ ଓ ତାର ଅଶ୍ରୁଳଭାଷ୍ୟ ହୋଇଉଠିଛି ଏହି ବିବର୍ତ୍ତିତ ସୃଷ୍ଟି ଆଭିମୁଖ୍ୟର ମର୍ମବାଣୀ । ଜୀବନ ସଂଗ୍ରାମରେ ଅହରହ କ୍ଷତାକ୍ତ ଓ ବିଷଣ୍ଣ ମଣିଷର ବାସ୍ତବଜୀବନର ରୂପାୟନ କାଳରେ ନବଜାତକ-ସାମ୍ୟବାଦୀ ଚେତନାର ମାନବିକ ଆବେଦନ ପ୍ରତି ସାହିତ୍ୟ ଉନ୍ମୁଖ ହୋଇଉଠିଛି । ବିଶ୍ୱର ସମଗ୍ର ମାନବ ଜାତି ପ୍ରତି ଅଭିପ୍ରେତ ଏହି ରାଜନୈତିକ ଆଦର୍ଶ ସାହିତ୍ୟର ସମ୍ଭାବ୍ୟ ଉତ୍ତରଣ ନିମିତ୍ତ ଏକ ବଳିଷ୍ଠ ସାମାଜିକ ଅଙ୍ଗୀକାରରୂପେ ସ୍ୱାଗତଯୋଗ୍ୟ ହୋଇଛି । କବି ଅନନ୍ତ ପଟ୍ଟନାୟକ, ସଚ୍ଚିରାଉତରାୟ, ଭଗବତୀ ପାଣିଗ୍ରାହୀ ପ୍ରମୁଖ ସ୍ରଷ୍ଟା ଏହି ରାଜନୈତିକ ଆଦର୍ଶକୁ ସୃଷ୍ଟିର ଅନ୍ତଃସ୍ୱର ରୂପେ ବାଛିନେଇଛନ୍ତି ।

୫- (କ) ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରିସ୍ତମ୍ଭେ ମାନବର ସମାଜ ସଂସ୍ଥିତି । - କାରା କବିତା, ପୃ - ୧୦, ଗୋପବନ୍ଧୁ

(ଖ) ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ । - ବନ୍ଦୀର ଆତ୍ମକଥା, ଗୋପବନ୍ଧୁ ।

Digitized by srujanika@gmail.com

ଠିକ୍ ଏହି ତୃତୀୟ ଚତୁର୍ଥ ଦଶକ ବେଳକୁ ଭାରତୀୟ ରାଜନୈତିକ ଦିଗନ୍ତ ଗାନ୍ଧୀବାଦର ସତ୍ୟ-ଶୁଭ୍ରାଲୋକରେ ଆଲୋକିତ ଓ ଭାସ୍ୱରିତ । ଭାରତୀୟ ଜାତୀୟ କଂଗ୍ରେସ ଓ ଗାନ୍ଧିଜୀ ଭାରତର ଇତିହାସ, ସାମାଜିକ ଜୀବନ ସାଂସ୍କୃତିକ ଜୀବନ ଓ ରାଜନୈତିକ ଦିଗନ୍ତରେ ଧ୍ରୁବତାରା ପରି ସତ୍ୟ, ଅଭ୍ରାନ୍ତ ଓ ମଂଗଳମୟ ଦିଗବାରେଣୀ ରୂପେ ଭାରତୀୟ ଭାବନାକୁ ନିୟନ୍ତ୍ରଣ କଲେ ।

୧୯୨୧ରୁ ଜାତୀୟଜୀବନରେ ଯେଉଁ ନୂତନ ଆଶା ଆକାଂକ୍ଷାର ଅଭ୍ୟୁଦୟ ଘଟିଥିଲା, ତାହା ୧୯୩୦ ଓ ୧୯୪୨ ବେଳକୁ ସଂଗ୍ରାମୀ ଭୂମିକାରେ ଅବତୀର୍ଣ୍ଣ ହୋଇଛି । ଏହି ସଂଗ୍ରାମ ପୁଣି ଥିଲା ସଂପୂର୍ଣ୍ଣ ଅହିଂସା-ଅସହଯୋଗ-ସଂଗ୍ରାମ । ଏଣୁ ଜାତୀୟ ମୁକ୍ତି ଆନ୍ଦୋଳନର ମହାଭାବ ତଥା ଗାନ୍ଧିଜୀଙ୍କ ଉଚ୍ଚମାନବିକ ଆଦର୍ଶ, ପ୍ରଗାଢ଼ ମାନବପ୍ରୀତି, ସତ୍ୟପ୍ରତି ଗଭୀର ନିଷ୍ଠା, ସେବାନୁରକ୍ତି, ଦେବ ଭାବାପନ୍ନ ସମଦୃଷ୍ଟି ବହୁକାଳ ପର୍ଯ୍ୟନ୍ତ ବିଂଶସାହିତ୍ୟର ଆତ୍ମସତ୍ତାକୁ ଆଚ୍ଛନ୍ନ କରି ରଖିଥିଲା । ସ୍ୱାଧୀନତା ସଂଗ୍ରାମର ସୁବିସ୍ତାରିତ ପଟ୍ଟଭୂମିରେ ଗଣଚେତନାର ବୀଜକୁ ରୋପଣ କରିବାରେ ସମକାଳୀନ ସାହିତ୍ୟ ବେଶ ଉର୍ଣ୍ଣସ୍ୱଳ । କହିବାକୁ ଗଲେ ଭାରତୀୟ ଜନଚେତନାରେ ଗାନ୍ଧିଜୀ କେବଳ ଆଧ୍ୟାତ୍ମିକ ଅଭୀପ୍ସାର ସାକାର ବିଗ୍ରହ ନଥିଲେ, ସାମଗ୍ରିକ ଜୀବନବୋଧର ଥିଲେ ଜୀବନବେଦ । ଏଣୁ ସମସାମୟିକ ସମସ୍ତ କବି, ସ୍ରଷ୍ଟା ଗାନ୍ଧୀବାଦର ଉପାସନାରେ ଉଦାର ଓ ଆବେଗକମ୍ପିତ । ସମକାଳୀନ ସୃଷ୍ଟିଚେତନା ଗାନ୍ଧୀବାଦ ଓ ଗାନ୍ଧୀଆଦର୍ଶରେ ସ୍ପନ୍ଦିତ ।

ସବୁଜ-ସତ୍ୟବାଦୀ ସମସାମୟିକ କବି ମାନସିଂହ ଉତ୍ତରଷାଠିଏ ପର୍ଯ୍ୟନ୍ତ କବିତା ରଚନାରେ ବ୍ରତୀ ହୋଇଥିଲେ । ତାଙ୍କ କାବ୍ୟସ୍ୱରରେ ଦୁଇଟି ସମାନ୍ତରାଳ ଭାବାନୁଭୂତିର ମୂର୍ଚ୍ଛନା ଅଭିବ୍ୟଂଜିତ ହୋଇଥାଏ । ରୋମାଣ୍ଟିକ ଚେତନା ସହିତ ଜାତୀୟବାଦୀ ଚେତନାର ଅନୁପମ ଭାବପରିଧି ମଧ୍ୟରେ ତାଙ୍କ କବିତା ରସାଣିତ ଓ ପ୍ରବାହଧର୍ମୀ । ସୌନ୍ଦର୍ଯ୍ୟ ପିପାସୁ ବିଦଗ୍ଧ କବି ମାନସିଂହ ପ୍ରଣୟର କବି ଭାବରେ ଯେଉଁ ସ୍ୱପ୍ନମୟ ପରଂପରା ସୃଷ୍ଟି କରିଯାଇଛନ୍ତି ତାହା ଅତୁଳନୀୟ । ପରଂପରା ସହିତ ଆଧୁନିକ ରୋମାଣ୍ଟିକ ଭାବବିଳାସକୁ ସଂଯୋଗ କରି ସେ ଏକ ସ୍ୱତନ୍ତ୍ର କାବ୍ୟ ସରଣୀର ଉଦ୍‌ଘାଟନ କରିଛନ୍ତି । ପଲ୍ଲୀଜୀବନର ବିପୁଳ ଜୀବନବୋଧ ତାଙ୍କ ସୃଷ୍ଟିର କଳ କଳ ନିନାଦିନୀ ଗିରି ନିର୍ଝର ପରି ଶାଶ୍ୱତ ପ୍ରେମ ସଂଗୀତ ଗାନରେ ନିୟତ ମୁଖର । ବହୁ ବିରୋଧାଭାସ, ବିଚିତ୍ରଗତି ମଧ୍ୟରେ ତାଙ୍କ ସ୍ରଷ୍ଟା ମାନସର କ୍ରମଉତ୍ତରଣ ଆଭୂମା ପ୍ରତି ଉନ୍ମୁଖ । ପ୍ରେମ ସହିତ ଉଗ୍ରଜାତୀୟବାଦର ସମନ୍ୱୟ ହିଁ ମାନସିଂହ ସାହିତ୍ୟର ବୈଚିତ୍ର୍ୟ । ''ଏ ଦେଶର ମୂକଶିଳାଖଣ୍ଡର ପ୍ରାଣ ସ୍ୱପ୍ନ, ଏ ଦେଶର ଗୁଳ୍ମଲତାର ପ୍ରାଣ ବାର୍ତ୍ତା, ଏ ଦେଶ ମଣିଷର ଗୌରବମୟ ଇତିହାସର ଆଲେଖ୍ୟ, ଏ ଦେଶ ପ୍ରେମିକ ପ୍ରେମିକାର ମିଳନ ବିରହ ଜନିତ ଶଙ୍କା, ସଂଶୟ ଓ ଅଶ୍ରୁଭରା ପ୍ରାଣ ସ୍ପନ୍ଦନ

Digitized by srujanika@gmail.com

ଏବଂ କେବଳ ଏ ଦେଶର ନୁହେଁ, ସର୍ବ ଦେଶୀୟ, ସର୍ବକାଳୀନ ଜଣେ ସାଧାରଣ ମଣିଷର ଅନୁଭୂତି ଓ ହୃଦୟାବେଗ କବି ମାନସିଂହଙ୍କ ସୃଷ୍ଟିରେ ଯେପରି ଲିପିବଦ୍ଧ, ସବୁଜ ଯୁଗର କାବ୍ୟ କବିତାରେ ତାର ପଟାନ୍ତର ଦୁର୍ଲଭ ''।(୬)

ତେଣୁ କବି ମାନସିଂହଙ୍କ କାବ୍ୟ ପ୍ରତିଭାର ଉଷ୍ମ ଉନ୍ମେଷଭୂମି ହେଉଛି ଏ ମାଟିର ରୂପମୟ, ରସମୟ, ଗୀତିମୟ ପ୍ରାଣ ସୌନ୍ଦର୍ଯ୍ୟ । ତାଙ୍କ ସ୍ୱଦେଶାନୁରାଗ, 'କୋଣାର୍କ'ଠୁ 'ବାରବାଟୀ', 'ସାଧବଝିଅ', 'ଜେମା', 'ମା ଓଡ଼ିଶା', 'ଉତ୍କଳ ବନ୍ଦନା', 'ମାଟିବାଣୀ', 'ବାପୁତର୍ପଣ' ଦେଇ ଏକ ଦୀର୍ଘ ପରିକ୍ରମା ପରେ 'କମଳାୟନ' ପର୍ଯ୍ୟନ୍ତ ପ୍ରଲମ୍ବିତ । ନିଛକ ସମାଜ-ରାଜନୈତିକ ଭାବାଦର୍ଶକୁ ଆଧାର କରି କବିତା ଲେଖିବାରେ ସେ ବ୍ରତୀ ହୋଇନାହାନ୍ତି । ସାମାଜିକ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ତାଙ୍କ ସ୍ୱଭାବ ସୁଲଭ କବିପ୍ରାଣର ପ୍ରତିକ୍ରିୟା ପ୍ରକଟିତ ହୋଇଛି । କବି ହୃଦୟର ଉଦାର ମାନବବାଦୀ ଦୃଷ୍ଟି ହିଁ ତାଙ୍କ ଜାତୀୟତାର ମୂଳପ୍ରେରଣା ରୂପେ ଗ୍ରହଣୀୟ । ସେହି ବ୍ୟାପ୍ତିଭିତ୍ତିକ କବିଜନୋଚିତ ସହୃଦୟତାର ଗ୍ରାମ୍ୟଜୀବନର ନିରୋଳା ରୂପଟି ଫୁଟିଉଠିଥାଏ ।

ମାଟି ସହିତ ମାଟି ହେଉଥିବା ପଲ୍ଲୀ କୃଷକ, ପଲ୍ଲୀ ବଧୂ, ତାର ଜୀବନ ଚର୍ଯ୍ୟା, ଗାଉଁଲି ମଣିଷଟିର ନିତିଦିନିଆ ଜୀବନ ସଂଗ୍ରାମ, ଆନନ୍ଦବିଷାଦ, ପ୍ରୀତି ଓ ପ୍ରତାରଣାର ମନୋଜ୍ଞ ଆଲେଖ୍ୟ ହୋଇଛି ମାନ୍‌ସିଂହଙ୍କ ସୃଷ୍ଟିସଂଭାର ।

ମାନସିଂହଙ୍କ ସ୍ୱଦେଶାନୁରାଗ-ଐତିହ୍ୟ ପ୍ରୀତି, ଉତ୍କଳୀୟତା ଓ ଗାନ୍ଧୀବାଦ ଉପରେ ଆଧାରିତ । ଓଡ଼ିଶାର ଗୌରବମୟ ପରଂପରା ଓ ଐତିହ୍ୟ ପ୍ରତି ପ୍ରଗାଢ଼ ଅନୁରକ୍ତି ଓ ସମ୍ମୋହଭାବ ତାଙ୍କ ସୃଷ୍ଟି ଚେତନାକୁ ଭାବସଜଳ କରିଛି । ଏପରି କି ତାଙ୍କ ପ୍ରଣୟ କବିତା ଗୁଡ଼ିକରେ ମଧ ଓଡ଼ିଶାର ପୁରପଲ୍ଲୀ ପ୍ରାଣବନ୍ତ ଓ ମହିମାମୟ ରୂପରେ ଆବିର୍ଭୂତ ହୋଇଥାନ୍ତି । ମାତୃଭୂମିର ଏଇ ଶ୍ରୀମନ୍ତ ରୂପଟି ତାଙ୍କ ସ୍ୱଦେଶ ପ୍ରୀତିର ନିଛକ ପରିଚୟ । ତାଙ୍କ ଶବ୍ଦ ସଂଭାରରେ ପଲ୍ଲୀପ୍ରକୃତିର ପ୍ରାଣ ପ୍ରାଚୁର୍ଯ୍ୟ ଫୁଟିଉଠିଥାଏ । ମା ଓଡ଼ିଶା, ଉତ୍ତିଷ୍ଠ ଉତ୍କଳ, ବନ୍ଦେ ଉତ୍କଳ ଜନନୀ, ବୋଇତ ବନ୍ଦାଣ, ତଅପୋଇ ବିଳାପ, ବିଜୟ ଲକ୍ଷ୍ମୀ, ପଲ୍ଲୀସଂଧ୍ୟା, ମହାନଦୀରେ ଜ୍ୟୋସ୍ନାବିହାର, ବିଲଲକ୍ଷ୍ମୀ, ପଲ୍ଲୀସ୍ନାନ ଘାଟେ, ପ୍ରଭୃତି ଅସଂଖ୍ୟ କବିତା କବିଙ୍କର ଉତ୍କଳୀୟ ପ୍ରୀତି ଓ ଜାତୀୟବାଦୀ ଅନୁଜ୍ଞାର ଚମତ୍କାର ଅଭିଳିପି । 'ମାଟିର ସତୀତ୍ୱ'ରେ ଯେଉଁ ସ୍ରଷ୍ଟା ମାନସ ବିଦ୍ରୋହମୁଖର, ସେଇ ପୁଣି ଜେମା, କୋଣାର୍କ ଓ ସାଧବଝିଅରେ ପରଂପରାକୁ ଆଶ୍ରୟ କରି ଭାବଐଶ୍ୱର୍ଯ୍ୟର ଚରମ ବିକାଶ ରୂପରେ ଦୀପ୍ତିମନ୍ତ । ଓଡ଼ିଶା ପ୍ରକୃତିର ପ୍ରାଣମୟ ସତ୍ତାକୁ ଉଦ୍‌ଘାଟନ କରିବା, ଗୌରବମୟ ଅତୀତ ଆଡ଼କୁ ଫେରିଚାହିଁବା ତଥା ସମୟପୀଡ଼ିତ ଜରାଜୀର୍ଣ୍ଣ ବର୍ତ୍ତମାନ ଓ ଭବିଷ୍ୟତ ପ୍ରତି ସ୍ନେହାସ୍ପଦ

୬- ବେହେରା ଚିନ୍ତାମଣି : କାବ୍ୟ ଓ କଳାକାର, ପୃ - ୧୧୮

Digitized by srujanika@gmail.com

ଦୃଷ୍ଟି ନିକ୍ଷେପ କରି ତାକୁ ଉଦ୍‌ବେଳିତ କରିବାର ଇଂଗିତ ତାଙ୍କ ସମଗ୍ର ସୃଜନଶୀଳତାରେ ପ୍ରତିଫଳିତ । ଜନ୍ମଭୂମି ପ୍ରତି କବି ପ୍ରାଣର ଗଭୀର ମମତ୍ୱବୋଧରେ କବିତା ଗୁଡ଼ିକ ରସମୟ ଓ ଆବେଗ ମୁଖର ।

''ବିଜନବେଳା ବିଜନବେଳା
କହୁନାହୁଁ କାହିଁ ବୋଇତଗଲା
ବୋଇତଗଲା
ସଉଦାଗରର ସାନଝିଅ ମୁଁ
ସାତଭାଇରେ
ଶୟନମୋହର ହଁସୁଲି ଶେଜେ
ସ୍ନାହାନ ମୋହର ସୁବାସ ନୀରେ ।
X X X X
ସାତଭାଇଙ୍କର ସାତବୋଇତ
କେ ଦେଖି ନାହିଁ ?
ମଣି ମୁକୁତାରେ ବେପାର ଲୀଳା
କେଉଁ ଦରିଆରେ ନପଡ଼େ ଛାଇ ?''- ସାଧବଝିଅ

ଅବଶ୍ୟ ତାଙ୍କର କେତୋଟି କବିତାରେ ସାମାଜିକ ଶୋଷଣ ପ୍ରତି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତାଙ୍କ କବିତାରେ ଗୌରବମୟ ଐତିହ୍ୟ ଯେପରି ପୁନର୍ଜୀବିତ, ଜାତିର ଦୁର୍ଗତି ମଧ ସେହି ପରିମାଣରେ ଚିତ୍ରିତ । ଜାତୀୟ ଜୀବନର ଅଧୋଗତି ପାଇଁ ସେ ଜାତିକୁ ଦାୟୀ କରିଛନ୍ତି । ଦେଶର ଏହି ଦୁର୍ଭାଗ୍ୟ ପାଇଁ ସେ ସମୟକୁ ମଧ ଅନୁରୂପ ପରିମାଣରେ ଅଭିଶାପ ବର୍ଷଣ କରିଛନ୍ତି । ଓଡ଼ିଶା ତଥା ଭାରତର ଜାତୀୟ ଚରିତ୍ରକୁ ନୂତନ ଜୀବନଧର୍ମରେ ଦୀକ୍ଷିତ ହେବାପାଇଁ ସେ ନିଜର ବ୍ୟାକୁଳତା ପ୍ରକାଶ କରିଛନ୍ତି । ଜାତୀୟଜୀବନର ପୁନରୁତ୍‌ଥାନ ପାଇଁ ତାଙ୍କ ଲେଖନୀ ବେଶ ଶାଣିତ ଓ ଚଳଚଞ୍ଚଳ ହୋଇଉଠିଛି । (୭)

ସାମାଜିକ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ପ୍ରତି ତାଙ୍କ ଲେଖନୀ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ । ସାମାଜିକ ବୈଷମ୍ୟ ଯେ ଜାତୀୟ ଦୁର୍ଗତିର କାରଣ ଏହା ତାଙ୍କର

୭- ସେହିମାନେ ଗଢ଼ିଥିଲେ ଉତ୍କଳ ସାମ୍ରାଜ୍ୟ
ଗଙ୍ଗାଠାରୁ ଗୋଦାବରୀ ବିସ୍ତୃତ ସେ ରାଜ୍ୟ
ପାହାଡ଼କୁ ଚୂନା କରି ଗଢ଼ିଲେ ଦେଉଳ
ସାଗରକୁ ଲଘି କଲେ ଦୂର ଉପକୂଳ
X X X X
ରାଜ୍ୟ ତା'ର ଛିନ୍ନ ଭିନ୍ନ ଅନ୍ୟ ଅଧିକୃତ
ଘୃଣିତ ସେ ପ୍ରକାଶ୍ୟରେ ହୁଏ ତିରସ୍କୃତ
ଦାରିଦ୍ର୍ୟ ଅଜ୍ଞତା ପାଇଁ ବିଦେଶୀ ଶାସନ
ନିଶ୍ଚିନ୍ତେ ଦେଖୁଛି ଆମ ଜୀବନ ମରଣ । ଗ୍ରନ୍ଥାବଳୀ ଦ୍ୱିତୀୟ ଭାଗ, ପୃ - ୧୭୫

Digitized by srujanika@gmail.com

ଦୃଢ଼ଧାରଣା ଥିଲା । ମାତ୍ର ତାଙ୍କ ରାଜନୈତିକ ଆଦର୍ଶ କମ୍ୟୁନିଜିମରେ ଗଭୀର ଆସ୍ଥା ପୋଷଣ କରିପାରିନାହିଁ । ରକ୍ତାକ୍ତ ବିପ୍ଳବ ଅପେକ୍ଷା ଗାନ୍ଧୀ ନିର୍ଦ୍ଦେଶିତ ଅହିଂସାମାର୍ଗରେ ସେ ନିଜର ଅନୁରକ୍ତି ପ୍ରକାଶ କରିଛନ୍ତି । 'ବାପୁତର୍ପଣ' କବିତା ଗ୍ରନ୍ଥରେ ତାଙ୍କର ଗାନ୍ଧିଜୀଙ୍କ ପ୍ରତି ପ୍ରଗାଢ଼ ଭକ୍ତି, ଶ୍ରଦ୍ଧା ତଥା ଗାନ୍ଧୀବାଦ ପ୍ରତି ଅତୁଟ ବିଶ୍ୱାସ ପ୍ରକଟିତ । "ଆପଣଙ୍କ ରାଜନୈତିକ ଆଦର୍ଶ ଥିଲା ଗାନ୍ଧୀବାଦ । ଆପଣ ବ୍ୟକ୍ତିବାଦର ଆଦର୍ଶ ଓ ମର୍ଯ୍ୟାଦାର ସୁରକ୍ଷା ଲାଗି କମ୍ୟୁନିଜିମର ବିରୋଧ କରୁଥିଲେ । ମୋ ତୁଣ୍ଡରୁ ସମାଜବାଦର ନାମ ଶୁଣିଲେ ଆପଣ ଚିଡ଼ି ଯାଉଥିଲେ । ଆପଣ ଦେଶରେ ଆର୍ଥନୀତିକ ବୈଷମ୍ୟ, ଦାରିଦ୍ର୍ୟ ଓ ଅଜ୍ଞାନର ଘୋର ବିରୋଧୀ ଥିଲେ । ଅଥଚ ସମାଜବାଦ ନାମରେ ସୁବିଧା ଓ କ୍ଷମତାଖୋର ରାଜନୀତିବାଲା ଏବଂ ସୁସ୍ଥିବାଦୀ ଆପଣା ସ୍ୱାର୍ଥ ନିରାପତ୍ତାକାମୀ ବୁରୋକ୍ରାଟମାନଙ୍କର ଚକ୍ରବ୍ୟୂହ ମଧ୍ୟରେ ଯେମିତି ଦେଶଟା-ପଡ଼ିନଯାଏ, ସେଥିପ୍ରତି ସତର୍କ ରହିବାକୁ ଆପଣ ଗର୍ଜନ କରି ଉଠୁଥିଲେ । ଆପଣ ମଧୁବାରିଷ୍ଟର ଓ ଉତ୍କଳମଣି ଗୋପବଂଧୁଙ୍କ ମାର୍ଗରେ ଥିଲେ । (୮)

ଉଭୟ ଉତ୍କଳ ପ୍ରୀତି ଓ ଭାରତୀଭାବନାର ସମନ୍ୱିତ ରୂପ ମାନସିଂହଙ୍କ କବିତାରେ ଫୁଟି ଉଠିଛି । ସ୍ୱାଧୀନତା ସଂଗ୍ରାମ ପ୍ରତି ସେ ଅଙ୍ଗୀକାରବଦ୍ଧ । ଜାତି ଇତିହାସ ସ୍ରଷ୍ଟା । ଜାତୀୟବୀର ପୁରୁଷମାନଙ୍କର କୀର୍ତ୍ତିଗାଥାକୁ ସେ ଚମତ୍କାର କଳାରୂପ ପ୍ରଦାନ କରିଛନ୍ତି । ଏହି ଶ୍ରଦ୍ଧାଂଜଳି ତାଙ୍କ ସ୍ୱଦେଶ ପ୍ରେମର ପରିଚାୟକ । ମାନସିଂହ ସୃଷ୍ଟି ପ୍ରତିଭାର ଅନ୍ୟତମ ବିଶିଷ୍ଟ ଦିଗ ହେଉଛି ନାରୀକୁ ଏକ ମର୍ଯ୍ୟାଦାବନ୍ତ ସାମାଜିକ ସ୍ୱୀକୃତି ଦେବା । ଜାତିଗଠନ ପ୍ରକ୍ରିୟାରେ ନାରୀର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ସେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । ଉତ୍କଳର ବୀରା ନାରୀମାନଙ୍କର ଅଜସ୍ର କୀର୍ତ୍ତି 'ବାରବାଟୀ' ରେ ଯେପରି ଅଙ୍କିତ, ତାର ପଟାନ୍ତର ନାହିଁ । ମାତ୍ର ସମୟର କ୍ରୁର ଅଟ୍ଟହାସ୍ୟରେ ସେହି ବିଗତ ଅତୀତ ଆଜି କେବଳ ସ୍ମୃତିର ସଂଖାଳି ହୋଇ ରହିଛି । ଏକଦା ବାଣିଜ୍ୟ, ଯୁଦ୍ଧବିଦ୍ୟା, ଶିକ୍ଷା, କଳାସ୍ଥାପତ୍ୟ, ସାହିତ୍ୟ ସଂସ୍କୃତିର ସମୁନ୍ନତ ଉତ୍କଳ ଆଜି ଜରାଜୀର୍ଣ୍ଣ ପର ପଦାନତ-ଏହା କବିଙ୍କ ମନରେ ଅଶେଷ ଯନ୍ତ୍ରଣା ସୃଷ୍ଟି କରିଛି । ଯେଉଁ ଭୂଇଁର ବୀରାରମଣୀମାନଙ୍କର ଖଡ୍‌ଗ ଝଙ୍କାରରେ ଶତ୍ରୁର ହୃତକଂପ ସୃଷ୍ଟି ହେଉଥିଲା, ସେଇ ଓଡ଼ିଶା ତଥା ଭାରତ ପରାଧୀନତା ଶୃଙ୍ଖଳରେ ବନ୍ଦୀ-ଏହା କବି ପ୍ରାଣକୁ ମଥିତ କରିଛି । (୮)

> ଯଦି ଉତ୍କଳୀୟେ,
> ତୁମ୍ଭେ ସବୁ ଖଣ୍ଡାଇତେ, ପାଇକେ, ସାମନ୍ତେ
> ଏକ ହୋଇ କର କାର୍ଯ୍ୟ , ଭୁଲି ଆତ୍ମପର
> ଭୁଲି ନିଜ କ୍ଷୁଦ୍ର ସ୍ୱାର୍ଥ, ରଖ୍ ଚିତ୍ତେ ସଦା
> ଉତ୍କଳର ସ୍ୱାଧୀନତା, ଉତ୍କଳ ସମ୍ମାନ

୮- ମାନସିଂହ ପରିକ୍ରମା : ଗୁଣ ସୁମରି ହୁଅନ୍ତି ବିକଳ, ମହାପାତ୍ର ନୀଳମଣି ସାହୁ . ପୃ- ୧୪୦

Digitized by srujanika@gmail.com

ଜୀବନର ଶ୍ରେଷ୍ଠକୃତି ପ୍ରତ୍ୟେକ ଜୀବନେ
ନିଜ ସୁଖ ସ୍ୱାର୍ଥପାଇଁ ଉତ୍କଳ ସମ୍ମାନ
ବିକିବା ବିଦେଶୀ ହାତେ ଘୃଣ୍ୟ ଯଦି ଭାବ
କିଏ ସେ ଏ ପୁଣ୍ୟ ଦେଶେ କରିବ ରାଜତ୍ୱ
ତୁମ୍ଭପରେ, ତୁମ୍ଭ ନିଜ ଭାଇ ବଂଧୁ ଛଡ଼ା ?

(ଗ୍ରନ୍ଥାବଳୀ ପୃ-୨୨୪.)

ଭାରତର ରାଜନୈତିକ ସ୍ୱାଧୀନତା ସହିତ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ତାଙ୍କ ସୃଷ୍ଟିର ଲକ୍ଷ୍ୟ ହୋଇଛି । ଖାଣ୍ଟି ଓଡ଼ିଆ କବି ମାନସିଂହ ଓଡ଼ିଆ ପ୍ରାଣର ସକଳ ବିଭବ,ସୌନ୍ଦର୍ଯ୍ୟବୋଧ ଓ ମଂଗଳମୟ ଭବନାକୁ ମନୋଜ୍ଞ ରୀତିରେ ରସୋତ୍ତୀର୍ଣ୍ଣ କରାଇଛନ୍ତି ତାଙ୍କ ସୃଷ୍ଟି ସଂଭାରରେ । ସ୍ୱାଧୀନତା ସଂଗ୍ରାମ, ଭାରତୀୟ ଜାତୀୟ କଂଗ୍ରେସର ବିପ୍ଲବୀ ଭୂମିକାରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ, ଅହିଂସା, ସତ୍ୟାଗ୍ରହ ପ୍ରଭୃତି ରାଜନୈତିକ ଆଭିମୁଖ୍ୟ ତାଙ୍କ 'କମଳାୟନ' କାବ୍ୟର ସୃଷ୍ଟି ପ୍ରେରଣା ହେଲେ ହେଁ, ଏସବୁର କାନଭାସ ରୂପେ ସେ ଓଡ଼ିଶା ମାଟିକୁ ହିଁ ନିର୍ବାଚନ କରିଛନ୍ତି ।

''ଦେଶରେ ଉଠିଛି ପୁଣି ଗାନ୍ଧି-ଝଡ଼ବାୟୁ ।
ଅସହଯୋଗର-ଡ଼ାକେ ସ୍ଫୀତ ଜାତିସ୍ନାୟୁ ।
ତ୍ୟାଗମନ୍ତ୍ର, ଉତ୍ସାହର ବନ୍ୟା କିନ୍ତୁ ବହେ
ସ୍କୁଲ ଛାତ୍ର ଗାଳିଦିଏ ସମ୍ରାଟେ ନିର୍ଭୟେ
କଳ-ବମ୍ବେ ଗ୍ରାମେ ନଗ୍ରେ ହୁଏ ଅଗ୍ନ୍ୟୁତ୍ସବ
ଛାଡୁଛନ୍ତି କେହି କେହି ପଦବୀ, ବିଭବ ।

(କମଳାୟନ ଗ୍ରନ୍ଥାବଳୀ ପୃ ୨୩୧)

ସଂକୀର୍ଣ୍ଣ ପ୍ରାଦେଶିକ ସୀମା ସରହଦ ମଧ୍ୟରେ ତାଙ୍କ ଜାତୀୟତା ସୀମିତ ନୁହେଁ । ମହାଭାରତୀୟ ଜାତୀୟତା ବିପୁଳ ଉନ୍ମାଦନାରେ ଏହି ସ୍ରଷ୍ଟାମାନସକୁ ଅନୁପ୍ରେରିତ କରିଛି । ସାହିତ୍ୟର ସକଳ ବିଭାଗରେ ଲେଖନୀ ଚାଳନା କରି ଏକ ପ୍ରଚଣ୍ଡ ପ୍ରତିଭାଧର ଜ୍ୟୋତିପୁରୁଷ ରୂପରେ ସାରସ୍ୱତ ଆକାଶକୁ ଜ୍ୟୋତିର୍ମୟ କରି ପାରିଥିବା ପ୍ରୀତିପ୍ରବଣ ରୂପାନ୍ୱେଷୀ କବି ପ୍ରାଣରେ ବାସ୍ତବଧର୍ମୀ ଜାତୀୟଚେତନାର ପରିପ୍ରକାଶ ତାଙ୍କ ବହୁମୁଖୀ ପ୍ରତିଭାର ପରିଚାୟକ । କାବ୍ୟକବିତା, ନାଟକ ନାଟିକା, ଭ୍ରମଣ କାହାଣୀ, ଜୀବନୀ, ଉପନ୍ୟାସ, ସାହିତ୍ୟର ଇତିହାସ, ସମାଲୋଚନା, ପ୍ରବନ୍ଧ ପ୍ରଭୃତିରେ ତାଙ୍କ ଜାତୀୟବାଦୀ ସ୍ରଷ୍ଟାସ୍ୱର ବେଶ ଶାଣିତ ଓ ଗୁରୁ ଗମ୍ଭୀର । ଏପରିକି ଇଂରାଜୀ ଭାଷାରେ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରି, ସେ ବିଶ୍ୱ ଦରବାରରେ ଓଡ଼ିଆ ସାହିତ୍ୟର ସମୃଦ୍ଧ ପରଂପରା ଓ ବୈଶିଷ୍ଟ୍ୟ ପ୍ରତିପାଦନ କରିପାରିଛନ୍ତି । ଓଡ଼ିଶାର ସାଂସ୍କୃତିକ ଚେତନାର ପ୍ରମୂର୍ତ୍ତ ପ୍ରତୀକ ଜଗନ୍ନାଥ ସଂସ୍କୃତିର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ନିମନ୍ତେ ସେ ଇଂରାଜୀରେ ''Saga of the Land of Jagannath'' ପୁସ୍ତକ ରଚନା କରିଛନ୍ତି । ଏ ସବୁଥିରୁ ତାଙ୍କର ଅନ୍ତର୍ନିହିତ ସ୍ୱଦେଶାନୁରାଗ ପ୍ରତିପନ୍ନ ହୁଏ ।

Digitized by srujanika@gmail.com

ହେ ଉତ୍କଳ ବାସୀ ଉଠ, ଜାଗ୍ରତ ହୁଅ; ନିଜର ସ୍ୱାଧିକାର ଓ ଆତ୍ମମର୍ଯ୍ୟାଦାର ସୁରକ୍ଷା କର - ଏହାହିଁ ତାଙ୍କ ସୃଷ୍ଟିର ମର୍ମବାଣୀ ହୋଇଛି ।

ଉଠରେ ସୁପ୍ତଜାତି
ନିଦ୍ରାବିଭୋର ଦେଖିତୋ ପଡ଼ୋଶୀ
ନେବେ ତୋ ଅଂଗକାଟି''-ଉତ୍ତିଷ୍ଠ ଉତ୍କଳ

'ସେ ଦିନର କବିତା'ରେ ପ୍ରକାଶିତ ଅଧିକାଂଶ କବିତାରେ ଓଡ଼ିଶାର ସାମାଜିକ,ନୈତିକ, ଆଧ୍ୟାତ୍ମିକ, ଅର୍ଥନୈତିକ ଓ ରାଜନୈତିକ ସମସ୍ୟାର ପ୍ରାଣସ୍ପର୍ଶୀ ଚିତ୍ର ପ୍ରଦତ୍ତ ହୋଇଛି । କେତେକ ସ୍ଥଳରେ ଏହି କବିତା ଗୁଡ଼ିକ ଉଦ୍‌ବୋଧନମୂଳକ ହୋଇଛି ତ କେତେବେଳେ ଆତ୍ମଗ୍ଲାନିର ପୀଡ଼ାରେ ବେଦନାବିଧୂର ହୋଇଉଠିଛି । ନୀଳାଚଳ ପୀଠ ଓ ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀ ଜଗନ୍ନାଥ ତାଙ୍କ ଆଧ୍ୟାତ୍ମିକ ଚେତନାର ମୂଳ ଉତ୍ସ ହୋଇଥିବାରୁ ତାଙ୍କର ବହୁ କବିତାରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ମହାନତା ପ୍ରତିପାଦନର ନିଷ୍ଠାପର ପ୍ରୟାସ ପରିଲକ୍ଷିତ ହୋଇଥାଏ । କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସାହିତ୍ୟ, ସଂସ୍କୃତିରେ ଐଶ୍ୱର୍ଯ୍ୟଶାଳୀ ଓଡ଼ିଶାର ଅଧୋଗତି ତାଙ୍କ କବିମାନସକୁ ବ୍ୟଥିତ କରିଛି । ଅପରୂପା କୌଣାର୍କର ଭଗ୍ନଶିରୀକୁ ଦେଖି ସେ ସ୍ମରଣ କରିଛନ୍ତି ଉତ୍କଳୀୟ ଶିଳ୍ପୀର ଅଦ୍ୱିତୀୟ ସୃଜନବିଳାସକୁ

ବାରଶତ କବି କଳ୍ପନାରେ
ଜଗତର ବୁଦ୍ଧି ଅଜଣାରେ
ଅଜ୍ଞାତ ରହସ୍ୟମୟ, ଶଇଶବ ଯାପିତ ତୋହରି
ଯେଦିନ ଚକିତ ଦୃଷ୍ଟି ବିଶ୍ୱର ଗୋ ପଡ଼ିଲା ତୋ'ପରି ।
ଯୌବନ ଲାବଣ୍ୟଲୀଳା ଖେଳୁଅଛି ଅଂଗେ ଅଂଗେ ତବ
ଫୁଟି ଉଠେ ଦେହେ ସୁଲଳିତ ଅଂଗ ସଉଷ୍ଠବ
ମନ୍ତ୍ର ଶିଖି ଆସିଥିଲ ମନ-ଜୟ ମନର ସେପାରେ
ବାରଶତ କବି କଳ୍ପନାରେ । -କୋଣାର୍କ ।

ଓଡ଼ିଶାର ପ୍ରତ୍ୟେକଟି ଶିଳାଖଣ୍ଡରେ ଯେପରି ଅତୀତର ମହିମାମୟ କୀର୍ତ୍ତି ବିରାଜମାନ । ଏହି ପ୍ରତିଟି ଶିଳାଖଣ୍ଡରୁ ତାର ଆତ୍ମାର କରୁଣ ମର୍ମରକୁ ସେ କାନପାତି ଶୁଣିଛନ୍ତି । ଇତିହାସର ସମାଧିତଳୁ ଜାତିର ପ୍ରାଣ ସ୍ପନ୍ଦନକୁ ପୁନର୍ଜ୍ଜୀବିତ କରିବାର ପ୍ରୟାସ ପୋଷଣ କରିଛନ୍ତି । 'ଶିଳ୍ପୀ ବନ୍ଦନା', ମୁମୂର୍ଷୁ, ବାରବାଟୀ, କୋଣାର୍କରେ ମାଟି ପ୍ରତି ଗଭୀର ଆନୁଗତ୍ୟ ଓ ପ୍ରଗାଢ଼ ସ୍ୱଦେଶାନୁରାଗ ପ୍ରକଟିତ । 'ମାଟିବାଣୀ' କବିତା ସଂକଳନରେ ବିଶ୍ୱର ଅଦ୍ୱିତୀୟ ଶୋଭା ସୌନ୍ଦର୍ଯ୍ୟର ଅଧିକାରୀ ଉତ୍କଳର ଦୁରବସ୍ଥାପାଇଁ କବିଚିତ୍ତର ଆକୁଳତା ପ୍ରକାଶ ପାଇଛି । ଏଥିରେ ଭାବବିହ୍ୱଳ -ମୁଗ୍ଧ ଶିଳ୍ପୀପ୍ରାଣର ସୌନ୍ଦର୍ଯ୍ୟ ଚେତନା ସହିତ ଜାତୀୟ ଦୁର୍ଗତିରେ ମର୍ମାହତ ଦେଶପ୍ରେମୀ ଶିଳ୍ପୀସତ୍ତାର ସମାବେଶ ଘଟିଛି । କବି ହୃଦୟର ବେଦନାଶ୍ରୁର ନିରନ୍ତର ପ୍ରବାହ । ଶ୍ରାବଣୀ ବନ୍ୟା ପରି ଉଚ୍ଛ୍ୱାସମୟ ହୋଇଉଠିଛି ସେ ପ୍ରବାହ -

Digitized by srujanika@gmail.com

ଯାଇଛି ବିଶାଳରାଜ୍ୟ, ମାନ, ସ୍ୱାଧୀନତା
　　　　ରାଜନ୍ୟ ସମ୍ମାନ
　　　　ବୁଦ୍‌ବୁଦ ସମାନ
ସର୍ବଗ୍ରାସୀ ମହାକାଳ-ଲହରୀରେ ଭାସି,
　　　　ତୁମରି ସ୍ମୃତିଟି ମାତ୍ର
ଏ ଜାତିର ଅନ୍ତରେ ଅନ୍ତରେ
ଏ ଦେଶର କୋଟିଏ କଣ୍ଠରେ
ରାହୁମୁକ୍ତ ଶଶି ସମ କାଳଗର୍ଭୁ ଉଠଇ ପ୍ରକାଶି -ବାରବାଟୀ ।

'ଭାରତଗୀତି' ଓ 'ବାପୁତର୍ପଣ'ର ଅଧିକାଂଶ କବିତାରେ ଗାନ୍ଧୀବାଦପ୍ରତି ପ୍ରଗାଢ଼ ନିଷ୍ଠା ଓ ଆସ୍ଥା ପ୍ରକାଶ ପାଇଛି । ପରାଧୀନତାର ଅମା ଅନ୍ଧାରରେ ବାଟ ହୁଡ଼ିଥିବା ଜାତିକୁ ନୂତନ ଆଲୋକର ସଂଧାନ ଦେବାରେ ସେ ବ୍ରତୀ ହୋଇଛନ୍ତି । ଭବିଷ୍ୟତ ଭାରତବର୍ଷ ପାଇଁ କବିଚିତ୍ତ ସ୍ୱପ୍ନବିଭୋର ହୋଇଉଠିଛି । 'ରହଭାରତୀୟ', 'ଗୃହସଂସାର', 'ମାତୃଦ୍ରୋହୀ', 'ଜାନୁୟାରୀ ଛବିଶି',ରେ ତାଙ୍କର ବଳିଷ୍ଠ ସ୍ୱଦେଶ ପ୍ରେମ ଉତ୍‌କୀର୍ଣ୍ଣ । 'ବାପୁତର୍ପଣ' କବିତା ଗ୍ରନ୍ଥଟି ତାଙ୍କ ରାଜନୈତିକ ଭାବାଦର୍ଶର ସ୍ପଷ୍ଟ ରୂପରେଖ । ଗାନ୍ଧିଜୀଙ୍କୁ ସେ ଦୀନଦଳିତର ତ୍ରାଣକର୍ତ୍ତା ଅବତାର ପୁରୁଷ ରୂପେ ବର୍ଣ୍ଣନା କରିଛନ୍ତି । ଯୁଗେ ଯୁଗେ ଅଧର୍ମର ବିନାଶ ପାଇଁ ଓ ସୃଷ୍ଟିଧର୍ମର ସୁରକ୍ଷାପାଇଁ ଏପରି ଯୁଗାବତାରମାନଙ୍କର ଶୁଭ ଆବିର୍ଭାବ ଘଟିଥାଏ । ବୁଦ୍ଧ, ଯୀଶୁ, କୃଷ୍ଣ, ରସୁଲ ପ୍ରଭୃତିଙ୍କ ପରି ଗାନ୍ଧୀ ମଧ ସତ୍ୟ ଓ ଅହିଂସାର ପୁନଃ ପ୍ରତିଷ୍ଠା ନିମନ୍ତେ ଧରାବତରଣ କରିଛନ୍ତି ବୋଲି ସେ ମୁକ୍ତକଣ୍ଠରେ ଘୋଷଣା କରିଛନ୍ତି । 'ସଂକଳ୍ପ', ପ୍ରାଣର ବାପୁଜୀ', 'ନିର୍ମମ ଭଗବାନ','ଭାରତପୁତ୍ର', ମହାଯାତ୍ରା' ପ୍ରଭୃତିରେ କବିଙ୍କର ରାଜନୈତିକ ଭାବାଦର୍ଶ ପ୍ରକଟିତ । ସେ ଏକାନ୍ତ ଭାବରେ ଗାନ୍ଧୀଦର୍ଶନର ଅନୁରାଗୀ ଉପାସକ । (୯) (୧୦)

'କମଳାୟନ' ତାଙ୍କ କାବ୍ୟମାନସର କ୍ରମୋତ୍ତରଣର ଶୀର୍ଷାରୋହଣ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ସମସାମୟିକ ସମୟ ଓ ଜାତୀୟ ଜୀବନ ଏହାର ପୃଷ୍ଠଭୂମି । ମାନସିଂହ ସ୍ରଷ୍ଟାମାନସ କ୍ରମଶଃ ଉତ୍କଳୀୟ ଚେତନାରୁ ମହାଭାରତୀୟ ଜାତୀୟତା ଦେଇ ବିଶ୍ୱତୋମୁଖୀ

୯- ''ଭାରତ ହୋଇବ ପୁଣି ଅଗ୍ରଣୀ ବିଶ୍ୱର
ଜଗତ ଶୁଣିବ ତା'ର ବାଣୀ ଅନଶ୍ୱର
ଅଶୋକ କେତନ ତଳେ ନିଖିଳ ଜଗତ
ହିଂସା ଭୁଲି ପ୍ରେମେ ହେବ ଶାସିତ, ସଂହତ
ବାପୁଜୀ, ହେବାକୁ ତବ ସେ ସ୍ୱପ୍ନ ସଫଳ
ଉନ୍ମାଦିତ କରୁ ସର୍ବେ ଅଗଷ୍ଟ ପନ୍ଦର ।'' - ଅଗଷ୍ଟ ପନ୍ଦର, ଗ୍ରନ୍ଥାବଳୀ, ପୃ - ୨୮୭

୧୦- ''ବ୍ରାହ୍ମଣ ତମେ ଉପବୀତ ତବ
　　　　ଅୟୁତ ପ୍ରାଣର ଗହନ ବ୍ୟଥା
ପୁରୁଷୋତ୍ତମ ଜୀବନ ତମର
　　　　ବିରାଟ ଜାତିର ମରମ କଥା ।'' - ବାପୁତର୍ପଣ, ପୃ - ୨୬୧

Digitized by srujanika@gmail.com

ମାନବ ବାଦକୁ ଉତ୍ତୀର୍ଣ୍ଣ ହୋଇଛି । ଏଥିରେ ନିର୍ଦ୍ଦିଷ୍ଟ ସାମାଜିକ ଓ ରାଜନୈତିକ ସ୍ଲୋଗାନ ପରିବର୍ତ୍ତେ ମାନବଜାତିର ଚିରନ୍ତନ ସମସ୍ୟା ପ୍ରତି ଉନ୍ମୁଖତା ପ୍ରକାଶ ପାଇଛି । ଶାଶ୍ୱତ ମାନବିକ କରୁଣା ହିଁ 'କମଳାୟନ'ର କାଳଜୟୀବାର୍ତ୍ତା । 'କମଳାୟନ' ର ନାୟକ ନାୟିକା ତଥା ଅନ୍ୟାନ୍ୟ ଚରିତ୍ର ମାଧମରେ କବିଙ୍କର ସମାଜ-ରାଜନୈତିକ ଅନୁଜ୍ଞା, ସ୍ୱରାଜ ଆନ୍ଦୋଳନର ପୃଷ୍ଠଭୂମିରେ ମହାମାନବୀୟ ଚେତନାରେ ତେଜୋଦୀପ୍ତ ହୋଇଉଠିଛି । କବିଙ୍କ ଭାଷାରେ ''ଜୀବନରେ ଯାହା ମହତ୍, ଯାହା ସୁନ୍ଦର, ଯାହା ସତ୍ୟ ମୁଁ କେବଳ ତାହାର ହିଁ ଉପାସକ ଓ ଭକ୍ତ । କୌଣସି ଗୋଷ୍ଠୀ, ଦଳ ବା ଇଜ୍‌ମର ପ୍ରଚାରକରୂପେ ଠିଆ ହେବା ମୋର ସ୍ୱଭାବ ବିରୁଦ୍ଧ । ମୁଁ ମୋର 'କମଳାୟନ' କାବ୍ୟରେ ତାହାହିଁ ଦେଖାଇବାକୁ ଯାଇଛି ଯେ, ଦଳ ଓ ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ତାର ରାଜନୀତିକ ଦଳ ଛାଡ଼ି ବିରାଟ ମାନବଜାତି ସେବାରେ ବାହାରି ପଡ଼ିଛି । କୌଣସି ସ୍ଲୋଗାନ୍ ମଣିଷର କଲ୍ୟାଣ ଆଣିପାରିବ ନାହିଁ, ଯେପରି ଆଣିବ ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ ।'' (ମୁଁ କାହିଁକି ଲେଖେ) ଏହାହିଁ ବୋଧ ହୁଏ କବି ମାନସିଂହଙ୍କ ଜାତୀୟତାବାଦର ସର୍ବଶେଷ ଉଚ୍ଚାରଣ ।

Digitized by srujanika@gmail.com

ଡଃ ମାନସିଂହ : ଏକ ଅମଳିନ ବ୍ୟକ୍ତିତ୍ୱ

ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଡ଼କ୍ଟର ମାୟାଧର ମାନସିଂହ ଏକ ଅମଳିନ ବ୍ୟକ୍ତିତ୍ୱର ଅଧିକାରୀ । ବ୍ୟକ୍ତିର ବ୍ୟକ୍ତିତ୍ୱ ହିଁ ତାର ସର୍ବଶ୍ରେଷ୍ଠ ଅଳଙ୍କାର । ବିଶ୍ୱବିଦ୍ୟାଳୟ ର ବଡ଼ ବଡ଼ ଡ଼ିଗ୍ରୀ ସରକାରୀ ବେସରକାରୀ କ୍ଷେତ୍ରରେ ଉଚ୍ଚ ଉଚ୍ଚ ପଦପଦବୀ, ଧର୍ମାନୁଷ୍ଠାନରେ ପ୍ରତିଷ୍ଠିତ ପୁରୋଧା ବା ପ୍ରବକ୍ତା, ରାଜନୀତି କ୍ଷେତ୍ରରେ ପ୍ରବଳ ପରାକ୍ରମୀ ବ୍ୟକ୍ତିବିଶେଷ, ସମାଜ ସେବା କ୍ଷେତ୍ରରେ ବଡ଼ବଡ଼ ସାମାଜସେବୀଙ୍କୁ ଆମେ ନିତିଦିନ ଦେଖୁଥାଏଁ । ମାତ୍ର ଆଜି ସେମାନଙ୍କ ବ୍ୟକ୍ତିତ୍ୱରେ ଥିବା ପ୍ରଚଣ୍ଡ ଦୁର୍ବଳତାକୁ ବିଶ୍ଳେଷଣ କରି ସେମାନଙ୍କୁ କେବଳ କେତୋଟି ଦରକାରୀ ମୁହୂର୍ତ୍ତ ବ୍ୟତୀତ ଅନ୍ୟ ସମୟରେ ସ୍ମରଣରେ ମଧ୍ୟ ଆଣୁ ନଥାଏ । ସମାଜରେ ଏବଂବିଧ ପ୍ରତାରକ ଓ ଶଠଦଳ ସଂପ୍ରତି ସାହିତ୍ୟ କ୍ଷେତ୍ରରେ ବେଶ୍ ମାମଲତି ଆରମ୍ଭ କରିଦେଲେଣି । ସେଇ ଅବକାଶରେ ଓଡ଼ିଶାଦେଶ, ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପାଇଁ ଯେଉଁ ଅଳ୍ପ କେତେଜଣ ପ୍ରତିଭାବାନ୍ ବ୍ୟକ୍ତି ସେମାନଙ୍କ ବହୁମୁଖୀ ପ୍ରତିଭାର ସୌରରଶ୍ମିରେ, ଦେଶ ଜାତି ଓ ଭାଷାକୁ ଅକୃତ୍ରିମ ସେବାରେ ଭାସ୍ୱର କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଡ଼କ୍ଟର ମାୟାଧର ମାନସିଂହ ଅନ୍ୟତମ ।

ଡ଼ଃ ମାୟାଧର ମାନସିଂହଙ୍କର ବ୍ୟକ୍ତିତ୍ୱର ସର୍ବଶ୍ରେଷ୍ଠ ଦିଗଟି ହେଉଛି ସତ୍ୟ ପ୍ରତି ଆସକ୍ତି ବା ସତ୍ୟ ପ୍ରେମ । ସାଧାରଣ ଜୀବନଚର୍ଯ୍ୟାରେ ''ହିପୋକ୍ରାସୀ'' ତାଙ୍କଠାରେ ଆଦୌ ପ୍ରଭାବ ପକାଇ ପାରିନାହିଁ । ସେ ତାଙ୍କ ଜୀବଦ୍ଦଶାରେ ଅନେକଙ୍କଠାରୁ ଅସମ୍ମାନିତ ହୋଇଛନ୍ତି -ମାତ୍ର ନିର୍ଭୀକ ଚିତ୍ତରେ -ଯାହା ସେ ଠିକ୍ ବୋଲି ବିଚାରିଛନ୍ତି, ତାହା ହିଁ ସେ କରିଛନ୍ତି ଏବଂ ଲେଖିଛନ୍ତି । 'ମୁହଁ ଉପ୍ରୋଧି' ବା 'ଛଳନା' ତାଙ୍କ ବ୍ୟକ୍ତିତ୍ୱରେ ଆଦୌ ଛାୟାପାତ କରିନାହିଁ । ସେଥିପାଇଁ କେତେକ ସମାଲୋଚକ ତାଙ୍କୁ ''ଏକବାଗିଆ'' ମଣିଷ '' ବୋଲି କହିଥାନ୍ତି । ମାତ୍ର ବାସ୍ତବରେ ସେ ଜଣେ ସଚ୍ଚାସାଧକ ଓ ନିର୍ଭୀକ ସତ୍ୟଦ୍ରଷ୍ଟା ।

ମାନସିଂହଙ୍କ ବ୍ୟକ୍ତିତ୍ୱ ବହୁମୁଖୀ । ସେ କବି, ନାଟ୍ୟକାର , ସମାଲୋଚକ, ପ୍ରାବନ୍ଧିକ, ଜୀବନୀଲେଖକ, ଧର୍ମ ବ୍ୟାଖ୍ୟାକାର, ଦାର୍ଶନିକ-ଶିକ୍ଷକ ଓ ସର୍ବଶେଷରେ ଜଣେ ମାନବପ୍ରେମୀ ବିଦଗ୍ଧ ରସିକ ।

ସମଗ୍ର ମାନବଜାତି ପାଇଁ ତାଙ୍କ ହୃଦୟରେ ଅସରନ୍ତି ମମତା ଭରିରହିଥିଲା । ତେଣୁ ମାନବୀୟ ସକଳ ସଦ୍‌ଗୁଣ ଓ ବଦ୍‌ଗୁଣର ବିଚାର କରି ମହାତ୍ମା ଓ ଦୁରାତ୍ମାଙ୍କୁ ଚିହ୍ନି ଚିହ୍ନେଇବାରେ ସେ ପାରଙ୍ଗମ ଥିଲେ । ସେ ''ଗାନ୍ଧୀ '' ଏବଂ ''ଗୋପବଂଧୁ''ଙ୍କୁ ନିଜ ଜୀବନର ଆଦର୍ଶଭାବରେ ଗ୍ରହଣ କରିଥିଲେ । ଏ ଦୁହିଁଙ୍କ ବ୍ୟକ୍ତିତ୍ୱ ତାଙ୍କୁ ତୀବ୍ର ଆବେଗରେ ପ୍ରଭାବିତ କରିଥିଲା । ସେ ତାଙ୍କ 'କବି ଓ କବିତା' ପୁସ୍ତକରେ ଗୋପବଂଧୁଙ୍କ ସଂପର୍କରେ କହିବାକୁ ଯାଇ ''ମାନକବିତା'' ସଂପର୍କରେ ଏକ ସୁନ୍ଦର ଟିପ୍ପଣୀ ଛାଡ଼ି ଯାଇଅଛନ୍ତି-

Digitized by srujanika@gmail.com

ତାହାହେଉଛି ''ମାନବେତିହାସରେ ଯେତେ ପ୍ରକୃତ ଜନନାୟକଙ୍କର ଆବିର୍ଭାବ ଘଟିଛି ତା'ର ଚେର ଏଇ ମାନବିକତାରେ - **ଅର୍ଥାତ ମନୁଷ୍ୟର ମନୁଷ୍ୟକୁ ମନୁଷ୍ୟବୋଲି** ଦେଖିବାରେ । ଜଗତର ଯେତେ ଐତିହାସିକ ବିପ୍ଳବ, ସେ ସବୁର ଉତ୍‌ଥାନ ଘଟିଛି ଏହି ମାନବିକତାର ଅର୍ଥାତ ମନୁଷ୍ୟର ମନୁଷ୍ୟୋଚିତ ବ୍ୟବହାରର ଦାବିରୁ'' (୧) । ବୁଦ୍ଧ, ଗାନ୍ଧୀ ଓ ଲେନିନ୍ ପ୍ରମୁଖଙ୍କ ଜୀବନୀରେ ଏହି ପ୍ରଭାବର ପରକାଷ୍ଠା ସେମାନଙ୍କୁ ମହାତ୍ମା କରିଛି । ତେଣୁ-ବ୍ୟକ୍ତିତ୍ୱର ସକଳ ମହନୀୟତାର ମୂଳଉତ୍ସ, ମାନବପ୍ରେମ ବା ମାନବିକତା । ମାନସିଂହ ଯଥାସମ୍ଭବ ତାଙ୍କ ଜୀବନଚର୍ଯ୍ୟାରେ ଏହି ଧର୍ମରେ ପ୍ରଭାବିତ ହୋଇଅଛନ୍ତି ।

ମାନସିଂହଙ୍କ ପରଲୋକ ପ୍ରାପ୍ତିର ଅଳ୍ପକାଳ ପୂର୍ବରୁ, ଆକାଶବାଣୀ ସୌଜନ୍ୟରୁ ସେ କାହିଁକି ଲେଖନ୍ତି'' ବୋଲି ପ୍ରଶ୍ନ ହୋଇଥିଲା - ସେ ତା'ର ଉତ୍ତରରେ ଏହିପରି କହିଥିଲେ ''କୌଣସି ସ୍ଲୋଗାନ ମନୁଷ୍ୟର କଲ୍ୟାଣ ଆଣିପାରିବ ନାହିଁ । ଯେପରି ଆଣିବ, ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ । କବି ଓ ସାହିତ୍ୟିକ, ଗୋଷ୍ଠୀଭାବରେ ଓ ବ୍ୟକ୍ତିଗତଜୀବନରେ -ନିଃସ୍ୱାର୍ଥ ବିଶୁଦ୍ଧତା ପ୍ରଚାର କରିବା ଏକାନ୍ତ କର୍ତ୍ତବ୍ୟ । ଯେ ପର୍ଯ୍ୟନ୍ତ ମୁଁ ସ୍ୱାର୍ଥର ଉପରକୁ, ସାମାଜିକ ଓ ବ୍ୟକ୍ତିଗତ ଜୀବନର ନାନା କ୍ଷୁଦ୍ର ଲାଳସାର ଉପରକୁ ଉଠିପାରିନାହିଁ, ସେ ପର୍ଯ୍ୟନ୍ତ କେବଳ କୌଣସି ସ୍ଲୋଗାନ ଗାଇ କୌଣସି 'ଇଜିମ୍' ର 'ପଣ୍ଡା' ହୋଇ ଜନସାଧାରଣଙ୍କୁ ସେଇ ମତରେ ମତାଇବା ଏକାନ୍ତ ଗର୍ହିତ କର୍ମବୋଲି ମୋର ମତ । ବ୍ୟକ୍ତିର ସମାଜକୁ ପ୍ରଧାନତମ ଦାନ ହେଉଛି -ତାର ଅକଳୁଷ ଚରିତ୍ର, ଅନିନ୍ଦ୍ୟସାଧୁତା ଓ ସ୍ୱାର୍ଥଲେଶହୀନ ଉପଚିକିର୍ଷା । ଯେତେ 'ଇଜିମ', ଯେତେ ସ୍ଲୋଗାନ ତାହାସବୁ ଏ ପ୍ରକାର ଶୁଭ ନିଷ୍କଳଙ୍କ ବ୍ୟକ୍ତିତ୍ୱର ପଛକୁ । ତେଣୁ ହିଁ ମୁଁ ଗାନ୍ଧୀ, ଗୋପବଂଧୁଙ୍କର ସ୍ତାବକ । ମୁଁ ସେମାନଙ୍କ ଦଳରେ ନୁହେଁ - ବା ସେମାନଙ୍କର କର୍ମ ବା ଚିନ୍ତାରଧାରା ସମ୍ବନ୍ଧରେ ମୋର ମତାନ୍ଧତା ନାହିଁ । ଦରକାରବେଳେ ସେମାନଙ୍କର କର୍ମ ଓ ଚିନ୍ତାଧାରା'ର ସମାଲୋଚନା କରିଛି ଓ କରିପାରେ । କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ ନିକଟରେ ମୁଁ ନତମସ୍ତକ । କାରଣ ସେଇ ବ୍ୟକ୍ତିତ୍ୱ ଭିତରେ ହିଁ ମୁଁ ସତ୍ୟ-ଶିବ-ସୁନ୍ଦରର ବିକଚ ବିକାଶ ଦେଖିବାକୁ ପାଏ'' (୨) । ମାନସିଂହଙ୍କର ଏହି ଉକ୍ତି ହିଁ ସ୍ପଷ୍ଟ କରିଦିଏ ତାଙ୍କ ବ୍ୟକ୍ତିତ୍ୱର ପରିଧିଟିର ବିଶାଳତା ସଂପର୍କରେ ।

ସ୍ଲୋଗାନଧର୍ମୀ ସାହିତ୍ୟର ବହୁଳ ପ୍ରଚାର ଏବଂ ପ୍ରସାର ସାଂପ୍ରତିକ କାଳର ସାହିତ୍ୟିକମାନଙ୍କୁ ବହୁଭାବରେ ବିଡ଼ମ୍ବିତ କରିଅଛି । ଏହା ଖାଲି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୁହେଁ - ସମଗ୍ର ଭାରତୀୟ ତଥା ବିଶ୍ୱ ସାହିତ୍ୟକ୍ଷେତ୍ରରେ ମଧ୍ୟ ବଢ଼ିବଢ଼ି ଚାଲିଛି । ଏ ପ୍ରକାର ସାହିତ୍ୟ କେବଳ ବର୍ଷାକାଳର ବନ୍ୟାଜଳପରି ଭୟଙ୍କର ବନ୍ୟା ବିପ୍ଳାତ ସୃଷ୍ଟି କରୁଛିତ,

---

୧- କବି ଓ କବିତା - ଡ଼ଃ ମାୟାଧର ମାନସିଂହ, ପୃ - ୫୨୩
୨- ମାନସିଂହଙ୍କ ସୃଷ୍ଟି ସମୀକ୍ଷା - ମୁଁ କାହିଁକି ଲେଖେ - ଡଃ ମାନସିଂହ, ସମ୍ପାଦନା - ଅଃ. ରାଧାଶ୍ୟାମ ବେଉରା । ପ୍ରକାଶକ - ଓଡ଼ିଶା ବୁକ୍ ଷ୍ଟୋର୍, ପୃ - ୭

Digitized by srujanika@gmail.com

ପୁଣି ହଠାତ୍ ଶୂନ୍ୟଗର୍ଭା ନଦୀପରି ଶୁଷ୍କ ହୋଇପଡୁଛି । ଏଗୁଡ଼ିକର ସ୍ଥାୟିତ୍ୱ ଅଳ୍ପ କାଳସ୍ଥାୟୀ-ଅହଂକାରୀ ଶାସକର ଅହଂକାର ପରି ଏହା ଅଳ୍ପକାଳପାଇଁ ଦୁନିଆକୁ ହତଚକିତ କରିଦିଏ, ଆତସବାଜି ଖେଳପରି ପୁଣି ନିଶ୍ଚିହ୍ନ ହୋଇଯାଏ । ମାତ୍ର କାଳଜୟୀ ସାହିତ୍ୟରସ୍ୱର ସବୁକାଳରେ ସବୁସ୍ଥଳରେ ସବୁସ୍ଥାନରେ ପ୍ରାୟ ସମାନ । ଅର୍ଥ ବା ସାମାଜିକ ପ୍ରତିଷ୍ଠାକୁ ଆଖି ଆଗରେ ରଖିଯେଉଁମାନେ ସାହିତ୍ୟ ସୃଷ୍ଟି କରିଛନ୍ତି ବା କରୁଛନ୍ତି ସମୟ ସେମାନଙ୍କୁ ଭୁଲି ଯାଇଛି ଓ ଯିବ । ଏହା ଏକ ନିର୍ମମ ଏବଂ ନିଷ୍ଠୁର ସତ୍ୟ ।

ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା ବଚନବଦ୍ଧତା-ସତ୍ୟପ୍ରତି ପ୍ରଗାଢ଼ ଆନ୍ତରିକତା ଏବଂ ସର୍ବୋପରି ସମଗ୍ର ମାନବସମାଜ ଓ ପ୍ରାଣୀସମାଜ ପ୍ରତି ସମ୍ବେଦନଶୀଳତା ଏକ ବାସ୍ତବ ସାହିତ୍ୟିକର ପ୍ରଧାନ ଭୂଷଣ । ''ମୋ ଜୀବନ ପଛେ ନର୍କେପଡ଼ିଥାଉ, ଜଗତ ଉଦ୍ଧାର ହେଉ'' ଏହା ଖାଲି ଏକ ଭାକ୍ତିକ ପହଲି ନୁହେଁ -ଏହା ବାସ୍ତବରେ ଏକ ସଚ୍ଚା-ଶୁଦ୍ଧ-ପବିତ୍ର ହୃଦୟର ବିକଳ ପ୍ରତିଧ୍ୱନି, କବିର ମଣିଷ ସମାଜ ପ୍ରତି ଥିବା ଅନ୍ତରଂଗ ଅଙ୍ଗୀକାରବୋଧ ।

ସ୍ରଷ୍ଟା ସୃଷ୍ଟିକର୍ତ୍ତାଙ୍କର ପ୍ରତିରୂପ । ଅତଏବ ସେ ଯଦି ନିର୍ଭୀକ, ନିରପେକ୍ଷ ଓ ସତ୍ୟବାଦୀ ନ ହୁଏ ତେବେ ତାର ସୃଷ୍ଟିକର୍ମ ବ୍ୟର୍ଥ ହୋଇଯିବ । ବ୍ୟର୍ଥ ସୃଷ୍ଟି, ସମାଜରେ ବିଶୃଂଖଳା ସୃଷ୍ଟି କରିବ । ସମାଜ ବିଶୃଂଖଳହେଲେ ସାହିତ୍ୟ ଓ ସଂସ୍କୃତିର ଅବମୂଲ୍ୟାୟନ ଅବଶ୍ୟମ୍ଭାବୀ ହୋଇ ପଡ଼ିବ । ତେଣୁ ସଚେତନଶିଳ୍ପୀ ସର୍ବଦା ସତର୍କ ହୋଇ ତା'ର ସୃଷ୍ଟିକର୍ମରେ ମନୋନିବେଶ କରେ ।

ଓଡ଼ିଆ କାବ୍ୟ ପରଂପରାରେ ଡ଼କ୍ଟର ମାୟାଧର ମାନସିଂହ ସେହିପରି ଏକ ସଚେତନଶିଳ୍ପୀ । ନୂତନତାର ଉପାସକ ଏବଂ କଳା ଓ ସୌନ୍ଦର୍ଯ୍ୟର ଏକନିଷ୍ଠ ପୂଜାରୀ । ତାଙ୍କ କାବ୍ୟ ମନ୍ଦିରରେ ରୂପର ଦେବତା ବିଦ୍ୟମାନ । ସେ ସେଇ ରୂପଦେବତାର ଅର୍ଚ୍ଚନା ପାଇଁ କବିତାର ଅର୍ଘ୍ୟଦାନକରିଛନ୍ତି -ସୁଗନ୍ଧିତ ଧୂପରେ ରୂପଦେବତାଙ୍କୁ ମୋହାଚ୍ଛନ୍ନ କରିଛନ୍ତି ।

ଓଡ଼ିଆ କାବ୍ୟ ପରଂପରାରେ ପ୍ରେମାନୁଭବର, ପ୍ରେମ ଚିତ୍ରର ବର୍ଣ୍ଣନାର ଅନ୍ତନାହିଁ । ସାରଳାଙ୍କ ଠାରୁ ଆରମ୍ଭ କରି ସାଂପ୍ରତିକ କାଳର କବି-କଳାକାରମାନଙ୍କ ପର୍ଯ୍ୟନ୍ତ ପ୍ରେମର ସ୍ୱରୂପ ସଂଜ୍ଞା, ଆକାର-ପ୍ରକାର-ଅଧିକାର ସଂପର୍କରେ ଅନେକ କବି ବହୁ ଶ୍ରମ ଓ ସମୟ ବ୍ୟୟ କରିଛନ୍ତି । ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, ରାଧାନାଥ, ଗୋପବଂଧୁ, ନନ୍ଦକିଶୋର ଓ ଗୋଦାବରୀଶ ପ୍ରଭୃତିଙ୍କ ପରେ ମାନସିଂହଙ୍କ ସୃଷ୍ଟିସଂପଦ ପାଠକ ଆଖିରେ ଏକ ଅପୂର୍ବ ମାୟାଂଜନ ବୋଳିଦିଏ । ପାଠକ ମୁଗ୍ଧ ଏବଂ ଚକିତ ହୃଦୟରେ ସେଠି ନିମଜ୍ଜିଯାଏ । ସେ ମନେ କରେ ସତେଯେପରି ତା'ରି ମନର କଥା କବି କିପରି ଜାଣିପାରି ଆଗତୁରା ପ୍ରକାଶ କରିଦେଇଛନ୍ତି ।

Digitized by srujanika@gmail.com

ଇନ୍ଦ୍ରିୟଭୋଗ୍ୟ ଏବଂ ଇନ୍ଦ୍ରିୟାତୀତ ରୂପବର୍ଣ୍ଣନାରେ କବି ସିଦ୍ଧହସ୍ତ । ପ୍ରିୟଜନର ମିଳନ ଆକାଂକ୍ଷାରେ ପ୍ରିୟତମ ତା'ର ସବୁ କିଛି କରିପାରେ -ଯଥା

(୧) "ଯେ ପଥେ ପ୍ରିୟ ଆସୁଥିଲେ ମୋ ପାଶେ,
ଏ ଦେହ ମିଶିଯାଉ ସେ ପଥଘାସେ ।

(୨) ଏ ପଥ ତୀର୍ଥ ଜାଣ
ଏଇ ପଥେ ପରା ମିଶି ଯାଇ ଥିଲା
ଚୁମ୍ବନେ ଦୁଇ ପ୍ରାଣ "

(୩) "ଆରେ ପଥ ଘାସ ପ୍ରିୟାପଦ ପ୍ରାସ ପାଇବ
ନୋଇଁ ଦେବୁ ଶିର ପ୍ରିୟା ଯେବେ ପାଦ ଥୋଇବ

(୪) ନକୁହ ପୁରୁଣା ପୋଥି, ଏଥେ କିସ କହିଲା
ମୋ ନୟନେ ସେ'ତ ପରମ ପୂଜ୍ୟ ମହିଳା ।

(୫) ଦୁଇଟି ନୟନରେ ନ ଆସେ ତୃପ୍ତି
ଲକ୍ଷ ନୟନରେ ଚାହିଁବି
ଗୋଟିଏ ରସନାରେ ନପାଏ ମୁକ୍ତି ବଚନ,
ଆଉ ହେଲେ ଗାଇବି ।
ଦୁଇଟି ଭୁଜେ ଭିଡ଼ିସାରିଲେ ତାହାରେ
ମୁଗ୍‌ଧେ ଦେହ ଆଉ ଖୋଜଇ
ଅଧର ଯେତେ ପାନ କଲେ ହିଁ, ବିଳପି
ଅଗ୍ନି ପୁଣି ଓଠେ ଜାଗଇ ।
ଗୋଟିଏ ବକ୍ଷରେ ପୀରତି କଳାଏନି
ନିୟୁତ ବକ୍ଷ ମୁଁ ଚାହେଁ ଯେ
ତାହାରେ ଭାବିସବୁ ଭୁଲିବି ଭାଳେଣି
ମରିବି ତାର ଅବଗାହେ ଯେ ।"

ଏ ସମସ୍ତ ଦୃଷ୍ଟାନ୍ତରୁ କବି ମାନସିଂହଙ୍କ ରୂପତୃଷ୍ଣାର ସାମାନ୍ୟ ପରିଚୟ ମିଳିଥାଏ ମାତ୍ର । ଅତୀନ୍ଦ୍ରିୟ ଚେତନାରେ ନିମଜ୍ଜିତ କବି ପ୍ରାଣର ଭାବୋଚ୍ଛ୍ୱାସ ଏହାଠାରୁ ଆହୁରି ଅଧିକ ପ୍ରାଣବନ୍ତ-ହୃଦୟସ୍ପର୍ଶୀ ।

ପ୍ରେମ ନୁହେଁ ଦେହ-ଦେହୁଁ ଭୋଗ ଅନ୍ୱେଷଣ
ପ୍ରେମ, ଏକ ଆତ୍ମାପ୍ରତି ଅନ୍ୟର ବନ୍ଧନ
ପ୍ରେମ, ପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ
ପ୍ରେମ, ଆନପାଇଁ ଦେବା ନିଜକୁ ହଜାଇ
ନୈରାଶ୍ୟ, କଷଣ, ଅଶ୍ରୁ ସାଥୀ ପ୍ରଣୟର
ପ୍ରେମିକ ପ୍ରେମିକା ପୋଛେ ଅଶ୍ରୁ ଅନ୍ୟୋନ୍ୟର"

Digitized by srujanika@gmail.com

ଓଡ଼ିଆ ସାହିତ୍ୟର ପ୍ରେମର ସ୍ୱରୂପ ନିର୍ଦ୍ଧାରଣରେ ବାସ୍ତବରେ ଏହା ଏକ ଅମୂଲ୍ୟ ଦୃଷ୍ଟାନ୍ତ । ଦେହଭୋଗର ଲିପ୍‌ସାକୁ ପ୍ରେମ ନାମରେ ନାମିତ କରି ପ୍ରେମର ଅବମୂଲ୍ୟାୟନକୁ ସେ ବିରୋଧ କରିଛନ୍ତି । ସେ ଜାଣନ୍ତି ବିଶ୍ୱର ସବୁପ୍ରାଣୀ ଦେହର ଆକର୍ଷଣରେ ଆକର୍ଷିତ ହୁଅନ୍ତି । ତେଣୁ ଦେହଭୋଗ ଏବଂ ଇନ୍ଦ୍ରିୟ ସୁଖ ଏହା ଅତିସାଧାରଣ । ମାତ୍ର ତାର ଊର୍ଦ୍ଧ୍ୱକୁ ଆଉଏକ ମହତ୍ତର ସୋପାନ ରହିଛି । ସେଇ ସୋପାନର ପ୍ରେମାକାଙ୍କ୍ଷାକୁ ବାସ୍ତବରେ ବିଭୁପ୍ରେମ, ମାନବପ୍ରେମ ଓ ପ୍ରକୃତିପ୍ରେମ ରୂପରେ ଗ୍ରହଣ କରାଯାଇଥାଏ । ଏହା ଇତର ପ୍ରାଣୀଙ୍କ ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ । ଏହା କେବଳ ଚେତନଶିଳ୍ପୀର ଚେତନାରୁ ଉଦ୍‌ଭୂତ ହୋଇ ସମଧର୍ମା ଚେତନ ପାଠକଗୋଷ୍ଠୀକୁ ଆମୋଦିତ କରେ ।

ସତ୍‌କବି ମାତ୍ରେ ହିଁ ପରଦୁଃଖକାତର ଓ ସମ୍ବେଦନଶୀଳ, କବି ମାନସିଂହଙ୍କ କବିତାର ମୁଖ୍ୟ ସ୍ୱରଟି ଏହିପରି ଭାବ ବହନ କରି ତାଙ୍କୁ ଜଣେ ସମ୍ବେଦନଶୀଳ ମାନବବାଦୀ କବି ଭାବରେ ପ୍ରତିଷ୍ଠା ପ୍ରଦାନ କରିଅଛି । ସନ୍ଥକବି ଭୀମାଭୋଇ ଜଗତବାସୀଙ୍କ ଦୁଃଖରେ ଅଭିଭୂତ ହୋଇ କହିଥିଲେ -

''ପ୍ରାଣୀର ସମସ୍ତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ''

କବି ମାନସିଂହ ଠିକ୍ ଏଇ ମର୍ମରେ ଯନ୍ତ୍ରଣା ଜର୍ଜରିତ ପୀଡ଼ିତ ଆତ୍ମାର ଦୁଃଖମୋଚନ ପାଇଁ ଭଗବାନଙ୍କ ନିକଟରେ ନିଜର ବିନୀତ ପ୍ରାର୍ଥନା ଜଣାଇଛନ୍ତି -
ସେ କହନ୍ତି -

''ଦହ ପଛେ ଦାବ ଦହନେ
ମୋର ଚିତାରୁ ବାହାରୁ ଆଲୋକ''

ବା-

''ମୋର ଜୀବନ ଧୋଇଲ ଲୁହରେ
ମୋତେ ପୋତିଛ ରୁଦ୍ଧ କୋହରେ
ଅନ୍ୟ ମାଗୁଣି ନାହିଁ ନାଥ ତମ ପୟରେ
ଅର୍ଥ ଦିଅହେ ନିରର୍ଥ ଲୁହ ଦାହରେ ।

ପୁନଶ୍ଚ-

ନିବିଡ଼ ଦୁଃଖାନଳେ ଜଳି ମୁଁ ମରେ ପଛେ
ତୁମରି ଲୀଳା ପରକାଶୁ ହେ
ନିବିଡ଼ ନିରାଶାର ଅନ୍ତଭେଦି ପ୍ରଭୋ
ଗଭୀର ବିଶ୍ୱାସ ଆସୁହେ ।
କମ୍ପା-ମୋର ଏ ହୋମାନଳ ଦଗ୍ଧ ଚିତାଧୂଳି
ଲୋଡ଼ାରେ ତବ ହେଲେ ଆସୁହେ ।

Digitized by srujanika@gmail.com

ଅନ୍ତରଭରା ମିନତିରେ ସେ ବିଭୁବନ୍ଦନା କରିଛନ୍ତି - ନିଜର ସୁଖ ସୌଭାଗ୍ୟ ପାଇଁ ନୁହେଁ - ପ୍ରଭୁଙ୍କର ''ପ୍ରଭୁତ୍ୱର'' ବିକାଶ ପାଇଁ ଏବଂ-ପୀଡ଼ିତ ଆତ୍ମାର ସନ୍ତୋଷବିଧାନ ପାଇଁ । କବିଙ୍କର ସୃଷ୍ଟି ବୀଣାରେ-ମାନବପ୍ରେମ-ବିଭୁପ୍ରେମ ଓ ପ୍ରକୃତିପ୍ରେମର ଝଂକାର ବାସ୍ତବରେ ପାଠକ ପ୍ରାଣରେ ଅପୂର୍ବ ପୁଲକ ପ୍ରଦାନ କରେ ।

କବି ମାନସିଂହ, ସ୍କୁଲ ଜୀବନରୁ କୈଶୋରାବସ୍ଥାରୁ କବିତାର ପ୍ରେମରେ ପଡ଼ିଯାଇଥିଲେ । ଏହି ସମୟ ମଧ୍ୟରେ ତାଙ୍କର କାବ୍ୟନାୟିକା-'ଉପେକ୍ଷିତା','ଜେମା','ସାଧବଝିଅ' ଓ 'କମଳାୟନ' ପ୍ରଭୃତି ସୃଷ୍ଟି ହୋଇଥିଲା । ନୃତ୍ୟନାଟିକା ଭାବରେ 'ବାରବାଟୀ', 'ଦୁର୍ଭିକ୍ଷ', 'ରାଜକବି ଉପେନ୍ଦ୍ର' ଓ ପୂଜାରିଣୀ ପ୍ରଭୃତି ଅସରନ୍ତି ଶ୍ରଦ୍ଧା-ସମ୍ମାନ ଓ ପ୍ରତିଷ୍ଠା ପ୍ରଦାନରେ ସହାୟକ ହୋଇଥିଲେ । କବିତା ସଂକଳନମାନଙ୍କ ମଧ୍ୟରେ ''ଧୂପ'' ଥିଲା ସର୍ବାଗ୍ରରେ । ଏତଦ୍ ବ୍ୟତୀତ ହେମପୁଷ୍ପ, ହେମଶସ୍ୟ , କୋଣାର୍କ, ମାଟିବାଣୀ, ଜୀବନଚିତା ଓ ଅକ୍ଷତ ପ୍ରଭୃତି କବିତା ସଂକଳନଗୁଡ଼ିକରେ ଅନେକ ହୃଦୟସ୍ପର୍ଶୀ କବିତା ସ୍ଥାନ ପାଇଥିଲା ।

କବି ଜନ୍ମନିଏ-ମାତ୍ର ପ୍ରତିଭାର ଅବତାର ଘଟେ । ଏ ଉକ୍ତିଟି ମାନସିଂହଙ୍କ ପ୍ରତି ଅକ୍ଷରେ ଅକ୍ଷରେ ପ୍ରଯୁଜ୍ୟ । ସେ ଏକ ଅଭିଜାତ ଏବଂ ଅଭାବୀ ପରିବାରରୁ ଆସି ଥିବାରୁ, ତାଙ୍କୁ ଜୀବନଦୌଡ଼ରେ ନାନାଦି ଦୁଃଖ ଓ ଯନ୍ତ୍ରଣାର ସାମନା କରିବାକୁ ପଡ଼ିଥିଲା । ଛାତ୍ର ଜୀବନ ମଧ୍ୟ ଯନ୍ତ୍ରଣା ପୀଡ଼ିତଥିଲା । ସେ ୨୧ ବର୍ଷ ବୟସରେ ମେଟ୍ରିକ ପାଶ୍ କରିଥିଲେ ଏବଂ ତା'ପରେ ପରେ ଯଥା ସମୟରେ ଆଇ.ଏ , ବି.ଏ ଓ ଏମ୍.ଏ ପାଶ କରି ଜୀବନ ସଂଗ୍ରାମରେ ଝାସ ଦେଇଥିଲେ । ଏହି ସମୟରୁ ସେ ଜୀବନକୁ ଭିନ୍ନ ଭିନ୍ନ ରୂପରେ ଚିହ୍ନିବାକୁ ଶିଖିଲେ । ଅନୁଭବ ଓ ଅନୁଭୂତିରେ ପ୍ରାଜ୍ଞ ହେଲେ । କ୍ରମେ ପ୍ରତିଭାର ଶାଖା ବହୁମୁଖୀ ହେଲା-କାବ୍ୟ କବିତା ଓ ନୃତ୍ୟ ନାଟିକାରୁ ମନବଳିଲା । ପ୍ରବଂଧରେ, ସମାଲୋଚନାରେ, ଭ୍ରମଣ କାହାଣୀ ରଚନାରେ, ଆଦର୍ଶପୁରୁଷଙ୍କ ଜୀବନୀ ଲେଖିବାରେ ଏବଂ ସର୍ବୋପରି ସ୍ୱକୀୟମତକୁ ଜୀବନଦର୍ଶନକୁ ସାକାର ରୂପ ଦେବାରେ ସବୁଥିରେ ସେ ଯଶସ୍ୱୀ ହେଲେ । ତାଙ୍କ ରଚିତ ଓଡ଼ିଆ ସମାଜ ଓ ସାହିତ୍ୟ, ମାଟିର ମହାକବି ସାରଳାଦାସ, କବି ଓ କବିତା, ଶିକ୍ଷାବିତ୍‌ର ଗାଥା ଓ ଓଡ଼ିଆ ସାହିତ୍ୟର ଇତିହାସ ପ୍ରଭୃତି ଗଦ୍ୟସୃଷ୍ଟି, ତାଙ୍କ ପ୍ରଜ୍ଞା ଓ ପ୍ରତିଭାର ଏକ ଏକ ଉଜ୍ଜ୍ୱଳ ପ୍ରତିଫଳନ । ଯୁଗସ୍ରଷ୍ଟା, କଥା ଶିଳ୍ପୀ ଫକୀର ମୋହନଙ୍କ ଜୀବନର ଚରିତକୁ-ସେ ଏକ ମୁଗ୍ଧ ପାଠକ ଏବଂ ବିଦଗ୍ଧ ରସଗ୍ରାହୀ ଆଲୋଚକ ଭାବରେ ପୁନଃ ଆଲୋଚନା କରି ''ସରସ୍ୱତୀ ଫକୀରମୋହନ'' ନାମରେ ପୁସ୍ତକଟିଏ ରଚନା କରିଗଲେ । ନିଜ ଜନ୍ମଭୂମିର ଶ୍ରେଷ୍ଠକବି କାଳିଦାସଙ୍କ ସହ ଇଂରାଜୀ ସାହିତ୍ୟର ଶ୍ରେଷ୍ଠ ସ୍ରଷ୍ଟା ସେକ୍ସପିଅରଙ୍କ ଉପରେ ଏକ ତୁଳନାତ୍ମକ ନିବଂଧ ଲେଖି ସେ ପିଏଚ.ଡ଼ି. ଉପାଧି ପ୍ରାପ୍ତ ହୋଇଥିଲେ । ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ସଂପର୍କରେ ତାଙ୍କର ଅନ୍ୟ ଏକ ଶ୍ରେଷ୍ଠ କୃତୀ ''The Saga of the Land of Jagannath'' । ଜଣେ ଭ୍ରମଣକାରୀ ଭାବରେ ନିଜର ଅଭିଜ୍ଞତାକୁ ସେ ''ପଶ୍ଚିମ ପଥିକ'' ପୁସ୍ତକରେ ସ୍ଥାନିତ କରିଛନ୍ତି ।

Digitized by srujanika@gmail.com

ମାନସିଂହଙ୍କର ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ମହତ୍ତ୍ୱପୂର୍ଣ୍ଣ ଅବଦାନ ହେଉଛି -''ଗୀତା ମାହାତ୍ମ୍ୟ'' ଓ ''ସାର୍ବଜନୀନ ଗୀତା'' । ପୃଥିବୀର ସବୁ ବଡ଼ବଡ଼ ସଭ୍ୟତା-ମାନବୀୟ ଉଚ୍ଚତର ଜୀବନଚର୍ଯ୍ୟାରୁ ହିଁ ଖାଦ୍ୟ ଆହରଣ କରି ପରିପୁଷ୍ଟ ହୋଇ ଅଛି । ଆମ ଭାରତୀୟ ସଭ୍ୟତା ସଂପର୍କରେ ଏହି ସତ୍ୟ ପ୍ରମାଣିତ । ଶ୍ରୀମଦ୍ ଭଗବଦ୍ ଗୀତା-ଏ ସଂପର୍କରେ ଏକ ପ୍ରାମାଣିକ ଗ୍ରନ୍ଥ ।

ସ୍ୱର୍ଗତ ମାନସିଂହ, ଶ୍ରୀମଦ୍ ଭଗବଦ୍ ଗୀତାର ଜଣେ ଭିନ୍ନସ୍ୱାଦର ଟୀକାକାର । ସେ କହନ୍ତି-''ସକଳ ଅହଂଭାବ, ସକଳ ଅଭିମାନ ପରିତ୍ୟାଗ କରି , ନିଜକୁ ନିମ୍ନତମ ମନୁଷ୍ୟ ସହିତ ସମାନ ବୋଲି ମନେକରିବା ମାନବିକ ବ୍ୟକ୍ତିତ୍ୱର ସୁନ୍ଦରତମ ଓ ଚରମତମ ଅଭିବ୍ୟକ୍ତି । ଗୋଟିଏ କଥାରେ ଏହା ହିଁ ମାନବିକତା । ଗୀତାରେ ଏହି ପରମ ମାନବିକ ଆଦର୍ଶ ହିଁ ବାରମ୍ବାର ପ୍ରଖ୍ୟାପିତ ହୋଇଅଛି । ଚତୁର୍ଥ ଅଧ୍ୟାୟରେ ଜ୍ଞାନ ଓ କର୍ମର ଏକଲକ୍ଷ୍ୟତ୍ୱ ବୁଝାଇ ଗୀତାରେ ପ୍ରଶ୍ନ ହୋଇଛି ଯେ ଆଧ୍ୟାତ୍ମିକ ଜ୍ଞାନର ପରିସ୍ଫୁଟ ଉନ୍ମେଷ ହେଲେ ମନୁଷ୍ୟ କିପରି ଅନୁଭବ କରେ ? ଉତ୍ତରରେ କୁହାଯାଇଛି - ଯେନ ଭୂତାନ୍ୟ ଶେଷେଣ ଦ୍ରକ୍ଷସ୍ୟାତ୍ମନଥୋମୟି; ଅର୍ଥାତ୍ ଯେଉଁ ଜ୍ଞାନ ପାଇଲେ ଲୋକ ନିଃଶେଷ ପ୍ରକାରରେ ସକଳପ୍ରାଣୀଙ୍କୁ ହୁଏତ ନିଜଠାରେ ବା ମୋ'ଠାରେ (ଈଶ୍ୱରଙ୍କଠାରେ) ଥିବାର ଦେଖିବ ।(୩) ଗୀତାର ଏହି ମହାନ-ମର୍ମ ବାଣୀକୁ ଆଧାର କରି ହିଂସାରେ ବିଶ୍ୱାସୀ ଲେନିନ୍ ଓ ଅହିଂସାରେ ବିଶ୍ୱାସୀ ଗାନ୍ଧୀ -ଉଭୟେ ମହାମାନବ ।(୪)

ସାଧାରଣ ଜୀବନରେ ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଭାବ ଆମେ ଅନେକ ସମୟରେ ଲକ୍ଷ୍ୟ କରୁ । ତେଣୁ ଏହାକୁ ଖାଲି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମର ଧର୍ମଗ୍ରନ୍ଥ ଦ୍ୱାହି ଦେଇ-ଅନ୍ୟଧର୍ମାବଲମ୍ବୀ ସଚେତନ ମଣିଷ ଉପେକ୍ଷା କରିଯିବା ଉଚିତନୁହେଁ । କାରଣ ପ୍ରତ୍ୟେକ ମଣିଷର - ନିତିଦିନ ଜୀବନର ସମସ୍ୟାସଂକୁଳ ଅବସ୍ଥାର ସହଜ ସମାଧାନ ଗ୍ରନ୍ଥଟି ହେଉଛି - ଭଗବଦ୍ ଗୀତା ।

'ସରସ୍ୱତୀ ଫକୀରମୋହନ' ପୁସ୍ତକରେ ମାନସିଂହ ଫକୀରମୋହନଙ୍କୁ ଏକ ''ଜାତ ଶିକ୍ଷକ'' ଭାବରେ ଗ୍ରହଣ କରିଛନ୍ତି । କୈଶୋର ଅବସ୍ଥାରେ ପ୍ରାଇମେରୀ ସ୍କୁଲରେ ଶିକ୍ଷାଦାନ ସମୟରୁ-ଫକୀର ମୋହନ ନିଜର ଜାତୀୟ ସମସ୍ୟା ପ୍ରତି ସଚେତନ ହୋଇଛନ୍ତି । ସ୍କୁଲଗୃହରେ ଚାରିକାନ୍ଥ ଭିତରେ -ଆବଦ୍ଧ ଛାତ୍ରଙ୍କ ସଂଖ୍ୟା ତୁଳନାରେ ସହସ୍ର ସହସ୍ର ଗୁଣରେ ଅଧିକ ଅଶିକ୍ଷିତ ଦେଶବାସୀଙ୍କୁ କିପରି ଶିକ୍ଷିତ ଏବଂ ମାର୍ଜିତ କରିବାକୁ ହେବ-ସେଥିପାଇଁ ସେ ପ୍ରେସ ସ୍ଥାପନ କରି ପତ୍ରିକା ପ୍ରକାଶ କରି ଜନସଚେତନତା ସୃଷ୍ଟି କରିଛନ୍ତି । ଫକୀରମୋହନଙ୍କର ସମସ୍ତ ସାହିତ୍ୟ ସୃଷ୍ଟି ମାନବଜୀବନର ଉନ୍ନତି କଳ୍ପେ ପରିକଳ୍ପିତ ।

୩- କବି ଓ କବିତା - ଡଃ ମାୟାଧର ମାନସିଂହ: ପୃ ୫୨୩
୪- ଏକ୍ସ

Digitized by srujanika@gmail.com

ସ୍ରଷ୍ଟା ମାନସିଂହଙ୍କୁ ଏହି ଯୁକ୍ତିରେ 'ଜାତଶିକ୍ଷକ' ଭାବରେ ଗ୍ରହଣ କରାଯାଇ ପାରେ । ଜଣେ ଶ୍ରେଷ୍ଠଶିକ୍ଷକ ଏବଂ ପ୍ରଶାସକ ଭାବରେ -ତାଙ୍କର -ଅଭିଜ୍ଞତା ପ୍ରସୂତ ''ଶିକ୍ଷାବିତ୍‌ର ଗାଥା'' ଓ ''ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନ'' ପୁସ୍ତକ ଦୁଇଟି **ସତ୍‌ମଣିଷ** ସୃଷ୍ଟିପାଇଁ ବେଶ୍ ପ୍ରେରଣାଦାୟକ ।

ମାନବପ୍ରେମୀ କବି ମାନସିଂହଙ୍କର ପାର୍ଥିବ ଶରୀରର ଅବସାନ ଘଟିଛି ସତ, ମାତ୍ର ତାଙ୍କର ଭାବାଦର୍ଶର ମୃତ୍ୟୁ ହୋଇପାରେନାଁ । ସେ ସତ୍ୟର ଓ ସୌନ୍ଦର୍ଯ୍ୟର ଉପାସନା ପାଇଁ, ପୀଡ଼ିତ ମାନବାତ୍ମାର ମୁକ୍ତି ପାଇଁ ବାରମ୍ବାର ଏ ଧରା ବକ୍ଷକୁ ଅବତରଣ କରିବେ । ସେ ତେଣୁ କହିଛନ୍ତି -

''ଜୀବନେ ଜୀବନେ ଜନ୍ମି
ରକ୍ତ ମୋର ଦେଇ,
ମେଣ୍ଟିବି ମାନବ ଦୁଃଖ
କ୍ଷୁଣ ଅଂଗେ ନେଇ ''

କବିଙ୍କର ଏହି ଭାବାଦର୍ଶ ଓ ଜୀବନଦର୍ଶନ ସାଂପ୍ରତିକ ସ୍ରଷ୍ଟାମାନଙ୍କୁ ପ୍ରଭାବିତକରୁ ଏହା ହିଁ କାମନା ।

Digitized by srujanika@gmail.com

ମାନସିଂହଙ୍କ କବିତାରେ ପ୍ରଗତିଧର୍ମିତା

ଡକ୍ଟର ହରିହର କାନୁନ୍‌ଗୋ

ପ୍ରଗତିବାଦୀ କବି ମାୟାଧର ମାନସିଂହ (ଖ୍ରୀ: ୧୯୦୫-୧୯୭୩) ଙ୍କ କାବ୍ୟ ସୃଷ୍ଟିରେ ରହିଛି ପ୍ରେମ, ପ୍ରଣୟ, ସୌନ୍ଦର୍ଯ୍ୟ, ପ୍ରକୃତିପ୍ରୀତି, ମାନବଧର୍ମୀ ଓ ସମାଜବାଦ । ତାଙ୍କ କାବ୍ୟସୃଷ୍ଟିର ପ୍ରାଣ ହେଉଛି ରୋମାଣ୍ଟିକ୍ ଚେତନା । ଉତ୍କଳୀୟ ଓ ମହାଭାରତୀୟ ଭାବନା ତାଙ୍କ କାବ୍ୟ ସୃଷ୍ଟିକୁ କରିଛି ମହାନ୍ । ରାଧାନାଥୀ ରୂପପ୍ରାଣତା ଓ ସତ୍ୟବାଦୀର ଉଗ୍ରଜାତୀୟ ଆଭିମୁଖ୍ୟ ସମନ୍ୱିତ ହୋଇ ଏକ ଚମତ୍କାର କଳାତ୍ମକ ରୂପ ଗ୍ରହଣ କରିଛି ତାଙ୍କ କାବ୍ୟକବିତାରେ । ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଓ ଉଦାର ଧର୍ମୀ ପାଶ୍ଚାତ୍ୟ ସାହିତ୍ୟକୁ ଲୋକପ୍ରିୟ କରିଥିବା କବି ରାଧାନାଥଙ୍କ ଉଦ୍ଦେଶ୍ୟରେ ମାନସିଂହ ଲେଖିଛନ୍ତି-

''ଉତ୍କଳର ନଈ, ବଣେ, ହ୍ରଦେ, ଗିରିମାନେ
ଯେ ରୂପ ନ ଫୁଟି କାହା ଲେଖନୀର ଗାରେ
ଥିଲା ରହି ଯୁଗ ଯୁଗ ମଉନ ଅଭିମାନେ
ପୂଜାସେ ପାଇଲା, ରାଧାନାଥ, ତବଗାନେ । ''

(ରାଧାନାଥ-ମାନସିଂହ ଗ୍ରନ୍ଥାବଳୀ,ପ୍ରଥମ ଖଣ୍ଡ,୧୯୬୨,ଗ୍ରନ୍ଥମନ୍ଦିର, କଟକ-୨, ପୃ-୩୭୩)

ପାଶ୍ଚାତ୍ୟ ଚେତନାରେ ଭଲମନ୍ଦ- ଈଶ୍ୱର ଓ ସଇତାନ ସତ୍ତାର ବିଚାର କରି ପାଶ୍ଚାତ୍ୟ ଆଦର୍ଶରେ ଅନୁପ୍ରାଣିତ ହେଲେ ମଧ୍ୟ ପ୍ରାଚ୍ୟ ଚିନ୍ତାଧାରାରୁ ଦୂରେଇ ଯାଇନାହାନ୍ତି । ବରଂ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତାଧାରା ଭିତରେ ଏକ ଅପୂର୍ବ ସମନ୍ୱୟ ରକ୍ଷା କରିଛନ୍ତି । କାରଣ ଚେଷ୍ଟା ବା ଉଦ୍ୟମକଲେ ବିକାଶ ବା ପ୍ରଗତି ସମ୍ଭବପର । କବିଙ୍କ ଭାଷାରେ -

''ଚେଷ୍ଟା ଓ ବିକାଶ ଦୁଇ ସୃଷ୍ଟିର ନିୟମ
ଶିଶୁ ହୁଏ ମହାବୀର, ଅଜ୍ଞାନ ପଣ୍ଡିତ
ଦରିଦ୍ର ହୁଅଇ ପୁଣି ଧନିକ ପରମ
ତା ସମ ଜୀବନ ହୁଏ ସତ୍ତ୍ୱ-ବିଭୂଷିତ ।

(ପାନ୍ଥଗାଥା-ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ ପୃ-୩୦୦)

ଉକ୍ତ ପଙ୍‌କ୍ତିରୁ କବିଙ୍କର ବିକାଶ ଶୀଳ ମନୋଭାବର ସ୍ପଷ୍ଟ ସୂଚନା ମିଳେ । କଠୋର ପରିଶ୍ରମ, ଶୃଙ୍ଖଳା, ଦୃଢ଼ମନୋବଳ ଦ୍ୱାରା ବିକାଶ ଯେ ସମ୍ଭବ ତାହା କବିଙ୍କର ହୃଦ୍‌ବୋଧ ହୋଇଛି । ବିଭିନ୍ନ ସ୍ତରରେ ବ୍ୟକ୍ତିସତ୍ତାର ବିକାଶ ଘଟିଲେ ନବ ନବ ଚେତନାର ଉଦ୍‌ଗୀରଣ ହୁଏ । ସାମାଜିକ ପରମ୍ପରାର ଊର୍ଦ୍ଧ୍ୱରେ କିମ୍ୱା ନୂଆ ଢାଞ୍ଚାରେ ଯେଉଁ ଚେତନାର ପ୍ରତିଫଳନ

Digitized by srujanika@gmail.com

ହୁଏ, ତାହାହିଁ ପ୍ରଗତି ଧର୍ମୀତା । ପ୍ରଗତିଧର୍ମୀତାର ମୂଳରୂପ ହେଉଛି ସାମ୍ୟବାଦ ବା ସମାଜବାଦ । ଏହି ଆଦର୍ଶ ଓ ଚିନ୍ତାଧାରା ଭାରତ ବର୍ଷରେ ପ୍ରସାର ଲାଭ କଲା ୧୯୩୨ରେ । ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ଉପରେ ଏହି ଚେତନା ଜନ୍ମନେଲା । ୧୯୩୪ରେ ଓଡ଼ିଶାରେ ଗଢ଼ିଉଠିଲା ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀସଂଘ । ଶ୍ରେଣୀ ଚୈତନ୍ୟ ଜାଗ୍ରତ ସାମ୍ୟବାଦୀ ଚେତନାର ଥିଲା ଆଭିମୁଖ୍ୟ । ଓଡ଼ିଶାରେ ମାର୍କସବାଦୀ ଚିନ୍ତାଧାରାକୁ ନେଇ ଗଠିତ ହେଲା ''ନବଯୁଗ ସାହିତ୍ୟ ସଂସଦ'' । ତାର ଉଦ୍ଦେଶ୍ୟଥିଲା ସଂକୀର୍ଣ୍ଣତା, କୂପମଣ୍ଡୁକତା ଓ ପରମ୍ପରାର ଗଡ୍ଡାଳିକା ପ୍ରବାହରୁ ସାହିତ୍ୟକୁ ମୁକ୍ତିଦେଇ ସେଥିରେ ନୂତନତା ସଂଚାରକରିବା । ଓଡ଼ିଆ ସାହିତ୍ୟକୁ ବିଶ୍ୱର ପ୍ରଗତିଶୀଳ ଚିନ୍ତାଚେତନା ପ୍ରତି ଉନ୍ମୁଖ କରାଇ ସେଥିରେ ନୂତନ ପ୍ରାଣ ଶକ୍ତି ଭରିଦେବା । ୧୯୩୬ ମେ'ମାସରେ କମ୍ରେଡ଼ ଭଗବତୀ ପାଣିଗ୍ରାହୀଙ୍କ ସମ୍ପାଦନାରେ ପ୍ରକାଶ ପାଇଲା 'ଆଧୁନିକ' । କାଳକ୍ରମେ ସାମାଜିକ ଓ ସାଂସ୍କୃତିକ ବିବର୍ତ୍ତନ ଓଡ଼ିଶାରେ ଘଟିଲା -ଜନଜାଗରଣ ସୃଷ୍ଟିହେଲା । ଯୁଗ ପରିବର୍ତ୍ତନର ସ୍ୱର ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ମୁଣ୍ଡଟେକିଲା । ଏହି ନୂଆ ସ୍ୱର ସମାଜର ପ୍ରଗତି ପାଇଁ ଖୋରାକ ଯୋଗାଇଲା । ଦଳିତ, ନିଷ୍ପେଷିତ, ଶୋଷିତ ଜନତାକୁ ସଚେତନ କରାଇ ଏକ ଶାଣିତ ବୈପ୍ଳବିକ ମୂଲ୍ୟବୋଧ ସମାଜରେ ପ୍ରତିଷ୍ଠିତ ହେବାକୁ ଲାଗିଲା ।

ଗୋପବନ୍ଧୁ ଦାସ ଓ ଭଗବତୀ ପାଣିଗ୍ରହୀ ଓଡ଼ିଶା ଇତିହାସର ଦୁଇଟି ଭିନ୍ନ ଯୁଗପୁରୁଷ । ଗୋପବନ୍ଧୁ ଦଳିତ ପୀଡ଼ିତଙ୍କ ପାଇଁ ପ୍ରାଣୋତ୍ସର୍ଗ କଲାବେଳେ, ଭଗବତୀ ଦଳିତ ମାନବର ସେବା ସଂଗେ ଶୋଷଣର ଅବସାନ ପାଇଁ ସଂଗଠନ କରି ବିଦ୍ରୋହର ଡ଼ାକରା ଦେଇଛନ୍ତି । ଗୋପବନ୍ଧୁ ମାନବବାଦର ପ୍ରତିଷ୍ଠା ପାଇଁ ସାଧନା କଲାବେଳେ, ଭଗବତୀଙ୍କର ସାଧନା ଥିଲା ସାମ୍ୟବାଦର ପ୍ରବର୍ତ୍ତନ । ଜଣେ ସତ୍ୟବାଦୀ ଯୁଗର ତ ଆଉଜଣେ ପ୍ରଗତିବାଦୀ ଯୁଗର ସ୍ରଷ୍ଟା । ଉଭୟ ସଂଗଠକ, ପ୍ରଚାରକ, ସଂସ୍କାରକ ଓ ବିପ୍ଳବୀ । ଏ ଉଭୟ ଜନନାୟକଙ୍କ ଆଦର୍ଶର ପ୍ରଭାବ କବି ମାନସିଂହଙ୍କ ଉପରେ ପଡ଼ିଥିଲା । ଭଗବତୀ ପାଣିଗ୍ରାହୀ ଥିଲେ ଓଡ଼ିଆ ପ୍ରଗତିବାଦୀ ସାହିତ୍ୟର ପ୍ରତିଷ୍ଠାତା । ଭଗବତୀ ଚରଣଙ୍କ 'ଝଡ଼' ଓ 'ଶିକାର' ଗଳ୍ପରେ ରୋମାଣ୍ଟିକ ଓ ମାନବତାଧର୍ମୀ ଚେତନାର ପ୍ରତିଫଳନ ଘଟିଛି ମାନସିଂହଙ୍କ କବିତା ସୃଷ୍ଟିରେ । ଓଡ଼ିଶାରେ ସାମନ୍ତବାଦୀ ଶୋଷଣ ବିରୁଦ୍ଧରେ ଭଗବତୀ ଚରଣ ବିଭିନ୍ନ ଆନ୍ଦୋଳନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିପାରିଥିଲେ ।

କବି ମାନସିଂହଙ୍କର ସାମ୍ୟବାଦୀ ଚିନ୍ତାଧାରା କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ନୁହେଁ । ବରଂ ସମଗ୍ର ପୃଥିବୀର ଏଇ ଅବହେଳିତ ଶ୍ରେଣୀ ପ୍ରତି ଏ ସ୍ୱର ଉଚ୍ଚାରିତ । ସମାଜରେ ଭରି ରହିଥିବା ସର୍ବହରା, ଶ୍ରମିକ, ମୂଲିଆ, ଚାଷୀଭାଇମାନଙ୍କୁ ଏକଯୁଟ କରି ସେମାନଙ୍କ ନ୍ୟାଯ୍ୟଦାବୀ ହାସଲ କରିବା ପାଇଁ କବିଙ୍କର ଆହ୍ୱାନ ବେଶ୍ ସ୍ପଷ୍ଟ । ତାଙ୍କ କବିତାରେ ମାର୍କସ ପ୍ରବର୍ତ୍ତିତ ସାମ୍ୟବାଦ ଦର୍ଶନର ସ୍ୱର ଝଙ୍କୃତ । କବି ମାନସିଂହ ତାଙ୍କର ବଳିଷ୍ଠ ସଖା ଭଗବତୀ

Digitized by srujanika@gmail.com

ଚରଣ ପାଣିଗ୍ରାହୀ, ନବକୃଷ୍ଣ ଚୌଧୁରୀ ଓ ସାରଙ୍ଗଧର ଦାସ ଆଦି କଂଗ୍ରେସ ସୋସାଲିଷ୍ଟ ଫୋରମ୍‌ର ସ୍ରଷ୍ଟା ମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇଛନ୍ତି । ସେତେବେଳେ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇନାହିଁ । ପରବର୍ତ୍ତୀ କାଳରେ ଏଇ କଂଗ୍ରେସ ସୋସାଲିଷ୍ଟ ଫୋରମ ମଧ୍ୟରୁ ଜନ୍ମ ନେଇଛି କମ୍ୟୁନିଷ୍ଟ ପାର୍ଟି ।

ସାମ୍ୟବାଦ ଚେତନାର ପ୍ରତୀକ ଏବଂ ମାନସିଂହଙ୍କ ଅନ୍ତରଂଗ ସଖା ଭଗବତୀ ଚରଣ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ରଚିତ 'ବନ୍ଧୁ ବିୟୋଗ' ଏବଂ 'ହେ ବନ୍ଧୁ' କବିଙ୍କ ପ୍ରଗତିବାଦୀ ଚେତନାର ଗୋଟିଏ ଗୋଟିଏ ଜ୍ୱଳନ୍ତ ନିଦର୍ଶନ । ସଖା ଭଗବତୀ ଚରଣଙ୍କ ଉଦ୍ଦେଶ୍ୟରେ ଭାବବିହ୍ୱଳ ହୋଇ କବି ଗାଇଛନ୍ତି -

''ଭାବିଥିଲି କେବେ ହେଲେ ସରିଥାନ୍ତା ପର।
ଜୀବନ-ଜଞ୍ଜାଳ ପୁଣି 'ପ୍ରଗତି'ର ଦଳ
ମିଳିମତେ ପୂର୍ବପରି କରନ୍ତେ ଟାପରା;
ତମେ କରିଥାନ୍ତ ଚର୍ଚ୍ଚା ଆମ ସଭିଙ୍କର
(ବନ୍ଧୁ ବିୟୋଗ-ମାନସିଂହ ଗ୍ରନ୍ଥାବଳୀ, ପ୍ରଥମ ଖଣ୍ଡ, ପୃ-୩୬୫)
X X X X X
''କରେଁ ବା ନ କରେଁ
ଦଳିତର ସେବାଠୁଁ କି ସେ ଆନନ୍ଦ ବଳେ?
ସବୁ ଦୁଃଖ ଫିଙ୍ଗି ଦେଇ ଦୁର୍ଗତଙ୍କ ପାଇଁ
ଯେ ସାଧନା କରୁଥିଲ ନିଜ ରକ୍ତ ଖାଇ,
ସେ ବ୍ରତର ଉଦ୍‌ଯାପନ ହୋଇଛି କି ବନ୍ଧୁ ?
ଖସିଛି କି ଅତୀତର ବୋଝ ଶୂଦ୍ର-ସ୍କନ୍ଧୁ ?
ହେ ବ୍ରାହ୍ମଣ, ଶୂଦ୍ର ଲାଗି ଫିଙ୍ଗି ଉପବୀତ,
ହୋଇଥିଲ ଯେ ଆଦର୍ଶ ସାଥେ ପରିଣୀତ'' ।
(ହେ ବନ୍ଧୁ-ମାନସିଂହ ଗ୍ରନ୍ଥାବଳୀ, ପ୍ରଥମ ଖଣ୍ଡ, ପୃ ୩୬୭)

ଏଥିରୁ କବିଙ୍କର ଆଧୁନିକ ସମାଜବାଦୀ ଚେତନା ଓ ଶୋଷଣ ହୀନ ଦୁଃସ୍ଥ ସମାଜର ପରିକଳ୍ପନା ଅନୁଭୂତ ହୁଏ । ବିପ୍ଳବର ବାର୍ତ୍ତାବହ ଭଗବତୀଚରଣଙ୍କ ସଂପର୍କରେ ଡ଼କ୍‌ଟର ମାନସିଂହ ମତ ଦେଇଛନ୍ତି, ''ସେ ଥିଲେ ବାହାରକୁ ନିରୀହ , ନିରହଂକାର, ଆସ୍ଫାଳନହୀନ ଏକ ତରୁଣ, ଯାହାଙ୍କର ଅନ୍ତର ଥିଲା ସଂସ୍କୃତିର ନିର୍ଯ୍ୟାସରେ ଭରା । ତାଙ୍କ ବାଣୀରେ ନଥିଲା କୌଣସି ପ୍ରକାର ଅସ୍ୱଚ୍ଛତା କି ନଥିଲା ତାଙ୍କଠି କୌଣସି ପ୍ରକାର ଛଦ୍ମତା ବା କୌଣସି ଅଯଥାର୍ଥ ଦାବୀର ପ୍ରୟାସ ।''(ମାନସିଂହ, ମାୟାଧର -ଓଡ଼ିଆ ସାହିତ୍ୟର ଇତିହାସ, ଗ୍ରନ୍ଥମନ୍ଦିର ୧୯୯୦, ପୃ-୩୦୧) ଉତ୍ସର୍ଗୀକୃତ ପ୍ରାଣନେଇ ସମାଜବାଦକୁ ଆପଣାର ଜୀବନଦର୍ଶନ ଭାବେ ଗ୍ରହଣ କରିନେଇଛନ୍ତି ଭଗବତୀଚରଣ । ତେଣୁ ସେ ସମାଜବାଦୀ ବିପ୍ଳବର ଦିଶାରୀ ।

Digitized by srujanika@gmail.com

ଜାତୀୟବାଦୀ ଚେତନା :

କବି ମାନସିଂହଙ୍କ ଜାତୀୟ ବାଦୀ ଚିନ୍ତାଚେତନା ଭିତରେ ରହିଛି ପ୍ରଗତିଧର୍ମିତା । 'ମହାନଦୀରେ ଜ୍ୟୋତ୍ସ୍ନା ବିହାର', 'ମା ଓଡ଼ିଆ', 'ଉତ୍ତିଷ୍ଠଉତ୍କଳ','ବନ୍ଦେ ଉତ୍କଳ ଜନନୀ' ଆଦି କବିତାରେ କବିଙ୍କ ଉତ୍କଳୀୟ ପ୍ରୀତିର ନିଦର୍ଶନ ଦେଖିବାକୁ ମିଳେ । ଅତୀତର ବୀରତ୍ୱ ଗାଥାକୁ ଝୁରି ବର୍ତ୍ତମାନ ଜୀବନକୁ ପଙ୍ଗୁ କରିଦେଲେ ଜାତିର ପ୍ରଗତି ହୋଇପାରିବ ନାହିଁ । ଓଡ଼ିଆମାନଙ୍କ ଭୀରୁତା ଓ ଅଧଃପତନକୁ ଲକ୍ଷ୍ୟ କରି କବି ମାନସିଂହ ଦୁଃଖ ପ୍ରକାଶ କରିଛନ୍ତି-

''ହାୟଲୋ ଉତ୍କଳଭୂମି ! ପ୍ରକୃତି ସୁନ୍ଦର
ମନ୍ଦାକିନୀ ସମ ନଦୀ, ଶିବ ସମ ଗିରି
କାନନେ, କେଦାରେ ଲକ୍ଷ ଶୋଭାର ବହର
ଥାଉଁ ତୋର କହ କିପାଁ ଏତେ ହତଶିରୀ ?''
(ମହାନଦୀରେ ଜ୍ୟୋତ୍ସ୍ନା ବିହାର, ମାନସିଂହ ଗ୍ରନ୍ଥାବଳୀ,ପୃ-୩୧୩)

ରାଧାନାଥଙ୍କ ପରି ପ୍ରକୃତିର ରୂପ ଆସ୍ୱାଦନ କରୁକରୁ ସେ ଜାତୀୟ ଅତୀତ ଆଡ଼କୁ ଦୃଷ୍ଟି ନିକ୍ଷେପ କରିଛନ୍ତି । ଗଙ୍ଗ ବଂଶର କୀର୍ତ୍ତିରାଜି ଓ ଖାରବେଳଙ୍କ ବୀରତ୍ୱର ଉତ୍ତରାଧିକାରୀ ଓଡ଼ିଶାର ସାଂପ୍ରତିକ ଦୁରବସ୍ଥାରେ ସେ ଆହତ ହୋଇଛନ୍ତି । ଏ ଜାତିର ଅତୀତର ଗାରିମାମୟ ଅଧ୍ୟାୟ ଆଜି ସ୍ୱପ୍ନ ଭଳି ମନେ ହେଉଛି । ବୀର ଓଡ଼ିଆ ଆପଣାର ବୀରତ୍ୱ ବଳରେ ଗଂଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିଥିଲା । ସେ ବୀରତ୍ୱ ଆଜି ଆଉ ନାହିଁ । ନିଜ ଗୋଡ଼ରେ ନିଜେ ଠିଆ ହୋଇ ଆପଣାର ସଂସ୍କୃତି, ଇତିହାସ ଓ ପରଂପରାକୁ ବଞ୍ଚାଇ ରଖି ପାରୁନାହିଁ । ଏ ଜାତିର ହୀନମନ୍ୟତା ପାଇଁ କବି ଗଭୀର ଦୁଃଖ ପ୍ରକାଶ କରି ଯୁବ ସମାଜକୁ ସଚେତନ ରହିବା ପାଇଁ ଆହ୍ୱାନ କରିଛନ୍ତି-

'କେଶରୀ ରକ୍ତ ଆଜି ମିଶେ ଯଦି
ଧରଇ ତୋହର ଛାତି
ହଲା ତୋ କେଶର, ନିଦ୍ରା ତିଆଗି
ସୁପ୍ତ ଓଡ଼ିଆ ଜାତି ।
କାପୁରୁଷ ପରି ଦେଖିଲୁ ନେବାର
ଏକେ ଏକେ ପ୍ରତିବାସୀ
ପୈତୃକ ଭୂମି, ଦୁର୍ବଳ ଦେଖି
ଶାସିଲେ ଭିନ୍ନ ଭାଷୀ ।
ଉଠରେ ସୁପ୍ତ ଜାତି,
ନିଦ୍ରା ବିଭୋର ଦେଖି ତୋ ପଡ଼ୋଶୀ,
ନେବେ ତୋ ଅଂଗ କାଟି ।
(ଉତ୍ତିଷ୍ଠ ଉତ୍କଳ, ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ ପୃ-୩୭୦,୩୭୧)

Digitized by srujanika@gmail.com

ମନୁଷ୍ୟ ଜୀବନ ଏତେ ହୀନ ନୁହେଁ । କାପୁରୁଷତା ମନୁଷ୍ୟର ପ୍ରାଣ ନୁହେଁ । ରାଜା ଓ ରାଜ୍ୟ ଚାଲିଗଲେବି ଚାଲିଯାଇନି ମଣିଷର ମାନବିକତା ଓ ବ୍ୟକ୍ତିତ୍ୱ । ଆଜି ସେ ଗୁଡ଼ିକ ଇତିହାସ ହେଲେ ବି ବର୍ତ୍ତମାନକୁ ନେଇ ବଞ୍ଚିବାକୁ ପଡ଼ିବ । ବ୍ୟକ୍ତି ସତ୍ତା ବଦଳିଲେ ପରିବାର ବଦଳିଯିବ-ସମାଜ ଆପେ ଆପେ ପ୍ରଗତି ପଥରେ ଗତିକରିବ । ଗଭୀର ନିଦ୍ରାରେ ମଗ୍ନ ସୁପ୍ତ ଓଡ଼ିଆ ଜାତିର ପ୍ରାଣରେ ଆଶାର ସଞ୍ଚାର କରିଛନ୍ତି । ଐକ୍ୟବଦ୍ଧ ରହି ଉଗ୍ର ଜାତୀୟତାଭାବର ସୃଷ୍ଟି ନିମନ୍ତେ ସମଗ୍ର ଓଡ଼ିଆ ଜାତିକୁ ଆହ୍ୱାନ କରିଛନ୍ତି । ଜାତି ଜାଗ୍ରତ ରହିଲେ-ଜାତିର ପ୍ରଗତି ଆପେ ଆପେ ମୁଣ୍ଡ ଟେକିବ । ସଂକୀର୍ଣ୍ଣ ଭେଦଭାବ ଭୁଲି ଗଂଜାମ ଠାରୁ ସମ୍ବଲପୁର ପର୍ଯ୍ୟନ୍ତ, ସିଂହଭୂମି ଠାରୁ ଜୟପୁର ପର୍ଯ୍ୟନ୍ତ ସବୁ ଓଡ଼ିଆ ଏକଜୁଟ ହୋଇ ଜାତୀୟ ମହାସ୍ରୋତରେ ସାମିଲ ହେବା ପାଇଁ କବି ଆହ୍ୱାନ କରିଛନ୍ତି-

ସାରାଦେଶେ ଉଠୁ ରୋଳ
ହାତଧରାଧରି ଠିଆ ହୋଇ ଥରେ
ଜୟ ଉତ୍କଳ ବୋଲ
ଦେଖିବା କେ ଅଛି ବଳୀୟାନ ଭବେ
ନେବେ ଉତ୍କଳ କାଟି
ସୂଚୀ ପରିମାଣେ-ଭୂମି ଲାଗି ହେବ
ରକ୍ତିତ ଏଇ ମାଟି,

(ଉତ୍ତିଷ୍ଠ ଉତ୍କଳ-ମାନସିଂହ ଗ୍ରନ୍ଥାବଳୀ, ପ୍ରଥମଖଣ୍ଡ,ପୃ-୩୭୨)

ବିଛିନ୍ନାଞ୍ଚଳ ଓଡ଼ିଶାର ଏକତ୍ରୀକରଣ ପାଇଁ ସବୁଆଡ଼େ ଓଡ଼ିଆ ପ୍ରାଣରେ ଶିହରଣ ଖେଳିଯାଇଥିଲା । ଉତ୍କଳ ଗୌରବ ମଧୁସୂଦନଙ୍କ ନେତୃତ୍ୱରେ ଗଢ଼ା ହେଲା ଉତ୍କଳ ସମ୍ମିଳନୀ । ଓଡ଼ିଶାର ଚାରିଆଡ଼େ ଏହି ସମ୍ମିଳନୀ ବସିଲା । ବିଭିନ୍ନ ସମସ୍ୟାର ସମାଧାନ ଓ ଆପଣାର ମୌଳିକଦାବୀ ପୂରଣ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇ ଓଡ଼ିଆ ପ୍ରାଣକୁ ଆପ୍ଲୁତ କଲା । ଏହିଁ ଆନ୍ଦୋଳନର ନେତାମାନଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଆ ପ୍ରାଣରେ ଜାତୀୟତାଭାବ ସେ ସୃଷ୍ଟି କରିଛନ୍ତି । ସୁପ୍ତଜାତିକୁ ତତେଇଛନ୍ତି -ମତେଇଛନ୍ତି । ପ୍ରଗତିର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇଛନ୍ତି । ସମ୍ବେଦନଶୀଳ କବିପ୍ରାଣ ଏ ମାଟିର ଜୟଗାନ କରିଛି ପୂର୍ବସୂରୀମାନଙ୍କର ପ୍ରେରଣା ଓ ଆହ୍ୱାନରେ । କବି ମାନସିଂହ ଏକଥା ସ୍ୱୀକାର କରି କହିଛନ୍ତି "ସେଇଠି ପ୍ରଥମେ ମଧୁବାବୁଙ୍କୁ ଦେଖିଲି, ଦେଖିଲି ଗୋପବନ୍ଧୁଙ୍କୁ-ଦେଖିଲି ସତ୍ୟବାଦୀର ବରେଣ୍ୟ ଶିକ୍ଷକବୃନ୍ଦଙ୍କୁ, ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁଙ୍କୁ । ଏଗାର -ବାର ବର୍ଷ ବାଳକର ଅନ୍ତରତମ ଗହନ ତଳେ ହୁଏତ ସ୍ୱପ୍ନ ଗଜୁରି ଉଠିଥିବ । ଏଇ ମାନଙ୍କ ପରି ଜଣେ ହେବାକୁ x x x x x ଜାତୀୟ ଜୀବନର ପୁଣ୍ୟସ୍ରୋତରେ ପୂର୍ଣ୍ଣ ଅବଗାହନର ଆଶା ।" (ମାନସିଂହ, ମାୟାଧର-ଶିକ୍ଷା ବିତ୍ର ଗାଥା-ପୃ-୧୭,୧୮)

Digitized by srujanika@gmail.com

ଉତ୍କଳୀୟ ଓ ମହାଭାରତୀୟ ଚେତନା ମଧ୍ୟରୁ ଉତ୍କଳୀୟ ଚେତନାଟି ଅତି ତୀବ୍ର ହୋଇଛି । ସେ ପ୍ରେରଣା ପାଇଥିଲେ ଉତ୍କଳ ସମ୍ମିଳନୀରୁ-ସତ୍ୟବାଦୀର ସାଧକ ଗୋଷ୍ଠୀରୁ । ବ୍ୟାସକବି ଫକୀରମୋହନ ଓ ଭକ୍ତକବି ମଧୁସୂଦନ ଥିଲେ ତାଙ୍କ ପ୍ରେରଣାର ଉତ୍ସ । ତେଣୁ ତାଙ୍କ ଜାତୀୟବାଦୀ ସାହିତ୍ୟ ସୃଷ୍ଟିରେ ଭରିରହିଛି ଏକ ନୂତନ ଆତ୍ମୀୟତାର ସ୍ୱର ।

ମାନବବାଦୀ ଚେତନା :-

ସ୍ୱରାଜ୍ୟ ଆନ୍ଦୋଳନର ପୃଷ୍ଠଭୂମିରେ ବ୍ୟକ୍ତି ନିରାଜନା କବି ମାନସିଂହଙ୍କର ମାନବବାଦୀ ଚେତନାର ଆଉ ଏକ ନିଦର୍ଶନ । ଜନ୍ମମାଟିର ହିତ ପାଇଁ ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତିଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇଛନ୍ତି କବି । ପୂର୍ବସୂରୀମାନଙ୍କ ତ୍ୟାଗପୂତ ଜୀବନ ଆମ କର୍ମକ୍ଷେତ୍ରରେ ପାଥେୟ ହେଉ-ଏହା ହିଁ କବିବାଣୀ । ପତିତ-ଦଳିତ ମାନବର ତ୍ରାଣକର୍ତ୍ତା ଜାତିର ଜନକ ବାପୁଜୀଙ୍କ ବିୟୋଗରେ କବି ପ୍ରାଣର ଦରଦ ଅଜାଡ଼ି ହୋଇପଡ଼ିଛି ତାଙ୍କ ପାଦପଦ୍ମରେ । ଅହିଂସା ମନ୍ତ୍ରରେ ଦୀକ୍ଷିତ ସଂଗ୍ରାମୀ ପୁରୁଷ ମହାମାନବ ମହାତ୍ମାଜୀଙ୍କ ଗୁଣଗାନ କରି କବି ମାନସିଂହ କହିଛନ୍ତି -

''ବୁଦ୍ଧ, ଖ୍ରୀଷ୍ଟ, କୃଷ୍ଣ, ନିମାଇଁ
    ଯୁଗେ ଯୁଗେ ଦେଲେ ଯାଚି ଯେ ଦାନ
ସେଇ ବିତରଣ ପାଇଁତ ହେ ଯୋଗି
    ତମ ଜୀବନର ଏ ଅଭିଯାନ ।
x x x x x
ଜୀବନ ପୋଡ଼ିଲ ବତୀ ପରି ରଷି
    ନେବାକୁ ଆମର ଅନ୍ଧକାର
କଠୋର ତପସେ ଜୀବନ କ୍ଷୟିଛ
    ଦେବାକୁ ଧରାରେ ଗଙ୍ଗା-ଧାର ''
(ବାପୁ ତର୍ପଣ-ମାନସିଂହ ଗ୍ରନ୍ଥାବଳୀ, ୧ମଖଣ୍ଡ, ପୃ-୨୬୧)

ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନଥିଲା ଭାରତବାସୀଙ୍କ ସ୍ୱାଧୀନତା । ସ୍ୱାଧୀନ ଭାରତ ତାହାର ସଂସ୍କୃତି ଓ ପରଂପରା ଉପରେ ଠିଆ ହୋଇ ଶାଶ୍ୱତବାଣୀ ଶୁଣାଇ ବିଶ୍ୱସଭ୍ୟତାକୁ ନୂଆ ଆଲୋକ ଓ ଦିଗ୍‌ଦର୍ଶନ ଦେଉ, ଏହା ହିଁ ଥିଲା କବିଙ୍କ ମର୍ମବାଣୀ । ସ୍ୱାଧୀନତା ଆନ୍ଦୋଳନର ପୃଷ୍ଠଭୂମିରେ ଇତିହାସ, ଧର୍ମ ଓ ମାନବପ୍ରୀତିର ସଂକେତ ମାନସିଂହଙ୍କ କବିତାରେ ଦେଖିବାକୁ ମିଳେ । ୧୯୩୦-୩୧ରେ ରଚିତ ତାଙ୍କର 'ଭାରତଗୀତି' ଲବଣ ସତ୍ୟାଗ୍ରହ ଉପରେ ପର୍ଯ୍ୟବସିତ । ସଂକୀର୍ଣ୍ଣ ଭେଦଭାବ ଭୁଲି ଆନ୍ଦୋଳନ ମାଧମରେ ଭାରତୀୟ ଜନତାଙ୍କୁ ସ୍ୱାଧୀନତାର ମୋହରେ ଆକର୍ଷିତ କରାଇ ପାରିଥିଲେ ସେ । ଆଧୁନିକ ଭାରତରେ ବିପ୍ଳବ

Digitized by srujanika@gmail.com

ଓ ସଂସ୍କାରର ବାର୍ତ୍ତାବହ ଗାନ୍ଧିଜୀଙ୍କ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଛନ୍ତି କବି । ଗାନ୍ଧୀଙ୍କୁ ସେ ବୁଦ୍ଧ ଓ ମହାବୀର ଜୈନଙ୍କ ସହ ତୁଳନାକରି ତାଙ୍କୁ ସାମାଜିକ ବିପ୍ଳବର ବାର୍ତ୍ତାବହ ରୂପେ ବର୍ଣ୍ଣନା କରିଛନ୍ତି । ଏଥିରୁ କବି ମାନସିଂହଙ୍କର ସାମାଜିକ ନ୍ୟାୟ ଚେତନାର ପରିଚୟ ମିଳେ । ବିପ୍ଳବର ବାର୍ତ୍ତାବହ ଆଶାବାଦୀ କବି ମାନସିଂହ ମାନବ ସମାଜକୁ ଆହ୍ବାନ ଦେଇ କହିଛନ୍ତି -

''ଉଠସର୍ବେ, ନାଶମନୁ ଏକାବେଳେ ଏ ଅନ୍ଧବିଶ୍ୱାସ,
ନୂତନ ସୃଷ୍ଟିରେ କର ଅନ୍ୟାୟର ନିଃଶେଷ, ବିନାଶ ।
(ବିଶୃଙ୍ଖଳ ସୃଷ୍ଟି-ମାନସିଂହ ଗ୍ରନ୍ଥାବଳୀ, ପୃ-୩୯୩)

ସମାଜର କୁସଂସ୍କାର-ଅନ୍ଧବିଶ୍ୱାସକୁ ମନରୁ ସମୂଳେ ବିନାଶ କରି ନୂତନ ସୃଷ୍ଟିର ଆଲୋକରେ ଉଦ୍‌ଭାସିତ କରିବା ପାଇଁ କବିଙ୍କର ଏ ହେଉଛି ଏକ ବୈପ୍ଳବିକ ଆହ୍ବାନ । ଅନ୍ୟାୟ-ଅଧର୍ମ-ଅନୀତିର ମୂଳୋତ୍ପାଟନ କରି ନୀତି-ନ୍ୟାୟ ଓ ଧର୍ମର ପ୍ରତିଷ୍ଠା କରିବା ସଂଗେ ସଂଗେ ସାମ୍ୟବାଦର ପ୍ରଚାର କରିଛନ୍ତି କବି । ଶ୍ରେଣୀହୀନ ସମାଜ ଗଠନ କରି ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା କରିବା ଥିଲା କବିଙ୍କର ଲକ୍ଷ୍ୟ । ସମାଜବାଦୀ ଚିନ୍ତାଧାରାରେ ବିଶ୍ୱାସୀ କବି ବିପ୍ଳବର ଏଭଳି ପଦଧ୍ୱନି ସୃଷ୍ଟି କରିଛନ୍ତି । ମୁକ୍ତିକାମୀ ମଣିଷ ପରଂପରାର ଶଗଡ଼ଗୁଳାରୁ ଓହରି ଆସି ନୂଆରାସ୍ତା ସୃଷ୍ଟିକରିବ-ନୂତନ ଉନ୍ମାଦନା-ନୂଆ ଚେତନା ଓ ଭାବଧାରାରେ ସମାଜକୁ ଉଦ୍‌ବୁଦ୍ଧ କରିବ ।

ସର୍ବଧର୍ମର ସମନ୍ୱୟପୀଠ ଏବଂ ଧର୍ମତତ୍ତ୍ୱର ରତ୍ନଖଣି ଏହି ଜଗନ୍ନାଥ ପୀଠ ଓଡ଼ିଶାକୁ କବି ମାନସିଂହ ଉଦାର-ମାନବବାଦୀ କ୍ଷେତ୍ରଭାବରେ ଅଭିହିତ କରିଛନ୍ତି । ଏ ଓଡ଼ିଶା ମାଟିରେ କେବଳ ଶୈବ, ଶାକ୍ତ ଓ ବୈଷ୍ଣବ ବା ଭାଗବତ ଧର୍ମର ପ୍ରଚାର ହୋଇନାହିଁ, ବରଂ ପ୍ରଚାରିତ ହୋଇଛି ବୌଦ୍ଧଧର୍ମର ଅହିଂସା ବାଣୀ-ଜୈନଧର୍ମର ଦୟାର୍ଦ୍ରଭାବ । କବି ମାନସିଂହ ଏଣେ ପାଶ୍ଚାତ୍ୟ ଭାବଧାରାରେ ଅନୁପ୍ରାଣିତ ହେଲେ ମଧ୍ୟ ବୌଦ୍ଧଧର୍ମର ବିଶ୍ୱକରୁଣାବାଦ ଏବଂ ଭାଗବତଧର୍ମର ବିଶ୍ୱାନୁରାଗକୁ ଛାଡ଼ିପାରିନାହାନ୍ତି । ଏଇ ପବିତ୍ର ମାଟିରେ ସୁପ୍ତସିଂହକୁ ଜାଗ୍ରତ କରିବା ପାଇଁ କବି ଅହରହ ଚେତାବନୀ ଶୁଣାଇଛନ୍ତି -

'ପ୍ରେମମୟୀ ତୁ ଜନନୀ ସରସ୍ୱତୀ-ପବିତ୍ର ଧରଣୀ
ବୈଷ୍ଣବ, ଶଇବ, ଶାକ୍ତ ସଭିଙ୍କର ତତ୍ତ୍ୱ ରତ୍ନଖଣି
ବୌଦ୍ଧର ଅହିଂସାବାଣୀ ତୋର କୋଳେ ଅତି ପରିଚିତ ।
ଜୈନର ଦୟାର୍ଦ୍ରଭାବ ତୋର ବକ୍ଷେ ଚିର ବିକଶିତ ।
x x x x x
ନୀଳାଚଳ ପୁଣ୍ୟ ତଳେ ମନୁ ତେଜି ଗର୍ବ ଅହଙ୍କାର

Digitized by srujanika@gmail.com

ସହସ୍ର ଜୀବନ ସଂଗେ ମିଶାଇଛି ତା'ହୃଦ ଉଦାର
ଚଣ୍ଡାଳର ବେଶେ ବିଶ୍ୱେ ଶିଖାଇଛି ଭାବ ଗରୀୟାନ
ସମସ୍ତେ ସମାନ ।''

(ମା ଓଡ଼ିଶା-ମାନସିଂହ ଗ୍ରନ୍ଥାବଳୀ, ପ୍ରଥମଖଣ୍ଡ ପୃ-୨୬,୨୭)

ଜନ୍ମମାଟି ଓଡ଼ିଶା ପ୍ରତି କବିଙ୍କର ମୋହ ଓ ଆନ୍ତରିକତା ଥିଲା ବହୁତ । ଶାନ୍ତି-ପ୍ରୀତି-ମୈତ୍ରୀର ପ୍ରତୀକ ଜଗତର ନାଥ ଜଗନ୍ନାଥଙ୍କୁ ଓଡ଼ିଆ କେତେ କ'ଣ ଗାଳି କରିଛି - ଅଳି କରିଛି । ତଥାପି ଜଗନ୍ନାଥ ସଂସ୍କୃତି ଶିଖାଇଛି ଉଦାରହୃଦୟ-ଉଚ୍ଚମନା-ନୈତିକତା ଓ ମାନବଧର୍ମିତା । ଭୋଗଲାଳସା ଓ ବାହ୍ୟ ଆଡ଼ମ୍ବର ଚାକଚକ୍ୟ ଭିତରେ ଧର୍ମର ଧ୍ୱଜା ଉଡ଼ାଇ ବଞ୍ଚିବା ନିରର୍ଥକ । ମାନବଧର୍ମର ସ୍ୱରୂପ ସଂପର୍କରେ କବି ସଚେତନ କରିଦେଇଛନ୍ତି ।-

''ଏବେ କାଠ ପଥର ନ ପୂଜି ଆସ ପୂଜ ଜୀବନ୍ତ ଦେବତା
ଯା ଆଖିରୁ ଲୁହ ଯିବ ବହି, କହିଦେଲେ ପଦେ ମଧୁକଥା
ବନ୍ଦକର ମନ୍ତ୍ରପାଠ ତବ, ବନ୍ଦକର କର୍ପୂର ଆରତି
ଦେଉଳ ବାହାରେ ଦେବତା ହାତପାତି ଉଭା ହୋଇଛନ୍ତି
ଦେବଭୋଗ ନିରନ୍ନରେ ଦିଅ, ଦେବ ସେବା ହେଉମାନବରେ
ଦେବତାର ଦରଶନ ଲଭି, ମାନବର ପ୍ରତି ଘରେ ଘରେ ।
ସେ ପୂଜାରେ ମୂକ ଭଗବାନ, ବାକ୍‌ମୟ ତୁରିତେ ହୋଇବେ
ଦିଅଁ ହୋଇ ପ୍ରତି ପ୍ରତିବେଶୀ ନାରାୟଣୀ ବାଣୀ ଶୁଣାଇବେ ।''

(ଦେବପୂଜା-ମାନସିଂହ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ-୪୦୩)

ମାନବବାଦୀ ଚିନ୍ତାଧାରା, ପରଂପରାଗତ ବିଧିବିଧାନ ଏବଂ ପୂଜା ଆରାଧନାର ଊର୍ଦ୍ଧ୍ୱରେ ସେ କବି । ତାଙ୍କ ପାଇଁ ଉପଯୁକ୍ତ ଧର୍ମ ହେଉଛି ଅସହାୟ-ଗରିବ ଜନସାଧାରଣଙ୍କ ସେବା ଅର୍ଥାତ୍ ମାନବ ସେବା ହିଁ ମାନବ ସେବା ।

ମାଟିଆ ବୁରୁଜରେ ଓଡ଼ିଆମାନଙ୍କର ଐତିହାସିକ କୀର୍ତ୍ତିଗାଥା ସଂପର୍କରେ କବି ପ୍ରାଣ ଜର୍ଜରିତ ହୋଇଉଠିଛି । ଓଡ଼ିଆ ଜାତିର ଦୈନ୍ୟ ଦୁଃଖଦୁର୍ଦ୍ଦଶା ଦେଖି ସହିପାରିନାହାନ୍ତି । ତେଣୁ କବି ସାଂପ୍ରଦାୟିକ ତଥା ଜାତିଆଣ ଭେଦଭାବାକୁ ଭୁଲି ଜାତିର ପ୍ରଗତିପାଇଁ ଜୀବନ ଉତ୍ସର୍ଗ କରିବା ଉଚିତ୍ ବୋଲି ଯୁବସମାଜକୁ ଆହ୍ୱାନ କରିଛନ୍ତି । ମାନବ ଜାତିର ସେବାକୁ ଜୀବନର ଧର୍ମ ବୋଲି କହିଛନ୍ତି । କୌଣସି ସ୍ଲୋଗାନ୍ ମନୁଷ୍ୟର କଲ୍ୟାଣ ଆଣିପାରିବ ନାହିଁ, ଯେପରି ଆଣିବ ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ । (ମାନସିଂହ, ମାୟାଧର-ମୁଁ କାହିଁକି ଲେଖେ, ଡ଼ଗର, ୧୪ବର୍ଷ, ୧ମ ସଂଖ୍ୟା) କବିଙ୍କର ଏହି ଜୀବନାଦର୍ଶ ଭିତରୁ ତାଙ୍କର ସାମାଜିକ ପ୍ରଗତିର ମୂଲ୍ୟାୟନ କରାଯାଇପାରେ ।

Digitized by srujanika@gmail.com

ଯେପରି -

''ଐତିହାସିକ ଓଡ଼ିଆ ଜାତିର
ପ୍ରତିନିଧି ଶତପାଞ୍ଚ
ମାଟିଆ ବୁରୁଜେ ବସାକରିଛନ୍ତି
ଖାଆନ୍ତି ଇଲିଶି ମାଛ ।
ଜାତିଆଣ ଢ଼ମେ ଛାତି ଫୁଲି ଉଠେ
ପାଇକ, ଖଣ୍ଡାଏତ
ସାଁଗିଆରେ ମିଳେ ପୂର୍ବ-ପୁରୁଷ
ଗୌରବ ସଂକେତ
x x x x x
ଓଡ଼ିଆ ଜାତିର କବି କିନ୍ତୁ ମୁଁ
ଜାତିର ଏ ଅପମାନ
ପାରିବିନି ଭୁଲି, ତେଣୁ ମୁଁ ଗାଉଛି
ଲଜ୍ଜାକୁଳ ଏ ଗାନ ।''

(ମାଟିଆ ବୁରୁଜରରେ ଓଡ଼ିଆ ମାନଙ୍କ ଐତିହାସିକ କୀର୍ତ୍ତି -
ମାନସିଂହଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ-୬୦୫,୬୦୯)

ଦଳିତ-ନିଷ୍ପେଷିତ ଅସହାୟ ଧୂଳିମାଟିର ମଣିଷକୁ କବି ମାନସିଂହ ଭଲ ପାଇଛନ୍ତି । ତଥାକଥିତ ଉଚ୍ଚଜାତି ମଣିଷର ଶୋଷଣ ବିରୁଦ୍ଧରେ ସେ ଦୃଢ଼ସ୍ୱର ଉତ୍ତୋଳନ କରିଛନ୍ତି । ପରବର୍ତ୍ତୀ କାଳରେ ସାମ୍ୟବାଦୀ କବି ସଚ୍ଚି ରାଉତରାୟ ଲେଖିଛନ୍ତି 'ମାଟିଆ ବୁରୁଜର ଜହ୍ନ' । ଧର୍ମର ମତାନ୍ଧତାରେ ମଣିଷ ସହିତ ମଣିଷର ହଣାକଟାର ବୀଭତ୍ସ ନାରକୀୟ ଚିତ୍ର 'ମାଟିଆ ବୁରୁଜର ଜହ୍ନ' କବିତାରେ ଅତି କରୁଣରୂପେ ଚିତ୍ରିତ ।

ମାନବବାଦୀ କବି ମାନସିଂହ ଜନ୍ମମୃତ୍ୟୁର ଚିରନ୍ତନ ସତ୍ୟ ଭିତରେ ପରମାତ୍ମାଙ୍କ ଅଂଶବିଶେଷ ସେହି ଅମୃତ ମାନବ ହୃଦୟରେ ସନ୍ଧାନ କରିଛନ୍ତି ନୂତନ ଚେତନା । ମହାତ୍ମା-ମହାମାନବର ଗୁଣ ନେଇ ଆଗୁସାର ହେଲେ ସମାଜର ସଂସ୍କାର ଅବଶ୍ୟମ୍ଭାବୀ । ଭାବଚେତନାର ଉତ୍ତରଣ ଘଟିଲେ ନୂଆ ନୂଆ ଚିନ୍ତାଧାରା ଆହ୍ୱାନ ମାଡ଼ିବସେ । କବିଙ୍କର 'ଜୀବନଚିତା' କବିତା ଗୁଡ଼ିକରେ ପ୍ରଗତିଧର୍ମୀ ଚେତନାର ସ୍ୱର ସୁସ୍ପଷ୍ଟ ।

Digitized by srujanika@gmail.com

ଯେପରି -

ଅମୃତ ଶିଶୁ ଅମୃତ ପିଇ
ଆସିଥିଲି ଧରା ତଳେ
ଦେବତାର ସୁଖ ଅଜାଡ଼ିବି ବୋଲି
ମନିଷର ପଦ ତଳେ ?

(ଜୀବନ ଚିତା-ନିଦ୍ରିତ ଭଗବାନ, ମାନସିଂହ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ-୩୮୪)

ଶୋଷଣ ବିରୁଦ୍ଧରେ ଏବଂ ମାନବବାଦର ପ୍ରତିଷ୍ଠା ସପକ୍ଷରେ କବି ମାନସିଂହଙ୍କ ଆହ୍ୱାନ ଅତି ବଳିଷ୍ଠ । କବିଙ୍କ ଭାଷାରେ -

''ଉଠ ନର, କରରେ ବିଦ୍ରୋହ
ସାଙ୍ଗକର ଆରାଧନା, ଶେଷ ହେଉ ଧର୍ମର ସମ୍ମୋହ
ଲାଞ୍ଛିତ ଦଳିତ ଯେତେ, ସର୍ବେ ଆସ ଏକ କେତୁ ତଳେ
ଯୁଗ-ଯୁଗ-ଗଠିତ ଏ ସମାଜରେ ନାଶ ଏକାଥରେ ।'

(ବିଶୃଙ୍ଖଳା ସୃଷ୍ଟି-ଜୀବନଚିତା-ମାନସିଂହ ଗ୍ରନ୍ଥାବଳୀ, ୧ମଖଣ୍ଡ, ପୃ ୩୯୩)

ପୁଣି କବି ଦଳିତ ଗ୍ରିବ ଜାତିର ଦୁଃଖ ଦୁର୍ଦ୍ଦଶାକୁ ଦୂରକରି ସାମ୍ୟବାଦର ପ୍ରତିଷ୍ଠା ପାଇଁ ଆଶାୟୀ ହୋଇଛନ୍ତି -

''ନରର ଦୁଃଖ ବୁଝେନା ନର
ବୁଝିବ କିଏ ଆଉ ?
ବାବୁଏ କ'ଣ ଜାଣିବେ କେବେ
ଭୋକିଲା ପେଟଦାଉ ?'

(ତଳିଆ ଜୀବର ବିଳାପ, ମାନସିଂହ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ - ୫୭)

ମୁଣ୍ଡଝାଳ ତୁଣ୍ଡରେ ମାରି ଚଷାପୁଅ ଯେଉଁ ଶସ୍ୟ ଉତ୍ପାଦନ କରେ, ତାକୁ ଲୁଣ୍ଠନ କରେ ସ୍ୱତ୍ୱାଧିକାରୀ । ଖରାବର୍ଷା କାକରରେ ପଳପଳ କରି ରକ୍ତଢ଼ାଳି ଯାହା ଉତ୍ପାଦନକରେ, ତାର ସେ ଉପଭୋକ୍ତା ନୁହେଁ । ସେହିପରି ଖଟିଖିଆ ଶ୍ରମିକ ମଜ୍‌ଦୁର୍ ଆଜି ଧନୀ ଓ ମିଲମାଲିକ ଦ୍ୱାରା ଶୋଷିତ । ଶ୍ରେଣୀ ସଂଘର୍ଷ ସମାଜର ଏହି ଉତ୍କଟ ବ୍ୟବସ୍ଥା ବିରୁଦ୍ଧରେ ମାନସିଂହଙ୍କର ଆଗ୍ନେୟ ଆହ୍ୱାନ ନଥିଲେ ବି ରହିଛି ଗଭୀର ମାନବିକ ଅନ୍ତର୍ଦାହ । ଏହା ଝଡ଼ପରି ବିଦ୍ରୋହ ନ ହୋଇପାରେ, କିନ୍ତୁ ଦଳିତ ଅବହେଳିତ ମଣିଷ ପାଇଁ ତାଙ୍କ ସମ୍ବେଦନଶୀଳ ପ୍ରାଣ ବିଦ୍ରୋହର ବାର୍ତ୍ତା ପ୍ରଚାର କରିଛି -

'ଜଣେ ଲୋକର ଏତେ ଯେ ଧନ ଶୂନ୍ୟ କୋଟି ଲୋକ
ଜଣେ ଲୋକର ଭୋଜି, ବିଳାସ ଆଉ ସବୁର ଭୋକ ।
ଏକି ବିଚାର ଲୋକ ହଜାର ଖଟି ଖଟିକା ମରେ,
ଗୋଟାଏ ଲୋକ ବସି ବସି ତା' ବାକ୍‌ସ ଭର୍ତ୍ତି କରେ ।'

(ମଜଦୁର୍, ସେ ଦିନର କବିତା, ମାନସିଂହ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ-୫୮)

Digitized by srujanika@gmail.com

ଏହିଭଳି ଚାଷୀ, ଶ୍ରମିକ, ରିକ୍ସାବାଲା, ବଢ଼େଇ, କଳାକାର ଆଦି ତଳିଆ ଜୀବର ବିଳାପ କବି ଲେଖନୀରେ ଜୀବନ୍ତ ହୋଇଛି । ଶ୍ରେଣୀ ସଂଘର୍ଷ ସମାଜରେ ସାମ୍ୟବାଦର ପ୍ରତିଷ୍ଠା ପାଇଁ ଯୁବ ସମାଜ ପ୍ରତି କବିଙ୍କ ଆହ୍ୱାନ ବେଶ୍ ତୀବ୍ର ଓ ଶାଣିତ ।

''ଆମ ଶ୍ରମରେ ଯା ପେଟ ମୋଟା
ତା'ହାତେ କିଆଁ ରହିବା ଚାହିଁ ?
ହାକିମ, ଧନୀ, କଳ ମାଲିକ
କା ଯୋଗୁଁ ଯାଁଙ୍କ ବିଭବ, ଭାଇ ?
(କଳା ସେବକ, ମାନସିଂହ ଗ୍ରନ୍ଥାବଳୀ, ପୃ-୬୬)

X X X X X

'ବହୁତ ଭାର ପଡ଼ିବ ଖସି
ଶୋଷକ ଆସି ହୋଇବେ ସାଥୀ,
ଭୋକ-ଦୁଃଖର ମାରକ ବୋଝ
ହୋଇବ ଲଘୁ, ସ୍କନ୍ଧେ ଫାଟି ।
(କବିକହେ-ସେଦିନ କବିତା, ମାନସିଂହ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ-୬୭)

ରୋମାଣ୍ଟିକ ଚେତନାରେ ପ୍ରଗତିଧର୍ମିତା :

ସମାଜରେ ଶୃଙ୍ଖଳିତ ନୀତି ନିୟମ ଭିତରେ ରହି ସଂକୀର୍ଣ୍ଣ ଦୈହିକ ପ୍ରେମ ଭିତରେ ସେ ଦେହାତୀତର ସନ୍ଧାନ କରିଛନ୍ତି । ସେ ସ୍ୱୀକାର କରିଛନ୍ତି ଯେ ଆମ ସାହିତ୍ୟରେ ପ୍ରେମ କବିତାର ଅରଣ୍ୟ ରହିଛି, କିନ୍ତୁ ସେଥିରେ ବିଚିତ୍ରତା ନାହିଁ । ରାଧାନାଥ ଓ ମଧୁସୂଦନଙ୍କ ପରି ପ୍ରକୃତିରେ ଅଚିନ୍ତନୀୟ, ପରମସତ୍ତାର ଭାବ ଉପଲବ୍ଧି କରିଛନ୍ତି କବି । ଏ କ୍ଷେତ୍ରରେ ମାନବପ୍ରେମ କ୍ରମଶଃ ଊର୍ଦ୍ଧ୍ୱକୁ ପ୍ରଧାବିତ ହୋଇଛି । କବିଙ୍କ ଭାଷାରେ-

'ସେ ଯେ ସତ୍ୟ ଶିବ ସେହି ଏକା ସେ ସୁନ୍ଦର
ଭୂମା ସେ ରହିଛି ପୂରି ରେଣୁ ରେଣୁ ଭେଦି
ଅନନ୍ତ ଲୀଳାର ହେତୁ, ଅସୀମ ସୁନ୍ଦର ।'
(ମହାନଦୀରେ ଜ୍ୟୋତ୍ସ୍ନା ବିହାର, ମାନସିଂହ ଗ୍ରନ୍ଥାବଳୀ, ୧ମଖଣ୍ଡ, ପୃ ୩୧୬)

କବି ମାନସିଂହଙ୍କ କେତେକ ରୋମାଣ୍ଟିକ କବିତାରେ ନୂଆ ନୂଆ ଚିନ୍ତାଧାରାର ପରିଚୟ ମିଳେ । ତତ୍କାଳୀନ ସାମାଜିକ ପରଂପରାରେ ସଂସ୍କାର ଆଣିବା ଲାଗି କବି ସଚେତନ ହୋଇଉଠିଛନ୍ତି । କବି ନିଜେ 'ଧୂପ' କବିତା ଗ୍ରନ୍ଥର ଭୂମିକାରେ ସ୍ୱୀକାର କରିଛନ୍ତି, ''ଦଳିତ ଅବହେଳିତ ଜୀବନରେ ସୁଖ ଓ ଦୁଃଖକୁ ଏପରି ଭାବରେ ଭାଷାରେ ପ୍ରକାଶ କରିବା ଏକ ପ୍ରଧାନ ବିଳାସ । କିନ୍ତୁ ଗୋଟିଏ କଥା ମନରେ ଉଠେ, ଯେଉଁ ଦେଶ ଓ ସମାଜରେ ମୂର୍ଖ

Digitized by srujanika@gmail.com

ପୂଜା ପାଆନ୍ତି ଓ ପଣ୍ଡିତ ଉପାସେ ମରନ୍ତି, ଯେଉଁଠି ଉପର ପାହାଚର ଲୋକ ତଳ ପାହାଚର ଲୋକକୁ ଉଠାଇ ନେବା ପରିବର୍ତ୍ତରେ ଗୋଇଠାମାରି ଚାପି ଦେବାରେ କୃତକୃତ୍ୟ ବୋଧ କରନ୍ତି, ଯେଉଁଠି ଧନ ଓ ପଦର ଭୟରେ ଗୁଣ ଦାସ ହୋଇ ରହେ ବା ବାନପ୍ରସ୍ଥ ଅବଲମ୍ବନ କରେ, ସେ ଦେଶ ଓ ସମାଜ ପୁଣି କବିତାର ଅନୈତିକତା ବିଚାର କରିବ ? x x x ଆମ୍ଭେମାନେ ଏହା ମଧ୍ୟ ସ୍ୱୀକାର କରିବା ଯେ ମାନବିକ ପ୍ରେମ ଅପେକ୍ଷା ଜୀବନରେ ମହତ୍ତର ଓ ସୁନ୍ଦରତର ଅନୁଭୂତି ଅଛି । କିନ୍ତୁ ଏ ଅନୁଭୂତି ନିନ୍ଦନୀୟ ବା ଲଜ୍ଜାକର ହେବାର କୌଣସି କାରଣ ନାହିଁ । x x x x ଯୌବନର ରଂଗୀନ୍ ଚଷମାରେ ଯେଉଁ ଜଗତ ସ୍ୱପ୍ନପୁରୀ ପରି ପ୍ରତୀତ ହେଉଥିଲା, ଆଜି ତାହା ରୁକ୍ଷ, ନୀରସ ଓ ହାହାକାରମୟ । x x x x ନିଜର ଅଭିଜ୍ଞତାକୁ ନିଜର ସ୍ୱତନ୍ତ୍ର ରୀତିରେ ପ୍ରକାଶ କରିବାକୁ ଲେଖକର ସାହସ ହେଲା । 'ପ୍ରଗତି' ସଂଘ ଦ୍ୱାରା ଧୂପ ପ୍ରଥମେ ପ୍ରକାଶିତ ହୋଇଥିଲା । ଲେଖକ ଓ ତାହାର କେତେକ ତରୁଣ କଲେଜ ବନ୍ଧୁ ଏହି ସଂଘ ଆରମ୍ଭ କରିଥିଲେ । ଦେଶକୁ ଉଠେଇବାର ନାନା ସ୍ୱପ୍ନ ଭିତରେ 'ସାହିତ୍ୟ' ଏକ ପନ୍ଥା ଥିଲା । କିନ୍ତୁ ଜୀବନ ସଂଗ୍ରାମର ତାଡ଼ନାରେ ସେ ସଂଘର ସଦସ୍ୟବୃନ୍ଦ ଏ ଦେଶ ଓ ଏ ଦେଶ ବାହାରେ କାହିଁ କାହିଁ ନିକ୍ଷିପ୍ତ । ସେମାନଙ୍କ ମଧ୍ୟରୁ ଜଣେ ଭଗବତୀ ଚରଣ ପାଣିଗ୍ରାହୀଙ୍କ କଣ୍ଠସ୍ୱର ଚିରଦିନ ପାଇଁ ନୀରବିତ । ସେ ଲେଖକର ବିଶିଷ୍ଟ ସଖା ଥିଲେ । ପ୍ରଗତିର ଅତ୍ର ତତ୍ର ବାସୀ ସଦସ୍ୟ ବର୍ଗମାନଙ୍କୁ ଶେଷ ବାର ସ୍ମରଣ କରି ବିଦାୟ ନିଏ ।''

ନାରୀ ପୁରୁଷର ରୋମାଣ୍ଟିକ ପ୍ରେମ ଭିତରେ ରହିଛି ବାସ୍ତବାନୁଭୂତି-ନୂତନ ପ୍ରେରଣା । କବି ଗାଇଛନ୍ତି-

'କୋଟି କୋଟି ବାସହୀନ ଆଜି
ଅନ୍ନହୀନ, ଉତ୍ପୀନ ହୀନ,
କରିବକି କୋଟି ଗତକାଲି
ଆଜିକାର ଦୁଃଖରୁ ଉତ୍ତୀର୍ଣ୍ଣ ?
x x x x x
ଯେ ସମାଜେ ନାହିଁ ଅନାହାର
ଜନନୀତ୍ୱ ଶଙ୍କାହୀନ ଯହିଁ,
ନାହିଁ ଯହିଁ ଧନ-ବର୍ବରତା,
ମାନବତ୍ୱ ଅବାଧେ ଫୁଟଇ ।'

(ଭୁଲିଯାଅ-ଇତିହାସ, ସେ ଦିନର କବିତା, ମାନସିଂହ ଗ୍ରନ୍ଥାବଳୀ ୧ମ ଖଣ୍ଡ, ପୃ-୬୮,୬୯)

'ହେମଶସ୍ୟ' କବିତା ଗ୍ରନ୍ଥର ଭୂମିକାରେ କବି ଉଲ୍ଲେଖ କରିଛନ୍ତି, ''ବହୁ ଦୁର୍ଦ୍ଦିନ ସଂକଟ-ସଙ୍କୁଳ ଏକ ଜୀବନରେ ଏହି କବିତା ଗୁଡ଼ିକ ଆଶାଦାୟୀ-ରବିରଶ୍ମି କିମ୍ବା ଶୀତଳକାରିଣୀ ଜ୍ୟୋତ୍ସ୍ନାର ଏକଏକ କ୍ଷଣସ୍ଥାୟୀ ଝଲକ । ମନୁଷ୍ୟ ଯାହା ପାଇବାର ସ୍ୱପ୍ନ ଦେଖେ, ତାହାରି ହିଁ ବର୍ଣ୍ଣନା ହୁଏ କବିତା । ଜୀବନ ସଂଗ୍ରାମରେ କ୍ଷତବିକ୍ଷତ ମଣିଷ ବିଭିନ୍ନ ଦୁର୍ଦ୍ଦିନ ଦୁର୍ବିପାକ

Digitized by srujanika@gmail.com

ଦେଇ ବଞ୍ଚିବାର ସ୍ୱପ୍ନରେ ବିଭୋର ହୁଏ । ହେମଶସ୍ୟ କବିତା ଗ୍ରନ୍ଥଟି ସେହି ପୃଷ୍ଠଭୂମି ଉପରେ ରଚିତ । ପ୍ରେମ-ପ୍ରଣୟ ଓ ସୌନ୍ଦର୍ଯ୍ୟ ଭିତରେ ସେହି ପ୍ରଗତି ଧର୍ମିତାର ସ୍ୱର ଏଠି ଝଙ୍କୃତ । ଯେପରି -

''ମାନବର ଦୁଃଖ କଷ୍ଟ ଜଗତର ପ୍ରାସ,
କ୍ରମେ କ୍ରମେ ନିଏ ମୋର ଈଶ୍ୱର ବିଶ୍ୱାସ ।
ଗଭୀର ନିରାଶାମୟ ଏ ଜୀବ ସଂସାରେ
ଏକମାତ୍ର ଆଶା ଖାଲି ମାନବ ଆତ୍ମାରେ ।
ସମସ୍ତ କଷଣେ ନିଷ୍ପେଷିତ ଅତ୍ୟାଚାରେ
କରୁଣା, ବିଶ୍ୱାସ, ସ୍ନେହ, ମହିମା ପ୍ରଚାରେ
ମାନବ ଆତ୍ମାର ନିତ୍ୟ, ଏହି ରସ ପାଇଁ
ମାନବ ବଞ୍ଚୁଛି ଏଥି ଏ କଲ୍ୟାଣ ପାଇଁ ।'

(ହେମଶସ୍ୟ, ବିଶୁଦ୍ଧ-ସନ୍ଦେହ, ମାନସିଂହ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ-୧୯୮)

କବି ମାନସିଂହଙ୍କର କବିତା ସୃଷ୍ଟିରେ କେଉଁଠି ତରୁଣ ସୁଲଭ ପ୍ରେମ, ପ୍ରଣୟ ଓ ଯୌବନର ଚିନ୍ତାଧାରା ତ କେଉଁଠି ସାମାଜିକ ଅନ୍ୟାୟ ଓ ଅସଙ୍ଗତି ବିରୁଦ୍ଧରେ ପ୍ରତିକ୍ରିୟା ଦେଖାଦେଇଛି । ପୁଣି କେଉଁଠି ଜାତୀୟ ଚେତନାର ଭାବ ସଂପ୍ରସାରିତ ହୋଇଛି ତ କେଉଁଠି ବିଭୂଚିନ୍ତାରେ କାବ୍ୟସ୍ୱର ଝଙ୍କୃତ ହୋଇ ଉଠିଛି । କେଉଁଠି ଧର୍ମ ନିରପେକ୍ଷ-ଦେଶାତ୍ମବୋଧ-ମାନବବାଦୀ ଚିନ୍ତାଧାରା ମୁଣ୍ଡଟେକି ଥିଲା ବେଳେ ଆଉ କେଉଁଠି ସାମ୍ୟବାଦ-ସମାଜବାଦର ସ୍ୱର ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସମାଜର ସେଇ ଅଧଃପତିତ ଅବହେଳିତ ଶ୍ରେଣୀର ଜୀବନପ୍ରତି କବି ଆକୃଷ୍ଟ ହୋଇଛନ୍ତି । ସାମାଜିକ ଅର୍ଥନୈତିକ ନିର୍ମମ ଶୋଷଣ ତଳେ ନିତ୍ୟ ଶୋଷିତ ସମାଜର ଏଇ ଅବହେଳିତ ମଣିଷ ତାଙ୍କ କବିତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯଦିଓ ସେ ବିପ୍ଳବୀ ନୁହନ୍ତି କି ସାମ୍ୟବାଦ ତାଙ୍କ କବିତାର ମୂଳମନ୍ତ୍ର ନୁହେଁ - ତଥାପି ଏ ସ୍ୱର ପ୍ରଚ୍ଛନ୍ନ ବିଦ୍ରୋହମୁଖର ହୋଇ ଉଠିଛି । କିନ୍ତୁ ସାହିତ୍ୟର ଇତିହାସରେ ତାଙ୍କୁ ସାମ୍ୟବାଦର କବି ବୋଲି ସ୍ୱୀକୃତି ଦିଆଯାଇ ନଥିଲେ ମଧ୍ୟ ତାଙ୍କ କବିତା ସୃଷ୍ଟିରେ ରହିଛି ବଳିଷ୍ଠ ସମାଜବାଦ ଓ ପ୍ରଗତିବାଦୀ ଚେତନା । ଏ ସଂପର୍କରେ କବି ମାନସିଂହଙ୍କ ଆହ୍ୱାନ-

''ସମସ୍ତେରେ ଲାଗିବା ଆସ
ଏପରି ଗୋଟିଏ ସମାଜ ପାଇଁ,
ସକଳ ଯହିଁ ସେବକ ଖାଲି
ହାକିମ ନାହିଁ ସକଳେ ଭାଇ ।''

Digitized by srujanika@gmail.com

ମାନସିଂହଙ୍କ ସୌନ୍ଦର୍ଯ୍ୟ-ଚେତନାରେ ନାରୀ

ଡକ୍ଟର ଖଗେଶ୍ୱର ମହାପାତ୍ର

ଭୂମିକା :

ପ୍ରବନ୍ଧଟିର ଭୂମିକା ଦେବା ଏଥିପାଇଁ ଆବଶ୍ୟକ ହେଉଛି ଯେ ମାନସିଂହ ଗୋଟିଏ ସୂତ୍ରରୁ ଏହାର ପାଣ୍ଡୁଲିପିଟି ଦେଖିବାର ଅବକାଶ ପାଇଁ ମୋ ପାଖକୁ ଖଣ୍ଡିଏ ଚିଠି ଲେଖିଥିଲେ । ଚିଠିଟି ଅବିକଳଭାବେ ଉଦ୍ଧୃତ କରୁଛି; ମୋ ସମ୍ପର୍କରେ ପ୍ରଶଂସାପୂର୍ଣ୍ଣ ବାକ୍ୟଗୁଡ଼ିକ ଉପରେ ଗୁରୁତ୍ୱ ନ ଦେଇ କେହି ଏ ଚିଠିଟି ଅନୁଧ୍ୟାନ କଲେ ଅବଶ୍ୟ ଅନୁଭବ କରିବେ ଯେ କବି ନିଜେ ନିଜର ସାହିତ୍ୟ ସମ୍ପର୍କରେ କିଭଳି ଧାରଣା ପୋଷଣ କରିଥିଲେ । ମୁଁ ମାନସିଂହ ସାହିତ୍ୟର ସ୍ତାବକ ବା ସମୀକ୍ଷକ ନୁହେଁ; ନିତାନ୍ତ ଆକସ୍ମିକ ଭାବେ ବନ୍ଧୁତା ଦାୟରେ ପଡ଼ି ପ୍ରବନ୍ଧଟି ଲେଖିଥିଲି । କିନ୍ତୁ ମାନସିଂହଙ୍କ ଚିଠିଟି ପାଇବା ପରେ ତାଙ୍କ ସୃଷ୍ଟିରେ କାବ୍ୟପୁରୁଷର କ୍ରମବିବର୍ତ୍ତିତ ରୂପ ନିର୍ଣ୍ଣୟ କରି ତାଙ୍କୁ ଏହାର ସମୁଚିତ ଉତ୍ତର ଦେବା ପୂର୍ବରୁ ସେ ଏହି ଇହଧାମ ତ୍ୟାଗ କରି ଚାଲିଯାଇଥିଲେ । ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ମୋର ପ୍ରବନ୍ଧଟି ଠାରୁ ତାଙ୍କ ଚିଠିର ଗୁରୁତ୍ୱ ଅଧିକ ବୋଲି ବିଚାର କରି ଚିଠିଟି ସହିତ ପ୍ରବନ୍ଧଟି ପ୍ରକାଶ କଲି ।

ପ୍ରିୟ ଡକ୍ଟର ମହାପାତ୍ର   କଟକ ୨୨/୭/୭୩

ଶ୍ରୀ ....ଙ୍କଠାରୁ ପାଇଥିବା ତୁମର "ମାନସିଂହଙ୍କ ସୌନ୍ଦର୍ଯ୍ୟ ଚେତନାରେ ନାରୀ" ପ୍ରବନ୍ଧଟି ପଢ଼ି ତୃପ୍ତ ହେଲି । ଯାହା ସବୁ ଲେଖିଛ, ତାହା ହେତୁମତ୍ ଓ ଯଥାର୍ଥ ପରି ବୋଧ ହେଲା । ତେବେ ତମର ପୂରା ନାମଟି ଠଉରାଇ ପାରୁନାହିଁ ବା ତମ ପ୍ରବନ୍ଧରେ ଥିବା ସଂସ୍କୃତ କ୍ୱେଟେସନ୍‌ଟିର ଆକ୍ଷରିକ ଅର୍ଥ ଠିକ୍ ଧରିପାରୁ ନାହିଁ ।

X X X ଏହା ଜଣା କଥା ଯେ, ଯାହାର ସଂସ୍କୃତ ସାହିତ୍ୟ ସହିତ ବ୍ୟାପକ ପରିଚୟ ନଥିବ, ସେ ମୋ କାବ୍ୟ କବିତାର ଯଥାର୍ଥ ମୂଲ୍ୟାୟନ କରିପାରିବ ନାହିଁ । ଆଧୁନିକ ଆନ୍ତର୍ଜାତିକ ସାହିତ୍ୟ ସହିତ ପରିଚୟ ପୁଣି ତ ଅଛି । ତମଠି ଆଧୁନିକତା ସହିତ ଏହି ସଂସ୍କୃତ କାବ୍ୟ - ପରମ୍ପରାର ଗଭୀର ସାହଚର୍ଯ୍ୟ ଦେଖି ମୁଁ ପ୍ରୀତ । ଆଧୁନିକ ଓଡ଼ିଆ ସାହିତ୍ୟରେ ମୁଁ ତ ଏକମାତ୍ର ଲେଖକ ଯେ 'କାବ୍ୟ' ଲେଖିଛି । କିନ୍ତୁ ଯେହେତୁ ବର୍ତ୍ତମାନ କାବ୍ୟର ଚର୍ଚ୍ଚା ନାହିଁ ତେଣୁ ମୋର କାବ୍ୟଗୁଡ଼ିକର କୌଣସି ଆଲୋଚନା ହୋଇ ନାହିଁ ।

Digitized by srujanika@gmail.com

ବଡ଼ରୁ ଛୋଟ ପର୍ଯ୍ୟନ୍ତ ବୀଭତ୍ସ ଇତରତାରେ କେବଳ 'ଏଇ ସହକାର ତଳେ' ନେଇ ଉନ୍ମତ୍ତା 'ନିକ୍ୱଣ', 'ଉପେକ୍ଷିତା', 'ଶୁଭଦୃଷ୍ଟି', 'ଜେମା', 'ସାଧବ ଝିଅ', 'ପୂଜାରିଣୀ' ଓ 'କମଳାୟନ' - ଏହି ଯେ କ୍ରମ ବିବର୍ତ୍ତିତ କାବ୍ୟ-ସଂହାର ଏହା ଉପରେ କୌଣସି ତଥାକଥିତ ଅଧ୍ୟାପକ ଏ ପର୍ଯ୍ୟନ୍ତ ପାଟି ବି ଫିଟାଇ ନାହାନ୍ତି । ଏସବୁ ପଢ଼ିଛ କି ? ଯେଉଁଟି ତମକୁ ଆତ୍ମତୃପ୍ତି ଦେଇଛି, ତା' ଉପରେ ବା ସମସ୍ତଙ୍କ ଉପରେ ଏକ ସାମଗ୍ରିକ ଆଲୋଚନା, ଆମର ପ୍ରାଚୀନ ଓ ଆଧୁନିକ ଉଭୟ ଦୃଷ୍ଟିକୋଣରୁ କରିପାରିବ ନାହିଁକି ? କଲେ, ପ୍ରବନ୍ଧଟିରେ ଯେପରି ଆଲୋଚନାର ନୂଆ ବାଟ ଫିଟାଇଛି, ସେଥିରେ ମଧ୍ୟ ସେପରି ହେବ ବୋଲି ମୋର ବିଶ୍ୱାସ ।

X X X ଦିଲ୍ଲୀରେ କ'ଣ କରୁଛ ? ଚିଠି ଦେବ । ଇତି ।

ଚିର ଶୁଭାନୁଧ୍ୟାୟୀ
ମାୟାଧର ମାନସିଂହ

ମାନସିଂହଙ୍କ ସୌନ୍ଦର୍ଯ୍ୟ-ଚେତନାରେ ନାରୀ :

ମାନସିଂହ ଜଣେ ରୂପ ସଚେତକ ପ୍ରେମିକ-କବି । ତାଙ୍କର ପ୍ରଣୟଭାବନା ସୌନ୍ଦର୍ଯ୍ୟପରକ । କେବଳ 'ହେମପୁଷ୍ପ'ରେ ନୁହେଁ, ତାଙ୍କର ତରୁଣ ବୟସର ସମସ୍ତ ରଚନାରେ ଦେଖାଯାଏ - "ଇନ୍ଦ୍ରିୟଭୋଗ୍ୟ ଏହି ବାହାର ବିଶ୍ୱର ଦର୍ଶନ ଓ ସ୍ପର୍ଶ ଯେଉଁ ବୟସରେ ଚିତ୍ତକୁ ନାନାଭାବରେ ବିକ୍ଷୋଭିତ କରେ, ସେଗୁଡ଼ିକରେ ସେହି ରୂପ ବୁଭୁକ୍ଷୁ ଯୌବନର ଜନନ-ଚିହ୍ନ ସୁସ୍ପଷ୍ଟ ।" (୧)

ସାହିତ୍ୟରେ ପ୍ରେମ ଏକ ପୁରାତନ ଉପଜୀବ୍ୟ ବିଷୟ । ମାନସିଂହଙ୍କ କଥାରେ ପୁଣି (୨) "ଆମ ସାହିତ୍ୟରେ ପ୍ରେମ କବିତାର ଅରଣ୍ୟ ରହିଛି ।" ତେଣୁ ନିଜ କାବ୍ୟରେ ଏହାକୁ ଏକ ନୂତନ ଆୟତନ ପ୍ରଦାନ କରିବାପାଇଁ ସେ ଚାହିଁଥିଲେ ପାରମ୍ପରିକ ସ୍ଥୂଳ ବର୍ଣ୍ଣନା ବାହୁଲ୍ୟ ପରିବର୍ତ୍ତେ, "ବ୍ୟକ୍ତିଗତ ବିଭିନ୍ନ ଅଭିଜ୍ଞତାରେ ଶବଳିତ, ବିଚିତ୍ରତା ।" ତାଙ୍କ ଦୃଷ୍ଟିରେ ପ୍ରେମର ସଂଜ୍ଞା ! ନାରୀ ଓ ପୁରୁଷ ମଧ୍ୟରେ ପରସ୍ପର ସହିତ ମିଳନାକାଙ୍କ୍ଷା ସାର୍ବଭୌତିକ ପ୍ରବୃତ୍ତି; କିନ୍ତୁ "ଇତର ପ୍ରାଣୀ ନିକଟରେ ......ଯାହା ଯୌନ କ୍ଷୁଧା ......କେବଳ ପ୍ରଜନନର ଉପାୟ ମାତ୍ର, ମାନବ ସମାଜରେ ତାହା ପ୍ରେମ - ତାହା ହିଁ ହେଉଛି ସଙ୍ଗୀତ, ସାହିତ୍ୟ, କଳା, ଶିଳ୍ପ, ନୃତ୍ୟର ଜନନୀ ।" (୩) ଏଥିରୁ ଦୁଇଟି ତଥ୍ୟ ଉପଲବ୍ଧ ହୁଏ - ପ୍ରେମ ଯୌନତୃପ୍ତିର ଅତିରିକ୍ତ ଏକ ସୂକ୍ଷ୍ମ ଉପଲବ୍ଧି ଏବଂ ଏହି ଉପଲବ୍ଧି

୧- 'ହେମପୁଷ୍ପ' ଭୂମିକା ।
୨- 'ଧୂପ' ଭୂମିକା
୩- 'ମୁଁ କାହିଁକି ଲେଖେ' - ଡଗର, ୧୪୧୧ ସଂଖ୍ୟା ।

Digitized by srujanika@gmail.com

କଳାତ୍ମକ ସୃଜନଶୀଳତାର ଅନୁପ୍ରେରକ । ଅନ୍ୟ କଥାରେ ପ୍ରେମର ଭିତ୍ତି ଦେହ, ମାତ୍ର ଏହାର ପରିସୀମା ଦେହାତୀତ; ଏହାର ପ୍ରକୃତି ସ୍ଥୂଳ ମାତ୍ର ପ୍ରତିକ୍ରିୟା ସୂକ୍ଷ୍ମ; ଏହାର ଅନୁଭୂତି ବ୍ୟକ୍ତିଗତ, ମାତ୍ର ଅଭିବ୍ୟକ୍ତି ବ୍ୟକ୍ତି ନିରପେକ୍ଷ । ଏଭଳି ଏକ ଆଦର୍ଶାନ୍ୱିତ ଦୈହିକ ପ୍ରେମ ସମ୍ପର୍କରେ ତାଙ୍କର ବକ୍ତବ୍ୟ ମାନବିକ ପ୍ରେମ ଅପେକ୍ଷା ଜୀବନରେ ମହତ୍ତର ଓ ସୁନ୍ଦରତର ଅନୁଭୂତି ଅଛି; କିନ୍ତୁ ଏ ଅନୁଭୂତି ନିନ୍ଦନୀୟ ବା ଲଜ୍ଜାକର ହେବାର କୌଣସି କାରଣ ନାହିଁ ।'' (୪)

ମାନସିଂହଙ୍କ କାବ୍ୟରେ ପ୍ରେମାନୁଭୂତିର ଆଲମ୍ବନ ତ୍ରିବିଧ :— ପରକୀୟା ପ୍ରେମିକା, ସ୍ୱକୀୟା ପତ୍ନୀ ଓ ଅନାସକ୍ତା ମାନସୀ ଏବଂ ତାଙ୍କ ପ୍ରଣୟ -ଚେତନାର ଉଦ୍ଦୀପକ - ନାରୀର ସୌନ୍ଦର୍ଯ୍ୟ । ଏହି ସୌନ୍ଦର୍ଯ୍ୟ ବିଚାରରେ ଦୁଇଟି ବ୍ୟାପକ ବିଭାଗ ହୋଇପାରେ - ଶାରୀରିକ ସୌନ୍ଦର୍ଯ୍ୟ ଏବଂ ଚାରିତ୍ରିକ ସୌନ୍ଦର୍ଯ୍ୟ । ଶାରୀରିକ ସୌନ୍ଦର୍ଯ୍ୟର ଅନ୍ତର୍ଭୁକ୍ତ - ଆକୃତି, ଆଭୂଷଣ ଓ ଅନୁଭାବ ଏବଂ ତାରିତ୍ରିକ ସୌନ୍ଦର୍ଯ୍ୟର ଅନ୍ତର୍ଭୁକ୍ତ -ମନ, ବଚନ ଓ କର୍ମ । ଆକୃତିକ ସୌନ୍ଦର୍ଯ୍ୟର ଅବଲମ୍ବନ - ଅଙ୍ଗ ଓ ପ୍ରତ୍ୟଙ୍ଗ ଗଠନର ନିଟୋଳତା, ବର୍ଣ୍ଣ, ବୟସ, ସ୍ୱାସ୍ଥ୍ୟ, ସୌକୁମାର୍ଯ୍ୟ ଇତ୍ୟାଦି; ଆଭୂଷଣ, ଯଥା - ବସ୍ତ୍ର, ଅଳଙ୍କାର, ଅନୁଲେପନ ଇତ୍ୟାଦି । ଏହାର ପରିବର୍ଦ୍ଧିକ ଏବଂ ଅନୁଭାବ ଯଥା - ଅଙ୍ଗଜ, ଅକ୍ଷତ୍ନଜ, ସ୍ୱଭାବଜ, ସାତ୍ତ୍ୱିକ ଇତ୍ୟାଦି । ଏହାର ପ୍ରକାଶକ ଓଡ଼ିଆ ପ୍ରେମ କବିତାର ଅରଣ୍ୟରେ ଏହିପରି ଭାବେ ଆଲମ୍ବିତ ଓ ଉଦ୍ଦୀପିତ ପ୍ରେମ ବର୍ଣ୍ଣନାର ଅଭାବ ନ ଥିଲେ ହେଁ ମାନସିଂହଙ୍କ କାବ୍ୟରେ ଏହାର ବିଶେଷତା ହେଲା ଲୌକିକ ଓ ବୈକ୍ତିକ ପ୍ରେମାନୁଭୂତିର ସୂକ୍ଷ୍ମ ଅଭିବ୍ୟଞ୍ଜନା, ତାଙ୍କ ରଚନାରେ ନାହିଁ ତଟସ୍ଥ ଦ୍ରଷ୍ଟାର ପ୍ରଗଳ୍‌ଭ ବାଗ୍‌ବିଳାସ କିମ୍ବା ଅତୀନ୍ଦ୍ରିୟ ପ୍ରେମ-ସାଧନାର ନଧର ଭାବପ୍ରବଣତା । ପ୍ରେମର ଆଲମ୍ବନ ମାନବ ହେଉ କିମ୍ବା ମାନବାୟିତ ପ୍ରକୃତି ହେଉ ତାର ଏକ ଇନ୍ଦ୍ରିୟଗ୍ରାହ୍ୟ ରୂପ-ରଚନାରେ ସେ ସିଦ୍ଧହସ୍ତ; କିନ୍ତୁ ସେହି ରୂପ-ରଚନାରେ ପ୍ରତିଫଳିତ ହୋଇନାହିଁ ନଖଶିଖ ବର୍ଣ୍ଣିତ ଶୃଙ୍ଗାର ପ୍ରତିମା କିମ୍ବା ଆସ୍‌ମାନି କଳ୍ପନାର ଅଶରୀରୀ ମାନସୀ । ସେଥିରେ କେବଳ ଫୁଟି ଉଠିଛି ଜୀବନରେ ପରିଚିତ ପ୍ରୀତି ପ୍ରତିମାର ଆଭାସ-ଚିତ୍ର । ମାନସିଂହଙ୍କ ପ୍ରେମ-ଭାବନାରେ ଏହି ରୂପରଚନାତ୍ମକ କାରିଗରୀ ତାଙ୍କ ସୌନ୍ଦର୍ଯ୍ୟ-ଚେତନାର ନିଷ୍କର୍ଷ ।

ମାନସିଂହଙ୍କ କାବ୍ୟ-ନାୟିକା - ସେ 'ଧୂପ'ର ପରକୀୟା ପ୍ରଣୟିନୀ ହୁଅନ୍ତୁ, କିମ୍ବା ହେମଶସ୍ୟର ପରିଣିତା ପତ୍ନୀ ହୁଅନ୍ତୁ, ଅଥବା 'ଇରାନୀ-କିଶୋରୀ' ପରି ଅନାସକ୍ତା ମାନସୀ ହେଉ - ସେ ଅପରୂପା, ସେମାନେ ରୀତିକାବ୍ୟର ପରମ୍ପରା ପ୍ରସିଦ୍ଧ 'ନାହିଁ ନଥିଲା ନୋହିବ' ସୌନ୍ଦର୍ଯ୍ୟର ଆକାଶୀ-ପ୍ରତିମା ନ ହୋଇପାରନ୍ତି, ମାତ୍ର ଆମର ପରିଚିତ ସାମାଜିକ ପରିଧି ମଧ୍ୟରେ ସେମାନେ ଏକ ଏକ ରୂପବତୀ ଜୀବନ୍ତ ଚରିତ୍ର ।

୪- 'ଧୂପ' - ଭୂମିକା

Digitized by srujanika@gmail.com

'ଧୂପ'ର ପ୍ରଣୟିନୀ ଅନ୍ୟର ଗୃହିଣୀ ସେ 'ସୁନ୍ଦରୀ' । ମାତ୍ର ତାଙ୍କର ସୌନ୍ଦର୍ଯ୍ୟ କେବଳ ଦେହ ସର୍ବସ୍ୱ ନୁହେଁ, ତାହାର ବିସ୍ତାର ଭୂମି ଉଭୟ ଦେହ ଓ ମନ । ମାନସିଂହ ତାଙ୍କର ଚିକୁରୁ ଚରଣଯାଏ ଚିତ୍ରଣ କରିନଥିଲେ ହେଁ ତାଙ୍କ ଶାରୀରିକ ସୌନ୍ଦର୍ଯ୍ୟର ଏକ ଇନ୍ଦ୍ରିୟଘନ ସଜୀବ ରୂପ ପାଠକର ପ୍ରାଣ ସ୍ପର୍ଶ କରେ । 'ଆଷାଢ଼-ଅଭିସାର'ରେ ତାଙ୍କର ରୂପାଙ୍କନରେ ମାନସିଂହଙ୍କ ବକ୍ତବ୍ୟ । ସେ ତରୁଣୀ, ସମବୟସୀ, ତାଙ୍କର ଚାରୁମୁଖ, କୋମଳପଦ, ଭୀରୁ ହୃଦୟ, କବରୀରେ କୁସୁମାଭରଣ, ପାଦରେ ନୂପୁର, ସେ କୁସୁମ-କୋମଳା, ମଧୁ ବଚନା ଓ ବିଶାଳ ନୟନା, କିନ୍ତୁ ଏଇତକ ଶବ୍ଦ-ଚିତ୍ର ମଧ୍ୟରେ 'ସୁନ୍ଦରୀ' ର ରୂପ ଫୁଟି ଉଠିନି । ତାଙ୍କର ଯେଉଁ ରୂପ ପାଠକକୁ ଅଭିଭୂତ କରେ, ତାହା ହେଉଛି ତାଙ୍କର ପ୍ରଣୟ ବିଭୋର ଆତ୍ମାର ସକରୁଣ ନିବେଦନ, ପ୍ରାଣମୂର୍ଚ୍ଛା ତ୍ୟାଗ ଓ ଐକାନ୍ତିକ ସ୍ନେହ ଯାଚନା, ସେହିପରି 'ଏଇ ସହକାର ତଳେ'ର ଅଭିସାରିକା ସମ୍ପର୍କରେ କବି କହିଥିଲେ ହେଁ 'ମୋର ପ୍ରିୟା ସରି ନାହିଁ ସୁନ୍ଦରୀ', ତାଙ୍କର ସୌନ୍ଦର୍ଯ୍ୟର କୌଣସି ଚିତ୍ର ସେ ଅଙ୍କନ କରିନାହାନ୍ତି । କିନ୍ତୁ କଙ୍କଣ ପରିହିତ ବାହୁର ଘନ ଆଶ୍ଳେଷ ମଧ୍ୟରେ ଯେଉଁ ଉଦଗ୍ର ଇନ୍ଦ୍ରିୟ ଚେତନାର ଆଭାସ ମିଳେ, ତା'ରି ଭିତରେ ରୂପ ଗ୍ରହଣ କରେ ସୁଗନ୍ଧିତ କେଶବତୀ, ଉତ୍ତ୍ରବସନା ଗୋଟିଏ ପ୍ରେମ ମୁଗ୍ଧା ରମଣୀର ଜ୍ୱଳନ୍ତ ରୂପଶ୍ରୀ, 'ଧୂପ'ର ନାୟିକାର ସୌନ୍ଦର୍ଯ୍ୟ ଇନ୍ଦ୍ରିୟାନୁଭୂତିରେ ଆସ୍ୱାଦ୍ୟ : ତାଙ୍କର ବାହୁ ସୁଗୋଲ, ପିଚ୍ଛିଳ; କେଶ ଚିକ୍‌କଣ; ନିଃଶ୍ୱାସ ସୁବାସିତ । ତାଙ୍କର ବିଶିଷ୍ଟ ଅଙ୍ଗାଭରଣ, ବାହୁରେ କଙ୍କଣ, ପାଦରେ ନୂପୁର ଓ କବରୀରେ କିଆଫୁଲ । ସହକାର ତଳେ ନିଝୁମ୍ ରାତିରେ ପ୍ରଣୟୀର ଗଳାରେ ବାହୁ ଭିଡ଼ି, ଗାଲରେ ସୁରଭି ନିଃଶ୍ୱାସ ଢାଳି, ସେ ଖାଲି ସକରୁଣ ଆଖିମେଲି ପ୍ରଶ୍ନ କରନ୍ତି, 'ତମେ ସତେ ଭଲ ପାଅ ?' କବି ଏହି କେତୋଟି କଥା ବାରମ୍ବାର ଉଲ୍ଲେଖ କରି ପାଠକ ଆଗରେ ଠିଆ କରାଇଛନ୍ତି ପ୍ରଣୟ-ବିଭୋରା ନାରୀର ଏକ ଘନିଷ୍ଠ ଚରିତ୍ର । କବିଙ୍କର Fetish ମନୋବୃତ୍ତି ତାଙ୍କ ସୌନ୍ଦର୍ଯ୍ୟ-ଚେତନାର ଏକ ବିଶେଷ ଆଭିମୁଖ୍ୟ ।

'ହେମଶସ୍ୟ'ରେ ରୂପାୟିତା ପତ୍ନୀ ଏକ ରୂପୋତ୍ତର ସୌନ୍ଦର୍ଯ୍ୟର ଅଧିକାରିଣୀ । ଦେହଠାରୁ ସ୍ନେହର, ରୂପଠାରୁ ଆତ୍ମାର ସୌନ୍ଦର୍ଯ୍ୟ ଶ୍ରେଷ୍ଠ ବୋଲି ତାଙ୍କ ନିକଟରେ ଉପଲବ୍ଧ ହୋଇଛି । ଶାରୀରିକ ସୌନ୍ଦଯ୍ୟ ତୁଳନାରେ ଚାରିତ୍ରିକ ସୌନ୍ଦର୍ଯ୍ୟର ମହତ୍ତ୍ୱ ପ୍ରତିପାଦନ ପୂର୍ବକ କବି କହିଛନ୍ତି -

''ନର-ସୌନ୍ଦର୍ଯ୍ୟରେ
ଭକ୍ତସମ ଅଛି ଚାହିଁ ମୁଗ୍‌ଧ ନୟନରେ
କେତେବାର ସଖି ମୁହିଁ, ବିଦଗ୍‌ଧ ସ୍ରଷ୍ଟାର
ସୃଷ୍ଟିର ମହିମା ସ୍ମରି, କିନ୍ତୁ ଗୋ ଆତ୍ମାର
ସୌନ୍ଦର୍ଯ୍ୟ ତହିଁରୁ ବଳି (୫)

୫- ଆତ୍ମାର ସୌନ୍ଦର୍ଯ୍ୟ : ହେମଶସ୍ୟ

Digitized by srujanika@gmail.com

ପତ୍ନୀର ସ୍ନେହ ସ୍ପର୍ଶରେ ତାଙ୍କର ଦେହ-ଚେତନାର ଅବସାନ ଘଟିଛି, ସେ କେବଳ ଅନୁଭବ କରିଛନ୍ତି ଦେହ-ମନ୍ଦିରରେ ପ୍ରଜ୍ଜ୍ୱଳିତ ପ୍ରେମ-ଶିଖାର ଉଷ୍ଣତା । (୬) ଦେହର ସ୍ନେହ ସିଞ୍ଚିତ ସ୍ନିଗ୍ଧ ରୂପ ସୌନ୍ଦର୍ଯ୍ୟର ଏକ ଦାର୍ଶନିକ ବା ଲୋକୋତ୍ତର ଅନୁଭୂତି । ମାନସିଂହଙ୍କର ଏହି ସୌନ୍ଦର୍ଯ୍ୟ ଦର୍ଶନ ତାଙ୍କ ବିଂବାହୋତ୍ତର କାଳୀନ ଜୀବନ ଜିଜ୍ଞାସାର ଏକ ଅନିବାର୍ଯ୍ୟ ଉପଲବ୍ଧି, 'ଧୂପ' ଓ 'ହେମଶସ୍ୟ' ଭିତରେ ନାରୀ-ସୌନ୍ଦର୍ଯ୍ୟର ମାନଦଣ୍ଡରେ ଯାହା ରୂପାନ୍ତର ଘଟିଛି, ତାହାର ଭିତ୍ତି ହୁଏତ ସାମାଜିକ ମର୍ଯ୍ୟାଦା ବୋଧ କିମ୍ବା ସୌନ୍ଦର୍ଯ୍ୟର ଶାଳୀନ ପରିଶୀଳନ ପାଇଁ ବୌଦ୍ଧିକ ଅନୁସନ୍ଧିତ୍ସା । କାରଣ, 'ସୁରା ଓ ସୁଧା'ର, 'ତ୍ୟାଗ ଓ ଭୋଗ'ର ତୁଳନାତ୍ମକ ବିଚାରଧାରାରେ ସ୍ପଷ୍ଟତଃ ପରିଲକ୍ଷିତ ହୁଏ ମାନସିଂହଙ୍କ ସୌନ୍ଦର୍ଯ୍ୟ ଚେତନା ଉପରେ ନିତିବୋଧର ଏକ ପ୍ରଗାଢ଼ ପ୍ରଲେପ । ମାନସିଂହଙ୍କ ରଚନାରେ ନାରୀର ତୃତୀୟ ରୂପ 'ଇରାନୀ କିଶୋରୀ' । ସେ ପ୍ରିୟା ନୁହେଁ କି ପ୍ରେୟସୀ ନୁହେଁ; ସେ ମାନସୀ । ବିଦ୍ୟୁତ୍‌ପ୍ରଭା ପରି ତା'ର କ୍ଷଣିକ ସ୍ମରଣ କବିଚିତ୍ତରରେ ରଖିଯାଇଛି ଏକ ଗଭୀର ଦାଗ । ସେ ଅର୍ଦ୍ଧେକ ମାନବୀ ଓ ଅର୍ଦ୍ଧେକ କଳ୍ପନା, ଇରାନ୍‌ର ଉପାଦାନରେ କବିତାର ରୂପାଙ୍କନ କରିଛନ୍ତି : ସେ ଗୁଲ୍‌ବଦନା, ତା'ର ଅଧର ଦ୍ରାକ୍ଷା ସୁକୋମଳ, ତା'ର ବିହାର ଭୂମି ବୁଲ୍ ବୁଲ୍ ମୁଖରିତ ଗୁଲ୍-ଉପବନ । ପ୍ରଣୟୀକୁ ସିରାଜୀ ପରଶି ତାର ଛାତି ଉପରେ ମଥା ରଖି ସେ ଶୁଣେ ରୁବାଇୟାତ୍ । ଏଠାରେ ମାନସିଂହଙ୍କ ସୌନ୍ଦର୍ଯ୍ୟ ଚେତନା ଏକାନ୍ତଭାବେ ଦେହନିଷ୍ଠ ଓ ଦୃଷ୍ଟିବଦ୍ଧ । ସେ ଯେପରି ଏକ ପ୍ରତ୍ୟାଖ୍ୟାତ ରୂପ ଭିକାରୀ, ଯାହାର ଏକାମାତ୍ର ସାନ୍ତ୍ୱନା କଳ୍ପନା । ଇରାନୀ -କିଶୋରୀ ଅଜର, ଅମର ! ମାନସିଂହଙ୍କ ସୌନ୍ଦର୍ଯ୍ୟ-ଚେତନାରେ ଏହା ହିଁ ଏକ ବଳିଷ୍ଠ ବିଭାବ । ତାଙ୍କ ନିକଟରେ ସୌନ୍ଦର୍ଯ୍ୟର ଜରାଜୀର୍ଣ୍ଣ ରୂପଠାରୁ ବରଂ ମୃତ୍ୟୁ ଶ୍ରେୟସ୍କର । ସେଥିପାଇଁ ବିଗତ-ଯୌବନା କୋଣାର୍କର ଲାବଣ୍ୟର ନଷ୍ଟ ଅସ୍ମିତା ଦେଖି ତାଙ୍କର କବିଚିତ୍ତ ଶତଧା ବିଦୀର୍ଣ୍ଣ ହୋଇଯାଇଛି । ତାଙ୍କ କଳ୍ପନାରେ ଜୀବନ୍ୟାସ ପାଇଛନ୍ତି ପାଷାଣୀ ବିଗ୍ରହବୃନ୍ଦ । ସେମାନଙ୍କ କଳ୍ପିତ ଲାସ୍ୟ ସନ୍ଦର୍ଶନରେ ସେ ପାଇଛନ୍ତି କ୍ଷଣିକ ତୃପ୍ତି, ତେଣୁ ମୁମୂର୍ଷୁ କୋଣାର୍କ ପ୍ରତି ତାଙ୍କର ବିଦାୟ-ବାର୍ତ୍ତା ହୋଇଛି -

"ଆଣିପାରେ ଭାବନାରେ, କେବେ କି ଚେଗା
                    ମୋ ତପସାଧନେ,
ଧରାଦେବ, ହେ ଉର୍ବଶୀ, କୃଚ୍ଛ୍ର ବ୍ରତ ଜନ୍ମଜନ୍ମାନ୍ତରେ ?
କିବା କ୍ଲେଶ, ଯଦି ତାହା ପାରେ ସମ୍ଭବାଇ
ତମପରି ପରମ ସୃଜନେ !" (୭)

ଠିକ୍ ଏହିପରି ସୌନ୍ଦର୍ଯ୍ୟ-ବେଦନାର ନିଷ୍ଠୁର ସ୍ପର୍ଶରୁ ନିଜର ସ୍ୱପ୍ନକୁ ବଞ୍ଚାଇ ରଖିବା ପାଇଁ କବି 'ଧୂପ'ର ସେହି ଅପରୂପା ପ୍ରଣୟିନୀଙ୍କ ସହିତ ଆଜୀବନ ସମ୍ପର୍କ ପରିବର୍ତ୍ତେ ଚାହିଁଛନ୍ତି ଜନ୍ମାନ୍ତର ସମ୍ପର୍କ ।

୬- ଦେହ ଓ ସ୍ନେହ : ହେମଶସ୍ୟ
୭- 'ମୁମୂର୍ଷୁ କୋଣାର୍କ' - କୋଣାର୍କ

Digitized by srujanika@gmail.com

"ତେବେ ରୂପଗତା
ଦୁଃଖ କିବା ? ଜନ୍ମାନ୍ତରେ ପାଇବା ମମତା
ନୂଆକରି, ଶୁଭ୍ରକେଶେ ଦେଖା କାହିଁପାଇଁ ?
ନୂତନ ପ୍ରଭାତ ଆସେ, ନିଶି ଯାଉ ପାହି ।" (୮)

ଆକ୍ଷରିକ ଅର୍ଥରେ ଯାହା ଚିତ୍ତକୁ ଆର୍ଦ୍ରକରେ (ସୁ + ଉନ୍ଦ +ଅରନ) ବା ଆନନ୍ଦ ଦିଏ (ସୁ + ନନ୍ଦୟତି) ତାହା ସୁନ୍ଦରାଦ୍ରବିତ ବା ନନ୍ଦିତ କରିବା ସୌନ୍ଦର୍ଯ୍ୟର ଗୁଣ ବା କ୍ରିୟା । ସୁତରାଂ ବ୍ୟାକରଣିକ ବ୍ୟୁତ୍ପତ୍ତି ଅନୁସାରେ ସୌନ୍ଦର୍ଯ୍ୟର ସଂଜ୍ଞା ନିର୍ଦ୍ଧାରଣ କରାଯାଇ ପାରେନା । ସୌନ୍ଦର୍ଯ୍ୟ ତତ୍ତ୍ୱବିତ୍ କବି କଳାକାର ଓ ଦାର୍ଶନିକଗଣ ନାନା ଭାବରେ ଏହାର ବ୍ୟାଖ୍ୟାତ୍ମକ ସଂଜ୍ଞା ନିର୍ଣ୍ଣୟ କରିଛନ୍ତି । ସେମାନଙ୍କ ବିଚାର ଆଲୋଚନାରୁ ଗୋଟିଏ କଥା ନିର୍ଧାର୍ଯ୍ୟଭାବେ ପ୍ରତିପନ୍ନ ହୁଏ ଯେ, ସୌନ୍ଦର୍ଯ୍ୟ ବସ୍ତୁର ନିର୍ଯ୍ୟାସ ନୁହେଁ, ଏହା ବସ୍ତୁ ସହିତ ସମନ୍ୱିତ ଏକ ଅଭିଜ୍ଞାନ । ସଂସ୍କୃତରେ 'ଲାବଣ୍ୟ'ର ବ୍ୟାଖ୍ୟା ଯେପରି କରାଯାଇଛି,

"ମୁକ୍ତା ଫଳେଷୁ ଛାୟାୟା ସ୍ତରଳଂ ତ୍ୱମିବାନ୍ତରା
ପ୍ରତିଭାତି ଯଦଙ୍ଗେଷୁ ଲାବଣ୍ୟଂ ତଦମୁଚ୍ୟତେ ।"

ତାହା ସୌନ୍ଦର୍ଯ୍ୟର ସ୍ୱରୂପ ଅବଧାରଣା କରିବା ଦିଗରେ ଏକ ମାର୍ମିକ ତଥ୍ୟ ପ୍ରଦାନ କରେ । ମୁକ୍ତାର କାନ୍ତିପରି ସୌନ୍ଦର୍ଯ୍ୟ ବ୍ୟକ୍ତି ବା ବସ୍ତୁର ଅଙ୍ଗୋଦ୍ଭିନ୍ନ ଏକ ପ୍ରୀତିକର ପ୍ରତୀତି । ଦ୍ରଷ୍ଟାର ମାନସିକତା ଓ ସ୍ପର୍ଶକାତରତା ଉପରେ ଏହି ପ୍ରତୀତିର ତାରତମ୍ୟ ନିର୍ଭରଶୀଳ । ତରୁଣ ପ୍ରେମିକ କବି ମାନସିଂହଙ୍କ ସ୍ପର୍ଶକାତର ମନରେ ନାରୀ-ସୌନ୍ଦର୍ଯ୍ୟର ପ୍ରତୀତି ଯେପରି ବ୍ୟାପକ, ସେହିପରି ବିଚିତ୍ର । ତଥାପି ସାମଗ୍ରିକ ଭାବେ ତାଙ୍କ ସୌନ୍ଦର୍ଯ୍ୟ-ଚେତନାରେ ନାରୀର ଉପର୍ଯ୍ୟୁକ୍ତ ତ୍ରିବିଧ ରୂପ ଅପେକ୍ଷାକୃତ ସୁସ୍ପଷ୍ଟ ।

●

୮- 'ପ୍ରେମ ଓ ଜରା - ଧୂପ

Digitized by srujanika@gmail.com

ଗବେଷକ ଡ଼ଃ ମାନସିଂହ

ଡକ୍ଟର ଦାଶରଥି ଦାସ

॥ ଏକ ॥

ସେଦିନ ଭବାନୀପାଟଣାରୁ ଟିକେଟ ଖର୍ଚ୍ଚ ବାଦେ ମାତ୍ର ଟ ୨୫୦ ହାତରେ ଧରି ଆସିଷ୍ଟାଣ୍ଟ ହେଡ୍‌ମାଷ୍ଟର୍ ମାୟାଧର ମାନସିଂହ ଅଜଣା ଜଗତ ଇଂଲଣ୍ଡ ଅଭିମୁଖରେ ବାହାରି ପଡ଼ିଥିଲେ, ଫେରିଲେ, ୧୯୩୯ରେ ପିଏଚ୍.ଡ଼ି. ଡ଼ିଗ୍ରୀ ପ୍ରାପ୍ତ ହୋଇ । ଏ କ୍ଷେତ୍ରରେ ସେ ଓଡ଼ିଶାର ସର୍ବପ୍ରଥମ ନିଶ୍ଚୟ । ଓଡ଼ିଶା ଛାଡ଼ିବା ପୂର୍ବରୁ କେବଳ ନୂତନ ରାଜ୍ୟ ଓ ନୂତନ ସଭ୍ୟତା ଦେଖିବାର କୌତୂହଳ ଭିନ୍ନ ତାଙ୍କର ଅନ୍ୟ କୌଣସି ନିର୍ଦ୍ଧାରିତ ଲକ୍ଷ୍ୟ ଅବଶ୍ୟ ନଥିଲା; ତେଣୁ ପ୍ରାପ୍ତ ଡ଼ିଗ୍ରୀଟି ଥିଲା ତାଙ୍କରି ଭାଷାରେ ଆନୁଷଙ୍ଗିକ ଲାଭମାତ୍ର । କବି ହେଲେ ଏକା ଘଟରେ ଗବେଷକ ଏବେ । ୧୯୬୫ରେ ସେ ଲେଖନ୍ତି 'ଶିକ୍ଷାବିଦ୍‌ର ଗାଥା' । ସେଦିନ ସେ ଓଡ଼ିଶାରେ ଦେଖିଥିଲେ ପିଏଚ୍.ଡ଼ି. ଡ଼ିଗ୍ରୀ ପ୍ରାପ୍ତ ଲୋକ ମାଳମାଳ ! କିନ୍ତୁ ଆଜି ପ୍ରଶ୍ନ । ବତିଶ ବର୍ଷ ପରେ ପ୍ରଶ୍ନ । ସଂଖ୍ୟା ଅନ୍ୟୁନ ୧୦୦ ଗୁଣ ବଢ଼ିଛି ବୋଧହୁଏ । ଅଧ୍ୟାପକମାନେ ପି ଏଚ୍. ଡ଼ି. ଡ଼ିଗ୍ରୀ ପଛରେ ଅନ୍ଧଭାବେ ଧାଇଁଛନ୍ତି । ଡଃ ମାନସିଂହ ଅଧ୍ୟାପକ ଜୀବନରେ ପିଏଚ୍.ଡ଼ି. ଡ଼ିଗ୍ରୀର କୌଣସି ତାତ୍ପର୍ଯ୍ୟ ଦେଖିନଥିଲେ, ବରଂ ହୃଦୟଙ୍ଗମ କରିଥିଲେ - "ଅଧ୍ୟାପନା ପାଇଁ ପିଏଚ୍.ଡ଼ି. ଡ଼ିଗ୍ରୀ ଏକାନ୍ତ ନିରର୍ଥକ ।" ସେତେବେଳେ ଆଶୁ ଆର୍ଥିକ ପ୍ରଲୋଭନରେ ରାଜ୍ୟର '**ପଣ୍ଡିତ ବର୍ଗ**' ଇଂଲଣ୍ଡକୁ ଧାଉଁଥିଲେ- କାରଣ "୬ ଇଂକ୍ରିମେଣ୍ଟର କିମିଆ" କ୍ରିୟାଶୀଳ ଥିଲା । ଆଉ ଏବେ ? ଏବେ ବୋଧହୁଏ ତାଙ୍କରି ଭାଷାରେ କହିଲେ ହେବ ପିଏଚ୍.ଡ଼ି. ଡ଼ିଗ୍ରୀ ପାଇବା ଓ ପିଏଚ୍.ଡ଼ି. ଡ଼ିଗ୍ରୀ ଅନ୍ୟକୁ ପ୍ରଦାନ କରିବା 'ବିଭାଗୀୟ ଯୁଦ୍ଧ ପାଇଁ ଅସ୍ତ୍ରାୟୋଜନ ମାତ୍ର ।' ପ୍ରକୃତରେ ଜ୍ଞାନାର୍ଜନ ପାଇଁ ଓଡ଼ିଶାରେ କେତେଜଣ ଗବେଷଣା କରିଛନ୍ତି, ତାହା ଉପରେ ଗବେଷଣା ହେବା ଉଚିତ ।

ଡଃ ମାନସିଂହ ପିଏଚ୍.ଡ଼ି. ଡ଼ିଗ୍ରୀର ଆର୍ଥିକ ସୁଫଳ ପାଇନାହାନ୍ତି ନୁହେଁ, ଶେଷ ପର୍ଯ୍ୟନ୍ତ ପାଇଛନ୍ତି । ସେ ସବୁ କଥା ଆମର ବିଚାର୍ଯ୍ୟ ନୁହେଁ । ବିଚାର୍ଯ୍ୟ ତାଙ୍କ ଗବେଷଣାର ତାତ୍ପର୍ଯ୍ୟ । ସେ ଯେତେବେଳେ ଏଡ଼ିନ୍‌ବରା ବିଶ୍ୱବିଦ୍ୟାଳୟରେ କ'ଣ କରିବେ ବୋଲି କିଂକର୍ତ୍ତବ୍ୟବିମୂଢ଼ ହୋଇ ଉଠିଥିଲେ, ସେତେବେଳେ ତାଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ ସେହି ବିଶ୍ୱବିଦ୍ୟାଳୟର କେମେଷ୍ଟ୍ରି ଅଫିସର୍ ଡଃ ଲଡ଼୍‌ଲାମ୍ । ଡଃ ଲଡ଼୍‌ଲାମ୍ କେବଳ ତାଙ୍କୁ ପିଏଚ୍.ଡ଼ି. ଡ଼ିଗ୍ରୀ ଲାଭ୍ ପାଇଁ ପ୍ରସ୍ତୁତ ହେବାକୁ ପ୍ରବର୍ତ୍ତାଇ ନ ଥିଲେ, ଥେସିସ୍‌ର ବିଷୟବସ୍ତୁ ବି ଠିକ୍ କରିଦେଇ ଥିଲେ । ଯେଉଁଠି Topic ବା ବିଷୟବସ୍ତୁ ଅନ୍ୟ କେହି ଠିକ୍ କରିଦିଅନ୍ତି,

Digitized by srujanika@gmail.com

ସେଠାରେ ଗବେଷକ ପିଏଚ୍.ଡ଼ି. ଡ଼ିଗ୍ରୀ ପାଇଁ ମାନସିକ ସ୍ତରରେ କେବେ ପ୍ରସ୍ତୁତ ନଥାନ୍ତି । ଡଃ ମାନସିଂହ ସତକଥା ମାନିଛନ୍ତି । ଲଡ୍‌ଲାମ୍‌ଙ୍କ ନିର୍ଦ୍ଦେଶରେ ସେ ସଂସ୍କୃତ ନାଟ୍ୟକାର କାଳିଦାସଙ୍କ ସହିତ ଇଂରାଜୀ ନାଟ୍ୟକାର ସେକ୍‌ସ୍‌ପିୟରଙ୍କ ସୃଷ୍ଟିର ଏକ ତୁଳନାତ୍ମକ ଆଲୋଚନାକୁ ଥେସିସର ବିଷୟବସ୍ତୁ ଭାବରେ ଗ୍ରହଣ କଲେ । ସେ ଡରହାମ୍ ବିଶ୍ୱବିଦ୍ୟାଳୟରୁ ପ୍ରଫେସର୍ ରେନ୍‌ଉଇକ୍‌ଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ୧୯୩୯ରେ ପିଏଚ୍.ଡ଼ି. ଡ଼ିଗ୍ରୀ ଲାଭ କରନ୍ତି । ଥେସିସ୍‌ଟି ପ୍ରକାଶିତ । ନାମ : "KALIDASA AND SHAKESPEARE" । ବିଷୟବସ୍ତୁ ସିନା ଲଡ୍‌ଲାମ୍ ବାଛି ଦେଇଥିଲେ, କିନ୍ତୁ ତାହାପ୍ରତି ଯଥାଶକ୍ତି ଦାୟିତ୍ୱ ସମ୍ପନ୍ନ ହୋଇଉଠିଛନ୍ତି ମାନସିଂହ । ଶିଳ୍ପୀଙ୍କ କ୍ଷେତ୍ରରେ ଯାହା ସତ୍ୟ, ଗବେଷକଙ୍କ କ୍ଷେତ୍ରରେ ତାହା ବୈତଥ୍ୟ ନୁହେଁ । ହେନେରୀ ଜେମ୍‌ସ୍‌ଙ୍କ ଭାଷାରେ କହିଲେ ହେବ - " The quality of the work is the quality of the mind of the writer" । ଥେସିସ୍‌ଟିରୁ ଯେ କେହି ଡଃ ମାନସିଂହଙ୍କ ଉଦାର ଦୃଷ୍ଟିଭଙ୍ଗୀ ଓ ଉଚ୍ଚକୋଟୀର ସାହିତ୍ୟବୋଧ ଲକ୍ଷ୍ୟ କରିପାରିବେ । ରବର୍ଟ ବ୍ରାଉନିଂଙ୍କର ଗୋଟିଏ କବିତା ସେ ଅନୁବାଦ କରିଛନ୍ତି, ଯାହାର ବକ୍ତବ୍ୟ ହିଁ ମାନସିଂହଙ୍କ ଜୀବନର ମଟୋ : ‘‘ଯେଉଁ ମଣିଷର ଦୃଷ୍ଟିଭଙ୍ଗୀ ଛୋଟ ସେ ସାନ ଲାଭ ଲୋଡ଼ି ଯୋଗାଡ଼ ଯୋଗିଡ଼ି କରି ତାହା ହସ୍ତଗତ କରିଥାଏ, କିନ୍ତୁ ବଡ଼ମନା ବଡ଼ରେ ଆଖିରଖେ; ବାଟ ଖୋଜୁ ଖୋଜୁ ହୁଏତ ସେ ଶୂନ୍ୟ ହସ୍ତରେ ମରିପାରେ କିନ୍ତୁ ସେ କ୍ଷୁଦ୍ରରେ କେବେ ସନ୍ତୁଷ୍ଟ ହୁଏ ନାହିଁ । ଆନନ୍ଦର କଥା ଯେ, ‘‘ବିରାଟରେ ଯା’ର ଆଖି ଓ ବିଚାର’’ ସେଇ ମାନସିଂହ ଶେଷ ପର୍ଯ୍ୟନ୍ତ ଯେଉଁ ପରିସ୍ଥିତିରେ ଥିଲେ, ସେଥିରେ ଯାହା ଉତ୍କୃଷ୍ଟ ସମ୍ଭବ, ତାହା ବିଶ୍ୱସ୍ତ ଭାବରେ କରିଛନ୍ତି ଓ ବିଶ୍ୱର ଦୁଇଜଣ ଶ୍ରେଷ୍ଠ କବି-ନାଟ୍ୟକାରଙ୍କୁ ସାମ୍ୟ ଓ ବୈଷମ୍ୟରେ ସ୍ୱଚ୍ଛ ଓ ଉଜ୍ଜ୍ୱଳ କରି ଦେଖି ଦେଖାଇଛନ୍ତି । ଜୀବନ ତାଙ୍କର ବିରାଟରେ ପୂର୍ଣ୍ଣ, କ୍ଷୁଦ୍ରରେ ନୁହେଁ । ଡଃ ମାନସିଂହ ତାଙ୍କର ସବୁ ଦୋଷ ଦୁର୍ବଳତା ସତ୍ତ୍ୱେ ସମଗ୍ର ଜାତିର ଶ୍ରଦ୍ଧା ଓ ସମ୍ମାନ ଆକର୍ଷଣ କରିଥାନ୍ତି, କାରଣ ତାଙ୍କର ଆଖି ଓ ବିଚାର ବିରାଟରେ ସନ୍ନିବିଷ୍ଟ ଥିଲା । ଭୂମୈବ ସୁଖଂ ନାଳ୍ପେ ସୁଖମସ୍ତି ।

।। ଦୁଇ ।।

ଊନବିଂଶ ଶତାବ୍ଦୀର ଶିକ୍ଷିତ ଭାରତୀୟମାନେ ଏକପକ୍ଷରେ ଯେପରି ସଂସ୍କୃତ ସାହିତ୍ୟର ମହତ୍ତ୍ୱ ସମ୍ବନ୍ଧରେ ସଚେତନ ହୋଇଉଠୁଥିଲେ, ଅନ୍ୟ ପକ୍ଷରେ ସେପରି ପାଶ୍ଚାତ୍ୟ ସାହିତ୍ୟ ସହିତ ପରିଚିତ ହେଉଥିଲେ । ଉଭୟ ପ୍ରକ୍ରିୟା ଅବଶ୍ୟ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ଅଭିଘାତରୁ ଭୂମିଷ୍ଠ ହୋଇଥିଲା । ଏହା ଫଳରେ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ତୁଳନାତ୍ମକ ପଦ୍ଧତିର ସୂତ୍ରପାତ ଘଟିଥିଲା । ତେଣୁ ଏହି ପଦ୍ଧତିର ଅନ୍ୟତମ ଲକ୍ଷ୍ୟ ଥିଲା ଭାରତୀୟ ସାହିତ୍ୟ ସହିତ ପାଶ୍ଚାତ୍ୟ ସାହିତ୍ୟର ତୁଳନା । ଯେତେଦୂର ସମ୍ଭବ ବଙ୍କିମ ଚନ୍ଦ୍ର କାଳିଦାସଙ୍କ କୁମାର ସମ୍ଭବ ସହିତ ମିଲଟନ୍‌ଙ୍କ ପାରାଡ଼ାଇଜ୍ ଲଷ୍ଟ ଓ କାଳିଦାସଙ୍କ ଶକୁନ୍ତଳାଙ୍କ

Digitized by srujanika@gmail.com

ସହିତ ସେକ୍ସିୟର୍‌ଙ୍କ ଦୁଇ ନାୟିକା ମିରନ୍ଦା ତଥା ଦେସ୍‌ଦିମୋନାର ତୁଳନାମୂଳକ ଆଲୋଚନା ପ୍ରସ୍ତୁତ କରି ଏହି ପଦ୍ଧତିର ଭିତ୍ତି ପକାଇ ଥିଲେ । କାଳିଦାସ ଓ ସେକ୍ସପିୟର୍ - ଯଥାକ୍ରମେ କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଶ୍ରେଷ୍ଠ ଶିଳ୍ପୀ ନୁହନ୍ତି, ଦୁହେଁ ସୃଜନ ପ୍ରତିଭାରେ ବିଶ୍ୱର ମହତ୍ତମ କବି-ନାଟ୍ୟକାର । ଉଭୟେ ସ୍ୱ ସ୍ୱ ଭୂମିରେ ତୁଳନା ରହିତ । ଅବଶ୍ୟ ଭାରତୀୟଙ୍କୁ କାଳିଦାସଙ୍କ ମହତ୍ତ୍ୱ ସହିତ ପରିଚିତ କରାଇଥିଲେ ଗେଟେ । ସେ ପ୍ରଶ୍ନ ଉଠାଇଥିଲେ : "Do you wish the blooms of early spring/ with the fruits of the later years ?" ଇତ୍ୟାଦି । ଆଉ ଉତ୍ତର ଦେଇଛନ୍ତି - "I name thee Shakuntala and all at once is said" ପ୍ରକୃତରେ ଚରିତ୍ରଟି ନୁହେଁ,କାଳିଦାସଙ୍କ ସୃଷ୍ଟି ଭାରତର ମହତ୍ତମ ସାରସ୍ୱତ କୀର୍ତ୍ତି । "Kalidasa's name dominates Indian Poetry and sums it up brilliantly." (Sylvain Levi). ଆଉ ସେକ୍‌ସ୍‌ପିୟର୍ ? ଫରାସୀ ବିପ୍ଳବର ଅନ୍ୟତମ ଶ୍ରେଷ୍ଠ ଋତ୍ୱିକ୍ ଭଲ୍‌ଟେୟାର୍‌ଙ୍କ କଣ୍ଠରେ ଉଚ୍ଚାରିତ ହୋଇଛି ଦ୍ୱିଧାହୀନ ଘୋଷଣା । - "Shakespeare is a savage with sparks of genius which shines in a dreadful darkness of night." ଇଂରାଜୀ କବି ଓ ସମାଲୋଚକ ଆର୍‌ନୋଲ୍‌ଡ୍ ବି ପ୍ରକାଶ କରିଛନ୍ତି ବିମୁଗ୍‌ଧତା ସେକ୍‌ସ୍‌ପିୟର୍‌ଙ୍କ ସମ୍ପର୍କରେ, "Others abide our question thou art free/ we ask and ask; thou smilest and art still / out topping knowledge." କାଳିଦାସ କାଳିଦାସୋପମ ଓ ସେକ୍‌ସ୍‌ପିୟର୍ ସେକ୍‌ସ୍‌ପିୟରୋପମ । ତାଙ୍କୁ ତୁଳନା କରି ବସିଛନ୍ତି ଗବେଷକ ମାନସିଂହ । ଏଥିରୁ ତାଙ୍କର ସାହିତ୍ୟ ବୋଧ, ନିର୍ବାଚନ ଦକ୍ଷତା ଓ ଉନ୍ନତମାନର ତୁଳନାଶୀଳ ସାହିତ୍ୟ ବିଚାର ପ୍ରତିପନ୍ନ ହୋଇଥାଏ । ଆମ ଭିତରେ ଯେ ବୃହତ୍ତମ ସେ ପୃଥିବୀରେ ବି ପ୍ରଥମଶ୍ରେଣୀର ନ ହୋଇ ପାରନ୍ତି । ଡଃ ମାନସିଂହ ବିଶ୍ୱବୀକ୍ଷା ଦୃଷ୍ଟିରୁ ସାହିତ୍ୟକୁ ବୁଝନ୍ତି । ତେଣୁ ତାଙ୍କ ଦୃଷ୍ଟିରେ ଆମର ଅନେକ ସାହିତ୍ୟିକ ଉତ୍ତୀର୍ଣ୍ଣ ହୋଇ ପାରନ୍ତି ନାହିଁ । ଗବେଷଣା କରିବ ତ ଏମିତି ଶ୍ରେଷ୍ଠ ଶିଳ୍ପୀଙ୍କୁ ବାଛିବ । ଉଭୟ ଗବେଷଣା ଓ ସାହିତ୍ୟ ମୂଲ୍ୟାୟନ ନିର୍ବାଚନ ସାପେକ୍ଷ ଓ ତୁଳନାଶୀଳ । ମାନସିଂହଙ୍କଠାରୁ ଆମେ ବିଶେଷ କିଛି ଶିଖିଲୁ ନାହିଁ । ଅବୁଦ୍ଧି ଓ ଅଶିକ୍ଷା ବରଂ ଆମ ଗବେଷଣାର ମାନ ହ୍ରାସ କରି ଚାଲିଛି, ଶ୍ରଦ୍ଧାରେ ଅଗାବଗାଖଗାଙ୍କୁ ସାହିତ୍ୟିକର ସମ୍ମାନ ଦେଇ ଆମେ ତାଙ୍କ କୃତି ସମ୍ବନ୍ଧରେ ଗବେଷଣା ଚଳାଇଛୁ ।

।। ତିନି ।।

"Kalidas & Shakespear" ଗ୍ରନ୍ଥର ସୂଚୀପତ୍ର ଦେଖିଲେ ଗବେଷକଙ୍କ ଦୃଷ୍ଟିଭଙ୍ଗୀର ବିଶେଷତ୍ୱ ଓ ତୁଳନାତ୍ମକ ସମାଲୋଚନା ପଦ୍ଧତିର ସାଫଲ୍ୟ ବୁଝିହେବ । ସେତେବେଳକୁ ଅବଶ୍ୟ "Comparative Literature" ଏକ ସ୍ୱତନ୍ତ୍ର Discipline ଭାବରେ ପ୍ରତିଷ୍ଠା ପାଇ ନଥାଏ - in its own right - ସାହିତ୍ୟ ସମାଲୋଚନାର ଅଙ୍ଗଭାବରେ ବିବେଚିତ

Digitized by srujanika@gmail.com

ହେଉଥାଏ ମାତ୍ର । ତଥାପି ଡଃ ମାନସିଂହ ଯେଉଁ ପଦ୍ଧତି ଅବଲମ୍ବନ କରିଛନ୍ତି, ତାହା ଆମୂଳାନ୍ତ ଆଜିର ସ୍ୱତନ୍ତ୍ର Discipline ଟିର ଗତି ଓ ପଦ୍ଧତି ସହିତ ସମତାଳରେ ଅଗ୍ରସର ହୋଇଛି । ପ୍ରକୃତରେ ପୂର୍ବବର୍ତ୍ତୀ ଗବେଷକ ଓ ସମାଲୋଚକଙ୍କ ବ୍ୟବହୃତ ପଦ୍ଧତିରୁ ଆଜିର Discipline ତାହାର ଗତିବେଗ ଲାଭ କରିଛି । ପ୍ରଥମେ ଗ୍ରନ୍ଥଟିର ସୂଚୀପତ୍ରର କିଛି ଅଂଶ ଦେଖନ୍ତୁ ।

Chapter Four :		The Gulf and the Bridge
	Five :	Images & Impressions
	Six :	Their Human Ideal
	Seven :	Nature and Beyond
	Eight :	Play and Poetry
	Nine :	Beauty in Chains

ତୁଳନାତ୍ମକ ସାହିତ୍ୟ ସମାଲୋଚନା ଯେଉଁ ତିନୋଟି ଦିଗରୁ ସାହିତ୍ୟକୁ ଦେଖିଥାଏ, ଡଃ ମାନସିଂହ ସେହି ତିନୋଟି ଦିଗ ଉପରେ ଯଥେଷ୍ଟ ଆଲୋକପାତ କରିଛନ୍ତି (୧) ଐତିହାସିକ ଦିଗ (Historical Approach) (୨) ସାମାଜିକ ବାସ୍ତବତାର ଦିଗ (Socio-realistic Approach) (୩) ରୂପତାତ୍ତ୍ୱିକ ଦିଗ (Formalistic Approach) । ପ୍ରକୃତରେ ଯେଉଁ ଦୁଇ ସାହିତ୍ୟିକଙ୍କୁ ତୁଳନା କରାଯାଏ, ସେମାନଙ୍କ ଦେଶକାଳପାତ୍ର ସମ୍ବନ୍ଧରେ ସ୍ପଷ୍ଟ ପରିଚୟ ଦେଇ ନ ପାରିଲେ ତୁଳନାମୂଳକ ବିଚାର ପଦ୍ଧତିର ମର୍ଯ୍ୟାଦା ନଷ୍ଟହୁଏ । ଅଧିକନ୍ତୁ ତୁଳନାତ୍ମକ ସମାଲୋଚନାରେ ବଡ଼ସାନ ବିଚାର କି ଉତ୍କର୍ଷ ଅପକର୍ଷ ବିଚାର ହାସ୍ୟକର । ବଡ଼କଥା Appreciation - ସାରସ୍ୱତ କୃତିତ୍ୱ ବିଚାର । ଡଃ ମାନସିଂହ ତାଙ୍କ ତତ୍ତ୍ୱାବଧାରକଙ୍କ ଦିଗ୍‌ଦର୍ଶନରୁ ହେଉ କି ନିଜ ଅନ୍ତର୍ଦୃଷ୍ଟି ବଳରେ ହେଉ ଉପଯୁକ୍ତ ମାର୍ଗରେ ଅଗ୍ରସର ହୋଇଛନ୍ତି । କେବଳ ଗବେଷଣା ନୁହେଁ, ସମାଲୋଚନାର ମୂଳ ସୂତ୍ର ବିଷୟରେ ଅବହିତ ଅଛନ୍ତି - Comparision and ananlysis are chief tools oi a crititc. କାଳିଦାସ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର କବି । ଭାରତର । ତାଙ୍କ କାବ୍ୟ ନାୟକ ରାଜା ରଘୁଙ୍କ ପରି ସେ ମନୁସ୍ମୃତିର ବିଧିମାର୍ଗରୁ ତିଳେମାତ୍ର ବିଚ୍ୟୁତ ହୋଇ ପାରନ୍ତି ନାହିଁ - ଅଳଙ୍କାର ଶାସ୍ତ୍ରର ଅନୁଶାସନକୁ ଅସ୍ୱୀକାର କରନ୍ତି ନାହିଁ । ତେଣୁ ତାଙ୍କୁ ବିଧିନିଷେଧର ତଟରେଖାରେ କାବ୍ୟର କଳତାନ ଫୁଟାଇବାକୁ ପଡ଼ିଛି । ସେ ଭାରତୀୟ ସଂସ୍କୃତିର ଫୁଟିଲା ଫୁଲ ନିଶ୍ଚୟ । ଅନ୍ୟପକ୍ଷରେ ସେକ୍‌ସ୍‌ପିୟର୍ ଷୋଡ଼ଶ ଶତାବ୍ଦୀର କବି-ନାଟ୍ୟକାର । ଇଂଲଣ୍ଡର । ୟୁରୋପୀୟ ରେନେସାଁସୀ ସାଧନା ତେଣୁ ସ୍ୱାଭାବିକ୍ ଭାବରେ ମାନବତାନ୍ତ୍ରିକ, ଯେଉଁଠି ମଣିଷ ନିଜେ ନିଜର ନିୟନ୍ତ୍ରଣାଧୀନ - ଶାସ୍ତ୍ରର ନୁହେଁ କି ସମାଜର ନୁହେଁ । ତେଣୁ ଦୁଇ ସ୍ରଷ୍ଟାଙ୍କ ମଧ୍ୟରେ ସ୍ଥାନ ଓ କାଳର ସୁଦୂର ବ୍ୟବଧାନ । ସେତୁହୀନ । ଅଧିକନ୍ତୁ ସାମାଜିକ ଆଚାର ଓ ଆଚରଣରେ ପାର୍ଥକ୍ୟ ଅପରିସୀମ । ଇଂରେଜ ପାଠକଟିଏ ଶକୁନ୍ତଳାର ପୂଜ୍ୟପୂଜା ବ୍ୟତିକ୍ରମର ଅପରାଧର ଉତ୍କଟତା ଯେପରି ଆଦୌ ବୁଝିପାରିବ ନାହିଁ, ଠିକ୍ ସେହିପରି ଭାରତୀୟ ପାଠକ ନାଟ୍ୟ ଚରିତ୍ର ପିତାଙ୍କୁ 'ମା'ର ସ୍ୱାମୀ' ବୋଲି ସମ୍ବୋଧନ

Digitized by srujanika@gmail.com

କରିବାର ସୌଜନ୍ୟ କି ତାତ୍ପର୍ଯ୍ୟ ଅବଧାରଣ କରି ପାରିବ ନାହିଁ । Tempest ଓ ଶକୁନ୍ତଳାର ପରିବେଶ ପ୍ରକୃତି - ଅଥଚ ସେହି ପ୍ରକୃତି ପ୍ରତି କବିଙ୍କ ଦୃଷ୍ଟିଭଙ୍ଗୀରେ ବିରାଟ ପାର୍ଥକ୍ୟ ବର୍ତ୍ତମାନ । ପ୍ରଥମଟିରେ ପ୍ରକୃତି ମଣିଷର ନିୟନ୍ତ୍ରଣାଧୀନ । ମଣିଷ Tempest ରେ ପ୍ରକୃତି ଓ ବନ୍ୟପ୍ରାଣୀଙ୍କୁ କ୍ରୀତଦାସ କରି ରଖିଛି - କାଲିବାନ୍ ପ୍ରକୃତିର କରୁଣ ପ୍ରତୀକ । ଅନ୍ୟ ପକ୍ଷରେ ଶକୁନ୍ତଳାରେ ପ୍ରକୃତିକୁ ସ୍ନେହ, ସମ୍ବେଦନା ଓ ସମ୍ମାନବୋଧ ଦୃଷ୍ଟିରୁ ଗ୍ରହଣ କରାଯାଇଛି - ତରୁଲତା ଓ ପଶୁପକ୍ଷୀ ସବୁ ମଣିଷର ବନ୍ଧୁ । ପାରିବାରିକ ସଂପ୍ରୀତିରେ ଆବଦ୍ଧ । ଚରିତ୍ର ଚିତ୍ରଣରେ ତଥା ଜୀବନର ସମସ୍ୟା ଉପସ୍ଥାପନରେ ବି କାଳିଦାସ ଓ ସେକ୍ସ୍‌ପିୟର୍ ଭିନ୍ନ ଭିନ୍ନ ପଥର ଯାତ୍ରୀ । କାଳିଦାସ ବିରୋଧରେ ଅଭିଯୋଗ ଅଛି ଯେ, ସେ ଜୀବନ ଓ ଜଗତର କଠିନ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ବିଶେଷ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଚରିତ୍ରଗୁଡ଼ିକ ମଧ୍ୟ ଆଦ୍ୟନ୍ତ ଭଲ । ଅବଶ୍ୟ ତାଙ୍କ ଶକୁନ୍ତଳାଙ୍କ ପାଖରେ ମିରନ୍ଦା, ଜୁଲିଏଟ୍, ଓଫେଲିଆ, ଦେସ୍‌ଦିମୋନା ଓ କର୍‌ଡ଼େଲିଆ ଅନାତ୍ମୀୟ ମନେ ହୁଅନ୍ତି ନାହିଁ କିନ୍ତୁ କାଳିଦାସଙ୍କର ଲେଡ଼ି ମ୍ୟାକ୍‌ବେଥ୍ କାହିଁ ? ହାମ୍‌ଲେଟ୍ କାହିଁ ? ଓଥେଲୋ କାହିଁ ? ପ୍ରକୃତରେ ହାମ୍‌ଲେଟ୍ ଓ ଓଥେଲୋ କାଳିଦାସଙ୍କ ଚରିତ୍ରଠାରୁ ବେଶୀ ପ୍ରାଣବନ୍ତ, କାରଣ ସ୍ରଷ୍ଟା ଏମାନଙ୍କ କ୍ଷେତ୍ରରେ ମଣିଷର ଆଦର୍ଶଗୁଣାବଳୀକୁ ରିରଂସା, କ୍ଷମତାସ୍ପୃହା, ସଂଦିଗ୍ଧତା ଓ ନିଷ୍ଠୁରତା ଆଦି ଆଦିମବୃତ୍ତିରୁ ଛାଣି ଅଲଗା ପରିବେଷଣ କରିନାହାନ୍ତି । ଦୁଇ କବି-ନାଟ୍ୟକାର ମଧ୍ୟ କିଛି କିଛି ସୀମାବଦ୍ଧତା (Restrictions) ସ୍ୱୀକାର କରିଛନ୍ତି । କାଳିଦାସଙ୍କ ପାଇଁ ଥିଲା ଅଳଙ୍କାର ଶାସ୍ତ୍ରର ବିଧିନିଷେଧ; ସେକ୍ସ୍‌ପିୟର୍‌ଙ୍କ ପାଇଁ ଜୀବନସଂଗ୍ରାମ୍, ସମସାମୟିକ ଦର୍ଶକଙ୍କ ରୁଚି ଓ ନାଟ୍ୟ ଐତିହ୍ୟର ନିୟନ୍ତ୍ରଣ । ସେକ୍ସ୍‌ପିୟର୍‌ଙ୍କର ନାଟକର କବିତ୍ୱ ଓ ନାଟ୍ୟଶ୍ରୀକୁ ଯେପରି ଆମ ଅଳଙ୍କା ର ଶାସ୍ତ୍ରର ମାନଦଣ୍ଡରେ ବିଚାର କରିହେବ ନାହିଁ, ଠିକ୍ ସେପରି କାଳିଦାସଙ୍କ ନାଟକକୁ ପାଶ୍ଚାତ୍ୟ ଦର୍ଶକଙ୍କ ନାଟ୍ୟରୁଚି ଓ ମଞ୍ଚାୟନ ଦୃଷ୍ଟିରୁ ବୁଝିହେବ ନାହିଁ । ଡଃ ଆର୍. ସି. ସାହାଣୀ ତାଙ୍କ ଗ୍ରନ୍ଥ ‘Shakespeare through Eastern Eye’ରେ ସେକ୍ସ୍‌ପିୟର୍‌ଙ୍କ ବିରୋଧରେ ପ୍ରାଚ୍ୟର ଅଭିଯୋଗ ଉପସ୍ଥାପନ କରିଛନ୍ତି, ଯେପରି Dr. A. B. Keith 'Sanskrit Drama' ରେ କାଳିଦାସଙ୍କ ଦୁର୍ବଳତା ଲକ୍ଷ୍ୟ କରିଛନ୍ତି । ସମାଲୋଚକ ଦୁହିଁଙ୍କ ଦୃଷ୍ଟିଭଙ୍ଗୀ ଅନୁଦାର ଓ ଏକଦେଶଦର୍ଶୀ । ଡଃ ମାନସିଂହ କାଳିଦାସ ଓ ସେକ୍ସ୍‌ପିୟରଙ୍କୁ ସେମାନଙ୍କ ଦେଶକାଳରେ ସ୍ଥାପନ କରି ଦେଶକାଳୋତ୍ତୀର୍ଣ୍ଣ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଚୋମସ୍କିୟାନ୍ (Chomskyan) ଧାରଣା ଦୃଷ୍ଟିରୁ ସବୁ ବ୍ୟବଧାନ ସତ୍ତ୍ୱେ ବିଶ୍ୱର ଏହି ଶ୍ରେଷ୍ଠ କବି-ନାଟ୍ୟକାରଙ୍କ ରଚନାର ଗଭୀର ସ୍ତରରେ ଯେଉଁ ସାମଞ୍ଜସ୍ୟ ଅଛି, ତାହା ଡଃ ମାନସିଂହ ଫେଡ଼ି ଦେଖାଇଛନ୍ତି, ଯଦିଓ ତାଙ୍କ ପକ୍ଷରେ ଚୋମସ୍କିଙ୍କୁ ଜାଣିବାର କୌଣସି ଉପାୟ ନଥିଲା । ଦୁହିଁଙ୍କ ଦେଶପ୍ରେମ, ଦୁହିଁଙ୍କ ସୌନ୍ଦର୍ଯ୍ୟବୋଧ, ଦୁହିଁଙ୍କ ପ୍ରେମବୋଧ, ଦୁହିଁଙ୍କ ଜୀବନାଦର୍ଶ ଓ ଦୁହିଁଙ୍କ ଆଧ୍ୟାତ୍ମିକ ଅନୁଭୂତି ତଥା କବିତ୍ୱ ସବୁ ସ୍ତରରେ ସମାପତନ ଉପସ୍ଥିତ । ସବୁ ଅମେଳ ସତ୍ତ୍ୱେ ପ୍ରତିଭାର ଉଚ୍ଚତମ

Digitized by srujanika@gmail.com

ଶିଖରରେ ଦୁହେଁ ବିଶ୍ୱ ସାହିତ୍ୟକୁ ସମାନ ଭାବରେ ଋଦ୍ଧିମନ୍ତ କରିଛନ୍ତି । ଡଃ ମାନସିଂହଙ୍କ ବିଚାର ତେଣୁ ତୁଳନାତ୍ମକ ସାହିତ୍ୟକୁ ନୂଆ ପ୍ରୋତ୍ସାହନ ଦେଇଥାଏ । ସାହିତ୍ୟ ବିଚାରର ନିରପେକ୍ଷତା ସୂଚାଇଥାଏ ।

ଆଜିର ଗବେଷଣା ପତ୍ର ପ୍ରସ୍ତୁତିର ବିଧିନିଷେଧ ଦୃଷ୍ଟିରୁ ଡଃ ମାନସିଂହଙ୍କ ଗବେଷଣା ପତ୍ରର ଅନେକ ଅସମ୍ପୂର୍ଣ୍ଣତା ଆଖିରେ ପଡ଼ିବ, କିନ୍ତୁ ଗବେଷଣାର ସାଫଲ୍ୟ ଯେବେ ଗବେଷକର ମୌଳିକ ଅନୁସନ୍ଧାନୀ ଦୃଷ୍ଟି ଓ ଗୂଢ଼ ବିଶ୍ଳେଷଣୀ ପ୍ରତିଭା ଉପରେ ନିର୍ଭର କରେ, ତେବେ 'Kalidasa and Shakespeare' ଗବେଷଣାପତ୍ରଟିର ଉତ୍ତୀର୍ଣ୍ଣତା ଅବିସମ୍ବାଦିତ ।

।। ଚାରି ।।

କ'ଣ ଗବେଷଣାର ଉଦ୍ଦେଶ୍ୟ ? ଆମେ ଯେବେ Robert Rossଙ୍କୁ ମନେ ପକାଇବା ତେବେ କହିପାରିବା ଯେ, "Research is essentially an investigation, a recording, and an analysis of evidence for the purpose of gaining knowledge." - ଜ୍ଞାନାର୍ଜନ ଉଦ୍ଦେଶ୍ୟରେ ଅନୁସନ୍ଧାନ ହିଁ ଗବେଷଣା । ଅବଶ୍ୟ ସେହି ଅନୁସନ୍ଧାନ ଗୋଟିଏ ସମସ୍ୟା କେନ୍ଦ୍ରିକ ଓ ଆମୂଳାନ୍ତ ଶୃଙ୍ଖଳାବଦ୍ଧ । ଉପରୋକ୍ତ ଗବେଷଣାରୁ କି ଜ୍ଞାନ ଅର୍ଜିଛନ୍ତି ଡଃ ମାନସିଂହ ? ଇଂଲଣ୍ଡ ଯାଇ ଗବେଷଣା କରି ଡଃ ମାନସିଂହ ଓଡ଼ିଶା ଫେରିଲା ପରେ ଡଃ ମାନସିଂହ ଆବିଷ୍କାର କରିଛନ୍ତି, ତାଙ୍କର ଜନ୍ମାନ୍ତର ଘଟିଛି - ଟେମ୍ପେଷ୍ଟ ନାଟକରେ Sea-Change ବା "ସମୁଦ୍ର ଜନିତ ପରିବର୍ତ୍ତନ" କଥାଟି ତାଙ୍କରି ଜୀବନରେ ସତ୍ୟ ଓ ସାର୍ଥକ ହୋଇ ଉଠିଛି । ଇଂଲଣ୍ଡରୁ ସେ ଶିଖିଛନ୍ତି - ସଭ୍ୟ ମଣିଷ କାହାକୁ କୁହାଯାଏ, ସଭ୍ୟ ମଣିଷ କିପରି ବଞ୍ଚେ, ଭଦ୍ରତାର ସ୍ୱରୂପ କ'ଣ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସବୁ କିପରି ଆଦର୍ଶରେ ପରିଚାଳିତ ହେବା ଉଚିତ, ପ୍ରେମ ଓ ନାରୀତ୍ୱ କହିଲେ କ'ଣ ବୁଝାଏ- ଇତ୍ୟାଦି ଇତ୍ୟାଦି । ସଭ୍ୟତା, ଭଦ୍ରତା ଓ ମାନବିକତା ସମ୍ବନ୍ଧରେ ଜ୍ଞାନାର୍ଜନ ତାଙ୍କୁ ନୂଆ ମଣିଷଟିରେ ପରିଣତ କରିଛି, ଆଉ ଗବେଷଣା ଶିଖାଇଛି ଉଚ୍ଚକୋଟୀର ସାହିତ୍ୟ କାହାକୁ କହନ୍ତି । ତାଙ୍କ ଦୃଷ୍ଟିରେ ଯେମିତି ଇଂରେଜ ପୃଥିବୀର ସଭ୍ୟତମ ଜାତି, ସେମିତି କାଳିଦାସ ଓ ସେକ୍ସପିୟର୍ ବିଶ୍ୱର ସର୍ବଶ୍ରେଷ୍ଠ କବି-ନାଟ୍ୟକାର । ତାଙ୍କରି ସୃଷ୍ଟି ଆଦର୍ଶ ହିଁ ବିଶ୍ୱର ସାରସ୍ୱତ ଆଦର୍ଶ । ସେହି ଆଦର୍ଶରେ ତୁଳନାକଲେ, ଆମ ପ୍ରଥମ ଶ୍ରେଣୀର ସାହିତ୍ୟିକମାନେ ଅନୁଜ୍ଜ୍ୱଳ ଦିଶିବେ ହିଁ ଦିଶିବେ । ଜାତିର ଉଚ୍ଚକୋଟୀର ସାହିତ୍ୟ ସମ୍ବନ୍ଧରେ ଧ୍ୟାନ ଧାରଣା ଥିଲେ, ଡଃ ମାୟାଧର ମାନସିଂହଙ୍କ "ଓଡ଼ିଆ ସାହିତ୍ୟର ଇତିହାସ" ଏତେ ଅପବାଦ ଭୋଗିନ ଥାନ୍ତା । ସାହିତ୍ୟର ମୂଲ୍ୟାୟନ ମାତ୍ରେ ତୁଳନାଶୀଳ । ପ୍ରକୃତରେ କୌଣସି ବସ୍ତୁର ଅନୁକରଣୀୟ ମୂଲ୍ୟ ନାହିଁ - ମୂଲ୍ୟମାତ୍ରେ ଆପେକ୍ଷିକ ଗୁଣାରୋପ । ସମୟ ଓ କ୍ଷେତ୍ର ବିଶେଷରେ ଯେ କୌଣସି ବସ୍ତୁର ମୂଲ୍ୟ ବଢ଼ିପାରେ କି କମିପାରେ । ସବୁର ମୂଲ୍ୟାୟନ

Digitized by srujanika@gmail.com

ହୁଏ ଶିକ୍ଷାଦର୍ଶର ତୁଳନାରେ ହିଁ । ତେଣୁ ସବୁ ସୁନ୍ଦର ଅନନ୍ୟ ବସ୍ତୁର ସୌନ୍ଦର୍ଯ୍ୟ ପାଇଁ ମାନଦଣ୍ଡ ଖୋଜିବାକୁ ହେବ - ଆଉ ମାନଦଣ୍ଡ ପାଇବାକୁ ହେଲେ ସୁନ୍ଦର ବସ୍ତୁ ସମ୍ବନ୍ଧରେ ପ୍ରଚୁର ଅଭିଜ୍ଞତା ଅର୍ଜିବାକୁ ହେବ । ମୂଲ୍ୟାୟନ ମୂଳ କଥା ପ୍ରଚୁର ଜ୍ଞାନ ଓ ଅଭିଜ୍ଞତା । କାଳିଦାସ ଓ ସେକ୍ସ୍‌ପିୟର୍‌ଙ୍କୁ ସାମ୍ୟ ଓ ବୈଷମ୍ୟର ତୁଳନା କରିବାକୁ ଯାଇ ମାନସିଂହ ଯେଉଁ ଶିକ୍ଷାଦର୍ଶ ଅର୍ଜିଛନ୍ତି, ତାହା ତାଙ୍କ ସୃଷ୍ଟି ଓ ସମାଲୋଚନାକୁ ନିୟନ୍ତ୍ରଣ କରିଛି । ଆମର ଯେବେ ଅନୁରୂପ 'Sea-Change' ନ ଘଟେ, ବିଶ୍ୱର ଭଲ ଭଲ ସାହିତ୍ୟ ସୃଷ୍ଟି ସହିତ ପରିଚୟ ନ ଘଟେ, ତେବେ ଆମ ସୃଷ୍ଟି ଓ ସମାଲୋଚନା ଉଚ୍ଚକୋଟୀର ସାହିତ୍ୟା ଦର୍ଶରେ ଉତ୍ତୀର୍ଣ୍ଣ ହୋଇପାରିବ ନାହିଁ । ଡଃ ମାନସିଂହ ଗବେଷଣାରେ ଆମର ଆଖି ଖୋଲିଦେଇଛନ୍ତି, ସେ ବିଶ୍ୱସଭ୍ୟତା ଓ ବିଶ୍ୱସାହିତ୍ୟକୁ ବରି ନେଇଛନ୍ତି । ତାଙ୍କରି ଜନ୍ମାନ୍ତର ଆମର ଜନ୍ମାନ୍ତର ଘଟାଉ । ତେବେ ତାଙ୍କ ଗବେଷଣା ଆମ ଜୀବନରେ ସାର୍ଥକ ହେବ । **X**

●

X- Kalidasa and Shakespeare , ପ୍ରକାଶକ : ମୋତିଲାଲ୍ ବନାରସି ଦାସ (୧୯୬୯)

Digitized by srujanika@gmail.com

ଓଡ଼ିଆ ସାହିତ୍ୟର ଇତିହାସ ଓ ମାନସିଂହ

ଡକ୍ଟର ଚିନ୍ମୟୀ ମହାପାତ୍ର

'ଇତିହାସ' ଶବ୍ଦର ବ୍ୟୁତ୍ପତ୍ତି ହେଉଛି - ଇତି+ହ+ଅସ୍+ଅ, ଅର୍ଥାତ୍ ଏହା ଯେପରି ଥିଲା । ସୁତରାଂ ଦେଶ, ଜାତି, ବଂଶ ଓ ବ୍ୟକ୍ତି ସମ୍ପର୍କିତ ଘଟଣାସମୂହର ସନ-ତାରିଖ-ସମ୍ବଳିତ କ୍ରମାନ୍ୱିତ ବିବରଣୀ ହିଁ ଇତିହାସ ପଦବାଚ୍ୟ । ସାହିତ୍ୟକୁ ମଧ୍ୟ ମାନବ-ଚରିତ୍ରର ଇତିହାସ ବୋଲି ଅଭିହିତ କରାଯାଏ । ପ୍ରଖ୍ୟାତ ସାହିତ୍ୟିକ ଓ ସମାଲୋଚକ Hodson ଙ୍କ ମତରେ, "Literature is a vital record of what men have seen in life, what they have experienced of it, what they have thought and felt about those aspects of it, which have the most immediate and enduring interest for all of us." ପ୍ରାମାଣିକତାନିର୍ଭର ଇତିହାସର ଶୁଷ୍କ ତଥ୍ୟରେ ମୂଲ୍ୟବୋଧର ସଞ୍ଚାର କରି ବିଚିତ୍ର ପ୍ରମାଣୋତ୍ତର, ରୂପ ଫୁଟାଇବାରେ ହିଁ ସାହିତ୍ୟର ସାର୍ଥକତା । ଏହି ବିବେଚନାରେ ପାଶ୍ଚାତ୍ୟ ମନୀଷୀ ଆରିଷ୍ଟୋଟଲ୍ କାବ୍ୟସତ୍ୟକୁ 'Higher Truth' ବୋଲି କହିଛନ୍ତି ।

କେହି କେହି ଇତିହାସକୁ ସାହିତ୍ୟର ଭୂମିକା ରୂପେ ମଧ୍ୟ ସ୍ୱୀକାର କରିଥା'ନ୍ତି । ଓଡ଼ିଶାର ବରେଣ୍ୟ ସାହିତ୍ୟିକ ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି ଲେଖିଛନ୍ତି, " ସାହିତ୍ୟ ଯେପରି ଇତିହାସର ସଂକେତାତ୍ମକ ପ୍ରତିରୂପ, ଇତିହାସ ସେହିପରି ସାହିତ୍ୟର ଏକ ପ୍ରାମାଣିକ ପାଦଟୀକା ।" (୧) ଅତୀତ ବର୍ତ୍ତମାନକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉଭୟ ଭାବରେ ପ୍ରଭାବିତ କରିଥାଏ । ଗତକାଲିର ପ୍ରଭାବ ଆଜିର ଓ ଆଜିର ପ୍ରଭାବ ଆସନ୍ତାକାଲିର ସାହିତ୍ୟର ପୃଷ୍ଠଭୂମି ହୋଇଥାଏ । ଏହା ହିଁ ସଂସ୍କୃତି । ସହସ୍ର ସହସ୍ର ବର୍ଷର ଚିନ୍ତା, କଳ୍ପନା ଓ ଯୋଜନାର ପରିଣତି ଏହି ସଂସ୍କୃତି ଜାତିର ଇତିହାସ, ସମାଜର ବିବର୍ତ୍ତନ, ଧର୍ମ, ଦର୍ଶନ, ରାଜନୀତି, ପରମ୍ପରା ଇତ୍ୟାଦିର ବିମିଶ୍ର ରୂପ ଧାରଣ କରି ନୂତନ ନୂତନ ମାର୍ଗ ଓ ଭାବଧାରାର ଉନ୍ମୋଚନ କରିଥାଏ । ଏହି ସଂସ୍କୃତି ଓ ଏହାର ଇତିହାସ ପୃଷ୍ଠଭୂମି ଉପରେ ପାଦ ପକାଇ ଚାଲିଥାଏ ସାହିତ୍ୟ ।

ବିଗତ ଶତାବ୍ଦୀଠାରୁ ଓଡ଼ିଆ ଭାଷାରେ 'ସାହିତ୍ୟର ଇତିହାସ' ନାମକ ଏକ ପ୍ରକାର ରଚନାର ଉଦ୍ୟମ ହୋଇ ଆସିଛି । ଡ଼କ୍ଟର ନଟବର ସାମନ୍ତରାୟ ଓଡ଼ିଆ ସାହିତ୍ୟର ଇତିହାସ ରଚନା ସଂପର୍କରେ ଆଲୋଚନା କରିବାକୁ ଯାଇ 'ଉତ୍କଳ ଦୀପିକା'ର ୧୮୯୬ ସାଲ ଜୁନ୍

୧- ଶ୍ରୀ ସୁରେନ୍ଦ୍ର ମହାନ୍ତି-ଓଡ଼ିଆ ସାହିତ୍ୟର ଆଦିପର୍ବ, ପୃ.୨ ।

Digitized by srujanika@gmail.com

ମାସ ୨ ତାରିଖ ସଂଖ୍ୟାରେ ପ୍ରକାଶିତ କୃଷ୍ଣପ୍ରାସଦ ଚୌଧୁରୀଙ୍କ 'ସାହିତ୍ୟର ଇତିବୃତ୍ତ' ଶୀର୍ଷକ ରଚନାର କିଛି ଅଂଶ ଉଦ୍ଧାର କରିଛନ୍ତି, ''ସାହିତ୍ୟର ଇତିହାସ ଆମ୍ଭମାନଙ୍କ ଦେଶରେ ନାହିଁ । ପୃଥିବୀର ଅନ୍ୟାନ୍ୟ ସଭ୍ୟଦେଶରେ ତାହା ଅଛି ଏବଂ ତତ୍ ହେତୁରୁ ସେହି ସେହି ଦେଶ କ୍ରମଶଃ ସଭ୍ୟତାର ଉଚ୍ଚତର ସୋପାନରେ ଆରୂଢ଼ ହେଉଅଛି ।''(୨) ପୁଣି ସାହିତ୍ୟର ଇତିହାସ ରଚନାର ଉଦ୍ଦେଶ୍ୟ ସଂପର୍କରେ ସେ ବ୍ୟକ୍ତ କରିଛନ୍ତି, ''କେଉଁ ସମୟରେ କେଉଁ ଗ୍ରନ୍ଥ ରଚିତ ହୋଇଥିଲା, ଗ୍ରନ୍ଥର ରଚୟିତା କିଏ, କି ରୂପ ଅବସ୍ଥାରେ ପଡ଼ି ଗ୍ରନ୍ଥକର୍ତ୍ତା ଉକ୍ତ ଗ୍ରନ୍ଥ ରଚନା କରିଥିଲେ, ଉକ୍ତ ଗ୍ରନ୍ଥଦ୍ୱାରା ଦେଶର ଓ ସମାଜର କି ମଙ୍ଗଳ ବା ଅମଙ୍ଗଳ ସାଧିତ ହୋଇଅଛି ଇତ୍ୟାଦି ବିଷୟରେ ଧାରାବାହିକ ବର୍ଣ୍ଣନା ହିଁ କଥିତ ସାହିତ୍ୟର ଇତିହାସ ବା Histroy of Literature''(୩)

ଓଡ଼ିଆ ସାହିତ୍ୟର ଇତିହାସ ରଚୟିତାମାନଙ୍କ ମଧ୍ୟରେ ଡକ୍ଟର ମାୟାଧର ମାନସିଂହ ଏକ ଉଲ୍ଲେଖଯୋଗ୍ୟ ନାମ । ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟର ପାଠକମାନଙ୍କ ନିକଟରେ ମୁଖ୍ୟତଃ କବି ଭାବରେ ପରିଚିତ । ପୁଣି ତାଙ୍କ କବିତାର ରୋମାଣ୍ଟିକ୍ ଭାବାଳୁତା, ସୌନ୍ଦର୍ଯ୍ୟପ୍ରାଣତା ଓ ପ୍ରେମପ୍ରବଣତା ହେତୁ ତାଙ୍କୁ 'ରୂପ ଓ ପ୍ରଣୟର କବି' ଭାବରେ ଆଖ୍ୟାୟିତ କରାଯାଇଛି । ତେବେ ଜଣେ ଭାବପ୍ରବଣ କବିର ଆବେଗମୟତା ଯେ ସାହିତ୍ୟ-ସମାଲୋଚନାର ସୁସଂଯତ ବାତାବରଣରେ ମଧ୍ୟ ସହଜ ଭାବରେ ଆତ୍ମପ୍ରକାଶ କରିପାରେ, ତା'ର ପ୍ରମାଣ ଆମେ ମାନସିଂହଙ୍କ 'ଓଡ଼ିଆ ସମାଜ ଓ ସାହିତ୍ୟ', 'କବି ଓ କବିତା', 'ମାଟିର ମହାକବି ସାରଳା ଦାସ', 'ସରସ୍ୱତୀ ଫକୀରମୋହନ'ପରି ସମାଲୋଚନା ଗ୍ରନ୍ଥ ଓ 'ଓଡ଼ିଆ ସାହିତ୍ୟର ଇତିହାସ'ରୁ ପାଇଥାଉଁ ।

ତରୁଣ ବୟସରୁ ହିଁ ମାନସିଂହ ଓଡ଼ିଶା, ଓଡ଼ିଆ ଜାତି ଓ ବିଶେଷରେ ଓଡ଼ିଆ ସାହିତ୍ୟର କଥା ଇଂରାଜୀରେ ଲେଖି ଓଡ଼ିଶା ବାହାରେ ପ୍ରଚାର କରିବାରେ ଅଭ୍ୟସ୍ତ ଥିଲେ । ମାଡ୍ରାସ୍‌ରୁ ପ୍ରକାଶିତ 'ଇଣ୍ଡିଆନ୍ ରିଭ୍ୟୁ', ବାଙ୍ଗାଲୋର୍‌ରୁ ପ୍ରକାଶିତ 'ତ୍ରିବେଣୀ', ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହିନ୍ଦୀ-ବିଭାଗ ପକ୍ଷରୁ ଡ଼କ୍‌ଟର ନଗେନ୍ଦ୍ରଙ୍କ ସମ୍ପାଦନାରେ ପ୍ରକାଶିତ 'Indian Literatures', ଜାତୀୟ ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶିତ 'Cotemporary Indian Literature' ପ୍ରଭୃତିରେ ତାଙ୍କର ଏହି ଶ୍ରେଣୀୟ ରଚନାମାନ ପ୍ରକାଶିତ ହୋଇଥିଲା । (୪) ଯେତେବେଳେ ଆନ୍ତଃରାଜ୍ୟ-ସାଂସ୍କୃତିକ-ବିନିମୟର ଲକ୍ଷ୍ୟ ରଖି ଜାତୀୟ ସାହିତ୍ୟ ଏକାଡ଼େମୀ ଇଂରାଜୀ ଭାଷାରେ ଭାରତର ୧୪ଟି ବିଭିନ୍ନ ପ୍ରାଦେଶିକ-ଭାଷା-ସାହିତ୍ୟର ଇତିହାସ ପ୍ରକାଶ କରିବାକୁ ସ୍ଥିର କଲେ, ସେତେବେଳେ ଓଡ଼ିଆ ସାହିତ୍ୟର ଇତିହାସ ରଚନାର ଭାର

୨- ଶ୍ରୀ ନଟବର ସାମନ୍ତରାୟ-'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ' (ପ୍ରଥମ ଉଦ୍ୟମର ପ୍ରକୃତି ଓ ପରିଣତି), ନବଜୀବନ, ୨ୟ ବର୍ଷ, ଦ୍ୱାଦଶ ସଂଖ୍ୟା ।

୩- ତତ୍ରୈବ ।

୪- ଡ଼କ୍‌ଟର ମାୟାଧର ମାନସିଂହ-ଓଡ଼ିଆ ସାହିତ୍ୟର ଇତିହାସ, ଭୂମିକା, ପୃ-୨

Digitized by srujanika@gmail.com

ମାନସିଂହଙ୍କ ଉପରେ ପଡ଼ିଲା । ଏହି କୃତିଗୁଡ଼ିକ ୧୪ଟି ଯାକ ପ୍ରାଦେଶିକ ଭାଷାକୁ ଭାଷାନ୍ତରିତ ହେବାର ମଧ ପ୍ରସ୍ତାବ ଥିଲା । ବନ୍ଧୁମାନଙ୍କ ଅନୁରୋଧରେ ମାନସିଂହ ସ୍ୱରଚିତ 'A History of Oriya Literature' ର ଓଡ଼ିଆ-ଅନୁବାଦ-କ୍ରିୟା ମଧ ସମ୍ପାଦନ କଲେ । ଏହି ଅନୂଦିତ ଗ୍ରନ୍ଥ 'ଓଡ଼ିଆ ସାହିତ୍ୟର ଇତିହାସକୁ ମୂଳ ଇଂରାଜୀ ଗ୍ରନ୍ଥର ଅନୁବାଦ କୁହାଯିବା ସଙ୍ଗେ ସଙ୍ଗେ ଏକ ମୌଳିକ ରଚନା ନ ହେଲେ ମଧ ଏକ ନୂତନ ଗ୍ରନ୍ଥ ବୋଲି ଧରାଯାଇପାରେ । ମୂଳ ଗ୍ରନ୍ଥର ସୀମିତ ପରିସର ମଧରେ ସ୍ଥାନ ପାଇ ପାରି ନ ଥିବା ଅନେକ ତଥ୍ୟ ଏଥିରେ ଯଥା ସ୍ଥାନରେ ସଂଯୋଗ କରାଯିବା ସଙ୍ଗେ ସଙ୍ଗେ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ ଓ ସମାଲୋଚକମାନେ ଇଂରାଜୀ ପୁସ୍ତକ ସମ୍ପର୍କରେ ଦର୍ଶାଇଥିବା ତଥାକଥିତ ତ୍ରୁଟିସକଳର ଯଥାଯଥ ଉତ୍ତର ପାଦଟୀକା ଭାବରେ ସଂଯୁକ୍ତ ହୋଇଛି । (୫)

ଡ଼କ୍ଟର ମାନସିଂହ ତତ୍କୃତ 'ଓଡ଼ିଆ ସାହିତ୍ୟର ଇତିହାସ'ର ଭୂମିକାରେ ଲେଖିଛନ୍ତି, ''କାହାକୁ ଆଶ୍ରୟ କରି ତେଣୁ ଇଂରାଜୀ ପରି ଏକ ବିଦେଶୀ ଭାଷାରେ ଓଡ଼ିଆ ସାହିତ୍ୟର ଏକ ପୂରା ଇତିହାସ ଲେଖିବି ? ଏ ଯାବତ୍ ଅଜ୍ଞାତ ଓ ଅବଜ୍ଞାତ ମୋର ମାତୃଭାଷାକୁ କିପରି ସଜ୍ଜାଇ ଠିଆ କଲେ ବାହାରର ଲୋକେ ଏପରି ଏକ ଇତିହାସକୁ ଆଗ୍ରହର ସହିତ ପଢ଼ିବେ ଓ ପଢ଼ି ଏ ସାହିତ୍ୟ ପ୍ରତି ସଶ୍ରଦ୍ଧ ହେବେ ? ଏ ପ୍ରକାର ଲକ୍ଷ୍ୟ ପୂରଣରେ ତ ଓଡ଼ିଆରେ ଖଣ୍ଡିଏ ହେଲେ ଅଧାପନ୍ତରିଆ ବହି ମଧ ନାହିଁ ।'' (୬) କିନ୍ତୁ ମାନସିଂହଙ୍କର ଏ ମତର ଅଯଥାର୍ଥତା ବିନମ୍ରତାର ସହ ଦର୍ଶାଇ ଦିଆ ଯାଇପାରେ । ଆଜକୁ ଶତାଧିକ ବର୍ଷ ତଳୁ ଓଡ଼ିଆ ସାହିତ୍ୟର ଇତିହାସ-ରଚନା ଦିଗରେ ପ୍ରତୁଳ ଉଦ୍ୟମ ହୋଇ ଆସିଛି । ଖ୍ରୀ:ଅ: ୧୮୭୨ ରେ ପ୍ରକାଶିତ ହଣ୍ଟର୍ ସାହେବଙ୍କ 'ଓଡ଼ିଶା' ସଂପର୍କିତ ଇତିହାସ ପୁସ୍ତକର ଦ୍ୱିତୀୟଖଣ୍ଡର ପରିଶିଷ୍ଟରେ ସନ୍ନିବେଶିତ 'ଓଡ଼ିଆ ସାହିତ୍ୟ' ସଂପର୍କୀୟ ବିବରଣୀ(୭), ଖ୍ରୀ:ଅ: ୧୮୯୬, ଅଗଷ୍ଟ ଓ ସେପ୍ଟେମ୍ବର ମାସର 'ଉତ୍କଳଦୀପିକା'ରେ ପ୍ରକାଶିତ ଶ୍ରୀଯୁକ୍ତ କୃଷ୍ଣପ୍ରସାଦ ଚୌଧୁରୀଙ୍କ କବି-ତାଲିକା, ଖ୍ରୀ:ଅ: ୧୮୯୮ ଡ଼ିସେମ୍ବର ମାସର 'ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍'ର ମୁଖପତ୍ରରେ ପ୍ରକାଶିତ ଶ୍ରୀଯୁକ୍ତ ମନମୋହନ ଚକ୍ରବର୍ତ୍ତୀଙ୍କ ଓଡ଼ିଆ ସାହିତ୍ୟ ସଂପର୍କିତ ଦୀର୍ଘ ନିବନ୍ଧ (୮), ଖ୍ରୀ:ଅ: ୧୯୦୦ରେ ପ୍ରକାଶିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ଉତ୍କଳ ଭାଷାରେ ଭୂତ ଭବିଷ୍ୟତ' ଶୀର୍ଷକ ପ୍ରବନ୍ଧ (୯), ଖ୍ରୀ:ଅ: ୧୯୧୬ରେ ପ୍ରକାଶିତ ଶ୍ରୀଯୁକ୍ତ ତାରିଣୀ ଚରଣ

---

(୫) ପୂର୍ବୋକ୍ତ, ପୃ, ୬-୭ ।
(୬) ପୂର୍ବୋକ୍ତ, ପୃ . ୩ ।
(୭) Dr. Nabin Kumar Sahu(Edtr.) - ' The Literature of Orissa' A History of Orissa; Hunter, Stritling, Beams, Vol. I,p.210
(୮) M.M. Chakravarthi-' Notes on the Language and Literature of orissa, Journal of Asiatic society of Bengal, 1898, No,4,p.332.
(୯) ଶ୍ରୀ ଫକୀର ମୋହନ ସେନାପତି- 'ଉତ୍କଳ-ଭାଷାର ଭୂତ-ଭବିଷ୍ୟତ', ଉତ୍କଳ ସାହିତ୍ୟ, ୧୯୦୦ସାଲ, ୩ୟ ଭାଗ, ୬ଷ୍ଠ ସଂଖ୍ୟା ।

Digitized by srujanika@gmail.com

ରଥଙ୍କ 'ଉତ୍କଳ ସାହିତ୍ୟର ଇତିହାସ, ଶ୍ରୀଯୁକ୍ତ ଅପର୍ଣ୍ଣା ପଣ୍ଡାଙ୍କର ଖ୍ରୀ:ଅ: ୧୯୨୧ରେ ପ୍ରକାଶିତ 'ଛନ୍ଦଚନ୍ଦ୍ରିକା ଓ ଖ୍ରୀ:ଅ: ୧୯୨୫ରେ ପ୍ରକାଶିତ 'କବିଜୀବନୀ', ଖ୍ରୀ:ଅ: ୧୯୨୫ରେ ଶ୍ରୀ ମଧୁସୂଦନ ଦାସଙ୍କ 'ଓଡ଼ିଆ ଭାଷା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନା (୧୦) ଖ୍ରୀ:ଅ: ୧୯୨୧, ୧୯୨୩ ଓ ୧୯୨୫ ରେ କଲିକତା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରକାଶିତ ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମଜୁମଦାରଙ୍କ 'Typical Selections from Oriya Literature' ର ୩ଟି ଭାଗ, ଖ୍ରୀ:ଅ: ୧୯୨୮ରେ ପ୍ରକାଶିତ ପଣ୍ଡିତ ବିନାୟକ ମିଶ୍ରଙ୍କ, 'ଓଡ଼ିଆ ସାହିତ୍ୟର ଇତିହାସ' ଓ ୧୯୬୨ରେ ପ୍ରକାଶିତ ଏହାର ନୂତନ ଓ ପରିବର୍ଦ୍ଧିତ ସଂସ୍କରଣ, ୧୯୨୯ରେ ପ୍ରକାଶିତ ଶ୍ରୀଯୁକ୍ତ ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ଗ୍ରନ୍ଥର ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧୀୟ ଆଲୋଚନା, ୧୯୩୨ରେ ପ୍ରକାଶିତ ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶରେ ମୁଖବନ୍ଧ', ୧୯୪୫ରେ ପ୍ରକାଶିତ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କର 'ଓଡ଼ିଆ ସାହିତ୍ୟର ପରିଚୟ'' ଓ ପରବର୍ତ୍ତୀ କାଳରେ ଅନେକ ଖଣ୍ଡରେ ବିଭକ୍ତ ହୋଇ ପ୍ରକାଶିତ ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ', ୧୯୪୭ରେ ପ୍ରକାଶିତ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ 'ଓଡ଼ିଶାର ଇତିହାସ' ଗ୍ରନ୍ଥର ପ୍ରଦତ୍ତ 'ଓଡ଼ିଆ ସାହିତ୍ୟ' ବିଷୟକ ବିବରଣୀ, ୧୯୫୨ରେ ପ୍ରକାଶିତ ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତିଙ୍କ 'Oriya literature', ୧୯୫୦ରେ ପ୍ରକାଶିତ ପଣ୍ଡିତ ନୀଳକଣ୍ଠଙ୍କ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ୧୯୬୦ରେ 'ରାଷ୍ଟ୍ରଭାଷା ପ୍ରଚାର ସମିତି'ର ରଜତଜୟନ୍ତୀ ଉପଲକ୍ଷେ ପ୍ରକାଶିତ ଗ୍ରନ୍ଥରେ ଅଧ୍ୟାପକ ବଂଶୀଧର ମହାନ୍ତି, ଡ଼କ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଓ ଡ଼କ୍ଟର ନଟବର ସାମନ୍ତରାୟଙ୍କ ଦ୍ୱାରା ଲିଖିତ ଓଡ଼ିଆ ସାହିତ୍ୟର ପ୍ରାଚୀନ, ପୂର୍ବ-ମଧ୍ୟକାଳ, ଉତ୍ତର-ମଧ୍ୟକାଳ ଓ ଆଧୁନିକ କାଳ ସଂବନ୍ଧୀୟ ବିଶ୍ଳେଷଣାତ୍ମକ ପ୍ରବନ୍ଧ ଇତ୍ୟାଦି ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ। ଏଥିମଧ୍ୟରୁ ଅନେକ ଠିକ ସାହିତ୍ୟର ଇତିହାସ ନ ହେଲେ ହେଁ ଇତିହାସ-ପ୍ରଣୟନ ଦିଗରେ ଅବଶ୍ୟ ସହାୟକ। ତଦବଧି ଆମ ଭାଷାର ପ୍ରାଚୀନ-ସମ୍ପଦ ସମୂହ ସମ୍ପର୍କିତ ପ୍ରାମାଣିକ ତଥ୍ୟ ଓ ସାହିତ୍ୟର ଇତିହାସ ରଚନାରେ ଶୈଳୀ ଓ ଆଦର୍ଶର ଅଭାବ ହେତୁ ଏହି ସକଳ ଉଦ୍ୟମ ମଧ୍ୟରୁ ଅନେକରେ ଭୁଲ-ଭ୍ରାନ୍ତି, ଦୋଷ-ଦୁର୍ବଳତା ପରିଲକ୍ଷିତ ହେବା ମଧ୍ୟ ସ୍ୱାଭାବିକ। ତଥାପି କେତୋଟି କୃତିର ବୈଶିଷ୍ଟ୍ୟ ଓ ଗୁରୁତ୍ୱ ଏକାବେଳେକେ ଅନସ୍ୱୀକାର୍ଯ୍ୟ। ପୁଣି ମାନସିଂହଙ୍କ 'A History of Oriya Literature' ପ୍ରକାଶ ପାଇବାର ପ୍ରାୟ ସମ-ସମୟ(୧୯୬୩)ରେ ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ 'ଓଡ଼ିଆ ସାହିତ୍ୟର ଆଦିପର୍ବ' ମଧ୍ୟ ପ୍ରକାଶ ପାଇଛି। 'ଓଡ଼ିଆ ସାହିତ୍ୟର ଇତିହାସ' ଲେଖିଲା ବେଳକୁ ମାନସିଂହେ ଏ ଗ୍ରନ୍ଥ ସଂପର୍କରେ ଆସିଥିବା ମଧ୍ୟ ସମ୍ଭବ।

---

(୧୦) ଶ୍ରୀ ମଧୁସୂଦନ ଦାସ-'ଓଡ଼ିଆ ଭାଷା ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ', ଉତ୍କଳ ସାହିତ୍ୟ, ୧୯୨୫, ୨୯ଭାଗ , ୬ଷ୍ଠ ସଂଖ୍ୟା।

Digitized by srujanika@gmail.com

ସାହିତ୍ୟର ଇତିହାସ ମଧ୍ୟ ସମୟ-ନିୟନ୍ତ୍ରିତ । ସମୟୋପଯୋଗୀ ପରିସ୍ଥିତିର ଅନୁପ୍ରେରଣାରେ ସାହିତ୍ୟିକ ବିଶେଷଙ୍କର ସୃଷ୍ଟି ସ୍ରଷ୍ଟାମାନସର ପ୍ରତିବିମ୍ବକୁ କିପରି ଧାରଣ କରିଛି, ସାମାଜିକ-ମୂଲ୍ୟବୋଧର ପରିବର୍ତ୍ତନ କ୍ଷେତ୍ରରେ ସାହିତ୍ୟିକଙ୍କ ପୁରୋଦୃଷ୍ଟି କି ପ୍ରକାର ଭୂମିକା ଗ୍ରହଣ କରିଛି, ତା'ର ନିୟନ୍ତ୍ରଣ ସମୟଦ୍ୱାରା ହିଁ ହୋଇଥାଏ । ତେଣୁ ସାହିତ୍ୟର ଇତିହାସରେ କାଳ-କଳନା ଓ ଯୁଗ ବିଭାଜନ ଏକ ଅବଶ୍ୟମ୍ଭାବୀ ଆବଶ୍ୟକତା । ଏହା ସତ୍ୟ ଯେ ସାହିତ୍ୟର ଇତିହାସ ତାରିଖଧର୍ମୀ ହେବା ଉଚିତ ନୁହେ; କିନ୍ତୁ ଏଥିରେ ସନ-ତାରିଖର ବିଚାର ଯେ ଏକାବେଳେକେ ପରିହାର୍ଯ୍ୟ, ତାହା ମଧ୍ୟ ନୁହେ । ସାହିତ୍ୟିକଙ୍କ ଜନ୍ମ-କର୍ମର ସ୍ଥାନ ଓ କାଳ, ପାରିପାର୍ଶ୍ୱିକ ପରିସ୍ଥିତିର ଯଥାଯଥ ନିର୍ଦ୍ଧାରଣ ବିନା ସାହିତ୍ୟର ଇତିହାସ ଶୃଙ୍ଖଳିତ ଓ ସୁବିନ୍ୟସ୍ତ ହୋଇ ନ ପାରେ । ସନ-ତାରିଖର ଯଥାଯଥ ନିରୂପଣ ଓ ତା'ରି ଭିତ୍ତିରେ ସାହିତ୍ୟର ଆଲୋଚନା ହିଁ ସାହିତ୍ୟର ଇତିହାସ । ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନେକ ସମ୍ପଦର ନିର୍ଭୁଲ କାଳନିରୂପଣ ଏକ ଦୁଃସାଧ୍ୟ ବ୍ୟାପାର । ସେତେବେଳେ ସାହିତ୍ୟ ବା ସାହିତ୍ୟର ଇତିହାସ ରଚନାର ପରମ୍ପରା ନ ଥିଲା । ସାହିତ୍ୟିକଗଣ ଆତ୍ମ-ପରିଚୟ-ପ୍ରଦାନରେ ମଧ୍ୟ କୁଣ୍ଠିତ ଥିଲେ । ସ୍ଥଳବିଶେଷରେ ଘଟଣା ବିଶେଷ ବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇଥିଲେ ମଧ୍ୟ ସନ-ତାରିଖ ଉପରେ ଗୁରୁତ୍ୱ ଦିଆଯାଇ ନ ଥିବା ଲକ୍ଷ୍ୟ କରାଯାଏ । ତେଣୁ ଅଧିକାଂଶତଃ ଅନୁମାନକୁ ଭିତ୍ତି କରି ରାଜନୀତିକ ପରିପ୍ରେକ୍ଷୀ, ଧାର୍ମିକ ଦୃଷ୍ଟିକୋଣ, ଭାଷା ଓ ଶୈଳୀର ଆଧାରରେ ସ୍ରଷ୍ଟାବିଶେଷ ବା ସୃଷ୍ଟିବିଶେଷର ଆବିର୍ଭାବ ଓ ତିରୋଭାବ କାଳ, ଜୀବନୀ ଓ ରଚନାର ଧାରା ନିରୂପଣ, ଆଲୋଚକମଣ୍ଡଳୀ ମଧ୍ୟରେ ତତ୍‌ହେତୁକ ଯୁକ୍ତିତର୍କ, ବାଦ-ବିସମ୍ବାଦ ଇତ୍ୟାଦି ମଧ୍ୟ ହୋଇଥାଏ । ଫଳତଃ ଓଡ଼ିଆ-ସାହିତ୍ୟର ଇତିହାସକାରମାନଙ୍କର ସାହିତ୍ୟିକ-ଯୁଗ-ବିଭାଜନ ଓ ସ୍ରଷ୍ଟା ବା ସୃଷ୍ଟିବିଶେଷକୁ କୌଣସି ନିର୍ଦ୍ଦିଷ୍ଟ ଯୁଗରେ ସଂସ୍ଥାପନ ନେଇ ଖଣ୍ଡନ-ମଣ୍ଡନର ରୀତି ପରିଲକ୍ଷିତ ହୁଏ । କେହି ଇଂରାଜୀ-ସାହିତ୍ୟର ଇତିହାସ ପରି ଶାସକମାନଙ୍କର ନାମାନୁସାରେ ଯୁଗବିଭାଗ(ଭିକ୍ଟୋରିଆ ଯୁଗ, ଏଲିଜାବେଥ୍ ଯୁଗ ଇତ୍ୟାଦି) କରିବା ସମୀଚୀନ ମନେ କରିବା ବେଳେ, କେହି ପ୍ରମୁଖ ସ୍ରଷ୍ଟାଗଣଙ୍କ ନାମାନୁସାରେ, କେହି ପୁଣି ପ୍ରବୃତ୍ତିର ଆଧାରରେ ଯୁଗର ନାମକରଣ କରିବା ଉଚିତ ମଣିଥା'ନ୍ତି । ଡ଼କ୍‌ଟର ମାନସିଂହ ତତ୍‌କୃତ 'ଓଡ଼ିଆ ସାହିତ୍ୟର ଇତିହାସ'ରେ 'ଓଡ଼ିଆ ଭାଷା'ର ଜନ୍ମ ଓ ଶୈଶବଠାରୁ ଆରମ୍ଭ କରି 'ଓଡ଼ିଆ ଅପଭ୍ରଂଶରେ ବୌଦ୍ଧ କବିତା', ସଂସ୍କୃତର ମଧ୍ୟକାଳୀନ ରାଜତ୍ୱ' ସହିତ ଓଡ଼ିଆ ସାହିତ୍ୟର 'ପ୍ରାକ୍-ପ୍ରଭାତ'ର କ୍ଷୀଣାଲୋକ', 'ଓଡ଼ିଆ ମହାଭାରତ ଓ ତାହାର ଶୂଦ୍ର ସ୍ରଷ୍ଟା,' 'ସାରଳାଙ୍କ ପରବର୍ତ୍ତୀଯୁଗ', 'ଧର୍ମୀୟ ଉତ୍ସାହର ଯୁଗ', 'ପୁରାଣ ଓ ଆଳଙ୍କାରିକ କବିତା', ଆଧୁନିକ ଯୁଗର 'ମହତ୍ ତ୍ରୟୀ' (ଫକୀର ମୋହନ, ରାଧାନାଥ ଓ ମଧୁସୂଦନ) ତଥା କାବ୍ୟ ଓ ଗଦ୍ୟ ରାଜ୍ୟର 'ଅନ୍ୟ ପ୍ରଦୀପାବଳୀ', 'ଓଡ଼ିଶାର ନାଟକ ଓ ରଙ୍ଗମଞ୍ଚ', 'ସତ୍ୟବାଦୀ ସ୍କୁଲ୍'କୁ କେନ୍ଦ୍ରକରି

Digitized by srujanika@gmail.com

ଗଢ଼ିଉଠିଥିବା ସାହିତ୍ୟ' ସମ୍ପର୍କରେ ଆଲୋଚନା କରିବା ସହିତ ଗଦ୍ୟ ଓ ପଦ୍ୟ ରଚନା କ୍ଷେତ୍ରରେ ତାଙ୍କର 'ସମସାମୟିକ ଚିତ୍ର' ମଧ୍ୟ ଉପସ୍ଥାପନ କରିଛନ୍ତି । ଏ ସବୁର ଆଲୋଚନା କରିବା ପୂର୍ବରୁ 'ଓଡ଼ିଆ ଜୀବନ ଓ ଓଡ଼ିଆ ସାହିତ୍ୟ' ତଥା 'ଓଡ଼ିଆ ସାହିତ୍ୟର ସାଧାରଣ ଚରିତ୍ର' ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ରାଜନୀତିକ ପଟ୍ଟପରିବର୍ତ୍ତନ ନୁହେ, ସାହିତ୍ୟିକର ଆଭିମୁଖ୍ୟ ହିଁ ସାହିତ୍ୟ-ଇତିହାସର ଭିତ୍ତି । ତଥାଚ ସ୍ରଷ୍ଟାବିଶେଷଙ୍କର ମହତ୍ତ୍ୱ ଓ ସମକାଳୀନ ବା ପରବର୍ତ୍ତୀ ପୁରୁଷ ଉପରେ ତାଙ୍କର ପ୍ରଭାବ ହେତୁ ତାଙ୍କରି ନାମରେ ସାହିତ୍ୟିକ ଯୁଗର ନାମକରଣ ମଧ୍ୟ ବେଳେ ବେଳେ ଏକାନ୍ତ ସମୀଚୀନ । ଏହି ପରିପ୍ରେକ୍ଷୀରେ ମାନସିଂହଙ୍କ ବିଭାଗୀକରଣ ଗାଣିତିକ ଦୃଷ୍ଟିକୋଣରୁ ନ ହେଲେ ମଧ୍ୟ ସାହିତ୍ୟିକ ଦୃଷ୍ଟିକୋଣରୁ ସାର୍ଥକ ହୋଇଛି ।

ସାହିତ୍ୟ ଜାତିର ଜୀବନଧାରା ସହିତ ଓତପ୍ରୋତ ସଂପୃକ୍ତ । କାଳେ କାଳେ ଜାତୀୟ-ଜୀବନର ପରିବର୍ତ୍ତିତ ମୂଲ୍ୟବୋଧ ସହିତ ସମାନ୍ତର ଗତିରେ ସମକାଳୀନ ସାହିତ୍ୟରେ ମଧ୍ୟ ଏକ ଏକ ବିଶିଷ୍ଟ ଆଭିମୁଖ୍ୟର ରୂପାୟନ ପରିଲକ୍ଷିତ ହୋଇଥାଏ । ତେଣୁ ରାଷ୍ଟ୍ର ଓ ସମାଜର ଐତିହାସିକ ପୃଷ୍ଠପଟ ଉପରେ ହିଁ ସାହିତ୍ୟର ଐତିହାସିକ ଉପାଦେୟତା ନିରୂପିତ ହେବା ସମୀଚୀନ । ତେବେ ରାଜନୈତିକଇତିହାସ ପରି ସାହିତ୍ୟର ଇତିହାସ କେବଳ ରାଜା ଓ ରାଜବଂଶ, ସଂଗ୍ରାମ ଓ ସନ୍ଧି, ବିଜୟ ଓ ପରାଜୟ, ଉତ୍‌ଥାନ ଓ ପତନର ଧାରାବାହିକ ବିବରଣୀ ମାତ୍ରରେ ପର୍ଯ୍ୟବସିତ ହେବା ଉଚିତ ନୁହେ । ବରଂ ଭିନ୍ନ ଭିନ୍ନ ଯୁଗର ସାହିତ୍ୟରେ ପ୍ରତିଫଳିତ ସଂପୃକ୍ତ ଜାତିର ମାନସିକତା, ଲୋକରୁଚିର ପରିବର୍ତ୍ତିତ ମୂଲ୍ୟବୋଧ ଓ ସାଂସ୍କୃତିକ ବୈଶିଷ୍ଟ୍ୟକୁ ସ୍ୱଷ୍ଟାଲୋକରେ ଦେଖାଇ ଦେବା ହିଁ ଏହାର କାର୍ଯ୍ୟ । ପୁଣି ଯେକୌଣସି ସାହିତ୍ୟ-ସ୍ରଷ୍ଟାର ସୃଷ୍ଟିସମୂହର ଯଥାର୍ଥ ମୂଲ୍ୟ; ପରିସ୍ଥିତିର ପ୍ରେରଣା, ଐତିହ୍ୟର ସଂକେତ, ସମାଜ-ଚଳଣିର ପରମ୍ପରାରେ ନିର୍ଦ୍ଧାରିତ ହେବା ବିଧେୟ । ଡ଼କ୍ଟର ମାୟାଧର ମାନସିଂହ ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ'ରେ ସାହିତ୍ୟ-ଇତିହାସର ଏହି ଧର୍ମ ରକ୍ଷା ପାଇଁ ଯଥାସାଧ୍ୟ ଚେଷ୍ଟା କରିଛନ୍ତି । ତଥାଚ ପ୍ରତି ଯୁଗରେ,ପ୍ରତିଟି ସାହିତ୍ୟିକର ସୃଷ୍ଟିସମୂହରେ ସେ ଯେ ଚିରକାଳିକ ମୂଲ୍ୟବୋଧର ସନ୍ଧାନ କରିଛନ୍ତି, ତାହା ତାଙ୍କର ମନ୍ତବ୍ୟମାନଙ୍କରୁ ସ୍ପଷ୍ଟ ହୋଇଥାଏ । ସାହିତ୍ୟର ଯେ ସମାଜ ପ୍ରତି ଅନିବାର୍ଯ୍ୟ ଦାୟିତ୍ୱ ରହିଛି, ତାହା ସେ ମୁକ୍ତ-କଣ୍ଠରେ କହି ରଖିଛନ୍ତି । (୧୧) ପଞ୍ଚସଖା-ସାହିତ୍ୟ ସମ୍ପର୍କରେ ତାଙ୍କର ମତ ଉଦ୍ଧାର କଲେ ଏହାର ଯଥାର୍ଥତା ଉପଲବ୍‌ଧି କରିହେବ-''ପଞ୍ଚସଖାଗଣ, ବିଶେଷ କରି ମୁଖ୍ୟତମ ସଖା ଜଗନ୍ନାଥ ଦାସେ ଜାତୀୟ ଭାଷାରେ ଜାତିର ଚିରାଚରିତ ଅଭିଜ୍ଞତାମାନ ଦେଇ ଜାତିର

(୧୧) ''ଯେଉଁ ରଚନାରେ ଅପୂପମ ଶିଳ୍ପ ସହିତ ମାନବିକ ସ୍ୱାଭାବିକତା, ମାନସିଂହ ଅକୁତୋଭୟତା ଓ ଜୀବନ୍ତ ମେସେଜ ବା ବାଣୀ କିଛି ନାହିଁ, ସେ ରଚନା ଲିଖନ ମାତ୍ର, ତାହାକୁ ଆମେ ଏକ 'ସୃଷ୍ଟି' ବୋଲି ଗ୍ରହଣ କରିପାରିବା ନି ।''-ଡକ୍ଟର ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟର ଇତିହାସ, ପୃ.୨୩୦

Digitized by srujanika@gmail.com

ଅନ୍ତଃସ୍ଥଳକୁ ପ୍ରବେଶ କରିବାର ସ୍ୱଭିନନ୍ଦନୀୟ ପ୍ରୟାସ କରି ଏ ଜାତିର ଅଶେଷ କଲ୍ୟାଣ ସାଧନ କରି ଯାଇଛନ୍ତି । ଏ ହେଲା ତାଙ୍କର ଉଭୟ ସାହିତ୍ୟିକ ଓ ଜନକଲ୍ୟାଣକାରୀ ବିଭବ;'' ପୁଣି ''କିନ୍ତୁ ସାହିତ୍ୟର ଇତିହାସ ଲେଖକର ନିରପେକ୍ଷ ବିଚାରରେ ଏହା ମଧ୍ୟ କୁହାଯିବ ଯେ ଏ ପଞ୍ଚସନ୍ଥ ଉତ୍କଳୀୟ ଜନତାର ବହୁ କଲ୍ୟାଣ ସାଥେ ସାଥେ ଏକ ମୁଖ୍ୟ ବିଭାଗରେ ଘୋର ଅକଲ୍ୟାଣ ମଧ୍ୟ କରି ଯାଇଛନ୍ତି । X X X ପାପ ସଙ୍ଗେ ସଂଗ୍ରାମ ହିଁ ଯେ କୌଣସି ଧର୍ମର ମୁଖ୍ୟ ଲକ୍ଷ୍ୟ, କର୍ମ ଓ ଅଭ୍ୟାସ ଏବଂ ଏ ଜଗତରେ ଗୁରୁତମ ପାପ ହେଉଛି ସେହି କର୍ମ, ଯାହା ନିଜର ଗୃହ ଓ ମନ୍ଦିରକୁ ବିଦେଶୀ, ବିଭାଷୀ ବା ବିଧର୍ମୀଦ୍ୱାରା, ଅପବିତ୍ର ହେବାକୁ ଦେଇଦିଏ । ପଞ୍ଚସଖା ଛାଡ଼ିଯାଇଥିବା ବିପୁଳ ରଚନାବଳି ଭିତରେ କୌଣସିଠାରେ ଏହି ବିଶେଷ ପାପ ବା ସାଧାରଣ ଭାବରେ ପାପ-ବିରୋଧୀ ସଂଗ୍ରାମ ହିଁ ଯେ ପ୍ରକୃତ ଧର୍ମ, ତାହା ପରୋକ୍ଷରେ ହେଲେ କହିଥାନ୍ତେ !''

ତେବେ ସାହିତ୍ୟ ଯେ ନୀତି ଗର୍ଭିତ ହେଲେ ହିଁ ସାର୍ଥକ ହେବ, ଏ ପ୍ରକାର ଭ୍ରାନ୍ତ ଧାରଣା ସେ ନିଶ୍ଚୟ ପୋଷଣ କରୁ ନଥିଲେ । ତା' ହୋଇଥିଲେ ଓଡ଼ିଆ ସାହିତ୍ୟର ଆଦି ମହାକବି ସାରଳା ଦାସଙ୍କ ରଚନା 'ସାହିତ୍ୟର ଅର୍ଥ ଦର୍ଶନ, ଧର୍ମ ବା ନୀତିଶିକ୍ଷା ବୋଲି ନ ମାନି କେବଳ 'ଜୀବନ' ବୁଝୁଥିଲା ବୋଲି ସେ ସପ୍ରଶଂସ ଉକ୍ତି ପ୍ରକାଶ କରି ନଥା'ନ୍ତେ । (୧୨) ପୁଣି ସାହିତ୍ୟରେ ପ୍ରଭାବ ନୁହେ; ମୌଳିକତା ଯେ ଶ୍ଳାଘ୍ୟ, ବିଭିନ୍ନ ସାହିତ୍ୟିକଙ୍କ କୃତିର ଆଲୋଚନା କାଳରେ ତାହା ସେ ଦର୍ଶାଇ ଦେଇଛନ୍ତି । ସାରଳା ଦାସଙ୍କ ଉଚ୍ଚବିଦ୍ୱତ୍ତାର ଅଭାବ ଯେ ତାଙ୍କ ରଚନାକୁ ଓଡ଼ିଶୀ ମାଟିର ସ୍ୱତନ୍ତ୍ର ବର୍ଣ୍ଣ-ବିଭବ ଓ ଓଡ଼ିଆ ଜାତିର ସାମଗ୍ରିକ ବ୍ୟକ୍ତିତ୍ୱରେ ମଣ୍ଡିତ କରିଥିଲା (୧୩), କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅନ୍ତର୍ନିହିତ ପ୍ରଚୁର କବିତ୍ୱ-ଶକ୍ତି ସତ୍ତ୍ୱେ ଏକ ଭ୍ରାନ୍ତ ଉଦାହର ଆତିଶଯ୍ୟ ଯେ ତାଙ୍କ ଅନ୍ତଃସ୍ଥଳରେ ସୁକୁମାରୀ ସରସ୍ୱତୀଙ୍କୁ ନିର୍ବୋଧ ପାଣ୍ଡିତ୍ୟର ଭାରି ଗଦା ତଳେ ନିଃଶ୍ୱାସ ଚିପି ମାରି ଦେଇଛି (୧୪), ଅଭିମନ୍ୟୁ ସାମନ୍ତସିଂହାର ଅଳ୍ପ ବୟସରୁ ବୈଷ୍ଣବ କବି ସଦାନନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ ଯେ ଓଡ଼ିଆ ସାହିତ୍ୟକୁ ଦୈନନ୍ଦିନ ଜୀବନ୍‌ର ଜୀବନ୍ତ-ସ୍ପର୍ଶ-ସ୍ପନ୍ଦିତ, ଶକ୍ତିମାନ୍ ଓ ଉତ୍ତ୍କୃଷ୍ଟ ଅନେକ ରଚନାରେ ସମୃଦ୍ଧ କରି ପାରିଥା'ନ୍ତେ(୧୫) ଇତ୍ୟାଦି ମତରୁ ମୌଳିକତା ପ୍ରତି ତାଙ୍କର ଗଭୀର ଶ୍ରଦ୍ଧାର ପରିଚୟ ମିଳିଥାଏ । ପୁଣି ସମସାମୟିକ ବହୁ ବିଚକ୍ଷଣ, ବିଶାରଦ, ବିଦଗ୍ଧ ସ୍ରଷ୍ଟାଙ୍କ ମଧ୍ୟରୁ ଯଦୁମଣି ମହାପାତ୍ର ଓ ବ୍ରଜନାଥ ବଡ଼ଜେନାଙ୍କ ଅକୁତୋଭୟତା, ସତ୍ୟବାଦିତା ଓ ପୌରୁଷମୟତା ପ୍ରତି ଶ୍ରଦ୍ଧା-ନିବେଦନ ମାନସିଂହଙ୍କ ସ୍ୱକୀୟ ଅଭିରୁଚିର ପ୍ରଖ୍ୟାପନ କରିଥାଏ ।

(୧୨) ପୂର୍ବୋକ୍ତ, ପୃ. ୧୦୦ ।
(୧୩) ପୂର୍ବୋକ୍ତ, ପୃ. ୯୩-୯୪ ।
(୧୪) ପୂର୍ବୋକ୍ତ, ପୃ. ୧୬୩-୧୬୪ ।
(୧୫) ପୂର୍ବୋକ୍ତ, ପୃ. ୧୭୫ ।

Digitized by srujanika@gmail.com

ସାହିତ୍ୟର ଇତିହାସ ରଚନାରେ ସମାଲୋଚନାର ଗୁରୁତ୍ୱ ଦର୍ଶାଇ ଜାତୀୟ ସାହିତ୍ୟ ଏକାଡ଼େମୀର ତତ୍‌କାଳୀନ ସେକ୍ରେଟାରୀ ଶ୍ରୀ କେ. ଆର. କୃପାଳିନୀ ମାନସିଂହଙ୍କ 'A History of Literature'ର ଭୂମିକାରେ ଲେଖିଥିଲେ ,"No History of literature, unless it is a mere chronological catalogue of names, can wholly avoid critical estimates and qualitative preferences." ନିଜେ ଡ଼କ୍ଟର ମାନସିଂହ ମଧ୍ୟ ସାହିତ୍ୟର ଇତିହାସ ସଂପୃକ୍ତ ଜାତିର ଆତ୍ମାର ଇତିହାସ ବୋଲି କହି ସେଠି ଲେଖକ ପାଞ୍ଜିକାର ମାତ୍ର ନୁହେ; ବରଂ ନିଜ ଜାତିର ଓ ସାହିତ୍ୟର ଗୁଣାଗୁଣର ପରୀକ୍ଷକ, ଗ୍ରାହକ ଓ ପ୍ରଚାରକ, ପୁଣି ଦରକାର ପଡ଼ିଲେ ନିନ୍ଦୁକ ମଧ୍ୟ ବୋଲି ଉଲ୍ଲେଖ କରିଛନ୍ତି (୧୬) । ଏହି ଆଦର୍ଶର ଅନୁରୋଧରେ ସେ ଯୁଗବିଶେଷ ଓ ସ୍ରଷ୍ଟାବିଶେଷଙ୍କର ସୃଷ୍ଟିର ଦୋଷ ଓ ଗୁଣ ଉଭୟକୁ ନିର୍ବିକାରରେ ଆଙ୍ଗୁଠି ମାରି ଦେଖାଇ ଦେଇଛନ୍ତି । ସମସାମୟିକ ସବୁଜମାନଙ୍କର ସ୍ୱଦେଶୀ-ସାଂସ୍କୃତିକ-ପରମ୍ପରା ପ୍ରତି ଅବହେଳାକୁ ସେ ଯେପରି ନିନ୍ଦା କରିଛନ୍ତି, ସେମାନଙ୍କ ମଧ୍ୟରୁ ଅନ୍ନଦାଶଙ୍କରଙ୍କ ଚିନ୍ତାର ପରିଚ୍ଛନ୍ନତା ଓ ସଂଘବଦ୍ଧତା, ବୈକୁଣ୍ଠନାଥଙ୍କ ନିର୍ଦ୍ଦୋଷ ଛନ୍ଦ ଓ ସାବଲୀଳ ପ୍ରକାଶଭଙ୍ଗୀ, କାଳିନ୍ଦୀଚରଣଙ୍କ କଥା-ସାହିତ୍ୟକୁ ସେହିପରି ପ୍ରଶଂସା ମଧ୍ୟ କରିଛନ୍ତି ; ସେହିପରି ଭାବ-ସତୀତ୍ୱହୀନ ତଥାକଥିତ ଆଧୁନିକ କବିମାନଙ୍କୁ ନିନ୍ଦା ଓ ଏ ଯୁଗର 'ଲେବୁଲ୍ ସ୍ଲୋଗାନ୍ ନିସ୍ପୃହ' ଯଥାର୍ଥ ବାଣୀ-ଆରାଧକ-ମାନଙ୍କର ପ୍ରଶଂସା ମଧ୍ୟ କରିଛନ୍ତି । ଏ ସବୁ ଅସୂୟା-ପ୍ରଣୋଦିତ କରିବା ଯଥାର୍ଥ ମନେ ହୁଏ ନାହିଁ ।

ଡ଼କ୍ଟର ମାନସିଂହଙ୍କର ଇଂରାଜୀ-ସାହିତ୍ୟରେ ଯେ ଗଭୀର ପ୍ରବେଶ ଥିଲା, ତାହାର ମୁଦ୍ରାଙ୍କ ତାଙ୍କ ଓଡ଼ିଆ ସାହିତ୍ୟର ଇତିହାସରେ ସୁସ୍ପଷ୍ଟ । ବୌଦ୍ଧ-ଚର୍ଯ୍ୟାଗୀତିଗୁଡ଼ିକୁ ଲାଙ୍ଗ୍‌ଲାଣ୍ଡଙ୍କ 'ପିଏର୍ସ ପ୍ଲାଉମାନ୍' କାବ୍ୟ, କୃଷକ କବି ସାରଳା ଦାସଙ୍କୁ ସ୍କଟ୍‌ଲାଣ୍ଡର ଶ୍ରେଷ୍ଠ କବି ରବର୍ଟ ବର୍ଣ୍ଣେସ୍, ଅଭିମନ୍ୟୁଙ୍କୁ ପାଶ୍ଚାତ୍ୟ କବି ସୁଇନ୍‌ବର୍ଣ୍ଣ, ଭକ୍ତ ଚରଣଙ୍କୁ ମାଥ୍ୟୁ ଆରନ୍‌ଲଡ଼, ଫକୀରମୋହନଙ୍କୁ ଇଂରେଜ ଔପନ୍ୟାସିକ ଟମାସ୍ ହାର୍ଡ଼ି, ରାଧାନାଥ ଓ ମଧୁସୂଦନଙ୍କ ମିଳିତ ରଚନା 'କବିତାବଳି'କୁ ୱାର୍ଡ଼ସ୍‌ୱାର୍ଥ ଓ କଲେରିଜ୍‌ଙ୍କ 'ଲିରିକାଲ୍ ବାଲାଡ୍‌ସ୍', ନୀଳକଣ୍ଠଙ୍କ 'ମାୟାଦେବୀ'କୁ ଟେନିସନ୍‌ଙ୍କ 'ପ୍ରିନ୍‌ସେସ୍' ସହ ତୁଳନା ଇଂରାଜୀ ଓ ଓଡ଼ିଆ ଉଭୟ ସାହିତ୍ୟରେ ତାଙ୍କର ବିଦ୍‌ବତ୍ତା ପ୍ରମାଣ କରିଥାଏ ।

ମାନସିଂହଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' ଯେ ସଂପୂର୍ଣ୍ଣ ନିର୍ଦ୍ଦୋଷ ଏପରି କୁହାଯାଇ ନ ପାରେ । କୌଣସି ସାହିତ୍ୟର ଏକ ପୂର୍ଣ୍ଣାଙ୍ଗ ଇତିହାସ ରଚନା ଏକ ସହଜ ବ୍ୟାପାର ନୁହେ ନିଶ୍ଚୟ । ତଥାପି ତାଙ୍କର ସ୍ୱାଧୀନ, ନିରପେକ୍ଷ ଓ ନିର୍ଭୀକ ଆଲୋଚନା ଅବଶ୍ୟ ପ୍ରଶଂସନୀୟ । 'ଶଙ୍କରସ୍' ୱିକ୍‌ଲି ପତ୍ରିକା ଏ ସଂପର୍କରେ ଲେଖିଥିଲେ, ''Dr. Mansinha's

---

(୧୬) ପୂର୍ବୋକ୍ତ ଭୂମିକା, ପୃ.୭ ।

Digitized by srujanika@gmail.com

History of oriya literature is both revealing and rewarding. He is fair and objective in his assessment of trends and individual authors, though, of course, he makes no secrecy of his own admiration for particular authors. (୧୭) ମାନସିଂହଙ୍କ କବି-ବ୍ୟକ୍ତିତ୍ୱ ଯେପରି ଆତ୍ମ-ଗରିମାର ପ୍ରଖ୍ୟାପକ, ସମାଲୋଚନା ମଧ୍ୟ ସେହିପରି ମୁକ୍ତ ଚେତନା ଓ ଦ୍ୟୋତନାର ପରିଚାୟକ । ପୁଣି ତାଙ୍କର ଏହି କୃତି ଯେ ଅଣଓଡ଼ିଆମାନଙ୍କୁ ଓଡ଼ିଆ ଜୀବନ ଓ ସାହିତ୍ୟକୁ ଜାଣିବାରେ ସାହାଯ୍ୟ କରି ପାରିଛି , ତାହା ହିଁ ଏହାର ସିଦ୍ଧି । (୧୮)

●

(୧୭) Shankar's weekly, 24th March, 1964 (ମାନସିଂହଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ', ଭୂମିକା, ପୃ. ୧୩-୧୪ରୁ ଉଦ୍ଧୃତ)

(୧୮) 'Dr. Mayadhar Mansingha's History of oriya Literature is a valuable contribution to our understanding of a sister Literature of India. His knowledge of his state, its people and culture, and his acumen and zest make him a discriminating as well as an enthusiastic expounder of the wealth of Oriya life and letters".- Yojana, September 1, 1963. (ପୂର୍ବୋକ୍ତ, ପୃ.୧୫ରୁ ଉଦ୍ଧୃତ) ।

Digitized by srujanika@gmail.com

ମାନବବାଦର ନିକଷରେ କବି ମାନସିଂହଙ୍କ କାବ୍ୟ - ଚେତନା

ଡକ୍ଟର ଇନ୍ଦୁ ମିଶ୍ର

ମାନବତାବାଦ କଳା ଓ ସାହିତ୍ୟର ଏକ ବିଶିଷ୍ଟ ବିଭାବ । କାବ୍ୟଶାସ୍ତ୍ର ବିନୋଦନର ପ୍ରାଥମିକ ବିକାଶ ଧାରାଠାରୁ ଆଣବିକ ଯୁଗ ପର୍ଯ୍ୟନ୍ତ ଦୃଷ୍ଟିପାତ୍ କଲେ ଏହାର ଯଥାର୍ଥତା ସ୍ପଷ୍ଟ ଭାବେ ଉପଲବ୍ଧ ହୁଏ । ବାସ୍ତବ ଜୀବନରେ ଯେଉଁ ଠାରେ ମାନବିକତାବୋଧର ଅଭାବ ଅନୁଭୂତ ହୁଏ, ସେହିଠାରେ ହିଁ କଳାକାର ଉଜ୍ଜୀବିତ ରଖେ ନିଜର ଲେଖନୀ । କଲମ ମୁନରେ ତା'ର ସଂଜୀବିତ ହୁଏ ମାନବିକତାର ମନ୍ତ୍ରନିନାଦ । ଜାତୀୟ ଜୀବନ, ପଲ୍ଲୀଚିତ୍ର, ପ୍ରେମର ସମର୍ପଣ ତଥା ତ୍ୟାଗର ଶାଶ୍ୱତ ରୂପଛବି ମଧ୍ୟରେ ଉଦ୍‌ଘାଟିତ ହୋଇଥାଏ କବିଚିତ୍ତର ଅନୁଭୂତି ଓ ଉପଲବ୍‌ଧି । ତାହାରି ମଧ୍ୟରେ ଫୁଟି ଉଠେ କବିର ଜୀବନ-ଦର୍ଶନ ଓ ଜୀବନ-ବାଣୀ । କବି ଡ଼କ୍ଟର ମାୟାଧର ମାନସିଂହଙ୍କ କବିତାରେ ମାନବତାବାଦକୁ ଏହି ମର୍ମରେ ବୁଝିବାକୁ ହୁଏ ।

ସବୁଜ ସମସାମୟିକ କାଳର ଏକକ କବି ଭାବରେ ମାନସିଂହଙ୍କ ସୃଷ୍ଟି ଓ ସାଧନା ଏକାନ୍ତ ସ୍ମରଣୀୟ ଓ ବୈଚିତ୍ର୍ୟବିମଣ୍ଡିତ । 'ଧୂପ', 'ହେମଶସ୍ୟ', 'ହେମ ପୁଷ୍ପ' ଭଳି ରଚନା ତାଙ୍କୁ ପ୍ରେମ ଓ ସୌନ୍ଦର୍ଯ୍ୟର କବି ରୂପେ ପ୍ରଖ୍ୟାତି ପ୍ରଦାନ କରିଥିଲେ ମଧ୍ୟ ତାଙ୍କ ସୃଷ୍ଟିର ସାମଗ୍ରିକ ଆକଳନ ମାନବତାବାଦର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ରୂପ ଓ ପ୍ରଣୟର କବି ରୂପେ ସୁଖ୍ୟାତି ଅର୍ଜନ କରିଥିବା କବିଙ୍କ ଜୀବନ-ଦୃଷ୍ଟିଥିଲା ସବୁଜ ରୋମାଣ୍ଟିକ ଚେତନାଠାରୁ କିଞ୍ଚିତ୍ ଭିନ୍ନଧର୍ମୀ । 'ପରମର୍ଧ' ଶୀର୍ଷକ ପ୍ରବନ୍ଧରେ ମାନସିଂହ ସେଥିପାଇଁ ଉଲ୍ଲେଖ କରିଥିଲେ -

''ଏ ଦେଶରେ ଯେ କିଆ, ପୋଲାଙ୍ଗ ଫୁଟି ଝଡ଼ି ପଡୁଛି, ସେ ଖବର ନ ରଖି ଏମାନେ ଚାମେଲି, ଗୋଲାପ, ହାସ୍ନାହେନାର ଗନ୍ଧ ଆଣି ଆମକୁ ଶୁଂଘାଇଲେ । ସାଧବ ଝିଅ ନଈରେ ଗାଧୋଇଲା ବେଳେ ଛିଣ୍ଡି ପଡ଼ିଥିବା ବାରହାତ ଲମ୍ବା ବାଳକୁ ସୁନା ଫରୁଆରେ ପୂରାଇ ପାଣିରେ ଭସାଇ ଦେଇ ଅନାଇ ରହିଛି । ସେ ଦୃଶ୍ୟ କବିମାନେ ଦେଖି ପାରୁ ନାହାନ୍ତି, ସେମାନେ ସବୁଜ ପରୀ, ଆସମାନ ପରୀର ନୃତ୍ୟ ଆଣି ଆମକୁ ଦେଖାଉଛନ୍ତି ।

(ପର ଧର୍ମ-ଓଡ଼ିଆ ସାହିତ୍ୟ ଓ ସମାଜ-ସହକାର ୧୩/୧୧-ମାର୍ଚ୍ଚ-୧୯୩୩)

ସବୁଜ କବିମାନଙ୍କ ସୃଷ୍ଟି ଓ ସାଧନାର ନ୍ୟୂନତା ପ୍ରତିପାଦନ ଏ ଉଦ୍ଧୃତି ଉଦ୍ଧାରର ଲକ୍ଷ୍ୟ ନୁହେଁ । ବରଂ ଦୁଇଟି ଭିନ୍ନ ଧାରାର ସୃଷ୍ଟି ସଂପଦରେ ପ୍ରକଟିତ ତାରତମ୍ୟ ବିଚାର ହିଁ

Digitized by srujanika@gmail.com

ଏଠାରେ ଆଲୋଚନାର ମୌଳିକ ଆଭିମୁଖ୍ୟ । ସବୁଜ କବିଗଣ ପ୍ରଣୟପ୍ରଧାନ ସୃଷ୍ଟି ଧାରାରେ କଳ୍ପନାକୁ ପ୍ରମୁଖ ଭୂମିକାରେ ସଜାଇଥିବା ବେଳେ ମାନସିଂହ ପ୍ରେମରେ ପ୍ରକାଶ କରିଛନ୍ତି ବାସ୍ତବତାବାଦୀ ଦୃଷ୍ଟିକୋଣ । ସବୁଜ-କବି ପ୍ରଣୟର ଉପଲବ୍ଧି ପାଇଁ ପରୀ-ପ୍ରେୟସୀ ସହ ଦୂରାନ୍ତର ଯାତ୍ରାର ପରିକଳ୍ପନା କରିଥିବା ବେଳେ ମାନସିଂହ ଦୂର ସୁଦୂରର ପ୍ରଣୟୀ-ପ୍ରଣୟିନୀଙ୍କ ମଧ୍ୟରେ ଶାଶ୍ୱତ ପ୍ରଣୟର ଆକାଂକ୍ଷା ଓ ଅଭିନିବେଶ ଜାଗ୍ରତ ରଖିଛନ୍ତି । ତାଙ୍କର 'ବନ୍ଦିନୀ ପ୍ରିୟା', 'ଦେହ ଓ ସ୍ନେହ', 'ଜେମା' ତଥା 'କମଳାୟନ' ଭଳି କାବ୍ୟ-କବିତାର ବିଭିନ୍ନ ପଙ୍କ୍ତି ଏହି ଶାଶ୍ୱତ ପ୍ରେମ ମଧ୍ୟରେ ଉଦ୍‌ଘାଟନ କରିଛି ମାନବତାବାଦର ନବ-ଦିଗନ୍ତ । 'ଧୂପ' ସଂକଳନର ବନ୍ଦିନୀ ପ୍ରିୟା' କବିତାଟିର ଏକ ପଙ୍କ୍ତି ଏଠାରେ ପ୍ରସଙ୍ଗ କ୍ରମେ ଉଦ୍ଧାର କରାଯାଉଛି -

ଦୂରବାସୀ ପ୍ରିୟଭରେ ନିତି ବ୍ୟଥା ତୁମ ପାଇଁ ବନ୍ଦିନୀ
ଉପାୟ କି ଅଛି ନେଇଛି ତ ଆନ ଶରୀର ତୁମ କିଣି
ରୂପ ତା'ର ଦିଅ ସ୍ନେହ ମାଗେ ପ୍ରିୟ ଲକ୍ଷ ଯୋଜନ ଦୂରୁ,
ଦିନେ ଦିନେ ଖାଲି ମଙ୍ଗଳ ଧୂପ ମୋ ନାମେ ଉଠୁ ସେ ପୁରୁ''।

(ବନ୍ଦିନୀ ପ୍ରିୟା-ଧୂପ-ମାନସିଂହ ଗ୍ରନ୍ଥାବଳୀ, ୧ମ ଭାଗ, ପୃ.୮୮)

ପ୍ରେମରେ ତ୍ୟାଗ ପୁଣି ସେହି ତ୍ୟାଗ ମଧ୍ୟରେ ଶାଶ୍ୱତ ମାନବିକତାର ଆଲେଖ୍ୟ ଅଙ୍କିତ ହୋଇଛି ମାନସିଂହଙ୍କ ପ୍ରେମ କବିତାରେ । ପ୍ରେମ ଦେହଜ ଆକର୍ଷଣରୁ ମୁକ୍ତି ଲୋଡ଼ିଛି । ନିଷ୍କାମ ପ୍ରଣୟ ହୋଇଛି ପ୍ରେମର ଚିରନ୍ତନ ଉତ୍ସ । ପ୍ରଣୟିନୀ କାବ୍ୟ-ନାୟିକା ଦେହାତୀତର ସ୍ମରଣରେ ପ୍ରେମର ସାର୍ଥକତା ଉପଲବ୍ଧି କରିଥିବା ବେଳେ ପ୍ରଣୟୀ କାବ୍ୟ-ନାୟକ ରୂପରୁ ରୂପୋତ୍ତର ପ୍ରେମର ଆତ୍ମିକ ଉତ୍ତରଣ ମଧ୍ୟରେ ସାର୍ଥକ ହୋଇଛି । ''ହେମଶସ୍ୟ''ର 'ଦେହ ଓ ସ୍ନେହ' କବିତାଟି ଏଠାରେ ସ୍ମରଣୀୟ -

''ପାଇଛି ମୁଁ ସ୍ନେହରତ୍ନ, ଦେହ ଅବଗାହୀ
ମୁକ୍ତା ଫେରି ପାଇଛି ମୁଁ ଗୁଞ୍ଜା ଖୋଜିଯାଇ
ପ୍ରିୟାର ସରସ ସ୍ନେହ ଦେହ ଅବସାନେ ହୋଇଛି ଅମର
ଦିନେ ଯାହାଥିଲା ରୂପ ଆଜି ରୂପୋତ୍ତର ।''

(ଦେହ ଓ ସ୍ନେହ - ହେମଶସ୍ୟ - ମା.ଗ୍ର. ୧ମଭାଗ - ୧୯୪)

ମାନସିଂହଙ୍କ କବିତାରେ ରୂପାତୀତ ସମ୍ପର୍କର ଅନୁଭୂତି ମାନବତାବାଦ ବା ହ୍ୟୁମାନିଜିମ୍‌ର ଏକ ନିଷ୍କର୍ଷ ଭାବେ ଉପସ୍ଥାପିତ । 'ଜେମା' କାବ୍ୟରେ ଉପଲବ୍ଧ ହୁଏ ପଲ୍ଲୀ ଲଳନାର ତ୍ୟାଗପୂତ ଅନୁଭୂତି । ଏହି ତ୍ୟାଗପୂତ ଅନୁଭୂତି ହିଁ ଯଥାର୍ଥତଃ ମାନବିକତାର ନିର୍ଯ୍ୟାସ -

Digitized by srujanika@gmail.com

''ପ୍ରେମ ନୁହେଁ ଦେହ, ଦେହୁଁ ଭୋଗ ଅନ୍ୱେଷଣ
ପ୍ରେମ ଏକ ଆତ୍ମା, ପ୍ରତି ଆତ୍ମାର ବନ୍ଧନ
ପ୍ରେମ ପୂର୍ଣ୍ଣ ସମର୍ପଣ ଏକ ଅନ୍ୟପାଇଁ
ପ୍ରେମ ଆନପାଇଁ ଦେବା ନିଜକୁ ହଜାଇ ।''

(ଜେମା - ମାନସିଂହ ଗ୍ରନ୍ଥାବଳୀ - ୨ୟ ଭାଗ, ପୃ- ୨୧୧)

ପ୍ରେମ ଏଠାରେ ତ୍ୟାଗର କଷଟିରେ ପରୀକ୍ଷିତ ଓ ମହିମାନ୍ୱିତ । ମୃତା ଭଗ୍ନୀର ସ୍ୱାମୀଙ୍କୁ ପତିରୂପେ ବାରଣ କରିବା ପରେ ଭଗ୍ନିପତି ହୋଇଛନ୍ତି ପଳାତକ । ଜେମା କିନ୍ତୁ ଜୀବନରେ ଦ୍ୱିତୀୟଦାର ଗ୍ରହଣ ନ କରି ଭଗିନୀର ସନ୍ତାନ ଓ ବୃଦ୍ଧା ଶାଶୁଙ୍କର ସେବା ପରିଚର୍ଯ୍ୟାରେ ସମୟ ଅତିବାହିତ କରିଛି । ବ୍ୟକ୍ତିଗତ ପ୍ରେମ ଓ ଦେହଭୋଗର ଆକାଂକ୍ଷା ବୃହତ୍ତର ଆଭିମୁଖ୍ୟରେ ରୂପାନ୍ତରିତ ହୋଇ ମାନବିକ ପ୍ରଣୟରେ ପରିଣତ ହୋଇଛି । ପ୍ରୀତିର ବନ୍ଧନ ହୋଇଛି ସୁଧାର ଉତ୍ସ-ଯାହା ଅପରକୁ ଆପଣାର କରେ । ଦୂରକୁ କରେ ନିକଟ- 'କମଳାୟନ' କାବ୍ୟରେ ଏହି ସନ୍ଦେଶ ପ୍ରେରିତ ହୋଇଛି-

''କାହିଁ ଥିଲ ତମେ ଆଉ କାହିଁ ଥିଲି ମୁହିଁ
ଦୁଇ ଅଜ୍ଞାତରେ ଆଣି କେ ଦେଲା ମିଶାଇ
ସୁଧା-ଉତ୍ସ ଏ ଜଗତେ ପ୍ରୀତିର ବନ୍ଧନ
ଛାତିରେ ଲଗାଏ ଆଣି ଦୂର ପରଜନ ।''

(କମଳାୟନ- ମାନସିଂହ ଗ୍ରନ୍ଥାବଳୀ, ୨ୟଭା , ପୃ. ୨୮୮)

ମାନସିଂହଙ୍କ କାବ୍ୟ ଚେତନାରେ ପ୍ରେମର ମାନବିକ ଆବେଦନ ବନ୍ଧନ ଭିତରେ ସଞ୍ଚାର କରିଛି ମୁକ୍ତିର ଅଫୁରନ୍ତ ଆନନ୍ଦ । ଇନ୍ଦ୍ରିୟବେଦ୍ୟ ଆକାଂକ୍ଷାକୁ ପରିଣତ କରିଛି ଇନ୍ଦ୍ରିୟାତୀତ ଆବେଗରେ । ବିରହର ମର୍ମଦାହ ଓ ତିତିକ୍ଷାର ଭାବନା ମଧ୍ୟରେ ପରୀକ୍ଷିତ ହୋଇଛି ପ୍ରଣୟୀ ଓ ପ୍ରଣୟିନୀଙ୍କର ଭାବ-ସତୀତ୍ୱ । ମାନବତାବାଦ ପ୍ରୋଜ୍ଜ୍ୱଳ ହୋଇଛି । ଶାଶ୍ୱତ ପ୍ରେମ ଓ ସମର୍ପିତ ଭାବନା ହୋଇଛି ମାନବତାବଦର ମୂଳ ମନ୍ତ୍ର ।

ଜାତୀୟତାବାଦ ମାନସିଂହଙ୍କ କାବ୍ୟ-ଚେତନାର ଏକ ଅଭିନ୍ନ ଅଙ୍ଗ । ଜାତୀୟତାବାଦ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ମାନବତାବାଦ । ଏକ ପକ୍ଷରେ ଉତ୍କଳ କୈନ୍ଦ୍ରିକ ଜାତୀୟତାବାଦ ଅନ୍ୟ ପକ୍ଷରେ ସାମଗ୍ରିକ ଭାରତୀୟ ଜୀବନ-ବାଣୀ ତାଙ୍କ କାବ୍ୟ ଚେତନାରେ ଓତପ୍ରୋତ ଭାବେ ଜଡ଼ିତ । ରାଧାନାଥଙ୍କ ରୂପପ୍ରାଣତା ଓ ସତ୍ୟବାଦୀ ଯୁଗର ଆଦର୍ଶବାଦୀ ଚେତନା ସମନ୍ୱିତ ଭାବେ ପ୍ରଦର୍ଶିତ ହୋଇଛି ମାନସିଂହଙ୍କ ଜାତୀୟତାବାଦୀ ଜୀବନ-ଚେତନାରେ । ଗାନ୍ଧୀଜୀ ହୋଇଛନ୍ତି ତାଙ୍କ ପାଇଁ ଆଦର୍ଶ ଯୁଗ-ପୁରୁଷର ପ୍ରତୀକ । 'ବାପୁ ତର୍ପଣ'ରେ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱକୁ ବନ୍ଦନା କରି ସେ ଉଲ୍ଲେଖ କରିଛନ୍ତି-

Digitized by srujanika@gmail.com

"ବ୍ରାହ୍ମଣ ତମେ ଉପବୀତ ତବ
ଅୟୁତ ପ୍ରାଣର ଗହନ କଥା
ପୁରୁଷୋତ୍ତମ ଜୀବନ ତମର
ବିରାଟ ଜାତିର ମରମ କଥା ।"

(ବାପୁଜୀ-ବାପୁ ତର୍ପଣ-ମାନସିଂହ ଗ୍ରନ୍ଥାବଳୀ, ୧ମ, ଭାଗ, ପୃ.୨୫୯)

ବାପୁଜୀଙ୍କୁ ବ୍ରାହ୍ମଣ ରୂପେ ଅଭିହିତ କରି ତାଙ୍କ ଚେତନାରେ ଶୁଦ୍ଧତାକୁ କବି ପ୍ରକଟିତ କରିବା ସହ ପୁରୁଷୋତ୍ତମ ଭଗବତ୍ ସତ୍ତାରେ ସେ ତାଙ୍କୁ ରୂପାନ୍ତରିତ କରିଛନ୍ତି । ମୈତ୍ରୀ ହିଁ ତାଙ୍କ ରଣାଙ୍ଗନର ପରିଣତି । ଏହି ଅଭୂତପୂର୍ବ ରଣ-କୌଶଳର ସୂଚନା ମିଳିଛି ମାନସିଂହଙ୍କ କବିତାରେ-

"ତମ ରଣଭୂମେ ନାହିଁ ଉଠେ କାହିଁ
କ୍ରନ୍ଦନ କୋଟି ଅବଳା ମୁଖେ
ତଥାପି ହେ ବୀର ସମର ଜିଣିଛ
ମୈତ୍ରୀ ଫୁଟାଇ ବଇରି ବୁକେ ।"

(ତତ୍ରୈବ)

'କମଳାୟନ' କାବ୍ୟରେ ଗାନ୍ଧିବାଦୀ ବାସ୍ତବତା ହିଁ ହୋଇଛି ମାନବତାବାଦୀ ଜୀବନ ଧାରାର ଅଙ୍ଗ । ଇଂରେଜ ସରକାରଙ୍କ ବିରୋଧରେ ଗାନ୍ଧିଜୀଙ୍କ ସଂଗ୍ରାମର ମହତ୍ତ୍ୱ ସେ ଘୋଷଣା କରିଛନ୍ତି -

"ଆଜି ହିଂସା ମିଥ୍ୟାମୟ
ଧରାଦ୍ୱାର ଦେଶେ
ହୋଇ ଉଭା ଦୀନ ନମ୍ର କୃଷକର ବେଶେ
ଉଦ୍‌ଭ୍ରାନ୍ତ ମାନବେ
ସତ୍ୟ ପ୍ରେମ ବାର୍ତ୍ତା ବହେ
ସେ ଲାଗି ତାଚ୍ଛଲ୍ୟ ଦୁଃଖ ନିର୍ଯ୍ୟାତନା ସହେ
ତାହାରି ନିର୍ଦ୍ଦେଶେ ଏହି ନିରସ୍ତ୍ର ସମର
ଭାରତ ଚଳାଏ ବିରୁଦ୍ଧରେ ଇଂରେଜର ।"

(କମଳାୟନ-ମାନସିଂହ ଗ୍ରନ୍ଥାବଳୀ-୨ୟ ଭାଗ, ୨୪୮,୪୯)

ଭାରତର ରାଜନୈତିକ ସ୍ୱାଧୀନତା ସହ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ଗାନ୍ଧିଜୀଙ୍କ ଚିନ୍ତା-କଳ୍ପନାର କେନ୍ଦ୍ରବିନ୍ଦୁ ଥିଲା । ଗାନ୍ଧିଜୀ ନିଜର ଚିନ୍ତା-କଳ୍ପନା ଓ କର୍ମ ମଧ୍ୟରେ ସାମାଜିକ ସାମ୍ୟ ଆନୟନ ପାଇଁ ପ୍ରଚେଷ୍ଟା କରିଥିଲେ । ଏହାଥିଲା ମାନବତାବାଦର ଏକ ଅଂଶ । ଶାରୀରିକ ଓ ବୌଦ୍ଧିକ -ଉଭୟବିଧ କର୍ମର ସମନ୍ୱୟ ଥିଲା ଗାନ୍ଧିଜୀଙ୍କର ଲକ୍ଷ୍ୟ । 'ହରିଜନ' ପତ୍ରିକାରେ ତେଣୁ ସେ ଲେଖିଥିଲେ -

Digitized by srujanika@gmail.com

''ବୌଦ୍ଧିକ କାର୍ଯ୍ୟ ଅତି ଗୁରୁତ୍ୱପୂର୍ଣ୍ଣ । ଜୀବନ ଯୋଜନାରେ ନିଶ୍ଚିତ ରୂପେ ଏହାର ସ୍ଥାନ ଅଛି । କିନ୍ତୁ ଶରୀର ଶ୍ରମ ଉପରେ ମଧ୍ୟ ମୁଁ ଗୁରୁତ୍ୱ ଦିଏ । ମୋର ଦୃଢ଼ ମତ, କୌଣସି ଲୋକ ଶରୀର ଶ୍ରମ ଦାୟିତ୍ୱରୁ ବାଦ ଯିବା ଉଚିତ ନୁହେଁ । ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟ ମୂଲ୍ୟ ମଧ୍ୟ ବଢ଼ିବ ।''

(ହରିଜନ-୨୩.୨.୧୯୩୭)

ନିଶା ନିବାରଣ, ଯୌତୁକ ପ୍ରଥାର ନିରୋଧ, ନାରୀ ସମାଜର କଲ୍ୟାଣ ଓ ଅସ୍ପୃଶ୍ୟତା ନିବାରଣ ସହ ଶାରୀରିକ ଶ୍ରମର ଉତ୍କର୍ଷ ପ୍ରତିପାଦନ କାରଣରୁ ଗାନ୍ଧିଜୀ କୁଟୀର ଶିଳ୍ପର ପ୍ରଚଳନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । କୁଟୀର ଶିଳ୍ପର ସଂପ୍ରସାରଣ ମାଧ୍ୟମରେ ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଥିଲା ତାଙ୍କର ଲକ୍ଷ୍ୟ । ମାନସିଂହଙ୍କ 'କମଳାୟନ' କାବ୍ୟର 'କରୁଣା କଲୋନି' ଥିଲା ଗାନ୍ଧିଜୀଙ୍କ ମାନବତାବାଦୀ ଚିନ୍ତାଧାରାର ସାକାର ପୀଠ । ଓଡ଼ିଶାର ପଲ୍ଲୀ ଅଞ୍ଚଳରେ କମଳ ଓ କରୁଣାର କଲୋନି ସ୍ଥାପନ ଓ ମାନବ ସେବାରେ ଆତ୍ମନିୟୋଜନ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମର ଏକ ପ୍ରତିରୂପ । 'କରୁଣା କଲୋନି'ରେ ବୃତ୍ତିଭିତ୍ତିକ ଶିକ୍ଷାର ପ୍ରଚଳନ ଗାନ୍ଧିଜୀଙ୍କ ମାନବତାବାଦୀ ଚିନ୍ତାଦର୍ଶର ଏକ ଜୀବନ୍ତ ଆଲେଖ୍ୟ-

''ହୋଇଅଛି ଖୋଲା ଗ୍ରାମେ ଶିଳ୍ପ ବିଦ୍ୟାଳୟ
ବାଳକ-ବାଳିକାଙ୍କର ଅଙ୍ଗୁଳି ନିଚୟ
ଶୈଶବରୁ ଜ୍ଞାନ ସାଥେ କରେ ଧନାର୍ଜନ
ହାତ ପାଇଟିକୁ ଘୃଣା ହୋଇଛି ବର୍ଜନ ।''

(କମଳାୟନ-ମାନସିଂହ ଗ୍ରନ୍ଥାବଳୀ-୨ୟ ଭାଗ, ପୃ.୧୮୩)

ପୁଣି କୃଷି ଓ ଶିଳ୍ପଲବ୍ଧ ଅର୍ଥ ଗ୍ରାମର ଯୌଥ କଲ୍ୟାଣ ଉଦ୍ଦେଶ୍ୟରେ ବିନିଯୁକ୍ତ ହୋଇ ଗ୍ରାମବାସୀଙ୍କୁ ଉଦ୍‌ବୁଦ୍ଧ କରିଛି । ଗ୍ରାମର ସୀମନ୍ତିନୀଗଣ ଅହେତୁକ କଳହ ଓ ପରଚର୍ଚ୍ଚାରେ କାଳ ଅପଚୟ ନ କରି ହସ୍ତଶିଳ୍ପର ସଂପ୍ରସାରଣ ପାଇଁ ସମୟ ନିୟୋଜନ କରିଛନ୍ତି -

X X X ଗ୍ରାମ ନାରୀଗଣ
କଳିର ସମୟ ଏବେ ଦିଅନ୍ତି ସୀବନେ,
ଅବା ଲାଗି ହସ୍ତ ଶିଳ୍ପେ କରନ୍ତି ଅର୍ଜନ,
ସଞ୍ଚିତ ଯା ହୁଏ ବ୍ୟାଙ୍କେ । ଆନନ୍ଦ ବର୍ଦ୍ଧନ ।''

(ତତ୍ରୈବ)

ଗାନ୍ଧିଜୀଙ୍କ ନିଶା ନିବାରଣ ଆହ୍ୱାନ ମଧ୍ୟ 'କମଳାୟନ'ର 'ନିଶା ନୋହି ପ୍ରଭୁ ଗ୍ରାମେ ହୋଇଅଛି ବଶ୍ୟ' ପଙ୍‌କ୍ତିରେ ପ୍ରମୂର୍ତ୍ତ । ବସ୍ତୁତଃ ଗାନ୍ଧିଜୀଙ୍କର ସ୍ୱାବଲମ୍ବନଶୀଳ ସମାଜ ଗଠନ ବଳିଷ୍ଠ ଚରିତ୍ରବତ୍ତା ଓ ପବିତ୍ର କର୍ମ ପ୍ରେରଣାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ମାନସିଂହଙ୍କ 'ସ୍ୱରାଜ୍ୟାଶ୍ରମ'ର ନିରଞ୍ଜନ ସ୍ୱାଇଁ ଗାନ୍ଧିଜୀଙ୍କ ପରିକଳ୍ପିତ ରାମ ରାଜ୍ୟର

Digitized by srujanika@gmail.com

ସ୍ୱପ୍ନରେ ସେଥିପାଇଁ ଅଧୀର ହୋଇ ଉଠିଛି । ଏହି ରାମ ରାଜ୍ୟରେ ଅଧର୍ମ, ଅନ୍ୟାୟ ଓ ମିଥ୍ୟାଚାରର ବିଲୟ ଘଟିବ । ପୀଡ଼କ-ପୀଡ଼ିତ, ଶୋଷକ-ଶୋଷିତ ସମ୍ବନ୍ଧ ବିଦୂରିତ ହେବ । ଜନସେବା ହେବ ଗାନ୍ଧିଜୀଙ୍କର ଅଭୀପ୍‌ସିତ ସ୍ୱାୟତ୍ତ ଶାସନ ଓ ସ୍ୱରାଜ୍ୟର ଲକ୍ଷ୍ୟ-

"ଅଧର୍ମ ଅନ୍ୟାୟ ମିଥ୍ୟା ଦୌରାତ୍ମ୍ୟର ହେବ ସମାପନ
ରାମ ରାଜ୍ୟ ଗ୍ରାମ ରାଜ୍ୟ ହେବ ପ୍ରତିଷ୍ଠିତ,
ପୀଡ଼କ ରହିବେ ନାହିଁ, ନଥିବେ ଶୋଷିତ
ସମଗ୍ର ଶାସନ ହେବ ସତ୍ୟ ଆଉ ସେବା ମନୋହର ।"

(ସ୍ୱରାଜ୍ୟାଶ୍ରମ-ମାନସିଂହ ଗ୍ରନ୍ଥାବଳୀ, ୧ମଭାଗ, ପୃ.୬୧୭)

ଗାନ୍ଧିଜୀଙ୍କର ସତ୍ୟ, ଅହିଂସା ଓ ସଂଯମପୂତ ବ୍ୟକ୍ତିତ୍ୱ ମାନବତାବାଦର ବଳିଷ୍ଠ ପଥ-ପ୍ରଦର୍ଶକ । ମାନସିଂହଙ୍କ ସମସାମୟିକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ରାଧାମୋହନ ଗଡ଼ନାୟକ, ଗୋଦାବରୀଶ ମହାପାତ୍ର ପ୍ରମୁଖଙ୍କ ଲେଖନୀରେ ଏହି ସଂଯମ ପୂତ ବ୍ୟକ୍ତିତ୍ୱ ପ୍ରତି ଶ୍ରଦ୍ଧାଞ୍ଜଳି ଅନ୍ତର୍ନିହିତ । ଶାରୀରିକ ଅକ୍ଷମତା ନୁହେଁ, ମାନସିକ ଦୁର୍ବଳତା ହିଁ ଶହ ଶହ ବର୍ଷ ଧରି ଭାରତୀୟ ଜନସାଧାରଣଙ୍କୁ କ୍ଳୀବ, ଅଥର୍ବ ଓ ଜଡ଼ବତ୍ ନିଷ୍କ୍ରିୟ କରିଦେଇଥିଲା । ସେମାନଙ୍କର ମାନସିକ ସ୍ଥୈର୍ଯ୍ୟ ନିର୍ବିକାର ଭାବେ ବରଣ କରିନେଇଥିଲା ପରାଧୀନତା । ସୁତରାଂ ଗାନ୍ଧିଜୀଙ୍କ ଚିନ୍ତା ଓ ଭାବନାରେ ଅନୁପ୍ରାଣିତ କବି ଚେତନା ଆତ୍ମ ବିଶ୍ୱାସ ବଳରେ ସ୍ୱାଧୀନତା ଲାଭ ପାଇଁ ଉଦ୍‌ବୋଧନ ଦେଇଥିଲା । ଏହି ଆତ୍ମବିଶ୍ୱାସମୂଳକ ଉଦ୍‌ବୋଧନ ହିଁ ଥିଲା ମାନବତାବାଦର ଏକ ବଳିଷ୍ଠ ସୋପାନ ।

ଜୀବନର ଉତ୍ତରଣ ପାଇଁ ଉଦ୍ଦିଷ୍ଟ ରହିଥାଏ କବିଙ୍କର କାବ୍ୟ ଚେତନା । ସେଥିପାଇଁ ଡକ୍ଟର ମାନସିଂହ ନିଜ ଲେଖନୀର କାରଣ ସଂପର୍କରେ ଉଲ୍ଲେଖ କରିଛନ୍ତି-

"ଜୀବନରେ ଯାହା ମହତ୍, ଯାହା ସୁନ୍ଦର, ଯାହା ସତ୍ୟ ମୁଁ କେବଳ ତାହାର ହିଁ ଉପାସକ ଓ ଭକ୍ତ । କୌଣସି ଗୋଷ୍ଠୀ, ଦଳ ବା ଇଜିମ୍‌ର ପ୍ରଚାରକ ଭାବେ ଠିଆ ହେବା ମୋର ସ୍ୱଭାବ ବିରୁଦ୍ଧ । ମୁଁ ମୋର 'କମଳାୟନ' କାବ୍ୟରେ ତାହା ହିଁ ଦେଖାଇବାକୁ ଯାଇଛି ଯେ ଦଳ ଓ ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ତା'ର ରାଜନୀତିକ ଦଳ ଛାଡ଼ି ବିରାଟ ମାନବ ଜାତିର ସେବାରେ ବାହାରିଛି । କୌଣସି ସ୍ଲୋଗାନ ମନୁଷ୍ୟର କଲ୍ୟାଣ ଆଣିପାରିବ ନାହିଁ, ଯେପରି ଆଣିବ ବ୍ୟକ୍ତିର ଚାରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟ ପ୍ରତି ବିଶୁଦ୍ଧ ଅନୁରାଗ ।"(ମୁଁ କାହିଁକି ଲେଖେ-ମାନସିଂହ, ଡଗର ୧୪/୧)

'କମଳାୟନ' କାବ୍ୟରେ ଯେଉଁ ମାନବତାବାଦର ସନ୍ଧାନ ପାଇଁ ସେ ଅନୁବନ୍ଧିତ ଥିଲେ, ତାହା ହିଁ ତାଙ୍କ ସାମଗ୍ରିକ କାବ୍ୟ -ଦୃଷ୍ଟିର ବୈଶିଷ୍ଟ୍ୟ । ସାମ୍ୟବାଦୀ ସମାଜର ଚିତ୍ରଣ ପାଇଁ ସେ ସତେ ଅବା 'ତଳିଆ ଜୀବର ବିଳାପ'ରେ ଅଙ୍ଗୀକାରବଦ୍ଧ ଥିଲେ । ଦୁର୍ନୀତିର ମୂଳୋତ୍ପାଟନ ପାଇଁ ପ୍ରଦର୍ଶିତ କରିଥିଲେ 'ସ୍କୁଲ ମାଷ୍ଟର' ଭଳି ଚରିତ୍ର । 'ଯଦୁ ସ୍ୱାଇଁ' ଭଳି

Digitized by srujanika@gmail.com

ଏକ ଚରିତ୍ର ମାଧ୍ୟମରେ ସେ ଚିତ୍ରଣ କରିଥିଲେ ନିମ୍ନ ବର୍ଗର ଦୁଃଖ ଓ ଦୁଃସ୍ଥିତି । ମାନସିଂହଙ୍କ ଏହି କବିତାଗୁଡ଼ିକୁ ପ୍ରଗତିବାଦୀ ବା ବାମପନ୍ଥୀ ଶିବିରଭୁକ୍ତ କରା ନଯାଇ ମାନବତାବାଦ ଭିତ୍ତିରେ କଳନା କରାଯାଇପାରେ । ଏକଦା କାର୍ଲମାର୍କସ୍ ଧର୍ମକୁ ଅଫିମର ନିଶା ସହ ତର୍କଣା କରିଥିଲେ । ଈଶ୍ୱରଙ୍କୁ ଆହ୍ୱାନ କରିଥିଲେ ନିଜ ଦର୍ଶନରେ । 'ସେ ଏକ ଲୋମଶ ନୀଳ ହାତ'ରେ କବି କୁଞ୍ଜ ବିହାରୀ ଦାଶ ସଇତାନ ଓ ଭଗବାନଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଈଶ୍ୱରଙ୍କୁ କଳ୍ପନାର ଭିତ୍ତିରେ କଳନା କରିଥିଲେ-

''ଭଗବାନ ସ୍ୱର୍ଗବାସୀ
ସଇତାନ ଏଇ ମାଟି ପୃଥିବୀର ମାଲିକ
X X X
ଭଗବାନ ଆକାଶୀ କଳ୍ପନା
ସଇତାନ ନିଷ୍ଠୁର ବାସ୍ତବ
କମାଣର ଧ୍ୱନି ପରି ନିର୍ମମ
ଆଟମ ବୋମା ପରି ସତ୍ୟ ।''

(ସେ ଏକ ଲୋମଶ ନୀଳହାତ-କୁଞ୍ଜବିହାରୀ ସଂଚୟନ ୧ମ ଭାଗ, ପୃ.୫୯)

କବିଙ୍କ ମତରେ -'ଭଗବାନ ଓ ସଇତାନ'- ଏ ଦୁଇଟି ପରସ୍ପର ବିରୋଧୀ ଚେତନା ମଧ୍ୟରୁ ଭଗବାନ ମଣିଷର ଚିନ୍ତାପ୍ରସୂତ ଓ ସଂପୂର୍ଣ୍ଣ କାଳ୍ପନିକ । ସଇତାନ ହିଁ ସାଂପ୍ରତିକ ସମାଜର ପ୍ରତ୍ୟକ୍ଷ ଓ ପ୍ରମାଣ ଯୋଗ୍ୟ ସତ୍ୟ । ସମାଜର ଶୋଷକ ସଂପ୍ରଦାୟ ଏଠାରେ 'ସଇତାନ' । ଧର୍ମର ସ୍ୱରୂପ ସେମାନଙ୍କର ଘଣ୍ଟ ଘୋଡ଼ାଏ କମାଣର ବିକଟ ଧ୍ୱନି ଓ ଆଟମ ବୋମାର ଧ୍ୱଂସକ୍ରିୟା ସହିତ ସଇତାନ ଶୋଷକ ଶ୍ରେଣୀର ଅନ୍ତଃରୂପକୁ ଏଠାରେ ତୁଳନାତ୍ମକ ରୀତିରେ ଚିତ୍ରିତ କରାଯାଇଛି ।

'ବିନ୍ଦୁ ଓ ସିନ୍ଧୁ'ର ନମସ୍କାର କବିତାରେ କବି ମାନସିଂହଙ୍କର ଉଦ୍‌ଘୋଷିତ ସ୍ୱର ଅଧିକ ଶାଣିତ, ତୀବ୍ର ତଥା ସୁସ୍ପଷ୍ଟ-

''ତୁମ୍ଭଙ୍କୁ କରୁନି ନମସ୍କାର
ହେ ଈଶ୍ୱର ଦେଉଳ ଗୀର୍ଜାର
ହେ ଈଶ୍ୱର ମୌଲବି ମୁଲ୍ଲାର
ତୁମ୍ଭଙ୍କୁ କରୁନି ନମସ୍କାର
ଗଢ଼ିଛି ତୁମକୁ ଧନିକ ଦେବତା
ନିଜର ସ୍ୱାର୍ଥ ପାଇଁ
ଫରମାସେ ତା'ର ହୋଇଛ ତିଆରି
ତାହାର ବିରାଜ ପାଇଁ । ''

(ନମସ୍କାର-୧, ବିନ୍ଦୁ ଓ ସିନ୍ଧୁ -୧୯୬୨, ମା.ଗ୍ର. ୧ମ ଭାଗ ପୃ-୫୦୯)

Digitized by srujanika@gmail.com

ମାନସିଂହ ନିଜ ସୃଷ୍ଟିରେ ସେଥିପାଇଁ ଅବହେଳିତ ସମାଜରୁ ଚରିତ୍ର ଆହରଣ କରି ସେମାନଙ୍କର ଦୟନୀୟ ସ୍ଥିତିକୁ ପ୍ରଦର୍ଶିତ କରିଥିଲେ । ''ତଳିଆ ଜୀବର ବିଳାପ''ର ଆର୍ଥିକ ଅଭାବଗ୍ରସ୍ତ ମଜଦୁର, ସତେ ଅବା ମଣିଷ ନୁହେଁ, ''ସେ କଳର ଏକ ଚକ'' । ପରିବାରର ଭରଣପୋଷଣ ପାଇଁ ସେ ତା'ର ପତ୍ନୀ ଓ ସନ୍ତାନମାନଙ୍କ ଠାରୁ ଦୟନୀୟ ଭାବେ ବିଛିନ୍ନ । ସୁଦୂର କଲିକତାର ପୂତିଗନ୍ଧମୟ ଶ୍ରମିକ ବସ୍ତି ତା'ର ଆବାସ ସ୍ଥଳୀ । ମାନସିଂହଙ୍କ 'ମଜଦୁର' କବିତାରେ ଏହିଭଳି ଏକ ଶ୍ରମିକର ମର୍ମବାଣୀ ଝଂକୃତ ।-

''ଚଟକଲେ ମୁଁ ଓଡ଼ିଆ କୁଲି
କଳର ଏକ ଚକ
ଖଟି ଖଟିକା ସାରାଟି ଦିନ ଉଡ଼ିଯାଏ ମୋ ଧକ
ଛାଡ଼ି ଆସିଛି ଦୂର ଗ୍ରାମେ ମୋ ପତ୍ନୀ ପିଲାପିଲି
ସହି ନ ପାରି
ଭୋକରେ ତାଙ୍କ ହୋଇବା କିଲି ବିଲି ।''

(ମଜଦୁର - ତଳିଆ ଜୀବର ବିଳାପ- ମା.ଗ୍ର. ୧ମ ଭାଗ ପୃ. ୫୭)

'କୃଷକ' କବିତାରେ ପ୍ରତିଫଳିତ ହୋଇଛି ସାଧାରଣ କୃଷକ ପରିବାରର ଦୁଃଖ-ଦୁର୍ଦ୍ଦଶାର ଚିତ୍ର । ମୁଣ୍ଡ ଝାଳ ତୁଣ୍ଡରେ ମାରି ସମାଜ ପାଇଁ ଶସ୍ୟ ଉତ୍ପନ୍ନ କରୁଥିବା କୃଷକ କିଭଳି ଅନ୍ନ ବିନା 'ହା ଅନ୍ନ' ଚିତ୍କାର କରେ ମାନସିଂହ ତା'ର ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି । ଜ୍ୱରାକ୍ରାନ୍ତ ପୁଅଟିଏ ପାଇଁ ଚାଷୀ ଔଷଧ ବା ପଥ୍ୟ ବ୍ୟବସ୍ଥା କରି ପାରେ ନାହିଁ, ଅନ୍ୟ ପକ୍ଷରେ ଜମି ଦୁଇମାଣ ବନ୍ଧକ ଦେଇ ଝିଅକୁ ପୁଆଣି ଘର ପଠାଇବା ପାଇଁ ବାଧ ହୁଏ । ଗୋଟିଏ ମାତ୍ର ଲୁଗାରେ ଲଜ୍ଜା ନିବାରଣ ପାଇଁ ବ୍ୟର୍ଥ ଚେଷ୍ଟା କରେ ତା'ର ପତ୍ନୀ -

''ପିଲା ମୋର ଜରେ ଜର ଜର
ଦେବି କାହୁଁ ଔଷଦ ପତର
ଦୁଇ ମାଣ ଜମି ବନ୍ଧା ଦେଇ
ଅଛି ଝିଅ ପୁଆଣି ପଠାଇ
ସ୍ତ୍ରୀ ମୋର ଗୋଟିଏ ଲୁଗାରେ ବରଷକ ଚଳଇ ଲଜ୍ଜାରେ ।''

(କୃଷକ-ତଳିଆ ଜୀବର ବିଳାପ -ମା.ଗ୍ର. ୧ମ ଭାଗ ପୃ.୫୯)

ଅଭାବୀ ମଣିଷର ଧ୍ୱଭାବ ସ୍ୱାଭାବିକ ଭାବେ ନଷ୍ଟ ହୁଏ । ସ୍ୱଳ୍ପ ବେତନ ଯୋଗୁଁ ଶିକ୍ଷକଙ୍କୁ ଟ୍ୟୁସନ କରିବାକୁ ପଡ଼େ । ଏହି ଟ୍ୟୁସନର ଚାହିଦା ବଢ଼ାଇବା ପାଇଁ ଶ୍ରେଣୀରେ ଉପଯୁକ୍ତ ଶିକ୍ଷା ନ ଦେଇ ବିଦ୍ୟାର୍ଥୀମାନଙ୍କୁ ସେ ଟ୍ୟୁସନ୍ ମୁଖାପେକ୍ଷୀ କରେ । ବିଦ୍ୟାର୍ଥୀ, ସମାଜ ଓ ସଭ୍ୟତା ସହ ଏଭଳି ପ୍ରତାରଣା କଲାବେଳେ ବିବେକ ଅବଶ୍ୟ ପ୍ରତିରୋଧ କରେ । ମାତ୍ର ଦୁର୍ନୀତିର ଏ ବୀଜ ସମାଜର ତୁଙ୍ଗ ସ୍ତରକୁ କିଭଳି ବ୍ୟାପି ଯାଇଛି ସେ ସଂପର୍କରେ ସ୍କୁଲ ମାଷ୍ଟରଙ୍କ ସ୍ୱରରେ ସଚେତନା ସୃଷ୍ଟି କରିଛନ୍ତି ମାନବତାବାଦୀ କବି ମାନସିଂହ-

Digitized by srujanika@gmail.com

"ଭଲ ମୁଁ ଜାଣେ ଠକେଇ କାମ
ଇସ୍କୁଲରେ କରେ
ଅଚଳ ଯେଣୁ ଭାଇ ବିନା ଟ୍ୟୁସନରେ
X X X ବିବେକ ଯେବେ ଦେଖାଏ ଆଖି
ଦିଏ ମୁଁ ଉତ୍ତର
ଉପରେ ସ୍ତରେ ଚାହିଁ ତ ଭାଇ
ଦେଖ ତ କେଡ୍ଡେ ଲୁଟ ଠକର ଦଳ।"

(ସ୍କୁଲ ମାଷ୍ଟର-ତଳିଆ ଜୀବର ବିଳାପ -ମା.ଗ୍ର. ୧ମ ଭାଗ, ପୃ.୬୩)

ସମାଜର ତଥାକଥିତ ତୁଙ୍ଗ, ରାଜନୀତିଜ୍ଞ, ସରକାରୀ ତଥା ବେସରକାରୀ ସଂସ୍ଥାର ଉଚ୍ଚପଦସ୍ଥ କର୍ମଚାରୀ ଓ ଜନମତର ଜାଗ୍ରତ ପ୍ରହରୀ ରୂପେ ପରିଗଣିତ ସାମ୍ବାଦିକଗଣ ମଧ୍ୟ ଦୁର୍ନୀତିପ୍ରବଣ । ଏଇ ପରିପ୍ରେକ୍ଷୀରେ ପରିବାରର ସର୍ବନିମ୍ନ ଆବଶ୍ୟକତାର ପରିପୂରଣ ପାଇଁ ନିମ୍ନ ପ୍ରାଥମିକ ବିଦ୍ୟାଳୟର ଦରିଦ୍ର ଶିକ୍ଷକର ଦୁର୍ନୀତି କ୍ଷମଣୀୟ । ମାତ୍ର ସମାଜ ଉଚ୍ଚ ଆସନରେ ଅଧିଷ୍ଠିତ ତୁଙ୍ଗ ବ୍ୟକ୍ତିମାନଙ୍କର ଦୁର୍ନୀତି ଓ ହୀନ ଚକ୍ରାନ୍ତ ଅଧିକ ଭୟଙ୍କର । ଜଣେ ମାନବତାବାଦୀ କବି ଭାବରେ ମାନସିଂହ ସମାଜର ବୈଷମ୍ୟ ଓ ବେଦନାକୁ ଉଦ୍‌ଘାଟନ କରିଛନ୍ତି । ଏହା ମାଧ୍ୟମରେ ଅନ୍ତର୍ନିହିତ ରହିଛି ସାମାଜିକ ବୈଷମ୍ୟ ପ୍ରତି ଶାଣିତ କଟାକ୍ଷ । କବିଙ୍କର 'ଯଦୁ ସ୍ୱାଇଁ ର ଗାଥା'ରେ ଯଦୁ ସ୍ୱାଇଁ ହୀରାକୁଦର ଏକ ଶ୍ରମିକ । ହୀରାକୁଦ ବନ୍ଧ ଉଦ୍‌ଘାଟନ ବେଳେ ଦୁର୍ଘଟଣା ଘଟିବା ଫଳରେ ସେ ମୃତ୍ୟୁମୁଖରେ ପଡ଼ିଛି । କିନ୍ତୁ ତା'ର ମୃତ୍ୟୁ ପାଇଁ କର୍ତ୍ତୃପକ୍ଷ ଉଦାସୀନ ରହିଛନ୍ତି । ଯଦୁ ସ୍ୱାଇଁର ରୁଗ୍‌ଣ ପତ୍ନୀ ଓ ଅର୍ଦ୍ଧଭୁକ୍ତ ଶିଶୁ ଅସହାୟ ଭାବେ ଆକୁଳ କ୍ରନ୍ଦନ କରୁଥିବା ବେଳେ ସେହି ହୀରାକୁଦର ଅତିଥିଶାଳାରେ ନେତୃବର୍ଗଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଷୋଡ଼ଶ ପୂଜାର ପ୍ରସ୍ତୁତି ଏକାନ୍ତ ଦୁଃଖଦାୟକ-

"ଠିକ ସେତିକିବେଳେ
ପାଟ ମନ୍ତ୍ରୀର ଷୋଡ଼ଶ ପୂଜା ପାଇଁ
ଅତିଥିଶାଳେ ସଜଡ଼ା ହୁଏ ଖାନା
ପୋଷାକପିନ୍ଧା ବେହେରା-ବବୁର୍ଚ୍ଚିର
ଚାଲିଛି ଧାଆଁ ଧାଇଁ।"

(ଯଦୁ ସ୍ୱାଇଁର ଗାଥା -ମା.ଗ୍ର. ୧ମ ଭାଗ, ପୃ. ୬୧୭)

ବସ୍ତୁତଃ ଯେଉଁ ଶ୍ରମିକ ଗୋଷ୍ଠୀ ଜାତିଗଠନର ନିର୍ମାତା, ସେମାନେ ଏହି ଆନନ୍ଦ-ଉତ୍ସବରୁ ବିଛିନ୍ନ, ଅପାଂକ୍ତେୟ । ମାନସିଂହଙ୍କ ଯଦୁସ୍ୱାଇଁ ଏଠାରେ ସେହି ନିର୍ଯ୍ୟାତିତ । ଅପାଂକ୍ତେୟ ଗୋଷ୍ଠୀର ଜୀବନ୍ତ ପ୍ରତିନିଧି । ଗଣତନ୍ତ୍ରର ଢେଣା ତଳେ ଯେଉଁଠାରେ ପୁଞ୍ଜିବାଦୀର ଶୋଷଣ ପ୍ରବୃତ୍ତି ଲେଲିହାନ, ସେଠାରେ ମାନବତାବାଦୀ କବି ଅବହେଳିତ

Digitized by srujanika@gmail.com

ଶ୍ରମିକର ମୃତ୍ୟୁ ପାଇଁ ଶୋକ ପ୍ରକାଶ କରିବା ଅତ୍ୟନ୍ତ ସ୍ୱାଭାବିକ ତଥା ସମୟୋପଯୋଗୀ -

''ବାସ୍ତବରେ ଯିଏ ସେ ନିର୍ମାତା
ଜୀବନରେ ସେ ରହିଲା ଆହା
ଚିର ଅପାଂକ୍ତେୟ
X X X
ଆକସ୍ମିକ ଅବଜ୍ଞାତ ମରଣେ ଆହା ପୁଣି
ସାଙ୍ଗ ହେଲା କରୁଣ ତା'ର ଗାଥା ।''

(ଯଦୁ ସ୍ୱାଇଁର ଗାଥା-ମା.ଗ୍ର. ୧ମ ଭାଗ, ପୃ.୬୧୭)

ମାନସିଂହଙ୍କ ସମସାମୟିକ କାଳରେ କୁଞ୍ଜବିହାରୀ ଦାଶଙ୍କ କୋଇଲା ଖଣିର କୁଳି, ବିଦ୍ୟୁତ୍ ପ୍ରଭା ଦେବୀଙ୍କ 'କଲିକତା କୁଲି' ଓ 'ରିକ୍ସାବାଲା', କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ମୂଷାହାଡ଼ି, 'କୁଲିବାହୀ ଯାତ୍ରୀଗାଡ଼ି', କୃଷ୍ଣ ଚରଣ ବେହେରାଙ୍କ 'ଭାନୁବାଇ ଲେନ' ଭଳି କବିତାରେ ଅନୁରୂପ ଭାବେ ମାନବତାବାଦୀ ଦୃଷ୍ଟିଭଙ୍ଗୀ ପ୍ରକଟିତ ହୋଇଥିବାର ଲକ୍ଷ୍ୟକରାଯାଏ । କବିତାର ନାନ୍ଦନିକତା ଦୃଷ୍ଟିରୁ ଏଭଳି ସୃଷ୍ଟିର କାଳୋତ୍ତୀର୍ଣ୍ଣତା ଉପଲବ୍ଧ ନ ହେଲେ ମଧ୍ୟ ସାମଗ୍ରିକ ମାନବିକତା ଓ ଐତିହାସିକ ଆବଶ୍ୟକତା ଦୃଷ୍ଟିରୁ ଏଭଳି ସୃଷ୍ଟି ଓ ସାଧନାର ଯଥାର୍ଥତା ଅନୁମେୟ । ଏସବୁ କବିତାରେ ବାମପନ୍ଥୀ, ପ୍ରଗତିବାଦୀ ଚେତନାର ଯେ ଆଭାସ ରହିଛି ତାହା ଅନସ୍ୱୀକାର୍ଯ୍ୟ । ମାତ୍ର ବାମପନ୍ଥୀ ଚେତନାର ଊର୍ଦ୍ଧ୍ୱରେ ଏହାର ମାନବତାବାଦୀ ଆବେଦନର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । କବି ମାନସିଂହଙ୍କର ମାନବତାବାଦୀ ଆବେଦନର ଶୀର୍ଷାରୋହଣ ଘଟିଛି 'ମୂକ ଦେବତା' ଓ 'ଦେବପୂଜା ଭଳି କବିତାରେ । 'ମୂକ ଦେବତା'ରେ ସେ ନିର୍ଯ୍ୟାତିତ ଅବହେଳିତ ସମାଜର ନିରାଜନା ହିଁ ଯଥାର୍ଥ ଦେବତାର ଆରାଧନା ବୋଲି ଅଭିମତ ଦେଇଛନ୍ତି । 'ଜୀବନଚିତା'ରେ ସଂକଳିତ ହୋଇଛି 'ଦେବପୂଜା' ଶୀର୍ଷକ କବିତା । 'ନିଦ୍ରିତ ଭଗବାନ' କବିତାରେ ଈଶ୍ୱରଙ୍କୁ ଆହ୍ୱାନ କରିବା ଛଳରେ ତଥାକଥିତ ପରଂପରାବାଦୀମାନଙ୍କୁ ନିଜର ଚିନ୍ତାଦର୍ଶ ପରିବର୍ତ୍ତିତ କରିବା ପାଇଁ ମାନସିଂହ ବାର୍ତ୍ତା ଦେଇଥିଲେ -

''ଦେବଶିଶୁ ଚଳେ ନରକର ଅଭିସାରେ
ଭଗବାନ ତୁମେ ନିଦ୍ରିତ କେଉଁଠାରେ ।''

(ନିଦ୍ରିତ ଭଗବାନ-ଜୀବନଚିତା-ମା.ଗ୍ର. ୧ମ ଭାଗ, ପୃ. ୩୮୪)

ଦେବଶିଶୁ ଅମୃତସ୍ୟ ପୁତ୍ରାଃ ମନୁଷ୍ୟର ଅଧଃପତନ ବିଚଳିତ କରିଛି ମାନବତାବାଦୀ କବିସତ୍ତାକୁ । 'ଦେବପୂଜା' କବିତାରେ ତେଣୁ ସେ ସିଧାସଳଖ ଆହ୍ୱାନ କରିଛନ୍ତି-

''ପୁରୋହିତ ଶୁଦ୍ଧପୂତ ହୋଇ ଦେଉଳରେ କା ପୂଜା କରହେ ?
ସୃଷ୍ଟି ଯା'ର ଉଦାର ଆଲୋକ, ସେ ଦିଅଁ କି ଅନ୍ଧକାରେ ରହେ ?''

(ଦେବ ପୂଜା-ଜୀବନ ଚିତା-ମା.ଗ୍ର ୧ମ ଭାଗ, ପୃ.୪୦୧)

Digitized by srujanika@gmail.com

ମନ୍ଦିରରେ ମନ୍ତ୍ରପାଠ, କର୍ପୂର, ଆରତି ପରିବର୍ତ୍ତେ ନରନାରୟଣଙ୍କର ନିରାଜନା ହିଁ ଯଥାର୍ଥ ମାନବଧର୍ମ । ଧର୍ମ କୌଣସି ପ୍ରସ୍ତର ପ୍ରତିମାର ନିର୍ଜ୍ଜୀବ ସତ୍ତାରେ ଆବଦ୍ଧ ନୁହେଁ । ବରଂ 'ଧୃ' ଧାତୁରୁ ନିଷନ୍ନ 'ଧର୍ମ' ଶବ୍ଦ ସମଗ୍ର ବିଶ୍ୱମାନବିକତାକୁ ଧାରଣ କରେ । 'ଭାଗବତ' ରେ ସେଥିପାଇଁ ଉଲ୍ଲେଖ କରାଯାଇଛି-

'ସକଳ ଘଟେ ନାରାୟଣ । ବସନ୍ତି ଅନାଦି କାରଣ'

ସେହି ଅନାଦି କାରଣ ଈଶ୍ୱରଙ୍କୁ ସକଳ ଘଟରେ ଉପଲବ୍ଧି କରିବା ପାଇଁ କବି ଆବାହନ କରିଛନ୍ତି-

''ଦେବଭୋଗ ନିରନ୍ନରେ ଦିଅ
ଦେବ ସେବା ହେଉ ମାନବରେ,
ଦେବତାର ଦରଶନ ଲଭ
ମାନବର ପ୍ରତି ଘରେ ଘରେ ।'' (ତତ୍ରୈବ)

ବସ୍ତୁତଃ ଧର୍ମଜଗତରେ ପରିଦୃଷ୍ଟ ବାଦବିସମ୍ବାଦ ଓ ପାତର ଅନ୍ତର ଭାବ ପ୍ରତି ମାନବତାବାଦୀ କବି ଯୁଗେ ଯୁଗେ କଟାକ୍ଷ ପ୍ରଦର୍ଶନ କରିଥାଏ । ବିନୋଦ ନାୟକଙ୍କ 'ଦେବପୂଜା', ଜ୍ଞାନୀନ୍ଦ୍ର ବର୍ମାଙ୍କ 'ମୂର୍ତ୍ତି ଓ ମନ୍ଦିର ' ଭଳି କବିତାଗୁଡ଼ିକୁ ଏଠାରେ ପ୍ରସଙ୍ଗ କ୍ରମେ ସ୍ମରଣ କରାଯାଇପାରେ । ଶୋଷକ ସଂପ୍ରଦାୟପୁଷ୍ଟ ଦେବଗୁରୁର ଶୋଷଣ-ପେଷଣ ମଧ୍ୟରେ ଧର୍ମ ଯେତେବେଳେ ଏକ ପ୍ରାଣହୀନ 'ଯାଦୁଘର'ରେ ପରିଣତ ହୁଏ ଜଡ଼ ପ୍ରାଣରେ ଜୀବନ ସଞ୍ଚାର କରିବା ହୁଏ କବିର ଧର୍ମ । କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ଯାଦୁଘର' କବିତାରେ ଏହା ହିଁ ଥିଲା ମୂଳମର୍ମ । ସୁତରାଂ କବି ବିନୋଦ ନାୟକ 'ଦେବପୂଜା'ର ଫଳ ପାଇବାକୁ ହେଲେ, କାଷ୍ଠ, ପାଷାଣ ମୂର୍ତ୍ତି ପାଖରେ ଭୋଗ ଓ ନୈବେଦ୍ୟ ଅର୍ପଣ ନ କରି ସେହି ନୈବେଦ୍ୟ ଦୀନ-ଦରିଦ୍ରଠାରେ ଅର୍ପଣ କରିବାକୁ ସୂଚାଇଛନ୍ତି-

''ପାଷାଣ ଦେବତା କେବେ କଥା କହେ
ଶୁଣିଛ ବ୍ରାହ୍ମଣ
ବନ୍ଦ କର ଦେଉଳ କପାଟ
ଦେବଭୋଗ ଅନ୍ନଥାଳ ଭୋଗିବାକୁ ଦିଅ ଆଜିତା'ରେ
ଦେବପୂଜାର ଫଳ ପୁରୋହିତ ପାଇବ ଏଠାରେ ।''
(ମନ୍ଦିର ଭଗ୍ନ-ବିନୋଦ ନାୟକ-ନବଭାରତ ୪/୪ ସେପ୍ଟେମ୍ବର ୧୯୩୮)

ଜ୍ଞାନୀନ୍ଦ୍ର ବର୍ମା ତାଙ୍କର 'ମୂର୍ତ୍ତି ଓ ମନ୍ଦିର' କବିତାରେ ଅନୁରୂପ ଏକ ସ୍ୱର ସୃଷ୍ଟି କରିଛନ୍ତି-

'ତବ ନାମେ ଅନୁଷ୍ଠାନ ଯାହା
ଯେ ଗଢ଼ିଲେ କାହିଁହେ ମଙ୍ଗଳ
ଦୀନ ଏକ କୃଷକର କୁଟୀରୁଁ ତ ତାହା
ନୁହେଁ ମହତ୍ତର

Digitized by srujanika@gmail.com

ଦୁନିଆରେ ବୈଷମ୍ୟର ସ୍ଥା ନ ଯଦି ଥାଏ
ତାହା ତ ମନ୍ଦିର
କାରା ଗୃହ ମୋ ବିଚାରେ ଏହାଠାରୁ ଭଲ
ଏହାଠୁଁ ରୁଚିର ।''

(ମୂର୍ତ୍ତି ଓ ମନ୍ଦିର -ଜ୍ଞାନୀନ୍ଦ୍ର କବିତାବଳୀ-ପୃ.୬୯)

ବୈଷମ୍ୟପ୍ରପୀଡ଼ିତ ବିଶ୍ୱରେ ମାନବିକତା ବୋଧର ସ୍ଥାନ କିଭଳି ନଗଣ୍ୟ ତାହା ସୂଚିତ ହୋଇଛି କବି ମାନସିଂହଙ୍କ ଭଳି ଜ୍ଞାନୀନ୍ଦ୍ର ବର୍ମା ଓ ବିନୋଦ ନାୟକଙ୍କ ଲେଖନୀରେ ।

ବସ୍ତୁତଃ ମାନବତାବାଦ ବା ହ୍ୟୁମାନିଜିମ୍ କୌଣସି ନିର୍ଦ୍ଦିଷ୍ଟ ଶିବିରଭୁକ୍ତ ନୁହେଁ । ଯେ କୌଣସି 'ବାଦ' ର ଅନ୍ତରାଳରେ ଅନ୍ତଃସଳୀଳା ଫଲ୍‌ଗୁ ଭଳି ପ୍ରବାହିତ ହୋଇଥାଏ ମାନବତାବାଦ ଏଇ ପରିପ୍ରେକ୍ଷୀରେ ମାନସିଂହଙ୍କ କାବ୍ୟ ଚେତନାର ବହୁପାର୍ଶ୍ୱିକ ଦିଗନ୍ତ ସର୍ବଶେଷରେ ମାନବତାବାଦ ଦିଗରେ ଉତ୍ସର୍ଗୀକୃତ । ପ୍ରଣୟପ୍ରଧାନ ହେଉ ଅଥବା ଦାର୍ଶନିକତାଧର୍ମୀ, ଜାତୀୟତାବାଦ ହେଉ ଅଥବା କଳ୍ପନାଧର୍ମୀ, ତାଙ୍କ କବିତାରେ ମାନବତାବାଦ ବିଭିନ୍ନ ମର୍ମରେ ଭିନ୍ନ ଭିନ୍ନ ଛନ୍ଦରେ ଦୀପ୍ତ ଓ ରସାଣିତ ହୋଇ ଉଠିଛି । କବିତାରେ ରସୋତ୍ତୀର୍ଣ୍ଣତା ସହ ମାନବତାବାଦ ଅନେକତ୍ର ଯୁକ୍ତ ହୋଇ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ଓ ରୂପମାଧୁର୍ଯ୍ୟ । ଏହି ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟରେ ମାନସିଂହଙ୍କ କାବ୍ୟଚେତନାରେ ଏକକତ୍ୱ ଅତ୍ୟନ୍ତ ଅନନ୍ୟସାଧାରଣ ତଥା ବୈଚିତ୍ର୍ୟବିମଣ୍ଡିତ ।

●

Digitized by srujanika@gmail.com

ପ୍ରେମ ଓ ପ୍ରଣୟର କବି ମାନସିଂହ

ଡକ୍ଟର ରମାକାନ୍ତ ନାୟକ

'Love is flower,
Lust is Thorn
Love is giving and forgiving'. (ସତ୍ୟ ସାଇବାବା)

ଆଲୋଚ୍ୟ ପ୍ରବନ୍ଧରେ ମାନସିଂହଙ୍କ ସମଗ୍ର ପ୍ରେମଜଗତକୁ ଏଇ ମାପକାଠିରେ ପରୀକ୍ଷା କରାଯାଇଛି । ଆତ୍ମଦର୍ଶନର ଏକ କଣ୍ଟକିତ ମାର୍ଗ ଅବଲମ୍ବନ କରି କବି ମାନସିଂହ ଆମର ନମସ୍ୟ ହୋଇ ରହିଛନ୍ତି । କବି, ସମାଲୋଚକ, ନିନ୍ଦୁକ, ପ୍ରଶଂସକ, ପ୍ରେମିକ ଓ ଶଠ ସମସ୍ତଙ୍କଠାରେ ସେଇ ଗୋଟିଏ ସ୍ୱୀକାରୋକ୍ତି : ଯଥାର୍ଥରେ ମାନସିଂହ 'ପ୍ରେମ-ପ୍ରଣୟ'ର କବି । ଏ ମାଟିରେ ଜନ୍ମିଥିଲେ ଜୟଦେବ । ଆମେ ଶୁଣିଛୁଁ ବିଦ୍ୟାପତିଙ୍କ ଅନୁରାଗ ବୈଚିତ୍ର୍ୟ :

ଜନମ ଅବଧି ହମ ରୂପ ନିହାରି
ନୟନ ନା ନିରପତି ଭେଲ
ସୋଇ ମଧୁର ବୋଲ ଶ୍ରବଣ ହିଁ ଶୁନିନୁ
ଶ୍ରୁତିପଥେ ପରଖନା ଗେଲ ।

ଗାଇଛୁଁ ଉପେନ୍ଦ୍ରଙ୍କ 'ଯେତେଦୂରେ ଥିଲେ ଯେ ଯାହାର ସେ ତାହାର' । ଅଭିମନ୍ୟୁ, ଗୋପାଳକୃଷ୍ଣ, ବନମାଳୀଙ୍କ ପ୍ରେମ ପରମ୍ପରାକୁ ଆମେ ସ୍ୱୀକୃତି ଦେଇଛୁଁ, କିନ୍ତୁ ମାନସିଂହଙ୍କ ପରି ପ୍ରେମପ୍ଲାବନରେ ଆମେ ଆଗରୁ ଗାଧୋଇ ପାରି ନଥିଲେ । ସେ ସୁଯୋଗ କବି ଆମକୁ ଆଣି ଦେଲେ । ଅଙ୍ଗେ ନିଭେଇଥିବା ଅନୁଭୂତିଗୁଡ଼ିକୁ କାବ୍ୟବିଭାବରେ ପ୍ରକାଶିଦେଇ ପ୍ରତି ପ୍ରାଣକୁ ଆଲୋକିତ କରି ଦେଲେ । ଆମେ ଦେଖୁଁ ମାନବିକ ପ୍ରେମରେ ହୋମଗନ୍ଧ ଭିତରୁ ମୂର୍ତ୍ତିମୟୀ ପ୍ରେମ ତାର ସମସ୍ତ ଆନ୍ତରିକତା, ଗଭୀରତା, ବୈଚିତ୍ର୍ୟ, ବ୍ୟାପ୍ତି ଓ ପ୍ରାଣ ପ୍ରାଚୁର୍ଯ୍ୟକୁ ନେଇ ପ୍ରଣୟିନୀଟେ ପରି ଆସି ଠିଆ ହୋଇଛି ପାଠକ ସାମ୍ନାରେ ।

କବି ସୀତାକାନ୍ତ ମହାପାତ୍ର ଅତି ଅନ୍ତରଙ୍ଗ ମୁହୂର୍ତ୍ତରେ ପ୍ରେମିକ କବିଙ୍କ ଚିତ୍ତ ବୃତ୍ତିରେ ଲୁଚିଥିବା ସେଇ ରହସ୍ୟଟିକୁ ଠାବ କରିଥିଲେ : " ମୋର ମନେହୁଏ, ଶେଷରେ ସେ ସେଇ 'ଧୂପ'ର କବି ହିସାବରେ ହିଁ ସମସ୍ତଙ୍କର ବେଶୀ ମନେ ରହିବେ । କାରଣ ସେଇଠି ସେ ଛୁଇଁଥିଲେ ନିଜର ଗଭୀରତମ ହୃଦୟ-ରାଜ୍ୟର କୃଷ୍ଣ-ଉତ୍ସକୁ - ଯାହାକୁ ପଢ଼ି ଅଗଣିତ ପାଠକ ନିଜର ବ୍ୟକ୍ତିଗତ ଅନୁଭବକୁ ଆଉ ଥରେ ଥରେ ପାଇ ପାରିଥିଲେ । (୧) ପ୍ରେମର

୧- ଶବ୍ଦ, ସ୍ୱପ୍ନ ଓ ନିର୍ଭୀକତା - ପୃ ୯୩

Digitized by srujanika@gmail.com

ସେଇ 'କୃଷ୍ଣଉଷ' ଦାବଦାହର ବେଦିକାରୁ ଉଠିଆସେ ବୋଲି ଦାର୍ଶନିକ, କବି, ମନସ୍ତତ୍ତ୍ୱବିଦ୍‌ମାନଙ୍କର ମତ ।(୨) Eros and Civilisation ଗ୍ରନ୍ଥର ରଚୟିତା Herbert Marquis ସ୍ପଷ୍ଟ ମତ ଦେଇଛନ୍ତି ଯେ "ମଣିଷ ନିଜ ପ୍ରବୃତ୍ତିର ପରିତୃପ୍ତି, ବିଶେଷତଃ ଯୌନାବେଗର ପରିତୋଷଣ ପାଇଁ ଉଚ୍ଚତର ମୂଲ୍ୟ ଉପରେ ଆଗ୍ରହଶୀଳ ହୁଏ, କାରଣ ଦୈହିକ କାମନା ପରିଶେଷରେ 'ପ୍ରେମ'ରେ ରୂପାନ୍ତରିତ ହୁଏ ।" ଇନ୍ଦ୍ରିୟାବଦ୍ଧ ନିବିଡ଼ ଅନୁଭୂତିରୁ ଯୁବକବି ମାନସିଂହଙ୍କ କବିତ୍ୱର ବିସ୍ଫୋରଣ ଘଟି ପ୍ରଣୟୀ-ପ୍ରଣୟିନୀଙ୍କ ପ୍ରୀତିଲୋଭ ଓ ମିଳନାକାଙ୍‌କ୍ଷା ପ୍ରକାଶ ପାଇଥିଲା ।

"ଶଙ୍କିତେ ଗୋରୀ ଥର ଥର କରି
ଚଉଦିଗେ ଚାହୁଁଥାଏ
ପ୍ରତିଥର ମୁହିଁ ସହଚରୀ ମୁଖୁଁ
ଅଧରମଦ୍ୟ ପାଏ,
ଭୟେ ଭୟେ ତରତରେ
ଏଇ ସହକାର ତଳେ । (ଧୂପ)

ଦେହଭୋଗର ଏଇ ମୌଳିକ ଭିତ୍ତିଟିରୁ ପ୍ରେମର ଆରମ୍ଭ ବୋଲି ସ୍ୱୀକାର କରାଯାଇଛି । ରୂପତୃଷ୍ଣା, ଯୌନଲାଳସା ଓ ଇନ୍ଦ୍ରିୟଭୋଗର ସ୍ୱାଭାବିକ ଦିଗକୁ ସାମାଜିକ ଆବ୍ରୁ ଭିତରେ ଲୁଚାଇ ରଖିବା ଅଭିପ୍ରାୟ ଏକ ସାର୍ବକାଳିକ ସତ୍ୟ । କବି ତାହାକୁ ପ୍ରତ୍ୟାଖ୍ୟାନ କରୁନାହାନ୍ତି । ନାରୀର ଭୋଗ୍ୟା ଓ ବନ୍ଦନୀୟା ଉଭୟ ଦିଗକୁ ନେଇ ବ୍ୟାସ, ବାଲ୍ମୀକିଙ୍କ ପାଖରୁ ସାହିତ୍ୟିକ ପରମ୍ପରା ଗଢ଼ିଆସିଛି । ଏଇ ଦୁଇ ସତ୍ତାର କେନ୍ଦ୍ରସ୍ଥଳରେ ନାରୀର ଅବସ୍ଥିତି ବିଶ୍ୱର ସବୁ ସାହିତ୍ୟରେ ଦେଖାଯାଇଛି । ଆଲୋଚ୍ୟ କବି ନାରୀର ଭୋଗ୍ୟାରୂପରୁ ଆରମ୍ଭ କରିଛନ୍ତି କବିତ୍ୱ, ବନ୍ଦନୀୟା ରୂପରେ ସିଦ୍ଧିଲାଭ କରିଛନ୍ତି । ଯୁବକବିଙ୍କର ସ୍ୱାଭାବିକ ଉଚ୍ଛ୍ୱାସକୁ ଆମେ ଭିନ୍ନ ଭିନ୍ନ କବିଙ୍କ ସହିତ ତୁଳନା କରିପାରିବା ।

'ସାଧବ ଝିଅ' କବିତାରେ କବି 'ନାରୀ-ବୁକୁଘେନି ବେଉସା' କରିଛନ୍ତି । 'ଦୂରେ ରହ'ରେ କିଶୋରୀ ଯୌବନକୁ 'ଏକ ଗଣ୍ଡୁଷେ ପାନ କରିବାର ବାସନା' ଗ୍ରହଣ କରିଛନ୍ତି ।

୨- (କ) Love's Misteries in souls do grow
But yet the body is his book. (The ecstacy : Done)

(ଖ) Our Love at its highest flood goes beyond its limits and looses itself in the infinite. (Plato)

(ଗ) Hear with a loaf of bread
beneath the bough
a flask of wine, a book of verse and Thou
Besides me singing in the wilderness.
And wilderness is paradise now. (Fitzerald)

Digitized by srujanika@gmail.com

ଇନ୍ଦ୍ରିୟ ଲାଳସୀ ହୋଇ ବିଳପି ଉଠନ୍ତି -

''ଦ୍ରାକ୍ଷା ସୁକୋମଳ ଅଧର ଟଳଟଳ
ବୟସ ବିଶେ, ଯାର ପାନ ଗୋ
ପୀୟୂଷୁଁ ସ୍ୱାଦୁ ମଧୁଘ୍ରାଣ ଗୋ ।''

ଭୋଗ ପରମ୍ପରାରେ ଜୀବନକୁ ସରସ ସୁନ୍ଦର କରିବା ପାଇଁ ଦୁଇଟି କଥା ଗଢ଼ି ଆସିଅଛି । ଗୋଟିଏ 'ରସ-କବିତା' ଓ ଅନ୍ୟଟି 'ଚିର ଯୌବନୀ ପ୍ରଣୟ ଗୀତା-ପ୍ରେୟସୀ' । ସେଥିପାଇଁ 'ଓମାର ରୁବାୟତ୍'ର ଉଦାହରଣ ଅଛି -

ଏଇ ତରୁତଳେ ଘନ ପଲ୍ଲବ ବିତାନେ
ଜୀବନ-ବନ୍ଧୁ ବସି ମୋର ତୁଲେ ଗୋପନେ
ପାଶେ ରଖି ଗୀତି ଚୟନିକା, ଲଘୁ ଆହାର
ଦ୍ରାକ୍ଷା ମଦିରେ ଭରିଦେବା ସଖି ! ଆଧାର

(୧୧ : ଗୋପାଳ କାନୁନ୍‌ଗୋ)

କିନ୍ତୁ କବି ଆତ୍ମାର ଉନ୍ନୟନ ପ୍ରକ୍ରିୟାରୁ ଏହା ତାଙ୍କର ଆଦର୍ଶ ବୋଲି କୁହାଯାଇ ନପାରେ । କବି ଦେହବନ୍ଧନୀ ଭିତରେ ରହିବାକୁ ଚାହିଁ ନାହାନ୍ତି । ସମସ୍ତ ଇନ୍ଦ୍ରିୟାକର୍ଷଣକାରୀ କବିତାରେ ଦେହାତୀତର ରହସ୍ୟ ଲୁକ୍‌କାୟିତ । ଏହି ଦିଗର ପରୀକ୍ଷା କରିପାରିଲେ ଆମେ କବିଙ୍କ ଉପରେ ଥିବା 'କାମୁକ-କାଳିମା' କୁ ଧୋଇଦେଇପାରିବା ।

ପ୍ରଥମତଃ, 'ସର୍ବେନ୍ଦ୍ରିୟାକର୍ଷୀ' ପ୍ରୀତିଲୋଭ ଓ ଆତ୍ମ-ବିହ୍ୱଳ ଇନ୍ଦ୍ରିୟଭୋଗର ପଂକ୍ତିଗୁଡ଼ିକରୁ ଗୋଟିଏ ଉଦାହରଣ ନିଆଯାଉ -

''ପ୍ରଦୀପ ଜଳୁଛି କିମ୍ପା ? ଲିଭାଅ ତାହାରେ
ତବ ରୂପଶିଖା ଜଳୁ ଘନ ଅନ୍ଧକାରେ
ଠିଆ ହୁଅ କକ୍ଷମଧ୍ୟେ ଧୀରେ ଧୀରେ ଧୀରେ
ଅଙ୍ଗ ଆବରଣ, ଅଙ୍ଗତେଜି ଏ ମହୀରେ
ପଡୁ ଶାନ୍ତ ଉର୍ମି ସମ, ସ୍ଫୁଟିତ ପୁଷ୍ପରେ
ବୃନ୍ତ ଆବରଣ ଦେଇ ମୂର୍ଖତା କେ କରେ
ଦେଖିଛ କେଉଁଠି ସଖୀ ? ହୁଅ ଦିଗମ୍ବରୀ
ମେଘ ମୁକ୍ତ ଉଷାସମ; କ୍ରୀତଦାସ ପରି
ପରାଜୟ ଲଭି ରୂପ ଆଲୋକେ ତୁମ୍ଭର
ଅନ୍ଧକାର, ଯତ୍ନକରୁ ଦେବାକୁ ଅମ୍ବର
ତୁମ୍ଭର ନିଖିଳ ଅଙ୍ଗ ଲଜ୍ଜା ଯେବେ ଆସି

Digitized by srujanika@gmail.com

ସହସା କହିବ କର୍ଣ୍ଣେ - ''ହାଏ ମଉକାଶୀ !
ଏ କି କଲ ? '' ଆସ ପାଶେ ତୁରିତ ଗମନେ ।
ଆଶ୍ରୟ ତାହାରେ ଦେବି ସ୍ନେହ ଆବରଣେ । (ରୂପାଲୋକ)

ଏହାକୁ ଚଣ୍ଡୀଦାସଙ୍କ-

''ରୂପଲାଗି ଆଖି କାନ୍ଦେ
ଗୁଣେ ମନ ଭୋର
ପ୍ରତି ଅଙ୍ଗଲାଗି କାନ୍ଦେ
ପ୍ରତି ଅଙ୍ଗମୋର ।''

ଓ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ -

''ନିଜ ନିଜ ସୁଖ ମନେ ମନାସି
ସର୍ବେନ୍ଦ୍ରିୟ ରହେ ପ୍ରୀତି କି ରସି ।''
(ବିଦଗ୍‌ଧ ଚିନ୍ତାମଣି)

ସହିତ ତୁଳନା କରାଯାଇପାରେ । ପରମ୍ପରାରୁ କବି ଏଥିପାଇଁ ସମର୍ଥନ ଲାଭ କରିଛନ୍ତି । ଗୋଟିଏ ଇନ୍ଦ୍ରିୟ ନୁହେ, ସମସ୍ତ ଇନ୍ଦ୍ରିୟକୁ ପ୍ରଭାବିତ କରୁଥିବା ଦୃଷ୍ଟାନ୍ତ ଦେଇ ତନ୍ମଧରେ ଚିତ୍ତ ପରିଶୋଧନର ମାର୍ଗ ଖୋଜିଛନ୍ତି । ଇନ୍ଦ୍ରିୟକୁ ମାଧ୍ୟମକରି ଇନ୍ଦ୍ରିୟୋତ୍ତର ଜଗତକୁ ପ୍ରବେଶ କରିବାର ଏହା ଏକ ସରଳ ଉପାୟ । ପାଶ୍ଚାତ୍ୟ ଦାର୍ଶନିକ ହର୍‌ବର୍ଟ ମର୍‌କ୍ୟୁସ୍, ବାର୍‌ଟ୍ରାଣ୍ଡ୍ ରସେଲ୍ ସେମାନଙ୍କ ଗ୍ରନ୍ଥ ଯଥାକ୍ରମେ Eros & Civilisation ଓ Marriage and Morals ଗ୍ରନ୍ଥରେ ପ୍ରେମର ଯେଉଁ ନିଦାନ ସବୁ ଦେଇଛନ୍ତି, ଆଲୋଚ୍ୟ କବି। ତାହାକୁ ଅତିକ୍ରମି ଯାଇଛନ୍ତି । ଭାରତୀୟ ପରମ୍ପରାରେ ଶୃଙ୍ଗାର ରସ ମାଧ୍ୟମରେ ସ୍ଥାୟୀ 'ରତିଭାବ'କୁ ଆଶ୍ରୟ କରିବା ଉପାୟକୁ ମଧ୍ୟ ଗ୍ରହଣ କରିନାହାନ୍ତି । ଏ ସବୁ ଊର୍ଦ୍ଧ୍ୱକୁ ଚାଲିଯିବାର ସ୍ୱକୀୟ ମାର୍ଗ ପ୍ରସ୍ତୁତ କରିଛନ୍ତି । 'ସର୍ବେନ୍ଦ୍ରିୟ-ଭୋଗ- ଲାଳସା' ଏଠାରେ ସାଧନ । କିନ୍ତୁ ଇନ୍ଦ୍ରିୟୋତ୍ତରଣ ସାଧ୍ୟ । ପ୍ରେମିକ, ରସିକ, କବିତାନୁଗ୍ରାହୀ କେବଳ ନୁହନ୍ତି, ଦେହ-ବନ୍ଧନର ଆଉସବୁମାନଙ୍କ ପାଇଁ କବି ଇନ୍ଦ୍ରିୟ-ବିଳାସୀ ପରି ଦେଖାଯାଉଥିଲେ ବି ତତ୍ତ୍ୱାଭିଳାଷୀମାନଙ୍କ ପାଇଁ ତାହା ଠିକ୍ ନୁହେଁ ।

ମାନସିଂହ ଚିର ଯୁବକ ଥିଲେ । ହାପ୍‌ପ୍ୟାଣ୍ଟ ଓ ଗେଞ୍ଜି ପିନ୍ଧି ନିୟମିତ ପ୍ରାତଃଭ୍ରମଣରେ ବାହାରୁ ଥିବା କବିଙ୍କି ଯିଏ ଭେଟିଥିବେ, ସେ ଅନୁଭବ କରିଥିବେ ଏଇ ସତ୍ୟ । ତାଙ୍କ ଅନ୍ତରରେ ଚିରତାରୁଣ୍ୟ ଖେଳୁଥିଲା । କାବ୍ୟ ଜଗତ ଓ ବ୍ୟକ୍ତିଗତ ଜଗତ ଉଭୟ ଏଇ ତାରୁଣ୍ୟର ଉଦ୍ଦୀପନାରେ ପରିପୂର୍ଣ୍ଣ ଥିଲା । କାରଣ ଯେଉଁ ପେମକୁ ସେ ମାନସିକ ଖାଦ୍ୟରୂପେ ବରଣ କରିଥିଲେ, ତା'ର ଉଦ୍‌ବୋଧନୀ ତାଙ୍କୁ ଚିର ଯୁବତ୍ୱ ପ୍ରଦାନ କରିଥିଲା । ପ୍ରେମ ତାଙ୍କ ଦୃଷ୍ଟିରେ ଥିଲା ଏକମାତ୍ର ସତ୍ୟ, ସତ୍ୟ ହିଁ ପ୍ରେମ । ସିଏ ବୁଝିଥିଲେ, ଯିଏ ପ୍ରେମିକ ସେ କେବଳ ଦେଇଜାଣେ, ପ୍ରେମର ପରିପାଳନ କରିଜାଣେ । ପଶୁ ଏସବୁ

Digitized by srujanika@gmail.com

ପାରେନା । ତେଣୁ ପ୍ରେମରେ ଶଠତା ନାହିଁ । 'ବକ୍ଷଭରା ପେମ'ରେ କବିପ୍ରାଣ ଉଚ୍ଛାଟିତ ହୁଏ । ଯିଏ ଆସିବ ଆସୁ, ତାକୁ ସେ ଜୀବନପାତ୍ର ନିଃଶେଷ ହେବାଯାଏ ପ୍ରେମ ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି । ସେ ପ୍ରେମ ଥରକ ବିତରଣରେ ଶେଷ ହୁଏ ନାହିଁ । ଜଣକୁ ସଂପି ଦେବାପରେ ବି ଯଥେଷ୍ଟ ଅବଶେଷ ରହେ । ପ୍ରେମର ଜାରକ ରସରେ କେବଳ ମନୁଷ୍ୟ ନୁହେଁ, ବୃକ୍ଷଲତା, ସ୍ଥାବର ଜଙ୍ଗମଙ୍କୁ ପ୍ରଭାବିତ କରିଦେବାକୁ ସେ ଚାହାନ୍ତି । 'ପଥଘାସ'କୁ ମଥା ନଇଁଦେଇ ଶରୀର କୋମଳ କରିବାକୁ ସେ ମିନତି କରିପାରନ୍ତି । ଏହି ପ୍ରେମ ବ୍ୟକ୍ତିକୁ ତା'ର ଅସ୍ମିତା-ବନ୍ଧନରୁ ମୁକ୍ତି ଦିଏ, ପୂର୍ଣ୍ଣ କରେ,କରେ ନିଃସ୍ୱାର୍ଥପର । ମଣିଷ ପଣିଆର ବାଧକ ନୁହେଁ ଏ ପ୍ରେମ । ସେ ବୁଝିପାରିଛନ୍ତି, ମଣିଷ-ପଣିଆ ମାନେ ପ୍ରେମ-ବିନିମୟ । ତାହା ହିଁ ଶାଶ୍ୱତ ଆନନ୍ଦ । ପେମ ହିଁ ଚରିତ୍ର । ସେହି ପ୍ରେମ ହିଁ ତା'ର ବିସ୍ତୃତି । ମଧୁର ସୁରଭିତ ଜଳସିଞ୍ଚନ କରେ ଦେହାଧୀନ-ମଣିଷ ମସ୍ତକରେ ପ୍ରେମ । ପ୍ରେମ ହିଁ ଆରମ୍ଭ, ପ୍ରେମ ହିଁ ଶେଷ । ପ୍ରେମର ସେଇ ବୀଜ ବୁଣିଦେଲେ ମରୁ ହୃଦୟରେ, ଉଷର ଭୂଇଁରେ ସବୁଜ ଆନନ୍ଦ ଉଠେ । ମୁକୁଳ ମସ୍ତକରେ ଫୁଟେ ପ୍ରେମର ଫୁଲ । ଶୂନ୍ୟ ଆକାଶକୁ ପ୍ରେମର ସୁରଭିରେ ପୂର୍ଣ୍ଣ ହୋଇଯାଏ, ନଦୀସ୍ରୋତସ୍ୱତୀରେ ସେଇ କୁଳୁକୁଳୁ ପେମର ତରଙ୍ଗ, ସବୁଜ ଉପତ୍ୟକାରେ ଆହରଣ ପ୍ରେମର ସ୍ପନ୍ଦନ ଉଠେ, ଶୁଭେ ପକ୍ଷୀମାନଙ୍କର ପ୍ରେମର କୂଜନ । ପ୍ରେମର ଏଇ ବିସ୍ତୃତ ପରିସର ମଧ୍ୟରେ କବି ମାନସିଂହଙ୍କର କାବ୍ୟ-ପୁରୁଷ ଘୂରି ବୁଲିଛି । ଚିରାୟତ ଆନନ୍ଦରେ ମୁଗ୍ଧ ହୋଇଛି । ଦେହ ବନ୍ଧନରୁ ମୁକୁଳି ଆସି ଗୋଟିଏ ପରେ ଗୋଟିଏ ପାହୁଚ ଅତିକ୍ରମି ଯାଇଛି ।

କବିର ଏହି ମୁକ୍ତିପାଇଁ ଆମେ ଦେଖୁଛୁଁ - ତାଙ୍କ ଇନ୍ଦ୍ରିୟ ବିଳାସୀ ପ୍ରେମ ସମ୍ପାଦନର ସ୍ଥାନ ଗୃହାଙ୍ଗନ ନଥିଲା କି ସେଠାରେ ନଥିଲା ମଧ୍ୟଯୁଗୀୟ ତୂଳୀ-ତଳ୍ପ, ଗୋଲାପର ଶେଯ, ପ୍ରେମ ସମ୍ପାଦନରେ ସର୍ବତ୍ର ପ୍ରକୃତିର ବିସ୍ତୃତ ଅଙ୍ଗନ ଗୃହୀତ ହୋଇଛି । ଅଭିସାର ପାଇଁ ସହକାର ବନ, ଚାନ୍ଦିନୀ ଯାମିନୀ, ମଳୟ ପବନ, ନୀଳ ଆକାଶ, ନିର୍ମଳା ରଜନୀ, ନଦୀ ବକ୍ଷ ଇତ୍ୟାଦି ନିର୍ଜନ ସ୍ଥଳୀ ନିର୍ବାଚିତ ହୋଇଛି । ଏହା ପାଶ୍ଚାତ୍ୟ ରୋମାଣ୍ଟିକ୍ କବିମାନଙ୍କର ଏକ ପ୍ରିୟକ୍ଷେତ୍ରରୂପେ ମଧ୍ୟ ଆମେ ବିଚାର କରିଛୁଁ । ଶେଲିଙ୍କ -

> "The wilderness has a mysterious tongue
> which teaches awful doubt, or faith so mild
> ...." (Mont Blance)

ବନ ପର୍ବତରେ ଏତେ ଜୀବନ ! ଏ ରୂପସୃଷ୍ଟି, ଚଉପାଶରେ ଏତେ ଆତ୍ମୀୟତା ! କାବ୍ୟ ପୁରୁଷ ଏଥିରେ କଲେରିଜ୍‌ପରି ସିଦ୍ଧାନ୍ତରେ ପହଞ୍ଚିଯାଏ ଯେ, '' ବହୁ ଭିନ୍ନତା ଭିତରେ ବି ଆତ୍ମୀୟତା ଅଛି'' । ୱାର୍ଡ଼ସ୍‌ୱର୍ଥ ଓ ଡ଼ବ୍ଲ୍ୟୁ.ବି. ଇଟ୍‌ସ୍‌ଙ୍କ 'ଅତୀନ୍ଦ୍ରିୟ ଚିନ୍ତନ' ପରି ଆଲୋଚ୍ୟ କବିଙ୍କ ସ୍ୱୀକାରୋକ୍ତି ହେଉଛି - 'ମୁଁ ପ୍ରକୃତରେ ଲେଖୁଥିଲି, ମାନବିକ ମନସ୍ତତ୍ତ୍ୱର ଏକ ରହସ୍ୟମୟ ବିଭାବକୁ ରୂପ ଦେବାପାଇଁ । ସେଇ ବିଭାବଟି ହେଉଛି - ମନୁଷ୍ୟ ଚିତ୍ତ ଯେ

Digitized by srujanika@gmail.com

ବେଳେବେଳେ ଉନ୍ମନା ହୋଇଉଠେ, ଯାହା ପ୍ରତ୍ୟକ୍ଷ ବା ଯାହା ଦୃଶ୍ୟ ସେଥିରେ ସନ୍ତୁଷ୍ଟ ନ ହୋଇ, ସେଥିପ୍ରତି ଆକୃଷ୍ଟ ନ ରହି, ଯାହା ଅଜ୍ଞାତ, ଯାହା ଅଦୃଷ୍ଟ, ଯାହା ଦୂର ଓ ଦୂରାଧିଗମ୍ୟ, ତାହାରି ପାଇଁ ଗୃହ ଓ ସମାଜର ସମସ୍ତ ନିର୍ଭରତା ଓ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ପଳାୟନ କରିବା ।'' (ପୂଜାରିଣୀ : ମୁଖବନ୍ଧ)

ଅଭିସାର ରଚନା କ୍ଷେତ୍ରରେ ରକ୍ତମାଂସର ପ୍ରେମିକା ନିମିତ୍ତ ହୋଇଯାଇଛି । ପ୍ରକୃତି ପ୍ରେମିକା ରୂପରେ ମୁଖ୍ୟ ଭୂମିକା ନିଭାଇ ଅଛି । ସେଇ ପ୍ରକୃତି ପ୍ରେମିକା ଭିତରେ କବିଙ୍କର ରକ୍ତମାଂସର ପ୍ରଣୟ ବ୍ୟାପାର ପ୍ରତିଫଳିତ ହୋଇଛି । 'ଭାବିଲି ସେ ଏକ ଅଂଶ ହେମନ୍ତର' ଏବଂ ନିଜକୁ 'ଏକ ମଳୟ ଧାରା, ଧ୍ୱନି କୋକିଳର' ଆଦି ଅନୁଭବ ଭିତରେ ତାଙ୍କର ପ୍ରକୃତି ସବଳ ରୂପ ସାକାର ହୋଇଛି । ଶସ୍ୟ ସମ୍ପଦର ସୃଷ୍ଟି ପ୍ରକ୍ରିୟାରେ ବନସ୍ପତିର ଶ୍ରୀବୃଦ୍ଧିରେ, ବାରିପାତ ଜନିତ ମେଦିନୀପୃଷ୍ଠରେ ଆର୍ଦ୍ର ଉଷ୍ମତାରେ ତା'ର ପ୍ରତିଫଳନ ହୁଏ । ସଚରାଚର ପ୍ରକୃତିରେ ଜୀବୀଧର୍ମର ଯେଉଁ ପ୍ରକ୍ରିୟା ପ୍ରକାଶ ପାଏ, ତାହା ହିଁ ଅନୁଭବ କରିଛନ୍ତି କବି ପ୍ରକୃତି କ୍ରୋଡ଼ରେ । ସମଗ୍ର ହେମପୁଷ୍ପ ଓ ହେମଶସ୍ୟ କବିତା ସଙ୍କଳନରେ ଏହି ପ୍ରେମାଭିବ୍ୟକ୍ତି ହିଁ ପ୍ରକାଶ ପାଇଛି ।'ମହାନଦୀରେ ଜ୍ୟୋତ୍ସ୍ନା ବିହାର' କବିତାରେ ପ୍ରକୃତି ପ୍ରେୟସୀଙ୍କ ଯେଉଁ ପରିଶୁଦ୍ଧରୂପ ପ୍ରକାଶ ପାଇଛି, ତାହା ଏକକାଳୀନ ଦର୍ଶନ ଓ ଶ୍ରବଣ, ସ୍ପର୍ଶନ ଆଦି ସମସ୍ତ ଇନ୍ଦ୍ରିୟ ମାଧ୍ୟମରେ ଅନୁଭୂତ ହୋଇଛି ।

''ଧବଳ ଉତ୍ତରୀ ସମ ରଜନୀ ବଧୂର
ଜୋଛନା ବ୍ୟାପିଛି ଦୂର ଦିଗ୍‌ବଳୟ ଲାଗି ।
ତଳେ ତାର ଏ ଧରଣୀ, ପ୍ରକୃତି ମଧୁର
ହୋଇଛି ମଧୁରତର - ତା' ପରଶେ ଜାଗି ।''

ଅନ୍ନଦାଶଙ୍କର ରାୟଙ୍କଠାରେ ପ୍ରକୃତି ଓ ପ୍ରେମିକା ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ଯେପରି ନାହିଁ, ତା'ର ସ୍ୱୀକାରୋକ୍ତି ଆମେ ଦେଖୁଛୁଁ । (୩) ସେଇ ଶାଶ୍ୱତ ପ୍ରେମିକାଟିକୁ ଆମେ ପ୍ରତ୍ୟକ୍ଷ କରୁଁ ଯେଉଁଠି କବି ମାନସିଂହ ଏ ମାଟିର ପାଣି ପବନରୁ, ଆକାଶ-ବତାସରୁ ଶୁଣନ୍ତି ତା'ର ଅଶ୍ରୁ-ବେଦନା । ସାଧବଝିଅ, କୋଣାର୍କ, ଜେମା ଆଦି ଗ୍ରନ୍ଥରେ କବିଙ୍କର ପ୍ରଣୟ ଭାବନା ଅନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଅଭିସାର ରଚନା କରି ସେଇ ଗୋଟିଏ ଅଭିବ୍ୟକ୍ତି

୩- ''ରହୁକ୍ ଆମାର କାବ୍ୟେ ବାଲାର୍କ ମୟୂଖ ଛଟା
ଶତବର୍ଣ୍ଣ ମେଘ
ବିହଙ୍ଗର ଗୀତମୁକ୍ତି, ବନସ୍ପତି ପରମାୟୁ
ମୃତ୍ତିକାର ରସ
ଶିଶିରେର ସ୍ୱଚ୍ଛନ୍ଦ୍ୟତା, ଶିଶୁର ସୁଚିତା
ପଶୁଦେର୍ ନିରୁଦ୍‌ବେଗ
ସର୍ବଶେଷେ ଶର୍ବରୀର ପ୍ରଶାନ୍ତ ଅମ୍ବରତଳେ
ନାରୀର ପରଶ । '' (କବିର ପ୍ରାର୍ଥନା)

Digitized by srujanika@gmail.com

ପ୍ରକାଶ କରିଛି ଯେ, ସେ ନିର୍ଦ୍ଦିଷ୍ଟରେ ସନ୍ତୁଷ୍ଟ ନୁହନ୍ତି; ସେ ଅନିର୍ଦ୍ଦିଷ୍ଟ, ମୁକ୍ତ । ଦେହ-ବେଦିକାରୁ ପ୍ରେମ ଓଁକାରିତ ହୋଇଛି । ବିରହ, ଅପ୍ରାପ୍ତିବୋଧ ତାକୁ ତୀବ୍ର ଭାବାବେଗ ପ୍ରଦାନ କରିଛି, ଗତି ଦେଇଛି ଅମୂର୍ତ୍ତଭାବନା ଓ ସହୃଦୟ ସଙ୍ଘାତକୁ ବ୍ୟକ୍ତ କରିବାପାଇଁ । ଏହା କଲେରିଜ୍‌ଙ୍କ ପରି ଭବ୍ୟ ବ୍ୟଞ୍ଜନା (Suggestiveness) ବିଭିନ୍ନତା (Infinite Variety) ଓ ବହୁବିଧତା (Multicity) ଗୁଣରେ ଗରୀୟାନ୍ କରିଛି ବୋଲି ଆଲୋଚକମାନେ ମତ ଦିଅନ୍ତି । ଶେଲିଙ୍କ ପରି ସେ ଅଜଣା ଜୀବନପ୍ରତି ବିକଳ ପ୍ରୟାସ (Voices in the air, singing .....) (୪) କରିଥାଇପାରନ୍ତି କିନ୍ତୁ ବିଦେଶୀ ବେଶକୁ ନିଜ ବେଶପୋଷାକ ବା ଶୈଳୀର ଅନୁକରଣ ନ କରି ଏ ଦେଶ ପାଠକର ରୁଚି ଅନୁକୂଳ କାବ୍ୟଶୈଳୀର ପରିବେଷଣ କରିଛନ୍ତି ।

'ଦିଗମ୍ବରା ପ୍ରକୃତି ଓ ବସ୍ତ୍ରହୀନା ପ୍ରେମିକା'ର ଭାବନାଦ୍ୱାରା ସେ ବାଲ୍ୟକାଳରୁ ଉଦ୍‌ବୁଦ୍ଧ । କବି ଚେତନାରେ ଏଇ ସତ୍ୟକୁ ଚିହ୍ନଟ କରିଛନ୍ତି କବି ସୀତାକାନ୍ତ ମହାପାତ୍ର ତାଙ୍କସହ ନାନ୍ଦୋଳା (କବିଙ୍କ ଜନ୍ମଭୂମି) ଓ ସମଗ୍ର ପାରିକୁଦ ଭ୍ରମଣ କରିବା ଅବସରରେ (୧୯୭୩ ମସିହା) ।

''ଚିଲିକାର ଢେଉ, ହ୍ରଦକୂଳର ସବୁ ଗାଁ, ତାଙ୍କ ଗାଁର ସେ ଯେଉଁ ଅଧା ଚିହ୍ନା, ଅଧା ଚିହ୍ନା, ଅନେକ ମଣିଷ (ଯେଉଁମାନେ ବହୁ ସଂଖ୍ୟାରେ ଆସିଥିଲେ, ତାଙ୍କ ଗାଁର କବିଟିକୁ ଦେଖିବା ପାଇଁ) ସେଇ ଯେଉଁ ମନମତାଣିଆ ପବନ X X X X X X ଆକାଶର ଯେତେ ଯେତେ ଚଢ଼େଇ X X X X X X X X ଏବଂ ସେ ଅପୂର୍ବ ସୂର୍ଯ୍ୟୋଦୟ - ଏସବୁ ଭିତରେ ମୁଁ ଲକ୍ଷ୍ୟ କରିଥିଲି, ସେ କେତେ ଉଜ୍ଜ୍ୱଳ ଓ ସ୍ୱାଭାବିକ ଦିଶୁଥିଲେ । ଯେମିତି ସେ ନିଜର ପ୍ରକୃତ ଉସ ଆଉଥରେ ଛୁଇଁଥିଲେ । ଚିଲିକା ଢେଉ ପରି ତାଙ୍କ ମୁହଁରେ ହସର ଢେଉ, ଖାଲି କଥା କଥାକେ ହସ ।(୫)

ସୁନ୍ଦରୀ ନାରୀ ହିଁ ବିଶ୍ୱର ଜୀବନ୍ତ କବିତା ।(୬) ତାର ସାନିଧ୍ୟରେ କବି ଯେଉଁ ଇନ୍ଦ୍ରିୟୋପଲବ୍‌ଧି କରିଛନ୍ତି, ତାହା ନାରୀଠାରୁ ନାରିତ୍ୱ ବ୍ୟତିରେକେ ଅନ୍ୟ କିଛି ଆଶା କରେନାହିଁ । ତାର ରୂପଶିଖା ଘନ ଅନ୍ଧକାରରେ ଦିପଶିଖାପରି ଜଳେ, ତୃପ୍ତି ଦିଏ, ପ୍ରେରଣା ଦିଏ, ମହାଜୀବନ ଆଡ଼କୁ ବାଟ କଢ଼ାଇନିଏ, ଜୀବନକୁ ସାର୍ଥକ କରେ । ସେଥିପାଇଁ ବାରମ୍ୱାର ଧରାବତରଣ କରିବାକୁ ଅଭିଳାଷ ଜାଗେ । ଏହି ନାରୀ ନିଃସର୍ଗ ସହିତ ଜଡ଼ିତ ହୋଇଛି କବିଙ୍କର କ୍ରମ ପରବର୍ତ୍ତୀ କବିତାଗୁଡ଼ିକରେ ଯେଉଁଠି କବି ସ୍ନେହ, ପ୍ରେମ, ପ୍ରାଣର ମାଧୁରୀ ଓ ଆନ୍ତରିକତା ଭିତରେ ନିଃସର୍ଗର ପରିଚର୍ଯ୍ୟା କରିଛନ୍ତି, ନାରୀର ଦେହାଭ୍ୟନ୍ତରରୁ

୪- Prometheous Unbound

୫- ଶବ୍ଦସ୍ୱପ୍ନ ଓ ନିର୍ଭୀକତା : ଧୂପର କବି : ପୃ - ୯୩

୬- "Women are the poetry of the world in the same sense as the stars are the poetry of heaven........." (Hargrave)

Digitized by srujanika@gmail.com

ମହାଜୀବନ ଆଡ଼କୁ ବାଟ ଫିଟିଯାଇଛି । ତାହା ହିଁ ଇନ୍ଦ୍ରିୟୋତ୍ତରଣ । ଏହି ଭାବକୁ ଚିତ୍ରିତ କରିବାପାଇଁ ସଙ୍ଗୀତର 'ମାତ୍ରାବୃତ୍ତ ଛନ୍ଦ' ତାଙ୍କୁ ଅଧିକ ସମର୍ଥ କରିଛି । 'ଜଳ-ସ୍ଥଳ-ଅନ୍ତରୀକ୍ଷ' ସର୍ବତ୍ର ପ୍ରକୃତିର ଅଭିସାର ପ୍ରତ୍ୟକ୍ଷ କରି କବି ନିଜକୁ ସ୍ତନନ୍ଧୟ ସଦୃଶ ଅନୁଭବ କରିଛନ୍ତି । ଯେଉଁ ସୁନ୍ଦରୀର ଅଙ୍ଗସ୍ପର୍ଶ, ମାନସିକ ଉତ୍ତାପ ଓ ଦୈହିକ ଉତ୍ତେଜନା ସୃଷ୍ଟିକରେ, ତାହା ସଂଯତ ଓ ମଧୁର ଅଭିବ୍ୟକ୍ତି ପ୍ରକାଶକରି ପ୍ରାଣକୁ ପ୍ରଶାନ୍ତ ଶୀତଳ କରିଦେଇଛି । ସୌନ୍ଦର୍ଯ୍ୟାନୁଭୂତି ଶାନ୍ତିର ନିରବଧି ଶୁଶ୍ରୁଷାରେ ସତ୍ୟ, ଶିବ ଓ ସୁନ୍ଦରର ସମୀକରଣ କରିଯାଉଛି । ଅମୃତର ସନ୍ତାନ ପ୍ରକୃତିର ଏହି ସ୍ତନନ୍ଧୟ ଶିଶୁ (୭) ଆତ୍ମବିସ୍ମରଣରେ ଆଉ ବୁଡ଼ି ରହିବାକୁ ଚାହେଁ ନାହିଁ । ବୁକୁଭରା ପ୍ରେମ ଅଜାଡ଼ିଦେବାକୁ ଚାହିଁଛି । ମନ୍ଦିର ବାହାରେ ବସିଥିବା ଭଗବାନ୍‌ମାନଙ୍କୁ ଅର୍ଘ୍ୟ ବାଢ଼ିଦେବାକୁ ଯାଇଛି । ବିଶ୍ୱଜନ ପ୍ରୀତି, ଈଶ୍ୱର ବିଶ୍ୱାସ ଓ ମାନବସେବାକୁ ଗୋଟିଏ ପୃଷ୍ଠତଳରେ ଅନୁଭବ କରିଛି । ଆତ୍ମ-ସମର୍ପଣର ଅନୁଭୂତି ତାଙ୍କୁ ଏ ଦିଗରେ ପ୍ରେରଣା ଯୋଗେଇ ଦେଇଛି । ତେଣୁ ଧରଣୀବାସକୁ କବି ସ୍ୱର୍ଗବାସ ବୋଲି ଧରିନେଇଛନ୍ତି । (୮) ମଣିଷ ପ୍ରତି ଅସୀମ ଶ୍ରଦ୍ଧା, ବିଶ୍ୱାସ, ପୁରୋହିତ ପରମ୍ପରାପ୍ରତି ଆକ୍ଷେପ ଓ ସଂସ୍କାର ଲିପ୍‌ସା ଆଦି ନେଇ କବି ସେବା ଓ ତ୍ୟାଗର ଭାରତୀୟ ପରମ୍ପରାକୁ ସର୍ବଶ୍ରେଷ୍ଠ ଆଶ୍ରୟରୂପେ ଗ୍ରହଣ କରିନେଇଛନ୍ତି । ନାରୀର ସାନ୍ନିଧ୍ୟରେ ଯେଉଁ କବି ଏକଦା ଗାଇଥିଲା -

"ଚାରୁକେଶୀ ସେହି ବାଳିକାର ପ୍ରେମପାଇଁ
ଏ ଜୀବନେ ମୋର ନ ଦେବାର କିଛି ନାହିଁ ।"
(ଶଙ୍କିତ ସ୍ନେହ)

ସେହି କବି ଗାଇବୁଲିଛି -

"ତୁମେ ଜାଣ ନିଃସ୍ୱ ମୁହିଁ, କିଛି ମୋର ନାହିଁ
ଖାଲି ଏକ ଅଶ୍ରୁ ବିନ୍ଦୁ ଧରା ଦୁଃଖ ପାଇଁ । "
(ସାମାନ୍ୟ ସଞ୍ଚୟ)

ପ୍ରେମ ଧନୀ କରିନଥାଏ, କରେ ନିଃସ୍ୱ । ସେହି ମହାଭାରତୀୟ ଓ ସାଂସ୍କୃତିକ ଅନୁଭୂତି ଏହି କବିର । ଏହି ଦର୍ଶନରେ ମାନବସେବା, ଦେଶମାତୃକାର ପୂଜା ତଥା ବସୁଧୈବ କୁଟୁମ୍ବକମ୍‌ର ସମସ୍ତ ସତ୍ୟ ଅଭିବ୍ୟକ୍ତି ଲାଭ କରିଅଛି ।

କବି ନାନ୍ଦୋଳାର ପ୍ରକୃତି ଶବଳ ରୂପକୁ ପୁଞ୍ଜିକରି ପ୍ରେମ-ପ୍ରଣୟତାର ପିଚ୍ଛିଳ ପଥକୁ ବାଛି ନେଇଥିଲେ । ପାରିକୁଦରୁ ମୁକୁଳି ଆସି ଓଡ଼ିଆ କାବ୍ୟାକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କ

୭- "ଜନୟତ୍ରୀ ମାନବଜାତିର ହେ ନାରୀ, କରଇ ନମସ୍କାର (ନବଜନନୀ)
୮- "ସର୍ବଅକଲ୍ୟାଣ ମେଳେ, ହେ ଧରଣୀ, ତେଣୁ ତୋ ଆଶ୍ରୟ
ପ୍ରିୟ ଏତେ, ସର୍ବବ୍ୟାପୀ, ପରାଜୟେ ଜୟ-ସୁଖମୟ ।" (ଧରଣୀବାସ)

Digitized by srujanika@gmail.com

ସଦୃଶ ଝଟକି ଉଠିଥିଲେ । ବ୍ୟକ୍ତିଗତ ପ୍ରେମର ବନ୍ଧନ ତାଙ୍କୁ ଧୂପ ଭଳି ଜଳି ଯିବାପାଇଁ ଶିଖାଇଥିଲା । ତା'ର ମହକରେ ସଭିଙ୍କୁ ମୋହିତ କରିବାରଅଭିପ୍ରାୟ ଜଗାଇଥିଲା । ପ୍ରକୃତିର ପ୍ରସାରିତ କୋଳରୁ ନିଜକୁ ସେ ସ୍ତନନ୍ଧୟରୂପେ ଅନୁଭବ କଲେ । ମହାଜୀବନ ସହିତ ଏକ ହୋଇଗଲେ । ତାହା ହିଁ ତାଙ୍କ ପ୍ରେମର ସାର୍ଥକତା, ଯାହାର ଉଦ୍ଦେଶ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିବା ବା Path Making ଏହି ମାର୍ଗରେ ଯେଉଁମାନେ ପଥିକ ସେମାନଙ୍କ ସଦୃଶ ନିଜକୁ ବଡ଼ 'ଭାଗ୍ୟବାନ୍' (୯) ବୋଲି କବି ବୁଝିଛନ୍ତି ।

(ମନେ ପଡୁଛି ୧୯୭୩ ମସିହା କୁମାର ପୂର୍ଣ୍ଣିମା ରାତିକଥା । ସମଗ୍ର ଓଡ଼ିଶା ଆକାଶରେ ସେଦିନ ଝଡ଼ ଉଠିଥିଲା । କଟକ ରେଡ଼ିଓ ଷ୍ଟେସନ୍ ବାରମ୍ବାର ସତର୍କ ରହିବାକୁ ଘୋଷଣା କରୁଥିଲା । ତାହା ସହିତ ଘୋଷଣା କରୁଥିଲା ଓଡ଼ିଶାର ପ୍ରିୟ ପ୍ରେମ-ପ୍ରଣୟର କବି ମାନସିଂହଙ୍କ ଦେହାବସାନ କଥା । ସ୍ନାତକୋତ୍ତର ଓଡ଼ିଆ ଶ୍ରେଣୀର ଛାତ୍ର ମୋ ମନରେ ସେଦିନ ଗୋଟିଏ ପ୍ରଶ୍ନ ଜାଗିଥିଲା : ''ପ୍ରକୃତିର ସ୍ତନନ୍ଧୟ ପ୍ରିୟ ଶିଶୁଟିର ବିୟୋଗରେ ଏ ଝଡ଼ ଉଠିନାହିଁ ତ ?'' ବୋଧହୁଏ ପ୍ରିୟ କବି ଆମର ନିଜକୁ ସେଇ 'ଭାଗ୍ୟବାନ୍' କରି ଛାଡ଼ିଯାଇଛନ୍ତି ।☆

☆- ମାନସିଂହଙ୍କ ତିରୋଧାନ ସମ୍ପର୍କରେ ବେତାର ବିବରଣୀ ପ୍ରଚାର ବିଷୟରେ ପ୍ରାବନ୍ଧିକଙ୍କ ମନ୍ତବ୍ୟ ଲକ୍ଷଣୀୟ । ଇତିହାସ କିନ୍ତୁ ଅନ୍ୟକଥା କହୁଛି । ପ୍ରାବନ୍ଧିକଙ୍କ ଆବେଗକୁ ସମ୍ମାନ ଜଣାଇ ତାକୁ ସେଇଭଳି ରଖି ଦିଆଯାଇଛି (ସଂ)

●

୯- ''ସେହି କେତେଜଣ ହେଉଛନ୍ତି ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ରାମକୃଷ୍ଣ, ବିବେକାନନ୍ଦ, ଗାନ୍ଧୀ, ଅରବିନ୍ଦ ପୁଣି ଦାନ୍ତେ, ଶେଲି, କାଳିଦାସ, ରବୀନ୍ଦ୍ର । ସେମାନେ ଅଜନ୍ତା, କୋଣାର୍କର ସ୍ରଷ୍ଟା, ବାହାର ଜୀବନର ଦୈନ୍ୟ, ନିର୍ଯ୍ୟାତନାର ଆବରଣ ତଳେ ଯେଉଁମାନେ ନିଜର କଳ୍ପଲୋକକୁ ପ୍ରାଣପଣେ ବଞ୍ଚେଇ ରଖିଛନ୍ତି ....''
(ମୁଖବନ୍ଧ : ପୂଜାରିଣୀ)

Digitized by srujanika@gmail.com

କ୍ଷୁଦ୍ରଗଳ୍ପରେ ମାନସିଂହ ପ୍ରତିଭା

ଶ୍ରୀ ପଠାଣି ପଟ୍ଟନାୟକ

୧୯୭୮ ମସିହାରେ ଅଧ୍ୟାପକ ରାଧାଶ୍ୟାମ ବେହୁରା ''ମାନସିଂହ—ସୃଷ୍ଟି ଓ ସମୀକ୍ଷା'' ଗ୍ରନ୍ଥଟି ସଂପାଦନ କରି ପ୍ରକାଶ କରିଥିଲେ । ଏହି ସଂକଳନରେ ମୋ ଲିଖିତ ''ମାନସିଂହ କାବ୍ୟରେ ପ୍ରତିଭାର ଆଦ୍ୟ ଉନ୍ମେଷ'' ପ୍ରବନ୍ଧଟି ସ୍ଥାନିତ ହୋଇଥିଲା । ସେହି ପ୍ରବନ୍ଧରେ 'ସହକାର'-୧୩୩୨-୧୧ଶ, ୧୨ଶ ସଂଖ୍ୟାରେ ପ୍ରକାଶିତ ମାନସିଂହଙ୍କ ଲିଖିତ ଏକ କ୍ଷୁଦ୍ରଗଳ୍ପ ''ଅଭିଶାପ'' ବିଷୟରେ ଆଲୋଚନା କରାଯାଇଥିଲା । ତାହା ଥିଲା ଏହିପରି - ''ସେହିବର୍ଷ (୧୯୨୫) କବି ଏକ କ୍ଷୁଦ୍ରଗଳ୍ପ 'ସହକାର'ରେ ପ୍ରକାଶ କରିଥିବାର ଆମେ ଏବେ ଦେଖୁଛୁ । 'ଅଭିଶାପ' ଶୀର୍ଷକ ଏହି କ୍ଷୁଦ୍ରଗଳ୍ପର କଥାବସ୍ତୁ ଉତ୍କଳର ପ୍ରାଚୀନ ଇତିହାସ ପୃଷ୍ଠାକୁ ଆଶ୍ରୟ କରି ଲେଖାଯାଇଛି । ଖୋର୍ଦ୍ଧାଗଡ଼ର ଭୋଇବଂଶର ରାଜା ରାମଚନ୍ଦ୍ର ଦେବ ଇଂରେଜମାନଙ୍କ ସହିତ ଯୁଦ୍ଧ କରି କରି ଯେତେବେଳେ ନିଶ୍ଚିତ ଭାବରେ ଜାଣିପାରିଛନ୍ତି ଯେ ଅବିଶ୍ୱାସୀ ଅନୁଚରମାନଙ୍କ କୁମନ୍ତ୍ରଣାରେ ଗଡ଼ର ପତନ ଅବଶ୍ୟମ୍ଭାବୀ, ସେତେବେଳେ କମଳସୁନ୍ଦରୀଙ୍କୁ ନିରାପଦରେ ଦୁର୍ଗର ଗୋପନ ସୁଡ଼ଙ୍ଗ ବାଟେ ପଳାୟନ କରି ଆତ୍ମରକ୍ଷା କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଜୀବନମରଣର ଏହି ମହାନ ସଙ୍କଟ କାଳରେ ଉଭୟ ରାଜା ଓ ରାଣୀଙ୍କର ବିଦାୟକାଳୀନ ମୁହୂର୍ତ୍ତ ଅତ୍ୟନ୍ତ କରୁଣ ଓ ମନୋଜ୍ଞ ହୋଇଅଛି ।

ଓଡ଼ିଆ ସାହିତ୍ୟରେ ସାର୍ଥକ ଐତିହାସିକ ଗଳ୍ପର ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । କିଶୋର ଗାଳ୍ପିକ ମାନସିଂହ ହୁଏତ ଏ କ୍ଷେତ୍ରରେ ନିରବଚ୍ଛିନ୍ନ ସାଧନା କରିଥିଲେ ଓଡ଼ିଆ ସାହିତ୍ୟର ଏକ ଅଭାବ ପୂରଣରେ ସମର୍ଥ ହୋଇପାରି ଥାଆନ୍ତେ ।

କବି ମାନସିଂହ ଗଳ୍ପ ନ ଲେଖିଲେ ମଧ୍ୟ ଏହି ଗଳ୍ପ ରଚନାର ଅନ୍ତରାଳରେ କବିଙ୍କର ପ୍ରାଣରେ ମଧ୍ୟଯୁଗୀୟ ସୁବର୍ଣ୍ଣ ଯୁଗର କାହାଣୀ କିପରି ରୂପର ଭେଳିକି ସୃଷ୍ଟି କରିଥିଲା, ତାହା ପ୍ରାଞ୍ଜଳ ଭାବରେ ଲକ୍ଷ୍ୟ କରାଯାଇଥାଏ । ସେଥିପାଇଁ ପରବର୍ତ୍ତୀ କାଳରେ ଏକ ବଳିଷ୍ଠ କବି-ପୁରୁଷର ପ୍ରାଣଧର୍ମରେ ରୋମାଣ୍ଟିକ ଚେତନାର ଅଶରୀରୀ ବାଣୀ ସହଜ-ମୂର୍ଚ୍ଛନା ତୋଳିବାର ଦେଖିବାକୁ ମିଳେ ।'' (ମାନସିଂହ-ସୃଷ୍ଟି ଓ ସମୀକ୍ଷା-ପୃ ୩୦-୩୧)

କବି ମାନସିଂହ ଯେ ଏକଦା ଗଳ୍ପ ଲେଖୁଥିଲେ, ଏକଥା ପାଠକ-ସମାଜ ଅବହିତ ନଥିଲା । ମାନସିଂହ ୧୯୨୬ ସାଲରେ ମାଟ୍ରିକ ପାଶ୍ କରିଥିଲେ ।

Digitized by srujanika@gmail.com

ଆଲୋଚ୍ୟ ଗଳ୍ପଟି ସେ ଲେଖିଥିଲେ ଖୋର୍ଦ୍ଧା ସ୍କୁଲର ଦଶମ ଶ୍ରେଣୀର ଜଣେ ଛାତ୍ର ଭାବରେ । ଆଲୋଚ୍ୟ ପ୍ରବନ୍ଧଟି ପାଠ କରି କବି ମାୟାଧର ମାନସିଂହ ଲେଖକଙ୍କୁ ଅତ୍ୟନ୍ତ ଉଲ୍ଲସିତ ହୋଇ ଏକ ଚିଠିରେ ଆଶୀର୍ବାଦ କରିଥିଲେ ଏବଂ କହିଥିଲେ- ଦୁଃଶାସନ ନାୟକ ଛଦ୍ମ ନାମରେ ସେ ଆଉ କେତୋଟି ଗଳ୍ପ ଲେଖିଥିଲେ । ତାଙ୍କର ଗୋସାଇଁମା' ଏହି ନାମରେ ତାଙ୍କୁ ପିଲାଦିନେ ଡାକୁଥିଲେ । ସେ ପୁନଶ୍ଚ ଲେଖିଥିଲେ-ଗଳ୍ପ ଲେଖିବା ସାଧନା ଅବ୍ୟାହତ ରଖିଥିଲେ ସେ ହୁଏତ ଜଣେ ଦ୍ୱିତୀୟ ଶ୍ରେଣୀର ଗଳ୍ପ ଲେଖକଟିଏ ହୋଇଥାଆନ୍ତେ । ମାତ୍ର କବିତା ଲେଖାରେ ସେ ଅସମ୍ଭାବିତ ସ୍ୱୀକୃତି ପାଇବା ଯୋଗୁ ଗଳ୍ପ ଲେଖା ଛାଡ଼ିଦେଲେ ।

ସେହି ''ମାନସିଂହ ସୃଷ୍ଟି ଓ ସମୀକ୍ଷା'' ଗ୍ରନ୍ଥରେ ସୁସମାଲୋଚକ ନଟବର ସାମନ୍ତରାୟ ଏକ ପ୍ରବନ୍ଧ ଲେଖିଥିଲେ-''କବି ମାନସିଂହ ଙ୍କ ପନ୍ଦରବର୍ଷ ରଚନାର କାଳ ନିର୍ଣ୍ଣୟ ।'' ସେହି ପ୍ରବନ୍ଧରେ ଡ଼ଃ ସାମନ୍ତରାୟ ଗୋଟିଏ ସ୍ଥାନରେ ଲେଖିଥିଲେ-''ତ୍ୟକ୍ତପୁରୀ କ୍ଷୁଦ୍ରଗଳ୍ପ ସହକାର ୯/୨ କାର୍ତ୍ତିକ ୧୩୩୬ (ଅକ୍ଟୋବର ୧୯୨୮) କବି ମାନସିଂହଙ୍କର ଏହି ଏକ ମାତ୍ର କ୍ଷୁଦ୍ରଗଳ୍ପ ମୁଁ ଏ ପର୍ଯ୍ୟନ୍ତ ଦେଖିବାକୁ ପାଇଛି । ଶୁଣିଲି, ସେ ଆଉ କେତୋଟି କ୍ଷୁଦ୍ରଗଳ୍ପରେ ମଧ ହାତ ଦେଇଛନ୍ତି ।

ସହକାରରେ ପ୍ରକାଶିତ ଏହି ଗଳ୍ପଟି ମୁଁ ଦେଖିବାର ସୁଯୋଗ ପାଇ ନାହିଁ । ମାତ୍ର କବି ମାନସିଂହଙ୍କ ଚିଠି ପାଇଲାପରେ ଦୁଃଶାସନ ନାୟକ ଛଦ୍ମ ନାମରେ ପ୍ରକାଶିତ ଗଳ୍ପ ଗୁଡ଼ିକ ଅନୁସନ୍ଧାନ କଲି । ମୋର ପରମ ସୌଭାଗ୍ୟ ଯେ ଦୁଃଶାସନ ନାୟକ ଛଦ୍ମନାମରେ ମାନସିଂହଙ୍କ ନଷ୍ଟବାସନା ଗଳ୍ପ (ସହକାର-୫୮ ଭାଗ-୩/୪ସଂଖ୍ୟା) ଓ ''ଜନ୍ମଭୂମି'' ଗଳ୍ପ (ସହକାର-୫୮ଭାଗ-୭ମ ସଂଖ୍ୟା) ପାଠ କରିବାର ସୁଯୋଗ ମିଳିଲା ।

ପୂର୍ବରୁ ସୂଚିତ ''ଅଭିଶାପ'' ଗଳ୍ପ ସହକାର ୫୮ ଭାଗ ୧୧ଶ ସଂଖ୍ୟା ଓ ୧୨ଶ ସଂଖ୍ୟାରେ କ୍ରମଶଃ ହୋଇ ପ୍ରକାଶିତ ହୋଇଥିଲା । ଜଣେ ସ୍କୁଲ ଛାତ୍ର ହିସାବରେ ଗଳ୍ପ ଲେଖାରେ ହାତ ଦେଇଥିବାରୁ ଆତ୍ମବିଶ୍ୱାସ ଅଭାବରେ ହୁଏତ ସେ ଛଦ୍ମ ନାମ ଦେବାକୁ ଉଚିତ ମନେ କରିଥିବେ । ଦୁଇଟି ଗଳ୍ପ ଛଦ୍ମ ନାମରେ ପ୍ରକାଶିତ ହୋଇ ବୋଧହୁଏ ପାଠକୀୟ ସ୍ୱୀକୃତି ଲାଭ କରିବାପରେ କବି ମାନସିଂହ 'ଅଭିଶାପ', 'ତ୍ୟକ୍ତପୁରୀ' ଓ 'ଅପରିଚିତ' ଗଳ୍ପରେ ନିଜର ନାମ ପ୍ରକାଶ କରିବାକୁ କୁଣ୍ଠିତ ହୋଇ ନଥିବେ ।

ସାହିତ୍ୟ ସାଧନାର ପ୍ରଥମ କାଳରେ କିଶୋର ମାୟାଧର ମାନସିଂହ ଛଦ୍ମ ନାମ ବ୍ୟବହାର କରୁଥିବାର ଆଉ ଏକ ପ୍ରମାଣ ରହିଛି । ଡଃ ନଟବର ସାମନ୍ତରାୟ ତାଙ୍କର ପୂର୍ବ କଥିତ ପ୍ରବନ୍ଧରେ ଏକ ସ୍ଥାନରେ ଲେଖିଥିଲେ-''କୋଣାର୍କ''- କୋଣାର୍କ ଗୀତି କାବ୍ୟର ସର୍ବପ୍ରଥମ କବିତା ଏହା ପ୍ରଥମେ 'ଲେଖକ ଶ୍ରୀ' ନାମରେ 'ବାରୁଣୀ'-ଆଷାଢ଼ ୧୩୩୩ (ଜୁନ-୧୯୨୬) ରେ ପ୍ରକାଶିତ । ଯେତେଦୂର ମନେ ହୁଏ, ଏହା ହିଁ ମାନସିଂହଙ୍କ କବି ଜୀବନର ପ୍ରଥମ ପ୍ରକାଶିତ କବିତା ।

Digitized by srujanika@gmail.com

ଡଃ ସାମନ୍ତରାୟଙ୍କର ଏହି ଅନୁମାନ ସତ୍ୟର ବିରୁଦ୍ଧାଚରଣ କରିଥାଏ । କାରଣ ମୁକୁର ୧୩୩୦-୧୬ଶ ଭାଗ (୧୯୨୩) ସାଲରେ ତାଙ୍କର ଗୋଟିଏ କବିତା ପ୍ରକାଶିତ ହୋଇଥିଲା । ସହକାର-୧୩୩୨-୬ଷ୍ଠ ସଂଖ୍ୟାରେ କବି ମାନସିଂହ ଲେଖିଥିଲେ "ମା' ଓଡ଼ିଶା" ଶୀର୍ଷକ ଏକ ଜାତୀୟବାଦୀ କବିତା ।

ଜୁନ ୧୯୨୬ ପୂର୍ବରୁ ଏହି କବିତାଗୁଡ଼ିକ ପ୍ରକାଶିତ । ହୁଏତ 'ମୁକୁର' ପୃଷ୍ଠାରେ ଆଉ କେତୋଟି କବିତା ଥାଇ ପାରେ । ତେଣୁ 'ବାରୁଣୀ' ରେ ଛଦ୍ମ ନାମରେ ପ୍ରକାଶିତ କବିତା ତାଙ୍କର ପ୍ରଥମ ପ୍ରକାଶିତ କବିତା ହେବାର କୌଣସି କାରଣ ନାହିଁ ।

ଫକୀର ମୋହନଙ୍କ ଲିଖିତ କ୍ଷୁଦ୍ରଗଳ୍ପଗୁଡ଼ିକ ଓଡ଼ିଆ ସାହିତ୍ୟରେ କାହିଁକି, ସମଗ୍ର ଭାରତୀୟ ସାହିତ୍ୟରେ ମଧ୍ୟ ବିସ୍ମୟକର । ତାଙ୍କୁ ଅନୁସରଣ କରି କ୍ଷୁଦ୍ର ଗଳ୍ପ ରଚନାରେ ହାତ ଦେଇଥିଲେ ଚନ୍ଦ୍ରଶେଖର ନନ୍ଦ, ବାଙ୍କନିଧି ପଟ୍ଟନାୟକ, ଦୟାନିଧି ମିଶ୍ର, ଚିନ୍ତାମଣି ମହାନ୍ତି ପ୍ରଭୃତି କେତେଜଣ ପ୍ରତିଭାଶାଳୀ ଲେଖକ । କାହିଁକି କେଜାଣି, ଫକୀର ମୋହନଙ୍କ ଦେହାବସାନ ପରେ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ବିଶେଷ ସମ୍ଭାବନା ଦୃଷ୍ଟିଗୋଚର ହେଲାନାହିଁ । ୧୯୨୧ ସାଲଠାରୁ ୧୯୨୯ ସାଲ ପର୍ଯ୍ୟନ୍ତ ସହକାର ପତ୍ରିକାରେ ଅଳ୍ପ କେତୋଟି କ୍ଷୁଦ୍ରଗଳ୍ପ ସ୍ଥାନିତ ହୋଇଥିବା ଦେଖିବାକୁ ମିଳେ । ତରୁଣ କବି ମାନସିଂହଙ୍କ ମୁଷ୍ଟିମେୟ କ୍ଷୁଦ୍ରଗଳ୍ପ ଏହି ସମୟସୀମା ମଧ୍ୟରେ ପ୍ରକାଶିତ ହୋଇଥିଲା । ଉଦାହରଣ ସ୍ୱରୂପ "ନଷ୍ଟବାସନା" ଗଳ୍ପର ପ୍ରଥମ ଭାଗ ଦୁଃଶାସନ ନାୟକ, ଖୋର୍ଦ୍ଧା; ଛଦ୍ମ ନାମରେ ପ୍ରକାଶିତ ହୋଇଥିଲା । ସହକାର ୫୮ଭାଗ-୧୩୩୨-୩ୟ, ୪ର୍ଥ ସଂଖ୍ୟାରେ । ଏହାର ଦ୍ୱିତୀୟ ଭାଗ ପ୍ରକାଶ ପାଇଲା ସହକାର ୫୮ଭାଗ ୧୩୩୨-୭ମ ସଂଖ୍ୟାରେ । ବୌଦ୍ଧଧର୍ମ୍ମ କାଳରେ ଏକ କାଳ୍ପନିକ କାହାଣୀ ଏହି ଗଳ୍ପର କଥାବସ୍ତୁ । ଏହି କାଳରେ ନାଳନ୍ଦା ବିହାର ଥିଲା ବୌଦ୍ଧଧର୍ମ୍ମ ଓ ଦର୍ଶନ ଚର୍ଚ୍ଚାର ଏକ ପ୍ରଧାନ ପୀଠ । ଏହି ମହାପୀଠର ପ୍ରଧାନ ଆଚାର୍ଯ୍ୟ ଥିଲେ ଶୀଳଭଦ୍ର । ତାଙ୍କର ପ୍ରିୟଶିଷ୍ୟା ଭିକ୍ଷୁଣୀ ତରୁଣୀ ମନସା ଏହିଠାରେ ସାଧନାରତ ଥିଲେ । ଧର୍ମଗ୍ରନ୍ଥ ଆଲୋଚନା ଉଦ୍ଦେଶ୍ୟରେ ଚୀନ ଦେଶର ସାଧକ ଚୁଙ୍ଗୀ ଆସିଥିଲେ ଭାରତବର୍ଷକୁ । ସେ ନାଳନ୍ଦା ବିହାରରେ ଆଚାର୍ଯ୍ୟ ଶୀଳଭଦ୍ରଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ଏବଂ ଏହିଠାରେ ତରୁଣୀ ମନସା ସହିତ ତାଙ୍କର ନିବିଡ଼ ସମ୍ପର୍କ ସ୍ଥାପିତ ହେଲା । ଲେଖକଙ୍କ ଭାଷାରେ - "ଦିଗ୍‌ଦର୍ଶନ ଶଳାକାକୁ ଚାରି ଦିଗରେ ବୁଲାଇ ଆଣିଲେ ମଧ୍ୟ ସେ ଯେପରି କେବଳ ଉତ୍ତରାଭିମୁଖୀ ନହୋଇ ରହେ, ସେହିପରି ଚୁଙ୍ଗୀ ସମସ୍ତ ବିଦ୍ୟାର୍ଥୀଙ୍କୁ ବନ୍ଧୁ ରୂପେ ଲାଭ କଲେ ମଧ୍ୟ ସେ ଜଣକଠାରେ ହିଁ ହୃଦୟର-ଭାବରାଶି ବ୍ୟକ୍ତ କରିବା ଲାଗି ଗୋଟିଏ ଉପଯୁକ୍ତ ହୃଦୟ ପାଇଥିଲେ । ଶିଷ୍ୟା ଭଗିନୀ ମନସା, ମନସାର ପବିତ୍ର ହାବଭାବ, ପୁଣ୍ୟମୟ ତେଜଃ, ଅକପଟ ବ୍ୟବହାର ଚୁଙ୍ଗୀଙ୍କ ହୃଦୟକୁ ସମ୍ପୂର୍ଣ୍ଣ କିଣିନେଲା । ଚୁଙ୍ଗୀ ସନ୍ୟାସୀ, ମନସା ସନ୍ୟାସିନୀ । ଉଭୟେ ଏହି ମୋହମୟ ସଂସାରର ଜଞ୍ଜାଳକୁ ତୁଚ୍ଛ କରି ପବିତ୍ର

Digitized by srujanika@gmail.com

ଜ୍ଞାନାନ୍ୱେଷଣରେ ଜୀବନ ନିୟୋଗ କରିଅଛନ୍ତି । ସେମାନଙ୍କର ସଂସାରରେ କିଛି ସ୍ୱାର୍ଥ ନାହିଁ - କିଛି ବାସନା ନାହିଁ । ସ୍ୱଭାବତଃ ଦୁହିଁଙ୍କର ପ୍ରୀତି ବଡ଼ ପବିତ୍ର, ବଡ଼ ନିର୍ମଳ ।''

ବୌଦ୍ଧ ମହାମେଳା ଦର୍ଶନ କାଳରେ ଚୀନ ଯୁବକ ଚୁଙ୍ଗୀ ଜଣେ ତାନ୍ତ୍ରିକ ଦ୍ୱାରା ଅପହୃତ ହୋଇ ସୁଦୂର ଗିରି କନ୍ଦରରେ ବନ୍ଦୀ ହୋଇଥାଏ । ମନସା ଅତ୍ୟନ୍ତ ବ୍ୟାକୁଳ ହୋଇ ଅନ୍ୱେଷଣ କରୁକରୁ ସେହି ନିର୍ଜନ ପ୍ରଦେଶରେ ଚୁଙ୍ଗୀକୁ ଠାବକରେ ଏବଂ ତାର ବନ୍ଧନମୁକ୍ତ କରେ । ଚୁଙ୍ଗୀ ଓ ମନସା ଆଶ୍ରମ ଅଭିମୁଖେ ପଳାୟନ କାଳରେ କପଟୀ ତାନ୍ତ୍ରିକ ପଶ୍ଚାଦ୍ଧାବନ କରି ମନସାକୁ ହତ୍ୟା କରେ । ଚୁଙ୍ଗୀର ଜୀବନ ରକ୍ଷା ହୁଏ । ମନସାକୁ ଫେରିବାର ନ ଦେଖି ଚୁଙ୍ଗୀ ମଧ ସେହି ଅରଣ୍ୟ ମଧରେ ନିଜକୁ ବିସର୍ଜନ କରେ । ଦୁଇଟି ପ୍ରଣୟୀଯୁଗଳର ଏହା ହିଁ ହୁଏ ଶେଷ ପରିଣତି ।

''ଜନ୍ମଭୂମି'' ଶୀର୍ଷକ କ୍ଷୁଦ୍ରଗଳ୍ପ ପ୍ରକାଶିତ ହୁଏ ସହକାର ୭ମ ସଂଖ୍ୟା ପଞ୍ଚମଭାଗ ୧୯୨୫ ଖ୍ରୀଷ୍ଟାବ୍ଦରେ । ଏହା ମଧ ଶ୍ରୀ ଦୁଃଶାସନ ନାୟକ ନାମରେ ପ୍ରକାଶିତ ହୋଇଥିଲା । ଜାତୀୟ ଭାବନା ସଂଚାର କରିବା ଥିଲା ଏହି ଗଳ୍ପର ମୂଳ ଉଦ୍ଦେଶ୍ୟ ।

ଉତ୍କଳ ଯୁବକ ମହେନ୍ଦ୍ର ବାଣିଜ୍ୟ ଉଦ୍ଦେଶ୍ୟରେ ଯବଦ୍ୱୀପକୁ ଯାଇ ସେଠାର ବିଦେଶିନୀ ପ୍ରେମରେ ବନ୍ଦୀ ହୋଇଗଲା । ସେ ପାଶୋରିଦେଲା ତାହାର ସ୍ୱଦେଶ, ସ୍ୱଜାତି, ସ୍ୱଭାଷା ଓ ସ୍ୱଜନ । ସେ ନିଜ ଦେଶକୁ ଫେରି ଆସିବାକୁ ଆଦୌ ଇଚ୍ଛା କଲାନାହିଁ ।

ପ୍ରାଚୀନ ଉତ୍କଳର ନୌବାଣିଜ୍ୟର ଗୌରବମୟ କାହାଣୀ ଲେଖକଙ୍କ ଲେଖନୀରେ ରୂପାୟିତ ହୋଇଅଛି ଏହିପରି — ''ସେ ସମୟରେ ବାଣିଜ୍ୟର ପୂର୍ଣ୍ଣ ପ୍ରସାର ଓଡ଼ିଆର ପୋତମାଳା ନୀଳ ସମୁଦ୍ରର ତରଙ୍ଗମାଳାକୁ ସଦମ୍ଭରେ ପ୍ରତିଘାତ କରି ଯାବା, ବାଲି, ସୁମାତ୍ରା ଦ୍ୱୀପମାନଙ୍କରୁ ବିପୁଳ ଧନରାଶି ଧରି ଘରକୁ ଫେରି ଆସୁଥାଏ । ସାଧବ ବଧୂଗଣ ପତିମାନଙ୍କ ସହ ବିଦେଶାଗତା ଲକ୍ଷ୍ମୀଙ୍କୁ ଘରକୁ ଅତି ଭକ୍ତିରେ ବନ୍ଦାଇ ନେଇ ଯାଉଥିଲେ । ସେହି ଧନରେ ଦେଶର ଶିଳ୍ପୀ, ତାର ସ୍ନେହର ଜନନୀକୁ ଦେଉଳ-ଅଟ୍ଟାଳିକା ପ୍ରଭୃତି ନାନା ଅଳଙ୍କାରରେ ଭୂଷିତ କରିବାକୁ ଲାଗିଲେ । ସର୍ବ ସୌଭାଗ୍ୟର ଜନନୀରୂପା ସେହି ସିନ୍ଧୁ ପରପାରର ଦ୍ୱୀପଗୁଡ଼ିକୁ ଥରେ ଦେଖିବାକୁ ମହେନ୍ଦ୍ରର ଇଚ୍ଛା ବଳବତୀ ହେଲା ।

ମହେନ୍ଦ୍ର ବିଦେଶରେ ରହିଗଲା ସିନା ଅନେକ ସମୟରେ ତାର ମନ ସ୍ୱଦେଶଭାବନାରେ ଛଟପଟ ହେଉଥାଏ । ବିକଳ ହେଉଥାଏ ଅତୀତର ସ୍ମୃତିକୁ ରୋମନ୍ଥନ କରି । ଲେଖକ ଲେଖିଛନ୍ତି - ''ମୋର ସେ ପ୍ରାଣର ଜେଜେମା ! ଚମ ଦୋହଲି ପଡ଼ିଲା - ହାଡ଼ ବି ଖଣ୍ଡ ମାତ୍ର ବାକି ରହିଲା, ତଥାପି ମୋର ସେବା ! ହାୟ ଆଜି ମୁଁ ନିଷ୍ଠୁର, ଜେଜେମାର ଭାଷାରେ ଦ୍ୱିପଦ କଥା କହିପାରୁନାହିଁ । ମୋର ସେ ଦେଶ, ସେ ଘର, ସେ ଭାଇମାନଙ୍କୁ ଛାଡ଼ି ମୁଁ ଏଠାରେ କାହିଁକି ରହିଲି ? ଲକ୍ଷ ଲୋକର ପବିତ୍ର ସେବା ଛାଡ଼ି ମୁଁ କାହିଁକି ଗୋଟିଏ ଲୋକର ମନୋରଞ୍ଜନରେ ଜୀବନ କଟାଇ ଦେଲି ?

Digitized by srujanika@gmail.com

ଏହି ଦୂର ଦେଶରେ ସ୍ୱଦେଶର କୌଣସି ସନ୍ନ୍ୟାସୀର କଣ୍ଠସ୍ୱର ଭାସି ଆସିଲା । ମହେନ୍ଦ୍ର ମନ୍ତ୍ରମୁଗ୍ଧ ହେଲା, ବିଚଳିତ ହେଲା ସେହି ଜାତୀୟଭାବନା ବ୍ୟଞ୍ଜକ ସଂଗୀତ ଶୁଣି ।

''ସନ୍ନ୍ୟାସୀ ଅବା ସଂସାରୀ ହୁଅ
କେ ଅଛ କେଉଁଠି ଜନନୀ ସୁତ,
ପରାଣର ମାୟା ଫିଙ୍ଗ ହେ ଦୂରେ
ମାଆ ପାଇଁ କର ଜୀବନ ପାତ ,
ମୋଗଲ ପଠାଣ ଅସି ଝନ୍ ଝନେ
ବଧିର ହେଲାଣି ଜନନୀ କର୍ଣ୍ଣ ।
ଦୁର୍ଗଦେଉଳ ହୋଇଛି ଚୂର୍ଣ୍ଣ,
ଜଙ୍ଗଲରେ କରେ ଓଡ଼ିଆ ବାସ
ଶିଳ୍ପୀ ବସିଛି ଘରେ ଡରି ମରି
କୃଷକ ନ କରେ ଜମିରେ ଚାଷ ।
ଦେଶର ଲକ୍ଷ୍ମୀ କରଇ ବିଳାପ
ଭିକ୍ଷାର ଭାଣ୍ଡ ଧରେ ବଣିକ ।
ସମର କ୍ଷେତ୍ରେ ଶୁଅଇ ରାଜନ,
ରାଜା ଘରେ ଉଠେ ଏବେ ବଲ୍ମିକ ।

ମହେନ୍ଦ୍ର ଫେରି ଆସିଲା ସ୍ୱଦେଶକୁ ଏବଂ ଯବନମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ଯୋଗ ଦାନ କରି ଦେଶପାଇଁ ପ୍ରାଣ ଉତ୍ସର୍ଗ କରିଦେଲା ।

ମାନସିଂହଙ୍କ ନିଜ ନାମରେ ମୁଦ୍ରିତ ''ଅପରିଚିତ'' ଗଳ୍ପ ପ୍ରକାଶିତ ହୁଏ ସହକାର ନବମ କଳସ ତୃତୀୟ ଅଞ୍ଜଳି ସଂଖ୍ୟାରେ, ଏଥିରେ ତତ୍‌କାଳୀନ ଯୁଗ ପରିବର୍ତ୍ତନର ସୂଚନା ପ୍ରଦାନ କରାଯାଇଛି । ଶିକ୍ଷିତ ତରୁଣସମାଜ ସେହି ପରିବର୍ତ୍ତନକୁ ସ୍ୱାଗତ କରିଛନ୍ତି । ବିଧବା ବିବାହ, ଅସ୍ପୃଶ୍ୟତା ନିବାରଣ ପ୍ରଭୃତି ଧୀରେ ଧୀରେ ଶିକ୍ଷିତ ଗୋଷ୍ଠୀର ସମର୍ଥନ ଲାଭ କରିଅଛି । ଛାତ୍ରମାନେ ହିଁ ପ୍ରଗତି ଭାବନାର ପ୍ରବକ୍ତା ହୁଅନ୍ତି । ଅପରିଚିତ ଗଳ୍ପର ତାହା ହିଁ ହେଉଛି ପ୍ରାଣଧର୍ମ ।

ମାନସିଂହ ଗଳ୍ପଗୁଡ଼ିକ କ୍ଷୁଦ୍ରଗଳ୍ପର ରସାନୁଭୂତି ଦୃଷ୍ଟିରୁ ରସୋତ୍ତୀର୍ଣ୍ଣ ହୋଇପାରିନାହିଁ । ଏଥିରେ ଏକ ଅପରିପକ୍ୱ ବିନ୍ଧାଣୀର ହାତଯଶ ଦେଖିବାକୁ ମିଳିଥାଏ । ତେବେ ଯେଉଁ ସମୟରେ ଓଡ଼ିଆ ସାହିତ୍ୟରେ ଅଙ୍ଗୁଳିମେୟ ଲେଖକ କ୍ଷୁଦ୍ରଗଳ୍ପ ଲେଖିବାପାଇଁ ଆଗ୍ରହୀ ହୋଇ ଥିଲେ, ସେମାନଙ୍କ ମଧ୍ୟରେ ମାୟାଧର ମାନସିଂହ ଅନ୍ୟତମ । କବି ମାନସିଂହଙ୍କର ଲୋକପ୍ରିୟତା ଗାଳ୍ପିକ ମାନସିଂହଙ୍କୁ ସାରସ୍ୱତ ସୌଭାଗ୍ୟ ପ୍ରଦାନ କରି ପାରି ନଥିଲେ ହେଁ ମାନସିଂହ-ପ୍ରତିଭାର ଅରୁଣୋଦୟ ଏଥିରୁ ଲକ୍ଷ୍ୟ କରାଯାଇପାରେ ।

Digitized by srujanika@gmail.com

ମାନସିଂହଙ୍କ ସୃଷ୍ଟିମାନସରେ ସମାଜଜୀବନ

ଡକ୍ଟର ରଞ୍ଜିତା ନାୟକ

ଗଛ ଓ ମାଟି । ମାଟି ଓ ଗଛ । ପରସ୍ପର ମଧ୍ୟରେ ନିବିଡ଼ ସମ୍ପର୍କ । ଗଛ ମାଟିରୁ ରସ ସଂଗ୍ରହକରି ପରିପୁଷ୍ଟ ହୁଏ । ପତ୍ରଫୁଲ ଖେଳାଏ । ଫଳ ଫଳାଏ । ଫଳରୁ ମଞ୍ଜି ହୁଏ । ମଞ୍ଜି ପୁଣି ମାଟିକୁ ଫେରିଆସେ । ମାଟି, ଗଛଲତା ଯୋଗୁଁ ସୌନ୍ଦର୍ଯ୍ୟମୟୀ ହୁଏ । ବାତ୍ସଲ୍ୟମୟୀ ହୁଏ । ଉର୍ବରା ହୋଇ ପୂର୍ଣ୍ଣଗର୍ଭା ହୁଏ । ଅନେକ ସମ୍ଭାବନାର ସ୍ୱପ୍ନ ଦେଖେ । ନୂତନ ସୃଷ୍ଟିରେ ଆତ୍ମହରା ହୁଏ । ଠିକ୍ ସେହିପରି ସମାଜ ଓ ସାହିତ୍ୟ ଓତପ୍ରୋତ ଜଡ଼ିତ । ଉଭୟେ ଉଭୟଙ୍କ ପ୍ରକାଶ ଓ ବିକାଶର ପ୍ରକୃଷ୍ଟ ମାଧ୍ୟମ । ସ୍ୱଚ୍ଛ ଜଳରାଶି ଉପରେ କୂଳର ଦୃଶ୍ୟ ପ୍ରତିବିମ୍ବିତ ହେଲାପରି ସାହିତ୍ୟର ମୁକୁରରେ ବ୍ୟକ୍ତି ନିଜର ଜୀବନ ତଥା ତାର ପାରିପାର୍ଶ୍ୱିକ ଜଗତର ଛବି ଦେଖି ଆତ୍ମବିଭୋର ହୁଏ । ଯୁଗ ଯୁଗର ସାମାଜିକ ଇତିହାସକୁ ନିରୀକ୍ଷଣ କଲାବେଳେ ଅନେକ ଦୋଷ-ଦୁର୍ବଳତା ଦୃଷ୍ଟିଗୋଚର ହୁଏ । ସେ ସବୁକୁ ମାର୍ଜିତ ସଂସ୍କୃତ କରି ଏକ ବଳିଷ୍ଠ ଜୀବନ ଓ ସୁସ୍ଥ ସୁନ୍ଦର ସମାଜ ଗଢ଼ିବାର ସେ ପ୍ରେରଣା ପାଏ । ସୁତରାଂ ସାହିତ୍ୟ କଳ୍ପନାର ବସ୍ତୁ ନୁହେଁ; ଅଧିକନ୍ତୁ ଏହା ମଣିଷ ଜୀବନ ଓ ସମାଜର କଳାତ୍ମକ ଅଭିବ୍ୟକ୍ତି । ସାହିତ୍ୟ ସହିତ ମଣିଷର ଏହି ଘନିଷ୍ଠ ସମ୍ପର୍କ ଆଜିର ନୁହେଁ, ଯୁଗ ଯୁଗରୁ ।

ସବୁକାଳରେ ସ୍ରଷ୍ଟା ତାର ପାରିପାର୍ଶ୍ୱିକ ଜଗତ ଓ ଜୀବନ ପ୍ରତି ସଚେତନ । ପୁନଶ୍ଚ ଏହି ସଚେତନତା ସ୍ରଷ୍ଟାର ଦୃଷ୍ଟିଭଙ୍ଗୀ, ତାର ମାନସିକ ଅବସ୍ଥିତି, ଚିନ୍ତା ଚେତନା, ସୃଷ୍ଟିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ନିର୍ଭର କରେ । ଗୋଟିଏ ସୃଷ୍ଟିର ବସ୍ତୁ ଉପରେ କ୍ୟାମେରାଟିଏ ଫୋକସ୍ କଲେ କ୍ୟାମେରା ସେହି ବସ୍ତୁର ଫଟୋଚିତ୍ର ଉତ୍ତୋଳନ କରେ । ସେହିପରି ସ୍ରଷ୍ଟାର ଦୃଷ୍ଟିଭଙ୍ଗୀ ସୀମିତ ରହିଲେ ସୃଷ୍ଟି ଭିତରେ ସମାଜର ପୂର୍ଣ୍ଣ ରୂପ ପ୍ରକଟିତ ହୋଇପାରେ ନାହିଁ । ସ୍ରଷ୍ଟାର ସୁଦୂର- ପ୍ରସାରୀ ଦୃଷ୍ଟିଭଙ୍ଗୀ ହିଁ କେବଳ ସମାଜର ପୂର୍ଣ୍ଣ ଛବି ଅଙ୍କନ କରିବାରେ ସମର୍ଥ ହୁଏ ।

ସ୍ରଷ୍ଟା ନିଜ ବ୍ୟକ୍ତିଗତ ଜୀବନର ବିପୁଳ ଅଭିଜ୍ଞତା ଓ ସମାଜଜୀବନକୁ ଉପଜୀବ୍ୟ କରି ସୃଷ୍ଟିକରେ ସରସ ସୁନ୍ଦର ରସବୋଧ ସାହିତ୍ୟ । ମଣିଷ ଜୀବନର ଆଶା ଆକାଙ୍‌କ୍ଷା, ସୁଖ ଦୁଃଖ ପ୍ରଭୃତି ନିତ୍ୟ ନୈମିତ୍ତିକ ଘଟଣା ସହିତ ସମାଜର ରୀତି-ନୀତି, ଚାଲି-ଚଳଣୀ, ଆଚାର-ବ୍ୟବହାର ଆଦି ସ୍ରଷ୍ଟାର ଲେଖନୀରେ ଜୀବନ୍ତ ରୂପ ଗ୍ରହଣ କରେ । ପୁଣି ଏହି ସମାଜ କଳ୍ପନା ଏକ ବିରାଟ କଳ୍ପନା । ଧର୍ମ, ଦର୍ଶନ, ସଙ୍ଗୀତ , କଳା, ଶାନ୍ତି, ସୌହାର୍ଦ୍ଦ୍ୟ

Digitized by srujanika@gmail.com

ସମାଜରେ ଯେତିକି ସତ୍ୟ, ସଂଘର୍ଷ, ଘୃଣା,ଶ୍ରେଣୀବିଭେଦ ଏସବୁ ମଧ୍ୟ ସେତିକି ବାସ୍ତବ । ସବୁର ଐକତାନ ବା ଅର୍କେଷ୍ଟ୍ରା ହେଉଛି ସମାଜର ସ୍ୱର । ସମାଜ ଜୀବନର ଏହି ଅନ୍ତରଙ୍ଗ ସ୍ୱର ସମସାମୟିକ ସମାଜ ଚିତ୍ରରେ ଲିପିବଦ୍ଧ ହୋଇଥାଏ ।

ସମାଜ ପରିବର୍ତ୍ତନଶୀଳ । ସାମାଜିକ କ୍ରିୟା ପ୍ରତିକ୍ରିୟା କେବେ ବି ସ୍ଥିର ନୁହେଁ । ସ୍ରୋତସ୍ୱିନୀ ପରି ଏହା ଚଳଚଞ୍ଚଳ, ଓଡ଼ିଆ ସାହିତ୍ୟର ଉନ୍ମେଷକାଳରୁ ଏଯାବତ୍ ସାମାଜିକ ଜୀବନର ବିବିଧ ଚିତ୍ର ସାହିତ୍ୟରେ ପର୍ଯ୍ୟାପ୍ତ ଭାବରେ ଉପଲବ୍ଧ । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାଗୀତି କେବଳ ଆଧ୍ୟାତ୍ମିକତାର ପୃଷ୍ଠଭୂମିରେ ପର୍ଯ୍ୟବସିତ ନୁହେଁ । ଏହା ତତ୍କାଳୀନ ସମାଜ ଜୀବନର ଅକପଟ ଚିତ୍ର ପ୍ରଦାନ କରିଥାଏ । ଲୋକ ସାହିତ୍ୟ ଓ ପୁରାଣ ସାହିତ୍ୟରେ ସମାଜ ଜୀବନର ରୂପବୈଚିତ୍ର୍ୟ ପାଠକକୁ ଚମତ୍କୃତ କରେ । ମଧ୍ୟଯୁଗୀୟ ସାହିତ୍ୟରେ କବିମାନେ ରସଉପରେ ପ୍ରାଧାନ୍ୟ ଦେଇଥିଲେ ମଧ୍ୟ ପ୍ରାସଙ୍ଗିକ ଭାବେ ସମାଜ ଜୀବନର ଚିତ୍ରକୁ ଉପେକ୍ଷା କରି ନାହାନ୍ତି । ଆଧୁନିକ ଯୁଗରେ ସାହିତ୍ୟ ବାସ୍ତବଧର୍ମୀ ହୋଇଛି । ନିଛକ ଜୀବନ ଓ ସମାଜର ରୂପବୈଭବରେ ସାହିତ୍ୟ ପରିପୁଷ୍ଟ ଏବଂ ଋଦ୍ଧିମନ୍ତ ହୋଇଛି । ରାଧାନାଥ, ଫକୀରମୋହନ, ନନ୍ଦକିଶୋର, ଗଙ୍ଗାଧର ପ୍ରଭୃତିଙ୍କ ସାରସ୍ୱତ କୃତି ଆଧୁନିକ ସମାଜ ଜୀବନର ପ୍ରତିବିମ୍ବକୁ କେବଳ ଧରି ରଖିନାହିଁ ; ଅଧିକନ୍ତୁ ସମାଜ ଜୀବନକୁ ପ୍ରଗତିଶୀଳ କରିବାପାଇଁ ଆବଶ୍ୟକୀୟ ଦିଗ୍‌ଦର୍ଶନ ଦେଇଛି ।

ଆଧୁନିକ ଯୁଗ ପରେ ପରେ ବିଶଦ ଭାବରେ ଓଡ଼ିଆ ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ବିକାଶ ସାଧିତ ହୋଇଛି । ଦେଶର ରାଜନୈତିକ ଜୀବନରେ ସ୍ୱାଧୀନତା ସଂଗ୍ରାମର ଉଦାତ୍ତ ସ୍ୱର ଏବଂ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଆଦି ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ହୋଇଛି ସତ୍ୟବାଦୀ ଯୁଗ । ଜାତୀୟତାର ମହାମନ୍ତ୍ରରେ ସାହିତ୍ୟ ଅଭିମନ୍ତ୍ରିତ ହୋଇଛି । ଦେଶପ୍ରୀତି ସାହିତ୍ୟର ମୂଳାଧାର ହୋଇଛି । ପ୍ରାଚୀନ ଓଡ଼ିଶାର କିମ୍ବଦନ୍ତୀ, ଗୌରବୋଜ୍ଜ୍ୱଳ ଇତିହାସ, ଗାଥା କାହାଣୀ ଆଦି ସମସାମୟିକ ପରିବେଶ ଭିତରେ ନୂତନ ଆଙ୍ଗିକ ମାଧ୍ୟମରେ ପ୍ରକାଶିତ ହୋଇଛି । ପରେପରେ ସବୁଜ ଗୋଷ୍ଠୀର ଉଦ୍ୟମରେ ଯେତେବେଳେ ଓଡ଼ିଆ ସାହିତ୍ୟରେ ବିଜାତୀୟ ସାହିତ୍ୟ ଆତ୍ମାର ପ୍ରତିଧ୍ୱନି ଶୁଭିଛି, ସେତେବେଳେ ଜଣେ ଖାଣ୍ଟି ଓଡ଼ିଆଭାବେ, ଓଡ଼ିଶାର ଧର୍ମ, ସଂସ୍କୃତି, ମାଟି ପାଣି ପବନ, ଆଲୁଅକୁ ପ୍ରାଣ ଭରି ଭଲପାଇ ଲେଖନୀ ଚାଳନା କରିଛନ୍ତି ସବୁଜ ସମସାମୟିକ ଏକକ କବି ଡଃ ମାୟାଧର ମାନସିଂହ (ଖ୍ରୀ.୧୯୦୫—୧୯୭୩) । ତାଙ୍କ ଲେଖନୀର ଅମୃତମୟ ସ୍ପର୍ଶରେ ଓଡ଼ିଆ ସାରସ୍ୱତ ଜଗତର ମୂର୍ଚ୍ଛିତ ଆତ୍ମା ସଜୀବ ହୋଇଉଠିଛି । ଚଳଚଞ୍ଚଳ ହୋଇଉଠିଛି ଜୀବନ ଓ ଜଗତ । ଜାତିପ୍ରୀତି, ପଲ୍ଲୀପ୍ରୀତି ସର୍ବୋପରି ଜନ୍ମମାଟିର ବହୁ ଅବହେଳିତ ଜୀବନଗାଥା ଜୀବନ୍ତ ଭାବେ ଅଭିବ୍ୟକ୍ତି ଲାଭ କରିଛି ତାଙ୍କ କାବ୍ୟ କବିତାରେ । ସେ କେବଳ ପ୍ରେମ ଓ ପ୍ରଣୟର କବି ନୁହନ୍ତି; ଜୀବନର ଚିରନ୍ତନ ସତ୍ୟ ଓ ସମାଜ ଜୀବନର ଅସଂଖ୍ୟ ଭାବାନୁଭୂତିକୁ ଅକପଟ ଭାବେ ନିଜସ୍ୱ ସୃଷ୍ଟିରେ ରୂପାୟିତ କରିଛନ୍ତି ।

Digitized by srujanika@gmail.com

ମାନସିଂହ ଯେଉଁ ସମୟର କବି ସେ ସମୟରେ ସମଗ୍ର ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନ ତୀବ୍ରରୂପ ଧାରଣ କରିଛି । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଆଦି ଜାତୀୟ ଜୀବନର ମୂଳମନ୍ତ୍ର ହୋଇଛି । ସତ୍ୟ ଓ ଅହିଂସାକୁ ପାଥେୟ କରି ଇଂରେଜମାନଙ୍କୁ ଦେଶରୁ ତଡ଼ି, ଗାନ୍ଧିଜୀଙ୍କର ରାମରାଜ୍ୟ ପ୍ରତିଷ୍ଠାକରିବାର ଯେଉଁ ସ୍ୱପ୍ନ, ସେଥିରେ ଉଦ୍‌ବୁଦ୍ଧ ହୋଇଛନ୍ତି ସମଗ୍ର ଦେଶବାସୀ । ଗାନ୍ଧିଜୀଙ୍କ ଆହ୍ୱାନରେ ଦେଶର କୋଣାନୁକୋଣରେ ଆବାଳବୃଦ୍ଧବନିତାଙ୍କ ହୃଦୟରେ ଦେଶପ୍ରେମର ଫଲ୍‌ଗୁ ପ୍ରବାହିତ ହୋଇଛି । 'ଭାରତମାତାକୀ ଜୟ' , 'ମହାତ୍ମା ଗାନ୍ଧୀକୀ ଜୟ' ଧ୍ୱନିରେ ଆକୁମାରୀ ହିମାଚଳର ଗଗନ ପବନ ପ୍ରକମ୍ପିତ ହୋଇଛି । ସମାଜ ଜୀବନର ଏହି ଭାବରୂପ ପ୍ରକଟିତ ହୋଇଛି କବି ମାୟାଧର ମାନସିଂହଙ୍କ ଅସଂଖ୍ୟ କାବ୍ୟକବିତାରେ ।

୧୯୩୦-୩୧ ମସିହାରେ ଲବଣ ସତ୍ୟାଗ୍ରହକୁ କେନ୍ଦ୍ର କରି 'ଭାରତ ଗୀତି' ଆତ୍ମପ୍ରକାଶ କରିଛି । ପରାଧୀନ ଭାରତର ଦୁଃଖ ଦୂରକରିବା ଉଦ୍ଦେଶ୍ୟରେ କବିଙ୍କ 'ଚାଲରେ ଚାଲ' କବିତାର ସୃଷ୍ଟି । ମହାଭାରତୀୟ ଚେତନାରେ ଉଦ୍‌ବୁଦ୍ଧ କାବ୍ୟପୁରୁଷ ଗାଇଛି—

''ଆମେ ମନୁଷ୍ୟ ରାଜା ଧରାର
ଧରଣୀ ଆମର ଭୋଗ ଆଗାର
ଦୈନ୍ୟ ଦୁଃଖ କରି ଚୂର୍ମାର
ଆଗେଇ ଚାଲ, ଆଗେଇ ଚାଲ....।
ସନ୍ତାନ ଆମେ ଏକା ମାଆର
ରଖିବା ମହତ ସଭିଏଁ ତାର
ଯଜ୍ଞେ ଢାଳିବା ସ୍ୱାର୍ଥ ଧାର
ଚାଲରେ ଚାଲ, ଆଗେଇ ଚାଲ....।'' (ଚାଲରେ ଚାଲ)

ଏକ ଲକ୍ଷ୍ୟ ନେଇ ଆଗେଇ ଚାଲିଛି ଭାରତୀୟ ଜନତା । ଦେଶପ୍ରୀତିରେ ଉବୁଟୁବୁ ପ୍ରାଣ । ମୁଖରୁ ନିଃସୃତ ହେଉଛି 'ଭାରତା ମାତା କୀ ଜୟ', ମହାତ୍ମାଗାନ୍ଧୀ କୀ ଜୟ '। କାକଟପୁରର କିଶୋର ନିରଞ୍ଜନ ସ୍ୱାଇଁ ଫୁଟବଲ ଖେଳକଥା ଭାବି ଭାବି ସ୍କୁଲକୁ ଗଲାବେଳେ ତା କାନରେ ବାଜିଛି ସେହି ଜୟଜୟକାର ଶବ୍ଦ । ନିରଞ୍ଜନ ତରତର ହୋଇ ଧାଇଁଯାଇଛି କଚେରୀ ହତାକୁ ସେହି ଭିଡ଼ ପାଖକୁ । ଦେଖିଛି, ଗୋପବନ୍ଧୁ ଦାସଙ୍କୁ ହାତକଡ଼ି ପକେଇ ଅଣ୍ଟାରେ ଦଉଡ଼ି ବାନ୍ଧି ବିଦେଶୀ ଆଶ୍ରିତ ଭାରତୀୟ କଟୁଆଳମାନେ ଟାଣିଟାଣି ନେଇଯାଉଛନ୍ତି । ମଳିନ ଦିଶୁଛି ତାଙ୍କ ରୂପ, ତଳକୁ ମୁଣ୍ଡପୋତି ଚାଲିଯାଉଛନ୍ତି ସେ । ମଶାମାଛି ଘଉଡ଼ାଇଲା ପରି ପୋଲିସ୍ ହୁଁକାର ଦେଇ ଘଉଡ଼ାଇ ଲାଗିଛି ମଣିଷଙ୍କୁ । ହେଲେ ତାଙ୍କର ପ୍ରିୟ ନେତାଙ୍କୁ ପ୍ରତାପୀ ରାଜାଙ୍କଠାରୁ ରକ୍ଷାକରିବା ପାଇଁ ଉନ୍ମତ୍ତ ଜନତା ଗୋପବନ୍ଧୁଙ୍କ ପଛେ ପଛେ ଧାଇଁଛି । ମାତ୍ର ଅହିଂସା ମନ୍ତ୍ରରେ ଦୀକ୍ଷିତ ଏହି ଜନତାଙ୍କ ହାତଗୋଡ଼ ବନ୍ଧା, ମୁହଁରେ କେବଳ ଗୋଟିଏ ମନ୍ତ୍ର—''ଭାରତ ମାତା କୀ ଜୟ', ମହାତ୍ମା ଗାନ୍ଧୀ କୀ ଜୟ '' । ବିସ୍ଫାରିତ ନେତ୍ରରେ ଚାହିଁଛି ନିରଞ୍ଜନ । ତୁଣ୍ଡରେ ଭାଷା ନାହିଁ । କର୍ତ୍ତବ୍ୟ

Digitized by srujanika@gmail.com

ଜଣାନାହିଁ । ସ୍କୁଲକୁ ଆଉ ଯାଇପାରିନି ସେ । ଫେରି ଆସିଛି । ଭୁଲିଯାଇଛି ପ୍ରିୟ ଫୁଟବଲ ଖେଳ । ସାଙ୍ଗସାଥୀ ମେଳ । ମନରେ ଖାଲି ଗୋଟିଏ ଚିନ୍ତା । 'କଂଗ୍ରେସରେ ମିଶିବ ସେ ଗାନ୍ଧି ପାଇଁ ବରିବ କଷଣ ।' ପିତାଙ୍କ ଅଭିଶାପ, ଜନନୀର କରୁଣ କ୍ରନ୍ଦନ, ପ୍ରତିବେଶୀଙ୍କ ଛି-ଛାକର ସବୁକୁ ବେଖାତିର କରି ଦୁର୍ଦ୍ଧାନ୍ତ ଖେଳାଳି ନିରଞ୍ଜନ ସ୍ୱାଇଁ ହେଲା ଶାନ୍ତ, ଦୃଢ଼ବ୍ରତ, ଅହିଂସ ସୈନିକ/ ଖାଲି ଗାନ୍ଧି / ଖାଲି ଗାନ୍ଧି ପାଇଁ ।

ସ୍ୱାଧୀନତାପୂର୍ବ ସମାଜର କି ନିଖୁଣ ଆଉ ବାସ୍ତବ ବର୍ଣ୍ଣନା ସତେ ! ଏଭଳି ଚମତ୍କାର ବର୍ଣ୍ଣନା କେବଳ ସ୍ୱାଧୀନଚେତା ଶିଳ୍ପୀ ପକ୍ଷେ ହିଁ ସମ୍ଭବ ।

କୌଣସି ବିପଦକୁ ଖାତିର କରିନାହିଁ ନିରଞ୍ଜନ ସ୍ୱାଇଁ । ସାମୟିକ ଦୁଃଖ କଷ୍ଟକୁ ବେଖାତିର କରି ସେ ଏକ ସୁନ୍ଦର ଭବିଷ୍ୟତର ସ୍ୱପ୍ନ ଦେଖିଛି । ଦେଶ ସ୍ୱାଧୀନ ହେବ । ଆଉ ଶୋଷଣ ନଥିବ, କଷଣ ନଥିବ । ସତ୍ୟ, ନ୍ୟାୟ, ଧର୍ମ ଉପରେ ଗଢ଼ି ଉଠିବ ତାର ନୂତନ ସମାଜ । ରାମରାଜ୍ୟ ପ୍ରତିଷ୍ଠା ହେବ ।

ଦେଶପ୍ରୀତିରେ ଜୁଡୁବୁଡୁ ମଣିଷ । ଦୁଃଖ ବୁଝେ, ସୁଖ ବି ବୁଝେ । ଦୁଃଖ ପାଇଁ ନୈରାଶ୍ୟରେ ଭାଙ୍ଗିପଡ଼େ ନାହିଁ । ମନରେ ଭରସା ରଖେ, ସାହସ ବାନ୍ଧେ । ଆଗାମୀ ବଂଶଧର ପାଇଁ ସୁଖସ୍ୱପ୍ନ ଦେଖେ । ତା ଦୃଷ୍ଟିରେ —ଚାଷୀଟିଏ ବାଡ଼ି ତୋଟାରେ ଗଛ ଲଗାଏ, କିଛିଦିନ ପରେ ସେଥିରେ ଫଳ ଫଳେ । ସେ ଫଳକୁ ସେ ଖାଏ ବା ନ ଖାଏ ତାର ପୁଅନାତି ଆଦି ଉତ୍ତରପୁରୁଷଗଣ ନିଶ୍ଚୟ ଖାଆନ୍ତି । ସେହିପରି ଏ ଧରାର କୋଟିକୋଟି କଣ୍ଟକମୟ ହୃଦୟକୁ ଚାଷକରି ଚିନ୍ତା ଆଉ ସତ୍ୟର ଯେଉଁ ବୀଜ ବୁଣାହୁଏ ତାହା ସମୟ ଦେଖି ଫଳ ଉପୁଜାଏ । ସେଥିପାଇଁ ଧୈର୍ଯ୍ୟର ଆବଶ୍ୟକତା ଅପରିହାର୍ଯ୍ୟ । ଏହି ଆଦର୍ଶରେ ଅନୁପ୍ରାଣିତ କାବ୍ୟପୁରୁଷ ଗାଇଉଠେ—

''ଧୈର୍ଯ୍ୟଧର ନିରଞ୍ଜନ, କାଟିବାକୁ ନୁହଁ ତରତର
ଧର୍ମ ରାଜ୍ୟ-ସ୍ୱର୍ଣ୍ଣ-ଶସ୍ୟ କାଳ ଜାଣି ପାଚିବ ଫସଲ
ଆମେ ନ ଭୋଗିଲେ ମଧ ଭୋଗିବେ ସେ ଆମ ବଂଶଧର ।'' (ସ୍ୱରାଜ୍ୟାଶ୍ରମ-୨)

ଦେଶ ସ୍ୱାଧୀନ ହୁଏ, ତ୍ରିରଙ୍ଗ ପତାକା ଉଡ଼େ । ହେଲେ ନିରଞ୍ଜନ ସ୍ୱାଇଁର ସ୍ୱପ୍ନ ସ୍ୱପ୍ନରେ ରହିଯାଏ । ବାସ୍ତବତାର ଶିଳାରେ ଧକ୍କା ଖାଇ ଚୂରମାର ହୋଇଯାଏ ତାର ସବୁ ଆଶା ଭରସା । ସେ ଦେଖେ ସବୁ ଖାଲି ବୃଥା ଆସ୍ଫାଳନ । ନୈରାଶ୍ୟରେ ଭାଙ୍ଗିପଡ଼େ ମନ । ମଳିନ ଖଦଡ଼ ବାସ । କର୍ଦ୍ଦମାକ୍ତ ଦୁଇପାଦକୁ ଘୋଷାରି ଘୋଷାରି ସେ ଆସି ଗାନ୍ଧି ଆଶ୍ରମରେ ପହଞ୍ଚେ । ଆଶା ଆଶ୍ୱାସନା ନ ପାଇ ଫାଟକର ପାହାଚ୍‌ରେ ବସି ଚିନ୍ତାଗ୍ରସ୍ତ ଗାନ୍ଧୀବାଦୀ କିନାରା ଖୋଜେ ସ୍ୱାଇଁ । ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଗାନ୍ଧୀବାଦୀ ନେତା ନିରଞ୍ଜନ ସ୍ୱାଇଁ କୂଳ କିନାରା ପାଏ ? ପ୍ରବଞ୍ଚନା, ଅଭିଜାତ ଗୋଷ୍ଠୀର ପ୍ରତାରଣା, ପୁରାତନ ସାମନ୍ତବାଦର ବିଲୟ, ଚାକିରିଆ ଗୋଷ୍ଠୀର ଅଭ୍ୟୁଦୟ, ସର୍ବବ୍ୟାପୀ ଦୁର୍ନୀତିର କାୟାବିସ୍ତାର, ଅସହାୟତା ଓ ନିଃସଙ୍ଗତା ଭିତରେ ସତ୍ତା ହରାଏ ନିରଞ୍ଜନ ସ୍ୱାଇଁ । ତାର ସ୍ୱପ୍ନ ଭଙ୍ଗ

Digitized by srujanika@gmail.com

ଘଟେ । କେବଳ ନିରଞ୍ଜନ ସ୍ୱାଇଁ ନୁହେଁ, କୃଷକ, ଶ୍ରମିକ, କିରାଣି, ମାଷ୍ଟର, କାହାରି ସ୍ୱପ୍ନ ସତ୍ୟ ହୁଏ ନାହିଁ । ଅଭାବ, ଅନଟନ, ଦାରିଦ୍ର୍ୟ ଓ ଶୋଷଣର ଶିକାର ସଭିଏଁ । ଅନ୍ଧାରି ନଈ ସୁଅର ଧାରରେ ଏମାନଙ୍କର ସ୍ଥିତି । ଅବେଳରେ ଭାସିଯିବା ହିଁ ଏମାନଙ୍କର ନିୟତ । ସମାଜ ଜୀବନର ଏହି ବାସ୍ତବ ରୂପ ସ୍ରଷ୍ଟା ମାନସିଂହଙ୍କ ଲେଖନୀରେ ଜୀବନ୍ତ ଭାବେ ଫୁଟି ଉଠିଛି ।

ଖରା, ବର୍ଷା, ଶୀତ କାକରକୁ ଖାତିର ନ କରି କୃଷକ ମାଟି ସହିତ ମିଶି ମାଟି ହୁଏ । ଲହୁକୁ ପାଣି ଫଟାଇ ଜମିରେ ଖଟେ । ତାର ମିହନ୍ତରେ ଯେଉଁ ଶସ୍ୟ ଉତ୍ପନ୍ନ ହୁଏ; ତାକୁ ଲୁଣ୍ଠନ କରେ ଜମିଦାର ବା ରାଜା । କେବଳ ଶସ୍ୟ ନିଏ ନାହିଁ, ଦରିଦ୍ର କୃଷକକୁ ମଧ ଘରୁ ତଡ଼ି ବେଘର କରିଦିଏ । ଗୋଡ଼ତଳେ ପଡ଼ି ଯେତେ କାକୁତି ମିନତି ହେଲେ ମଧ ସେ ଖଜଣା ପାଉଣା ପଇସାଏ ଛାଡ଼େ ନାହିଁ । 'ମାଟିର ସତୀତ୍ୱ' କବିତାରେ ରାଜାର ଶୋଷଣ ଓ ଦରିଦ୍ର କୃଷକ ଜୀବନର ଚିତ୍ର ମର୍ମସ୍ପର୍ଶୀ ଭାଷାରେ ଉତ୍କୀର୍ଣ୍ଣ । ସମାଜର ଅବହେଳିତ ଅଧଃପତିତ ଶ୍ରେଣୀ ଯଥା— ରିକ୍ସାବାଲା, ମଜଦୁର, ବଢ଼େଇ, କଳାସେବକ, କିରାଣି, ସ୍କୁଲମାଷ୍ଟର ପ୍ରଭୃତିଙ୍କ ଦୈନନ୍ଦିନ ଜୀବନର ଚିତ୍ର କବି ମାନସିଂହଙ୍କ କାବ୍ୟ କବିତାରେ ବାସ୍ତବ ରୂପ ଗ୍ରହଣ କରିଛି । ସମାଜର ଅର୍ଥନୈତିକ ଚକତଳେ ନିଷ୍ପେଷିତ ହୋଇ ଏମାନଙ୍କ ଜୀବନରେ ଯଥାଯଥ ବିକାଶ ସାଧିତ ହୋଇପାରି ନାହିଁ, ରିକ୍ସାବାଲା ବା ମଜଦୁର ଦିନରାତି ପରିଶ୍ରମ କରି ମଧ ପେଟ ଭରି ଦୁଇ ଓଳି ଖାଇବାକୁ ବା ପିନ୍ଧିବାକୁ ପାଏ ନାହିଁ । ଭଙ୍ଗାକୁଡ଼ିଆ ଘରେ ପିଲାଛୁଆ ତାର ଓପାସ ଭୋକରେ ସଢ଼ନ୍ତି । ଶିକ୍ଷା ଓ ସଭ୍ୟତାଠାରୁ ଦୂରରେ ରହି ଏମାନଙ୍କ ଜୀବନ ଦୁର୍ବିସହ ହୋଇଉଠେ । ସ୍ୱଳ୍ପ ବେତନଭୋଗୀ କିରାଣି ବା ସ୍କୁଲ ମାଷ୍ଟର ମଧ ସେହି ଅବସ୍ଥା । ଖଟିଖଟି ଅଣ୍ଟା ପିଠି ବସି ଯାଏ । ହେଲେ ନିଜ ପରିଶ୍ରମ ଅନୁସାରେ ଏମାନେ ବେତନ ପାଆନ୍ତି ନାହିଁ । ଢୋକେ ପିଇ ଦଣ୍ଡେ ଜୀଇବା ପରି ଏମାନଙ୍କର ନିଅଣ୍ଟିଆ ଜୀବନ । ଦାରିଦ୍ର୍ୟର କଷାଘାତରେ ଏମାନେ ପଙ୍ଗୁ ।

ତଳିଆ ଜୀବନର ବିଳାପ ଚିତ୍ରଣରେ ଲୁହ ଆଉ କୋହର କବି ମାନସିଂହଙ୍କ ଲେଖନୀ କ୍ଷିପ୍ରତର ଥିଲାବେଳେ ହୃଦୟ ଆର୍ଦ୍ର ହୋଇଉଠିଛି । ସେମାନଙ୍କ ବ୍ୟଥା ବେଦନା କବି ପ୍ରାଣକୁ ସଞ୍ଚରି ଯାଇଛି । ଅଗଣିତ ଶୋକାପ୍ଳୁତ ଜନତା ମଧ୍ୟରୁ କବି ଜଣେ ହୋଇ ଯାଇଛନ୍ତି । ସମଷ୍ଟିର ବେଦନା ହିଁ ହୋଇଉଠିଛି ତାଙ୍କ ନିଜସ୍ୱ ବେଦନା । ସହାନୁଭୂତିରେ ଭରି ଉଠିଛି ବୁକୁ । କବି ଲକ୍ଷ୍ୟ କରିଛି ସମାଜ ଜୀବନ ଆଜି କଳୁଷିତ । ମଣିଷ ମନରେ ପଙ୍କିଳ କ୍ଷୁଦ୍ର କାମନା ଓ ପ୍ରଲୋଭନ । ସୃଷ୍ଟିର ମହତ୍ତ୍ୱ କଳଙ୍କିତ । ଚତୁର୍ଦ୍ଦିଗରେ ଶୋଷଣ, କଷଣ, ଅନ୍ୟାୟ, ଅତ୍ୟାଚାରର ଲୀଳା । ଜଗତ ଓ ଜୀବନ ଆଜି ସୌନ୍ଦର୍ଯ୍ୟହୀନ, ସାମାଜିକ ବିଶୃଙ୍ଖଳାରେ ଭୀତ, ସଂତ୍ରସ୍ତ । କାବ୍ୟ ପରୁଷ କ୍ଷୋଭରେ ପ୍ରକାଶ କରୁଛି—

''ଅଯୋଗ୍ୟ ମସ୍ତକେ ମଣି
ଯୋଗ୍ୟତାର ନାହିଁ ପୁରସ୍କାର
ପାପର ପରମ ଜୟ
ସାଧୁ ଲଭେ ତିକ୍ତ ଅପମାନ ''

Digitized by srujanika@gmail.com

ଏହି ବ୍ୟାଧିଗ୍ରସ୍ତ ବିଶୃଙ୍ଖଳ ସୃଷ୍ଟିର ନଷ୍ଟଚିତ୍ରରେ କବି ଆତ୍ମା ବ୍ୟଥିତ, ମର୍ମାହତ । ତାଙ୍କ କଣ୍ଠରେ ବିଦ୍ରୋହର ବାଣୀ । ପତିତ ପ୍ରାଣରେ ସେ ବିପ୍ଳବର ବୀଜ ବପନ କରିଛନ୍ତି । ସେମାନଙ୍କ କର୍ଣ୍ଣରେ ନବଜାଗୃତିର ମହାମନ୍ତ୍ର ଫୁଙ୍କିଛନ୍ତି । ସମସ୍ତଙ୍କୁ ଏକଜୁଟ ହେବାପାଇଁ ଆହ୍ୱାନ ଦେଇ ସେ ଗାଇଛନ୍ତି—

"ପିଟିଲେ ମଥା ଦେଲେ ବି ଖୁନ୍
କେହିରେ ଭାଇ ଶୁଣିବେ ନାହିଁ
ଅର୍ଥପଦ ସ୍ୱାର୍ଥ ନରେ
ପଥର କରେ ଜାଗିଆ ଭାଇ ।
ତମେରେ ଭାଇ ଏକାଠି ହୁଅ
ଏକାଠି ହୁଅ ମଣିଷ ପରି
ଏକତ୍ରିତ କରରେ ଦାବୀ
ବଞ୍ଚିବ ସଭ୍ୟ ମଣିଷ ଭଳି ।

X X X X X X

ସମସ୍ତରେ ଲାଗିବା ଆସ
ଏପରି ଗୋଟେ ସମାଜ ପାଇଁ
ସକଳେ ଯହିଁ ସେବକ ଖାଲି
ହାକିମ ନାହିଁ ସକଳେ ଭାଇ ।" (କବି କହେ)

ଦଳିତ ନିଷ୍ପେଷିତ ଜନତା ପାଇଁ କବିପ୍ରାଣ ସମ୍ବେଦନଶୀଳ । ସେଥିପାଇଁ ବିଦ୍ରୋହ ମୁଖର ହୋଇଉଠିଛି ଆତ୍ମା । ମାନବିକତାସିକ୍ତ ହୋଇଉଠିଛି ହୃଦୟ । ତତ୍କାଳୀନ ସମାଜରେ ମୁଣ୍ଡ ଟେକିଥିବା ସାମ୍ୟବାଦୀ ଚିନ୍ତାଧାରକୁ କବି ଏହିପରି ତାଙ୍କର କେତୋଟି କବିତାରେ ପ୍ରକଟିତ କରିଛନ୍ତି ।

ସାଧାରଣ ମଣିଷ ଯାହା ଦେଖି ମଧ ଦେଖିପାରେ ନାହିଁ, ଶୁଣି ମଧ ଶୁଣିପାରେ ନାହିଁ, ଅସାଧାରଣ ପ୍ରତିଭାର ଅଧିକାରୀ ଶିଳ୍ପୀଗୋଷ୍ଠୀ ହିଁ ସେହି ସ୍ୱରୂପକୁ ଉଦ୍‌ଘାଟନ କରିପାରନ୍ତି । ଓଡ଼ିଶାର ପାରିବାରିକ ଜୀବନର ଗ୍ରନ୍ଥି ଖୁବ୍ ସୁଦୃଢ଼ । କର୍ତ୍ତବ୍ୟପରାୟଣ ଓ ଧର୍ମଭାବନା ଉପରେ ଏହା ପ୍ରତିଷ୍ଠିତ । ବାପମାଆ, ଭାଇଭଉଣୀ, ସ୍ୱାମୀସ୍ତ୍ରୀ ସଭିଏଁ ଗୋଟିଏ ବୃନ୍ତରେ ଗୋଛାଏ ଫୁଲ । ସ୍ନେହ, ମମତା ,ପ୍ରେମ, ଭକ୍ତି ଓ କର୍ତ୍ତବ୍ୟପରାୟଣତାର ରଜ୍ଜୁରେ ଏମାନେ ଆବଦ୍ଧ । ଦୁର୍ଭିକ୍ଷର କରାଳ କବଳରେ ପଡ଼ି ଜୀର୍ଣ୍ଣଶୀର୍ଣ୍ଣ, ଅସ୍ଥିକଙ୍କାଳସାର, ଯଷ୍ଟିହସ୍ତ ସନାତନ ସ୍ୱକର୍ତ୍ତବ୍ୟ ଓ ଧର୍ମକୁ ଭୁଲିଯାଇ ନାହିଁ । ଗ୍ରାମେ ଗ୍ରାମେ ଘରେ ଘରେ ବୁଲି ବାପ, ମାଆ ଓ ଭଉଣୀ ପାଇଁ ଭିକ୍ଷାତଣ୍ଡୁଳ ସଂଗ୍ରହ କରିଛି । ଆତ୍ମୀୟ ସ୍ୱଜନଙ୍କ ମୁହଁରେ ଆହାର ନ ଦେଇ ସେ ଅନ୍ନଜଳ ସ୍ପର୍ଶ କରି ନାହିଁ । କ୍ଷୁଧାର ଜ୍ୱାଳାରେ ଖାଇବାକୁ ଇଛାକଲେ ମଧ ସେ କିଛି ଖାଇପାରେ ନାହିଁ । ବାପ,ମାଆ ଓ ଭଉଣୀର ଭୋକିଲା ମୁହଁ ତା ଆଖି ସାମ୍ନାରେ

Digitized by srujanika@gmail.com

ଭାସିଉଠେ । ଭାତ ଗୁଣ୍ଡା ତା ହାତରୁ ଖସିପଡ଼େ । ଭିକାରୀ ସଙ୍ଗୀଟିର ଶତ ଅନୁରୋଧ ସତ୍ତ୍ୱେ ସନାତନ କିଛି ବି ଖାଇନି, ବରଂ କହିଛି - 'ନ ଖାଇବା ଯାଏ ନନା ବୋଉ ଭଉଣୀଟି, ନ ଛୁଇଁବି ପାଣି- ଏମୋର ପ୍ରତିଜ୍ଞା ।' କର୍ତ୍ତବ୍ୟପରାୟଣତାର କି ସୁନ୍ଦର ପରିପ୍ରକାଶ । ପୁନଶ୍ଚ ଦେଉଳର ପୂଜାରୀ ଠାକୁରଙ୍କ ପ୍ରସାଦ ଦେଲାବେଳେ ସେ ପ୍ରକାଶ କରିଛି—

ଘରେ ମୋର ପାଞ୍ଚପ୍ରାଣୀ ନନା ମା, ଭଗିନୀ
ମୁଠିଏ ଚାଉଳ ନେଲେ ପାଣି ପେଜ କରି
ସମସ୍ତେ ପାଇବେ ହେଲେ ମୁନ୍ଦିଏ ମୁନ୍ଦିଏ ।
ସେମାନେ ଉପାସେ ଥାଉଁ ଖାଏଁ ମୁଁ କିପରି ? (ଦୁର୍ଭିକ୍ଷ)

ସାତଦିନ ଉପବାସୀ ସନାତନ ବୈଶାଖର ଦ୍ୱିପ୍ରହରରେ ନ ଖାଇ ନ ପିଇ ବାଟରେ ପଡ଼ି ଛଟପଟ ହୋଇ ପ୍ରାଣତ୍ୟାଗ କରିଛି ପଛେ, ଓଡ଼ିଆ ପୁଅର ଧର୍ମ ଓ କର୍ତ୍ତବ୍ୟକୁ କଦାପି ଭୁଲିନାହିଁ ଏହି ଶ୍ରବଣ କୁମାରଟିକୁ ଓଡ଼ିଆ ସମାଜରୁ ଆବିଷ୍କାର କରି କବି ମାନସିଂହ କଳାକୁଶଳତାର ସହ ପରିବେଷଣ କରିଛନ୍ତି ।

ସେହିପରି 'କଣ୍ଟକାଚ' ଓ 'ଭଗିନୀ'କବିତାରେ ଭାଇ ଭଉଣୀର ନିବିଡ଼ ସମ୍ପର୍କ ସୂଚିତ । 'କଣ୍ଟକାଚ' କବିତାରେ ଭାଇ ଭଉଣୀକୁ ଚାରିପଟ ସୁନାକାଚ ଦେଇପାରି ନ ଥିବା ହେତୁ ପରବର୍ତ୍ତୀ ସମୟରେ ଦୁଃଖରେ ଭାଇର ହୃଦୟ ଫାଟି ପଡ଼ିଛି । 'ଭଗିନୀ' କବିତାରେ ଭଉଣୀ ଜୀବନରେ କରୁଣ ଗୀତି ଭାଇ ହୃଦୟରେ ଶେଳବିଦ୍ଧ କରିଛି । ଭାଇଟି ସମ୍ମୁଖରେ ଭଉଣୀର ନିତିଦିନିଆ ଜୀବନର ଦୁଃଖ ପ୍ରତିଭାତ ହୋଇଛି । ଶାଶୁ ଘରେ ଜୀବନ ଯନ୍ତ୍ରଣାରେ ଉବୁଟୁବୁ ହେଲାବେଳେ ଭାଇକି ଥରେ ଦେଖିବା ପାଇଁ ଭଉଣୀ ମନରେ କେତେ ଆଶା ବାନ୍ଧି ଚିଠି ଲେଖି ଭାଇର ବାଟକୁ ଅନାଇ ବସିଛି । ସମାଜରେ ଥିବା ଭାଇ ଭଉଣୀର ଏହି ଚିରନ୍ତନ ସମ୍ପର୍କକୁ ଆତ୍ମୀୟତାର ସହିତ କବି ମାନସିଂହ ପରିବେଷଣ କରିଛନ୍ତି ।

ସେହିପରି ଛୁଆପିଲାଙ୍କ ମୁହଁରେ ଆହାର ଦେବାପାଇଁ ଆର୍ଥିକ ଅନଟନର ଶରବ୍ୟ ହୋଇ ପୁଅ ରାମୀ ରେଙ୍ଗୁନ୍ ଯାଇଛି କେତେ ଆଶାରେ ମାଆ ତାର ଚିଠିକୁ ଅନେଇ ବସିଛି । ପୁଅର ଲେଉଟାଣି ପଥକୁ ଚାହିଁ ତା ଆଖିରୁ ଲୋତକର ବନ୍ୟା ଛୁଟିଛି । ପୁଣି ଦରିଆପାରି ହୋଇ ଜୀବିକା ଅର୍ଜନ ଉଦ୍ଦେଶ୍ୟରେ ବିଦେଶ ଯାଇଥିବା ମାଆ ଛେଉଣ୍ଡ ଗୋକୁଳି ପାଇଁ ମାଠାରୁ ବଳି ତାର ଖୁଡ଼ି କେତେ ଦିଅଁ ଦେବତାଙ୍କୁ ପୂଜାଅର୍ଚ୍ଚନା କରିଛି ।

'ଜେମା' କାବ୍ୟରେ ଦଳେଇଆଣୀ ଶହଶହ ନିରକ୍ଷରା ଧର୍ମପ୍ରାଣର ଜନନୀ ପ୍ରତିନିଧିତ୍ୱ କରିଛି । ଜେମାର ଭବିଷ୍ୟତ କଥା ଚିନ୍ତାକରୁଥିବା ସମୟରେ ଦଳେଇଆଣୀଙ୍କର ଦକ୍ଷିଣ ନେତ୍ର ପ୍ରକମ୍ପିତ ହେବାରୁ ଏହାକୁ ଅଶୁଭ ଭାବି ସେ ଚିତ୍କାର କରି ଠାକୁରାଣୀଙ୍କୁ ସ୍ମରଣ କରିଛନ୍ତି ।

ଓଡ଼ିଆ ଜନନୀର ନିଷ୍କପଟ ବାତ୍ସଲ୍ୟ ପ୍ରେମ ତଥା ସରଳ ବିଶ୍ୱାସ ସହ ତତ୍କାଳୀନ ସମାଜର ଚିତ୍ର ଅତି ବିଶ୍ୱସ୍ତତା ସହିତ କବିଙ୍କ ଲେଖନୀରେ ଆତ୍ମପ୍ରକାଶ କରିଛି ।

Digitized by srujanika@gmail.com

ପାରିବାରିକ ଜୀବନର ଚିତ୍ରକୁ ଦର୍ଶାଇବାକୁ ଯାଇ କବି ସୁଖ ସହିତ ଦୁଃଖକୁ ମଧ୍ୟ ନିରୀକ୍ଷଣ କରିଛନ୍ତି । ସେ ସାଧାରଣ ଦମ୍ପତିର ମନସ୍ତତ୍ତ୍ୱର ଚିତ୍ର ଅଙ୍କନ କରିଛନ୍ତି 'ଅଶ୍ରୁ ମୁକ୍ତା' କବିତାରେ । ଦାମ୍ପତ୍ୟକଳହ ସମାଜର ଏକ ସାଧାରଣ ଘଟଣା । ମାତ୍ର ସ୍ୱାମୀସ୍ତ୍ରୀର ପରସ୍ପରଠାରୁ ଦୂରରେ ରହିଲେ ସେହି କଳହ ମଧୁର ସ୍ମୃତି ହୋଇ ସୁଖର ସନ୍ଧାନ ଦିଏ । ଆଖିରୁ ବିଚ୍ଛେଦ ଜନିତ ଅଶ୍ରୁଧାର ଛୁଟେ । ପରସ୍ପର ସହିତ ମିଳିତ ହେବାପାଇଁ ମନପକ୍ଷୀ ଡେଣା ଫଡ଼ଫଡ଼ କରେ । କବିଙ୍କ ଦୃଷ୍ଟିରେ—

"ଥିଲେ ପାଶେ ହୁଏ ତିକ୍ତ କହଳ ଜୀବନ
ପରସ୍ପରେ ଅଭିଯୋଗି 'ନିଷ୍ଠୁର, ନିର୍ମମ'
ସେହିହେଲେ ଛଡ଼ାଛଡ଼ି ବିଧୁର ଏମନ
ରୋଦେ ଅପହୃତ-କ୍ରୀଡ଼ନକ-ଶିଶୁ ସମ ।"

ଆତ୍ମା ସହିତ ଆତ୍ମାର ମିଳନ ହିଁ ପ୍ରେମ । ପ୍ରେମ ଶାଶ୍ୱତ, ଚିରନ୍ତନ,ପ୍ରେମ ପବିତ୍ର । ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ପ୍ରେମ ପ୍ରସାରିତ । ପ୍ରେମର ମନ୍ଦାକିନୀ ଏ ଧୂଳି ଧୂସରିତ ପୃଥିବୀକୁ ଅମରାବତୀ କରିପାରେ । ସମସ୍ତ ବାଧାବନ୍ଧନକୁ ଅତିକ୍ରମି ପ୍ରେମ ମିଳନ ଆଡ଼କୁ ପ୍ରଧାବିତ ହୁଏ । ନିଃସଙ୍ଗ ପ୍ରେମିକର ଅନ୍ତର ଭିତରେ ପ୍ରେମିକା ପାଇଁ ନିବିଡ଼ ଆକର୍ଷଣ ଜାଗ୍ରତ ହୁଏ । ସେଥିପାଇଁ ତାକୁ ଅପବାଦ ସହିବାକୁ ହୁଏ । ଦୁଃଖ ଯନ୍ତ୍ରଣା ଭୋଗ କରିବାକୁ ପଡ଼େ । ତଥାପି ସେହି କଣ୍ଟକିତ ପଥରେ ପ୍ରେମିକା ସହିତ ମିଳିତ ହେବା ପାଇଁ ସେ ବଦ୍ଧପରିକର ହୁଏ । ଏହି ପୂତ ପବିତ୍ର ପ୍ରେମର ମଧୁର ମହନୀୟ ରୂପ ସମାଜରେ ଅପରାପତ ନୁହେଁ । ପ୍ରେମିକ କବି ମାୟାଧର ମାନସିଂହଙ୍କ ଲେଖନୀରେ ଏହି ପ୍ରେମର ମହନୀୟ ରୂପ ପ୍ରକଟିତ । ସମାଜରେ ପ୍ରେମିକ ପ୍ରେମିକା ଯେତେବେଳେ ଘୃଣାର ପାତ୍ର ହୁଅନ୍ତି,ପ୍ରେମ ପାପ ବୋଲି ଅଭିହିତ ହୁଏ, ସେତେବେଳେ କାବ୍ୟପୁରୁଷ ପ୍ରେମର ଜୟଗାନ କରି ବ୍ୟଥିତ ପ୍ରାଣରେ ଗାଇଉଠେ—

"ପ୍ରେମ ନୁହେଁ ଦେହ, ଦେହୁଁ ଭୋଗ ଅନ୍ୱେଷଣ
ପ୍ରେମ ଏକ ଆତ୍ମାପ୍ରତି ଅନ୍ୟର ବନ୍ଧନ
ପ୍ରେମପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ
ପ୍ରେମ ଆନପାଇଁ ଦେବା ନିଜକୁ ହଜାଇ ।"

ଭାରତୀୟ ନାରୀ ଭୋଗନୁହେଁ, ତ୍ୟାଗକୁ ଜୀବନର ଆଦର୍ଶ ବୋଲି ଗ୍ରହଣ କରିଥାଏ ଏବଂ ଏହି ତ୍ୟାଗରେ ହିଁ ତା ଜୀବନର ମହନୀୟତା ଫୁଟିଉଠେ । ପଲ୍ଲୀର ସରଳା କିଶୋରୀ ଭବିଷ୍ୟତରେ ସୁନେଲି ସ୍ୱପ୍ନ ଦେଖେ । ତାର ସବୁ ସ୍ୱପ୍ନ ଓ ସମ୍ଭାବନାକୁ ଧୂଳିସାତ୍ କରି ତାର ଗୁରୁଜନମାନେ ତାକୁ ବିବାହ ଦିଅନ୍ତି, କେତେବେଳେ ବୁଢ଼ାବର ସାଥିରେ ତ କେତେବେଳେ ଲମ୍ପଟ ପୁରୁଷ ସହିତ । ସ୍ୱାମୀକୁ ଜାଣିବା ପୂର୍ବରୁ ସେ ବୈଧବ୍ୟ ଯନ୍ତ୍ରଣା ଭୋଗକରେ ନଚେତ୍ ଲମ୍ପଟ ପୁରୁଷ ପଳାତକ ସାଜେ । ଯୁବତୀଟି ନିଷ୍ଠୁର ବାସ୍ତବତାର ଶିକାର ହୁଏ । ସହାନୁଭୂତିର ହାତ ବଢ଼େଇ ଅନେକ ପାଖେଇ ଆସନ୍ତି । ଯୁବତୀଟି ଦେଖେ ସେଠି ପ୍ରେମ ବ୍ୟତିରେକେ ଇନ୍ଦ୍ରିୟ ଭୋଗର ଲାଳସା ଅଧିକ ଥାଏ । ତେଣୁ ଜୀବନର

Digitized by srujanika@gmail.com

ତାରୁଣ୍ୟସୁଲଭ ସବୁ ଆକର୍ଷଣକୁ ସେ ତୁଚ୍ଛ ମଣେ । ନିଜର କର୍ତ୍ତବ୍ୟ ନିଜେ ଠିକ୍ କରିନିଏ । ନିଜ ସ୍ଥିତିରେ ଅଟଳ ରହି ଭୋଗ ପରିବର୍ତ୍ତେ ତ୍ୟାଗକୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନିଏ । ଛତରଖାଇ, ଗ୍ରାମବାଛନ୍ଦ କାଞ୍ଚନଅପାର ଅଭୁଲା ସ୍ମୃତିକୁ ଆଧାର କରି ରଚିତ 'ଜେମା' କାବ୍ୟ ବାସ୍ତବ ନାରୀ ଜୀବନର କରୁଣ କାହାଣୀ । କବିଙ୍କ ହୃଦୟରେ ଗଭୀର ଭାବେ ରେଖାପାତ କରିଥିବା ନାରୀ ସମାଜରେ ଏହି ଅଶ୍ରୁଳ ଗାଥା କାବ୍ୟରୂପ ନେଇ ଉତ୍କଳୀୟ ନାରୀ ସମାଜର ସ୍ଥିତି ଓ ଆଦର୍ଶକୁ ସୂଚିତ କରିଛି ।

ପଲ୍ଲୀ ଜୀବନର ନିଖୁଣ ଚିତ୍ର ଅଙ୍କନ କଲାବେଳେ ଗାଁ ମାଟି, ଗାଁ ତୋଟା, ଗାଁ ଝିଅ , ଗାଁ କୂଅ, ଗାଁର ପୋଖରୀ ତୁଠ, କବି ଦୃଷ୍ଟିରୁ ବାଦ ଯାଇନି । ଓଷା, ବ୍ରତ, ପର୍ବପର୍ବାଣି, ଦିଅଁ ଦର୍ଶନ, ବିବାହ, ଜାତକ ମେଳ,ଝିଅ କାନ୍ଦଣା ଆଦି ସାଂସ୍କୃତିକ ଜୀବନର ମାର୍ମିକ ଉପସ୍ଥାପନା ତାଙ୍କ ସୃଷ୍ଟି ସମ୍ପଦକୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛି ।

ଆଧ୍ୟାତ୍ମିକତା ସମାଜ ଜୀବନର ମୂଳମନ୍ତ୍ର । ଯେଉଁ ସମାଜରେ ଆଧ୍ୟାତ୍ମିକ ଚିନ୍ତାଧାରା ଯେତେ ବଳିଷ୍ଠ ସେହି ଜାତିର ସଭ୍ୟତା ଓ ସଂସ୍କୃତି ସେତେ ବିକଶିତ । ସଂସାରର କର୍ମଜଞ୍ଜାଳ ମଧ୍ୟରେ ବୁଡ଼ିରହି ମଣିଷ ଏହି ଆଧ୍ୟାତ୍ମିକ ଦିଗପ୍ରତି ଆଖି ବୁଜିଦିଏ । ଧୂଳିଧୂସରିତ ସଂସାରର ସଂକୀର୍ଣ୍ଣ ସ୍ୱାର୍ଥ, ଅସୂୟା, ଦ୍ୱନ୍ଦ୍ୱ ,କଳହ, ହିଂସା , ଦ୍ୱେଷ ଓ ମୋହମାୟା ଭିତରେ ଅମୃତର ସନ୍ତାନ ମଣିଷ ତାର ଆତ୍ମଶକ୍ତି ହରାଇବସେ । ସଂସାରର ପ୍ରବଳ ଭିଡ଼ ଭିତରେ ସେ ଲକ୍ଷ୍ୟଭ୍ରଷ୍ଟ ହୁଏ । ଜୀବନର ମନ୍ତ୍ର ଭୁଲିଯାଏ । ଶୁଷ୍କ ଭୂଇଁ ଉପରେ ଜଳଜୀବ ଛଟପଟ ହେଲା ପରି ମଣିଷ ଶ୍ୱାସରୁଦ୍ଧ ହୋଇ ଗୋଟିଏ ମୁହୂର୍ତ୍ତ ଆଖିବୁଜି ସେଇ ପରମେଶ୍ୱରଙ୍କୁ ସ୍ମରଣ କରେ । ଧୂପ, ଦୀପ, ନୈବେଦ୍ୟ ହାତରେ ମନ୍ଦିର ଗୀର୍ଜା, ମସ୍‌ଜିଦ୍‌ରେ ପରମାତ୍ମାଙ୍କ ଅନୁସନ୍ଧାନ କରି ଗାଇଉଠେ—

''ମନ୍ତ୍ର ଭୁଲିଛି ମାନବର ଏ ଧରାରେ
ଭଗବାନ ତୁମେ ନିଦ୍ରିତ କେଉଁଠାରେ
ଧରଣୀରେ ଆସି ମନ୍ତ୍ରଭୁଲିଲି ପରା
ପାଇବନି ହେ ନିସ୍ତାର ପଥହରା ।'' (ଧରଣୀବାସ)

ଐହିକ ଦୁଃଖକୁ କାଟି ମୁକ୍ତି କଣିକା ଲାଭ କରିବା ପାଇଁ ସଂସାରୀ ଆକୁଳରେ ଈଶ୍ୱରଙ୍କୁ ମିନତି କରି ବିଶ୍ୱପିତାଙ୍କ ନିକଟରେ ସାଧାରଣ ମଣିଷର ଏ ଯେଉଁ କରୁଣ ଜଣାଣ ସତେଯେପରି ତାହା କବି ମାନସିଂହଙ୍କ କର୍ଣ୍ଣରେ ଗୁଂଜରି ଉଠିଛି । ଅଗଣିତ ଜନତାର ଦୁଃଖକୁ ଗାଇଯିବାରେ ହିଁ ସମ୍ବେଦନଶୀଳ କାବ୍ୟପୁରୁଷ ନିଜକୁ ଧନ୍ୟ ମନେ କରିଛି ।

ସାମାଜିକ ଜୀବନରେକାୟାବିସ୍ତାରକରିଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ରୂପଦେଖି କବି ଆତ୍ମା ବିଳପି ଉଠିଛି । ପାରମ୍ପରିକ ଜୀବନରେ ଥିବା ସଂକୀର୍ଣ୍ଣତା ଦ୍ୱାରା ସମାଜ ଜୀବନର ବୃହତ୍ତର ସ୍ୱାର୍ଥ ବ୍ୟାହତ ହେଉଥିବା ସେ ଲକ୍ଷ୍ୟ କରିଛନ୍ତି ।ସମାଜରେ ପ୍ରାଧାନ୍ୟ ବିସ୍ତାର କରିଥିବା ବ୍ରାହ୍ମଣ ପୁରୋହିତମାନେ ସମାଜର ନୀତି ନିୟମ-ପ୍ରଣୟନକର୍ତ୍ତା ଥିଲେ । ଦେବ

Digitized by srujanika@gmail.com

ପୂଜାରେ କେବଳ ସେହିମାନଙ୍କର ଅଧିକାର , କାରଣ ସେମାନେ ଦେବପୁତ୍ର । ସେମାନଙ୍କର ନିରପେକ୍ଷତା ବିହୀନ ଅନ୍ୟାୟ ବ୍ୟବସ୍ଥା ଫଳରେ ସାଧାରଣ ଜନତା ବହୁ ବାଞ୍ଛିତ ଅଧିକାରରୁ ବଞ୍ଚିତ ଥିଲେ । ସମାଜର ଏହି ଦୁର୍ଦ୍ଦଶା ଲକ୍ଷ୍ୟ କରି ମାନସିଂହଙ୍କ କାବ୍ୟପୁରୁଷ ଗାଇ ଉଠିଛି—

'ପୁରୋହିତେ ଶୁଦ୍ଧପୂତ ହୋଇ
ଦେଉଳରେ କା ପୂଜା କରହେ
ସୃଷ୍ଟି ଯା'ର ଉଦାର ଆଲୋକ
ସେ ଦିଅଁ କି ଅନ୍ଧକାରେ ରହେ ?'
X X X X
ବନ୍ଦକର ମନ୍ତ୍ରପାଠ ତବ
ବନ୍ଦକର କର୍ପୂର ଆରତି
ଦେଉଳର ବାହାରେ ଦେବତା
ହାତ ପାତି ଉଭା ରହିଛନ୍ତି ।'' (ଦେବପୂଜା)

ଯେଉଁ ଆତ୍ମା ସୁସ୍ଥ ସମାଜର ସ୍ୱପ୍ନ ଦେଖେ, ସମାଜିକ ଦୋଷତ୍ରୁଟିକୁ ସନ୍ଦର୍ଶନ କରି ତାର ନିରାକରଣ ଉଦ୍ଦେଶ୍ୟରେ ସେହି ପବିତ୍ର ଆତ୍ମା ହିଁ କେବଳ ଉପରେ ବୈପ୍ଳବିକ ସ୍ଳୋଗାନ୍ ଦେଇପାରେ । ତାଙ୍କ ଦୃଷ୍ଟିରେ ମଣିଷ ଅମୃତର ସନ୍ତାନ । ସେ ତୁଚ୍ଛ ନୁହେଁ, ହୀନ ନୁହେଁ । ପରମାତ୍ମାର ସେ ଏକ ଅଂଶବିଶେଷ । ସୁତରାଂ ଶୁଷ୍କ କାଠପଥରକୁ ପୂଜାର ନୈବେଦ୍ୟ ନ ଦେଇ ଦୁଃଖୀ ରଙ୍କି ନିରନ୍ନ କାଙ୍ଗାଳମାନଙ୍କୁ ଦେବ ଭୋଗ ଅର୍ପଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ପତିତ, ଅସହାୟ, ଜନସମାଜ ପ୍ରତି କବି ହୃଦୟରେ କେତେ ଦରଦ ସତେ ! କେତେ ଚିନ୍ତା ! କେତେ ଅଭିଳାଷ !

ମାଟି ଗନ୍ଧରେ ଆତ୍ମବିଭୋର କବି ମାନସିଂହ । ମାଟି ସହିତ ଏକାତ୍ମ ହୋଇଛନ୍ତି । ସୁଖ-ଦୁଃଖ, ଲୁହ-ଲହୁ ଭରା ଉତ୍କଳୀୟ ସମାଜରେ ଜୀବନବେଦକୁ ସେ ଶ୍ରଦ୍ଧାର ସହ ଅଧ୍ୟୟନ କରିଛନ୍ତି । ତାଙ୍କର ବଳିଷ୍ଠ ଜୀବନଚେତନା ଓ ଅଭିବ୍ୟକ୍ତ କରିବାର ଅପୂର୍ବ କଳାକୁଶଳତା ସେସବୁକୁ ପରମ କାବ୍ୟରୂପ ପ୍ରଦାନ କରିଛି । ସମାଜପ୍ରତି ଥିବା କର୍ତ୍ତବ୍ୟବୋଧକୁ ସେ ହୃଦୟଙ୍ଗମ କରିଛନ୍ତି । ସେଥିପାଇଁ ଜୀବନର ଅର୍ଦ୍ଧଶତାବ୍ଦୀର ପଥ ଅତିକ୍ରମ କଲାପରେ ତାଙ୍କ କାବ୍ୟପୁରୁଷ ପ୍ରଶ୍ନ କରିଛି—

''କିଏ ସେ ଉତ୍ତର ଦେବ ? କିଏ ସେ କହିବ ?
କାହିଁକି ମୁଁ ଆସିଥିଲି ? କିସ ଦେଇଗଲି, ନେଇଗଲି କିବା ?

ଏଥିରୁ ଅବବୋଧ ହୁଏ କବି ମାନସିଂହଙ୍କ ଦୃଷ୍ଟି ବାସ୍ତବତାକୁ କେତେବେଳେ ହେଲେ ଅତିକ୍ରମି ନାହିଁ । ସୁତରାଂ ତାଙ୍କ ସୃଷ୍ଟି କଳ୍ପନାସର୍ବସ୍ୱ ନୁହେଁ,ତାହା ସମାଜ ଜୀବନର ସତ୍ୟ ଓ ସୁନ୍ଦରତମ ପ୍ରତିରୂପ ।

Digitized by srujanika@gmail.com

ପ୍ରାବନ୍ଧିକ ଡଃ ମାୟାଧର ମାନସିଂହ

ଡକ୍ଟର ବାଉରୀବନ୍ଧୁ କର

ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ଡକ୍ଟର ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟରେ ସୁପରିଚିତ । ସେ ତାଙ୍କ ପ୍ରବନ୍ଧରେ ଆପଣା ବ୍ୟକ୍ତିତ୍ୱର ସ୍ପଷ୍ଟ ପ୍ରକାଶ କରିଛନ୍ତି । ସବୁଠି ତାଙ୍କ ପ୍ରବନ୍ଧରେ ମନନ ସହିତ ଆବେଗର ଓ ସ୍ୱାଧୀନ ଭାବନା ସହିତ ଉନ୍ନତ ରୁଚିବୋଧର ସମ୍ବନ୍ଧ ରହିଛି । ପୁଣି ତାହାଙ୍କ ଅନୁଭୂତିବହୁଳ ଜୀବନର ଭାଷ୍ୟ ହେଉଛି ତାଙ୍କର ପ୍ରବନ୍ଧ ସାହିତ୍ୟ, ଯହିଁରେ ତାହାଙ୍କ ଜୀବନ ଦର୍ଶନ ସ୍ପଷ୍ଟ ପ୍ରକାଶିତ । ଆପଣା ମତକୁ ଦୃଢ଼ଭାବରେ ଉପସ୍ଥାପନ କରିପାରିବାର ଶକ୍ତି ତାଙ୍କର ଥିବା ହେତୁ ତାଙ୍କ ପ୍ରବନ୍ଧଗୁଡ଼ିକ ବିଶେଷ ପ୍ରଭାବଶାଳୀ ।

ଡକ୍ଟର ମାନସିଂହଙ୍କ ଗଦ୍ୟ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ ହେଉଛି 'ପ୍ରବନ୍ଧ' । ସେ ତାଙ୍କ ସାହିତ୍ୟସାଧନା ପ୍ରବନ୍ଧରୁ ଆରମ୍ଭ କରିଥିବା କଥା 'ମୁଁ କାହିଁକି ଲେଖେ' ଶୀର୍ଷକ ଏକ ଲେଖାରେ ସ୍ପଷ୍ଟ କରି ଦେଇଛନ୍ତି । ଯେଉଁ ସମୟରେ ସେ ପ୍ରବନ୍ଧ ରଚନାରେ ନିଷ୍ଠା ଦେଖାଇଥିଲେ, ସେ ସମୟରେ ନୀଳକଣ୍ଠ, ରତ୍ନାକର ପତି, ବିପିନ ବିହାରୀ, ଗୋବିନ୍ଦ ତ୍ରିପାଠୀ, ବିରୂପାକ୍ଷ କର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ – ଏଇପରି କେତେଜଣ ପ୍ରବନ୍ଧ ରଚନାରେ ମନୋନିବେଶ କରିଥିଲେ । ଏମାନେ ଆମର ଐତିହ୍ୟ, ସଂସ୍କୃତି, ଦାର୍ଶନିକ ପରମ୍ପରା, ସମାଜ ଇତ୍ୟାଦିକୁ ଆଧାର କରି ଗୁରୁଗମ୍ଭୀର ପ୍ରବନ୍ଧ ଲେଖୁଥିବାବେଳେ ଗୋବିନ୍ଦ ତ୍ରିପାଠୀ ସେ ସମୟରେ ରମ୍ୟରଚନା ଲେଖି ଖ୍ୟାତି ଲାଭ କରିଥିଲେ । ଡକ୍ଟର ମାନସିଂହ ଅବଶ୍ୟ ଏମାନଙ୍କ ପରି ଆମ ସମାଜ, ଜୀବନ, ସଂସ୍କୃତି ପରମ୍ପରା ପ୍ରଭୃତିକୁ ଆଧାର କରି ପ୍ରବନ୍ଧ ରଚନା କଲେ । ମାତ୍ର ସେ ଏହାକୁ ଅନ୍ୟମାନଙ୍କ ପରି ଗୁରୁଗମ୍ଭୀର ଠାଣିରେ ନଲେଖି ନିଜସ୍ୱ କବି ସୁଲଭ ଢଙ୍ଗରେ ଲେଖିଲେ । 'ପ୍ରବନ୍ଧ' କହିଲେ ଯେଉଁଥିରେ ଏକ ବିଶେଷ ପଦ୍ଧତି ଓ ଶୃଙ୍ଖଳାର ପ୍ରୟୋଜନ, ସେ ତାହାକୁ ଅସ୍ୱୀକାର କରି ନିଜସ୍ୱ ମାର୍ଗ ନିଜେ ବାଛି ପ୍ରବନ୍ଧ ରଚନା କଲେ । ସାହିତ୍ୟ ଶାସ୍ତ୍ରର ନିୟମରେ ପ୍ରବନ୍ଧ ଯେପରି ଯୁକ୍ତି ମାର୍ଗ ଦେଇ ସିଦ୍ଧାନ୍ତରେ ପହଞ୍ଚିଥାଏ, ତାଙ୍କ ପ୍ରବନ୍ଧ ସେପରି ହେଲା ନାହିଁ । ସେ ଯେଉଁ ବିଷୟକୁ ନେଇ ପ୍ରବନ୍ଧ ରଚନା କଲେ ବି ସେଥିରୁ ତାଙ୍କର ନିଜସ୍ୱ ସ୍ୱର, ସ୍ପନ୍ଦନ ଓ ବ୍ୟକ୍ତିତ୍ୱ ବାରି ହୋଇ ପଡ଼ିଲା । ତାଙ୍କ ପ୍ରବନ୍ଧରେ ଯୁକ୍ତି ସହିତ ଗଭୀର ଭାବୋଚ୍ଛ୍ୱାସ, ମନନ ସହିତ ମାଧୁର୍ଯ୍ୟ ଓ ସ୍ୱାଧୀନ ଚିନ୍ତାଧାରା ସହିତ ମୁକ୍ତ ବିଚାରଧାରା ହେଲା ପ୍ରକଟିତ । ସେ ତାଙ୍କ ପ୍ରବନ୍ଧରେ ଗୁରୁଗମ୍ଭୀର ଭଙ୍ଗୀରେ ତତ୍ତ୍ୱ ନ ବଖାଣି, ପାଠକର ଅନ୍ତରେ ଅନ୍ତରେ ପ୍ରବେଶ କରି ନିଜସ୍ୱ ବକ୍ତବ୍ୟ ବାଢ଼ିଲେ । ଏମିତି ଆତ୍ମୀୟତା ଭାବେ ସେ ପ୍ରବନ୍ଧ ରଚନା କରିଛନ୍ତି, ଯହିଁରେ

Digitized by srujanika@gmail.com

ପ୍ରକାଶିତ ହୋଇଛି କବିତାର ଗୁଣ୍ଡ ଯେଉଁ ପ୍ରବନ୍ଧ ମାନଙ୍କୁ ପଢ଼ିଲେ ସହଜରେ ତାଙ୍କ ପ୍ରତିଭାକୁ ଚିହ୍ନି ହେବ ।

ଡକ୍ଟର ମାୟାଧର ମାନସିଂହ ଯେକୌଣସି ପ୍ରସଙ୍ଗକୁ ଆଧାର କରି ପ୍ରବନ୍ଧ ଲେଖିବାରେ ଥିଲେ ସିଦ୍ଧହସ୍ତ । ସେ ପ୍ରବନ୍ଧ ରଚନା ପାଇଁ ବିଷୟ ନେଇ କୌଣସି ବାଛବିଚାର କରି ନଥିଲେ । ତାଙ୍କ ଚେତନାରେ ବେଳେବଳେ ଅତି ସାଧାରଣ ବିଷୟମାନ ଅସାଧାରଣ ଭାବ ନେଇ ପ୍ରବନ୍ଧରୂପ ଲାଭ କରିଛି । ସେ ତାଙ୍କ ପ୍ରବନ୍ଧରେ ବ୍ୟକ୍ତିଗତ ଅନୁଭୂତି ସହିତ ଜାଗତିକ ସତ୍ୟକୁ ନିଷ୍ଠାର ସହିତ ପ୍ରକାଶ କରିପାରୁଥିଲେ । ତାଙ୍କର 'ଶ୍ରମ କୌଶଳ', 'ନିଜ ଦାୟିତ୍ୱ', 'ଜୀବଧର୍ମ','ଓଡ଼ିଶାର ସାମାଜିକ ଜୀବନ', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ','ଆମ ଗଣତନ୍ତ୍ରର ଭବିଷ୍ୟତ', 'ଓଡ଼ିଆମାନେ ପଛୁଆ ଓ ଦରିଦ୍ର କାହିଁକି'? ପ୍ରଭୃତି ପ୍ରବନ୍ଧମାନଙ୍କରେ ଏଇ ବିଶେଷତ୍ୱ ପରିଲକ୍ଷିତ । ଏ ସମ୍ପର୍କରେ ତାଙ୍କର 'ଶ୍ରମ କୌଶଳ' ପ୍ରବନ୍ଧଟି ଦେଖନ୍ତୁ । ମଣିଷ କିପରି ତା'ର ଶ୍ରମକୁ ସୁବିନିଯୋଗ କରିବ, ତାହାହିଁ ସେ ଏ ପ୍ରବନ୍ଧରେ ବୁଝାଇ ଦେଇଛନ୍ତି । ଶ୍ରମର ମୂଲ୍ୟ ସମ୍ପର୍କରେ ତାଙ୍କର ଚିନ୍ତାଧାରା ବେଶ୍ ପରିଛନ୍ନ । ଏକ ବୃହତ୍ତର ପରିଧିରେ ଓ ଜାତି ଗଠନରେ ଶ୍ରମର ଯେଉଁ ସାର୍ଥକ ମୂଲ୍ୟ ରହିଛି ତାହାକୁ ସେ ଏ ପ୍ରବନ୍ଧରେ ସୂଚାଇ ଦେଇଛନ୍ତି । ଶ୍ରମର ମୂଲ୍ୟ ସମ୍ପର୍କରେ ତାହାଙ୍କ ଦୃଷ୍ଟିଭଙ୍ଗୀ ଥିଲା ଏହିପରି,'' ଶ୍ରମକୁ ବିଧାତାର ଆଶୀର୍ବାଦ ବୋଲି ଧର । ତାହାରି ଦେଇ ନିଜର, ସମାଜର ଓ ଜଗତର କଲ୍ୟାଣ କରିବାକୁ ଚେଷ୍ଟାକର । କୌଣସି ଶ୍ରମ ନିନ୍ଦନୀୟ ବା ଘୃଣ୍ୟ ନୁହେଁ । ସୁସମ୍ପନ୍ନ ହେଲେ ପ୍ରତ୍ୟେକ ଶ୍ରମରେ ସୌନ୍ଦର୍ଯ୍ୟ ଓ କଲ୍ୟାଣ ଫୁଟେ । ଯେଉଁ ଜାତିର ପ୍ରତ୍ୟେକ ନରନାରୀ ଶ୍ରମର ଏହି ଆଦର୍ଶରେ ଦୀକ୍ଷିତ, ସେହି ଜାତି ହିଁ ସ୍ୱାଧୀନ, ସମୃଦ୍ଧ ଓ ଶ୍ରୀ ସମ୍ପନ୍ନ ହୋଇପାରେ, ନଚେତ୍ ନୁହେଁ ।'' (ଶ୍ରମ କୌଶଳ) ଏହି ପ୍ରବନ୍ଧରେ ସେ ଜାତିକୁ କର୍ମନିଷ୍ଠ ହେବା ପାଇଁ ଉଦ୍‌ବୋଧନ ଦେଇଛନ୍ତି । ସେ ଜୀବନ ଭିତରେ କର୍ମ ଓ କର୍ମ ଭିତରେ ଜୀବନାନୁସନ୍ଧାନ କରିଛନ୍ତି ।

ଡକ୍ଟର ମାୟାଧର ମାନସିଂହଙ୍କ ପ୍ରବନ୍ଧରେ ଗଭୀର ଆତ୍ମପ୍ରତ୍ୟୟର ସ୍ୱର ଶୁଣିବାକୁ ମିଳେ । ଗଭୀର ଆତ୍ମ ପ୍ରତ୍ୟୟ ଭାବ ନେଇ ମଣିଷ କର୍ମରେ ପ୍ରବୃତ୍ତ ହେଲେ ସେ ଅସମ୍ଭବକୁ ସମ୍ଭବ କରିପାରେ । ସେ ମଣିଷର ଦୁଃଖ ଦୁର୍ବିପାକ ପାଇଁ ଭାଗ୍ୟନିନ୍ଦାକୁ ପସନ୍ଦ କରିନାହାନ୍ତି । ତାଙ୍କ ଦୃଷ୍ଟିରେ ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିପାରୁଥିବା ମଣିଷ ହିଁ ହେଉଛି ପ୍ରକୃତ ମଣିଷ । ସେ ମଣିଷକୁ ଆତ୍ମଶକ୍ତିର ବିକାଶ ପୂର୍ବକ ଜୀବନର ଲକ୍ଷ୍ୟପଥରେ ଆଗେଇ ଯିବା ପାଇଁ ତାଙ୍କ ପ୍ରବନ୍ଧରେ ଦେଇଛନ୍ତି ଯଥେଷ୍ଟ ଆହ୍ୱାନ । ଏ ସମ୍ପର୍କରେ ତାଙ୍କର 'ନିଜ ଦାୟିତ୍ୱ' ପ୍ରବନ୍ଧଟି ବିଚାର୍ଯ୍ୟ । ମଣିଷ କିପରି ଜୀବନରେ ସୁଚାରୁ ରୂପେ ଆପଣାର ଦାୟିତ୍ୱ ନିର୍ବାହ କରିପାରିବ, ସେ ସମ୍ପର୍କରେ ପ୍ରାବନ୍ଧିକଙ୍କ ଚିନ୍ତାଧାରା ଏଇ ପ୍ରବନ୍ଧରେ ପ୍ରକାଶିତ । ମଣିଷ ଆତ୍ମସୀମା ସଚେତନ ହୋଇ କର୍ମ କରି ପାରିଲେ, ଜୀବନର ଲକ୍ଷ୍ୟସ୍ଥଳରେ ଯେ ପହଞ୍ଚି ପାରିବ ଏହି ସତ୍ୟଟିକୁ ସେ ଏଥିରେ

Digitized by srujanika@gmail.com

ଦେଖାଇଛନ୍ତି । ତାଙ୍କ ମତରେ, ''ମନୁଷ୍ୟ ଈଶ୍ୱରଙ୍କୁ ମାନୁ ବା ନ ମାନୁ ଯାଏ ଆସେ ନାହିଁ, କିନ୍ତୁ ଯେ କେହି ଜୀବନର କୌଣସି କ୍ଷେତ୍ରରେ ସିଦ୍ଧି ଲାଭ କରିବାକୁ ଚାହାନ୍ତି, ତାଙ୍କୁ ଏହି ଆତ୍ମଶକ୍ତିକୁ ସକ୍ରିୟ କରିବାକୁ ହେବ । ଅଭାବ ପରାଭବର ବିରୁଦ୍ଧ ଶକ୍ତି ସଙ୍ଗେ ତାଙ୍କୁ ଲଢ଼ିବାକୁ ହେବ । ଜୀବନର ଲକ୍ଷ୍ୟ ନିର୍ଦ୍ଦିଷ୍ଟ କରି, ଏକାଗ୍ର ଚିତ୍ତ ଓ ଏକାଗ୍ର ଚେଷ୍ଟା ହୋଇ ସେହି ଲକ୍ଷ୍ୟରେ ନ ପହଞ୍ଚିଲା ପର୍ଯ୍ୟନ୍ତ ତାଙ୍କର ବିଶ୍ରାମ ଯେପରି ନରହେ । ଏପରି ସଂଗ୍ରାମରେ ଜୟ ନିଶ୍ଚିତ । ବଡ଼ ଲୋକର ପୁଅ ହୋଇ ଜନ୍ମ ହେବାରେ ନୁହେଁ, ଦାରିଦ୍ର୍ୟ ସଙ୍ଗେ ଲଢ଼ି ବଡ଼ ମଣିଷ ହେବାରେ ମନୁଷ୍ୟର ପ୍ରକୃତ ପୁରୁଷକାର''(ନିଜ ଦାୟିତ୍ୱ) । ଏଇ କେତେ ଧାଡ଼ିରୁ ପ୍ରାବନ୍ଧିକ ଆତ୍ମଶକ୍ତି ଉପରେ ଗଭୀର ଆସ୍ଥା ପୋଷଣ କରିଥିବା ସୂଚିତ ହୁଏ ।

ସେ ତାଙ୍କ ପ୍ରବନ୍ଧରେ ଆପଣାର ମତକୁ ଦୃଢ଼ ଭାବରେ ସାବ୍ୟସ୍ତ କରିପାରୁଥିଲେ । ଯେତେ ଅପ୍ରିୟ ହେଲେ ସୁଦ୍ଧା ନିଜ ମତବାଦ ଉପରେ ସେ ସିଧା ସଳଖ ଠିଆ ହୋଇ ଜାଣିଥିଲେ । ସାଧାରଣତଃ ବିଶିଷ୍ଟ ପ୍ରାବନ୍ଧିକମାନେ କୌଣସି ବିଷୟରେ ପ୍ରବନ୍ଧ ଲେଖିବାବେଳେ ତା'ରି ଭିତରେ ଆପଣାର ଜୀବନ ଦୃଷ୍ଟିଟିକୁ ପ୍ରକାଶ କରିଥାନ୍ତି । ପ୍ରାବନ୍ଧିକ ଆପଣା ମାର୍ଗରେ ଜୀବନର ବ୍ୟାଖ୍ୟା କରିଥାଏ । ଡକ୍ଟର ମାନସିଂହ ତାଙ୍କ ପ୍ରବନ୍ଧରେ ତାହା ହିଁ କରିଛନ୍ତି । ସେ ଆମର ପ୍ରଚଳିତ ଗଣତନ୍ତ୍ର, ଆମର ପ୍ରଥାସିଦ୍ଧ ସମାଜ ବ୍ୟବସ୍ଥା, ଆମର ଶିକ୍ଷାନୀତି, ଜାତୀୟ ଜୀବନ ପ୍ରଭୃତି ସମ୍ପର୍କରେ ନିଜସ୍ୱ ବକ୍ତବ୍ୟ ଶୁଣାଇବାକୁ ଭୁଲିନାହାନ୍ତି । ଏ ପ୍ରସଙ୍ଗରେ ତାଙ୍କର 'ଆମ ଗଣତନ୍ତ୍ରର ଭବିଷ୍ୟତ' ପ୍ରବନ୍ଧଟି ବିଚାର କରାଯାଇପାରେ । ଏହି ପ୍ରବନ୍ଧରେ ସେ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ କିପରି ସାଧୁ, ସଚ୍ଚୋଟ ଓ ଚରିତ୍ରବାନ୍ ଲୋକମାନେ ଆମ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହୋଇ ପାରୁନାହାନ୍ତି, ସେ ସମ୍ପର୍କରେ ଆଲୋଚନା କରିଛନ୍ତି । ସେ ଏଥିରେ ନିରୂପଣ କରିଛନ୍ତି ଆମ ଲୋକ ପ୍ରତିନିଧିମାନଙ୍କ ଯଥାର୍ଥ ସ୍ୱରୂପ । ତାଙ୍କରି ଭାଷାରେ କହିଲେ,'' ସାଧୁ, ବିଜ୍ଞ, ସଚ୍ଚରିତ୍ର ଭାବରେ ଲୋକ-ପ୍ରତିନିଧି ହେବାର ସର୍ବୋଚ୍ଚ ଯୋଗ୍ୟତା ଥିଲେ ହେଁ କୌଣସି ନାଗରିକ , ଧନକ୍ଷମତା ଓ ଧୂର୍ତ୍ତତା ନ ଥାଉଁ, ଲୋକ ପ୍ରତିନିଧି ହେବାର କଳ୍ପନା ହିଁ କରିପାରିବେ ନାହିଁ । ଅର୍ଥାତ୍ ଆମଦେଶରେ ଡେମୋକ୍ରାସୀ ଆମକୁ କେବଳ ମାରପେଞ୍ଚ-ଜାଣିଥିବା, ବିସ୍ତର-ଟଙ୍କା-ଯୋଗାଡ଼ କରି ପାରୁଥିବା ଏବଂ ନିମ୍ନ ଶ୍ରେଣୀର ଜନତାକୁ ନାନା ଉଦ୍ଭଟ କଥାରେ ଭୁଲାଇ ପାରୁଥିବା କେତେକ ଧୂର୍ତ୍ତ ବ୍ୟକ୍ତିଙ୍କର ଶାସନ ଦେବାକୁ ହିଁ ସମର୍ଥ । ଗତ ଅଭିଜ୍ଞତା ଆମକୁ ଏହି ସାର କଥାଟା ହିଁ ଶୁଣାଉଛି । ସହସ୍ର ସହସ୍ର ଓ ଲକ୍ଷ ଲକ୍ଷ ମୁଦ୍ରା ନିର୍ବାଚନରେ ତ ସହଜରେ ଉଡ଼ି ଯାଉଛି । ଅଥଚ,ଦେଶରେ ପ୍ରାଇଭେଟ୍ କଲେଜ, ପ୍ରାଇଭେଟ୍ ହାଇସ୍କୁଲ କଥା ଛାଡ଼, ପ୍ରାଇଭେଟ୍ ମିଡ଼ିଲ ସ୍କୁଲଟିଏ ମଧ୍ୟ ଚଳି ନପାରି, ଚିତ୍କାର ହେଉଛି 'ସରକାର ନେଇ ଯାଆନ୍ତୁ' । ସେତେବେଳକୁ ଟଙ୍କା ନାହିଁ । ତାଙ୍କୁ ଡାକ୍ତର ଓ ଔଷଧ ଦେବାକୁ ଟଙ୍କା ନାହିଁ । ତେବେ ନିର୍ବାଚନ ପାଇଁ ଲକ୍ଷଲକ୍ଷ ମୁଦ୍ରା ଆଲ୍ଲାଦିନ ପ୍ରଦୀପରୁ ବାହାରିଲା ପରି, କୁଆଡୁ ଏତେ ସହଜରେ ବାହାରି ଆସୁଛି ? ଏହା କ'ଣ ଆମର ଡେମୋକ୍ରାଟିକ୍ ଆଦର୍ଶ ?'' (ଆମ

Digitized by srujanika@gmail.com

ଗଣତନ୍ତ୍ରର ଭବିଷ୍ୟତ) । ତାଙ୍କ ମତରେ ଭାରତୀୟ ରାଜନୀତିରେ ଆଜି ଆଦର୍ଶ ସୁଦୂର ପରାହତ । ସାଧୁତା, ଚରିତ୍ରବତ୍ତା ଓ ନୀତିନିଷ୍ଠା ଆଜି ଅପସରି ଯାଇଛି ରାଜନୀତି କ୍ଷେତ୍ରରୁ । ଆଜିର ଭାରତୀୟ ରାଜନୀତି କେବଳ ପୁଞ୍ଜି ଖଟାଇ ପୁଣି ମୁନାଫା ଉଠାଇବା ବ୍ୟବସ୍ଥାରେ ପରିଣତ ହୋଇଛି । ସଂପ୍ରତି ରାଜନୀତିରେ ଅପରାଧୀମାନେ ପ୍ରବେଶ କରୁଛନ୍ତି ବୋଲି ଯାହା କୁହାଯାଉଛି,ସେ ସମ୍ପର୍କରେ ସେ ଆମକୁ ବହୁବର୍ଷ ତଳେ ତାଙ୍କର ଏଇ ପ୍ରବନ୍ଧରେ କହିଥିଲେ ।

ପ୍ରାବନ୍ଧିକ ମାନସିଂହ ତାହାଙ୍କ ପ୍ରବନ୍ଧରେ ଓଡ଼ିଆ ଜାତି ପ୍ରତି ଅହେତୁକ ଶ୍ରଦ୍ଧାଭାବ ପୋଷଣ କରିଛନ୍ତି । ସେ ଆପଣାର ଜୀବନ ଭିତରେ ଜାତିର ପ୍ରତିବିମ୍ବ ଦେଖୁଥିଲେ । ଓଡ଼ିଆ ଜାତି ସବୁକ୍ଷେତ୍ରରେ ଆଗେଇ ଚାଲୁ ଏହା ହିଁ ସେ ଚାହୁଁଥିଲେ । ଓଡ଼ିଆମାନଙ୍କର ଆର୍ଥିକ ପ୍ରଗତି ହେଉ, ଓଡ଼ିଆମାନେ କର୍ମଠ ହୁଅନ୍ତୁ, ଆପଣାର ଜାତୀୟ ଆଦର୍ଶ ଓ ସମୃଦ୍ଧ ପରମ୍ପରାକୁ ବଞ୍ଚାଇ ରଖନ୍ତୁ । ଏପାଇଁ ସେ ଆମକୁ ଦେଇଛନ୍ତି ଯଥେଷ୍ଟ ଉଦ୍‌ବୋଧନ । ଓଡ଼ିଆମାନଙ୍କ ଆଳସ୍ୟ ଓ ପରାନୁସରଣ ମନୋବୃତ୍ତିକୁ ସେ ପସନ୍ଦ କରୁନଥିଲେ । ଆଳସ୍ୟ, ଅନୁକରଣପ୍ରିୟତା, ସ୍ୱପରମ୍ପରା ପ୍ରତି ବିମୁଖ ମନୋଭାବ ଏ ଜାତିକୁ ସବୁ କ୍ଷେତ୍ରରେ ପଛକୁ ଠେଲି ଦେଇଛି ବୋଲି ସେ କହୁଥିଲେ । ଓଡ଼ିଆମାନେ ସର୍ବଭାରତୀୟ ସ୍ତରରେ କାହିଁକି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ଓ ଅଧିକାଂଶ କ୍ଷେତ୍ରରେ ପଛୁଆ ହୋଇ ପଡ଼ିଛନ୍ତି,ସେ ତା'ର କାରଣ ଅନୁସନ୍ଧାନ କରିବାକୁ ଭୁଲି ନାହାନ୍ତି । ଏ ପ୍ରସଙ୍ଗରେ ତାଙ୍କର 'ଓଡ଼ିଆମାନେ ପଛୁଆ ଓ ଦରିଦ୍ର କାହିଁକି ?' ପ୍ରବନ୍ଧଟି ଉଲ୍ଲେଖନୀୟ । ଓଡ଼ିଆମାନେ ଅଧୁନା କିପରି ସେମାନଙ୍କ ସ୍ୱାତନ୍ତ୍ର୍ୟ ହରାଇ ବସିଛନ୍ତି, ଏ ସମ୍ବନ୍ଧରେ ସେ ନାନା ଦୃଷ୍ଟାନ୍ତ ଦେଇଛନ୍ତି । ଓଡ଼ିଆମାନେ ଆଜି କିପରି କାଳାତିପାତ କରୁଛନ୍ତି, ସେ ସମ୍ପର୍କରେ ପ୍ରାବନ୍ଧିକ କେତେକ ଛୋଟ ଉଦାହରଣ ଦେଇ ଆମକୁ ବୁଝାଇଛନ୍ତି । ପ୍ରାବନ୍ଧିକଙ୍କ ବକ୍ତବ୍ୟର କେଇ ଧାଡ଼ି ଏଠାରେ ଆଲୋଚନା କ୍ରମେ ଉଦ୍ଧାର କରାଯାଉଛି । ସେ ଲେଖିଛନ୍ତି, ''ଓଡ଼ିଆମାନେ ଏକ ଐତିହାସିକ ଜାତି – ସେମାନେ ସେମାନଙ୍କର କଳା, ଶିଳ୍ପ, ସାହିତ୍ୟ, ସ୍ଥାପତ୍ୟ, ନୃତ୍ୟ ଓ ଏପରିକି ଭୋଜନ ପ୍ରଣାଳୀରେ ନିଜର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପ୍ରତିଷ୍ଠା କରି ପାରିଥିଲେ । କିନ୍ତୁ ସ୍ୱକୀୟ ବିଶିଷ୍ଟତା ସମ୍ପନ୍ନ ଏହି ଐତିହାସିକ ଜାତି କ'ଣ ଜଳଖିଆ ଖାଇ ଜାଣି ନ ଥିଲା ? କଟକ, ଭୁବନେଶ୍ୱରରେ ଆଜି କଲିକତାରୁ ଲୋକେଆସି ଏକଚାଟିଆ ଅଧିକାର କରି ବସିଲେଣି । ଅଥଚ ଓଡ଼ିଆ ଲୋକର ନିଜର ଚକୁଳି, ଚିତୋଉ, ଏଣ୍ଡୁରି, ଝୁଣ୍ଟୁପତ୍ର, କାକରା, ମଣ୍ଡା, ଆରିସା, ପାରିଜାତ, ଜଗନ୍ନାଥ ବଲ୍ଲଭ ଇତ୍ୟାଦି ବହୁବିଧ ଅପୂର୍ବ ସ୍ୱତନ୍ତ୍ରତାବିମଣ୍ଡିତ ପିଠା ଇତ୍ୟାଦିକୁ ନବୀକୃତ କରି ବିକି ପାରିଲେ ଓଡ଼ିଆଙ୍କ ଟଙ୍କା ଓଡ଼ିଆଙ୍କ ହାତରେ ରହିବା ସାଥେ ସାଥେ, ବାହାର ଲୋକତ ଜାଣନ୍ତେ ଅନ୍ତତଃ ଯେ ଓଡ଼ିଆମାନଙ୍କର ନିଜର ଏକ ଜାତୀୟ ଆପ୍ୟାୟନ ଓ ଭୋଜନ ପ୍ରଣାଳୀ ଅଛି । ଆମେ ଟଙ୍କା ଓ ଜାତୀୟତା ଉଭୟଙ୍କୁ ଅକୁଣ୍ଠ ଚିତ୍ତରେ ପ୍ରତ୍ୟହ ଜଳାଞ୍ଜଳି ଦେଇ ଚାଲିଛୁ ।'' (ଓଡ଼ିଆମାନେ ପଛୁଆ ଓ ଦରିଦ୍ର କାହିଁକି ?)

Digitized by srujanika@gmail.com

ଏଇ କେତେ ଧାଡ଼ିରୁ ପ୍ରାବନ୍ଧିକଙ୍କର ଜାତିପ୍ରତି ଯେଉଁ ଅନାବିଳ ମମତା ରହିଛି, ତାହା ସହଜରେ ବୁଝିହୁଏ । କୌଣସି ଜାତି ତା'ର ଲକ୍ଷ୍ୟ ପଥରେ ଆଗେଇବା ପାଇଁ ନିଜର ଆଦର୍ଶ, ନୀତି ଓ ପରମ୍ପରାର ସୁରକ୍ଷା କରିବା ଉଚିତ । ସେଥିପାଇଁ 'ଓଡ଼ିଆମାନେ ପଛୁଆ ଓ ଦରିଦ୍ର କାହିଁକି ?' ପ୍ରବନ୍ଧରେ ସେ ଢେର ଚେତାବନୀ ଶୁଣାଇଛନ୍ତି ।

ଡକ୍ଟର ମାନସିଂହଙ୍କ ପ୍ରବନ୍ଧରେ ଦୃଷ୍ଟିକୋଣର ପ୍ରଶସ୍ତତା ପରିଲକ୍ଷିତ ହୁଏ । ତାଙ୍କର ପ୍ରବନ୍ଧ ରଚନା ପାଇଁ ଆଧୁନିକ ଅବଧାରଣା ଥିଲା । ଫଳରେ ସେ ଯେତେ ପୁରୁଣା ପ୍ରସଙ୍ଗକୁ ନେଇ ପ୍ରବନ୍ଧ ରଚନା କଲେସୁଦ୍ଧା ତାହା ଆମ ନିକଟରେ ନୂତନ ରୂପେ ଉଭା ହେଉଥିଲା । ଏ ସମ୍ପର୍କରେ ତାଙ୍କର ଗୋଟିଏ ପ୍ରବନ୍ଧକୁ ବିଚାର କଲେ ସହଜରେ ବୁଝିହେବ । 'ଓଡ଼ିଶାର ସାମାଜିକ ଜୀବନ' ନେଇ ବହୁ ପ୍ରବନ୍ଧ ରଚନା କରାଯାଇଛି । ଡକ୍ଟର ମାୟାଧର ମାନସିଂହ ମଧ୍ଯ 'ଓଡ଼ିଶାର ସାମାଜିକ ଜୀବନ' ବିଷୟରେ ପ୍ରବନ୍ଧ ଲେଖିଛନ୍ତି । ଅନ୍ୟମାନଙ୍କ ତୁଳନାରେ ତାଙ୍କ ପ୍ରବନ୍ଧ ବେଶ୍ ଆଧୁନିକ ମନେହୁଏ । ଚିରାଚରିତ କଥା ଏମିତି ଭାବରେ ସେ ଉପସ୍ଥାପନ କରିପାରୁଥିଲେ ଯାହାଫଳରେ ବହୁ ଦୃଷ୍ଟପୂର୍ବ ପ୍ରସଙ୍ଗ ଅପୂର୍ବ ରୂପ ଲାଭ କରୁଥିଲା । ସେ ସାହସର ସହିତ ନୂଆକଥା ଚିନ୍ତାକରି ମଧ୍ଯ କହି ପାରୁଥିଲେ । ତାଙ୍କ ମତରେ ଏକାନ୍ନ ପରିବାର ବନ୍ଧନରୁ ମୁକ୍ତ ହୋଇ ଆମେ ସାଧୁତାର ସହିତ ଜାତିଧର୍ମ ଭେଦଭାବ ଭୁଲି ସ୍ୱାଧୀନ ଭାବରେ ବଞ୍ଚି ଶିଖିଲେ ଆମ ସାମାଜିକ ଜୀବନ ଉପାଦେୟ ହୋଇପାରିବ । ଏ ସମ୍ପର୍କରେ ତାଙ୍କର ବକ୍ତବ୍ୟ ଏହିପରି, ''ଏକାନ୍ନ ପରିବାର ଓ ଜାତିକୁ ଭାଙ୍ଗିଲେ ଆମେମାନେ ବାହାରର ବନ୍ଧନରୁ ମୁକ୍ତ ହେବା । ପୁରୋହିତ ପ୍ରଧାନ ଧର୍ମକୁ ଲୋପ କଲେ ଆମର ମନ ମୁକ୍ତ ହେବ । ଗୀତାରେ ମୁକ୍ତ ପୁରୁଷର ଯେତେଗୁଡ଼ିଏ ଗୁଣ ବର୍ଣ୍ଣିତ ଅଛି, ସେଥିରେ ପ୍ରଥମ ଗୁଣ ହେଉଛି, ଅଭୟ । କିନ୍ତୁ ଦେଖ, ଧର୍ମ ପାଇଁ ଚାରିଆଡ଼େ କିପରି ଭୟ ଖଞ୍ଜି ରଖିଛି । ଶାସ୍ତ୍ର ଭୟ, ଦେବତାର ଭୟ, ନରକର, ପରପାରରୁ ଭୟ । ହିନ୍ଦୁ ପରପାରର ଭୟରେ ପୁଣ୍ୟକର୍ମ କରେ । ସେଥିପାଇଁ ଖାତକ ତଣ୍ଟିଚିପା ହିନ୍ଦୁ ମହାଜନ ମଲାବେଳକୁ ବ୍ରାହ୍ମଣ ହାତରେ ଗୁଡ଼ାଏ ଦେଇଯିବାର ଦେଖାଯାଏ । ଭୟରେ କି ମନୁଷ୍ୟକୁ ଧାର୍ମିକ କରାଯାଏ ? ଫଳରେ ହିନ୍ଦୁର ଦର୍ଶନ ଶାସ୍ତ୍ର ଜଗତରେ ଶ୍ରେଷ୍ଠ ହେଲେ ମଧ୍ଯ, ପ୍ରଚଳିତ ହିନ୍ଦୁ ଧର୍ମ ପରି ଅସଭ୍ୟ ବ୍ୟବସ୍ଥା ଅନ୍ୟକୌଣସିଠି ନାହିଁ । ଆମକୁ ଏସବୁକୁ ଉଠେଇବାକୁ ହେବ । ଧର୍ମ ଭିତରର ଜିନିଷ । ସେଥିପାଇଁ ପୁରୋହିତ, ମାନସିକ, ବଳିଦାନ, ହୋମ, ଯଜ୍ଞ, କିଛି ହେଲେ ଦରକାର ନାହିଁ । ସମାଜ ପ୍ରତ୍ୟେକ ବ୍ୟକ୍ତିଠାରୁ କେବଳ ଗୋଟିଏ ସାମାଜିକ ଧର୍ମ ଆଶା କରେ ତାହା ଏହିଯେ, ବ୍ୟକ୍ତି ତାର କର୍ତ୍ତବ୍ୟଟି ସାଧୁ ଭାବରେ ସମ୍ପନ୍ନ କରିବ ଏବଂ ସବୁବେଳେ ନିଜର ସ୍ୱାର୍ଥକୁ ସମାଜର ଭାଇମାନଙ୍କର ସ୍ୱାର୍ଥ ପାଇଁ ତ୍ୟାଗ କରିବାକୁ ପ୍ରସ୍ତୁତ ଥିବ ।'' (ଓଡ଼ିଶାର ସମାଜିକ ଜୀବନ) ଏହି ପ୍ରବନ୍ଧଟି ତାଙ୍କର ୧୯୫୧ ମସିହାରେ ପ୍ରକାଶିତ । ଯେଉଁ ସମୟରେ ଓଡ଼ିଆ ସମାଜରେ ରକ୍ଷଣଶୀଳତାର ପ୍ରବଳ ପ୍ରାଦୁର୍ଭାବ ଥିଲା, ସେତେବେଳେ ନିର୍ଭୀକ ଭାବରେ ଆମ ସମାଜ ବ୍ୟବସ୍ଥା ସମ୍ପର୍କରେ ମତବ୍ୟକ୍ତ କରିବା ଯଥାର୍ଥରେ ତାଙ୍କର ଅଗ୍ରଗାମୀ

Digitized by srujanika@gmail.com

ମନୋଭାବର ସୂଚନା ପ୍ରଦାନ କରେ । ତାଙ୍କ ଦୃଷ୍ଟିରେ ସାଧୁତା, କର୍ମନିଷ୍ଠା ଓ ମାନବିକତା ଆମ ସମାଜର ମୂଳମନ୍ତ୍ର ହେବା ବିଧେୟ । ମଣିଷପଣିଆର ବିକାଶ ପାଇଁ ଆମ ସମାଜ ସୁଯୋଗ ସୃଷ୍ଟି କରିବା ଦରକାର ।

ଡକ୍ଟର ମାୟାଧର ମାନସିଂହଙ୍କ ସ୍ୱାତନ୍ତ୍ର୍ୟ ତାଙ୍କ ପ୍ରବନ୍ଧର ଶୈଳୀରେ ପ୍ରକାଶିତ । ସରଳ କବିତ୍ୱପୂର୍ଣ୍ଣ, ବିଜ୍ଞତା ବ୍ୟଞ୍ଜନ ଓ ପ୍ରସାରଣଶୀଳ ଗଦ୍ୟ ରଚନାରେ ସେ କୃତିତ୍ୱ ଅର୍ଜିଥିଲେ । ତାଙ୍କର ସ୍ୱତଃସ୍ଫୂର୍ତ୍ତ ପ୍ରବଣତା ତାହାଙ୍କ ପ୍ରବନ୍ଧରେ ଅନେକତ୍ର ପରିଲକ୍ଷିତ ହୁଏ । ସୁତୀକ୍ଷ୍ଣ ବ୍ୟଞ୍ଜନା, ଗଭୀର ଅନ୍ୱେଷା, ବହୁବିଧ ଅଭିଜ୍ଞତା ଓ କବିଦୃଷ୍ଟିର ସାର୍ଥକ ଅଭିବ୍ୟକ୍ତି ତାଙ୍କ ପ୍ରବନ୍ଧକୁ ମର୍ଯ୍ୟାଦାବନ୍ତ କରିଛି । ତାଙ୍କର ଉନ୍ନତ ରୁଚିବୋଧ, ସୌନ୍ଦର୍ଯ୍ୟ ଦୃଷ୍ଟି ଓ ସ୍ୱଭାବ ସୁଲଭ ରସିକତା ତାହାଙ୍କ ପ୍ରବନ୍ଧକୁ ପାଠକର ସମୀପବର୍ତ୍ତୀ କରିପାରିଛି । ବେଳେବେଳେ ସେ ତାଙ୍କ ପ୍ରବନ୍ଧରେ ସିଧାସଳଖ ସଂଳାପ ପ୍ରୟୋଗ କରିବାକୁ ମଧ୍ୟ ଭୁଲିନାହାନ୍ତି ।

ମାନସିଂହ ଯାହାକିଛି କୃତିତ୍ୱ ତାଙ୍କର କବିତ୍ୱପୂର୍ଣ୍ଣ ଗଦ୍ୟରେ ରହିଛି ବୋଲି ମୂଳରୁ କୁହାଯାଇଛି, ତାହାଙ୍କ ପ୍ରବନ୍ଧର ସ୍ତରେ ସ୍ତରେ ଏଇ ଧରଣର ଗଦ୍ୟ ବେଶ୍ ସୁଲଭ । ଏଠାରେ ପାଠକଙ୍କ ଅବଗତି ସକାଶେ କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ ।

(୧) ''ମନୁଷ୍ୟ ଦେହରେ ଜୀବଶକ୍ତି ପ୍ରଚୁର ଥିଲେ ତାହା ନାନା ଦିଗରେ ବିକଶିତ ହୁଏ—ବସନ୍ତର ଆନନ୍ଦ ସାମାନ୍ୟ ଘାସରେ ମଧ୍ୟ ଯେପରି ଫୁଟି ବାହାରେ । ଏହି ଜୀବଶକ୍ତି କର୍ମ ପ୍ରବଣତାରେ ଉଜ୍ଜୀବିତ ରହେ । ଆତ୍ମବିଶ୍ୱାସ ଓ ଉଚ୍ଚାଭିଳାଷ, ଏହି ଶକ୍ତି ବୃକ୍ଷର ଆଳବାଳ ଓ ଜଳଧାରା ।'' (ଜୀବ ଧର୍ମ)

(୨) ''ବିଜୟା ଦଶମୀର ବିମଳ ଜ୍ୟୋତ୍ସ୍ନାରେ ଧରଣୀ ଆଲୋକିତ ହୋଇ ଉଠିଲେ, ଗ୍ରାମ ଦାଣ୍ଡରେ ଗ୍ରାମ୍ୟ ହାଡ଼ିର ଗମ୍ଭୀର ଢୋଲ ଧ୍ୱନି ଛୋଟ ଗ୍ରାମରେ ସମସ୍ତଙ୍କ ପ୍ରାଣକୁ ଚଞ୍ଚଳ କରି ପକାଏ । ଗ୍ରାମ୍ୟ ପୁରୋହିତ ପୂଜାଶେଷ କରନ୍ତେ ଗ୍ରାମର ଟୋକା ଓ ବୁଢ଼ାମାନେ କାଳ କଳଙ୍କିତ ଓ ଅବ୍ୟବହୃତ ମୌନଖଣ୍ଡା, ତରବାରୀ, ଢାଲ ଓ ପଟାବାଡ଼ି ସବୁ ଧରି ବାହାରି ପଡ଼ନ୍ତି, ଗ୍ରାମ ଦାଣ୍ଡକୁ ଶ୍ରେଣୀବଦ୍ଧ ଭାବରେ । ଗ୍ରାମ ଶେଷରେ ଗ୍ରାମଦେବତାଙ୍କ ମନ୍ଦିର । ଶ୍ରେଣୀବଦ୍ଧ ପାଇକେ ସେଠାକୁ ଯାଇ ଦେବତାଙ୍କୁ ନମସ୍କାର କରି ଫେରି ଆସିଲାବେଳେ ଢୋଲ ବାଦ୍ୟରେ ତାଙ୍କ ପାଦ ସବୁ ବୀର ଦର୍ପରେ ଆପେ ଆପେ ନାଚିଯାଏ ।'' (ଓଡ଼ିଆ ଜାତିର ବୈଶିଷ୍ଟ୍ୟ)

(୩) 'ଜୀବନରେ ସେ ତ କାହାରି ଦାସତ୍ୱ ସ୍ୱୀକାର କରିନାହାନ୍ତି । ବରଂ ସେ ଯେଉଁଠି ଠିଆ ହୋଇଛନ୍ତି ସେଠି କରିଛନ୍ତି ସେ ଅକୁତୋଭୟ ସଂଗ୍ରାମ ଓ ସେଠୁ ଯାଇଛନ୍ତି ବିଜୟୀ ବୀର ଭାବରେ । ସେ ମୃତ୍ୟୁ ବରଣ କରିଛନ୍ତି ହାତରେ ତରବାରୀ ଧରି । ସେ ବଢ଼ିଛନ୍ତି, ବଞ୍ଚିଛନ୍ତି ଓ ମରିଛନ୍ତି ସୈନିକ ଓ ସେନାପତି ପରି ।''(ମଲ୍ଲ ଓମୋଛେସ୍ ମଧୁସୂଦନ)

Digitized by srujanika@gmail.com

ତାହାଙ୍କ ପ୍ରବନ୍ଧରେ ଗୀତିକବିତା ପରି ଅନ୍ତରର ଭାବୋଚ୍ଛ୍ୱାସ ଝରିଯାଇଛି ।

ଡକ୍ଟର ମାନସିଂହଙ୍କ ଭାଷା ପ୍ରୟୋଗ ରୀତି ତାଙ୍କ ପ୍ରବନ୍ଧକୁ ଶକ୍ତିଶାଳୀ କରିଛି । ତାଙ୍କ ଗଦ୍ୟ ଭିତରେ ସେ ଏମିତି ଶବ୍ଦମାନଙ୍କୁ ଗୁନ୍ଥି ଦେଉଥିଲେ, ଯାହା ତାଙ୍କର ସୃଜନୀ ଶକ୍ତିର ପରିଚୟ ପ୍ରଦାନ କରେ । ଏମିତି ଶବ୍ଦର ପ୍ରାବଲ୍ୟ ତାଙ୍କ ପ୍ରବନ୍ଧରେ ଦେଖିବାକୁ ମିଳେ । ଯଥା, 'ଆରମ୍ଭ ଗୁର୍ବୀ କ୍ଷୟିଣୀ କ୍ରମେଣ','ଆପୋଷ ଅରାଜି ବ୍ୟକ୍ତିତ୍ୱ', ' ଆକୁଳାନ', 'ଅଗା-ବଗା-ଖଗା', 'ଆନନ୍ଦ-ପରିତୋଷମୟ ଜୀବନ', 'ଆଣବିକ ଶକ୍ତି ପ୍ରମତ୍ତ ରାଷ୍ଟ୍ରନାୟକ', 'କପଟ କୁଶଳ ପ୍ରଚାର', 'ମୈରବ ରଜନୀର ନିଃସଙ୍ଗତା'—ଇତ୍ୟାଦି ଶବ୍ଦଗ୍ରଥନ କୌଶଳ ତାଙ୍କର ଅସାଧାରଣ ସୃଜନଶୀଳ ପ୍ରତିଭାର ନିଦର୍ଶନ । ସଫଳ ଲେଖକ ନୂଆଶବ୍ଦ ତିଆରି କରି ପାଠକକୁ ନୂଆବାଟ ଦେଖାଏ । ସେ ତାଙ୍କ ପ୍ରବନ୍ଧରେ ତାହାହିଁ କରିଛନ୍ତି । ଏଭଳି ଶବ୍ଦ ଭିତରେ ତାହାଙ୍କ କବିତ୍ୱ ମଧ୍ୟ ପ୍ରକଟିତ ।

ସେ ତାଙ୍କ ପ୍ରବନ୍ଧରେ ଅଳ୍ପରେ ବହୁକଥା କହି ପାରୁଥିଲେ । 'ବାକ୍ୟଟି ସରଳ, ଅଥଚ ଭାବଗର୍ଭକ'—ଏହାହିଁ ଅନେକତ୍ର ତାଙ୍କ ପ୍ରବନ୍ଧରେ ପରିଦୃଷ୍ଟ । ଯେମିତି ପ୍ରସିଦ୍ଧ ଉକ୍ତିଗୁଡ଼ିକ ଲୋକମୁଖରେ କାଳକାଳ ପାଇଁ ବଞ୍ଚି ରହିଛି, ସେମିତି ତାଙ୍କ ପ୍ରବନ୍ଧର କେତେକ ପ୍ରସିଦ୍ଧ ଉକ୍ତି ଅତ୍ୟନ୍ତ ଲୋକପ୍ରିୟ ହୋଇ ପାରିଛି । ଏଠାରେ ତାଙ୍କ ପ୍ରବନ୍ଧରୁ କେତେକ ଏଇ ଧରଣର ଉକ୍ତି ଉଦ୍ଧାର କରାଯାଇପାରେ ।

(୧) ''ବିଶ୍ରାମ ନୈଷ୍କର୍ମ୍ୟ ନୁହେଁ, ତାହା ପ୍ରୀତିକର ଶ୍ରମ ମାତ୍ର'' (ଶ୍ରମ କୌଶଳ)

(୨) ''ବିଦେଶୀଭାବ ଲୋକକୁ ବିଦେଶୀ କରାଏ ନାହିଁ, ବିଦେଶୀ ବେଶ ହିଁ ଲୋକକୁ ଇତର କରି ପକାଏ ।''(ପରଧର୍ମ)

(୩) ''ଜୀବନର ଗଭୀରତାକୁ ଯାଇ ମୁକ୍ତା ସଂଗ୍ରହର ଦୁର୍ବାର ଲାଳସା ଆଜି ଲୁପ୍ତ ପ୍ରାୟ । ଶାମୁକାର ବୋଝ ହିଁ ଆମର ବେଳାଭୂମିରେ କେବଳ ଦୌଡ଼ା ଦୌଡ଼ି ନୁହେଁ, ଧସ୍ତାଧସ୍ତି ମଧ୍ୟ ।'' (ସଭା ଓ ସାହିତ୍ୟ)

(୪) ''ଆଜି ରାଜନୀତି କହିଲେ କେତେକ ଅବୁଦ୍ଧିଜୀବୀ, ବୈଶ୍ୟ ଓ ଶୁଦ୍ରଭାବାପନ୍ନ ଲୋକଙ୍କର ସ୍ୱାର୍ଥ ସଂଘର୍ଷର ଦେଶବ୍ୟାପୀ କୁତ୍ସିତ ବୀଭତ୍ସତା ।'' (ଓଡ଼ିଆ ଜାତିର ବୈଶିଷ୍ଟ୍ୟ)

ତାଙ୍କ ପ୍ରବନ୍ଧର ପ୍ରତ୍ୟେକ ପୃଷ୍ଠାରେ ଏଇଭଳି ଗୁରୁତ୍ୱପୂର୍ଣ୍ଣ ମନେ ରଖିବା ଭଳି ଉକ୍ତି ରହିଛି । ଏଗୁଡ଼ିକୁ ତାଙ୍କ ପ୍ରବନ୍ଧର ସୂକ୍ତି ମୁକ୍ତାବଳୀ କହିଲେ ଯଥାର୍ଥ ହେବ ।

ଡକ୍ଟର ମାନସିଂହ ଅନେକ ସ୍ଥଳରେ ତାଙ୍କ ପ୍ରବନ୍ଧରେ ବିଦ୍ରୂପ କରିବାକୁ ଭୁଲି ନାହାନ୍ତି । ସେ ଆମର ହାସ୍ୟକର ଚଳଣି, କୁସଂସ୍କାର, ଭାଗ୍ୟବାଦୀ ମନୋଭାବ ଓ ଅସାଧୁତାକୁ ଆବଶ୍ୟକ ସ୍ଥଳେ ବିଦ୍ରୂପ କରିଛନ୍ତି । ଆମ ସମାଜ ଓ ଜୀବନର ତ୍ରୁଟି ବିଚ୍ୟୁତି ପ୍ରତି ସେ ତାହାଙ୍କ ପ୍ରବନ୍ଧରେ କରିଛନ୍ତି ଅଙ୍ଗୁଳି ନିର୍ଦ୍ଦେଶ । ଆମର କାର୍ଯ୍ୟରେ, ଚିନ୍ତାରେ , ଜୀବନାଦର୍ଶରେ ଏକ ସୌନ୍ଦର୍ଯ୍ୟବୋଧ ଫୁଟିଉଠୁ, ଏହା ହିଁ ଥିଲା ତାଙ୍କର ଲକ୍ଷ୍ୟ । ଏଠାରେ ତାଙ୍କର ବିଦ୍ରୂପାତ୍ମକ ଗଦ୍ୟର କିୟଦଂଶ ଦେଖନ୍ତୁ;

Digitized by srujanika@gmail.com

(୧) ''ଆମର ଖାଇବା, ବଳଦ କୁଣ୍ଡା ଖାଇବା ପରି – ପ୍ରଭେଦ କେବଳ ଆମେ ଥାଳିରେ ମୁହଁ ଲଗାଉନା—ତେବେ ପଖାଳଖିଆ ବେଳେ ସେତକ ବି ହୁଏ ।'' (ଓଡ଼ିଶାର ସମାଜିକ ଜୀବନ)

(୨) ''ପୁଣି ଗୁଣର ଅର୍ଥ ଯେପରି କେହି ନ ବୁଝନ୍ତି କେବଳ ଡିଗ୍ରୀ-ଡିପ୍ଲୋମାର ତିଳକ । ଏ ଦେଶ ଓ ବିଦେଶରୁ ଡକ୍ଟରେଟ୍ ମଧ୍ୟ ଅନାୟାସରେ ସଂଗ୍ରହ କରି, ବହୁ ମୂର୍ଖଙ୍କୁ ଏବେ ଆମେ ଭେଟୁଛୁ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ।'' (ଆମ ଗଣତନ୍ତ୍ରର ଭବିଷ୍ୟତ)

(୩) ''ଆମ ଅଧୋଗତିର ଗୋଟିଏ ବଡ଼ କାରଣ ଆମର କୂପ ମଣ୍ଡୁକତା । ଆମର ଚିନ୍ତାନାୟକ ମାନେ ଆମ ଚାରିପଟେ ହୁଡ଼ା ଦେଇ ଆମ ଜାତିକି ଗୋଟିଏ ବଦ୍ଧ ଜଳାଶୟରେ ପରିଣତ କରିବାକୁ ଚାହାନ୍ତି ।'' (ଓଡ଼ିଆ ଜାତିର ବୈଶିଷ୍ଟ୍ୟ)

ଡକ୍ଟର ମାନସିଂହଙ୍କ ପ୍ରବନ୍ଧଗୁଡ଼ିକ ବୁଦ୍ଧିଦୀପ୍ତ, ବିଶ୍ଳେଷଣଧର୍ମୀ ଓ ସୂକ୍ଷ୍ମ ବିଚାର ଧାରାରେ ସମୃଦ୍ଧ । ସରଳ ଅଥଚ ଭାବଗର୍ଭକ ଶବ୍ଦମାନ ତାଙ୍କ ପ୍ରବନ୍ଧରେ ସର୍ବତ୍ର ଦେଖିବାକୁ ମିଳେ । ସରଳ ପରିପ୍ରକାଶ, ଆତ୍ମୀୟତାପୂର୍ଣ୍ଣ କଥ୍ୟଭଙ୍ଗୀ, ନୂତନ ଭାବନା ଓ ସୌନ୍ଦର୍ଯ୍ୟବୋଧ ତାଙ୍କ ପ୍ରବନ୍ଧକୁ ଜୀବନ୍ତ ଓ ପ୍ରାଣବନ୍ତ କରିଛି । ସମକାଳୀନ ଭାବପ୍ରବାହ ସହିତ ଆମ ପରମ୍ପରାକୁ ସମନ୍ୱିତ କରି ସେ ତାଙ୍କ ପ୍ରବନ୍ଧରେ ଚମତ୍କାର ବିଶ୍ଳେଷଣ କରିଛନ୍ତି । ତାଙ୍କ ପ୍ରବନ୍ଧର ଭାଷା ପ୍ରାଞ୍ଜଳ । ଏଥିରେ ଏକ ଅଦୃଶ୍ୟ ଛନ୍ଦର ପ୍ରବହମାନତା ଅନୁଭବ କରିହୁଏ । ପଦ୍ୟ ଛନ୍ଦ ପରି ଗଦ୍ୟର ଛନ୍ଦ ଦୃଶ୍ୟମାନ ନ ହେଲେ ବି ପଢ଼ିଗଲେ ସହଜରେ ଏହାର ଛନ୍ଦ ବାରି ହୋଇପଡ଼େ । ତାଙ୍କ ପ୍ରବନ୍ଧର ପ୍ରତିଟି ବାକ୍ୟ ଚଳମାନ ଭାବ ପ୍ରବାହର ଏକ ଏକ ଜୀବନ୍ତ ଛନ୍ଦ । ପଢ଼ି ଜାଣିଲେ ସହଜରେ ଏହା ଆଧୁନିକ ଗଦ୍ୟ କବିତା ପରି ପଢ଼ି ହେବ ନିଶ୍ଚୟ ।

ମାନସିଂହଙ୍କ ପ୍ରବନ୍ଧ ତାହାଙ୍କ କବି ବ୍ୟକ୍ତିତ୍ୱର ସାର୍ଥକ ପରିପ୍ରକାଶ କହିଲେ ଯଥାର୍ଥ ହେବ । କବିର କୋମଳ ପ୍ରାଣ ତାଙ୍କ ପ୍ରବନ୍ଧରୁ ସହଜରେ ଅନୁଭବ କରିହୁଏ । ସେ ନିର୍ଭୀକ ଓ ସ୍ୱାଧୀନ ମନୋଭାବ ନେଇ ଜୀବନ ସମ୍ପର୍କିତ ଜଟିଳ ତତ୍ତ୍ୱ ଅବତାରଣା ବେଳେ ମଧ୍ୟ ନିଜର କବିଜନସୁଲଭ ଆବେଗଟିକୁ ଭୁଲି ନାହାନ୍ତି । ଉନ୍ନତ ରସବୋଧ, ସୃଜନଶୀଳ ଦୃଷ୍ଟିକୋଣ, ଚିନ୍ତାର ଗଭୀରତା ଓ ସ୍ୱକୀୟ ଜୀବନାନୁଭୂତିର ସ୍ପର୍ଶ ତାଙ୍କୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଜଣେ କୃତବିଦ୍ୟ ପ୍ରାବନ୍ଧିକଭାବେ ପ୍ରତିଷ୍ଠିତ କରିଛି ।

Digitized by srujanika@gmail.com

'ଧୂପ'ର କବି

ଡକ୍ଟର ସୀତାକାନ୍ତ ମହାପାତ୍ର

ଅକ୍ଟୋବର ବାର ତାରିଖ ଶୁକ୍ରବାର ସନ୍ଧ୍ୟା କେତେବେଳୁ ସରିଯାଇଥାଏ । ଥୋରିଆଦ୍ୱାହିର ସେଇ ଘର, ପାହାଚଗୁଡ଼ିକ ଉଠିଗଲା ପରେ ସେଇ ଚିହ୍ନାରା କୋଠରୀ, ସବୁ ପରିଚିତ, ସେଇ ଚିହ୍ନା ଆବହାଓ୍ୱା । ଜହ୍ନ ଉଠି ସାରିଥାଏ, ସହରର କ'ଣ ସେଇଠି ଶେଷ ? ତା' ସେ କଡ଼କୁ ଥିବା ଧାନବିଲ, ଘାସ କିଆରୀ, ବାଡ଼ବଣ ଉପରେ କେତେଥର ସେମିତି ଜହ୍ନ ଆଲୁଅ ଭାସିଥିବ ଆଉ ସେଇ କବି ହୃଦୟଟି କଇଁଫୁଲ ପରି ଫୁଟି ଉଠିଥିବ ସ୍ୱର୍ଶକାତର ଆନନ୍ଦରେ ଓ ଦରଦରେ । କିନ୍ତୁ ସେ ନ ଥାନ୍ତି । ଚବିଶି ଘଣ୍ଟାରୁ ବେଶୀ ବେଳ ହୋଇ ଯାଇଥାଏ – ସେ ଆଉ ନ ଥାନ୍ତି । ସ୍ତିମିତ ନିଷ୍ପ୍ରଭ ଆଲୁଅ ଘର ଭିତରେ, ଚାରିଆଡ଼େ କେମିତି ଗୋଟିଏ କଷ୍ଟଦାୟକ ଶୂନ୍ୟତା । ସେ ଶୂନ୍ୟତା ନିରପରାଧ ଜହ୍ନ ଆଲୁଅର ସ୍ମୃତିରେ ବି ଭାଙ୍ଗେନି । ଆମର ପ୍ରଶ୍ନର ଉତ୍ତରରେ, ତାଙ୍କ ସାନ ଝିଅର ସେଇ କେତୋଟି ତାଙ୍କର ଶେଷ କଥାରେ ବି ଭାଙ୍ଗେନି । ସେ କହୁଥିଲେ, କ୍ଲାନ୍ତିଜନିତ ନିଦ ଭାଙ୍ଗିଗଲେ ଲଳିତକୁ କିପରି ସେ ଖୋଜୁଥିଲେ, ଥରକୁ ଥର ବ୍ୟସ୍ତ ହେଉଥିଲେ, ଦେହ ପୁଣି ଟିକିଏ ଭଲ ହୋଇଗଲେ କେମିତି ବାକିଆ କାମ ସବୁ ଶେଷ କରିବାକୁ ହେବ । କେମିତି ତଳ ମହଲାରେ ଥିବା ପଡ଼ୋଶୀଙ୍କୁ କହୁଥିଲେ, " ତୁମେ ଲଳିତ ବିଷୟରେ ଏତେ କଥା ଜାଣ, ମାତ୍ର ସେ କେମିତି ସେବା କରି ଜାଣେ ସେତିକି ଦେଖିନ – ସେ ଆସୁ ଦେଖିବ । (ଲଳିତ ତାଙ୍କର ଦ୍ୱିତୀୟ ପୁତ୍ର, କାବୁଲ୍‌ରେ ଭାରତୀୟ ଦୂତାବାସରେ ପ୍ରଥମ ସେକ୍ରେଟାରୀ), "ମୋ ଅନ୍ତେ ମୋ ଫଟୋଗ୍ରାଫ୍ ଶ୍ରୀରାମଚନ୍ଦ୍ର ଭବନ ବା ଅନ୍ୟତ୍ର ଦେବ ନାଇଁ" ଇତ୍ୟାଦି ।

ତା' ହେଲେ ସେ କ'ଣ ସ୍ୱପ୍ନର ମହାନଦୀରେ ଜ୍ୟୋତ୍ସ୍ନା ବିହାରରୁ ଆଉ ଫେରିଲେନି ? ଫେରିବା କହୁଛ ବନ୍ଧୁ ପୁଣି ଏ ଅନ୍ଧକାରେ ? ସେ କ'ଣ ଛୋଟ ସେଇ ସ୍ନେହ-ପ୍ରେମ ସୌନ୍ଦର୍ଯ୍ୟର ହୁଲି ଡଙ୍ଗାରେ ଭାସି ଭାସି ଗଲେ ଦୂରକୁ, ଦୂରକୁ, ଦୂରକୁ ଯେଉଁଠି କୁହୁଡ଼ିରେ ଦିଗ୍‌ବଳୟ ହଜିଥାଏ ? ସେ ସ୍ୱପ୍ନରାଜ୍ୟ କ'ଣ ଚିଲିକା କୂଳର ନାନ୍ଦୋଳା ଗାଁ, କୋଉ ଟିକି ଡଙ୍ଗାରେ ଯୋଉଠୁ ରାତି ରାତି ଭାସି ଯାଇହବ ଚିଲିକା ଭିତରର ଦ୍ୱୀପରୁ ଦ୍ୱୀପକୁ ?

ହଠାତ୍ ବି ମନେ ହେଉଥିଲା ସେ ନୀରବତା ଭାଙ୍ଗିଯାନ୍ତା ଯଦି ସେ ତାଙ୍କର ସେଇ ପ୍ରିୟ ଡ୍ରେସିଂଗାଉନ୍‌ଟି ପିନ୍ଧି ତାଙ୍କର ସେଇ ପଢ଼ାଘରେ ହଠାତ୍ ହସି ଉଠନ୍ତେ । ସେଇ ହସ ଯାହା ଜହ୍ନ ଆଲୁଅରେ ଚିଲିକା ପରି ଦିଗହୀନ, ଥଳକୂଳହୀନ, ଆକାଶଛୁଆଁ, ଛଳ ଛଳ, ଅଖଳା, ଖୋଲା, ସେଇ ସୌମ୍ୟ ମୂର୍ତ୍ତି, ସ୍ୱପ୍ନ ଭର୍ତ୍ତି ଆଖି, କଥାରେ ମୁରବିର ଅଭିଜ୍ଞତା,

Digitized by srujanika@gmail.com

ସ୍ନେହ, ସେ କିଛୁ ନଥିଲେ । ସ୍ନେହ ଓ ତାରୁଣ୍ୟର ଉଦ୍ଦୀପ୍ତ ସ୍ୱର, 'ଧୂପ'ର ସ୍ପର୍ଶ-କାତର, ସ୍ୱପ୍ନ-ବିଭୋର କବି ଆଉ ନ ଥିଲେ ।

କେହି ମଣିଷ ଆଉ ଜଣେ ମଣିଷକୁ ବିଚାର କରିବା ଅତି ଦୁରୂହ, ଦୁଃସାଧ । କେତେ କମ ଆମେ ଅନ୍ୟ ବିଷୟରେ ଜାଣୁ, ସମୟ ଓ ସୁଯୋଗର ଅଭାବତ ସହଜେ, ତା' ଛଡ଼ା ଇଏ ତ ଗୋଟିଏ ରାଜ୍ୟ ଯେଉଁଠି ବେଶୀ ସହଜ ଓ ସ୍ୱାଭାବିକ ବ୍ୟକ୍ତିଗତ କୁତ୍ସା-ରଟନା, ପଛକୁହା, ଶାଗଖିଆକୁ ପେଜଖିଆ ସହି ନ ପାରିବା, କିନ୍ତୁ ବ୍ୟକ୍ତିତ୍ୱର ଭାବନା ଓ ଚିନ୍ତାର ଆଦାନ-ପ୍ରଦାନ କାହିଁ ? ଚିନ୍ତାଶୀଳ, କବି, ସାହିତ୍ୟିକ, ନାଟ୍ୟକାର, ଔପନ୍ୟାସିକ ଏମାନଙ୍କ ଭିତରେ ପରସ୍ପର ଭେଟାଭେଟି, ଆତ୍ମିକ ଭାବ ବିନିମୟ, ନିଜର କଳା ଓ ଶିଳ୍ପର ବ୍ୟକ୍ତିଗତ କେଇଟି ଦିଗ ସମ୍ପର୍କରେ ଖୋଲା ଖୋଲି ବ୍ୟକ୍ତିଗତ ଆଳାପ କେତେ କ୍ୱଚିତ । ପରସ୍ପର ତେଣୁ ଜାଣିବାର ସୁଯୋଗ ଯେତିକି ଆସେ ସେସବୁ ବି ହଜେ । ଘରଚଟିଆ ଯଦି ଆରିସି ସାମ୍ନାରେ ବସି ଛାଇକୁ ଖୁମ୍ପିଚାଲେ ସେ ଦୁନିଆକୁ କେମିତି ଦେଖିବ ? ସଂପର୍କରେ ଦିଆ ନିଆ, ସ୍ନେହରେ ଚଳଣି ଭାବ-ବିନିମୟ କେତେ ଗୁରୁତ୍ୱପୂର୍ଣ୍ଣ ? ତା'ର ଅର୍ଥ ନୁହେଁ ଯେ, ପରସ୍ପରର ମତାମତ, ଭାବନା ବା ଆବେଗ ସମତାଳିକ ବା ଏକ-ସ୍ୱରର ହେବ । ଅନେକ ପାର୍ଥକ୍ୟ, ଅନେକ ମତାନୈକ୍ୟ ହେବ । କିନ୍ତୁ ତା' ଭିତରେ ଗୋଟିଏ ବୁଝାମଣା ସମ୍ଭବ ହେବ ଯାହା ଆତ୍ମିକ, କାବ୍ୟିକ ସ୍ତରର୍; ଯାହା ବାହାରର ସାମାଜିକ, ଲୋକ ଦେଖାଣିଆ ଭିନ୍ନ ମତଠାରୁ ଉଚ୍ଚରେ ରଖିପାରିବ ସମ୍ପର୍କକୁ ।

ଏକଥା ଅବତାରଣା କରିବାର କାରଣ ଏହିଯେ, କାବ୍ୟ-ଚେତନା, କାବ୍ୟ-ଆଦର୍ଶ, ଶୈଳୀ ଓ ସମାଜ ପ୍ରତି କବିତା ଓ କବିର ଆଭିମୁଖ୍ୟ ପ୍ରାୟ ଏ ପ୍ରତ୍ୟେକ ବିଷୟରେ ତାଙ୍କର ଚିନ୍ତାଧାରା ସହ ମୁଁ ଏକମତ ହୋଇପାରି ନଥିଲି । କିନ୍ତୁ ତାଙ୍କର ଆନ୍ତରିକତା ମୋତେ ସବୁବେଳେ ସ୍ପର୍ଶ କରିଥିଲା । ନିଜର ମତାମତ ପ୍ରତି ତାଙ୍କର ଥିଲା ଏକ ନିର୍ଭୀକ ଆନ୍ତରିକତା ଏବଂ ମୁଁ ଲକ୍ଷ୍ୟ କରିଥିଲି, ମୋ ସହିତ ଅନେକ କଥାରେ ରାଜି ନହେଲେବି ସେ ଅତି ସହାନୁଭୂତି ଓ ସ୍ନେହ ସହିତ ସବୁ ଶୁଣନ୍ତି । ଆମେ ହୁଏତ ରାଜିନାମାରେ ପହଞ୍ଚୁ ଯେ, ଏ ପାର୍ଥକ୍ୟ ମୌଳିକ ଦୃଷ୍ଟି ଭଙ୍ଗୀର । ଏହା ଫଳରେ ତାଙ୍କପ୍ରତି ମୋର ସମ୍ମାନ ବଢ଼ିଥାଏ ସିନା କେବେ କମିନି । କାରଣ ଛେଳିମାନେ ସିନା ସବୁବେଳେ ଏକାଗୋଠରେ; ଚିନ୍ତାଶୀଳ ଶିଳ୍ପୀ ନିଜ ମତ, ନିଜ ଭାବନା ଓ ଆଭିମୁଖ୍ୟ ବିଷୟରେ ସବୁବେଳେ ସଚେତନ ଓ ଅନ୍ୟଠାରୁ ତାର ମତ ପାର୍ଥକ୍ୟ ରହିଲେ ବି ସେ ତାକୁ ବ୍ୟକ୍ତିଗତ ସ୍ତରକୁ ନିଏନି, ଭାବନା ସ୍ତରରେ ରଖେ । ସେ ସେଇ ଢାଞ୍ଚର ଚିନ୍ତାଶୀଳ ବ୍ୟକ୍ତି ଥିଲେ, ଯାହାଙ୍କ ସହିତ ଅତି ଅପ୍ରିୟ କଥା ମଧ କହି ହୁଏ । ଖୁବ୍ ଆଲୋଚନା କରି ମତାମତ ଖଣ୍ଡନ କରିବାକୁ ଇଚ୍ଛାହୁଏ । କିନ୍ତୁ ସବୁ ଶେଷରେ ରହେ ହସ ହସ ମଣିଷ ଟିଏ, ଆଖିରେ ସ୍ନେହ ଉଦ୍ଦୀପନା, ଜୀବନ-ପ୍ରୀତି, ଦରଦୀ ଭାବ ।

Digitized by srujanika@gmail.com

ଅନେକ ଥର ତାଙ୍କ ସହିତ କଥୋପକଥନରେ ମନେ ହେଉଛି ସେ ଥିଲେ ସଂଖ୍ୟା ଲଘୁ ସଂସ୍କୃତି (Minority Culture) ରେ ବିଶ୍ୱାସୀ । ଗୋଟିଏ ଦୀର୍ଘ ଚିଠିରେ ସେ ମୋତେ ଲେଖିଥିଲେ କେମିତି ଓଡ଼ିଆ ସଂସ୍କୃତିର ବ୍ୟାଧି ହିସାବରେ ଦେଖା ଦେଇଛି ଉଚ୍ଚକୋଟୀର ଚିନ୍ତା ବା କାର୍ଯ୍ୟ (excellence) ପ୍ରତି ଆସକ୍ତି ପରିବର୍ତ୍ତେ ଲଘୁ ଲୋକପ୍ରିୟତା (Popularity) ପ୍ରତି ଅତିଶୟ ଆସକ୍ତି । ମୁଁ ତାଙ୍କ ସହିତ ଗୋଟିଏ ଦିଗରୁ ଏକମତ ହୋଇଥିଲି । କିନ୍ତୁ ଆମ ଚାରିପଟରେ ଏଇ ଯୋଉ ପୁରୁଣା ସମାଜ , 'ଗଣ', ସଂସ୍କାର , ଟିକି ଟିକି ଅପାଠୁଆ ମଣିଷ, ତାଙ୍କ ଜୀବନରେ ସଂସ୍କୃତି କ'ଣ ହେବ ? ସେମାନଙ୍କୁ କ'ଣ ଖାଲି ଆମେ କୋଣାର୍କ, ସାଧବ ଝିଅ, ମହାନଦୀ କୂଳର ପରିଖା, ଗଡ଼ଖାଇ କଥା କହି ଶାନ୍ତି ଦେଇ ପାରିବୁ ? ଆମେ ଯଦି ତାଙ୍କଠୁଁ କାବ୍ୟାଲୋକରେ, କାବ୍ୟାଦର୍ଶରେ ରହୁ ଦୂରରେ, ତେବେ ତାଙ୍କର ଚିନ୍ତାର ପ୍ରତିନିଧିତ୍ୱ କରିବ କେବଳ ସ୍ଲୋଗାନ ଦେଉଥିବା ରାଜନୀତି, ସୁବିଧାବାଦୀ ଅର୍ଥନୀତି, କଳା, ତାଙ୍କଠୁଁ ଦୂରରେ ରହି ଚମତ୍କାର କାରିଗରୀ ହେବ ସିନା, ତା'ଭିତରେ ପ୍ରାଣ ପ୍ରାଚୁର୍ଯ୍ୟ ରହିବ ତ ? ସେହି ଗହିରିଆ ମାଟିତଳ ଅନ୍ଧାରି ଉତ୍ସକୁ ନ ଛୁଇଁଲେ ସେ ଧାର ଶୁଖି ଯିବନି କି ? ଏ ସବୁ ପ୍ରଶ୍ନର ଉତ୍ତର ସହଜରେ ଦେଇ ହୁଏନି, ମିଳେନି, ଆମେ ଆଲୋଚନା ବନ୍ଦ ରଖୁ ।

କିନ୍ତୁ ଏସବୁ ବାହାରେ ମନେ ପଡେ, ତାଙ୍କ ସହିତ ଯୋଡିଏ ଭ୍ରମଣ । ଥରେ ଅଂଶୁପାକୁ ବୋଧହୁଏ ୧୯୬୦ ମସିହାରେ । ସେତେବେଳେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପକ । ମନେପଡେ ତାଙ୍କ ଖାକି ହାଫ୍‌ପେଣ୍ଟ୍, ହାତରେ ବାଡ଼ି, ଦ୍ରୁତଚାଲି, ହସଖୁସି କଥା, କଥା କଥାକେ ନାନା ଆଖ୍ୟାୟିକାର ଅବତାରଣା । ବେଶ୍ ଗପୁଡି, ବେଶ୍ ମେଳାପି ବନ୍ଧୁ । ସତେ ଯେମିତି ସମବୟସୀ । ସାଙ୍ଗରେ ଲଳିତ (ସେ ମୋର ଏକଦା ପ୍ରିୟ ଛାତ୍ର ଓ ଆଜି ଅନ୍ତରଙ୍ଗ ବନ୍ଧୁ) ଓ ସେଇ କୁନି ଝିଅଟି ଯାହାଠୁଁ ଅକ୍ଟୋବର ବାର , ୧୯୭୩ ରେ ତାଙ୍କର ଶେଷ କେତୋଟି କଥା ଶୁଣିବାକୁ ମିଳିଲା । ଦ୍ୱିତୀୟଥର ଦୀର୍ଘଯାତ୍ରା ତାଙ୍କ ଗାଁ ନାନ୍ଦୋଳାର ସ୍କୁଲ ଘରେ ରହଣି । ସମୁଦାୟ ପାରିକୁଦ ପରିକ୍ରମା— ଗାଁରୁ ଗାଁ । ମୁଁ ସେତେବେଳେ କଟକ ସେଟଲ୍‌ମେଣ୍ଟରେ । ପାରିକୁଦ Final report ଲେଖୁଥାଏ । ସେଇ ତିନି ଦିନରେ ମୁଁ ନିଶ୍ଚିତ ହୋଇଥିଲି, ସେ ମୂଳତଃ 'ଧୂପର' କବି । ବାକି ଯେତେ ଲେଖା, ଯେତେ କବିତା, ଯେତେ ସାହିତ୍ୟ-ଇତିହାସ , ସାହିତ୍ୟ ସମାଲୋଚନା ସେସବୁ ତାଙ୍କର କିନ୍ତୁ ଅନ୍ତରର ଗଭୀରତମ ପ୍ରଦେଶର ନୁହେଁ ଚିଲିକାର ଢେଉ, ହ୍ରଦ କୂଳରେ ସେ ସବୁ ଗାଁ, ତାଙ୍କ ଗାଁର ଯୋଉ ଅଧାଚିହ୍ନା ଅନେକ ମଣିଷ (ଯେଉଁମାନେ ବହୁ ସଂଖ୍ୟାରେ ଆସିଥିଲେ ତାଙ୍କ ଗାଁର କବିଟିକୁ ଦେଖିବାପାଇଁ) ସେଇ ଯେଉଁ ମନମତାଣିଆ ପବନ, ଗାଁ ମୁଣ୍ଡ ସ୍କୁଲ ଘରେ ଯେଉଁଠି ରହୁଥିଲୁ ସେଇଠି ଯେତେ ଆଲୋଚନା, ଆକାଶରେ ଯେତେ ଯେତେ ଚଢ଼େଇ ଆଉ ପ୍ରତିଥର ଭୋଜନରେ ସେଇ ଭାତ-ମାଛ-କ୍ଷିରୀ ଏବଂ ସେ ଅପୂର୍ବ ସୂର୍ଯ୍ୟୋଦୟ – ଏ ସବୁ ଭିତରେ ମୁଁ ଲକ୍ଷ୍ୟ କରିଥିଲି , ସେ କେତେ ଉଜ୍ଜ୍ୱଳ ଓ ସ୍ୱାଭାବିକ

Digitized by srujanika@gmail.com

ଦିଶୁଥିଲେ । ଯେମିତି ସେ ନିଜର ପ୍ରକୃତ ଉସ ଆଉ ଥରେ ଛୁଇଁଥିଲେ । ଚିଲିକା ଢେଉପରି ତାଙ୍କ ମୁହଁରେ ହସର ଢେଉ ଖାଲି, କଥା କଥାକେ ହସ ।

ସେ ଓଡ଼ିଆ କାବ୍ୟ ଜଗତକୁ ଆସିଥିଲେ ଗୋଟିଏ ନୂଆ ସ୍ୱର ନେଇ । ସେ ସ୍ୱର ଥିଲା ଅତି ବ୍ୟକ୍ତିଗତ ଅନୁଭବର, ସ୍ନେହ ଓ ପ୍ରେମର । ସୁନ୍ଦରର ଉପାସନାର । ମାପଚୂପ , କାଣ୍ଡଛାଣ୍ଡ ଜଗିରଖି ଚଳିବା ଦୁନିଆଁ ଠାରୁ ସେ ସ୍ୱର ଥିଲା ଖୁବ୍ ଦୂରରେ । ସେ ସ୍ୱର ଥିଲା ଆନ୍ତରିକତାର ଉଦ୍ଦାମ ଅନୁଭବର, ସମ୍ପୂର୍ଣ୍ଣ ନିର୍ଭୀକତାର । ଖାଲି ପ୍ରକୃତିର ବର୍ଣ୍ଣନା ନୁହେଁ, ବସ୍ତୁନିଷ୍ଠତା ନୁହେଁ, ନିଜକଥା, ନିଜ ଅଙ୍ଗେ ଲିଭେଇଥିବା କଥା, ଇନ୍ଦ୍ରିୟାନୁଭୂତିର କଥା, ଏଇ ନଶ୍ୱର ଦେହର କଥା । 'ପ୍ରିୟାର କରକଙ୍କଣ ', ଇରାନୀ କିଶୋରୀର ଗୁଲ୍‌ବଦନ କଥା । ସେଥିରେ ଥିଲା ଏକ ଅଭୂତପୂର୍ବ ଶିହରଣ ଓ ଆନନ୍ଦର ସ୍ପର୍ଶ – ଯାହାପାଠକଙ୍କୁ ସ ମ୍ପୂର୍ଣ୍ଣ ଅଭିଭୂତ କରୁଥିଲା । ମୋର ମନେହୁଏ ଶେଷରେ ସେ ସେଇ 'ଧୂପର କବି' ହିସାବରେ ହିଁ ସମସ୍ତଙ୍କର ବେଶୀ ମନେ ରହିବେ । କାରଣ ସେଇଠି ସେ ଛୁଇଁଥିଲେ ନିଜର ଗଭୀରତମ ହୃଦୟ-ରାଜ୍ୟର କୃଷ୍ଣ-ଉସ୍‌କୁ – ଯାହାସବୁ କଳା ଓ ସାହିତ୍ୟର ଆଦିମ ଜନକ । ଆଉ ସବୁ ବାଦାନୁବାଦ, ମତାନୈକ୍ୟ ଉପରେ ରହିବ ସେଇ କବିଟି, ଯିଏ ନିର୍ଭୟରେ ନିଜର ଗଭୀରତମ ଅନୁଭବକୁ ସିଧାସଳଖ ଲେଖି ଯାଇଥିଲା । ଯାହାକୁ ପଢ଼ି ଅଗଣିତ ପାଠକ ନିଜର ବ୍ୟକ୍ତିଗତ ଅନୁଭବକୁ ଆଉ ଥରେ ଥରେ ପାଇ ପାରିଥିଲେ । ସେଇ ନାନ୍ଦୋଳାରେ ମତେ ସେ କହିଥିଲେ ଯେ, 'ଧୂପ' ତାଙ୍କର ପ୍ରିୟତମ କାବ୍ୟ । ମୁଁ ଆଦୌ ଆଶ୍ଚର୍ଯ୍ୟ ହୋଇ ନ ଥିଲି ।

●

Digitized by srujanika@gmail.com

ପ୍ରିୟ ପରମ

ହେମଲତା ମାନସିଂହ

ଅନୁରାଗ ସ୍ମୃତି :

ଆମଘରେ ଏକ ଅଲିଖିତ ନିୟମ ଥିଲା । ଯିଏବି ରାନ୍ଧୁ ସମସ୍ତଙ୍କୁ ଖାଇବାକୁ ବାଢ଼ିକରି ମୁଁ ଦିଏ । ଝିଅମାନେ ବଡ଼ ହେବାରୁ ସେମାନେ ବାଢ଼ି ଦେଲେ । ଆମଘରେ କେବେ ହେଲେ ପୂଜାରୀ ରଖୁନାହୁଁ । କବି ମାନସିଂହ ପୂଜାରୀ ରଖିବାକୁ ପସନ୍ଦ କରୁ ନଥିଲେ । କଲେଜରେ ଚପରାଶୀ ଆସି ଘରେ କାମ କରିବେ, ତାହା ବି ଅଧ୍ୟକ୍ଷ ମାନସିଂହଙ୍କର ବିରୋଧ ଥିଲା । ଏହା ହେଉଛି ମେହେର କଲେଜରେ କବି ମାନସିଂହ ଅଧ୍ୟକ୍ଷ ଥିବା ସମୟର ଘଟଣା । ମତେ ଜ୍ୱର ହୋଇଥାଏ । ଜ୍ୱର ହୋଇଥାଏ ବୋଲି କାହାକୁ କହି ନଥାଏ । ଘରର ସମସ୍ତ କାର୍ଯ୍ୟ ସାରି ଅବସନ୍ନ ହୋଇ ବିଛଣାରେ ପଡ଼ିଥିଲି । କବି ଆସିଲେ, ନୀରବରେ ମୋର ମୁଣ୍ଡ ବାଳକୁ ସାଉଁଳି ଦେଲେ । ତାଙ୍କ ଆଖିର ଅଶ୍ରୁଧାରା ମୋର ଉତପ୍ତ ଲଲାଟରେ ଝରି ପଡ଼ିଲା ।

ସରସ ପ୍ରାଣ :

ସେତେବେଳେ କବି ମାନସିଂହ ନିମାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ଥାନ୍ତି । ଦରମା ମାସକୁ ଷାଠିଏଟି ଟଙ୍କା । ସେହି ଟଙ୍କାରୁ ମାନସିଂହ ତାଙ୍କର ଦାଦାପୁଅ ଭାଇ ଓ ଭଣଜାକୁ ପଢ଼ାଉଥାନ୍ତି । ଆମେ ନିମାପଡ଼ା ଅନ୍ତର୍ଗତ ପାଟପୁର ଗ୍ରାମରେ ଗୋଟିଏ ଘରଭଡ଼ା ନେଇ ରହିଥାଉ । ଭୁବନେଶ୍ୱରରୁ ନିମାପଡ଼ାକୁ ବଳଦ ଗାଡ଼ିରେ ଯାତାୟତ କରିବାକୁ ପଡ଼େ । ଆଜିକାଲି ପରି ବସ୍ ଚାଲୁ ନଥିଲା । ଏବପରି ଚୋରୀ ଡକାୟତିର ଭୟ ବି ନଥିଲା । ଗାଁରୁ ଫେରି କବି ମାନସିଂହ ଓ ମୁଁ ଭୁବନେଶ୍ୱର ଷ୍ଟେସନରୁ ବଳଦଗାଡ଼ିରେ ନିମାପଡ଼ା ଆସୁଥାଉ । ରାତି ବେଶି ଗଭୀର ହୋଇ ନ ଥାଏ । ଚନ୍ଦ୍ରାଲୋକରେ ଚତୁର୍ଦ୍ଦିଗ ଉଦ୍ଭାସିତ । ଶଗଡ଼ିଆ କୁଆଡ଼େ ଯାଇଥିଲା । ଆମେ ଆମ୍ବଗଛ ତଳେ ବସିଥାଉ । ଚନ୍ଦ୍ରକିରଣରେ ସହକାରର ଶାଖା ପ୍ରଶାଖାରେ ତିଳ ଓ ତଣ୍ଡୁଳିତ ଛାଇ ପଡ଼ିଛି । କବି ତିଳତଣ୍ଡୁଳିତ ଛାଇ କାହିଁକି କହନ୍ତି ମୋତେ ବୁଝାଉଥାଆନ୍ତି । ହଠାତ୍ ରାସ୍ତା ଉପରୁ ଜଣେ ପାଟିକରି ମାନସିଂହଙ୍କୁ ପଚାରିଲେ ତମ ଘର କେଉଁଠି ? ମାନସିଂହ ପାଟି ବାରି କହିଲେ— ଡାକ୍ତର ବାବୁ କି ? ତାପରେ ଡାକ୍ତର ବାବୁ ହସି ହସି କହିଲେ— ଭାଇ ସାହେବ, ଆପଣ ! ମୁଁ ଭାବିଲି ନିମାପଡ଼ାରୁ ଏକ ଯୁବତୀକୁ ନେଇ ପଳାଇ ଆସିଥିବା ଲୋକ ବୋଲି । ତାପରେ ଦୁହିଁଙ୍କର ହସରେ ସେ ସ୍ଥାନ ମୁଖରିତ ହୋଇ ଉଠିଲା କିଛି ସମୟ ପାଇଁ ।

Digitized by srujanika@gmail.com

ପ୍ରତିବେଶୀ :

କବି ମାୟାଧର ମାନସିଂହ ଇହଲୋକ ତ୍ୟାଗ କଲେ ୧୯୭୩ରେ । ଆଜି ୧୯୯୮ । ଏହା ବହୁ ପୂର୍ବର ଘଟଣା ।

ଆମେ ସାତଗୁଣ୍ଠ ଜମି କିଣି ଘର କରିଥାଉ । ଗୁଣ୍ଠ ଶହେ ଟଙ୍କାରେ । ଆମ ବାପା କିଣିଥିଲେ ଗୁଣ୍ଠ କୋଡ଼ିଏ ଟଙ୍କାରେ । ଦୁଇ ଏକର ଜମି । ଆମ ଘର ସାମନାରେ ଖାଲି ଜମିଟାଏ ଥାଏ ବିକ୍ରି ହେବାପାଇଁ । ଭାଇ କହିଲେ ସେ ଜମିଟା ସେ କ୍ରୟ କରିବେ । ସେତେବେଳେ ମୁଁ ମନାକରିଥିଲି । ଏତେ ଜମି ତ ଅଛି, ଆଉ କ'ଣ କରିବ ! ସେ ଜମିକୁ ଦୁଇ ଭାଇ କିଣି, ଆସି ଘର କରି ରହିଲେ । ସାନଭାଇକୁ ଲୋକେ କହନ୍ତି ଦାଗୀ, ବଡ଼ଭାଇ ଶଗଡ଼ ଚଳାଇ, ସୁଧ ଲଗାଇ କିଛି ଟଙ୍କା କରିଥିଲା । ସେମାନେ ଯେତେବେଳେ ଜମି ମାପ କଲେ ସେତେବେଳେ ଆମ ଜମି ମଝିରେ ପକେଇଲେ । ମୁଁ ଦେଖିଲି, କହିଲି – ନେଉ । ଆମ ଗାଁ ଜମିକି ଲକ୍ଷ୍ୟ କରି କହିଲି – ଆମର କଉଁ ଜମିର ଅଭାବ ଯେ.. ...। ନେଉ, କିଏ ମକଦ୍ଦମା ଧନ୍ଦାରେ ପଶିବ !

ଯୋଗକୁ ଆମଘରେ ବିଦ୍ୟାଧର ଜେନା ନାମରେ ଯେଉଁ ଲୋକଟି ଥିଲା, ସେ ମୋର ଦୂର ସମ୍ପର୍କ, ମାମୁ ଘର ଗାଁର । ସେ ଆମଘରେ ରହୁଥିଲା । କିନ୍ତୁ କଟକ ହାଇକୋର୍ଟରେ ପିଅନ କାର୍ଯ୍ୟ କରୁଥିଲା । ରାତ୍ରିରେ ଓକିଲମାନଙ୍କର କେଶ୍ ଲିଷ୍ଟ ବାଣ୍ଟୁଥିଲା । ସେ ଦିନେ ଶ୍ରୀଯୁକ୍ତ କାଶୀନାଥ ଦାସ, ଆଡ଼ଭୋକେଟଙ୍କୁ ଆମ ଜମି ବିଷୟରେ କହିଲା । କାଶୀ ବାବୁ ବିଦ୍ୟାଧରଠାରୁ ସବୁ ବିବରଣୀ ଶୁଣି କହିଲେ—''ଗାଁ ଜମି ଓ ସହର ଜମିରେ ବହୁତ ତଫାତ୍ । ଏତେ ଗୁଡ଼ାଏ ଜମି ଛାଡ଼ିଦେବା ଠିକ୍ ହେବ ନାହିଁ । ତମେ ଓକାଲତି ନାମା ନେଇ ମିସେସ୍ ମାନସିଂହଙ୍କଠାରୁ ଦସ୍ତଖତ ନେଇ ଆସ । ତାଙ୍କୁ କିଛି କରିବାକୁ ହେବ ନାହିଁ ! ସାତ ବର୍ଷ କେସ୍ ଚାଲିଥିଲା । ହାଇକୋର୍ଟରୁ ଅମୀନ ଆସି ଜମି ସୀମା ମାପି ଚିହ୍ନ ଦେଇଗଲା । ଆମର ପୂରା ପାଚେରୀ ହୋଇଗଲା । ଦିନେ ପ୍ରତିବେଶୀ ଦାଗୀ, ତା ଭାଇ ଓ ଆଉ କିଏ ମିଶି ପଚାଶ ଷାଠିଏ ହାତ କିମ୍ବା ବେଶି ହେବ ସେ ବାଉଣ୍ଡେରୀ ୱାଲ୍‌କୁ ଭାଙ୍ଗି ଦେଲେ ମୋରି ଆଖି ଆଗରେ । ମୁଁ ଅନେଇଛି – ମତେ ଅଭଦ୍ର ଭାଷାରେ ଯାହା କହିଲେ, ମୁଁ ତାହା ଏଠାରେ ଉଲ୍ଲେଖ କରି ମୋ ଲେଖନୀକୁ କଳଙ୍କିତ କରିବାକୁ ଚାହେଁ ନାହିଁ ।

ଥାନାକୁ ଫୋନ୍ କରିଥିଲି । ସେମାନେ ଆରେଷ୍ଟ ହୋଇ ଯାଇଥିଲେ । ପୋଲିସ କେଶ ହୋଇଥିଲା ।

ଏହି ଲୋକର ପୁତ୍ର ଏକୋଇଶିଆକୁ ମାୟାଧର ମାନସିଂହ ଅଯାଚିତ ଭାବରେ ଯାଇ ପିଲାକୁ ରୂପାର କଜଳପାତି ଦେଇ ଆସିଥିଲେ ।

ପ୍ରତିବେଶୀ ଘରୁ ଫେରିଲା ପରେ ତାଙ୍କୁ କହିଥିଲି—'' ତମ ଦେହରେ କ'ଣ ରକ୍ତ ନାହିଁ ?'' ବିଦ୍ୱାନ୍ ବ୍ୟକ୍ତି ବିନୟୀ ହୁଅନ୍ତି, କିନ୍ତୁ ଏତେ ବେଶୀ ?

Digitized by srujanika@gmail.com

ସ୍ନେହ ପ୍ରବଣ :

ଆମ ଜ୍ୟେଷ୍ଠ ପୁତ୍ର ଲାଲୁ ଛୋଟବେଳେ ଅଜା ଆଈଙ୍କ ପାଖରେ, ରାଇରଙ୍ଗପୁରରେ ରହୁଥିଲା । ସେତେବେଳେ ମତେ ପ୍ରାୟ ମେଲେରିଆ ଜ୍ୱର, ପାଳିଜ୍ୱର ହେଉଥାଏ । କଟକର ଜଣେ କବିରାଜଙ୍କଠାରୁ କବି ଔଷଧ ଆଣିଥିଲେ । ସେ ଔଷଧ ମତେ ଖାଇବାକୁ ପଡ଼ି ନଥିଲା । କେବଳ ରୁମାଲରେ ବାନ୍ଧି ବାରମ୍ବାର ଶୁଙ୍ଘିବାକୁ ହେଉଥିଲା । ସେଇଥିରେ ମୋର ପାଳିଜ୍ୱର ଭଲ ହୋଇଗଲା । ଆଉକେବେ ପାଳିଜ୍ୱର ହୋଇନାହିଁ ।

ରାଇରଙ୍ଗପୁରରେ ଥିଲାବେଳେ ଲାଲୁ କହୁଥିଲା—

ଲାଲୁ ମାନସିଂହ ନାମ,
ଓଡ଼ିଶା ଦେଶ ମୋ ଧାମ ।
ମାତା ନାମ ହେମଲତା,
କବି ମାନସିଂହ ପିତା ।

ଚିରନ୍ତନ ସ୍ମୃତି :

କବି ମୋତେ ଗୋଟିଏ ରୂପା ପାନଡିବା ଓ ଗୋଟିଏ କଜ୍ଜଳପାତୀ ଦେଇଥିଲେ । ପାନବଟା ଭିତରେ ପାନ ଓ ମସଲା ରହିପାରିବ । ବଟାରେ ନିମ୍ନକୁ ଚିପିଦେଲେ ଆଉ ଗୋଟିଏ ଖୋପ ବାହାରିବ – ସେଥିରେ ଟଙ୍କା ରହିବ । ପାନବଟା ଉପରେ କବିତାଟିଏ ଖୋଦିତ ହୋଇଛି —

" ତାମ୍ବୁଳ ଲଳିତ ପେଲବ ଅଧରେ,
ବର୍ଣ୍ଣିବାକୁ କବି ହେବି ଜନ୍ମାନ୍ତରେ,
ପ୍ରିୟ ।"

କଜ୍ଜଳପାତି ଉପରେ ଖୋଦିତ ହୋଇଥିବା କବିତାଟି —

"ସିନ୍ଦୂର କପୋଳେ କଜ୍ଜଳ ନୟନେ,
ଦେବା ଭାଗ୍ୟ ପାଏ ଜନମେ ଜନମେ,
ପ୍ରିୟ ।"

କ୍ଷଣକୋପ :

' ସମସ୍ତେ ଭାବନ୍ତି କବି ମାନସିଂହ ମୋଟେ ରାଗୁ ନଥିବେ । ଏତେ ଶାନ୍ତଶିଷ୍ଟ ନିର୍ମାୟା ପୁରୁଷ, ତାଙ୍କର କ'ଣ କ୍ରୋଧ ଥିବ ?

ସବୁଦିନ ପରି ସେଦିନ ଭାତ, ଡାଲି, ତରକାରୀ, ଶାଗ ଦିଆଗଲା । ସେ ପ୍ରାୟ ଭଜାଭଜିକୁ ସେତେ ପସନ୍ଦ କରନ୍ତି ନାହିଁ । ତାଙ୍କର ଦରକାର ଆମ ଓଡ଼ିଆ ଘରର ସାକର, ବେସର, ମହୁର ଇତ୍ୟାଦି । କଥା ନାହିଁ, ବାର୍ତ୍ତା ନାହିଁ, ଭାତ ଥାଳି ଫୋପାଡ଼ି ଦେଲେ '

Digitized by srujanika@gmail.com

ଝଣଝାଣ ହୋଇ କଂସା ଥାଳି, ତାଟିଆ ଓ ଥାଳିଆ ପଡ଼ିଲା । ଚାରିଆଡ଼େ ଛିନ୍‌ଛତର୍ ହୋଇ ପଡ଼ିଲା ଡାଲି, ଭାତ ଓ ତରକାରୀ । କିଛି ନ କହି ନୀରବରେ ତଳୁ ସବୁ ପୋଛି ପାଛି ଗୋରୁ କୁଣ୍ଡରେ ଅଜାଡ଼ିଲି । କବି ସେମିତି ଅଖିଆ ଅଫିସ୍ ଗଲେ । ଦୁଇପହର ବେଳକୁ ଅଫିସ୍‌ରୁ ପିଅନ୍ ଆସିଲା, ଏଇ କବିତାଟି ଧରି—

''ପେଟେ ନଥିଲା ଭୋକ ଖାଆନ୍ତି କିପରି ?
ତେଣୁ ରାଗଟାକୁ ଦେଲି ବୃଥା ଅଭିମାନେ ଭରି
ଏତେ ମୂଢ଼ ତମକୁ ହୋଇବି ମୁଁ କିସ
ତମେ ଅନ୍ନପୂର୍ଣ୍ଣା ଦିଅ ସୁଧା ଅବା ବିଷ ।''

ବୋଲିବା ବାହୁଲ୍ୟ ଯେ ଅଫିସ୍‌କୁ ହଟ୍‌କେଶରେ ଖାଦ୍ୟ ମଧ୍ୟାହ୍ନ ଭୋଜନ ପାଇଁ ପଠାଇଲି । କବି ଅଫିସ୍‌ରୁ ଫେରି କେତେବେଳେ ଭଙ୍ଗାଥାଳି, ତାଟିଆ ନେଇ ସେଇ ଆକାରର ନୂଆ ଥାଳି ଗିନା ଇତ୍ୟାଦି ଆଣି ରଖି ଦେଇଥିଲେ ।

●

Digitized by srujanika@gmail.com

ସାରଳା ସାହିତ୍ୟ ସଂସଦର କାର୍ଯ୍ୟକାରୀ କମିଟି

ମୁଖ୍ୟ ଉପଦେଷ୍ଟା :	ଜଷ୍ଟିସ୍ ଶ୍ରୀ ରଙ୍ଗନାଥ ମିଶ୍ର
ଉପଦେଷ୍ଟା :	ଶ୍ରୀ ସହଦେବ ସାହୁ
	ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ
	ଶ୍ରୀ ରାଜେନ୍ଦ୍ର ନାରାୟଣ ଦାସ
ସଭାପତି :	ଶ୍ରୀ ବସନ୍ତ କୁମାର ବିଶ୍ୱାଳ
କାର୍ଯ୍ୟକାରୀ ସଭାପତି :	ଶ୍ରୀ ଅଭୟାନନ୍ଦ ରଥ
ଗ୍ରନ୍ଥ ସମ୍ପାଦକ :	ଅଧ୍ୟାପକ ପଠାଣି ପଟ୍ଟନାୟକ
	ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି
	ଡକ୍ଟର ହେମନ୍ତ କୁମାର ଦାସ
ସମ୍ପାଦକ :	ଇଞ୍ଜିନିୟର ପ୍ରଭାକର ସ୍ୱାଇଁ
ଯୁଗ୍ମ ସମ୍ପାଦକ :	ଶ୍ରୀ କିଶୋର କୁମାର ମହାନ୍ତି
	ଶ୍ରୀ ଆଦିତ୍ୟ ପ୍ରତାପ ଧଳ
କୋଷାଧ୍ୟକ୍ଷ :	ଶ୍ରୀ ରବୀନ୍ଦ୍ର ନାଥ ମହାନ୍ତି

Digitized by srujanika@gmail.com

ସଭ୍ୟବୃନ୍ଦ

ଡକ୍ଟର ବନବିହାରୀ ପଣ୍ଡା
ଅଧ୍ୟାପିକା ଡଃ ପ୍ରତିଭା ରାୟ
ଶ୍ରୀ ନବୀନ କୁମାର ପରିଜା
ଶ୍ରୀ ରବୀନ୍ଦ୍ର ନାଥ ଦାସ
ଇଞ୍ଜିନିୟର ଅଜିତ ମୋହନ ମୁଖାର୍ଜୀ
ଶ୍ରୀ ଅରୁଣ କୁମାର ପଣ୍ଡା
ଶ୍ରୀ ଗୌରାଙ୍ଗ ଚରଣ କାନୁନ୍‌ଗୋ
ଶ୍ରୀ ରମେଶ ଚନ୍ଦ୍ର ଜେନା
ଶ୍ରୀ ଗଗନ ଚନ୍ଦ୍ର ଦାସ
ଶ୍ରୀ ଗୁରୁ କଲ୍ୟାଣ ମହାପାତ୍ର
ଶ୍ରୀ ଦୁର୍ଗା ପ୍ରସାଦ ସିଂହ
ଶ୍ରୀମତୀ ବିଜୟିନୀ ଦାସ
ଡାକ୍ତର ନିରଞ୍ଜନ ତ୍ରିପାଠୀ
ଶ୍ରୀ ମନୋରଞ୍ଜନ ଦାସ
ଡାକ୍ତର ନୀରଦ କୁମାର ଗଚ୍ଛାୟତ
ଶ୍ରୀ ସଞ୍ଜୀବ ଚନ୍ଦ୍ର ହୋତା
ଡାକ୍ତର ନିମାଇଁ ଚରଣ ପରିଜା
ଶ୍ରୀ ରବିନାରାୟଣ ସେନାପତି
ଡକ୍ଟର ଜୟନ୍ତ କୁମାର ଦାସ
ଶ୍ରୀ ଯତୀନ୍ଦ୍ର ମୋହନ ମହାନ୍ତି
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଅଧ୍ୟାପିକା ଶ୍ରୀମତୀ ଅଗସ୍ତି କାନୁନ୍‌ଗୋ
ଅଧ୍ୟାପିକା ଡଃ ସୁଲୋଚନା ଦାସ

Digitized by srujanika@gmail.com

ସାରଳା ସାହିତ୍ୟ ସଂସଦର ସଭ୍ୟବୃନ୍ଦ

ଜଷ୍ଟିସ୍ ଶ୍ରୀ ରଙ୍ଗନାଥ ମିଶ୍ର	ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ
ଶ୍ରୀ ବସନ୍ତ କୁମାର ବିଶ୍ୱାଳ	ଡକ୍ଟର ବିଜୟାନନ୍ଦ ସିଂହ
ଡକ୍ଟର ପ୍ରଫୁଲ୍ଲ କୁମାର ପତି	ଇଞ୍ଜିନିୟର ଅଜିତ୍ ମୋହନ ମୁଖାର୍ଜୀ
ଶ୍ରୀ ସହଦେବ ସାହୁ	ପ୍ରଫେସର୍ ଡଃ ଗଙ୍ଗାଧର ବଳ
ଶ୍ରୀ ଅଭୟାନନ୍ଦ ରଥ	ଅଧ୍ୟାପକ ଧୂନ୍ ଖୁଣ୍ଟିଆ
ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ	ଇଞ୍ଜିନିୟର ପ୍ରଭାକର ସ୍ୱାଇଁ
ଶ୍ରୀ ରାଜେନ୍ଦ୍ର ନରାୟଣ ଦାସ	ଶ୍ରୀ ବିଜୟ କୁମାର ପ୍ରଧାନ
ଶ୍ରୀ ଅଶୋକ କୁମାର ମହାପାତ୍ର	ଶ୍ରୀ ଅନାଦି ସାହୁ
ଅଧ୍ୟାପକ ପଠାଣି ପଟ୍ଟନାୟକ	ଶ୍ରୀ ଆଇଜାକ୍ ବେହେରା
ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି	ଡକ୍ଟର ଶଙ୍କରଲାଲ ପୁରୋହିତ
ଡକ୍ଟର ହେମନ୍ତ କୁମାର ଦାସ	ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା
ଶ୍ରୀ ବିଜୟ ଚନ୍ଦ୍ର କାନୁନ୍‌ଗୋ	ଶ୍ରୀ ମନୋରଞ୍ଜନ ଦାସ
ଶ୍ରୀ ଦୁର୍ଗାପ୍ରସାଦ ସିଂହ	ଶ୍ରୀ ରବିନାରାୟଣ ସେନାପତି
ଶ୍ରୀ ଗୋବିନ୍ଦ ଚନ୍ଦ୍ର ସେନାପତି	ଶ୍ରୀ ନିହାର ରାୟ
ଶ୍ରୀ ବସନ୍ତ ଚରଣ ସ୍ୱାଇଁ	ଶ୍ରୀ ବସନ୍ତ ଚରଣ ମହାନ୍ତି
ଶ୍ରୀ ଗିରୀଶ ଚନ୍ଦ୍ର ପାତ୍ର	ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି
ଡାକ୍ତର ନିରଞ୍ଜନ ତ୍ରିପାଠୀ	ଡକ୍ଟର ମନୋରଞ୍ଜନ ପ୍ରଧାନ
ଡାକ୍ତର ନୀରଦ କୁମାର ଗଛାୟତ	ଶ୍ରୀ ଗୌରାଙ୍ଗ ଚରଣ କାନୁନ୍‌ଗୋ
ଶ୍ରୀ ରବୀନ୍ଦ୍ର ନାଥ ମହାନ୍ତି	ଡାକ୍ତର ନିମାଇଁ ଚରଣ ପରିଡ଼ା
ଶ୍ରୀ ଗଗନ ଚନ୍ଦ୍ର ଦାସ	ଶ୍ରୀ କିଶୋର କୁମାର ମହାନ୍ତି
ଅଧ୍ୟାପିକା ଡଃ ପ୍ରତିଭା ରାୟ	ପ୍ରଫେସର ଡଃ ନିତ୍ୟାନନ୍ଦ ଶତପଥୀ
ଶ୍ରୀମତୀ ବିଜୟିନୀ ଦାସ	ଶ୍ରୀ ବିଜୟ କୁମାର ନନ୍ଦ
ଶ୍ରୀ ପ୍ରଫୁଲ୍ଲ କୁମାର ତ୍ରିପାଠୀ	ଶ୍ରୀ ଇନ୍ଦୁ ଭୂଷଣ କର
ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ	ଡଃ ଶାନ୍ତି ମହାପାତ୍ର (ବଳ)
ଶ୍ରୀ ନିତ୍ୟାନନ୍ଦ ଜେନା	ଶ୍ରୀ ନାରାୟଣ ମହାପାତ୍ର
ଡକ୍ଟର ମହେଶ୍ୱର ମହାନ୍ତି	ଡାକ୍ତର ଗୁରୁପ୍ରସାଦ ମହାନ୍ତି

Digitized by srujanika@gmail.com

ଡାକ୍ତର ପ୍ରହ୍ଲାଦ ଚରଣ ସ୍ୱାଇଁ
ଶ୍ରୀ ଅରୁଣ କୁମାର ପଣ୍ଡା
ଶ୍ରୀ ଗୌରହରି ଖୁଣ୍ଟିଆ
ଶ୍ରୀମତୀ ଉର୍ମିଳା କାନୁନ୍‌ଗୋ
ଅଧ୍ୟାପକ କୃଷ୍ଣ ଚରଣ ମହାନ୍ତି
ଅଧ୍ୟାପିକା ଡଃ ସୁଲୋଚନା ଦାସ
ଶ୍ରୀମତୀ ଜ୍ୟୋତ୍ସ୍ନା ପରିଜା
ଶ୍ରୀ ଅଲେଖ ଚନ୍ଦ୍ର ମଲ୍ଲିକ
ଶ୍ରୀ ରମେଶ ଚନ୍ଦ୍ର ଜେନା
ଶ୍ରୀ ରବୀନ୍ଦ୍ର ନାଥ ଦାସ
ଡଃ ନଟବର ଶତପଥୀ
ଶ୍ରୀ ରଣଧୀର ଦାସ
ଡକ୍ଟର ରେଖା ମହାନ୍ତି
ଶ୍ରୀ ସଞ୍ଜୀବ ଚନ୍ଦ୍ର ହୋତା
ଶ୍ରୀମତୀ ବୀଣା ମହାପାତ୍ର
ଶ୍ରୀ ରମାକାନ୍ତ ପ୍ରଧାନ
ଶ୍ରୀମତୀ ଅଗଷ୍ଟି କାନୁନ୍‌ଗୋ
ଶ୍ରୀ ଅମରେଶ ପଟ୍ଟନାୟକ
ଶ୍ରୀ ଅମିତାଭ ସ୍ୱାଇଁ
ଶ୍ରୀମତୀ ସବିତା ପ୍ରଧାନ
ଶ୍ରୀ ନିଶାକର ଦାଶ
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଶ୍ରୀ ଦୁର୍ଗା ଚରଣ କୁଅଁର
ଶ୍ରୀ ଚନ୍ଦ୍ର ଶେଖର ପ୍ରଧାନ
ଶ୍ରୀ ଅର୍ଜ୍ଜୁନ ଦାଶ
ଅଧ୍ୟାପକ ନିର୍ମଳଚନ୍ଦ୍ର ପହି
ଡକ୍ଟର ରାଜେନ୍ଦ୍ର ପ୍ରସାଦ ମହାନ୍ତି
ଡକ୍ଟର ଶରତ୍ କୁମାର ମହାନ୍ତି

ଡକ୍ଟର ଜୟନ୍ତ କୁମାର ଦାସ
ଶ୍ରୀ ମହେନ୍ଦ୍ର ନାଥ ପଟ୍ଟନାୟକ
ଡକ୍ଟର ରବୀନ୍ଦ୍ର ନାଥ ମିଶ୍ର
ଶ୍ରୀ ଦେବସ୍ନାନ ଦାସ
ପ୍ରଫେସର ଡଃ ବାସୁଦେବ ସାହୁ
ଶ୍ରୀ କିଶୋର ଚନ୍ଦ୍ର ମହାପାତ୍ର
ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ
ଡାକ୍ତର ଉମାକାନ୍ତ ନନ୍ଦ
ଶ୍ରୀ ପୀତାମ୍ବର ମିଶ୍ର
ଇଞ୍ଜିନିୟର କ୍ଷୀରୋଦ ଚନ୍ଦ୍ର ମହାପାତ୍ର
ଡଃ ଅର୍ଚ୍ଚନା ନାୟକ
ଶ୍ରୀ ତପନ କୁମାର ବେହେରା
ଶ୍ରୀ ଗଣେଶ ପ୍ରସାଦ ପରିଡ଼ା
ଶ୍ରୀ ରାହାସ ରାୟ
ଶ୍ରୀ ଶିଶିର ଦାସ
ଶ୍ରୀ ବସନ୍ତ କୁମାର ରାୟ
ଶ୍ରୀ ନୀହାର ରଞ୍ଜନ ମହାପାତ୍ର
ଡକ୍ଟର ନିତ୍ୟାନନ୍ଦ ନାୟକ
ଇଞ୍ଜିନିୟର ପ୍ରେମାନନ୍ଦ ବିଶୋୟୀ
ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି
ଡାକ୍ତର ରାଧାଶ୍ୟାମ ଜେନା
ଡାକ୍ତର ବିଶ୍ୱଜିତ୍ ଦାସମହାପାତ୍ର
ଶ୍ରୀ ରାମଚନ୍ଦ୍ର ସ୍ୱାଇଁ
ଡକ୍ଟର ଜ୍ଞାନଚନ୍ଦ୍ର କର
ଶ୍ରୀ ରବିନାରାୟଣ ସେନାପତି
ଡକ୍ଟର ବିଜୟ କୁମାର ଶତପଥୀ
ଶ୍ରୀ ଶାରଦା ପ୍ରସନ୍ନ ନାୟକ
ଅଧ୍ୟାପିକା ଶ୍ରୀମତୀ ପ୍ରତିତୀ ମହାପାତ୍ର
ଶ୍ରୀ ଦୁଃଖୀଶ୍ୟାମ ପାଣିଗ୍ରାହୀ

Digitized by srujanika@gmail.com